

odia.org

ଭକ୍ତକବି ୬ ରାମଦାସଙ୍କ ବିରଚିତ

# ଦାର୍ଢ୍ୟତାଭକ୍ତି

## ରସାମୃତ

ପ୍ରଥମ ଓ ଦ୍ୱିତୀୟ ଭାଗ ଏକତ୍ର

ନୂତନ ମୁଦ୍ରଣ

**ପ୍ରକାଶକ—ଧର୍ମଗ୍ରନ୍ଥ ଷ୍ଟୋର**

ପ୍ରାପ୍ତିସ୍ଥାନ—ଧର୍ମଗ୍ରନ୍ଥ ଷ୍ଟୋର
ପ୍ରୋପ୍ରାଇଟର—ଶ୍ରୀ ବିଦ୍ୟାଧର ସାହୁ
ଅଲିଶାବଜାର, କଟକ-୨
ଫୋ ନଂ-୨୨୪୭୯୭

ବନ୍ଧାଇ ସହ     ମୂଲ୍ୟ—ଦଶଟଙ୍କା ମାତ୍ର

# ✽ ପ୍ରଥମ ଭାଗର ସୂଚିପତ୍ର ✽


| ବିଷୟ | | | ପୃଷ୍ଠାଙ୍କ |
|---|---|---|---|
| ୧ମ | ଅଧ୍ୟାୟ | ବଲରାଜା ଚରିତ | ୧ |
| ୨ୟ | ,, | ହରିଶ୍ଚନ୍ଦ୍ର ରାଜା ଚରିତ | ୬ |
| ୩ୟ | ,, | କର୍ଣ୍ଣରାଜା ସମ୍ବାଦ | ୧୪ |
| ୪ର୍ଥ | ,, | ଦୀନବନ୍ଧୁ ଦାସ ସମ୍ବାଦ | ୨୧ |
| ୫ମ | ,, | ଦାମୋଦର ଦାସ ସମ୍ବାଦ | ୨୮ |
| ୬ଷ୍ଠ | ,, | ବିଶ୍ୱମ୍ଭର ଦାସ ସମ୍ବାଦ | ୩୫ |
| ୭ମ | ,, | ରାମ ଦାସ ସମ୍ବାଦ | ୪୨ |
| ୮ମ | ,, | ରଘୁ ଅରକ୍ଷିତ ସମ୍ବାଦ | ୫୩ |
| ୯ମ | ,, | ରଘୁ ଅରକ୍ଷିତ ସମ୍ବାଦ | ୬୩ |
| ୧୦ମ | ,, | ନୀଲାମ୍ବର ଦାସ ସମ୍ବାଦ | ୭୩ |
| ୧୧ଶ | ,, | ରଘ ବେହେରା ସମ୍ବାଦ | ୮୧ |
| ୧୨ଶ | ,, | ଗଙ୍ଗାଧର ଦାସ ସମ୍ବାଦ | ୯୧ |
| ୧୩ଶ | ,, | ବନ୍ଧୁମହାନ୍ତି ସମ୍ବାଦ | ୯୮ |
| ୧୪ଶ | ,, | ବଲରାମ ଦାସ ସମ୍ବାଦ | ୧୦୬ |
| ୧୫ଶ | ,, | ଜଗନ୍ନାଥ ଦାସ ସମ୍ବାଦ | ୧୧୬ |
| ୧୬ଶ | ,, | ମାଧବାଚାର୍ଯ୍ୟ ସମ୍ବାଦ | ୧୨୬ |
| ୧୭ଶ | ,, | ଝୋଲିଆ କବୀର ସମ୍ବାଦ | ୧୩୨ |
| ୧୮ଶ | ,, | ମଣିଦାସ ସମ୍ବାଦ | ୧୪୦ |
| ୧୯ଶ | ,, | କୃଷ୍ଣଦାସ ସମ୍ବାଦ | ୧୪୭ |
| ୨୦ଶ | ,, | ଢଲଚ୍ଛ ମହାପାତ୍ର | ୧୫୪ |
| ୨୧ଶ | ,, | ଅଙ୍କନା ଓ ମାଧନା ସମ୍ବାଦ | ୧୬୨ |
| ୨୨ଶ | ,, | କାର୍ତ୍ତିଚନ୍ଦ୍ର ସମ୍ବାଦ | ୧୭୧ |
| ୨୩ଶ | ,, | ଗଣପତି ଭଟ୍ଟ ସମ୍ବାଦ | ୧୭୮ |
| ୨୪ଶ | ,, | ଅନନ୍ତା ଶବର ସମ୍ବାଦ | ୧୮୬ |
| ୨୫ଶ | ,, | ମେଲଚ୍ଛ ସମ୍ବାଦ | ୧୯୨ |

## ବିଷୟ ✻ ଦ୍ୱିତୀୟ ଭାଗର ସୂଚିପତ୍ର ✻ ପୃଷ୍ଠାଙ୍କ


| | | | |
|---|---|---|---|
| ୨୬ଶ | ଅଧ୍ୟାୟ | କୁଳଶିଖର ରଜା ସମ୍ବାଦ | ୨୦୧ |
| ୨୭ଶ | ,, | ଲାଲବେଗ ଓ ସାଲବେଗ ସମ୍ବାଦ | ୨୦୯ |
| ୨୮ଶ | ,, | ଦାସିଆ ବାଉରୀ ସମ୍ବାଦ | ୨୧୯ |
| ୨୯ଶ | ,, | ତୁଳସୀ ଦାସ ସମ୍ବାଦ | ୨୨୯ |
| ୩୦ଶ | ,, | ସିପୁଟି ସମ୍ବାଦ | ୨୩୮ |
| ୩୧ଶ | ,, | ନାରାୟଣ ଦାସ ସମ୍ବାଦ | ୨୪୭ |
| ୩୨ଶ | ,, | ଗୌରଚନ୍ଦ୍ର ସମ୍ବାଦ | ୨୫୭ |
| ୩୩ଶ | ,, | ଗୋବିନ୍ଦ ଦାସ ସମ୍ବାଦ | ୨୬୬ |
| ୩୪ଶ | ,, | ଦୀନବନ୍ଧୁ ଓଝା ସମ୍ବାଦ | ୨୭୪ |
| ୩୫ଶ | ,, | ଗୀତାପଣ୍ଡା ସମ୍ବାଦ | ୨୮୩ |
| ୩୬ଶ | ,, | ହରିଚନ୍ଦନ ରଜା ସମ୍ବାଦ | ୨୯୨ |
| ୩୭ଶ | ,, | ମଙ୍ଗଳ ଗଉଡ଼ ସମ୍ବାଦ | ୩୦୦ |
| ୩୮ଶ | ,, | ବାଳକ ରାମଦାସ ସମ୍ବାଦ (୧) | ୩୦୭ |
| ୩୯ଶ | ,, | ବାଳକ ରାମଦାସ ସମ୍ବାଦ (୨) | ୩୧୭ |
| ୪୦ଶ | ,, | କୃପାସିନ୍ଧୁ ସମ୍ବାଦ | ୩୨୫ |
| ୪୧ଶ | ,, | ନନ୍ଦ ମହାନ୍ତ ସମ୍ବାଦ | ୩୩୪ |
| ୪୨ଶ | ,, | ମୋଚି ରାମଦାସ | ୩୪୧ |
| ୪୩ଶ | ,, | ବ୍ରହ୍ମାନନ୍ଦ ସମ୍ବାଦ | ୩୪୯ |
| ୪୪ଶ | ,, | ରଘୁ ଦାସ ସମ୍ବାଦ | ୩୫୮ |
| ୪୫ଶ | ,, | ପିପାଦାସ ସମ୍ବାଦ | ୩୬୭ |
| ୪୬ଶ | ,, | କୃଷ୍ଣ ପ୍ରିୟା ସମ୍ବାଦ | ୩୭୭ |
| ୪୭ଶ | ,, | ମୀରାବାଈ ସମ୍ବାଦ | ୩୮୬ |
| ୪୮ଶ | ,, | ଜ୍ଞାନାନନ୍ଦ ଦାସ ସମ୍ବାଦ | ୩୯୫ |
| ୪୯ଶତମ | ,, | ଆନନ୍ଦୀ ଶବର ସମ୍ବାଦ | ୪୦୩ |
| ୫୦ଶତମ | ,, | ଅଜାମିଳ ପଣ୍ଡା ସମ୍ବାଦ | ୪୧୨ |
| ୫୧ଶତମ | ,, | ଗରିବଦାସ ସମ୍ବାଦ | ୪୨୧ |
| ୫୨ଶତମ | ,, | ଚନ୍ଦ୍ରଧ୍ୱଜ ସମ୍ବାଦ | ୪୨୭ |
| ୫୩ଶତମ | ,, | ବଡ଼ବିପ୍ର ଓ ଶ୍ରେଷ୍ଠବିପ୍ର ସମ୍ବାଦ | ୪୩୬ |
| ୫୪ଶତମ | ,, | ବିଲ୍ୱମଙ୍ଗଳ ସମ୍ବାଦ | ୪୪୫ |
| ୫୫ଶତମ | ,, | ଜୟଦେବ ସମ୍ବାଦ | ୪୫୪ |

ଭକ୍ତକବି ୰ ରାମଦାସଙ୍କ ବିରଚିତ

# ଦାର୍ଢ୍ୟତାଭକ୍ତି

## ରସାମୃତ

( ପ୍ରଥମ ଭାଗ )

ନୂତନ ମୁଦ୍ରଣ

ପ୍ରକାଶକ—ଧର୍ମଗ୍ରନ୍ଥ ଷ୍ଟୋର
ପ୍ରୋପ୍ରାଇଟର—ଶ୍ରୀ ବିଦ୍ୟାଧର ସାହୁ
ଅଲିଶାବଜାର, କଟକ-୨
ଫୋନ୍ ନଂ—୨୪୭୯୬

ମୂଲ୍ୟ—ଟ ୪-୦୦ ଚାରିଟଙ୍କା ମାତ୍ର

ପ୍ରଥମ ଦ୍ୱିତୀୟ ଏକତ୍ର ଦଶଟଙ୍କା

# ପ୍ରଥମ ଭାଗର ସୂଚପତ୍ର


| ବିଷୟ | | | ପୃଷ୍ଠାଙ୍କ |
|---|---|---|---|
| ୧ମ | ଅଧ୍ୟାୟ | ବଳିରାଜା ଚରିତ | ୧ |
| ୨ୟ | ,, | ହରିଶ୍ଚନ୍ଦ୍ର ରାଜା ଚରିତ | ୬ |
| ୩ୟ | ,, | କର୍ଣ୍ଣରାଜା ସମ୍ବାଦ | ୧୪ |
| ୪ର୍ଥ | ,, | ଦୀନବନ୍ଧୁ ଦାସ ସମ୍ବାଦ | ୨୧ |
| ୫ମ | ,, | ଦାମୋଦର ଦାସ ସମ୍ବାଦ | ୨୮ |
| ୬ଷ୍ଠ | ,, | ବିଶ୍ୱମ୍ଭର ଦାସ ସମ୍ବାଦ | ୩୫ |
| ୭ମ | ,, | ରାମ ଦାସ ସମ୍ବାଦ | ୪୨ |
| ୮ମ | ,, | ରଘୁ ଅରକ୍ଷିତ ସମ୍ବାଦ | ୫୩ |
| ୯ମ | ,, | ରଘୁ ଅରକ୍ଷିତ ସମ୍ବାଦ | ୬୩ |
| ୧୦ମ | ,, | ନୀଳାମ୍ବର ଦାସ ସମ୍ବାଦ | ୭୩ |
| ୧୧ଶ | ,, | ରଘୁ ବେହେରା ସମ୍ବାଦ | ୮୧ |
| ୧୨ଶ | ,, | ଗଙ୍ଗାଧର ଦାସ ସମ୍ବାଦ | ୯୧ |
| ୧୩ଶ | ,, | ବନ୍ଧୁ ମହାନ୍ତି ସମ୍ବାଦ | ୯୮ |
| ୧୪ଶ | ,, | ବଳରାମ ଦାସ ସମ୍ବାଦ | ୧୦୬ |
| ୧୫ଶ | ,, | ଜଗନ୍ନାଥ ଦାସ ସମ୍ବାଦ | ୧୧୬ |
| ୧୬ଶ | ,, | ମାଧବାଚାର୍ଯ୍ୟ ସମ୍ବାଦ | ୧୨୬ |
| ୧୭ଶ | ,, | ଖୋଲିଆ କବୀର ସମ୍ବାଦ | ୧୩୨ |
| ୧୮ଶ | ,, | ମଣି ଦାସ ସମ୍ବାଦ | ୧୪୦ |
| ୧୯ଶ | ,, | କୃଷ୍ଣ ଦାସ ସମ୍ବାଦ | ୧୪୨ |
| ୨୦ଶ | ,, | ତିଳକ ମହାପାତ୍ର ସମ୍ବଦ | ୧୫୪ |
| ୨୧ଶ | ,, | ଅଞ୍ଜନା ଓ ମାଧନା ସମ୍ବାଦ | ୧୬୨ |
| ୨୨ଶ | ,, | କାର୍ତ୍ତିଚନ୍ଦ୍ର ସମ୍ବାଦ | ୧୭୧ |
| ୨୩ଶ | ,, | ଗଣପତି ଭଞ୍ଜ ସମ୍ବାଦ | ୧୭୮ |
| ୨୪ଶ | ,, | ଅନନ୍ତା ଶବର ସମ୍ବାଦ | ୧୮୬ |
| ୨୫ଶ | ,, | ମେଳକ ସମ୍ବାଦ | ୧୯୨ |

# ମୁଖବନ୍ଧ

## 'ଭକ୍ତକବି ରାମଦାସ ଓ ଦାର୍ଢ୍ୟତାଭକ୍ତି ରସାମୃତ'

( ପ୍ରବନ୍ଧଟି ତା ୮-୪-୧୯୬୫ ରିଖରେ ଡୁରି ହାଇସ୍କୁଲର ପୁରସ୍କାର ବିତରଣୀ ସଭାରେ ପଠିତ ହୋଇଥିଲା )

୧୭୦୦ ଖ୍ରୀଷ୍ଟାବ୍ଦରେ ପ୍ରଥମାର୍ଦ୍ଧ, ଓଡ଼ିଶାର ତତ୍କାଳୀନ ବିଷମ ପରିସ୍ଥିତି କରାଳତାର ସୀମା ଲଙ୍ଘନ କରି ଚାଲିଥିଲା । ମୁସଲମାନଙ୍କର ନିର୍ମମତା ଓ ନିଷ୍ଠୁରତାର ପତନ ପରେ ପରେ ମରହଟ୍ଟାମାନଙ୍କର ସାମ୍ରାଜ୍ୟ ସୁଦୂର ଦକ୍ଷିଣ ଚକ୍ରବାଳକୁ ପ୍ରଗାଢ଼ ବିକ୍ରମରେ ଆରମ୍ଭ କରି ପୂର୍ବ ଆଡ଼କୁ ଅଗ୍ରସର ହୋଇ ଆସିଲା । ବିଧର୍ମୀମାନଙ୍କର ଧର୍ମାନ୍ଧତା ଓଡ଼ିଶାରେ ଯେଉଁ ସାମାଜିକ ବିପ୍ଳବ ସୃଷ୍ଟି କରିଥିଲା, ସେଥିରେ ଇନ୍ଧନ ଯୋଗାଇଲା ମରହଟ୍ଟାମାନଙ୍କର ବର୍ବରତା । ମରହଟ୍ଟାମାନଙ୍କର ନିର୍ମମ ଅତ୍ୟାଚାରରେ ଓଡ଼ିଆମାନଙ୍କଠାରେ ଭାବନା ଲୁହେଁ-ମୁଣ୍ଡ ଉଠାଇବାର ଶକ୍ତି ମଧ୍ୟ ନଥିଲା । ଓଡ଼ିଆଜାତି ଉଦାସୀନ ପତିତ ତଥା ସନ୍ତ୍ରସ୍ତ ଥିଲା । ଭବିଷ୍ୟତରେ ଆଶା ତମସାଚ୍ଛନ୍ନ । ଦୁର୍ଭିକ୍ଷ, ଅନାହାରରେ ବିପନ୍ନ ଓଡ଼ିଆଜାତି ସରଳତା ବେଦନାମୟ ସ୍ୱରରେ ଡାକୁଥିଲା—"କିଂ କରୋମି, କ୍ୱଗଚ୍ଛାମି, କୋମେରକ୍ଷାଂ କରିଷ୍ୟତି" ।

ଠିକ ଏହି ସନ୍ଧିକ୍ଷଣ ସମୟରେ ଭକ୍ତକବି ରାମଦାସ ଆବିର୍ଭୂତ ହୋଇଥିଲେ । ସେ ଦାର୍ଢ୍ୟତାଭକ୍ତି ରସାମୃତଦ୍ୱାରା ଓଡ଼ିଶାର ପୁର-ପଲ୍ଲୀରେ ଦୃଢ଼ ଭକ୍ତିର ସରସ ସ୍ରୋତ ପ୍ରବାହିତ କରି ସନ୍ତ୍ରସ୍ତ ଜନସମାଜକୁ ଆପ୍ଳାବିତ କଲେ । ତାଙ୍କର ଭକ୍ତି ଥିଲା—ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଏକ ଅବିଚ୍ଛେଦ୍ୟ ରଜ୍ଜୁ । ଭକ୍ତିର ଅମୋଘ କବଚ ଭକ୍ତକୁ ଆତ୍ମବିଶ୍ୱାସ ତଥା ନିର୍ଭୟତାର ଶିକ୍ଷା ଦେଲା । ଦାର୍ଢ୍ୟତାଭକ୍ତି ରସାମୃତ ଜାତି ଧର୍ମ ନିର୍ବିଶେଷରେ ସମସ୍ତଙ୍କ ଭକ୍ତ କୋଟିକୁ ଟାଣିଆଣି ଓଡ଼ିଶାର ଜଗନ୍ନାଥ ଧର୍ମର— ପତିତପାବନ ଧର୍ମର ସୁନ୍ଦର ସୁଗମ୍ୟ ମାର୍ଗର ପ୍ରଦର୍ଶକ ହେଲା ।

ମହୁରି ରାଜ୍ୟସ୍ଥିତ ପୁଣ୍ୟ ମୁକ୍ତେଶ୍ୱର ପୀଠ ଡୁରି ଗ୍ରାମରେ ସଙ୍ଗତିସମ୍ପନ୍ନ ଦାଶପରିବାରରେ ଭକ୍ତକବି ଭୂମିଷ୍ଠ ହୋଇଥିଲେ । କବିଙ୍କ ପିତାଙ୍କ ନାମ ଲକ୍ଷ୍ମଣ ଦାଶ । କବି ଏକଥା ଦାର୍ଢ୍ୟତାଭକ୍ତି ରସାମୃତ ପଚିଶ ଅଧ୍ୟାୟରେ ଉଲ୍ଲେଖ କରିଛନ୍ତି—

"ମହୁରୀ ରାଜ୍ୟ ଜୁରୁ ଗ୍ରାମ
×××× ସେ ଗ୍ରାମେ ଅଟେ ମୋ ସ୍ୱଗ୍ରାମ (*) (୧)
ପିତା ମୋ ଲକ୍ଷ୍ମଣ ଦାସ ××××
ମୁହିଁ ଅଟଇ ତାଙ୍କ ଶିଷ୍ୟ" ॥

ଭକ୍ତକବି ବଳରାମ ଗୋଷ୍ଠୀ ବ୍ରାହ୍ମଣ ଅଟନ୍ତି । କବିଙ୍କ ଜନ୍ମତିଥି ସମ୍ବନ୍ଧରେ କୌଣସି ପ୍ରମାଣ ମିଳୁନାହିଁ, କିନ୍ତୁ ଦାର୍ଢ୍ୟତାଭକ୍ତିର ପ୍ରଥମ ଖଣ୍ଡ ଓଡ଼ିଶାର ରାଜା ଶ୍ରୀ ବୀରକିଶୋର ଦେବଙ୍କ (୨ୟ) ୫୨ ଅଙ୍କରେ ଅର୍ଥାତ ୧୭୬୯ ଖ୍ରୀଷ୍ଟାବ୍ଦରେ ଶେଷ କରିଥିବା କଥା ଉକ୍ତ ଖଣ୍ଡର ଶେଷ ଅଧ୍ୟାୟରେ ଉଲ୍ଲେଖ କରିଛନ୍ତି ।

"ଶ୍ରୀ ବୀରକିଶୋର ଦେବଙ୍କ । ସମ୍ପୂର୍ଣ୍ଣ ବାୟାଳିଶି ଅଙ୍କ ॥
××× ×××
ସଂପୂର୍ଣ୍ଣ ହେଲା ଏ ଚରିତ । କହଇ ଲକ୍ଷ୍ମଣ ସୁତ ॥

---

* (୧) ବର୍ତ୍ତମାନର ପ୍ରକାଶିତ "ଦାର୍ଢ୍ୟତାଭକ୍ତି ରସାମୃତରେ "ଜୁରୁଗ୍ରାମ ବଦଳରେ "ମୋର ଗ୍ରାମ" ବୋଲି ଉଲ୍ଲେଖ ଅଛି ।

"ମହୁରୀ ରାଜ୍ୟେ ମୋର ଗ୍ରାମ । ସେ ଗ୍ରାମେ ମୋହର ଆଶ୍ରମ"
( ଦାର୍ଢ୍ୟତାଭକ୍ତି ରସାମୃତ ୫୦ ଅଧ୍ୟାୟ )

କିନ୍ତୁ ପ୍ରକୃତରେ "ମୋର ଗ୍ରାମ" ସ୍ଥାନରେ "ଜୁରୁ ଗ୍ରାମ" ହେବା କଥା । କାରଣ—(କ) କବି ଆତ୍ମପରିଚୟ ଦେଲାବେଳେ "ମହୁରୀ ରାଜ୍ୟେ ମୋର ଗ୍ରାମ । ସେ ଗ୍ରାମେ ମୋହର ଆଶ୍ରମ କହିବାରେ କଥାଟା ସ୍ପଷ୍ଟ ହେଉନାହିଁ । କିନ୍ତୁ ଜୁରୁ ଗ୍ରାମ କହିଲେ ତାହା ଅତ୍ୟନ୍ତ ସ୍ପଷ୍ଟ ହୋଇପଡ଼େ ।

(ଖ) ୰ ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁଙ୍କ ରଚିତ "ପ୍ରବନ୍ଧାବଳୀ" ଗ୍ରନ୍ଥରେ ଦାର୍ଢ୍ୟତାଭକ୍ତି ରସାମୃତ ରଚୟିତା ଭକ୍ତକବି ରାମଦାସ ଜୁରୁ ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ ବୋଲି ସ୍ପଷ୍ଟ ଦର୍ଶାଇ ଅଛନ୍ତି । (ପ୍ରବନ୍ଧାବଳୀ—୧୧୪ ପୃଷ୍ଠା )

(ଗ) ସାନଖେମୁଣ୍ଡି ରାଜ୍ୟସ୍ଥ ଖୋଲଡ଼ା ଗ୍ରାମ ନିବାସୀ ଲେଖନକାର ୰ ଉଦୟନାଥ ପଟ୍ଟନାୟକଙ୍କ ଦାର୍ଢ୍ୟତାଭକ୍ତି ରସାମୃତ ତାଳପତ୍ର ପୋଥିରେ "ଜୁରୁ ଗ୍ରାମ" ଲେଖି ଅଛନ୍ତି । ( ତାଳପତ୍ର ପୋଥିର—୧୯୯ ପୃଷ୍ଠା )

(ଘ) ଡୁଗ୍ରି ଗ୍ରାମ ନିବାସୀ ଲେଖନକାର ୰ ହରିହର ପାଣ୍ଡଙ୍କ ୧୮୯୧ ସମ୍ବତ୍ସରରେ ତାଳପତ୍ର ପୋଥି ଲିଖିତ ଉକ୍ତ ଗ୍ରନ୍ଥରେ "ମହୁରୀ ରାଜ୍ୟେ ଡୁଗ୍ରି ଗ୍ରାମ ସେ ଗ୍ରାମେ ଅଟେ ମୋ ବିଗ୍ରାମ" ଲେଖା ହୋଇଥିବାର ସ୍ପଷ୍ଟ ଭାବରେ ପ୍ରମାଣ ମିଳୁଅଛି । ( ତାଳପତ୍ର ପୋଥିର—୨୦୮ ପୃଷ୍ଠା )

(ଙ) ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସଂଗ୍ରହାଳୟରେଥିବା ତାଳପତ୍ରର ଦାର୍ଢ୍ୟତାଭକ୍ତି ରସାମୃତ (ତାଳପତ୍ର ପୋଥି ନମ୍ବର ୧୬୬)ରେ ମଧ୍ୟ "ମହୁରୀ ରାଜ୍ୟେ ଡୁଗ୍ରି ଗ୍ରାମ ସେ ଗ୍ରାମେ ଅଟେ ମୋ ବିଗ୍ରାମ" ବୋଲି ଲେଖା ହୋଇଅଛି । ଏପରି ଲେଖା ଥିବାଠାରେ "ଦାର୍ଢ୍ୟତାଭକ୍ତିର ରସାମୃତର ପ୍ରକାଶକ । 'ମହୁରୀ ରାଜ୍ୟେ ମୋର ଗ୍ରାମ, ସେ ଗ୍ରାମେ ମୋ ହରି ଆଶ୍ରମ ବୋଲି ଦେଇଁଠୁ ପାଇଲେ ତ୍ରୁଟି ହୁଏନାହିଁ । ବୋଧହୁଏ ଲେଖନକାରଙ୍କ ତ୍ରୁଟି ବା ପାଠକର୍ତ୍ତାଙ୍କ ଭ୍ରମ ହେତୁ 'ଡୁଗ୍ରି ଜାଗାରେ "ମୋର" ହୋଇଯାଇଅଛି ।

ପ୍ରବାଦ ଅଛି, ବିବାହର କିଛିକାଳ ପରେ ଭକ୍ତକବି ଗୋଟିଏ ପୁତ୍ରର ଜନକ ହୋଇ ପାରିଥିଲେ ଏବଂ ପୁତ୍ରର ପଞ୍ଚମବର୍ଷ ବୟସରେ କବିଙ୍କର ପତ୍ନୀ ବିୟୋଗ ଘଟିଥିଲା । ତାପରେ କବିଙ୍କ ମନରେ ବୈରାଗ୍ୟ ଜାତ ହୋଇଥିଲା ଓ ସେ ନିଜେ ପୁତ୍ରକୁ କୌଣସି ଆତ୍ମୀୟଙ୍କଠାରେ ଛାଡ଼ି ତୀର୍ଥାଟନରେ ଯାଇଥିଲେ । ଦୀର୍ଘ ଦଶବର୍ଷକାଳ ପବିତ୍ର ଭାରତ ଭୂମିରେ ନାନାଦି ତୀର୍ଥ ଭ୍ରମଣ କରି ନିଜ ଗ୍ରାମକୁ ଫେରି ଆସିବାପରେ ବୋଧହୁଏ ଦାର୍ଢ୍ୟତାଭକ୍ତି ରସାମୃତର ପ୍ରଥମ ଖଣ୍ଡ ରଚନା କରିଥିବେ । ଜନପ୍ରବାଦକୁ ଯଦି ସତ୍ୟ ବୋଲି ଧରାଯାଏ ଏବଂ ତତ୍କାଳୀନ ବିବାହ ବୟସ ଯଦି ୩୦ ବର୍ଷ ହୁଏ—ତେବେ ଦାର୍ଢ୍ୟତାଭକ୍ତି ରସାମୃତ ପ୍ରଥମ ଖଣ୍ଡ ରଚନା ବେଳକୁ କବିଙ୍କ ବୟସ ୪୦ ବର୍ଷ ହୋଇଥିବା ସମ୍ଭବ । ଏହି ଦୃଷ୍ଟିରୁ କବିଙ୍କ ଜନ୍ମ ସପ୍ତଦଶ ଖ୍ରୀଷ୍ଟାବ୍ଦର ଚତୁର୍ଥ ଦଶକର ଶେଷଭାଗରେ ଅର୍ଥାତ୍ ୧୬୪୦ ଖ୍ରୀଷ୍ଟାବ୍ଦରେ ହୋଇଥିବା ଅନୁମାନ କରାଯାଏ ।

ଓଡ଼ିଶାର ବିଶିଷ୍ଟ ଐତିହାସିକ "ପ୍ରାଚୀନ ଉତ୍କଳର ଲେଖକ ୰ ଜଗବନ୍ଧୁ ସିଂହଙ୍କ ମତରେ କବି ନିଜର ଜୀବନୀ ଛନ୍ନ ଭାବରେ ଦାର୍ଢ୍ୟତା ଭକ୍ତି ରସାମୃତ ପ୍ରଥମ ଖଣ୍ଡ ସପ୍ତମ ଅଧ୍ୟାୟରେ "ଭକ୍ତ ରାମଦାସ" ଭାବରେ ବର୍ଣ୍ଣନା କରିଛନ୍ତି ( ପ୍ରାଚୀନ ଉତ୍କଳ ୧୦୯ ପୃଷ୍ଠା ଦ୍ରଷ୍ଟବ୍ୟ ) ଏବଂ ପ୍ରବନ୍ଧାବଳୀ ରଚୟିତା ୰ ଶ୍ୟାମସୁନ୍ଦର ରାଜଗୁରୁ ମଧ୍ୟ ଏକଥା ସ୍ୱୀକାର କରିଛନ୍ତି । ( ପ୍ରବନ୍ଧାବଳୀ—୧୧୪ ପୃଷ୍ଠା ଦ୍ରଷ୍ଟବ୍ୟ ) ଯଦି ଏହା ପ୍ରମାଣଯୋଗ୍ୟ ହୁଏ—

ତେବେ କବିଙ୍କ ଭକ୍ତି ପରାକାଷ୍ଠାର ଗୋଟିଏ ମାତ୍ର ଦୃଶ୍ୟ ସେଥିରେ ରହିଛି—ସମ୍ପୂର୍ଣ୍ଣ ଜୀବନୀ ନୁହେଁ । 'ଦାର୍ଢ୍ୟତାଭକ୍ତି ରସାମୃତ'ରେ ମଧ୍ୟ ଅନ୍ୟାନ୍ୟ ଭକ୍ତମାନଙ୍କ ଜୀବନର ସର୍ବଶ୍ରେଷ୍ଠ ଘଟଣା ଗୁଡ଼ିକର ବର୍ଣ୍ଣନା ରହିଛି । ଉକ୍ତ ବର୍ଣ୍ଣନାରୁ ଏତିକି ଜଣାଯାଏ, କବି ଓ କବିପତ୍ନୀ ବଡ଼ ଅତିଥିପରାୟଣ ଥିଲେ । ଅତିଥି ଦେବତାଙ୍କ ସେବା କରିବାରେ ସେ ତାଙ୍କର ସମସ୍ତ ସମ୍ପତ୍ତି ଶେଷ କରିଦେଇଥିଲେ । ବର୍ତ୍ତମାନ ଏ ଅଞ୍ଚଳରେ ଗୋଟିଏ ପ୍ରବାଦ ଅଛି—

"ପିଠିକି କନା ନାହିଁ ରାମଦାସ
ପେଟକୁ ପେଜ ନାହିଁ ରାମଦାସ" ॥

ବୋଧହୁଏ ରାମଦାସଙ୍କ ତତ୍‌କାଳୀନ ଗରିବ ଅବସ୍ଥା ଉପରେ ଆକ୍ଷେପ କରି ଏହି ପ୍ରବାଦଟି ଚଳି ଆସୁଛି ।

କବିଙ୍କ ବଂଶଧରମାନଙ୍କଠାରୁ ଶୁଣାଯାଏ ଯେ, ସୁବର୍ଣ୍ଣପୁର ମଠର ମହନ୍ତ କବିଙ୍କ ବିଦ୍ୟାଗୁରୁ ଓ ଦୀକ୍ଷାଗୁରୁ ଥିଲେ । କବିଙ୍କ ଗୁରୁଙ୍କ ନାମ ଗଦାଧର ଦାସ ବୋଲି କବି ପ୍ରମାଣ କରିଛନ୍ତି ।

"ଶ୍ରୀଗୁରୁ ଗଦାଧର ଦାସ
ସେ ପାଦ ପଦ୍ମେ ମୋର ଆଶ" ॥ (ଦା: ଭ: ର: ମୃ:)

ସୁବର୍ଣ୍ଣପୁର ମଠ ରାମାନନ୍ଦ ସଂପ୍ରଦାୟ ଅନ୍ତର୍ଭୁକ୍ତ । ତେଣୁ କବି ରାମାନନ୍ଦ ସମ୍ପ୍ରଦାୟୀ ଥିଲେ । ବର୍ତ୍ତମାନ ମଧ୍ୟ କବିଙ୍କ ବଂଶଧରମାନେ ରାମାନନ୍ଦୀ ଅଟନ୍ତି ।

ଦାର୍ଢ୍ୟତାଭକ୍ତି ରସାମୃତ ପ୍ରଥମ ଖଣ୍ଡ ରଚନାର ୩୨ ବର୍ଷ ପରେ ଦ୍ୱିତୀୟ ଖଣ୍ଡ ରଚନା କରିଥିବା କଥା କବି ଉଲ୍ଲେଖ କରିଛନ୍ତି—

"ତହୁଁ ବତିଶ ସମ୍ବତ୍ସର ।
ଉତ୍ତାରୁ ସାଧୁମାନଙ୍କର ॥
କୃପାରୁ ପୂର୍ଣ୍ଣ ପଞ୍ଚବିଂଶ ।
ଅଧ୍ୟାୟ ଦାର୍ଢ୍ୟଭକ୍ତି ରସ" ॥ ( ଦ: ଭ: ର: ମୃ: )

ଏବଂ ଏହା ପୂର୍ବରୁ ସେ ୨ୟ ଖଣ୍ଡ ଦିବ୍ୟସିଂହ ଦେବଙ୍କ ୨୩ ଅଙ୍କରେ ଶେଷ କରିଥିବା କଥା ମଧ୍ୟ ଉଲ୍ଲେଖ କରିଛନ୍ତି । କିନ୍ତୁ ବୀରକିଶୋର ଦେବଙ୍କ ୪୨ ଅଙ୍କ ଓ ଦିବ୍ୟସିଂହ ଦେବଙ୍କ ୨୩ ଅଙ୍କ ମଧ୍ୟରେ କେବଳ ୨୨/୨୩

ବର୍ଷ ପ୍ରଭେଦ ରହିଅଛି । ଅତଏବ ଗ୍ରନ୍ଥ ମୁଦ୍ରଣର ତ୍ରୁଟି ହେତୁରୁ "୨୩" ପରିବର୍ତ୍ତେ "୩୨" ହୋଇପାରେ ।

ଯଦି ତାହା ସତ୍ୟ ହୁଏ ତେବେ କବି ଦୀର୍ଘକାଳ ଜୀବିତ ଥିବା କଥା ଅନୁମାନ କରାଯାଇପାରେ ।

କବି ଦୀକ୍ଷାଗୁରୁ ଭାବରେ ସର୍ବତ୍ର ଆଦୃତ ହୋଇ ପାରିଥିଲେ ଏବଂ ତାଙ୍କର ଅନେକ ଶିଷ୍ୟ ଥିଲେ ବର୍ତ୍ତମାନ ମଧ୍ୟ ତାଙ୍କର ବଂଶଧରମାନେ ଦୀକ୍ଷାଗୁରୁ ଭାବରେ ସର୍ବତ୍ର ସମ୍ମାନିତ ଏବଂ ସେମାନଙ୍କର ବର୍ତ୍ତମାନ ସୁଦ୍ଧା ସହସ୍ରାଧିକ ଶିଷ୍ୟ ହେଉଛନ୍ତି ।

**କବିଙ୍କର ବଂଶାବଳୀ ନିମ୍ନରେ ଦିଆଗଲା ।**

କୃଷ୍ଣ ଦାସ
|
ଲକ୍ଷ୍ମନ ଦାସ
|
ରାମ ଦାସ (ଭକ୍ତକବି)
|
ଆର୍ତ୍ତି ଦାସ
|
ଶ୍ରୀଧର ଦାସ
|
ପର୍ଶୁରାମ ଦାସ
|
ଅର୍ଜ୍ଜୁନ ଦାସ

- ଜାନକୀ ରାମଦାସ
  - ସତ୍ୟ ରାମଦାସ
- ଅନନ୍ତ ରାମଦାସ
  - ୧ । ନରସିଂହ ଦାସ
  - ୨ । ରବୀନ୍ଦ୍ରନାଥ ଦାସ
  - ୩ । ରାମହରି ଦାସ

କବି ତାଙ୍କର ଗ୍ରନ୍ଥ ରଚନା ଗ୍ରାମ ଉପକଣ୍ଠରେ ଥିବା ଶ୍ରୀ ମୁକ୍ତେଶ୍ୱର ମନ୍ଦିରରେ କରିଥିବା ଜଣାଯାଏ । ଦ୍ୱିତୀୟ ଖଣ୍ଡ ୨୫ ଅଧ୍ୟାୟରେ ଲେଖିଛନ୍ତି —

"ଆଷାଢ଼ ଶୁକ୍ଳ ହରିବାସେ ।
ଶ୍ରୀ ମୁକ୍ତେଶ୍ୱରଙ୍କର ପାଶେ ॥
ସଦା ସମ୍ପୂର୍ଣ୍ଣ ଜୟ କରି ।
ରାମଚନ୍ଦ୍ରଙ୍କ ରାମହରି" ॥ ( ଦାଃ ଭଃ ରଃ ମୃଃ )

ବର୍ତ୍ତମାନ ସୁଦ୍ଧା ଏହି ଅଞ୍ଚଳରେ ଉକ୍ତ ଗ୍ରାମସ୍ଥିତ ଶ୍ରୀ ମୁକ୍ତେଶ୍ୱର ମହାଦେବ ପ୍ରସିଦ୍ଧ ଶମ୍ଭୁ ରୂପେ ପୂଜିତ ।

କବି "ଦାର୍ଢ୍ୟତା ଭକ୍ତି ରସ ମୃତ" ଓ 'ରାମ ରସାମୃତ' ନାମକ ଦୁଇଟି ଗ୍ରନ୍ଥ ରଚନା କରିଥିଲେ । ଶେଷୋକ୍ତ ଗ୍ରନ୍ଥଟି ଅପ୍ରାପ୍ୟ ହେତୁ ସେ ବିଷୟରେ ବିଶେଷ ଆଲୋଚନା କରାଯାଇ ପାରୁ ନାହିଁ । ତଥାପି ଉକ୍ତ ଗ୍ରନ୍ଥ ରଚନା ସମ୍ବନ୍ଧରେ ଏତିକି କୁହାଯାଇ ପାରେ ଯେ କବି ସୁବର୍ଣ୍ଣପୁର ମଠାଧୀଶଙ୍କ ଶିଷ୍ୟ ଥିଲେ ଏବଂ ଉକ୍ତ ମଠାଧୀଶ ତଥା ତାଙ୍କର ଗୁରୁ ଭାଇମାନେ କବି ଥିଲେ ଓ ରାମାୟଣ ବିଷୟକ ନାନାଦି ଗ୍ରନ୍ଥ ରଚନା କରିଥିଲେ । ସେମାନଙ୍କ କବିତ୍ୱରେ ଅନୁ ପ୍ରାଣିତ ହୋଇ କବି "ରାମ ରସାମୃତ ଗ୍ରନ୍ଥଟି" ରଚନା କରିଥିବା ସମ୍ଭବ ।

## ଦାର୍ଢ୍ୟତା କାହିଁକି ?

ବ୍ୟାକରଣ ଗତ ଦୋଷ ଥିଲେ ସୁଦ୍ଧା କବି "ଦାର୍ଢ୍ୟତା" ଶବ୍ଦଟି କିପରି ବ୍ୟବହାର କଲେ ଏହି ପ୍ରଶ୍ନ ସ୍ୱତଃ ମନରେ ଜାଗ୍ରତ ହୁଏ । ଏ ବିଷୟରେ କେବଳ ଏତିକି କୁହାଯାଇ ପାରେ ଯେ—'ଦୃଢ଼' କିମ୍ବା ତଦର୍ଥକ କୌଣସି ପର୍ଯ୍ୟାୟ ଭୁକ୍ତ ଶବ୍ଦ ବ୍ୟବହାର ନକରି ଭକ୍ତିକୁ ଦୃଢ଼ରୁ ଦୃଢ଼ତମ ଅବସ୍ଥାକୁ ଟାଣି-ନେବା ଉଦ୍ଦେଶ୍ୟରେ ଦୃଢ଼ ପଦରେ ଦୁଇଟି ପ୍ରତ୍ୟୟ ଯୋଡ଼ି ତାକୁ ପୁଣି ବିଶେଷଣ ରୂପେ ବ୍ୟବହାର କରି ଭକ୍ତିର ଚରମ ଉତ୍କର୍ଷ ପ୍ରତିପାଦନ କରିଛନ୍ତି ।

## ମନ ଚୈତନ୍ୟ ସମ୍ବାଦ

କୌଣସି ବିଷୟ ବିନା ଶ୍ରୋତା ଏବଂ ବିନା ବକ୍ତାରେ ପ୍ରସାର ଲାଭ କରି ପାରେ ନାହିଁ । ତେଣୁ ପ୍ରାଚୀନ ସମସ୍ତ ଗ୍ରନ୍ଥ କୌଣସି ବିଶିଷ୍ଟ ଜ୍ଞାନୀଙ୍କ ଦ୍ୱାରା କୁହା ଯାଇଛି ଏବଂ ବିଶିଷ୍ଟ ପୁରୁଷଙ୍କ ଦ୍ୱାରା ଶୁଣା ଯାଇଛି । ଏହି ଶ୍ରୋତା ଓ ବକ୍ତାଙ୍କ କଥୋପ କଥନକୁ 'ସମ୍ବାଦ' ବୋଲି କୁହାଯାଏ । ସେ ସମ୍ବାଦ ଗୁଡ଼ିକ ଭିତରୁ, 'ହରଗୌରୀ' 'ଶୁକ ପରୀକ୍ଷିତ', 'କାଷ୍ଠ ଜିହ୍ନ', 'ମନ ଚୈତନ୍ୟ', ଏବଂ

'ନିମି ନବମୁନି' ଅତି ପ୍ରଧାନ । ପ୍ରାଚୀନ ଧର୍ମ ଗ୍ରନ୍ଥ ଗୁଡ଼ିକ ଆଲୋଚନା କଲେ ଜଣାଯାଏ, ପ୍ରାୟ ଅଧିକାଂଶ ତତ୍ତ୍ୱ ସନ୍ନିବେଶିତ—ଧର୍ମ ଗ୍ରନ୍ଥ ଗୁଡ଼ିକ ମନଚୈତନ୍ୟ ସମ୍ବାଦରେ କଥିତ । ମନୁଷ୍ୟ ନିଜର ଚୈତନ୍ୟ (ଜ୍ଞାନ) ଧୃତି-ମନକୁ ଉପଦେଶ ଦେବାରେ ଯେତିକି ସକ୍ଷମ, ଧର୍ମଗ୍ରନ୍ଥ ପଠନରେ ତାର ସେ କ୍ଷମତା ନାହିଁ । ଅନ୍ୟ କେତେକ ସାଧନ ପନ୍ଥୀ କବି ଚୈତନ୍ୟ (ଜ୍ଞାନ)କୁ ସଦ୍‌ଗୁରୁ ରୂପେ ବ୍ୟବହାର କରିଛନ୍ତି । ଭଗବାନ ଶ୍ରୀକୃଷ୍ଣ ମଧ୍ୟ ତାଙ୍କର ଶ୍ରେଷ୍ଠ ଜ୍ଞାନୀ ଭକ୍ତ ଉଦ୍ଧବଙ୍କୁ କହିଛନ୍ତି—

> "ମନ ମୋହର ନିଜଗୁରୁ,
> ଉଦ୍ଧବ କେତେ ତୁ ପଚାରୁ" । ( ଭାଗବତ )

ଓଡ଼ିଶାର ପ୍ରାୟ ସମସ୍ତ ମୌଳିକ ଧର୍ମଗ୍ରନ୍ଥ ଏହି 'ମନ ଚୈତନ୍ୟ' ସମ୍ବାଦରେ ହିଁ ଲିଖିତ, ଏବଂ ଅନୁଦିତ ଗ୍ରନ୍ଥ ଗୁଡ଼ିକ ତଥା କଥିତ ସମ୍ବାଦରେ ଆଶ୍ରୟ ନେଇଛନ୍ତି । ସେଥିପାଇଁ କବି ନିଜର ମୌଳିକ ତଥା ପ୍ରାଣୀର ମୁକ୍ତି ପାଇଁ ଉଦ୍ଦିଷ୍ଟ ଦାର୍ଢ୍ୟତା ଭକ୍ତି ରସାମୃତକୁ ଶ୍ରୀଗୁରୁ ଚୈତନ୍ୟ ଦ୍ୱାରା କୁହାଇଛନ୍ତି ଏବଂ ନରର 'ମନ'କୁ ଉତ୍ତମ ଶ୍ରୋତା ରୂପେ ବାଛିଛନ୍ତି ।

**ଭକ୍ତି ଏବଂ ଦାର୍ଢ୍ୟତା ଭକ୍ତି ରସାମୃତ ବର୍ଣ୍ଣିତ ଭକ୍ତ ଗଣ :—**

ପରମେଶ୍ୱର ବିଷୟକ ଅନୁରାଗକୁ ଭକ୍ତି କୁହାଯାଏ । ସେହି ଅନୁରାଗକୁ ଭକ୍ତ ଶ୍ରବଣ, କୀର୍ତ୍ତନ, ସ୍ମରଣ, ପାଦ ସେବନ, ଅର୍ଚ୍ଚନ, ବନ୍ଦନ, ଦାସ୍ୟ, ସଖ୍ୟ, ଏବଂ ଆତ୍ମ ନିବେଦନ ପ୍ରଭୃତି ବିବିଧ ଶାରୀରିକ, ବାଚିକ ଏବଂ ମାନସିକ କ୍ରିୟା ଦ୍ୱାରା ଚରିତାର୍ଥ କରିଥାଏ । ଉପରୋକ୍ତ କ୍ରିୟା ଅନୁସାରେ ଭକ୍ତିକୁ ନଅ ଭାଗରେ ବିଭକ୍ତ କରାଯାଇଛି । ଏହି ବିଭାଗ ଅନ୍ତର୍ଭୁକ୍ତ ଏକାଧିକ ଭକ୍ତଙ୍କର ବର୍ଣ୍ଣନା ପୁରାଣ ମାନଙ୍କରରେ ରହିଛି । କିନ୍ତୁ 'ଦାର୍ଢ୍ୟତା ଭକ୍ତି ରସାମୃତ' ପାଇଁ କବି ପୁରାଣରୁ କୌଣସି ଆଖ୍ୟାୟିକା ଗ୍ରହଣ କରି ନାହାନ୍ତି । ଯେଉଁ ତିନୋଟି ବ୍ୟକ୍ତିଙ୍କ ଚରିତ ପୁରାଣରୁ କରାଯାଇଛି ସେହି ତିନିଜଣ ହେଉଛନ୍ତି ରାଜ ପୁରୁଷ (ବଳୀ, କର୍ଣ୍ଣ ଓ ହରିଶ୍ଚନ୍ଦ୍ର) ଏମାନଙ୍କୁ ଦାନବୀର ହିସାବରେ ସ୍ଥାନ ଦିଆଯାଇଛି । ଭକ୍ତ ତିନିଜଣଙ୍କର ଅପରିସୀମ ଦାନରେ ଅଭିଭୂତ ହୋଇ ଭଗବାନ ସେମାନଙ୍କର ଦ୍ୱାରସ୍ଥ ହୋଇଛନ୍ତି । ଏହି ତିନିଜଣଙ୍କୁ ଛାଡ଼ି ଦେଲେ ବାକି ସମସ୍ତେ ଏ ଯୁଗର । ଗ୍ରନ୍ଥ ବର୍ଣ୍ଣିତ ଭକ୍ତମାନଙ୍କ ମଧ୍ୟରୁ ବ୍ରାହ୍ମଣ ୧୯ ଜଣ, କ୍ଷତ୍ରିୟ ୧୧ ଜଣ ବୈଶ୍ୟ ୭ଜଣ ଓ ଶୂଦ୍ର ତଥା ଅନ୍ୟ ଅଧମ ଜାତିର ୧୦ ଜଣ । ଏମାନେ କେହି ହେଲେ ଭକ୍ତିର ତତ୍ତ୍ୱ ଜାଣି ନାହାନ୍ତି—ସମସ୍ତେ ନିଜ ନିଜ ଭକ୍ତିର ଦୃଢ଼ତା ବଳରେ

ଭଗବାନଙ୍କ ବୈକୁଣ୍ଠରୁ ଧଣିଆଣି ସେମାନଙ୍କ ଜୀର୍ଣ୍ଣ କୁଟୀରର ଦ୍ୱାରସ୍ଥ କରାଇ ପାରିଛନ୍ତି । ସବୁଠି ଗୋଟିଏ କଥା—ଦୃଢ଼ତା ବଳରେ ମୂଢ଼ମାନେ ତରି ଯାଇଛନ୍ତି ।

**ଏହାର ଆବଶ୍ୟକତା :—**

କବି ଥିଲେ ସାଧାରଣ ସମାଜର ପକ୍ଷୀଗୁରୁ । ହିନ୍ଦୁଧର୍ମରେ ଯେଉଁ ନୀତି ଅନୁସରଣ କରି ଲୋକମାନେ ମନ୍ତ୍ର ଗ୍ରହଣ କରନ୍ତି—ତାହା କବିଙ୍କୁ ଯଥେଷ୍ଟ ବୋଧ ହୋଇ ନଥିଲା । ନୂଆ ଲୁଗା ପିନ୍ଧି ଗୁରୁ ଶିଷ୍ୟର କାନରେ ଧୀରେ ଧୀରେ ଯାହା କହି ଦିଅନ୍ତି—ତାହା ଶିଷ୍ୟର ଇହକାଳ ଓ ପରକାଳରେ ମୁକ୍ତି ବିଧାନ କରିଦିଏ ବୋଲି କବିଙ୍କର ବିଶ୍ୱାସ ନଥିଲା । ତେଣୁ ସେ ଶିଷ୍ୟମାନଙ୍କୁ ଦୃଢ଼ତାର ଶିକ୍ଷା ଦେଲେ । ତା'ପରେ ବୋଧହୁଏ 'ଦାର୍ଢ୍ୟତା ଭକ୍ତିର ଜନ୍ମ' ପୂର୍ବରୁ କୁହାଯାଇଛି—ଓଡ଼ିଶାର ତତ୍‌କାଳୀନ ରାଜନୈତିକ ଓ ସାମାଜିକ ପରିସ୍ଥିତି ଜନତାକୁ ଭୀତତ୍ରସ୍ତ କରିଦେଇଥିଲା । ଅତଏବ ସେପରି ପରିସ୍ଥିତିରେ ସାଧାରଣ ଜନତାଠାରେ ଜ୍ଞାନ ଭକ୍ତିର ବ୍ୟାଖ୍ୟା ବୁଝିବାଭଳି ବୁଦ୍ଧି କିମ୍ବା ପ୍ରେମ ଭକ୍ତିରୁ ରସ ଆସ୍ୱାଦନ କରିବାଭଳି ହୃଦୟର ଅଭାବ ଥିଲା । ତେଣୁ କବି ଭୀତମାନବ ହୃଦୟରେ ଦମ୍ଭ ଓ ସାହସର ସଞ୍ଚାର ଲାଗି ଲେଖନୀ ଚାଳନା କଲେ । ଏଥିରେ ଶବ୍ଦର ଛଟା ନାହିଁ—ବର୍ଣ୍ଣନାର ଆଡ଼ମ୍ବର ନାହିଁ, ଅଛି କେବଳ ସହଜ ଓ ସରଳ ଭାଷାରେ ଶ୍ରେଷ୍ଠ ପ୍ରାଣର ଶ୍ରେଷ୍ଠ କଥା ଗୁଡ଼ିକର ବର୍ଣ୍ଣନା । ଭକ୍ତର ନିଷ୍କପଟ ହୃଦୟରେ ଦୃଢ଼ତାର ସହିତ ଆତ୍ମନିବେଦନ ତଥା ଭଗବାନଙ୍କ ଅଙ୍ଗୀକାରକୁ ମାନି ନେଇଥିବା ନର, କାଣ୍ଡି ସମାଜରେ 'ଦାର୍ଢ୍ୟତାଭକ୍ତି' ଉପରୋକ୍ତ ବୈଶିଷ୍ଟ୍ୟ ଯୋଗୁଁ ସୁଦୃଢ଼ ଆସନ ଜମାଇ ପାରିଛି ।

**ନାମର ମହିମା**

ନାମର ମହିମା ଏବଂ ନାମ ସ୍ମରଣରେ ଅପୂର୍ବ ସୁଖପ୍ରାପ୍ତି ବିଷୟରେ ଶ୍ରୀମଦ୍‌ଭାଗବତ ଶତ ମୁଖର ହୋଇ ଉଠିଛି । ଭକ୍ତକବି ରାମଦାସ ମଧ୍ୟ ରୂପକ ଛଳରେ ଭବରୋଗକୁ ଭଗବାନ ନାମ କିପରି ଅମର ମହୌଷଧି ତା'ର ସୁନ୍ଦର ବର୍ଣ୍ଣନା କରିଛନ୍ତି ଏଠାରେ ତାହାର ପୁନରୋଲ୍ଲେଖ କରାଗଲା ।

"ଆବର କହୁଅଛୁ ତୋତେ । ସଂସାରେ ବ୍ୟାଧି ଅଛି ଯେତେ ॥
ତହିଁର ଉପାୟ ଯେ ଅଛୁ । ତାହା ତୋ ଆଗରେ କହୁଛୁ ॥

ସକଳ ମହୌଷଧି ମୂଳ । ସେ ପ୍ରଭୁ ନାମ ଆଦି ମୂଳ ॥
ପତିତପାବନ ପିପ୍‌ପଳୀ । ଯେତେକ ଖାଇବାକୁ ଭଲ ॥
ତେତେ ମାଧବ ବାଛିଧର । ଶ୍ରୀକୃଷ୍ଣ ନାମେ ଶୁଣ୍ଠି କର ॥
ଗୋବିନ୍ଦ ନାମରେ ମରିଚ । ବ୍ରଜ ବିଡ଼ଙ୍ଗ ଖଣ୍ଡେ ପାଞ୍ଚ ॥
ହେ ଦୟାନିଧି ଦେବଦାରୁ । ଖଣ୍ଡିଏ ଆଣିବ ତହିଁରୁ ॥
ଶ୍ରୀହରି ଅଳାଇଚ କାଛୁ । ଯେଣିକି ଗୋଟି କେତେ ବାଛୁ ॥
ନୃସିଂହ ନାମେ ନାଗେଶ୍ୱର । ତୋଳା ପ୍ରମାଣେ ତାହା କର ॥
ଶ୍ରୀ ରଘୁନାଥ ନାମ ସାର । ରସରେ ସେ ରସ ସିନ୍ଦୂର ॥
ଯେ ପୀତାମ୍ବର ପିତା କାଛୁ । ଯେଣିକି ଏ ନବ ଦ୍ରବ୍ୟ ବାଛୁ ॥
ଶ୍ରୀ ବାସୁଦେବ କ୍ଷମା 'ଶୀଳ' । ରଖ ସମସ୍ତ ଏକ ଠୂଳ ॥
ଶ୍ରୀ ପତିଶୀଳ ପୁଅ ଧରି । ଗୋବିନ୍ଦ ନାମେ ଗୁଣ୍ଡା କରି ॥
ଅନନ୍ତ ଅଦାରସ ରଙ୍ଗେ । ଗୋବିନ୍ଦ ଚନ୍ଦ୍ରିକା ଶ୍ରୀ ଅଙ୍ଗେ ॥
ମଧୁସୂଦନ ମହୁ କାଛୁ । ପରୀକ୍ଷା କରିବ ତହିଁକି ॥
ଶ୍ରୀରାମ ସୁମରି ପିଇବ । ଅଜର ଅମର ହୋଇବ" ॥

(ଦାଃ ଭଃ ରଃ ମୃଃ)

ଏହାଛଡ଼ା 'ଦାର୍ଢ୍ୟତାଭକ୍ତି ରସାମୃତ' ୧ମ ଭାଗର ଶେଷ ଅଧ୍ୟାୟରେ କାଳ ସହିତ ଯୁଦ୍ଧ କରିବାପାଇଁ 'ଷଡ଼ିସୁଦେବୀ'ର ଯେଉଁ ଉଦାହରଣମାନ ଦେଇଛନ୍ତି ତାହା ସମସ୍ତଙ୍କର ପଠନୀୟ ।

## ଛନ୍ଦ ସୃଷ୍ଟିର ବିଶେଷତ୍ୱ

ସପ୍ତଦଶ ଶତାବ୍ଦୀର ଶେଷଙ୍କ ଆଡ଼କୁ ଓଡ଼ିଶାର ଘରେ ଘରେ 'ଜଗନ୍ନାଥ ଦାସଙ୍କ ଶ୍ରୀମଦ୍ଭାଗବତ ଆଦର ସହିତ ପଠିତ ଏବଂ ଭକ୍ତିର ସହିତ ପୂଜିତ ହେଉଥିଲା । ତାଙ୍କ ଭାଗବତର ଛନ୍ଦ ଗୁଜ୍ଜରୀ—ଭାଗବତବାଣୀ ନାମରେ ଖ୍ୟାତି ଅର୍ଜନ କରି ସାରିଥିଲା । ସରଳ ନବାକ୍ଷରୀ ଛନ୍ଦର ଗୀତ ଓଡ଼ିଆଙ୍କ ମନରେ ଗଭୀର ଭକ୍ତିମୂଳକ ଅକଥନୀୟ ଭାବ ରାଶିର ସଞ୍ଚାର କରିପାରୁଥିଲା । ତେଣୁ ଭକ୍ତକବି ରାମଦାସ ସ୍ୱବିରଚିତ 'ଦାର୍ଢ୍ୟତାଭକ୍ତି ରସାମୃତକୁ' ସର୍ବଜନ ଆଦୃତ କରିବାଲାଗି ସେହି ଭାଗବତବାଣୀରେ ଲେଖିଥିଲେ ।

## ଦାର୍ଢ୍ୟତାଭକ୍ତିର କଳେବର ବୃଦ୍ଧି

ବର୍ତ୍ତମାନ ବଜାରରେ ମିଳୁଥିବା 'ଦାର୍ଢ୍ୟତାଭକ୍ତି ରସାମୃତ'ର ଦୁଇଟି ଭାଗରେ ୫୫ ଅଧ୍ୟାୟ ରହିଛି ।

( ପ୍ରଥମ ଭାଗ ୨୫ ଅଧ୍ୟାୟ, ୨ୟ ଭାଗ ୩୦ ଅଧ୍ୟାୟ ) କବି ୨ୟ ଭାଗର ୨୫ଶ ଅଧ୍ୟାୟରେ ଲେଖିଛନ୍ତି—

"ପ୍ରଥମ ପ୍ରବନ୍ଧ ପଚିଶ ।
ଅଧ୍ୟାରେ ହୋଇଥିଲା ଶେଷ ॥
ତହୁଁ ବତଶ (?) ସମୁଦ୍ରର ।
ଉଦ୍ଧାରୁ ସାଧୁମାନଙ୍କର ॥
କୃପାରୁ ପୁଣି ପଞ୍ଚବିଂଶ ।
ଅଧ୍ୟାୟ ଦା'ଢ଼୍ୟ ଭକ୍ତି ରସ ॥
ଦୁଇ ପ୍ରବନ୍ଧ ମିଶିବାରେ ।
ସମ୍ପୂର୍ଣ୍ଣ ପଚିଶ ଅଧ୍ୟାୟରେ ॥ (ଦା: ଭ: ର: ମୃ: )

ଅତଏବ ଶେଷ ପାଞ୍ଚ ଅଧ୍ୟାୟ ବୋଧହୁଏ ଦ୍ୱିତୀୟ ଭାଗ 'ଦାଢ଼ର୍ଯ୍ୟ ଭକ୍ତି ରସାମୃତ' ସଂପୂର୍ଣ୍ଣ ହେବାର କିଛିଦିନ ପରେ କବି ରଚନା କରିଥିବେ ଅଥବା କୌଣସି ପ୍ରକାଶକ ନିଜେ ରଚନା କରି 'ରାମଦାସ'ଙ୍କ ନାମରେ ଭଣିତା କରିଥିବେ ।

ଓଡ଼ିଶାର ଜଣେ ଅବହେଳିତ ବୈଷ୍ଣବ କବିଙ୍କ ବିଷୟରେ ଯତ୍‌ସାମାନ୍ୟ ଆଲୋଚନା କରାଗଲା । ଅନ୍ଧକାରମୟ ଅତୀତରୁ କେତେକ ତଥ୍ୟ ଆହରଣ କରାଯାଇଛି—ତ୍ରୁଟି ଥାଇପାରେ, ଅତଏବ ସୁଧୀ ପାଠକମଣ୍ଡଳୀ କ୍ଷମା କରିବେ-ବୋଲି ସବିନୟ ଅନୁରୋଧ ।

ପୁରୀ
ତା ୮-୪-୧୯୬୫

ଓଁ ଶାନ୍ତି ! ଶାନ୍ତି !! ଶାନ୍ତି !!!
ଲେଖକ—ଶ୍ରୀ ସତ୍ୟରାମ ଦାସ

—*—

ଓଁ ଶାନ୍ତି ! ଶାନ୍ତି !! ଶାନ୍ତି !!!
ଲେଖକ-ଶ୍ରୀ ସୀତାରାମ ମହାନ୍ତି

# ଦାର୍ଢ୍ୟତା ଭକ୍ତି

## * ପ୍ରଥମ ଭାଗ *

## ପ୍ରଥମ ଅଧ୍ୟାୟ

### ବଳୀରାଜା ଚରିତ୍ର

ନମଇଁ ଗଉରୀ ନନ୍ଦନ । ସକଳ ବିଘ୍ନ ବିନାଶନ ॥
ଶ୍ରୀ ଚନ୍ଦ୍ରଶେଖର କୁମର । ଅଶେଷ ବିଦ୍ୟାର ଭଣ୍ଡାର ॥
ସଦା ଆନନ୍ଦ ସଦା ଭୋଗୀ । ଓଁକାର ବ୍ରହ୍ମ ଅନୁରାଗୀ ॥
ଅଶେଷ ମହିମା ତୋହର । ବ୍ରହ୍ମାଦି ସୁରେ ଅଗୋଚର ॥
ଭକତ ଆରତ ନ ସହୁ । ଚିନ୍ତୁ ବାଞ୍ଛିତ ଫଳ ଦେଉ ॥
ଯେ ପ୍ରାଣୀ ଆଶ୍ରେ କରେ ତୋତେ । ମୂର୍ଖ ସେ ନୋହେ କଦାଚିତେ ॥
ମୁହିଁ ପାମର ରାମଦାସ । ତୋ ପାଦପଦ୍ମେ କଲି ଆଶ ॥
ଅଶେଷ ଜନ୍ମ ଦୁର୍ବାସନା । ଖଣ୍ଡି ମୁଁ ହୋଇବି ସୁମନା ॥
ମୂର୍ଖପଣରୁ ହେବି ପାର । ହେ ଗଜାନନ କୃପାକର ॥
ଶ୍ରୀ ଦେବୀ ଶାରଦା ଚରଣେ । ଶରଣ ମାଗେ ଅନୁକ୍ଷଣେ ॥
ବୁଡ଼ି ମରୁଛି ମୂର୍ଖ ଜଳେ । ଉଦ୍ଧରି ଧର ଜ୍ଞାନ କୂଳେ ॥
ତୋ କୃପା ରବି ଉଦେ କର । ମୋ ଅଜ୍ଞ ଅନ୍ଧକାର ହର ॥
ଭୋ ମାତ ପଦ୍ମପାଦେ ତୋର । ଶରଣ ନିରନ୍ତରେ ମୋର ॥
ନମସ୍ତେ ରାମ କୃଷ୍ଣହରି । ଏ ମହାମନ୍ତ୍ରଟି ସବୁରି ॥
ସକଳ ପ୍ରାଣୀ ହୃଦେ ବାସ । ଏଣୁ ଶରଣ ରାମଦାସ ॥
ତୁମ୍ଭ କୃପାରେ ଆଦିମୂଳ । ମୂକ ଯେ ହୁଅଇ ବାଚାଳ ॥
କର ଚରଣ ପଙ୍ଗୁ ଯାର । ସେ ଲଙ୍ଘି ପାରେ ଗିରିବର ॥

ତେଣୁ ଶରଣ ରାମଦାସ । ପୁରାଅ ମୋର ମନ ଆଶ ॥
ମୋର ବିପତ୍ତି ତରୁବର । ବଢ଼ଇ ଅଣ୍ଡ'ବନ୍ଧଆର ॥
ତବ କୃପା କୁଠାର କରି । ଛେଦ ପକାଅ ନରହରି ॥
ତୁମ୍ଭେ ଯେ ପତିତ ପାବନ । ମୁହିଁ ଅଟଇ ପାପୀଜନ ॥
ଶରଣ ପଞ୍ଜର ତୋ ବାନା । ଭବ ଭୟକୁ ବଜ୍ରସେନା ॥
କୃପା ସମୁଦ୍ର ମହାମେରୁ । ଉଦ୍ଧର ଦୁଃଖ ଜଳଧିରୁ ॥
ଉଦ୍ଧର ନ ଉଦ୍ଧର ମୋତେ । ମାଝ କହୁଛୁ ତୋ ଅଗ୍ରତେ ॥
ତୁ ଯେବେ ପତିତ ଉଦ୍ଧାର । ମୋର କାହାକୁ ନାହିଁ ଡର ॥
ଅନେକ ମନ ସୁଖାନନ୍ଦେ । ପୁଛଇ ଚଇତନ ପାଦେ ॥
ଶୁଣ ହେ ଚଇତନ ବୀର । ପୁଚ୍ଛଇ ତୁମ୍ଭର ସ୍ମୁର ॥
ତୁମ୍ଭେ ବିବେକ ଚୂଡ଼ାମଣି । ଭୂତ ଭବିଷ୍ୟ ପାର ଜାଣି ॥
ଏଣୁ ପଚାରୁଅଛୁ ମୁହିଁ । କହ ମୋ ସଂଶୟ ଫିଟାଇ ॥
ଏହି ସଂସାର ମଧ୍ୟଗତେ । ଜନମ ଲଭୁଛନ୍ତି ଯେତେ ॥
ସ୍ଥାବର ଆଦି ଚାରିଖାଣି । ଭ୍ରମୁଅଛନ୍ତି ନାନା ଯୋନି ॥
ଏହାଙ୍କ ଦୁଃଖ ସୁଖ ଯେତେ । ସକଳ ଲଗିଅଛୁ ମୋତେ ॥
ଏ ଚାରିଖାଣି ମଧ୍ୟେ ସାର । ଦୁର୍ଲ୍ଲଭ ନର କଲେବର ॥
ଏହାଙ୍କ ଦେହମଧ୍ୟେ ଥାଇ । ମୁଁ ଯେତେ ରଞ୍ଜଣା ସହଇ ॥
କିସ କହିବ ତୁମ୍ଭଠାରେ । ତୁମ୍ଭେତ ଥାଅ ମୋ ସାଙ୍ଗରେ ॥
କରନ୍ତି ଯେତେ କର୍ମ ପ୍ରାଣୀ । ସେ ଦୁଃଖ ସୁଖର କାରେଣୀ ॥
ଏଣୁ ସେ ପ୍ରାଣୀ ସୁଖ ଯେତେ । ସୂଚନ୍ତେ କହ ମୋ ଅଗ୍ରତେ ॥
କେବଣ କର୍ମ କଲେ ପ୍ରାଣୀ । ଯାତନା ନ ବାଧିବ ପୁଣି ॥
ଗୋବିନ୍ଦେ ଭକତି ଲଭିବେ । ଜନ୍ମ ମରଣ ପାସୋରିବେ ॥
ଏମନ୍ତ ଉପାୟ ଯେ କହ । ମୋ ମନୁ ସଂଶୟ ଫିଟାଅ ॥
ତା ଶୁଣି ଚଇତନ ବୀର । କହଇ ସୁମନ ଆଗର ॥
ତୁ ଯାହା ପଚାରିଲୁ ମୋତେ । କହଇ ଶୁଣ ତୋ ଅଗ୍ରତେ ॥
ଏ ବଡ଼ ଦୁର୍ଲ୍ଲଭ ଚରିତ । ମୁଁ ତାହା କହି କି ସମର୍ଥ ॥

ବ୍ରହ୍ମା ଶିବଙ୍କୁ ଅଗୋଚର । ମୁଁ ଗୁରୁ କେତେକ ମାତର ।
ମାତ୍ର ପୁରାଣମାନଙ୍କରେ । ଶୁଣିଛୁ ଯାହା କର୍ଣ୍ଣରେ ॥
ତାହା ମୁଁ କରୁଛୁ ବଖାଣ । ଶୁଣ ତୁ ହୋଇ ସାବଧାନ ॥
ବ୍ରତ ତୀର୍ଥାଦି କର୍ମ ଯେତେ । ଯଜ୍ଞାଦି ତପସ୍ୟା ସହିତେ ॥
ସକଳ କର୍ମ ମଧ୍ୟେ ସାର । କେବଳ ନାମ ଭଜିବାର ॥
ଆବର ଶୁଣ ପଦ ଗୋଟି । ମନ ସଂଶୟ ଯିବ ମେଣ୍ଟି ॥
ଏ ବେନି କଥା ମଧ୍ୟେ ସାର । ଦୃଢ଼ତା ମୂଳଟି ଜୀବର ॥
ଦୃଢ଼ ନ ଥାଇ କର୍ମ ଯେତେ । ଫଳ ନ ଫଳେ କଦାଚିତେ ॥
ଏ କଥା ସର୍ବଶାସ୍ତ୍ରେ ସାର । ପଣ୍ଡିତ ଜନଙ୍କୁ ପଚାର ॥
ଶୁଣି ହୋଇଲା ମନ ତୋଷ । ପୁଚ୍ଛଇ ଚଇତନ ପାଶ ॥
ଏ ମର୍ତ୍ତ୍ୟପୁରେ ଦେହ ଧରି । କେ ଅବା ଦୃଢ଼ପଣ କରି ॥
ତରିଣ ଯାଇଛନ୍ତି କହ । ଶୁଣି ତା ଫିଟୁ ମୋ ସନ୍ଦେହ ॥
ତା ଶୁଣି ଚଇତନ ଧୀରେ । କହଇ ସୁମନ ଆଗରେ ॥
ଶୁଣ ସୁମନ ନୃପବର । ସତ୍ୟ ତ୍ରେତାୟା ଯେ ଦ୍ୱାପର ॥
ଆବର କଳିଯୁଗ ଗତେ । ତରି ଅଛନ୍ତି ଯେତେ ଯେତେ ॥
ସକଳ ଲୋକଙ୍କ ଚରିତ । କହି ମୁଁ ନୁହଇ ସମର୍ଥ ॥
ଧାତାଙ୍କୁ ନୁହଇ ଗୋଚର । ମୁଁ ପୁଣି କେତେକ ମାତର ॥
କେବଳ ଜଣେ ଜଣେ କରି । ଶୁଣ କହିବା କଥା ଚାରି ॥
ସତ୍ୟ ଯୁଗରେ ଦାତାବଂଶ । ଥିଲା ନୃପତି ଗୁରୁହଂସ ॥
ନାମ ତା ବଳୀ ନୃପବର । ସପତଦ୍ୱୀପେ ସେ ଈଶ୍ୱର ॥
କେ କହୁ ତାର ଦାତାପଣ । ଦାନେ ଜିଣିଲା ସୁରଗଣ ॥
କେବଳ ଦାତା ପଣେ ତାର । ବଶ ହୋଇଲେ ତ୍ରିନପୁର ॥
ଦେଖିଣ ଦାନପଣ ତାର । ସ୍ୱର୍ଗେ କମ୍ପିଲେ ବଜ୍ରଧର ॥
ତାହା ଜାଣିଣ ଚକ୍ରଧର । ହେଲେ ବାମନ ଅବତାର ॥
ସେ ବଳୀ ରାଜାଦ୍ୱାରେ ଗଲେ । ଅପୂର୍ବ ବେଦ ଧ୍ୱନି କଲେ ॥
ତା ଜାଣି ବଳୀ ନୃପବର । ମିଳିଲେ ବାମନ ଛାମୁର ॥

ଦେଖି ସନ୍ତୋଷ ନୃପରାୟେ । ପୁଚ୍ଛିଲେ ବାମନର ପାୟେ ॥
କେଉଁ ନିମନ୍ତେ ମୋର ପୁର । ବିଜୟ କଲ ହେ ଦ୍ୱିଜବର ॥
କେବଣ ଦେଶେ ତୁମ୍ଭ ଘର । କେ ତୁମ୍ଭ ଜନମ୍ମ ପିଅର ॥
କହ ତୁମ୍ଭର ନାମ କିସ । ଶୁଣି ମୋ ମନ ହେଉ ତୋଷ ॥
ତୁମ୍ଭ ସୁନ୍ଦର ରୂପ ଦେଖି । ପିଗ୍ଗୁଡ଼ ନୋହେ ମୋର ଆଖି ॥
କେତେକ ବିପ୍ର ମୋର ପୁରେ । ଅଇଲେ ଦାନ ନିମନ୍ତରେ ॥
ଜଣେ ତୁମ୍ଭର ପ୍ରାୟେ ହୋଇ । ଦିନେ ମୋ ଦେଖିଲ ତ ନାହିଁ ॥
କେଉଁ ନିମନ୍ତେ ଆସିଅଛ । ସ୍ୱରୂପ କହ ବିପ୍ରବତ୍ସ ॥
ଏ ବାଣୀ ଶୁଣି ଦ୍ୱିଜବର । କହନ୍ତି ବଚନ ମଧୁର ॥
ଶୁଣ ରାଜନ ଦ୍ୱିଜବର । ଭକ୍ତି ନଗରେ ଆମ୍ଭ ଘର ॥
ହରି ଭଜନ ଆମ୍ଭ ପିତା । ନାମ ମୋ ଦାମୋଦର ଉତା ॥
ମାତା ଆମ୍ଭର ସତ୍ୟବତୀ । ନାହିଁ ଆମ୍ଭର ବାଡ଼ବୃତ୍ତି ॥
ଯେବା ମହନ୍ତ ସତ୍ୟବାଷ୍ଟି । ଜୀବେ ଅହିଂସା ଆମ୍ଭବୁଦ୍ଧି ॥
ଦୟାକୁ ପରଲୋକ ପ୍ରାପ୍ତ । ତ୍ୟାଗ ନିର୍ମୋହ ସର୍ବଂସହ ॥
ନିର୍ଲୋଭ ନିର୍ମାୟା ଯା ଚିତ୍ତ । ଶୁଚି ପବଣ ଦୃଢ଼ବ୍ରତ ॥
କୃଷ୍ଣ ସେବାରେ ଆଗୁସାର । ନାମ ଭଜନେ ତତପର ॥
ଏମନ୍ତ ଲୋକଦ୍ୱାରେ ଯାଉଁ । ଭିକ୍ଷା କରଣ ଆମ୍ଭେ ଖାଉଁ ॥
ଦୟା ଯା ଭୁବନେ ନ ଦେଖି । ଲକ୍ଷେଯୋଜନ ସେ ଆମ୍ଭଙ୍କୁ ॥
ଏବେ ତୋହର କୀର୍ତ୍ତି ଶୁଣି । ଅଇଲୁ ଶୁଣ ନୃପମଣି ॥
ଚିତ୍ତ ସନ୍ତୋଷେ ଦାନ ଦେବୁ । ଜଗତେ ଯଶ ଅଇଜବୁ ॥
ପ୍ରଥମ ଭିକ୍ଷା ଏ ଆମ୍ଭର । ଏଥୁ ନ ଯିବୁ ଆନ ଦ୍ୱାର ॥
ତାହା ଶୁଣିଣ ବଳୀରାଜା । କଲା ବିପ୍ରଙ୍କ ପାଦପୂଜା ॥
ମାଗ ହୋ ବିପ୍ରଙ୍କ କୁମର । ଯେ ଇଚ୍ଛା ଅଛଇ ତୁମ୍ଭର ॥
ଧନ ରତନ ବାଡ଼ବୃତ୍ତି । ଗଜ ତୁରଙ୍ଗ ଆଦି ହସ୍ତି ॥
ବସ୍ତ୍ରାଦି ଅଳଙ୍କାର ମାନ । ଗୋରୁ ମହିଷ ମେଷ ଘେନ ॥
ରାଜ ପଦବୀ ଆଦି ମୋର । ଯେ ଇଚ୍ଛା ମାଗ ଦ୍ୱିଜବର ॥

ଶୁଣି ବାମନ ଦିବ୍ୟମୂର୍ତ୍ତି | ନୃପତି ଆଗରେ କହନ୍ତି ||
ଅଧିକ ଲୋଭ ନାହିଁ ମୋର | ମାଗୁଛି ଶୁଣ ନୃପବର ||
ଆମ୍ଭର ପାଦରେ ଗଣନ | ତ୍ରିପାଦ ଭୂମି ଦେବୁ ଦାନ ||
ଏହା ଶୁଣିଣ ନୃପନାଥ | ପିଞ୍ଚାଡ ଦେଲେ ବେନି ହସ୍ତ ||
ତୁମ୍ଭର ବୁଦ୍ଧି ଅଟେ ସାନ | ତେଣୁ ମାଗିଲ ଅଳ୍ପଦାନ ||
ତୁମ୍ଭ କର୍ମରେ ଅଛି ଯାହା | ଅନ୍ୟଥା କେ କରିବ ତାହା ||
ଏମନ୍ତ ବୋଲି ନୃପମଣି | ଶଙ୍ଖେ ଧରିଲେ ତିଳପାଣି ||
ଧର ହେ ବ୍ରହ୍ମାଣ୍ଡ ଗୋସାଇଁ | ତ୍ରିବାର ସତ୍ୟ କଲି ମୁହିଁ ||
ଶୁଣି ଉଠିଲେ ଦ୍ୱିଜବର | ସଂକଳ୍ପ ପଢିଲେ ସତ୍ୱର ||
ଶ୍ରୀ ହସ୍ତ ପ୍ରସାରନ୍ତେ ହରି | ଶୁକ୍ର ଉଠିଲେ ବେଗକରି ||
ରାଜାଙ୍କୁ ଅନେକ ପ୍ରକାରେ | ଗୁପତ ବଚନେ ଭିଆରେ ||
ଦାନ ନ ଦିଅ ଏହୁ ହରି | ନଷ୍ଟେ ହରିବେ ତୁମ୍ଭ ଶିରି ||
ରାଜାର ଗୁରୁ ସେ ଯୁକତେ | ନାସ୍ତି ଯେ କଲେ ନାନା ମତେ ||
ଶୁଣି ବୋଇଲେ ବାଳୀରାଜା | ତୁମ୍ଭ ମୋହର ପାଶୁ ଯା ଯା ||
ସତ୍ୟ ନ ଭାଙ୍ଗି ତୁମ୍ଭ ମୋର | ନଅନ୍ତୁ ପଛେ ରାଜ୍ୟଭାର ||
ପ୍ରାଣହିଁ ନେଉ ସେ ମୋହର | ସତ୍ୟ ମୋ ଅନ୍ୟଥା ନ କର ||
ସତ୍ୟ ଲଙ୍ଘିବା ଫଳେ ମୁହିଁ | ନର୍କରେ ସଞ୍ଚରିବ ଯାଇଁ ||
ଅବଶ୍ୟ ଥରେ ତ ମରିବ | ସତ୍ୟକୁ କିପାଇଁ ଛାଡ଼ିବ ||
ସେ ଯେବେ ଅଟେ ଭଗବାନ | ସୁଫଳ ହେଲା ମୋର ଦାନ ||
ଏମନ୍ତ ବୋଲି ନୃପମଣି | ବାମନ ହସ୍ତେ ଦେଲେ ପାଣି ||
ଦେଲି ତ୍ରିପାଦ ଭୂମିଦାନ | ତୁମ୍ଭ ଇଚ୍ଛାରେ ତୁମ୍ଭେ ନେନ ||
ତା ଶୁଣି ଦେବ ଶିରୀପତି | ହୋଇଲେ ତ୍ରିବିକ୍ରମ ମୂର୍ତ୍ତି ||
ପାଦେକେ ପୃଥିବୀ ବ୍ୟାପିଲେ | ଆରେକ ପାଦେ ସ୍ୱର୍ଗେ ନେଲେ ||
ପୁଣି ବୋଇଲେ ସର୍ବଗ୍ରାହୀ | ଆଉ ପାଦକୁ ପୃଥ୍ୱୀ କାହିଁ ||
ଶୁଣି ବୋଇଲେ ନୃପବର | ଆଉ ଚରଣ କାହିଁ ତୋର ||
ଯେବେ ଚରଣ ଅଛି ତୋର | ପୃଥିବୀ ଅଛଇ ମୋହର ||

ତା ଶୁଣି ତ୍ରୈଲୋକ୍ୟ ଈଶ୍ୱର । ନାଭିରୁ କାଢ଼ିଲେ ପଦ୍ମର ।
ଦେଖି ପାତାଳ ବଳୀ ଶିର । ଚପିଲେ ବ୍ରହ୍ମାଣ୍ଡ ଠାକୁର ।
ସେ ରାଜା ନମ୍ରଭଲ ବୋଲେ । ପାତାଳେ ତାକୁ ଠାବଦେଲେ ।
ହରି ଚରଣାମୃତ ପାଇ । ରହିଲ ଅଜରାମର ହୋଇ ॥
ଶୁଣ ସୁମନ ଏ ଚରିତ । ଦାନର ମହିମା ଏମନ୍ତ ॥
ଶ୍ରୀହରି ହେଲେ ଅନ୍ତର୍ଦ୍ଧାନ । ସୁଜନେ ଭଜ ଭଗବାନ ॥
କହଇ ଧାନ ରାମ ଦାସ । ମୁକତି ଅଟଇ ବିଶ୍ୱାସ ।
ବାମନ ଅଭୟ ଚରଣେ । ମୋ ଚିତ୍ତ ରହୁ ଅନୁକ୍ଷଣେ ।

ଇତି ଶ୍ରୀ ଦାର୍ଢ୍ୟତାଭକ୍ତି ରସାମୃତେ ମନ ଚୈତନ୍ୟ ସମ୍ବାଦେ
ବଳୀରାଜା ମୋକ୍ଷଣେ ନାମ ପ୍ରଥମୋଽଧ୍ୟାୟଃ ।

—*—

# ଦ୍ୱିତୀୟ ଅଧ୍ୟାୟ

## ହରିଶ୍ଚନ୍ଦ୍ର ରାଜା ଚରିତ

କହଇ ଚଇତନ ଧାର । ଶୁଣ ସୁମନ କଥାସାର ॥
ତୁ ଯେ ପଚାରୁଅଛୁ ଏତେ । ଦାନରେ ଚହିଛନ୍ତ ଯେତେ ॥
କହିଲ ବଳୀ ଚରିତାର । ଶୁଣ ତୁ ଏଥୁ ଅନନ୍ତର ॥
ନାମ ତାହାର ହରିଶ୍ଚନ୍ଦ୍ର । ତ୍ରେତୟା ଯୁଗରେ ନରେନ୍ଦ୍ର ॥
ସୂର୍ଯ୍ୟବଂଶର ନୃପମଣି । ଦାନପଣରେ ସେ ଅଗ୍ରଣୀ ।
ସୁନ୍ଦରପଣେ କାମଦେବ । ଦାତା ଅଂଶରେ ସଦାଶିବ ॥
ସୁଧୀର ପଣେ ମେରୁ ସମ । ଧାରପଣରେ ଦଣ୍ଡି ଯମ ॥
ତେଜସ୍ୱୀପଣେ ବୈଶ୍ୱାନର । ବୁଦ୍ଧିରେ କବା ଗଣେଶ୍ୱର ।
ପଣ୍ଡିତପଣେ ବୃହସ୍ପତି । ସହିବା ପଣେ ବସୁମତୀ ।
ଗମ୍ଭୀର ପଣେ ପାରାବାର । ଅପାର ମହିମା ତାହାର ।
ସପ୍ତମଦ୍ୱୀପେ ଚକ୍ରବର୍ତ୍ତୀ । ଜଗତେ ବିଖ୍ୟାତ ତା କୀର୍ତ୍ତି ।
ପାଳଇ ଏକପତ୍ନୀ ବ୍ରତ । ହଇବେ ତାର ଏକ ସୁତ ।
ସମ୍ପଦ କୁବେର ଭଣ୍ଡାର । ଦାନହିଁ ଦେବା ମୂଳ ତାର ।

ସେ ମହାରାଜା ଦାନପଣେ । ଦରିଦ୍ର ନ ରହିଲେ ଜଣେ ॥
ଯେ ଯାହା ପ୍ରକାଶିଲେ ପାଇ । ନାହିଁ ବୋଲିବା ଶବ୍ଦ ନାହିଁ ॥
ଦେଇ ତୋଷଇ ମନ ତାର । ଶାବନ୍ତେ ଖଣ୍ଡେ ଦୁଃଖଭାର ॥
ଦେବ ପଙ୍କ ନକଟରେ ଥାଇ । ନୃପତି ପଣେ ବିହରଇ ॥
ଏମନ୍ତେ କେତେ କାଳଗଲା । ତା କୀର୍ତ୍ତି ଜଗତେ ପୂରିଲା ॥
ବିନା କଳଙ୍କ ଚନ୍ଦ୍ର ପ୍ରାୟ । ତା ଯଶ ଜଗତେ ଉଦୟ ॥
ଏକଥା ଜାଣି ସେ ସଭାର । ସ୍ୱର୍ଗେ ଭର୍ତ୍ସିଲା ବଜ୍ରଧର ॥
ବିଧାତା ଗୁମୂରେ କହିଲା । କି ବୁଦ୍ଧି କରିବ ବୋଇଲା ॥
ଏ ହରିଶ୍ଚନ୍ଦ୍ର ଦାନପଣେ । ସ୍ୱର୍ଗେ ଭର୍ତ୍ସିଲେ ସୁରଗଣେ ॥
ଆବର କର୍ମେ ମୋର ପୁର । କି ବୁଦ୍ଧି କହ ବେଦବର ॥
ତାହା ଶୁଣିଣ ବେଦବର । ହୃଦରେ କଲେକ ବିଚାର ॥
ବିଶ୍ୱାମିତ୍ରଙ୍କୁ ଡକାଇଲେ । ମର୍ତ୍ତ୍ୟକୁ ଯାଅ ହେ ବୋଇଲେ ॥
ହରିଶ୍ଚନ୍ଦ୍ରର ଦାନପଣ । ବୁଝିଣ ଆସ ହେ ବହନ ॥
କଠୋଳ କର ନାନା ମତେ । ବୁଝିବା ଦାନପଣ କେତେ ॥
ଶୁଣି ଚଳିଲେ ମୁନିବର । ପ୍ରବେଶ ହେଲେ ମର୍ତ୍ତ୍ୟପୁର ॥
ମାୟାରେ ହେଲେ ଦିବ୍ୟରୂପ । କି ବ୍ରହ୍ମଦେବତା ସ୍ୱରୂପ ॥
ରାଜାର ସିଂହଦ୍ୱାରେ ଗଲେ । ଅନେକ ଦେବ ଧ୍ୱନି କଲେ ॥
ସନ୍ତ ନପାଶ ନୃପବର । ମିଳିଲେ ମୁନିଙ୍କ ଗୁମୁର ॥
ଦେଖିଣ ପ୍ରଣମିତ ହେଲେ । ଅନେକ ପାଦପୂଜା କଲେ ॥
ଆଜ ପବିତ୍ର ମୋର ପୁର । ତୁମ୍ଭ ଦର୍ଶନେ ମୁନିବର ॥
କର୍ମା ମୋ ପୁରକୁ ଆଗତ । ମିଥ୍ୟା ନକହି କହ ସତ ॥
ଶୁଣି କହନ୍ତି ମହାସନ୍ତ । ସ୍ୱରୂପ ଶୁଣ ହେ ନୃପତି ॥
ଆମ୍ଭେ ଅଇଲୁ ଯହିଁ ପାଇଁ । କହୁଛୁ ସଂଶୟ ପିଟାଇ ॥
ତୁମ୍ଭର ଯଶ କୀର୍ତ୍ତିମାନ । ପୂରିଲା ଚଉଦ ଭୁବନ ॥
ସେ ଅଷ୍ଟଦିଗ ବସୁମତୀ । ବ୍ରହ୍ମ କ୍ଷେତ୍ରୀୟ ବୈଶ୍ୟଜାତି ॥
ଯହିଁ ଶୁଣିଲେ ତୋର କୀର୍ତ୍ତି । ଶୁଭିଲ ଶୁଣ ହୋ ନୃପତି ॥

ତେଣୁ ଅଇଲୁ ତୋର ତହିଁ । କିଛିହିଁ ମାଗିବାର ପାଇଁ । ୪୦ ।
ଶୁଣି କୋଇଲେ ସେ ରାଜନ । ହେ ମୁନି ଶୁଣ ମୋ ବଚନ ।।
ଯାହା ଅଛଇ ତୁମ୍ଭ ଚିତ୍ତେ । ରାଜ ଭଣ୍ଡାର ଆଦି ଯେତେ ।।
ମାଗ ହୋ ସଂଶୟ ନ କର । ଅବଶ୍ୟ ଦେବି ସତ୍ୟ ମୋର ।।
ଶୁଣି କହନ୍ତି ମୁନିଇନ୍ଦ୍ର । ସ୍ୱରୂପ ଶୁଣ ହୋ ନରେନ୍ଦ୍ର ।।
ଦେବାର ହୁଅ ଯେବେ ତୋର । ସ୍ୱହସ୍ତେ ତୋଷିବଅ ମୋର ।।
ପଛେ ନସତ ହେଲେ ତୁହି । ଆଉ ମୁଁ ଛାଡ଼ିବଇଁ ନାହିଁ ।।
ପୁତ୍ର ଭାରିଯା ତୁଲେ ତୋର । ପାତ୍ର ମନ୍ତ୍ରୀଙ୍କି ଯେ ପର୍ୱର ।।
ଶୁଣି ହସଇ ରାଜା ଚିତ୍ତେ । କିସ ମାଗିବ ଏଥୁ ମୋତେ ।।
ସବୁହୁଁ ପ୍ରାଣ ପ୍ରିୟା ବଡ଼ । ମାଗିଲେ ଦେବି ମୋର ଦୃଢ଼ ।।
ଏମନ୍ତ ବୋଲି ନୃପମଣି । ଶଙ୍ଖେ ଧଇଲେ ତିଳ ପାଣି ।।
ମୁନିଙ୍କ ହସ୍ତେ ଦେଲେ ନେଇ । ଯେ ଇଚ୍ଛା ମାଗ ହେ ଗୋସାଇଁ ।।
ତ୍ରି ବାର ସତ୍ୟ କଲି ମୁହିଁ । ଦେବି ସଂଶୟ ଏଥି ନାହିଁ ।।
ତାହା ଶୁଣିଣ ମହାମୁନି । କଲେ ସେ ମହା ଘୋରଧ୍ୱନି ।।
ସାକ୍ଷୀ ଏଥିକୁ ଦିଗପାଳ । ରବି ଶଶାଙ୍କ ଆଖଣ୍ଡଳ ।।
କୁବେର ବରୁଣ ସହିତେ । ସମସ୍ତେ ସାକ୍ଷୀ ଥାଅ ଏଥେ ।।
ମାଗୁଛି ଦୋଷ ନାହିଁ ମୋର । ବୋଲି ଧଇଲେ ତିଳନୀର ।।
ଜଳ ପକାଇ ମୁନିବର । କୋଇଲେ ଶୁଣ ନୃପବର ।।
ତୋ ରାଜାପଣ ମୋତେ ଦେବୁ । ଲେଙ୍ଗଡ଼ା କନା ଏ ପିନ୍ଧିବୁ ।।
ପୁତ୍ର ଭାରିଯା ଘେନି ତୋର । ରାଜ୍ୟରୁ ହୋଇବୁ ବାହାର ।।
ଭୁଞ୍ଜିବି ରାଜଭୋଗ ମୁହିଁ । ଏଥେ ତୋ ଅଧିକାର ନାହିଁ ।।
ତା ଶୁଣି ନୃପତି ଆନନ୍ଦ । ମୁଖ ପ୍ରକାଶେ ପୂର୍ଣ୍ଣଚନ୍ଦ୍ର ।।
ମୁନିଙ୍କି ନୃପ ସିଂହାସନେ । ରାଜା କରଇ ତୋଷମନେ ।।
ଆପଣେ ବାନ୍ଧିଦେଲେ ଶାଢ଼ୀ । ପୁଣି ମୁନିଙ୍କ ପାଦେ ପଡ଼ି ।।
ଉଠି କପାଳେ ଦେଲେ କର । କୋଇଲା ନମେ ମୁନିବର ।।
ପାତ୍ର ମନ୍ତ୍ରୀଙ୍କି ଡକାଇଲେ । ମୁନିଙ୍କି ସମର୍ପିଣ ଦେଲେ ।।

ଆହେଁ ତୁମ୍ଭର ଏହୁ ରାଜା । କର ଏହାଙ୍କ ପାଦ ପୂଜା ॥
ଏମନ୍ତ ବୋଲି ନୃପବର । ବିଜୟ କଲେ ଅନ୍ତଃପୁର ॥
ବିଡ଼କେ ବୋଲି ରାଣୀମାନ । ଦୁଃଖିତ ହୋଇଣ ରାଜନ ॥
ଭିତରପୁରେ ବିଜେକଲେ । ତାଦେଖି ଶୈବ୍ୟାରାଣୀ ବୋଲେ ॥
ମନତ କରିଅଛ ଦୁଃଖ । କିମ୍ପାଇ ଶୁଖିଅଛି ମୁଖ ॥
ବିପ୍ରଙ୍କୁ ଦେବାପାଇଁ ଦାନ । କିଅବା ନ ମିଳିଲା ଧନ ॥
ଆଜକ ବିପତ୍ତି ପଡ଼ିଲା । ମୋତେ ତ ସନ୍ଦେହ ଲାଗିଲା ॥
ବିଳମ୍ବ ନ କରିଣ କହ । ଦେଖି ନ ସହେ ମୋର ଦେହ ॥
ତା ଦେଖି କହନ୍ତି ନୃପତି । ଶୁଣ ସୁମନେ ପ୍ରିୟବତି ॥
କାହୁଁ ଅଇଲେ ଏକମୁନି । ମୋ ଆଗେ କଲେ ବେଦଧ୍ୱନି ॥
ଦେଖି ମୋହର ତୋଷମନ । ମୁନିଙ୍କି ଯାଚିଲି ମୁଁ ଧନ ॥
ରାଜ୍ୟ ସମ୍ପଦ ଯେତେ ମୋର । ସବୁ ନେଇଲେ ମୁନିବର ॥
ପୁତ୍ର ଭାରିଯାକୁ ନେଇଣ । ଏକଇ ବସ୍ତ୍ର ମୁଁ ପିନ୍ଧିଣ ॥
ଛାଡ଼ିଣ ଯିବି ନିଜ ଦେଶ । ତେଣୁ ଅଇଲି ତୋର ପାଶ ॥
ଶୁଣି ଆନନ୍ଦ ରାଣୀମନ । ଏନ୍ତ ସମୟେ ତା ନନ୍ଦନ ॥
ବାହାର ଅବକାଶେ ଥିଲା । ପିତାଙ୍କ ସମ୍ମୁଖେ ମିଳିଲା ॥
ଦେଖି ପିତାଙ୍କୁ ଆଗରର । ପୁଛଇ ନୃପତି କୁମର ॥
ମାତା ପୁତ୍ରକୁ ବୁଝାଇଲେ । ଶୁଣି କୁମର ମଣି ବୋଲେ ॥
ଏଥିକୁ ଚିନ୍ତା କିମ୍ପା କର । ତପସ୍ୟା ପୁଣ୍ୟ ଆମ୍ଭର ॥
ଏମନ୍ତ ବୋଲି ତିନିଜଣ । ତିନି ଖଣ୍ଡ ବସ୍ତ୍ର ପିନ୍ଧିଣ ॥
ଛାଡ଼ି ସକଳ ଅଳଙ୍କାର । ନଗରୁ ହୋଇଲେ ବାହାର ॥
ପ୍ରବେଶ ମୁନିଙ୍କର ପାଶ । ବୋଲନ୍ତି ଛାଡ଼ିଗଲୁ ଦେଶ ॥
ରଖ ତୁମ୍ଭର ପ୍ରଜାକୁଳ । ରାଜ୍ୟ ସମ୍ପଦାଦି ସମ୍ଭାଳ ॥
କହନ୍ତି ବିଶ୍ୱାମିତ୍ର ମୁନି । ଶୁଣ ରାଜନ ମହାମାନି ॥
ପିତାଙ୍କୁ ପୁତ୍ରଟି ଯେମନ୍ତ । ଦାନକୁ ଦକ୍ଷିଣା ତେମନ୍ତ ॥
ପୁତ୍ର ବିହୀନେ ନର୍କେ ଯାଇଁ । ଦକ୍ଷିଣା ବିନା ଫଳନାହିଁ ॥

ସୁବର୍ଣ୍ଣ ତିନିଲକ୍ଷ ମାତ୍ର । ଆଣି ମୋ ଆଗେ କର ଜୁଡ଼ ॥
ତେବେ ନିଷ୍ଟନ୍ତେ ଚଳିଯାଅ । ନୋହିଲେ ବାକ ତୋରନଅ ॥
ଏହା ଶୁଣିଣ ନରମଣି । ଚଳେ ଚିନ୍ତିଲେ ଚକ୍ରପାଣି ॥
ଦେବି ମୁଁ ଦକ୍ଷିଣା ଈଶ୍ୱର । ଆଜ୍ଞା ବହନ୍ତୁ ଜର ମୋର ॥
ଏମନ୍ତ ବୋଲି ତିନିଜଣ । ମଥାରେ ଲଦିଣ ଭରଣ ॥
କାଶୀନଗର ବୋଲି ଗଲେ । ମୁନି ଡାକନ୍ତି ତାଙ୍କ ଭୁଲେ ॥
ସେହି ନଗରେ ବୁଲି ବୁଲି । ଡାକନ୍ତି ଆମ୍ଭ ବନ୍ଦୀ ବୋଲି ॥
ବ୍ରାହ୍ମଣ କ୍ଷତ୍ରୀ ବୈଶ୍ୟଜନ । ଅପରେ ଯେତେ ଜାତି ପୁଣ ॥
ଆବର ଚଣ୍ଡାଳ ସହିତେ । ଯେ ଅବା କିଣିବଟି ମୋତେ ॥
ପୁତ୍ର ଭାରିଯାର ସହିତେ । ବିକିବି ଦକ୍ଷିଣା ନିମନ୍ତେ ॥
ଯେ ଧନ ଦେବ ତା ଶରଣ । ହେବୁ ପୁତ୍ରାଦି ତିନିଜଣ ॥
ଏରୂପେ ଯେତେହେଁ ଡାକିଲେ । କିଣିମା କ୍ଷମ କେ ନୋହିଲେ ॥
ଏଥିଉତ୍ତାରୁ ଶୁଣ ମନ । ବିଧାତା ଘଟ ସୁନିମାନ ॥
ମାୟାରେ ବିପ୍ର ରୂପହୋଇ । ଅଗ୍ନି ଦେବତା ଥିଲେ ରହି ॥
ଦ୍ୱି ଲକ୍ଷ ମାତ୍ର ସୁନା ଦେଇଲେ । ପୁତ୍ର ଭାରିଯାକୁ କିଣିଲେ ॥
ରାଜାର ଏକଇ କୁମର । ବଇବେ ଅତି ସୁକୁମାର ॥
ସେ ପତିବ୍ରତା ଶିରୋମଣି । ସୁନ୍ଦରୀ ତ୍ରିପୁରକୁ ଜିଣି ॥
ଦୁହିଁଙ୍କ ହସ୍ତ ରାଜାଧରି । ବିପ୍ରକୁ ସମର୍ପଣ କରି ॥
ହେ ବିପ୍ର ଯାହା ଇଚ୍ଛାକର । ଏ ଦୁହେଁ ହୋଇଲେ ତୁମ୍ଭର ॥
ଏମନ୍ତ କହି ନୃପଗଲେ । ଧନ ମୁନିଙ୍କ ସମର୍ପିଲେ ॥
ପୁଣି କେତେ ହେଁ ଦୂର ଯାନ୍ତେ । ଚଣ୍ଡାଳ ରୂପେ ଜମୁନାଥେ ॥
ମଧ୍ୟର କରି ତହିଁ ଥିଲେ । ରାଜାଙ୍କୁ କିଣି ଧନ ଦେଲେ ॥
ମୁନିଙ୍କୁ ବୋଇଲେ ରାଜନ । ନିଅ ହେ ଦକ୍ଷିଣାର ଧନ ॥
ଯେତେ ଜଞ୍ଜାଳ ମୁନି କଲେ । ରାଜା ଧର୍ମକୁ ନ ଲଙ୍ଘିଲେ ॥
ସେ ମୁନି ଧନ ଘେନିଗଲେ । ନୃପତି ପଣ ନିର୍ବାହିଲେ ॥
ଏଥେ ରହିଲେ ନ ପ୍ରନାଥ । ଚଣ୍ଡାଳ ଘରେ ହୋଇ ଭୃତ୍ୟ ॥

ପ୍ରଭାତେ ବାଣ୍ଡ ପହଁରନ୍ତି | ଦିବସେ ଢଣ୍ଡିର ଚରନ୍ତି ||
ରାତ୍ରେ ଜଗନ୍ତି ଶମଶାନ | କେ କହୁ ତାଙ୍କ ଦୁଃଖମାନ ||
କାନନୁ ଫୁଲ ପୁଷ୍ପ ଆଣେ | ରାଣୀ କନ୍ଥଲେ ବାସୀପଣେ ||
ସେ ତିନିପ୍ରାଣୀଙ୍କ ଲକ୍ଷଣ | କେ କହୁ ଶରୀର ଧରଣ ||
ଯେତେତେହେଁ କଷ୍ଟ ସେ ପାଇଲେ | କେଭେ ଧର୍ମକୁ ନ ନିନ୍ଦିଲେ ||
ଏମନ୍ତେ କେତେଦିନ ଗଲା | ସ୍ଵର୍ଗରେ ବିସ୍ମୟ ପଡ଼ିଲା ||
ବ୍ରହ୍ମା ଇନ୍ଦ୍ରାଦି ସୁରଗଣ | ସମସ୍ତେ କଲେ ବିସ୍ମରଣ ||
ହରିଶ୍ଚନ୍ଦ୍ରର ତପଫଳେ | ସ୍ଵର୍ଗ ପଡ଼ିଲା ରସାତଳେ ||
ଏଥିକୁ ତାଙ୍କୁ ଦେନ ଆସ | ନୋହିଲେ ସର୍ବେ ଯିବା ନାଶ ||
ଏମନ୍ତେ ସର୍ବେ ଭୟ କଲେ | ତକ୍ଷକ ରାଜ ଆଜ୍ଞା ଦେଲେ ||
ହେ ସର୍ପ ତୁମ୍ଭେ ବେଗେ ଯିବୁ | ରାଜାର ପୁତ୍ରକୁ ଦଂଶିବୁ ||
ଆଜ୍ଞା ପ୍ରମାଣେ ସର୍ପ ଗଲା | ମଞ୍ଚରେ ପ୍ରବେଶ ହୋଇଲା ||
ରୋହିତ କୁମରକୁ ଦଂଶି | ପୁଣି ମିଳିଲା ସ୍ଵର୍ଗେ ଆସି ||
ଏଥୁ ଅନନ୍ତେ ଶୈବ୍ୟାରାଣୀ | ପୁତ୍ର ମରିବା କଥା ଶୁଣି ||
ଅନେକ ସନ୍ତାପ ସେ କଲା | ତା ଦେଖି ବ୍ରାହ୍ମଣ କହିଲା ||
ତୁ ଏବେ କରୁଛୁ ରୋଦନ | କାହୁଁ ତୁ ଲଗାଇବୁ ଧନ ||
ଜାଣିଲେ ମଡ଼ାଚଣ୍ଡି ଆଏ | ମୋଠାରୁ ନେବେ ସୁନାଆଏ ||
ବେଗେ ତୁ ଶବ ନେଇଯାଅ | ନ ପୋଡ଼ ପୋତିଣ ପକାଅ ||
ମଡ଼ାଚଣ୍ଡିଆ ଧନ ଆସି | ମାଗିଲେ ହୁଅ ତାର ଦାସୀ ||
ବିପ୍ର ନିରସ ବାଣୀ ଶୁଣି | ପୁତ୍ରକୁ ଧରି ଏକା ରାଣୀ ||
ଘୋର ଅନ୍ଧାର ନିଶାକାଳେ | ଦେନିଣ ଶମଶାନେ ମିଳେ ||
ଶବ ପକାଇ ମହାସତୀ | ଆପଣେ ଖନ୍ଦାଏ ଖୋଳନ୍ତି ||
ଜଗିବା ପାଇ ଶମଶାନ | ଏମନ୍ତେ ବାହାରେ ରାଜନ ||
ଆପଣେ ହରିଶ୍ଚନ୍ଦ୍ର ରାୟେ | ଆସିଣ ମିଳିଲେ ସେଠାଏ ||
ଦେଖିଲେ ଶମଶାନ ସ୍ଥାନ | ଏକଇ ଯୁବତୀ ରତନ ||
କାନ୍ଦିଣ ଖୋଳୁଅଛି ଗାତ | ଦେଖିଣ ନୃପତି ଚକିତ ||

ଧାଇଁ ଧଇଲେ କେଶ ତାର । ବୋଇଲେ ଅଛୁ ତୁ କାହିଁର ॥
ମରିବୁ ତୋ ଇଷ୍ଟ ସୁମର । ଶୁଣି ବୋଲଇ ଦାସବର ॥
ମୋ ଇଷ୍ଟ ହରିଶ୍ଚନ୍ଦ୍ର ରାଜା । ମୁଁ ଅଟେ ତାହାଙ୍କ ଭାରିଯା ॥
ସ୍ୱାମୀ ମୋ ନୃପଅଙ୍କ ଯେତେ । ଦାନ ବହିଲେ ମୁନିହସ୍ତେ ॥
ଦକ୍ଷିଣା ନିମନ୍ତରେ ପୁଣ । ପୁତ୍ର ଭାରିଯାକୁ ବିକଣ ॥
ସେ ଧନ ମୁନିହସ୍ତେ ଦେଲେ । ଆପଣେ କେଣେ ଅବା ଗଲେ ॥
ଏମନ୍ତେ କେତେ ଦିନଗଲା । ସର୍ପାଘାତରେ ପୁତ୍ର ମଲା ॥
ତେଣୁ ସେ ପୁତ୍ରକୁ ଆଣିଣ । ପୋତିବି ବୋଲି ଶମଶାନ ॥
ଏକାନ୍ତେ ଗାତ ଖୋଳୁଛଇଁ । ଯେଣୁ ମୋହର ଶାଖା ନାହିଁ ॥
ଏମନ୍ତ ଶୁଣି ନରଈଶ । ଚିହ୍ନିଲେ ନିଜ ପ୍ରିୟା କେଶ ॥
ହେ ସଖି ! ମୁଁ ତୋ ପ୍ରାଣସଖା । କାହିଁ ମୋ ରୋହିତକୁ ଦେଖା ॥
ଶୁଣିଣ ସ୍ୱାମୀର ଉତ୍ତର । ଛୁଟିଲା ଘୋର ଅନ୍ଧକାର ॥
ଦ୍ୱିଗୁଣେ ସନ୍ତାପ ବଢ଼ିଲା । ସ୍ୱାମୀର ଚରଣେ ପଡ଼ିଲା ॥
ଉଠି ସ୍ୱାମୀଙ୍କୁ ଘେନିଗଲା । ପୁତ୍ରକୁ ଦେଖାଇଣ ଦେଲା ॥
ବୋଇଲେ ସ୍ୱାମୀ ତୁମ୍ଭେ ଶୁଣ । ମୁହିଁ ଏ ପୁତ୍ରକୁ ଘେନିଣ ॥
ଅନଳେ ପଶି ଝାସଦେବି । ଏ ପ୍ରାଣ କେଭେ ନ ରଖିବି ॥
ଶୁଣି ବୋଇଲେ ନୃପବର । ପୁତ୍ର ଭାରିଯା ମଲେ ମୋର ॥
ମୁଁ ଥାଇ କରିବଇଁ କିସ । ରାଜ ସମସ୍ତେ ଦେବା ଝାସ ॥
ଏମନ୍ତ ବୋଲି ଚଳିଗଲେ । ପ୍ରଚଣ୍ଡ ଅନଳ ଜାଳିଲେ ॥
ସ୍ନାନ ସେ କରାଇ ପୁତ୍ରକୁ । ଅନଳେ ପଶିବା ବେଳକୁ ॥
ଏମନ୍ତ ସମୟେ ମାତଳୀ । ସ୍ୱର୍ଗରୁ ରଥ ଘେନି ଚଳି ॥
ରାଜାଙ୍କ ନିକଟେ ହୋଇଲା । ଅନଳେ ନ ପଶ ବୋଇଲା ॥
ତା ଶୁଣି ନୃପତି ଚକିତ ମାତଳୀ ଉଭାକଲା ରଥ ॥
ବୋଇଲା ଦେବଙ୍କ ଆଦେଶ । ସ୍ୱର୍ଗକୁ ଯିବ ରଥେ ବସ ॥
ଶୁଣି ବୋଇଲା ନୃପବର । ମଲା ମୋ ଏକଇ କୁମର ॥
କେମନ୍ତେ ସ୍ୱର୍ଗକୁ ଯିବଇଁ । କହ ମୁଁ ଅପୁତ୍ରିକ ହୋଇ ॥

ଏଣୁ ମୋ ମନରବାର ସତ । ମାତଳୀ ଘେନଯାଅ ରଥ ॥
ମାତଳୀ ବୋଇଲା ବଚନ । ଅନଳେ ନ ପଶ ରାଜନ ॥
ମୋର ଅଇଲା ଯାଏ ଥିବୁ । ନୋହିଲେ ଦେବଦ୍ରୋହୀ ହେବୁ ॥
ଏମନ୍ତେ ବୋଲି ଚଳିଗଲା । ଦେବଙ୍କ ଆଗରେ ମିଳିଲା ॥
ରାଜା କହିବା ଜଣାଇଲା । ଅମୃତ ସଞ୍ଜୀବନୀ ନେଲା ॥
ପୁଣି ସ୍ୱର୍ଗରୁ ଲେଉଟିଲା । ରାଜା ନିକଟେ ପ୍ରବେଶିଲା ॥
ପୁତ୍ରର ମୁଖେ ସୁଧାଦେଇ । କର୍ଣ୍ଣରେ ସଞ୍ଜୀବନୀ କହି ॥
ତକ୍ଷଣେ ଜୀଇଲା କୁମର । ପାଶେ ବେଢ଼ିଲା ରତ୍ନବର ॥
ଆବର ଜନନୀ ପିଅର । ଦେଖିଣ ସେହିତ କୁମର ॥
ସ୍ୱର୍ଗକୁ ଯିବା ଏବେ ଚାଲ । କୁମର ବୋଇଲା କି ବୋଲ ॥
ଆମ୍ଭର ରାଜ୍ୟ ପ୍ରଜାକୁଳ । ଗୁଣ୍ଡି କେ ଯିବ ସ୍ୱର୍ଗଆଳ ॥
ସମସ୍ତେ ଗଲେ ଯିବ ମୁହିଁ । ନୋହିଲେ ଯାଅ ତୁମ୍ଭେ ଦୁଇ ॥
ଶୁଣି ବୋଇଲେ ନୃପନାଥ । ମାତଳୀ ଘେନଯାଅ ରଥ ॥
ନ ଗଲେ ରାଜ୍ୟଜନ ଯେତେ । ଆମ୍ଭେ ନ ଯିବୁ କଦାଚିତେ ॥
ଶୁଣି ମାତଳୀ ଚଳିଗଲା । ବିଧାତା ଆଗରେ କହିଲା ॥
ସ୍ୱରୂପ ଶୁଣ ଦେବବର । ନଇଲେ ପ୍ରଜାକୁଳ ସାର ॥
କେବେ ନ ଆସେ ନୃପବର । ବିଚାର ମୋତେ ଆଜ୍ଞା କର ॥
ତା ଶୁଣି ବ୍ରହ୍ମା ଇନ୍ଦ୍ର ସୁର । ସମସ୍ତେ କଲେକ ବିଚାର ॥
ଯାଇଁ ରାଜାକୁ ଘେନଆସ । ନୋହିଲେ ସ୍ୱର୍ଗଯିବ ନାଶ ॥
ହରିଶ୍ଚନ୍ଦ୍ରର ତପଫଳେ । ଆସନ୍ତୁ ତାର ପ୍ରଜାକୁଳେ ॥
ତା ଶୁଣି ମାତଳୀ ହରଷ । ଲେଉଟି ଗଲେ ରାଜା ପାଶ ॥
ଦେବେ ଦୁନ୍ଦୁଭି ବଜାଇଲେ । ସକଳ ଲୋକ ଘୋଷ୍ଣା କଲେ ॥
ପଶୁ ମନୁଷ୍ୟ ବୃକ୍ଷ ଜାତି । ଅପରେ ଯେତେ ଲୋକେ ଛନ୍ତି ॥
ସମସ୍ତ ରଥେ ବସାଇଲେ । ଆପଣେ ରାଜା ବିଜେ କଲେ ॥
ପୁତ୍ର ଭାରିଯା ସଙ୍ଗେ ଘେନ । ଆନନ୍ଦେ କଲେ ଜୟ ଧ୍ୱନି ॥
ଚଳିଲା ରଥ ଶୂନ୍ୟମାର୍ଗେ । ଦେବେ ଅନାଇଛନ୍ତି ସ୍ୱର୍ଗେ ॥

ଯହୁଁ ନିକଟେ ସ୍ୱର୍ଗ ଆସି । ଦେବମାୟାକୁ ଦେଲେ ପେଷି ॥
ରାଜାର ହୃଦରେ ପଶିଲା । ବଡ଼ିମା ପଣ ପ୍ରକାଶିଲା ॥
ଗର୍ବ ବଳିଲା ରାଜା ମନ । ନ ଚଳେ ପୁଷ୍ପକ ବିମାନ ॥
ଯହୁଁ ସେ ନିଶ୍ଚଳେ ରହିଲେ । ସକଳ ଦେବତା ଆଇଲେ ॥
ବିଶ୍ୱକର୍ମାକୁ ଆଜ୍ଞା ଦେଲେ । ତହିଁ ପୁରେକ ନିର୍ମାଣିଲେ ॥
ଶ୍ରୀହରିଶ୍ଚନ୍ଦ୍ର ସ୍ୱର୍ଗପୁର । ନାମ ଥିଲେ ଦେବଙ୍କର ॥
ସେ ପୁରେ ରହିଲେ ନୃପତି । ଅଛଇ ଯୁଗେ ଯୁଗେ କୀର୍ତ୍ତି ॥
ଦେବା ଲୟୁଲେ ଫଳ ଏତେ । ପୁରାଣ ବିଖ୍ୟାତ ଜଗତେ ॥
ଭଣେ ଅଧମ ରାମଦାସ । ଶ୍ରୀହରି ପାଦପଦ୍ମେ ଆଶ ॥
ଶୁଣ ସୁଜନ କର୍ଣ୍ଣପୁଟେ । ନ ପଡ଼ ସଂସାର ସଙ୍କଟେ ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତିରସାମୃତେ ମନ ଚୈତନ୍ୟ ସମ୍ବାଦେ
ମାଧବାଚାର୍ଯ୍ୟ ପତି ପତ୍ନୀ ଦାର୍ଢ୍ୟଭକ୍ତି ମୋକ୍ଷଣେ
ନାମ ଷୋଡ଼ଶୋଽଧ୍ୟାୟଃ ।

# ତୃତୀୟ ଅଧ୍ୟାୟ

## କର୍ଣ୍ଣରାଜା ସମ୍ବାଦ

### ମନ ଉବାଚ

ପୁଣି ପୁଚ୍ଛଇ ମନ ରାୟେ । ଚୈତନ୍ୟ ଦେବଙ୍କର ପାୟେ ॥
ତୁମ୍ଭେ ଯା କଲଟି ପ୍ରକାଶ । ପଦ ପଦକେ ସୁଧାରସ ॥
ସତ୍ୟ ତ୍ରେତୟାର ଚରିତ । ଶୁଣି ମୁଁ ହୋଇଲି ପବିତ୍ର ॥
କହ ଦ୍ୱାପର ଯୁଗ କଥା । ଶୁଣି ମୋ ଛାଡ଼ୁ ମନୋବ୍ୟଥା ॥
ତା ଶୁଣି କହେ ଚଇତନ । ହେ ମନ ହୁଅ ସାବଧାନ ॥
ଦ୍ୱାପର ଯୁଗ ମହାବୀର । କର୍ଣ୍ଣ ନୃପତି ନାମ ତାର ॥
ସୋମବଂଶରେ ଅବତାରି । ଅଟଇ ମହା ଧନୁର୍ଦ୍ଧର ॥
କ୍ଷତ୍ରିୟ ଗରବ ଗଞ୍ଜନ । ଦଇବେ ରବିର ନନ୍ଦନ ॥
ଶରଣ ସମ୍ଭାଳିବା ଅର୍ଥେ । ବାହେ ବାଛିଣ ଥାଇ ନେତେ ॥
ସତ୍ୟ ଅଭଙ୍ଗ କୁଳବନ୍ତ । ଶାନ୍ତ ସୁଶୀଳ ସେ ମହତ ॥

କ୍ଷତ୍ର ସୂ କୁଳେ ସେ ନିଃଶଙ୍କ । ସର୍ବଦା ଜାଣେ ରଣରଙ୍ଗ ॥
ଜ୍ୱଳନ୍ତେ କର୍ମେ ବସୁମତି । ସୁରେ ଅସୁରେ ଡରିଥାନ୍ତି ॥
ଏମନ୍ତେ କର୍ଣ୍ଣ ମହାରାଜା । ସୁଖେ ପାଳଇ ଜନ ପ୍ରଜା ॥
ତାହାର ଏକଇ କୁମର । ବୃଷିକେତନ ନାମ ତାର ॥
ଭାରିଯା ନାମ ଚନ୍ଦ୍ରାବଳୀ । ସତୀ ସାଧବୀ ସେହୁ ବାଳୀ ॥
ଏମନ୍ତେ କର୍ଣ୍ଣ ସେ ରାଜନ । ଦାନେ ମୋହିଲେ ସର୍ବଜନ ॥
ନିତ୍ୟ ସୁବର୍ଣ୍ଣ ଶତେ ଭାର । ପ୍ରମାଣ ଦାନ ଦେବ ତାର ॥
ଏଥି ଉପରୁ ଯେତେ ଜନ । ମାଗନ୍ତି ଅନ୍ନ ବସ୍ତ୍ର ଦାନ ॥
ମନ ସନ୍ତୋଷେ ତାଙ୍କୁ ଦେଇ । ବାକ୍ୟ କହନ୍ତି ହୃଷ୍ଟଥାଇ ॥
ଦୁଃଖୀ ବ୍ରାହ୍ମଣ ଯେବେ ଦେଖି । ଜୀବନ୍ତେ ଦିଏ ଅନ୍ନ ଲେଖି ॥
ଏମନ୍ତେ କେତେ ଦିନ ଗଲା । ତା କୀର୍ତ୍ତି ଜଗତେ ପୂରିଲା ॥
ଜାଣିଲେ ପ୍ରଭୁ ଭଗବାନ । ବଡ଼ିବା ପାଇଁ ତାର ମନ ॥
ଜଗମୋହନ ପୀତବାସ । ମାୟାରେ ହେଲେ ବିପ୍ରବେଶ ॥
କନ୍ଧରେ ଶୋଭଇ ପଇତା । ଧାରଣ ପାଣୀ ଗଡ଼ୁ ଛତା ॥
ଲଲାଟେ ଶ୍ରୀହରି ମନ୍ଦିର । ପୁସ୍ତକ ଯାଉଁଳ କନ୍ଧର ॥
ଅତି ସୁନ୍ଦର ଯୁବା ବେଶ । ବଚନେ ଜନ ମନ ତୋଷ ॥
ଏମନ୍ତ ବେଶେ ଦାମୋଦର । ବିଜୟ କର୍ଣ୍ଣ ସିଂହଦ୍ୱାର ॥
ଉଚ୍ଚାର କଲେ ସାମ ବେଦ । ଆକାଶେ ଘୋଟିଲା ଶବଦ ॥
କଣ୍ଠ କୋକିଳସ୍ୱର ଜିଣି , । ପାଷାଣ ତରଳେ ତା ଶୁଣି ॥
ତା ଶୁଣି କର୍ଣ୍ଣ ମହାବୀର । ପ୍ରବେଶ ବିପ୍ରଙ୍କ ଗୁମୁର, ॥
ଦେଖିଣ ନମସ୍କାର କଲେ । ତତ୍କ୍ଷଣେ ପାଦ ଧୋଇଦେଲେ ॥
ଆସନେ ତାଙ୍କୁ ବସାଇଲେ । ବିନୟ ବଚନେ ପୁଚ୍ଛିଲେ ॥
କେଉଁ କାରଣେ ମୋର ପୁର । ବିଜୟ କଲେ ହେ ଦ୍ୱିଜବର ॥
କହ ହେ ସ୍ୱରୂପ ଉତ୍ତର । ଦେବି ମୁଁ ସଂଶୟ ନ କର ॥
ଧନ ରତନ ଅଳଙ୍କାର । କି ଅବା ସୁବର୍ଣ୍ଣ ଭଣ୍ଡାର ॥
ଯେବା ବାଞ୍ଛିତ ତୁମ୍ଭେ ଚିତ୍ତେ । ସମ୍ପାଦ କରି ପରଯନ୍ତେ ॥

ଯେତେକ ଇଚ୍ଛା ତେତେ ଦେବ । ଦରିଦ୍ର ପଣ ଛଡ଼ାଇବ ॥
ଭୋଜନ କରି ମୋର ପୁରେ । ଆଜକ ରହି ଏହିଠାରେ ॥
ଶୁଣି କହନ୍ତି ଦ୍ୱିଜବର । ଶୁଣ ତୁ କର୍ଣ୍ଣ ମହାବୀର ॥
ତୋ ଦାନୀପଣ ଶୁଣି କର୍ଣ୍ଣେ । ଅତି ଆନନ୍ଦ ମୋର ମନେ ॥
ତେଣୁ ଅଇଲୁ ତୋର ପାଶ । କରଣ ଅଛି ପ୍ରତିଆଶ ॥
ବାଞ୍ଛ ତଧନ ଦେଲେ ନେବୁଁ । ନୋହିଲେ ଲେଉଟିଣ ଯିବୁ ॥
ଦ୍ୱିଜରେ ଦେଲେ ମହା ପୁଣ୍ୟ । କହିଅଛନ୍ତି ଋଷିଗଣ ॥
ତୁ ବୋଲୁ କାଲି ପରଯନ୍ତେ । ଆମ୍ଭେ ନ ରହୁଁ କଦାଚିତେ ॥
ନାହିଁ ବୋଇଲେ ଆମ୍ଭେ ଯିବୁ । ଏଠାରେ କମ୍ପା ବସିଥିବୁ ॥
ଶୁଣି ବୋଇଲେ କର୍ଣ୍ଣବୀର । ପବିତ୍ର କର ମୋର ପୁର ॥
ଆଜ ମୋ ପୁରରେ ରନ୍ଧନ । କଲେ ମୋ ସୁଫଳ ଜୀବନ ॥
ତା ଶୁଣି କହନ୍ତି ଶ୍ରୀହରି । ଶୁଣ ତୁ କର୍ଣ୍ଣ ଦଣ୍ଡଧାରୀ ॥
ଭୋଜନ ଯାଚୁଅଛୁ ମୋତେ । ଦେଇ ନ ପାରୁ କଦାଚିତେ ॥
ତା ଶୁଣି ବୋଲେ ମହାରାଜ । କହିଲୁ ବିପରୀତ କଥା ॥
କି କି ଭୁଞ୍ଜିବ ବିପ୍ର ତୁମ୍ଭେ । ଦେଇ ଯେ ନ ପାରିବୁ ଆମ୍ଭେ ॥
ଯାହା ମାଗିବ ତାହା ଦେବ । ନ ଦେଲେ ଅପରାଧୀ ହେବ ॥
ପ୍ରଭୁ ବୋଇଲେ ସତ୍ୟକର । ମୋ ହସ୍ତେ ତୋଳଦିଅ ନୀର ॥
ଶୁଣି ନୃପତି ସତ୍ୟ କଲା । ବ୍ରାହ୍ମଣ ହସ୍ତେ ନୀର ଦେଲା ॥
ବୋଇଲା ମାଗ ବିପ୍ରବର । ତିନିବାର ସତ୍ୟ ସତ୍ୟ ମୋର ॥
କର୍ଣ୍ଣର ଦୃଢ଼ବାକ୍ୟ ଶୁଣି । କହନ୍ତି ପ୍ରଭୁ ଚକ୍ରପାଣି ॥
ମନୁଷ୍ୟମାଂସେ ମୋ ଭୋଜନ । ଶୁଣି ବୋଇଲେ ଦାନୀକର୍ଣ୍ଣ ॥
କେତେକ ଜନ ଦେବ ଆଣି । ସ୍ୱରୂପ କହ ବିପ୍ରମଣି ॥
ତା ଶୁଣି ବୋଲନ୍ତି ଗୋସାଇଁ । ଅନ୍ୟ ମନୁଷ୍ୟେ କାର୍ଯ୍ୟ ନାହିଁ ॥
ତୋ ପୁତ୍ର ବୃଷକେତନକୁ । ମାରିଣ ଦେବୁ ହୋ ଆମ୍ଭଙ୍କୁ ॥
ଆପଣେ ସ୍ୱହସ୍ତେ ମାରିବୁ । ଭାରିଯା ହାତେ ରନ୍ଧାଇବୁ ॥
ତେବେ ମୁଁ ଭୋଜନ କରିବ । ନାସ୍ତି ବୋଇଲେ ଚଳିଯିବ ॥

ଶୁଣି ବଚ୍ଛଳର ରାଜା ତବେ । ପୁତ୍ରକୁ ମାରିବ କେମନ୍ତେ ॥
ନ ଦେଲେ ସତ୍ୟଭଗ୍ନ ହେବ । ମଲେ ନରକେ ସିନା ଯିବ ॥
ଏଣୁ ମୋ ପୁତ୍ର ପଛେ ଯାଉ । ନୋହିବ ସତ୍ୟଭଗ୍ନ ଆଉ ॥
ଏମନ୍ତେ ମନେ ବିଚାରିଲା । ଶୁଣ ହୋ ବ୍ରାହ୍ମଣ ବୋଇଲା ॥
ତୁମ୍ଭେତ ବିପ୍ରକୁଳେ ଜାତ । ଆମ୍ଭେ ଯେ କ୍ଷତ୍ରିୟ ସମ୍ଭୂତ ॥
କଦର୍ ମୋ ପାକେ ଭୁଞ୍ଜିବ । ତୁମ୍ଭର ଜାତି ନଷ୍ଟ ହେବ ॥
ତା ଶୁଣି ବ୍ରାହ୍ମଣ ଗୋସାଇଁ । ବୋଇଲେ ଶୁଣ ବୀର ତୁହି ।
ଆମ୍ଭର ଶାସ୍ତ୍ରେ ଅଛି ଯାହା । ଶୁଣ ତୁମ୍ଭଙ୍କୁ କହୁ ତାହା ॥
ଯେ ଅବା ଶ୍ରୀହରି ଭଜଇ । ଭୁତରେ ନିଷ୍ଠା ଯାର ଥାଇ ॥
ଯେ କରେ ପର ଉପକାର । ସତ୍ୟ ନ ଲଙ୍ଘେ ଯେଉଁ ନର ॥
ଯେ ଅବା ସାଧୁସଙ୍ଗ କରେ ! ବଞ୍ଚଇ ନାମ ଭଜନରେ ॥
ରଣ ରଙ୍ଗରେ ଆଗୁସାର । ଦେବା ଦସ୍ତାରେ ନିରନ୍ତର ॥
ନାରୀ ହୋଇଣ ପତିବ୍ରତା । ନ ଲଙ୍ଘେ ନିଜ ସ୍ୱାମୀ କଥା ॥
ଏମନ୍ତ ଲୋକଙ୍କର ଘର । ନ ପୁଚ୍ଛି ଜାତି ଗୋତ୍ର ତାର ॥
ଭୁଞ୍ଜିବା ସତତି ଆମ୍ଭର । ଶୁଣି ଚକିତ ନୃପବର ॥
ନବରେ ହୋଇଲା ପ୍ରବେଶ । ନିଜ ପତ୍ନୀଙ୍କୁ ଗଲା ପାଶ ॥
କହିଲେ ଗଥିର ବଚନ । ଶୁଣରେ ଯୁବତୀ ରତନ ॥
କେବଣ ଦେଶୁ ବିପ୍ରବର । ଆସି ମିଳିଲେ ସିଂହଦ୍ୱାର ॥
ଅନେକ ବେଦଧ୍ୱନି କଲେ । ଭୋଜନ ଦେବୁ କି ବୋଇଲେ ।
ତାଙ୍କ ବଚନେ କଲି ସତ୍ୟ । ଏବେ ବୋଲନ୍ତି ମାର ପୁତ୍ର ॥
ନୋହିଲେ ସତ୍ୟଭଗ୍ନ ହୁଅ । ଆମ୍ଭକୁ ଯାଅ ବୋଲି କହ ॥
ଏଥିକୁ କହ ତୁ ବଚ୍ଛର । ଦେବା କି ନାହିଁ ପୁତ୍ର ମାରି ॥
ଶୁଣି ବୋଲନ୍ତି ମହାରାଣୀ । ଦିଅ ଯେ ନିଜ ପୁତ୍ର ହାଣି ॥
ନଦେଲେ ସତ୍ୟଭଗ୍ନ ହୋଇ । ନରକେ ପଡ଼ିବ ଯେ ଯାଇଁ ॥
ସ୍ୱାମୀଙ୍କ କହନ୍ତେ ଏମନ୍ତ । ଆସି ମିଳିଲା ନିଜ ସୁତ ॥
ଦ୍ୱାଦଶ ବରଷର ବାଳ । ଦେହ ତା ଦିଶଇ ଉଜ୍ଜଳ ॥

ସୁନ୍ଦରପଣେ ତାଙ୍କୁ ସରି । କେହି ନ ଥିବେ ତନପୁଷ୍ଟି ।
ଚତୁର ବିବେକ ସିହାଣ । ପୂଜନ୍ତି ମାତାଙ୍କ ଚରଣ ।
କି ବୋଲି ବିସ୍ମର ହେଉଛ । ମୋତେ କମ୍ପାଇ ଲୁଚାଉଛ ॥
କମ୍ପା ଚିନ୍ତିତ କଣ୍ଠଧାସି । ହେ ମାତା କହ ସତ୍ୟକରି ।
ଶୁଣି କହନ୍ତି ଜନନୀ ମାତ । ଶୁଣ କୁମର କହେ ସତ୍ୟ ।
ପିତା ତୋ ବିପ୍ରେ କଲେ ସତ୍ୟ । ତୋତେ ମାରିଣ ଦେବେ ଘାତ ।
ଶୁଣିଣ ରାଜାର କୁମର । କେ କହୁ ଆନନ୍ଦ ତାହାର ।
ହେ ତାତ ମାତ ! ତୁମ୍ଭେ ଶୁଣ । ଜନ୍ମ ଲେ ଅବଶ୍ୟ ମରଣ ।
ଯେବେ ଏ ଦେହୁ ଜୀବ ଯିବ । ଅବଶ୍ୟ ମାଟିରେ ମିଶିବ ।
ଶାଗୃଣା ଶୃଗାଳଙ୍କ ଗ୍ରାସ । ନୋହିଲେ ଦେହ ଧୂଳି ପାଁଶ ।
ଏଥୁ କା ଅନ୍ୟ କାର ଦେହ । ମଲେ ହୁଅଇ ଏକା ଦେହ ।
ବିପ୍ର ଭୁଞ୍ଜିବ ମୋର ମାଂସ । ଏଥିରୁ ବଡ଼ ଭାଗ୍ୟ କିସ ।୧୦୦ ॥
ବହନ କରି ମୋତେ ମାର । ହେ ତାତ ! ବିଳମ୍ବ ନ କର ।
ପୁତ୍ରର ମୁଖୁଁ ଏହା ଶୁଣି । ବହନ ଗଲେ ନୃପମଣି ।
ପ୍ରଭୁଙ୍କୁ ଡ଼ାକି ଘେନଗଲେ । ମନ୍ଦିରେ ପ୍ରବେଶ ହୋଇଲେ ।
ପୁତ୍ରକୁ ଧରି ଧାଡିକାରେ । ଉଭା କରାଇଲା ସମ୍ମୁଖରେ ।
କର୍ଣ୍ଣ ଶ୍ରୀହସ୍ତେ ପାଟଖଣ୍ଡା । ଧରିଣ ଅଛି ପରଚଣ୍ଡା ॥
ଗୋବିନ୍ଦ ଜାଣି ତାର ମନ । ଉହାଡ଼ କଲେ ସୁଦର୍ଶନ ।
ତହୁଁ ପୁତ୍ରକୁ ଘେନ ଗଲେ । ମାୟା କୁମର ଉଭାହେଲେ ।
ଯା ମାୟା ଦେବେ ଅଗୋଚର । ମନୁଷ୍ୟ କେତେକ ମାତର ।
ରାଜା ଧରିଣ କରବାଳ । କାଟିଲେ ଶିର ଯେ ତତ୍କାଳ ।
ରାଣୀ ହସ୍ତରେ ନେଇ ଦେଲେ । ରନ୍ଧନ କରସି ବୋଇଲେ ॥
ରାଜା ହସ୍ତରୁ ରାଣୀ ଧରି । କାଟିଲେ ଭୂଜା ଦ୍ରାସ୍ତ କରି ।
ମୁଣ୍ଡ ମାନବ ଲୁଚାଇଲେ । କାନ୍ଦିବେ ବୋଲି ବିପ୍ର ଗଲେ ।
ଆବର ଯେତେକ ମାଏସ । ସଜାଡ଼େ ମନର ହରଷ ।
ଘିଅ ମରିଚଗୁଣ୍ଡା ଭୁଲେ । ହଳଦୀ ପକାଇ ବଳାଇଲେ ।

ଜଗ ମଣ୍ଡିତ ଭୃଙ୍ଗାଧାର । ଥଳାଇ ଦେଲେକ ମନ୍ଥର ॥
ଥୋକାଏ ସଙ୍ଗତେ ତିନ୍ତୁଳ । ପକାଇ ଦେଲେକ ଆମ୍ବ ଜଳ ॥
ଭଜା କାକରଂଢ ପାଚଲ । ରାନ୍ଧଣା ଏକୁଁ ଏକ ଭଲ ॥
ଦ୍ରବ୍ୟ ଅରୁଆ ଅନ୍ନମାନ । ବହନ କଲେକ ରନ୍ଧନ ॥
ବିପ୍ରଙ୍କୁ ଡାକି ନୃପ ଗଲେ । ଭୋଜନ କରିବ ବୋଇଲେ ॥
ଶୁଣି ବୋଇଲେ ବିପ୍ରମଣି । କପଟ କଲୁ ତୋର ରାଣୀ ॥
ଲୁଚାଇ ଥୋଇଅଛୁ ଶିର । ଆମ୍ଭ ଅଯୋଗ୍ୟ ସେ ଆହାର ॥
ଶୁଣି ନୃପତି ବେଗେ ଗଲେ । ହେ ସଖୀ କି କଲୁ ବୋଇଲେ ॥
ତୁ ପୁଣି ଲୁଚାଇଲୁ ମୁଣ୍ଡ । ବିପ୍ରତ ରାଗରେ ପ୍ରଚଣ୍ଡ ॥
ଶୁଣି ଜାଣିଲେ ମହାସତୀ । ନିଶ୍ଚେ ସେ ଅଟେ ମହାଯତି ॥
ଏମନ୍ତ ବୋଲି ମୁଣ୍ଡ ଧରି । ଛେଚିଲେ ଖଣ୍ଡ ଖଣ୍ଡ କରି ॥
ରାନ୍ଧଣା ବଧି ବେଗେ କଲେ । ବିପ୍ରଙ୍କୁ ଡାକଣ ଆଣିଲେ ॥
ଆସନ ପାଦାସନ ଦେଇ । କଦଳୀ ପତ୍ରେକ ବିଛାଇ ॥
ଆପଣେ କର୍ଣ୍ଣ ମହାରାଣୀ । ସୂପକୁ ପରଶିଲେ ଆଣି ॥
ଦେଖି ବୋଲନ୍ତି ବ୍ରହ୍ମବସ୍ତୁ । ଏକ ପତ୍ରକେ ବାଢ଼ିଅଛ ॥
ଏଥେ କି ବସ ଅଛ ଭଣ୍ଡ । ମୋତେ ମାରିବ ବୋଲିକରି ॥
ଏ ଘରେ ଅଛ ଯେତେ ଜନ । ସମସ୍ତେ କରିବ ଭୋଜନ ॥
ନୋହିଲେ ଲେଉଟିଣ ଯିବି । ମୁଁ କମା ଏକାକୀ ଭୁଞ୍ଜିବି ॥
ଶୁଣି ଚକିତ ରାଜା ରାଣୀ । ଆବର ଦେନ ପତ୍ର ଆଣି ॥
ଅନ୍ନ ବ୍ୟଞ୍ଜନ ଯେ ବାଢ଼ିଲେ । ଭୁଞ୍ଜ ବା ବୋଲି ଆରମ୍ଭିଲେ ॥
ପ୍ରଭୁ ଜାଣିଲେ ତାଙ୍କ ମନ । ବୋଇଲେ ଶୁଣ ହେ ରାଜନ ॥
ଆବର ପତ୍ରେକ ପକାଅ । ଭୁଞ୍ଜିବ ପରା ତୋର ପୁଅ ॥
ଶୁଣି ବୋଇଲେ କର୍ଣ୍ଣବୀର । କାହୁଁ ପାଇବ ପୁତ୍ର ମୋର ॥
ତୁମ୍ଭର ଦେଖୁଁ ଦେଖୁଁ ଏଥେ । ହାଣିଲି ପରା ମୋର ହସ୍ତେ ॥
ତା ମାଂସ କଲଇଁ ରନ୍ଧନ । ଆଉ କି ଅଛି ମୋ ନନ୍ଦନ ॥
ଶୁଣି ବୋଇଲେ ନରହରି । ଶୁଣ ତୁ କର୍ଣ୍ଣ ଦଣ୍ଡଧାରୀ ॥

ସର୍ବଦା ସାଧୁଙ୍କ ଚରଣ । ସେବାରେ ଥାନ୍ତି ପାଞ୍ଚଜଣ ॥
ଦୁଃଖୀ ଦରିଦ୍ରଙ୍କୁ ଦେଖିଲେ । ଦିଅନ୍ତି ଅନ୍ନ ବସ୍ତ୍ର ଭଲେ ॥
ଯୋଗୀ ସନ୍ନ୍ୟାସୀ ବ୍ରହ୍ମଚାରୀ । ବ୍ରାହ୍ମଣ ବୈଷ୍ଣବ ଭିକାରୀ । ୨୦ ॥
ଏମାନେ ପ୍ରବେଶିଲେ ଯେତେ । ନାହିଁ ନ ବୋଲେ କଦାଚିତେ ॥
ଗାର୍ହ୍ୟ ଅନୁକ୍ରମେ ଯେ ଦେଇ । ନ ଥିଲେ କହଇ ତନୟୀ ॥
ଦୁଆରୁ ନିରାଶ ହୋଇଣ । ଲେଉଟି ନାହିଁ ଏକଜଣ ॥
ଏମନ୍ତେ କେତେ ଦିନ ଗଲା । ତା କୀର୍ତ୍ତି ଜଗତେ ପୂରିଲା ॥
ଜାଣିଲେ ପ୍ରଭୁ ଭଗବାନ । ଝଡ଼ିବାପାଇଁ ତାର ମନ ॥
ମାୟା ସନ୍ନ୍ୟାସୀ ରୂପ ଧରି । ବିଜୟ କଲେ ନରହରି ॥
ହସ୍ତରେ ଦଣ୍ଡ କମଣ୍ଡଳ । ତୁଳସୀ ମାଳ ବକ୍ଷସ୍ଥଳ ॥
କଷାବସନ ପରିଧାନ । ସର୍ବାଙ୍ଗେ ବିଭୂତି ଭୂଷଣ ॥
ଏମନ୍ତ ବେଶେ ଦାମୋଦର । ମିଳିଲେ ଅବନ୍ତୀ ନଗର ॥
ତକ୍ଷକେ ଡାକି ଆଜ୍ଞା ଦେଲେ । ହେ ସର୍ପ ଯିବୁ ତୁ ବୋଇଲେ ॥
ଯେ ଘନବନ୍ଧୁ ଦାସ ପୁଅ । ତାକୁ ଦଂଶିବୁ ବେଗେ ଯାଅ ॥
ଆଜ୍ଞା ପ୍ରମାଣେ ସର୍ପ ଗଲା । ଦାସଙ୍କ ପୁତ୍ରକୁ ଦଂଶିଲା ॥
ତା ଜ୍ୟେଷ୍ଠ ପୁତ୍ର ପ୍ରାଣ ହାରି । ତତକ୍ଷଣେ ଗଲା ଯମପୁରୀ ॥
ଏଥି ଉତ୍ତାରୁ ମାତା ପିତା । ଜାଣିଲେ ପୁତ୍ର ମଲା କଥା ॥
ଭାଇ ଭାରିଯା ଆଦି ତାର । ବେଢ଼ିଲେ ଘେରି ପାରୁଶର ॥
ମୃତ ଦେହକୁ ପକାଇଣ । ଅନେକ କରନ୍ତି ରୋଦନ ॥
ନିଜ ସ୍ୱାମୀର ଗୁଣ ଗୁଣି । ଅନେକ କାନ୍ଦେ ସେ ତରୁଣୀ ॥
ମାତା ପୁତ୍ରର ଗୁଣମାନ । ଚିନ୍ତିଣ କରନ୍ତି ରୋଦନ ॥
ପିତା ଯେ ଅନେକ ପ୍ରକାରେ । ପୁତ୍ରକୁ ଧରି ଶୋକ କରେ ॥
ଆଦର ଭ୍ରାତା ଗୁଣ ଗୁଣି । କାନ୍ଦିଣ ଲୋଟଇ ଧରଣୀ ॥
ଏମନ୍ତେ ପରିଜନ ଯାକ । ଅନେକ କରୁଛନ୍ତି ଶୋକ ॥
ଏହି ସମୟେ ଦାମୋଦର । ପସରି ପସରି ଦାଣ୍ଡର ॥
ଲୀଳା ଛଳରେ ବିଜେ କଲେ । ଭକ୍ତର ଦ୍ୱାରେ ସେ ମିଳିଲେ ॥

ଏଡ଼େ ବିଶ୍ୱାସ ଅଛି ତୋର । କାହୁଁ ମରିବ ତୋ କୁମର ॥
ଆମ୍ଭେ ଯେ ଦେଉଛୁ କଲ୍ୟାଣ । ଲଭ ତୁ ଆପଣା ନନ୍ଦନ ॥
ତୋ ପୁତ୍ର ଚିରଜୀବୀ ହେଉ । ଅନ୍ତେ ଗୋବିନ୍ଦ ପାଦ ପାଉ ॥
ତୋ ରାଣୀ ତୁମ୍ଭ ବେନି ଜନ । ଲଭ ହୋ ବୈକୁଣ୍ଠ ଭୁବନ ॥
ଆମ୍ଭ କଲ୍ୟାଣେ ଏହା ହେଉ । ତୋ କୀର୍ତ୍ତି ଯୁଗେ ଯୁଗେ ରହୁ ॥
ଏବେ ତୁ ଯାଅ ବନ୍ଧୁଧାରୀ । ଡାକ ହୋ ପୁତ୍ର ନାମ ଧରି ॥
ରାଣୀ ସଙ୍ଗତେ ତୁମ୍ଭେ ଯାଅ । ଦେଖି ଆସିବ ତୁମ୍ଭ ପୁଅ ॥
ଶୁଣିଣ ରଜା ରାଣୀ ଗଲେ । ଶ୍ରୀକୃଷ୍ଣ ମାୟା ନ ଜାଣିଲେ ॥
ଡାକଲେ ଆସରେ କୁମର । ଭୁଞ୍ଜିବା ହେଉଛୁ ଉଚ୍ଚୁର ॥
ମାତା ପିତାଙ୍କ ଡାକ ଶୁଣି । ଧାଇଁ ଆଇଲା ପୁତ୍ରମଣି ॥
ପୁତ୍ର ଦେଖିଣ ବାପା ମାୟେ । ଆଇଲେ ଘେନିଣ ତନୟେ ॥
ଘରେ ପ୍ରବେଶ ହେଲେ ଯାଇଁ । ଦେଖିଲେ ବିପ୍ର ଆଉ ନାହିଁ ॥
ବିସ୍ମୟ ହେଲେ ମନେ ମନ । ନିଶ୍ଚୟେ ପ୍ରଭୁ ଭଗବାନ ॥
ସ୍ଥିର ପୁତ୍ରର ପାଇଁ ଚଳୁ । ଅମୂଲ୍ୟ ନିଧି ହରାଇଲୁ ॥
ଆନର ବୋଲେ କି ଏ କଥା । ମନର ଭାଏ କି ସର୍ବଥା ॥
ଏମନ୍ତ ବୋଲି ତିନଜଣ । ଚିନ୍ତେ ଚିନ୍ତିଲେ ନାରାୟଣ ॥
ପ୍ରଭୁ ଶୂନ୍ୟରେ ଡାକ ଦେଲେ । ମୁହିଁଟି ଶ୍ରୀହରି ବୋଇଲେ ॥
ଆଉ କେ ମାଗିଲେ ଭୋଜନ । ପୁତ୍ରକୁ ନ ଦେବୁ ମାରଣ ॥
ଶୂନ୍ୟ ଶବଦ ଏହା ଶୁଣି । ଆନନ୍ଦେ କର୍ଣ୍ଣ ଘାରମଣି ॥
ପୁତ୍ର ଭାରିଯା ତିନଜଣ । କେବଳ ଗୋବିନ୍ଦ ଭଜନ ॥
ଗଲେ ବୈକୁଣ୍ଠ ପୁରପତି । ଶୁଣ ହେ ମନୁ ନୃପନାଥ ॥
ଦାନର ମହିମା ଏମନ୍ତ । କେବଳ ଥିବ ଦୃଢ଼ଚିତ୍ତ ॥
ଏ ମନ ଚୈତନ୍ୟ ସମ୍ବାଦ । ଶୁଣନ୍ତେ ନ ଲାଗେ ପ୍ରମାଦ ॥
ଯେ ପ୍ରାଣୀ ଶ୍ରଦ୍ଧାରେ ଶୁଣିବ । ହେଲେ ତରିବ ଭବାର୍ଣ୍ଣବ ॥
ସୁଜନେ କୃଷ୍ଣ ଚିନ୍ତାକର । ଦେହ ସଂସାର ନୋହେ ଚିର ॥
ହରି ପଦାରବିନ୍ଦ ଚିତ୍ତ । ମୋ ଚିତ୍ତ ରହୁ ଭୃଙ୍ଗମତ ॥

ସୁଖ ଶ୍ରୀକୃଷ୍ଣ ପାଦ ଦୁଇ | ଅନ୍ୟ ଶରଣ ମୋର ନାହିଁ ||
ସାଧୁ ପାଦର୍ହି ନାମ ନାଦ | ମୋତେ ଏ ଦୁଇ ଆଜ୍ଞା ହେବ ||
ହେ ପ୍ରଭେ ଏତେ ମାଗ କର | ଶରଣ ଜନ୍ମେ ଜନ୍ମେ ମୋର ||

ଇତି ଶ୍ରୀ ଦାର୍ଢ୍ୟତାଭକ୍ତି ରସାମୃତେ ମନ ଚୈତନ୍ୟ
ସମ୍ବାଦେ କର୍ଣ୍ଣରାଜା ପୁତ୍ର ମୋକ୍ଷଣେ ନାମ ତୃତୀୟୋଽଧ୍ୟାୟଃ |

---

## ଚତୁର୍ଥ ଅଧ୍ୟାୟ

### ଦୀନବନ୍ଧୁ ଦାସ ସମ୍ବାଦ

### ମନ ଉବାଚ

ମନ ବୋଲଇ ଚଇତନ | ଶୁଣିଲି କର୍ଣ୍ଣର ବିଧାନ ||
ମୋର କଳୁଷ ଯେତେ ଥିଲା | ଶ୍ରବଣ ମାତ୍ରେ ଦୂରେ ଗଲା ||
କଳିଯୁଗରେ ଏହିମତେ | ତରି ତ ଯାଇଛନ୍ତି ଯେତେ ||
ଜାଣିଣ ଥିଲେ କହ କିଛି | ଶୁଣିବା ଶ୍ରଦ୍ଧା ମୋର ଅଛି ||
ତା ଶୁଣି ବୋଲେ ଚଇତନ | ଏବେ ତୁ ଶୁଣ ହୋ ସଜନ ||
କଳିଯୁଗର ଯେ ବ୍ୟବସ୍ଥା | ଅଶ୍ରୁତ ଅଗୋଚର କଥା ||
ଯାହା ଶୁଣିଛୁ ସାଧୁ ମୁଖୁ | ତାହା ମୁଁ କହିବି ତୁମ୍ଭଙ୍କୁ ||
ଅବନ୍ତି ନଗରେ ତା ଘର | ଜାତିରେ ଅଟେ ଦ୍ୱିଜବର ||
ନାମ ତା ଦୀନବନ୍ଧୁ ଦାସ | କୃଷ୍ଣ କଥାରେ ବଡ଼ ଆଶ ||
ହରି ଚରଣ ବିନା ଅନ୍ୟେ | ଶ୍ରଦ୍ଧା ନ ବଳେ ତାର ମନେ ||
ତାହାର ସୁତ ବେନଗୋଟି | ପତ୍ନୀର ନାମ ତା ମାଳତୀ ||
ଖଟିଛୁ ଏକ ବଧୂ ତାର | ସାଧବୀ ଚତୁରୀ ସୁନ୍ଦର ||
କୁଟୁମ୍ବ ପାଞ୍ଚଜଣ ତାର | ଏକକୁ ଆରକେ ଅନ୍ତର ||
ପ୍ରଭୁଙ୍କ ଯଶ ଗୁଣ ଯେତେ | ନିତ୍ୟେ ଚିନ୍ତନ୍ତି ହୃଦଗତେ ||
ସାଧୁଙ୍କ ମୁଖୁଁ ରସବାଣୀ | ନିରତେ କର୍ଣ୍ଣପୁଟେ ଶୁଣି ||
ବଦନେ ପ୍ରଭୁ ନାମ ଭଜି | ଅସତ୍ୟ ସଙ୍ଗ ଦୂରେ ତେଜି ||
ମିଥ୍ୟା ବଚନ ନ କହନ୍ତି | ନିରତେ ପରହିତେ ଥାନ୍ତି ||

ଡାକିଲେ ଦୀନବନ୍ଧୁ ଦାସ । ବହନ ଆସ ମୋର ପାଶ ॥
ଶୁଣିଲେ ଅପୂର୍ବ ବଚନ । ସମସ୍ତେ ଚେଇଁଲେ ବେଦନ ॥
ଦାସେ ତ୍ୱରିତେ ମୁଖ ଧୋଇ । ପ୍ରଭୁଙ୍କ ଆଗେ ହେଲେ ଯାଇଁ ॥
ଦେଖିଲେ ସନ୍ନ୍ୟାସୀ ଗୋସାଇଁ । ସାଷ୍ଟାଙ୍ଗେ ପ୍ରଣିପାତ ହୋଇ ॥
ଉଠି କପାଳେ କର ଦେଲେ । କି ଆଜ୍ଞା ହେଉଛୁ ବୋଇଲେ ॥
ପ୍ରଭୁ ବୋଇଲେ ଦାସେ ଶୁଣ । ଆମ୍ଭେ ତୋ ଆରତ ଶୁଣିଣ ॥
ତେଣୁ ଅଇଲୁ ତୋର ପାଶ । ସୁତତେ ମୋତେ ଦିଅ ଗ୍ରାସ ॥
ତା ଶୁଣି ଦୀନବନ୍ଧୁ ଦାସ । ବୋଇଲେ ପ୍ରଭୁ କ୍ଷଣେ ବସ ॥
ଆସନ ଦେଇ ଚଳିଗଲେ । ମନ୍ଦିରେ ପ୍ରବେଶ ହୋଇଲେ ॥
ପୁତ୍ର ଭାରିଯା ବଧୂ ଆଗେ । କହିଲେ ଅତ୍ୟନ୍ତ ସରାଗେ ॥
ଅତିଥି ଭୋଜନ ମାଗୁଛି । ଏଣେ ତ ପୁତ୍ର ମରିଅଛି ॥
ଦେବା କି ନାହିଁ ବୁଝିତରେ । ବହନ କହ ସର୍ବେ ମୋତେ ॥
ଶୁଣି ପୁତ୍ରାଦି ତିନିଜଣ । କହନ୍ତି ପିଅର ଆଗେଣ ॥
ମଲେତ ନ ଆସଇ ଆଉ । ଅତିଥି ସେବା ଆଗେ ହେଉ ॥
କରିଲେ ନଯାଉ ସନ୍ନ୍ୟାସ । ତା ଶୁଣି ଦୀନବନ୍ଧୁ ଦାସ ॥
ଅତ୍ୟନ୍ତ ଆନନ୍ଦ ହୋଇଲା । ମଶିଣା ଗୋଟିଏ ଆଣିଲା ॥
ମଲା ପୁତ୍ରକୁ ଶୁଆଇଲା । ବନ୍ଧନ କରି ଥୋଇଦେଲା ॥
ଗମ୍ଭୀରୀ ମଧ୍ୟେ ଲୁଚାଇଲା । ମନ୍ଥର ଲିପା ପୋଛା କଲା ॥
ସ୍ନାନାଦି ଶୁଚିମନ୍ତ ହୋଇ । ରନ୍ଧନ କଲେ ବେଗେ ଯାଇ ॥
ପ୍ରଭୁଙ୍କୁ ଡାକିଣ ଆଣିଲେ । ମନ୍ଦିରେ ପାଦ ପକାଇଲେ ॥
ଦିବ୍ୟ ଆସନେ ବସାଇଲେ । ଅନ୍ନ ବ୍ୟଞ୍ଜନ ପରଶିଲେ ॥
ଦେଖି ବୋଲନ୍ତି ଭଗବାନ । ଆମିଷ କରହେ ରନ୍ଧନ ॥
ନଷ୍ଟପ୍ରୁ ଲେଉଟି ମୁଁ ଯିବ । ଆମିଷ ବିନା ନ ଭୁଞ୍ଜିବ ॥
ତା ଶୁଣି ରନ୍ଧିଲେ ଆମିଷ । ବୋଇଲେ ସ୍ୱାମୀ ଭୁଞ୍ଜିବସ ॥
ଦେଖିଣ ବୋଇଲେ ଶ୍ରୀବତ୍ସ । ଏକ ପଙ୍କ୍ତିତ ବାଢ଼ିଅଛ ॥
ଗୃହରେ ଅଛ ଯେତେ ଜନ । ସମସ୍ତେ ନ କଲେ ଭୋଜନ ॥

ଆମ୍ଭେ ନ ଭୁଞ୍ଜୁ ଏକାହୋଇ । ଯାଉଛୁ ଅନ୍ନ ରଖ ତୁହି ॥
ଶୁଣି ଗୃହସ୍ଥେ ଠରଠର । ସମସ୍ତେ ହୃଦରେ ବସ୍ମୟ ॥
ଆମ୍ଭେ ଯଦ୍ୟପି ନ ଭୁଞ୍ଜିବା । ଅତିଥି ସେବା ନ ପାଇବା ॥
ଲେଉଟି ଯିବ ଏ ସନ୍ନ୍ୟାସ । ମନରେ ହୋଇଣ ନିରାଶ ॥
ଏମନ୍ତ ବିସ୍ମୟ ଚିତ୍ତରେ । ବାଢ଼ିଲେ ସ୍ୱରଙ୍କ ନିମନ୍ତେ ॥
ଆମିଷ ମାତ୍ର ନ ବାଢ଼ିଲେ । ଦେଖିଣ ସନ୍ନ୍ୟାସୀ ବୋଇଲେ ॥
ତୁମ୍ଭେ ନ ବାଢ଼ିଲ ଆମିଷ । ଏଥେ କି ଭଣଅଛ ବିଷ ॥
ଜାଣିଲୁ କପଟ ତୁମ୍ଭର । ବୋଲି ଉଠିଲେ ଚକ୍ରଧର ॥
ତା ଶୁଣି ଧାନବନ୍ଧୁ ଦାସ । ପୁତ୍ର ଭାରିଯା ଗଲ ପାଶ ॥
ଆପଣେ କଲେକ ବିଚାର । କି ବୁଦ୍ଧି କରିବା ଏଥର ॥
ତନୟ ମରିବା ଜାଣିଲେ । ଅତିଥି ନ ଭୁଞ୍ଜିବେ ଭଲେ ॥
ଏମନ୍ତ ବିଚାର କରିଣ । ବସିଲେ ଆମିଷ ଘେନିଣ ॥
ତାହାଙ୍କ ମନ ପ୍ରଭୁ ଜାଣି । ହସି ବୋଲନ୍ତି ତାଙ୍କୁ ପୁଣି ॥
ଶୁଣହୋ ଅନ୍ନଦାତା ତୁମ୍ଭ । ଗ୍ରାମରେ ପଶୁଛୁଁ ମୁହିଁ ॥
ତୋହର ବେନି ଗୋଟି ସୁତ । ଏକଇ ବଧୂ ତାତ ମାତ ॥
ଏମନ୍ତେ ଅଠ ପାଞ୍ଚଜଣ । କାହିଁ ତୋ ଆରପୁତ୍ର ଅଣ ॥
ତା ଶୁଣି ଧାନବନ୍ଧୁ ଦାସ । ହୃଦରୁ ଉଡ଼ିଲା ସାହସ ॥
କମ୍ପେ ଶରୀର ଥରହର । ବଦନୁ ନଇଲା ଉତ୍ତର ॥
ତା ଦେଖି ଚୈତନ୍ୟ ଗୋସାଇଁ । ବୋଲଇ ଭୟ କାହିଁପାଇଁ ॥
ମାୟା ନକର ସତ କହ । କାହିଁ ଅଛଇ ତୋର ପୁଅ ॥
ଶୁଣି କୁଟୁମ୍ବ ଗୃହଜନେ । ପଡ଼ିଲେ ଅତିଥି ଚରଣେ ॥
ହେ ସ୍ୱାମୀ ! ଶୁଣ ଏବେ ତୁମ୍ଭେ । ସ୍ୱରୂପ କହୁଅଛୁ ଆମ୍ଭେ ॥
ସର୍ପାଘାତରେ ପୁତ୍ର ମର । ଲୁଚାଇ ଥୋଇଛୁ ଗମ୍ଭୀରୀ ॥
ତାଶୁଣି ବୋଲନ୍ତି ଅଚ୍ୟୁତ । ଦେଖିଲେ ମରିବା ନା ସତ ॥
ଶୁଣିଣ ମାତା ପିତା ଗଲେ । ପୁତ୍ରକୁ ବହିଣ ଆଣିଲେ ॥
ମରିଣା ଗୋଟି ଦେଲେ ଫେଇ । ମଲା ପୁତ୍ର ଯେ ଅଛୁ ତହିଁ ॥

ଦେଖି ବୋଇଲେ ପୀତବାସ । ଶୁଣ ହେ ଘନବନ୍ଧୁ ଦାସ ॥
କେ ତୋହର ବୋଲେ ଜ୍ଞାନବନ୍ତ । ଜାଣିଲୁ ବଡ଼ ମନ୍ଦ ଭୂତ ॥
ମଲା ପୁତ୍ରକୁ ଗୃହେ ଥୋଇ । ବସିଛୁ ମାଛ ଭାତ ଖାଇ ॥
ଦାସେ ବୋଇଲେ ହେ ଗୋସାଇଁ । ତୁମ୍ଭଙ୍କୁ କ କହିବ ମୁହିଁ ॥
କେ ଅଟେ କାହାର କୁମର । କେ ଅଟେ କାହାର ପିଅର ॥
ଯେସନେ ଚୂତବୃକ୍ଷ ଥାଇ । ରହିଁ ବଉଳ ବଉଳଇ ॥
କେତେହେଁ କଢ଼ିରୁ ଝଡ଼ଇ । କେତେ ବା ଝଡ଼ିଣ ପଡ଼ଇ ॥
କେତେ ପାଚିଲା ଯାଏ ଡାଳେ । ଥାଇଣ ପଡ଼େ ବୃକ୍ଷତଳେ ॥
ଏମନ୍ତେ କେତେ ଝଡ଼ ଯାଇ । ତା ଭୁଲେ ବୃକ୍ଷନକ ଧାଇଁ ॥
ଏହି ପ୍ରକାରେ ଏ ସଂସାର । ବୃକ୍ଷରୁ ଫଳଇ ପ୍ରକାର ॥
ତାହାର ସୁଖେ ସେ ଝଡ଼ିଲା । ମୋର ଅତିଥି ସେବା ହେଲା ॥
ଏଥିରୁ ବଳ ଭାଗ୍ୟ କିସ । ଶୁଣି ହସିଲେ ପୀତବାସ ॥
ବୋଇଲେ ଦାସପତ୍ନୀ ଶୁଣ । ତୁମ୍ଭ ତ ବଡ଼ଇ କାରୁଣ ॥
ନହତ ପୁତ୍ରକୁ ପକାଇ । ବସିଛୁ ମାଛ ଭାତ ଖାଇ ॥
ଶୁଣି ଯୁବତୀ କହେ ଧୀର । ଯାହା ବୋଇଲେ ମୁନିବର ॥
ସ୍ୱରୂପ ଶୁଣ ହେ ଗୋସାଇଁ । ମୁଁ କେ ତମା ପୁତ୍ରକେ ଅଟଇ ॥
ଯେସନେ ଚକ୍ରୀ ଚକ୍ରଖଣ୍ଡ । ମୃତ୍ତିକା ଲଭି ଗଢ଼େ ଭାଣ୍ଡ ॥
କେ ଗଢ଼ୁ ଗଢ଼ୁ ଭାଙ୍ଗିଯାଇ । କେତୁ ପୋଡ଼ିବା ଯାଏ ଥାଇ ॥
ଯେବଣ ଭାଣ୍ଡ ଭାଙ୍ଗିଯାଇ । ତା ଭୁଲେ ଚକ୍ରୀ ନକ ଧାଇଁ ॥
ସେ ଭାଣ୍ଡ ଚକ୍ରୀ ମୁହିଁ ଶୁଣ । ଏ ସର୍ବ ଗୋବିନ୍ଦ ଭିଆଣ ॥
ଶୁଣି ଆନନ୍ଦ ହୃଷୀକେଶ । ଆର ପୁତ୍ରକୁ ଗଲେ ପାଶ ॥
ବୋଇଲେ ଶୁଣରେ କୁମର । ଏ ପର ଭ୍ରାତ ଅଟେ ତୋର ॥
ମୃତ ଦେହକୁ ତୁ ପକାଇ । ବସିଛୁ ମାଛ ଭାତ ଖାଇ ॥
ତୋଠାରୁ ନାହିଁ ବା ଅଜ୍ଞାନ । ତା ଶୁଣି ବୋଲଇ ନନ୍ଦନ ॥
ଶୁଣ ହେ ସନ୍ନ୍ୟାସୀ ଗୋସାଇଁ । ସେ ମୋର କେତେ ଜନ୍ମ ଭାଇ ॥
ମୁଁ ତାର କେମନ୍ତେ ସୋଦର । ଏ ସର୍ବ ମାୟାର ସଂସାର ॥

ଯେସନେ ହାଟେ ବଣିଜାର । ପସରା ବସାଇ ଅପାର ॥
ଏକଇ ଭ୍ରାତା ପ୍ରାପ୍ତ ହୋଇ । ବସିଣ ବକୁଥାନ୍ତି ତହିଁ ॥
ବ୍ୟାପାର ସରଇ ଯାହାର । ସେ ବାହୁଡ଼ଲେ ତାର ପୁର ॥
ଯାହାର ସରିଣ ନ ଥାଇ । ସେ ନକ ତାର ସଙ୍ଗେ ଯାଇ ॥
ସେହି ପ୍ରକାରେ ଏ ସଂସାର । ତାହାର ମୋହର ବ୍ୟାପାର ॥
ବ୍ୟାପାର ସରିଲା ସେ ଗଲା । ମୋର ଅଛଥି ସେବା ହେଲା ॥
ଶୁଣି ସାନନ୍ଦ ଦୟାନିଧି । ବୋଇଲେ ଧନ୍ୟ ଏହା ବୁଦ୍ଧି ॥
ତାହାର ବୋହୂକୁ ଡାକିଲେ । ଶୁଣ ଗୋ କୁମାରୀ ବୋଇଲେ ॥
ଏ ପର ସ୍ୱାମୀ ଅଟେ ତୋର । ତୁ ପର ଭାରିଯା ତାହାର ॥
ନିଜ ପତି ଯେ ତୋର ମଲା । ବିଧବା ଯୋଗ ତୋର ହେଲା ॥
ମୃତ ପିଣ୍ଡକୁ ଘରେ ଥୋଇ । ଆମିଷ ଭୁଞ୍ଜି ଲେଉଡ଼ୁ ଭୁଞ୍ଜ ॥
ଧିକ ତୋ ଜ୍ଞାନବନ୍ତ ପଣ । କୁମାରୀ ବୋଲେ ପ୍ରଭୁ ଶୁଣ ॥
କେହୁ ଅଟଇ କାହା ଭର୍ତ୍ତା । କେ ପୁଣି କାହାର ବନିତା ॥
ଯେସନେ ଘୋର ବୃଷ୍ଟି କାଳେ । ନଦୀ ପୂରିଣ ବହେ ଜଳେ ॥
ବନସ୍ତ କାଠ ଖଣ୍ଡ ଦୁଇ । ମିଶିଣ ଭାସି ଯାଉଥାଇ ॥
କେତେହେଁ ଦୂରେ ଭାସି ଯାନ୍ତି । ଲତାଏ ଉହାଡ଼ନ୍ତି ପଥେ ॥
ତହୁଁ ଗୋଟିଏ ଲାଗି ରହି । ଆରେକ ଛିଣ୍ଡି ଭାସିଯାଇ ॥
ଯେବଣ କାଠ ଭାସିଯାଇ । ଆରେକ କାଠ କି ଗୋଡ଼ାଇ ॥
ସେହି ପ୍ରକାରେ ଏ ସଂସାର । ଗୋବିନ୍ଦ ଲୀଳା ଖେଳଘର ॥
ବିନା ଅର୍ପିତେ ସେହି ଗଲା । ମୋର ଅଛଥି ସେବା ହେଲା ॥
ଶୁଣି ବୋଲନ୍ତି ଭଗବାନ । ଧନ୍ୟ ଏ ବ୍ରତିଙ୍କର ମନ ॥
ଏହାଙ୍କ ପରାପ୍ତେ ହୋଇଣ । ନ ଥିବେ ବ୍ରହ୍ମାଣ୍ଡ ମଧ୍ୟେଣ ॥
ଏମନ୍ତ ବୋଲି ନରହରି । ଜଳ ତୁଳସୀ କରେ ଧରି ॥
ମୃତର ମୁଖରେ ସିଞ୍ଚିଲେ । ଉଠରେ କୁମର ବୋଇଲେ ॥
ତତକ୍ଷଣେ କୁମର ଉଠିଲା । ଗୋବିନ୍ଦ ଚରଣେ ଲୋଟିଲା ॥
ପ୍ରଭୁ ବୋଇଲେ ଆରେ ସୁତ । ମୁଁ ତ ଦେଖିଲି ଅପଘାତ ॥

ଦେଖି ତୋ ଜନନୀ ପିଅର । ଆଦର ପତ୍ନୀ ସହୋଦର ॥
ତୋର ଅର୍ଜନେ କରି ଆଶ । ଖଟିଣ ଥାନ୍ତି ତୋ'ର ପାଶ ॥
ଏବେ ତୋ ମୃତ୍ୟୁକାଳ ଦେଖି । ଗୁପତ କରି ତୋତେ ରଖି ॥
ବସିଲେ ମାଛ ଭାତ ଖାଇ । କେତ୍ନେ ଏହାଙ୍କ ଘରେ ଭୁଞ୍ଜ ॥
ହୋଇଣ ଅନ୍ଧୁରେ ନନ୍ଦନ । ଧିକ ଏ ତୋହର ଜୀବନ ॥
ତା ଶୁଣି କୁମର ବୋଲଇ । ଶୁଣହେ ସନ୍ନ୍ୟାସୀ ଗୋସାଇଁ ॥
କେ କାର ଜନନୀ ପିଅର । କେ କାର ଭ୍ରାତା ସହୋଦର ॥
କେ କାର ଅଟଇ ଯୁବତୀ । କେ ପୁଣି ଅଟେ କାହା ପତି ॥
ମିଥ୍ୟା ଅଟଇ ଏ ସଂସାର । କେହ୍ନିତ ନୁହଇ କାହାର ॥
ଯେସନେ ଘୋର ଗ୍ରୀଷ୍ମକାଳେ । ପଥରେ ପଥିକ ସକଳେ ॥
ପାଞ୍ଚ ପଚାଶ ଯାଉଛନ୍ତି । ବାଟରେ ବୃକ୍ଷେକ ଦେଖନ୍ତି ॥
ଏକ ବୃହତ ପ୍ରାପ୍ତେ ହୋଇ । ବସନ୍ତି ତାହା ତଳେ ଯାଇ ॥
ଶ୍ରମ ସାରିଲେ ଯେଝାମତେ । ଚଳନ୍ତି ବୃକ୍ଷ ଥାଇ ପଥେ ॥
ସେହ୍ନି ପ୍ରକାରେ ଏ ସଂସାରେ । ଋଣାନୁ ବନ୍ଧନ ବେଭାରେ ॥
ଏଥିକୁ ଶ୍ରୀକୃଷ୍ଣ ଭଜନ । ସାଧୁଙ୍କ ସେବା ପ୍ରତିଦିନ ॥
କରି ବଞ୍ଚଇ ଯେଉଁ ନର । ଧନ୍ୟ ଜୀବନ ବୋଲି ତାର ॥
ପୁଣି ବୋଇଲେ ନାରାୟଣ । ଧନ୍ୟ ଏ ଅଟେ ପାଞ୍ଚଜଣ ॥
ଜୀବନ୍ତେ ସୁଖୀ ହୋଇଥାଅ । ଅନ୍ତେ ଶ୍ରୀହରି ପାଦ ପାଅ ॥
ଏମନ୍ତ ଆଜ୍ଞା ଦେଲେ ପୁଣି । ଅତି ଆନନ୍ଦେ ପାଞ୍ଚପ୍ରାଣୀ ॥
ଅଭୟ ପଦ୍ମପାଦ ତଳେ । ସର୍ବେ ପଡିଲେ ଏକାବେଳେ ॥
ପ୍ରଭୁ ଅଭୟ କରଦେଲେ । ଅଭୟ ହୁଅରେ ବୋଇଲେ ॥
ଆମ୍ଭେଟି ଜଗତ ଜୀବନ । ବୋଲି ହୋଇଲେ ଅନ୍ତର୍ଦ୍ଧାନ ॥
ତକ୍ଷଣେ ଉଠି ପାଞ୍ଚଜଣ । ଦେଖିଲେ ନାହାନ୍ତି ଆପଣ ॥
ବୋଇଲେ ବସ୍ତ୍ରାନ୍ତ ଠାକୁର । ଏତେକ ନିଷ୍ଠୁର ହୃଦ ତୋର ॥
ଦେଖାଇ ନିଧି ହରିନେଲୁ । ନେତ୍ର ପିଣ୍ଡିକ ନ ଦେଖିଲୁ ॥
ଯା ମାୟା ଦେବେ ଅଗୋଚର । ଆମ୍ଭେ ବା କେତେକ ମାତର ॥

ହେଲେ ତୋ କୃପାପାତ୍ର ଥାଉଁ । ଅଧିକ କି କହିବା ଆଉ ॥
ସାଧୁଙ୍କ ସଙ୍ଗେ ଦିନ ନେଲେ । ପରମ ପଦ ସେ ଲଭିଲେ ॥
କହଇ ଚଇତନ୍ୟ ଧୀରେ । ମନ ନୃପତିର ଆଗରେ ॥
କଳିଯୁଗର ଭକ୍ତବାଣୀ । ଶୁଣି ପବିତ୍ର ହୁଅ ପ୍ରାଣୀ ॥
କହଇ ଦୀନବନ୍ଧୁ ଦାସ । ସାଧୁ ଚରଣେ ମୋର ଆଶ ॥
ଶ୍ରୀରାମ ଶ୍ରୀକୃଷ୍ଣ ଶ୍ରୀହରି । ମୁକୁନ୍ଦ ମାଧବ ମୁରାରି ॥
ଭଜ ଗୋବିନ୍ଦ ଆନନ୍ଦକନ୍ଦ । ଦୀନବାନ୍ଧବ ସଦାନନ୍ଦ ॥
ଅନନ୍ତ ଅଚ୍ୟୁତ ଶ୍ରୀବତ୍ସ । ନାମ ଗୋଟିକ କୋଟି ମୋକ୍ଷ ॥
ଏ ନାମ ଭଜି ଜୀବ ଯାଉ । ହେ ପ୍ରଭୁ ! ଏହି ଆଜ୍ଞା ଦେଉ ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତିରସାମୃତେ ମନ ଚୈତନ୍ୟ ସମ୍ବାଦେ
ଦୀନବନ୍ଧୁ ଦାସ ଦୃଢ଼ଭକ୍ତିଭାବ ବର୍ଣ୍ଣନେ
ନାମ ଚତୁର୍ଥୋଽଧ୍ୟାୟଃ ।

—:0:—

## ପଞ୍ଚମ ଅଧ୍ୟାୟ

### ଦାମୋଦର ଦାସ ସମ୍ବାଦ

ମନ ବୋଇଲେ ଚଇତନ । କହିଲ ପୂର୍ବର ବଚନ ॥
କଳିଯୁଗର ଭକ୍ତବାଣୀ । କୃତାର୍ଥ ହେଲି ତାହା ଶୁଣି ॥
ଯେସନେ କ୍ଷୁଧାତୁର ଜନ । ପାଇଲେ ଦୁର୍ଲଭ ଭୋଜନ ॥
ଅଳପେ ନ ତୋଷଇ ମନ । ତେସନ ହେଲା ମୋ ଜୀବନ ॥
ଆହୁରି କେତେ ଏହିପରି । କଳିଯୁଗରେ ଗଲେ ତରି ॥
ସମସ୍ତ କହ ମୋର ପାଶ । ମୋ ହୃଦୁଁ କଳୁଷ ବିନାଶ ॥
ଚୈତନ୍ୟ ବୋଲେ ତାହା ଶୁଣି । ଶୁଣ ହେ ମନ ନୃପମଣି ॥
କାଞ୍ଚି ନଗରେ ତାର ବାସ । ନାମ ତା ଦାମୋଦର ଦାସ ॥
ଜାତିରେ ଅଟଇ ବ୍ରାହ୍ମଣ । ପତ୍ନୀ ସହିତେ ବେନିଜଣ ॥

ପୁଣ ଦୁହିତା ତାର ନାହିଁ । ଭିକ୍ଷା ମାଗିଣ ସେ ବଞ୍ଚଇ ।
ଅତି ଦରିଦ୍ର ତା ଜୀବନ । ନାହିଁ ତା ବାଡ଼ ବୃତ୍ତି ମାନ ।
ସଂସାରେ ଯେତେ ଦେହଧାରୀ । ତା ଠାରୁ ନ ଥିବେ ଭିକାରୀ ।
ପ୍ରଭାତୁ ସ୍ନାହାନ ସାରଇ । ଦ୍ୱାଦଶ ତିଳକ ଘେନଇ ।
ମୁଣ୍ଡେ ତୁଳସୀଦଳ ଭରି । ତୁଣ୍ଡେ ବୋଲଇ ରାମହରି ।
ଭିକ୍ଷାର ଅର୍ଥେ ସେ ନଗରେ । ବୁଲି ମାଗଇ ଦ୍ୱାରେ ଦ୍ୱାରେ ।
ଏମନ୍ତ ବୁଲେ ଦଶଦିଶେ । ଦିବସ ଶେଷେ ଘରେ ଆସେ ।
ଯା କିଛି ତାକୁ ମିଳିଥାଇ । ପ୍ରାଣ ପୋଷଇ ତାହା ଖାଇ ।
କି ଅବା ଦଇବ ଯୋଗରେ । ଅତିଥେ ମାଗିଲେ ଦୁଆରେ ।
ଅଧେକ ଖାଇ ଅଧେ ଦ୍ୟନ୍ତି । ଚିନ୍ତା ନ ଥାଏ ତାଙ୍କ ମତି ।
କି ଅବା ଦୁର୍ଭିକ୍ଷ ଭିକାରୀ । ଆସି ମିଳିଲେ ପାଞ୍ଚଚାରି ।
ସମସ୍ତ ଦେଇ ତାଙ୍କ ପାଶେ । ଆପେ ରହନ୍ତି ଉପବାସେ ।
ଏମନ୍ତ ବଞ୍ଚୁଥାଇ ଦିନ । କରଣ ଗୋବିନ୍ଦ ଭଜନ ।
ସକଳ ଜୀବ ଦୟାଯୁକ୍ତ । ନ ଶୁଣେ ପର ଅପବାଦ ।
ନିରତେ ପ୍ରାଣୀଙ୍କ ମଙ୍ଗଳ । ବାଞ୍ଛା କରଇ ବଞ୍ଚେ କାଳ ।
ଏମନ୍ତେ କେତେ କାଳ ଗଲା । ତା କାହିଁ ଜଗତେ ପଡ଼ିଲା ।
ଜାଣିଲେ ପ୍ରଭୁ ଚକ୍ରଧର । ଛଡ଼ିବା ପାଇଁ ସତ୍ୟ ତାର ।
ତତକ୍ଷଣେ ପ୍ରଭୁ ପୀତବାସ । ମାୟାରେହେଲେ ଯୋଗୀବେଶ ।
ସର୍ବାଙ୍ଗେ ବିଭୂତି ଭୂଷଣ । କଣ୍ଠେ ରୁଦ୍ରାକ୍ଷମାଳା ମାନ ।
ମସ୍ତକେ ଶୋଭେ ଜଟାଭାର । କର୍ଣ୍ଣରେ ଚମ୍ବାର କୁଣ୍ଡଳ ।
ଚମ୍ବା ଗୁଡିଲେ ଧରି କରେ । ଚାଲନ୍ତି ଅତି ଧୀରେ ଧୀରେ ।
ଅତି ଦୁର୍ବଳ ବୃଦ୍ଧଦେହୀ । ଚାଲିପିବାକୁ ଶକ୍ତି ନାହିଁ ।
ଏମନ୍ତ ବେଶେ ଦାମୋଦର । ମିଳିଲେ ଦାସଙ୍କ ମନ୍ଦିର ।
ତେଣେ ଯେ ଦାସ ବୁଲି ଦେଶ । ଆସିଛି ହୋଇଣ ନିରଶ ।
କାହିଁ ନ ପାଇ ଭିକ୍ଷା କିଛି । ଉପବାସରେ ଶୋଇଛନ୍ତି ।
ସ୍ୱାମୀ ଭାରିଯା ଦୁଇଜଣ । କ୍ଷୁଧାରେ ବିକଳ ହୋଇଣ ।

ଚିନ୍ତି ଶ୍ରୀହରି ପାଦ ଦୁଇ । ନେତ୍ରୁ ଲୋତକଧାରା ବହି ॥
ହେ ପ୍ରଭୁ ଦୀନଜନ ବନ୍ଧୁ । ନାମ କରୁଣାମୟ ସିନ୍ଧୁ ॥
ଅଭୟ ରକ୍ଷଣ ତୋ ବାନା । ଭକ୍ତ୍ୟ ଦୁଃଖର ବଜ୍ରସେନା ॥
ଦୁର୍ଜ୍ଜନ ମଣ୍ଡୂକର ଫଣୀ । ଜଗତ ଜନ ଚିନ୍ତାମଣି ॥
ଗର୍ବିତ କରୀର କେଶରୀ । ସକଳ ଜୀବେ ଅଧିକାରୀ ॥
ତେଣୁ ଶରଣ ଗଲି ତୋତେ । ଆତଙ୍କୁ ରକ୍ଷାକର ମୋତେ ॥
ଏତେ କହୁଁର ସମସ୍ତରେ । ଯେବେ ଅତିଥି ମୋର ଦ୍ୱାରେ ॥
ଆସିଣ ହୋଇବେ ପ୍ରବେଶ । ତାହାଙ୍କୁ ଦେବ ମୂର୍ତ୍ତି ଦିଶ ॥
ଏମନ୍ତ ବୋଲି ଚିନ୍ତାକର । ଦ୍ୱାରେ ଡାକିଲେ ନରହରି ॥
ବୋଲଇ କେହୁ ଅଛ ଘରେ । ଆମ୍ଭେ ଅତିଥି ତୋ ଦୁଆରେ ॥
ଶୁଣିଣ ଦାମୋଦର ଦାସ । ମିଳିଲା ମହାଯୋଗୀ ପାଶ ॥
ପ୍ରଭୁଙ୍କୁ କରି ନମସ୍କାର । ବୋଇଲେ ଦ୍ୱିଜ ଦାମୋଦର ॥
ହେ ସ୍ୱାମୀ କମାଇଁ ଆଗତ । ମିଥ୍ୟା ନ କହି କହ ସତ୍ୟ ॥
ଶୁଣି ବୋଲନ୍ତି ଚକ୍ରଧର । କୀରତ୍ତି ଶୁଣିଲୁ ତୋହର ॥
ଆସିଲୁ ଭୋଜନ ନିମନ୍ତେ । ଦେବ କି ନାହିଁ କହ ମୋତେ ॥
ତା ଶୁଣି ଦାମୋଦର ଦାସ । ବୋଇଲେ ଦଣ୍ଡେ ମାତ୍ର ବସ ॥
ଅତିଥି ବସାଇ ଚଳିଲେ । ପତ୍ନୀର ପାରୁଶେ ମିଳିଲେ ॥
ବୋଇଲେ ଶୁଣସି ଗୋ ସତୀ । ଅତିଥି ଭୋଜନ ମାଗଇ ॥
ଏଥିକୁ କହ କି ବିଚାର । ତା ଶୁଣି କହେ ପତ୍ନୀ ତାର ॥
ହେ ସ୍ୱାମୀ ମୋତେ କି ପଚାର । ତୋତେ କି ଅଛଇ ଉବାର ॥
ଘର ବିକିଲେ ସବୁ ଚୋର । ନୋହିବ ପଣେ କଉଡ଼ିର ॥
ବସ୍ତ୍ର ଗୋଟିଏ ଥିଲେ ଘରେ । ବିକ୍ରୟ କରନ୍ତି ବାହାରେ ॥
ଆଜ କି ଅଛି ତୁମ୍ଭ ଘରେ । ହେ ସ୍ୱାମୀ କହ ମୋ ଆଗରେ ॥
ପତ୍ନୀର ମୁଖୁ ଏହା ଶୁଣି । ବେନି ନୟନୁ ବହେ ପାଣି ॥
ଦ୍ୱାରୁ ଅତିଥି ଲେଉଟିବ । ଏ ପାପୀ ଜୀବ କିମ୍ପା ଥିବ ॥
ସ୍ୱାମୀର ମୁଖ ଏ ବଚନ । ଶୁଣିଣ ଯୁବତୀ ରତନ ॥

ଅତି ଆରତେ ସେ ତରୁଣୀ । ଚିନ୍ତିଲ ପ୍ରଭୁ ଚକ୍ରପାଣି ।
ଆତଙ୍କ ଫେଡ ହେ ଆମ୍ଭର । ବୋଲି ଚିନ୍ତିଲ ଚକ୍ରଧର ।
ମୋ ସ୍ୱାମୀ ନୁହ ହେ ଆରତ । ଆମ୍ଭର ପ୍ରଭୁ ଜଗନ୍ନାଥ ।
ଅବଶ୍ୟ ମିଳିବ ଭୋଜନ । ଏବେ ହୋ ମୋହଠାରୁ ଶୁଣ ।
ନାପିତ ଗୃହେ ଯାଇଁ କଲ୍ୟ । ବନ୍ଦନ ଆଣ ହେ କସ୍ତୁରି ।
ତା ଶୁଣି ଦାମୋଦର ଦାସ । ମନରେ ହୋଇଣ ହରଷ ।
ନାପିତ ଦ୍ୱାରେ ବେଗେ ଗଲେ । କସ୍ତୁରୀ ବନ୍ଦନ ଆଣିଲେ ।
ଦେଲ ତା ପତ୍ନୀର ହସ୍ତର । ବୋଇଲ କି କରିବୁ କର ।
ଶୁଣି ଯୁବତୀ ହସ ହସଂ । ବୋଇଲ ଦେଖ ମୋର କେଶ ।
ଅଛେକ ପକାଅ କସ୍ତୁରୀ । ବସିଣ ବଳିବା ଚଉଁରୀ ।
ସତ୍ୱରେ ନେଇ ବଳଆଣି । ସେବିବା ଅତିଥି ଚରଣ ।
ଶୁଣି ଆନନ୍ଦ ହେଲେ ଦାସେ । ପତ୍ନୀକି ବସାଇଣ ପାଶେ ।
ସ୍ୱଶିରଗରୁ କେଶ ଥୋଇ । ମଧ୍ୟ ଧରିଲେ ମୁଠିଆଇ ।
ସମୂଳ କରିଣ କସ୍ତୁରୀ । ବସିଣ କଳରେ ଚଉଁରୀ ।
ତତକ୍ଷଣେ ଗ୍ରାମକୁ ଯାଇଣ । ଦିକ ଆଣିଲେ ପାଞ୍ଚପଣ ।
ସରୁ ଚାଉଳ ମୁଗଡାଇ । ଘୃତ ନବାତ ଦୁଧ ଦହି ।
ନାନାଦି ଦ୍ରବ୍ୟ କିଣିଆଣି । ରନ୍ଧନ କଲେକ ତରୁଣୀ ।
ଡ଼ାକଆଣିଲେ ନାରସ୍ଥୂଣ । ଆନନ୍ଦେ ଧୋଇଲେ ଚରଣ ।
ପ୍ରଭୁଙ୍କ ପାଦପଦ୍ମ ବାରି । ସୁଖେ ସେବିଲେ ନରନାରୀ ।
ଥୋକାଏ ମସ୍ତକେ ସିଞ୍ଚିଲେ । ମହା ଆନନ୍ଦ ଦୁହେଁ ହେଲେ ।
ଦେଖ ମହା ଭାଗ୍ୟ ତାହାଙ୍କର । ଯାହା ନ ପାଏ ଦେବବର ।
ଚୌଷଷ୍ଠି କୋଟି ଗଙ୍ଗାଜଳ । ଧୋଇଣ ଥିଲ କମଣ୍ଡଳ ।
ଯେବଣ ଚରଣେ ଢାଳିଲ । କିଞ୍ଚିତ ମାତ୍ର ନ ପାଇଲ ।
ଭବକୁ ନିକଟ ଗୋସାଇଁ । ଅଭାବ ଲୋକେ ଭେଟନାହିଁ ।
ପିଢ଼ା ଖଣ୍ଡିଏ ରଖିଦେଲେ । ତହିଁ ଅତିଥି ବସାଇଲେ ।
ଆପଣେ ଦାସ ପତ୍ନୀଗଲେ । ଅନ୍ନ ବ୍ୟଞ୍ଜନ ପରଶିଲେ ।

ଗୋବିନ୍ଦ ଭୁଞ୍ଜିଲେ ହରଷେ । ବୋଇଲେ ଶୁଣ ଆହେ ଦାସେ ॥
ଆଉ କି ଅନ୍ନ କିଛି ଅଛି । ତା ଶୁଣି ଗଲା ସେ ମୃଗାକ୍ଷୀ ॥
ବାକି ଯେତେକ ଅନ୍ନ ଥିଲା । ପ୍ରଭୁଙ୍କ ପତେ ପରଷିଲା ॥
ଭୁଞ୍ଜି ଉଠିଲେ ଭାବଗ୍ରାହୀ । ବସିଲେ କଷାଫଳ ଖାଇ ॥
ଦୁହେଁ ଅଛନ୍ତି ଉପବାସ । କେ ଜାଣୁ ତାହାଙ୍କ ହରଷ ॥
ପ୍ରଭୁ ବିଚାରୁଛନ୍ତି ମନ । ଧନ୍ୟ ଏ ଦୁହିଁଙ୍କ ଜୀବନ ॥
ଭଙ୍ଗା କୁଡ଼ିଆ ଅଛି ରହି । ନେଙ୍ଗଡ଼ା କନାଠାରୁ ନାହିଁ ॥
ବୋଇଲେ ଅନ୍ନ ନାହିଁ କିଛି । ଆପଣେ ଉପବାସ ଅଛି ॥
କେଶ କାଟିଣ ମୋତେ ଦେଲେ । ଆନ କେ ଲକ୍ଷ ଏହା କୁଳେ ॥
ଏମନ୍ତ ବୋଲି ନାରାୟଣ । ବାସକୁ ପାଶକୁ ଯାଇଣ ॥
ଦେଖ ହେ ରଜନୀ ଆଗତ । ଯିବି ନପାରେ ହେ ଭକତ ॥
ଏ ଉଳ ଅନ୍ନ ମୋତେ ଦେବୁ । ପ୍ରଭାତୁ ଆମ୍ଭେ ଚଳିଯିବୁ ॥
ତା ଶୁଣି ଦାମୋଦର ଦାସ । କହିଲେ ନିଜ ନାରୀପାଶ ୧୦୦ ॥
ଆଜ୍ଞା ଲଗା ଅତିଥି ରହିଲେ । ଯିବା ଶକ୍ତି ନାହିଁ ବୋଲେ ॥
ଶୁଣି ଯୁବତୀ କହେ ଧୀର । କମ୍ପାଇ ଚିନ୍ତା ହୋ ଆମ୍ଭର ॥
ବାକି ଯେତେକ କେଶ ଅଛି । ସେ ସବୁ କାଟି ନିଅ ପୋଛି ॥
ସ୍ୱାମୀ ତା ଶୁଣିଣ ଆନନ୍ଦ । ମୁଖ ବିକାଶେ ପୂର୍ଣ୍ଣଚନ୍ଦ୍ର ॥
ଯେତେକ କେଶ ବାକି ଥିଲା । ସବୁ କତୁରୀ ପକାଇଲା ॥
ନାରୀ ତାହାର ଲଣ୍ଡାମୁଣ୍ଡେ । ବାନ୍ଧିଲା ଛିଣ୍ଡା କନା ଖଣ୍ଡେ ॥
ସ୍ୱାମୀ ହାରଯା କସିକଟି । ଆନନ୍ଦେ ବଳିଲେ ଚଉଁରୀ ॥
ପୁଣି ବିକିଲେ ପାଞ୍ଚପଣ । ନାନାବିଧ ପଦାର୍ଥ କିଣିଣ ॥
ଘରେ ରନ୍ଧଣା ତାହା କଲେ । ସବୁ ଗୋବିନ୍ଦେ ସମର୍ପିଲେ ॥
କୃଷ୍ଣ ସମସ୍ତ ଦେଲେ ଖାଇ । କହିବାଠାରେ ଦୟା ନାହିଁ ॥
ଭୋଜନ ସାରି ଭାବଗ୍ରାହୀ । ତୃଣ ଗୁଡ଼ିଏ ପାରି ଶୋଇ ॥
ଯାର ଆସନ ନାଗରାଜ । ଆବର ବନିତା ଆମ୍ଭଜ ॥
ମୁନିଙ୍କ ହୃଦୟସ୍ଥ କମଳ । ରୁଦ୍ର ଦେବତା ବକ୍ଷସ୍ଥଳ ॥

ସେ ପୁଣି ଭକତ ଘରେ । ଶୋଇଲେ ତୃଣ ଶଯ୍ୟାପରେ ॥
ଏହି ସମୟେ ଦାସେ ଗଲେ । ପ୍ରଭୁଙ୍କ ଚରଣ ଛୁପିଲେ ॥
ତତ୍ପଣେନ୍ତ୍ର କରେ ଧରି । ହରିଙ୍କି ବାନ୍ଧିଲେ ସୁନ୍ଦରୀ ॥
ବୈକୁଣ୍ଠ ସୁଖ ପ୍ରାପ୍ତେ ମଣି । ଘରେ ଶୋଇଲେ ଚକ୍ରପାଣି ॥
ପ୍ରଭୁଙ୍କ ନିଦ୍ରା ଯିବା ଜାଣି । ସ୍ୱାମୀକି ବୋଲଇ ତରୁଣୀ ॥
ଅତ୍ୟନ୍ତ ବୃଦ୍ଧ ଏ ଅତିଥି । କେମନ୍ତେ ଚଳିବେଟି ପଥ ॥
ତୁମ୍ଭେ ପ୍ରଭାତୁ ମାଗିଯିବ । ଯେ ଅନ୍ନ ଭାଗ୍ୟରେ ମିଳିବ ॥
ତାହା ଏହାଙ୍କୁ ସମର୍ପିବା । ଆମ୍ଭେ ପଛକେ ଭୋକେ ଥିବା ॥
ଦାସେ ବୋଇଲେ ହେଉ ହେଉ । ତାହା ଜାଣିଲେ ମହାବାହୁ ॥
ଦୁହିଁଙ୍କ ଭାବ ଦେଖି ଭୋଳା । ହେଲେ ସେ ଶ୍ୱେତ ପଦ୍ମତୋଳା ॥
ଅଧିକ ନ ପାରିଲେ ସହି । ଦୁହିଁଙ୍କ ନିଦ୍ରାଗତେ ମୋହି ॥
ଏହି ସମୟେ ଭାବଗ୍ରାହୀ । ଉଠିଲେ ଅତି ବେଗ ହୋଇ ॥
ସେ ପତି ପତ୍ନୀ ଜାଣ ଦୁଇ । ଚରଣ ତଳେ ଥିଲେ ଶୋଇ ॥
ଝାଙ୍କର ମୁଣ୍ଡେ ହସ୍ତ ଦେଲେ । କେଶ ତୋ ଜଅଁଳୁ ବୋଇଲେ ॥
ନାନା ରତନ ଅଳଙ୍କାରେ । ପୂରୁ ତୋ ସର୍ବାଙ୍ଗ ଯାକରେ ॥
ଷୋଡ଼ଶୀତନୁ ତୋର ହେଉ । ଘରେ ତୋ ଧନ ପୂରିଥାଉ ॥
ଜୀବନ୍ତେ ସୁଖୀ ହୋଇଥାଅ । ଅନ୍ତେ ବୈକୁଣ୍ଠ ଗତି ପାଅ ॥
ଏମନ୍ତେ ଆଜ୍ଞା ତାଙ୍କୁ ଦେଲେ । ଶ୍ରୀହରି ଅନ୍ତର୍ଦ୍ଧାନ ହେଲେ ॥
ଏଥି ଉତ୍ତାରୁ ନିଶୀ ଶେଷ । ଦିବସ ହେଲା ପରବେଶ ।
ଅବଳା ନିଦ୍ରା ତେଜି ଉଠି । କେଶ ତା ପଦଯାଏ ଲୋଟି ।
ସର୍ବାଙ୍ଗେ ଅଳଙ୍କାରମାନ । ମନ୍ଦିରେ ପୂରିଅଛି ଧନ ॥
ଦେଖି ତା ଆଚମ୍ବିତ ନାରୀ । ସ୍ୱାମୀର ଭୁଜ ତୋଳି ଧରି ॥
ବୋଇଲେ ବେଗେ ଶୁଣ ନାଥ । କେଣିକି ଗଲେ ସେ ଅତିଥି ॥
ମନ୍ଦିର ଦେଖ ହୋ ସତ୍ୱର । ସେ ନୋହେ ମନୁଷ୍ୟ ଶରୀର ॥
ତା ଶୁଣି ଦାସେ ବେଗେ ଉଠେ । ନିଜ ଘରକୁ ଦେଲେ ଦୃଷ୍ଟି ॥
ନାନାଦି ଧନ ଅଛି ପୂରି । ପତ୍ନୀ ତା ରୂପେ ଅପସରୀ ॥

ଅଙ୍ଗେ ପୂରିଛୁ ଅଳଙ୍କାର । କେଶକୁଁ ନେଇଛୁ ପର୍ଯ୍ୟର ।।
ତା ଦେଖି ବିସ୍ମରଇ ମନ । ନମସ୍ତେ ସେ ପ୍ରଭୁ ଭଗବାନ ।।
ଆନର ବଳେ କି ଏମାନ । ଘରେ ପୂରିଛୁ ଏତେ ଧନ ।।
ସହଜ ମଧ୍ୟେ କେଶବର । କଅଁଳ ଦିଶୁଛି ସୁନ୍ଦର ।।
ମନୁଷ୍ୟ ସ୍ଥାପ୍ୟେ ତାଙ୍କୁ ମଣି । ସେବା ଯେ କଲୁ ଦେନପ୍ରାଣୀ ।।
ବ୍ରହ୍ମା ଇନ୍ଦ୍ରାଦି ସୁରାସୁର । ସ୍ତୁତି କରନ୍ତି ଯା ପର୍ଯ୍ୟର ।।
କମଳା ଯାର ପରିବାର । ମୁଁ ସ୍ଥୁର କେତେକ ମାତର ।।
ହେ ପ୍ରଭୁ କରୁଣା ସାଗର । ମୋ ଅପରାଧ କ୍ଷମାକର ।।
ଭୃତ୍ୟ ହୋଇଲେ ଅପରାଧୀ । ତୁ ନାଥ କରୁଣା ବାରିଧି ।।
ତୁମ୍ଭେ ଯେ ବ୍ରହ୍ମାଣ୍ଡ ଠାକୁର । ଜୀବଙ୍କ ହୃଦରେ ବିହର ।।
ଏଣୁ ଅପ୍ରାଧ ମୋର ଯେତେ । ପ୍ରଭୁ ନ ଘେନ କଦାଚିତେ ।।
ଏମନ୍ତ ବୋଲି ସ୍ତୁତି ଭଣି । ଆନନ୍ଦ ପୁରୁଷ ତରୁଣୀ ।।
ଆନନ୍ଦେ ଶ୍ରୀହରି ଭଜନ । ସାଧୁଙ୍କ ସଙ୍ଗ ପ୍ରତିଦିନ ।।
ସକଳ ଜୀବେ ଦୟାଚିତ୍ତ । ଦାସ ପ୍ରସଙ୍ଗେ ନିତ୍ୟେ ରତ ।।
ଯୋଗୀ ବୈଷ୍ଣବ ସାଧୁଜନ । ସେବାରେ କଟାଇଲେ ଦିନ ।।
ନୋହିଲ ଯମ ଅଧିକାର । କାଳେ ବସିଲେ ସ୍ୱର୍ଗପୁର ।।
ପ୍ରଭୁଙ୍କ ଦାସ ଦାସୀ ହେଲେ । ମନକୁ ଚୈତନ୍ୟ କହିଲେ ।।
ସେ ଦାର୍ଢ୍ୟଭକ୍ତି ରସବାଣୀ । ଯେ ପ୍ରାଣୀ କର୍ଣ୍ଣପଥେ ଶୁଣି ।।
ସକଳ ପାପୁ ହେବ ପାର । ନ ଯିବ ଯମରାଜପୁର ।।
ଅପୁତ୍ରି ଜନେ ପୁତ୍ରବାନ । ଅନ୍ଧ ଲଭିବେ ଚକ୍ଷୁ ପୁଣ ।।
ସଂସାରେ ଭୟମାନ ଯେତେ । ଯେ ଗ୍ରହପୀଡ଼ାଦି ସନ୍ଧତେ ।୧୬୦।
ଲଗିବ ନାହିଁ କଦାଚିତେ । ଶୁଣି ଶରଧା ଯେବେ ଚିତ୍ତେ ।।
କହଇ ଦ୍ୱିଜ ରାମ ଦାସ । କେବଳ ମୂଳଟି ବିଶ୍ୱାସ ।।

ଇତି ଶ୍ରୀ ଦାର୍ଢ୍ୟତାଭକ୍ତି ରସାମୃତେମନ ଚୈତନ୍ୟ
ଦାମୋଦର ଦାସ ପତି ପତ୍ନୀ ମୋକ୍ଷଣେ ନାମଚତୁର୍ଥୋଽଧ୍ୟାୟଃ ।

# ଷଷ୍ଠ ଅଧ୍ୟାୟ

## ବିଶ୍ୱମ୍ଭର ଦାସ ସମ୍ବାଦ

### ଚୈତନ୍ୟ ଉବାଚ

ପୁଣି କହନ୍ତି ଚଇତନ । ହେ ମନ ହୁଅ ସାବଧାନ ॥
ଏ ବଡ ଅପୂର୍ବ ଚରିତ । ଶୁଣିଲେ ନ ଛୁଡ଼ଇ ଚିତ୍ତ ॥
ଯେ ଭୁତଖଣ୍ଡ ମଧ୍ୟଦେଶ । ଢେଙ୍କାନାଳରେ ତାର ବାସ ॥
ଜାତିରେ ବଣିଆ କରଣ । ତାର କୁଟୁମ୍ବ ତିନିଜଣ ॥
ତାହାର ନାମ ବିଶ୍ୱମ୍ଭର । ଭକତିପଣେ ବଳିୟାର ॥
ଭାରିଯା ନାମ ତା ରେବତୀ । ପତିର ଆଜ୍ଞା ନ ଲଙ୍ଘନ୍ତି ॥
ପୁତ୍ରର ନାମ ରଘୁନାଥ । ପିତାର ଚରଣେ ଭକତ ॥
ଆପଣା ନାମ ବିଶ୍ୱମ୍ଭର । ବିଶ୍ୱସଂସାରେ ଗତି ଯାର ॥
ଏମନ୍ତେ ତିନିଜଣ ଥାନ୍ତି । ଶ୍ରୀକୃଷ୍ଣ ପାଦେ ଦେଇ ମତି ॥
ନାମ ଭଜନ ଅପ୍ରମିତ । ନିତ୍ୟେ ପଢ଼ନ୍ତି ଭାଗବତ ॥
ଯେ କହେ ପ୍ରଭୁ ନାମ ରସ । ତାକୁ ବୋଲନ୍ତି ବଣ୍ଡେ ବନ୍ଧ ॥
ତାହାର ନାମ ମୁଖୁ ଶୁଣି । ଶ୍ରୀଗୁରୁ ପ୍ରାୟେ ତାକୁ ମଣି ॥
ଯୋଗୀ ସନ୍ନ୍ୟାସୀ ବ୍ରହ୍ମଋଷି । ବ୍ରାହ୍ମଣ ବୈଷ୍ଣବ ଉଦାସୀ ॥
ଯେ ଅଭ୍ୟାଗତ ଅବଧୂତ । ଦ୍ୱାରେ ତା ହେଲେ ଉପଗତ ॥
ତାହାଙ୍କୁ ଅନ୍ନ ବସ୍ତ୍ର ଦାନେ । ତୋଷନ୍ତି ବିନୟ ବଚନେ ॥
ନାହିଁ ବୋଲିବା ମୁଖୁ ତାର । କେବେହେଁ ନୁହଇ ବାହାର ॥
ଏମନ୍ତ ଲକତେଦନ ଅନ୍ତେ । ତା କୀର୍ତ୍ତି ପୂରିଲା ଜଗତେ ॥
ଯେହୁ ଶୁଣିଲେ ଧନ୍ୟ ଧନ୍ୟ । ବୋଲନ୍ତି ସର୍ବ ଲୋକମାନ ॥
ଏମନ୍ତେ ସମୟେ ଯେ ପୁଣ । ଦଇବ ଘଟଣ ଶୁଣ ॥
ଅତିଥି ଜମାଉତ ହୋଇ । ଆଇଲେ ତୀର୍ଥ ଯିବାପାଇଁ ॥
ଭିକ୍ଷାର ଅର୍ଥେ ଗ୍ରାମ ପୁରେ । ମାଗନ୍ତି ବୁଲି ଦ୍ୱାରେ ଦ୍ୱାରେ ॥
ଲୋକେ ବୋଲନ୍ତି ତାଙ୍କୁ ଯାହିଁ । ଶୁଣ ହେ ବୈଷ୍ଣବ ଗୋସାଇଁ ॥
କରଣ ନାମେ ବିଶ୍ୱମ୍ଭର । ବିଜୟ କର ତାର ଘର ॥

ଅବଶ୍ୟ ତୋହିବ ଭୋଜନେ । ଶୁଣି ଚଳିଲେ ସାଧୁମାନେ ॥
ଦ୍ୱାରେ ତା ହୋଇଲେ ପ୍ରବେଶ । ଦିବସ ଆସି ହେଲା ଶେଷ ॥
ଡାକିଲେ ଅହେ ବିଶ୍ୱମ୍ଭର । ଆମ୍ଭ ଚରବ୍ୟ ବେଗେ କର ॥
ସାଧୁଙ୍କ ବଚନ ଶୁଣିଣ । ଘରୁ ବାହାର ତତକ୍ଷଣ ॥
ଦେଖିଲା ସାଧୁବୃନ୍ଦ ଡୋଳେ । ପ୍ରଣାମ କଲା ପାଦତଳେ ॥
ଜଠ କପାଳେ କର ଦେଲା । କି ଆଜ୍ଞା ହୋଇଛି ବୋଇଲା ॥
ଅତିଥି ବୋଇଲେ ହେ ଶୁଣ । ଆମ୍ଭ ଚରବ୍ୟ ବେଗେ ଆଣ ॥
ହାଣ୍ଡି ଗୁଞ୍ଜଳ ମୁଗଜାଇ । ଘୃତ ନବାତ ଦୁଗ୍ଧ ଦଧି ॥
କାଷ୍ଠ ପତ୍ରବା ଆଦି ଯେତେ । ଏ ସବୁ ଆଣ ହେ ତ୍ୱରିତେ ॥
ଆମ୍ଭ ଚରବ୍ୟ ବେଗ କର । ପୁଣ୍ୟ ତୁ ପାଇବୁ ଅପାର ॥
ତାହା ଶୁଣିଣ ଚଳିଗଲା । ମନ୍ଦିରେ ପ୍ରବେଶ ହୋଇଲା ॥
ପୁଅ ଭାରିଯାଙ୍କୁ କହିଣ । ସକଳ କରି ଆୟୋଜନ ॥
ସାଧୁଙ୍କ ପାଶେ ନେଇ ଦେଲା । ଘୃତ ମାତ୍ରକ ନ ପାଇଲା ॥
ବୋଇଲେ ସାଧୁବୃନ୍ଦେ ଶୁଣ । ତୁମ୍ଭରେ କରୁଛୁ ଜଣାଣ ॥
ସମସ୍ତ ଦ୍ରବ୍ୟ ଆଣି ଦେଲୁ । ଘୃତ ମାତ୍ରକ ନ ପାଇଲୁ ॥
ଶୁଣି ବୋଇଲେ ସାଧୁଗଣ । ପଞ୍ଚସ ନୁହଇ ଭୋଜନ ॥
ଘୃତ ବିହୁନେ ଯେ ଖାଇବ । ପ୍ରଭୁଙ୍କ ଅଯୋଗ୍ୟ ହୋଇବ ॥
ତୋ ଦ୍ରବ୍ୟ ଲେଉଟାଇ ନଅ । ତା ଶୁଣି ବିଶ୍ୱମ୍ଭର ପୁଅ ॥
ଅନେକ ବିନୟ ସେ କଲା । ଭୂମିଷ୍ଠ ହୋଇ ଜଣାଇଲା ॥
ହେ ପ୍ରଭୁମାନେ ଶାନ୍ତହୁଅ । ବେଗେ ରନ୍ଧନ କର ଯାଅ ॥
ଘୃତ ଆସିବ ବନ୍ଧୁ ବନ୍ଧୁ । ଅବଶ୍ୟ ଦେବେ ଦୀନବନ୍ଧୁ ॥
ତା ଶୁଣି ଅତିଥେ ସୁଚଞ୍ଚେ । ଚଳିଲେ ରନ୍ଧିବା ନିମନ୍ତେ ॥
ଘରକୁ ପିତା ପୁତ୍ରେ ଗଲେ । ବସିଣ ବିଚାର ଯେ କଲେ ॥
ଯେ ସାଧୁ ଛର ଉପକାରେ । ମିଥ୍ୟା କହିଣ ଶ୍ରେଷ୍ଠ କରେ ॥
ଏଥିରେ ଦୋଷ ନାହିଁ କିଛି । ବୋଲି ଶାସ୍ତ୍ରରେ କହିଅଛି ॥
ଘୃତ ନ ମିଳିଲା ତ କାହିଁ । ଚୋରାଇ ଯିବା ଏଥିପାଇଁ ॥

ନୋହିଲେ ଅତିଥି ସମସ୍ତେ । ଭୁଞ୍ଜିବେ ନାହିଁ କଦାଚିତେ ॥
ଏମନ୍ତ ବୋଲି ବାପ ପୋଏ । କରେ ଧରିଲେ ଖଣ୍ଡାଏ ॥
ଆଉର କାତି ଗୋଟି ଧରି । ଚଳିଲେ ଗୋବିନ୍ଦ ସୁମରି ॥
ରାତ୍ର ପ୍ରହରେକ ଭିତରେ । ଭେଟିଲେ ଭାଗ୍ୟବନ୍ତ ଘରେ ॥
ତତକ୍ଷଣେ ସିନ୍ଧି ଗୋଟି ଖୋଳି । ପୁତ୍ର ପଶିଲା ତହିଁ ଗଳି ॥
ପିଅର ଜଗିଛି ବାହାରେ । ପୁତ୍ର ଖୋଜଇ ପଶି ଘରେ ॥
ଅନେକ ଧନ ରତ୍ନମାନ । ଦେଖି ନ ଛୁଅଇଁ ନନ୍ଦନ ॥
ଘୃତର ବିନା ଦ୍ରବ୍ୟ ଯେତେ । ହସ୍ତେ ନ ଧରେ କଦାଚିତେ ॥
ଏମନ୍ତ ଖୋଜନ୍ତେ ଭବନ । ଦେଖିଲା ଘୃତ ଭାଣ୍ଡମାନ ।
ବହି ଆଣିଲା ଭାଣ୍ଡ ଦୁଇ । ସିନ୍ଧିରେ ଦେଲାକ ଗଳାଇ ॥
ଏମନ୍ତ ସମୟେ ସାଧୁତ । ଚେତନା ପାଇଲା ତୁରିତ ॥
ଦେଖିଲା ସିନ୍ଧିଗାତ ଘରେ । ଚୋରହିଁ ଗଳୁଛି ସିନ୍ଧିରେ ॥
ପବନୁ ବେଗେ ଧାଇଁଗଲା । ଚୋରର ଚରଣ ଧରିଲା ॥
ବେନି ଚରଣ ବେନି ହାତେ । ଧରି ଝିଙ୍କିଲା କୋପଚିତ୍ତେ ॥
କୁମର ବୋଇଲା ହେ ତାତ । ଧରା ପଡ଼ିଲି ସିନ୍ଧିଗାତ ॥
ସାଧୁତ ଝିଙ୍କୁଛି ପଛର । ତୁମ୍ଭେ ପାରିଲେ ଝିଙ୍କ ଶିର ॥
ଶୁଣି ପିଅର ମୁଣ୍ଡ ଧରି । ଟାଣିଲା ଗୋବିନ୍ଦ ସୁମରି ॥
ଦୁହେଁ ଝିଙ୍କିଲେ ଦୁଇକତି । ପୁତ୍ର ରହିଲା ମଧ୍ୟବର୍ତ୍ତୀ ॥
କେହୁଁ ଆଡ଼କୁ ସେ ନୋହିଲା । ତା ଦେଖି କୁମର ବୋଇଲା ॥
ସ୍ୱରୂପ ଶୁଣ ଆହେ ତାତ । ଏଥର ସରିଲା ମହତ ॥
ରାତ୍ର ଯଦ୍ୟପି ପାହିଯିବ । ଚିହ୍ନି ସାଧୁତ ଦଣ୍ଡ ଦେବ ॥
ସାଧୁଙ୍କ ସେବାହିଁ ନୋହିବ । ଏତେକ କଷ୍ଟ ବ୍ୟର୍ଥ ହେବ ॥
ଏଥକୁ ବିସ୍ତର ନ କର । କାଟିଣ ନିଅ ମୋର ଶିର ॥
ସାଧୁମାନଙ୍କ ସେବା ହେଉ । ଅମ୍ଭର ମହତ୍ତ୍ୱ ନ ଯାଉ ॥
ମୁଣ୍ଡ ନ ଥିଲେ ପିଣ୍ଡ ଏଥେ । ଚିହ୍ନା ନ ଯିବ କଦାଚିତେ ॥
ଏଥକୁ ନ କରନ୍ତୁ ହେଳ । ମୋ ମୁଣ୍ଡ ଘୃତ ଘେନି ଚଳ ॥

ଶୁଣି ପିଅରି ଜାତ ଧରି । ମନରେ କୃଷ୍ଣ ଚିନ୍ତାକରି ॥
ଛେଦନ କରି ପୁତ୍ର ଶିର । ଲୁଚାଇ ରଖିଲା ଜାଖର ॥
ଧରିଲା ଘୃତଭାଣ୍ଡ ହସ୍ତେ । ଘରକୁ ଚଳିଲା ତ୍ୱରିତେ ॥
ମୁଣ୍ଡ ଭାରିଯା ହସ୍ତେ ଦେଲା । ଲୁଚାଇ ରଖ ଗୋ ବୋଇଲା ॥
ବୁଝାଇ କହିଲା ସମସ୍ତ । ଶୁଣି ଆନନ୍ଦ ହେଲା ମାତ ॥
ଝାଳ ପ୍ରମାଣ ଚିନ୍ତା ନାହିଁ । ମୁଣ୍ଡ ଯେ ରଖିଲା ଲୁଚାଇ ॥
ବୋଇଲା ସ୍ୱାମୀ ବେଗେ ଯାଅ । ସାଧୁଙ୍କୁ ଘୃତ ନେଇ ଦିଅ ॥
ତା ଶୁଣି ବିଶ୍ୱମ୍ଭର ଗଲା । ସାଧୁଙ୍କ ହସ୍ତେ ଘୃତ ଦେଲା ॥
ଘୃତ ପାଇଣ ସାଧୁ ବୃନ୍ଦେ । ଭୋଜନ କଲେ ମହାନନ୍ଦେ ॥
ଅନେକ କଲ୍ୟାଣ ବାଞ୍ଛିଲେ । ଘରକୁ ଯାଅ ତୁ ବୋଇଲେ ॥
ତାହା ଶୁଣିଣ ବିଶ୍ୱମ୍ଭର । ଚଳିଣ ଗଲେ ନିଜଘର ॥
ସ୍ୱାମୀ ଭାରିଯା ବେନିଜଣ । ଚିନ୍ତିଲେ ଗୋବିନ୍ଦ ଚରଣ ॥
ପୁତ୍ରର ଭାବ ମନେ ଗୁଣି । ଏମନ୍ତେ ପାହିଲା ରଜନୀ ॥
ଏଥି ଉତ୍ତାରୁ ଶୁଣ ମନ । ଗଣ୍ଡି ଯେ ସାଧୁର ଭୁବନ ॥
ଖଣ୍ଡିଆ ଦେହାଇ ପଡ଼ିଥିଲା । ଧର୍ମ ସେ ଗଣ୍ଡି ଝିଙ୍କି ଦେଲା ॥
ଦାଣ୍ଡରେ ପକାଇଲେ ନେଇ । ଅନେକ ଲୋକଙ୍କୁ ଡାକାଇ ॥
ମୁଣ୍ଡ ବିହୀନେ ପିଣ୍ଡ ଚହିଁ । ଚିହ୍ନି ଯେ ନ ପାରିଲେ କେହି ॥
ଗ୍ରାମ ବାହାରେ ଘେନିଗଲେ । ଶୂଳ ଉପରେ ବସାଇଲେ ॥
ଅନେକ ଲୋକ ଚହିଁ ମିଳି । ଦେଇଣ କୁହାଟ କୁରଳି ॥
ଚଳିଣ ଗଲେ ଯେଝା ପୁରେ । ଶୁଣ ହେ ଏଥୁ ଅନନ୍ତରେ ॥
ଅତିଥିବୃନ୍ଦ ଚଳିଗଲେ । ଦାସଙ୍କ ପାଶେ ପ୍ରବେଶିଲେ ॥
ଡାକିଲେ ବିଶ୍ୱମ୍ଭର ଦାସ । ବହନ ଆସ ଆମ୍ଭ ପାଶ ॥
ବଡ ଆନନ୍ଦ ହେଲୁଁ ବାବୁ । ତୋତେ କଲ୍ୟାଣ କରିଯିବୁଁ ॥
ସାଧୁଙ୍କ ମୁଖୁ ଏହା ଶୁଣି । ଆନନ୍ଦ ପୁରୁଷ ତରୁଣୀ ॥
ବୋଇଲେ ଦାସ ବିଶ୍ୱମ୍ଭର । ହେ ସଖି ଶୁଣ ମୋ ଉତ୍ତର ॥
ଯାଉଛନ୍ତି ସାଧୁଙ୍କ ସଙ୍ଗର । ଯାଉଅଛୁ ମୁଁ ଖଣ୍ଡେ ଦୂର ॥

ପୁତ୍ର ଖଣ୍ଡିଆ ମୁଣ୍ଡ ଆଣ । ଧରି ମୁଁ ଥିବ ଲୁଚାଇଣ ॥
ସାଧୁମାନଙ୍କୁ ଦେଖାଇବ । ଏକାନ୍ତ ସ୍ଥାନେ ରଖାଇବ ॥
ଶୁଣି ସୁନ୍ଦରୀ ତୋଷ ଚିତ୍ତେ । ମୁଣ୍ଡ ଯେ ଦେଲା ସ୍ୱାମୀ ହସ୍ତେ ॥
ପୁତ୍ରର ମୁଣ୍ଡ ପିତା ଧରି । କାଖେ ଯାକିଲା ଗୋପ୍ୟ କରି ॥
ଉତ୍ତମ କରିଣ ଘୋଡ଼ାଇ । ଚଳିଲେ ଧୀରି ଧୀରି ହୋଇ ॥
କହିଲେ ବିନୟ ବଚନେ । ବିଜୟ କର ପ୍ରଭୁମାନେ ॥
ଶୁଣି ଚଳିଲେ ଯେ ଅତିଥେ । ତାହାଙ୍କୁ ଘେନିଣ ସଙ୍ଗତେ ॥
କେତେକ ଦୂର ଚଳିଗଲେ । ବିଶ୍ୱମ୍ଭରଙ୍କୁ ପଚ୍ଛିଲେ ॥
କାହିଁ ତୋହର ନିଜ ପୁତ୍ର । ସଙ୍ଗରେ ଆଣିନାହୁଁ କି'ତ ॥
କାଲି ଅନେକ ସେବା କଲା । ଆଜି ତ ଦେଖାହିଁ ନ ଦେଲା ॥
ସାଧୁଙ୍କୁ କରନ୍ତା ଦର୍ଶନ । କମ୍ପା ନଇଲା ତୋ ନନ୍ଦନ ॥
ଏବେ ତୁ ଯାଅ ତତପର । ଘେନିଣ ଆସ ତୋ କୁମର ॥
ନୋହିଲେ ଏଠାରେ ଥିବୁ । ତାକୁ ନ ଦେଖିଲେ ନ ଯିବୁ ॥
ତାହା ଶୁଣିଣ ବିଶ୍ୱମ୍ଭର । ବେନି ନୟନୁ ବହେ ନୀର ॥
ତା ଦେଖି ସମସ୍ତ ଅତିଥି । ବୋଇଲେ କାନ୍ଦୁଅଛୁ କି'ତ ॥
କଅଣ ପଡ଼ିଲା ବିପତ୍ତି । ସ୍ୱରୂପ କହ ଜଣା ଏଥି ॥
ମାୟା ନକର କହ ସତ । ସମସ୍ତ ସାଧୁଙ୍କ ଅଗ୍ରତ ॥
ତାହା ଶୁଣିଣ ବିଶ୍ୱମ୍ଭର । କାଖୁ କାଢ଼ିଲେ ପୁତ୍ରଶିର ॥
ଖଣ୍ଡିଆ ମୁଣ୍ଡ ତଳେ ଥୋଇ । ସାଷ୍ଟାଙ୍ଗେ ଦଣ୍ଡବତ ହୋଇ ॥
ଉଠି କପାଳେ ଦେଇକର । ବୋଇଲା ଦେଖ ମୋ କୁମର ॥
ଯାହା ଲେଖିଛି ଦେବବର । ଆନ କରିବା ଶକ୍ତି କାର ॥
ତା ଦେଖି ସକଳ ଅତିଥି । କ୍ଷଣକେ ହୋଇଲେ ସ୍ଥକିତ ॥
ବୋଇଲେ ତୋର ପୁତ୍ର ମୁଣ୍ଡ । କହକେ କଲା ଯୋନଚଣ୍ଡ ॥
ଆମ୍ଭେ ସକଳ ସାଧୁ ଯିବୁ । ତା ବଂଶ ନିର୍ବଂଶ କରିବୁ ॥
ତା ଶୁଣି ବୋଲେ ବିଶ୍ୱମ୍ଭର । ଏଥିରେ ଦୋଷ ନାହିଁ କାର ॥
କୁମ୍ଭର ମଣୋହି ନିମନ୍ତେ । ଘୃତ ଯେ ନମିଳିଲା ମୋତେ ॥

ତେଣୁଟି ପିତା ପୁତ୍ରଗଲୁ । ସାଧୁର ମଢରେ ପଶିଲୁ ।
ତା ଘରେ ସିନ୍ଧିଗୋଟି ଖୋଳ । ପୁତ୍ର ପଶିଲା ତହିଁଗଳ ।
ଘୃତ କଢ଼ାଇ ମୋତେ ଦେଲା । ପୁତ୍ର ମୋ ଗଳା ଆସୁଥିଲା ।
ସାଧୁ ତ ଚେତନା ପାଇଲା । ପୁତ୍ରକୁ ଉଠାଇ ଧଇଲା ।
ମୁହିଁ ଝିଙ୍କିଲି ଧଇ ଶିର । ତ ଦେଖି ବୋଇଲା କୁମର ।
ଚିନ୍ତା ନପଡ଼ୁ ମୋର ଶିର । କାଟିଣ ଦଅ ହେ ପିଅର ।
ଘୃତ ଘେନଣ ଦେବେ ଚଳ । ସାଧୁଙ୍କ ସେବା ଆମ୍ଭ ମୂଳ ।
ତାଶୁଣି କାଟିଲି ମୁଁ ମୁଣ୍ଡ । ଘେନ ଅଇଲି ଘୃତ ଖଣ୍ଡ ।
ତୁମ୍ଭ ଚରଣେ ସମର୍ପିଲି । ମୁଣ୍ଡ ମୁଁ ଲୁଚାଇ ରଖିଲି ।
ଏମନ୍ତେ ମଲା ମୋର ସୁତ । ଏ ଦୁଃଖେ ମୋହର ଅର୍ଜିତ ।
ଭାଗ୍ୟ ମୋ ଅରଜଛି ଯାହା । ଅବଶ୍ୟ ଭୁଞ୍ଜିବଇଁ ତାହା ।
ଶୁଣି ସକଳ ସାଧୁଜନ । ଭକ୍ତକୁ ବୋଇଲେ ବଚନ ।
ଧନ୍ୟରେ ତୋହର ଜୀବନ । ଧନ୍ୟ ତୋ ପତ୍ନୀ ତୋ ନନ୍ଦନ ।
ଆମ୍ଭ ସକାଶେ ପୁତ୍ର ମଲା । ଏହା କଇବ ଉଆଇଲା ।
ସକଳ ସାଧୁ ଏକ ହୋଇ । ବୋଲନ୍ତି ଭକ୍ତ ମୁଖ ଚାହିଁ ।
ତୋ ପୁତ୍ର ଗଣ୍ଡି ଅଛି ଯହିଁ । ଆମ୍ଭଙ୍କୁ ଘେନ ଚଳ ତୁହି ।
ଅବଶ୍ୟ ତୋ ପୁତ୍ର ବଞ୍ଚିବ । ତୋ ଯଶ ଯୁଗେ ଯୁଗେ ଥିବ ॥
ଏହା ଶୁଣିଣ ବିଶ୍ୱମ୍ଭର । ସାଧୁଙ୍କୁ ଘେନିଣ ସଙ୍ଗର ।
ପୁତ୍ରର ଗଣ୍ଡିଥିଲା ଯହିଁ । ସାଧୁଙ୍କୁ ଦେଖାଇଲେ ନେଇ ।
ଦେଖିଲେ ବାତାର କୁମର । ବସିଛି ଶୂଳର ଉପର ।
ଶୂଳରୁ ଶବ ଘେନିଆସି । ମଧ୍ୟେ ପକାଇ ବେଢ଼ି ବସି ।
ଗଣ୍ଡି ମୁଣ୍ଡକୁ ଯୋଡ଼ି ଦେଲେ । ତୁଳସୀ ଦଳ ଯୋଡ଼ାଇଲେ ।
ବୋଇଲେ ଧର୍ମ ଯେବେ ସତ୍ୟ । ଜୀଉସୁ ବଞ୍ଚୁ ଏ ବାଳୁତ ॥
ପ୍ରଭୁ ମହିମା ଯେବେ ସତ୍ୟ । ପୁରାଣ ଯେବେ ହେବ ତଥ୍ୟ ॥
ଯେ ପ୍ରାଣୀ ପର ଉପକାରେ । କି ଅବା ହରି ଭଜନରେ ।
କି ପ୍ରାଣ ରକ୍ଷଣ ନିମନ୍ତେ । କି ଅବା ସାଧୁ ସେବା ଅର୍ଥେ ॥

ଅନେକେ ପଶିଲେକ ଯାଇ । ଶାନ୍ତ କରନ୍ତି ସବଗ୍ରାହ୍ମୀ ।
ଏ କଥାମାନ ଯେବେ ସତ । କର୍ମା ମରିବ ଏ ଦାରୁତ ।
ଶରଣ ପଞ୍ଜର ତୋ ବାନା । ଭବ ଭୟକୁ ବଜ୍ରସେହ୍ଲା ।
ଯେବେ ତୋ ମହିମା ପ୍ରମାଣ । ତେବେ ଏ ପୁତ୍ର ପାଉ ପ୍ରାଣ ।
ନୋହିଲେ ମରିବୁଁ ସମସ୍ତେ । ଯେବେ ଏ ମଲା ଆମ୍ଭ ହାତେ ।
ଏମନ୍ତେ ସର୍ବ ସାଧୁ ବୃନ୍ଦ । ମନରେ ଚିନ୍ତିଲେ ଗୋବିନ୍ଦ ।
ଜୟ କରୁଣାମୟ ସିନ୍ଧୁ । ଜୟ ଜଗତ ଜନ ବନ୍ଧୁ ।
ଜୟ କୋଦଣ୍ଡ କାଣ୍ଡ ମୂର୍ତ୍ତି । ଜୟ ଜାନକୀ ପ୍ରାଣପତି ।
ଜୟ ତୁ ଜୟ ଜଗନ୍ନାଥ । ଜୟ ଲକ୍ଷ୍ମଣ ଜ୍ୟେଷ୍ଠ ଭ୍ରାତ ।
ଜୟ ହେ କୌଶଲ୍ୟା ନନ୍ଦନ । ଜୟହେ ମୁନିଙ୍କ ବନ୍ଦନ ।
ଦଶରଥଙ୍କର ଆମଜ । ଜୟ ଦେବାଧି ଦେବରାଜ ।
ହେ ବିଶ୍ୱବାସ ଚରାଚର । ଯାହାର ଆଜ୍ଞାରେ ପ୍ରସ୍ୱର ।
କୋଟି ବ୍ରହ୍ମାଣ୍ଡ ଯା ଚରଣ । ଜଗତ ସଂସାର କାରଣ ।
ଯାହା ଆଜ୍ଞାରେ ସିନ୍ଧୁ ଜଳେ । ନ ବୁଡ଼ି ଭାସନ୍ତି ଶଇଳେ ।
ଏମନ୍ତେ କଲେ ନାମ ଧ୍ୱନି । ତକ୍ଷଣେ କର୍ମିଲା ମେଦିନୀ ।
ତାହା ଜାଣିଲେ ବ୍ରହ୍ମଋଷି । ମାୟାରେ ପୁଅ ପାଶେ ଆସି ।
ଜୀବନ ଦାନ ଦେଇଗଲେ । ସେ କଥା କେହି ନ ଜାଣିଲେ ।
ତକ୍ଷଣେ ଉଠିଲା ନନ୍ଦନ । ଭଜିଲା ଶ୍ରୀମଧୁସୂଦନ ।
ସାଧୁଙ୍କୁ ପ୍ରଣମିତ ହେଲା । ପିତାଙ୍କ ଚରଣେ ଲୋଟିଲା ॥
ଦେଖିଣ ଏମନ୍ତ ଚରିତ । ସେ ଦେଶ ଲୋକ ଆଚମ୍ବିତ ।
ବୋଇଲେ ଧନ୍ୟ ଏହା ଜୀବ । ଏହା ଦର୍ଶନେ ଅଛୁ ଲାଭ ।
ତା ଦେଖି ସାଧୁମାନେ ଭୋଳେ । ଧରି ଆନନ୍ଦ ସୁଖ ଭୋଳେ ।
ଯହୁଁ ତା ସୁମନ ଦେଖିଲେ । ସୁମନ ବୋଲି ନାମ ଦେଲେ ॥
ବୋଇଲେ ଦେଉଛୁ କଲ୍ୟାଣ । ଲଭ ତୁ ଶ୍ରୀହରି ଚରଣ ।
ଏବେ ପିତାକୁ ଘେନ ତୋର । ଯାଅ ତୋ ଜନମ ପାଶର ।
ଏମନ୍ତ କହିଣ ଅନ୍ତେଥେ । ଚଳିଣ ଗଲେ ଯେଝାମତେ ।

ଏଣେ ଯେ ପିତା ପୁତ୍ର ଗଲେ । ମନ୍ଦିରେ ପ୍ରବେଶ ହୋଇଲେ ।
ଜନନୀ ପୁତ୍ର ପାଇ କୋଳେ । ବୁଡ଼ିଲା ସ୍ନେହଭାବ ଜଳେ ।
ଦେଖ ତାହାର ଭାଗ୍ୟଗୋଟି । ମଲା ଯେ ଅଇଲା ଲେଉଟି ।
ଜନନୀ ପିତା ପୁତ୍ର ହୋଇ । ସୁଖେ ଭଜଲେ ଭବଗ୍ରାହୀ ।
ସେ ଦେହ ଅନ୍ତେ ତିନଜଣ । ଲଭିଲେ ଗୋବିନ୍ଦ ଚରଣ ।
ଶୁଣ ହେ ମନ ନୃପନାଥ । ଦାନର ମହିମା ଏମନ୍ତ ।
ମୂର୍ଖଲୋକଙ୍କୁ ଏହା ମିଛ । ସାଧୁଙ୍କୁ ଅଟଇ ପ୍ରତ୍ୟକ୍ଷ ।
ଏ ମନ ଚୈତନ୍ୟ ସମ୍ବାଦ । ଶୁଣନ୍ତେ ନ ଲାଗେ ପ୍ରମାଦ ।
ଭଣେ ଅଧମ ରାମଦାସ । ସୁଜନ ଜନଙ୍କର ଦାସ ।
ଶ୍ରୀରାମ ଅଭୟ ଚରଣେ । ମୋ ଚିତ୍ତ ରହୁ ଅନୁକ୍ଷଣେ ।
ଏ ଦାର୍ଢ୍ୟଭକ୍ତି ରସବାଣୀ । ସୁଜନେ ଚିତ୍ତ ଏହା ଶୁଣି ।
ବୁଡ଼ ନ ମର ଭବକୂପେ । କୃଷ୍ଣ ଅନନ୍ତ ସାଧୁରୂପେ ।
ତାହାଙ୍କୁ ଭଜ ହୁଅ ପାର । ଏ କଥା ସର୍ବଶାସ୍ତ୍ରେ ସାର ।

ଇତି ଶ୍ରୀ ଦାର୍ଢ୍ୟତାଭକ୍ତି ରସାମୃତେ ମନ ଚୈତନ୍ୟ ସମ୍ବାଦେ
ବିଶ୍ୱମ୍ଭର ଦାସ ପତ୍ନୀ ପୁତ୍ର ମୋକ୍ଷ ଯୋଗ
ନାମ ଷଷ୍ଠୋଽଧ୍ୟାୟଃ ।

—*—

## ସପ୍ତମ ଅଧ୍ୟାୟ

### ରାମ ଦାସ ସମ୍ବାଦ

ମନ ଉବାଚ

ଶୁଣି ଆନନ୍ଦ ମନରଜା । ଚୈତନ୍ୟ ପାଦେ କଲେ ପୂଜା ।
କହ ହେ ଅପୂର୍ବ ଚରିତ । ଶୁଣି ମୁଁ ହୋଇବି ପବିତ୍ର ।
ଏହି ପ୍ରକାରେ ଭକ୍ତ ଯେତେ । ଚରିଅଛନ୍ତି କହ ମୋତେ ।
ଅତି ତୃଷିତ ମୋର ମନ । କେବେ କରାଅ ସୁଧାପାନ ।
ଶୁଣି ଚୈତନ୍ୟ ଅନୁରାଗେ । କହଇ ମନରାଜା ଆଗେ ।
ହେ ମନ ସାବଧାନେ ଶୁଣ । ଶୁଣିଲେ ପାଇବୁ କାରଣ ।

ଏ ବଡ଼ ଅପୂର୍ବ ଚରିତ । ଶୁଣ ନିଷ୍ଟକ ଭକତଗଣ ॥
ଦକ୍ଷିଣ ଦେଶେ ପୁଣ୍ୟ କ୍ଷେତ୍ର । ଦେଖିଲି ମାଧବଙ୍କ ପ୍ରଦେଶ ॥
ଶ୍ରୀ ଲଛମନଙ୍କ ସହର । ଉକଣ୍ଠ ମୁକତି ଦୁଆର ॥
ସ୍ୱର୍ଗର ସମାନ ଅଟଇ । ଯମର ବାଧା ନ ଲାଗଇ ॥
ଏମନ୍ତେ ପୁଣ୍ୟ ଗ୍ରାମେ ବାସ । ନାମ ତାହାର ଗ୍ରାମ ବାସ ॥
ଗୃହସ୍ଥେ ବୈଷ୍ଣବ ଅଟୈ ପୁଣ । ତାର କୁଟୁମ୍ବ ତିନି ଜଣ ॥
ଏକଇ ପୁତ୍ର ଏକନାରୀ । ସେ ଗ୍ରାମେ ଥାନ୍ତି ମଠ କରି ॥
ସର୍ବଦାକାଳେ ତା ଭଜନ । କେବଳ ପ୍ରଭୁ ଲଛମନ ॥
ଶ୍ରୀପାଦପଦ୍ମ ପର ଭାବ । ନ ଜାଣେ ଅନ୍ୟ ଦେବା ଦେବୀ ॥
କରଣ ଏହି ଭାବେ ଧ୍ୟାନ । ସୁଖରେ ବଞ୍ଚି ଥାଇ ଦିନ ॥
ଯାହା ମିଳଇ ଭୁଞ୍ଜେ ନିତ୍ୟ । ଚିନ୍ତା ନ ଥାଇ ତାର ଚିତ୍ତେ ॥
ଧୀର ଚତୁର ମହା ଶାନ୍ତ । ପଣ୍ଡିତ ବିବେକ ତା ମତି ॥
ପ୍ରଭୁ ମହିମା ନିତ୍ୟ ଶୁଣେ । ସଂସାର ଭଲ ମନ୍ଦ ଜାଣେ ॥
ଦେହ ବନ୍ଧିବା ସେହୁଁ ଲାଭ । କେବଳ କରେ ସେହି ଭାବ ॥
ସାଧୁଙ୍କ ସେବା କରେ ନିତ୍ୟ । ଦିଅଇ ସେହୁ ସଦାବର୍ତ୍ତ ॥
ବୈଷ୍ଣବ ନାନାଦି ପ୍ରକାରେ । ଆସି ମିଳନ୍ତି ତାର ଦ୍ୱାରେ ॥
ନାଗା ନିର୍ମୋହୀ ଖାକୀ ଯେତେ । ବିରକ୍ତ ସଂଯମୀ ସନ୍ତେ ॥
ଗୁରୁସମ୍ପ୍ରଦା ସାଧୁମାନେ । ଆସି ମିଳନ୍ତି ପ୍ରତିଦିନେ ॥
ଯୋଗୀ ସନ୍ନ୍ୟାସୀ ବ୍ରହ୍ମଚାରୀ । ବାନପ୍ରସ୍ଥ ଗୃହସ୍ଥ ଭିକାରୀ ॥
ସଂଯୋଗୀ ବିପ୍ରଙ୍କ ସନ୍ଥତେ । ଦୁଃଖୀ ଦରିଦ୍ର ଆଦି ଯେତେ ॥
ଏମାନେ ଚଉଦିଗୁଁ ଆସି । ତା ଦ୍ୱାରେ ଭୋଜନ ପ୍ରକାଶି ॥
ନାହିଁ ନ ବୋଲେ ସେ ବଚନେ । ସବୁଙ୍କୁ ତୋଷ ଅନ୍ନଦାନେ ॥
ରୁଟି ଖେଚଡ଼ି ପୁରି ଖିରି । ଅନ୍ନ ବ୍ୟଞ୍ଜନ ଆଦି କରି ॥
ଯେ ଯେଉଁ ଦ୍ରବ୍ୟ ଇଚ୍ଛାକରେ । ତୋଷଇ ସେହି ପରକାରେ ॥
ଦଶ ବିଂଶ ବା ଷାଠି ଶତେ । କିବା ସହସ୍ର ପରିଯନ୍ତେ ॥
ଯେତେ ଅଇଲେ ତେତେ ଦେଇ । କେବେହେଁ ନାହିଁ ନ ବୋଲଇ ॥

ତାର ସଙ୍କଳ୍ପ ଏହିମତେ । ଦ୍ୱାରେ ଅତିଥି ଥାନ୍ତି ଯେତେ ।
ତାଙ୍କ ତୃପ୍ତ ଯେବେ ହୋଇ । ତେବେ ସେ ଅନ୍ନ ଖାଏ ଯାଇଁ ।
ନୋହିଲେ ନ କରେ ଭୋଜନ । ଏହି ପ୍ରକାରେ ବଞ୍ଚେ ଦିନ ।
ଏମନ୍ତ କେତେଦିନ ଗଲା । ତାର ସମ୍ପତ୍ତି ବ୍ୟୟ ହେଲା ।
ତା ଦେଖି ତାର ପୁତ୍ର ତାଇ । ବୋଲନ୍ତି ଶୁଣ ହେ ପିତର ।
ଦିନକୁ ଦିନ ଧନ ଶେଷ । ଅଭାଗ୍ୟ ହେଲାଟି ପ୍ରବେଶ ।
ଆଗହୁଁ ବିଚାରିଣ ଥିବା । ଅତିଥି କାହୁଁ ଚରଙ୍କିବା ।
ଶୁଣିଣ ଏସନ ସନ୍ଦେଶ । ବୋଇଲା ଭକ୍ତ ରାମ ଦାସ ।
ଚିନ୍ତିତ କର୍ମା ତୁମ୍ଭ ମନ । ଯାହାର ପ୍ରଭୁ ଲଛମନ ।
ଦେବା ଦିଆଇବା ଠାକୁର । କେବଳ ସେହି ସିନା ମୋର ।
ତା ବିନା ଅଙ୍ଗାରେ ଏ ଜୀବ । କିସ କରିବା ଶକ୍ତି ହେବ ।
ସାଧୁଙ୍କ ସେବାକୁ ମୋ ସ୍ଥିର । କୋଟିଏ କାଷ୍ଠରୁ ଅନ୍ତର ।
କେବଳ ସାହା ଦେବରାୟ । ଏଣୁ ମୋହର ନାହିଁ ଭୟ ।
ଏମନ୍ତେ ମନେ ବିଚାରିଲା । ଏକ ସାଧୁ ତା ଦ୍ୱାରେ ହେଲା ।
ଆପଣା ନାମେ ଟୋଳା ଦେଇ । ବୋଇଲା ଶୁଣ ଧର୍ମ ଭୂଇ ।
ସାଧୁମାନଙ୍କ ତରଛାକୁ । ଦେବ ହେ ଖରଚ ଆମ୍ଭଙ୍କୁ ।
ପ୍ରତିଦିନର ବ୍ୟୟ ଯେତେ । କେବଳ ଦେଉଥିବ ମୋତେ ।
ଏମନ୍ତ ବୋଲି ଚଳିଗଲେ । ମଠରେ ପ୍ରବେଶ ହୋଇଲେ ।
ପୁତ୍ର ଭାର୍ଯ୍ୟାକୁ କହିଣ । ଆନନ୍ଦ ହେଲେ ତିନିଜଣ ।
ସେହି ସାଧୁର ଘରୁ ଧନ । ବ୍ୟୟ କରନ୍ତି ପ୍ରତିଦିନ ।
ଯେତେବେଳରେ ଲୋଡ଼ା ଯାହା । ସାଧୁତ ଦେଉଥାଇ ତାହା ।
ଏମନ୍ତେ ଗଲା କେତେଦିନ । ଟୋଳାରେ ପୂର୍ଣ୍ଣ ହେଲା ଧନ ।
ଲେଖାରେ ସହସ୍ର ମୋହର । ହେଲା ସେ ଦାସଙ୍କ ଉପର ।
ଆଉ ନ ଦେଲା ଧର୍ମ ଧନ । କହିଲା ନିଷ୍ଠୁର ବଚନ ।
ଦେଇଲା ଧନ ମୋର ଦିଅ । ଲୋଡ଼ା ହୋଇଲେ ଆଉ ନିଅ ।
ତା ଠାରୁ ନିରାଶ ଶୁଣିଲେ । ଆବର ଧର୍ମଘର ଗଲେ ।

ଅନେକ ପ୍ରକାରେଣ କଷ୍ଟ । ପୁଣ ଗୋଟାଏ ଲେଖାଦେଲ ।
ତା ଠାରୁ ବ୍ୟସ୍ତ କଲେ ଧନ । ଏମନ୍ତେ ଗଲା କେତେ ଦିନ ।
ତହୁଁ ସମ୍ପୂର୍ଣ୍ଣ ତାର ହେଲା । ଆଉ ଅଧିକ ସେ ନ ଦେଲା ।
ଏମନ୍ତ ଦୁଷ୍ଟରଣ ମନ । ତାଠାରୁ ବନ୍ଦ କଲେ ଋଣ ।
ନଗରେର ସମସ୍ତେ ଜାଣିଲେ । ବାଟେ ଅନେକ ଋଣ କଲେ ।
ଏମନ୍ତେ ସମସ୍ତେ ସାଧୁତ । ଘରେ ନ ଗଲେ କଦାଚିତ ।
ମାଣେ ତଣ୍ଡୁଳ ପ୍ରକାଶିଲେ । ସକଳ ଲୋକେ ଜିଜ୍ଞାସିଲେ ।
ସ୍ୱନସ୍ଥା ସସ୍ତ୍ର ପାଞ୍ଚସାଏ । ଋଣ ତୁ କଲୁ ସବୁଠାଏ ।
ଏତେକ ଅର୍ଥ ନାହିଁ ତୋତେ । ଆହୁରି ମାଗୁଅଛୁ କେତେ ।
ଏମନ୍ତ ସବୁରି ହରଷ । ଦେଖିଣ ଭକ୍ତ ରାମ ଦାସ ।
ଦୁଷ୍ଟର କଲକ ମନର । କି ବୁଦ୍ଧି କରିବ ଏଥର ।
ସାଧୁଙ୍କ ହରଷ ବଚନ । ମଠରେ ନାହିଁ ଆଉ ଧନ ।
ଏଣୁ ସମସ୍ତେ ସାଧୁମାନେ । ଯେବେ ଆସିବେ ମୋ ଭବନେ ।
ତାହାଙ୍କୁ ଦେବ ମୁହିଁ କସ । ନହେଲେ ହୋଇବ ହରଷ ।
ଅନ୍ୟଥେ ଲେଉଟିବେ ଯେବେ । ମୋର ମରଣ ହେବ ତେବେ ।
ଏମନ୍ତ ଦୁଷ୍ଟରୁଁ ତା ଶବ୍ଦେ । ଆସି ମିଳିଲେ ସମାଜତେ ।
ଏକଶେ ପାଞ୍ଚସସ୍ତ୍ର ମୂର୍ତ୍ତି । ମୁକୁଟ ବନ୍ଧା ଆସିଛନ୍ତି ।
ମଠରେ ହୋଇଲେ ପ୍ରବେଶ । ତା ଦେଖି ଭକ୍ତ ରାମ ଦାସ ।
ହୃଦପଦ୍ମରେ କଲା ସ୍ତୁତି । ଚିନ୍ତିଲ ଅନନ୍ତ ମୁରତି ।
ହେ ପ୍ରଭୁ ତୁମ୍ଭେ ଯାହା କର । ସକଳ ଆଶ୍ରୟ ତୋହର ।
ଏମନ୍ତ ଦୁଷ୍ଟରୁ ତା ମନେ । କଠୋର କଲେ ସାଧୁମାନେ ।
ବୋଇଲେ ଶୁଣ ଦାତା ତୁମ୍ଭ । ଉତ୍ତର କରୁ କାହିଁ ପାଇଁ ।
ଆମ୍ଭ ତରଛା ବେଗେ କର । ଯେବେ ଧର୍ମକୁ ଭଜ ତୋର ।
ବିଳମ୍ବ ହୋଇଲେ ବହୁତ । ତୋହର ସରିବ ମହତ୍ତ୍ୱ ।
ଅନ୍ୟଥେ ସନ୍ତୁ ନ ପାଇବେ । ନାନା ପ୍ରକାରେ ଗାଳି ଦେବେ ।
ତାହା ଶୁଣିଣ ରାମ ଦାସ । ବୋଇଲେ ତୁମ୍ଭେମାନେ ବସ ।

ତୁମ୍ଭ ଚରିତା ବିଧିମାନ । କହିବେ ପ୍ରଭୁ ଲକ୍ଷ୍ମଣ ॥
ମୋ ଘର କେତେକ ମାତର । କହି ଚଳିଲେ ନିଜପୁର ॥
ପୁତ୍ର ଶ୍ୱଶୁରଙ୍କୁ ବସାଇ । ସକଳ କହିଲେ ବୁଝାଇ ॥
ସାଧୁମାନଙ୍କ ଛନ୍ତି ଯେତେ । ମାଣେ ତଣ୍ଡୁଳ ଆଜ ମୋତେ ॥
ପରତେ କରଣ ନ ଦେଲେ । କି ବୁଦ୍ଧି କରିବା ଲୋ ଭଲେ ॥
ସାଧୁଙ୍କ କଟାଳ ବହୁତ । ଘରେତ ନାହିଁ ଆନ ବିତ୍ତ ॥
ଆନର ଚରିତ କେମନ୍ତେ । କରିବା କହ ବୁଦ୍ଧି ମୋତେ ॥
ତା ଶୁଣି ପୁତ୍ର ବାକ୍ୟ କହି । କମାଇ ଚିନ୍ତା କରୁ ତୁହି ॥
ମଠ ପିତ୍ତଳ ହଳମାନ । ଗଣିଆ ଗଡ଼ୁ କରତନ ॥
ଲୋଟିଆ କଳ କୁମ୍ଭ ଯେତେ । ଯେ ଥାଳୀ ପରୁଆ ସହିତେ ॥
ଏମାନେ ଯେତେ ଅଛୁ ତୋର । ଆବର ଦେହ ଅଳଙ୍କାର ॥
ସମସ୍ତ ଘେନ ବେଗେ ଯାଅ । ସାଧୁଙ୍କ ଘରେ ବନ୍ଧାଦିଅ ॥
ଆଜ ଅତିଥିଙ୍କ କେମନ୍ତେ । ଲୋଡ଼ା ହୋଇବ ଧନ ଯେତେ ॥
ବହନ ଯାଇ ଘେନିଆସ । ଶୁଣି ଆନନ୍ଦ ରାମ ଦାସ ॥
ସମସ୍ତ ଦ୍ରବ୍ୟ ଠୁଳ କଲା । ଘେନାଇ ଧର୍ମଘର ଗଲା ॥
ବୋଇଲା ଶୁଣ ହେ ସାଧୁତ । ବନ୍ଧା ତୁ ରଖ ଏହି ବିତ୍ତ ॥
ଆଜ ସାଧୁଙ୍କୁ ଲାଗେ ଯେତେ । କେବଳ ତାହା ଦିଅ ମୋତେ ॥
ଶୁଣି ସାଧୁତ କୋପଭର । ବୋଇଲେ ଶୁଣ ମୋ ଉତ୍ତର ॥
ଯେତେ ପଦାର୍ଥ ଅଛି ତୋର । ସକଳ ବନ୍ଧା ଥିବା ମୋର ॥
ମୋର ପଦାର୍ଥ ମୋତେ ଦେଇ । ଆସିଛୁ ଛଡ଼ିବାର ପାଇଁ ॥
ଶୁଣ ଏ କଥା ମନ୍ଦ ତୋର । ମହତ୍ତ୍ୱ ଯିବଟି ଏଥର ॥
ଯେତେ ତୁ ଧନ ଅଛୁ ନେଇ । ନ ଦେଇ ରଖିଛୁ କମାଇଁ ॥
କେଉଁ ଭରସା ତୋହର । ନ ଦେଇ ପଦାର୍ଥ ମୋହର ॥
ଏଥର ମହତ୍ତ୍ୱ ସରିବ । ପୁତ୍ର କୁଟମ୍ବ ବିକାଯିବ ॥
ଦେଖିବା କେ ରଖିବ ତୋର । ଋଣ ଶୁଝିଲେ ଯିବୁ ଘର ॥
ଏମନ୍ତ ବୋଲି ଗାଳିଦ୍ୟନ୍ତେ । ମିଳିଲେ ସକଳ ସାଧୁତେ ॥

ସକଳ ସାଧୁ ସେଣ୍ଠାରେ । ଗର୍ଜିଲେ ନାନା ପରକାରେ ॥
କେ ବୋଲେ ଧନ ଦେଲେ ଯିବୁ । ନୋହିଲେ ଅର୍ଗଳାରେ ଥିବୁ ॥
ଛାଡ଼ ଏ ବାହାପିଆ ପଣ । ଯେ ଯାହା ଧନ ବେଗେ ଆଣ ॥
ଲଜ୍ଜା କ ନାହିଁ କହ ତୋତେ । ବାଟା ବୋଲନ୍ତି ଏ ଜଗତେ ॥
ଶୁଣିଣ ସବୁର ବଚଣ । ବୋଇଲା ଭକ୍ତ ରାମ ଦାସ ॥
ତୁମ୍ଭେ ସମସ୍ତେ ସାଧୁ ଶୁଣ । ମୋତେ ଲଗିଛି ତୁମ୍ଭ ଋଣ ॥
ଉପର ହସ୍ତେ ଅଛ ଦେଇ । ତଳ ହସ୍ତରେ ଅଛି ନେଇ ॥
ସେ ବ୍ରହ୍ମ ବିଷର ସମାନ । ଖାଇ କେ ପାରିକରେ ଋଣ ॥
ବିଷ ଖାଇଲେ ଜଣେ ମରେ । ବ୍ରହ୍ମସ୍ୱ ବଂଶ ନାଶ କରେ ॥
ବ୍ରହ୍ମା ଇନ୍ଦ୍ରାଦି ସୁରାସୁରେ । ଯକ୍ଷ ଗନ୍ଧର୍ବ ଯେ କିନ୍ନରେ ॥
ଋଣ ଭୁଜଙ୍ଗ ଦଂଶେ ଯାରେ । ଗୁଣିଆ ନାହିଁ ଆଉ ତାରେ ॥
ବିଷ ତ ଝଡ଼ିଲେ ଝଡ଼ଇ । ନୋହିଲେ ଦେହ ସଙ୍ଗେ ରହଇ ॥
ସେ ଯାଇ ଜୀବର ସଙ୍ଗତେ । ବିଷର କଡ଼ପଣ ଏତେ ॥
ବ୍ରହ୍ମସ୍ୱ କାଳେ ଦେହ ନାଶି । ଗମଇ ଜୀବ ସଙ୍ଗେ ମିଶି ॥
ବୃକ୍ଷର ଛାୟା ପ୍ରାୟେ ହୋଇ । ଜୀବର ସଙ୍ଗେ ଲଟିଥାଇ ॥
ଋଣ ସୁଝିଲେ ଛାଡ଼ିଦେଇ । ନୋହିଲେ ଜନ୍ମେଜନ୍ମେ ଥାଇ ॥
ଏଣୁ ଏ ପୁତ୍ର ଦାରା ଧନ । ବୋଲନ୍ତି ଋଣାନୁବନ୍ଧନ ॥
କେବଳ କଥା ଏକ ଅଛି । ଶୁଣ ମୁଁ ତୁମ୍ଭଙ୍କୁ କହୁଛି ॥
ସାଧୁ ଯେ ଚନ୍ଦ୍ର ଗଙ୍ଗାଜଳ । କପାଳୁ କେଡ଼େ ବା ଶୀତଳ ॥
ବୋଇଲେ ରାଜା ଆଉ ନାହିଁ । ଅଧିକ କ କହିବ ମୁହିଁ ॥
ଶୁଣ ହେ ସକଳ ସାଧୁତେ । ଆଜ ମାଗୁଣି ମୋର ଏତେ ॥
ଏ ସଙ୍ଗ ରଖି ତୁମଠାରେ । ସାଧୁ ତରତା ଆଜ କର ॥
ବିଳମ୍ବ କଲେ ଅପରାଧ । କେ ସନ୍ତୁ ସାନ୍ତୁଙ୍କର ବୋଧ ॥
ଏଣୁ ମାଗୁଣି ମୋର ଏତେ । କର ବା ନ କର ସମସ୍ତେ ॥
ତୁମ୍ଭ ବ୍ରହ୍ମସ୍ୱମାନ ଯେତେ । ମନେ ଅଛଇ ମୋ ନିରତେ ॥
ଶ୍ରୀଲଛମନଙ୍କ ଆଜ୍ଞାରେ । ଶୁଝିବ ଦି ଦ୍ୱାଇ ଦିନରେ ॥

ଦାସଙ୍କ କହବାରୁ ଏତେ । ଶୁଣିଣ ଆନନ୍ଦ ସମସ୍ତେ ॥
ସେ ଯାହା ବସ୍ତୁ ଆଣିଥିଲେ । ସମସ୍ତ ଲେଉଟାଇ ଦେଲେ ॥
ସାଧୁଙ୍କ ଚରଣାକୁ ଯେତେ । ଲେଖିଣ ଦେଲେ ଯେ ସମସ୍ତେ ॥
ତାହା ଧରିଣ ସମ୍ପଦାସେ । ଚଳିଲେ ମନର ହରଷେ ॥
ମଠରେ ପ୍ରବେଶ ହୋଇଲେ । ସାଧୁମାନଙ୍କୁ ଚରଚିଲେ ॥
ଅତିଥି ଭୋଜନ ସାରିଣ । ଗଲେ ସେ କଲ୍ୟାଣ ବାଞ୍ଛିଣ ॥
ଏମନ୍ତେ ଦିନଦିନ ଗଲା । ଚତୁର୍ଥ ଦିନ ଆସି ହେଲା ॥
ଏଥିଅନ୍ତରୁ ଭକ୍ତ ଚିତ୍ତେ । ବିଚାର କଲା ନାନାମତେ ॥
କି ବୁଦ୍ଧି କରିବି ବୋଇଲା । ସାଧୁମାନଙ୍କୁ କଷ୍ଟ ହେଲା ॥
ନ ଦେଲେ ତାହାଙ୍କର ବୃତ୍ତ । ରଖିବେ ନାହିଁ ମୋ ମହତ ॥
ଏଥିଅନ୍ତରୁ ତୀର୍ଥବାସୀ । ଯଦ୍ୟପି ଦ୍ୱାରେ ମୋର ଆସି ॥
ପ୍ରକାଶ କରିବେ ଭୋଜନ । ମୋତେ ତ ନ ମିଳିବ ଧନ ॥
ନିରାଶ ହୋଇଣ ସମସ୍ତେ । ଲେଉଟି ଯିବେ ଯେଝାମତେ ॥
ତାହା ଦେଖିଣ ମୋ ଜୀବନ । ଥିବାର କିସ ପ୍ରୟୋଜନ ॥
ନ ଦେଖୁଁ ଏସନ ଚରିତ । ଜୀବନ ଯିବାହିଁ ଉଚିତ ॥
ଏମନ୍ତ ବୋଲି ଚଳିଗଲେ । ନାଗ ଗରଳ ଅଣାଇଲେ ॥
ଯତନ କରି ତାହା ରଖି । ପତ୍ନୀକି ବୋଇଲା ସେ ଡାକି ॥
ଅତିଥି କିଛୁ ନ ପାଇବେ । ନିରାଶ ହୋଇ ବାହୁଡ଼ିବେ ॥
ଏହା ଦେଖିବା ଯାଏ ପ୍ରାଣ । ରହିବା କିସ ପ୍ରୟୋଜନ ॥
ଏଥିକି ନୁହ ତୁ ବିକଳ । ମୁଁ ଏବେ ଭକ୍ଷିବି ଗରଳ ॥
ତା ଶୁଣି ଯୁବତୀ ରତନ । ପତିକି ବୋଲଇ ବଚନ ॥
ତୁମ୍ଭେ ତ ମୋର ସଙ୍ଗଫଳ । ବୃକ୍ଷକୁ ଯେସନ ବକଳ ॥
ଫଳର ମଞ୍ଜି ପ୍ରାପ୍ତେ ହୋଇ । ଦଇବ ଲଗାଇ ଅଛଇ ॥
ପତିବିହୀନା ଯେଉଁନାରୀ । ସଂସାରେ ଥାନ୍ତି ଦେହଧରି ॥
କେ କହୁ ତାଙ୍କ ଦୁଃଖମାନ । ଜୀବନ୍ତେ ମରଣ ସମାନ ॥
ମୋତେ ଛାଡ଼ିବା ମନେକରି । ଏ କେଉଁ ଧରମ ତୁମ୍ଭର ॥

ତୁମ୍ଭେ ପରାଣ ଦେବ ଯେବେ । ମୁହିଁ ଭୁଞ୍ଜିବି ବିଷ ତେବେ ॥
ତାହା ଶୁଣି ସ୍ୱାମୀ ବୋଲେ ସତ । ପୁତ୍ର ଯେ ହୋଇବ ଅନାଥ ॥
ଅବଳା ବୋଲଇ ବଚନ । ଯାହାର ପ୍ରଭୁ ଲକ୍ଷମନ ॥
ତାର କାହାକୁ ଅଛି ଡର । ହେ ସ୍ୱାମୀ ବିସ୍ମର ନ କର ॥
ଏମନ୍ତ କୁହାକୁହି ହେଲେ । ଦୁହେ ଭୁଞ୍ଜିବା ମୂଳ କଲେ ॥
ଏଥି ଉତ୍ତାରୁଂ ଶୁଣ ରସ । ରଜନୀ ହୋଇଲା ପ୍ରବେଶ ॥
ପୁତ୍ର ବାପମା ତିନିଜଣ । ଆନନ୍ଦେ ଭୋଜନ ସାରିଣ ॥
ଶୟନ ମନ୍ଦିରରେ ପଶି । ସମସ୍ତେ ପ୍ରଭୁ ନାମ ଘୋଷି ॥
ବିଷ ଚାଟିଆ ଲୁଚାଇଣ । ରଖିଲେ ଶୟନ ଠାବେଣ ॥
ଭୁଞ୍ଜିବା ପୂର୍ବ ନିଦ୍ରାଗଲେ । ବୋଲି ଗୁପତେ ବିଚାରିଲେ ॥
ପ୍ରଭୁଙ୍କ ପାଦପଦ୍ମେ ମତି । ହୋଇ ଅନେକ କଲେ ସ୍ତୁତି ॥
ଜୟ ତୁ ଜୟ ଦୀନବନ୍ଧୁ । ନାମ କରୁଣାମୟ ସିନ୍ଧୁ ॥
ଅନାଦି ପ୍ରଭୁ ଆଦିକନ୍ଦ । ଲୋକ ପାଳନ ସଦାନନ୍ଦ ॥
ଏଣୁ ଶରଣ ତୋ ପୟର । ତୁ ନାଥ ଯାହା ଇଚ୍ଛାକର ॥
ଜୟ ତୁ ଅନନ୍ତ ମୂରତି । ଅଶେଷ ଜୀବ ପ୍ରାଣପତି ॥
ଜୟ କୋଦଣ୍ଡ କାଣ୍ଡ ପାଣି । ଚିନ୍ତାର୍ପିଜନ ଚିନ୍ତାମଣି ॥
ଭକତ ବତ୍ସଳ ତୋ ବାନା । ଭବ ଭୟକୁ ବଜ୍ରସେହ୍ନା ॥
ପ୍ରାର୍ଥନା ସରୁଛୁ ଆମ୍ଭର । ତୁ ନାଥ ଯାହା ଇଚ୍ଛାକର ॥
ଏହା ବୋଲନ୍ତି ବେନି ପ୍ରାଣୀ । ଜାଣିଲେ ସର୍ବ ଅନ୍ତର୍ଯ୍ୟାମୀ ॥
ମହା ନିଦ୍ରାକୁ ଆଜ୍ଞା ଦେଲେ । ବହନ ଯିବୁ ତୁ ବୋଇଲେ ॥
ମୋ ଭକ୍ତ ମାନଙ୍କୁ ଯାଇଣ । ନିଦ୍ରାରେ ମୋହ ଏକ୍ଷଣ ॥
ଆଜ୍ଞା ପ୍ରମାଣେ ନିଦ୍ରାଗଲା । ତିନିଙ୍କ ହୃଦୟ ମୋହିଲା ॥
ବିଷ ଭକ୍ଷିବା ବୁଦ୍ଧି ଯାଇ । ନିଦ୍ରାରେ ପଡ଼ିଲେ ଘୁମାଇ ॥
ଏମନ୍ତ ସମୟରେ ଆସି । ହୋଇଲା କଣଦଣ୍ଡ ନିଶି ॥
ଯେ ପ୍ରଭୁ ସର୍ବଦା ଅଚିନ୍ତା । ଲାଗିଲା ଭକ୍ତଜନ ଚିନ୍ତା ॥
ଅତ୍ୟନ୍ତ ଉଗ୍ର ହେଲା ମନୁ । ବିଜୟ ପ୍ରଭୁ ଲକ୍ଷମନୁ ॥

ସେ ରାମ ଦାମଙ୍କ ସ୍ୱରୂପ । ମାୟାରେ ହେଲେ ସେହି ରୂପ ॥
ସଙ୍ଗତେ ଘେନି ଦାସଜନ । ବୁହାଇ ସାଧୁଙ୍କର ଧନ ॥
ଛାମୁରେ ବଳଦ ଲଗାଇ । ବିଜୟ କଲେ ଭବଗ୍ରାହୀ ॥
ସାଧୁଙ୍କ ଦ୍ୱାରେ ବିଜେ କରି । ଡାକିଲେ ଧର୍ମ ନାମ ଧରି ॥
ବହନ ହୋଇ ଉଠି ଆସ । ଆମ୍ଭେ ଆସିଛୁ ରାମ ଦାସ ॥
ଦଇବେ କଣ୍ଠ ଆକନ୍ଦନ । ନିଅ ତୋ ଋଣ ଦେବା ଧନ ॥
ଶୁଣି ସାଧୁତ ବେଗେ ଉଠି । ଦ୍ୱାରେ ପ୍ରଭୁଙ୍କୁ ଯାଇଁ ଭେଟି ॥
ସୁର ଯୋଗୀନ୍ଦ୍ର ମୁନିମାନେ । ଯାହା ଚିନ୍ତନ୍ତି ଦିବ୍ୟଜ୍ଞାନେ ॥
ଭକ୍ତକୁ ଋଣ ଦେବାପଣେ । ତାଙ୍କୁ ଦେଖିଲେ ଚର୍ମଡୋଳେ ॥
ଯା ମାୟା ବେଦେ ଅଗୋଚର । କାହୁଁ ଚିହ୍ନିବ ନର ଛାର ॥
ନିଜ ଖାତକ ପ୍ରାୟେ ମଣି । ବୋଇଲେ ଶୁଣ ମୋର ବାଣୀ ॥
ଏଡ଼େ ନିଶାରେ କାହିଁପାଇଁ । ଅଇଲ କହ ହେ ଗୋସାଇଁ ॥
ତା ଶୁଣି ଜଗତ ଜୀବନ । ବୋଇଲେ ଶୁଣ ମୋ ବଚନ ॥
ପଦାର୍ଥ ନଥିବାରୁ ମୋତେ । କହୁ ଯେ ଥିଲେ ନାନା ମତେ ॥
ଆଜ ପ୍ରବେଶ ହେଲ ବଉ । ରଖିବା ନୁହଇ ଉଚିତ ॥
ଲେଖିଦେବା ଯେ ଧନ ତୋର । ମିଶାଇ ମଳ କଳନ୍ତର ॥
ସୁନସ୍ତା ଗଣି ଘେନିଯାଅ । ଆମ୍ଭର ଗୋଳା ଗୋଟି ଦିଅ ॥
ଏମନ୍ତ ବୋଲି ଧନ ଦେଲେ । ତାଠାରୁ ଗୋଳା ଘେନିଗଲେ ॥
ବୋଇଲେ ଶୁଣ ହେ ସାଧୁତ । ତୋ ଆଗେ କହୁଁ ଅଛୁ ସତ ॥
ଏବେ ମୁଁ କହୁଅଛୁ ତୋତେ । ବ୍ୟସ୍ତ ତୁ ସାଧୁଙ୍କ ନିମନ୍ତେ ॥
ଯେତେ ଲଗିବ ଦେଉଥିବୁ । ସେ ଧନ ଆମ୍ଭେ ଶୁଝିଦେବୁ ॥
ଆମ୍ଭେ ଖାତକ ତୁମ୍ଭେ ସାଧୁ । ଏଥିକ କର୍ମା ଉରୁ ଥାଉ ॥
ଏମନ୍ତ ଆଜ୍ଞା ତାକୁ ଦେଲେ । ସେଠାରୁ ବିଜେ କରିଗଲେ ॥
ଏହି ପ୍ରକାରେ ଯେତେ ସାଧୁ । ସଭିଙ୍କ ଦ୍ୱାରେ ମହାବାହୁ ॥
ସୁନସ୍ତାମାନ ଗଣି ଦେଲେ । ସମସ୍ତ ଗୋଳା ଘେନିଗଲେ ॥
ଚଳିଣ ଗଲେ ସେ ସତ୍ୱରେ । ମନ ଅଛଇ ଭକ୍ତଠାରେ ॥

ପ୍ରବେଶ ଦାସଙ୍କ ଭୁବନେ । ବିଜୟ କଲେ ସୀମସ୍ଥାନେ ॥
ବସ୍ତ ଚାଟିଆ କରେ ଧରି । ଫିଙ୍ଗିଣ ଦେଲେ ଦୂର କରି ॥
ସେହି ଚାଟିଆ ପରେ ଶୋଜା । ରଖି ଦେବାଧି ଦେବରାଜା ॥
ଅନ୍ତର ହେଲେ ଜଗନ୍ନାଥ । ଏମନ୍ତେ ଗଲା ରାତ୍ର ପାନ୍ଥ ॥
କାକ କୁକ୍କୁଟ ରଡ଼ ଶୁଣି । ନିଦ୍ରା ତେଜିଲେ ଦେବପ୍ରାଣୀ ॥
ରଟି ପ୍ରଭୁଙ୍କ ନାମ ଗୁଣ । ପଣ୍ଡା ବୋଇଲେ ପତ୍ନୀ ଶୁଣ ॥
ମୁଁ ବଡ଼ ମନ୍ଦକର୍ମ କଲି । ବସ୍ତ ନ ରକ୍ଷି ନିଦ୍ରା ଗଲି ॥
ଦେଖ ପାହିଲା ଆସି ରାଜ । ଏମନ୍ତ ବୋଲି ବସ୍ତପାଜ ॥
ଦେଖିଲେ ବସ୍ତ ନାହିଁ କିଛି । ପଜ ଯେ ଖଣ୍ଡି କେତେ ଅଛି ॥
ବୋଇଲେ କି ଅଦ୍ଭୁତ ହେଲା । ରଖିବା ବସ୍ତ କେଣେ ଗଲା ॥
ଏମନ୍ତ ବୋଲି ପାଜ ଧରି । ଝାପ ଲଗାଇ ପାଠ କରି ॥
ଆପଣା ନାମ ଗୋଜା ଜାଣି । ବୋଇଲେ ଶୁଣ ପ୍ର ସ୍ୱାମଣି ॥
ଏହାତ ବଡ଼ ଆଚମ୍ବିତ । କେବଳ ପ୍ରଭୁଙ୍କ ଆସୁତ ॥
ଗରଳପାଜ କେଣେ ଗଲା । ଆମ୍ଭର ଗୋଜ କେ ଆଣିଲା ॥
କେମନ୍ତେ ଜାଣିବା ଏ କଥା । ମୋର ମନକୁ ଲାଗେ ବ୍ୟଥା ॥
ଏମନ୍ତେ କୁହାକୁହି ହୋନ୍ତେ । ଆସିଣ ମିଳିଲେ ଅତିଥେ ॥
ବେଳ ପ୍ରହରେ ଅଛି ହୋଇ । ବସିଲେ ମଠଦ୍ୱାରେ ଯାଇ ॥
ସମସ୍ତେ ଏକସ୍ଥାନେ ବସି । ଦାସଙ୍କୁ ଅନେକ ପ୍ରଶଂସି ॥
ଡାକିଲେ ଆସ ରାମ ଦାସ । କାଲିରୁ ସର୍ବେ ଉପବାସ ॥
ଆମ୍ଭ ତରନ୍ତ ବେଗେ କର । ତା ଶୁଣି ମଠରୁ ବାହାର ॥
ସାଧୁଙ୍କୁ କରିଣ ଦର୍ଶନ । ବସ୍ତ୍ରର କଲା ପଞ୍ଚମନ ॥
ଏଥର କି ବୁଦ୍ଧି କରିବ । କାହାକୁ ଯାଇ କି ମାଗିବ ॥
ସାଧୁମାନଙ୍କ ଦ୍ୱାରେ ଗଲେ । ମହନ୍ତ ସାରିବେ ମୋ ଭଲେ ।
ଏମନ୍ତେ ବିଚାରୁଛି ଚିତ୍ତେ । ସାଧୁ ଯେ ଆସିଣ ଭୁଲିତେ ॥
ବୋଇଲେ ଶୁଣ ହେ ଗୋସାଇଁ । ମନରେ ଦୁଃଖ କାହିଁ ପାଇଁ ॥
ସକାଳ ଯାଏ ନ ରଖିଲ । ରାଜ ଅର୍ଦ୍ଧରେ କର୍ମା ଗଲ ॥

ସୁନ୍ଦି ସକଳ ସାଧୁ ଧନ । ଘେନିଅଇଲ ଗୋଲା ପୁଣ ॥
ସବସାଧୁବା ଯାଏ ଥିଲେ । ଦେବା ତୁମ୍ଭଙ୍କୁ ପଣ୍ଡୁଥିଲେ ॥
ତା ଶୁଣି ଭକ୍ତ ରାମ ଦାସ । ପୂଜଇ ସାଧୁଙ୍କର ପାଶ ॥
ତୁମ୍ଭକୁ ଧନ ଦେବାବେଳେ । ଦେଖିଲଟିକି ଚର୍ମଡୋଳେ ॥
ତା ଶୁଣି ବୋଲନ୍ତି ସାଧୁରେ । ଗୋଲା ଦେଇଛୁ ତୁମ୍ଭ ହସ୍ତେ ॥
ତୁମ୍ଭେ ଆମ୍ଭକୁ ଦେଲ ଧନ । ଏବେତ କହୁଛ ଏମାନ ॥
ତା ଶୁଣି ଭକ୍ତ ଅତି ଶୋକେ । ଧର୍ମମାନଙ୍କୁ ଧରି ବୋଲେ ॥
ବୋଇଲେ ଧନ୍ୟ ତୁମ୍ଭେମାନେ । ପ୍ରଭୁଙ୍କୁ ଦେଖିଲ ନୟନେ ॥
ମୁଁ କେତେ ପାପ କରିଥିଲି । ଜନେ ସ୍ୱପନେ ନ ଦେଖିଲି ॥
ତାହା ଶୁଣିଣ ମହାଜନେ । ଅତି ଗଦଗଦ ହେଲେ ମନେ ॥
ବୋଇଲେ ନଶ୍ୱେଁ ଭକ୍ତବରେ । କଷ୍ଟ ଯେ ହଜସ୍ୱ ସାକ୍ଷାତେ ॥
ହେ ରାମ ଦାସ ତୋ କୃପାରୁ । ଆମ୍ଭେ ଦେଖିଲୁ ମହାମେରୁ ॥
ତୋ ସଙ୍ଗେ ନ ଥିଲେ କ୍ୟାପାଇ । କାହୁଁ ଦେଖନ୍ତୁ ଈଶ୍ୱରଙ୍କ ॥
ଏବେ ଆମ୍ଭର କଥା ଶୁଣ । ଦାସ ତନୟ ଧନପ୍ରାଣ ॥
ଆଜ୍ଞୁଁ ତୁ ଯାହା କଲେ କର । ଚରଣେ ଶରଣ ତୋହର ॥
ଏମନ୍ତ କହି ଚଳିଗଲେ । ସାଧୁଙ୍କ ପାଇଁ ସଞ୍ଚା ଦେଲେ ॥
ତାହା ଦେଖିଣ ରାମଦାସ । ସମର୍ପି ଅତିଥିଙ୍କ ପାଶ ॥
ନିଜପୁରକୁ ଚଳିଗଲେ । ପୁତ୍ର ଭାରଯା ବସାଇଲେ ॥
କହିଲେ ସକଳ ଚରିତ । ଶୁଣି ସେ ହେଲେ ଆଚମ୍ବିତ ॥
ବୋଇଲେ ପ୍ରଭୁ ବିନା ଆନ । ଏହା କେ କରିବା ଭାଜନ ॥
ପ୍ରାଣୀ ନ ଜାଣି ମୂଢ଼ପଣେ । ଭ୍ରମୁଅଛନ୍ତି ଅକାରଣେ ॥
ଯାର ମହିମା ଚରାଚର । ପୂରି ରହିଛି ପରାପର ॥
ଚିନ୍ତିଲେ ନାହିଁ ଭୟ ଭ୍ରାନ୍ତି । ନ ଚିହ୍ନି ଜନ୍ମ ମୃତ୍ୟୁ ପାନ୍ତି ॥
ଏମନ୍ତ ବୋଲି ତିନିଜଣ । ଚିନ୍ତିଲେ ଅନନ୍ତ ଚରଣ ॥
ଏକଇ ଚିତ୍ତ ଏକମନ । ହୋଇଣ ପ୍ରଭୁ ଲକ୍ଷମନ ॥
ପାଦପଦ୍ମରେ ଚିତ୍ତ ଦେଲେ । ଦିବସ ରଜନୀ କହିଲେ ॥

ନରକେ ପର ଉପକାର । କରିବା ମୂଳ ଅଟେ ତାର ॥
ଏମନ୍ତ ବଖାଣିଲେ ଧନ । ପ୍ରଭୁଚରଣେ ଦେଇ ମନ ॥
ଶୁଣ ହେ ମନ ନୃପନାଥ । ବାନର ମହିମା ଏମନ୍ତ ॥
ପାଷାଣ୍ଡଲୋକ ଯେଉଁମାନେ । ପରତେ ନାହିଁ ତାଙ୍କମନେ ॥
ଯେ ଅବା ଜାଣଇ ଏ ଭାବ । ତାଙ୍କମାନଙ୍କୁ ଏ ଦୁର୍ଲ୍ଲଭ ॥
କହଇ ରାମ ଦାସ ମନ । ମୂଳ ମୋ ପ୍ରଭୁ ଲକ୍ଷମନ ॥
ସେ ପାଦପଦ୍ମରେ ନିରତ । ଭ୍ରମର ହେଉ ମୋର ଚିତ୍ତ ॥
ସାଧୂମାନଙ୍କ ପାଦ ଧୂଳି । ମଣ୍ଡିତ ହେଉ ମୋ ମଉଳି ॥
ଏମନ୍ତ ଚଇତନ୍ୟ କଥା । ଶୁଣି ଗୁଚଇ ଭବବ୍ୟଥା ॥
ସୁଜନ ଶୁଣି ହୁଅ ପାର । ଶମନ ଦଣ୍ଡରୁ ଉଦ୍ଧାର ॥
କହ କିଙ୍କର ରାମଦାସ । ମୂଳଟି ଅଟଇ ବିଶ୍ୱାସ ॥

ଇତି ଶ୍ରୀ ବାର୍ତ୍ତ୍ୟତାଭକ୍ତିରସାମୃତେ ମନ ଚୈତନ୍ୟସମ୍ବାଦେ ରାମଦାସ ମୋକ୍ଷଣେ ନାମ ସପ୍ତମୋଽଧ୍ୟାୟଃ ।

—:0:—

## ଅଷ୍ଟମ ଅଧ୍ୟାୟ

### ରଘୁଅରକ୍ଷିତ ସମ୍ବାଦ

### ଚୈତନ୍ୟ ଉବାଚ

ହେ ମନ ଶୁଣ ଭବ୍ୟରସ । ଅଶେଷ ଜନ୍ମ ପାପନାଶ ॥
ଏକଡ଼ ଆଚମ୍ଭିତ କଥା । ଶୁଣି ଗୁଚଇ ଭବବ୍ୟଥା ॥
ଅମୃତ ରସର ସମାନ । ଶୁଣ ସୁସ୍ଥିର କରି ମନ ॥
ଯେବଣ ବଙ୍ଗଦେଶ ନାମ । ସକଳ ଦେଶରେ ଉତ୍ତମ ॥
ସେ ଦେଶେ ଏକଇ ସହର । ନାମ ତାହାର ହରିପୁର ॥
ସେ ଦେଶେ ଅଟେ ଅଧିପତି । ଅକଳାଚଳ ତା ସମ୍ପତ୍ତି ॥
ନାମ ତା କୃଷ୍ଣ ମହାପାତ୍ର । ତାହାର ଏକଗୋଟି ପୁତ୍ର ॥
ପତ୍ନୀର ନାମ ତା କମଳା । ସଦା ଆନନ୍ଦ ଅତି ଭୋଳା ॥
ପୁତ୍ରର ନାମ ରଘୁନାଥ । ଭକ୍ତର ଅଂଶେ ସେହୁ ଜାତ ॥

ଏମନ୍ତେ ତିନଜଣ ଥାନ୍ତି । କରିଣ ନର୍ମଳ ଭକତ ॥
ଦୁଃଖୀ ଦରିଦ୍ର ଜନଠାରେ । ଘୃଣା ନ ଥାଇ ମନରେ ॥
ଯଥାଇ ଶକ୍ତି ଯେନ ତାର । କରନ୍ତେ ପର ଉପକାର ॥
ଅମୃତ ସମାନେ ବଚନ । କହି ତୋଷଇ ପ୍ରାଣୀମନ ॥
ଏମନ୍ତେ କେତେଦିନ ଗଲା । ପୁତ୍ରର ଷୋଳବର୍ଷ ହେଲା ॥
ତା ଦେଖି ଜନମା ପିଅର । ଖୋଜି ଉତ୍ତମ କନ୍ୟା ଘର ॥
ମଧ୍ୟବଙ୍ଗଳା ଯେ ସହର । ସେ କଳାବତୀପୁରେ ଘର ॥
କରଣ ନାମ ଗଙ୍ଗାଧର । କୁବେର ସମ ଧନ ତାର ॥
ସପତ ପୁତ୍ରରେ କୁମାରୀ । ଲକ୍ଷଣବନ୍ତ ସୁକୁମାରୀ ॥
ନାମ ତାହାର ଅନ୍ନପୂର୍ଣ୍ଣା । ପଦ୍ମିନୀ ଜାତି ଯେ ସୁଷମା ॥
ଅନେକ ଧନ ବ୍ୟୟ କଲେ । କୃଷ୍ଣ ପୁତ୍ରକୁ ବିଭା କଲେ ॥
ଏମନ୍ତେ କେତେଦିନ ଗଲା । ତାର ସମ୍ପଦ ଚ୍ୟୁତ ହେଲା ॥
ଦରିଦ୍ର ହୋଇ ଦୁଃଖ ପାଇ । କଷ୍ଟ ସେ ନ ପାରିଲା ସହି ॥
ଚିନ୍ତା କରିଣ ପିତା ମଲା । ମାତା ଅନଳେ ଝାସ ଦେଲା ॥
ରହିଲା ଏକଇ କୁମର । ଦଇବେ ଅତି ସୁକୁମାର ॥
ତା କଷ୍ଟ କହୁଁ ନ ସରଇ । ଭିକ୍ଷା ମାଗିଣ ସେ ଖାଅଇ ॥
ଏମନ୍ତେ କେତେଦିନ ଗଲା । ତା ଚିତ୍ତେ ଦିବ୍ୟଜ୍ଞାନ ହେଲା ॥
ବିଚାର କଲା ଅନୁକ୍ଷଣେ । ଏଥେଁ ମୁଁ ଥିବି କି କାରଣେ ॥
ସକଳ ଜୀବର କରତା । ଭକତି ମୁକତିର ଦାତା ॥
କମଳାଦେବୀ ପ୍ରାଣପତି । ଦୀନବାନ୍ଧବ ଜଗଜ୍ଜ୍ୟୋତି ॥
ବିଜୟ ଶ୍ରୀ ନୀଳକନ୍ଦର । କମ୍ବୁ ରଥାଙ୍ଗ ଧରିକର ॥
ସେ ପ୍ରଭୁ ଶ୍ରୀମୁଖକୁ ମୁଁ ଯିବି । ସକଳ କଷ୍ଟ ଜଣାଇବି ॥
ଶ୍ରୀମହାପ୍ରସାଦ କୈବଲ୍ୟ । ଖାଇ ବଞ୍ଚିବି ମୋର କାଳ ॥
ଦଇବେ ମହାପୁଣ୍ୟକ୍ଷେତ୍ର । ମଲେତ ହୋଇବି ପବିତ୍ର ॥
ଏମନ୍ତେ ମନେ ବିଚାରିଲା । ଶ୍ରୀକ୍ଷେତ୍ରେ ବେଗେ ଚାଲିଗଲା ॥
ବର୍ଣ୍ଣନ କଲା ପଦ୍ମମୁଖ । ଶ୍ରୀମୁଖରେ ଜଣାଇଲା ଦୁଃଖ ॥

ପିତା ଜନନୀ ଦୁହେଁ ମଲେ । ମୋତେ ଅନାଥ କରିଗଲେ ॥
ଏଣୁଟି ରଘୁ ଅରକ୍ଷିତ । ତୋ ପାଦେ ଶରଣ ବାଞ୍ଛିତ ॥
ହେ ପ୍ରଭୁ ଯାହା ଇଚ୍ଛା କର । କହିଲ ଦାସ ମୁହିଁ ତୋର ॥
ଏମନ୍ତେ କଷ୍ଟ ସ୍ତୁତି କଲେ । କ୍ଷେତ୍ରରେ ବହୁଳ ଦିନ ନେଲେ ॥
ବୈଷ୍ଣବ ମଠଧାରୀଦ୍ୱାରେ । ମହାପ୍ରସାଦ ଭିକ୍ଷା କରେ ॥
ଭାଗ୍ୟେ ମିଳଇ ଯେତେ ଅବା । ଆନନ୍ଦେ ତାହା କରେ ସେବା ॥
ପ୍ରଭୁଙ୍କୁ କରି ଦରଶନ । ଏହି ପ୍ରକାରେ ବଞ୍ଚେ ଜନ ॥
ଏମନ୍ତେ କେତେଦିନ ଗଲା । ଶ୍ୱଶୁର ଘର ତା ଜାଣିଲା ॥
ରଘୁଅକ୍ଷିତ ଦୁଃଖ କଥା । ସକଳେ ପାଇଲେ ବାରତା ॥
ସମସ୍ତ କୁଟୁମ୍ବ ବସିଣ । ଭାବ ଦୁହିତା ପତି ଗୁଣ ॥
ବାହୁତ କାହୁ ମାତା ପିତା । ଖାଇଣ ହୋଇଲା ଅଚେତା ॥
ସବୁ ସମ୍ପଦ ନାଶ କରି । ଭିକ୍ଷା ମାଗଇ ଦେଶ ଫେରି ॥
ଅକ୍ଷିତ ଲୋକ ପ୍ରାୟେ ହୋଇ । ମିଳିଲା ଶ୍ରୀକ୍ଷେତ୍ରରେ ଯାଇଁ ॥
ସମସ୍ତ ଦ୍ୱାରେ ଭିକ୍ଷା କରେ । ପ୍ରାଣ ପୋଷଇ ଅନାସ୍ଥରେ ॥
ତାକୁ କେମନ୍ତେ ଝିଅ ଦେବା । କରିବା ଅନ୍ୟଜନେ ବିଭା ॥
ଏମନ୍ତ ବୋଲିଣ ସମସ୍ତେ । ବିଚାର କଲେ ଦୃଢ଼ଚିତ୍ତେ ॥
ସେହି ରାଜ୍ୟର ରାଜା ପାତ୍ର । ନାମ ତା ବାସୁ ମହାପାତ୍ର ॥
ଦୁହିତା ପାଇଁ ତା ପୁତ୍ରକୁ । ଖୋଜିଲେ ବିଭା କରିବାକୁ ॥
ଆସନ୍ତା ଫଗୁଣ ମାସରେ । ଶୁକ୍ଳପକ୍ଷ ପଞ୍ଚମୀରେ ॥
ବିଭା କରିବା ହେବା ମୂଳ । ତା ଶୁଣି ଦୁହିତା ବିକଳ ॥
ମନେ ବିଚାର ହେଲା ତାର । ଧିକ ଜୀବନ ଅଟେ ମୋର ॥
ମୋ ପ୍ରାଣନାଥ ଥାଉଁ ଥାଉଁ । ବିଭା କରିବେ ମୋତେ ଆଉ ॥
ମୁଁ ପୁଣି ଧରି ଏ ଶରୀର । ବଦନ ଦେଖିବି କାହାର ॥
ଏମନ୍ତ ମନେ ବିଚାରିଣ । ଡାକେ ଚନ୍ଦ୍ରଲ ନାରାୟଣ ॥
ହେ ପ୍ରଭୁ ଗଜ ନିସ୍ତାରଣ । ଦ୍ରୌପଦୀ ଲଜ୍ଜା ନିବାରଣ ॥
ମୃଗୁଣୀ ଉଦ୍ଧାରଣ ପ୍ରାୟେ । ମୋତେ ଉଦ୍ଧର ଦେବରାଏ ॥

ଭେଟ କରାଅ ମୋର କାନ୍ତ । ନୋହିଲେ ମରିବ ନିଶ୍ଚିତ ॥
ଏମନ୍ତ ଚିନ୍ତି ଭଗବାନ । ସ୍ଥିର କଲା ତାର ମନ ॥
କେ ଏବେ ଯିବ କ୍ଷେତ୍ରବରେ । କହିବ ମୋ ପତି ଛାମୁରେ ॥
ଏମନ୍ତେ ଝୁରନ୍ତି ଝୁରନ୍ତି । କେତେହେଁ ଜଣ ସେ ଗ୍ରାମରୁ ॥
ଶ୍ରୀଜଗବନ୍ଧୁଙ୍କ ଦର୍ଶନ । ନିମନ୍ତେ କରନ୍ତେ ଗମନ ॥
ତା ଦେଖି ଆନନ୍ଦ ସୁନ୍ଦରୀ । ପତ୍ର ଲେଖିଲା ଗୋପ୍ୟକରି ॥
କୋଇଲା ଆହେ ପ୍ରାଣେଶ୍ୱର । ମୁଁ ଯେବେ ଦାସୀଟି ତୁମ୍ଭର ॥
ଆସନ୍ତା ଫଗୁଣ ମାସରେ । ଶୁକ୍ଳ ପକ୍ଷ ପଞ୍ଚମୀରେ ॥
ଏ ରାଜ୍ୟପାଟ କୁମରକୁ । ବିଭା କରିବେ ମୋତେ ତାକୁ ॥
ଏଥିକୁ ବୁଝି ବେଗେ ଆସ । ମୋ ଠାରେ ଅଛି ଯେବେ ଆଶ ॥
ଆସ ନ ଆସ ତୁମ୍ଭ ମନ । ମୁଁ ଏବେ ଗଣୁଅଛି ଦିନ ॥
ଯେବେ ଏ କଣ୍ଠ ପରିଯନ୍ତେ । ଦେଖା ନ ଦେବ ତୁମ୍ଭେ ମୋତେ ॥
ପ୍ରାଣ ଛାଡ଼ିବ ଆତ୍ମାଘାତେ । ଲାଗିବ ସ୍ତ୍ରୀହତ୍ୟା ତୋତେ ॥
ଏମନ୍ତେ ଚିଠାଉ ମୁଡ଼ିଲା । ପଥିକଜନ ହସ୍ତେ ଦେଲା ॥
ବିନୟେ କହିଲା ବହୁତ । କ୍ଷେତ୍ରେ ଅଛନ୍ତି ମୋର କାନ୍ତ ॥
ରଘୁଅଛିତ ନାମ ତାର । ଭିକ୍ଷା ମାଗଇ ଦ୍ୱାର ଦ୍ୱାର ॥
ଏ ଲେଖା ଦେବ ତାଙ୍କ ହସ୍ତେ । ଜୀବନଦାସ ଦେବ ମୋତେ ॥
ଜନ୍ମ ଜନ୍ମରେ ଉପକାର । ସୁଝି ନ ପାରିବ ତୁମ୍ଭର ॥
ଏମନ୍ତ କହିଲାକ ବାଳୀ । ପଥିକଜନ ଗଲେ ଚଳି ॥
କେତେହେଁ ଦିନର ଉତ୍ତାରେ । ମିଳିଲେ ଯାଇଁ କ୍ଷେତ୍ରବରେ ॥
ଏକଇ ସ୍ଥାନେ ବସାକରି । ପ୍ରଭୁଙ୍କ ଦରଶନ ସାରି ॥
ସୁନ୍ଦରୀ କଥା ଅଛି ମନେ । ତା ପତି ଲୋଡ଼ନ୍ତି ଯତନେ ॥
ରଘୁଅଛିତ ନାମ ଧରି । ଯାହାକୁ ଦେଖିଲେ ପଚାରି ॥
ଏମନ୍ତେ କେତେଦିନ ପରେ । ଭେଟପଡ଼ିଲା ସିଂହଦ୍ୱାରେ ॥
ନାମ ଗୋତ୍ରହିଁ ପଚାରିଲେ । ଚିଠାଉ ତାର ହସ୍ତେ ଦେଲେ ॥
ବୁଝ ହେ ପତ୍ରପାଠ କରି । ଦେଇଅଛନ୍ତି ତୁମ୍ଭ ନାରୀ ॥

ତା ଶୁଣି ରଘୁ ଅରକ୍ଷିତ । ଚଟାଙ୍କୁ ଧରଣ ଏକାନ୍ତ ॥
ସକଳ ବୃତ୍ତାନ୍ତ ବୁଝିଲେ । କି ବୁଦ୍ଧି କରିବ ବୋଇଲେ ॥
ପଥ ଅଟଇ ମାସକର । ନ ଗଲେ ମଲା ପ୍ରିୟା ମୋର ॥
କଣ୍ଠ ରହିଲା ବଶଦନ । ନ ଗଲେ ଯୁବତୀ ରତନ ॥
ନଷ୍ଟେ ମରିବ ଆତ୍ମଘାତେ । ଏଥିକୁ ସାହା ଜଗନ୍ନାଥେ ॥
ଏମନ୍ତ ବୋଲି ଚଳିଗଲେ । ପ୍ରଭୁଙ୍କ ଛାମୁରେ ମିଳିଲେ ॥
ସାଷ୍ଟାଙ୍ଗେ କରି ଦଣ୍ଡବତ । ଉଠି କପାଳେ ଦେଇ ହସ୍ତ ॥
ବୋଇଲେ ପ୍ରଭୋ ଚକ୍ରପାଣି । ଚିନ୍ତାର୍ଥିଜନ ଚିନ୍ତାମଣି ॥
ନମସ୍ତେ ବାଞ୍ଛା କଳ୍ପତରୁ । କୃପାସମୁଦ୍ର ମହାମେରୁ ॥
ଭକ୍ତ କାମନା କାମଧେନୁ । ଘୋର ବିପତ୍ତିତମ ଭାନୁ ॥
ମୋର ସଙ୍କଟ ନିବାରଣେ । ତୁମ୍ଭହୁଁ ନାହିଁ ଅନ୍ୟ ଜଣେ ॥
କିସ କହିବି ଦେବସ୍ୱାମୀ । ତୁମ୍ଭେତ ସର୍ବ ଅନ୍ତର୍ଯ୍ୟାମୀ ॥
ବାରେକ ଫେଡ଼ ଅଭିମାନ । ନୋହିଲେ ଗଲାଟି ଜୀବନ ॥
ପ୍ରଭୁ ନୋହିଲେ ସାହାପକ୍ଷ । ସଂସାରେ ନାହିଁ ମୋତେ ରକ୍ଷ ॥
ଭାଷିଲା ରଘୁ ଅରକ୍ଷିତ । ବୋଲନ୍ତେ ଚଳିଲା ତ୍ୱରିତ ॥
ମିଳିଲା ସିଂହଦ୍ୱାରେ ଯାଇ । ଛିଣ୍ଡା କଟସ ପାଶ ଶୋଇ ॥
ଚିନ୍ତିଣ ଶରଣ ପଞ୍ଜର । ହାରିଲା ଦେହ ବୁଦ୍ଧି ତାର ॥
ଘୋର ନିଦ୍ରାରେ ଅଶକତ । ତାହା ଜାଣିଲେ ଜଗନ୍ନାଥ ॥
ଭୃତ୍ୟ ବତ୍ସଳ ଯାର ବାନା । ଲଗିଲା ସେବକ ବେଦନା ॥
ପ୍ରଭୁ ତା ସହି ନ ପାରିଲେ । ବେତାଳ ଡାକି ଆଜ୍ଞାଦେଲେ ॥
ବୋଇଲେ ଏହିକ୍ଷଣି ଯିବ । ମୋର ଭକ୍ତକୁ ବହି ନେବ ॥
ନିଦ୍ରା ନ ଭାଙ୍ଗୁ ତୋଳି ନେବ । ତୁମ୍ଭ ନେବାର ନ ଜାଣିବ ॥
ଯେ କଳାବତୀ ପାଟଣାର । ରଘୁଅରକ୍ଷିତ ବନ୍ଧୁ ଘର ॥
ଶୀଘ୍ର ଆସିବ ସେହିଠାର । ଯାଅରେ ବିଳମ୍ବ ନ କର ॥
ବେତାଳେ ପ୍ରଭୁ ଆଜ୍ଞାପାଇ । ଚଳିଲେ ଅତି ବେଗ ହୋଇ ॥
ରଘୁଅରକ୍ଷିତ ପାଶେ ମିଳି । କଟସ ସଙ୍ଗତରେ ତୋଳି ॥

ମାସ୍ତୁପଲଙ୍କେ ଶୁଆଇଲେ | ଶନ୍ୟମାର୍ଗରେ ବନ୍ଧୁନେଲେ ||
ପ୍ରବେଶ କଲାବଣ୍ଡପୁରେ | ବାସଙ୍କ ଶ୍ୱଶୁର ଦୁଆରେ ||
ନଷ୍ଟଲେ ଶୁଆଇ ଅଇଲେ | ପ୍ରଭୁଙ୍କ ଗ୍ରାମ୍ଯରେ କହିଲେ ||
କହି ଚଳଲେ ନଜପୁର | ଏମନ୍ତେ ଉବେ ବଦାକର ||
ରଘୁଅଛିତ ଦେଖ ରୁହିଁ | ଦେଖିଲ ଷେୟବରେ ନାହିଁ ||
ବସ୍ୱର କଲ ତାର ଟଲ | ଏତ ଅଟଇ ବପସ୍ୱାତ ||
ଥିଲି ମୁଁ ସିଂହଦ୍ୱାରେ ଶୋଇ | କେ ମୋତେ ଗଲା ଏଥେ ଥୋଇ ||
ଏହା ମୁଁ ଜାଣିବ କେମନ୍ତ | ଜାହାକୁ ପଚ୍ଛରିବ ଏଥେ ||
ଏ ପୁଣି ଅଟେ କେଉଁ ଗ୍ରାମ | କାହାର ଅଟେ ଏ ଆଶ୍ରମ ||
ଏମନ୍ତ ବଗ୍ଗ୍ଲ ତା ମନେ | ପୁଛିଲ ଗତାଗତ ଜନେ ||
ଲେକେ ବୋଇଲେ ତାହା ଶୁଣି | ଶୁଣ ଭିକ୍ଷୁକ ଆମ୍ଭ ବାଣୀ ||
ଏ ଅଟେ କଳାବଣ୍ଡପୁର | ଏ କୃଷ୍ଣ ମହାପାତ୍ର ଘର ||
ଶୁଣି ଭକତ ମନେ ଗୁଣି | ମୋ ଚନ୍ତା ଜାଣି ଚକ୍ରପାଣି ||
ପେଶିଲେ ମାସ୍ତାକଲ୍ ଏଥେ | ଆନର ବଳେ ନୋହେ ଏତେ ||
ବ୍ରହ୍ମାଣ୍ଡ ଯାର ଖେଳଘର | ଏ କଥା କେତେକ ମାତର ||
ଏମନ୍ତେ ବଗ୍ଗ୍ରୁ ତା ମନେ | ଘରୁ ବାହାର ଶଳାମାନେ ||
ଦ୍ୱାରେ ଦେଖିଲେ ଜପଗତ | ହୋଇଛୁ ରଘୁ ଅରକ୍ଷିତ ||
ଛୁଣ୍ଡାଲେଙ୍କଡ଼ା ବେଶହୋଇ | ଚହ୍ଲି ଘରକୁ ଗଲେ ଧାଇଁ ||
କହିଲେ ପିତାଙ୍କ ଗ୍ରାମ୍ଯରେ | ତୁମ୍ଭ ଦୁହିତା ପତ ଦ୍ୱାରେ ||
ବସିଛୁ କେମନ୍ତ ପ୍ରକାରେ | ଚାଲ ଦେଖିବ ଧାଉଁକାରେ ||
ତା ଶୁଣି ଜନମ ପିଅର | ପୁଚ ଦୁହିତା ଆଦ ତାର ||
ମନ୍ଦରୁ ବାହାର ହୋଇଲେ | ବସିଛୁ ଅନାଇଣ ଦେଲେ ||
ଦୁହିତା ଦେଖି ମହାସୁଖୀ | ସକଳ ମୁଖ ଟଳ ଶୁଖି ||
ବୋଇଲେ ବରଦ କ କଲ | ଆସିତ ମନ୍ଦକୁଟ୍ୟ ହେଲ ||
ନ କଲେ ଏହାକୁ ଅର୍ଚ୍ଚନା | ଘାଇବାଲେକେ ନନ୍ଦା ସିନା ||
ଏମନ୍ତ ବୋଲି ଡାକନେଲେ | ସ୍ନାନ ମାର୍ଜ୍ଜନା କରାଇଲେ ||

ଦ୍ରବ୍ୟ ବସନ ପିନ୍ଧାଇଲେ । ନାନାବିଧ ଅଳଙ୍କାର ଦେଲେ ॥
ଭୋଜନ ଆଦି କର୍ମ ଯେତେ । ସକଳ ସାରିଲେ ତୁରିତେ ॥
କପଟ ଭକ୍ଷଣ ଦ୍ରବ୍ୟରେ । ତୋଷିଲେ ଅନେକ ପ୍ରକାରେ ॥
ଏଥି ଉତ୍ତାରେ ତାତ ମାତ । ଦୁହିତା ପୁତ୍ର ସାତ ସୁତ ॥
ଏକାନ୍ତେ ବସି ବିଚାରିଲେ । କି ବୁଦ୍ଧି କରିବା ବୋଇଲେ ॥
ଏଥିକୁ ଉପାୟ କରିବା । ଭୋଜନ ବେଳେ ବିଷ ଦେବା ॥
ମଲେ ଏ ରଘୁ ଅରକ୍ଷିତ । ଦୁହିତା ନୋହିବ ଅନାଥ ॥
ଏମନ୍ତ କହିବାରୁ ତାତ । ସମସ୍ତେ କଲେ ସନମତ ॥
ସମ୍ମତ କରି ଚଳିଗଲେ । ଗୋପ୍ୟେ ଗରଳ ଅଣାଇଲେ ॥
ଅନ୍ନ ବ୍ୟଞ୍ଜନ ପିଠାକ୍ଷିରି । ରନ୍ଧନ କଲେ ବିଷ ଭରି ॥
ତାହା ଜାଣିଲା ମହାସତୀ । ହୃଦପଦ୍ମରେ କଲା ଖ୍ୟାନ୍ତ ॥
ଏକେ ଚତୁରୀ ଶିରୋମଣି । ତରକ ଜ୍ଞାନେ ତାହା ଜାଣି ॥
ବିଚାରି କଲା ତାର ମନ । ନଷ୍ଟେ ମୋ ପତିର ଜୀବନ ॥
ଗରଳ ଦେଇଣ ହରିବେ । କି ବୁଦ୍ଧି କରିବି ମୁଁ ଏବେ ॥
ଏମନ୍ତ ବୋଲି ପତ୍ର ଧରି । ଲେଖିଲା ଶ୍ରୀହରି ସୁମରି ॥
ବିଷ ଯେ ଭରିଛନ୍ତି ଏଥେ । ଭୁଞ୍ଜିବ ନାହିଁ କଦାଚିତେ ॥
ଏମନ୍ତ ଲେଖି ଗୋପ୍ୟକରି । ପିଠା ଗୋଟିକ ମଧ୍ୟେ ଭରି ॥
ଥୋଇଲା ବିଷ ପିଠା ପରେ । ଶୁଣ ହେ ଏଥୁ ଅନନ୍ତରେ ॥
ରଘୁଅକ୍ଷିତକୁ ତୁରିତେ । ଡାକିଲେ ଭୁଞ୍ଜିବା ନିମନ୍ତେ ॥
ଆଦର କରି ଘେନି ଗଲେ । ଗମ୍ଭୀର ମଧ୍ୟେ ବସାଇଲେ ॥
ରଘୁଅର୍କ୍ଷିତେ ପାଦ ଧୋଇ । ବସିଲେ ଆସନରେ ଯାଇଁ ॥
ବିଷ ମିଶ୍ରିତ ଦ୍ରବ୍ୟ ଯେତେ । ବାଢ଼ିଲେ ରଘୁର ନିମନ୍ତେ ॥
ଆନନ୍ଦେ ରଘୁ ଅରକ୍ଷିତ । ଧ୍ୟାନେ ଚିନ୍ତିଲେ ଜଗନ୍ନାଥ ॥
ଜଳ ଗଣ୍ଡୂଷ କରେ ଧରି । ପ୍ରଭୁଙ୍କୁ ନଇବେଦ୍ୟ କରି ॥
ଭକ୍ଷ ବ ବୋଲିଣ ଭକତ । ଧରିଲା ବିଷପିଠା ହସ୍ତ ॥
ପ୍ରଭୁ ଆଜ୍ଞାରେ ପିଠା ଗୋଟି । ଭାଙ୍ଗନ୍ତେ ତଳେ ପଡ଼େ ଚିଠି ॥

ଧରିଣ ପଡ଼ିଲା ଭୂମିରେ । ବିଷର ଜଳ ହୃଦଗତେ ।
ନ ଜାଣି ଅପରାଧ କଲି । ପ୍ରଭୁଙ୍କୁ ବିଷ ଭୁଞ୍ଜାଇଲି ।
ବୁଦ୍ଧି ଯେ ନ ଦିଶଇ ମୋତେ । ପ୍ରସାଦ ଗ୍ରହିବି କେମନ୍ତେ ।
ଜନମ ହୋଇଲେ ନିଅତ । ଅବଶ୍ୟ ମରିବାର ସତ ।
ଯେବେ ମୁଁ ପ୍ରସାଦ ଗ୍ରହିବି । କାଳେ କି ଅମର ହୋଇବି ।
କେବଳ ପ୍ରଭୁ ଅପଛନ୍ଦେ । ପଡ଼ିବି ମହାନର୍କ ମଧ୍ୟେ ।
ଏଥେ ପାଇବି କେଉଁ ଲାଭ । ଭୁଞ୍ଜିବା କଥା ମୋ ଦୁର୍ଲ୍ଲଭ ।
ଏମନ୍ତେ ବିଷ ଦ୍ରବ୍ୟଧରି । ଭୁଞ୍ଜିଲା ଗୋବିନ୍ଦ ସୁନ୍ଦରି ।
ରେ ପ୍ରମାଣେ ନ ଥୋଇଲା । ପ୍ରସାଦ ବୋଲି ତା ଭୁଞ୍ଜିଲା ।
ଦେଖୁ ଦେଖୁ ସେ ମହାବିଷ । ଉଦରେ ହୋଇଲା ପ୍ରବେଶ ।
ଘୋଟିଲା ବ୍ରହ୍ମରନ୍ଧ୍ରେ ଯାଇ । ତକ୍ଷଣ ପଡ଼ିଲାକ ମହୀ ।
ହାରିଲା ଭକତ ଜୀବନ । ଦେଖି ଆନନ୍ଦ ଗୃହଜନ ।
ଆଣି କବାଟ କିଳଦେଲେ । ପୁତ୍ରକୁ ଗୁପ୍ତେ ପିତା ବୋଲେ ।
ରଜନୀ ପ୍ରଭାତରୁ ନେଅ । ନ ପୋଡ଼ି ପୋତିଣ ପକାଅ ।
ଲୋକେ ପୁଚ୍ଛିଲେ କହ ଏତେ । ଜୁଆଇଁ ମଲା ସର୍ପଘାତେ ।
ଶୁଣିଣ ସମସ୍ତେ ହରଷ । ଏଥୁ ଅନ୍ତରେ ଶୁଣ ରସ ।
ସେ ରତ୍ନଅର୍ପିତ ଘରଣୀ । ପତି ନିଧନ କଥା ଶୁଣି ।
ବିଷର ଜଳ ତାର ଅଙ୍ଗେ । ଅଗ୍ନିର ସଙ୍ଗ ହେଲା ମୋତେ ।
ଯାହା ଲେଖିଛି ଦେବବର । ଅନ୍ୟଥା କରୁ କାହା ଛାର ।
ଏମନ୍ତ ବୋଲି ସେ ତରୁଣୀ । ଚିନ୍ତିଲା ପ୍ରଭୁ ଚକ୍ରପାଣି ।
କମ୍ପିଲା ଉନ୍ନ ସିଂହାସନ । ଜାଣିଲେ ପ୍ରଭୁ ଭଗବାନ ।
ଭୃତ୍ୟକୁ ପଡ଼ିଲା କଷଣ । ସେଠାରୁ ଅଇଲେ ବହନ ।
ପ୍ରବେଶ କଳାବଣ୍ଠ ପୁରେ । ଭୃତ୍ୟ ପଡ଼ିଛନ୍ତି ଯେଉଁଠାରେ ।
ତହିଁ ବିଜୟ ଦେବହରି । ଦେଖିଲେ ଭୃତ୍ୟ ଅଛି ମରି ।
କୋଳେ ଧରିଲେ ଦେବରାଏ । ପୁତ୍ରକୁ ଯେସନ୍ତେ ବାପ ମାଏ ।
ଜଗତନାଥ ପଦ୍ମକରେ । ଆଶ୍ୱାସି ସର୍ବାଙ୍ଗ ଯାକରେ ।

ବୋଇଲେ ଉଠରେ ନନ୍ଦନ । କମ୍ପା ତୁ ନହେ ଅଚେତନ ॥
ଯାହା ସହାୟ ପୀତବାସ । ତାର ଗରଳ ସ୍ତୁର କିସ ॥
ତକ୍ଷଣେ ପାଇଲା ଜୀବନ । ପ୍ରଭୁ ହୋଇଲେ ଅନ୍ତର୍ଦ୍ଧାନ ॥
ଭକତ ଉଠି ବେଗ ହୋଇ । ପାଶେ ଦେଖିଲା କେହି ନାହିଁ ॥
ବିସ୍ମର କଲା ତାର ଚିତ୍ତେ । ପ୍ରଭୁ କରୁଣା କଲେ ମୋତେ ॥
ଗରଳ ତାପୁ ଉଦ୍ଧାରିଣ । ପ୍ରଭୁ ହୋଇଲେ ଅନ୍ତର୍ଦ୍ଧାନ ॥
ଏମନ୍ତ ବୋଲି ଉଠି ବସି । ଘେନେ ଶ୍ରୀହରି ନାମ ଘୋଷ ॥
ଏଥି ଉତ୍ତାରୁ ବନ୍ଧୁ ଶେଷ । ନିବସ ହୋଇଲା ପ୍ରବେଶ ॥
ପିତା ପୁତ୍ରକୁ ଘେନି ଗଲା । ଲଭାଂଶ ଫେଡ଼ି ଅନାଇଲା ॥
ବସିଛୁ ରଘୁ ଅରକ୍ଷିତ । ଶ୍ରୀହରି ପାଦେ ଦେଇ ଚିତ୍ତ ॥
ଭଜୁଛି ରାମ କୃଷ୍ଣ ହରି । ତାଙ୍କୁ ଦେଖିଲେ ବେଢ଼ି କରି ॥
ବୋଇଲେ ଏ'ତ ବିଷଖାଇ । କେମନ୍ତେ ଅଛି ପ୍ରାଣ ପାଇ ॥
ଏ ନଶ୍ଚେ ନୁହଁଇଟି ସାନ । ଜାଣ ଏ ଭଇବ ସମାନ ॥
ଏମନ୍ତେ ବୋଲି ଯେତ୍କାମତେ । ମିଳିଲେ ରଘୁର ଅଗ୍ରତେ ॥
କହି ବିନୟ କଥାମାନ । ବୋଇଲେ ବାନ୍ଧବ ହେ ଶୁଣ ॥
ଆମ୍ଭେ ଅପ୍ରାଧ କଲୁ ଯେତେ । ଚିତ୍ତେ ନ ଧର କଦାଚିତ୍ତେ ॥
ତା ଶୁଣି ରଘୁ ଅରକ୍ଷିତ । ବୋଇଲେ ଶୁଣ ହେ ଜଟିତ ॥
ତୁମ୍ଭର କିଛି ନାହିଁ ଦୋଷ । ପୂର୍ବେ ଲୀହାକୁ ଦେଲି ବିଷ ॥
ତେଣୁ ଏ ଜନ୍ମେ କଲି ପାନ । ଅର୍ଜିଲି କଥା ନୋହେ ଆନ ॥
କେବଳ ମୋର ପ୍ରାଣପତି । ଅଚିନ୍ତ୍ୟ ଦାରୁ ବ୍ରହ୍ମ ମୂର୍ତ୍ତି ॥
ତେଣୁ ପାଇଲି ମୁହିଁ ପ୍ରାଣ । କଥା ଏ କହୁଅଛି ଶୁଣ ॥
ଦେଖି ମୋ ଦରିଦ୍ର ସ୍ୱଭାବ । ତୁମ୍ଭ ଦୁହିତା ଆନେ ଦେବ ॥
ସକଳେ କରନ୍ତ ବିଚାର । ଆମ୍ଭେ ଯାଉଛୁ ଦେଶାନ୍ତର ॥
କିବା ଧର୍ମକୁ ଥିଲେ ଭୟ । ମୋହର ସତୀ ମୋତେ ଦିଅ ॥
ସଙ୍ଗତେ ଘେନି ଯିବି ଚଳି । ସେ ମୋର ଦୁଃଖର ସଙ୍ଗାଳି ॥
କୋହିଲେ ଯେ ତୁମ୍ଭର ଇଚ୍ଛା । ଖଳଟି ନାହିଁ ମୋର କଚ୍ଛା ॥

ଏମନ୍ତ ବୋଲି ଗମହରି । ମୁକୁନ୍ଦ ମାଧବ ମୁରାରି ॥
ଭଜ ଗୋବିନ୍ଦ ଦାମୋଦର । ମନ୍ଦିରୁ ହୋଇଲେ ବାହାର ॥
ତା ଦେଖି ଗୃହଜନ ଯେତେ । ପଛରେ ଧାଇଁଲେ ସମସ୍ତେ ॥
ବୋଇଲେ ଆଜ ମାସ. ରହ । ପତ୍ନୀଙ୍କ ତୋର ଘେନ ଯାଅ ॥
ତା ଶୁଣି ରଘୁ ଅରକ୍ଷିତ । ରହିଲେ ନାହିଁ କଦାଚିତ ॥
ବେଗି ଶ୍ୱଶୁରଣକା ଗଲେ । ମନ୍ଦିରେ ପ୍ରବେଶ ହୋଇଲେ ॥
ପୁଚ୍ଛିଲେ ଦୁହିତା ଅଗ୍ରତେ । କହ କି ବସ୍ତୁରୁହୁ ଚତ୍ତେ ॥
କୁମାରୀ ବୋଲେ ଶୁଣ ତାତ । ଯିବି ମୁଁ ସ୍ୱାମୀର ସଙ୍ଗତ ॥
ସେ ଯୋଗୀ ମୁଁ ତାହାର ଥାଳ । ମୋତେ ରଖିଲେ ଅମଙ୍ଗଳ ॥
ଅଧିକ କି କହିବି ତୋତେ । ବୋଷୁଷ କରିବୁ କି ମୋତେ ॥
ମୁଁ ନୁହେଁ ଏମନ୍ତ ତରୁଣୀ । ହତ୍ୟାରେ ହୋଇବୁ କାରେଣୀ ॥
ଶୁଣି ଦୁହିତା ସଜ କଲେ । ବସ୍ତ୍ର ଭୂଷଣ ଧନ ଦେଲେ ॥
ସଙ୍ଗତେ ଘେନ ଗଲେ ଚଳି । ରଘୁ ଅର୍କ୍ଷିତ ପାଶେ ମିଳି ॥
ବୋଇଲେ ତୁମ୍ଭ ପତ୍ନୀ ନିଅ । ଆମ୍ଭଙ୍କୁ କସ୍ମା କରିଥାଅ ॥
ତାତ ଜନମା ଥାଇ ଭଲେ । ସଂସାର ଲଜ୍ଜା ଛଡ଼ାଇଲେ ॥
ସମର୍ପି ଦେଲେ କରେ କର । ବୋଇଲେ ପତ୍ନୀ ନିଅ ତୋର ॥
ଆଜ୍ଞ ଏ ଲଗିଲଣି ତୋତେ । କନ୍ୟା ଚଳିଲେ ଯେଝାମତେ ॥
ଏଥି ଜଗନ୍ତୁ ସ୍ୱାମୀ ପାଦେ । ସତୀ ପଡ଼ିଲା ଅପ୍ରମାଦେ ॥
ଉଠି କପାଳେ ଦେଲା ହାତ । ବୋଇଲା ଆହେ ପ୍ରାଣନାଥ ॥
କେଣିକି ଯିବା କହେ କର । ଏଥିରେ ବିଳମ୍ବ ନ କର ॥
ତା ଶୁଣି ରଘୁ ଅରକ୍ଷିତ । ଧରିଲା ନିଜ ପତ୍ନୀ ହାତ ॥
ଚଳିଣ ଗଲେ ଯେଝାମତେ । ଶୁଣ ହେ ମନ ନୃପ ନାଥେ ॥
ଭକତ ନିମନ୍ତେ ଶ୍ରୀବତ୍ସ । ହୁଅନ୍ତି ସେ ଏଡ଼େ ସମସ୍ତ ॥
କେବଳ ନିର୍ମଳ ହୃଦରେ । ଡାକିଲେ ଲକ୍ଷେ ଯୋଜନରେ ॥
ପାଶେ ଡାକିଲା ପ୍ରାୟେ ମଣି । ତାଙ୍କୁ ରଖନ୍ତି ଚକ୍ରପାଣି ॥
କୁଟିଳ ହୃଦ ଯେଉଁ ନର । ସେ ଡାକୁ ରହିଣ ପାଶର ॥

ତାକୁ ବଧିଭଜନ ମତେ । ଶୁଣନ୍ତୁ ନାହିଁ କଦାଚତେ ॥
ଏଣୁ ବିଶ୍ୱାସ ଏକା ମୂଳ । ଶୁଣ ହେ ମନ ମହୀପାଳ ॥
ଏ ଦାର୍ଢ୍ୟଭକ୍ତି ରସାମୃତ । ଅଶେଷ ରସର ଉଦ୍ଧତ ॥
ସୁଧା ପୂରିତ ପଦେ ପଦ । ବିଷୟୀ ବିଷକୁ ଏ ଗଦ ॥
କହଇ ବିପ୍ର ରାମଦାସ । ମୋ ପ୍ରଭୁ କମଳ ବିଳାସ ॥
ସୁଜନେ ଏହି ରସେ ଭାସ । ମୋହର କ୍ଷମା କର ଦୋଷ ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତି ରସାମୃତେ ମନ ଚୈତନ୍ୟ ସମ୍ବାଦେ ॥
ରଘୁ ଅରକ୍ଷିତ ବିଷଭକ୍ଷଣେ ନାମ ଅଷ୍ଟମୋଽଧ୍ୟାୟଃ ।

—:୦:—

## ନବମ ଅଧ୍ୟାୟ

## ରଘୁ ଅରକ୍ଷିତ ସମ୍ବାଦ

### ମନ ଉବାଚ

ଶୁଣ ସାନନ୍ଦ ମନସୟେ । ଚୈତନ୍ୟ ପାଦେ କରି ଧ୍ୟାୟେ ॥
ବୋଲଇ କୃତ୍ୟ କୃତ୍ୟ ହୋଇ । ପଚାର କଲୁ ମୋତେ ତୁହି ॥
ଶୁଣିଲି ପ୍ରଭୁଙ୍କ ମହିମା । ଆଦର ଭକତ ଗାରିମା ॥
ପୁଣି ପଚାରୁଅଛୁ ତୋତେ । ମନେ ସଂଶୟ ମୋର ଏତେ ॥
ପତ୍ନୀକ ଦେନଣ ସଙ୍ଗତ । ଗଲା ଯେ ରଘୁ ଅରକ୍ଷିତ ॥
କାହିଁ ରହିଲା ସେହୁ ଯାଇ । ଏ କଥା କହିବ ବୁଝାଇ ॥
ଆଉର ମହାପାତ୍ର ଘର । କଣ ଯେ ଥିଲା ନୂଆ ବର ॥
ସେ କଥା ଶୁଣି ହେଲା କିସ । କହ ହେ ଏଥିର ସନ୍ଦେଶ ॥
ଶୁଣି ଚୈତନ୍ୟ ଅତି ତୋଷେ । କହଇ ମନ ରାଜା ପାଶେ ॥
ହେ ମନ ସାବଧାନେ ଶୁଣ । ସେ କୃଷ୍ଣ ମହାପାତ୍ର ପୁଣ ॥
ଏଣେ ଦୁହିତା ପଠାଇଲା । ତେଣେ ଦୂତଙ୍କୁ ପେଷି ଦେଲା ॥
ସେ ରାଜ୍ୟ ପାତ୍ରର ଅଗ୍ରତେ । ଯାଇଣ କହିଲେ ଇଙ୍ଗିତେ ॥
ତୁମ୍ଭ ପୁତ୍ରକୁ ଯେଉଁ କନ୍ୟା । ଦେବାକୁ ଥିଲା ମୋ ବାସନା ॥
ଆସି ତାହାର ନିଜ ପତି । ଯେଜଣ ଗଲା ମୋ ଦୁହିତା ॥

ଯେତେ ଉପାୟ ଆମ୍ଭେ କଲୁ । କେବେହେଁ ରକ୍ଷି ନ ପାରିଲୁ ॥
ତୁମ୍ଭର ଗୋଚର ନିମନ୍ତେ । ପେଷିଣ ଦେଇଅଛୁଁ ଦୂତେ ॥
ତୁମ୍ଭର ଉପାୟ ଥିଲେ କର । ବାଟେ ଅଛନ୍ତି କନ୍ୟାବର ॥
ତା ଶୁଣି ପାତ୍ର କୋପଭରେ । ସୈନ୍ୟ ସାଜିଲା ସେ ସତ୍ୱରେ ॥
ଧାଇଁଣ ଗଲେ ରାଜବାଟେ । ମିଳିଲେ ରଦ୍ଦୁର ନିକଟେ ॥
ବୋଇଲେ ଆରେ କନ୍ୟାଚୋର । ଜୀବନେ ଆଶା ଥିଲା ତୋର ॥
ଛୁଟ ଫଜାଅ ଏ ସୁନ୍ଦରୀ । ନୋହିଲେ ନେବୁ ବାନ୍ଧିକରି ॥
ଶୁଣି ପଛକୁ ଦେଖି ଚାହିଁ । ଅନେକ ସୈନ୍ୟ ଛନ୍ତି ଧାଇଁ ॥
ତା ଦେଖି ପତ୍ନୀ ଆଗେ କଲା । ଆପଣେ ପଛରେ ରହିଲା ॥
ପତ୍ନୀ ବୋଇଲା ସ୍ୱାମୀ ଶୁଣ । ଏଥର ହେଲା ମୋ ମରଣ ॥
ତୁମ୍ଭଙ୍କୁ ମାରି ମୋତେ ନେବେ । ଅନେକ ଭର୍ତ୍ସନା କରିବେ ॥
ଏଥିକି କି ବୁଦ୍ଧି କରିବା । କେମନ୍ତେ ଏଥିରୁ ବଞ୍ଚିବା ॥
ତା ଶୁଣି ରଦ୍ଦୁଅରକ୍ଷିତ । ବୋଇଲା ଶୁଣରେ ସଙ୍ଗାତ ॥
ମୋ ପ୍ରଭୁ ବାସୁ ବ୍ରହ୍ମମୂର୍ତ୍ତି । ଏ ସ୍ଥିର କେତେକ ବିପତ୍ତି ॥
ଯେବେତେ ମୋତେ ଭେଟିକରି । ଯେ ବନ୍ଧଚାର୍ଯ୍ୟ କଲେ ପାରି ॥
ଏବେ ରକ୍ଷିବେ ସେହି ମତେ । ଛେ ସଖି ଭୟ କମ୍ପା ଚିତ୍ତେ ॥
ଶରଣ ପଞ୍ଜର ଯା ବାନା । ସବୁ ଭୟକୁ ବଜ୍ର ସେହ୍ନା ॥
ବ୍ରହ୍ମା ଇନ୍ଦ୍ର ଯାର ପାଦେ । ଧ୍ୟାନେ ଚିନ୍ତନ୍ତି ଅପ୍ରମାଦେ ॥
ସେ ପ୍ରଭୁ ଥାଉଁ ଥାଉଁ ମୋର । କମ୍ପା ତୁ ଡରୁ ନାସାବର ॥
ଏମନ୍ତ କହୁ ପ୍ରିୟା ପାଶେ । ଆଗେ ମିଳିଲେ ବେନି ଅଶ୍ୱେ ॥
ଶ୍ରୀବଳଦେବ ବ୍ରହ୍ମରାଶି । ବେନି ଅଶ୍ୱରେ ଛନ୍ତି ବସି ॥
କାନ୍ଧେ ଉଭଶା ଅଛି ପଡ଼ି । କଟୀରେ ଯମଦାଢ଼ ଭିଡ଼ି ॥
ଢାଲ ପଡ଼ିଛି ପିଠି ପାଶେ । ଦିଗ୍ୱିଜୟେଶ୍ୱର ପ୍ରାୟେ ଦିଶେ ॥
ବିକ୍ରମସିଂହ ପ୍ରାୟ ହୋଇ । ମିଳିଲେ ଭୃତ୍ୟ ପାଶେ ଯାଇ ॥
ବୋଇଲେ ପ୍ରଭୁ ଦାମୋଦର । କେବଣ ଦେଶେ ତୁମ୍ଭ ଘର ॥
କାହୁଁ ଆଇଲ ଯିବ କାହିଁ । ଏକାକୀ ସଙ୍ଗେ କେହି ନାହିଁ ॥

ଆବର ତୁମ୍ଭ ପଛକତ । ଅନେକ ସୈନ୍ୟ ଧାଇଁଛନ୍ତି ।
କହ ଏ କେବଣ ଚରିତ । ତା ଶୁଣି ରଘୁ ଅରକ୍ଷିତ ॥
କହେ ଅତ୍ୟନ୍ତ ଧୀରବାଣୀ । ଶୁଣ ଋଷି ସୁ ଚୂଡ଼ାମଣି ॥
ଏ ବଡ଼ ଆଚମ୍ବିତ କଥା । କହି ବସିଲେ ହେବ ପୋଥା ॥
ମୋର ପତ୍ନୀଙ୍କ ମୁଁ ନଅନ୍ତେ । ମାରିବେ ଆସୁଛନ୍ତି ମୋତେ ॥
ଅନାଥ ପ୍ରାଣୀ ମୁଁ ଅଟଇ । ସଖା ସୋଦର ମୋର ନାହିଁ ॥
କେବଳ ପ୍ରଭୁ ଚକ୍ରପାଣି । ନୀଳାଦ୍ରି ଚନ୍ଦ୍ର ଚୂଡ଼ାମଣି ॥
ତାହାଙ୍କ ବିନା ଅନ୍ୟ ଜଣେ । ନାହିଁ ମୋ ଶରଣ ରକ୍ଷଣେ ॥
ଶୁଣି ସାନନ୍ଦ ବେନ ଭାଇ । ରହିଲେ ଆଗ ପଛ ହୋଇ ॥
ଦାସ ଦାସୀଙ୍କ ଆଗ କଲେ । ନିର୍ଭୟେ ଚାଲ ହୋ ବୋଇଲେ ॥
ଆଜ୍ଞା ପ୍ରମାଣେ ବେନଜନ । ଅଭୟ ପଞ୍ଜରେ ପଶିଣ ॥
ଆନନ୍ଦେ କରନ୍ତି ଗମନ । ପଛେ ଯେ ଧାଇଁଛନ୍ତି ସୈନ୍ୟ ॥
ଭୃତ୍ୟଙ୍କୁ ଅନାଇଣ ଦେଲେ । ଗୋବିନ୍ଦ ମାୟା ବିଆଇଲେ ॥
ଗୋଟିଏ ସ୍ୱରୂପ ହୋଇଣ । ବେଢ଼ି ଅଛନ୍ତି ନାଗଗଣ ॥
ଦେଖି ପ୍ରାଣକୁ ଭୟ କରି । ସୈନ୍ୟ ଯେ ଗଲେ ଅପସରି ॥
ଭେକ ଫଣୀଙ୍କ ଦେଖି ଯେହ୍ନେ । ଭୟେ ପଳାନ୍ତି ଏଣେ ତେଣେ ॥
କେଶରୀ ଦେଖି ମୃଗ ଗଜ । ଯେହ୍ନେ ହୁଅନ୍ତି ହତ ବୀର୍ଯ୍ୟ ॥
ଗରୁଡ଼ ଦେଖି ଯେହ୍ନେ ବ୍ୟାଳ । ପଳାଇ ପଶିଲ କ ବିଳ ॥
ତେମନ୍ତ ପ୍ରାଣର ଆରତେ । ପଳାଇଗଲେ ଯେଝା ମତେ ॥
ଯହୁଁ ସେ ଦଣ୍ଡଭଗ୍ନ ହେଲେ । ଭୃତ୍ୟଙ୍କୁ ଘେନି ପ୍ରଭୁ ଗଲେ ॥
ସେ ରାଜ୍ୟ ସୀମା ପାରିକରି । ଯାଅ ବୋଇଲେ ଦେବହରି ॥
ତା ଦେଖି ରଘୁ ଅରକ୍ଷିତ । ପ୍ରଣାମ କଲା ଅପ୍ରମିତ ॥
ବୋଇଲା ତୁମ୍ଭର କୃପାରୁ । ପ୍ରାଣ ପାଇଲୁ ଶତ୍ରୁଠାରୁ ॥
ନୋହିଲେ ଆମ୍ଭ ଏ ଶରୀର । ଦେଖନ୍ତା ଯାଇ ଯମପୁର ॥
ଏଣୁ ତୁମ୍ଭର ପଦ୍ମ ପାଦେ । ଶରଣ ଗଲୁ ଅପ୍ରମାଦେ ॥

ଯା ମାୟା ଦେବେ ଅଗୋଚର । କାହୁଁ ଜାଣିବ ନର ଛାର ॥
ଦେଖ ସେ ପ୍ରଭୁ ନାରାୟଣ । ଭୃତ୍ୟଙ୍କୁ ସଙ୍କଟ ତାରଣ ॥
ବିଜୟ କଲେ ଆନନ୍ଦମନ । ପ୍ରବେଶ ହେଲେ ନୀଳାଚଳ ॥
ଏଥି ଉତ୍ତାରୁ ବେନପ୍ରାଣୀ । ଚଳେ ଚିନ୍ତିଲେ ଚକ୍ରପାଣି ॥
ସବୁ ଆପଦୁଁ ପାର ହୋଇ । ଆନନ୍ଦେ ଗଲେ ପଥ ବାହି ॥
କେତେଦିନେ ବନର ଭିତରେ । ପ୍ରବେଶ ହେଲେ କ୍ଷେତ୍ରବରେ ॥
ପ୍ରଭୁଙ୍କ ଦରଶନ କଲେ । ଦକ୍ଷିଣ ପାର୍ଶ୍ୱେ ରହିଲେ ॥
ମଣ୍ଡପ ଦରଶନ କଲେ । ଦକ୍ଷିଣ ପାର୍ଶ୍ୱେ ରହିଲେ ॥
ମଠର ଖଣ୍ଡିଏକ କିଣି । ତହିଁ ରହିଲେ ବେନପ୍ରାଣୀ ॥
ସକଳ ଚିନ୍ତା ଦୂରେ ତେଜି । ହୃଦେ ପ୍ରଭୁଙ୍କୁ ସଦେ ଭଜି ॥
ନ ଜାଣେ ଅନ୍ୟ କଥା ମାନ । ନିରତେ ଗୋବିନ୍ଦ ଗାୟନ ॥
ଦାରୁବ୍ରହ୍ମଙ୍କ ଲୀଳା ଯେତେ । ଭଜୁ ଯେ ଥାଇ ଅନୁବ୍ରତେ ॥
ନିଧୂପ ପଞ୍ଚ ଅବକାଶ । ଖଟିଣ ଥାଇ ପ୍ରଭୁ ପାଶ ॥
କଳାଶ୍ରୀ ମୁଖକୁ ଚାହିଁଣ । ବାଖାଣୁଥାଇ ତାଙ୍କ ଗୁଣ ॥
ଦେଖିଣ ଶ୍ୱେତ ପଦ୍ମଡୋଳା । ଆନନ୍ଦେ ହେଉଥାଇ ଭୋଳା ॥
ଶ୍ରୀ ପାଦ ପଦ୍ମେ ନିତ୍ୟ ଭାବ । ବୋଲେ ମୁଁ ପଞ୍ଚମୁଦ୍ରା ଶିବ ॥
ଏମନ୍ତ ବୋଲି ଭାବ ହେଲେ । ନେତ୍ରୁ ଲୋତକ ଧାରଗଲେ ॥
କରେ ବଜାଇ କରତାଳ । ଭଜନ ଗୋବିନ୍ଦ ଗୋପାଳ ॥
ନାଚଇ କଳାଗଛ ଘରେ । ତା ଭଙ୍ଗି କହିଲେ ନ ସରେ ॥
ଜଗମୋହନେ ଗଡ଼ି ଯାଇ । ଗରୁଡ଼ ପଛେ ଉଭା ହୋଇ ॥
ଜଣାଇ ଦୁଃଖ ସୁଖ ଯେତେ । ଚଳଇ ଭିକ୍ଷାର ନିମନ୍ତେ ॥
କ୍ଷେତ୍ରରେ ବୁଲି ଭିକ୍ଷାକରେ । ଯେ ଅବା ମିଳେ ତା ଭାଗ୍ୟରେ ॥
ଘେନି ଚଳଇ ନିଜପୁରେ । ଦିଅଇ ନେଇ ପତ୍ନୀଠାରେ ॥
ପତ୍ନୀ ଯା କରଇ ରନ୍ଧନ । ସ୍ୱାମୀ ତା କରଇ ଭୋଜନ ॥
ତା ଅବଶେଷ ଖାଏ ନାରୀ । ତା ବିନୁ ନ ଭଷଇବାରି ॥
ଏମନ୍ତେ ବଞ୍ଚଇ ତରୁଣୀ । ପତିଙ୍କ ଗୁରୁ ସ୍ଥାପ୍ୟେ ମଣି ॥
ପତିଙ୍କ କରେ ଅତି ଦୟା । ଏକଇ ସ୍ଥାପୁ ବେନି କାୟା ॥

ଏମନ୍ତ ବଞ୍ଚୁଥାଇ ଦିନ । ଭଜଣ ଶ୍ରୀ ମଧୁସୂଦନ ॥
ସାଧୁ ଜନଙ୍କୁ ଦେଖେ ଯହିଁ । ନର୍ମଳ ଭକତି କରଇ ॥
ସକଳ ଜୀବେ ଦୟା ତାର । କରତେ ପର ଉପକାର ॥
ନ ହରେ ପର ନାରୀ ଚିତ୍ତ । ନୋହେ କପଟ କୁଟଚିତ୍ତ ॥
ଦ୍ୱାରେ ଦେଖିଲେ ଅଭ୍ୟାଗତେ । ବିପ୍ର ବୈଷ୍ଣବ ଆଦି ଯେତେ ॥
ବାନ୍ଧବ ପ୍ରାୟ ତାଙ୍କୁ ମଣି । ତୋଷଇ ଦେଇ ଅନ୍ନପାଣି ॥
ଶିଜ୍ଞାନ ଥାଇ ତାର ମନ । ପ୍ରଭୁଙ୍କ ପ୍ରେମରେ ସେ ମଗନ ॥
ଏମନ୍ତେ ଗଲା ଦିନ କେତେ । ତା କୀର୍ତ୍ତି ଶୁଭିଲା ଜଗତେ ॥
ଲୋକେ ବୋଇଲେ ଧନ୍ୟ ଧନ୍ୟ । ରଘୁଅରକ୍ଷିତର ଜୀବନ ॥
ଦରିଦ୍ର ହେଲେ କିସ ହେବ । ଦୁର୍ଲ୍ଲଭ ଅଟେ ତାର ଭାବ ॥
ଭିକ୍ଷା ସେ ମାଗିଣ ଜୀଉଛି । ଯେ ଯାହା ମାଗିଲେ ଦେଉଛି ॥
ଆଦର ପ୍ରଭୁ ନାମ ଯେତେ । ଗାୟନ କରୁଥାଇ ନିତ୍ୟେ ॥
କହେ ବିନୟ ଧୀରବାଣୀ । ଧନ୍ୟ ଅଟନ୍ତି ଦେନ ପ୍ରାଣୀ ॥
ଏମନ୍ତେ ବୋଲନ୍ତି ସମସ୍ତେ । ପ୍ରଶଂସା କରି ଯେଝାମତେ ॥
ଏମନ୍ତ ସମୟରେ ପୁଣ । ବୈଷ୍ଣବ ସାତ ପାଞ୍ଚଜଣ ॥
ଅପୂର୍ବ ଅଟନ୍ତି ସେମାନେ । ଅଇଲେ କ୍ଷେତ୍ର ଦରଶନେ ॥
ପ୍ରବେଶ ହେଲେ ନୀଳଗିରି । ପ୍ରଭୁଙ୍କ ଦରଶନ ସାରି ॥
ବୁଲିଲେ ଭୋଜନ ନିମନ୍ତେ । ତହୁଁ ବୋଇଲେ ଜଣକେତେ ॥
ରଘୁଅରକ୍ଷିତଙ୍କ ଭୁବନେ । ବିଜୟ କରି ସାଧୁମାନେ ॥
ତାହାର ଅଛି ଭକ୍ତିଭାବ । ଗଲେ ଭୋଜନ ନିଶ୍ଚେ ଦେବ ॥
ଶୁଣି ଚଳିଲେ ସାଧୁ ବୃନ୍ଦ । ମନରେ ହୋଇଣ ଆନନ୍ଦ ॥
ଭକତ ଘରେ ବିଜେକଲେ । ତା ନାମ ଧରିଣ ଡାକିଲେ ॥
ଅତିଥି ଡାକ ଶୁଣି କର୍ଣ୍ଣେ । ଅତି ଆନନ୍ଦ ହୋଇ ମନେ ॥
ମନ୍ଦିରୁ ବାହାର ହୋଇଲା । ସାଧୁଙ୍କୁ ଦରଶନ କଲା ॥
ବୋଇଲା ଆଜ୍ଞା କର ମୋତେ । କି କାର୍ଯ୍ୟ କରିବ ତୁରିତେ ॥
ଶୁଣି କହିଲେ ସାଧୁ ମାନେ । ଆମ୍ଭଙ୍କୁ ତୋଷ ଅନ୍ନ ଦାନେ ॥

ଅଇଲୁ ଖାଗିଁ ଶୁଣି ତୋର । ଏଥିରେ ବିଳମ୍ବ ନ କର ॥
ସନ୍ତୋଷ ହେଲେ ସାଧୁ ଗଣ । ପାଇବୁ ପରମ କାରଣ ॥
ତା ଶୁଣି ଉଦ୍ଧୃଅରହତ । ବିସ୍ମର ହେଲା ହୃଦଗତ ॥
କି ବୁଦ୍ଧି କରିବି ଏଥର । ଘରେତ କିଛୁ ନାହିଁ ମୋର ॥
କେବଳ ପ୍ରଭୁ ଚନ୍ଦ୍ରଧର । ସଙ୍କଟ ଫେଡ଼ିବେ ମୋହର ॥
ଏମନ୍ତ ବୋଲି ଅତିଥିଙ୍କୁ । ବସାଇ ଗଲେ ମନ୍ଦିରକୁ ॥
ପତ୍ନୀକୁ ବୋଲେ ସଖି ଶୁଣ । ଅତିଥି ପାଞ୍ଚ ସାତଜଣ ॥
ଦ୍ୱାରେ ପ୍ରବେଶ ହେଲେ ଆସି । ଭୋଜନ ମାଗୁଛନ୍ତି ବସି ॥
ଏଥକୁ କି ବୁଦ୍ଧି କରିବା । କେମନ୍ତେ କରି ତରିବା ॥
ଘରେତ କିଛୁ ନାହିଁ ଧନ । କହ ଗୋ ଯୁବତୀ ରତନ ॥
ତା ଶୁଣି ବୋଲଇ ସୁନ୍ଦରୀ । ଶୁଣହେ ପ୍ରାଣ ଅଧିକାରୀ ॥
ଦେବା ଦିଆଇବାକୁ ହରି । କରତା ଅଟନ୍ତି ସବୁରି ॥
ଏଥକୁ ଶୋଚନା ନ କର । ମୋ ଅଙ୍ଗେ ଯେତେ ଅଳଙ୍କାର ॥
ଅଛଇ ବେଗେ ନେଇଯାଅ । ସାଧୁଙ୍କ ଘରେ ବନ୍ଧାଦିଅ ॥
କିଛିହିଁ ଧନ ନେଇ ଆସ । ସାଧୁ ଚରିତ କର ତୋଷ ॥
ତାହା ଶୁଣିଣ ନିଜ ପତି । କୋଳେ ବସାଇଣ ଯୁବତୀ ॥
ବୋଇଲା ଧନ୍ୟ ଗୁଣମୁହିଁ । ମୋର ସୁଗତିଦାନୀ ତୁହି ॥
ଏବେ ତୁ ଶୁଣ ମୋ ଉତ୍ତର । ହୃଦୟ ମଧ୍ୟରେ ବିଚାର ॥
ନେଲେ ମୁଁ ଏତେ ଅଳଙ୍କାର । ଲୋକେ ଦେଖିଲେ ଅସୁନ୍ଦର ॥
ବୋଲିବେ ଉଦ୍ଧୃଅରହିତ । କାହୁଁ ଆଣିଲା ଏତେ ବିତ୍ତ ॥
ଭିକ୍ଷା ମାଗିବା ଲୋକ ଏହି । କାହୁଁ ବା ଆଣିଲା ଚୋରାଇ ॥
ଏମନ୍ତ ବୋଲି ମନେ ମନ । କରିବେ ସିନା ଅନୁମାନ ॥
ଏବେ ତୁ ଅଳଙ୍କାର ନେଣ । ବହନ ଯାଅରେ ତରୁଣୀ ॥
ସାଧୁର ଘରେ ବନ୍ଧାଦେଇ । ପଞ୍ଚାଶ ମୁଦ୍ରା ଆଣ ତୁହି ॥
ଅଠ ଦ୍ୱିଜଙ୍କୁ କଣ୍ଠ କର । ମିଶାଇ ନେଲ ଜଳନ୍ତର ॥
ସୁଦ୍ଧିଣ ଦେବା ମନ ତାର । ଆଣିବା ଆମ୍ଭ ଅଳଙ୍କାର ॥

ସ୍ୱାମୀ ବଚନ୍ତୁ ଏହା ଶୁଣି । ସେ ପତିବ୍ରତା ଶିରୋମଣି ॥
ଚଳିଲା ଗଲା ଆନନ୍ଦରେ । ପ୍ରବେଶ ସାଧୁର ମନ୍ଦିରେ ॥
ଅଙ୍ଗ ଭୂଷଣ ମାନ ଫେଇ । ଥୋଇଲା ଧର୍ମ ଆଗେ ନେଇ ॥
ବୋଇଲା ଶୁଣ ମହାଜନ । ରଖ ଏ ଅଳଙ୍କାର ମାନ ॥
ଶତେ ସୁନଆ ଦେଇଥିବ । ଲାଭ ମିଶାଇ ମୂଳ ନେବ ॥
ଅନେକ ହେବ ଉପକାର । ଧର୍ମେ ଲାଗିବ ଧନ ତୋର ॥
ସୁଧା ସମାନ ଧୀରବାଣୀ । ଧର୍ମ ସୁନ୍ଦରୀ ମୁଖୁ ଶୁଣି ॥
ବଣିର କଲା ତାକୁ ଚାହିଁ । ଏକେଲେ ଲାଭ ହେବେ ମୋତେ ॥
ତାର ସୁନ୍ଦର ରୂପ ଚାହିଁ । ବୋଲଇ ଶୁଣରେ ଯୁବତୀ ॥
ବନ୍ଧାରେ ପ୍ରୟୋଜନ ନାହିଁ । ଯାହା କହୁଛି ଶୁଣ ତୁହି ॥
ଯେବେ ତୁ ହେବୁ ରତିଦାନ । ଗଣି ଦେଉଛି ନଅ ଧନ ॥
ତାହା ଶୁଣିଣ ନାରୀମଣି । ବଜ୍ର ପଡ଼ିଲା ପ୍ରାୟେ ମଣି ॥
ପୁଣି ସେ ଶାନ୍ତ କରି ମନ । ବୋଲଇ ଶୁଣ ମହାଜନ ॥
ବର୍ତ୍ତେକ ମାତ୍ର ତୁଅ ସ୍ଥିର । କହି ଚଳିଲା ନାରୀବର ॥
କାନ୍ତ ଆଗରେ ଏ ଚରିତ । ବୁଝାଇ କହିଲା ସମସ୍ତ ॥
ଏ ହାନ ଲାଭର କାରେଣୀ । ତୁମ୍ଭେ ମୋହର ପ୍ରାଣମଣି ॥
ଏଥକୁ କି ବିଗ୍ଭର କହ । ଶୁଣି ସନ୍ତୋଷ ହେଉ ଦେହ ॥
ତା ଶୁଣି ରଘୁ ଅରକ୍ଷିତ । ବୋଇଲା ଶୁଣରେ ସଙ୍ଗାତ ॥
ସାଧୁମାନଙ୍କ ଉପକାରେ । ଲାଗିବ ଆମ୍ଭରେ ଭାଗ୍ୟରେ ॥
ଯାହା ବୋଇଲା ମହାଜନ । ସମ୍ମତ କରି ଆଣ ଧନ ॥
ତାହା ଶୁଣିଣ ମହାସତୀ । ବୋଲଇ ଶୁଣ ପ୍ରାଣପତି ॥
ତୁମ୍ଭର ଆଜ୍ଞା ପାଇ ମୁହିଁ । ଗଲେଟି ମୋର ଦୋଷ ନାହିଁ ॥
ଏମନ୍ତ କହି ଚଳିଗଲା । ସାଧୁର ମନ୍ଦିରେ ମିଳିଲା ॥
ବୋଇଲା ଶୁଣ ହୋ ସାଧୁତ । ଆମ୍ଭେ ତା କଲୁ ସନମତ ॥
ଢାଳନ୍ତୁ ନବଲକ୍ଷ ଧନ । ହଅନ୍ତୁ ଯିବଇଁ ବହନ ॥
ଭଜନ୍ତୁ ପହରକଠାରେ । ତୁମ୍ଭେ ଆସିବ ଆମ୍ଭ ପୁରେ ॥

ବାଞ୍ଛା ସମ୍ପୂର୍ଣ୍ଣେ ରତ୍ନ ରଙ୍ଗ | ଭୋଗ କରିବ ମୋର ସଙ୍ଗ ||
ଶୁଣି ଆନନ୍ଦ ମହାଜନ | ନଗଦ ଗଣିଦେଲା ଧନ ||
ଧରି ସୁନ୍ଦରୀ ଚଳିଗଲା | ସ୍ୱାମୀର ହସ୍ତେ ନେଇ ଦେଲା ||
ସେ ଧନ ପାଇ ଆନନ୍ଦିତ | ହୋଇଣ ରଘୁ ଅରହିତ ||
ଚଳିଣ ଗଲା ଅତି ବେଗେ | ମିଳିଲା ସିଂହଦ୍ୱାର ଲାଗେ ||
ଶ୍ରେଷ୍ଠସେବକ ଡାକ ଆଣି | ବରଗି ଦେଲା ତାକୁ 'ଗଣି ||
ବୋଇଲା ଶୁଣ ହେ ସୁଆର | ପ୍ରଭୁ ମଣୋହି ବେଗେ କର ||
ହିସା ଖେଚେଡି ଶାଳିଅନ୍ନ | ନାନାଦି ପ୍ରକାର ବ୍ୟଞ୍ଜନ ||
ନାଡ଼ୁ ଯେ ସରପୁଳି ଗଜା | ଅମାଲୁ ଆଦି ଦ୍ରବ୍ୟ ଖଜା ||
ଭାଜି କାକରା ଆଦି ପିଠା | ହେ ସରପଣା ଦଧି ମିଠା ||
ପ୍ରଥମ ଧୂପେ ଏତେ ହେବ | ସାଧୁଙ୍କ ନିମନ୍ତେ ଆସିବ ||
ଏଥିରେ ବିଳମ୍ବ ନକର | କହି ଚଳିଲେ ନିଜପୁର ||
ଏମନ୍ତେ କେତେବେଳ ଗଲା | ସେସାଇ ତିଆରି ହୋଇଲା ||
ଭୋଗ ମଣ୍ଡପେ ଭୋଗକରି | ପ୍ରଭୁଙ୍କୁ ନଇବେଦ୍ୟ ସାରି ||
ମହାପ୍ରସାଦ ବହି ନେଲେ | ରଘୁ ଅର୍ହିତ ପାଶେ ଦେଲେ ||
ଦେଖି ଭକତ ଅତିତୋଷେ | ମିଳିଲା ଅତିଥିଙ୍କ ପାଶେ ||
ବୈଷ୍ଣବ ପଙ୍ଗତ ବସାଇ | ପ୍ରସାଦ ପରଷିଲେ ନେଇ ||
ଯାହାର ଯେଉଁ ଦ୍ରବ୍ୟମାନ | ସନ୍ତୋଷେ କଲେ ତା ଭୋଜନ ||
ଭୋଜନ ସାରି ସାଧୁଗଣ | ବାସକୁ କରିଣ କଲ୍ୟାଣ ||
ଚଳିଣ ଗଲେ ଯେଝାମତେ | ପ୍ରଶଂସା କରିଣ ସମସ୍ତେ ||
ଏଥି ଉତ୍ତାରୁ ଦିନ ଶେଷ | ରଘୁ ଅର୍ହିତ ପତ୍ନୀପାଶ ||
କହଇ ଶୁଣ ପ୍ରାଣସଖି | ତୋତେ ଯେ ଧନ ଅଛି ଦେଇ ||
ସେ ବଣିକେ କଲେ ଆମ୍ଭପୁର | କରିବୁ ଅତ୍ୟନ୍ତ ଆଦର ||
ତାଙ୍କୁ ମୋଠାରୁ ଶତଗୁଣେ | ସେବା କରିବୁ ତା ଚରଣେ ||
ଯେଉଁ ପ୍ରକାରେ ମନ ତାର | ସେହି ପ୍ରକାରେ ସେବାକର ||
ଯେବେ ମୋଠାରେ ଅଛି ମନ | ବୁଝିବୁ ଯୁବତୀ ରତନ ||

ଏମନ୍ତ କହି ଚଳିଗଲା । ଅନ୍ତର ହୋଇଣ ରହିଲା ॥
ପତ୍ନୀ ଅନେକ ତୋଷ ହୋଇ । କନକ ସମ ଯାଇ ଦେହି ॥
ଅଗ୍ରେ ଜାଳିଣ ଦୀପାବଳୀ । ପଲଙ୍କେ ବସି ଅଛି ବାଳୀ ॥
ଏମନ୍ତ ସମୟରେ ତହିଁ । ସେ ଧର୍ମ କାମାତୁର ହୋଇ ॥
ମିଳିଲେ ବାସଙ୍କର ଦ୍ୱାରେ । ଭୁଣ୍ଡ ଶୁଣାଇ କାଶି ଧୀରେ ॥
ତାହା ଶୁଣିଣ ଶୁଭ୍ରକେଶୀ । ଉଠେ ଚଞ୍ଚଳ ବସ୍ତ୍ର ଖସି ॥
ବୋଇଲା ଶୁଣ ଧର୍ମଶିଷ୍ୟ । ନିର୍ଭୟ ହୋଇ ବେଗେ ଆସ ॥
ଶନ୍ୟ ମନ୍ଦିରେ ମୁହିଁ ଏକା । କର୍ମା ତୁମ୍ଭର ମନେ ଶଙ୍କା ॥
ଆମ୍ଭ ଭରସା ନରହରି । ଦ୍ରୌପଦୀ ଲଜ୍ଜା ନାଶକାରୀ ॥
ଏମନ୍ତ ପ୍ରଭୁ ଥାଉଁ ଥାଉଁ । ଉଠେ କାହାକୁ ଭୟ ଆଉ ॥
ପଲଙ୍କ ଉପରକୁ ଧୀରେ । ଚାହାଁନ୍ତେ ପ୍ରେମ ନୟନରେ ॥
ଦେଖିଲା ବସିଛି ସୁନ୍ଦରୀ । ଅତି ଆନନ୍ଦ ମନକରି ॥
ତାହାର ପଟେ ବେବହରି । ସଖୀକ କୋଳାଗ୍ରତ କରି ॥
ଆବୋରି ବସିଣ ଅଛନ୍ତି । ଲକ୍ଷ୍ମୀଙ୍କି ଯେହ୍ନ ଯଦୁପତି ॥
କବା ପାର୍ବତୀ କୋଳେ ଧରି । ବିଜୟ ପ୍ରଭୁ ଶୂଳଧାରୀ ॥
କ ଇନ୍ଦ୍ର କୋଳେ ଇନ୍ଦ୍ରାୟଣୀ । ଚନ୍ଦ୍ରର କୋଳେ କି ରୋହିଣୀ ॥
କିବା ସାରଦା ଯେହ୍ନ ପତି । ବିଜୟ କରିଣ ଅଛନ୍ତି ॥
ତେସନ ପ୍ରଭୁ ଭାବଗ୍ରାହୀ । ସଖୀକି କୋଳରେ ବସାଇ ॥
ବିଜୟ ପ୍ରଭୁ ଆଦିମୂଳ । ଧର୍ମ ଦେଖିଣ ହେଲା ଭୋଳ ॥
ଶ୍ରୀହରି ଅଭୟ ପଞ୍ଜରେ । ଭକ୍ତନାରୀକି କୋଳେ କଲେ ॥
ତା ଦେଖି ଧର୍ମ ପାଟେଣ ମନ । ଏତ ଜ୍ୱଳନ୍ତା ହୁତାଶନ ॥
ଉଠେଇଁବା କରୁଥିଲା ମନ । କେମନ୍ତେ ଧରିବ ଜୀବନ ॥
ନିଜ ଜନମଠାରେ ଯେହ୍ନେ । ମୂଢ଼ ଦୁର୍ବୁଦ୍ଧି ଇଚ୍ଛେ ମନେ ॥
ମୁଁ ମୂଢ଼ ତେହ୍ନେ ମନ୍ଦକଲି । ଫଣୀ ଫଣାରେ ହାତଦେଲି ॥
ଏମନ୍ତ ବୋଲି ଅବହେଳେ । ପଡ଼ିଲା ସଖୀ ପାଦତଳେ ॥
ତାହା ଦେଖିଣ ମହାସଖୀ । ହୃଦପଦ୍ମରେ କଲା ରଖି ॥

ବୋଇଲା ଏ କି ଅପଘାତ । ସୁଇଣ୍ଠ ଗୁଣ୍ଡ ବଣ୍ଡବକ ॥
ଜଣବା ଜଟିତ ନୁହଇ । ଉଠ ସାଧୁଭ ବେଗ ହୋଇ ॥
ଅବଳା ମୁଖଁ ଏହା ଶୁଣି । ଉଠି କପାଳେ ଦେଲା ପାଣି ॥
ବୋଲେ ହେସନ୍ତ ନମେତୋତେ । ଶରଣ ଗଲି ରଖ ମୋତେ ॥
ଯେତେ ଅପ୍ରାଧ କଲି ତୋତେ । ତାଙ୍କୁ ନ ଧର ଜଦ ଚିତ୍ତେ ॥
ସୁତ ଯେ ମାତାଗର୍ଭେ ଥାଇ । ସେ ଯେବେ ପାଦ ପ୍ରହାରଇ ॥
ମାତା କି ଘେନେ ତାର ଦୋଷ । ସେରୂପେ ମୁଁ ତୋର ଶିଷ୍ୟ ॥
ତୁମ୍ଭେ ଯେ ପୂର୍ଣ୍ୟସ୍ତରୀ ବୋଲି । ମୁଁ ମୂଢ଼ ଜାଣିତ ନଥିଲି ॥
ଏବେ ତୋ କୃପାଦୃଷ୍ଟି ଲାଗି । ମୁଁ ଯେ ହୋଇଲି ମୋକ୍ଷଭାଗୀ ॥
ଏମନ୍ତ ବୋଲିଣ ଲେଉଟି । ସନ୍ତ ଚରଣ ତଳେ ଲୋଟି ॥
ଏଥିଉତ୍ତାରୁ କଥା ଶୁଣ । ସେ ହରି ଭକତ ଲକ୍ଷଣ ॥
ଅନ୍ତର ହୋଇ ଯାଇଥିଲା । ତାହାର ମନେ ବିସ୍ମରିଲା ॥
ଧର୍ମ ଯେ ଥିଲା ଧନଦେଇ । ସନ୍ତୋଷ ହେଲା କି ସେ ନାହିଁ ॥
ଏମନ୍ତ ବୋଲିଣ ସତ୍ୱର । ପ୍ରବେଶ ହେଲା ନିଜପୁର ॥
ଦେଖିଲା ନାରୀ ପାଦତଳେ । ଧର୍ମ ଶୋଇଛି ଖାବଭୋଳେ ॥
ରଦୂଅଶ୍ରିତ ବୋଲେ ତହିଁ । ଉଠ ସାଧତ ବେଗ ହୋଇ ॥
ସୁବନ୍ଧ ଗୋଟିକ ଚରଣେ । ପଡ଼ିଛ କେବଣ କାରଣେ ॥
ତା ଶୁଣି ଧର୍ମ ବେଗେ ଉଠ । ରଦୂଅଶ୍ରିତ ପାଦେ ଲୋଟି ॥
କହିଲା ସକଳ ବୁଝାଇ । ଦେଖ ହେ ପ୍ରଭୁ ଖାବଗ୍ରାହୀ ॥
ତୁମ୍ଭ ପତ୍ନୀକି କୋଳେ ଧରି । ପ୍ରଭୁ ଅଛନ୍ତି ବଢେ କରି ॥
ତା ଶୁଣି ଆଚମ୍ଭିତ ହେଲେ । ସମସ୍ତ ଅନାଇଣ ଦେଲେ ॥
ଦଣ୍ଡେ ନ ଦଣ୍ଡେ ଭଗବାନ । ତତ୍‌କ୍ଷଣେ ହେଲେ ଅନ୍ତର୍ଦ୍ଧାନ ॥
ସେ ତିନିଜଣ ଖାବଟ୍ରେଳେ । ଏକ ଆରକେ ଧରି କୋଳେ ॥
ପ୍ରଭୁ ମହିମା କହି ଭଲେ । ଆନନ୍ଦ ସାଗରେ ଭାସିଲେ ॥
ଏଥୁଁ ଉତ୍ତାରୁ ସେ ସାଧୁତ । ଧନସୁ କହିଲା ବହୁତ ॥
ଶୁଣି ଅନେକ ଧନ ଦେଲା । ମେଲାଣି ହୋଇଣ ବସେ ଗଲା ॥

ସେ ପଶୁ ପକ୍ଷୀ ବେନଜନ । ଚିନ୍ତିଲେ ଶ୍ରୀହରି ଚରଣ ॥
ଆନନ୍ଦେ ବଞ୍ଚିଲେକ ଦିନ । କାଳେ ଲଭିଲେ ମୁକ୍ତିସ୍ଥାନ ॥
କହଇ ବିପ୍ର ରାମଦାସ । ମୋ ପ୍ରଭୁ କମଳା ବିଳାସ ॥
ସେ ଦ'ରୁବ୍ରହ୍ମଙ୍କ ଚରଣେ । ମୋ ଚିତ୍ତ ରହୁ ଅନୁକ୍ଷଣେ ॥
ଏ ଦାର୍ଢ୍ୟଭକ୍ତିରସାମୃତ । ସୁଜନେ ପିଅ ଶ୍ରୁତି ପଥ ॥
ମୁକତି ହେବ' ଦିନୁ ଦିନ । ନ ହେବ ଯମ ଦରଶନ ॥
ସୁଖେ ଅମର ପଦ ପାଇ । ବସିବ ଦେବଲୋକେ ଯାଇ ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତିରସାମୃତେ ମନ ଚୈତନ୍ୟ ସମ୍ବାଦେ
ରଘୁଅରକ୍ଷିତ ମୋକ୍ଷଣେ ନାମ
ନବମୋଽଧ୍ୟାୟଃ ।

—*—

## ଦଶମ ଅଧ୍ୟାୟ

### ନୀଳାମ୍ବର ଦାସ ସମ୍ବାଦ

### ଚୈତନ୍ୟ ଉବାଚ

ଶୁଣ ଚୈତନ୍ୟ ମନରୋଷ । କହଇ ମନରାଜା ପାଶେ ॥
ହେ ମନ ସାବଧାନେ ଶୁଣ । କହିବା ଭକତ ଲକ୍ଷଣ ॥
ଉତ୍ତର ଖଣ୍ଡେ ତାର ଘର । ବ୍ରାହ୍ମଣ ନାମ ନୀଳାମ୍ବର ॥
କୁଟୁମ୍ବ ପୋଷଣ ନିମନ୍ତେ । ଯାଚକା କରେ ନାନାମତେ ॥
ଗୃହୀ ଗୃହରେ ରହୁଥାଇ । ଦୁଃଖକୁ ଶୋଚନା ନ ଥାଇ ॥
ବିଷୟୀଜାଳ ଏ ସଂସାର । ସକଳ ଜୀବେ ବନ୍ଧା ତା'ର ॥
ଶ୍ରୀହରି କଥାମୃତ ସାର । ଶ୍ରୁତି ପିବଇ ନିତ୍ୟ ଯାର ॥
ସକଳ ଶାସ୍ତ୍ର ସୁପଣ୍ଡିତା । ଜାଣଇ ପାପ ପୁଣ୍ୟକଥା ॥
ଜିତ ଇନ୍ଦ୍ରିୟ ଧୀର ବୁଦ୍ଧି । ନିର୍ଦ୍ଦୋଷ ଶାନ୍ତ ଆତ୍ମା ଶୁଦ୍ଧି ॥
ନିର୍ଲୋଭ ନିର୍ମୋହ ନିର୍ଭୟ । ପରମ ସଦାନନ୍ଦ ମୟ ॥
କେବଳ ଗୋବିନ୍ଦ ଭଜନ । କରି ବଞ୍ଚଇ ସବୁ ଦିନ ॥
ଏମନ୍ତେ କେତେଦିନ ଗଲା । ଦିନେ ତା ମନେ ବିଚାରିଲା ॥

ଯେତେ ଏ ପୁତ୍ର ଦାରାଧନ । ଏ ସବୁ ମାୟାର ବନ୍ଧନ ॥
ଏହାଙ୍କ ସଙ୍ଗେ ସଙ୍ଗ ହୋଇ । ବଅର୍ଥ ଗଲା ମୋର ଦେହୀ ॥
ଯେ ପ୍ରଭୁ ଜଗତ ଈଶ୍ୱର । କମଳା ଦେବୀଙ୍କର ବର ॥
ଅଶେଷ ଜୀବର କରତା । ଭକତ ମୁକତିର ଦାତା ॥
ସେ ପ୍ରଭୁ ବିଜେ ନୀଳଗିରି । କମ୍ବୁ ରଥାଙ୍ଗ କରେ ଧରି ॥
ପ୍ରବେଶ ହେଲେ ତାଙ୍କ ପାଶେ । ଅଶେଷ ଜନ୍ମ ପାପ ନାଶେ ॥
ସେ ଦାରୁବ୍ରହ୍ମ ଦରଶନ । ନ କଲି ଧିକ ମୋ ଜୀବନ ॥
ମିଥ୍ୟା ସଂସାର ଦାରା ଧନ । ବୈରାଗ୍ୟ ଉପୁଜିଲା ମନ ॥
ସଜ ହୋଇଲା ସେ ତ୍ୱରିତେ । କ୍ଷେତ୍ରକୁ ଯିବାର ନିମନ୍ତେ ॥
ପଥକୁ ଧଇଲା ସଙ୍ଗଳ । କାନ୍ଧରେ ପକାଇ ଝାଉଁଳି ॥
ଚଳେ ଚନ୍ଦ୍ରଲ ଭାବଗ୍ରାହୀ । ଆନନ୍ଦେ ଗଲା ପଥ ବାହି ॥
ମନ ନବେଶି ନୀଳାଚଳେ । ଧୀରେ ଚମଇ ଭ୍ରବହେଳେ ॥
ମାତା ଅନ୍ତରେ ପୁତ୍ର ଯେହ୍ନେ । ମାତା ଲୋଡ଼ଇ ତାର ମନେ ॥
ସେହ୍ନ ପ୍ରକାରେ ତାର ମନ । ଚିନ୍ତଇ ସଦା ଭଗବାନ ॥
ପ୍ରଭୁଙ୍କ ଗୁଣ ଗୁଣି ଚଳେ । ଚଳଣ ଯାଏ ରାଜପଥେ ॥
କେତେକ ଦିନର ଉତ୍ତରେ । ମିଳିଲା ଯାଇଁ ଗଙ୍ଗାତୀରେ ॥
ଘୋର ବନସ୍ତ ପଞ୍ଚକୋଶ । ତା ମଧ୍ୟେ ହୋଇଲା ପ୍ରବେଶ ॥
ଏକା ଗମଇ ନାହିଁ ଶ୍ରାନ୍ତ । ଚିନ୍ତଣ ଦାରୁବ୍ରହ୍ମମୂର୍ତ୍ତି ॥
ସେ ବନ ଅନ୍ତେ ଗଙ୍ଗାତଟେ । ମିଳିଲା ଅତି ମନ ହୃଷ୍ଟେ ॥
ଦେଖିଲା ପୂରିଅଛି ଜଳ । ଦିଶଇ ନାହିଁ ଥଳକୂଳ ॥
ଏକେତ ବରଷା ସମୟ । ଦେଖି ହୃଦରେ କଲା ଭୟ ॥
କେମନ୍ତେ ଗଙ୍ଗା ପାରିହେବ । ତରଇ ବନା କ ତରିବ ॥
ଜନ ଶବଦ ଏଥେ ନାହିଁ । କାହାକୁ ପଚାରିବ ମୁହିଁ ॥
ନାବ ଅଛଇ କେଉଁପାଶେ । ବୋଲି ଚାହିଁଲା ଦଶଦିଶେ ॥
ଏକ ତରାଇ ଖଣ୍ଡଦୂରେ । ନାବ ପକାଇ ମୀନ ମାରେ ॥
ଦେଖି ଉଲସ ନୀଳାମ୍ବର । ଡାକ ଛାଡ଼ିଲା ଉଚ୍ଚସ୍ୱର । ॥

ଚଳାଇ ଘାଇ ନାବ ଆଣ । ଏ ଜନ୍ତୁଙ୍କ କର ପରିତ୍ରାଣ ॥
କେଳ ଯେ ଦେଉଛୁ ଉତ୍ତର । ଘୋର ଗହନ ନଦୀଘାଟର ॥
ଏଠାରେ ଘର ଗ୍ରାମ ନାହିଁ । ନଦୀ ତରିଲେ ଯିବି ମୁହିଁ ॥
ଦେଖହେ ସାହା କେହି ନାହିଁ । ଅନାଥ ହୋଇଣ ଅଛଇ ॥
ମୋତେ ତୁ କଲେ ଏଥୁ ପାର । ଅନେକ ହେବ ଉପକାର ॥
ତା ଶୁଣି ଚଣ୍ଡାଳ ହରଷ । ନାବ ବାହିଲା ତାର ପାଶ ॥
ଖଣ୍ଡଗଙ୍କୁ ଦେଲା ବୁଝି । ଜନଗହଳ କଟି ନାହିଁ ॥
ଦସ୍ୟୁର କଲା ତାର ଚିତ୍ତେ । ଦଇବ ଭେଟାଇଲା ମୋତେ ॥
ଏହି ପଥିକର ଯାଉଁଳ । ମୋର ହୋଇବ ସଙ୍ଗାଳ ॥
ଧନ ରତନ ଥିବ ଯେତେ । ଖାଇ ବଞ୍ଚିବି ଦିନାକେତେ ॥
ବିଳମ୍ବ ନ କରିଣ ଏବେ । ଏହାକୁ ବସାଇବି ନାବେ ॥
ବପଟେ ନାବ ବାହିନେବି । ଅଥଳ ଜଳେ ପେଲିଦେବି ॥
ଏମନ୍ତ ବିଚାରି ହୃଦରେ । ବୋଇଲା ଶୁଣ ବିପ୍ରବରେ ॥
ଏ ଜନ୍ତୁଙ୍କ ପାରିକଲେ ତୋତେ । କହ ତୁ କିସ ଦେବୁ ମୋତେ ॥
ତା ଶୁଣି ବୋଇଲା ଭକତ । ଯେ ଦୁଃଖ ମୂଲ୍ୟ ତୋ ଉଚିତ ॥
ଦେଇଣ ଯିବି ମୁହିଁ ତୋତେ । ବେଗେଣ ପାରିକର ମୋତେ ॥
ଶୁଣି ଚଣ୍ଡାଳ ଶ୍ରଦ୍ଧାଭାବେ । ବିପ୍ରକୁ ବସାଇଲା ନାବେ ॥
ତେଜଣ ଆଡ ଯାଡ କୂଳ । ନାବ ବାହିଲା ଘୋର ଜଳ ॥
ଯେ ଦିଗେ ଥିଲ କୂଳ ନାହିଁ । ସେହି ଦିଗକୁ ନେଲା ବାହି ॥
ଦେଖିଣ ଶ୍ରୀହରି ଭକତ । ବୋଇଲା ଏ କି ବିପରୀତ ॥
କୂଳକୁ ତେଜି ନାବ ଏଣେ । ବାହୁ ତୁ କେବଣ କାରଣେ ॥
କଷ୍ଟେ ତୁ ମୋର ନାଶ ଅର୍ଥେ । ବିଚାର କରୁଅଛୁ ଚିତ୍ତେ ॥
ଧର୍ମ ଲଙ୍ଘି ତୁ କରେ ଭୁଞ୍ଜ । ତା ଶୁଣି ଧୀବର ବୋଲଇ ॥
ହେ ବିପ୍ର କି ବିଚାରୁ ମୋତେ । ତୋର ମରଣ ମୋର ହସ୍ତେ ॥
ଦଇବ ନିର୍ଣ୍ଣ କରିଥିଲା । ତେଣୁ ଏକାନ୍ତେ ଭେଟାଇଲା ॥
ତାହା ଶୁଣିଣ ସେ ଭକତ । ହୋଇଲା ଅତି ଭୟଗ୍ରସ୍ତ ॥

ଆରତେ ଚିନ୍ତେ ଚିନ୍ତାମଣି | ରଖ ରଥାଙ୍ଗ କମ୍ବୁପାଣି ||
ରଖ ହେ କମଳାବଲ୍ଲଭ | ରଖ ହେ ନୀଳାଦ୍ରି ସୁଲଭ ||
କାରଣ ଦୁଃଖ ନିବାରଣ | କାତରକୁ ରଖିବା ଶରଣ ||
ପ୍ରଭୁ ନୋହିଲେ ସାହାପକ୍ଷ | ଏ ଦାସ ମଲାଟି ପ୍ରତ୍ୟକ୍ଷ ||
ବିଳମ୍ବେ ନାହିଁ ଅଉ କାର୍ଯ୍ୟ | ସତ୍ୱରେ ଆସି ଦେବରାଜ ||
ଦେଇ କରୁଣା ନାବ ତୋର | ଚଢାଇ ସମୁଦ୍ର ଉଦ୍ଧର ||
ତୁମ୍ଭର ଶ୍ରୀମୁଖ ଦର୍ଶନ | ଜନ୍ମରୁ ଯାଉ ମୋ ଜୀବନ ||
ସକଳ ଜାଣ ମହାବାହୁ | ମୋ ଦ୍ୱାର କି କହିବ ଆଉ ||
ତୁମ୍ଭେତ ସର୍ବ ଅନ୍ତର୍ଯ୍ୟାମୀ | ରଖ ନ ରଖ ଦେବସ୍ୱାମୀ ||
ମୋର ଆରତ ନିବାରଣେ | ବ୍ରହ୍ମାଣ୍ଡେ ନାହିଁ ଅନ୍ୟଜଣେ ||
ଏମନ୍ତ ବୋଲି ସ୍ତୁତି ଭଣି | ଧ୍ୟାନେ ଚିନ୍ତିଲା ଚକ୍ରପାଣି ||
ତାହା ଜାଣିଲେ ଭଗବାନ | ତେଜିଲେ ରତ୍ନ ସିଂହାସନ ||
ଭୃତ୍ୟ ରକ୍ଷଣ ଆଦିମୂଳ | ବିଜୟ କଲେ ଗଙ୍ଗାକୂଳ ||
ମାୟାରେ ଷଣ୍ଢି ରୂପଧର | ଚଢା ଚୈତନ୍ୟ ଶିରେ ଭର ||
ଚମ୍ପକ ଫେଟକା ପାଖୁଡ଼ା | ମଉଳ ପଡ଼ିଅଛି ବେଢ଼ା ||
କର୍ଣ୍ଣେ କୁଣ୍ଡଳ ଝଲକତ | କି ଅବା ଅରୁଣ ଉଦିତ ||
କସ୍ତୁରୀ ଚିତା ଭାଲ ପଟେ | ସୁରତ୍ନମାଳା କଣ୍ଠତଟେ ||
ହୃଦରେ ପଦକ ବିରାଜେ | ପୀତବସନ କଟୀମାଝେ ||
ବାହେ ବ ହୁଟି ସାରଙ୍ଗେତ | କାଣ୍ଡ କୋଦଣ୍ଡ ଧରି ହସ୍ତ ||
ନବପଲ୍ଲବ ଡାଳେ ଡାଳେ | ଖଞ୍ଜିଣଛନ୍ତି ଭୁଜମୂଳେ ||
ଅତି ସୁନ୍ଦର ରତ୍ନଜଡ଼ | କଳା ଶ୍ରୀମୁଖ ଯାକ ପଡ ||
ହେମକଙ୍କଣ ବେଣୁପାଣି | ଝଳ ବିରାଜେ ନାନା ମଣି ||
ନୂତନ ନଖ ଦାଢ଼ି ସାଜେ | ଚନ୍ଦ୍ରହୁଁ ଶ୍ରୀମୁଖ ବିରାଜେ ||
ଷୋଡ଼ଶାବେଶ ନବଯୁବା | କୋଟିଏ ଚନ୍ଦ୍ର ଜିଣି ପ୍ରଭା ||
ଝଟକ ବିଦ୍ୟୁ ପ୍ରାୟେ ଦିଶି | ଟଗରୁ ପଡ଼ିଲେ କି ଖସି ||
ଧାଇଁଅଛନ୍ତି ବେଗବରି | ଯେସନେ ବିହଙ୍ଗ କେଶରୀ ||

କାର୍ତ୍ତିକ ଅସ୍ତନ୍ତ ଉଠାଇ । ଡାକିଲେ ରେରେକାର କରି ॥
ଡଗର ନାବ ଦେନ୍ତ ଆସ । ଜୀବନେ ଯେବେ ଅଛୁ ଆଶ ॥
ଶୁଣି ଶ୍ରୀହରି ସିଂହରଡ଼ି । ଡଗର ମୂଣ୍ଡେ ବଜ୍ର ପଡ଼ି ॥
ଛଅବଟିକ ଦେବ ସ୍ବନ୍ଦି । ଧୀବର ମନେ ବିଚାରଇ ॥
ଏ ବଡ଼ବଡ଼ ଭାଗ୍ୟବନ୍ତ । ଚେଣ୍ଟି ରଖିଲେ ଅନନ୍ତ ॥
କ୍ରୋଧରେ ଆସୁଛନ୍ତି ଧାଇଁ । ବିପ୍ରଙ୍କୁ ନେବେ ମୁକୁଳାଇ ॥
ମୁଁ ଏବେ କି ବୁଦ୍ଧି କରିବି । ବିପ୍ର କନ୍ଧରେ ନଣ ଯିବ ॥
ଏହା ବିଚାରି ନାବ ଫେରି । ବାହିଲା ଧୀର ଧୀର କରି ॥
ନାବ ବାହିବା ହେଲା ଦେଖି । ତକ୍ଷଣେ ପ୍ରଭୁ ପଦ୍ମଆଖି ॥
ଧଇଲେ ମନଭେଦ ଶର । ବିନ୍ଧିଲେ ବ୍ରହ୍ମାଣ୍ଡ ଠାକୁର ॥
ଶବଦ କରିଣ ପ୍ରଚଣ୍ଡ । ନାବେ ବାଜିଲା ଯାଇ କାଣ୍ଡ ॥
ଲାଗି ରହିଲା ମୂନ ଗଳି । ଯେସନେ ଝଂଟକ ବଜ୍ରୁଳ ॥
ଦେଖି ଡଗର ଛନ ଛନ । ନାବ ବାହିଲା ଘନ ଘନ ॥
ପ୍ରବେଶ ପ୍ରଭୁ ପାଶେ ଯାଇ । ନାବରୁ ପଡ଼ିଲା ଉହ୍ଲାଇ ॥
ବିପ୍ର ଡଗର ବେନଜଣ । ଭେଟିଲେ ଗୋବିନ୍ଦ ଚରଣ ॥
ଦେଖି ଶ୍ରୀହରି କୋପଭର । ଗର୍ଜିଲେ ଡଗର ଉପର ॥
ରେ ରେ ଧୀବର ବୁଦ୍ଧି ମୂଢ଼ । ଆଜି ଏ ଗର୍ବପଣ ଗୁଢ଼ ॥
ଆମ୍ଭେ ଏ ବନେ ଜଗିଥାଉଁ । ନ କହି କମ୍ପା ନାବ ବାହୁ ॥
ଏକାକ୍ଷୀ ଲୋକେ ପାଟିକରୁ । ରଜାର ଟଣ୍ଡା ନାଶ କରୁ ॥
ଏବେ ଏପରି ବୁଦ୍ଧି କଲେ । ନାଶ ଯିବୁଟି ଜାଣ ଭଲେ ॥
ଏମନ୍ତ କହି କୋପମୂର୍ତ୍ତି । କହିଚେ କଲେ କୋପ ଶାନ୍ତ ॥
ଅଳପ ହସି ନାରାୟଣ । ବୋଇଲେ ଆହେ ବିପ୍ର ଶୁଣ ॥
ଏ ବନ ଜଗିବା ନିମନ୍ତେ । ଖାଡ଼ୀ ଦେଇଛୁ ରଜା ମୋତେ ॥
ଯେ ଅବା ଟାଣପଣ କରେ । ପଢ଼ଙ୍କ ଜନ ଧନ ହରେ ॥
କି ଅବା ଧନ ବସ୍ତ୍ରମାନ । ଛଡ଼ାଇ କରଇ ନିଧନ ॥
ତାହାଙ୍କୁ ଦେଖିବା ନିମନ୍ତେ । ଠଣା ମୁଁ ଜଗିଥାଇ ଏଥେ ॥

ଏକାନ୍ତେ ତାଙ୍କ ପ୍ରାଣ ହରି । ପେଷଇ ଯମରାଜ୍ୟ ପୁରି ॥
ତୁମ୍ଭେ ଅଇଲ ସେହିପଥେ । ଥରେ ତ ନ କହିଲ ମୋତେ ॥
ତା ଶୁଣି ବୋଲଇ ବ୍ରାହ୍ମଣ । ମୋହର ନା ଜାଣିବା ପଣ ॥
ଏଥେ ତୋ ଠଣା ଅଛି ବୋଲି । ଏହା ମୁଁ ଜାଣିତ ନ ଥିଲି ॥
ତୁମ୍ଭଙ୍କୁ ନ ଦେଖିଲି ଯେଣୁ । ନ କହି ଅଇଲି ମୁଁ ତେଣୁ ॥
ଏମନ୍ତ ବୋଲି ବିପ୍ର ତହିଁ । ଚହ୍ନିଲି ନାହିଁ ଭକ୍ତଗ୍ରାହୀ ॥
ଯା ମାୟା ବେଦେ ଅଗୋଚର । କାହୁଁ ଜାଣିବ ନର ଛାର ॥
ଯୋଗୀର ଧ୍ୟାନକୁ ଯେ ଦୂର । ମୁନିମାନଙ୍କୁ ଅଗୋଚର ॥
ଏତେ ମନୁଷ୍ୟ ହୀନବୁଦ୍ଧି । କାହୁଁ ଚହ୍ନିବ କୃପାନିଧି ॥
ମନୁଷ୍ୟ ପ୍ରାପ୍ତ ତାଙ୍କୁ ମଣି । ବୋଇଲା ଶୁଣ ସାଉମଣି ॥
ମୋତେ କରୁଣା କେତେ କର । ମୁଁ ଏବେ ଯିବି କ୍ଷେତ୍ରବର ॥
ମୋ ପ୍ରାଣନାଥ ଚକ୍ରଧର । ତାଙ୍କୁ ଦର୍ଶନେ ଇଚ୍ଛା ମୋର ॥
ଏବେ ମୁଁ ଏହି ଗଙ୍ଗାନଦୀ । ତରିବି ଯେମନ୍ତେ କହ ବୁଦ୍ଧି ॥
ତା ଶୁଣି ପ୍ରଭୁ ନାରାୟଣ । ବୋଲନ୍ତି ତରାଇରେ ଶୁଣ ॥
ବିପ୍ରଙ୍କୁ ନାବରେ ବସାଇ । ଏହି ସଙ୍କଟେ ନଅ ବାହି ॥
ମୋ ଦେଖୁଁ ଦେଖୁଁ ପାରିକର । ଜୀବନେ ଆଶା ଥିଲେ ତୋର ॥
ଶୁଣି ତରାଇ କମ୍ପମାନ । ମୁଖରୁ ନ ସ୍ଫୁରେ ବଚନ ॥
ଅନେକ କଷ୍ଟବତ ହେଲା । ବିପ୍ରଙ୍କୁ ନାବେ ବସାଇଲା ॥
ଶୁଣ ସୁଜନେ ହେତୁ ହେଇ । ସାଧୁଙ୍କୁ କଟାଳି ତରାଇ ॥
ଦେଖିଲ ପ୍ରଭୁ ଆନନ୍ଦକ । ସେବାରେ କେତେ ହୁଏ ଫଳ ॥
ବିପ୍ରହିଁ ନାବରେ ବସିଲ । ଧୀବରେ କୁଣ୍ଠ ନ କହିଲ ॥
ଯେଣୁ ସେ ଅଟେ ସାଧୁ ଚେତା । ନ ଶୁଣେ ପର ନାଶ କଥା ॥
ଆନନ୍ଦେ ହରି ନାମ ଗାଇ । ତରାଇ ନାବ ନେଲା ବାହି ॥
ଦାରୁବ୍ରହ୍ମଙ୍କୁ ଚିନ୍ତାକରି । ସୁଖେ ତରିଲେ ଗଙ୍ଗା ବାରି ॥
ନାବରୁ ଉଠି ବିପ୍ରଗଲେ । ଶ୍ରୀହରି ଅନ୍ତର୍ଦ୍ଧାନ ହେଲେ ॥
ତରାଇ ଗଲା ନିଜପୁର । ଏଥୁ ଉତ୍ତାରୁ ବିପ୍ରବର ॥

କେତେହେଁ ଦିନେ ପଥ ବାହି । ମିଳିଲେ କ୍ଷେତ୍ରବରେ ଯାଇ ॥
ଏମନ୍ତ ସମୟରେ ଶୁଣ । ସେ ପଞ୍ଚକୋଶର ମଧ୍ୟେଣ ॥
ଯାତ୍ରା ହୋଇଛି ନୀଳାଚଳେ । ଶ୍ରୀନନ୍ଦୀଘୋଷରଥ ଚଳେ ॥
ତହିଁ ବିଜୟ ଦେବହରି । ଶ୍ରୀଭୁଜେ ଶଙ୍ଖ ଚକ୍ରଧରି ॥
ତାଳଧ୍ୱଜରେ ଦେବରାଜ । ରୋହିଣୀଦେବୀଙ୍କ ଆତ୍ମଜ ॥
ଦିଶେ ଲାଙ୍ଗଳ ହଳଧାରୀ । ପ୍ରଳମ୍ବା ଗଜର କେଶରୀ ॥
ଦର୍ପଦଳନ ରଥେ ଦେବୀ ବିଜେ । କି ହେମ ପ୍ରତିମା ବିରାଜେ ॥
ଦୟିତାପଣ୍ଡାମାନେ ରଥେ । ଧରିଣ ଯୋଡ଼ ବେତ ହସ୍ତେ ॥
ଡାକନ୍ତି ମଣିମା ମଣିମା । ଭୃତ୍ୟଙ୍କ ଗୁହାରି ଶୁଣିମା ॥
ସେବକେ ଘଣ୍ଟାନାଦ କରି । ଶବଦେ କମ୍ପେ ବସୁନ୍ଧରା ॥
ବଜାଇ ଶ୍ରୀଘାର କାହାଳି । କମ୍ବୁ ଶବଦ ହୁଳହୁଳି ॥
ତୂରୀ ବଇଁଶୀ ବାଦ୍ୟ ଯେତେ । ଝମ୍ପକ ନିଶାଣ ସହିତେ ॥
ସେବକ ବୃନ୍ଦ ହୋଇ ମେଳି । ନାଚନ୍ତି ଦେଇ କରତାଳି ॥
ମୃଦଙ୍ଗ ମର୍ଦ୍ଦଳେ କେ ଧରି । ବଜାଇ ନୃତ୍ୟଗୀତ କରି ॥
କେ ପ୍ରଭୁମାନଙ୍କୁ ଅନାଇ । ଭାବରେ ଗଡ଼ି ଯାଉଥାଇ ॥
କେବା କପାଳେ ଦେଇ କର । ଡାକଇ ଜୟ ଜୟକାର ॥
ସବୁରି ମୁଖେ ନାମ ଧ୍ୱନି । କରନ୍ତେ କମ୍ପାଇ ମେଦିନୀ ॥
କାଳ ପିଠିଆ ଅପ୍ରମିତ । ରଥଦଉଡ଼ି ଧରି ହସ୍ତ ॥
ଅତିଆନନ୍ଦେ ଓଟାରନ୍ତି । ରଥ କରଇ ଦିବ୍ୟଗତି ॥
ସକଳ ଶବଦରୁ ବଳି । ଶ୍ରୀନନ୍ଦୀଘୋଷ ରଥ ଚଳି ॥
କୋଟିବ୍ରହ୍ମାଣ୍ଡ ଶୁଭେ ପୂରି । ପ୍ରଭୁ ସମ୍ଭ୍ରମେ ବିଜେକରି ॥
କରୁଣ ସୁର ନର ଗୋଷ୍ଠୀ । ସକଳ ଲୋକେ ସମଦୃଷ୍ଟି ॥
ତା ଦେଖି ବିପ୍ର ବେଗେ ଧାଇଁ । ଭକ୍ତିଭାବରେ ଭୋଳହୋଇ ॥
ଭେଟିଲେ ପ୍ରଭୁ ପାଶେ ଯାଇ । ସାଷ୍ଟାଙ୍ଗେ ପାଦେ ପଡ଼ି ଶୋଇ ॥
ଉଠେ ମସ୍ତକେ ଦେଲେ ହସ୍ତ । ବୋଇଲେ ନାମା ଜଗନ୍ନାଥ ॥
ତୁମ୍ଭ ଶ୍ରୀମୁଖ ଦରଶନ । ପାଇଁ ଆଜିର ମୋ ଜୀବନ ।

ଦାଟେ ଶଙ୍କଟ୍ଟ ରକ୍ଷାକର । ମୋତେ ଯେ ଆଣିଲ ଉଦ୍ଧର ॥
ତର୍ବିର ଲଭ ଏତେ ହେଉ । ତୋ ପାଦ ଚିନ୍ତ ଜନଯାଉ ॥
ଏମନ୍ତ ବୋଲି ନାମଧର । କୃଷ୍ଣ କେଶବ ଦଇତାରି ॥
ମୁକୁନ୍ଦ ମାଧବ ଅଚ୍ୟୁତ । ପରମାନନ୍ଦ ଗୋପିନାଥ ॥
ଶ୍ରୀନାରାୟଣ ଚକ୍ରପାଣି । ଦୀନବାନ୍ଧବ ରଘୁମଣି ॥
ଶ୍ରୀବତ୍ସଲାଞ୍ଛନ ବରଜ । ଜୟ ଦେବାଧି ଦେବଷ୍ଟଜ ॥
ଏସନ ନାମ ଗାୟନରେ । ନେତ୍ରୁ ଲୋତକଧାର ଝରେ ॥
ଜଗନ୍ନାଥମୁଖ ଧ୍ୟାନକରି । ପ୍ରଭୁ ସ୍ୱରୂପ ମନେଧରି ॥
ଚାଲି ନଦେଖି ଶ୍ରୀପୟର । ପ୍ରାଣ ଛାଡ଼ିଲା ଦ୍ୱିଜବର ॥
ସମସ୍ତେ ଦେଖୁଁ ଦେଖୁଁ ତଟିଁ । ତତ୍‌କ୍ଷଣେ ଗୁଡ଼ଲାକ ମଧ୍ୟ ॥
ଶୁଣ ସୁଜନେ ହେତୁ ଦେଇ । ସେ ଯେଉଁ ଗତି ଥିବ ପାଇ ।
ତାହା କହିବାକୁ ସକ୍ଷମ । ନୁହଇ ମୁହିଁ ନରାଧମ ॥
କେବଳ ସାଧୁଜନ ମାନେ । କହିଲେ କହିବେ ବଚନେ ॥
ଶୁଣ ସୁଜନ ଏ ଚରିତ । ଭକତ ଲକ୍ଷଣ ଏମନ୍ତ ॥
ଅଶେଷ ଲୋକଙ୍କ ମହିମା । ବେଦ ନ ଜାଣେ ଗୁଣସୀମା ॥
ଏ ଦାର୍ଢ୍ୟଭକ୍ତି ରସାମୃତ । ଶ୍ରବଣେ ପଠନେ ମୁକତ ॥
ପଢ ପଦକେ ସୁଖ ହେବେ । ଅଶେଷ ଜନ୍ମ ପାପ ଛେଦେ ॥
କହଇ ରାମଦାସ ମୂଢ଼ । ମୋ ପ୍ରଭୁ ନନ୍ଦଘୋଷା ରୂଢ଼ ॥
ସେ ଦାରୁବ୍ରହ୍ମଙ୍କ ଚରଣେ । ମନ ମୋ ରହୁ ଅନୁକ୍ଷଣେ ॥
ଚାଲି ମୋ ମନ ମଧୁକର । ଜନ୍ମଜେ ରହୁ ସେ ପୟର ॥
ନମସ୍ତେ ସାଧୁଙ୍କ ଚରଣ । ଏ ବର ଦିଅ ଅନୁକ୍ଷଣ ॥
ସୁଜନେ ଏହି ରସେ ଭସ । ଏ ଭବଜଳରେ ନ ଭାସ ॥
ସାଧୁ ଶ୍ରୀ କୃଷ୍ଣନାମ ଭଜେ । ଜୀବ ଉଦ୍ଧାର ନାହିଁ ଅନ୍ୟେ ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତି ରସାମୃତେ ମନ ଚୈତନ୍ୟ ସମ୍ବାଦେ ବସ୍ତ୍ର ମଳାମ୍ବର ଦାର୍ଢ୍ୟଭାବ ବର୍ଣ୍ଣନେ ନାମ ଦଶମୋଽଧ୍ୟାୟଃ ।

## ଏକାଦଶ ଅଧ୍ୟାୟ

## ରଘୁ କେଉଟର ସମ୍ବାଦ

### ମନ ଉବାଚ

ମନ ବୋଲଇ ଚଇତନ । ଶୁଣିଲି ଅପୂର୍ବ ବଚନ ॥
ସେ ନୀଳାମ୍ବର ଦାସ କଥା । ଶୁଣି ଗୁଚିଲା ମନବ୍ୟଥା ॥
ଏହି ପ୍ରକାରେ କଥା ଯେତେ । ଅଛଇ କହୁଥାଅ ମୋତେ ॥
ମୋର ପୂଛିବା ଯାଏ ଆଜି । ତୁମ୍ଭ କହିବାର ନ ଥାଉ ॥
କେବଳ ସାଧୁକଥା କେତେ । କହି ପବିତ୍ର କର ମୋତେ ॥
ଶୁଣି ଚୈତନ୍ୟ ଅତି ତୋଷେ । କହଇ ମନ ରଜା ପାଶେ ॥
ହେ ରଜା ସାବଧାନେ ଶୁଣ । ଏ ଦାର୍ଢ୍ୟଭାକ୍ତର ଲକ୍ଷଣ ॥
ପୁରୁଷୋତ୍ତମ ମହାକ୍ଷେତ୍ର । ଯେ କ୍ଷେତ୍ରମାନଙ୍କେ ପବିତ୍ର ॥
ତହିଁକି ଦଶକୋଶଠାରେ । ଶ୍ରୀନୀଳାଚଳ ପାରୁଶରେ ॥
ପିପ୍‌ପଳୀ ଗ୍ରାମ ନାମ ତାର । ସେହି ଗ୍ରାମରେ ତାର ଘର ॥
ଜାତିରେ ଅଟଇ ଧୀବର । ରଘୁ କେଉଟ ନାମ ତାର ॥
ତାହାର ଘରେ ତିନପ୍ରାଣୀ । ମାତା ସହିତେ ତା ଘରଣୀ ॥
ଏମନ୍ତେ ତିନଜଣ ଥାନ୍ତି । କରି ତାହାଙ୍କ ନିଜ ବୃତ୍ତି ॥
ଜାଲ ପକାଇ ମୀନ ମାରି । ପ୍ରାଣ ପୋଷଇ ବନ୍ଦୀକରି ॥
ଏମନ୍ତେ କେତେଦିନ ଅନ୍ତେ । ସୁଜ୍ଞାନ ହେଲା ତାର ଚିତ୍ତେ ॥
ଶ୍ରୀଗୁରୁମନ୍ତ୍ର ଜପକରି । ତୁଳସୀମାଳା କଣ୍ଠେ ଧରି ॥
ବସଇ ସାଧୁଜନ ସଙ୍ଗେ । ଶ୍ରୀଭାଗବତ ପଢ଼େ ରଙ୍ଗେ ॥
ଜୀବ ମାରିବା ଦୋଷ ଯେତେ । ବିଚାର କରୁଥାଇ ଚିତ୍ତେ ॥
ବଣ୍ଡ ବଣ୍ଡକେ ଶୋକଭରେ । କର ଜଗୁଡ଼ି ହୃଦୟରେ ॥
ବୋଲେ ବିଧାତା ଏହା କଲୁ । ଧୀବରକୁଳେ ଜନ୍ମ ଦେଲୁ ॥
ଜୀବମାରଣେ ଯୋଗ ମୁହିଁ । ନରକେ ପଡ଼ିବଇଁ ଯାଇଁ ॥
ଏମନ୍ତ ମନରେ ବିଚାରି । ନ ଗଲା ଆଉ ମୀନ ମାରି ॥
ବଇଲେ ଦୁଃଖୀ ଘର ସିନା । ହୋଇଲା ଅତ୍ୟନ୍ତ ଯାତନା ॥

ତାହାର ମାତା ପତ୍ନୀ ନିତ । ନାନାପ୍ରକାରେ ଗାଳିଦ୍ୟନ୍ତି ॥
ତୁ ଏବେ ହୋଇବୁ ସନ୍ନ୍ୟାସ । ଆମ୍ଭଙ୍କୁ ରଖି ଉପବାସ ॥
ନୋହିଲେ ମୀନ ମାରି ଯାଅ । ନିଜ କୁଟୁମ୍ବ ପୋଷୁଥାଅ ॥
ଶୁଣି ଧୀବର କୋପଭରେ । ପେଲଣା ଜାଲ ଧରି କରେ ॥
ଗଲା ସେ ମୀନ ମାରିବାରେ । ପ୍ରବେଶ ହେଲା ସରୋବରରେ ॥
କୃଷ୍ଣ ସୁମରି ପଶି ଜଳେ । ଜାଲ ବାହିଲା ବୃନ୍ଦକୂଳେ ॥
ଏମନ୍ତେ କେତେ ସମୟରେ । ଶ୍ରୀ ଜଗନ୍ନାଥଙ୍କ କୃପାରେ ॥
ପଡ଼ିଲା ରୋହିମାଛ ଗୋଟି । ତା ଜାଲ ମଧ୍ୟରେ ଚହଟି ॥
ତାହା ଦେଖିଣ ଜଳବର୍ତ୍ତି । ମାଇଲା କପାଳରେ ହାତ ॥
ବିଚାର କରଇ ସେ ଚିତ୍ତେ । ଏହାକୁ ମାରିବି କେମନ୍ତେ ॥
ସାହାତେ ମୀନ ଅବତାର । ଯେତୁ ନାଶିଲେ ଶଙ୍ଖାସୁର ॥
ସେ ଦିବ୍ୟ ରୂପ ନାଶ କରି । ମୁଁ କେହ୍ନେ ଥିବି ଦେହ ଧରି ॥
ଯେବେ ନ ମରିବ ଏ ମୀନ । ମୋତେ ନ ମିଳିବ ଭୋଜନ ॥
ପତ୍ନୀ ଯେ ଦୁଆରୁ ତଡ଼ିବ । ଅନ୍ନ ନ ଦେଇ ଘଉଡ଼ିବ ॥
ଏମନ୍ତ ବୋଲି ଖବସେତେ । ବେନି ନୟନୁ ଧାର ଚଳେ ॥
ସେ ମୀନ ଧରି ବେଗେ ଗଲା । ଶୁଷ୍କ ଭୂମିରେ ପକାଇଲା ॥
ବୋଇଲା ମୀନ ରୂପୀ ଶୁଣ । ତୁ ଯାହା କରିବୁ ଭିଆଣ ॥
ମୋର ତ ଧୀବର ସ୍ୱଭାବ । କେ ତାହା ଅନ୍ୟଥା କରିବ ॥
ତୋତେ ନ କଲେ ଆଜ ନାଶ । ମୋତେ ତ ନ ମିଳିବ ଗ୍ରାସ ॥
ଏଣୁ ମାରିବା କଥା ସତ । ବୋଲି ଚଣ୍ଡିରେ ଦେଲା ହସ୍ତ ॥
ଅଜପ ଯାକଦେଲ ଧରି । ସେ ମୀନ ବଦନ ବିସ୍ତାରି ॥
ଡାକିଲା ରଖ ନାରାୟଣ । ଧୀବର ଶୁଣିଲା ଶ୍ରବଣ ॥
ନିଧି ପ୍ରାପତ ହେଲା ଯେହ୍ନେ । ତେସନ ଆନନ୍ଦ ତା ମନେ ॥
ସେ ମୀନ ଘେନି ଚଳି ଗଲା । ଅଗମ୍ୟ ବନସ୍ତେ ମିଳିଲା ॥
ନିର୍ଝରଠାରେ ଝର ନୀର । ଦେଖି ହରଷ ମନ ତାର ॥
ସେ ଝରତଟେ କୁଣ୍ଡ କରି । ଅଜପ ନୀର ତହିଁ ଭରି ॥

ସେ ଜଳେ ସେ ମୀନ ଝଟେଣି । ଦୃଢ଼ ଆସନ କରି ବସି ॥
ବୋଲେ ଏ ମୀନ ଗର୍ଭଗତେ । ଯେ ନାମ ଶୁଣାଇଲ ମୋତେ ॥
ସେ ଏବେ ରୂପବନ୍ତ ହେଉ । ମୋତେ ସେ ଦେଖା ଦେଇଯାଉ ॥
ନୋହିଲେ ଜୀବନ ହାରିବ । ହତ୍ୟା ତା'ହାର ପରେ ଦେବ ॥
ଏମନ୍ତେ ନିଷ୍ଠାବ୍ରତ କଲା । ସେ ମୀନ ରୂପେ ହେତୁ ଦେଲା ॥
ଇନ୍ଦ୍ରିୟମାନଙ୍କ ବଶ କରି । ଚଞ୍ଚଳ ଚିତ୍ତ ସ୍ଥିର କରି ॥
ସୁମାର୍ଗେ ରଖି ନେତ୍ର ଦୁଇ । ମନକୁ ଜ୍ଞାନମାର୍ଗେ ଥୋଇ ॥
ଭଜନ କଲା ନାରାୟଣ । ଯେ ନାମ ପରମ କାରଣ ॥
ସେ ନାରାୟଣ ନାମ ଗୋଟି । ହୃଦପଦ୍ମରେ କଲା ଗଣ୍ଠି ॥
ନିରତେ ବନ୍ଦନରେ ଗୁଣି । ନ ଜାଣେ ଦିବସ ରଜନୀ ॥
ଏମନ୍ତେ ଭଜନ ହେଲା । କେଣିକ ପାଦେ ନ ଟଳିଲା ॥
ମରିବା କଥା କଲା ମୂଳ । ତାହା ଜାଣିଲେ ଆଦିମୂଳ ॥
ବିପ୍ର ସ୍ୱରୂପ ଗୋଟି ଧରି । ଧୀବର ଆଗେ ବିଜେ କରି ॥
ବୋଇଲେ ଶୁଣ ହେ ତପସ୍ୱୀ । କି ତପ କରୁ ଏଥେ ବସି ॥
କି ଜାତି ଗୋତ୍ର ଅଟେ ତୋର । କି ତୋର ନାହିଁ ଘର ଦ୍ୱାର ॥
କିସ ଚିନ୍ତୁଅଛୁ ମନେ । ଏକାନ୍ତେ ବସିଅଛୁ ବନେ ॥
କହ ହେ କେବଣ ଚରିତ । ଶୁଣି ବୋଲଇ କଇବର୍ତ୍ତ ॥
ହେ ବିପ୍ର କି ମୋତେ ପଚାର । ଜାତିରେ ଅଟେ ମୁଁ ଧୀବର ॥
କୁଟୁମ୍ବ ଜଞ୍ଜାଳ ନିମନ୍ତେ । ପେଲଣାଜାଲ ଧରି ହସ୍ତେ ॥
ଅଇଲି ମୀନ ମାରିବାରେ । ପ୍ରବେଶ ହେଲି ସରୋବରେ ॥
ଜାଲ ପକାନ୍ତେ ଜଳେ ପଶି । ପଡ଼ିଲା ରୋହିମାଛ ଆସି ॥
ସେ ମୀନ ପକାଇଣ କୂଳେ । ଧରି ମୁଁ ମାରିବାର ବେଳେ ॥
ସେ ମାଛ ପାଟି ବିସ୍ତାରିଣ । ଡାକିଲା ରଖ ନାରାୟଣ ॥
ଶୁଣି ମୁଁ ଆଚମ୍ବିତ ହୋଇ । ମୀନକୁ ଧରି ଅଇଲଇଁ ॥
ଏ ଘୋର ବନସ୍ତରେ ପଶି । ମୀନକୁ ଜଗିଅଛୁ ବସି ॥
ଯେ ନାମ ଶୁଣାଇଲା ମୋତେ । ତାହାକୁ ଦେଖିବା ନିମନ୍ତେ ॥

ତେବେ ମୁଁ ନଳପୁରେ ଯିବ । ନୋହିଲେ ଜୀବନ ହାରିବ ॥
ଏ କଥା ମୋର ସତ୍ୟବ୍ରତ । ତେଣୁ ମୁଁ ଆସିଅଛି ଏଥ ॥
କହିଲ ମନର ବେଦନା । ହେ ବିପ୍ର ଶବେଜଣ କନା ॥
ତୁମ୍ଭେ ଥିବାରୁ ମୋ ଆଗର । ଭଜନ ହେଉଛି ଉତ୍ତର ॥
ଏମନ୍ତ ବୋଲି ନାରାୟଣ । ନାମ ଭଜନ କଲା ପୁଣ ॥
ସେ ଅନ୍ତର୍ଯ୍ୟାମୀ ନାରାୟଣ । ଜାଣିଲେ ରଘୁଦାସ ମନ ॥
ବୋଇଲେ ଶୁଣ ହେ ଧୀବର । ଏ କଥା କପଟତ ତୋର ॥
ମୀନ ରଟିବ ନାମ କାହିଁ । ଏ କଥା ପରତେ ନ ଯାଇ ॥
ଯେବେ ରଟିବ ପରମାଣ । କରିବ ବୋଲି ତାକୁ ଜାଣ ॥
ସେ କାହିଁ ଦେଖାଦେବ ତୋତେ । ବିଅର୍ଥେ ବସିଅଛୁ ଏଥେ ॥
ଏବେ ତୁ ନଳପୁରେ ଯାଅ । ଅଧିକ କଷ୍ଟହିଁ ନ ପାଅ ॥
ତା ଶୁଣି ବୋଲେ କଇବର୍ତ୍ତ । ଭଲ କହିଲୁ ବିପ୍ର ସୁତ ॥
ସେ ସିନା ଦେଖାଦେବା ଦୂର । ମୋର ମାଇବାଟି ନଜର ॥
ଏଥକୁ ଉପାୟ ନାହିଁ କହୁ । ପ୍ରାଣ ମୁଁ ମୁରୁଛି ରହିଛୁ ॥
କେବଳ ଦୀନବନ୍ଧୁ ନାମ । କହୁ ଅଛନ୍ତି ଦାରୁବ୍ରହ୍ମ ॥
ପତିତ ରକ୍ଷଣ କରତେ । ବେଢ଼ଲେ ବାନ୍ଧିଛନ୍ତି ନେତେ ॥
ଭକ୍ତ ଆରତ ନିବାରଣେ । ଶ୍ରୀ ଭୁଜେ ଚକ୍ର ଅନୁକ୍ଷଣେ ॥
ଧରି ବସିଛୁ ଦାରୁହରି । ଏଣୁ ଭରସା ଅଛୁ କରି ॥
ଅବଶ୍ୟ ଦେଖାଦେବେ ଥରେ । ବିଶ୍ୱାସ ଅଛୁ ମୋ ମନରେ ॥
ନୋହିଲେ ପ୍ରାଣ ମୋର ଯାଉ । ତାର କାରଣେ ରହି ଥାଉ ॥
ଏବେ ହୋ ଶୁଣ ବିପ୍ରବର । ତୁମ୍ଭଙ୍କୁ କୋଟି ନମସ୍କାର ॥
କଲ୍ୟାଣ କରି ମୋତେ ଭଲ । ଭଜନ ହେଉଅଛି ହେଳ ॥
ତା ଶୁଣି ଶ୍ୱେତ ପଦ୍ମଭୋଳା । ଭକତ ଭାବେ ହେଲେ ଭୋଳା ॥
ବିଚାର କଲେ ହୃଦଗତେ । ମୁହିଁ ନିଶ୍ଚୟ ହେଲେ ଏଥେଁ ॥
ନଷ୍ଟେ ମରିବ ଏ ଧୀବର । ଜୀବନ ଆଶା ନାହିଁ ଯାର ॥
ଏମନ୍ତ କହି ପୀତବାସ । ବୋଇଲେ ଶୁଣ ରଘୁଦାସ ॥

ଆମ୍ଭେଟି ମୀନ ଗର୍ଭଗତେ । ସେ ନାମ ଶୁଣାଇଲୁ ତୋତେ ॥
ତୋ ମନେ ସଂଶୟ ନ କର । ଆମ୍ଭେଟି ଜଗତ ଈଶ୍ୱର ॥
ଆସିଣ କୃପା କଲୁ ତୋତେ । ବର ତୁ ମାଗି ଘେନ ମୋତେ ॥
ତା ଶୁଣି ବୋଲଇ ଧୀବର । ଦେଖାଅ ନିଜ ରୂପ ତୋର ॥
ବାରେ ଦେଖିବ ଚର୍ମ ନେତ୍ରେ । ଖଣ୍ଡିବ ଜନ୍ମ ମୃତ୍ୟୁ ହେଳେ ॥
ତା ଶୁଣି ପ୍ରଭୁ ଦେବରାଜ । ତକ୍ଷଣେ ହେଲେ ଚତୁର୍ଭୁଜ ॥
କମ୍ବୁ ରଥାଙ୍ଗ ଗଦାଧର । ଶୋଭା ପାଉଛି ସ୍ୱର୍ଣ୍ଣକର ॥
ପ୍ରତ୍ୟକ୍ଷେ ଉଭା ପୀତବାସ । ଦେଖି ଉଠିଲେ ରଘୁଦାସ ॥
ସାଷ୍ଟାଙ୍ଗେ କଲା ଦଣ୍ଡବତ । ଉଠି କପାଳେ ଯୋଡ଼ି ହାତ ॥
ବୋଲନ୍ତି ନମୋ ଚକ୍ରପାଣି । ଭକତଜନ ଚିନ୍ତାମଣି ॥
ବ୍ରହ୍ମା ଇନ୍ଦ୍ରାଦି ଯୋଗେଶ୍ୱର । ଧ୍ୟାନେ ଚିନ୍ତନ୍ତି ଯା ପୟର ॥
ସେ ପ୍ରଭୁ ମୋହ ପୁର ପାଇଁ । ବିଜୟ କଲେ ଦୟାବନ୍ତ ॥
ଆଜ ମୁଁ କି ବର ମାଗିବି । ତୁମ୍ଭ ଚରଣେ ଲୁଚିଯିବି ॥
ପ୍ରଭୁ ବୋଇଲେ ଯାହା ମନ । ମାଗ ହୋ ଭକତ ରତନ ॥
ଦାସ ବୋଇଲେ ଯେବେ ବର । ଦେବାକୁ କୃପା ହେବ ତୋର ॥
ଏ ମୋର ଧୀବର ସ୍ୱଭାବ । ଏହା କେମନ୍ତେ ଛାଡ଼ି ଯିବ ॥
ଆବର ଅନ୍ନ ମିଳୁଥିବ । ତୋ ନାମ ଧରି ଜୀବ ଯିବ ॥
ଯେବେ ହୃଦରେ ଭାବୁଥିବ । ତୁମ୍ଭ ଦର୍ଶନ ପାଉଥିବ ॥
ଅସ୍ତୁ ବୋଲିଣ ଭଗବାନ । ତକ୍ଷଣେ ହେଲେ ଅନ୍ତର୍ଦ୍ଧାନ ॥
ବୈକୁଣ୍ଠ ପୁରେ ଗଲେ ଚଳି । ଭକତ ହରି ହରି ବୋଲି ॥
ଜଳରୁ ହୋଇଲା ବାହାର । ଭାବେ ଗମଇ ଧୀର ଧୀର ॥
କରେ ବଜାଇ କରତାଳ । ବେନି ନୟନୁ ଧାରା ଗଳ ॥
ଶ୍ରୀହରି ନାମ ଗାନ କରି । ପ୍ରବେଶ ହେଲା ନିଜପୁରୀ ॥
ଏଣେ ଯେ ନିଜ ପୁତ୍ରଜନେ । ରଘୁକୁ ନ ଦେଖି ନୟନେ ॥
କାନ୍ଦ ବୋବାଇ ପଡ଼ ପଡ଼ି । ମଲା ବୋଲିଣ ଆଶା ଛାଡ଼ି ॥
ଅତ୍ୟନ୍ତ ଚିନ୍ତାକରେ ଥିଲେ । ଏହି ସମୟେ ଦାସେ ଗଲେ ॥

ତା ସଙ୍ଗେ ପୁରଜନ ଯେତେ । ଗୋଡ଼ାଇ ଅଛନ୍ତି ସମସ୍ତେ ॥
ବୋଇଲେ ଦେଖ ଏହୁ ବାଇ । ଛଦ୍ମମେ ପ୍ରଭୁ ନାମ ଗାଇ ॥
କଷ୍ଟକୁ ଭସ୍ମ କରି ଚଞ୍ଚେ । ଲୁଚି ଯେ ଥିଲ ଅନାକେତେ ॥
ପୁଣି ଅଇଲ ଧାଇଁ ଧାଇଁ । ପହ୍ନୀକ ଉଗ୍ରଇବା ପାଇଁ ॥
ଠକ ଠାପୁଆ ଜନମରୁ । ଠାପୁଆମାନଙ୍କର ଗୁରୁ ॥
ଏମନ୍ତ ଉପହାସ କଲେ । ଯେଣ୍ଟାପୁରକୁ ଚଳିଗଲେ ॥
ଏଥି ଉତ୍ତାରୁ ଗୃହଜନେ । ଦାସଙ୍କୁ ନେଇଣ ସଜନେ ॥
ଅନ୍ନ ବ୍ୟଞ୍ଜନ ପରଶିଲେ । ଉଦ୍ଧର ମନକୁ ତୋଷିଲେ ॥
ଭୋଜନ ସାରି ଦାସେ ଉଠି । ଭଜି ଶ୍ରୀହରି ନାମ ଗୋଟି ॥
କଥାପଦକେ ନାରାୟଣ । ନାମ ରଟଇ ପୁଣ ପୁଣ ॥
ମାଳା ତିଳକ ଭେକ କରି । ବୈଷ୍ଣବ ପଥକୁ ଆବୋରି ॥
ଦାଣ୍ଡେ ବୁଲଇ ଭିକ୍ଷା ଅର୍ଥେ । ମାଗଇ ନାହିଁ କଦାଚତେ ॥
ଶ୍ରୀ ନାରାୟଣ ନାମ ଧରି । ଦାଣ୍ଡେ ବୁଲଇ ଭିକ୍ଷାକରି ॥
ପ୍ରଭୁଙ୍କ ଆଜ୍ଞା ପ୍ରମାଣରେ । ଯେତେ ଲଗଇ ତାର ଘରେ ॥
ଲୋକେ ଅଅନ୍ନ ଯାଚକରି । ଦାସେ ଆଣନ୍ତେ ତାହା ଧରି ॥
ଅଅନ୍ନ ମାତା ସନ୍ନିଧାନେ । ଦେଖି ଆନନ୍ଦ ମାତାମନେ ॥
କରିଣ ରନ୍ଧନ ଭୋଜନ । ସୁଖେଣ ବଞ୍ଚିଥାନ୍ତି ଦିନ ॥
ଏମନ୍ତେ କେତେଦିନ ପରେ । ଅନେକ ଗ୍ରାମ ମଣ୍ଡପରେ ॥
ବସି ଅଛନ୍ତି ରଘୁଦାସେ । ବାଳକେ ବେଢ଼ି ଚଉପାଶେ ॥
ବୋଲନ୍ତି ଛଦ୍ମମ ତପସ୍ୱୀ । ଦେଖ ସାଧକ ପ୍ରାୟେ ଦିଶି ॥
କୁଟୁମ୍ବ ପୋଷିଣ ନ ପାରି । ଖାଅଇ ଭିକ୍ଷା ମାଗିକରି ॥
ଧୂଳି ଉଡ଼ାଇ ଝାମ୍ପ କଲେ । ଅନେକ ରୂପେ ଗାଳିଦେଲେ ॥
ନାନା ପ୍ରକାରେ ଗାଳିଦେଇ । କେ ମାରି ଉଚ୍ଛୁଡ଼ ଦଅଇ ॥
ତା ଦେଖି ଶ୍ରୀହରିର ଦାସ । ଉଠି ଗମନ୍ତି ନିଜବାସ ॥
ଏକ ବାଳକ ତହିଁ ଥିଲା । ପଛରେ ଗୋଡ଼ାଇଣ ଗଲା ॥
ଲୌହକଣ୍ଟକ ଲଗା ବାଡ଼ି । ଧରି ନିତମ୍ବେ ଦେଲା ମାଡ଼ି ॥

ରୁଧିର ହୋଇଲା ବାହାର । ତା ଦେଖି ବୋଇଲା ଧୀବର ॥
କି ଅପରାଧ କଲି ତୋତେ । ଏଡ଼େକ ଦଣ୍ଡ ଦେଲୁ ମୋତେ ॥
ତୋତେ ଦଣ୍ଡନ୍ତୁ ଗୋପବନ୍ଧୁ । ତୋ ମାତା ପୁତ୍ର ବୋଲି କାନ୍ଦୁ ॥
ଏମନ୍ତ ବୋଲି ଶାପ କେଇ । ବାସେ ପ୍ରହଣ୍ଡ କେତେ ଯାଇ ॥
ତକ୍ଷଣେ ସେ ବାଳକ ଗୋଟି । ଜୀବନ ହାରି ଭୂମି ଲୋଟି ॥
ତା ଦେଖି ସକଳ ବାଳକେ । ଯାଇଁ ମିଳିଲେ ତାର ପାଖେ ॥
ଦେଖିଲେ ପିଣ୍ଡେ ପ୍ରାଣ ନାହିଁ । ସମସ୍ତେ ଗଲେ ତହୁଁ ଧାଇଁ ॥
ତା ମାତା ପିତାଙ୍କ ଆଗରେ । ସକଳ ବୁଝାଇ କହିଲେ ॥
ତୁମ୍ଭର ପୁତ୍ର ପ୍ରାଣ ଗଲା । ମଣ୍ଡି କାଣ୍ଡରେ ଅଛି ପଡ଼ି ॥
ତା ଶୁଣି ଜନନୀ ପିଅର । ରୋଦନ କରି ଉଚସ୍ୱର ॥
ମିଳିଲେ ପୁତ୍ରପାଶେ ଯାଇ । ଧରଣୀ ସଳଖି ବସାଇ ॥
ନାସିକା ଚିପି କର୍ଣ୍ଣ ଫୁଙ୍କି । କର ଚରଣ ନାଡ଼ି ଦେଖି ॥
ଜାଣିଲେ ପିଣ୍ଡେ ପ୍ରାଣ ନାହିଁ । ପୁତ୍ରକୁ ଘେନି ଗଲେ ବହି ॥
ବାସଙ୍କ ପାଦେ ପକାଇଲେ । ଅନେକ ବିନୟ ହୋଇଲେ ॥
ବୋଇଲେ ଶୁଣ ଆହେ ସାଧୁ । ତୁମ୍ଭେତ ସର୍ବଲୋକ ବନ୍ଧୁ
ଶତ୍ରୁ ମିତ୍ରାଦି ତୋର ନାହିଁ । ଏ ଦଣ୍ଡ କହିଲେ କାହିଁ ॥
ଏବେ ମୋ ପୁତ୍ର ଦୋଷ ଯେତେ । ସକଳ ଦିଅ ମୋର ମାଥେ ॥
ସଂସାର ମଧ୍ୟେ ମୋତେ ରଖ । ଦିଅ ମୋ ଏକଇ ବାଳକ ॥
ନୋହିଲେ ହତ୍ୟା ହେବ ତୋତେ । ବୋଲି ପଡ଼ିଲେ ପାଦଗତେ ॥
ତା ଦେଖି ଶ୍ରୀହରିର ଦାସ । ଚିନ୍ତିଣ କମଳ ବିକାସ ॥
ବୋଇଲେ ଶୁଣ ସାଧୁଜନ । ଶୁଣ ହେ ସକଳ ନନ୍ଦନ ॥
ମୋହର ଦୋଷ ଥିଲେ ଏଥେ । ସମସ୍ତେ ଦଣ୍ଡ କର ମୋତେ ॥
ତାହାର ଅପରାଧ ପାଇଁ । ଦଣ୍ଡ କହିଲେ ସ୍ୱର୍ଗଗ୍ରାହୀ ॥
ଏବେ ମୋ ପ୍ରଭୁଙ୍କ ଆଜ୍ଞାରେ । ମୁରବି ଥାଉ ଏ ସଂସାରେ ॥
ଜୀବନ ପାଉ ଏ ବାଳକ । ସମସ୍ତେ ଉଠ ବୋଲି ଡାକ ॥
ତା ଶୁଣି ତାତ ମାତ ତାର । ଆଦର ଯେତେ ଥିବ କର ॥

ସମସ୍ତେ ବୋଲି ହରି ହରି । ଟେକିଲେ ପୁଣ ଭୁଜଧରି ॥
ବୋଇଲେ ଉଠରେ ବାଳୁତ । ଦେଖ ତୋହର ତାତ ମାତ ॥
ତା ଶୁଣି ଉଠିଲା କୁମର । ପାଇଣ ନିଜ ପ୍ରାଣ ଡାର ॥
ନିଦୁଁ ଉଠିଲା ତ୍ରାସେ ହୋଇ । ଚକ୍ଷୁ ମଳିଣ ଦେଲା ଚାହିଁ ॥
ଦେଖିଲା ଗ୍ରାମଜନ ଯେତେ । ଦାସଙ୍କୁ ବେଢ଼ିଣ ସମସ୍ତେ ॥
ତାତ ଜନନୀ ଭକ୍ତପାଦେ । ସେବା କରନ୍ତି ଅପ୍ରମାଦେ ॥
ତା ଦେଖି ସେ ବାଳକ ଗୋଟି । ଦାସଙ୍କ ପାଦତଳେ ଲୋଟି ॥
ଉଠି କପାଳେ ଦେଲା କର । ବୋଲେ ମୋ ଦୋଷ କ୍ଷମାକର ॥
ତାହା ଦେଖିଣ ସର୍ବଜନେ । ଅତି ଚକିତ ହେଲେ ମନେ ॥
ଦାସଙ୍କ ପାଦପୂଜା କଲେ । ଯେ ଯାହା ମତେ ଚଳିଗଲେ ॥
ଦାସ ଚଳିଲେ ନିଜପୁର । ଭଜିଣ ଗୋବିନ୍ଦ ଗୋପାଳ ॥
ଏମନ୍ତ କେତେଦିନ ଗଲା । ତା ଯଶ ଜଗତେ ପୂରିଲା ॥
ଦେଶକୁ ଦେଶ ଖ୍ୟାତି ତାର । ବଢ଼ିଲା ଅପାରୁ ଅପାର ॥
ସେ ରାଜ୍ୟ ପ୍ରଜାଜନ ଯେତେ । ଆନନ୍ଦେ ଆସନ୍ତି ସମସ୍ତେ ॥
ଦେଖିଣ ଧନ ବସ୍ତ୍ର ଦ୍ୟନ୍ତି । ବର୍ଣ୍ଣନ କରି ଲେଉଟନ୍ତି ॥
ଯାହାକୁ ଯାହା ସେ କହଇ । ସେ କଥା ଅନ୍ୟଥା ନୁହଇ ॥
ଏମନ୍ତ ଗଲା କେତେଦିନ । ଏଥିଉତ୍ତରୁ କଥା ଶୁଣ ॥
ଦିନେ ହୋ ମନର ହରଷେ । ଏକାନ୍ତେ ବସି ରଘୁଦାସେ ॥
କିଛି ଭୋଜନ ଦ୍ରବ୍ୟ ଥୋଇ । ଧ୍ୟାନେ ଚିନ୍ତିଲେ ଭାବଗ୍ରାହୀ ॥
ତକ୍ଷଣେ ନୀଳାଚଳବାସୀ । ଭକତ ପାଶେ ହେଲେ ଆସି ॥
ଦାସେ ଦେଖିଣ ଶ୍ରଦ୍ଧାମନେ । ପ୍ରଭୁ ବସାଇ ଦିବ୍ୟାସନେ ॥
ଭୋଜନ ଦ୍ରବ୍ୟ ଧରି କରେ । ଭୁଞ୍ଜାନ୍ତି ପ୍ରଭୁଙ୍କ ମୁଖରେ ॥
ଏମନ୍ତ ସମୟରେ ତହିଁ । ସେ ମହାରାଜା ନୃପସାଇଁ ॥
ପ୍ରଭୁଙ୍କ ମଣୋହି ନିମନ୍ତେ । ନାନାପ୍ରକାରେ ଭୋଗ ଯେତେ ॥
ସେବକ ହସ୍ତେ ଘର କରି । ଭୋଗ ମଣ୍ଡପେ ଦେଲେ ଭରି ॥
ପଣ୍ଡାଏ ପୂଜାରେ ବସିଲେ । ପ୍ରଭୁ ଚଉରେ ନ ଦିଶିଲେ ॥

କେତେବେଳେ ବେଢ଼ନ ଧାନ ଗତେ | ଦିଶିଲେ ନାହିଁ କଦାଚିତେ ||
ନୃପତି ପାଶେ ଜଣାଇଲେ | ପ୍ରଭୁ ଯେ ମଣୋହି ନ କଲେ ||
କି ଅବା ହୋଇଲା ଅଭାବ | ସକଳ ଭୋଗ ପୋଡ଼ା ହେବ ||
ଶୁଣି ନୃପତି ତାପ ମନେ | ଗରୁଡ଼ ପଛେ କୁଶାସନେ ||
ଶୋଇଲେ ପ୍ରଭୁ ଚିନ୍ତାମଣି | ତାହା ଜାଣିଲେ ଦେବ ହରି ||
ସ୍ୱପନ ମ ର୍ତ୍ତେ ଭାବଗ୍ରାହୀ | ନୃପତି ଆଗେ ଉଭା ହୋଇ ||
ବୋଇଲେ ଶୁଣ ହେ ରାଜନ | କିମ୍ପା ତୁ କରୁ ଦୁଃଖ ମନ ||
ଆମ୍ଭେ ଯେ ପିପିଲି ଗ୍ରାମରେ | ଧୀବର ରଘୁ ଦାସ ଘରେ ||
ଭୋଜନ କରୁଅଛୁ ବସି | ତେଣୁଟି ଚକ୍ଷୁରେ ନ ଦିଶି ||
ଭକତ ଗୁଣ୍ଡଦେବ ଯେବେ | ଏବେ ମଣୋହି ହେବ ତେବେ ||
ମୂଳ ମୋ ଭକତର ଭାବ | ଏ ଦ୍ରବ୍ୟ ମୋର କିସ ହେବ ||
ଭକତ ରେଣୁ ମାତ୍ର ଦେଲେ | ତାହା ମୁଁ ମଣେ ମେରୁ ତୁଲେ ||
ଭାବରୁ ଥାଇ ଯେ ଭୋଜନ | ସେ ମେରୁ ତୁଲେ ଦେବା ଧନ ||
ସେ ମୋତେ ଅଟଇ କଞ୍ଚୁଟ | ଶ୍ରଦ୍ଧା ନ ଥାଇ ଯାର ଚିତ୍ତ ||
ତେଣୁଟି କହୁଅଛୁ ତୋତେ | ଯାଇ ପିପିଲି ପରିଯନ୍ତେ ||
ମୋର ଦାସକୁ ଘେନ ଆସ | ଦିଅ ତୁ ଛେଷବରେ ବାସ ||
ତେବେ ମୁଁ କରିବି ଭୋଜନ | ଏମନ୍ତ କହି ଅନ୍ତର୍ଦ୍ଧାନ ||
ପ୍ରଭୁ ଶ୍ରୀମୁଖଁ ଏହା ଶୁଣି | ନିଦ୍ରାରୁ ଉଠି ନୃପମଣି ||
ଅଶ୍ୱ ଆରୋହୀ ଚଳିଗଲେ | ସକଳ ସମ୍ଭ୍ରମର ତୁଲେ ||
ମିଳିଲେ ପିପିଲି ଗ୍ରାମରେ | ଧୀବର ରଘୁଦାସ ଦ୍ୱାରେ ||
ଆଶେ ନୃପତି ଗରୁ ହଂସ | ଡାକିଲେ ଦାସେ ବେଗେ ଆସ ||
ତାହା ନ ଜାଣେ ରଘୁଦାସ | ପ୍ରଭୁ ସେବାରେ ଅଭିଳାଷ ||
କୋଟିଏ ନିଧି ପାଇଅଛି | ତେଣୁ ସେ ନ ଜାଣଇ କିଛି ||
ନୃପତି କେତେହେ ଡାକିଲେ | ଦାସେ ଶ୍ରବଣେ ନ ଶୁଣିଲେ ||
ତାହା ଜାଣିଲେ ନରନାଥ | ଅଶ୍ୱରୁ ଉତୁରି ତ୍ୱରିତ ||
ମନ୍ଦିରେ ପ୍ରବେଶ ହୋଇଲେ | ଦାସଙ୍କ ପାର୍ଶ୍ୱେ ମିଳିଲେ ||

ତାହା ଜାଣିଲେ ଭଗବାନ । ତତକ୍ଷଣେ ହେଲେ ଅନ୍ତର୍ଦ୍ଧାନ ।
ପ୍ରଭୁ ନ ଦେଖି ଦାସେ ଖୋଜେ । ନେତ୍ରୁ ଲୋତକ ଧାର ଗଳେ ।
ଆହା ମୋ ପ୍ରଭୁ ଗଲେ କାହିଁ । ବୋଲି ଭୂମିରେ ଗଡ଼ିଯାଇ ।
ତାହା ଦେଖିଣ ନୃପବର । ତୋଳିଣ ଧଇଲେ ଶ୍ରୀକର ।
ହୃଦରେ କଲେ ଆଲିଙ୍ଗନ । ବୋଇଲେ ଧନ୍ୟ ତୋ ଜୀବନ ।
ହରିଙ୍କି କଲୁ ବଶବର୍ତ୍ତୀ । ତୋର ଦର୍ଶନେ ମୁଁ ମୁକତି ।
ଏମନ୍ତ ବୋଲି ଦଣ୍ଡଧାରୀ । ନେଲେ ଦାସଙ୍କ ହସ୍ତ ଧରି ।
କରିଣ ନାନା ମତେ ସଜ । ମଣ୍ଡାଇ ନାନା ବେଶେ ଗଜ ।
ଦାସଙ୍କୁ ତହିଁ ବସାଇଲେ । କୁଟୁମ୍ବ ସଙ୍ଗେ ଚଳାଇଲେ ।
ନାନା ଉତ୍ସବେ ଚଳିଗଲେ । ଶ୍ରୀ ପୁରୁଷୋତ୍ତମେ ମିଳିଲେ ।
ପ୍ରଭୁଙ୍କୁ କଲେ ଦରଶନ । ବଡ଼ଇ ସେବା ପୂଜାମାନ ।
ଦକ୍ଷିଣ ପାରୁଶରେ ଭଲେ । ତହିଁର ଘର ନିର୍ମାଣିଲେ ।
ତହିଁ ଦାସଙ୍କୁ ଦେଲେ ସ୍ଥାନ । ଖଞ୍ଜିଲେ ଖଞ୍ଜା କରିତନ ।
ଅନେକ ଗଉରବ କରି । ଚଳିଣ ଗଲେ ଦଣ୍ଡଧାରୀ ।
ଦାସେ ରହିଲେ ପ୍ରଭୁପାଶେ । ଅତ୍ୟନ୍ତ ମନର ହରଷେ ।
କରନ୍ତେ କରି ହରି ସେବା । ନ ଜାଣେ ଅନ୍ୟ ଦେବୀ ଦେବା ।
କରନ୍ତେ ଦାନ ପୁଣ୍ୟେ ରତ । ନାମ ଭଜନ ଅବିରତ ।
ଏମନ୍ତେ ବଞ୍ଚୁଥାଇ ଦିନ । ଆନନ୍ଦେ ଶୁଣ ହେ ସୁମନ ।
ତାହାର ନାମ ରଘୁଦାସ । ଜଗତେ ହୋଇଛି ପ୍ରକାଶ ।
ଆଉ ତା ଯେତେ ଯେତେ କଥା । କହି ବସିଲେ ହେବ ପୋଥା ।
ଶୁଣ ସୁମନ ହୋଇ ତୋଷ । ଏ ଦାର୍ଢ୍ୟଭକ୍ତି ସୁଧାରସ ।
ଏ ମନ ଚୈତନ୍ୟ ସମ୍ବାଦ । ଶୁଣନ୍ତେ ନ ଲାଗେ ପ୍ରମାଦ ।
ଅଶେଷ ଜନ୍ମ ପାପ ଥିଲେ । ଖଣ୍ଡିବ ବଚନେ ଶୁଣିଲେ ।
କେବଳ ଥିଲେଟି ଶରଧା । ଲାଗିବ ନାହିଁ ପାପବାଧା ।
କହଇ ଦୀନ ଜଗନ୍ନାଥ । ସାଧୁଙ୍କ ମହିମା ଅଶେଷ ।

ଇତି ଶ୍ରୀ ଦାର୍ଢ୍ୟତାଭକ୍ତି ରସାମୃତେ ମନ ଚୈତନ୍ୟ ସମ୍ବାଦେ
ରଘୁ ଦେହେର ଦାର୍ଢ୍ୟଭାବ ବର୍ଣ୍ଣନେ ନାମ ଏକାଦଶୋଽଧ୍ୟାୟଃ

# ଦ୍ୱାଦଶ ଅଧ୍ୟାୟ

## ଗଙ୍ଗାଧର ଦାସ ସମ୍ବାଦ

### ଚୈତନ୍ୟ ଉବାଚ

କହେ ଚୈତନ୍ୟ ଶୁଦ୍ଧଚେତା । ଶୁଣ ସୁମନ ସାଧୁ କଥା ॥
ପୁରୁଷୋତ୍ତମ କ୍ଷେତ୍ରବରେ । ପ୍ରତାପରୁଦ୍ର ସମୟରେ ॥
ଗୋବିନ୍ଦପୁର ବୋଲି ନାମ । ଗ୍ରାମମାନଙ୍କ ମୋକ୍ଷ ସ୍ଥାନ ॥
ବଣିଆ ନାମେ ଗଙ୍ଗାଧର । ସେହି ଗ୍ରାମରେ ତାର ଘର ॥
ଈରଯା ନାମ ତାର ସ୍ତ୍ରୀୟା । ସତୀ ସାଧ୍ୱୀ ସ୍ୱାମୀ ପ୍ରିୟା ॥
ପୁତ୍ର ଦୁହିତା ତାର ନାହିଁ । ତହିଁକି ଶୋଚନା ନ ଥାଇ ॥
ସେ ପତି ପତ୍ନୀ ଥାନ୍ତି ଏକା । କରଣ ଆପଣା ଜୀବିକା ॥
ପଶାରି କରି ବିକ କିଣି । ସୁଖେ ଜୀଅନ୍ତି ବେନି ପ୍ରାଣୀ ॥
ନାନାଦି କଟୁଦ୍ରବ୍ୟ ଯେତେ । ସେ ଶୁଣ୍ଠି ପିପ୍ପଳି ସହିତେ ॥
କରଣ ଶ୍ରୀହରି ଭକତି । ଦେବା ଦୟାରେ ଶୁଦ୍ଧମତି ॥
ପର ଦୁଃଖରେ ହୋଇ ଦୁଃଖୀ । ସେବନ୍ତି ସାଧୁଜନ ଦେଖି ॥
ଏମନ୍ତେ କେତେଦିନ ଗଲା । ବୃଦ୍ଧି ବୟସ ଆସି ହେଲା ॥
ଦିନେକ ଶୟନ ସମୟେ । ପତ୍ନୀ ତା ପତି ଆଗେ କହେ ॥
ହେ ସ୍ୱାମୀ ଶୁଣ ମୋ ବଚନ । ଲୋକେ ମୁଁ ହେଲି ହୀନମାନ ॥
ଘର ବାହାର ବନ୍ଧୁ ଘାଟେ । ଥୋକେ ବୋଲନ୍ତି ହାଟେବାଟେ
ପୋଡ଼ୁ ଏ ଆଣ୍ଠୁକୁଡ଼ୀ ମୁଖ । ମୁଖଟି ପ୍ରଭାତେ ନ ଦେଖ ॥
ଏମନ୍ତ ବୋଲି ଥୋକେ ଲୋକ । ଠିଆ ନ ହୋନ୍ତି ମୋର ପାଖ ॥
ଥୋକାଏ କଥା ନ କହନ୍ତି । ଦେଖିଲେ ମଥା ପୋତି ଯାନ୍ତି ॥
ଏଣୁ ମୋ ହୃଦୟ ଆକୁଳ । ଖଣ୍ଡିଲେ ନାହିଁ ଆଦ ମୂଳ ॥
ଆମ୍ଭ ଭାଗ୍ୟରେ ପୁତ୍ର ନାହିଁ । ଲୋଡ଼ିଲେ ପାଇବା ତା କାହିଁ ॥
ଏଥିକୁ ବ୍ରାହ୍ମଣ କୁମର । ଗୋଟିଏ ଦତ୍ତ ବ୍ରତ କର ॥
ନୋହିଲେ ଆପଣା କୁଳରୁ । ଅତ୍ୟନ୍ତ ଦରିଦ୍ରର ଘରୁ ॥
କହୁ କେଉଣ ତାକୁ ବଳ । କିଣି ଯେ ଆଣ ଏକ ସୁତ ॥

ପାଳିବା ପୁତ୍ର ସମ କରି । ଏ ଭାବ ଜନ୍ମ ହେବା ପାଇଁ ॥
ତଣିବା ପର ଅପବାଦୁ । ସର୍ବେ କୋଳିବେ ସାଧୁ ସାଧୁ ॥
ମୋ ମନେ ଯୋଗାଇ ଏ କଥା । ତା ଶୁଣି ବୋଲେ ନିଜ ଭର୍ତ୍ତା ॥
ନିଶ୍ଚେ ଆଣିବା ଏକ ବାଳ । ପୁତ୍ର ସେମାନେ ପ୍ରତିପାଳ ॥
ଏମନ୍ତ ବୋଲି ଚଳିଗଲି । ଶ୍ରୀ ପୁରୁଷୋତ୍ତମେ ମିଳିଲି ॥
ପ୍ରବେଶ ରୂପକାର ଘରେ । କିଛିହିଁ ଧନ ଦେଇ ତାରେ ॥
ସର୍ବ ଲକ୍ଷଣ ପୂର୍ଣ୍ଣ ଜାଣି । କୃଷ୍ଣ ପ୍ରତିମା ଗୋଟି ଆଣି ॥
ଆଣି ତା ପତ୍ନୀ ଆଗେ ଦେଲି । ହେ ସଖି ସନ୍ତାନ ବୋଇଲି ॥
ଏହିଟି ଗତ ମୁକ୍ତ ବାତା । ଏହିଟି ପାବର କରତା ॥
ଏହାଙ୍କୁ ପୁତ୍ର ବୁଦ୍ଧି କରି । ଯଶୋଦା ଦେଖି ଗଲେ ତରି ॥
ବ୍ରହ୍ମାଦି ସର୍ବ ଦେବଗଣେ । ଏହାଙ୍କୁ ଭାବୁଥାନ୍ତି ମନେ ॥
ଏ ବିଭୁ ବିନା ଅନ୍ୟ ଜଣେ । ନାହିଁ ପାଳକ ତ୍ରିଭୁବନେ ॥
ଏଣୁ କେବଳ ଭକ୍ତଗତେ । ବିଶ୍ୱାସେ ସେବ ଏକ ଚିତ୍ତେ ॥
ଯାହା ବାଞ୍ଛିବୁ ତୋର ମନ । ତାହା କରିବେ ଏହା ପୂର୍ଣ୍ଣ ॥
ତା ଶୁଣି ଆନନ୍ଦ ହୃଦୟ । କୃଷ୍ଣ ପ୍ରତିମା ଗୋଟି ଧରି ॥
ସ୍ନାନ ମାର୍ଜନା କରାଇଲେ । ଦିବ୍ୟ ଆସନେ ବସାଇଲେ ॥
ଉତ୍ତମ ସରକ୍ଷୀର ପାନ । କୃଷ୍ଣଙ୍କୁ କଲେ ନିବେଦନ ॥
ବିଚାର କଲା ତାର ମନ । ପୁତ୍ର ପାଇଲି ଏତେଦିନେ ॥
ଏହାଙ୍କୁ ପୁତ୍ର ଭାବେ ମଣି । ସୁଖେ ତରିବୁ ଦେନପ୍ରାଣୀ ॥
ଏମନ୍ତ ବୋଲି ଆନନ୍ଦ । ସେବଣ ହୋଇଲେ ଆନନ୍ଦ ॥
ପୁତ୍ର ପରାୟେ ନିରନ୍ତରେ । ତଇଳ କୁଙ୍କୁମ ଅଙ୍ଗରେ ॥
ମର୍ଦ୍ଦନ କରି ନିତ ନିତ । ସ୍ନାହାନ ମାର୍ଜନା କରନ୍ତି ॥
କର୍ପୂର ଚନ୍ଦନ ସହିତେ । ସର୍ବାଙ୍ଗେ ଲେପୁଥାନ୍ତି ନିତ୍ୟେ ॥
ନାନା କୁସୁମେ ବେଶ କରି । ନାନାଦି ଅଳଙ୍କାର ଭରି ॥
ବାଳକଠାରେ ସ୍ନେହ ଯେତେ । ସେହି ପ୍ରକାରେ ସ୍ନେହ ଚିତ୍ତେ ॥
ଯେତେ ଅପୂର୍ବ ଦ୍ରବ୍ୟମାନ । କୃଷ୍ଣଙ୍କୁ କରି ନିବେଦନ ॥

ପକ୍ଷେ ଭୁଞ୍ଜନ୍ତ ବେଳପ୍ରାଣୀ । ନୋହିଲେ ନ ଛୁଅନ୍ତ ପାଣି ॥
କେନ୍ଦୁ, କଇଁଥ ବରକୋଳି । ପନସ ଶ୍ରୀଫଳ କଦଳୀ ।
ଗ୍ରାମକୁ ଯେତେ ଦଳା ଆସେ । କିଣି ଦଅନ୍ତ ପୁତ୍ରପାଶେ ।
ଆବର ଯେତେ ବଣିଜାର । ପିଅରୁ ଗଲେ ଦେଶ ପୁର ।
ଯେବା ଅପୂର୍ବ ଦ୍ରବ୍ୟମାନ । କହ୍ନି ସେ ଆଣେ ଶ୍ରଦ୍ଧାମନ ।
ଆଣଇ ଅତି ଶ୍ରଦ୍ଧା ଚିତ୍ତେ । ପୁତ୍ରକୁ ଦେବାର ନିମନ୍ତେ ।
ପ୍ରବେଶ ହୋଇକ୍ଷଣି ଘରେ । ଡାଅଇ ନେଇ ପୁତ୍ର କରେ ।
ମାତାଙ୍କି ଅତି ସ୍ନେହ ଭରେ । ପୁତ୍ରକୁ ଧରି କୋଳକରେ ।
ଦଣ୍ଡେ ନ ଛାଡ଼େ ପୁତ୍ରପାଶ । ଗୃହକାରିତ ତାକୁ ବିଷ ।
ଦଇବଯୋଗେ ସେ ଯୁବତି । ଯେବେ ଭରଇ ଗୃହକାର୍ତ୍ତି ।
ନିରତେ ହୋଇ ଛନ ଛନ । ପୁତ୍ରେ ନିବେଶି ଥାଇ ମନ ।
ଦଣ୍ଡିକେ ଆସୁଥାଇ ଦେଖି । ଦେଖିଲେ ହୋଉଥାଇ ସୁଖୀ ।
କେତେବେଳରେ କୋଳେଉଡ଼ି । ବୋଲଇ ଯାଇଥିଲି ଛାଡ଼ି ।
ମୁଁ ହୀନ ନିଲକ୍ଷଣୀ ମଲି । ତୋତେ ଏକାକୀ ଛାଡ଼ିଗଲି ।
ଏମନ୍ତ ବୋଲି ଚନ୍ଦ୍ରମୁଖେ । ଚୁମ୍ବନ ଦେଇ ଅତି ସୁଖେ ।
ଏହି ପ୍ରକାରେ ସେ ଯୁବତି । ଭାବନା କରୁଥାଇ ନିତି ।
କୃଷ୍ଣଙ୍କୁ ପୁତ୍ର ପ୍ରାପ୍ତେ ମଣି । ଅନ୍ୟ ନ ଜାଣେ ସେ ତରୁଣୀ ।
ତା ତହୁଁ ତା ଶତ ଗୁଣେ । କୃଷ୍ଣଙ୍କୁ ପୁତ୍ର ପ୍ରାପ୍ତେ ମଣେ ।
ଏମନ୍ତ ଗଲା କେତେଦିନ । ଏଥିଉତ୍ତାରୁ ଶୁଣ ମନ ।
ଦିନେକ ଗଙ୍ଗାଧର ଦାସ । କହିଲା ନିଜ ପତ୍ନୀ ପାଶ ।
ଯାଉଛୁ ବଣିଜ ନିମନ୍ତେ । ପୁତ୍ର ଲଗିଲା ଏକା ତୋତେ ।
କ୍ଷଣେ ତୁ କେଣିକି ନ ଯିବୁ । ନିରତେ ପୁତ୍ର ପାଶେ ଥିବୁ ।
ଏମନ୍ତ ବୋଲି ନେବଗଳର । ନାନାଦି କଂଠଦ୍ରବ୍ୟ ଭରି ।
ତଣାଇ ପବନ ଅଗ୍ରତେ । ଚଳିଲେ ବଣିଜ ନିମନ୍ତେ ।
ତଉ ନିବେଶି ପୁତ୍ର ପାଶେ । ବୁଲି ବଜଇ ଦେଶେ ଦେଶେ ।
ଏମନ୍ତ ଦିନଦିନ ଗଲା । ତାହାକୁ ଦିନଯୁଗ ହେଲା ।

ସୁତ ନ ଦେଖି ଛନ ଛନ । ବସି ସେ ଠୁଳ କଲା ଧନ ।
ପୁତ୍ର ନିମନ୍ତେ ଯେ ଅପୂର୍ବ । କିଣି ଆଣିଲା ଭକ୍ଷ ଦ୍ରବ୍ୟ ।
ବେନି ଆନନ୍ଦେ ଚଳିଗଲା । ଗ୍ରାମ ନିକଟେ ଯାଇଁ ହେଲା ।
ବଇଦେ ବୃଦ୍ଧ ଗଙ୍ଗାଧର । ଚଳନ୍ତେ ଅତି ଖରତର ।
ପାଦ ଖସନ୍ତେ ସେ ପଡ଼ିଲା । ପଡ଼ିବାଠାରେ ପ୍ରାଣଗଲା ।
ଜୀବ ଯିବାର ବେଳକାର । ଡାକିଲା ଆରେ କୃଷ୍ଣ ମୋର ।
ଦେଖିଲି ନାହିଁ ତୋ ଶ୍ରୀମୁଖ । ମୁଁ ପାପୀ ବଡ଼ଇ ମୁରୁଖ ।
ଏମନ୍ତ ବୋଲି ପୁଣ ପୁଣ । କୃଷ୍ଣ ସୁମରି ଗଲା ପ୍ରାଣ ।
ତାହା ଦେଖିଣ ଗ୍ରାମଲୋକେ । କହିଲେ ତା ପତ୍ନୀ ସମୀପେ ।
ବୋଇଲେ ଶୁଣ ଆଗୋ ସଖି । ଆଇଲୁଁ ତୋ ପତିକି ଦେଖି ।
ଗ୍ରାମବାହାରରେ ଅଛି ଶୋଇ । ଦେଖିଲୁଁ ପିଣ୍ଡେ ପ୍ରାଣ ନାହିଁ ।
ତାହା ଶୁଣିଣ ମହାସତୀ । ହୃଦପଦ୍ମରେ କଲା ଘାତ ।
ଅତ୍ୟନ୍ତ ଶୋକଭର ହୋଇ । ମିଳିଲା ପୁତ୍ର ପାଶେ ଯାଇଁ ।
ଡାକିଲା ଆରେ କୃଷ୍ଣ ମୋର । ଅରକ୍ଷଲୋକଙ୍କ ସୋଦର ।
ଦୀନବାନ୍ଧବ ଚିନ୍ତାମଣି । ଜଗନ୍ମୋହନ ବଂଶୀପାଣି ।
କି ବୁଦ୍ଧି କରିବି ମୁଁ ଏବେ । ବାଟେ ତୋ ପିତା ମଲା ଯେବେ ।
ଏଥିକୁ କହ ବୁଦ୍ଧି ମୋତେ । ହେ ପୁତ୍ର ପଚାରୁଛି ତୋତେ ।
ତା ଶୁଣି ପ୍ରଭୁ ଚକ୍ରଧର । ଜଗତନାଥ ବିଶ୍ୱମ୍ଭର ।
ବୈକୁଣ୍ଠବାସୀ ଅନ୍ତର୍ଯ୍ୟାମୀ । ଭକତ ବନ୍ଧୁ ଦେବସ୍ୱାମୀ ।
ତତ୍କ୍ଷଣେ ହୋଇଲେ ବିସ୍ମୟେ । ବୋଇଲେ ଶୁଣସି ଗୋ ମାୟେ ।
ତୁମ୍ଭେ କିମ୍ପାଇ ଚିନ୍ତା କର । ପଥଶ୍ରମରେ ପିତା ମୋର ।
ନିଦ୍ରା ସେ ଯାଇଛନ୍ତି ସିନା । ତୁ ଯାଇ ତୋଳିଆଣୁ କିନା ।।
ବୋଇଲୁ ଏକା ପୁତ୍ର ଗୁଡ଼ । କିମ୍ପା ଏଠାରେ ଅଛ ପଡ଼ ।
ବହନ ଉଠ ଘର ଯିବ । ପୁତ୍ର ଯେ ତେଣେ କାନ୍ଦୁଥିବ ।
ଉଠାଇ ଘେନିଆସ ତାତ । ବହନ ଚଳିଯାଅ ମାତ ।
ପୁତ୍ର ଶ୍ରୀମୁଖୁଁ ଏହା ଶୁଣି । ଅତି ଆନନ୍ଦେ ସେ ତରୁଣୀ ।

ଚଳିଣ ଗଲା ଅତି ବେଗେ । ମିଳିଲା ନିଜ ସ୍ୱାମୀ ଆଗେ ॥
ଦେଖିଲା ପିଣ୍ଡେ ପ୍ରାଣ ନାହିଁ । ଅଙ୍ଗନେ ପଡ଼ିଣ ଅଛଇ ॥
ହସ୍ତ ଦେଇଣ ତାର ମାଥ । ବୋଇଲା ଉଠ ପ୍ରାଣ ନାଥ ॥
ଏକା ପୁତ୍ରକୁ ଛଡ଼ି ମୁହିଁ । ଆସିଛି କେହି ସଙ୍ଗେ ନାହିଁ ॥
ଏବେ ବହନ ଯିବା ଚଲ । ସେ ପୁତ୍ର ସେବା ଆମ୍ଭ ମୂଳ ॥
ଏମନ୍ତ ବୋଲୁଁ ସେ ଯୁବତୀ । ପ୍ରାଣ ପାଇଲା ନିଜ ପତି ॥
ନିଦ୍ରୁଁ ଉଠିଲା ପ୍ରାୟେ ହୋଇ । ଚକ୍ଷୁ ମିଳିଣ ହେଲା ବୁଦ୍ଧି ॥
ପାରୁଶେ ନିଜ ନାରୀ ଦେଖି । ବୋଇଲା ଶୁଣ ଆଗେ ସଖି ॥
ତୁ କିମ୍ପା ଏଥିକୁ ଆଇଲୁ । କହ ମୋ ପୁତ୍ରକୁ କି କଲୁ ॥
ଏହା କହନ୍ତେ ନିଜ ଭର୍ତ୍ତା । ନାରୀ କହିଲା ସବୁ କଥା ॥
ତହୁଁ ଉଲ୍ଲସିତେ ଦେନ ପ୍ରାଣୀ । ଚଳିଲେ କୃଷ୍ଣ ଗୁଣ ଗୁଣି ॥
ପ୍ରବେଶ ହେଲେ ନିଜପୁର । ଯାଇଣ ଶ୍ରୀକୃଷ୍ଣ ଛାମୁର ॥
ଯେବା ଅପୂର୍ବ ଦ୍ରବ୍ୟମାନ । ପୁତ୍ରରେ କରି ନିବେଦନ ॥
ଅତି ଆନନ୍ଦ ଭାବ ଭୋଳେ । ଚୁମ୍ବନ ଦେଲେ ଧରି କୋଳେ ॥
ଏକକୁ ଆରେକ ଛନ୍ଦାଇ । ହୃଦରେ ଭିଡ଼ି ଚୁମ୍ବ ଦେଇ ॥
ଅତି ଆନନ୍ଦେ ପୁତ୍ର ନେଇ । ସେ ନିଜ ଆସନେ ବସାଇ ॥
ପତି ପତ୍ନୀ ଯେ କୋଟିଗୁଣେ । ସେବିଲେ ଶ୍ରୀକୃଷ୍ଣ ଚରଣେ ॥
ଏମନ୍ତେ ଦିବସ ଶେଷରେ । ସନ୍ଧେ ଶୟନ ସମୟରେ ॥
ବୋଇଲା ଗଙ୍ଗାଧର ଦାସ । ହେ କୃଷ୍ଣ କମଳା ବିଳାସ ॥
ଅଶେଷ ସ୍ଥାବର କରତା । ଚତୁର୍ବର୍ଗ ଫଳ ଦାତା ॥
ତୁମ୍ଭଙ୍କୁ ପୁତ୍ର କରି ପାଇ । ମୋ କଷ୍ଟ ନ ଗଲା କିମ୍ପାଇଁ ॥
ଏ ବୃଦ୍ଧକାଳେ ଗ୍ରାମ ଦେଶ । ବୁଲି ମୁଁ ନ ଗଲେ ଅବଶ୍ୟ ॥
ଭୋଜନ ନ ମିଳେ ଆମ୍ଭଙ୍କୁ । କେ ଅଛି ଆହା ବୋଲିବାକୁ ॥
ଏମନ୍ତ ବୋଲନ୍ତେ ପିଅର । ତାହା ଜାଣିଲେ ଚକ୍ରଧର ॥
ଶ୍ରୀକୃଷ୍ଣ ହୃଦଗତେ ବଜେ । ହସି ବୋଲନ୍ତି ଦେବରାଜେ ॥
ହେ ତାତ ମାତ ଏବେ ଶୁଣ । ଚିନ୍ତା କରିବା ଅକାରଣ ॥

ମୋ ପର ପୁତ୍ର ଥାଉଁ ଥାଉଁ । ଛଡ଼େ କାହାକୁ ଭସ୍ମ ଆଜ ॥
ଯାହା ବାଞ୍ଛୁ ତ ତୁମ୍ଭ ମନେ । ତାହା ମିଳବ ସନ୍ଧ ଧ୍ୟାନେ ॥
ଏକଥା ଅଟଇ ପ୍ରମାଣ । ସଂଶୟ ନାହିଁ ଏଥେ ଜାଣ ॥
ଏବେ ଗୋ ବାଞ୍ଛା ସିଦ୍ଧ ହେଉ । ତୋ ଘରେ ଧନ ପୂରିଯାଉ ॥
ଏମନ୍ତ ଆଜ୍ଞା ତାକୁ ଦେଇ । ମନୁଷ୍ୟ ମଠେ ଭିକ୍ଷାଗ୍ରାହୀ ॥
ତତ୍କ୍ଷଣେ ହେଲେ ଅନ୍ତର୍ଦ୍ଧାନ । ପିଅର ଶୁଣି ଏ ବଚନ ॥
ଉଠି ଧାଇଁଲା ବେଗ ହୋଇ । ଦେଖିଲା ପୁତ୍ର ଘରେ ନାହିଁ ॥
ତତ୍କ୍ଷଣେ ଦେଖିଲା ଭୁବନ । ପୂରି ଅଛଇ ବହୁ ଧନ ॥
ପୁତ୍ରକୁ ନ ଦେଖି ନୟନେ । ଝୁରଇ କଲା ତାର ମନେ ॥
ଯେ ହରି ବାଞ୍ଛା କଳ୍ପତରୁ । ଯାହା ମହିମା ମହାମେରୁ ॥
ଭକତଜନେ ଦୟା ତାର । କ୍ଷୟ ହୋଇବ ଧନ ତୁର ॥
ବାଞ୍ଛିଲେ ବାଞ୍ଛାଫଳ ପାଇ । ଅଧିକେ ପ୍ରୟୋଜନ ନାହିଁ ॥
ମୁଁ ମୂଢ଼ ମନ୍ଦବୁଦ୍ଧି କଲି । ଧନର ଲୋଭେ ନାଶ ଗଲି ॥
କୃଷ୍ଣଙ୍କୁ ହରାଇଲି ମୋର । କ୍ଷୟ କରିବ ଧନ ତୁର ॥
ଏମନ୍ତେ ପ୍ରଭୁ ଗୁଣ ଗୁଣି । ରୋଦନ କଲେ ଦୁଇ ପ୍ରାଣୀ ॥
ଆହା ଶ୍ରୀକୃଷ୍ଣ କାହିଁଗଲ । ଆମ୍ଭଙ୍କୁ ସଙ୍ଗତେ ନ ନେଲ ॥
ଆମ୍ଭଙ୍କୁ ପଛକେ ପକାଇ । ଛାଡ଼ି ଯିବାର ନ ଯୋଗାଇ ॥
ତୁମ୍ଭର ବଡ଼ା ପାପ ଯିବ । ଥାଇଣ କି ଭୋଗ କରିବ ॥
ଥାଉ ନ ଥାଉ ଏ ଜୀବନ । ଯେବେ ଛାଡ଼ିଲ ମୋ ନନ୍ଦନ ॥
ଏମନ୍ତ ବୋଲି ଗଙ୍ଗାଧର । କୃଷ୍ଣ ସୁମରି ଶତେବାର ॥
ପ୍ରାଣ ଛାଡ଼ିଲା ଭୂମି କୋଳେ । ତା ଦେଖି ପତ୍ନୀ ଧରି କୋଳେ ॥
ବୋଇଲା ଧିକ ଏ ଜୀବନ । ଯେବେ ଛାଡ଼ିଲ ମୋ ନନ୍ଦନ ॥
ଆବର ଗଲେ ପତି ମୋର । କୃଷ୍ଣ ସୁମରି ଶତେବାର ॥
ପତି ପୁତ୍ର ହେଲେ ଅନ୍ତର । ଆଉ କି ପ୍ରୟୋଜନ ମୋର ।
ଏ ଜୀବ ଥିବା କି କାରଣ । ଯିବଇଁ ସ୍ୱାମୀର ସଙ୍ଗେଣ, ॥
ଯୁବତୀମାନଙ୍କର ଧର୍ମ । କରିବ ଉଚିତ ଯେ କର୍ମ ॥

ଅନଳ ଜାଳି ପତି ସଙ୍ଗେ । ପଶିବି ତହିଁ ମଧ୍ୟେ ବେଗେ ॥
ଏମନ୍ତ ବଚନରୁଁ ସୁନ୍ଦରୀ । ତକ୍ଷଣେ ପାହିଲା ଶର୍ବରୀ ॥
ଦିବସ ଦେଖି ସେ ଯୁବତୀ । ଯେତେକ ଧନ ତା ସମ୍ପତ୍ତି ॥
ହରି କୃପାରୁ ହୋଇଥିଲା । ଅନେକ ବସ୍ତ୍ର ହସ୍ତେ ନେଲା ॥
ଦୁଃଖୀ ଦରିଦ୍ର ସାଧୁଜନେ । ଧନ ଯେ ଦେଲା ଶୁଦ୍ଧମନେ ॥
ଯେତେକ ଦର୍ବ ତାର ଥିଲା । ରେଣୁ ପ୍ରମାଣେ ନ ରଖିଲା ॥
ସକଳ ଧନ ଦେଲା ସାରି । ସ୍ୱାମୀଙ୍କ ସଙ୍ଗତରେ ଧରି ॥
ନାନା ଉତ୍ସବ କରାଇଲା । ଗ୍ରାମ ବାହାରେ ଚଳିଗଲା ॥
ଚନ୍ଦନ କାଷ୍ଠେ ଅଗ୍ନି ଜାଳି । ଅନେକ ଘୃତ ତହିଁ ଢାଳି ॥
ଘୃତ ତୃଣାଦି ତୃଣପତ୍ର । ପାଇ ଜଳିଲା ଅଗ୍ନି ହୋତ୍ର ॥
ଅତି ପ୍ରଖର ଶିଖାନଳ । ଘୋଟିଲା ଗଗନ ମଣ୍ଡଳ ॥
ସେ ମହାଅଗ୍ନି ତେଜ ପାଇ । ପାରୁଶେ ରହି ନ ହୁଅଇ ॥
ଏମନ୍ତ ସମୟରେ ନାରୀ । ଯେ ବିଧିମତେ ସ୍ନାନ କରି ॥
ଅନେକ ମତେ ସଜ ହୋଇ । ମୁଖେ ଶ୍ରୀହରି ନାମ ଗାଇ ॥
ପତିଙ୍କ ଘେନି ଅତି ତୋଷେ । ମିଳିଲା ଅଗ୍ନିକୁଣ୍ଡ ପାଶେ ॥
ବୋଇଲା ନମୋ ବୈଶ୍ୱାନର । ନମସ୍ତେ ଚନ୍ଦ୍ର ଦିବାକର ॥
ନମସ୍ତେ ଦଶଦିଗପାଳ । ନମୋ ବସୁଧା ଆଖଣ୍ଡଳ ॥
ନମୋ ବିଧାତା ହରିହର । ଅଶେଷ ବ୍ରହ୍ମାଣ୍ଡ ଠାକୁର ॥
ଶରଣ ଗଲି ରଖ ମୋତେ । ମୁଁ ଯିବି ସ୍ୱାମୀର ସଙ୍ଗତେ ॥
ଅନଳ ମଧ୍ୟେ ଦେବି ଝାସ । ନ ଲାଗୁ ଆତ୍ମହତ୍ୟା ଦୋଷ ॥
ଏମନ୍ତ ବୋଲି ଧାଡିକାରେ । ପତିଙ୍କ ଘେନି ସଙ୍ଗତରେ ॥
ବୈକୁଣ୍ଠପୁର ଅନୁସରି । ତୁଣ୍ଡେ ଶ୍ରୀକୃଷ୍ଣ ନାମ ଧରି ॥
ସମସ୍ତେ ଦେଖୁଁ ଦେଖୁଁ ତହିଁ । ଅନଳେ ପଡ଼ିଲେକ ଡେଇଁ ॥
ଏମନ୍ତ ସମୟରେ ଶୁଣ । ଲକ୍ଷ୍ମୀ ସହିତେ ନାରାୟଣ ॥
ତାରେ କରୁଣା କଲେ ଆସି । ଅନଳକୁଣ୍ଡ ମଧ୍ୟେ ପଶି ॥
ସେ ପତି ପତ୍ନୀ ପ୍ରାଣହରି । ରଥେ ବସାଇ ବେଗ କରି ॥

ଅନନ୍ତୁଁ ହୋଇଲେ ବାହାର । ଶୁଭିଲା ଜୟ ଜୟକାର ॥
ଝଟକି ବିଦ୍ୟୁ ସ୍ୱାସ୍ଥ୍ୟେ ବର୍ଷି । ଗଗନ ମଧ୍ୟେ ଯାଇ ମିଶି ॥
ତାହା ଦେଖିଣ ସର୍ବ ନର । ଡାକିଲେ ଧନ୍ୟ ଗଙ୍ଗାଧର ॥
ଧନ୍ୟ ତୋ ପକ୍ଷୀ ତୋର ଭାବ । ବ୍ରହ୍ମାଣ୍ଡ ମଧ୍ୟରେ ନ ଥିବ ॥
ଏମନ୍ତ ବୋଲି ଯେଝାମତେ । ପ୍ରଶଂସା କରି ଅପ୍ରମିତେ ॥
ଚଳିଣ ଗଲେ ଯେଝାପୁର । ଚିତ୍ତେ ଚମତ୍କୃତ ଭାବ ତାର ॥
ଶୁଣ ସୁଜନେ ହେତୁ ଦେଇ । ଏ ବାର୍ଦ୍ଧ୍ୟଚରିତ ଅଟଇ ॥
ସୁବୃଦ୍ଧଚରିତ୍ରେ ଯେଉଁ ଜନ । କରନ୍ତି ଶ୍ରବଣ ପଠନ ॥
ଜନ୍ମ ମରଣ ବାଧା ନାହିଁ । ବସିବେ ବିଷ୍ଣୁ ଲୋକେ ଯାଇଁ ॥
ଏ ମନ ଚୈତନ୍ୟ ସମ୍ବାଦ । ଶୁଣନ୍ତେ ନ ଲାଗେ ପ୍ରମାଦ ॥
ବୋଲଇ ବିପ୍ର ରାମଦାସ । ମୂଳଟି ଅଟଇ ବିଶ୍ୱାସ ॥
ବିଶ୍ୱାସ ବିନା କର୍ମ ଯେତେ । ଫଳ ନ ଫଳେ କଦାଚିତେ ॥
ଏଣୁ ଶ୍ରୀହରି ପଦ୍ମପାଦେ । ମୋ ଚିତ୍ତ ରହୁ ଅପ୍ରମାଦେ ॥
ସାଧୁଜନଙ୍କ ପାଦଧୂଳି । ନିରତେ ପଡୁ ମୋ ମଉଳି ॥
ଏ ଜୀବ ଯିବାକାଳେ ଏକା । ସାଧୁ ଶ୍ରୀକୃଷ୍ଣ ଦୁହେଁ ସଖା ॥
ସୁଜନେ ଏହି ରସେ ରସ । ଏ ଭବଜଳରେ ନ ଭାସ ॥

ଇତି ଶ୍ରୀ ବାର୍ଦ୍ଧ୍ୟଚରିତ୍ର ରସାମୃତେ ମନ ଚୈତନ୍ୟ ସମ୍ବାଦେ ଗଙ୍ଗାଧର ଦାସ ପତି ପକ୍ଷୀ ମୋକ୍ଷଣେ ନାମ ଏକାଦଶୋଽଧ୍ୟାୟଃ ।

—*—

## ତ୍ରୟୋଦଶ ଅଧ୍ୟାୟ

### ବନ୍ଧୁ ମହାନ୍ତି ସମ୍ବାଦ

ଚୈତନ୍ୟ ଉବାଚ

ହେ ମନ ଶୁଣ ଦିବ୍ୟ ରସ । ପ୍ରଭୁଙ୍କ ମହିମା ଅଶେଷ ॥
ସେ ସାଧୁଜନଙ୍କ ମହିମା । କେ କହିପାରେ ତାର ସୀମା ॥
ଯାଜପୁରରେ ତାର ଘର । ବନ୍ଧୁ ମହାନ୍ତି ନାମ ତାର ॥
ଜାତିରେ ଅଟଇ କରଣ । ତାର କୁଟୁମ୍ବ ତିନିଜଣ ॥

ବେନି ଦୁହିତା ଏକ ସୁତ । ପତ୍ନୀ ତା ସ୍ୱାମୀର ଭକତ ॥
ଏମନ୍ତେ ପାଞ୍ଚଜଣ ଅଛନ୍ତି । ଭଣି ଯାଚକ ପଣ ନିତ ॥
ଦେଶ ବିଦେଶ ବୁଲିଯାନ୍ତି । ପ୍ରକାଶି କୁଟୁମ୍ବ ପୋଷନ୍ତି ॥
ଏକ ଦିନକୁ ଆର ଦିନ । ଘରେ ତା ନ ଥାଇ ଭୋଜନ ॥
ସର୍ବଦା ସଦାନନ୍ଦମୟେ । ଦୁଃଖକୁ ଶୋଚନା ନ ଥାଏ ॥
ଏଣୁ ଶ୍ରୀହରି ପାଦେ ମତି । କରନ୍ତେ ସାଧୁଜନେ ପ୍ରୀତି ॥
ପ୍ରଭୁ ମହିମା ଗୁଣମାନ । କରନ୍ତେ ଉଠଇ ବଚନ ॥
କର୍ଣ୍ଣରେ ଶୁଣି ହୁଅନ୍ତ ତୃପ୍ତ । ଏଣୁ ଆନନ୍ଦ ତାର ମତ ॥
ସକଳ ଜୀବେ ତାର ଦୟା । ବାଞ୍ଛକ ଜନେ ସେ ନିର୍ମାୟା ॥
ହରି ଭକତେ ମହାଲୟ । ସତ୍ୟ ଧାର୍ମିକ ବିପ୍ରପ୍ରିୟ ॥
ସଂସାରକର୍ମେ ସେ ଉଦାର । ଜାଣଇ ନାମ ଏକ ସାର ॥
ସତ୍ୟରେ ଭଜୁଥାଇ ନିତ୍ୟେ । ଦିନ କଟଇ ଦୁଃଖ ସୁଖେ ॥
ଏମନ୍ତେ କେତେଦିନ ଗଲା । ଦଇବେ କାନ୍ତାର ପଡ଼ିଲା ॥
ପ୍ରାଣିଙ୍କି ନ ମିଳେ ଭୋଜନ । ଦୁର୍ଭିକ୍ଷେ ମଲେ ବହୁଜନ ॥
ଯତ୍ର ଦେଖିଲେ କୁଢ଼ କୁଢ଼ । ହୋଇଣ ପଡ଼ିଲେକ ମଢ଼ ॥
ସକଳ ଦେଶେ ତକା ବୋବା । ଅଉ କେ ଅନ୍ନ ଦେବ ଅବା ॥
ବନ୍ଧୁ ମହାନ୍ତି ନାନାମତେ । ବୁଲିଣ ଗ୍ରାମ ପାଞ୍ଚ ସାତେ ॥
କାହିଁ ସେ କିଛି ନ ପାଇଲା । ନିସଖେ ଲେଉଟି ଅଇଲା ॥
ବସିଲା ନିଜଗୃହେ ଯାଇ । ଚିନ୍ତିଣ ପ୍ରଭୁ ଭବଗ୍ରାହୀ ॥
ଏଥି ସମୟେ ପତ୍ନୀ ତାର । କହିଲା ପତିର ଛାମୁର ॥
ବୋଇଲା ଶୁଣ ପ୍ରାଣନାଥ । ବାଳକେ ହୋଇଲେ ଅନାଥ ॥
ପୁତ୍ର ଦୁହିତା ଅସମ୍ଭାଳ । ଭୋଜନ ନ ପାଇ ଆକୁଳ ॥
ଯେତେ ଜଞ୍ଜାଳ ମୋତେ କରି । କେ ସହୁ ମାତା ଦେହ ଧରି ॥
ଏଥିକୁ କହ କି ଉତ୍ତର । କି ବୁଦ୍ଧି କରିବା ଏଥର ॥
ମୋହର ସଖା ସାହା ନାହିଁ । ବାନ୍ଧି ମଉଳା ବାପ ଭାଇ ॥
ତୁମ୍ଭର ବନ୍ଧୁ ଇଷ୍ଟଘର । ପ୍ରୀତି ମଇତ୍ର ସନେହୀ ବର ॥

ଥିଲେ ନିକଟେ ଦୂରଦେଶେ । ଚାଲ ହେ ଯିବା ତାଙ୍କ ପାଶେ ॥
କରଣ ନାନାମତେ ସେବା । ଏ କାଳ କାନ୍ତାରୁ ବଞ୍ଚିବା ॥
ତା ଶୁଣି ବୋଲେ ନଳ ପତି । ମୋ ବାଣୀ ଶୁଣରେ ସୁବସ୍ତି ॥
ତୁ ଯାହା ପଚାରିଲୁ ମୋତେ । ମୁଁ ଏବେ କହୁଅଛି ତୋତେ ॥
ବନ୍ଧୁ ସୋଦର ମୋର ନାହିଁ । ମୁଁ ବଡ଼ ଅନାଥ ଅଟଇ ॥
ଏକା ମୋ ବନ୍ଧୁ ଜଣେ ଅଛି । ବହୁତ ଦୂରରେ ରହିଛି ॥
ଏଠାରୁ ଦଶ ଯୂଣ ଠାରେ । ଘର କରିଛି କ୍ଷେତ୍ରବରେ ॥
ପୁରୁଷ ମାନଙ୍କ ଉତ୍ତମ । କେହି ନୁହନ୍ତି ତାଙ୍କୁ ସମ ॥
ଆଦର ଭାଗ୍ୟବନ୍ତ ପଣେ । ବ୍ରହ୍ମାଣ୍ଡେ ନାହିଁ ଅନ୍ୟଜଣେ ॥
ଯାଇ ପଶିଲେ ତାଙ୍କପାଏ । ଦୁଃଖ ବା ରହିବ ଥୋକାଏ ॥
ତା ଶୁଣି ଆନନ୍ଦ ସୁନ୍ଦରୀ । କହଇ ସ୍ୱାମୀ କର ଧରି ॥
ହେ ନାଥ ମୋର ବୋଲକର । ପୁହ ଗୋଟିକ କୁମ୍ଭେ ଧର ॥
ଏକ ଦୁହିତା ମୋର ଭାଗେ । ଆରେକ ଚଳାଇବା ଆଗେ ॥
ଘରେ ପଦାର୍ଥ ଅଛି ଯେତେ । ପଣତେ ବାନ୍ଧି ଦିଅ ମୋତେ ॥
ବନ୍ଦନ ହୋଇ ଚାଲ ଯିବା । ନୋହିଲେ ସମସ୍ତେ ମରିବା ॥
ପତ୍ନୀ ମୁଖରୁ ଏହା ଶୁଣି । ବିପ୍ର ମହାନ୍ତ ମନେ ଗୁଣି ॥
ନେହ ପଚନ ହେବ ମୋର । ଦେଖିବି ବ୍ରହ୍ମାଣ୍ଡ ଠାକୁର ॥
ଶ୍ରୀ ବଳଭଦ୍ରଦେବ ଦେଖି । ସୁଫଳ କରିବ ମୁଁ ଆଖି ॥
ଏମନ୍ତ ବିଚାରିଣ ଚିତ୍ତେ । ପୁଷକୁ ଧଇଲା ତ୍ୱରିତେ ॥
ପତ୍ନୀ କହିଲା ଯେଉଁରୂପେ । ତାହାକୁ ବେଳ ସେହି ରୂପେ ॥
ପୁଷକୁ ବସାଇଣ କନ୍ଧେ । ଚଳିଲେ ପରମ ଆନନ୍ଦେ ॥
ପଥରେ ସ୍ୱାରବନ ରହି । ମିଳିଲେ କ୍ଷେତ୍ରବରେ ଯାଇଁ ॥
ପ୍ରବେଶ ସିଂହ ଦ୍ୱାରଠାରେ । ଦେଖିଲେ ବେଭୁଆ ଅପାର ॥
ବହୁତ ହୋଇଛି ଆକଟ । ମାଛି ଗଳିବା ନାହିଁ ବାଟ ॥
ସେ ଦ୍ୱାରେ ପଶି ନ ପାରିଲେ । ଦୂରରୁ ରହି ଅନାଇଁଲେ ॥
ପତିତ ପାବନଙ୍କୁ ଦେଖି । ସୁଫଳ କଲେ ଚର୍ମ ଆଖି ॥

ତହୁଁ ଚଳିଲେ ଅତି ସୁଖେ । ମିଳିଲେ ଦକ୍ଷିଣର ପାଶେ ॥
ବସିଲେ ପେଜ ନଳାଠାରେ । ଯେ ଗୋରୁ ତାଙ୍କଙ୍କ ସଙ୍ଗରେ ॥
ଦେଖି ତା ପତ୍ନୀ ବୋଲେ ତହିଁ । ଏଠାରେ ବସିଲେ କମ୍ପାଇ ॥
ଦେଖ ହେଉଛି ସନ୍ଧ୍ୟା କାଳ । ଅତି ଅନ୍ଧାର ବେଳୁ ବେଳ ॥
ବେଗେ ଚାଲ ବନ୍ଧୁ ଘର ଯିବା । ଭୁଞ୍ଜିଣ ଶରୀର ତୋଷିବା ॥
ଅନ୍ନ ନ ଦେଲେ ସେହୁ ପୁଣି । ମାଗିବା କାହୁଁ ପେଜ ପାଣି ॥
ଏମନ୍ତ ବୋଲନ୍ତେ ସୁନ୍ଦରୀ । ବାଳକ ମାତା ହାତ ଧରି ॥
ବୋଲେ ମାତ ଲାଗୁଅଛି ଭୋକ । ଗଲାଟି ପ୍ରାଣ ବେଗେ ରଖ ॥
ତା ଶୁଣି ବନ୍ଧୁ କହେ ଧୀରେ । ପୁତ୍ର ଦୁହିତାଙ୍କୁ ଆଗରେ ॥
ଆଜ ଶୁଣିଲି ବନ୍ଧୁ ଘର । ଉଚ୍ଛବ ହେଉଛି ଅପାର ॥
ବହୁତ ଦେଶୁଁ ବନ୍ଧୁମାନେ । ଆସି ଅଛନ୍ତି ତା ଭୁବନେ ॥
ଦ୍ୱାରେ ବେଢ଼ୁଆ ଜଗିଛନ୍ତି । ବୁଦ୍ଧି ସଙ୍ଗୋଳ ଗ୍ରହକ୍ୟନ୍ତି ॥
ଯେ ପେଲାପଣ କରିଯାଇ । ମାଡ଼େ ତା ଜୀବନ ଉଡ଼ଇ ॥
ଏଥିକୁ ବିଚାର ଚେତା ମନେ । ରାତ୍ର ବଞ୍ଚିବା ଏହି ସ୍ଥାନେ ॥
ପେଜ କୁଣ୍ଡରୁ ପେଜ ଆଣି । ଖାଇ ବଞ୍ଚିବା ପାଞ୍ଚ ପ୍ରାଣୀ ॥
ରଜନୀ ପ୍ରଭାତରୁ ଯିବା । ଏକାନ୍ତେ ବନ୍ଧୁଙ୍କୁ ଭେଟିବା ॥
ସ୍ୱମୁରେ ଜଣାଇବା ଦୁଃଖ । ବୋଲିବା ଆମ୍ଭ ପ୍ରାଣ ରଖ ॥
କେବଳ ଅନ୍ନ ବସ୍ତ୍ର ଦେଇ । ଏକଥା ମନକୁ ଯୋଗାଇ ॥
ଶୁଣି ଯୁବତୀ ବୋଲେ ହେଉ । ଆଣ ହୋ ପେଜ ପ୍ରାଣ ରହୁ ॥
ବନ୍ଧୁ ଚଳିଲା ଏହା ଶୁଣି । ଛଡ଼ା କୁଡ଼ୁଆ ଗୋଟି ଆଣି ॥
ସେ ପେଜ କୁଣ୍ଡରେ ବୁଡ଼ାଇ । ପତ୍ନୀକି ଦିଅଇ ବଢ଼ାଇ ॥
ପୁତ୍ର ଦୁହିତା ପତ୍ନୀ ଆଗେ । ପେଜ ପିଇଲେ କ୍ଷୁଧାଭାବେ ॥
ଉଦର ଭରି ସୁସ୍ଥ ହୋଇ । ପଡ଼ିଲେ ସେହିଠାରେ ଶୋଇ ॥
ବନ୍ଧୁ ମହାନ୍ତି ଅତି ତୋଷେ । ଲୟ ଲଗାଇ ପ୍ରଭୁ ପାଶେ ॥
ବୋଇଲା ନମୋ ଦାରୁ ହରି । ଚର ଅଚରେ ଅଛ ପୂରି ॥
ସକଳ ଜୀବେ ପଡ଼ ଦାତା । ତୁମ୍ଭହୁଁ ନାହିଁ ନା କରତା ॥

ମୁଁ ଏଥୁଁ ନୁହଇ ବାହାର | ତୁ ନାଥ ଯାହା ଇଚ୍ଛାକର ||
ପ୍ରଭୁ ଏଠାରେ ଭଲେ ହେଲା | ବୁଢ଼ାଙ୍କ ଚନ୍ଦ୍ରାନନେ ଭେଳା ||
କ୍ଷୁଧା ଅନଳେ ପାଞ୍ଚଜଣ | ଘୋଡ଼ ମନ୍ତ୍ରକୁ ପ୍ରକାରଣ ||
ତୋର କରୁଣା ବାରି ହେଇ | ଶୀତଳ କର ଭବଗ୍ରାହୀ ||
ଏମନ୍ତ ବେଳ ଲୁନ୍ତ କଲ | ପଥ ଶ୍ରମରେ ନିଦ୍ରାଗଲ ||
ଏଥୁ ଉତ୍ତାରୁ ଶୁଣ ମନ | ବଢ଼ିଲା ହେବା ପୂଜା ମାନ ||
ସନ୍ଧିପ ନେଞ୍ଚ ଅବକାଶ | ଭଣ୍ଡାର ଲାଗି ଆଦ ବେଶ ||
କର୍ପୂର ହାର ପୁଷ୍ପାଞ୍ଜଳି | ଶେଯାଇ ଖଟ ଶେଯ ଭୁଲି ||
ସକଳ ସେବା ବଢ଼ାଇଲେ | ଭଣ୍ଡାର ଘର ମୁକ ଦେଲେ ||
ଧୂପ ଦୀପକ ଧରି ଯୋଗେ | ଦେଉଳ ଶୋଧିଲେ ସେବକେ ||
ସକଳ କବାଟ ପକାଇ | ଝଟମ ଶାଙ୍କୋଳି ଲଗାଇ ||
କଞ୍ଚି ପକାଇ କାଠି ଧରି | ଗଲେ ଭଣ୍ଡାର ଅଧିକାରୀ ||
ଆଉ ସେବକ ଯେତେ ଥିଲେ | ଯେ ଯାହା ପୁରେ ଚଳିଗଲେ ||
ଏଥୁ ଉତ୍ତାରୁ ଶୁଣ ଭାବ | ଯେ ପ୍ରଭୁ କମଳା ବଲ୍ଲଭ ||
ସକଳ ଜୀବ ଚିନ୍ତାମଣି | ଦୀନ ବାନ୍ଧବ ଚକ୍ରପାଣି ||
ଅଶେଷ ବ୍ରହ୍ମାଣ୍ଡ କରତା | ଲାଗିଲା ମନେ କ୍ଷୁଧା ଚିନ୍ତା ||
ହୋଇ ଅତ୍ୟନ୍ତ ଛନ୍ନ ଛନ୍ନ | ଦେଉଳେ ବଜେ ଭଗବାନ ||
ଭଣ୍ଡାର ଘରୁ ରତ୍ନ ଥାଳୀ | ବେଗେ ଧଇଲେ ବନମାଳୀ ||
ତହିଁ ପୂରିଲ ଥାଳୀ ଅନ୍ନ | ନାନାଦି ପ୍ରକାରେ ବ୍ୟଞ୍ଜନ ||
ଆଉରି ଅପମ୍ୟାଲ୍ଲୁ ଗଜା | ନାଡ଼ୁ ପାପୁଡ଼ି ଭୋଗ ଖଜା ||
ଯେ କାନ୍ତି କାକରା ଆରିସା | ଘୃତରେ ହୋଇଅଛି ମିଶା ||
କ୍ଷୀରି ଖେଚଡ଼ି ସର ପଣା | ଧରି ଚଳିଲେ ଜଗର୍କିଣା ||
ଗନ୍ଧ ହୋଇଛି ଘଡ଼ ସାତ | ଦକ୍ଷିଣ ଦ୍ୱାରେ ଉପଗତ ||
ଡାକିଲେ ବନ୍ଧୁ ନାମ ଧରି | ତା ଶୁଣି ବନ୍ଧୁ ହେଲୁ କରି ||
ବୋଇଲା ଶୁଣ ଆଗୋ ସ୍ୱାମୀ | ଏ କ୍ଷେତ୍ରେ କେତେ ବନ୍ଧୁ ନାହିଁ ||
କେ ଅବା କାହାକୁ ଡାକୁଛି | ମୁଁ କମା ଯିବି ଗୋ ମୃଗାକ୍ଷି ||

ଏମନ୍ତ ବୋଲି ଭକ୍ତ ହୋନ୍ତେ । ଶୁଣି ଡାକିଲେ ଜଗନ୍ନାଥେ ॥
ଆସେ ଡାକିଲେ ନାରାୟଣ । ଯାଜପୁରିଆ ବନ୍ଧୁ ଶୁଣ ॥
କୁଟୁମ୍ବ ଘେନି ସଙ୍ଗତରେ । ରହିଛୁ ସେଜନଳା ଠାରେ ॥
ବହନ ହୋଇ ଆସ ପାଶ । ଡାକୁଅଛୁ ମୁଁ ଧରି ଗ୍ରାସ ॥
ତା ଶୁଣି ବନ୍ଧୁ ଅତି ତୋଷେ । ଯାଇ ମିଳିଲା ପ୍ରଭୁ ପାଶେ ॥
ଦ୍ୱିଜସ୍ୱରୂପ ଗୋଟି ଧରି । ବଢ଼ାଇ ଦେଲେ ଅନ୍ନଥାଳୀ ॥
ବୋଇଲେ ଭୁଞ୍ଜ ସୁସ୍ଥ ହୋଇ । କାଲି ସକାଳୁ ତୋତେ ମୁହିଁ ॥
ଖଞ୍ଜିବି ଅନ୍ନ ବସ୍ତ୍ର ଯେତେ । ଚିନ୍ତା ନ କର ତୁମ୍ଭେ ଚିତ୍ତେ ॥
ଏମନ୍ତ କହି ଭଗବାନ । ତକ୍ଷଣେ ହେଲେ ଅନ୍ତର୍ଦ୍ଧାନ ॥
ବନ୍ଧୁ ସେ ଅନ୍ନ ଘେନିଗଲେ । କୁଟୁମ୍ବ ଯାକ ଉଠାଇଲେ ॥
ଅନ୍ନ ସେ ଥୋଇ ମଧ୍ୟଗତେ । ବେଢ଼ିଣ ବସିଲେ ସମସ୍ତେ ॥
ପତ୍ନୀ ଦୁହିତା ସେ ନନ୍ଦନ । ସମସ୍ତେ କଲେକ ଭୋଜନ ॥
ଉଦର ଭରି ସୁସ୍ଥ ହୋଇ । ଥାଳୀ ଧଇଲେ ବେଗ ହୋଇ ॥
କବାଟ ଧରି ଧୀରେ ପେଲି । ଡାକିଲେ ଥାଳୀ ନିଅ ବୋଲି ॥
କେତେହେଁ ବେଳଡ଼ାକଦେଲେ । କେ କେଣେ କେହି ନ ଶୁଣିଲେ ॥
ନିରସ ହୋଇ ଧରି ଥାଳୀ । ବନ୍ଧୁ ଲେଉଟି ଗଲେ ଚଳି ॥
ଛିଣ୍ଡାକନାରେ ଗୁଡ଼ାଇ । ଥୋଇଲେ ଶିରସ୍ଥାନେ ନେଇ ॥
ଏଥିଉତ୍ତାରୁ ନିଶି ଶେଷ । ଉଦୟ ହୋଇଲା ପ୍ରବେଶ ॥
କାଳ କୁକୁଟ ହେଲେ ରବ । ସଂସାର ଦିଶିଲା ସୁଲଭ ॥
ସେବକ ଶୁଚିମନ୍ତ ହୋଇ । ଗଲେ ଶ୍ରୀହରି ସେବା ପାଇଁ ॥
କବାଟ ଫିଟାଇ ପଶିଲେ । ଯେ ଯାହା ସେବାରେ ଲାଗିଲେ ॥
ଭଣ୍ଡାର ପଇଠାଇଲେ ଯାଇଁ । ଦେଖିଲେ ରତ୍ନଥାଳୀ ନାହିଁ ॥
ସମସ୍ତେ ହୋଇଲେ ଚାଟକା । ଦେଉଳେ ପଡ଼ିଲାକ ଡକା ॥
ଭଣ୍ଡାର ସୂପକାର ଧାଇଁ । ବାନ୍ଧିଲେ ଯୋଡ଼ି ଯୋଡ଼ି କରି ॥
ବାଜିଲା ବେତ ଯେ ଅନେକ । ଧାଇଁଲେ ଗୁହାରିଦେ ଲୋକ ॥
ପ୍ରଭୁଙ୍କ ଘଟସୂତ୍ର ମାନ । କେ ତାହା କରିପାରେ ଆନ ॥

ଦଇବଯୋଗେ ବନ୍ଧୁ ତାର । କୁଟୁମ୍ବ ଘେନ ସଙ୍ଗତର ॥
ଶୋଇଛନ୍ତି ଶିମସ୍ଥାନେ ଦେଇ । ଲୋକେ ଦେଖିଲେ ତାହା ଯାଇ ॥
ଛିଣ୍ଡ୍ରା କନାରେ ରତ୍ନଥାଳୀ । ଫଟିଣ ଦିଶୁଅଛି ଝଳି ॥
ଯୋଗେ ଅରୁଣ ତେଜ ପାଇ । ଅଧିକେ ତେଜ ବିସ୍ତରଇ ॥
ବନ୍ଧୁ ମଦ ମତ୍ତ ଶିମସ୍ଥାନେ । ଥାଳୀ ଦେଖିଲେ ଲୋକମାନେ ॥
ବୋଇଲେ କାହିଁର ଏ ଚୋର । ପଳାଇ ଯିବ ବେଗେ ଧର ॥
ଏମନ୍ତ ବୋଲି ଜଣେ ସାତେ । ବନ୍ଧୁ କୁ ଧଇଲେ ଭୂଇଁତେ ॥
କର୍କଶ ବାନ୍ଧେଣୀ ବାନ୍ଧିଲେ । ଥାଳୀ ଛଡ଼ାଇ ଘେନଗଲେ ॥
ଅନେକ ମାଡ଼ହିଁ ମାଇଲେ । ପାଦେ ସାଙ୍କୋଳି ଲଗାଇଲେ ॥
ତା ଶୁଣି ବନ୍ଧୁ ଯେ ବୋଲଇ । ମୋହର କିଛି ଦୋଷ ନାହିଁ ॥
ରାଜ ଯେ ଦଶଘଡ଼ିଠାରେ । ଦେଉଳକୁ ଏକ ବସ୍ତ୍ରବରେ ॥
ରତ୍ନଥାଳୀରେ ଅନ୍ନଭର । ମୋତେ ଯେ ଦେଲେ ଡାକକରି ॥
ତା ତହୁଁ ଆଣିଲଇଁ ମୁହିଁ । କୁଟୁମ୍ବ ଯାକ ସୁସ୍ଥେ ଖାଇ ॥
ଥାଳୀ ଯେ ଲେଉଟାଇ ନେଲି । କେତେହେଁ ରୂପେ ମୁଁ ଡାକିଲି ॥
ତେଣେ ଯେ ନ ଶୁଣିଲେ କେହି । ଘେନ ଆଇଲି ଲେଉଟାଇ ॥
ଏଥିରେ କେଉଁ ଦୋଷ ମୋର । କହ କେମନ୍ତ ହେଲି ଚୋର ॥
ବିନା ଦୋଷରେ ଦଣ୍ଡ ଦେଲେ । ବୁଝିବେ ମୋର ପ୍ରଭୁ ଥିଲେ ॥
ପହ୍ରୀ କହିଲେ ଏହିମତେ । କେହି ତା ନ ଗଲେ ପରତେ ॥
ବନ୍ଧୁ କୁ ବାନ୍ଧି ଘେନଗଲେ । ବନ୍ଦୀ ମଧ୍ୟରେ ବନ୍ଦୀ କଲେ ॥
ନାନାମତରେ ଦେଲେ ଗାଳି । ଯେ ଯାହାମତେ ଗଲେ ଚଳି ॥
ବନ୍ଧୁ ରହିଲେ ମାମୁଁ ଘରେ । ଚିତ୍ତ ନିବେଶି ପ୍ରଭୁଠାରେ ॥
ବୋଲେ ମୁଁ ପାପୀ ଅପରାଧୀ । ତୁମ୍ଭେ ଯେ କରୁଣା ବାରିଧି ॥
ବ୍ରହ୍ମାଣ୍ଡ ମଧ୍ୟେ ପାପୀଜନେ । ମୋ ପରି ନାହିଁ ଅନ୍ୟ ଜଣେ ॥
ତୋ ପରି ପତିତ ତାରଣ । ଅଛି କେ ବ୍ରହ୍ମାଣ୍ଡ ମଧ୍ୟେଣ ॥
ଏଣୁ ତୁ ଯାହା କଲେ କର । ଅନ୍ୟ ଶରଣ ନାହିଁ ମୋର ॥
ଏମନ୍ତ ବୋଲି ସ୍ତବ ହୁବେ । ଚିନ୍ତିଲା ପ୍ରଭୁ ପଦ୍ମପାଦେ ॥

ଏଥିଉତ୍ତାରୁ ଦିନ ଶେଷ । ରଜନୀ ହୋଇଲା ପ୍ରବେଶ ॥
ପ୍ରଭୁଙ୍କ ନିତ୍ୟକର୍ମ ଯେତେ । ସେବକ ସାରିଲେ ତୁରିତେ ॥
ପଲଙ୍କ ସୁପାତି ପକାଇ । ପ୍ରଭୁମାନଙ୍କୁ ପହୁଡ଼ାଇ ॥
ବେଉଳେ ବେଢ଼ା ନଶୋଧିଲେ । କବାଟ କିଳି ଚଳିଗଲେ ॥
ପ୍ରବେଶ ଯେ ଯାହା ଭୁବନ । ଏଥି ଉତ୍ତାରୁ ଶୁଣ ମନ ॥
ଯେ ପ୍ରଭୁ ଭୃତ୍ୟ ଚିନ୍ତାମଣି । ସର୍ବସ୍ତ ବ୍ୟାପିଛନ୍ତି ପୁଣି ॥
ପ୍ରଭୁଗଣଙ୍କୁ ଲୁଚିଯାଇ । ସେବକ ବେଦନା ନ ସହି ॥
ଦେଖନ୍ତୁ ବଜେ ଜଗନ୍ନ ତା । ଲାଗି ଅଛଇ ଭକ୍ତ ହିତା ॥
ତକ୍ଷଣେ ଗୁରୁଡ଼ ଆରୋହି । ଗଗନମାର୍ଗେ ଉଡ଼ିଯାଇ ॥
ବଜେ ଖୋରଧା ରଥିପୁରେ । ପ୍ରତାପ ରୁଦ୍ରର ମନ୍ଦିରେ ॥
ସେ ମହାରାଜା ନୃପସାଇଁ । ପଲଙ୍କେ ନିଦ୍ରା ଅଛୁ ଯାଇଁ ॥
ତାହାଙ୍କ ପାର୍ଶ୍ୱେ ଭାବଗ୍ରାହୀ । ବିଜୟ କଲେ ଭାବ କହି ॥
ସ୍ୱପନମାର୍ଗେ ଆଜ୍ଞା ଦେଲେ । ଶୁଣରେ ରାଜନ ବୋଇଲେ ॥
ତୋ ଘରେ ବନ୍ଧୁ ଆସିଥାଇ । ସେ ନିତି ଉପବାସେ ଯାଇ ॥
ଇତର ଲୋକଙ୍କର ଘରେ । ଲୁଣିଆ ନ ଯାଇ ଭୋଜରେ ॥
ତାହାର ଯାଜପୁରେ ଘର । କୁଟୁମ୍ବ ସେନ ସଙ୍ଗତର ॥
ବନ୍ଧୁ ମୋ ଅତି ଶ୍ରଦ୍ଧା ମନେ । ଆସି ଯେ ଥିଲା ମୋ ଭୁବନେ ॥
ତାଙ୍କୁ ଭୋଜନ ମୁହିଁ ଦେଲି । ତୋ ବାପା ଗଣ୍ଡି କି ନାଶିଲା ॥
ସେ ରତ୍ନଥାଳୀ ଗୋଟି ମୋର । ଥିଲା ଯେ ବନ୍ଧୁର ପାଶର ॥
ତାହାକୁ ନଗ୍ରର ଦୋଷ ଦେଇ । ଧଇଲେ ଚୋର ଲୋକ ଯାଇ ॥
ନିଗଡ଼େ ବାନ୍ଧି ପକାଇଲେ । ଅନେକ ମାଡ଼ହିଁ ମାଇଲେ ॥
ଚରଣେ ସାଙ୍କୋଳି ଲଗାଇ । ଭର୍ତ୍ତିଲେ ବନ୍ଦଘରେ ନେଇ ॥
ତା ଦେଖି କୁଟୁମ୍ବ ସକଳ । କେ କନ୍ଦୁ ତାହାଙ୍କ ବିକଳ ॥
ଏଣୁ ମୁଁ କହୁଅଛି ତୋତେ । କ୍ଷେତ୍ରକୁ ଯିବୁ ତୁ ଉଷତେ ॥
ବନ୍ଧୁକୁ ବନ୍ଦିରୁ ଫିଟାଇ । ଚରଣ ସାଙ୍କୋଳି କଟାଇ ॥
ବିନସ୍ତ୍ର ହୋଇ ପାଦ ତଳେ । ସ୍ନାନ କରାଇ ତୀର୍ଥଜଳେ ॥

ପିନ୍ଧାଇ ସୁର୍ଣ୍ଣୀନ ଅମ୍ବର । ଖଞ୍ଜିବୁ ନାନା ଅଳଙ୍କାର ॥
ଦେଉଳେ ଖରଶୋଧ ପଣେ । ଶାଢ଼ୀ ଯେ ଦେବୁ ତୁ ଆପଣେ ॥
ବନ୍ଧୁର ପାଞ୍ଜୀ ମୋ ପ୍ରମାଣ । ଏ କଥା ସତ୍ୟ ବୋଲି ଜାଣ ॥
ଝିଙ୍ଗି ଖେଚଡ଼ି ପୁଷ୍ପ ଅନ୍ନ । ଜୀବନ୍ତେ ଦେବୁ ତୁ ଭୋଜନ ॥
ତେବେ ସେ ସତ୍ୟେ ସୁଖେଥିବୁ । ନୋହିଲେ ନାଶ କଷ୍ଟେ ଯିବୁ ॥
ଆଜ୍ଞେଟି ପ୍ରଭୁ ନାରାୟଣ । କହିଲୁ ସାବଧାନେ ଶୁଣ ॥
ଏମନ୍ତ ବୋଲି ଗୁପ୍ତେ ମାର । ତତକ୍ଷଣେ ଗଲେ ନରହର ॥
ପ୍ରବେଶ ହେଲେ ଆଳାତକେ । ଏଣେ ଉଠିଲେ ମନ୍ତ୍ରୀପାକେ ॥
ପ୍ରଭୁ ମହିମା ମନେଗୁଣି । ବାହାରେ ହକେ ନୃପମଣି ॥
ପାଞ୍ଚ ମନ୍ତ୍ରୀଙ୍କୁ ଡକାଇଲେ । ସକଳ ବୁଝାଇ କହିଲେ ॥
ତକ୍ଷଣେ ବାସ ଲାଗି ହୋଇ । ହକସ୍ତୁ କଲେ ନୃପସାଇଁ ॥
ଏଣେ ଯେ ଦଣ୍ଡଦଣ୍ଡଠାରେ । ତକସ୍ତୁ କଲେ ନୃପବରେ ॥
ବନ୍ଧୁ ପାଶକୁ ବେଗେ ଗଲେ । ବନ୍ଧନ ଫିଟାଅ ବୋଇଲେ ॥
ବନ୍ଧୁକୁ ନେଇ କଲେ କୋଳ । ହୃଦେ ଲଗାଇ ମହୀପାଳ ॥
ବୋଇଲେ ଧନ୍ୟ ମୋ ଜୀବନ । ଦେଖିଲି ତୋହର ବଦନ ॥
ଏମାନେ ଦୋଷ କଲେ ଯେତେ । ସକଳ କ୍ଷମା ଦିଅ ମୋତେ ॥
ଏମନ୍ତ ବୋଲି ଭୁଜ ଧରି । ଶିରେ ଢ଼ାଳିଲେ ତୀର୍ଥବାରି ॥
ପିନ୍ଧାଇ ସୁର୍ଣ୍ଣୀନ ବସନ । ଖଞ୍ଜିଲେ ଟଞ୍ଚା ବରତନ ॥
ଦଉଳେ ଝରଶୋଧପଣେ । ପାଠ ବାନ୍ଧିଲେ ତତକ୍ଷଣେ ॥
କୁଟୁମ୍ବ ଯାକ ବନ୍ଧୁ ଭୁଲେ । ଅନେକ ପରିତୁଷ କଲେ ॥
ଦକ୍ଷିଣ ପାଟ୍ଟଣରେ ଘର । ତୋଳାଇ ଦେଲେ ନୃପବର ॥
ଭୋଗ ଖଞ୍ଜିଲେ ମହାରଙ୍ଗେ । ଖିଆଇ ପୃଷ ନାତି ଯାଏ ॥
ବନ୍ଧୁକୁ ସୁଚାଇ କରାଇ । ପ୍ରଭୁ ସ୍ଥମୁକୁ ଦେନଯାଇ ॥
ସକଳ ସମର୍ପିଣ କଲେ । ନୃପତିବର ଚଳିଗଲେ ॥
ବନ୍ଧୁ ରହିଲେ ପ୍ରଭୁପାଶେ । ଅତ୍ୟନ୍ତ ମନର ହରଷେ ॥
କୁଟୁମ୍ବ ଘେନ ସଙ୍ଗତରେ । ଶ୍ରୀଜଗବନ୍ଧୁଙ୍କ ସେବାରେ ॥

ପରମ ଆନନ୍ଦେ ରହିଲେ । ମନକୁ ଚୈତନ୍ୟ କହିଲେ ॥
ଶୁଣ ସୁଜନେ ପ୍ରଭୁପଣ । ଭକ୍ତ ବତ୍ସଳ ଭଗବାନ୍ ॥
କରନ୍ତି ଏତେ ଦୁଃଖଯାଏ । ଯେବା ବିଶ୍ୱାସ କରିଥାଏ ॥
ଜୀବକୁ ନିକଟ ଗୋସାଇଁ । ଅଭକ୍ତ ଜନେ ଭେଟ ନାହିଁ ॥
ଏଣୁ ପାମର ରାମଦାସ । ଶରଣ କମଳା ବିଳାସ ॥
ବନ୍ଧୁ ମହାନ୍ତି ଗୀତ ରସ । ସୁଜନେ ଶୁଣି ହୁଅ ତୋଷ ॥
ଏ ଦାର୍ଢ୍ୟଭକ୍ତି ରସାମୃତ । କେବଳ ପ୍ରାଣୀ କଷ୍ଟ ହତ ॥
ଯେ ଅବା ଶ୍ରଦ୍ଧାମନେ ଶୁଣେ । କି ଅବା ବଦନରେ ଗୁଣେ ॥
ତାର କଳ୍ମଷ ଥିବ ଯେତେ । ରହିବ ନାହିଁ କଦାଚିତେ ॥
ସକଳ କର୍ମେ ଯଶ ହେବ । ଶମନ ଦର୍ଶନେ ନ ଯିବ ॥
ଏ କଥା ଅଟଇ ପ୍ରମାଣ । ସକଳ ଶାସ୍ତ୍ରେ ଏହା ଶୁଣ ॥
ସାଧୁ ଶ୍ରୀକୃଷ୍ଣ କଥା ବିନେ । ଜୀବ ଉଦ୍ଧାର ନାହିଁ ଅନ୍ୟେ ॥
ଜାଣି ଚିନ୍ତଇ ନିଜ ମନେ । ଯାହା କରିବେ ସାଧୁମାନେ ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତିରସାମୃତେ ମନ-ଚୈତନ୍ୟ ସମ୍ବାଦେ
ବନ୍ଧୁ ମହାନ୍ତି ଦାର୍ଢ୍ୟଭାବ ବର୍ଣ୍ଣନେ ନାମ
ତ୍ରୟୋଦଶୋଽଧ୍ୟାୟଃ

—*—

## ଚତୁର୍ଦ୍ଦଶ ଅଧ୍ୟାୟ

## ବଳରାମ ଦାସ ସମ୍ବାଦ

### ଚୈତନ୍ୟ ଉବାଚ

ଶୁଣ ସୁଜନ ଶୁଦ୍ଧଚିତ୍ତେ । ଯାହା ମୁଁ କହୁଅଛି ତୋତେ ॥
ଭକତ ଜନ ମଧ୍ୟେ ସାର । ମହିମା ଅପାରୁଁ ଅପାର ॥
ନାମ ତା ବଳରାମଦାସ । ମହନ୍ତ ସୋମନାଥ ଶିଷ୍ୟ ॥
ପୁରୁଷୋତ୍ତମେ ତାର ଘର । କୁଟୁମ୍ବ ହୀନ ସଙ୍ଗତର ॥
ଉତ୍ତମ ଜନେ ଆଶ୍ରେକରି । ନିତି ବୁଲଇ ଭିକ୍ଷାକରି ॥

ଏମନ୍ତେ ବଞ୍ଚୁ ଥାନ୍ତି ଜନ । ଶୋଚନା ନ ଥାଇ ତା ମନ ।
ଜଗତେ ହରିପାଦ ଧ୍ୟାୟି । ଆନନ୍ଦେ ମତ୍ତ ହୋଇଥାଇ ।
ଯୋଟିଏ ନାମ ଯହୁଁ ଶୁଣେ । କୋଟିଏ ନିଧି ପ୍ରାପ୍ତେ ମଣେ ।
ସର୍ବଦା ହରିରସେ ରସେ । ଶ୍ରବଣେ ଶୁଣି ମୁଖେ ଘୋଷେ ॥
ବସଇ ସାଧୁଙ୍କ ସଙ୍ଗର । ସକଳ ଜୀବେ ଦୟା ତାର ।
ଶ୍ରୀ ବାସୁଦେବଙ୍କ ସେବା ଧନେ । ଅନ୍ୟ ନ ଜାଣେ ତାର ମନେ ।
କେବଳ ପ୍ରକୃତି ବଶରେ । ନରତେ ଗମେ ବେଶ୍ୟାଘରେ ॥
ଚନ୍ଦ୍ର ରେ କଳଙ୍କ ଯେସନ । ଅର୍ଜିଲା କଥା ନୋହେ ଆନ ।
ପୂର୍ବ ଅର୍ଜିଲା କର୍ମ ଫଳେ । ନରତେ ବେଶ୍ୟାଘର ତଳେ ॥
ଏମନ୍ତେ କେତେଦିନ ଅନ୍ତେ । ଶୁଣ ସୁଜନ ଶୁଦ୍ଧଚିତ୍ତେ ।
ଆଷାଢ଼େ ଶ୍ରୀଗୁଣ୍ଡିଚା ଯାତ । ନିର୍ମାଣ ହେଲା ତିନିରଥ ।
ସୁଭଦ୍ରା ବଳଦେବ ଭୁଲେ । ପ୍ରଭୁ ସମ୍ଭ୍ରମେ ଚଢେ ଭଲେ ।
ଅଶେଷ ଜନଙ୍କର ହାତେ । ବିଜୟ ନନ୍ଦିଘୋଷ ରଥେ ।
ଶ୍ରୀନନ୍ଦିଘୋଷ ତଳବାରେ । ଆନନ୍ଦ କେ କହୁ ସଂସାରେ ।
ଅଶେଷ ବାଦ୍ୟ ନାଦ ପୂରି । ଆନନ୍ଦ ହୋଇଲା ଧରଣୀ ।
ଏମନ୍ତ ସମୟରେ ଶୁଣ । ଗଣିକା ମନ୍ଦିରେ ଯାଇଣ ।
ଥିଲେ ଯେ ବଳରାମ ଦାସେ । ମତ୍ତ ହୋଇଣ ବେଶ୍ୟାରସେ ।
ଶ୍ରବଣେ ଶୁଣିଲେ ସେ ଧ୍ୱନି । ଶିରେ କରାଘାତ କରି ବେନି ।
ବୋଇଲେ ଧିକ ମୋ ଜୀବନ । ଅଜ୍ଞାନ ବଞ୍ଚିଲେ ମୁଁ ଜନ ।
ପ୍ରଭୁ ମୋ ରଥେ ବିଜେ କଲେ । ଶୋଇ ମୁଁ ଅଛି ବେଶ୍ୟାକୋଳେ ।
ଏମନ୍ତ ବୋଲି ଗଲା ଧାଇଁ । ମିଳିଲା ପ୍ରଭୁପାଶେ ଯାଇଁ ।
ଉଠିଲା ନନ୍ଦିଘୋଷ ରଥେ । କର ନବେଶି ଅଛି ମାଥେ ।
କମଳାକ୍ଷ ମୁଖକୁ ଅନାଇ । ଅନେକ ମତେ ବାହୁନଇ ।
ସେବକ ଅନାଇଣ ବେଳେ । କ୍ରୋଧରେ ଦାସଙ୍କୁ ବୋଇଲେ ।
ଗଣ୍ଡେ ତୋ ତାମ୍ବୁଳର ଗାର । କୁଙ୍କୁମେ ଦେହ ଜରଜର ।
ଅତି କନ୍ଦର୍ପ ତୋର କାୟେ । ଦିଶୁଛି ଖଣ୍ଡିତ ସ୍ତ୍ରୀ ପ୍ରାୟେ ॥

ସ୍ନାନ ମଣ୍ଡପ ତୋର ନାହିଁ । ଥିଲୁ ତୁ ବେଶ୍ୟାଘରେ ଶୋଇ ॥
କପାଁ ତୁ ଚଢ଼ିଲୁ ରଥର । ଉଜ୍ଜଳପଣ ପୋଡୁ଼ ତୋର ॥
କେବୋଲେ ତୋତେ ଜ୍ଞାନବନ୍ତ । କେଖ ହୋ ପ୍ରଭୁ ଜଗନ୍ନାଥ ॥
ବ୍ରହ୍ମା ଇନ୍ଦ୍ରାଦି ଯାର ପାଦେ । ସେବା କରନ୍ତି ଅମ୍ରମାନେ ॥
ତାହାକୁ ତୋର ଲଜ୍ୟା ନାହିଁ । ଆସିତୁ ଶୁଚିବନ୍ତ ହୋଇ ॥
ଏମନ୍ତ ବୋଲି ଭୋଗଜନେ । ସେବକମାନେ ଯେ ସାହାରେ ॥
ଘନେ ଅନେକ ଧକ୍କା ଦେଲେ । ରଥରୁ ପେଲି ପକାଇଲେ ॥
ନାନା କୁବାକ୍ୟ ଗାଳିଦେଇ । କହ ତୋ ବାପ ଆସେ ଯାଇ ॥
ସବୁଙ୍କ ମୁଖରୁ ଝଗଣ । ପାଇଲା ବଳରାମ ଦାସ ॥
ମନରେ ପାଇ ଗୁରୁ ତାପ । ବଢ଼ିଲା ବିଶେଷ ସନ୍ତାପ ॥
ପ୍ରଭୁ ସମ୍ମୁଖରେ ଉଭାହୋଇ । କଳାଶ୍ରୀମୁଖକୁ ଅନାଇ ॥
ବେନି ନୟନୁ ଧାରଗଳେ । ପ୍ରଣାମ କଲା ମହୀତଳେ ॥
ଉଠି କଷାଳେ ବେନି ପାଣି । ବୋଇଲା ନମୋ ଚକ୍ରପାଣି ॥
ନମୋ କମଳ ପଦ୍ମମୁଖ । ଭକତ ଜନଙ୍କର ଭେକ ॥
ଭକ୍ତବତ୍ସଳ ମହାବାହୁ । ନନ୍ଦଘୋଷରେ ଥାଉଁ ଥାଉଁ ॥
ଶଙ୍ଖ ଯେ ଚକ୍ର ବେନି କରେ । ବିସରୁ ଅଛୁ ଭଜପୁରେ ॥
ତେବେ ଗଞ୍ଜଇ ମାରତଣ୍ଡ । ଚହିଁ ନ ଛେଦ ମୋର ମୁଣ୍ଡ ॥
ଦଣ୍ଡ ଯେ ଦେଲୁ ପରହସ୍ତେ । ଏଥିରେ ଯଶ ହେଲା କେତେ ॥
ମୋତେକରୁଣା ଯେବେ ତୋର । ସକଳ ଜାଣିଲି ଏଥର ॥
ନନ୍ଦ ଗଉଡ଼ ପୁଅ ହୋଇ । ନନ୍ଦଘୋଷରେ ଏବେ ବୁଲୁ ॥
ବଜୟ ଚକା ବଇଠରେ । କପାଁଇ ସ୍ୱର୍ଣ୍ଣିବୁ ଦୃଷ୍ଟିରେ ॥
ଥିଲୁ ମୋ ପ୍ରାଣବନ୍ଧୁ ବୋଲି । ତୋର ସମ୍ମୁଖୁ ଆସିଥିଲି ॥
ଏଥିକୁ ଦଣ୍ଡ ଦେଲୁ ଏତେ । ଆଜ ଜାଣିଲି ମୁହିଁ ତୋତେ ॥
ମୁଁ ଯେ ଜାଣଇ ତୋ ସକଳ । ତେଣୁ କା ହୋଇବ ଫଳ ॥
ଏବେ ମୁଁ ଗଲିଟି ବାହୁଡ଼ି । କେ ଟିକୁଁ ତୋ ରଥ ବଢ଼ଡ଼ ॥
ଯାତ୍ରା କେମନ୍ତ କରୁ ତୁହି । ତାହା ଦେଖଇ କନା ମୁହିଁ ॥

ଭଲ କେ ଶୁଣୁ ଏବେ ରଥ । ତୋ ବାପ ନନ୍ଦର ଶପଥ ॥
ଆବର କହୁଅଛୁ ଶୁଣ । ଶ୍ରୀବତ୍ସ ଭୂଷଣ ଶରଣ ॥
ମୁଁ ଯେବେ ତୋହର ସେବକ । ତୁ ଯେବେ ମୋ ପ୍ରାଣନାୟକ ॥
ଅନ୍ୟ ଶରଣ ମୋର ଥିଲେ । ତାହା ବୁଝିବୁ ବୁଦ୍ଧି ଭଲେ ॥
ଆଜର କହୁଅଛୁ ଯାହା । ଶୁଣ ସୁତନା ପ୍ରାଣଶିଆ ॥
କୋଟିଏ ବ୍ରହ୍ମାଣ୍ଡ ହୋଇବ । ଗୋଟିଏ ପ୍ରଭୁ ହୋଇଥିବ ॥
ତାର ସେବକ ହାନ ନୁହ । ସେ ପ୍ରଭୁ ଯେବେ ନ ବୁଝିବ ॥
ସେ ଲଜ୍ଜା ହେବଟି କାହାର । ତୋ ହୃଦପଦ୍ମରେ ବିଚାର ॥
ଅଧିକ କ କହିବ ମୁହିଁ । ତୁମ୍ଭେ ମୋ ଜୀବର ଗୋସାଇଁ ॥
ଯେ ଦଣ୍ଡ ଜଗତ ମୋହର । ବୋଲି ଚଳିଲେ କ୍ରୋଧଭର ॥
ପଛକୁ ଅନାଇଁ ଅନାଇଁ । ମିଳିଲ ସିନ୍ଧୁ କୂଳେ ଯାଇଁ ॥
ବାଙ୍କମୁହାଣ ବାଲିକୁହେ । ବସିଲ ମନର ବିଷାଦେ ॥
ବାଲିରେ ତିନଗୋଟି ରଥ । ନିର୍ମାଣ କରଣ ଇନତ ॥
ନୟନ ବୁଜି ଧ୍ୟାନେ ଚିନ୍ତ । ସେ ଜଗବନ୍ଧୁ ତିନମୂର୍ତ୍ତି ॥
ବୋଇଲ ଏଥେଁ ବିଜେ କର । ମୁଁ ଯେବେ ସେବକ ତୋହର ॥
ଏମନ୍ତ ବୋଲି ସ୍ତବଗ୍ଲେ । ନୟନୁ ଅଶ୍ରୁ ଧାର ଗଲେ ॥
ଅମୃତ ନଦୀ ପ୍ରାପ୍ତେ ହୋଇ । ସର୍ବାଙ୍ଗେ ଯାଉଅଛୁ ବହି ॥
ତାହା ଜାଣିଲେ ଆତ୍ମନାଥ । ଯେ ପ୍ରଭୁ ଭକତ ବତ୍ସଳ ॥
ଶରଣ ରକ୍ଷଣ ଯେ ବାନା । ନ ସହେ ସେବକ ବେଦନା ॥
ଅଶେଷ ସୁଖ ଦୂରକରି । ବାଙ୍କି ମୁହାଣେ ବିଜେକରି ॥
ଦାରୁ ରକ୍ଷିଣ ନନ୍ଦଘୋଷେ । ପ୍ରଭୁ ବିଜୟ ଭକ୍ତ ପାଶେ ॥
ସଙ୍ଗତେ ଘେନି ଭଗ୍ନୀ ଭ୍ରାତ । ବିଜୟ କଲେ ବାଲିରଥ ॥
ତା ଦେଖି ବଳରାମ ଦାସ । କେ କହୁ ମନର ହରଷ ॥
ଅକପେ ଅନାଇଣ ହେଲ । କନକ ସୁକୃତ ଲଭିଲ ॥
କେବଳ ଅଭିମାନ ଧରି । ଗର୍ବି ସେ ଅଛି ବହିକରି ॥
ତୁଚ୍ଛ ଆନନ୍ଦ ମୁଖେ ଦୁଃଖ । ତାହା ଜାଣିଲେ ପଦମୁଖ ॥

ହସି କହନ୍ତି ପୀତବାସ । ଦାସେ ନ କର ତୁମ୍ଭେ ରୋଷ ॥
ମୋର ସନ୍ତାପ ତୋର ଦେଖି । ଯାହା ମୁଁ ଅଇଲି ଉପେକ୍ଷି ॥
ଏବେ ଯେ ଆପୁଣ୍ଡ ତୋହର । ତୋ ମନେ ଯାହା ତାହା କର ॥
ପ୍ରଭୁ ଶ୍ରୀମୁଖୁଁ ଶୁଣି ଏତେ । ଦାସ ବଳିଆ ସ୍ତୁତି କେତେ ॥
ତକ୍ଷଣେ ଶିରେ କରବେଇ । ସମ୍ମୁଖେ ପାଦେ ପଡ଼ ଶୋଇ ॥
ଉଠି କପାଳେ ଦେଇ କର । ବୋଲଇ ନମୋ ଚକ୍ରଧର ॥
କମଳା ଯାର ଏକଦାସୀ । ଧାତା ଯାହାର ଆଜ୍ଞାଦାସୀ ॥
ଦେବ ଇନ୍ଦ୍ରାଦି ସୁରାସୁର । ଯକ୍ଷ ଗନ୍ଧର୍ବ ଯେ କିନ୍ନର ॥
ରବି ଚନ୍ଦ୍ରାଦି ବୈଶ୍ୱାନର । ନାଗ ନୃପତି ଚରାଚର ॥
କ୍ଷିତି ଆକାଶ ଦିଗପାଳ । ଯାହାର ଆଜ୍ଞାରେ ସକଳ ॥
ହେଉଅଛନ୍ତି ଆତଯାତ । ତୁମ୍ଭେ ଅଶେଷ ଲୋକନାଥ ॥
ସାରଦା ଯାର ଆଜ୍ଞାଦାସୀ । ଯେ ଅଷ୍ଟନିଧି ପରକାଶି ॥
ସିଦ୍ଧ ଯୋଗୀନ୍ଦ୍ର ମୁନି ଗଣେ । ଧ୍ୟାନେ ଚିନ୍ତନ୍ତି ଯା ଚରଣେ ॥
ମୋ ସ୍ତୁତି କେତେକ ମାତର । କୋଟିଏ କାଠରୁ ଅନ୍ତର ॥
ଦଇସ୍ତୁ କଲେ ମୋର ପାଇଁ । ପ୍ରଭୁପଣଙ୍କୁ ଲୁଚିଯାଇଁ ॥
ଏହା ନ ଜାଣି ମୂଢ଼ ନରେ । ସେବନ୍ତି ଅନ୍ୟ ଦେବତାରେ ॥
ଗଙ୍ଗା ତେଜିଣ ଗଙ୍ଗାକୂଳେ । କୂପ ଖୋଳନ୍ତି ତୃଷା ତୁରେ ॥
ସୁଧା ତେଜିଣ ବିଷଖାଇ । ମରିବା ସମ ସେ ଅଟଇ ॥
ଯେ ତୁମ୍ଭ ମହିମା କଣ୍ଠତ । ଜାଣି ଭଜଇ ଅବିରତ ॥
ଶରଣ ପଶେ ତୋ ଚରଣେ । ଇନ୍ଦ୍ର ପଦବୀଁ ସେ ନ ଗଣେ ॥
ତେଣୁ ବଳିଆ ଏ ସଂସାରେ । ଚିତ୍ତରେ କାହାକୁ ନ ଡରେ ॥
ଜମ୍ବୁଦ୍ୱୀପାଙ୍ଗ ଗଦାପାଣି । ଭରସା ଅଛୁ ବୋଲି ଜାଣି ॥
ମହାପାତକୀ ହୋଇଥାଇଁ । ସେ ଦୋଷ କ୍ଷମାକର ତୁହି ॥
ମୁଁ ଯେ ସର୍ବଙ୍କ ଅପରାଧୀ । ତୁମ୍ଭେ ଯେ କରୁଣାବାରିଧି ॥
ହୁଡ଼ ବୋଇଲି ଯେତେ ଆଜ । ସେ ତୁଣ୍ଡେ ପଡ଼ୁ ମୋର ବଜ୍ର ॥
ତୁମ୍ଭଙ୍କୁ ଏଡ଼େ ସାହାପକ୍ଷ । ଆଜତ ଦେଖିଲି ପ୍ରତ୍ୟକ୍ଷ ॥

ଏବେ ଯେ ନନ୍ଦଘୋଷ ରଥ । ନୀଳାଦ୍ରୀ ନଗରରେ ଯାତ ॥
ଅଶେଷ ସୁଖ ଭୋଗମାନ । ପ୍ରୌଢ଼ ଅଇଲ ଭଗବାନ ॥
ଭ୍ରାତା ଭଗିନୀ ସାଙ୍ଗ ହୋଇ । ଏଥେ କି ଭୁଞ୍ଜିବ ଗୋସାଇଁ ॥
ମୁଁ ମୂଢ଼ ମନ୍ଦକୃତ୍ୟ କଲି । ପ୍ରଭୁଙ୍କୁ ଏ କଷ୍ଟ ଦହ୍ନିଲି ॥
ତା ଶୁଣି ପ୍ରଭୁ ଭାବଗ୍ରାହୀ । ଦାସଙ୍କୁ ପାଶରେ ବସାଇ ॥
ହସି ଶ୍ରୀମୁଖେ ଆଜ୍ଞା କଲେ । ହେ ଦାସେ ଶୁଣକୁ ବୋଇଲେ ॥
ଜସ୍ତକ ମୋର ଲସ ଭେଦ । ମୂଳ ମୋ ଭକତର ଖେଦ ॥
ଅଶେଷ ସୁଖଦାୟକ ମୋର । ଭକତ କଥାମୃତ ସାର ॥
ମୋର ମହିମା ପଦେ ପଦେ । ଯେ ଶୁଣୁଥିବ ସଦା ହୃଦେ ॥
ସେ ଅଟେ ସୁଖଦାତା ମୋର । ଏଥିରେ ସଂଶୟ ନ କର ॥
ଏ କଥା ସତ୍ୟ ସତ୍ୟ ମୋର । ତୋ ମନେ ସଂଶୟ ନ କର ॥
ତା ଶୁଣି ବଳରାମ ଦାସ । ମନରେ ଲଭି ଅତି ତୋଷ ॥
ହୃଦୟ ମଧ୍ୟେ ରତ୍ନାସନେ । ପ୍ରଭୁଙ୍କୁ ବସାଇ ଆସନେ ॥
ଆପଣା ଧଇର୍ଯ୍ୟ ସ୍ତମ୍ଭରେ । ବାନ୍ଧିଲ ମନ ଘାଟଙ୍କରେ ॥
ଆନନ୍ଦ ଦାଣ୍ଡେ ରଥ ଚଢ଼ି । ଲଗାଇ କଳ୍ପନା ଦଉଡ଼ି ॥
ପ୍ରକୃତି ପିଠିଆଇ ଗଲେ । ରଥକଳଶ ଉଠାଇଲେ ॥
ସୁଗୁଣ ସାରଥିଏ ରଥେ । ଗୀତ ଗାଇଣ ରଙ୍ଗେ ନାଚେ ॥
ସାଜସବୁଛି ଦେହକରେ । ହିଂସାଦୁର୍ବୁଦ୍ଧି ଦୂର କରେ ॥
ମହତଘଣ୍ଟ ବଜାଇଲେ । ଶବଦ ଶଙ୍ଖଧ୍ୱନି କଲେ ॥
ଜାଗ୍ରତ ସୁବୁଦ୍ଧି ପହରୁ । ଯେ ରଥ କରିବାକୁ ରକ୍ଷା ॥
ପଞ୍ଚପବନ ଦ୍ୱିପ୍ରଗଣ । ସୁବୁଦ୍ଧି ପଣ୍ଡାଙ୍କୁ ଘେନିଣ ॥
ପ୍ରଭୁଙ୍କ ପୂଜାରେ ବସିଲେ । ଅଭେଦ ଭୋଗ ମନାସିଲେ ॥
ଚଉଦବ୍ରହ୍ମାଣ୍ଡର ଗତେ । ଅପୂର୍ବ ଦ୍ରବ୍ୟମାନ ଯେତେ ॥
ସ୍ମୃତିରେ ସବୁ ଠାକ କଲେ । କଳ୍ପନାମାର୍ଗ ପୂଜା କଲେ ॥
ଭୁ ହୋ ସୁମନ ନ ପଗଣ । ଚୈତନ୍ୟ ମହ୍ଲୀକ ଘେନିଣ ॥
ରକ୍ଷକୁ ଷିଣ୍ଡୁମୁନାହ୍ନାରେ । ବସନ୍ତ ପୁରୁଷ ସ୍ମୃତିରେ ॥

ନର୍ଭୟ ହୋଇ ଆଜ୍ଞାଦେଲେ । ଶତ୍ରୁକୁ ମାରରେ ବୋଇଲେ ।
କ୍ରୋଧ ତାମସ ଆଦି ଯେତେ । କୁଟିଳ କପଟ ସହିତେ ॥
ସ୍ଥଳ କୁମତି ମିଥ୍ୟା ଲୋଭ । ମଦ ମତ୍ସର ଯେ ସ୍ୱଭାବ ॥
ଦୁର୍ଗୁଣ ଦାମ୍ଭିକ ନାସ୍ତିକ । କଳ୍ପନା ଆଦି ଯେତେ ଲୋକ ॥
ମାରି ଏହାଙ୍କୁ କର ଦୂର । ନ ଥାଉ ଏ ଦେହ୍ୟ ରଥର ॥
ଏମନ୍ତ ଆଜ୍ଞା ତାଙ୍କୁ ଦେଇ । ଲଗିଲ ଶ୍ରୀମୁଖକୁ ଧ୍ୟାଇ ॥
ଆନନ୍ଦେ ବଳରାମ ଦାସ । ଗୁଢ଼ ହସାରେ ଦେହ୍ୟ ଆଶ ॥
ରାତ୍ର ଦିବସ ନ ଜାଣିଲା । କ୍ଷୁଧା ତୃଷାକୁ ନ ମଣିଲା ॥
କେବଳ ଏକଭାବ ହୋଇ । ଶ୍ରୀ ଦାରୁବ୍ରହ୍ମକୁ ଭଜଇ ॥
ଏମନ୍ତ ଭାବ ଦେଖିକରି । ସେ ଭାବେ ବନ୍ଧନ ଶ୍ରୀହରି ॥
ଏଣେ ଯେ ନନ୍ଦିଘୋଷ ରଥ । ଜଗା ପିଠିଆ ଅପ୍ରମିତ ॥
ବଇଡ଼ ଧରଣ ଓଟାରି । ବଳ ପ୍ରାକ୍ରମେ ଗଲେ ହାରି ॥
ରଥ ଚକ୍ର ନ ଚଳିଲେ । ସମସ୍ତେ ଦେଖିଣ ଭାଳିଲେ ॥
କି ବୁଦ୍ଧି କରିବା ଏଥିର । କପାଁ ନ ଚଳେ ରଥବର ॥
ଏମନ୍ତ ଦେଖିଣ ସମସ୍ତେ । କହିଲେ ନୃପତି ଅଗ୍ରତେ ॥
ଭିତରେ ଜଗର ଯେ ଯାଇ । ରାଜ୍ୟ ସକଳ ଜନ ରାଇ ॥
ଯୁବା ବାଳକ ବୃଦ୍ଧ ନାରୀ । ବ୍ରହ୍ମ କ୍ଷତ୍ରିୟ ଆଦି କରି ॥
ଯେ ପାତ୍ର ମନ୍ତ୍ରୀ ଅମାତ୍ୟେ । ସାଧୁତ ସାମନ୍ତ ସହିତେ ॥
ସକଳ ଲୋକଙ୍କର ହାତେ । ରଥେ ଝିଙ୍କାଇ ନାନାମତେ ॥
କଷ୍ଟେତ ଟାଣି ନ ପାରିଲେ । ଆପଣେ ନୃପତି ଭାଳିଲେ ॥
କବା ଅଭାଗ୍ୟ ହେଲା ମୋର । ତେଣୁ ନ ଚଳେ ରଥବର ॥
ଆଣରେ ମତ୍ତଗଜ ଯେତେ । ନୃପତି ଆଜ୍ଞାରେ ସମସ୍ତେ ॥
ଆଣିଲେ ଶତେ ମତ୍ତଗଜ । କରିଣ ନାନା ମତେ ସଜ ॥
ବେଗେଣ ରଥରେ ଯୋଚିଲେ । ମାହୁନ୍ତେ ଅଙ୍କୁଶ ଟିପିଲେ ॥
ଏଣେ ପ୍ରତାପରୁଦ୍ର ରାଜା । କରାଇ ନାନାମତେ ପୂଜା ॥
କଟି ବସନ ଆଣ୍ଟେ ଭିଡ଼ି । ଆପଣେ ଧରିଲେ ବଇଡ଼ି ॥

ତାହା ଦେଖିଣ ଯେତେ ଲୋକ । ସମସ୍ତେ ହୋଇଣ ଉତ୍ସୁକ ॥
ଧଇଲେ ନନ୍ଦଘୋଷ ବେଢ଼ି । ଗୁଡ଼କୁ ଯେସନେ ପିମ୍ପୁଡ଼ି ॥
ଆନନ୍ଦେ ଦେଲେ ହୁଳହୁଳି । ବଜାଇ କରେ କରତାଳି ॥
ଅନେକ ହରିବୋଲ ଘଣ୍ଟ । ହସ୍ତରେ ଧଇଲେ ବଳିଷ୍ଠ ॥
ଝିଙ୍କିଲେ ଯେ ଯାହାର ମତେ । ରଥ ନ ଚଳେ କଦାଚତେ ॥
ଗଜ ମନୁଷ୍ୟ ଶ୍ରମପାଇ । ବସିଲେ ଯେ ଯାହାରେ ଯାଇ ॥
ତାହା ଦେଖିଣ ନୃପବର । ବିସ୍ମର କଲ ତା ମନର ॥
ପ୍ରଭୁ ପବାରଜନଗତ । ଅପ୍ରାଧ ଅର୍ଜିଲି ବହୁତ ॥
ତେଣୁ ନ ଚଳେ ନନ୍ଦଘୋଷ । ବୁଝିବା ଏଥିର ସନ୍ଦେଶ ॥
ଏମନ୍ତ ବୋଲି କୁଶାସନେ । ଶୋଇଲେ ରାଜା ଦୁଃଖମନେ ॥
ପ୍ରଭୁ ଚରଣେ ମନ ଦେଇ । ସଂଶୟ ଜାଣିବାର ପାଇଁ ॥
ତାହା ଜାଣିଲେ ତତକ୍ଷଣ । ସେ ଅନ୍ତର୍ଯାମୀ ନାରାୟଣ । ॥
ରାଜାକୁ କହିଲେ ସ୍ୱପନେ । ତୁ କମ୍ପା ଚିନ୍ତା କରୁ ମନେ ॥
ଏବେ ମୁଁ କହୁଅଛି ତୋତେ । ହେ [illegible] ଶୁଣ ଶୁଦ୍ଧଚିତ୍ତେ ॥
ମୋର ଭକତ ଯେଉଁଜନ । ମୋହର ନାମ କରେ ଗାନ ॥
ସେ କେବେ ଅଶୁଚି ନୁହଇ । ସର୍ବଦା ଶୁଚିମନ୍ତ ଦେହି ॥
ଏଣୁ ମୋ ବଳରାମ ଦାସ । ମନରେ ହୋଇଣ ହରଷ ॥
ସମ୍ମୁକୁ ଅଇଲ ମୋହର । ମାରି ତାହାକୁ କଲେ ଦୂର ॥
ତେଣୁ ଭକତ ଅଭିମାନେ । ଗଲ ଅତ୍ୟନ୍ତ ଦୁଃଖମନେ ॥
ବସିଲ ଚନ୍ଦନତୀର୍ଥେ ଯାଇ । ଚିନ୍ତି ମୋ ପାଦପଦ୍ମ ଧ୍ୟାୟି ॥
ତାହା ଜାଣିଣ ଆମ୍ଭେ ଗଲୁଁ । ଭକତ ପାରୁଶେ ମିଳିଲୁ ॥
ସେ ଯେତେ ସୁଖ ମୋତେ ଦେଲା । ଯେଉଁ ପ୍ରକାରେ ଯାହା କଲା ॥
ଇନ୍ଦ୍ରାଦି ଦେବଙ୍କୁ ଦୁର୍ଲ୍ଲଭ । ତୁ କାହିଁ ଜାଣିବୁ ତା ଭାବ ॥
ତେଣୁଟି ଅଛୁ ସେହି ସ୍ଥାନେ । ଏ ରଥ ଚଳିବ କେସନେ ॥
ଭକତ ଭାବେ ବାନ୍ଧିଅଛି । ଆମ୍ଭେ ତା ନ ପାରୁ ମୁକୁଛି ॥
ଭକତ ମୋହର ଶରୀର । ମୁହିଁ ତାହାର ପ୍ରାଣେଶ୍ୱର ॥

ଭକତ ମୋର ଭିନ୍ନ ଭିନ୍ନ । କେତେକେହେଁ ନୁହେଁ ହେ ରାଜନ ॥
ଭକତ ରକ୍ଷଣ ନିମନ୍ତେ । ଚକ୍ର ମୁଁ ଧରିଅଛି ହସ୍ତେ ॥
ଭକତ ଦୁଃଖ ସୁଖ ଯେତେ । ମୁଁ ସିନା ଭୁଞ୍ଜୁଥାଇ ନିତ୍ୟେ ॥
ଏ ଆଜ୍ଞା ସତ୍ୟ ଅଟେ ମୋର । ହେ ରାଜା ସଂଶୟ ନକର ॥
ଯେବେ ତୁ ନନ୍ଦିଘୋଷ ରଥେ । ଯାତ୍ରା କରିବୁ ଘେନି ମୋତେ ॥
ତେବେ ତୁ ଏମନ୍ତ କରିବୁ । ସେବକ ଯାକ ଡକାଇବୁ ॥
ମୋର ଭକ୍ତଙ୍କୁ ଅଜ୍ଞାରଣେ । ବସ୍ତ୍ର ବନ୍ଧୁଲେ ଯେତିମାନେ ॥
ତାହାଙ୍କୁ ଯୋଡ଼ ଯୋଡ଼ କରି । ବନ୍ଧାଇଥିବୁ ବସ୍ତ୍ରଧାରୀ ॥
ଗଳାରେ ଜାଲଫାଶ ଭରି । ହସ୍ତେ ତିରଣ ଥିବେ ଧରି ॥
ପଛରେ ଗଳାଧକ୍କା ଦେଇ । ଘେନାଇ ଯିବୁ ନରସାଇଁ ॥
ମୋ ଭୃତ୍ୟେ ସମ୍ମୁଖରେ ଭେଟିବେ । ସମସ୍ତେ ଚରଣେ ଲୋଟିବେ ॥
ତୁ ଯେ ଆପଣେ ନ ପାରିଣ । ଦାସଙ୍କୁ କୋଳେ ବସାଇଣ ॥
ଅନେକ ଗଉରବ କରି । ଘେନ ଆସିବୁ ବସ୍ତ୍ରଧାରୀ ॥
ବସାଇ ନନ୍ଦିଘୋଷ ରଥେ । ବାନ୍ଧିବୁ ପାଟଶାଢ଼ୀ ମାଥେ ॥
ବୋଲିବୁ ଯାତ୍ରା ବେଗେକରି । ତେବେ ଚଳିବ ଉତ୍ସବରି ॥
ନୋହିଲେ ନ ଚଳିବ ରଥ । ହେ ରାଜା କହିଲିଟି ସତ ॥
ମୁହିଁ ଛାଡ଼ିଲି ନୀଳାଚଳ । ଭକତ ଗ୍ରାମ ମୋର ମୂଳ ॥
ଭକତ ଯିବ ମୋର ଯେଣେ । ମୁହିଁ ନିଶ୍ଚୟେ ଯିବି ତେଣେ ॥
ଏ କଥା ସତ୍ୟ ମହୀପାଳ । କହି ଚଳିଲେ ଆଦିମୂଳ ॥
ରାଜା ଏମନ୍ତ ଅଜ୍ଞା ପାଇ । ଉଠିଲା ଅତି ବେଗ ହୋଇ ॥
ସେବକମାନଙ୍କୁ ରାଇଣ । ବୋଲେ ବୋରେଇଦା ଯେତେ ଜନ ॥
ବନ୍ଧାଇ ଯୋଡ଼ ଯୋଡ଼ କରି । ଗଳ ରେ ଜାଲଫାଶ ଭରି ॥
ହସ୍ତେ ତିରଣ ଧରାଇଲେ । ପଛେ ହାବୁଡ଼ା ଡାକ ଦେଲେ ॥
ଘେନାଇଗଲେ ଖରେ ଜନେ । ମିଳିଲେ ଭକ୍ତ ସନ୍ନିଧାନେ ॥
ସମସ୍ତେ ସମ୍ମୁଖରେ ଭେଟିଲେ । ତକ୍ଷଣେ ଚରଣେ ଲୋଟିଲେ ॥
ଉଠି କପାଳେ ଦେଲେ କର । ବୋଇଲେ ଦେବ ବିଜେକର ॥

ଯେତେ ଅପ୍ରାଧ ଆମ୍ଭେ କଲୁ । ତହିଁର ଶାସ୍ତି ତ ପାଇଲୁ ॥
ଏବେ ତୁ ଦୋଷ କର କ୍ଷମା । ଧନ୍ୟ ତୋ ଭକତି ମହିମା ॥
ଏମନ୍ତ ବୋଲିଣ ରାଜନ । କହିଲେ ମଧୁର ବଚନ ॥
ଦାସଙ୍କୁ କୋଳେ ବସାଇଲେ । ଅନେକ ଗଉରବ କଲେ ॥
ଧନ ବସନ ତାଙ୍କୁ ଦେଇ । ଦାହଙ୍କୁ ଅଶ୍ୱରେ ବସାଇ ॥
ଘେନାଇ ଗଲେ ନୃପଗଣ । ଅନେକ ଉତ୍ସବ କରଣ ॥
ପ୍ରବେଶ ହେଲେ କ୍ଷେତ୍ରବରେ । ଶ୍ରୀ ନନ୍ଦିଘୋଷ ପାରୁଶରେ ॥
ଦାସଙ୍କୁ ଘେନି ନରନାଥେ । ଶୀଘ୍ର ନନ୍ଦିଘୋଷ ରଥେ ॥
ପ୍ରଭୁଙ୍କ ସମ୍ମୁଖରେ ବସାଇ । ପାଟ ବାନ୍ଧିଲେ ନରସାଇଁ ॥
ବୋଇଲେ କର ଏବେ ଯାଚ । ଏ ସର୍ବ ଭୂମିର ଆୟୁଷ ॥
ତା ଶୁଣି ବଳରାମ ଦାସ । ମନରେ ହୋଇଣ ହରଷ ॥
ବୋଇଲେ ନମୋ ମହାବାହୁ । ଭକତ ବତ୍ସଳ ବୋଲାଉ ॥
ନାମ କରୁଣା ମନ୍ଦାମେରୁ । କାହିଁକେ ଦୁବ କରୁ ବାରୁ ॥
ଏବେ ମୁଁ କହୁଅଛି ତୋତେ । ହେ ପ୍ରଭୁ ବଜେ କର ରଥେ ॥
ଲକ୍ଷତେ ରଥ ଚଳାଯାଉ । ପ୍ରଭୁ ମହିମା ରହିଥାଉ ॥
ଏମନ୍ତ ବୋଲି କର ଯୋଡ଼ି । ବୋଇଲା ହିଁକ ହୋ ବଉଡ଼ି ॥
ତା ଶୁଣି ପିଠିଆଏ ଗଲେ । ରଥ ବଉଡ଼ି ଉଠାଇଲେ ॥
ସମସ୍ତେ ଜୟ ଜୟ କଲେ । ଅଶେଷ ବାଦ୍ୟ ବଜାଇଲେ ॥
ସେବକ ଘଣ୍ଟ ବଜାଇଲେ । କାମିନୀ ହୁଳହୁଳି ଦେଲେ ॥
ତାହା ଦେଖିଣ ପ୍ରଭୁ ମନେ । ପ୍ରସନ୍ନ ହେଲେ ନରବଣେ ॥
ରଖିଣ ଭକତ ମହତ । ଚଳିଲା ନନ୍ଦିଘୋଷ ରଥ ॥
ପଛକୁ ରହିଲା ବଉଡ଼ି । ପକ୍ଷୀ ଯେସନେ ଶୂନ୍ୟେ ଉଡ଼ି ॥
ତେସନେ ପ୍ରଭୁ ଦେବରାଜ । ସଙ୍ଗେ ଚଳିଲେ ତାଳଧ୍ୱଜ ॥
ପଲକ ମାତ୍ରେ ରଥବର । ପ୍ରବେଶ ଗୁଣ୍ଡିଚା ନଗର ॥
ତାହା ଦେଖିଣ ସର୍ବଜନ । ଆଦର ସେ ମହାରାଜନ ॥
ଭ୍ରୂଭଙ୍ଗରେ ବେଢ଼ି ବସି । ଦାସଙ୍କୁ ଅନେକ ପ୍ରଶଂସି ॥

ବୋଇଲେ ଧନ୍ୟ ତୋ ଜୀବନ । କଣ ତୁ କଲୁ ନାରାୟଣ ॥
ଧନ୍ୟ ଏ ପ୍ରଭୁଙ୍କ ମହିମା । ରଖିଲେ ଭକତ ଗାରିମା ॥
ଏଣୁ ଏ ବ୍ରହ୍ମାଣ୍ଡ ମଧ୍ୟେଣ । ହରି ଭକତ ବଡ଼ ଜାଣ ॥
ଯେ ସାଧୁଜନଙ୍କୁ ଭଜଇ । ସେ ନିଶ୍ଚେ ହରିଙ୍କ ଲଭଇ ॥
ଯେବା ସାଧୁରେ ଦ୍ରୋହ କରି । ସେ ନିଶ୍ଚେ ଶ୍ରୀହରି ବଇରି ॥
ଏମନ୍ତ ବୋଲି ଯେତ୍ନମତେ । ଗଲେ ସେ ଭାବ ଚିନ୍ତ ଚିତ୍ତେ ॥
ପ୍ରଭୁଙ୍କୁ ବନ୍ଦେ କରାଇଲେ । ସେବାରେ ସେବକ ଲାଗିଲେ ॥
ଶୁଣ ସୁମନ ଏହୁ ରସ । ସାଧୁଙ୍କ ମହିମା ଅଶେଷ ॥
ଭକତେ ପ୍ରଭୁ ବସ୍ୟା ଯେଡ଼େ । ବ୍ରହ୍ମା ଇନ୍ଦ୍ରେ ନାହିଁ ତେଡ଼େ ॥
କହଇ ବିପ୍ର ରାମ ଦାସ । ମୋ ପ୍ରଭୁ କମଳା ବିଳାସ ॥
ସାଧୁଜନଙ୍କ ପାଦତଳେ । ମୋ ଚିତ୍ତ ରହୁ ଅନୁବ୍ରତେ ॥
ଏ ଦାର୍ଢ୍ୟଭକ୍ତି ରସବାଣୀ । ଶୁଣି ସଂସାରୁ ତର ପ୍ରାଣୀ ॥
ଏ ମନ ଚୈତନ୍ୟ ସମ୍ବାଦ । ଶୁଣନ୍ତେ ନ ଲାଗେ ପ୍ରମାଦ ॥
ଏଣୁ ଅଧମ ରାମ ଦାସ । ତୋ ପାଦେ ରହୁ ମୋର ଆଶ ॥
ନଇତେ ଏହି ଆଜ୍ଞା ଦେଉ । ଏ ଭାବ ମନରୁ ନ ଯାଉ ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତିରସାମୃତେ ମନ ଚୈତନ୍ୟ ସମ୍ବାଦେ
ବଳରାମ ଦାସ ଦାର୍ଢ୍ୟଭାବ ମୋହନେ
ନାମ ଚତୁର୍ଦ୍ଦଶୋଽଧ୍ୟାୟ ।

—*—

## ପଞ୍ଚଦଶ ଅଧ୍ୟାୟ
## ଜଗନ୍ନାଥ ଦାସ ସମ୍ବାଦ
### ଚୈତନ୍ୟ ଉବାଚ

ଶୁଣି ଚୈତନ୍ୟ ଅନ୍ତତୋଷେ । କହଇ ମନ ରାଜ ପାଶେ ॥
ଶୁଣ ସୁଜନେ ଶୁଦ୍ଧଚିତ୍ତେ । ତୁ ଯାହା ପଚାରିଲୁ ମୋତେ ॥
ଏ ବଡ଼ ଆଚମ୍ବିତ କଥା । ଶୁଣି ଗୁଚିବ ଭବବ୍ୟଥା ॥
ଯେ କ୍ଷେତ୍ରମାନଙ୍କ ଉତ୍ତମ । ନାମ ତା ଶ୍ରୀପୁରୁଷୋତ୍ତମ ॥

ସେ ପୁଣ୍ୟକ୍ଷେତ୍ରରେ ନିବାସ । ନାମ ତା ଜଗନ୍ନାଥ ଦାସ ।
ଜାତିରେ ଅଟଇ ବ୍ରାହ୍ମଣ । ସୁଜ୍ଞାନୀ ପଣ୍ଡିତ ସୁଜାଣ ।
ଚତୁର ବିବେକ ତା ମତି । ଶାନ୍ତସ୍ୱଭାବ ଧୀରମତି ।
ଧାର୍ମିକବୁଦ୍ଧି ସଦାମୟ । ସ୍ୱଭାବେ ସଦାନନ୍ଦମୟ ।
ସକଳ ଶାସ୍ତ୍ରରେ ସୁଜ୍ଞାତା । ଜାଣଇ ପାପପୁଣ୍ୟ କଥା ।
ଏ ଘୋର ସଂସାରକୁ ଡରି । ନିରତେ ମନରେ ବିଚାରି ॥
କେମନ୍ତେ ହେବି ଏଥୁଁ ପାର । ଏ ତ ଅପାର ପାରାବାର ।
ଏଥୁ ଉଦ୍ଧାର ହେବାପାଇଁ । ରକ୍ଷକ ବିନୁ ଅନ୍ୟ ନାହିଁ ।
ଏମନ୍ତ ବୋଲି ପ୍ରତିଦିନ । ହରିଚରଣେ କରୁ ଧ୍ୟାନ ।
ଏମନ୍ତେ କେତେଦିନ ଗଲା । ବିବେକ ଏମନ୍ତ ହୋଇଲା ।
ଶୟନ ସମୟରେ ଦାସେ । ମନ ନିବେଶି ପ୍ରଭୁ ପାଶେ ।
ବୋଇଲେ କୃପା ମୋତେ କର । ଦେଖାଅ ମହିମା ତୁମ୍ଭର ।
ମୋ ଜୀବ ଉଦ୍ଧାର ନିମନ୍ତେ । କି ଆଜ୍ଞା ଦେଉ ପ୍ରଭୁ ମୋତେ ।
ତୁମ୍ଭେ ବୋଲାଅ ଦୀନବନ୍ଧୁ । ନାମ କରୁଣାମୟ ସିନ୍ଧୁ ।
ସୁଦୟା ନୋହିଲେ ତୁମ୍ଭର । କେମନ୍ତେ ଭବୁଁ ହେବି ପାର ।
ଏଣୁ ତୁ ଯାହା କହେ କର । ଆଶ୍ରୟ ନାହିଁଟି ମୋହର ।
ଏମନ୍ତ ବୋଲି ନିଦ୍ରାଗତେ । ହରିଙ୍କ ଚିନ୍ତା କରି ଚିତ୍ତେ ।
ତାହା ଜାଣିଲେ ନାରାୟଣ । ଯେ ପ୍ରଭୁ ଜଗତ କାରଣ ।
ଶରଣଜନ ଚିନ୍ତାମଣି । ଶଙ୍ଖ ରଥାଙ୍ଗ ଗଦାପାଣି ।
ସ୍ମିତ ଅଧରେ ମନ୍ଦହାସେ । ବିଜୟ କଲେ ଭକ୍ତପାଶେ ।
ଶ୍ରୀମୁଖେ ଆଜ୍ଞାଦେଲେ ହରି । ଶୁଣ ହେ ଦାସେ ହେତୁ କରି ।
ତୁ ଯାହା ଚିନ୍ତୁଥାଉ ମନ । ତାହା ତ କହୁଅଛୁ ଶୁଣ ।
ତୋ ଜୀବ ଉଦ୍ଧାର ନିମନ୍ତେ । ଉପାୟ ମୁଁ ଦେଉଅଛୁ ତୋତେ ।
ସକଳ ଶାସ୍ତ୍ର ମଧ୍ୟେ ସାର । ଓଁକାର ବ୍ରହ୍ମ ଏକ ଅକ୍ଷର ।
ଆମ୍ଭେ ଶ୍ରୀମୁଖେ ଆଜ୍ଞାଦେଲୁ । ଶ୍ରୀଭାଗବତ ନାମ ଦେଲୁ ।
ସେ ମହାବୀଜ ଦ୍ୱିଅକ୍ଷର । କହିଲ ଅନନ୍ତ ଆଗର ।

ସେ ମହାଭାଗ ଚତୁର୍ଦ୍ଦଶେ । କହିଲେ ବ୍ରହ୍ମାଙ୍କର ପାଶେ ॥
ବିଧାତା ହୃଦେ ଜପକଲେ । ପୁଣି ତା ଚତୁର ଶ୍ଳୋକରେ ॥
ବିସ୍ତାର କଲେ ଜବ ପଣେ । କହିଲେ ନରନାରାୟଣେ ॥
ସେ ନର ନାରାୟଣ ଋଷି । ହୃଦପଦ୍ମରେ ତାହା ଘୋଷି ॥
ଦଶମ ଶ୍ଳୋକରେ ଭଣିଲେ । ନାରଦମୁନିଙ୍କୁ କହିଲେ ॥
ନାରଦ ଶତେ ଶ୍ଳୋକ କଲେ । ବ୍ୟାସଙ୍କ ଆଗରେ କହିଲେ ॥
ସେ ବ୍ୟାସ ମହାଯତ୍ନ ଭଲେ । ଅଠରସସ୍ର ଶ୍ଳୋକ କଲେ ॥
କହିଲେ ଶୁକଦେବ ପାଶେ । ସେ ମୁନି ଶୁଣି ଅତି ତୋଷେ ॥
ଅଶେଷ ମୁନିଙ୍କର କୁଳେ । ପରୀକ୍ଷ ସଭାଙ୍କୁ କହିଲେ ॥
ଶୁଣି ପରୀକ୍ଷ ମହାରାଣ । ପାଇଲେ ପରମ କାରଣ ॥
ସେ ମହାପୁରାଣ ଚରିତ । ପ୍ରାକୃତ ବନ୍ଧେ କରେ ଗୀତ ॥
ତୁ ନିଶ୍ଚେ ପବିତ୍ର ହୋଇବୁ । ଅଶେଷ ପ୍ରାଣୀଙ୍କ ତାରିବୁ ॥
ଶ୍ରୀଭାଗବତ ଶୁଣି କର୍ଣ୍ଣେ । ପବିତ୍ର ହେବେ ପ୍ରାଣୀମାନେ ॥
କର ତୁ ଏହି ଅନୁକୂଳ । ଭଲ ତୁ ପରମ ମଙ୍ଗଳ ॥
ଏମନ୍ତେ ଦାସେ ଆଜ୍ଞା ପାଇ । ସ୍ୱପନେ ପ୍ରଭୁଙ୍କୁ ଜଣାଇ ॥
ଏ ଗ୍ରନ୍ଥ ନଗମୁଁ ବାହାର । ମୁନିମାନଙ୍କୁ ଅଗୋଚର ॥
ଫେଡ଼ ଏ କଥା ଆଜ୍ଞା ହେଉ । ପୁଣି ବୋଲନ୍ତି ମହାବାହୁ ॥
ଭୟ ନ କର ତୁମ୍ଭେ କିଛି । ଗୀତାରୁ କର ମୂର୍ତ୍ତି ଅଛି ॥
ତୋ ହୃଦପଦ୍ମେ ବସିଥାଇ । ମୁଁ ଯାହା ଦେଉଥିବି କହି ॥
ତାହା ତୁ ପତ୍ର ଘେନ ଲେଖ । କହି ଚଳିଲେ ପଦ୍ମମୁଖ ॥
ଏମନ୍ତ ସମୟରେ ଶୁଣ । ନିଦ୍ରା ଭାଜିଲା ତତକ୍ଷଣ ॥
ଦାସେ ଉଠିଲେ ଚେତାପାଇ । ପାଶେ ଦେଖିଲେ କେହି ନାହିଁ ॥
ବୋଇଲେ ପ୍ରଭୁ ଅଙ୍ଗୀକାର । କେବେ ମୋ ଜୀବନ ଉଦ୍ଧାର ॥
ଏମନ୍ତ ବୋଲି ଶୁଦ୍ଧଚିତ୍ତେ । ଲେଖନ ପତ୍ର ଧରି ହସ୍ତେ ॥
ଚିତ୍ତ ନିବେଶି ପ୍ରଭୁ ପାଶେ । ଲେଖିଲେ ମନର ହରଷେ ॥
ଏମନ୍ତେ ଅଷ୍ଟମ ପୁରାଣ । ଯେ ଅଟେ କଠିନୁଁ କଠିନ ॥

ପ୍ରାକୃତବନ୍ଧେ କଲେ ଗୀତ । ଯେ ପୁଣ୍ୟମସ୍ତ ଭାଗବତ ॥
ପ୍ରାଣୀଙ୍କ ଚିତ୍ତ କରି ସ୍ନେହ । କାଢ଼ିଲେ ମୂଳନ୍ତ ପସର ॥
ସୁନ୍ଦର ମଧୁର କୋମଳ । ସାଧୁଙ୍କ ଶ୍ରବଣ ମଙ୍ଗଳ ॥
ପ୍ରାଣୀ କଲ୍ମଷ ନାଶିବାରେ । ଗାୟନ କଲେ ସର୍ବଠାରେ ॥
ତାହା ଶୁଣିଣ ପ୍ରାଣୀମାନେ । ଅତି ଆନନ୍ଦ ହୋଇ ମନେ ॥
ସ୍ତ୍ରୀ ପୁରୁଷ ବାଳ ବୃଦ୍ଧା । ସମସ୍ତେ ଶୁଣିବାରେ ଶ୍ରଦ୍ଧା ॥
ଯମପୁରରେ ଯେତେ ନାଗ । ଦାସଙ୍କୁ ଆଣିଲେ ହକାର ॥
ବସନ୍ତ ମଣ୍ଡଳ ଆକାରେ । ଦାସଙ୍କୁ ବସାଇ ମଧ୍ୟରେ ॥
ବୋଲନ୍ତି ସମସ୍ତ ଅବଳା । କହ ଶ୍ରୀକୃଷ୍ଣ ବାଳଲୀଳା ॥
ଶୁଣି ପବିତ୍ର ହେଉ ଆମ୍ଭେ । ବହନ କହ କଳା ତୁମ୍ଭେ ॥
ତା ଶୁଣି ଜଗନ୍ନାଥ ଦାସ— । ଗାୟନ କରନ୍ତି ଅଭ୍ୟାସ ॥
ଶ୍ରୀକୃଷ୍ଣ ଗୋପୀଙ୍କର ଭାବ । ଯେ ବ୍ରହ୍ମା ଶିବଙ୍କୁ ଦୁର୍ଲ୍ଲଭ ॥
କେ କହିପାରେ ତହିଁ ସ୍ୱାଦ । ବଶପ୍ରାକଶକୁ ଯେ ଗବ ॥
ପଦ ପଦକେ ସୁଧାଝରେ । ଅଶେଷ ଜନ୍ମ ପାପ ହରେ ॥
ତାହା ଶୁଣିଣ ନାରୀବୃନ୍ଦ । ଲଭନ୍ତି ପରମ ଆନନ୍ଦ ॥
ଅନେକ ଧନ ବସ୍ତ୍ର ଦେଇ । ସମସ୍ତେ କହନ୍ତି ବିନୟୀ ॥
ପ୍ରତିଦିନରେ ଆମ୍ଭ ପୁରେ । ବିଜୟ କରୁଥିବ ଥରେ ॥
ପବିତ୍ର କରି ଗାଉଥିବ । କହ ଶ୍ରୀକୃଷ୍ଣ ଲୀଳା ଭାବ ॥
ତା ଶୁଣି ଦାସେ ଶ୍ରଦ୍ଧାମନେ । ଚଳନ୍ତି ଆପଣା ଭୁବନେ ॥
ପ୍ରତିଦିନରେ ଏହି ମତେ । ଗାୟନ କରୁଥାନ୍ତି ନିତ୍ୟେ ॥
ତାହା ଦେଖିଣ ଖଳଜନେ । ସହି ନ ପାରି ଥାନ୍ତି ମନେ ॥
ଏଣୁ ତାହାଙ୍କ ଦୁଷ୍ଟମତି । ସାଧୁଙ୍କ ସଙ୍ଗେ ବୁଲୁଥାନ୍ତି ॥
କାକବୃନ୍ଦାନ ଯେଉଁପରି । ଉତ୍ତମ ଦ୍ରବ୍ୟ ଭ୍ରଷ୍ଟ କରି ॥
ଶ୍ୱାନବୃନ୍ଦାନ ଯେସନ୍ତେ ଦାନ୍ତେ । ଧାଇଁଣ ଯାଉଥାନ୍ତି ବୃନ୍ତେ ॥
ଦେଖିଲେ ତୁଳସୀ ବୃକ୍ଷରେ । ଚରଣ ଟେକି ମୂତ୍ର କରେ ॥
ମୂଷିକ ଯେସନ୍ତେ ଦ୍ରବ୍ୟ ରସ । ଦାନ୍ତେ କାଟିଣ କରେ ନାଶ ॥

କଣ୍ଟକେ ନଜରେ ଆହାର । ନାଶିବ କଥା ମୂଳ ତାର ॥
ସେହି ପ୍ରକାରେ ମୂଢ଼ନରେ । ଦୋଷ ଦିଅନ୍ତି ସାଧୁଠାରେ ॥
ଏଣୁଟି ନ ପାଇଲେ ସନ୍ଧି । ସେ ରାଜ୍ୟ ରାଜା ଆଗେ କନ୍ଧି ॥
ବୋଲନ୍ତି ଶୁଣ ନୃପସ୍ୱଣ । ତୋ ପୁଣ୍ୟକ୍ଷେତ୍ରର ପ୍ରଧାନ ॥
ବ୍ରାହ୍ମଣ ଜଗନ୍ନାଥ ଦାସ । ଅନେକ ସ୍ତ୍ରି ସୀ କଲ୍ଲ ନାଶ ॥
ଗୁପା ତିଳକ ମାଳ ଭରି । କପଟେ ହୋଇ ବ୍ରହ୍ମର୍ଷି ॥
କାଖରେ ପୁସ୍ତକ ଗୋଟିଏ । ଧରି ବୁଲଇ ସର୍ବଦାଏ ॥
ଯେତଣେ ଦେଖଇ ନାରୀବୃନ୍ଦ । କେ କହୁ ତାହାର ଆନନ୍ଦ ॥
ତର୍କ ବର୍ଣ୍ଣିଣ କରେ ଗୀତ । ହଲାଇ ମୁଣ୍ଡ ତାର ହସ୍ତ ॥
ଅର୍ଥ କହଇ ନାନାମତେ । ସ୍ତିରୀଙ୍କ ମୋହିବା ନିମନ୍ତେ ॥
ତାହା ଶୁଣନ୍ତି ଯେତେ ନାରୀ । କେ ପାରୁ ତା ଠାରେ ଉତ୍ତରି ॥
ତାକୁ କରନ୍ତି ଯେତେ ସେବା । ପତିଙ୍କି ନ କରିବେ ଏବା ॥
ଏକଥା ବୁଝି ନୃପଶଶୀ । ସତ କି ମିଛ ଦୂତ ପେଶି ॥
ଶୁଣି ନୃପତି କୋପ ଭରେ । ବୋଇଲେ ଯାଅ ଧାଡ଼ିକାରେ ॥
ଦାସଙ୍କୁ ବେଗେ ଘେନିଆସ । ବୁଝିବା ଏଥିର ସନ୍ଦେଶ ॥
ଆଜ୍ଞା ପ୍ରମାଣେ ଦୂତେ ଗଲେ । ଦାସଙ୍କୁ ଘେନିଣ ଆଇଲେ ॥
ସମୁରେ ଉଭା କଲେ ନେଇ । ଦେଖି ପୁଚ୍ଛିଲେ ନୃପସାଇଁ ॥
କୋପେ ବୋଇଲେ ଦାସେ ଶୁଣ । ଏ କି ତୁମ୍ଭର ବିଡ଼ମ୍ବଣ ॥
ପ୍ରଡ଼ଣ ପୁରୁଷ ସଙ୍ଗତ । ସ୍ତିରୀ ମଧ୍ୟରେ ଗାଅ ଗୀତ ॥
ନିଶି ଦିବସ ସବୁବେଳେ । କେବଳ ଥାଅ ନାରୀମେଳେ ॥
ଏ କି ତୁମ୍ଭର ବ୍ୟପାର । କହ ହେ ଏଥିର ଚରିତ ॥
ତା ଶୁଣି ଜଗନ୍ନାଥ ଦାସ । ଚିତ୍ତେ ଚିନ୍ତିଲେ ପୀତବାସ ॥
ବୋଇଲେ ଶୁଣ ଦଣ୍ଡଧାରୀ । ଖଳ ବଚନ ଶୁଣିକରି ॥
ସାଧୁଙ୍କୁ କଷଣ ଦେବାର । ଏ ଧର୍ମ ନୁହଇ ତୁମ୍ଭର ॥
ତୁମ୍ଭର ଭାବ ଅଛି ଯାହା । ଶୁଣ କହୁଛି ନରନାହା ॥
ବ୍ରହ୍ମ କ୍ଷତ୍ରିୟ ବୈଶ୍ୟଜାତି । ଅପରେ ଯେତେକ ଜନ ଛନ୍ତି ॥

ସ୍ତ୍ରୀ ପୁରୁଷ ବାଳ ବୃଦ୍ଧା । ଯେ ଅବା ଶୁଣି କରେ ଶ୍ରଦ୍ଧା ॥
ବସିବୁ ତାର ପାଶେ ଯାଇଁ । ଏଥି ସଂଶୟ କିଛି ନାହିଁ ॥
ସ୍ୱରୂପ ଶୁଣ ଦଣ୍ଡଧାରୀ । ଆମ୍ଭେତ ଅଟୁ ବ୍ରହ୍ମଚାରୀ ॥
ପୁରୁଷେ ପୁରୁଷ ବୋଲାଉ । ସ୍ତ୍ରୀଙ୍କ ସଙ୍ଗେ ସ୍ତ୍ରୀୟ ହେଉଁ ॥
ଏଣୁଟି ଶ୍ରୀହରି କୃପାଏ । ଚକ୍ଷେ କାହାକୁ ନାହିଁ ଭୟେ ॥
ତାହା ଶୁଣିଣ ନୃପବର । କ୍ରୋଧରେ କମ୍ପାଇ ଶରୀର ॥
ଦନ୍ତେ ଅଧର ଚାପି ବେଗେ । ବୋଇଲେ ଶୁଣ ଆହେ ବାସେ ॥
ଏହାତ କହିଲ ବଚନେ । କେମନ୍ତେ ଯିବା ପ୍ରତେ ମନେ ॥
ସ୍ୱରୂପ ଯେବେ ଏ ନଗର । ଦେଖାଅ ନାରୀ ରୂପ ତୋର ॥
ନୋହିଲେ ଦଣ୍ଡକୁ କାରଣ । ଅବଶ୍ୟ ହେବୁ ବିପ୍ର ଶୁଣ ॥
ଏମନ୍ତ ବୋଲି ନୃପବର । ରଖାଇ ଦେଲେ ବନ୍ଧଘର ॥
ସେ ବନ୍ଧଘରେ ବାସେ ଥାଇ । ଚିତ୍ତେ ଚିନ୍ତିଲେ ଭାବଗ୍ରାହୀ ॥
ଆଜଙ୍କେ ଦାସ ଜଗନ୍ନାଥ । ବୋଲନ୍ତି ରଖ ଗୋପୀନାଥ ॥
ରଖ ହେ ଆରତଭଞ୍ଜନ । କଷ୍ଟ ପାବକ ପ୍ରଭଞ୍ଜନ ॥
ଦ୍ରୌପଦୀ ଲଜ୍ଜା ନିବାରଣ । କାରଣ ଆରତ ତାରଣ ॥
କୃପା ସମୁଦ୍ର ଚକ୍ରପାଣି । ଶରଣଜନ ଚିନ୍ତାମଣି ॥
ପ୍ରତାପରୁଦ୍ରର ଦଣ୍ଡରୁ । ଉଦ୍ଧର ଧର ମହାମେରୁ ॥
ଲଜ୍ଜା ସମୁଦ୍ର ପାରକର । ମୁଁ ଯେବେ ଶରଣ ତୁମ୍ଭର ॥
କରୁଣା କର ପ୍ରଭୁ ମୋତେ । କୀରତି ରହୁ ଏ ଜଗତେ ॥
ଏ ଯେ ପୁରୁଷରୂପ ଯାଉ । ସ୍ତ୍ରୀରୂପକୁ ମୋର ହେଉ ॥
ଦେଖି ନୃପତି ମରୁ ଲାଜ । ଖଳଙ୍କ ମୁଖେ ଲଗୁ କାଳି ॥
କପଟୀଜନ ଚିନ୍ତୁ ଯେତେ । ଚିନ୍ତାରେ ମରନ୍ତୁ ସମସ୍ତେ ॥
ମୂର୍ଖଜନଙ୍କ ଗର୍ବ ନାଶୁ । ସାଧୁଙ୍କ ମହିମା ପ୍ରକାଶୁ ॥
ଏମନ୍ତ ଆଜ୍ଞା ହେଉ ମୋତେ । ନୋହିଲେ ହତ୍ୟା ଦେବି ତୋତେ
ତୋ ପଦ ପ୍ରଭୁ ଥାଉଁ ଥାଉଁ । ଏ ରାଜଦଣ୍ଡ କେବା ସହୁ ॥
ତୁ ଯେ ମୋହର ପ୍ରାଣନାଥ । ଏଠାରେ ନ ସହୁ ମହତ୍ୱ ॥

ଏମନ୍ତ ବୋଲି ସ୍ତୁତି କଲେ । ଦାସେ ନିଶ୍ଚିନ୍ତେ ନିଦ୍ରାଗଲେ ॥
ତାହା ଜାଣିଲେ ଭଗବାନ । ଯେ ପ୍ରଭୁ ଭକତ ଜୀବନ ॥
ବିଜୟ କଲେ ଶ୍ରୀବତ୍ସାଙ୍କ । ଦାସଙ୍କ ପାରୁଶରେ ଯାଇ ॥
ଅଭୟ ପାଦ ଆନନ୍ଦରେ । ଲଦ୍ଦିଲେ ସେବକ ଉପରେ ॥
ବୋଇଲେ ବାଞ୍ଛା ସିଦ୍ଧିହେଉ । ପୁରୁଷ ତନୁ ତୋର ଯାଉ ॥
ହେଉ କାମିନୀ ତନୁ ପ୍ରାପ୍ତେ । ରଜା ଘରକୁ କମ୍ପା ଭୟେ ॥
ହର ଭରସା ଥାଉଁ ଥାଉଁ । ଚିତ୍ତେ କାହାକୁ ଭୟ ଆଉ ॥
ଏବେ ତ ମନେ ହେଜୁ କର । ମୋ ସୁଦର୍ଶନ ବଳଆର ॥
ଏମନ୍ତ ଆଜ୍ଞା ଚାରୁ ବେଳେ । ତତକ୍ଷଣେ ଅନ୍ତର୍ଦ୍ଧାନ ହେଲେ ॥
ଦାସେ ଯେ ନିଦ୍ରା ଯାଇଥିଲେ । ଏମନ୍ତ ସ୍ୱପନେ ଦେଖିଲେ ॥
ଉଠିବସିଲେ ତତକ୍ଷଣ । ଚିନ୍ତଣ କମଳା ରମଣ ॥
ଦେଖିଲେ ପାଶେ କେହି ନାହିଁ । ବୋଇଲେ ବ୍ରହ୍ମାଣ୍ଡ ଗୋସାଇଁ ॥
ନିଶ୍ଚେ କରୁଣା କରିଗଲେ । ମୋର ବିପଦ ଦେଖି ଭଲେ ॥
ଏମନ୍ତ ବୋଲି ବେଗ ହୋଇ । ନିଜ ଦେହକୁ ଦେଲ ଚାହିଁ ॥
ଦେଖିଲ ସୁନ୍ଦରୀ ଦେହ ଗୋଟି । ହୋଇଣ ମୋହୁଅଛି ସୃଷ୍ଟି ॥
ଚିତ୍ତର ଭଲ ମନେ ଚାର । ଧନ୍ୟ ଜୀବନ ହେଲ ମୋର ॥
ଯେବଣ ପାଦ ପଦ୍ମ ଲାଗି । ଅହଲ୍ୟା ହେଲ ମୋକ୍ଷ ଭାଗୀ ॥
ଯେଉଁ ଚରଣ ଲାଗିକରି । କୁବୁଜା ହୋଇଲ ସୁନ୍ଦରୀ ॥
ଯେବଣ ପାଦପଦ୍ମ ଜଳେ । ଫଣିମଣିକ ଚିହ୍ନ କଲେ ॥
ଯେବଣ ପାଦପଦ୍ମ ବାରି । ଶଙ୍କର ମଉଳିଲେ ଧରି ॥
ସଂସାରେ ଗଙ୍ଗାରୂପେ ବହି । ଅଶେଷ ପ୍ରାଣିଙ୍କି ତାରଇ ॥
ସେ ପାଦପଦ୍ମ ରଜ ପାଇ । ପବିତ୍ର ହେଲ ଆଜ ମୁହିଁ ॥
ଆଉ କାହାକୁ ମୋର ଡର । ମୋ ପ୍ରଭୁ ବଳେ ବଳଆର ॥
ଏମନ୍ତ ବୋଲି ଅତି ତୋଷେ । ମନ୍ଦିରୁ ବାହାରିଲେ ଦାସେ ॥
ଭଜିଲେ ରାମକୃଷ୍ଣ ହରି । ବୋଇଲେ କାହିଁ ଦଣ୍ଡଧାରୀ ॥
ମନେ ଯେ କରୁଥିଲ କୋପ । ଦେଖ ଆମ୍ଭର ସ୍ତିରୀରୂପ ॥

ଏମନ୍ତ ବୋଲି ମାୟାନାରୀ । ରାଜା ଦୂତଙ୍କୁ ସଙ୍ଗେ ଧରି ॥
ଚଳିଲେ ଅତ୍ୟନ୍ତ ହରଷେ । ଭେଟିଲେ ଯାଇଁ ରାଜା ପାଶେ ॥
ଦେଖି ନୃପତି ଆଚମ୍ବିତ । ବୋଇଲେ ଏ କି ବିପରୀତ ॥
ସ୍ତନ ବଦନ ଅଙ୍ଗେ ଶୋଭା । କି ଅବା ପଟାନ୍ତର ଦେବା ॥
ସୁନ୍ଦରପଣେ ଏଡ଼ୁ ନାରୀ । ମୋହି ପାରଇ ବ୍ରହ୍ମଋଷି ॥
କେମନ୍ତ ଏ ରୂପ ହୋଇଲା । ପୁରୁଷ ତନୁ କେଣେ ଗଲା ॥
ନିଶ୍ଚୟେ ଗୋବିନ୍ଦର ମାୟା । ଆନର ବଳେ କାହିଁ ଏହା ॥
ଏମନ୍ତ ବିଚାରି ନୃପତି । ହୃଦପଦ୍ମରେ କଲା ସ୍ଥିତି ॥
ବୋଇଲେ ଶୁଣ ଆହେ ଦାସେ । ମାୟା ଯେ କଲ ଆମ୍ଭ ପାଶେ ॥
ଏହା କେମନ୍ତେ ଜଣାଯିବ । ଦେଖାଅ ନାରୀଙ୍କ ସ୍ୱଭାବ ॥
ତା ଶୁଣି ସେ ମାୟାସୁନ୍ଦରୀ । ମନେ ଚିନ୍ତିଲେ ନରହରି ॥
ଅଳପ ମନ୍ଦେ ମନ୍ଦେ ହସି । ନୟନ ଅପାଙ୍ଗରେ ଖୋସି ॥
ତଳକୁ କଲେ ଚନ୍ଦ୍ରାନନ । ବୋଇଲେ ଶୁଣ ହେ ରାଜନ ॥
କେତେ କଟାକ୍ଷ କରୁ ମୋତେ । ଯେମନ୍ତେ ହେବ ତୋର ହିତେ ॥
ଏମନ୍ତ ବୋଲି ଦାସ ଧରି । ଦେଖାଇ ଦେଲେକ ସୁନ୍ଦରୀ ॥
ସ୍ତ୍ରିରୀସ୍ୱଭାବେ ରଜପତି । ପ୍ରତ୍ୟକ୍ଷେ ଦେଖିଲେ ନୃପତି ॥
ସଭାରେ ଥିଲେ ଯେତେ ଜନ । ସମସ୍ତେ ଦେଖିଲେ ନୟନ ॥
ବୋଇଲେ ସ୍ୱରୂପ ଏ କଥା । କେ ଏହା କରିପାରେ ମିଥ୍ୟା ॥
ନିଶ୍ଚେ ଏ ଶ୍ରୀହରିର ଦାସ । ରାଜନ କର ହେ ବିଶ୍ୱାସ ॥
ସାଧୁରେ ଅପରାଧ କଲେ । ସମସ୍ତେ ନାଶ ଯିବା ଭଲେ ॥
ଏହା ଶୁଣିଣ ମହାରାଜା । କଲେ ଦାସଙ୍କ ପାଦପୂଜା ॥
ଅନେକ ଧନ ବସ୍ତ୍ର ଦେଲେ । ଚରଣେ ବିନୟ ହୋଇଲେ ॥
ବୋଇଲେ ଶୁଣ ଗୋ ବଚନ । ଦୁଃଖ ନ କର ତୁମ୍ଭ ମନ ॥
କହ ଶ୍ରୀ ଭାଗବତ ରସ । ଏ ମୋର ଅପରାଧ ନାଶ ॥
ଶ୍ରବଣେ କର୍ଣ୍ଣ ସୁଖୀ ହେଉ । ଅଶେଷ ଜନ୍ମ ପାପ ଯାଉ ॥
ଏଥିରେ ନ କର ନିରାଶ । ତା ଶୁଣି ଜଗନ୍ନାଥ ଦାସ ॥

ହୋଇଣ ପରମ ଆନନ୍ଦ । ଚିତ୍ତେ ଚିନ୍ତିଲେ ଆଦିକନ୍ଦ ॥
ପଶିଲେ ଜଳ ମଧ୍ୟେ ଯାଇଁ । ସ୍ନାନ ଯେ କରିବାର ପାଇଁ ॥
କାମିନୀରୂପ ଗୋପ୍ୟ କଲେ । ପୁରୁଷ ସ୍ୱରୂପ ହୋଇଲେ ॥
ସମସ୍ତେ ଦେଖୁଁ ଦେଖୁଁ ତହିଁ । ସ୍ନାନ ଶଉଚକର୍ମ ହୋଇ ॥
ବସିଲେ ନୃପତି ସଭାରେ । ଅତ୍ୟନ୍ତ ହରଷ ମନରେ ॥
ଗାୟନ କଲେ ଭାଗବତ । ଯେ ଶୁକଦେବଙ୍କ ଉକତ ॥
ପ୍ରାକୃତବନ୍ଧେ ଥିଲେ କରି । ସେ ମହାପୁରାଣ ବିସ୍ତାରି ॥
କହିଲେ ନୃପତି ଅଗ୍ରତେ । ଆଦ୍ୟରୁ ପ୍ରାନ୍ତ ପରିଯନ୍ତେ ॥
ଶୁଣି ନୃପତି ସଭାଜନେ । ଅତି ହରଷ ହୋଇ ମନେ ॥
ଦାସଙ୍କୁ ଅନେକ ପ୍ରଶଂସି । ବୋଇଲେ ତୁମ୍ଭେ ବ୍ରହ୍ମଋଷି ॥
ତୁମ୍ଭ ମହିମା ବୁଝିବାରେ । କେ ଅବା ଅଛି ଏ ସଭାରେ ॥
ଏଥିକୁ ଶୋଚନା ନ କର । ବୋଲି ଉଠିଲେ ଦଣ୍ଡଧର ॥
ଆପଣା ଅଙ୍ଗ ଅଳଙ୍କାର । କାଢ଼ିଣ ଦାସଙ୍କ ଛମୁର ॥
ରଖିଣ ଦଣ୍ଡବତ କଲେ । ଆଜ ମୁଁ ଶରଣ ବୋଇଲେ ॥
ଏମନ୍ତ ବୋଲି ସେ ରାଜନ । ଚନ୍ଦ୍ରାର୍କେ ଦେଲା ଭୂମିଦାନ ॥
ଗୃହ ସହିତେ ଦାନ ଦେଇ । ଦାସେଙ୍କୁ ମେଲାଣି କରାଇ ॥
ଏଥିଉତ୍ତାରୁ ଦଣ୍ଡଧାରୀ । ଖଟୁଆମାନଙ୍କୁ ହକାରି ॥
ତେଙ୍ଗି ବଳୁକ ଘୃଷ୍ଟ ପିଟି । ସବୁଙ୍କୁ କଲେ ସାତବେଣ୍ଟି ॥
ଅନେକ ଶାସ୍ତି ତାଙ୍କୁ କଲେ । ରାଜ୍ୟ ବାହାର କରାଇଲେ ॥
ବୋଇଲେ ଆଜ୍ଞା ଏ ରାଜ୍ୟରେ । ଯେ ଅବା ସାଧୁଜନଠାରେ ॥
ଦୂଷଣ ବଚନ କହିବ । ତାହାର ବଂଶ ନାଶପିବ ॥
ଏମନ୍ତ ବୋଲି ଦଣ୍ଡଧର । ବିଜୟ କଲେ ନିଜପୁର ॥
ତେଣେ ଯେ ଦାସେ ଗଲେ ଚାଲି । ନିଜଭୁବନେ ଯାଇଁ ମିଳି ॥
ଆନନ୍ଦେ ବଞ୍ଚାଇଲେ ଦିନ । ଭଜିଣ ଶ୍ରୀମଧୁସୂଦନ ॥
ଜାଣେ ଲଭିଲ ହରି ଭକ୍ତ । ସଂସାର ମଧ୍ୟେ ଅଛି ଖ୍ୟାତି ॥
ଶୁଣ ସୁଜନ ଶୁଦ୍ଧଚିତ୍ତେ । ଏ ଦାର୍ଢ୍ୟ ଭକ୍ତି ରସାମୃତେ ॥

ପଢ଼ି ଶୁଣିବେ ଯେଉଁ ଜନେ । ନ ଯିବେ ଶମନ ସଦନେ ॥
ଅଶେଷ ଜନ୍ମ ପାପ ନାଶି । ଦେବଙ୍କ ସଙ୍ଗେ ଥିବ ବସି ॥
କହଇ ବିପ୍ର ରାମ ଦାସ । ମୂଳଟି ଅଟଇ ବିଶ୍ୱାସ ॥
ବିଶ୍ୱାସ ବିନା କର୍ମ ଯେତେ । କେବଳ ଆଶ୍ରୟ ଜଗତେ ॥
ଏଣୁ ପାମର ରାମଦାସ । ସାଧୁ ଚରଣେ କରେ ଆଶ ॥
ସୁଜନେ ଏହି ରସେ ରସ । ଏ ଭବଜଳରେ ନ ଭାସ ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତି ରସାମୃତେ ମନ ଚୈତନ୍ୟ
ସମ୍ବାଦେ ଜଗନ୍ନାଥଦାସ ଦାର୍ଢ୍ୟଭାବ ମୋକ୍ଷଣେ
ନାମ ପଞ୍ଚଦଶୋଽଧ୍ୟାୟଃ ।

---

## ଷୋଡ଼ଶ ଅଧ୍ୟାୟ
## ମାଧବାଚାର୍ଯ୍ୟ ସମ୍ବାଦ
### ଚୈତନ୍ୟ ଉବାଚ

ଏବେ ହେ। ମନରାୟ ଶୁଣ । ଏ ଦାର୍ଢ୍ୟଭକ୍ତିର ଲକ୍ଷଣ ॥
ସେ ପୁଣ୍ୟ ଗଙ୍ଗାନଦୀ ତୀର । ବଙ୍ଗଆନନ୍ଦପୁରରେ ଘର ॥
ଜାତିରେ ଅଟନ୍ତି ବିପ୍ରବର । ମାଧବାଚାର୍ଯ୍ୟ ନାମ ତାର ॥
ଧାର୍ମିକ ବିବେକ ସୁଜାଣ । ସକଳ ଗୁଣରେ ନିପୁଣ ॥
ସକଳ ଜନେ ତାର ବଶ୍ୟ । ଶାନ୍ତ ସୁଶୀଳ ସେ ନିର୍ମାୟ ॥
ଦାନ ସୁକୃତେ ତାର ମତି । ସାଧୁଙ୍କ ସେବା କରେ ନିତି ॥
ପ୍ରଭୁ ସେବାରେ ଦୃଢ଼ବ୍ରତ । ନାମଭଜନେ ଅପ୍ରମିତ ॥
ଶୁଭ କର୍ମରେ ବଞ୍ଚେ ଦିନ । ନ ଜାଣେ ଅନ୍ୟ କଥାମାନ ॥
ତାର ଭାରିଯା ମହାସତୀ । ନାମ ତାହାର ସତ୍ୟବତୀ ॥
ସୁନ୍ଦରପଣେ ସେ ତରୁଣୀ । କିପୁର ଯାକ ପାରେ ଜିଣି ॥
ଶରଦ ସୁଧାଂଶୁ ବଦନୀ । କରକ ହାରକ ବରଣୀ ॥
ସେ ଯେ ଚତୁରୀ ଶିରୋମଣି । ଶ୍ରୀକୃଷ୍ଣର ଚିତ୍ତ ଉଲ୍ଲୁଣୀ ॥
ସ୍ୱାମୀର ଆଜ୍ଞା ନ ମେଣ୍ଟଇ । ନିରତେ ଚରଣେ ଖଟଇ ॥

ସ୍ୱାମୀର ସେବା ତାର ମୂଳ । ନ ଜାଣେ ସେ ଅନ୍ୟ କୁଶଳ ॥
ଏମନ୍ତ ପତିବ୍ରତା ନାରୀ । କେବଳ ଭଜଥାଇ ହରି ॥
ପତି ଶ୍ରୀପତି ସାଧୁଜନ । ଏ ତିନ ମଣଇ ସମାନ ॥
ଏମନ୍ତେ ପତି ପତ୍ନୀ ଦୁଇ । ଏକଇ ପ୍ରାଣ ଭିନ୍ନ ନୋହି ॥
ଆନନ୍ଦେ ବଞ୍ଚୁଥାନ୍ତି ଦିନ । ଏଥିଉତ୍ତାରୁ ଶୁଣ ମନ ॥
ତାହାର ଏକଇ କୁମର । ଛ ମାସ ହେଲା ଜନ୍ମ ତାର ॥
ଅତି ସୁନ୍ଦର ସେ କୁମର । ମାତା ପିତାଙ୍କ ମନୋହର ॥
ଚନ୍ଦ୍ରମା ପ୍ରାୟେ ଦେହ ତାର । ଉଜ୍ଜ୍ୱଳ କରଇ ଅନ୍ଧାର ॥
ତାତ ଜନନୀ ତାହା ଦେଖି । ନିରତେ ହେଉଥାନ୍ତି ସୁଖୀ ॥
ପୁତ୍ରକୁ ଧରି କାଖେ କୋଳେ । ଦିନ ବଞ୍ଚନ୍ତି ସୁଖହେଳେ ॥
ଏମନ୍ତ ସମୟରେ ଭାଇ । ଯେ ପ୍ରଭୁ ଚୈତନ୍ୟଗୋସାଇଁ ॥
ଅଶେଷ ପ୍ରାଣୀଙ୍କ କଲ୍ମଷ । କରିବା ଅର୍ଥେ ପ୍ରଭୁ ନାଶ ॥
ହୋଇଅଛନ୍ତି ଅବତାର । ସେ ପ୍ରଭୁ ଏକ ଦିନକର ॥
ନିଶି ପ୍ରହରରେ ପଛ ହୋଇ । ଅତି ଆନନ୍ଦେ ବେନି ଭାଇ ॥
ନଗ୍ରୀବାଣ୍ଡେ ବଜେଇକରି । ସକଳ ସାଧୁଙ୍କୁ ହକାରି ॥
ତାଳ ମୃଦଙ୍ଗ ଅଣାଇଲେ । ଭକ୍ତମାନେ ଲଗାଇଲେ ॥
ବଜାଇ ଶିଙ୍ଗା ବେନୁସ୍ୱନ । ଆନନ୍ଦେ କଲେ ସଂକୀର୍ତ୍ତନ ॥
ଶ୍ରୀରାମକୃଷ୍ଣ ଗୁଣ ଯେତେ । ଗାନ କରନ୍ତି ଅବିରତେ ॥
ନାଚନ୍ତି ଅତି ହେଳହୋଇ । ତଟସ୍ଥା ତଟସ୍ଥ ପଳାଇ ॥
ତା ଶୁଣି ଅତି ବେଗହୋଇ । ମାଧବାଚାର୍ଯ୍ୟ ଗଲେ ଧାଇଁ ॥
ଶୁଣିଲେ ନାମ ସଂକୀର୍ତ୍ତନ । ଏଥିଉତ୍ତାରୁ ଶୁଣ ମନ ॥
ପତି ଆସନ୍ତେ ସତ୍ୟବନ୍ତି । ରନ୍ଧନ କର୍ମେ ହେଲେ ମତି ॥
ଥୋଇଲେ ଧରଣୀ ନଗ୍ନ ବାଳ । ଅତି କୋମଳ ଭୂମି ଘୋଳ ॥
ବ୍ୟଞ୍ଜନ କରିବାର ଅର୍ଥେ । ପନଷ ପକାଇ ଭୂଇଁ ତ ॥
ସେ ଫଳ କାଟନ୍ତେ କାମିନୀ । କର୍ଣ୍ଣେ ଶୁଭିଲା ନାମ ଧ୍ୱନି ॥
ଶ୍ରୀସଂକୀର୍ତ୍ତନର ମଧ୍ୟରେ । ଗାନ କରନ୍ତି ଉଚ୍ଚସ୍ୱରେ ॥

ରାଧା ଶ୍ରୀକୃଷ୍ଣ ପ୍ରେମଲୀଳା । କର୍ଣ୍ଣରେ ଶୁଣି ହେଲେ ଭୋଳା ॥
ପୁଲକ ହେଲ ରୋମାବଳୀ । ନେତ୍ର ଲୋତକଧାର ଗଳି ।
ବଦନୁ ନସ୍ଫୁରେ ବଚନ । ଦେହୁ ହଜିଲ ବୁଦ୍ଧି ଜ୍ଞାନ ।
ଲମ୍ଫ ଲଗିଲ ସଂକୀର୍ତ୍ତନେ । ସୁସାଧୁମାନଙ୍କର ଗାନେ ।
ଏଣୁ ସେ ଅତି ଭାବ ଭୋଳେ । ସେ ଫଳ ପକାଇଲ ଜଳେ ।
ଧଇଲ ଝଡ଼ପୁତ୍ର ଗୋଟି । ତକ୍ଷଣେ ପକାଇଲ କାଟି ।
ଅତ୍ୟନ୍ତ ଟିକ ଟିକ କରି । ତଳୁଆ ଆଟିକାରେ ଭରି ।
ବ୍ୟଞ୍ଜନ ଅର୍ଥେ ଚୁଲିପରେ । ବସାଇ ଦେଲ ଧାତୁକାରେ ।
ଆଣେ ଅନଳ ନଦେଲ ଜାଳି । ତହୁଁ ଅନ୍ତର ହେଲ ବାଳୀ ।
ମନ ନବେଶି ସଂକୀର୍ତ୍ତନେ । ବସିଲ ନିଶ୍ଚଳ ଆସନେ ।
ଶ୍ରୀକୃଷ୍ଣ ପ୍ରେମଲୀଳାମୃତ । ଶୁଣି ହୋଇଲ ମୂର୍ଚ୍ଛିତ ।
କ୍ଷଣ କ୍ଷଣକେ ଭାବ ଦ୍ଭବେ । ଗାନ କରଇ ପଦେ ପଦେ ।
କ୍ଷଣକେ ହସି କ୍ଷଣେ କ୍ରନ୍ଦ । କ୍ଷଣକେ ପଡ଼ଇ ମେଦିନୀ ।
ଏମନ୍ତ ଭାବେ ହୋଇ ଭୋଳ । ତାହା ଜାଣିଲେ ଆଦ୍ୟମୂଳ ।
ମାଧବାଚାର୍ଯ୍ୟ କଣ୍ଠେ ବସି । ମନ ମୋହିଲେ ବ୍ରହ୍ମବଶି ।
ସେ ବଦ୍ର ଶଙ୍ଖ ଛନ ଛନ । ଛୁଟିଲ ସଙ୍କୀର୍ତ୍ତନ ମନ ।
ଅନ୍ତି ତଣ୍ଟଙ୍କେ ଗଲ ଚଳି । ନନ୍ଦଭୁବନେ ଯାଇଁ ମିଳି ।
ଦେଖିଲ ନିଜ ସ୍ତ୍ରୀ ତାର । ରୁଧିରେ ତନୁ ଜରଜର ।
ଭାବେ ହୋଇଲ ମୂର୍ଚ୍ଛିତ । ବଜ୍ର କପାଳେ ମାରେ ହସ୍ତ ।
ପତ୍ନୀକି ଧରଣ ଲୁଣ୍ଠିତ । ବୋଇଲ ଏକ ବଜ୍ରପାତ ।
ଫେଡ଼ି ତୁ କହ ତତପର । କାହିଁ ତୋ ବାଳକୁମର ।
ଶୁଣି ସୁନ୍ଦରୀ ଚେତା ପାଇ । ପାଶେ ଦେଖିଲ ପୁତ୍ର ନାହିଁ ॥
ତନୁ ବସନ ନାରଖାର । ଉକଟେ ଝଣେ ଜରଜର ।
ଜଳେ ପଡ଼ିଛି ଫଳଗୋଟି । ଦେଖିଣ ତକତ ବମ୍ଭୋଷ୍ଟୀ ।
ବେଗେ ରନ୍ଧନପୁରେ ଗଲ । ଚୁଲ୍ଲୀରୁ ଉତରେ ଆଣିଲ ।
ଦେଖିଲ ପୁତ୍ରମାଂସ ସିଝି । ରନ୍ଧିଛି ପଦ୍ମ ସ୍ୱାଦେ ଭାଜି ।

ପତି ଗୃହରେ ଦେଲ ଥୋଇ । ବୋଇଲ ମୋର ଦୋଷ ନାହିଁ ॥
କେବଳ ଚୈତନ୍ୟ ସନ୍ନ୍ୟାସ । ଶ୍ରୀକୃଷ୍ଣ ରାଧା ପ୍ରେମରସ ॥
ଗାୟନ କଲେ ଉଚ୍ଚସ୍ୱରେ । ସେ ଧ୍ୱନି ଶୁଣି ଶ୍ରବଣରେ ॥
ଦେହରୁ ହଜିଲା ମୋ ଜ୍ଞାନ । ରହିଲା ସଂକୀର୍ତ୍ତନେ ମନ ॥
ତେଣୁକି କଲି ପୁତ୍ରନାଶ । ହରିର ଏଥେଁ କାହା ଦୋଷ ॥
ତା ଶୁଣି ବୋଲେ ତାର ପତି । ଧନ୍ୟ ଜୀବନ ତୋର ସତୀ ॥
ଧନ୍ୟ ତୋହର ତାତ ମାତା । ଧନ୍ୟ ମୁଁ ଅଟେ ତୋର ଭର୍ତ୍ତା ॥
ଧନ୍ୟ ଅଟଇ ତୋ ଜୀବନ । କୃଷ୍ଣ ବିଷୟେ ତୋର ମନ ॥
ପୁତ୍ର ମୋ ଗଲେ ପଛେ ଯାଉ । ଏ ଦୁଖ ଦେଖିବ ମୁଁ କାହୁଁ ॥
ଏମନ୍ତ ବୋଲି ନିଜପତି । କୋଳେ ବସାଇ ସେ ଯୁବତୀ ॥
ମୁଖେ ଚୁମ୍ବନ ତାର ଦେଇ । କହେ ଅଚଳେ ରହ ସହି ॥
ତା ଶୁଣି ବୋଲେ ସେ ଯୁବତୀ । ଶୁଣ ମୋହର ପ୍ରାଣପତି ॥
ସେ ରାଧା କୃଷ୍ଣର ମହିମା । ଜାଣି ନ ପାରେ ବେଦବ୍ରହ୍ମା ॥
ସେ କୃଷ୍ଣ ପ୍ରେମରସେ ରସି । ଅଛନ୍ତି ଚୈତନ୍ୟ ସନ୍ନ୍ୟାସୀ ॥
ଭକତ ବନ୍ଧୁ ସଙ୍ଗତରେ । ଆନନ୍ଦେ ସଂକୀର୍ତ୍ତନ କରେ ॥
କୃଷ୍ଣ ମହିମା ଯେବେ ସତ । ନଷ୍ଟେ ଜୀଇଁବ ମୋ ବାଳୁତ ॥
ତହିଁ ବୁଡ଼ିଛି ମୋର ମନ । କମ୍ପା ମଣିବ ମୋ ନନ୍ଦନ ॥
ଏମନ୍ତ ବୋଲି ସେ ସୁନ୍ଦରୀ । ପତିକ ସଙ୍ଗତରେ ଧରି ॥
ମାଂସ ଆଟିକା ମାଥେ କରି । ଚଳିଲେ ଅତି ବେଗେହୋଇ ॥
ମିଳିଲେ ସଂକୀର୍ତ୍ତନ ମଧ୍ୟେ । ଅତ୍ୟନ୍ତ ମନର ଆନନ୍ଦେ ॥
ଆଟିକା ତଳରେ ଥୋଇଲେ । ସକଳ ବୁଝାଇ କହିଲେ ॥
ତାହା ଶୁଣିଣ ସାଧୁମାନେ । ଚୈତନ୍ୟଦେବଙ୍କର ସନେ ॥
ବୋଇଲେ ଧନ୍ୟ ଏ ସୁନ୍ଦରୀ । ଧନ୍ୟ ଏହାର ଗର୍ଭଧାରୀ ॥
ଧନ୍ୟ ଅଟଇ ଏହା ପତି । ଧନ୍ୟ ଅଟଇ ଏହା ମତି ॥
ଧନ୍ୟ ସୁଫଳ ଆମ୍ଭ ଆଖି । ଏମନ୍ତ ସ୍ତ୍ରୀ ସମୁଖ ଦେଖି ॥
ଏମନ୍ତ ବୋଲି ସର୍ବଜନେ । ଅତି ଆନନ୍ଦ ହୋଇ ମନେ ॥

ବୋଇଲେ ନମୋ ମହାବାହୁ । ଭକତ ବାନ୍ଧବ ବୋଲାଉ ॥
ଅଶେଷଜନ ଚିନ୍ତାମଣି । ବ୍ରଜମୋହନ ବଂଶୀପାଣି ॥
ନମସ୍ତେ ବ୍ରଜେନ୍ଦ୍ର କୁମାର । ନମୋ ରାଧିକା ପ୍ରାଣେଶ୍ୱର ॥
ଏ ଭୂମି ବୃନ୍ଦାବନ ସ୍ଥଳ । ବ୍ରହ୍ମାଦିଦେବଙ୍କୁ ଦୁର୍ଲ୍ଲଭ ॥
ଏ ଭାବେ ଚଉ ଦେଇକରି । ପୂଜ ମାଗିଲା ସେ ସୁନ୍ଦରୀ ॥
ଏ କଥା ଅଟେ ବିପରୀତ । ମହିମା ଅଟେ ତୋର ସତ ॥
ଏ ପୁଣ୍ୟ ସ୍ତିରୀ ପୂଜ ଲାଉ । ମହିମା ଯୁଗେ ଯୁଗେ ଥାଉ ॥
ନାମ ମହିମା ଏଣେ ଦିଶୁ । ସାଧୁଙ୍କ ମହିମା ପ୍ରକାଶୁ ॥
ଏମନ୍ତ ବୋଲି ସର୍ବ୍ବଜନେ । ମାତିଲେ ନାମ ସଂକୀର୍ତ୍ତନେ ॥
ନିତ୍ୟା ଚୈତନ୍ୟ ଦୁଇଭାଇ । ଆନନ୍ଦେ ଗଦ ଗଦ ହୋଇ ॥
ଶ୍ରୀରାଧା କୃଷ୍ଣ ଚିନ୍ତାକରି । କରେ ତୁଳସୀଜଳ ଧରି ॥
ବ୍ୟଞ୍ଜନ ଭାଣ୍ଡେ ପକାଇଲେ । ମଣ୍ଡଳ ମଧ୍ୟେ ବସାଇଲେ ॥
ଚହୁଁ ଡାକିଲେ ପୂଜ ଗୋଟି । ଭାବେ ଶ୍ରୀହରି ନାମଗୋଟି ॥
ବୋଇଲେ ଏହି ଆଜ୍ଞା ଦେଉ । ବିପ୍ର ନନ୍ଦନ ପ୍ରାଣ ପାଉ ॥
ଏମନ୍ତ ବୋଲି ଆଜ୍ଞାକରି । ଶ୍ରୀକରେ କରତାଳ ଧରି ॥
ଗାୟନ କଲେ ଉଚ୍ଚସ୍ୱରେ । ଶ୍ରୀକୃଷ୍ଣ ଯୁଗଳ ଭାବରେ ॥
ବଣ୍ଡି ବଣ୍ଡିକେ ହରି ଧ୍ୱନି । କରନ୍ତେ କମ୍ପିଲ ମେଦିନୀ ॥
କେ ରଙ୍ଗେ କରେ ନାନାନୃତ୍ୟ । କେ ରଙ୍ଗ କରି ଗାଏ ଗୀତ ॥
କେ ଅଙ୍ଗ ଢ଼ାଳି ଭଙ୍ଗ ହୋଇ । ରଙ୍ଗରେ ମୃଦଙ୍ଗ ବଜାଇ ॥
କେ କରେ ଦେଇ କରତାଳି । କେ ମୁଖେ ଦେଇ ହୁଳହୁଳି ॥
ନଦିଆ ନଗରରେ ଯେତେ । ଯେ ସ୍ତିରୀ ପୁରୁଷ ସହିତେ ॥
ବୃଦ୍ଧ ବାଳକ ଯୁବା ଯାଏ । ସମସ୍ତେ କଲେ ଜୟେ ଜୟେ ॥
ସକଳ ମୂର୍ଖୁ ଏହା ଶୁଣି । ଆନନ୍ଦ ହୋଇଲା ଧରଣୀ ॥
ଏମନ୍ତ ବଣ ବଣ୍ଡ ପରେ । ବ୍ରହ୍ମାଣ୍ଡ ନାଏକ କୃପାରେ ॥
ଯେ ନାମ ବ୍ରହ୍ମ ମହିମାରେ । ଚୈତନ୍ୟଦେବଙ୍କ କୃପାରେ ॥
ଆବର ସାଧୁଙ୍କ କୃପାରେ । ଶେଷେ ଯୁବକ ସନ୍ତୋଷରେ ॥

ବାଳୁତ ଗୋଟି ପ୍ରାଣ ପାଇ । ଦେବଦନ କଲା ଶ୍ରେଷ୍ଠେ ଆଇ ॥
ତାହା ଦେଖିଣ ସର୍ବଜନ । ଉଚ୍ଚିଲେ ନାମ ସଂକୀର୍ତ୍ତନ ॥
ଅତି ଆନନ୍ଦମନ ମହାଇ । ଗାୟନ କଲେକ ଗୋସାଇଁ ॥
ଖଣ୍ଡ ଡାକୁଣି ଫେଡ଼ ଦେଲେ । ପୁତ୍ରକୁ ଘେନଣ ଅଇଲେ ॥
ସଦ୍ଧରେ ଆସନ କଦେଶି । ବସିଲେ ଚୈତନ୍ୟ ସନ୍ନ୍ୟାସୀ ॥
ପୁତ୍ରକୁ କୋଳରେ ବସାଇ । କର୍ଣ୍ଣରେ ସଞ୍ଜୀବନୀ କହି ॥
କୃପାରୁ ଯେଣୁ ପ୍ରାଣପାଇ । କୃପା ଆଚାର୍ଯ୍ୟ ନାମ କହି ॥
ଜନନୀକୋଳେ ନେଇ ଦେଲେ । ନିଅ ତୋ ପୁତ୍ରକୁ ବୋଇଲେ ॥
ଅଶେଷ ଜନ ତାହା ଦେଖି । ସୁଫଳ କଲେ ଚର୍ମଆଖି ॥
ଜନନୀ ନିଜସୁତ ପାଇ । ଆନନ୍ଦ କେ ପାରିବ କହି ॥
ଘନଜଳରେ କୋଟିଦଣ୍ଡ । ମିଳିଲେ ହୁଅଇ ଯେମନ୍ତ ॥
ଆଜନ୍ମ ପଙ୍ଗୁ ମୁକ୍ତ ହେଲେ । ମୂକ ଯେ ବଚନ କହିଲେ ॥
ଆଜନ୍ମ ଅନ୍ଧ ଚକ୍ଷୁପାଇ । ଯେମନ୍ତେ କୃତାର୍ଥ ହୁଅଇ ॥
ପାପିଷ୍ଠ ବୈକୁଣ୍ଠ ଗମନେ । ଯେମନ୍ତେ ହୁଏ ତାର ମନେ ॥
ଏମନ୍ତ ହେଲା ସେ ସୁନ୍ଦରୀ । ନିଜ ବାଳକ ପାଇକରି ॥
ନିଜ କନ୍ତୁ ପିଅର ଆନନ୍ଦ । ମୁଖ ପ୍ରକାଶେ ପୂର୍ଣ୍ଣଚନ୍ଦ୍ର ॥
ଅଶ୍ରୁତ ଅଗୋଚର ଯାହା । ନୟନେ ଦେଖି କହ ତାହା ॥
ସାଧୁଙ୍କୁ ଅନେକ ପ୍ରଶଂସି । ଅନେକ ଧନ ଦେଲା ତୋଷି ॥
ତାହା ଦେଖିଲେ ଯେତେ ଜନ । ସଭିଙ୍କ ମୁଖେ ଧନ୍ୟ ଧନ୍ୟ ॥
କୃଷ୍ଣ ମହିମା ଭାବ ଯେତେ । କୋଳିଣ ଗଲେ ଯେଝାମତେ ॥
ସେ ପତି ପତ୍ନୀ ପୁତ୍ର ଧରି । ଚଳିଣ ଗଲେ ନିଜପୁରୀ ॥
ଚୈତନ୍ୟଦେବଙ୍କ ହରଷ । ଶ୍ରୀରାଧାକୃଷ୍ଣ ପ୍ରେମରସ ॥
ସାଧୁମାନଙ୍କ ଗୁଣ ଯେତେ । ନାମର ମହିମା ସଙ୍ଗତେ ॥
ନଗରେ ଚଳେ ଗୁଣ ଗୁଣି । ବଞ୍ଚିଲେ ଦିବସ ରଜନୀ ॥
ଏମନ୍ତେ କେତେଦିନ ଅନ୍ତେ । ହରିଙ୍କ ଭଜିଲେ ସାକ୍ଷାତେ ॥
ଶୁଣ ସୁଜନ ଏ ଚରିତ । ବାର୍ଦ୍ଧ୍ୟଚାଭକ୍ତି ରସାମୃତ ॥

ଶ୍ରବଣେ ଶ୍ରଦ୍ଧା ଯେଉଁ ନର । ଜନ୍ମ ମରଣୁ ହେବ ପାର ।
ହରି ଭକତଜନ କଥା । ତାହାଙ୍କୁ ସତ୍ୟ ଏହୁ କଥା ।
ଦାମ୍ଭିକ ମୂର୍ଖ ଯେଉଁ ନର । ସେ କାହିଁ କରିବ ଗୋଚର ।
ସେ କମ୍ପା ପରତେ କରିବ । ହାସ୍ୟରେ ଉଡ଼ାଇଣ ଦେବ ।
କହଇ ବପ୍ର ରାମ ଦାସ । ମୋ ପ୍ରଭୁ ଚୈତନ୍ୟ ସନ୍ୟାସୀ ।
ଆବର ସାଧୁଜନ ପାଦେ । ମୋ ଚିତ୍ତ ରହୁ ଅପ୍ରମାଦେ ।

ଇତି ଶ୍ରୀ ଦାର୍ଢ୍ୟତାଭକ୍ତି ରସାମୃତେ ମନ ଚୈତନ୍ୟ ସମ୍ବାଦେ
ମାଧବାଚାର୍ଯ୍ୟ ପଣ୍ଡ ପତ୍ନୀ ଦାର୍ଢ୍ୟଭାବ ମୋକ୍ଷଣେ
ନାମ ଷୋଡଶୋଽଧ୍ୟାୟଃ ।

—:*:—

## ସପ୍ତଦଶ ଅଧ୍ୟାୟ
## ଖୋନ୍ଦିଆ କବୀର ସମ୍ବାଦ

ଚୈତନ୍ୟ ଦେବ ଅତି ହର୍ଷେ । କହଇ ମନ ରଜା ଆଗେ ।
ଅତି ଆନନ୍ଦ ଦିବ୍ୟ ରସ । କେବଳ ଶ୍ରବଣେ ପୀୟୂଷ ।
ହେ ମନ ହୁଅ ସାବଧାନ । ଚଞ୍ଚଳ ନକର ତୋ ମନ ।
ଏ ବଡ଼ ଆଚମ୍ବିତ କଥା । ଶୁଣି ଖଣ୍ଡିବୁ ଭବବ୍ୟଥା ।
ଆନନ୍ଦେ ଶୁଣ କର୍ଣ୍ଣ ପୁଟେ । ଯେ ପୁଣ୍ୟ ଗଙ୍ଗାଦଶ ଛଟେ ।
ଜଙ୍ଗଲ ମଧ୍ୟରେ ତା ଘର । ନାମ ତା ଖୋଲିଆ କବୀର ।
ବାପ ତନୟ ତାର ନାହିଁ । ସେ ଜଣେ ମାତା ପୁଅ ଦୁଇ ।
ଏମନ୍ତେ ଥାନ୍ତି ବେନିଜନ । ଜାତିରେ ଅଟନ୍ତି ପଠାଣ ।
ଅତ୍ୟନ୍ତ ଦରିଦ୍ର ଜୀବନ । କଷ୍ଟରେ ବଞ୍ଚି ଥାଇ ଧନ ।
ବସ୍ତ୍ର ଖଣ୍ଡିଏ ନିତି ନିତି । ତୁଣ ଦରଣ ବୁଣୁଥାନ୍ତି ।
ସେ ବସ୍ତ୍ର ଖଣ୍ଡ ବିକି ନିତ୍ୟେ । ରଖନ୍ତି ସାଧୁ ମୂଳ ଯେତେ ।
ତହୁଁ ଯେତେକ ମିଳଥାଇ । ପ୍ରାଣ ପୋଷନ୍ତି ତାହା ଖାଇ ।
ଦଇବ ଯୋଗରେ ଉଦାସୀ । ଯୋଗୀ ଆବର ବ୍ରହ୍ମଋଷି ।
ବିପ୍ର ବୈଷ୍ଣବ ଯେ ସନ୍ନ୍ୟାସୀ । ତାହାର ଦ୍ୱାରେ ଯେବେ ଆସି ।

ପ୍ରକାଶ କରନ୍ତି ସେମାନେ । ତାହାଙ୍କୁ ଅତି ଶ୍ରଦ୍ଧାମନେ ॥
ଯେ ଅବା ତାର ଘରେ ଥାଇ । ଦିଅଇ ତାର ପାଶେ ନେଇ ॥
ମାତା ନନ୍ଦନ ବେନି ପ୍ରାଣୀ । କହନ୍ତି ସୁଧାସମ ବାଣୀ ॥
କଣା ପିଣ୍ଡାରୁ ଯେତେ ଥାଇ । ଯେ ଯାହା ମାଗେ ତାହା ଦେଇ ॥
ନାହିଁ ବୋଲିବା ପଦ ତାର । ତୁଣ୍ଡରୁ ନୁହଇ ବାହାର ॥
ଏମନ୍ତେ ବଞ୍ଚୁ ଥାଇ ଦିନ । କରିଣ ଶ୍ରୀହରି ଭଜନ ॥
ଦେଖିଲେ ସାଧୁଜନ ଗୋଷ୍ଠୀ । ସେଠାରୁ ନ ଆସଇ ଉଠି ॥
ଯଦି ସେ ଗୃହକର୍ମେ ଥାଇ । ଯେ ଯାହା ମାଗିଲେ ତା ଦେଇ ॥
ପ୍ରଭୁ ପଦାରବିନ୍ଦ ଗତେ । ନିବେଶି ମନ ଅନୁବ୍ରତେ ॥
ସକଳ ଜନେ ଦୟାକରେ । ସକଳ ଦୁଃଖିଜନଠାରେ ॥
ଏହି ପ୍ରକାରେ ବଞ୍ଚେ ଦିନ । ନ ଜାଣେ ଅନ୍ୟ କଥାମନ ॥
ଏମନ୍ତେ କେତେଦିନ ଅନ୍ତେ । ତା କୀର୍ତ୍ତି ପୂରିଲା ଜଗତେ ॥
ଯାହିଁ ଶୁଣିଲେ ତା ଚରିତ । ପ୍ରଶଂସା କଲେ ଅପ୍ରମିତ ॥
ଲୋକେ ବୋଇଲେ ଧନ୍ୟ ଧନ୍ୟ । ଖୋଲିଆ କବୀର ଜୀବନ ॥
ଏତେ ଦରିଦ୍ର ଜନ ହୋଇ । ଯେ ଯାହା ମାଗିଲେ ଦିଅଇ ॥
ଏତେ କୁଶଳ ତାର ମତି । ବୋଲିଣ ପ୍ରଶଂସା କରନ୍ତି ॥
ବଞ୍ଚାଇ ପର ଉପକାରେ । ନାମଭଜନ ନିତ୍ୟ ଭରେ ॥
ଏମନ୍ତ ହୋଇ ଦଶଦିଶେ । ତା ଯଶ ଜଗତେ ପ୍ରକାଶେ ॥
ତାହା ଜାଣିଲେ ଭଗବାନ । ବଢ଼ିବା ପାଇ ତାର ମାନ ॥
ତକ୍ଷଣେ ବିପ୍ରରୂପ ହୋଇ । ବିଜୟ କଲେ ଶ୍ରୀବତ୍ସାଙ୍କ ॥
ଅତି ଦୁର୍ବଳ ବସ୍ତ୍ର ଗୋଟି । ଚାଲନ୍ତେ ପଡ଼ୁଅଛି ଫୁଟି ॥
ଛିଣ୍ଡାକେଲଙ୍ଗଡ଼ା କନାଧଡ଼ । ଅଶେଷ ଗଣ୍ଠି ଅଛି ପଡ଼ି ॥
ତହୁଁ ଖଣ୍ଡିକ ପିନ୍ଧି ହରି । ଖଣ୍ଡେ ବୋଷଡ଼ା ହସ୍ତେ ଧରି ॥
ଅତ୍ୟନ୍ତ ଦରିଦ୍ର ରୂପରେ । ବିଜୟ କଲେ ତାର ପୁରେ ॥
ଧୀରେ ଚାଲନ୍ତେ ବ୍ରହ୍ମଷି । ଖଣ୍ଡେଦୂରରେ ବସି ବସି ॥
ଯାହାକୁ ଦେଖିଲେ ପଥର । କାନ୍ଦିବ ହେ କବୀରର ପୁଷ ॥

ଆଜ୍ଞ ଅଛଇ କେତେ ଦୂରେ । ଦେଖାଇ ଦିଅ କନା ମୋରେ ॥
ଆମ୍ଭେ ହୋ ଯିବୁ ତାର ପାଶେ । କଛୁନ୍ତି ମାଗିବାର ଆଶେ ॥
ଏମନ୍ତ କହି ଜନାର୍ଦ୍ଦନ । ସେଠାରୁ କଲେକ ଗମନ ॥
ତେଣୁ କବୀର ଆସୁଅଛୁ । ଘରେ ତୋ ଅନ୍ନ ନାହିଁ କଛୁ ॥
ବସ୍ତ୍ର ଖଣ୍ଡିଏ ଅଛୁ ଧରି । ବଣ୍ଟୀ କରିବ ବୋଲକରି ॥
ଘରେ ତା କଛୁ ନାହିଁ ଯେଣୁ । ତଣ୍ଡନେ ଯାଉଛୁ ସେ ତେଣୁ ॥
ତେଣୁ ଆସନ୍ତି ଦାମୋଦର । ଭେଟ ପଡ଼ିଲେ ଯେ ବଣ୍ଟର ॥
ଲୋକେ ବୋଇଲେ ତହିଁ ଥାଇ । ଏହିଟି କବୀର ଅଟଇ ॥
ତାହା ଶୁଣିଣ ଚକ୍ରପାଣି । କବୀର ମୁଖ ଚାହିଁ ଭଣି ॥
ଶୁଣ ହେ ଯୋଲଆ କବୀର । ଆମ୍ଭେ ଆସିଛୁ ତୋହଠାରେ ॥
ସୁରନଗରେ ତୋ ଖ୍ୟାତି । ଶୁଣୁ ଯେ ଆଜ ଅନ୍ତ ନତ ॥
କବୀର ପ୍ରାୟେ ଏକ ଜଣେ । ନାହିଁ ନ ଥିବ ଏ ଭୁବନେ ॥
ଦରିଦ୍ର ହେଲେ ଜସ ହୋଇ । ଯେ ଯାହା ମାଗିଲେ ଦିଅଇ ॥
ଏମନ୍ତ ଶୁଣି ଆମ୍ଭେ ଭଣ୍ଡେ । ଅତି ଭରସା କରି ମନେ ॥
ଆସିଣ ଅଛୁ ତୋର ପାଶେ । କଛୁନ୍ତି ମାଗିବାର ଆଶେ ॥
ଦିଅ ନ ଦିଅ ତୋର ମନ । କହିଲୁ ସ୍ୱରୂପ ବଚନ ॥
ତା ଶୁଣି ଯୋଲଆ କବୀର । ବିପ୍ରଙ୍କୁ କଲା ନମସ୍କାର ॥
ବୋଇଲା ଶୁଣ ହେ ଗୋସାଇଁ । ଏହା ଯେ କହିଲ କିମ୍ପାଇଁ ॥
ଦେବା ଦିଆଇବାକୁ ହରି । କରତା ଅଟନ୍ତି ସବୁରି ॥
ମୋ ଘର କେତେକ ଶକତି । ଦେବାକୁ ଦେବ ମୋର ମତି ॥
ହେଲେ କି ମାଗୁଛ ଗୋସାଇଁ । କହ ଶୁଣଇ କନା ମୁହିଁ ॥
ତା ଶୁଣି ପ୍ରଭୁ ଦାମୋଦର । ଅନେକ ବ୍ରହ୍ମାଣ୍ଡ ଠାକୁର ॥
ମେଘଗମ୍ଭୀର ଧୀରବାଣୀ । କହନ୍ତି ପ୍ରଭୁ ଚକ୍ରପାଣି ॥
ଦେଖ ମୁଁ ଦରିଦ୍ର ବ୍ରାହ୍ମଣ । କବୀର ଭଲେ ଏହା ଶୁଣ ॥
ବସ୍ତ୍ର ଖଣ୍ଡିଏ ମୋତେ ଦିଅ । ଅନେକ ଲୋକେ ଯଶ ଯାଅ ॥
ଅଧିକ କି କହିବ ତୋତେ । ଏତେକ ମାଗିଲୁ ଯୁକତେ ॥

ତା ଶୁଣି ଖୋଲିଆ କବୀର । ବୋଇଲା ଶୁଣ ବିପ୍ରବର ॥
ଏ ମୋର ଅଙ୍ଗରୁ ବସ୍ତ୍ର । ଯାହା ଭିଆଇଥିବେ ହରି ॥
ତେତେବେଳେ ସନ୍ତୋଷ ହୋଇବ । ମୋହର ଭାଗ୍ୟରେ ଲାଗିବ ॥
ଏମନ୍ତ ବୋଲି ବସ୍ତ୍ର ଧରି । ଚିରିଲା ଦେନି ଖଣ୍ଡ କରି ॥
ଖଣ୍ଡେକ ବସ୍ତ୍ର ହସ୍ତେ ଦେଇ । ବାକ୍ୟ କହିଲା ସ୍ଫୁଟିଆଇ ॥
ଆରେକ ଖଣ୍ଡ ହସ୍ତେ ଧରି । ଲଙ୍ଗି ପୋଇଲା ଯତ୍ନ କରି ॥
ବୋଇଲା ଘେନ ହେ ବ୍ରାହ୍ମଣ । ତା ଶୁଣି କମଳା ରମଣ ॥
ଅତି ଆନନ୍ଦ ହୋଇ ମନେ । ପିନ୍ଧିଲେ କବୀର ବଚନେ ॥
ଛିଣ୍ଡା ଲେଙ୍ଗଡ଼ା କନା ଯେତେ । ପିନ୍ଧିବା ବୋତଡ଼ା ସହିତେ ॥
ଅନ୍ତର କରି ତା ପକାଇ । ରହିଲେ ଆନନ୍ଦିତ ହୋଇ ॥
ତା ଦେଖି ବୋଲଇ କବୀର । ହେ ବିପ୍ରବର ବିଜେ କର ॥
ମୁଁ ଏବେ ଯାଉଛି ତ୍ୱରିତେ । ଏ ଖଣ୍ଡି ବିକିବା ନିମନ୍ତେ ॥
ଦେଖ ମୋ ଦୁଃଖ ବିପ୍ରବର । ଧନ ଆଣିଲେ ଘରେ ମୋର ॥
କୁଟୁମ୍ବଯାକ ସୁସ୍ଥ ହୋଇ । ଭୋଜନ କରିବେ ଗୋସାଇଁ ॥
ନୋହିଲେ ଉପବାସେ ଥିବେ । ତେଣୁ ମୁଁ ଯାଉଅଛି ଏବେ ॥
ତା ଶୁଣି ପ୍ରଭୁ ବ୍ରହ୍ମଋଷି । ଅଳପ ମନ୍ଦେ ମନ୍ଦେ ହସି ॥
ବୋଇଲେ ଶୁଣ ହୋ କବୀର । ଜାଣିଲି ଦାତାପଣ ତୋର ॥
କ୍ଷୁଧାର୍ତ୍ତଜନଙ୍କୁ ବସାଇ । ଯେ ଅର୍ଦ୍ଧ ଭୋଜନ ଦିଅଇ ॥
ତହିଁ ଯେ ଫଳ ନାହିଁ କଳ୍ପି । ଅଧିକ ପାତକ ଲେଖୁଛି ॥
ଆବର ବିପ୍ରଙ୍କର କରେ । ଦାନ ଦିଅନ୍ତି ଯେଉଁ ନରେ ॥
ଯେବେ ତା ଦକ୍ଷିଣା ନ ଦେଇ । ତହିଁରେ ଫଳ ଆଉ ନାହିଁ ॥
ନୋହିଲେ ଦେଉଳ ଅଟାଳି । ବାମ୍ପୀ ପୋଖରୀ ଥିବ ଖୋଳି ॥
କୂପାଦି ତଡ଼ାଗ ସହିତେ । ଆବର ଧର୍ମ ହୋଇ ଯେତେ ॥
ଏମାନ ପ୍ରତିଷ୍ଠା ନ କଲେ । ଫଳ ମିଳିବ କାହୁଁ ଭଲେ ॥
ପତି ନ ଥିଲ ପତ୍ନୀ ପ୍ରାୟେ । ଏ ସବୁ ଅନର୍ଥକୁ ଯାଏ ॥
ଏଣୁ ମୁଁ କହୁଅଛି ତୋତେ । ଆବର ଖଣ୍ଡି ଦିଅ ମୋତେ ॥

ବୋଷଣ୍ଡା କରି ଆମ୍ଭେ ଯାଉ । ତୋର କୀରତ ରହୁ ଥାଉ ।
ନୋହିଲେ ନ ବଞ୍ଚଇ ଶୋଷ । ଅଧିକ କ କହିବ ଅବା ।
ଦେଖ ମୁଁ ଦୁଃଖୀ ବିପ୍ରବର । ଏଥିରେ ସଂଶୟ ନ କର ।
ତା ଶୁଣି କବୀର କୁଶଳେ । ଆଦର ଖଣ୍ଡ ଧରି ହସ୍ତେ ।
ବ୍ରାହ୍ମଣ ହସ୍ତେ ଦେଲେ ନେଇ । ବୋଇଲେ ଶୁଣହେ ଗୋସାଇଁ ।
ଏବେ ବହନ ବିଜେକର । ମୋରେ କରୁଣା ରଖି ତୋର ।
ତା ଶୁଣି ପ୍ରଭୁ ନାରାୟଣ । କରିଣ ଅନେକ କଲ୍ୟାଣ ।
ସେଠାରୁ ବିଜେ କରିଗଲେ । ପିନ୍ଧା ବୋଷଣ୍ଡା ପାଇ ଭଲେ ।
ଏଣେ କବୀର ଗଲା ଚଳି । ଏକାନ୍ତ ସ୍ଥାନେ ଯାଇ ମିଳି ।
ବସିଲା ନିଶ୍ଚଳ ଆସନେ । ହରିଙ୍କ ଚିନ୍ତା କରି ମନେ ।
ବୋଇଲା ଆହେ ମହାମେରୁ । ଅଶେଷ ପ୍ରାଣୀଙ୍କର ଗୁରୁ ।
ତୁମ୍ଭର ସଞ୍ଚକାର ଅନ୍ନେ । ପ୍ରାଣ ପୋଷନ୍ତି ପ୍ରାଣିମାନେ ।
ଏଣୁ ମୋ କୁଟୁମ୍ବର ଚିନ୍ତା । ତୁମ୍ଭେ ହେ ପ୍ରଭୁ ଜଗତ୍କର୍ତ୍ତା ।
ଏମନ୍ତ ବୋଲି ସୁଖେ ବସି । ମୁଖେ ଶ୍ରୀହରି ନାମ ଘୋଷି ।
ଏଣୁ ଯେ ଗଲେ ଜନାର୍ଦ୍ଦନ । ଯେ ପ୍ରଭୁ କାଳୀୟ ମର୍ଦ୍ଦନ ।
ଗ୍ରାମରୁ ବାହାର ହୋଇଲେ । ବିପ୍ର ସ୍ୱରୂପ ଗୋପ୍ୟ କଲେ ।
ଭକତଭାବେ ଭାବଗ୍ରାହୀ । ଭାବେ ଗୋପାଳରୂପ ହୋଇ ।
ତକ୍ଷଣେ ଭାରଖୋଟି କରି । ଅଶେଷ ଦ୍ରବ୍ୟ ଛନ୍ଦି ଭରି ।
ସରୁଚାଉଳ ମୁଗଯାଇ । ଘୃତ ନବାତ ଦୁଗ୍ଧ ଦହି ।
ହେଙ୍ଗୁ ମରିଚ ଫୁଲବଡ଼ି । ଲବଣ ସୋରିଷ କଉଡ଼ି ।
ଏ ଆଦି ନାନା ଦ୍ରବ୍ୟମାନ । ସମ୍ପୂର୍ଣ୍ଣ କରି ଭଗବାନ ॥
ଭାର ବହିଣ ବନମାଳୀ । ଭକତ ହିତେ ଗଲେ ଚଳି ।
ଅତ୍ୟନ୍ତ ସନ୍ଧ୍ୟା ସମୟରେ । ମିଳିଲେ କବୀରର ଦ୍ୱାରେ ।
ଦ୍ୱାରେ ରହିଣ ନରହରି । ଡାକିଲେ ଡାକ ଗୋହାରି ।
ତେଣେ ଯେ କବୀରର ମାତା । ବସିଣ କରୁଛନ୍ତି ଚିନ୍ତା ।
ପୁତ୍ର ମୋ ଗଲା ବସ୍ତ୍ର ବିକି । ଘରକୁ ନଇଲା କାହିଁକି ।

କବା କାରଣ ତାର ହୋଇ । ବସ୍ତ୍ର କ ଖଣ୍ଡା ହୋଇନାହିଁ ॥
ତେଣୁ ସେ ଚିନ୍ତା କରି ଚିତ୍ତେ । ବସିଣ ଅଛଇ ଏକାନ୍ତେ ॥
ଏମନ୍ତ ବୋଲି ବସି ଥାନେ । ଡାକ ଶୁଭିଲା କର୍ଣ୍ଣବନେ ॥
ଉଠିଣ ଧାଇଁଲା ତୁରିତେ । ଦ୍ୱାରେ ଦେଖିଲା ଅଦ୍ଭୁତେ ॥
ଅତି ବିଶାଳ ବାହୁ ଦୁଇ । କରେ କଙ୍କଣ ବିରାଜଇ ॥
ମହା ବିଶାଳ ବକ୍ଷସ୍ଥଳ । ସୁନ୍ଦର ସୁଗଣ୍ଡ କପୋଳ ॥
ରଙ୍ଗ ଅଧର ମନ୍ଦହାସେ । ସମ୍ପୂର୍ଣ୍ଣ ଚନ୍ଦ୍ରମୁଖ କ ସେ ॥
ଏମନ୍ତ ରୂପ ତାଙ୍କ ଦେଖି । ବଚନ କହିତ ନ ପାରି ॥
ବିସ୍ମୟ କରଇ ମନର । କସ ଏ ଆଣିଅଛ ଦ୍ୱାର ॥
କାହୁଁ ଅଇଲା ଏ ଯୁବକେ । ଏହା ମୁଁ ଜାଣିବି କେମନ୍ତେ ॥
ଏମନ୍ତ ବୋଲି ପଚାରଇ । କାହୁଁ ଅଇଲ ବାପ ଧାଇ ॥
କହେ ବସୁଛ କେଉଡ଼େ ଘର । ରଖିଣ କହ ମୋ ଆଗର ॥
ତା ଶୁଣି ପ୍ରଭୁ ଦେବରାଏ । ବୋଲନ୍ତି ଶୁଣସି ଗୋ ମାଏ ॥
ତୁମ୍ଭର ପୁଅ ଦାଣ୍ଡେ ବସି । ଆମ୍ଭଙ୍କୁ ଦେଇଛନ୍ତି ପେଷି ॥
କାମ ଅଛଇ ଏଥେଁ ଦେଖ । ନେଇଣ ଭଲକରି ରଖ ॥
ତଣା ଅଧିକ ଥିଲେ କେତେ । ଏବେହେଁ କହ କନା ମୋତେ ॥
ଆମ୍ଭେ ଯେ ମହନ୍ତ ବୋଲାଉଁ । ପଛକୁ ବୋଲଣା ନ ପାଉଁ ॥
ଏମନ୍ତ ବୋଲି ଘର ଥୋଇ । ବଢ଼ାଇ ଯାନ୍ତି ଅବସ୍ଥାଣି ॥
କବୀର ମାତା ଯେବେ ଯାଇ । ମନ୍ଦିରେ ରଖି ଆସୁଥାଇ ॥
ଏହି ପ୍ରକାରେ କେତେଥର । ନେଇଣ ପୂର୍ଣ୍ଣକଲା ଘର ॥
ଆଉ ଥୋଇବା ଠାବ ନାହିଁ । ବୋଇଲା ଗଉଡ଼କୁ ଚାହିଁ ॥
ଆଜକ ଘର ଅଛି ତୋର । ଘରେତ ସ୍ଥାନ ନାହିଁ ମୋର ॥
ତା ଶୁଣି ପ୍ରଭୁ ଜଗନ୍ନାଥ । ବୋଇଲେ ଶୁଣସି ଗୋ ମାତ ॥
ତୋ ଘରେ ଯେବେ ନାହିଁ ସ୍ଥାନ । ମୋ ଘର ହୋଇଲାଣି ଶୂନ୍ୟ ॥
ଆପଣ ଦେଖିଥାଅ ତୁମ୍ଭ । ପଛେ ତୋ ଯାଉଅଛି ମୁହିଁ ॥
ତା ଶୁଣି କବୀରର ମାତା । ହସି ବୋଲଇ ଏ କି କଥା ॥

ଆଜ ଦଣ୍ଡକମାତ୍ର ରହ । ରନ୍ଧନ କରି ଭୁଞ୍ଜି ଯାଅ ॥
ନୋହିଲେ ଶୀତଳ ମଣୋହି । କରି ଯାଅରେ ବାପଧନ ॥
ତରସ୍ତ ନ କରଣ ଯେବେ । ତୁମ୍ଭଙ୍କୁ ଛାଡ଼ିବେକ ତେବେ ॥
ପୁତ୍ର ଯେ କ ବୋଲିବେ ମୋତେ । ଏ କଥା ନୋହେ କବାଚତେ ॥
ତା ଶୁଣି ବୋଲନ୍ତି ଶ୍ରୀକୃଷ୍ଣ । ଅଶେଷ ବଡପ୍ପା ଯେ ଅଛି ॥
କ୍ଷଣେ ରହିବା ତର ନାହିଁ । ଏବେ ପାଇଲି ସବୁ ମୁହିଁ ॥
ଏଘର ବୁହା ମୂଲ୍ୟ ଯାହା । ଆଗତୁଁ ପାଇଅଛି ତାହା ॥
ଏମନ୍ତ କହି ମଧୁହାସ । ସେଠାରୁ ଗଲେ ଢଳେଜଣ ॥
ଭକତ ବନ୍ଧୁ ଭଗବାନ । ତତକ୍ଷଣେ ହେଲେ ଅନ୍ତର୍ଦ୍ଧାନ ॥
ଏଥି ଉତ୍ତାରୁ ଶୁଣ ମନ । କବୀର ଜନନୀ ବଚନ ॥
ଅନ୍ନ ଯେ ରନ୍ଧା ବଢ଼ା କଲା । ଯାଇଁଣ ପୁତ୍ରକୁ ଡାକଲା ॥
ତା ଶୁଣି କବୀର ହରଷେ । ଯାଇ ମିଳିଲା ମାତା ପାଶେ ॥
ବୋଇଲା ମାତା ମୁଖ ଚାହିଁ । ମୋତେ ଡାକିଲୁ କାହିଁପାଇଁ ॥
କାହୁଁ ଯେ ମିଳିଲା ଭୋଜନ । କହ ଗୋ ସ୍ୱରୂପ ବଚନ ॥
କି ଅବା ମାଗି ଯତ୍ନ କଲୁ । ଉଧାର କରି କି ଆଣିଲୁ ॥
କେଉଁ ପ୍ରକାରେ ଦେଲେ ହରି । କହଗୋ ସଂଶୟ ନ କରି ॥
ପୁତ୍ରର ଏସନ ବଚନ । ଶୁଣି ବୋଇଲେ ମାତା ପୁଣ ॥
ବାତୁଳ ହେଲୁ କିବେ ସୁତ । ମୋତେ ଲାଗିଲା ଆଚମ୍ବିତ ॥
ଖାଦ୍ୟ ସାମଗ୍ରୀ କରି ଘର । ପେଟ ଯେ ଥିଲୁ ଆମ୍ଭଘର ॥
ଘରୁଆ ତାହା ଆଣି ବ୍ୟସ୍ତେ । ରନ୍ଧନ କଲି ମୁଁ ଇଚ୍ଛରେ ॥
ତା ଶୁଣି ଯୋଳିଆ କବୀର । ମନରେ କରିଲା ବିଚାର ॥
ମୁଁ ତ କାହାକୁ ନାହିଁ ପେଷି । କେ ଘର ଦେଇଗଲା ଆସି ॥
ଆନରେ ନୋହେ ଏ ଚରିତ । ନିଶ୍ଚେ ସେ ପ୍ରଭୁ ଜଗନ୍ନାଥ ॥
ହେ ମାତ ! ଘର ବୁହାବେଳେ । ଦେଖିଲୁଟିକି ଚର୍ମଲୋଳେ ॥
ମାତା ବୋଲଇ ଆରେ ସୁତ । କିତ କହିଲୁ ବିପରୀତ ॥
ଆମ୍ଭର ଦ୍ୱାରେ ଉଭା ହୋଇ । ଡାକନ୍ତେ ଅଇଲା ମୁଁ ଧାଇଁ ॥

ଦେଖିଲି ଅପୂର୍ବ ସ୍ୱରୂପ । ଯେସନେ ନବଘନ ରୂପ ॥
ଘରରୁ ଆଣି ମୋର ହସ୍ତେ । ବଢ଼ାଇଦେଇଥିଲେ ମୋତେ ॥
ମୁଁ ନେଇ ରଖିଥିଲି ଘର । ପୂରିଲା ମନ୍ଦିର ମୋହର ॥
ତାହାର ଘର ବୃଦ୍ଧ ହେଲା । ପିତାକୁ ମେଲାଣି ମାଗିଲା ॥
ମୁଁ ଯେ ଡାକିଲି ନାନାମତେ । ରହିଲେ ନାହିଁ କଦାଚିତେ ॥
ମୂଲ ମୁଁ ଯାଚିଲି ନ ନେଲେ । ଆଗହୁଁ ପାଇଛୁଁ ବୋଇଲେ ॥
ଶୁଣି କବୀର ଖବଖୋଳେ । ନମିଲା ମାତା ପାଦତଳେ ॥
ଉଠେ କପାଳେ ଯୋଡ଼କର । ବୋଇଲେ ଧନ୍ୟ ଜୀବ ତୋର ॥
ଏବେ ମୁଁ ତୋର ରୂପ ଦେଖି । ସଫଳ କଲି ଚର୍ମ ଆଖି ॥
ମାତା ବୋଇଲା ରେ ନନ୍ଦନ । ମୋ ସ୍ଥିର କେତେକ ଜୀବନ ॥
ତୋତେ ମୁଁ ପୁଅ କଷ୍ଟ ପାଇ । ତେଣୁ ଦେଖିଲି ଯକଯାଇ ॥
ଏମନ୍ତ ବୋଲି ପୁଅ କର । ଧରିଚଳିଲେ ନିଜପୁର ॥
ବୋଇଲେ ଶୁଣସିରେ ବାବୁ । ଘରେ ତ ପୂରିଅଛି ସବୁ ॥
ଶୁଣି କବୀର ଦେଲା ଯାହିଁ । ମନ୍ଦିରେ କାହିଁ ଠାବ ନାହିଁ ॥
ନାନାବିଧ ଦ୍ରବ୍ୟମାନଙ୍କରେ । ପୂରିରହିଛି ସବୁଠାରେ ॥
ତା ଦେଖି ବିସ୍ମରଇ ମନ । ଧନ୍ୟ ମହିମା ଭଗବାନ ॥
ଅତ୍ୟନ୍ତ ପାବଜନଠାରେ । କି ଅବା ଅରକ୍ଷିତ ନରେ ॥
ତୁଅନ୍ତି ସେ ଏତେ ସାପକ୍ଷ । କୋଟି ବ୍ରହ୍ମାଣ୍ଡେ ନାହିଁ ଲକ୍ଷ ॥
ଏମନ୍ତ ପ୍ରଭୁଙ୍କର ସେବା । ଛାଡ଼ି ଯେ ଭଜେ ଅନ୍ୟ ଦେବା ॥
ଧିକ ତା ଧିକ ତା ଜୀବନ । ଧନଅର୍ଥେ ବଞ୍ଚାଇବା ଦିନ ॥
କେବଳ ନର ଦେହ ବହି । ପଶୁଙ୍କ ପ୍ରାୟ ସେ ବଞ୍ଚଇ ॥
ଏବେ ତୁ ଶୁଣ ମୋ ଉତ୍ତର । ସାଧୁ ଶ୍ରୀକୃଷ୍ଣ ନାମ ସାର ॥
ସଂସାରେ ସତ୍ୟ ତୁ ଏ କଥା । ଆଉ ସକଳ କଥା ମିଥ୍ୟା ॥
ଏଣୁଟି ପ୍ରଭୁ ଆଦିମଳ । ଭଜନ କଥା ଅମୃତ ଫଳ ॥
ଏମନ୍ତ ବୋଲି ମାୟେପୋୟେ । ଶ୍ରୀହରି ପାଦେ କରି ଲୟେ ॥
ଶ୍ରୀହରି ପାଦେ ଦେଇ ମନ । ଆନନ୍ଦେ ବଞ୍ଚାଇଲେ ଦିନ ॥

ଏମନ୍ତେ କବୀରର ଯଶ । ଜଗତେ ହୋଇଛି ପ୍ରକାଶ ॥
ଶୁଣ ସୁମନ ହେତୁ କେଇ । ଏ ଦାର୍ଢ୍ୟଭକତି ଅଟଇ ॥
ଏହା ଯେ ଶୁଣି କରେ ଶ୍ରଦ୍ଧା । ଲାଗଇ ନାହିଁ ପାପ ବାଧା ॥
କହଇ ବସ୍ତ୍ର ରାମ ଦାସ । ମୋ ପ୍ରଭୁ କମଳା ବିଳାସ ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତି ରସାମୃତେ ମନ ଚୈତନ୍ୟ ସମ୍ବାଦେ
କବୀର ବସ୍ତ୍ରଦାନ ଦାର୍ଢ୍ୟଭାବ ମୋକ୍ଷଣେ
ନାମ ସପ୍ତଦଶୋଽଧ୍ୟାୟଃ ।

—❖—

## ଅଷ୍ଟାଦଶ ଅଧ୍ୟାୟ

## ମଣି ଦାସ ସମ୍ବାଦ

### ଚୈତନ୍ୟ ଉବାଚ

କହେ ଚୈତନ୍ୟ ମହାତ୍ମତା । ଭକତ ଭାବେ ଯେଉଁ କଥା ॥
ଶୁଣ ହେ ମନ ନୃପଗଣ । ଦାର୍ଢ୍ୟଭକ୍ତିର ଯେ ଲକ୍ଷଣ ॥
ପୁରୁଷୋତ୍ତମେ ତାର ଘର । ଜାତିରେ ଅଟେ ମାଳାକାର ॥
ନାମ ତାହାର ମଣି ଦାସ । କୁଟୁମ୍ବ ଘେନି କରେ ବାସ ॥
କରି ଆପଣା ନିଜବୃତ୍ତି । ଦୁଃଖ ସୁଖରେ ବଞ୍ଚୁଥାନ୍ତି ॥
ଏମନ୍ତେ କେତେଦିନ ଗଲା । ଦଇବ ଯାହା ଉଆଇଲା ॥
କୁଟୁମ୍ବମାନ ଗଲେ ନାଶ । ଏକା ରହିଲା ମଣି ଦାସ ॥
ତହୁଁ ବୈରାଗ୍ୟ ହେଲା ତାର । ବୋଇଲା ଧିକ ଏ ସଂସାରର ॥
କି ହେଲା ଦାରା ପୁତ୍ର ମୋର । କେହିତ ନୁହଇ କାହାର ॥
କେବଳ ଜୀବର ଉଦ୍ଧାର । ହେବାକୁ ହରିନାମ ସାର ॥
ସଂସାରେ ଅନ୍ୟ କର୍ମ ଯେତେ । କେବଳ ମିଥ୍ୟା ଏ ସମସ୍ତେ ॥
ଏମନ୍ତ ବୋଲି ମଣି ଦାସ । ବୈଷ୍ଣବ ପଣେ କଲା ଆଶ ॥
ଡୋର କୌପୀନ ଆଶ୍ରେ କରି । ସର୍ବେଣ ଭଜଇ ଶ୍ରୀହରି ॥
ପ୍ରଭାତୁଁ ସ୍ନାନ ସେ କରଇ । ଦ୍ୱାଦଶ ତିଳକ ଘେନଇ ॥
ଉତ୍ତମ ତୁଳସୀର ହାର । ଗଳାରେ ଭରିଥାଇ ତାର ॥

ନଡ଼ଆ ସଢ଼ାଇ ବଫାଳ । କରିଣ ଥାଇ କରତାଳ ॥
କାଖେ ଯାଚଣ କମାଖଣ୍ଡେ । ମେଲାଇ ଆସୁଥାଏ ଦାଣ୍ଡେ ॥
ମିଳଇ ସିଂହଦ୍ୱାରଠାରେ । ପତିତପାବନ ସ୍ମୁଖରେ ॥
ନୃତ୍ୟ କରଇ ଦାଣ୍ଡେ ରହି । ଅନେକ ଦଣ୍ଡବତ ହୋଇ ॥
ଚନ୍ଦ୍ର ମିଳଇ ଶ୍ରଦ୍ଧା ମନେ । ମିଳଇ ଶ୍ରୀ ଜଗମୋହନେ ॥
ଗରୁଡ଼ ପଛେ ଛିଡ଼ାହୋଇ । ପ୍ରଭୁଙ୍କ ଶୋଭାକୁ ଅନାଇ ॥
ସାଷ୍ଟାଙ୍ଗେ କରି ଦଣ୍ଡବତ । ଉଠି କପାଳେ ଯୋଡ଼ି ହସ୍ତ ॥
ବୋଲଇ ଲୁଚି ହୋଇଯିବ । କଳା ଶ୍ରୀମୁଖ ଚୁମ୍ବିଥିବ ॥
ତୁମ୍ଭେ ମୋ ଜୀବର କାରଣ । ଦରିଦ୍ର ଲୋକଙ୍କର ଧନ ॥
ଏମନ୍ତ ବୋଲି କରେ ନୃତ୍ୟ । ମୁଣ୍ଡ ହଲାଇ ଗାଏ ଗୀତ ॥
ସଢ଼ାଇ ତାଳ କରେ ଧରି । ବଜାଇ ଅନ୍ତ ଆଣ୍ଠୁକରି ॥
ବନତାସୁତ ପାଶେ ଯାଇଁ । ଧାଇଁଣ ପୃଷ୍ଠି ଆସୁଥାଇ ॥
କଣ୍ଠ ତା ଅର୍ଗଳକାଷ୍ଠକୁ । ଚୁମ୍ବିଣ କଳା ଶ୍ରୀମୁଖକୁ ॥
ପଛକୁ ଦୃଷ୍ଟି ଆସୁଥାଇ । ଜୟ ଶବଦ ତୁଣ୍ଡେ ଗାଇ ॥
ଆନନ୍ଦେ ବେଣୁଭୁଜ ଧରି । ତୁଣ୍ଡେ ଅନେକ ସ୍ତୁତିକରି ॥
ମୁଣ୍ଡେ ଯେ ବେଣକରେ ଧରି । ତୁଣ୍ଡେ ଅନେକ ସ୍ତୁତିକରି ॥
ଜୟ ତୁ ବୈପଣ୍ଡ କାଳିଆ । ଜୟ ତୁ ବାଇଁତ ମାଳିଆ ॥
ନାନା କୁସୁମେ ମାଳା ଯେତେ । ଭଲ ସେ ଶୋଭା ଦିଶେ ତୋତେ
ହୃଦପଦ୍ମରେ ପଦ୍ମମାଳା । ଯହିଁ କମଳା କରେ ଲୀଳା ॥
ଅନେକ ରତ୍ନ ଅଳଙ୍କାର । ପୂରେ ତୋ ସର୍ବାଙ୍ଗ ଯାକର ॥
ଶ୍ରବଣେ ମକର କୁଣ୍ଡଳ । କି ରବିମଣ୍ଡଳ ଯୁଗଳ ॥
ଶିରେ କଷଠ ଝୁଣ୍ଟକନ୍ତ । କି ଅବା ନବ ଛଦପନ୍ତ ॥
ତୋ କଳାନିଧି ମୁଖ ଦେଖି । ଭକତ ଜନ ହୁଏ ସୁଖୀ ॥
ସୁନ୍ଦର ଶ୍ୱେତ ପଦ୍ମଡୋଳା । ଭୃତ୍ୟ ଆଗତସିନ୍ଧୁ ବେଳା ॥
ଯେ ତୋର ଶ୍ରୀଭୁଜ ଯୁଗଳ । ଅଶେଷ ପ୍ରାଣୀଙ୍କ ମଙ୍ଗଳ ॥
ସେ ଭୁଜେ ଶଙ୍ଖ ଚକ୍ର ଦେଖି । ପିତୁଡ଼ି ନ ପାରଇ ଆଖି ॥

ତହିଁ ନିଷ୍ଟନେ ମଣ୍ଡ ଯାଉ । କି କରିପାରେ ଖଣ୍ଡି ତାଇ ॥
ତୋହର ଅଭୟ ଚରଣ । ଭକତ ଭୟ ନିବାରଣ ॥
ସେ ପାଦପଦ୍ମ ବିନା ଆନେ । ଭରସା ନାହିଁ ମୋର ମନେ ॥
ଏମନ୍ତ ବୋଲି ଗୀତ ଗାଇ । ନାଚଇ ଭଜନମତ୍ତ ହୋଇ ॥
ସଡ଼ାଇ ନାଦ ମୁଖଧ୍ୱନି । ଚରଣେ ପଡ଼ନ୍ତେ ମେଦିନୀ ॥
କମ୍ପଇ ଦୁଲୁ ଦୁଲୁ ହୋଇ । ତା ଭଙ୍ଗୀ କହି ନ ସରଇ ॥
ଏହି ପ୍ରକାରେ ପ୍ରତିଦିନ । ନାଚଇ ଶ୍ରୀ ଜଗମୋହନ ॥
ଏମନ୍ତେ କେତେଦିନ ଅନ୍ତେ । ଶୁଣ ସୁମନ ଶୁଦ୍ଧଚିତ୍ତେ ॥
ଶ୍ରୀ ଜଗମୋହନ ନିବାସେ । ପୁରାଣପଣ୍ଡା ଅଛି ତୋଷେ ॥
ବସିଣ ପୁରାଣ କରନ୍ତି । ଅନେକ ଲୋକ ଶୁଣୁଛନ୍ତି ॥
କହିବା ଶୁଭୁସରେ କରି । ସବୁରି ମନ ଅଛି ହରି ॥
ଏମନ୍ତ ବେଳେ ମଣି ଦାସ । ଆସିଣ ହୋଇଲେ ପ୍ରବେଶ ॥
ସଡ଼ାଇ ଗରଜନ କରି । ମୁଖେ ବୋଲଇ ରାମହରି ॥
ଚରଣ ତୋଳି ନୃତ୍ୟ କରେ । ଶ୍ରୀ ଦାରୁବ୍ରହ୍ମଙ୍କ ସମ୍ମୁଖରେ ॥
ମନ ନିବେଶି ପଦ୍ମପାଦେ । ଚିତ୍ତେ କାହାକୁ ନାହିଁ ଭୟେ ॥
ପୁରାଣ ନିକଟେ ପଡ଼ଇ । କୁହାଟ କୁରୁଳି ଛାଡ଼ଇ ॥
ତା ଦେଖି ପଣ୍ଡା କୋପଚିତ୍ତେ । ପୁସ୍ତକ ରଖିଲେ ତ୍ୱରିତେ ॥
ବୋଇଲେ ଶୁଣ ଆରେ ମୂର୍ଖ । ଏ ବସ୍ତୁ ପୁରାଣର ସାକ୍ଷ ॥
ଚରଣ ଟେକ ନାଚୁ ଅଛୁ । କହୁଣି ମାତ୍ର ମୁଖ ଜହୁ ॥
ଜଙ୍ଗମ ଲୋକେ ବସିଛନ୍ତି । ଦେବଙ୍କ ସମାନ ଦିଶନ୍ତି ॥
ଏଥେ ଗରବ ତୋର ଏଡ଼େ । ନାଚୁ ଝୁମକ ବାନ୍ଧି ଗୋଡ଼େ ॥
କୋବାଇ ମରୁଥାଉ ଏଣେ । ପୁରାଣ ନ ଶୁଣୁ ତୋ କର୍ଣ୍ଣେ ॥
ଏମନ୍ତେ ବୋଲି ପଣ୍ଡା କୋପେ । ଗାଳି ଦିଅନ୍ତି କେତେ ରୂପେ ॥
ମାଣିଆ ଦାସ ନ ଶୁଣଇ । ପ୍ରଭୁଙ୍କୁ ଆନ ନ ଜାଣଇ ॥
ତାହା ଶୁଣିଣ ଅନ୍ୟଜନ । ବୋଲନ୍ତି ଶୁଣରେ ଅଜ୍ଞାନ ॥
ପଣ୍ଡାଙ୍କ ବଚନ ନ ଶୁଣୁ । ଇତର ଜନ ପ୍ରାୟେ ମଣୁ ॥

ପ୍ରସବ ପାଇବୁ ଅପାର । ରକ୍ଷିବ କେଉଁବାପ ତୋର ॥
ତୁ ଏବେ କେଉଁଠୁ କହୁଣି । ଜାଣିଥା ହେବ ଏହୁକ୍ଷଣି ॥
ନ ଖାଇ ବେଗ ହୋଇ ଚଳ । ଯେବେ ତୋ ଅଦୃଷ୍ଟ କୁଶଳ ॥
ନୋହିଲେ ମରିବୁ ଅବଶ୍ୟ । ତାହା ଶୁଣିଣ ମଣି ଦାସ ॥
କ୍ରୋଧରେ ଗଦ ଗଦ ହୋଇ । ବଦନୁ ବାକ୍ୟ ନ ସ୍ଫୁରଇ ॥
ବନ୍ଦା ଶ୍ରୀମୁଖକୁ ଅନାଇ । ନେତ୍ରୁ ଲୋତକ ଧାରବହି ॥
ବୋଇଲା ଆହେ ମହାବାହୁ । ଶରଣ ପଞ୍ଜର ବୋଲାଉ ॥
ତୋଳି ବସିଛୁ ବାହୁ ଦୁଇ । ଶରଣ ସମ୍ଭାଳିବା ପାଇଁ ॥
ମୁଁ ଯେ ଅଟଇ ତୋ ଶରଣ । ମୋତେ ବାହିଲୁ ଏ କଷଣ ॥
ଇତରଲୋକ ହୋଇଥିଲେ । ଶରଣ ସମ୍ଭାଳନ୍ତା ଭଲେ ॥
ଶୁଣିଲି ତୋର ପ୍ରଭୁପଣ । ହୃଦୟରେ ବଢ଼ଇ ଦାରୁଣ ॥
ଏମନ୍ତ ବୋଲି କ୍ରୋଧଭରେ । ସହାଇ ତାଳଧରି କରେ ॥
ପ୍ରଭୁ ପ୍ରମୁଖୁ ପିଙ୍ଗି ଦେଲେ । ମଣିଆ ଦାସ ବାହିଗଲେ ॥
ମନରେ ହୋଇଣ ନିରାଶ । ମଠରେ ହୋଇଲା ପ୍ରବେଶ ॥
ଚିତ୍ତ ନିବେଶି ପ୍ରଭୁ ପାଶେ । ଶୋଇଲା ମନର ବିରସେ
ଏମନ୍ତେ ହେଲା ଦିନ ଶେଷ । ରଜନୀ ହୋଇଲା ପ୍ରବେଶ ॥
ସନ୍ଧ୍ୟାଧୂପକୁ ମଣି ଦାସେ । ନ ଗଲେ ମନର ବିରସେ ॥
ଅନ୍ନ ଭୋଜନ ତାର ନାହିଁ । ଉପବାସରେ ଅଛି ଶୋଇ ॥
ଏଣେ ଯେ ପ୍ରଭୁ ଶୋଇଲେ ଯେତେ । ଶ୍ରୀହରି ପହୁଡ଼ ସଜତେ ॥
ଭଣ୍ଡାରି ଘର ମୁଦ୍ରା ଦେଇ । ଭୋଜନ ନଶୋଧ କରାଇ ॥
କବାଟ ପକାଇ ତୁରିତେ । ସେବକ ଗଲେ ଯେଝାମତେ ॥
ଏଥିଅନ୍ତର ଆଦ୍ୟମୂଳ । ଯେ ପ୍ରଭୁ ଭକତ ବତ୍ସଳ ॥
ନ ସହେ ସେବକ ବେଦନା । ଏଥି ନିମନ୍ତେ ତହିଁ ବାନା ॥
ଜନ୍ତୁ ଯେ ଅଛି ନିରନ୍ତରେ । ଭୃତ୍ୟ ଆରତ ଖଣ୍ଡିବାରେ ॥
ତେଣୁ ଭକତ ସ୍ନେହେ ହରି । ତତକ୍ଷଣେ ଗଲେ ବିଜେ କରି ॥
ଯେ ମହାରାଜାଙ୍କର ପାଶ । ବିଜୟ କମଳା ବିଳାସ ॥

| | |
|---|---|
| ରାଜା ଯେ ନଦ୍ରା ଅଛୁ ଯାଇ | ତା ଶ୍ରୀମସ୍ଥାନେ ଉଭା ହୋଇ ॥ |
| ମଣିଆ ବାସ ଅଙ୍ଗମାନେ | ରାଜାଙ୍କୁ କହିଲେ ସ୍ୱପନେ ॥ |
| ବୋଇଲେ ଶୁଣରେ ରାଜନ | ତୁ ତ ଅଜ୍ଞାନେ ହେଲୁ ମତ୍ତ ॥ |
| ତୋ ରାଜ୍ୟ ହାନିକରିବ ଯେତେ | ତାହା ନ ବୁଝି କି ନିମନ୍ତେ ॥ |
| ଏବେ ତୋ ଶୁଣ ଶୁଦ୍ଧଚିତ୍ତେ | ମୁଁ ଯାହା କହୁଅଛୁ ତୋତେ ॥ |
| ମୋର ମଣିଆ ବାସ ଆସି | ଜଗମୋହନ ଘରେ ପଶି ॥ |
| ସଙ୍ଗାଇ ତାଳ କରେ ଧରି | ଅନେକ ନାମ ଧ୍ୱନିକରି ॥ |
| ନୃତ୍ୟ କରଇ ଆମ୍ଭ ପାଖେ | ଆମ୍ଭେ ତା ଶୁଣୁଥାଉଁ ସୁଖେ ॥ |
| ମୋର ଛାମୁରେ ଯେତେ ଲୀଳ | ଶୁଣ କହିବା ତହିଁ ଖେଳ ॥ |
| ତୋହର ଯେସନେ ନନ୍ଦନ | ପାଞ୍ଚ ସାତରେ ଯେତ୍ତୁ ସାନ ॥ |
| ବରଷେ ପୂରଣ ନ ଥାଇ | ଆସଇ ଗେହ୍ଲାଇ ଗେହ୍ଲାଇ ॥ |
| କହଇ ବଚେଇଟି ବଚନ | କେବଳ ଅମୃତ ସମାନ ॥ |
| ତାହା ଯେମନ୍ତେ ଶୁଣି ତୁହି | ତହୁଁ ଅଧିକ ମୋତେ ସେହି ॥ |
| ତାକୁ ପୂରଣ ପଣ୍ଡା ତୋର | ମାରି ମୋ ପାଶୁ କଲା ଦୂର ॥ |
| ତେଣୁ ଭକତ ରୁଷିଗଲା | ସ୍ୱାମୀଙ୍କୁ ମୋହର ନଇଲା ॥ |
| ତେଣୁ ମୁଁ ଉପବାସେ ଅଛି | ତାକୁ ମୁଁ ନ ପାରଇ ମୁଞ୍ଚି ॥ |
| ଭୃତ୍ୟ ଅଇଲା ଯାଏ ମୋର | ମଣୋହି ନାହିଁଟି ମୋହର ॥ |
| ଏବେ ତୁ ବେଗେ ହୋଇଯିବୁ | ମୋର ଭକ୍ତକୁ ଡକାଇବୁ ॥ |
| ଅନେକ ଗଉରବ କରି | ଘେନାଇଯିବୁ କଣ୍ଡଧାରୀ ॥ |
| ପ୍ରଭାତୁ ଶ୍ରୀଜଗମୋହନେ | ନୃତ୍ୟ କରିବ ପ୍ରତିଦିନେ ॥ |
| ତେବେ ମୁଁ କରିବ ଭୋଜନ | ଏକଥା ସତ୍ୟ ବୋଲି ଜାଣ ॥ |
| ଆଉର କହୁଅଛୁ ତୋତେ | ମୋର ଭକତ ଜନ ହିତେ ॥ |
| ଅତ୍ୟନ୍ତ ହରଷ ମନରେ | ନିର୍ମାଣ ବିଶ୍ୱକର୍ମା କରେ ॥ |
| କରିଛୁ ଶ୍ରୀଜଗମୋହନ | ବିସ୍ତାର କରିଛୁ ଯତନ ॥ |
| ଭକତ ଜନ ତହିଁ ମିଳି | ରଙ୍ଗେ ବଜାଇ କରତାଳି ॥ |
| ମୋ ଉଭା ଅଧରକୁ ଚାହିଁ | ମୋ ପାଦପଦ୍ମକୁ ଯେ ଧ୍ୟାଇ ॥ |

ମୋ ନାମ କରଣ କୀର୍ତ୍ତନ । ଆନନ୍ଦ କରୁଥିବ ମନ ॥
ଖବରେ ଯାଇଥିବେ ଗଡ଼ । ଉଠି ଜପାଲେ କର ଯୋଡ଼ ॥
ଅନେକ ସ୍ତୁତି କରିମୋତେ । ଜଣାଉଥିବେ ଦୁଃଖ ଚିତ୍ତେ ॥
ତାହା ମୁଁ ଶୁଣୁଥିବି ବସି । ଭକତ ଜନ ମନ ତୋଷି ॥
ଜଗମୋହନ ଏଥିପାଇଁ । ଆନେ ମୋ ପ୍ରୟୋଜନ ନାହିଁ ॥
ପୁରଣ ଶାସ୍ତ୍ର ଆଜଠାରୁ । ମୋ ଆଗେ ପୁରଣ ନ କରୁ ॥
ପାରିଲେ ଲକ୍ଷ୍ମୀଙ୍କ ମୋହନେ । ପୁରଣ କରୁ ପ୍ରତିଦିନେ ॥
ଭୃତ୍ୟକୁ କଲେ ମୋର ଦୂର । ସମ୍ଭବ ନାହିଁ ନଗଧାର ॥
ଏମନ୍ତ ଆଜ୍ଞା ତାକୁ ଦେଇ । ବିଜୟ କଲେ ଭବଗ୍ରାହୀ ॥
ମଣିଆ ଦାସ ପାଶେ ବିଜେ । କଲେ ଦେବାଧି ଦେବରାଜେ ॥
ବୋଇଲେ ଶୁଣ ଆହେ ଦାସ । ତୁ କମ୍ପା ଅଛୁ ଉପବାସ ॥
ଏବେ ଭୋଜନ କରୁ କନା । କାଲି ମହିମା ବୁଝୁସିନା ॥
ଏମନ୍ତ କହି ପୀତବାସ । ଶ୍ରୀ ନୀଳାଚଳରେ ପ୍ରବେଶ ॥
ଦାସେ ଉଠିଲେ ତାହା ଶୁଣି । ଆନନ୍ଦେ ପ୍ରଭୁ ଗୁଣଗୁଣି ॥
ହରଷ କରି ପଞ୍ଚମନ । ସନ୍ତୋଷେ କଲେକ ଭୋଜନ ॥
ତେଣେ ନୃପତି ଚେତା ପାଇ । ପାଶେ ଦେଖିଲା କେହିନାହିଁ ॥
ଜାଣିଲା ନିଶ୍ଚେ ଜଗନ୍ନାଥେ । କରୁଣା କରିଗଲେ ମୋତେ ॥
ମୋ ଜୀବ ଉଦ୍ଧାର ନିମନ୍ତେ । ପ୍ରକାଶ ହେଲା ତା ଉଚିତେ ॥
ଏମନ୍ତେ ମନେ ମନେ ଗୁଣି । ଉଠିଲା ନୃପ ଚୂଡ଼ାମଣି ॥
ଅଶ୍ୱ ଉପରେ ଲଗି ହୋଇ । ମିଳିଲା କ୍ଷେତ୍ରବରେ ଯାଇଁ ॥
ଦେଉଳ ପ୍ରହରେ ଅଛି ହୋଇ । ନୃପତି ଅଶ୍ୱରୁ ଓହ୍ଲାଇ ॥
ମଣିଆ ଦ ସଙ୍କୁ ହକାରି । କୋଳେ ବସାଇ ଦଣ୍ଡଧାରୀ ॥
ଅନେକ ଗଉରବ କଲେ । ହସ୍ତ ଧରିଣ ଘେନିଗଲେ ॥
ସଙ୍ଗତେ ଘେନି ଶ୍ରଦ୍ଧାମନେ । ପ୍ରବେଶ ଶ୍ରୀ ଜଗମୋହନେ ॥
ନୃପତି ବାନ୍ଧିଦେଲେ ପାଠ । ବୋଇଲେ ଦାସେ କର ନାଟ ॥
ସଢ଼ାଇଦାଳ ଧରି ହସ୍ତ । ଆନନ୍ଦେ ଗାଉ ଥାଅ ଗୀତ ॥

ପ୍ରଭୁଙ୍କ ମନ କର ତୋଷ । ଶୁଣି ଆନନ୍ଦ ମଣିଦାସ ॥
ସେହି ପ୍ରକାରେ କରି ଗୀତ । ଗାଇ ଢ଼ମାଳି କରେ ନୃତ୍ୟ ॥
ତହୁଁ ପୁରାଣ ମନାକଲେ । ଲକ୍ଷ୍ମୀଙ୍କ ମୋହନେ ଗାଇଲେ ॥
ଶୁଣ ସୁମନ ଶୁଦ୍ଧଚିତ୍ତେ । ପ୍ରଭୁଙ୍କ ମହିମା ଏମନ୍ତେ ॥
କୃଷ୍ଣ ପୁରାଣେ କଲେ ମନା । ଭକତ ଭାବ ମୂଳ ସିନା ॥
ସଡ଼ାଇ ନାଟ କଲେ ମୂଳ । ଭକତବନ୍ଧୁ ଆଦ୍ଧମୂଳ ॥
ଏହି ସେ ପ୍ରଭୁର ଭଜନ । ମୂଳ ତୁ କର ହେ ସୁମନ ॥
ଏ ଭବଜଳୁଁ ହେବୁ ପାର । ଗୋଷ୍ପଦ ଜଳର ପ୍ରକାର ॥
ଯେ ହରି ଛାଡ଼ି ଯେ ଭଜନ । କରଇ ଅନ୍ୟ ଦେବମାନ ॥
ସେ କାହିଁ ତରଇ ସଂସାର । ବ୍ୟର୍ଥ କର୍ମରେ ଶ୍ରମତାର ॥
ଅନ୍ଧ ଯେସନେ ଅନ୍ଧକାରେ । କେବେହେଁ ଗମିଣ ନ ପାରେ ॥
ମୃଗ ତୃଷ୍ଣାକୁ ଆଶ୍ରାକରି । ଧାଇଁଲେ ତୃଷା ନଜ ହରି ॥
ସେହି ପ୍ରକାରେ ଭ୍ରମି ମରେ । ବୁଲଣ ମୋହ ପାଶ କରେ ॥
ଏ ଦାର୍ଢ୍ୟଭକ୍ତି ରସାମୃତ । କେବଳ ଶ୍ରବଣେ ମୁକତ ॥
ଯେ ପ୍ରାଣୀ ଶୁଣି ଶ୍ରଦ୍ଧାକରେ । ଅଶେଷେ ଜନ୍ମ ପାପହରେ ॥
ବାଞ୍ଛା ସମ୍ପୂର୍ଣ୍ଣ ହେବ ତାର । ନ ଯିବ ଯମର ମନ୍ଦର ॥
କହଇ ରାମଦାସ ଦ୍ୱିଜ । ମୋ ପ୍ରଭୁ ଶଙ୍ଖ ଚକ୍ରଭୁଜ ॥
ଏ ଭବ ସଂସାରକୁ ଡରି । ଶରଣ ମାଗୁଅଛୁ ହରି ॥
ତୁମ୍ଭେ ଯେ ପତିତ ପାବନ । ମୁହିଁ ଅଟଇ ପାପୀଜନ ॥
ନସ୍ତ ନନ୍ଦର ଗୋସାଇଁ । ଅନ୍ୟ ଶରଣ ମୋର ନାହିଁ ॥
ତୁମ୍ଭର ପାଦପଦ୍ମ ଧୂଳି । ମଣ୍ଡନ ହେଉ ମୋ ମଉଳି ॥
ଉଦ୍ଧର ଅବା ନ ଉଦ୍ଧର । ଅନ୍ୟ ଭରସା ନାହିଁ ମୋର ॥
ସୁଜନେ ଏହି ରସେ ରସ । ହରି ମହିମା ନାବେ ବସ ॥
ସକଳ ଅମଙ୍ଗଳ ନାଶ । ଏ ଭବଜଳରେ ନ ଭାସ ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତିରସାମୃତେ ମନ ଚୈତନ୍ୟ ସମ୍ବାଦେ
ମଣିଦାସ ଦାର୍ଢ୍ୟଭାବ ବର୍ଣ୍ଣନେ ନାମ ଅଷ୍ଟାଦଶୋଽଧ୍ୟାୟଃ ।

# ଊନବିଂଶ ଅଧ୍ୟାୟ

## କୃଷ୍ଣଦାସ ସମ୍ବାଦ

### ଚୈତନ୍ୟ ଉବାଚ

ଶୁଣ ସୁମନ ଶୁଦ୍ଧମତେ । ମୁଁ ଯାହା କହୁଅଛୁ ତୋତେ ॥
ଏ କଳି ଯୁଗଧର୍ମ କଥା । ଶୁଣି ଖଣ୍ଡିବ ଭବବ୍ୟଥା ॥
କେବଳ ସ୍ତୁତି ଭକ୍ତର ଗତ । କହୁଛି ଦୁର୍ଲ୍ଲଭ ଚରିତ ॥
ପୁରୁଷୋତ୍ତମେ ତାର ବାସ । ନାମ ତାହାର କୃଷ୍ଣଦାସ ॥
ଜାତିରେ ଅଟଇ କରଣ । ପଣ୍ଡିତ ବିବେକ ସୁଜାଣ ॥
ଧୀର ଚତୁର ସର୍ବଂସହ । ନିସତେ ପରଲୋକ ସ୍ପୃହ ॥
ସକଳ ଲୋକେ ଦୟାକରେ । ଦାର୍ଢ୍ୟ ଭକତି ଶ୍ରୀବନାଥରେ ॥
ସକଳ ଗୁଣେ ସେ ନିପୁଣ । କବିତ୍ୱପଣେ ବିଚକ୍ଷଣ ॥
ବୋଲଇ ନିର୍ଦ୍ଦୋଷ କବିତ୍ୱ । ପ୍ରବନ୍ଧ କଲା ଅପ୍ରମିତ ॥
ଶ୍ରୀହରି ବିନା ଅନ୍ୟ କଥା । ଗୀତ ସେ ନ ବୋଲେ ସର୍ବଥା ॥
ଶ୍ରୀକୃଷ୍ଣ ଜନ୍ମ କର୍ମ ଗୁଣ । ସେ ସବୁ କରଇ ବଖାଣ ॥
ଭକତଜନେ ଅଧିକାର । ଯହିଁ ଯେମନ୍ତେ କରିବାର ॥
ଦୁଷ୍ଟ ନିବାରି ସନ୍ଥପାଳ । ଗୋପୀ ଗୋପାଳ ରାସକେଳି ॥
କେବଳ ଏହି କଥାମାନ । ପ୍ରବନ୍ଧେ କରିଣ ଗାୟନ ॥
ମାଗେ ଉତ୍ତମ ଜନଠାରେ । ନିଜ କୁଟୁମ୍ବ ପୋଷିବାରେ ॥
ଯେ ଅବା ମିଳେ ଭାଗ୍ୟତାର । ଘେନି ଚଳଇ ନିଜପୁର ॥
ପ୍ରାଣ ପୋଷନ୍ତି ତାହା ଖାଇ । ଯାଚକ ଜନେ କିଛି ଦେଇ ॥
ଏମନ୍ତ ବର୍ତ୍ତୁଥାଇ ଦିନ । ନ ଜାଣେ ଅନ୍ୟ କଥାମାନ ॥
କେତେକ ଦିନର ଉତ୍ତାରେ । ତା କୀର୍ତ୍ତି ଜଗତେ ପ୍ରସ୍ଫୁରେ ॥
ଲୋକେ ବୋଇଲେ ଧନ୍ୟ ଧନ୍ୟ । ଏ କୃଷ୍ଣ ଦାସର ଜୀବନ ॥
ଶ୍ରୀକୃଷ୍ଣ କଥାମୃତ ପାନ । କେବଳ ଅମୃତ ସମାନ ॥
ତିଳକୁ ପାରେ ବନ୍ଦୀକରି । ଶ୍ରବଣେ ପାପୀ ପାପ ହରି ॥
ଏମାନେ ପ୍ରବନ୍ଧ ସେ ଯେତେ । କଲା ଅଶେଷ ପ୍ରାଣୀ ହିତେ ॥

ଧନ୍ୟ ହୋ କୃଷ୍ଣ ଦାସ ମନ୍ତ । ବୋଲିଣ ପ୍ରଶଂସା କରନ୍ତି ।
ଏମନ୍ତ କେତେଦିନ ଅନ୍ତେ । ସେ ରାଜ୍ୟ ନୃପତି ଅଗ୍ରତେ ।
ଉତ୍ତମ ଲୋକମାନେ ଆସି । କହନ୍ତି ଉତ୍ତମ ପ୍ରଶଂସି ।
ଶୁଣ ନୃପତି ଚୂଡ଼ାମଣି । ଏ ବଡ଼ ଅପୂର୍ବ କାହାଣୀ ।
କରଣ ନାମେ କୃଷ୍ଣ ଦାସ । ଅଟଇ ଶ୍ରୀହରିର ଦାସ ।
ତାହା ସମାନେ କବିପଣେ । ରାଜ୍ୟେ ନ ଥିବ ଅନ୍ୟ ଜଣେ ।
ବୋଲଇ ଉତ୍ତମ କବିତ୍ୱ । ଶ୍ରବଣେ ହରୁଅଛି ଚିତ୍ତ ।
କୃଷ୍ଣ କଥାରୁ ନାହିଁ ଅନ୍ୟ । ଡକାଇ ବୁଝ ହୋ ରାଜନ ।
ତାହା ଶୁଣିଣ ନୃପରାଣ । ତକ୍ଷଣେ ଡଗର ପେଷିଣ ।
କୃଷ୍ଣ ଦାସଙ୍କୁ ଶୁଦ୍ଧଚିତ୍ତେ । ଡକାଇ ଅଣିଲେ ତ୍ୱରିତେ ॥
ପ୍ରବେଶହେଲେ ଯେତେବେଳେ । ଆଜ୍ଞା ଯେ କଲେ ମହୀପାଳେ ।
ସଭାର ମଧ୍ୟେ କଥାରସେ । ବୋଇଲେ ଶୁଣ କୃଷ୍ଣ ଦାସେ ।
ବୋଲୁଛ କ କ ଗୀତମାନ । ଶୁଣିମା କର ହେ ଶପୁନ ।
ତାହା ଶୁଣିଣ କୃଷ୍ଣଦାସ । ଚିତ୍ତେ ଚିନ୍ତିଲେ ପୀତବାସ ।
ଧୀର ଗମ୍ଭୀର ମୃଦୁସ୍ୱରେ । କହିଲେ ନପତି ସମ୍ମୁଖରେ ।
ମୋ ଗୁରୁ ନୁହନ୍ତି ଭଜନ । ବୋଇଲେ ଶୁଣ ହେ ରାଜନ ।
ଗୀତ ବୋଲିବା ତୁମ୍ଭ ପାଶେ । ଏ କଥା ମନକୁ ନ ଆସେ ।
ଯହିଁ ବିଜୟ ଦେବରାଜ । ସଭା ନୁହଇ ରବିତେଜ ।
ଏ ରାଜସଭାରେ କହିବି । ମୁଁ ନିଜ କଥନେ ସମର୍ଥି ।
ଶୁଣି ବୋଲନ୍ତି ନୃପବର । କହୁଛନ୍ତି ସଂଶୟ ନ କର ॥
ବସ ହୃଦୟ କରି ଦୃଢ଼ । ଯାହା କହୁଛ ତାହା ପଢ଼ ।
ତା ଶୁଣି କୃଷ୍ଣଦାସ ତୋଷେ । ବସିଲେ ନୃପତିଙ୍କ ପାଶେ ।
ପ୍ରବନ୍ଧ ଫିଟାଇ ପଢ଼ିଲେ । ଅର୍ଥହିଁ ବୁଝାଇ କହିଲେ ।
ଯେତେ କବିତ୍ୱ ଥିଲେ କବି । ସବୁ ଶୁଣିଲେ ଦଣ୍ଡଧାରୀ ।
ହୋଇଣ ପରମ ସନ୍ତୋଷ । ଦାସଙ୍କୁ କଲେ ପରିତୁଷ୍ଟ ।
ନବୀନ ଅଳଙ୍କାର ଭୂଷେ । ଅନେକ ଅନ୍ନ ବସ୍ତ୍ର ଦେଲେ ।

ସଭାରେ ଥିଲେ ଯେତେ ଜନ । ହରଷ ସବୁଙ୍କର ମନ ॥
ଏଥିଅନ୍ତରୁ ଶୁଣ ମନ । ବୋଇଲେ ସେ ମହାରାଜନ ॥
ଶୁଣ ହେ ଭକ୍ତ କୃଷ୍ଣଦାସ । ହୋଇଣ ଥିବ ଦିବ୍ୟ ବେଶ ॥
ସୁନ୍ଦର ମଟ୍ଟୁର କଠଣ । ଗୀତ କରଣ ନାମେ ଭଣ ॥
ତୁମ୍ଭଙ୍କୁ କରିବା ପୌରୁଷ । ତାହା ଶୁଣିଣ କୃଷ୍ଣଦାସ ॥
ପିଣ୍ଡରୁ ଉଡ଼ିଲା ସାହାସ । ମୁଣ୍ଡେ କି ପଡ଼ିଲା କୁଳିଶ ॥
ହୃଦପଦ୍ମରେ କଲା ସ୍ତୁତି । ବୋଇଲା ଶୁଣ ହେ ଶ୍ରୀପତି ॥
ଏଘୋର ସଙ୍କଟୁ ଉଦ୍ଧାର । ନୋହିଲେ ଗତି ନାହିଁ ମୋର ॥
ତୁମ୍ଭେ ଯେ ସ୍ୱାମୀ କାମଧେନୁ । ବୋଲି ଛାଡ଼ିଲା ଉଷ୍ଣ ମନୁ ॥
ବୋଇଲା ଶୁଣ ନୃପନାଥ । କେବଳ ଦେବ ଜଗନ୍ନାଥ ॥
ଏ ପିଣ୍ଡ ବିକଅଛି ତାରେ । ଗୀତ ମୁଁ ନ ବୋଲେ ଅନ୍ୟରେ ॥
ଏ କଥା ଅନ୍ୟ ହେବ କାହୁଁ । ଦୁଃଖ ନ କର ଆଜ୍ଞା ଦେଉ ॥
ତାହା ଶୁଣିଣ ଦଣ୍ଡଧର । ପୁଣି ବୋଇଲେ ଗୀତକର ॥
ମୋ ନାମ ଭଣିଲେ ଅବଶ୍ୟ । ଅ ନକ ଦେବ ଗ୍ରାମଦେଶ ॥
ମୋ ରାଜ୍ୟ ଦେବି ଅଧିକାର । ଦେଖ ମୁଁ ଜଗତେ ଈଶ୍ୱର ॥
ନୋହିଲେ ମରିବୁ ଅବଶ୍ୟ । ଛାଡ଼ ତୋ ଜୀବନର ଆଶ ॥
କେ ଆସି ରଖିବଟି ତୋତେ । ଏହା ତୁ କହୁଅଛୁ ମୋତେ ॥
ଦାସେ ବୋଇଲେ ତାହା ଶୁଣି । ଶୁଣ ହେ ନୃପ ଚୂଡ଼ାମଣି ॥
ତୁମ୍ଭଙ୍କୁ ନାହିଁ ମୋର ଡର । ମୋ ପ୍ରଭୁ ଅଛେ ବଳସ୍ତାର ॥
ଜଗତ ସୃଷ୍ଟି ଆନ ହେଲେ । ଗୀତ ମୁଁ ଆନକୁ ନ ବୋଲେ ॥
ଏ କଥା ଅଟଇ ପ୍ରମାଣ । ଶୁଣି ଚଳିଲେ ନୃପରାଣ ॥
ବୋଇଲେ ଧର ହେ ଏହାକୁ । କେବଣ ଦାସ ଆସି ରଖୁ ॥
ସଭାରେ ଲୋକେ ଆଚମ୍ବିତ । ଅନାଇଁଛନ୍ତି ସ୍ତମ୍ଭିଭୂତ ॥
ଅଙ୍କର କରି ବନ୍ଧାଇଲେ । ଘାଏ ଶାଙ୍କୋଳି ପିନ୍ଧାଇଲେ ॥
ଶ୍ରୀ ପୁରୁଷୋତ୍ତମ ମଧ୍ୟରେ । ରଖାଇଗଲେ ବନ୍ଦଘରେ ॥
ବନ୍ଦୀ ମନ୍ଦିରେ ଛନ୍ଦିକରି । ଖଣ୍ଡା ଖୋଲାଇ ହାତଧରି ॥

ତହିଁରେ ଦାସଙ୍କୁ ରଖାଇ । ଉପରେ କାଠ ପଟା ଦେଇ ॥
ସେ କାଠପଟା ପରେ ଭଲେ । ପଥରମାନ ମଡ଼ାଇଲେ ॥
ନିର୍ବନ୍ଧେ କବାଟ କଳାଇ । ଯେମନ୍ତେ ନ ଯିବ ପଳାଇ ॥
ଅନେକ ଲୋକଙ୍କୁ ହକାରି । ଜଗାଇଦେଲେ ବଣ୍ଡାଧାରି ॥
ଜାଗ୍ରତ ରଖି ଜଗୁଆଳ । କହି ଚଳିଲେ ମହୀପାଳ ॥
ଘୁମୁରେ ଥିଲେ ଯେତେ ନର । କହିବା ଶକ୍ତି ଅଛି କାର ॥
ମହାପ୍ରତାପୀ ନୃପବର । ଚଳିଣ ଗଲେ ନିଜପୁର ॥
ଲୋକେ ଯେ ଗଲେ ଯେଝାଘର । ଦାସେ ରହିଲେ ବନ୍ଧଘର ॥
ଖଣା ମଧ୍ୟରେ ଦାସ ପଡ଼ି । ଆଚଙ୍ଗେ ଶିରେ କରଯୋଡ଼ି ॥
ଚିତ୍ତେ ଚିନ୍ତିଲେ ବଳଦେବ । ମୋହର କଣ୍ଠରେ ଆଜ୍ଞା ହେବ ॥
ହେଉ ତୋ କରୁଣା ଲିଙ୍ଗନ । ମୋ ଆଉଁ ହସ୍ତ ନାଲୁ ଠାଣ ॥
ଜୟ ନୀଳାଦ୍ରି ସିଂହବର । ମୋର ଆରତ ବଳଆର ॥
ରଖନ୍ତେ କୃଷ୍ଣ ଦାସ ପ୍ରାଣ । ବାରଣ ଆଉଁ ନିବାରଣ ॥
ରଖ ସେବକ ଯଶଭାସି । ଭାନୁତନୟା ମନୋହାସି ॥
ଏ ମହାସଙ୍କଟ ବନ୍ଧନ । ଫେଡ଼ ହେ ଶ୍ରୀନନ୍ଦନନ୍ଦନ ॥
ରଖ ବରଜ ଦୁଃଖ ହର । ଏ ଦୃଢ଼ ବନ୍ଧନୁ ଉଦ୍ଧାର ॥
ହେ ସୁଦର୍ଶନ ଚକ୍ରଧର । ମୋ ଆଉଁ ନନ୍ଦକୁ ନିବାର ॥
ତୁମ୍ଭେ ନରଖିଲେ ଗୋସାଇଁ । ଏଠାରେ ମୋର ସାହା ନାହିଁ ॥
ତୋ ଯଶ ଚନ୍ଦ୍ର ଉଦେ କର । ମୋ ଆଉଁ ଅନ୍ଧକାର ହର ॥
ତୁମ୍ଭେ ନ ରଖିଲେ ନିଶ୍ଚିତ । ମୋର ମରଣ ହେଲା ସତ ॥
ଦାସ ବିନାଶ ହେଲେ ସତେ । କି ବୋଲି ବୋଲିବେ ଜଗତେ ॥
ଏଥିକୁ ହୃଦରେ ବିଚାର । ମୋର ମରଣେ ନାହିଁ ଡର ॥
ସଂସାର ମଧ୍ୟେ ମହାବାହୁ । ମହିମା ରଚ ଅସ୍ତ ନୋହୁ ॥
ଲୋକେ ବୋଲିବେ କୃଷ୍ଣଦାସ । କୃଷ୍ଣ ଚରଣେ କଲା ଆଶ ॥
ତାର ବିନାଶ କାଳେ ହରି । ପାରିଲେ ନାହିଁ ରକ୍ଷାକରି ॥
ଆଉ କର୍ମାଇ ଏ ସଂସାରେ । ଭଜବେ ଶ୍ରୀହରି ପଦ୍ମରେ ॥

ଜଗତେ ଏହା ପ୍ରକାଶିବ । ମନ୍ତ୍ରମା ନନ୍ଦନ ଭଗିବ ॥
ଏଥିକୁ ଘୁଞ୍ଚି ମୋର ଦୁଃଖ । ଖଣ୍ଡ ହେ ପୁଣ୍ଡରୀକ ମୁଖ ॥
ଏ ଦଣ୍ଡଧର ଦଣ୍ଡ ମୋତେ । ଉଦ୍ଧର ଧରି ତୋର ହସ୍ତେ ॥
ଏମନ୍ତ ବୋଲି ସ୍ତୁତି କରି । ବେନି ନୟନୁ ବହେ ବାରି ॥
କୃଷ୍ଣଚରଣେ ଚିତ୍ତଦେଇ । ଏକାନ୍ତେ ସ୍ତୁତି ସେ କରଇ ॥
ତାହା ଜାଣିଲେ ଭଗବାନ । ଯେ ପ୍ରଭୁ ଜଗତଜୀବନ ॥
ଭକତ ଅଭିମାନ କଥା । ସେ ହରି ନ ସହେ ସର୍ବଥା ॥
ସମ୍ପୂର୍ଣ୍ଣ ଅର୍ଦ୍ଧେକ ସର୍ବସ୍ୱ । ଭୃତ୍ୟର ପାଶେ ବଜେଇର ॥
କରପଲ୍ଲବ ଶିରେ ଧରି । ସର୍ବାଙ୍ଗେ ବୁଲାଇଲେ ହରି ॥
ଶ୍ରୀଭୁଜ ଅଙ୍ଗେ ତାର ଲାଗି । ପାଦ ଶାଙ୍କୋଳି ଗଲା ଭାଙ୍ଗି ॥
ଫିଟିଲା ଅଶେଷ ବନ୍ଧନ । ବୋଇଲେ ପ୍ରଭୁ ଭଗବାନ ॥
ଭକ୍ତବତ୍ସଳ ବାନା ମୋର । ତୋ ମନେ ସଂଶୟ ନ କର ॥
ଏମନ୍ତ ବୋଲି ଭାବଗ୍ରାହୀ । ଦିବ୍ୟ ଭୋଜନ ପାଶେ ଥୋଇ ॥
ଭୁଞ୍ଜ ବୋଲିଣ ଆଜ୍ଞା କଲେ । ତକ୍ଷଣେ ଅନ୍ତର୍ଦ୍ଧାନ ହେଲେ ॥
ଏମନ୍ତବେଳେ କୃଷ୍ଣଦାସ । ନିଦ୍ରା ତେଜିଣ ଚଉପାଶ ॥
ଅନାଇ ଦେଲେ କେହି ନାହିଁ । ଅଦ୍ଭୁତେ ମନେ ବିସ୍ମରଇ ॥
ପାଦେ ଶାଙ୍କୋଳି ମୋରନାହିଁ । ବନ୍ଧନ କେ ଦେଲା ଫିଟାଇ ॥
କର ପଲ୍ଲବ ଶିରେ ଅଛି । ପ୍ରସାଦ ଥୋଇ କେ ଯାଇଛି ॥
ଏମନ୍ତ ବୋଲି କରେ ଧରି । ନେତ୍ରେ ଛୁଆଁଇ ଭୁଞ୍ଜେ ଭରି ॥
କୈବଲ୍ୟ ପାଇ ଅତି ତୋଷେ । ବୋଇଲେ ମନର ହରଷେ ॥
ନଷ୍ଟେ ଏ ଗୋବିନ୍ଦର ମାୟା । ବୋଲି ପୁଲକ ଭଲ କାୟା ॥
ଆନନ୍ଦେ ବୋଲି ହରି ହରି । ମୁକୁନ୍ଦ ମାଧବ ମୁରାରି ॥
ଶ୍ରୀରାମ କୃଷ୍ଣ ବାସୁଦେବ । ପରମାନନ୍ଦ ପଦ୍ମନାଭ ॥
ଆନନ୍ଦ ଅଚ୍ୟୁତ ଗୋବିନ୍ଦ । ବ୍ରଜ କେଶବ ସଦାନନ୍ଦ ॥
ଶ୍ରୀ ନାରାୟଣ ଚକ୍ରପାଣୀ । ବ୍ରଜବଲ୍ଲଭ ପ୍ରାଣମଣି ॥
ଶ୍ରୀବନମାଳି ଶିଖିପତି । ଜନକ ନନ୍ଦ ଦାଶରଥି ॥

ଲକ୍ଷ୍ମୀବଲ୍ଲଭ ସୀତାପତି । ଏମନ୍ତେ ପ୍ରଭୁ ନାମ ଚିନ୍ତି ॥

ଭଜନ କରି ନିଜ ମୁଖେ । ରଜନୀ ବଞ୍ଚି ଥାଇ ସୁଖେ ॥

ଭକ୍ତବତ୍ସଳ ହଳପାଣି । ଭକତ ଚିନ୍ତା ମନେ ଜାଣି ॥

ସେ ରାଜ୍ୟ ରାଜାପାଶେ ଗଲେ । ହଳ ଲଙ୍ଗଳ ଦେଖାଇଲେ ॥

ବୋଇଲେ ପ୍ରାଣେ ଯେବେ ଆଶ । ଛାଡ଼ି ତୁ ଦିଅ କୃଷ୍ଣ ଦାସ ॥

ନୋହିଲେ ତୁ ନଷ୍ଟେ ମରିବୁ । ଭୃତ୍ୟକୁ କି କରିପାରିବୁ ॥

ଏମନ୍ତ ଆଜ୍ଞା ତାକୁ ଦେଲେ । ଫଣି ମଣ୍ଡଳ ବିଜେକଲେ ॥

ସେ ଦିବ୍ୟସିଂହ ମହାରଥୀ । ସ୍ୱପନେ ଦେଖି ଏହୁ କଥା ॥

ହୃଦ ପଦ୍ମରେ କଲା ଖ୍ୟାନ୍ତି । ଚିନ୍ତଇ ବଳଦେବ ମୂର୍ତ୍ତି ॥

ଏମନ୍ତେ ରଜନୀ ପାହିଲା । ନୃପତି ବିଜେ କରିଗଲା ॥

ବନ୍ଦମନ୍ଦରେ ବିଜେକଲେ । କବାଟ ଫିଟାଇଣ ଦେଲେ ॥

ପଥର କାଢ଼ି କାଠ ପେଲି । ଦାସଙ୍କୁ ଦେଲେକ ଅନାଇ ॥

ବନ୍ଧନ ଅଛି ଫିଟା ହୋଇ । ପାଦେ ଶାଙ୍କୋଳି ତାର ନାହିଁ ॥

ପ୍ରଭୁଙ୍କ ଅଙ୍ଗ ଉପହାର । ତା ଅଙ୍ଗେ ଦିଶଇ ସୁନ୍ଦର ॥

ବସିଣ ଭଜୁ ଅଛି ହରି । ଦେଖି ଚୋଳିଲେ ଦଣ୍ଡଧାରୀ ॥

ଏମନ୍ତ ସମସ୍ତେ ସେବକେ । ଆସି ମିଳିଲେ ରାଜା ପାଖେ ॥

ବୋଇଲେ ଶୁଣ ନରନାଥ । ଆମ୍ଭେ ଦେଖିଲୁ ବିପରୀତ ॥

କବାଟ ଫିଟା ଅବକାଶେ । ଯାଇଁ ମିଳିଲୁ ପ୍ରଭୁ ପାଶେ ॥

କର ପଲ୍ଲବ କଟେ ନାହିଁ । ଶ୍ରୀ ଅଙ୍ଗ ଅଛି ଭୁକ୍ତାହୋଇ ॥

ଦେଖି ଥିଲୁଁ ଏଇକ୍ଷଣି । ବୁଝିବା ହେଉ ନୃପମଣି ॥

ତାହା ଶୁଣିଣ ନୃପସ୍ୱୟଂ । ତହୁଁ ଦେଖିଲେ ଭୃତ୍ୟଠାଏ ॥

ସ୍ୱପନ କଥା ମନେ ଚିନ୍ତି । ଅତି ଆନନ୍ଦେ ସେ ନୃପତି ॥

କୃଷ୍ଣ ଦାସଙ୍କୁ ଧରି କୋଳେ । ମୁଖେ ଚୁମ୍ବନ ଦେଲେ ସ୍ନେହେ ॥

ବୋଇଲେ ଧନ୍ୟ ତୋ ଜୀବନ । ତୋତେ ଦେଖିଲି ମୁହିଁ ଧନ୍ୟ ॥

ଧନ୍ୟ ତୋ କର୍ଣ୍ଣ ମୁଖ ନାସା । ଧନ୍ୟ ଜିହ୍ୱା ତୋର ଭାଷା ॥

ଧନ୍ୟ ତୋ ମନ ବୁଦ୍ଧି ଯେତେ । ପ୍ରଭୁଙ୍କ ଏତେ ଦୟା ତୋତେ ॥

ସଂସାରେ ହରିଭକ୍ତି ସାର । ଧିକ ମୋ ନୃପତ୍ତ ହେବାର ॥
ଧିକ ଏ ଅନ୍ୟ କର୍ମ ଯେତେ । ଧନ୍ୟ ସଂସାରେ ହରିଭକ୍ତେ ॥
ଦେଖ ମୋହର ମୂଢ଼ପଣ । ସାଧୁଙ୍କୁ ଦେଲି ମୁଁ କଷଣ ॥
ଏଥେଁ ଅପ୍ରାଧ ମୋର ଯେତେ । କେବେହେଁ ନ ଘେନବ ଚିତ୍ତେ ॥
ତୁମ୍ଭର ନାହିଁ ପରାପର । ମୋହର ଦୋଷ କ୍ଷମାକର ॥
ଏମନ୍ତ ବୋଲି ନୃପମଣି । ଅନେକ ଧନ ବସ୍ତ୍ର ଆଣି ॥
କୃଷ୍ଣ ଦାସଙ୍କୁ ତାହା ଦେଲେ । ନୃପତି ଚହୁଁ ଚଳିଗଲେ ॥
ସମସ୍ତେ ଜୟ ଜୟ କଲେ । ଶ୍ରୀକୃଷ୍ଣ ଦାସ ବିଜେକଲେ ॥
ପ୍ରଭୁଙ୍କ ଦରଶନ କରି । ଚଳିଣଗଲେ ନିଜ ପୁରୀ ॥
ଶୁଣ ସୁମନ ଏକଚିତ୍ତେ । ପ୍ରଭୁଙ୍କ ମହିମା ଏମନ୍ତେ ॥
ଭକତଜନେ ଏତେ ଦୟା । ନ ଥିବ ନିଜ ପୁତ୍ରେ ତାହା ॥
ହରି ଭକତ ମାନଙ୍କର । ମହିମା ଅପା ଅପାର ॥
କେ ମୁଖେ କହିବାକୁ କ୍ଷମ । ଏ କଥା ନୁହଇ ସୁଗମ ॥
ସଂସାରେ ପ୍ରାଣୀ ଜନ୍ତୁ ଯେତେ । ଯେ ଅବା ଶୁଣେ ଶ୍ରଦ୍ଧାଚିତ୍ତେ ॥
ଯେବା ପଢ଼ିବ ଶୁଦ୍ଧମନେ । ନ ଯିବ ସମନ ଦର୍ଶନେ ॥
ଅଶେଷ ଭବବନ୍ଧ ଫାଶ । ଲାଗିବ ନାହିଁଟି ଅବଶ୍ୟ ॥
ନରପତିଙ୍କ ଦଣ୍ଡ ଯେତେ । ଲାଗିବ ନାହିଁ କଦାଚିତ୍ତେ ॥
କହଇ ଦୀନ ରାମଦାସ । ମୂଳଟି ଅଟଇ ବିଶ୍ୱାସ ॥
ଏଣୁକି ରାମ କୃଷ୍ଣପାଦେ । ମୋ ଚିତ୍ତ ରହୁ ଅପ୍ରମାଦେ ॥
ସାଧୁଜନଙ୍କ ପାଦଧୂଳି । ଦଣ୍ଡେ ନ ଛାଡ଼ୁ ମୋ ମଉଳି ॥
ସୁଜନେ ଏହି ରସେ ରସ । ଏଣୁ ଅନ୍ୟରେ ନାହିଁ ଆଶ ॥
ସାଧୁ ଶ୍ରୀକୃଷ୍ଣ ନାମ ବିନେ । ଜୀବ ଉଦ୍ଧାର ନାହିଁ ଅନ୍ୟେ ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତି ରସାମୃତେ ମନ ଚୈତନ୍ୟ
ସମ୍ବାଦେ କୃଷ୍ଣ ଦାସ ଦାର୍ଢ୍ୟଭାବ ମୋକ୍ଷଣେ
ନାମ ଉନବିଂଶୋଽଧ୍ୟାୟଃ ।

# ବିଂଶ ଅଧ୍ୟାୟ

## ତିଲକ୍ଷ ମହାପାତ୍ର ସମ୍ବାଦ

### ଚୈତନ୍ୟ ଉବାଚ

ଏବେ ହୋ ଶୁଣ ମନସପ୍ତେ । କହିବା ଦୁର୍ଲ୍ଲଭ କଥାଏ ॥
ଦାର୍ଢ୍ୟତାଭକ୍ତି ଉପାଖ୍ୟାନ । ଭକତ ମଧ୍ୟେ ମୋକ୍ଷସ୍ଥାନ ॥
ପୁରୁଷୋତ୍ତମେ ତାର ଘର । ଜାତିରେ ଅଟେ ବିପ୍ରବର ॥
ସେବକ ମଧ୍ୟେ ଅଧିକାର । ଶୁଣ ମହିମା ଏତେ ତାର ॥
ତିଳକ୍ଷ ମହାପାତ୍ର ଘର । ଗୋପବନ୍ଧୁ ଯେ ନାମ ତାର ॥
ଏହାଙ୍କ ଉପର ବଂଶରେ । ପ୍ରତାପରୁଦ୍ର ଅମଳରେ ॥
ଯେ ଜଗବନ୍ଧୁ ମହାପାତ୍ର । ଶୁଣ କହିବା ତା ଚରିତ ॥
ସକଳ ପାଠ ଶାସ୍ତ୍ରେ ଜତା । ଜାଣଇ ସର୍ବ ଧର୍ମ କଥା ॥
ସର୍ବଦା କାଳେ ଶୁଚିମନ୍ତ । ଭଜନ ମାର୍ଗେ ନିଷ୍ଠାବନ୍ତ ॥
ଶାନ୍ତ ସୁଶୀଳ ସର୍ବଂସହ । ସୁଜନ ସଙ୍ଗଙ୍କର ପ୍ରିୟ ॥
ଦୁଃଖୀ ଲୋକନ ଦଏ ନିତ୍ୟେ । ସ୍ନେହ ତା ଥାଏ କଥାମୃତେ ॥
ଶ୍ରୀନୀଳାଚଳ ପୁରବାସୀ । ପ୍ରଭୁ ପରମ ବ୍ରହ୍ମରାଶି ॥
ଅଶେଷ ପ୍ରାଣିଙ୍କର ଗତି । କମଳା ଦେବୀ ପ୍ରାଣପତି ॥
ଯେ ସଙ୍କର୍ଷଣ ହଳପାଣି । ରେବତୀଦେବୀ ପ୍ରାଣମଣି ॥
ରୋହିଣୀ ଦେବୀଙ୍କ ନନ୍ଦନ । ଅଶେଷ ମୁନିଙ୍କ ବନ୍ଦନ ॥
ସୁଭଦ୍ରା ଦେବୀ ଜଗନ୍ମାତା । ଅଶେଷ ପ୍ରାଣୀ ପଡ଼ଦାତା ॥
ଏ ତିନ ଦେବ ସେବା ଜନେ । ଅନ୍ୟ ନ ଜାଣେ ତାର ମନେ ॥
ପାହାନ୍ତି ଅବକାଶଠାରୁ । ପ୍ରଭୁଙ୍କ ପହଡ଼ ସେବାରୁ ॥
ଏଥି ମଧ୍ୟରେ ସେବା ଯେତେ । କରୁ ଯେଥାଇ ନିଂତ୍ୟେ ନିତ୍ୟେ ॥
କସ୍ଟି କର୍ଣ୍ଣାଞ୍ଜଳ ତଳ । ହାର କେୟୁର ଧଣ୍ଡ୍ରାମାଳ ॥
ହସ୍ତପଦ୍ମରେ ପଦ୍ମହାର । ସାରକ ହୁଟି ଚଞ୍ଚିବାର ॥
ନାନାକୁସୁମେ ହାର ଯେତେ । ତୁଳସୀ ଧଣ୍ଡ୍ରାର ସହିତେ ॥
ଯେ ଅଷ୍ଟରତ୍ନ ଅଳଙ୍କାର । ଭୂଷଣ ପ୍ରଭୁମାନଙ୍କର ॥

ଯେତେବେଳର ସେବା ଯେତେ । ସବୁ ସେ କରୁଥାଇ ହସ୍ତେ ॥
ଶ୍ରୀମୁଖ ସିଂହାର କରିବା । ଯେ ବସ୍ତ୍ରମାନ ପିନ୍ଧାଇବା ॥
ଗନ୍ଧ ଚନ୍ଦନ ଯେ କସ୍ତୁରୀ । ତିଳକ ସେବା ଆଦି କରି ॥
ଧୂପ ଆଳତି କରିବାର । କର୍ପୂର ଦୀପ ଜାଳିବାର ॥
ତାହାର ବିନା ଅନ୍ୟ ନରେ । କ୍ଷମ ନୁହନ୍ତି କରିବାରେ ॥
ସେ ପୁଣି ନିଶି ଦିବସରେ । ମନବଚନ କର୍ତ୍ତବ୍ୟରେ ॥
କେବଳ ସେବୁଥାଇ ତାଙ୍କୁ । ନ ଜାଣେ ଅନ୍ୟ ଦେବତାଙ୍କୁ ॥
ଦେବ ଦଇବ ଗୁରୁଜନ । ଇଷ୍ଟଦେବତା ବନ୍ଧୁଜନ ॥
କେବଳ ପ୍ରଭୁ ଦାରୁବ୍ରହ୍ମ । ଏଥି ନ ଜାଣେ ଅନ୍ୟ କର୍ମ ॥
ସୁତ ସମ୍ପତ୍ତି ଦାରା ପ୍ରାଣ । ସମର୍ପି ଶ୍ରୀହରି ଚରଣ ॥
ଆନନ୍ଦେ ବଞ୍ଚୁଥାନ୍ତି ଦିନ । କରଣେ ସେ ପ୍ରଭୁ ଭଜନ ॥
ଏମନ୍ତ କେତେଦିନ ଅନ୍ତେ । ଶୁଣ ସୁମନ ଏକଚିତ୍ତେ ॥
ଦିନେକେ ସେ ମହାରାଜନ । ପ୍ରଭୁଦର୍ଶନେ ଆଗମନ ॥
ଅନେକ ସୈନ୍ୟ ସଙ୍ଗେ ଧରି । ପ୍ରତାପରୁଦ୍ର ଗଜେଶ୍ୱର ॥
ବଜାଇ ବୀର ତୁରମାନ । ଆଗେ ଶୁଭଇ କମ୍ବୁସ୍ୱନ ॥
ଅନେକ ବାଦ୍ୟ ଘୋରନାଦ । ଘେନାଇ ଅନେକ ସମ୍ପଦ ॥
ଝଳସ୍ତ ଅନେକ ସମ୍ଭାରେ । ପ୍ରବେଶ ହେଲେ କ୍ଷେତ୍ରବରେ ॥
କହୁଁ କହୁଁ ସେ ନରପତି । ପ୍ରବେଶ ସିଂହଦ୍ୱାର ଗତି ॥
ରାଜାଙ୍କୁ ଦେଖିଣ ସେବକେ । ଦେଉଳକେ ଧାଇଁଗଲେ ଯୋକେ ॥
କହିଲେ ମହାପାତ୍ର ପାଶେ । ନୃପତି ଉଦେ କରି ଆସେ ॥
ଦେଉଳେ ପଶିଲେଣି ଆସି । କହୁଁ କହୁଁ ସେ ରାଜା ଋଷି ॥
ସେ ମହାପାତ୍ର ଦେଖି ତାଙ୍କୁ । ଧାଇଁଲେ ପ୍ରଭୁଙ୍କ ଶ୍ରୀମୁଖୁ ॥
ଅତ୍ୟନ୍ତ ଚିନ୍ତ ହୋଇ ମନେ । ଉଠିଲେ ରତ୍ନ ସିଂହାସନେ ॥
ଦେଖିଲେ ପ୍ରଭୁଙ୍କ ମଉଳ । କୁସୁମ ନାହିଁ ମନେ ଭାଳ ॥
କି ବୁଦ୍ଧି କରିବି ମୁଁ ଏବେ । ନୃପତି ଆସିଲେଣି ଯେବେ ॥
ପ୍ରଭୁଙ୍କ ମସ୍ତକର ଫୁଲ । ଯେ ରାଜ ପ୍ରସାଦ ଅମୂଲ୍ୟ ॥

ମୂଳ ଏ ରଜାଙ୍କୁ ଦେବାର । ନ ଦେଲେ ମହନ୍ତ ମୋହର ॥
ଏଠାରେ ଆଜ ନ ରହିବ । ମୁଣ୍ଡରେ ହାତ ଦେଲେ ଯିବ ॥
ନିଜ ମସ୍ତକୁ ଫୁଲ ଦେଟଲେ । ପ୍ରଭୁଙ୍କ ମସ୍ତକେ ଥୋଇଲେ ॥
ଏମନ୍ତେ ଯାଇ ନୃପବର । ମିଳିଲେ ପ୍ରଭୁଙ୍କ ସମ୍ମୁର ॥
ଯେ ବଧିମଠରେ ଦର୍ଶନ । ସମସ୍ତ ସାରିଲେ ସଜନ ॥
ପ୍ରଭୁ ସମ୍ମୁଖରେ ମହାବଳୀ । ପ୍ରସାଦ ଅର୍ଥେ କର ତୋଳି ॥
ତାହା ଦେଖିଣ ମହାପାତ୍ର । ଜଳେ ଧୋଇଲେ କରପତ୍ର ॥
ପ୍ରଭୁ ମସ୍ତକୁ ପୁଷ୍ପ ନେଇ । ନୃପତି ହସ୍ତେ ତାହା ଦେଇ ॥
ରଜା ପ୍ରସାଦ ଆଣିଦେଲେ । ଘେନି ନୃପତି ଚଳିଗଲେ ॥
ନଗରେ ହୋଇଲେ ପ୍ରବେଶ । ଏମନ୍ତେ ଦିନ ହେଲା ଶେଷ ॥
ଦିବ୍ୟଆସନେ ରଜା ବସି । ପ୍ରସାଦଫୁଲ ଧରି ତୋଷି ॥
ଏକେତ ଯାଇ ଫୁଲ ଗନ୍ଧ । ଶୁଙ୍ଘେ ଦିଶଇ ଅତି ଶୋଭା ॥
ତହିଁ ଦେଖିଲେ ବିପରୀତେ । ଦିଶିଲା ବାଳ ଗୋଟିକେତେ ॥
ଦେଖି ବିସ୍ମୟରେ ନୃପରାଣ । ଏତ ଅଟଇ ଅଘଟନ ॥
ପ୍ରଭୁଙ୍କ ମଥାର ଫୁଲରୁ । ବାଳ ଅଇଲା କେଉଁଠାରୁ ॥
ନିଶ୍ଚେ ଏ କଥା ହେଲା ନାଶ । ବ୍ରାହ୍ମଣ ମୁଣ୍ଡ ଛଡ଼ା ପୁଷ୍ପ ॥
ପ୍ରଭୁଙ୍କ ଶିରରେ ଥୋଇଲା । ପ୍ରସାଦ ବୋଲି ମୋତେ ଦେଲା ॥
ଏମନ୍ତ ବୋଲି ଦଣ୍ଡଧାରୀ । ପେଷିଲେ ଲୋକ ଜଣ ଚାରି ॥
ତୁମ୍ଭେ ରେ ଯାଅ ବେଗହୋଇ । ମିଳନ୍ତୁ ମହାପାତ୍ର ଠାଇଁ ॥
ବନ୍ଧନ ହୋଇ ଘେନିଆସ । ବିଳମ୍ବ କଲେ ଯିବ ନାଶ ॥
ଆଜ୍ଞାପ୍ରମାଣେ ବେଗେ ଗଲେ । ଦେଉଳେ ପ୍ରବେଶ ହୋଇଲେ ॥
ମହାପାତ୍ରଙ୍କୁ ଘେନିଗଲେ । ନୃପତି ଆଗେ ଉଭାକଲେ ॥
ଦେଖି କୋପିଲେ ନୃପସାଇଁ । କାଳଭୁଜଙ୍ଗ ପ୍ରାୟେ ହୋଇ ॥
ବୋଇଲେ ଶୁଣ ମହାପାତ୍ର । ଆମ୍ଭେ ଦେଖିଲୁ ବିପରୀତ ॥
ପ୍ରଭୁଙ୍କ ମଉଳରେ ବାଳ । ଉଠିବା ହେଲା କେତେ କାଳ ॥
ବେଗେକୁ କହ ମୋର ଆଗ । ଯେବେ ନ କହବେ ତୋର ଆଣ ॥

ନୋହିଲେ ମରିବୁ ଅବଶ୍ୟ । ଦେଖି ପ୍ରସାଦ ଫୁଲେ କେଶ ।
ତା ଶୁଣି ଶ୍ରୀହରି ସେବକ । ମନେ ଚିନ୍ତିଲେ ପ୍ରଭୁ ରକ୍ଷ ।
ନିଶ୍ଚେ ମରଣ ହେଲା ମୋର । ଏଯେ ପ୍ରତାପୀ ଦଣ୍ଡଧର ।
କି ଦଣ୍ଡ ବିହିବ ଏ ମୋତେ । ଏଠାରୁ ବଞ୍ଚିବି କେମନ୍ତେ ।
ମିଥ୍ୟା ମୁଁ କହିବି କଥାଏ । ଏଠାରୁ ବଞ୍ଚିଯିବା ପାଏ ।
ପଛକେ ଯାହା ହେବ ହେଉ । ଏ ରାଜଦଣ୍ଡ ଆଗେ ନୋହୁ ।
ଏମନ୍ତ ବୋଲି ମହାପାତ୍ର । ଯାଖେ ଛଇଣ କରପତ୍ର ।
ବୋଇଲେ ଶୁଣ ହେ ନରେଶ । ହେଲାଣି ପ୍ରଭୁ ମୁଣ୍ଡେ କେଶ ।
ଆଜଯାଏ କି ଦଣ୍ଡଧର । ତୁମ୍ଭଙ୍କୁ ନୋହିଛି ଗୋଚର ।
ଶୁଣି ବୋଇଲେ ନରନାଥେ । ଦେଖାଇ ଦେବୁକି ମୋତେ ।
'ତା ଶୁଣି ମହାପାତ୍ର କହି । ନିଶ୍ଚେ ଦେଖାଇ ଦେବି ମୁହିଁ ।
ଯେବେ ଦେଖାଇ ନ ପାରିବି ଦଣ୍ଡକୁ କାରଣ ହୋଇବି ।
ଶୁଣି ବୋଇଲେ ମହାରଥୀ । କାଲି ବୁଝିବା ତୁମ୍ଭ କଥା ।
ଯେବେ ପ୍ରଭୁଙ୍କ ଶିରେ କେଶ । ଦେଖାଇ ଦେବୁଟି ଅବଶ୍ୟ ।
ତେବେଟି ତୁମ୍ଭର କୁଶଳ । ନୋହିଲେ ରାଜ୍ୟ ଛାଡ଼ି ଚଳ ।
ଅଧିକ କି କହିବି ତୋତେ । ତୁମ୍ଭେ ତ ଜାଣିଅଛ ଯେତେ ।
ଏମନ୍ତ ବୋଲି ଦଣ୍ଡପାଣି । ତାହାଙ୍କୁ ଦେଲେ ସେ ମେଲାଣି ।
କହୁଁ ଚଳିଲେ ଦ୍ୱିଜବର । ମିଳିଲେ ପ୍ରଭୁଙ୍କ ଛାମୁର ।
ସେ ସଜା ଧୂପ ଅବକାଶ । ଶ୍ରୀହରି ଫୁଲଲାଗି ବେଶ ।
ଆଳତି ବନ୍ଦାପନା ଯେବା । ଚଢ଼ାଇଲାଗି ବେଶ ଅବା ।
ପ୍ରଭୁ ମଣୋହି ଆଦି କରି । ବଡ଼ ସିଂହାର ବେଶ ସାରି ।
ଯେ ନିତ୍ୟକର୍ମ ଯଥି ଯେତେ । ପ୍ରଭୁଙ୍କ ପହଡ଼ ସରିତେ ॥
ସକଳ ସେବା ବଢ଼ାଇଲେ । ଛାମୁରେ ଜଗି ହୋଇ ଭଲେ ।
ସର୍ବାଙ୍ଗେ ବସ୍ତ୍ରବତ କରି । ଉଠି କପାଳେ କର ଭରି ।
ବୋଇଲେ ଆହେ ମହାବାହୁ । ଛାମୁରେ କି କହିବି ଆଉ ।
ଇତରଲୋକେ ବଡପଣ । ଦେଲଟି ପ୍ରଭୁ ନାରାୟଣ ।

କାଳେ ଏ ହୁଅଇ ଏମନ୍ତ । ସରଇ ପ୍ରଭୁର ମହତ୍ତ୍ୱ ॥
ଶ୍ୱାନକୁ ଆଶ୍ୱାସନା କଲେ । ମୁଖେ ଚୁମ୍ବନ ଦେଇ ଲଲେ ॥
ସର୍ପକୁ ଦେଲେଟି ପୀୟୂଷ । କାଳେ ସେ ଉଦ୍‌ଗାରଇ ବିଷ ॥
ଏଣୁ ମୋ ଗୁରୁ ପାପୀଜନ । ଯମମୁଖୁ ନୁହଇ ଖଣ୍ଡନ ॥
ଯେବଣ ପାଦପଦ୍ମ ତଳେ । ବ୍ରହ୍ମା ଇନ୍ଦ୍ରାଦି ଶିର ଲୁଳେ ॥
ସେ ପାଦ ପଙ୍କଜର ମୂଳେ । କମଳା ସେବେ ନିରନ୍ତରେ ॥
ଯେବଣ ପାଦପଦ୍ମ ବାରି । ଶଙ୍କର ମଉଳରେ ଧରି ॥
ସେ ପଦଅରବିନ୍ଦ ବାରି । ପବିତ୍ର କଲା ତ୍ରିପୁରୀ ॥
ଶୁକ ସନକ ସନାତନ । ଯେ ପାଦେ ନୁହଇ ଖଣ୍ଡନ ॥
ଶାରଦା ଆଦି ସୁର ଦେବେ । ଯେ ପାଦେ ନିରନ୍ତରେ ସେବେ ॥
ଯେବଣ ପାଦପଦ୍ମ ଧ୍ୟାୟି । ଯୋଗୀଏ ଯୋଗ ମାର୍ଗେ ଥାଇ ॥
ସେ ପାଦପଦ୍ମ ସେବାକରି । ମୋ ଗୁରୁ ନରଦେହ ଧରି ॥
କୋଟିଏ କଷ୍ଟରୁ ନନ୍ଦନ । ମୁଁ ନୋହେ ତାଙ୍କ ସ୍ୱଜନ ॥
ଯେଣୁ ଦେଲୁ ବ୍ରହ୍ମଶାପ । ତେଣୁ ମୁଁ ମତ୍ତଗର୍ବେ ବନ୍ଧ ॥
ପ୍ରଭୁଙ୍କୁ ଚିହ୍ନି ନ ପାରିଲି । ମୁଁ ମୂଢ଼ ମନ୍ଦକର୍ମ କଲି ॥
ମୋ ମୁଣ୍ଡ ଛଡ଼ାଇଲ ନେଇ । ତୋ ମୁଣ୍ଡେ ଥୋଇଲ ଗୋସାଇଁ ॥
ଏହା କହୁଛି ମୋର ତୁଣ୍ଡ । ତହେଁ ବିନାଶ ମୋରମୁଣ୍ଡ ॥
ବିଚାର କରିଯାଏ ନୋହୁ । ଏ ପାପୀ ଶରୀର ନ ଥାଉ ॥
ଅଧିକ କି କହିବି ତୋତେ । ତୁ ଯେ ଭକତଜନ ହିତେ ॥
ଅଙ୍ଗନଙ୍କ ପାଇଛୁ ଲକ୍ଷଣ । ଏହା ମୁଁ ଶୁଣିଛୁ ଶ୍ରବଣ ॥
ଅଦ୍ୟାପି ଶ୍ରୀବତ୍ସ ପଦୁର । କହୁଛୁ ହୃଦପଦ୍ମେ ତୋର ॥
ତାହା ମୁଁ ନୟନେ ଦେଖୁଛି । ତେଣୁ ମୋ ଭୟନାହିଁ କିଛି ॥
ତୁ ନାଥ ପରମ ଦୟାଳୁ । ଭୃତ୍ୟ ଦଣ୍ଡକୁ ନାହିଁ ଛଳୁ ॥
ଏଣୁ ମୁଁ କହୁଅଛି ତୋତେ । କହୁଛି ନୃସିଂହ ଅଗ୍ରତେ ॥
କହି ଅଇଲି ସବୁ ସ୍ୱାମି । ତାହାତ ଜାଣିଥିବୁ ତୁମ୍ଭ ॥
ତୁ ଅନ୍ତର୍ଯ୍ୟାମୀ ଏ ଜଗତେ । କିସ କହିବାର ଅଛି ତୋତେ ॥

ରାଜ ଶାସ୍ତିଲେ ନରନାଥେ । ଧରାଇ ଘେନି ଯିବେ ମୋତେ ॥
ଅନେକ ଦଣ୍ଡ ସେ କରିବ । ସେ ଦଣ୍ଡ କେ ସହିପାରିବ ॥
ଏଣୁ ତୋ ଦଣ୍ଡକୁ ନ ଥିବ । ଗରଳ ଖାଇଣ ମରିବ ॥
ଏକଥା ଅଟଇ ପ୍ରମାଣ । ଶ୍ରୀମୁରେ କଲି ନିବେଦନ ॥
ଏମନ୍ତ କହି ବେଗ ହୋଇ । ଲେଉଟି ପ୍ରାୟେ ପଡ଼ ଶୋଇ ॥
ଉଠି ବହନ ଚଳିଗଲେ । ଦେଉଳେ କବାଟ କିଳିଲେ ॥
ବେଢ଼ା ନିଷେଧ କରିଇଲେ । ସେବକେ ଯେ ଯାହାର ଗଲେ ॥
ସେ ମହାପାତ୍ର ଗଲେ ଘରେ । ଅତ୍ୟନ୍ତ ସନ୍ତାପ ମନରେ ॥
ଗରଳ ଆଣି ରଖାଇଲେ । ଭୁଞ୍ଜିବ ରଜନୀ ପାଇଲେ ॥
ରଟେ ଶ୍ରୀହରି କୃପା କରୁ । କରିବେ ବୋଲି ମନେ ଅଛୁ ॥
ତେଣୁ ଶୋଇଲା ଉପବାସ । ଚିତ୍ତ ବୁଡ଼ାଇ ପ୍ରଭୁ ପାଶ ॥
ବେନି ନୟନୁ ଅଶ୍ରୁ ଧାର । ଗଳି ପଡ଼ଇ ବସୁନ୍ଧର ॥
ଏମନ୍ତେ ନିଦ୍ରାରେ ମୋହିତ । ତାହା ଜାଣିଲେ ଜଗନ୍ନାଥ ॥
ସେବକ ମନ ପ୍ରଭୁ ଜାଣି । ବିଜୟ କଲେ ଚକ୍ରପାଣି ॥
ତିଳକ୍ଷ ମହାପାତ୍ର ଘରେ । ଭକତ ଶୟନ ସ୍ଥାନରେ ॥
ଉଭା ହୋଇଣ ଶ୍ରୀବତ୍ସାଙ୍କ । ସ୍ୱପନେ ଆଜ୍ଞା ତାଙ୍କୁ ଦେଇ ॥
ବୋଇଲେ ଶୁଣରେ ଭକତ । ତୁ କିମ୍ପା ଚିନ୍ତାକରୁ ଚିତ୍ତ ॥
ମୋ ପଦ୍ମ ସ୍ପର୍ଶ ସେବାକରି । ଆନ ପ୍ରଭୁକୁ କିମ୍ପା ଡ଼ରି ॥
ମୁଁ ଥିଲେ ମନ୍ଦାତନେ କସି । କି କରିପାରେ ରଜା ଆସି ॥
କୋଟିଏ ନୃପତି ଅଇଲେ । କି କରିପାରେ ତୋତେ ଭଲେ ॥
ଆବର କହୁଅଛୁ ତୋତେ । ତୁ ଡ଼ରୁ ଯହିଁର ନିମନ୍ତେ ॥
ମୁଁ ତ ତେମନ୍ତ ଲଣ୍ଡା ନୋହେ । ତୋ ମନେ କିମ୍ପା ଡ଼ରୁଭୟେ ॥
କେଶ କି ନାହିଁ ମୋର ମାଥେ । ଦିଶଇ ନାହିଁ କିନା ତୋତେ ॥
ଏବେ ନ ଡର ମନେ କିଛି । ନିଶ୍ଚେ ମୋମୁଣ୍ଡେ କେଶ ଅଛି ॥
କାଲି ତୁ ପ୍ରତ୍ୟକ୍ଷ ଦେଖିବୁ । ରଜାକୁ ଦେଖାଇଣ ଦେବୁ ॥
ରାଜ ଥାଉ ମୋ ପାଶେ ଆସ । କହି ଚଳିଲେ ପୀତବାସ ॥

ରତ୍ନ ସୁବର୍ଣ୍ଣ ପଲଙ୍କେ । କମଳା ଦେବୀଙ୍କର ଅଙ୍କେ ॥
ଏଣେ ସେ ବିପ୍ର ନିଦ୍ରା ତେଜି । ଉଠିଲା ପ୍ରଭୁ ନାମ ଭଜି ॥
ଦେଖିଲା ପାଶେ କେହି ନାହିଁ । ଜାଣିଲା ନିଜେ ଭବଗ୍ରାହି ॥
କରୁଣା କରିଗଲେ ମୋତେ । ଏହା ମୁଁ ଜାଣିବି କେମନ୍ତେ ॥
ଏମନ୍ତ ବୋଲି ବେଗ କରି । ସ୍ନାନାଦି କର୍ମମାନ ସାରି ॥
ରାଜ ଦ୍ୱାରରେ ଆଜ୍ଞା ଗଲେ । ଦେଉଳେ ପ୍ରବେଶ ହୋଇଲେ ॥
କବାଟମାନଙ୍କୁ ଫିଟାଇ । ସେ ବେଗେ ପଶିଲେ ଝସାଇ ॥
ଜାଳ ଅନେକ ଦୀପବାଳୀ । ପ୍ରଭୁ ଶ୍ରୀମୁଖରେ ଯାଇଁମିଳି ॥
ଶଳଣ୍ଡି ମହାପାତ୍ର ଯାଇ । ଉଠିଲେ ସିଂହାସନ ଠାଇଁ ॥
ମନରେ ଭୟଅଛି ଭଲେ । ପ୍ରଭୁ ଶ୍ରୀମୁଖ ଚାହିଁଦେଲେ ॥
ଦେଖିଲେ ମସ୍ତକରେ କେଶ । ଦିଶଇ ଭ୍ରମର ସଦୃଶ ॥
ନାନା କୁସୁମରେ ସୁବେଶ । ପଡ଼ି ଅଛଇ ପୃଷ୍ଠଦେଶ ॥
ଜଟା ପଡ଼ିଛି କଟିଭାଗେ । ସେ ରତ୍ନ ସିଂହାସନେ ଲାଗେ ॥
ଦେଖିଣ ଏମନ୍ତ ବିଚାର । ଅତି ଆନନ୍ଦ ମହାପାତ୍ର ॥
ଅଶେଷ ଭରସା ପାଇଲେ । ପ୍ରଭୁଙ୍କ ସେବାରେ ରହିଲେ ॥
ଏଣିକିଉଁଛି ଶୁଣ ମନ । ସେ ମହାପ୍ରତାପୀ ରାଜନ ॥
ସେ କଥା ଅଛି ମନେଧରି । ବେଗେ ଅଇଲେ ବଡ଼ଦେଉଳି ॥
ଦେଉଳେ ପ୍ରବେଶ ହୋଇଲେ । ପ୍ରଭୁଙ୍କୁ ଦରଶନ କଲେ ॥
ବିପ୍ରଙ୍କୁ ବୋଇଲେ ନରେଶ । ଦେଖାଅ ପ୍ରଭୁମୁଣ୍ଡେ କେଶ ॥
ତା ଶୁଣି ବୋଲେ ବିପ୍ରବର । ହେ ରାଜା ମୋତେ କ ପଚ୍ଚର ॥
ମୁଁ କସ ଦେଖାଇବି ରାୟେ । ଦେଖ ହେ ଆପଣା ଇଚ୍ଛାଏ ॥
ଶୁଣି ନୃପତି ଚଳିଗଲେ । ପ୍ରଭୁ ପଛକୁ ଚାହିଁ ଦେଲେ ॥
ଦେଖିଲେ ପ୍ରଭୁ ମସ୍ତକର । ସୁନ୍ଦର ଦିଶେ କେଶଭାର ॥
ଅତ୍ୟନ୍ତ କଳା ଅତି ଲମ୍ବ । ଜୁଡ଼ା ଯେ ପଡ଼ିଛି ନିତମ୍ବ ॥
ତା ଦେଖି ବୋଲେ ଦଣ୍ଡଧାରୀ । ସ୍ୱରୂପ କହ ନିଷ୍ଠେ କରି ॥
କଉ ମହଣ ଦିବରାଜ । କାହୁଁ ଖଞ୍ଜିଲ ଏତେ ବାଳ ॥

ଏ କଥାବଡ଼ଇ ବଚନ | ଶୁଣି ବୋଇଲେ ମହାପାତ୍ର ||
ହେ ରାଜା ଅପ୍ରତେ ହୋଇଲେ | ଆପଣେ ବୁଝ କଣା ଭଲେ ||
ତାହା ଶୁଣିଣ ନରନାଥ | ବଢ଼ାଇ ଦେଲେ ନିଜ ହସ୍ତ ||
ପ୍ରଭୁ ମସ୍ତକେ କେଶଧରି | ଝିଙ୍କିଣ ନେଲେ ଗୋଟାକୁର ||
ତତକ୍ଷଣେ ରୁଧିର ବାହାର | ହୋଇଲା ପ୍ରଭୁ ମସ୍ତକର ||
ତାହା ଦେଖିଣ ନୃପମଣି | ଢଳିଣ ପଡ଼ିଲା ଧରଣୀ ||
ଉଠି ବ୍ରାହ୍ମଣ ପାଦେ ପଡ଼ି | କହଇ ଶିରେ କର ଯୋଡ଼ି ||
ହେ ଦ୍ୱିଜବର ମୋତେ ରଖ | ମୁଁ ମୂଢ଼ ବଡ଼ଇ ମୂରୁଖ ||
ପ୍ରଭୁରେ ଅପରାଧି ହେଲି | ଏବେ ସାକ୍ଷାତେ ନାଶ ଗଲି ||
ପ୍ରଭୁଙ୍କୁ ବସ୍ଥା ଏତେ ତୋତେ | ବୋଲି ମୁଁ ଜାଣିବି କେମନ୍ତେ ||
ଏବେ ଜାଣିଲି ଭଗବାନ | ଭକତ ନୋହେ ଭିନ୍ନାଭିନ୍ନ ||
ଭକତ ଅଭିମାନ ଯେତେ | ପ୍ରଭୁଙ୍କୁ ଲାଗଇ ସାକ୍ଷାତେ ||
ମୁଁ ମୂଢ଼ ମନ୍ଦକୃତ୍ୟ କଲି | ଭକତେ ଅପରାଧି ହେଲି ||
ଡେଇଁଲି ଜକନ୍ତା ହୁତାଶ | ଖାଇଲି କାଳକୂଟ ବିଷ ||
କେମନ୍ତେ ହେବି ଏଥୁ ପାର | ହେ ବିପ୍ରବର ରକ୍ଷାକର ||
ଏମନ୍ତ ବୋଲି ବିପ୍ରପାଦେ | ରାଜା ପଡ଼ିଲେ ଅପ୍ରମାଦେ ||
ତୋଳି ଧରିଲେ ବିପ୍ରବର | କଲ୍ୟାଣ ହେଉଦଣ୍ଡଧର ||
ତୁମ୍ଭର ନାହିଁ କିଛି ଦୋଷ | ସେ ହରି ମହିମା ବିଶେଷ ||
ମୋ ଅପରାଧ କ୍ଷମା କରି | କସ୍ଥା ଯେ କଲେ ବାନ୍ଧୁହରି ||
ଏମନ୍ତ ବୋଲି ଦୁହେଁ ଗଲେ | ପ୍ରଭୁଙ୍କ ପଛକୁ ସ୍ୱହିରେ ||
ଦେଖିଲେ ମୁଣ୍ଡେ କେଶ ନାହିଁ | ନୃପତି ବୋଇଲେ ଗୋସାଇଁ ||
ତୁମ୍ଭ ସେ ସବୁ କଣପାରୁ | ଏଣୁ ବୋଲାଅ ମହାମେରୁ ||
ମହିମା ଦେବଙ୍କ ଦୁର୍ଲ୍ଲଭ | ମୁଁ କି ଜାଣିବି ତୁମ୍ଭ ଭାବ ||
ଏବେ ଅପ୍ରାଧ ମୋର ଯେତେ | ପ୍ରଭୁ ନ ଧର କଦାଚିତେ ||
ପର ଅପର ତୋର ନାହିଁ | ସକଳ ଜୀବର ଗୋସାଇଁ ||
ଏମନ୍ତ ବୋଲି ରାଜା ଧନ | ଅନେକ କଲେ ଦାନ ପୁଣ୍ୟ ||

ବିପ୍ରଙ୍କୁ କୋଟି ଧନ ଦେଇ । ପ୍ରଭୁଙ୍କୁ ମଣୋହି କରାଇ ॥
ଆନନ୍ଦେ ଗଲେ ନୃପବର । ଶୁଣ ସୁମନ କଥା ସାର ॥
ଦେଖି ଏମନ୍ତ ଆଚମ୍ବିତ । ଲୋକେ ହୋଇଲେ ଆଲୋକିତ ॥
ଛକନ୍ଧ ମହାପାତ୍ର ଭଲେ । ପ୍ରଭୁଙ୍କ ସେବାରେ ଲାଗିଲେ ॥
ସେ ହରି ମହିମା ଏସନ । ଭକତଜନଙ୍କ ଜୀବନ ॥
ଭକତଅନ୍ଧ୍ର ଆଦ୍ୟମୂଳ । ଭକତଭାବେ ହେଲେ ଭୋଳ ॥
ଅଶେଷ ପ୍ରାଣୀଙ୍କର ହିତେ । କହଇ ରାମ ଦାସ ଗୀତେ ॥
ଏ ମନ ଚୈତନ୍ୟ ସମ୍ବାଦ । ଶୁଣନ୍ତେ ନ ଲାଗେ ପ୍ରମାଦ ॥
ଯେ ଅବା ଶ୍ରଦ୍ଧା ମନେ ଶୁଣେ । କି ଅବା ବଦନରେ ଗୁଣେ ॥
କାଟିଣ ଭବବନ୍ଧ ପାଶ । କାଳେ ଲଭିବ ସ୍ୱର୍ଗବାସ ॥
କହଇ ଲଛମନ ସୁତ । ମୋ ପ୍ରଭୁ ନୀଳଗିରିନାଥ ॥
ସେ ଦାରୁବ୍ରହ୍ମଙ୍କ ଚରଣେ । ମୋ ଚିତ୍ତ ରହୁ ଅନୁକ୍ଷଣେ ॥
ସୁଜନେ ଏହି ଭାବେ ରସ । ମୁଁ ତୁମ୍ଭ ଚରଣର ଦାସ ॥

ଇତି ଶ୍ରୀ ବାର୍ଦ୍ଧ୍ୟତାଭକ୍ତି ରସାମୃତେ ମନ ଚୈତନ୍ୟ ସମ୍ବାଦେ
ଛକନ୍ଧ ମହାପାତ୍ର ବାର୍ଦ୍ଧ୍ୟଭାବ ବର୍ଣ୍ଣନେ
ନାମ ବିଂଶୋଽଧ୍ୟାୟଃ ।

—*—

## ଏକବିଂଶ ଅଧ୍ୟାୟ
## ଅଙ୍ଗନା ଓ ମାଧନା ସମ୍ବାଦ

ଚୈତନ ଉବାଚ

କହେ ଚୈତନ୍ୟ ମହାଜ୍ଞାତା । ବାର୍ଦ୍ଧ୍ୟତାଭକ୍ତି ରସ କଥା ॥
ଶୁଣ ସୁମନ ହେତୁ ଦେଇ । ମୁଁ ଯାହା କହୁଛି ବୁଝାଇ ॥
ଏ ବଡ଼ ଦୁର୍ଲ୍ଲଭ ଚରିତ । ଶୁଣିଲେ ହୋଇବ ପବିତ ॥
କଳିଙ୍ଗ ବୋଲି ଏକ ଦେଶ । ସକଳ ଦେଶର ନରେଶ ॥
ନଦୀର ନାମ ଗୋଦାବରୀ । ସ୍ନାନମାତ୍ରକେ ପାପହରି ॥
ସେ ମହା ପୁଣ୍ୟ ନଦୀକୂଳ । ଯୋଗେଅଯୋଗେ ଏକାବେଳେ ॥

ସ୍ନାନ କରନ୍ତି ଯେଉଁ ନର । ବସନ୍ତି ଯାଇ ସ୍ୱର୍ଗପୁର ।।
ସେ ମହା ପୁଣ୍ୟ ନଦୀତୀର । ସେ ରାଜମନ୍ଦର ସହର ।।
ସେହି ନଗରେ ତାର ଘର । ଜାତିରେ ଅଟେ ଦ୍ୱିଜବର ।।
ଯୋଗେ ସେ କର୍ମଚନ୍ଦ୍ର ପିତା । ନାମ ଯେ ଅଙ୍କନା ସାଧନା ।।
ସେ ବେନି ଭାଇ କଥା ଯେତେ । କହିବା ଶୁଣ ଏକଚିତ୍ତେ ।।
ସୁନ୍ଦରପଣେ ଜବା ସାର । ଭକତ ବସ୍ତ୍ରାତ୍ମକ ତାର ।।
ସହିଷ୍ଣୁ ପଣେ ବସୁମତୀ । ପଣ୍ଡିତପଣେ ବୃହସ୍ପତି ।।
ଧୀରପଣରେ ମେରୁ ସମ । ବୀରପଣରେ ଦ୍ୱିତୀ ଯମ ।।
ବୁଦ୍ଧିରେ ଜବା ଗଣେଶ୍ୱର । ବାଳପଣେ ଶିବ ଅଂଶର ।।
କୁବେର ସମ ଧନବନ୍ତ । ସକଳ ଜୀବେ ଦୟାଚିତ୍ତ ।।
ନ ଜାଣେ ପର ନାଶ କଥା । ନିତ୍ୟ ଶୁଣଇ ବିଷ୍ଣୁ ଗାଥା ।।
ଧନ ସଞ୍ଚୟେ ନାହିଁ ମନ । ନିରତେ କରେ ଦାନ ପୁଣ୍ୟ ।।
କ୍ଷେତ୍ରପୁରୀ କାଞ୍ଚି କାଶୀ ତିନ । ଅଯୋଧ୍ୟା ମଥୁରା ଏ ବେନ ।।
ବଦ୍ରି ଦ୍ୱାରକା ରାମେଶ୍ୱର । ଯେ ଜଗନ୍ନାଥ ପୁଣ୍ୟପୁର ।।
ଏ ଆଦି ପୁଣ୍ୟ ପୁର ଯେତେ । ଅଛି ସଂସାର ମଧ୍ୟଗତେ ।।
ବସାଇ ସଦା ବର୍ତ୍ତମାନ । ଦେଉଥାଇ ଯେ ଅନ୍ନଦାନ ।।
ଯେତେ ସେ ଧନ ତହିଁ ସାର । ସେ ପୂରୁଥାଇ ନିରନ୍ତର ।।
ନିଜ ଦ୍ୱାରରେ ଦୁଃଖିଜନ । କି ଅବା ଭିକ୍ଷୁକ ଦେଖିଣ ।।
ମନ ସନ୍ତୋଷେ ଧନ ଦେଇ । ବାକ୍ୟ କହଇ ସ୍ତୁତି ଥାଇ ।।
ଯୋଗୀ ସନ୍ନ୍ୟାସୀ ବ୍ରହ୍ମଚାରୀ । ସାଧୁ ବୈଷ୍ଣବ ଆଦି କରି ।।
ପ୍ରବେଶ ହେଲେ ତା ଭୁବନେ । ତାହାଙ୍କୁ ତୋଷେ ଅନ୍ନଦାନେ ।।
ବନ୍ଧୁ ସୋଦର ମିତ୍ରଜନ । ନିତ୍ୟ ସେ କରାଏ ଭୋଜନ ।।
ଏଥିଉତ୍ତାରୁ ବେନି ଭ୍ରାତ । କରି ଅଛନ୍ତି ସତ୍ୟବ୍ରତ ।।
ବ୍ରାହ୍ମଣେ ନିତେ ଅଷ୍ଟଜଣ । କରିଣ ଥାଆନ୍ତି ବରଣ ।।
ନିତ୍ୟ ଏ ଭୋଜନର ବେଳେ । ବସନ୍ତି ଯାଇ ଏକମେଳେ ।।
ପଙ୍ଗତ ହୋଇଣ ବସନ୍ତି । ଯେବେ ସେ ଭୋଜନ କରନ୍ତି ।।

ତିନଶ ଷାଠିଏ ଦିନରେ । ଭୁଞ୍ଜନ୍ତି ଏହି ପରକାରେ ॥
ଗୋଟିଏ ଦିବସ ଊଣାହେଲେ । ତାହା ଯେ ପୁରଣ ନୋହିଲେ ॥
ଭୁଞ୍ଜନ୍ତି ନାହିଁ କେବନ ଖାଇ । ରହନ୍ତି ଉପବାସ ହୋଇ ॥
ଏଥିଉତ୍ତାରୁ ଚତୁର୍ଦ୍ଦଶୀ । କିବା ସଂକ୍ରାନ୍ତି ପୂର୍ଣ୍ଣିମାସୀ ॥
ଶ୍ରବଣନକ୍ଷତ୍ର ଆଦି ଯେତେ । ବୈଷ୍ଣବ ଲୋକ ଅପ୍ରମିତେ ॥
ଦିଅନ୍ତି ଅନ୍ନ ବସ୍ତ୍ରମାନ । ସନ୍ତୋଷ କରାଇ ଭୋଜନ ॥
ଅନେକ ଦିନସ୍ଥୀ କହନ୍ତି । କଉଣ ଦିବ୍ରପାଏ ଭକ୍ତି ॥
ତାହା ଦେଖିଣ ଦିବ୍ୟ ଯେତେ । ବୈଷ୍ଣବ ଆଦି ଅପ୍ରମିତେ ॥
ଅନେକ ପ୍ରଶଂସା କରନ୍ତି । ଯେ ଯାହା ପୁରେ ଚଳିଯାନ୍ତି ॥
ଏହିପ୍ରକାରେ ବଞ୍ଚେ ଦିନ । ନ ଜାଣେ ଅନ୍ୟ କଥାମାନ ॥
ଏମନ୍ତେ କେତେଦିନ ଅନ୍ତେ । ତା କୀର୍ତ୍ତି ପୂରିଲା ଜଗତେ ॥
ବ୍ରହ୍ମନଗରେ ତାର ଯଶ । ଏମନ୍ତ ହୋଇଲା ପ୍ରକାଶ ॥
ଲୋକେ ବୋଇଲେ ଧନ୍ୟ ଧନ୍ୟ । ଅଜ୍ଞନା ମାଧନା ଜୀବନ ॥
ତାଙ୍କ ସମାନ ବାମାପଣେ । କେହି ନ ଥିବ ଏ ଭୁବନେ ॥
ଏମନ୍ତ ବୋଲନ୍ତି ସମସ୍ତେ । ପ୍ରଶଂସା କରନ୍ତି ଜଗତେ ॥
ତାହା ଜାଣିଲେ ଦେବସ୍ୱାମୀ । ଯେ ପ୍ରଭୁ ସର୍ବ ଅନ୍ତର୍ଯ୍ୟାମୀ ॥
ବୁଝିବା ପାଇଁ ତାର ମନ । ବିଜୟ କଲେ ସେହି ସ୍ଥାନ ॥
ଛଦ୍ମ ଛଳ କଲେ ନରହରି । ବୃଦ୍ଧବିପ୍ରର ରୂପ ଧରି ॥
ବୃଦ୍ଧବିପ୍ରର ରୂପ ବହି । ଚାଲନ୍ତି ଧୀର ଧୀର ହୋଇ ॥
ଶିରେ ଶୋଭିତ ପକ୍ୱକେଶ । ଶୁଭ୍ର ଚାମର ପ୍ରାୟ ଦୃଶ୍ୟ ॥
ଅତି ପାଚିଲା ଓଷ୍ଠ ଦାଢ଼ି । ଲମ୍ବ ପଞ୍ଜରେ ଅଛି ପଡ଼ି ॥
ଭାଲେ ତିଳକ ଶୋଭା ଦିଶି । ଦ୍ୱିଜ ମନ୍ଦେ ମନ୍ଦେ ହସି ॥
କର୍ଣ୍ଣେ କୁଣ୍ଡଳ ବସାଇ । ତେଜେ ମାର୍ତ୍ତଣ୍ଡ ଗଞ୍ଜାଇ ॥
ଯଜ୍ଞୋପବୀତ କଣ୍ଠେ ଶୋହେ । ସ୍ୱରୂପେ ଜଗଜ୍ଜନ ମୋହେ ॥
ଡୋର କୌପୀନ କଟିମାଝେ । ପୃଷ୍ଠରେ ବ୍ୟାଘ୍ରଚର୍ମ ସାଜେ ॥
ସେ ଦଣ୍ଡ କମଣ୍ଡଳ ପାଣି । ଏମନ୍ତ ବେଶେ ଚକ୍ରପାଣି ॥

ଅଞ୍ଜନା ମାଧନା ସଦନେ । ପ୍ରବେଶ ହେଲେ ଶ୍ରଦ୍ଧାମନେ ॥
ବଇଦ ଯୋଗେ ସେ ଦିନର । ଉତ୍ସବ ହୋଇଛି ତା ପୁର ॥
ବନ୍ଧୁ ସୋଦର ମିତ୍ରଜନେ । ଯେ ପଡ଼ିଶାର ଲୋକମାନେ ॥
ଆସି ଆଛନ୍ତି ଅପ୍ରମିତେ । ଗଣନା ନୁହନ୍ତି ତା କେତେ ॥
ସକଳ ଜନମାନେ ଆସି । ଧର୍ମଶାଳାରେ ଛନ୍ତି ବସି ॥
ତହିଁ ମଧ୍ୟରେ ବେନ ଭ୍ରାତ । ଧରିଣ ଜଳପାତ୍ର ହସ୍ତ ॥
ଯେତେକ ବିପ୍ର ଆସୁଛନ୍ତି । ସବୁରି ପାଦ ଧୋଇଦ୍ୟନ୍ତି ॥
ପାଣିରେ ପାଣି ଅବଟଣତ । ଧରି କରନ୍ତି ଜଟ୍ଟି ଗ୍ରାସ ॥
ବିପ୍ରେ ଆସନ ଦେଇ ପୁଣି । କହନ୍ତି ସୁମଧୁର ବାଣୀ ॥
ଏମନ୍ତବେଳେ ଭାବଗ୍ରାହୀ । ମିଳିଲେ ସେହି ସ୍ଥାନେ ଯାଇ ॥
ସଭାଜନଙ୍କୁ ଚାହିଁ ହରି । ଧୀରେ ପୃଛନ୍ତି ବ୍ରହ୍ମଋଷି ॥
ଅଞ୍ଜନା ମାଧନା ଏ ଦୁଇ । ଭାଇ ଅଛନ୍ତି କେଉଁଠାଇ ॥
ଶୁଣି ସମସ୍ତେ ଲୋକେ ଭଲେ । ତାହାଙ୍କୁ ଦେଖାଇଣ ଦେଲେ ॥
ଦେଖି ଦୁହିଙ୍କୁ ବ୍ରହ୍ମଋଷି । ଅନେକ ଆଶୀର୍ବାଦ କରି ॥
ବୋଇଲେ ଧନ୍ୟରେ ତୋହର । ଅଟନ୍ତି ଜନନୀ ପିଅର ॥
ଧନ୍ୟ ହୋ ତୁମ୍ଭେ ବେନ ଭାଇ । ସଂସାରେ ଅଛ ଜାତ ହୋଇ ॥
ହୋଇଲ ଅପାରୁ ଅପାର । ଜଗତେ କୀରତି ତୁମ୍ଭର ॥
ଏମନ୍ତ ବୋଲିଣ ପ୍ରଶଂସି । ଶୁଣିଣ ବେନଭାଇ ହସି ॥
ସେ ବ୍ରହ୍ମଋଷି ପାଦ ଧୋଇ । ଉଦକ ପାଇ ବେନଭାଇ ॥
ଉଚିତେ ବସାଇ ଆସନେ । ପୃଛନ୍ତି କୋମଳ ବଚନେ ॥
ହେ ବ୍ରହ୍ମଋଷି କହ ସତ । କର୍ମ୍ମା ମୋ ପୁରେ ଉପଗତ ॥
କହ ହେ ସ୍ୱରୂପ ବଚନ । ଶୁଣି ସନ୍ତୋଷ ହେଉ ମନ ॥
ତା ଶୁଣି ପ୍ରଭୁ ବ୍ରହ୍ମଋଷି । ତାଙ୍କ ମୁଖକୁ ଚାହିଁ ହସି ॥
ଆମ୍ଭେତ ଆଜନ୍ମ ସନ୍ନ୍ୟାସୀ । ନଚେତ୍ୟହେ ଅଟୁ ପରବାସୀ ॥
ନିଶ୍ଚଳ ନୋହୁ କେଉଁଠାରେ । ନିରତେ ଭ୍ରମୁଁ ଏ ସଂସାରେ ॥
ଯେ ଗତାଗତ ପଥ ମୋର । ମୋତେ ତ ନ ହୋଇ ଗୋଚର ॥

କେବଳ ଅଛଇ କଥାଏ । ଭକତି ଦେଖ ଯେଉଁଠାଏ ॥
ନିର୍ଲୋଭ ସତ୍ୟବାଦୀଜନ । ଅକ୍ରୋଧୀ ମଧୁର ବଚନ ॥
ନିର୍ଭୟ ଶୋକ ମୋହ ନାହିଁ । ବସ୍ତୁ ଭକତ ଦେଖ ଯହିଁ ॥
ବସ୍ତାକୁ ପରଲୋକ ପ୍ରିୟ । ସତ୍ୟ ଧାର୍ମିକ ସଙ୍ଗସହ ॥
ନାମ ଭଜନ ଯେତୁକରେ । ସେବଇ ଗୁରୁ ବିପ୍ରଠାରେ ॥
ସକଳ ମିଥ୍ୟା ବୋଲି ଜାଣେ । ସେବଇ ସାଧୁଙ୍କ ଚରଣେ ॥
ପର ଆପଣା ଏକ ମଣି । ସଂସାର ବସ୍ତୁ ମାୟାଜାଣି ॥
ଏମନ୍ତ ଲୋକ ଦେଖ ଯହିଁ । ଭୋଜନ କରୁ ଆମ୍ଭେ ତହିଁ ॥
ନ ପୂଜୁଜାନ୍ତି ଯୋହ ତାର । ହେଉ ଅକୁଳ ଅବେଶର ॥
ତା ହାତେ ଭୁଞ୍ଜିବା ପ୍ରମାଣ । ସେ ମୋର ବନ୍ଧୁ ବୋଲି ଜାଣ ॥
ନ ଦେଲେ ମାଗିଣ ଭୁଞ୍ଜଇ । ତହିଁ ମୋ ଅଭାବ ନ ଥାଇ ॥
ଏହା ନ ଦେଖ ଯାହାଘରେ । ସେ ଯେତେଦ୍ରବ୍ୟ ଦେଲେମୋରେ ॥
ତହିଁ ନ କରେ ମୁଁ ଭୋଜନ । ସେ ମୋତେ କୋଟିଏ ଯୋଜନ ॥
ଏବେ ହୋ କହୁଅଛୁ ତୋତେ । ତୁ ଏବେ ଶୁଣ ଶୁଦ୍ଧଚିତ୍ତେ ॥
ଆମ୍ଭେ ଯେ ଅଟୁ ବ୍ରହ୍ମବୃଷ । ତୋହର ଅଟୁ ଉପବାସ ॥
ଅଇଲୁ ତୋହର ନିକଟେ । ତୋର ମହିମା ପୂର୍ଣ୍ଣ ଘଟେ ॥
ଏଥିକୁ ଅଇଲୁ ଯେ ଏରେ । ତୁମ୍ଭ ଦୁହିଁଙ୍କୁ ଦେଖିବାରେ ॥
ଏବେ ହୋ ଯାଉଅଛୁ ଆମ୍ଭେ । ଏହି ଭାବରେ ଥାଅ ତୁମ୍ଭେ ॥
ଏମନ୍ତ ବାକ୍ୟ ଦୁହେଁ ଶୁଣି । କପୋତେ ନବେଶିଲେ ପାଣି ॥
ବୋଇଲେ ଶୁଣ ହୋ ଗୋସାଇଁ । ଆଜକ ମାତ୍ର ଏଥେଁ ରହ ॥
ଆମ୍ଭର ହେଉଛି ଉତ୍ସବ । ଭୋଜନ କରି ତୁମ୍ଭେ ଯିବ ॥
ଏତେ ସୁକୃତ ଅଛି ହୋଇ । ନାନାଦ୍ଧ ସନ୍ନ୍ୟାସୀ ଗୋସାଇଁ ॥
ତା ଶୁଣି ବ୍ରହ୍ମବୃଷ କହୁ । ଶୁଣ ହେ ତୁମ୍ଭେ ଦୁଇଭାଇ ॥
ମୁଁ ଏଥେ ରହିଲେ ଅବଶ୍ୟ । ଦେଇ ନ ପାର ମୋତେ ଗ୍ରାସ ॥
ଦଇବେ ଦେବ ଅବା ଯେବେ । ଅନେକ ଲୋକେ ଭୋକେ ଯିବେ ॥
ଶୁଣି ବୋଇଲେ ସର୍ବେ ହେଉ । ଆମ୍ଭେ ସଞ୍ଚକେ ଭୋକେ ଯାଉ ॥

ତୁମ୍ଭେ ଭୋଜନ ବେଗେ କର । ଦେଖିବା ତୁମ୍ଭ ଭୁଞ୍ଜିବାର ॥
ସେ ବେନି ଭାଇ ନାନାମତେ । ପଞ୍ଚ ସନ୍ନ୍ୟାସୀ ଗଃବଗତେ ॥
ରଖିଲେ ଅନ୍ତ ବଳକରି । ନମନ୍ତ କରି ବ୍ରହ୍ମଚାରୀ ॥
ଏଥିଉତ୍ତାରୁ ବେନଭାଇ । ରନ୍ଧନ କରାଇଲେ ଯାଇଁ ॥
ଛିଗା ଖେଚଡ଼ି ଶାଳ ଅନ୍ନ । ନାନାବିଧ ପ୍ରକାରେ ବ୍ୟଞ୍ଜନ ॥
ଅଶେଷ ବର୍ଣ୍ଣେ ପିଠାମାନ । ଘୃତରେ କଲେକ ରନ୍ଧନ ॥
ଦଧି ଯେ ଅନେକ ପ୍ରକାର । ଘୃତ ନବାତ ଦୁଧସର ॥
ପଇଡ଼ ପାଣି ସରପଣା । ସ୍ୱାଦୁରେ ଏକୁଁ ଏକ ଜଣା ॥
ଷଡ଼ରସରେ ଦ୍ରବ୍ୟଯେତେ । ରନ୍ଧନ କଲେ ବିଧିମତେ ॥
ଶତକ କଟଣ ରନ୍ଧଣିଆ । ରନ୍ଧନ କଲେ ଅମଣିଆ ॥
ବେନି ପ୍ରହରେ ଅଛି ହୋଇ । ସମସ୍ତ ନିର୍ଣ୍ଣ କରି ଥୋଇ ॥
ଦଶସହସ ମନୁଷ୍ୟଙ୍କୁ । ଭୋଜନ ବାଣ୍ଟିବେ ସବୁଙ୍କୁ ॥
ଏତେ ଯେ ଦ୍ରବ୍ୟ ନିର୍ଣ୍ଣ କରି । ଡାକ ଆଣିଲେ ବ୍ରହ୍ମଚାରୀ ॥
ଅତ୍ୟନ୍ତ ବସ୍ତାର ମନ୍ଦିର । ଯେସନ ଚନ୍ଦ୍ରଶାଳାପୁର ॥
ତହିଁ ବସାଇ ବ୍ୟାସନେ । କହନ୍ତି ବିନୟ ବଚନେ ॥
ଅନେକ ଲୋକେ ଛନ୍ତି ବେଢ଼ି । ସେ ବେନି ଭାଇ କରଯୋଡ଼ି ॥
ବୋଲନ୍ତି ଶୁଣହେ ଅତିଥି । କର ଭୋଜନ ବିଧିମତି ॥
ତୁମ୍ଭ ବଚନ ଯେବେ ଶୁଣି । ତା ପୁଣି ପରଚ୍ଛିବୁ ଆଣି ॥
କହ ହେ ବିଳମ୍ବ ନ କର । ଶୁଣି ବୋଲନ୍ତି ବ୍ରହ୍ମଚାରୀ ॥
ଶୁଣହେ ବାଳା ବେନିଭ୍ରାତେ । ସ୍ୱରୂପ କହୁଅଛୁଁ ତୋତେ ॥
ମୋତେ ଯେ ଅନ୍ନ ଲାଗିଥାଇ । ପଛେ ନସତ ଅବା ନୁହଇ ॥
ଅତିଥି ବୁଝାଇ ବସାଇ । ଅଧା କରି ଯେ ନ ଉଠଇ ॥
ଏଥକୁ ବିଷ୍ଟଭଣ କହ । ଦେବା ବୋଇଲେ ଅନିବୃଷ୍ଟ ॥
ନୋହିଲେ ଲେଉଟି ଯାଉଛୁ । ଏଥେ ଶୋଚନା କାହିଁ କରୁ ॥
ସମସ୍ତ ଲୋକେ ତାହା ଶୁଣି । ମନୁଷ୍ୟ ପ୍ରାୟେ ତାଙ୍କୁ ମଣି ॥
ବୋଇଲେ ଭୁଞ୍ଜ ହେ ଅତିଥି । କମ୍ପାଇ ହୋଇବୁ ନସତ ॥

ଯେତେ ପାଇଲେ ବ୍ଯଞ୍ଜନା । ବୋଲିଲେ ଆମ୍ଭେ ଭୁଞ୍ଜୁ ସିନା ॥
ତା ଶୁଣି ବୋଇଲେ ସନ୍ନ୍ୟାସ । ଯେତେ ଗନ୍ଧର ଘେନ ଆସ ॥
ଲକ୍ଷଣ ମୋହର ଅଗ୍ରତେ । ପକାଅ ପତ୍ର ଗୋଟି କେତେ ॥
ସକଳ ଦ୍ରବ୍ୟ କଣ୍ଟି ଭରି । ଗୋପାଳ ମୁଦ୍ରା ବେଗେ କରି ॥
ନୃସିଂହ ଦେବ ଚିନ୍ତ ଚତ୍ତେ । ବଢ଼ାଇ ଦେଉଥାଅ ମୋତେ ॥
ଯହୁଁ ଶୁଣିଲେ ଏ ବଚନ । ଆନନ୍ଦ ସମସ୍ତଙ୍କ ମନ ॥
ସେ ବେନି ଭ୍ରାତ ଚଳିଗଲେ । ଯେ ବା ରନ୍ଧନ କରିଥିଲେ ॥
ତହୁଁ ଅନେକ ଦ୍ରବ୍ୟ ଧରି । ବୁହାଇ ବୋହୁଁ ଭାର କରି ॥
ଅଣ୍ଡଥି ସମ୍ମୁଖରେ ଥୋଇଲେ । ଅନେକ ପତ୍ର ପକାଇଲେ ॥
ସକଳ ଦ୍ରବ୍ୟ ତର୍ଣ୍ଣି ଭରି । ଅନ୍ନ ବ୍ୟଞ୍ଜନ ଆଦି କରି ॥
ନାନାଦି ପିଠାମାନ ଯେତେ । ଯେ କ୍ଷିଣ ଖେଚଡ଼ି ସହିତେ ॥
ସକଳ ସାମଗ୍ରୀ ପରଶି । ଅନେକ ଲୋକ ବେଢ଼ି ବସି ॥
ଭୁଞ୍ଜେ ନୃସିଂହ ନାମ ଧରି । ବୋଲିଲେ ମୁଦା ମୁଦା କରି ॥
ତାହା ଦେଖିଣ ସେ ସନ୍ନ୍ୟାସୀ । ସନ୍ତୋଷେ ପୂର୍ଣ୍ଣାସନେ ବସି ॥
ନୃସିଂହ ନାମ ଗୋଟି ଧରି । ବସିଲେ ଊର୍ଦ୍ଧ୍ୱ ମୁଖକରି ॥
ଶ୍ରୀ କରେ ମୁଦ୍ରାମାନ ଧରି । ମୁଖ ବିସ୍ତାରି ବ୍ୟନ୍ତ ହରି ॥
ମୁଦ୍ରାକୁ ମୁଦ୍ରା ଧରି କରେ । ଢଳାଇ ଦିଅନ୍ତି ତୁଣ୍ଡରେ ॥
ଯେତେକ ସମ୍ପାଦଣ ଥିଲେ । ଦଣ୍ଡକମାନେ ଭୁଞ୍ଜିଦେଲେ ॥
ବୋଇଲେ ଆଉ ଘେନଆସ । କ୍ଷଣେହେଁ ନ କର ଅଳସ ॥
ଶୁଣି ଅନେକ ଲୋକେ ଯାଇଁ । ଆଣନ୍ତି ଶେଷଘରୁ ବହି ॥
ପତ୍ରରେ ଦିଅନ୍ତି ଢାଳି । ମୁଦା ବୋଲନ୍ତି ଲୋକେ ଯାଇ ॥
ସେ ମାୟାପତି ସବୁ ଧରି । ମୁଖରେ ଦେଉଥାନ୍ତି ହରି ॥
ଯେସନେ ଗୋବର୍ଦ୍ଧନଗିରି । ପୂଜାରେ ଭୁଞ୍ଜିଲେ ଶ୍ରୀହରି ॥
ଅନଳେ ଘୃତ ଯେବେ ପଶି । ସେ ଯେହ୍ନେ ହୋଏ ଭସ୍ମରାଶି ॥
ଅଶେଷ ନଦୀଜଳମାନ । ଯେହ୍ନେ ସାଗରେ ହୋଏ ଲୀନ ॥
ସେହି ପ୍ରକାରେ ବ୍ରହ୍ମରୂପ । ଦିଅନ୍ତି ବସ୍ତୁ ଗର୍ଭେ ହରି ॥

ବୋଲନ୍ତି ଘେନଅଂସ ଆଜ | କେବା କଥାରେ କେଜାଣେତୁ ||
କ୍ଷୁଧାରେ ଜଳୁଛନ୍ତି ଉଦର | ବହୁତ ଲୋକେ ମୁହାକର ||
ତାହା ଶୁଣିଣ ବେଜ ସାଇ | ଅନେକ ଢଗର ପେଶାଇ ||
ସନ୍ଧବା ଲୋକେ ସନ୍ଧ ଛନ୍ତି | ବନ୍ଧବା ଲୋକେ ବନ୍ଧୁଛନ୍ତି ||
କୁଢ଼ାନ୍ତି ଏକଠାବେ ନେଇ | ସହସ୍ରେ ଲୋକ ବସିଥାଇ ||
ବଅନ୍ତି ମୁଖେ ମୁଦାବଳି | ବସି ଭୁଞ୍ଜନ୍ତି ମହାବଳୀ ||
ଏମନ୍ତ ଦଶଦଣ୍ଡ ଯାଏ | ସବୁ ଭୁଞ୍ଜିଲେ ବେକସସ୍ତେ ||
ଯେତେ ପଦାର୍ଥ ଥିଲେ କରି | ସବୁ ଭୁଞ୍ଜିଲେ ବେଗକରି ||
ଲକ୍ଷ ସହସ୍ର ଲୋକ ଗ୍ରାସ | ସବୁ ସାରିଲେ ସେ ସନ୍ନ୍ୟାସ ||
ବୋଇଲେ ଆଉ ଆଣ କନା | ଆଣ ହୋ ଅଙ୍କନା ମାଧନା ||
ତାହା ଶୁଣିଣ ବେଜ ସାଇ | ସନ୍ନ୍ୟାସୀ ପାଦତଳେ ଶୋଇ ||
ବୋଇଲେ ବନ୍ତେ ମଠ ହେଉ | ରନ୍ଧନ ହେଉଅଛି ଆଉ ||
ମୋ ଗୁରୁ କେତେକ ମାତର | ତୁମ୍ଭଙ୍କୁ ଦେବାକୁ ଆହାର ||
ମତଗର୍ବରେ ବେଦ ବୋଲି | ଏବେ ମୁଁ ଅପରାଧ କଲି ||
ଏଥିର ଦୋଷ କ୍ଷମାକର | ଦଣ୍ଡକେ ବସ ବ୍ରହ୍ମବସ ||
ଆଜ ଯା ବେଇଛନ୍ତି ହରି | ତୁମ୍ଭରେ ବେଢ ଅଣିକରି ||
ପୁତ୍ର ନ ପୁତ୍ର ତୋ ଉଦର | ମୋର ଅପ୍ରାଧ କ୍ଷମାକର ||
ଏମନ୍ତ ବାକ୍ୟ ତାର ଶୁଣି | ହସି ବୋଲନ୍ତି ଚକ୍ରପାଣି ||
ଏବେ ମୁଁ ହୋଇଲି ସନ୍ତୋଷ | ଦଅ ତୁ ବପ୍ରଜନେ ଗ୍ରାସ ||
ଏମନ୍ତ ବୋଲି ଉଠିଗଲେ | ସେ ବେଜ ଭ୍ରାତ ଗୋଡ଼ାଇଲେ ||
ଅନେକ ବିପ୍ର ତାଙ୍କ ପାଖେ | ଗୋଡ଼ାଇ ଅଛନ୍ତି ପ୍ରତ୍ୟକ୍ଷେ ||
ଅଲ୍ପକେ କାହ୍ନୁ ଏ ଅଇଲେ | ଅଗ୍ର ତ ଅଗୋଚର ହଲେ ||
ଏମନ୍ତ ବୋଲି ଯେତ୍ଥାମତେ | ଗୋଡ଼ାଇ ଅଛନ୍ତି ସମସ୍ତେ ||
ପ୍ରବେଶ ଗୋଦାବରୀ କୂଳେ | ପ୍ରଭୁ ପଶିଲେ ଯାଇଁ ଜଳେ ||
ଉଚ୍ଛିଷ୍ଟମୁଖ ଜଳେ ଧୋଇ | ଜଳ ପିଇଲେ ମୁଖ ଦେଇ ||
ଅନେକ ଶୁଝିଗଲ ବାରି | ଦକ୍ଷିଣ ଗଲ ଗୋଦାବରୀ ||

ତାହା ଦେଖିଣ ବେନ ଭାଇ । ରହିଲେ ସ୍ତମ୍ଭୀଭୂତ ହୋଇ ।
ବଦନୁ ନସ୍ଫୁରେ ବଚନ । ଦେଖି ବୋଇଲେ ଭଗବାନ ।
ତୁମ୍ଭେ ଯେ ଯାଅ ବେନଭାଇ । ଆମ୍ଭ ବଚନ ଶିରେ ଦେଇ ।
ଆଜ ଅକପ ହେନେ ପୁଣ । ଲଭିବ ପରମ କାରଣ ।
ଏ ପିଣ୍ଡ ଛାଡ଼ି ବେନ ଭାଇ । ବସିବ ସ୍ୱର୍ଗ ଲୋକେ ଯାଇ ।
ଏଥେ ସଂଶୟ ନାହିଁ କିଛି । ଆଜ ମୁଁ ଅନ୍ତର ହେଉଛି ।
ମୂର୍ତ୍ତିଟି ପ୍ରଭୁ ନାରାୟଣ । ଦେଖ ମୋ ଶଙ୍ଖ ଚକ୍ର ଚିହ୍ନ ।
ଏମନ୍ତ ବୋଲି ବ୍ରହ୍ମଋଷି । ଅନ୍ତର ହେଲେ ଜନେ ପଶି ।
ଶ୍ରୀଭୁଜ ଦୁଇ ତୋଳିଦେଲେ । ସେ ଶଙ୍ଖ ଚକ୍ର ଦେଖାଇଲେ ।
ତାହା ଦେଖିଲେ ବେନ ଭାଇ । ଆନ କାହାକୁ ଦୃଶ୍ୟ ନୋହି ।
ସେ ବେନ ଭାଇଙ୍କର ଭାବ । ଶତେ ଜନମେ କେ ପାଇବ ।
ସଙ୍ଗତେ ଘେନ ବସ୍ତ୍ର ଯେତେ । ଲେଉଟିଗଲେ ସେ ସମସ୍ତେ ।
ମଢରେ ହୋଇଲେ ପ୍ରବେଶ । ସବୁଙ୍କୁ ଦେଲେ ଅନ୍ନଗ୍ରାସ ।
ଅନେକ ଧନ ବସ୍ତ୍ର ଦେଲେ । ମେଲାଣି କଲେ ତାଙ୍କୁ ଭଲେ ।
ଆନନ୍ଦେ ଶୁଣ ହେ ସୁମନ । ପ୍ରଭୁଙ୍କ ମହିମା ଏସନ ।
ଏ କଳିଯୁଗେ ଭକ୍ତଙ୍କର । ମହିମା ଅପାରୁ ଅପାର ।
ସାଧୁଜନଙ୍କୁ ଦୃଶ୍ୟହୋଇ । ମୂର୍ଖ ଜନଙ୍କୁ ପ୍ରତେ ନାହିଁ ।
ଏମନ୍ତ ଚୈତନ୍ୟ ସମ୍ବାଦ । ଶୁଣନ୍ତେ ନ ଲଗେ ପ୍ରମାଦ ।
କହଇ ବିପ୍ର ରାମ ଦାସ । ସେ ନାରାୟଣ ପାଦେ ଆଶ ।
ସୁଜନେ ଏହି ରସେ ରସ । ମୋହର ନ ଘେନିବ ଦୋଷ ।

ଇତି ଶ୍ରୀ ବାର୍ତ୍ତ୍ୟତାଭକ୍ତିରସାମୃତେ ମନ-ଚୈତନ୍ୟ ସମ୍ବାଦେ ।
ଅଙ୍କନ:୯ ମାଧବୀ ଅନ୍ନଦାନ କଥା ବର୍ଣ୍ଣନେ
ନାମ ଏକବିଂଶୋଽଧ୍ୟାୟଃ

—*—

# ଦ୍ୱାତ୍ରିଂଶ ଅଧ୍ୟାୟ
## କୀର୍ତ୍ତିଚନ୍ଦ୍ର ସମ୍ବାଦ
### ଚୈତନ୍ୟ ଉବାଚ

ଏଥୁ ଉତ୍ତାରୁ ଶୁଣମନ । କହିବା ଅପୂର୍ବ୍ବ ବିଧାନ ॥
ଏ କଳିଯୁଗର ଚରିତ । ଶ୍ରବଣେ ହୋଇବ ମୁକତ ॥
ଯେ ଜମ୍ବୁଦ୍ୱୀପ ମହାଦେଶ । ପୁଣ୍ୟ ସଲିଳା ଗଙ୍ଗାପାଶେ ॥
ରାଜ୍ୟ ପଞ୍ଚାଶ ଯୋଜନରେ । ସେ ରାଜ୍ୟ ରାଜପଣ୍ଡାଟରେ ॥
ନାମ ତାହାର କାଞ୍ଚିଚନ୍ଦ୍ର । ଶ୍ରୀକୃଷ୍ଣେ ଭକତ ନରେନ୍ଦ୍ର ॥
ଅତି ନିର୍ମଳ ତାର ମତି । ଅଚଳାଚଳ ତା ସମ୍ପତ୍ତି ॥
ପ୍ରଜାଙ୍କୁ କରି ପୁତ୍ର ପ୍ରାୟେ । ସେ ରାଜା ପ୍ରତିପାଳୁଥାଏ ॥
ତାହାର ଭାର୍ଯ୍ୟା ପ୍ରିୟବତୀ । ଅତି ସୁନ୍ଦରୀ ମହାସତୀ ॥
ପଦ୍ମିନୀ ନାମ ତା ବିଦିତ । ସ୍ୱାମୀର ଆଜ୍ଞା ଅଲଙ୍ଘିତ ॥
ନିରତେ ପତି ସେବାକରେ । ରାଜାହିଁ ଅତି ସ୍ନେହକରେ ॥
ଏମନ୍ତ ରାଜାରାଣୀ ଥାନ୍ତି । ଶ୍ରୀକୃଷ୍ଣ ପାଦେ ଦେଇ ମତି ॥
ନିରତେ କୃଷ୍ଣ ଚିନ୍ତା ହୃଦେ । ସେବା କରନ୍ତି ଅପ୍ରମାଦେ ॥
ଜୀବହତ୍ୟାକୁ ମହାଭୟ । ଦୁଃଖିଜନର ସେ ସହାୟ ॥
ନିରତେ ପର ନିନ୍ଦାକଥା । ଖତ ନ ଶୁଣଇ ସର୍ବଥା ॥
ରାଜ୍ୟେ ତା କୀରତି ଅପାର । ଜଳ ଦେଉଳେ ଯେ ସ୍ଥାବର ॥
ପଞ୍ଚକୋଶରେ ସଦାବର୍ତ୍ତ । ରଖାଇ ଅଛି ଅପ୍ରମିତ ॥
ରାଜ୍ୟେ ଘୋଷଣା ଦେଇ ତାର । କହୁ ଯେ ଥାଇ ନିରନ୍ତର ॥
ଯେବଣ ଗ୍ରାମରେ ଅତିଥି । ଆସି ହୋଇବେ ଉପଗତ ॥
ତାହାଙ୍କ ତଉଷ୍ଣ କରିବ । ମନ ସନ୍ତୋଷେ ଅନ୍ନ ଦେବ ॥
ଯେତେ ପଦାର୍ଥ ବ୍ୟୟ ହେବ । ଲେଖି ମୋ ଭଣ୍ଡାରରୁ ନେବ ॥
ମୋ ରାଜ୍ୟ ଯେଉଁ ଗ୍ରାମଦେଶ । ଅତିଥି ଗଲେ ଉପବାସ ॥
ତାଙ୍କ ସକଳ ଧନ ହରି । ରାଜ୍ୟରୁ ଦେବ ଦୂରକରି ॥
ଏମନ୍ତ ବୋଲିଣ ଡମକ । ବଜାଉଥାଆନ୍ତି ରାଜ୍ୟସାକ ॥

ସେ ରାଜ୍ୟ ପରଜାଙ୍କୁ ରଖ । ତଥାରୁ ଥାଇ ନୃପସାଇଁ ॥
ସାଧୁମାନଙ୍କୁ ସେବାକର । ଶ୍ରୀହରି ଭଜ ନିରନ୍ତର ॥
ବସ୍ତୁ ବୈଷ୍ଣବ କର ପ୍ରୀତି । ଦୃଢ଼ଭକତି କର ନିତି ॥
ଏମନ୍ତ ବୋଲିଣ ତଥାରୁ । ସେ ରାଜା ନଗ୍ରଦଣ୍ଡଧାରୀ ॥
ପୂର ତା କଣ୍ଠରୁ ପବନ । ସନ୍ତୁଟି ରାଧାକୃଷ୍ଣ ଚଇ ॥
ଯେଣେ ବୃନ୍ଦିଲେ ସେହିରୂପ । ବର୍ଣ୍ଣନ କରୁଥାଇ ନୃପ ॥
ଦ୍ୱାରେ ତା ଧର୍ମଧ୍ୱଜା ପୋତି । ନେତ ଚମର ବାନ୍ଧଛନ୍ତି ॥
ଅନେକ ଧର୍ମଶାଳାମାନ । ତୋଳାଇ ଅଛନ୍ତି ରାଜନ ॥
ପାଟଣାଯାକ ପ୍ରତିଦ୍ୱାରେ । ତୁଳସୀ ଆରୋପଣ କରେ ॥
ଠାବ ଠାବକେ ସଂକୀର୍ତ୍ତନ । କରାଇ ଶ୍ରୀହରି ଭଜନ ॥
ଅନେକ ଶୁଆ ଶାରୀ ବଣି । ପୋଷିଅଛନ୍ତି ଗୃହେ ଆଣି ॥
ତାହାଙ୍କ ମୁଖୁ ନାମ ଶୁଣି । ଅତି ଆନନ୍ଦ ନୃପମଣି ॥
ଅନେକ ଧନ ବସ୍ତ୍ର ରତ୍ନେ । ପ୍ରଜାମାନଙ୍କୁ ଦେଉଥାଏ ॥
ଶ୍ରୀରାଧାକୃଷ୍ଣ ଗୁଣ କୀର୍ତ୍ତି । ସେ ରାଜା ଶୁଣୁଥାଇ ନିତି ॥
ଧର୍ମହିଁ ଅଟେ ମୂଳ ତାର । ସତ୍ୟ ବଚନ ନିରାଧାର ॥
ଗ୍ରାମ ବାହାରେ ଦୂତ ପେଷ । ଅତିଥି କରି ଲୋକଆସି ॥
ଇଚ୍ଛା ଭୋଜନ ଦେଉଥାନ୍ତି । ଯେବା ଯତ୍ନରେ କରେ ମତି ॥
କଷ୍ଟରୁ ଦେଖି ନ ସହଇ । ଯେ ଯାହା ମାଗିଲେ ଦିଅଇ ॥
ଏମନ୍ତ କେତେଦିନ ଗଲା । ତା ଯଶ ଜଗତେ ପୂରିଲା ॥
ତାହା ଜାଣିଲେ ଦୟାନିଧି । ଛଡ଼ିବାପାଇଁ ରାଜା ବୁଦ୍ଧି ॥
ସେ ଅନ୍ତର୍ଯ୍ୟାମୀ ବ୍ରହ୍ମରାଶି । ସକଳ ଘଟେ ଛନ୍ତି ବସି ॥
ତାହାଙ୍କୁ କସ ଅଗୋଚର । ନାହିଁ ନିକଟେ ତାଙ୍କୁ ଦୂର ॥
ମାୟାରେ ହୋଇଣ ତପସ୍ୱୀ । ମିଳିଲେ ରାଜାପାଶେ ଆସି ॥
ଅଖଣ୍ଡ ନଖ ଦାଢ଼ୀ କେଶ । କି ବ୍ରହ୍ମ ବେତାଳ ସଦୃଶ ॥
ତୁଳସୀ ମାଳ ଶୋଭେ ଗଳେ । କର୍ଣ୍ଣେ କୁଣ୍ଡଳ ଦେଖି ଲୁଚିଲ ॥
ଜଟା ମୁକୁଟ ମାଳ ଶୋଭା । ଭକ୍ତ ଜନଙ୍କ ମନଲୋଭା ॥

ଡୋର କୌପୀନ କଟିମାଝେ । ସର୍ବାଙ୍ଗେ ବିଭୂତି ଲଗେଛେ ॥
ଯଜ୍ଞୋପବୀତ କଣ୍ଠେ ଶୋଭେ । ରୂପେ କି ଜଗଜ୍ଜନ ମୋହେ ॥
ଏମନ୍ତ ବେଶେ ଚକ୍ରପାଣି । ନୃପତି ଆଗେ ଦେଲେ ଭଣି ॥
କହି ଅନେକ କୃଷ୍ଣ ରସ । ରାଜାର ମନ କଲେ ତୋଷ ॥
ତାହାଙ୍କୁ ଦେଖି ମହାରାଜା । କଲା ଆନନ୍ଦେ ପାଦପୂଜା ॥
କେତେ ଚରଣ ଦୁଇ ଧୋଇ । ଚରଣାମୃତ ଆପେ ଖାଇ ॥
ଧୀର କହନ୍ତି ବସ୍ତ୍ରଧର । ଆଜ ପବିତ୍ର ମୋର ପୁର ॥
ତୁମ୍ଭର ପାଦରଜ ପଡ଼ି । ଅଶେଷ ପାପ ଗଲା ଛାଡ଼ି ॥
ହେ ସ୍ୱାମୀ ! କମ୍ପାଇ ଆଗତ । ମିଥ୍ୟା ନ କର କହ ସତ ॥
ତା ଶୁଣି ପ୍ରଭୁ ଚକ୍ରପାଣି । କହିଲେ ଶୁଣ ନୃପମଣି ॥
ଆମ୍ଭେ ଯେ ଆଜନ୍ମ ସନ୍ନ୍ୟାସୀ । ବନରେ ତପ କରୁଁ ବସି ॥
ବନର ଫଳ ମୂଳ ଖାଇ । ଦିନ ବଞ୍ଚିଲୁ ଦୁଃଖ ସହି ॥
ଯାହା ଚିନ୍ତୁଥିଲୁ ମନେ । ଦୃଷ୍ଟ ହୋଇଲା ଏତେଦିନେ ॥
ତେଣୁକି ବନରୁ ବାହାରି । ତୋ କୀର୍ତ୍ତି ଶୁଣି ଦଣ୍ଡଧାରୀ ॥
ଯହୁଁ ତୋ କୀରତ ଶୁଣିଲୁଁ । ତେଣୁ ତୋ ପୁରକୁ ଅଇଲୁଁ ॥
କହୁହିଁ ମାଗିବାର ପାଇଁ । ଦେବୁ କି ନାହିଁ ନୃପସାଇଁ ॥
ତା ଶୁଣି ବୋଲନ୍ତି ରାଜନ । ଯାଇଛା ମାଗ ହେ ବଚନ ॥
ଯାହା ମାଗିବ ତାହା ଦେବ । ନ ଦେଲେ ଅପରାଧୀ ହେବ ॥
ଗଜ ତୁରଙ୍ଗ ଭୂମିଦାନ । ଧନ କାଞ୍ଚନ ବସ୍ତ୍ରମାନ ॥
ସ୍ୱରାଜ ପର୍ଯ୍ୟନ୍ତ ସହିତେ । ମାଗ ହେ ଯାହା ତୁମ୍ଭ ଚିତ୍ତେ ॥
ଶୁଣି ବୋଇଲେ ବ୍ରହ୍ମଚାରୀ । ଏକାନ୍ତେ ଶୁଣ ଦଣ୍ଡଧାରୀ ॥
ଅନେକ ଦିନ ତପଚାରୀ । ଥିଲୁ ହେ କାମ ପରିହରି ॥
ଏବେ ସେ କାମଦେବ ମୋତେ । ପୀଡ଼ା ଦେ ଦେଲା ନାନାମତେ ॥
ତାହା ମୁଁ ସହି ନ ପାରିଲି । ଜରତେ କାମ ଜଞ୍ଜାଳିଲି ॥
ତେଣୁ ଅଇଲି ତୋର ପାଶେ । କେବଳ ଏହି ପ୍ରୀତିଆଶେ ॥
ଶୁଣିଲି ତୋର ପ୍ରିୟବତୀ । ସ୍ୱାମୀଭକତ ମହାସତୀ ॥

ତାହାକୁ ଆଣି ମୋତେ ଦେବୁ । ରାଜକ ସୁଖେ ବଳସିବୁ ॥
ଏତେକ ମାତ୍ର ମୋର ବାଞ୍ଛା । ବୁଝ ନନ୍ଦନ ତୋର ଇଚ୍ଛା ॥
ଶୁଣି ନୃପତି ଅତି ତୋଷ । ବୋଇଲେ ଏହି ସ୍ଥିର କସ ॥
ପ୍ରାଣ ମାଗିଲେ ଦେଇପାରେ । ସଂଶୟ ନାହିଁଟି ଏଥିରେ ॥
ଏମନ୍ତ ବୋଲି ସେ ରାଜନ । ଆଣିଲେ ଉତ୍ତମ ଭୋଜନ ॥
ଭୁଞ୍ଜିଣ ସନ୍ତୋଷ ତପସ୍ୱୀ । ଏମନ୍ତ ସ୍ୱର ହେଲା ଆସି ॥
ସେ ମହାରାଜା ଚଳଗଲେ । ପଦ୍ମିର ପାରୁଶେ ମିଳଲେ ॥
ଅନେକ କହିଲେ ଭଆଣ । ବୋଇଲେ ଶୁଣ ପ୍ରାଣେଶ୍ୱରୀ ॥
ଏକଇ ତପସ୍ୱୀ ଏ ଆସି । ବଚନେ ମନ ମୋର ତୋଷି ॥
ଦଶଇ ବ୍ରହ୍ମବେଶ୍ମ ପ୍ରାପ୍ତେ । ସେ ମୋତେ ମାଗିଲେ କଥାଏ ॥
ତା ଶୁଣି ଦେବା ସତ୍ୟକଲି । ମାଗ ହେ ବୋଲି ମୁଁ ବୋଇଲି ॥
ସେଯେ ମାଗିଲେ ମୋତେ ଯାହା । ଶୁଣ କହିବି ତୋତେ ତାହା ॥
ତୋହର ସଙ୍ଗେ ପ୍ରୀତିଭାବ । ଆଜକ ସନ୍ନ୍ୟାସୀ କରିବ ॥
ସତ୍ୟ ମୁଁ କରିଛି ଯୁବତେ । ଅବଶ୍ୟ ଦେବି ତାକୁ ତୋତେ ॥
ଏଥକୁ କହ କ ବିଚାରେ । ତା ଶୁଣି ବୋଇଲେ ସୁନ୍ଦରୀ ॥
ଯେଉଁ ଦିନରୁ ପିତା ମୋତେ । ସମର୍ପି ଦେଲେ ତୁମ୍ଭ ହସ୍ତେ ॥
ସେ ଦିନୁ ହୋଇଛି ତୁମ୍ଭର । ତୁ ନାଥ ଯାହା ଇଚ୍ଛାକର ॥
ଏଥକୁ ଯେ ତୋହର ଇଚ୍ଛା । ଏଥିରେ ନାହିଁ ମୋ ଅନ୍ୟଥା ॥
ରାଣୀ ବଚନୁ ଏହା ଶୁଣ । ଅତି ଆନନ୍ଦେ ନୃପମଣି ॥
ବୋଇଲେ ଶୁଣରେ ସୁନ୍ଦରୀ । ମୋ ଠାରୁ ଶତେଗୁଣ କରି ॥
ସେବା କରିବୁ ତପୀ ପାଦେ । କପଟ ନ ରଖି ତୋହୃଦେ ॥
ଏମନ୍ତ କହି ସେ ରାଜନ । ସନ୍ନ୍ୟାସୀ ନିକଟେ ଗମନ ॥
ସନ୍ନ୍ୟାସୀ ଘେନିଣ ସଙ୍ଗରେ । ପ୍ରବେଶ ହେଲେ ନିଜପୁରେ ॥
ରାଣୀ ସଙ୍ଗତେ କଲେ ଭେଟ । ନିର୍ବନ୍ଧେ କଲେ କବାଟ ॥
ଅନେକ ଦାସୀ ପରିବାର । ଯୋଗାଇଦେଲେ ବସ୍ତ୍ରଧାର ॥
ଅନ୍ତର ହୋଇଣ ରହିଲେ । ତପୀ ରହିଲେ ରାଣୀ କୂଳେ ॥

ସେ ମହାସନ୍ଧି ବେଳେ ଉଠି । ସନ୍ନ୍ୟାସୀ ପାଦତଳେ ଲୋଟି ॥
ଉଠିଣ ହୋଇଲେ ଜନସ୍ତ୍ରୀ । ଆସନେ ବସାଇଲେ ନେଇ ॥
ହେ ପ୍ରଭୁ ଶରଣ ତୁମ୍ଭର । ପବିତ୍ର ହେଲା ମୋର ପୁର ॥
ଏମନ୍ତ ବୋଇଲନ୍ତେ ସେ ରାଣୀ । ବିସ୍ମୟ କଲେ ଚକ୍ରପାଣି ॥
ଧନ୍ୟଏ ତୁମ୍ଭଙ୍କର ଭାବ । ସଂସାର ମଧ୍ୟରେ ଦୁର୍ଲ୍ଲଭ ॥
ଯେତେକ ଛନ୍ଦ ମୁହିଁ କଲି । କେବେହେଁ ଯଶ ନ ପାଇଲି ॥
ଏବେ ମୁଁ ଏମନ୍ତ କରିବି । ଏ ରାଣୀ ଜୀବନ ହରିବି ॥
ତାହା ଜାଣିଲେ ବଣ୍ଡଧାରୀ । ଧର୍ମକୁ ଅବା ବଦାକରି ॥
ଦେଖଇଁ କଳା ରଙ୍ଗା ଭାବ । ଏମନ୍ତ ବୋଲି ପଦ୍ମନାଭ ॥
ରାଣୀକି ନଦ୍ରାଗତେ ମୋହି । ସକଳ ଅଳଙ୍କାର ନେଇ ॥
ଆଜ୍ଞା ଯେ ଦେଲେ ମହାବାହୁ । ଏ ନାରୀ ପ୍ରାଣ ହାରିଥାଉଁ ॥
ଏମନ୍ତ ତୁବୋଲି ଭଗବାନ । ତତ୍କ୍ଷଣେ ହେଲେ ଅନ୍ତର୍ଦ୍ଧାନ ॥
ଏମନ୍ତେ ରଜନୀ ପାହିଲା । ବେଳ ପ୍ରହରେ ଆସି ହେଲା ॥
ତା ଦେଖି ଦାସୀ ପରିବାରୀ । ବେଗେଣ ଗଲେ ଅନ୍ତଃପୁରୀ ॥
ଦେଖିଲେ କବାଟ ପିଟିଛି । ରାଣୀ ପଲଙ୍କେ ଶୋଇଅଛି ॥
ପାଛୁଟେ ମିଳିଲେକ ଯାଇ । ଦେଖିଲେ ପିଣ୍ଡେ ପ୍ରାଣ ନାହିଁ ॥
ତପସ୍ୱୀ ଯାଇଛନ୍ତି ଛାଡ଼ି । ତାହା ଦେଖିଣ ଡକାପାଡ଼ି ॥
କହିଲେ ନୃପତିଙ୍କ ଯାଇଁ । ଦେଖିଲେ ପିଣ୍ଡେ ପ୍ରାଣ ନାହିଁ ॥
ତପସ୍ୱୀ ରାଣୀଙ୍କି ମାଇଲା । ସକଳ ଅଳଙ୍କାର ନେଲା ॥
କେବଣ ବାଟେ ପଳାଇଲା । ଦେଖ ଯା ପହୀ ଚୋର ମଲା ॥
ତାହା ଶୁଣିଣ ନୃପମଣି । ବୋଇଲେ ଶୁଣରେ ତରୁଣୀ ॥
ରାଣୀ ଅସାଧ କରି ମଲା । ବଡ ସନ୍ନ୍ୟାସୀ କେଉଁଣେଗଲା ॥
ଏମନ୍ତ ବୋଲି ନରନାଥ । ପେଶାଇ ବହୁରହୋଁ ଦୂତ ॥
ବୋଇଲେ ଶୁଭେ ଘେନିଆସ । ଦେଖିଲେ ସେ ମହାସନ୍ନ୍ୟାସ ॥
ଯେବେ ମୁଁ ଦେଖିବି ନୟନେ । ତେବେଟି ରହିବି ଜୀବନେ ॥
ନୋହିଲେ ମରିବି ଅବଶ୍ୟ । ଜୀବନେ ନାହିଁ ମୋର ଆଶ ॥

ତା ଶୁଣି ଚଳିଗଲେ ଦୂତେ । ତପୀ ଖୋଜନ୍ତି ଯେଉଁମତେ ॥
ସେ ଅନ୍ତର୍ଯ୍ୟାମୀ ଭଗବାନ । ଜାଣିଲେ ନୃପତିର ମନ ॥
ଅଗ୍ନିରେ ପଶିଥିଲେ ବସି । ଦୂତେ ଭେଟିଲେ ତାଙ୍କୁ ଆସି ॥
ଅନେକ ବିନୟୀ କହିଲେ । ସଙ୍ଗତେ ଘେନି ଚଳିଗଲେ ॥
ରାଜା ଗୁମ୍ଫକୁ ଗଲେ ନେଇ । ଦେଖି ଉଠିଲେ ନୃପସାଇଁ ॥
ସେ ମହାଯୋଗୀ ପାଦତଳେ । ନୃପତି ପୁଣ ପୁଣ ଲୋଟେ ॥
ଉଠି ଯୋଡ଼ିପାଣି ଦେଲ ପାଣି । କହିଲା ମଧୁରସେ ବାଣୀ ॥
ହେ ମହାଯୋଗୀ ଯୋଗେଶ୍ୱର । ଅପରାଧ କ୍ଷମ ସ୍ୱାମି ମୋର ॥
ତୁମ୍ଭଙ୍କ ଦୁଃଖ ଦେଲେ ଦୂତେ । ମୋତେତ ନ କହିଲୁ ପଦେ ॥
ତା ଶୁଣି ବୋଲନ୍ତେ ସନ୍ୟାସ । ଶୁଣ ନୃପତି ହୋଇ ତୋଷ ॥
ଏ ଆମ୍ଭ ପୂର୍ବର ସ୍ୱଭାବ । କେ ତାହା ଅନ୍ୟଥା କରିବ ॥
ସେ ଆମ୍ଭ ପାଦେ ସେବାକରେ । ଅତ୍ୟନ୍ତ ହରଷ ମନରେ ॥
ତାହାକୁ ଦେବା ଆମ୍ଭେ ଦୁଃଖ । ସେ ଯେବେ ହୋଇବ ବିମୁଖ ॥
ତାହାକୁ ଛାଡ଼ି ଆମ୍ଭେ ଯାଉ । ଲୋଡ଼ିଲେ ନ ପାଏ ସେ ଆଉ ॥
ଯେ ଦୁଃଖ ସୁଖ ପାଇ ହୃଷ୍ଟେ । ସେବୁ ସେ ଥାଇ ଆମ୍ଭପାଦେ ॥
ତାହାକୁ ଛାଡ଼ିଣ ନ ପାରୁ । ସେ ଜାଣି ଯିବ ମୋ ଆଗରୁ ॥
ସେ ମୋତେ ଛାଡ଼ିବ ବୋଇଲେ । ମୁଁ ତାକୁ ନ ଛାଡ଼ଇ ଭଲେ ॥
ସେ ମୋତେ ଛାଡ଼ିଲେ ଅବଶ୍ୟ । ମୁଁ ଯେ ନ ଛାଡ଼େ ତାରପାଶ ॥
ଯେତେହେଁ ଦୂରେ ଥିଲେ ରହି । ଚିନ୍ତିଲେ ପାଶେ ମିଳଇ ॥
ସେ ମୋର ଜନ୍ମର ପ୍ରକୃତି । ଯାହା ଲେଖିଛି ପ୍ରଜାପତି ॥
କେ ତାହା କରିବଟି ଆନ । ଏ କଥା ବୁଝ ହେ ରାଜନ ॥
ଏବେ ଅଇଲ ତୋ ଗୁମ୍ଫର । ତୁ ରାଜା ଯାହା କହେ କର ॥
ତାହା ଶୁଣିଣ ମହାରାଜା । ତପୀ ଚରଣେ କଲ ପୂଜା ॥
ସଙ୍ଗତେ ଘେନି ବେଗେ ଚଳି । ପତ୍ନୀ ପାଶରେ ଯାଇ ମିଳି ॥
କନକକଳସ ମାଉ ଭରି । ବେଗେ ଆଣିଣ ଦାସ୍ତାଧାରୀ ॥
ତପୀର ପାଦପଦ୍ମ ଧୋଇ । ରାଣୀ ବଦନେ ଢାଳି ନେଇ ॥

ବୋଇଲେ ଶୁଣରେ ଯୁବତୀ । କରୁଣା କଲେ ବୃହସ୍ପତି ॥
ସାଧୁଙ୍କ ପାଦରଜ ଲାଗି । ତୁ ଯେ ହୋଇଲୁ ମୋକ୍ଷଭାଗୀ ॥
ଅଶେଷ ଜନ୍ମର କଳୁଷ । ଆଜ ହୋଇଲା ତୋର ନାଶ ॥
ସେ ସାଧୁ ପାଦରଜ ବାରି । ପିଇ ମସ୍ତକେ କରୁ ଧରି ॥
ଏପରି ଲେଖିଅଛୁ ଧର୍ମ । କେବଳ ଗଙ୍ଗାସ୍ନାନ ସମ ॥
ଏ କଥା ସତ୍ୟ ଅଟେ ଯେବେ । ପ୍ରାଣ ତୁ ପାଇ ଉଠ ବେଗେ ॥
ରାଜା ବଚନୁ ଏହା ଶୁଣି । ତକ୍ଷଣେ ପ୍ରାଣ ପାଇ ରାଣୀ ॥
ନଦୁଁ ଉଠିଲା ପ୍ରାପ୍ତ ହୋଇ । ବସିଲା ରାଜା ମୁଖ ଚାହିଁ ॥
ତାହା ଦେଖିଣ ସେ ରାଜନ । ଅନେକ ଆଣି ଦେଲା ଧନ ॥
ଛପି ଚରଣ ତଳେ ଥୋଇ । ବୋଇଲେ ନିଅ ହେ ଗୋସାଇଁ ॥
ସେ ଅଳଙ୍କାର ସ୍ତୁର କେତେ । କେତେ ଧନକୁ ଦେବ ମୋତେ ॥
ଏ ସବୁ ଧନ ଘେନଯାଅ । ମୋଠାରେ ଦୟା କରିଥାଅ ॥
ଶୁଣି ବୋଇଲେ ଭଗବାନ । ଧନ୍ୟ ହୋ ରାଜା ତୋ ଜୀବନ ॥
ଧନ୍ୟ ଅଟଇ ତୋର ରାଣୀ । ସ୍ତ୍ରୀଙ୍କ ମଧ୍ୟେ ତାକୁ ଗଣି ॥
ସଂସାରେ ଯାହା କଲୁ ତୁହି । ଆନ କେ କରି ନ ପାରଇ ॥
ଏତେ କଲ୍ୟାଣ ହୋଇଥାଉ । ସକଳ କର୍ମେ ଯଶ ହେଉ ॥
ଥାଅନ୍ତେ ସୁଖେ ଧନ ନିଅ । ମଲେ ବୈକୁଣ୍ଠେ ଗତି ପାଅ ॥
ଏଥେ ସଂଶୟ କରୁ ନାହିଁ । ଏବେ ହୋ ଯାଉଅଛୁ ମୁହିଁ ॥
ଆମ୍ଭେଟି କମଳା ବିଳାସ । ଦେଖ ଆମ୍ଭର ନିଜ ବେଶ ॥
ଏମନ୍ତ ବୋଲି ଦେବରାଜ । ଦେଖାଇ ଶଙ୍ଖ ଚକ୍ରଭୁଜ ॥
ତକ୍ଷଣେ ହେଲେ ଅନ୍ତର୍ଦ୍ଧାନ । ଗଗନେ ବିଜୁଳି ଯେସନ ॥
ସେ ରାଜା ରାଣୀ ତାହା ଦେଖି । ସୁଫଳ କଲେ ଚର୍ମଆଖି ॥
ଅନେକ କଲେ ଦାନ ପୁଣ୍ୟ । ଆନନ୍ଦେ ବଞ୍ଚାଇଲେ ଦିନ ॥
କାଳେ ବୈକୁଣ୍ଠ ପରାପତ । ଶୁଣ ହେ ମନ ନ ପ୍ରନାଥ ॥
ହରି ଭକତ ଜନଙ୍କର । ମହିମା ଅପାରୁ ଅପାର ॥
ଆବର ଶ୍ରୀହରି ମହିମା । ଜାଣି ନ ପାରେ ବେଦବ୍ରହ୍ମା ॥

ମୋର ଶକତି ଅବା କେତେ । କହିବି ତୋହର ଅଗ୍ରତେ ॥
ଏ ଦାର୍ଢ୍ୟଭକ୍ତି ରସାମୃତ । କେବଳ ଶ୍ରବଣେ ପବିତ୍ର ॥
କହଇ ରାମଦାସ ଗୀତେ । ଅଶେଷ ପ୍ରାଣୀଙ୍କର ହିତେ ॥
ଶୁଣିଣ କ୍ଷମାକର ଦୋଷ । ମୁଁ କୃଷ୍ଣ ଦାସଙ୍କର ଦାସ ॥
ବୁଡ଼ି ମରୁଛି ଭବଜଳେ । ଉଦ୍ଧର ଥୁଆ ନେଇ କୂଳେ ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତି ରସାମୃତେ ମନ ଚୈତନ୍ୟ ସମ୍ବାଦେ
ହରିଚନ୍ଦ୍ର ରାଜା ରାଣୀ ସନ୍ୟାସୀ ସେବା କଥନେ
ନାମ ଦ୍ୱାବିଂଶୋଽଧ୍ୟାୟଃ

—o—

## ତ୍ରୟୋବିଂଶ ଅଧ୍ୟାୟ
## ଗଣପତି ଭଟ୍ଟ ସମ୍ବାଦ
### ଚୈତନ୍ୟ ଉବାଚ

ଚୈତନ୍ୟ ରାଜା ଶ୍ରଦ୍ଧାଭାବେ । କହଇ ମନ ରାଜା ଆଗେ ॥
ହେ ରାଜା ସାବଧାନେ ଶୁଣ । ଏ ଦାର୍ଢ୍ୟଭକ୍ତିର ଲକ୍ଷଣ ॥
କେବଳ ସୁଧାସମ ବାଣୀ । ପବିତ୍ର ହେବୁ ଯାହା ଶୁଣି ॥
ଉତ୍ତର ଖଣ୍ଡ କଥା ରସ । କର୍ଣ୍ଣାଟ ନାମେ ଏକ ଦେଶ ॥
ଦଇବେ ନଯୋଜନା ଭଣି । ସେ ଗ୍ରାମେ ଅଟେ ଜାଣିଥାଉ ॥
ସେ ଗ୍ରାମେ ଅଟେ ତାର ଘର । ଜାତିରେ ଅଟେ ଦ୍ୱିଜବର ॥
ନାମ ତା ଗଣପତି ଭଟ୍ଟ । ଭକତଜଣେ ସେ ଗରିଷ୍ଠ ॥
ନିର୍ଲୋଭୀ ନିର୍ମୋହୀ କୃପାଳୁ । ନିରତେ ପରମ ଦୟାଳୁ ॥
ସକଳ ଶାସ୍ତ୍ର ଅଛି ପଢ଼ି । ବିଷୟ ରସ ଦୂରେ ଏଡ଼ି ॥
ଇନ୍ଦ୍ରିଗଣଙ୍କୁ କରି ସ୍ଥିର । ମନକୁ କରଣ ଆୟତ୍ତ ॥
କେବଳ କୃଷ୍ଣପାଦେ ଭକ୍ତି । ଦନା ନ ଜାଣେ ଅନ୍ୟଗତି ॥
ଏମନ୍ତେ ତାର ମନ ଜାଣି । ଅନ୍ୟ ଦେବଙ୍କୁ ସେ ନ ଗଣି ॥
କେବଳ ଜଗନ୍ନାଥ ବ୍ରହ୍ମ । ସଂସାରେ ଶୁଭାଶୁଭ କର୍ମ ॥
ସୁର ଅସୁର ଦିଗପାଳ । କରି ସମାଧି ଆଖଣ୍ଡଳ ॥

ମେରୁ ବସୁଧା ପାରାବାର । ସ୍ଥାବର ଆଦି ଚରାଚର ॥
ସବୁ କରନ୍ତି ଆତଯାତ । କେବଳ ଦେବ ଜଗନ୍ନାଥ ॥
ତାହାଙ୍କ ପାଦେ ଆଶ୍ରେ କରି । ପ୍ରାଣୀ ସଂସାରୁ ଯାନ୍ତି ତରି ॥
ସେ ପରଂ ବ୍ରହ୍ମ କୃପାବନେ । ଜୀବ ଉଦ୍ଧାର ନାହିଁ ଅନ୍ୟେ ॥
ଏମନ୍ତ ଭାବ ସେ ମନରେ । ବୁଲୁଣ ଥାଇ ନରଲୋକରେ ॥
କାଳେ ଦେଖିବି ବ୍ରହ୍ମ ମୂର୍ତ୍ତି । ସ୍ଥୂଳ ସ୍ୱରୂପ ଥିବ ରହି ॥
ଦର୍ଶନେ ମୁକତି ଲଭିବ । ଯାତନା ପଥ ନ ଦେଖିବ ॥
ଏମନ୍ତ ବିଚାରିଣ ମନେ । ଶାସ୍ତ୍ର ଖୋଜଇ ପ୍ରତିଦିନେ ॥
କେତେହେଁ ଦିନର ଅନ୍ତରେ । ଖୋଜିଲେ ବ୍ରହ୍ମ ପୁରାଣରେ ॥
ସ୍ଥୂଳସ୍ୱରୂପ ଗୋଟି ଧରି । ବ୍ରହ୍ମ ଅଛନ୍ତି ନୀଳଗିରି ॥
ତାଙ୍କୁ ଦେଖନ୍ତି ଯେଉଁମାନେ । ମୁକତ ହୁଅନ୍ତି ଦର୍ଶନେ ॥
ନ ଗମେ ଯମ ଦରଶନ । ସକଳ ଶାସ୍ତ୍ରେ ଏ ପ୍ରମାଣ ॥
ଏମନ୍ତେ ପୁରାଣରେ ଶୁଣି । ବ୍ରାହ୍ମଣ ହୃଦପଦେ ଗଣି ॥
ବୋଇଲା ଧିକ ଏ ସଂସାର । ଧିକ ଏ ମାୟାଜାଲ ମୋର ॥
ଧିକ ଏ ଦାରସୁତ ଧନ । ଧିକ ଅଟଇ ଏ ଜୀବନ ॥
ଏ ମର୍ତ୍ତ୍ୟପୁରେ ଦେହଧରି । ବ୍ରହ୍ମ ଅଛଇ ନୀଳଗିରି ॥
ଆଜହୁଁ ଯାଏ ମୁଁ ନ ଜାଣେ । ଭ୍ରମୁଅଛଇ ଅକାରଣେ ॥
ଯାହାକୁ ନୟନେ ଦେଖିଲେ । ଜୀବ ନସ୍ତାର ହୋଏ ଭଲେ ॥
ଯେ ଗତାଗତ ପଥ ଜାଣି । ରହେ ବ୍ରହ୍ମର ଦେହେ ମିଶି ॥
ସେ ବ୍ରହ୍ମ ଗୁଢ଼ ମୂଢ଼ପଣେ । ମୁ ଏଥି ଥିବି ଅକାରଣେ ॥
ଦାର ତନୟ ଧନ ଯେତେ । କେ ଯିବ ମୋହର ସଙ୍ଗତେ ॥
ଦେହେ ସମର୍ଥ ଥିବାଯାଏ । ସବୁରି ବନ୍ଧୁ ହୋଇଥାଏ ॥
ବୟସ ହେବ ଯେବେ ଶେଷ । ଦାର ପୁତ୍ରଙ୍କୁ ହେବ ଦ୍ୱେଷ ॥
ଆଜି କେ ଅଟଇ କାହାର । ଦେହ ତ ନୋହେ ଆପଣାର ॥
ଏତେ ବିଚାରି ତାର ଚିତ୍ତ । ବୋଇଲା ଯିବି ମୁଁ ତ୍ୱରିତ ॥
ସେ ବ୍ରହ୍ମ ଦର୍ଶନ କରିବି । ହେଲେ ମୁଁ ମୁକତି ଲଭିବି ॥

ଏ କଥା ଅଟେ ମୋର ମୂଳ । ବୋଲଇ ଭଲ ଅନୁକୂଳ ॥
ହୋଇଣ ପରମ ସନ୍ତୋଷ । ଗୃହ ସଂସାର ଦେହ ଆଶ ॥
ସେ ବ୍ରହ୍ମପୁରଣ ଧଇଲ । ବ୍ରହ୍ମ ସୁମରି ବାହାରିଲ ॥
କେତେହେଁ ମାସ କେତେଦିନ । ପଥରେ କଲନ୍ତ ଗମନ ॥
ଭିକ୍ଷା ସେ ମାଗିଣ ଖାଅଇ । ନ ମିଳେ ଉପବାସେ ଥାଇ ॥
କୋମଳ ପତ୍ର ଫଳମୂଳ । ନଦୀ ପୋଖରୀ କୂପଜଳ ॥
ପାନ କରିଣ ଚଳଯାଏ । ମନରେ ଚିନ୍ତା ଯେ ନ ଥାଏ ॥
ବ୍ରହ୍ମରେ ଲାଗିଅଛି ଲୟ । ଏଣୁ ତା କିଛି ନାହିଁ ଭୟ ॥
ଏମନ୍ତେ କେତେଦିନ ପରେ । ପ୍ରବେଶ ଅଠର ନଗରେ ॥
ଯହିଁ ପ୍ରବେଶ ହେଲେ ପ୍ରାଣୀ । ଯମ ଦଣ୍ଡକୁ ଯାନ୍ତି ଜିଣି ॥
ସେ ଦିବ୍ୟସ୍ଥାନ ଗୋଟି ଦେଖି । ନିର୍ମଳ ଜଳ ତୀର୍ଥଆଦି ॥
ବସିଲ ନିଷ୍କଳ ଆସନେ । ବ୍ରହ୍ମଙ୍କୁ ଚିନ୍ତାକରି ମନେ ॥
ଏଥି ଉତ୍ତାରୁ କଥା ଶୁଣ । ପ୍ରଭୁଙ୍କ ବର୍ଣ୍ଣନ ସାଧଣ ॥
କ୍ଷେତ୍ରୁ ଆସନ୍ତି ଜଣକେତେ । ଅକଡ଼ାମାନ ଧରି ହସ୍ତେ ॥
ଗୀତ ଗାଇଣ ରଙ୍ଗେ ହସି । ମିଳିଲେ ବିପ୍ର ପାଶେ ଆସି ॥
ଦେଖିଣ ତାହାଙ୍କର ଦୃଷ୍ଟି । ପୁଚ୍ଛଇ ଗଣପତି ଭଟ୍ଟ ॥
ଶୁଣ ପଥିକ ଜନମାନେ । ଏତେ ଆନନ୍ଦ କିମ୍ପା ମନେ ॥
କେଉଁଣଠାରୁ ଆସୁଅଛ । କାହାର ଲାଭ ପାଇଅଛ ॥
ସଂଶୟ ନ କରିଣ ମନେ । କହସି ସ୍ୱରୂପ ବଚନେ ॥
ଶୁଣି ପଥିକଜନ କହନ୍ତି । ଶୁଣ ହେ ବିପ୍ରବର ତୁହି ॥
ଆମ୍ଭେ ଯେ ଶ୍ରୀନୀଳକନ୍ଦରେ । ଯାଇଣ ଥିଲୁ ଦର୍ଶନରେ ॥
ତହିଁ ରହିଣ ପାଞ୍ଚଦିନ । ବ୍ରହ୍ମଙ୍କୁ କରିଣ ଦର୍ଶନ ॥
ମେଲାଣି ହୋଇ ଯେଷ୍ଟାମତେ । ତେଣୁଟି ଆସୁ ଶ୍ରଦ୍ଧାଚିତେ ॥
ଦେଖ ଏ ପରମ ଦୁର୍ଲ୍ଲଭ । ଏଥି ଉତ୍ତାରୁ କିସ ଲାଭ ॥
ତା ଶୁଣି ବିପ୍ର ଆଚମ୍ବିତ । ଦଣ୍ଡେକେ ରହି ସ୍ତମ୍ଭୀଭୂତେ ॥
ପୁଚ୍ଛଇ ପୁଣ ପୁଣ ତାଙ୍କୁ । ଦେଖିଲଟିକି ସେ ବ୍ରହ୍ମକୁ ॥

ହେଜ ବୋଲଣ ଗଲେ ଚଳି । ବସିଣ ବିପ୍ର ତହିଁ ଖଳି ।
ବ୍ରହ୍ମ ଥିବାରୁ ଏଥେ ମନ୍ତ୍ର । ଦେଖିଲ ଅଇଲେ ପ୍ରତ୍ୟେହ ।
ଯାହାର ଦର୍ଶନେ ମୁକତ । ଏ କର୍ମା ଲେଉଟି ଆସନ୍ତ ।
ବ୍ରହ୍ମଶପରେ ନ ମିଶିଲେ । କେମନ୍ତେ ଲେଉଟି ଆସିଲେ ।
ଏମନ୍ତ ବିସ୍ମଇଣ ମନେ । ଲୋକେ ଆସନ୍ତ ହୋଇଛନ୍ତେ ।
ଘରତେ ଯିବା ଆସ ବାର । ଜଣ୍ଡେ ନ ଦେଖି ଅବସର ।
ପୁଛିଲେ ସେହି କଥାକହି । ଶୁଣି ସଂଶୟ ମନେ ପାଇ ।
ପୁରାଣ ଫିଟାଇ ତତକ୍ଷଣେ । ଲେଉଟି ପଢ଼ିଲେ ଆପଣେ ।
ବ୍ରହ୍ମ ଅଛନ୍ତ ଘଳଗିର । ପଢ଼ଇ ପୁଣ ପୁଣ କରି ।
ବିସ୍ମର କଲ ତା ହୃଦର । କି ବୁଦ୍ଧି କରିବ ଏଥର ।
ଏହି ପୁରାଣେ ଲେଖିଛନ୍ତି । ଲୋକେତ ଏମନ୍ତ ବୋଲନ୍ତି ।
ଏକ ସାକ୍ଷାତ କଥାଗୋଟି । ଏତ ପୁରାଣ ଅର୍ଥ ସ୍ପଷ୍ଟ ।
ଏଥକୁ କି ବୁଦ୍ଧି କରିବ । କେଣିକ ଯାଇ ନ ପାରିବ ।
ଖାଇବ କାଳକୂଟ ବିଷ । ଲାଗିବ ଆତ୍ମହତ୍ୟା ଦୋଷ ।
ଏମନ୍ତ ବିପ୍ରରୁ ତା ମନ । ଜାଣିଲେ ପ୍ରଭୁ ଭଗବାନ ।
ସେ ସର୍ବ ଅନ୍ତର୍ଯାମୀ ହରି । ସକଳ ଘଟେ ଛନ୍ତି ପୂରି ।
ଭକତ ମନେ ଯାର ଘର । ତାହାକୁ କସ ଅଗୋଚର ।
ତତକ୍ଷଣେ ଭକ୍ତ ମନ ଜାଣି । ବିଜୟ କଲେ ଚକ୍ରପାଣି ।
ବିପ୍ର ସ୍ୱରୂପ ଗୋଟି ହୋଇ । ମିଳିଲେ ବିପ୍ର ପାଶେ ଯାଇ ।
ଭୃତ୍ୟ ଯେ ବସିଅଛି ଦୁଃଖେ । ପ୍ରଭୁ ମିଳିଲେ ତାରପାଖେ ।
ପୃଚ୍ଛନ୍ତି ବିପ୍ରମୁଖ ଚାହିଁ । ହରଷେ ବ୍ରହ୍ମାଣ୍ଡ ଗୋସାଇଁ ।
କାହୁଁ ଅଇଲେ ବିପ୍ରବର । କର୍ମା ବସିଛ ଏ ଠାବର ।
କହ କେଣିକ ଏବେ ଯିବ । କର୍ମାଇ ମନେ ଦୁଃଖଭାବ ।
ସଂଶୟ ନ ଥୋଇଣ ଚିତ୍ତେ । ହେ ବିପ୍ର କହ କଥା ମୋତେ ।
ପ୍ରଭୁ ଶ୍ରୀମୁଖୁଁ ଏହା ଶୁଣି । ସେ ଗଣପତି ଭକ୍ତ ମଣି ।
ହେ ବିପ୍ର ପଚାରିଲ ଯେବେ । ଶୁଣ କହିବା ଯଥା ଭାବେ ।

ଅମ୍ଭେ ଯେ ବ୍ରହ୍ମପୁରାଣରେ । ଶୁଣିଲୁଁ ଏମନ୍ତ ପ୍ରକାରେ ।
ବ୍ରହ୍ମ ବଇସ୍ତୁ ମାଳଗିରି । ଦର୍ଶନମାତ୍ରେ ଦୁଃଖ ହରି ।
ଏକଥା ଜାଣି ମୋର ମନେ । ଆଇଲି ବ୍ରହ୍ମଦରଶନେ ।
ଏବେ ଶୁଣିଲି ବ୍ରହ୍ମ ନାହିଁ । ଯେଣୁ ମୁଁ ଅଛୁ ଏଥେ ରହି ।
ତା ଶୁଣି ପ୍ରଭୁ ଭାବଗ୍ରାହୀ । କହନ୍ତି ଭକ୍ତ ମୁଖ ଚାହିଁ ।
ବ୍ରହ୍ମ ନାହାନ୍ତି ବୋଲି ଏଥେଁ । ତା ତୁମ୍ଭେ ଜାଣିଲ କେମନ୍ତେ ।
ବିପ୍ର ବୋଇଲେ ତାହା ଶୁଣି । ଶୁଣ ହେ ବିପ୍ର ଚୂଡ଼ାମଣି ।
ସେ ବ୍ରହ୍ମ ସ୍ୱରୂପେ ମିଶାଇ । ଲୀନ ଲେଉଟି ନ ଆସଇ ॥
ତାହାଙ୍କୁ କରି ଦରଶନ । ଲେଉଟି ଆସୁଛନ୍ତି ଜନ ।
ଏହା ମୁଁ ଦେଖିଲି ପ୍ରତ୍ୟକ୍ଷ । ତେଣୁଟି ବ୍ରହ୍ମ ଥିବା ମିଛ ।
ତାହା ଶୁଣି ବ୍ରହ୍ମଋଷି । ଅଳପ ମନ୍ଦେ ମନ୍ଦେ ହସି ।
ବୋଇଲେ ଶୁଣ ବିପ୍ରବର । ତୋ ମନେ ସଂଶୟ ନ କର ।
ବ୍ରହ୍ମ ନ ଥିବା ଏ ପ୍ରମାଣ । ତାହା କହିବା ଏବେ ଶୁଣ ।
ଯେ ଆମ୍ଭ କଳ୍ପତରୁ ହରି । ଯେ ଯାହା ମନେ ବାଞ୍ଛା କରି ।
ତାହାଙ୍କୁ ସେହିଫଳ ଦେଇ । ତେଣୁଟି ବାଞ୍ଛାନିଧି ସେହି ।
ଯେବଣ ପ୍ରାଣୀ ଏଥେ ଆସି । ଦର୍ଶନ କରେ ବ୍ରହ୍ମଋଷି ।
କଳ୍ପନା କରି ତାଙ୍କ ମନେ । ଲେଉଟି ଯିବାକୁ ସଦନେ ।
ତାହାଙ୍କୁ ଯଦ୍ୟପି ରଖିଲେ । କି ବାଞ୍ଛାନିଧି ବୋଲାଇଲେ ।
ଏଣୁ ଯେ ଯାହା କଳ୍ପି ଥାଇ । ତାହାଙ୍କୁ ସେହି ଫଳ ଦେଇ ॥
ତୋଷନ୍ତି ପ୍ରଭୁ ମହାମେରୁ । ତେଣୁଟି ବାଞ୍ଛା କଳ୍ପତରୁ ।
ଯେବଣ ଲୋକ ମୁକ୍ତି ଅର୍ଥେ । ନିଶ୍ଚୟ ଆସିଥିବେ ଏଥେ ।
ତାହାଙ୍କୁ ମୁକ୍ତିପଥ ଦେବେ । ତୁ ବିପ୍ର ବେଗେ ଯାଅ ଏବେ ।
ମନେ ତୁ ସଂଶୟ ନ କର । ବ୍ରହ୍ମକୁ ଦରଶନ କର ॥
ଏମନ୍ତେ କହିଗଲେ ହରି । ବିପ୍ର ଚଳିଲା ମାଳ ଚିରି ।
ପ୍ରବେଶ ହେଲା ସିଂହଦ୍ୱାରେ । ପତିତପାବନ ସମ୍ମୁଖରେ ।
ଦଇବ ଯୋଗେ ଯେଉଁ ଦିନ । ହୋଇ ଅଛଇ ଦେବସ୍ନାନ ।

ଦେଉଳ ତେଜ ଦେବସ୍ନାନେ । ସ୍ନାନମଣ୍ଡପେ ବିଜୟେ ॥
ସ୍ନାହାନ କରିବା ନିମନ୍ତେ । ତଳାରେ ବିଜେ ଜଗନ୍ନାଥେ ॥
ଅଶେଷ ତୀର୍ଥ ଜଳ ଧରି । ସେବକେ ଜୟ ଜୟ କରି ॥
ବେଢ଼ି ଅଛନ୍ତି ଚଉପାଶେ । ପ୍ରଭୁଙ୍କ ଦେବାର୍ଚ୍ଚନେ ଆଶେ ॥
ସ୍ୱର୍ଗ ଦେବତାମାନେ ଆସି । ମାୟାରେ ନରଲୋକେ ମିଶି ॥
ବର୍ଣ୍ଣନ କରୁଛନ୍ତି ରହି । ଅନେକ ଉତ୍ସବ କରାଇ ॥
ଏମନ୍ତ ବେଳେ ଗଣଭକ୍ତ । ମିଳିଲେ ପ୍ରଭୁଙ୍କ ନିକଟ ॥
ଦେଖିଲେ ଦାରୁବ୍ରହ୍ମ ମୂର୍ତ୍ତି । ମଣ୍ଡପେ ବିଜେ କରିଛନ୍ତି ॥
ନବେପି ଅନାଇଣ ଦେଲେ । ଗଜବଦନ ନ ଦେଖିଲେ ॥
ଥୋର ବଦନେ ମୁଖ ଶୂନ୍ୟ । ଦେଖି ବିସ୍ମର କଲା ମନ ॥
ଗଜବଦନ ନାହିଁ ଏଥେ । ବ୍ରହ୍ମ ଭୂଦଳ କଦାଚିତେ ॥
ଏମନ୍ତ ବୋଲି ଲେଉଟିଲା । ସେ ପ୍ରଭୁ ପାଦେ ନ ନମିଲା ॥
ଅତ୍ୟନ୍ତ ମନ ଦୁଃଖ ହୋଇ । ବାହୁଡ଼ି ଗଲା ପଳାଇ ॥
ଦେଖି ତାହାର ଦାର୍ଢ୍ୟମନ । କେବଳ ବ୍ରହ୍ମ ଗଜାନନ ॥
ବୋଲି ଜାଣଇ ତାର ମନେ । ଅନ୍ୟ ଦେବଙ୍କୁ ସେ ନ ଗଣେ ॥
ତେଣୁଟି ଲେଉଟିଣ ଗଲା । ମସ୍ତକେ ହସ୍ତହିଁ ନ ଦେଲା ॥
ଏଥିଉତ୍ତାରୁ ଶୁଣ ମନ । ସେ ଅନ୍ତର୍ଯାମୀ ନାରାୟଣ ॥
ଭକତଜନ ବାଞ୍ଛା ଜାଣି । ତକ୍ଷଣେ ଶଙ୍ଖ ଚକ୍ରପାଣି ॥
ମୁଦ୍ଗରଥ ଯେ ଗହପାଳେ । ଅଣସରେ ଥିଲେ ପ୍ରଭୁ ପାଖେ ॥
ତେଣୁଟି ନିଦ୍ରାଳସ ହୋଇ । ଜଗ ମୋହନ ଥିଲା ଶୋଇ ॥
ତାର ପାରୁଶେ ବିଜେ କଲେ । ସ୍ୱପନ ମାର୍ଗେ ଆଜ୍ଞା ଦେଲେ ॥
ବୋଇଲେ ଶୁଣ ମୁଦ୍ଗରଥ । ଉତ୍ତର ଦେଶୁ ମୋ ଭକତ ॥
ଆସିଣ ଅଛୁ ଅତି ତୋଷେ । ମୋହର ଦରଶନ ଆଶେ ॥
ତେଣୁ ମୋ ସମ୍ମୁଖୁ ଅଇଲା । ମୋର ମୁଖଙ୍କୁ ଚାହିଁ ଦେଲା ॥
ଗଜବଦନ ମୋ ନ ଦେଖି । ମନରେ ହୋଇ ମହା ଦୁଃଖୀ ॥
ବାହୁଡ଼ି ଯାଉଅଛି ସେହି । ବେଗେ ତୁ ଘେନ ଆସ ଯାଇ ॥

ବୋଲବୁ କମ୍ପା ଯାଉଛନ୍ତ । ବର୍ଣ୍ଣନ କର ବ୍ରହ୍ମଋଷି ॥
ନିଶ୍ଚଳ କରି ତୋ ନୟନ । ସ୍ମୃହିଁ ଦେଖିବୁ ଗଜାନନ ॥
ଏମନ୍ତ ବୋଲି ଯେନଆସ । କହି ଚଳିଲେ ପୀତବାସ ॥
ସେ ମୁଦ୍ଗରଥ ବେଗେ ଉଠି । ଭଜଣ ହରିନାମ ଗୋଟି ॥
ଧାଇଁଣ ଗଲ ଅତି ବେଗେ । ମିଳିଲେ ଗଣଭଟ୍ଟ ଆଗେ ॥
ବୋଇଲ ଶୁଣ ବିପ୍ର ଗୋଟି । କମ୍ପା ତୁ ଯାଉଛୁ ଲେଉଟି ॥
ବ୍ରହ୍ମଙ୍କୁ ଦରଶନ କରି । ବାଞ୍ଛା ସମ୍ପୂର୍ଣ୍ଣ ହେଉ ତୋର ॥
ଯେ ଚତୁର୍ବର୍ଗ ଫଳଦାତା । ଅଶେଷ ଜୀବର କରତା ॥
ଯେ ଚତୁର୍ବର୍ଗ ଫଳଦାତା । ଅଶେଷ ଜୀବର କରତା ॥
ଭକତଜନ ପ୍ରାଣବନ୍ଧୁ । ନାମ କରୁଣାମୟସିନ୍ଧୁ ॥
ଯେ ଯାହା ବାଞ୍ଛାକରେ ଚିତ୍ତେ । ତାହାକୁ ତାହା ଦେବା ଅର୍ଥେ ॥
ବିଜୟ ସେହୁ ନୀଳଗିରି । ଶ୍ରୀଦାରୁବ୍ରହ୍ମ ରୂପଧରି ॥
ତାହାଙ୍କୁ ଛାଡ଼ି ମୂଢ଼ପଣେ । ଲେଉଟି ଯାଉ କି କାରଣେ ॥
ସେ ଗଣପତି ଭଟ୍ଟ ଶୁଣି । କ୍ରୋଧେ ବୋଲଇ କଟୁବାଣୀ ॥
ବ୍ରହ୍ମ ଅଛଇ କେଉଁଠାରେ । କମ୍ପାଇ ଭଣ୍ଡୁ ତୁ ମୋହରେ ॥
ଯାହାରେ ଗଜାନନ ନାହିଁ । ସେ ବ୍ରହ୍ମ ବୋଲାଇବ କାହିଁ ॥
ଶୁଣୁ ନ ଦେଖୁ ଯାହାଠାରେ । ବ୍ରହ୍ମ ନ ବୋଲୁ ଆମ୍ଭେ ତାରେ ॥
ଏଣୁ ତୁ ଯାଅ ହୋ ବାତୁଳ । ମୁହିଁତ ନାହିଁ ତୋତେ ଲେଢ଼ ॥
ତୁ କମ୍ପା ଲେଉଟାଉ ମୋତେ । ଶୁଣି ବୋଇଲେ ମୁଦ୍ଗରଥେ ॥
ଏବେ ତୁ ଗୁଢ଼ ମନ୍ତ୍ରମ । ସାକ୍ଷାତେ ଦେଖେ ଦାରୁବ୍ରହ୍ମ ॥
ନିଶ୍ଚଳ କରି ତୋ ନୟନ । ସ୍ମୃହାଁ ଦିଶିବେ ଗଜାନନ ॥
ଏଥେ ସଂଶୟ କିଛି ନାହିଁ । ବୋଲିଣ ନେଲ ଲେଉଟାଇ ॥
ବିପ୍ରବଚନୁ ଏହା ଶୁଣି । ଆନନ୍ଦେ ଭକ୍ତ ଚୂଡ଼ାମଣି ॥
ଲେଉଟି ଗଲ ଅତି ତୋଷେ । ମିଳିଲ ଦାରୁବ୍ରହ୍ମ ପାଶେ ॥
ସକଳ ଦୁଃଖ ପରିହରି । ଚଞ୍ଚଳ ମନ ସ୍ଥିର କରି ॥
ସାତ୍ତ୍ୱିକମୟ ଦିବ୍ୟଜ୍ଞାନେ । ସ୍ଥିରିଲ ନିଶ୍ଚଳ ନୟନେ ॥
ଦେଖିଲ ପ୍ରଭୁ ଭଗବାନ । ହୋଇ ଅଛନ୍ତି ଗଜାନନ ॥

ଲମ୍ୱି ଅଛଇ ଥୋର ହସ୍ତ । ଶୋଭା ଦିଶଇ ଏକଦନ୍ତ ॥
ଅଦ୍ଭୁତ ବିଶ୍ୱରୂପ ଧରି । ଭୃତ୍ୟଙ୍କୁ ଡାକୁଛନ୍ତି ହରି ॥
ତାହା ଶୁଣିଣ ମହାମତି । ବୋଲେ ନମସ୍ତେ ଗଣପତି ॥
ନମୋ ନମସ୍ତେ ଗଜାନନ । ନମସ୍ତେ କପିଳ ବଦନ ॥
ନମସ୍ତେ ଦାରୁ ବ୍ରହ୍ମରାଶି । ନମୋ ନମସ୍ତେ ବିଶ୍ୱବାସୀ ॥
ତବ ଦର୍ଶନେ ଦାରୁବ୍ରହ୍ମ । ତୁଟିଲା ମୋର ମତିଭ୍ରମ ॥
ଲଭିଲୁ ପରମ କାରଣ । ଏବେ ଯା ମାଗୁଅଛୁ ଶୁଣ ॥
ଆଜଁ ଦେବ ସ୍ନାନ ଯାତ । ଯେବେ ହୋଇବ ଜଗନ୍ନାଥ ॥
କେବଳ ହସ୍ତୀ ବେଶ ହୋଇ । ଭକ୍ତେ କରିବ ଭାବଗ୍ରାହୀ ॥
ଏତେକ ମାଗ ଅଜ୍ଞାହେଉ । ଏ କଥା ଯୁଗେ ଯୁଗେ ଥାଉ ॥
ଏତେକ କହି ପାଦେ ପଡ଼ି । ଉଠିଲେ ଶିରେ କର ଯୋଡ଼ି ॥
ବ୍ରହ୍ମସ୍ୱରୂପ କରି ଧ୍ୟାନ । ତକ୍ଷଣେ ଛାଡ଼ିଲା ଜୀବନ ॥
ଝଟକ ବିଦ୍ୟୁ ପ୍ରାୟେ ଦିଶି । ବ୍ରହ୍ମ ଶରୀରେ ଗଲା ମିଶି ॥
ସମସ୍ତେ ଜୟ ଜୟ କଲେ । ପ୍ରଭୁଙ୍କ ସେବାରେ ଲାଗିଲେ ॥
ଦେଖ ଏ ପ୍ରଭୁଙ୍କ ମହିମା । ଯାହାକୁ ଭଜେ ବେଦବ୍ରହ୍ମା ॥
ଏଣୁ ଏ ଭକତ ଛଳରେ । ଏବେ ହୋ ହସ୍ତୀ ବେଶଧରେ ॥
ତେଣୁଟି ପ୍ରଭୁ ଭାବଗ୍ରାହୀ । ଭକତ ଜୀବନ ବୋଲାଇ ॥
ଦେଖି ସେ ଭକତଙ୍କ ହୃଦ । ଭାବେ ଲଭିଲେ ଏଡ଼େ ପଦ ॥
ଆନ କେ ଭାଜନ ହୋଇବ । ବ୍ରହ୍ମାଦି ଦେବଙ୍କୁ ଦୁର୍ଲ୍ଲଭ ॥
ଏଣୁ ସେ ସଂସାର ମଧ୍ୟେଣ । ପ୍ରଭୁ ଭକତ ବଡ଼ପଣ ॥
ଭକ୍ତଙ୍କୁ ନ କରିବ ସାନ । ଭକ୍ତ ହିଁ ଶାସ୍ତୁ ଭଗବାନ ॥
ଶୁଣ ସୁମନ ହେତୁ ଦେଇ । ଏ ଦାର୍ଢ୍ୟ ଭକ୍ତି ଅଟଇ ॥
ଏଥେ ନିର୍ମଳ ଯାର ହୃଦ । ନିଶ୍ଚେ ଲଭିବ ମୁକ୍ତି ପଦ ॥
ପଠନ୍ତେ ଶ୍ରବଣେ ଯା ଆଶ । ସେ ପ୍ରାଣୀ ଯିବେ ସ୍ୱର୍ଗବାସ ॥
କହଇ ବିପ୍ର ରାମ ଦାସ । ସେ ଦାରୁବ୍ରହ୍ମ ପାଦେଆଶ ॥
ସାଧୁ ଜନଙ୍କ ପଦ୍ମପାଦ । ମୋ ମନ ଭୃଙ୍ଗ କନ୍ଦେ ସାଧ ॥

ସୁଜନେ ଏହି ଭାବେ ଭାବ । ହେଲେ ସଂସାରୁ ତରିଯିବ ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତିରସାମୃତେ ମନ ଚୈତନ୍ୟ ସମ୍ବାଦେ
ଗଣପତିଭେଟେ ଦାର୍ଢ୍ୟଭାବ ମୋକ୍ଷଣେ
ନାମ ତ୍ରୟୋବିଂଶୋଽଧ୍ୟାୟଃ ।

—*—

## ଚତୁର୍ବିଂଶ ଅଧ୍ୟାୟ
## ଅନନ୍ତା ଶବର ସମ୍ବାଦ
### ମନ ଉବାଚ

ଅତି ଆନନ୍ଦ ମନ ରାଜା । ଚୈତନ୍ୟ ପାଦେ କଲେ ପୂଜା ॥
ବୋଇଲେ ଶୁଣ ବୀର ମଣି । ତୁମ ବଚନ ସୁଧାବାଣୀ ॥
ଶୁଣିଲି ଭକତଙ୍କ କଥା । ଛାଡ଼ିଲି ଭବ ଭୟ ବ୍ୟଥା ॥
ଏ ଭାବେ କରି ଦାନ ପୁଣ୍ୟ । ନାମକୁଁ କରିଣ ଭଜନ ॥
ତରିଣ ଗଲେ ପ୍ରାଣୀମାନେ । ଶୁଣିଲି ତୁମ୍ଭର ବଚନେ ॥
ଏ ଭାବେ ନାମ ଭଜିକରି । କେ ଏଥେ ଯାଇଛନ୍ତି ତରି ॥
ଜାଣିଣ ଥିଲେ ମୋତେ କହ । ଶୁଣି ପବିତ୍ର ହେଉ ଦେହ ॥
କହେ ଚୈତନ୍ୟ ତାହା ଶୁଣି । ଶୁଣ ହେ ମନୁ ନୃପମଣି ॥
ତୁ ଯାହା କଲୁ ହେ ପ୍ରଶନ । କେ ତାହା କରିବ ଭଜନ ॥
ନାମର ଅଶେଷ ମହିମା । ଜାଣି ନ ପାରେ ବେଦବ୍ରହ୍ମା ॥
ଶେଷ ଅଶେଷ ମୁଖେ ଭଣି । ସେ ପୁଣି ନ ପାରିଲେ ଜାଣି ॥
ପଞ୍ଚ ଆନନେ ସେ ଧୂର୍ଜଟି । ନାମ ମହିମା ମୁଖେ ରଟି ॥
ସେ ଅବା ଜାଣିଛନ୍ତି କେତେ । ଅନ୍ୟ ନ ଜାଣେ କଦାଚିତେ ॥
ନାମର ଆଦି ଅନ୍ତ ନାହିଁ । ଅଲପ ବହୁଳ ନୁହଇ ॥
ରୂପ ଅରୂପରୁ ବାହାର । ଏତେ ଅଲେଖ ଅଗୋଚର ॥
ସବୁରେ ଅଛି କାହିଁ ନାହିଁ । ମନ ଗୋଚର ଭେଦ କାହିଁ ॥
ସ୍ଥୂଳ ସୂକ୍ଷ୍ମରୁ ସେ ବାହାର । ଅଶେଷ ଲୋକ ଅଗୋଚର ॥
ସେ ଯେ ଅନନ୍ତ ରୂପରାଶି । କାହାରି ନୟନେ ନ ଦିଶି ॥

ତାହା କହିବା ସାଧ୍ୟ କାର । ଶୁଣ ହୋ ମନୁ ନୃପବର ॥
ଯେବଣ ରାମନାମ ଗୋଟି । ଭୁଷଣ୍ଡି ହୃଦେ କରି ଚିନ୍ତି ॥
କୋଟିଏ କୋଟି ଯୁଗ ଗଲେ । ଗୋଟିଏ ରୋମ ତାର ଭୁଲେ ॥
ରହିଲା ଅଜରାମର ହୋଇ । ଏକା ଅକ୍ଷର ବ୍ରହ୍ମଧ୍ୟାୟି ॥
ଆବର କହୁଅଛୁ ଶୁଣ । ରାବଣ ଭାଇ ବିଭୀଷଣ ॥
ଭଜିଣ ରାମ ନାମ ଗୋଟି । ହେଲେ ମରଣ ଗଲା କାଟି ॥
ପବନ ସୁତ ହନୁମାନ । ସେ ରାମ ନାମକୁ ଭଜନ ॥
ହେଲେ ତରିଲା ସିନ୍ଧୁ ବାରି । ଗୋଷ୍ପଦ ଜଳ ପ୍ରାୟୁ ଭରି ॥
ହୋଇଲା ଅଜାମର କାୟେ । ଯାବତ ଚନ୍ଦ୍ର ସୂର୍ଯ୍ୟ ଥାଏ ॥
ଅନନ୍ତ ରାମ ନାମ ଧ୍ୟାୟି । ଧାରା ମଣ୍ଡଳେ ଅଛି ବନ୍ଦି ॥
ବିଶେଷ ମୁନିବୃନ୍ଦ ଯେତେ । ସେ ନାମ ଭଜି ହୃଦଗତେ ॥
ସଂସାର ମାୟାରଜ୍ଜୁ କାଟି । ଜନ୍ମ ମରଣ ଗଲେ ମେଣ୍ଟି ॥
ଆବର କହୁଅଛୁ · ତାତେ । ବ୍ରହ୍ମା ଇନ୍ଦ୍ରାଦି ସୁର ଯେତେ ॥
ଯକ୍ଷ ଗନ୍ଧର୍ବ ସେ କିନ୍ନର । ଚନ୍ଦ୍ର ବରୁଣ ଦିବାକର ॥
ପୃଥିବୀ ପବନ ଅନଳ । ଯେ ଅପସରା ଦିଗପାଳ ॥
ନର ଅସୁର ଆଦି ଯେତେ । ସ୍ୱରୂପ କହୁଅଛି ତୋ'ତେ ॥
ସେ ନାମ ଭଜନ ନ କରି । ସଂସାରେ ନୋହେ ଅଧିକାରୀ ॥
ଶ୍ରୀରାମ ନାମ ଆଶ୍ରା ବିନେ । ଜୀବ ଉଦ୍ଧାର ନ ହିଁ ଅନ୍ୟେ ॥
ଏ ନାମ ଅକ୍ଷର ଯୁଗଳ । ଅଶେଷ ପ୍ରାଣିଙ୍କ ମଙ୍ଗଳ ॥
କଳି କଳ୍ମଷ ଅନ୍ଧକାର । ନାଶଇ ଚନ୍ଦ୍ର ଦିବାକର ॥
ଏ ନାମ ଭଜନର ବିନା । ଅନ୍ୟଟ ଧର୍ମ ଭ୍ରମ ସିନା ।
ତୁ ଯେ ବୋଇଲୁ ଏ ସଂସାରେ । ଏ ଦେହ ନର ଗୁଡ଼େ ଭଲେ ॥
ଅଭ୍ୟାବେ ନାମ ଭଜକରି । କେ ଅବା ଯାଉଛନ୍ତି ତରି ॥
ତାହା କହିବା ଏବେ ତୋତେ । କେବଳ ଶୁଣ ଶୁଦ୍ଧଚିତ୍ତେ ॥
ପୂର୍ବେ ହୋ ବିଷ୍ଣୁ ପୁରାଣରେ । ନାରଦ ମୁନିଙ୍କ ବାକ୍ୟରେ ॥
ଯାହା ମୁଁ ଶୁଣିଛି ଶ୍ରବଣେ । ତାହା କହିବା ଏବେ ଶୁଣ ॥

ଅନନ୍ତା ନାମେଣ ଶବର । ଶବର ପଲ୍ଲୀରେ ତା ଘର ॥
ଅଠାକାଣ୍ଡିଆ ବେଣ୍ଟକରି । ପକ୍ଷୀ ଆଣଇ ନିତ୍ୟେ ମାରି ॥
କପୋତ ପାରୁଆ ଗୁଣ୍ଡୁରି । କାଉ ଟେଗୋବରା ଆଦିକରି ॥
ବକ ସାରସ ଯେ ଡାହୁକ । କାକ କୋକିଳ ଶାରୀ ଶୁକ ॥
ଏ ଆଦି ଯେତେ ପକ୍ଷୀମାନ । ମାରଇ ନିତ୍ୟ ପଶି ବନ ॥
ସେ ପକ୍ଷୀ ମାରେ ଘେନି ଆସେ । ବିକଇ ପୁର ଗ୍ରାମଦେଶେ ॥
ଯେ ଅବା ମୂଲ୍ୟ ତହିଁ ପାଇ । ପ୍ରାଣ ପୋଷଇ ତାହା ଖାଇ ॥
ଥୋକାଏ ପକ୍ଷୀମାଂସ କରି । ଭକ୍ଷଇ ସୁରା ସଙ୍ଗେ ଭରି ॥
ଏମନ୍ତେ ବଞ୍ଚୁଥାଇ ଦିନ । ନ ଜାଣେ ଅନ୍ୟ କଥାମାନ ॥
ଦାନ ଧର୍ମାଦି ବୋଲି ଯାହା । ଶ୍ରବଣେ ଶୁଣି ନାହିଁ ତାହା ॥
ଆବର ତପ ତୀର୍ଥ ଯେତେ । ତାହା ସେ ଜାଣିବ କେମନ୍ତେ ॥
ନାମ ଭଜନ କରିବାର । ସ୍ୱପନେ ନ ଜାଣେ ଶବର ॥
ଦେବ ବ୍ରାହ୍ମଣ ସେ ନ ଜାଣେ । ବଞ୍ଚଇ ମୂର୍ଖ ମୂଢ଼ପଣେ ॥
ଏମନ୍ତେ କେତେଦିନ ଅନ୍ତେ । ଦିନେକ ବୁଲନ୍ତେ ବନସ୍ତେ ॥
କାହାର ପୋଷା ଶୁଆଗୋଟି । ଲୁହା ଶାଙ୍କୋଳି ଅଣ୍ଟେ କାଟି ॥
ମନ୍ଦିରୁ ପଳାଇଣ ଆସି । ବୃକ୍ଷଉପରେ ଥିଲା ବସି ।
ସେ ପକ୍ଷୀ ଦେଖିଣ ଶବର । ସଧୀରେ କଢ଼ାଇ ପୟୁର ॥
ଧରିଲା ଅଠାଲଗା ହାତେ । ପକ୍ଷିକି ଲଗାଇ ତ୍ୱରିତେ ॥
ସେ ପକ୍ଷୀ ପ୍ରାଣରୁ ବିକଳେ । ପଡ଼ିଲା ଶବର ହସ୍ତରେ ।
ବଦନେ ରାମ ନାମ ଭଣି । ଶବର କର୍ଣ୍ଣେ ତାହା ଶୁଣି ।
ଶୁଣ ସୁମନ ତୋଷମନେ । ପକ୍ଷୀକି ଆଣିଲା ବନ୍ଧନେ ॥
ଆଉ ବା କେତେ ପକ୍ଷୀ ମାରି । ଚଳିଣ ଗଲା ନିଜପୁରୀ ।
ସେ ଶୁଆ ଗୋଟି ଘେନିଗଲା । ଗ୍ରାମ ଦେଶରେ ବୁଲାଇଲା ॥
ଉତ୍ତମ ଲୋକ ମୁଖ ଚାହିଁ । ଅନନ୍ତା ଶବର ବୋଲଇ ॥
ଶୁଣ ହେ ଆଚମ୍ବିତ ବାଣୀ । ଏ ଶୁଆ ରାମନାମ ଭଣି ॥
ଏ ବଡ଼ ଆଚମ୍ବିତ କଥା । ଶୁଣି ଲାଗିଲା ମୋତେ ବ୍ୟଥା ॥

କେତେହେଁ ପକ୍ଷୀ ମୁଁ ମାଇଲି । ଏହାତ ଶ୍ରବଣେ ନ ଶୁଣିଲି ॥
ଏହ୍ନି ସଂଶୟ ଫେଡ ମୋର । ସେ ଭଲଲୋକ କହେ ଗୀର ॥
ଏ କାହା ପୋଷା ଶୁଆଗୋଟି । ତେଣୁ ରାମ ନାମ ରଟି ॥
ଏମନ୍ତ ବୋଲି ଧନ ଦେଲା । ସେ ଶୁଆଗୋଟି କିଣିନେଲା ॥
ଶବର ଧନ ଘେନି ଚଳି । ନିଜ ଭୁବନେ ଯାଇ ମିଳି ॥
ଏମନ୍ତେ କେତେଦିନ ଗଲା । ଶବର ଜୀବନ ହାରିଲା ॥
ତକ୍ଷଣେ ମୃତ୍ୟୁକାଳ ଜାଣି । ଦୂତ ପେଷିଲା ଦଣ୍ଡପାଣି ॥
ସେ ଯମଦୂତମାନେ ଆସି । ଗଳେ ଲଗାଇ କାଳପାଶୀ ॥
ନିବନ୍ଧ କରଣ ଧଇଲେ । ଅନେକ ମାଡ଼ହିଁ ମାଇଲେ ॥
ଧଇଣ ଘେନିଯାନ୍ତେ ପଥେ । ଆସି ମିଳିଲେ ବିଷ୍ଣୁ ଦୂତେ ॥
ଯମଦୂତଙ୍କୁ କ୍ରୋଧ ଭରେ । ବୋଇଲେ ଶୁଣରେ ପାମରେ ॥
ଏ ପୁଣ୍ୟ ଶବରକୁ କେଣେ । ବାନ୍ଧିଣ ଅଛୁ କି କାରଣେ ॥
ତୁମ୍ଭେ ବା କେଉଁ ପାପବଳେ । ପାଶ ଲଗାଇ ଏହା ଗଳେ ॥
ଝିଙ୍କି ନେଉଛ ଅନ୍ତରୀକ୍ଷେ । ଆମ୍ଭେ ତ ଦେଖିଛୁ ପ୍ରତ୍ୟକ୍ଷେ ॥
ସାମାନ୍ୟ ଭରସା ତୁମ୍ଭର । ବିଷ୍ଣୁ ଭକ୍ତକୁ ନାହିଁ ଡର ॥
ଏବେରେ ପ୍ରାଣେ ଥିଲେ ଆଶ । ବେଗେ ଫିଟାଅ କାଳପାଶ ॥
ଛାଡ଼ିଣ ପଳାଅ ତ୍ୱରିତେ । ଶୁଣି ବୋଇଲେ ଯମଦୂତେ ॥
ଶୁଣ ହେ ବିଷ୍ଣୁ ଦୂତମାନେ । ଏହା ଯେ କହିଲ ବଚନେ ॥
ଏ ମହା ପାପିଷ୍ଠ ଚଣ୍ଡାଳ । ପାପ ଆଚରେ ଗଲା କାଳ ॥
ଅନେକ ଜୀବହତ୍ୟା କରି । ଅଛୁ ଏ ପାପକୁ ନ ଡରି ॥
ପୁଣ୍ୟ ଏହାର ଲେଶ ନାହିଁ । ଏହାକୁ ଛାଡ଼ିବୁ କପାଇଁ ॥
ଶୁଣି ବୋଲନ୍ତି ବିଷ୍ଣୁ ଚର । ଶୁଣ ହେ ଯମର କିଙ୍କର ॥
ନାମ ମହିମା ପ୍ରଭୁଙ୍କର । ଶୁଣିଲ ନାହିଁକି ତୁମ୍ଭର ॥
ଭାବେ ଅଭାବେ ଯେଉଁ ପ୍ରାଣୀ । ବଦନେ ରାମନାମ ଭଣି ॥
ଯେ ଅବା ଶୁଣିଥାଇ କର୍ଣ୍ଣେ । ନୋହିଲେ ଚିନ୍ତୁଥାଇ ମନେ ॥
ଅଶେଷ କୋଟି ଜନ୍ମଯାଏ । ସ୍ୱେ ଯେବେ ପାପ କରିଥାଏ ॥

ଦଣ୍ଡକେ ହୋଇ ଭସ୍ମରାଶି । ସେହି ସେ ବିଷ୍ଣୁଲୋକେ ବସି ॥
ତେଣୁଟି ଏ ପୁଣ୍ୟ ଶବର । ପାତକ ନାହିଁଟି ଏହାର ॥
ତେଣୁଟି ହେଲା ବିଷ୍ଣୁଦାସ । ବେଗେ ଫିଟାଅ କାଳପାଶ ॥
ନୋହିଲେ ମରିବ ସମସ୍ତେ । ରଖି ନ ପାରେ ଜନ୍ତୁନାଥେ ॥
ତା ଶୁଣି ଯମଗଣେ ଆସି । ଫିଟାଇ ଦେଲେ କାଳପାଶୀ ॥
ନମିଲେ ତାହାଙ୍କ ଚରଣ । ପଳାଇଗଲେ ତତକ୍ଷଣ ॥
ଭେଟିଲେ ଯମର ଅଗ୍ରତେ । ସବୁ କହିଲେ ବିଧିମତେ ॥
ଶୁଣ ହେ ଜନ୍ତୁଙ୍କର ନାଥ । ଆମ୍ଭେ ଦେଖିଲୁ ବିପରୀତ ॥
ମର୍ତ୍ତ୍ୟମଣ୍ଡଳେ ଦେହବହି । ଜାତିରେ ଶବର ଅଟଇ ॥
ଅନେକ ଜୀବହତ୍ୟା ତାର । ପାତକ କରିଛି ଅପାର ॥
କିଞ୍ଚିତ ପୁଣ୍ୟ ତାର ନାହିଁ । କେବଳ ଶୁଣ ଜନ୍ତୁସାଇଁ ॥
ଶୁଆ ମୁଖରୁ ରାମବାଣୀ । ଥରେ ତା କର୍ଣ୍ଣେ ଥିଲା ଶୁଣି ॥
ଏମନ୍ତେ ପାତକକୁ ଧରି । ଆଣୁ ଯେ ଥିଲୁ ବନ୍ଧକରି ॥
ତହିଁକି ବିଷ୍ଣୁଦୂତେ ଆସି । ଆମ୍ଭଙ୍କୁ ଅନେକ ଝିଙ୍ଗାସି ॥
ଫିଟାଇଦେଲେ କାଳପାଶୀ । ତାହାକୁ ନେଲେ ସ୍ୱର୍ଗବାସୀ ॥
ତେଣୁଟି ଅଇଲୁ ପଳାଇ । ଏ କଥା ବୁଝ ହେ ଗୋସାଇଁ ॥
ଯମ ନୃପତି ତାହା ଶୁଣି । ଦୂତଙ୍କ ମୁଖ ଚାହିଁ ଭଣି ॥
ବୋଇଲେ ଶୁଣ ଆରେ ମୂର୍ଖ । ଆଜ ଏ କଥା ମନେ ରଖ ॥
ଭାବେ ଅଭାବେ ଯେଉଁ ପ୍ରାଣୀ । କର୍ଣ୍ଣରେ ରାମ ନାମ ଶୁଣି ॥
କି ଅବା ମୁଖେ ଘୋଷୁଥିବ । ତାହାର ପାଖକୁ ନ ଯିବ ॥
ଯଦ୍ୟପି ଯିବ ତାର ପାଶ । ନିଶ୍ଚେ ମୋ ଯମପଣ ନାଶ ॥
ଆବର କହୁଅଛି ତୋତେ । ଶୁଣିଣ ଥାଅରେଂ ସମସ୍ତେ ।
ଯା ମୁଣ୍ଡେ ତୁଳସୀ ମଞ୍ଜରୀ । ତୁଣ୍ଡେ ନିର୍ମାଲ୍ୟ ଥିବ ଭରି ।
ଗଳେ ତୁଳସୀମାଳ ଥିବ । ହୃଦେ ଶ୍ରୀରାମ ଜପୁଥିବ ॥
ଯେ ଅବା ସାଧୁଙ୍କ ସଙ୍ଗରେ । ସେ ସ୍ନାନ କରେ ଗଙ୍ଗାମାରେ ॥
ଯେ ଅବା କରେ କ୍ଷେତ୍ରେ ବାସ । ଯେ କରିଥିବେ ହରି ବଶ ॥

ଯେ ଅବା ଗୁରୁପାଦଗତେ । ସେବା କରନ୍ତି ଅବିରତେ ॥
ଯେ ଅବା ଦେବା ଦୟାକରେ । କ ଅବା ପର ଉପକାରେ ॥
ଏମନ୍ତ ଲୋକଙ୍କର କଥି । ଗଲେ ମୋ ସରବ ସମ୍ପତ୍ତି ॥
ଏତେ ଭିଆଣି ଜନ୍ତୁଗଜେ । ନିଜଭୁବନେ କଲେ ବିଜେ ।
ଏବେ ହେ ଶୁଣ ଶୁଦ୍ଧମନେ । ସେ ଯେତେ ବଷ୍ଣୁ ଗଣମାନେ ॥
ଅନନ୍ତ ଶବରକୁ ଧରି । ଅନେକ ଅଲଙ୍କାର ଭରି ॥
ଦ୍ରବ୍ୟ ବସନ ପିନ୍ଧାଇଲେ । କୁସୁମ ଗନ୍ଧବାସ ଭୂଲେ ।
ରଥରେ ବସାଇଲେ ନେଇ । ଜୟ ଶବଦ ତୁଣ୍ଡେ ଗାଇ ।
ବଜାଇ ଜୟ କମ୍ବୁସ୍ୱନ । ରଥ ବାହିଲେ ଘନ ଘନ ।
ପୁଷ୍ପବମାନେ ବସାଇଲେ । ବଷ୍ଣୁ ଲୋକକୁ ଘେନିଗଲେ ॥
ଶୁଣ ସୁମନ ଏ ଚରିତ । ନାମର ମହିମା ଏମନ୍ତ ।
କୋଟିଏ ଦାନ ପୁଣ୍ୟକରି । ନାମ ଗୋଟିଏ ନୋହେ ସରି ।
ଏଣୁ ତୁ ନାମ ଆଶ୍ରେ କରି । ଏଭବ ଜଳୁ ହୁଅ ପାରି ॥
ଏ ଦାର୍ଢ୍ୟଭକ୍ତି ରସାମୃତ । କେବଳ ଶ୍ରବଣ ଅମୃତ ॥
କହଇ ବିପ୍ର ରାମଦାସ । ଶ୍ରୀରାମପଦେ ମୋର ଆଶ ॥
ଜାନକୀ ବଲ୍ଲଭ ଚରଣେ । ମେ ଚିତ୍ତ ରହୁ ଅନୁକ୍ଷଣେ ॥
ସେ ରାମ ନାମ ଗୋଟି ଚିତ୍ତେ । ନିରତେ ରହୁ ହୃଦଗତେ ॥
ଦଣ୍ଡେ ନ ଛାଡ଼ୁ ମୋର ମନ । ଏ ଆଜ୍ଞା କର ସାଧୁଜନ ।
ସୁଜନେ ନାମ ଆଶ୍ରେକର । ଜନ୍ମ ମରଣକୁ ନ ଡର ॥
ଏମନ୍ତ ଚୈତନ୍ୟ ସମ୍ବାଦ । ଶୁଣନ୍ତେ ନ ଲାଗେ ପ୍ରମାଦ ॥
ଯେବଣ ପ୍ରାଣୀ ଏହା ହେଳେ । ଶ୍ରବଣ କରୁଛନ୍ତି ବେଳେ ॥
ନୋହିଲେ ନିର୍ମଳ ଭାବରେ । ଟାପୂନ କରେ ଏକାଥରେ ।
ସକଳ କର୍ମେ ଯଶ ହେବ । ଗ୍ରହପୀଡ଼ା ହିଁ ନ ଲାଗିବ ॥
ସକଳ ଚିନ୍ତା ହେବ କ୍ଷୟ । ଯେଣିକି ଗଲେ ହେବ ଜୟ ।
ଅନ୍ତେ ଯେ ଯିବ ସ୍ୱର୍ଗବାସ । ଯମ ଦଣ୍ଡକୁ ନାହିଁ ତ୍ରାଶ ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତିରସାମୃତେ ମନ-ଚୈତନ୍ୟ ସମ୍ବାଦେ
ଅନନ୍ତ ଶୁକମୁଖୁ ରାମନାମ ଶ୍ରବଣେ ନାମ ଚତୁର୍ବିଂଶୋଽଧ୍ୟାୟଃ

# ପଞ୍ଚବିଂଶ ଅଧ୍ୟାୟ

## ମେଲଚ୍ଛ ସମ୍ବାଦ

### ଚୈତନ୍ୟ ଉବାଚ

ଚୈତନ୍ୟ ଦେବ ଅତିତୋଷେ । କହଇ ମନ ରାଜା ପାଶେ ॥
ଶୁଣ ସୁମନ ଶୁଦ୍ଧଭାବେ । ମୁଁ ଯାହା କହୁଅଛି ଏବେ ॥
ନାମର ମହିମା ଅପାର । ନାମଟି ସର୍ବ ଶାସ୍ତ୍ରେ ସାର ॥
ନାମଟି ଗତି ମୁକ୍ତିଦାତ । ନାମଟି ଜୀବର କରତା ॥
ନାମଟି ଠୁଳ ଶୂନ୍ୟ ମୟୀ । ତାହାକୁ ବ୍ରହ୍ମ ବୋଲି କହି ॥
ବ୍ରହ୍ମ ଓଁ କାର ଜାତ ହୋଇ । ତହୁଁ ଜନ୍ମିଲେ ମହାମାୟୀ ॥
ତାହାଙ୍କ ତହୁଁ ଅବତାର । ହୋଇଲେ ବ୍ରହ୍ମା ବିଷ୍ଣୁ ହର ॥
ତାହାର ତହୁଁ ଏ ସଂସାର । ଜନ୍ମିଲେ ଅପାରୁ ଅପାର ॥
ଅଣ୍ଡ ଯହିଁରୁ ବୀଜ ହୁଇ । ସେ ରଜ ବୀର୍ଯ୍ୟ ବୋଲାଇ ॥
ଏ ଗର୍ଭଂଖାନ ଚରାଚର । ଦେଖାଏ ଜନ୍ମର ବେଭାର ॥
ଏଥିରେ ନାମ ମୂଳ ବୀଜ । ହେ ମନ ହେତୁକରି ବୁଝ ॥
ତେଣୁ ତୁ ନାମ ଆଶ୍ରାକର । ହେଲେ ତରିବୁ ଏସଂସାର ॥
ଆବର କହୁଅଛି ତୋତେ । ହେ ମନ ଶୁଣ ଶୁଦ୍ଧଚିତେ ॥
ଅପୂର୍ବ କଥା ରସାମୃତ । ଭୁଷଣ୍ଡ ପୁରାଣେ ଉକତ ॥
ବଶିଷ୍ଠ ମୁନିଙ୍କ ଆଗରେ । ଯେ ଯାହା ଭୁଷଣ୍ଡ ବାକ୍ୟରେ ॥
ଯାହା କହିଣଛନ୍ତି ତୋଷେ । ନାମର ମହିମା ବିଶେଷେ ॥
ଏହା ପୁରାଣେ ଅଛି ଶୁଣି । ଏ ମୋର ହୃଦପଦ୍ମେ ଗୁଣି ॥
ତାହା କହିବ ତୋତେ ଏବେ । ହେ ମନ ଶୁଣ ଶ୍ରଦ୍ଧାଭାବେ ॥
ପୂର୍ବେ ଯେ ମେଲଚ୍ଛ ଗୋଟାଏ । ଅଛିଁ ଦୁରଗ୍ରର କାସ୍ତେ ॥
ଜାତିରେ ଅଟଇ ପଠାଣ । ଅତି ପାପିଷ୍ଠ ମୂଢ଼ଜନ ॥
ଅନେକ ପାପ ଅଛି କରି । କୋଟି ସଂଖ୍ୟାରେ ଜନ୍ତୁ ମାରି ॥
ଗୋବଧ କଲା ଅପ୍ରମିତେ । କେ ଅବା କହିବ ତା ଗତେ ॥
ବ୍ରହ୍ମହତ୍ୟାହିଁ ଅଛି କରି । ଅନେକ ପରସ୍ତ୍ରୀ ହରି ॥

ମେଷ ମହିଷି ଆଦି ଯେତେ । ଦେଖିଲେ ମାରଇ ଉଦ୍ଧରତେ ॥
ସ୍ୱର୍ଗ ତାହାକୁ ନ ମିଳିଲେ । ଭୋଜନ ନକରଇ ଭଲେ ॥
ଆଦର ଶ୍ରୀଫଳ ପଣସର । ନୟନେ ଦେଖିଲେ ସ୍ଥାବର ॥
ବୃକ୍ଷ ମୂଳରୁ ଯାଏ କାଟି । କୂପ ଭିତରେ ଭରେ ମାଟି ॥
ଦେଖିଲେ ମଣ୍ଡପ ଅଟ୍ଟାଳି । ଅନଳ ସଙ୍ଗେ ଦିଏ ଜାଳି ॥
ଶିବ ଲିଙ୍ଗଙ୍କୁ ଦେଖି ଭଙ୍ଗେ । ବିଷ୍ଣୁ ପ୍ରତିମା ଦେଖି ଗଞ୍ଜେ ॥
ଦେଖିଲେ ସାଧୁ ବ୍ରହ୍ମଚାରୀ । ପଛେ ଗୋଡ଼ାଇ ତାକୁ ମାରି ॥
ଉଚ୍ଛୁଡ଼ି ନିଏ ପରଧନ । ଦୟା ନଥାଇ ତାର ମନ ॥
ଆଉ ଇତର ପାପ ଯେତେ । କହ୍ନା ଉରିବ ତାର ଚିତ୍ତେ ॥
ଏମନ୍ତ ଅସତ ମାର୍ଗରେ । ଦିନ ବଞ୍ଚଇ ନିରନ୍ତରେ ॥
ଯେତେକ କଥା ଅମଙ୍ଗଳ । କେବଳ ତାର କର୍ମମୂଳ ॥
ଏମନ୍ତ ପାପୀ ଦିନକର । ଯାଇଣ ଅଛି ଦେଶାନ୍ତର ॥
ଦଇବ ଯୋଗେ ଆସି ଜ୍ୱର । ଘୋଟିଲା ତାର କଳେବର ॥
ଅନେକ ପୀଡ଼ା ସେ ପାଇଲା । ଭୋଜନ କଲେ ନରୁଚିଲା ॥
ଅତି ଦୁର୍ବଳ ହେଲା ଦେହୀ । ପାଶେ ତା ସାହା ସଖା ନାହିଁ ॥
ଗ୍ରାମ ବାହାରେ ଅଛି ପଡ଼ି । ଊର୍ଦ୍ଧ୍ୱ ନିଶ୍ୱାସ ଖରେ ଛାଡ଼ି ॥
ମଳ ବାହାରଣ ଗୁହ୍ୟରେ । ମାଛିଏ ବସିଲେ ତହିଁରେ ॥
ମରଣ କାଳ ଆସି ହେଲା । ନୟନ ବେନି ବୁଲାଇଲା ॥
ଏମନ୍ତ ସମୟରେ ତହିଁ । ଗ୍ରାମ ଶୂକର ଗୋଟି ଯାଇ ॥
କରୁ ଯେ ଥିଲା ଖଣ୍ଡେ ଦୂରେ । ଦୁର୍ଗନ୍ଧ ପାଇ ନାଶଦ୍ୱାରେ ॥
ଦେଖିଣ ଚଳା ଅତି ବେଗେ । ମିଳିଲା ପଠାଣର ଆଗେ ॥
ଯାଇଁ ରହିଲା ତାର ପାଶେ । ଗଜନ ଦୁର୍ଗନ୍ଧର ଆଶେ ॥
ତାହାକୁ ଦେଖି ସେ ମେଲଛ । ସେ ତାର ଭକ୍ଷଇ ଅଭକ୍ଷ ॥
ତେଣୁ ଅସୁଖ ଭାବ ହୋଇ । ହରାମ ବୋଲି ଗାଳିଦେଇ ॥
ପ୍ରାଣ ଛାଡ଼ିଲା ସେହୁ ଯେବେ । ଦୂତେ ବେଢିଲେ ତତକ୍ଷଣେ ॥
ଗଳାରେ କାଳଫାଶ ଦେଲେ । ସେ ଯମଦୂତେ ଘେନିଗଲେ ॥

ଏମନ୍ତେ କିଛି ଦୂର ନ୍ୟନ୍ତେ । ଆସି ମିଳିଲେ ବିଷ୍ଣୁଦୂତେ ॥
ଖଣ୍ଡଧ ମାଡ଼ି ତାଙ୍କୁ ମାରି । ସେ କାଳପାଶ ଦୂରକରି ॥
ମ୍ଲେଛଙ୍କୁ ଧରି ଘେନଗଲେ । ଦେବ ବିମାନେ ବସାଇଲେ ॥
ଅନେକ ଜୟ ଜୟ କରି । ପୁଷ୍ପଅଞ୍ଜଳି ମାନ ଧରି ॥
ବୃଷ୍ଟି ଯେ କଲେ ତା ମଣ୍ଡଳି । ଦେଇ ଅନେକ ହୁଳହୁଳି ॥
ଆନନ୍ଦ ହେଉଛି ମେଦିନୀ । ବାଜଇ ଜୟ ଶଂଙ୍ଖଧ୍ୱନି ॥
ରଥ ବାହୁଣ ଗଲେ ଚଳି । ବିଷ୍ଣୁ ଲୋକରେ ଯାଇ ମିଳି ॥
ବିଷ୍ଣୁଙ୍କୁ ଦରଶନ କଲା । ଦେବଲୋକରେ ଗଣାହେଲା ॥
ଏଣେ ଯେ ଯମଦୂତମାନେ । ପଳାଇ ଗଲେ ଅଭିମାନେ ॥
କହିଲେ ଯମର ଅଗରେ । ହେ ରଜା ବୁଝ ଧାତକାରେ ॥
ଆମ୍ଭେ ଦେଖିଲୁ ଯାହା ଆଜ । କହି ନୁହଇ ଜନ୍ତୁରାଜ ॥
କିମ୍ପାଇଁ ଦଣ୍ଡ ଛୁଡି ହେଲା । ଚୋର କି ଯମପଣ ଗଲା ॥
ଅତ୍ୟନ୍ତ ମହାପାପୀ ଜାଣ । ଜାତିରେ ଅଟଇ ପଠାଣ ।
ତାହାକୁ ଆଣିଥିଲୁ ଧରି । ଆମ୍ଭଙ୍କୁ ବିଷ୍ଣୁଗଣେ ମାରି ॥
ପାପୀକି ଛଡ଼ାଇଣ ନେଲେ । ପୁଷ୍ପକ ରଥେ ବସାଇଲେ ॥
ଅନେକ ଜୟ ଜୟ ଡାକ । ଘେନିଣ ଗଲେ ବିଷ୍ଣୁଲୋକ ॥
ଏତ ବଡ଼ଇ ଆଚମ୍ବିତ । ବହନ ବୁଝ ଜନ୍ତୁନାଥ ॥
ଦୂତଙ୍କ ମୁଖୁ ଶୁଣି । ସେ ମହାକାଳ ଦଣ୍ଡପାଣି ॥
ଭ୍ରିରତେ ପେଷିଣ ଦୂତଙ୍କୁ । ପୁଚ୍ଛିଲେ ଚିତ୍ରଗୁପତଙ୍କୁ ॥
ବୁଝିଲେ ପାପ ପୁଣ୍ୟ କଥା । ସେ ମହାପାପୀର ବ୍ୟବସ୍ଥା ॥
ତାହା ଶୁଣିଣ ମନ୍ତ୍ରୀ ବେନି । ଯେ ପାପ ପୁଣ୍ୟ ପାଞ୍ଜି ଘେନି ॥
କହିଲେ ରଜାର ଅଗ୍ରତେ । ମ୍ଲେଛ ପାତକ ଅଛି ଯେତେ ॥
ହେ ରଜା ଶୁଣ ମନ ଦେଇ । ସେ ମହା ପାତକ ଅଟଇ ॥
ଏ ଜନ୍ମ ଛାଡ଼ି ଅନ୍ୟ ଦେଶେ । ପୁଣ୍ୟ ସେ କରିନାହିଁ ଲେଶ ॥
ଏତେ ନିଷ୍ଠୁର ପାପୀ ଜାଣ । ଜାତିରେ ଅଟଇ ପଠାଣ ॥
ଲେଖି ମୋ ପତ୍ରେ ଠାବ ନାହିଁ । ଅଧିକ କି କହିବି ମୁହିଁ ॥

ମାହକ ପଠାଣଙ୍କ ଜାତି । ଶୂକରେ ହରାମ ବୋଲନ୍ତି ॥
ତେଣୁ ଏ ମରିବାର ବେଳେ । ଘୁଷୁରି ଦେଖି ବେକଡୋଳେ ॥
ହରାମ ବୋଲି ଡକା ପଡ଼ି । ପିଣ୍ଡୁ ପରାଣ ଗଲା ଛାଡ଼ି ॥
ଏତେକ ବୋଲିଛି କେବଳ । ଆଉ ତା କିଛିନାହିଁ ଫଳ ॥
ଏଥିକୁ ବୁଝ ହେ ରାଜନ । କେତେ ବାହେଲା ତାର ପୁଣ୍ୟ ॥
ତା ଶୁଣି ଧର୍ମରାଜ ବସ୍ତା । ଧର୍ମସଭାକୁ କଲା ପୁଚ୍ଛା ॥
ବୁଝ ହେ ପାପପୁଣ୍ୟ ତାର । କେ ଊଣା ଅଧିକ ତାହାର ॥
ତା ଶୁଣି ଧର୍ମ ସଭାଜନେ । କହନ୍ତି ରାଜା ସନ୍ନିଧାନେ ॥
ଶୁଣ ହେ ଜନ୍ତୁଙ୍କର ନାଥ । ଆମ୍ଭେ ଯା କହୁଅଛୁ ସତ ॥
ତାହାର ଯେତେ ପାପରାଶି । ସମସ୍ତେ ହେଲେ ଭସ୍ମରାଶି ॥
ସୁକୃତ ବଢ଼ିଲା ତାହାର । ତୋହର ନାହିଁ ଅଧିକାର ॥
ତାଠାରେ ପ୍ରଭୁପଣ କଲେ । ସମସ୍ତେ ନାଶଯିବା ଭଲେ ॥
ସାକ୍ଷାତେ ରାମନାମ ତାର । ମୁଖରୁ ହୋଇଲା ବାହାର ॥
ହରାମ ଶବଦ ବୋଇଲା । ପିଣ୍ଡୁ ପରାଣ ଛାଡ଼ିଗଲା ॥
ପାତକ ହୋଇ ଛୁର କେତେ । ବିଗୁର କର ଭୁଛି ଚିତ୍ତେ ॥
ପାଞ୍ଚଶକୋଟି ବସୁନ୍ଧରା । ମେରୁ ସାଗର ଆଦିକରି ॥
ସଂସାର ଗୁରୁଦ୍ରବ୍ୟ ଯେତେ । ଅପରେ ପୁଣ୍ୟ ଆଉ କେତେ ॥
ନକତି ଧେନୁ ଯେବେ ତୁଳ । ପଡ଼ିବ ରାମନାମ ବଳ ॥
ତୁ କି ନଜାଣୁ ଦେବରାଜ । ଆମ୍ଭ ଖୋଜିବା କିବା କାର୍ଯ୍ୟ ॥
ଶୁଣି ଆନନ୍ଦ ହେଲା ଯମ । ଭଜନ କଲା ରାମନାମ ॥
ଶୁଣି ସୁମନ ଶୁଦ୍ଧଚିତ୍ତେ । ନାମର ମହିମା ଟି ଏତେ ॥
ଏବେ ହେ ଶୁଣ ମନ ଦେଇ । ତୋତେ ଯେ କହିବା କଥାଏ ॥
ସଂସାରେ ପ୍ରାଣୀମାନଙ୍କର । ଯମକୁ ସିନା ଏତେ ଡର ॥
କହିବା ତହିଁକି ଉପାୟ । ଯେମନ୍ତେ ନୋହିବଟି ଭୟ ॥
ହୋଇଣ କ୍ଷତ୍ରୀ ଅବତାର । ଯମ ସଙ୍ଗତେ ଯୁଦ୍ଧ କର ॥
ତହିଁକି ଶାସ୍ତ୍ରମାନ ଅଛି । ଆଗହୁଁ ରଖିଥାଅ ବାଛି ॥

କେଶ ବସନ ଆଦ୍ଯ ଯେତେ । ରଖିଣ ଥାଅ ତୋ ଅଗ୍ରତେ ॥
ଯେ ନାମ ଭଜେ ଝଙ୍କଧର । ସେ ଅଟେ ବୃଷମ ଟୋପର ॥
ତାହାକୁ ଶିରେ ଥିଲେ ଭରି । ଶତ୍ରୁ ଦେଖିଣ ଭୟ କରି ॥
ଶ୍ୟାମ ସୁନ୍ଦର ମନ ଗଲେ । ପକାଇ ଦିଅ ଭବ ଭୋଳେ ॥
ଶ୍ରୀବାସୁଦେବ ବାଜୁ ବନ୍ଧ । ଭୁଜରେ ଆଣ୍ଡକରି ବନ୍ଧ ॥
ରଙ୍ଗ ଅଧରେ ରଙ୍ଗ ଗୁଣ୍ଡି । ସର୍ବାଙ୍ଗଯାକ ଥାଅ ମଣ୍ଡି ॥
ଶ୍ରୀକୃପା ସିନ୍ଧୁ ଯେ କୁମର । ମହିମା ଅତି ଅଗୋଚର ॥
ଆଣେ କଟିରେ ଥାଅ ଭିଡ଼ି । ନ ଯିବ ସଂଗ୍ରାମକୁ ଛାଡ଼ି ॥
ପରମ ନନ୍ଦ ଫଣ୍ଟଗୋଟି ବ୍ରହ୍ମାଣ୍ଡ ଯାକ ଥିବ ଘୋଟି ॥
ବାମ ହସ୍ତରେ ତାହା ଧରି । କେବଳ ଆଣ୍ଡକରି ମାରି ॥
କୃଷ୍ଣ କୃପାରୁ ଅତି ଗାଢ଼ । ତହିଁରୁ ଖଣ୍ଡା ନାହିଁ ଦାଢ଼ ॥
ହାଣିଲେ ମେରୁ ଛିଡ଼ିଯିବ । ଶତ୍ରୁ ଦେଖିଲେ ପଳାଇବ ॥
ତାହା ଦକ୍ଷିଣ କରେ ଧରି । ଯମ ସଙ୍ଗରେ ଯୁଦ୍ଧ କରି ॥
ସେ ଖଣ୍ଡା ଥିଲେ ତୋର କର । କି କରି ପାରେ ଯମ ଛାର ॥
ଆବର କହୁଅଛୁ ତୋତେ । ଧନର ବଦ୍ୟାଅଛୁ ଯେତେ ॥
ଖୋଜିଣ ଚନ୍ଦ୍ର ତଉତନା । ଶିରେ ଭୁ ବରଅଛୁ କନା ॥
କରୁଣାକର କର୍ଣ୍ଣତଳେ । ଖଞ୍ଜିଣ ଥାଅ କର୍ଣ୍ଣମୂଳେ ॥
ଶ୍ରୀ ପଦ୍ମନାଭ ଯେ ପଦକ । ହୃଦ ପଦ୍ମରେ ତାହା ରଖ ॥
ବ୍ରଜବନୋଦ ବାରବାନା । ବାହେ ବାହୁଟି କରେ କନା ॥
କାଳେନ୍ଦୀ କୂଳଆ କାଛେଣି । କଟିରେ ଭିଡ଼ିଥାଅ ପୁଣି ॥
ଶ୍ରୀ ଜନାର୍ଦ୍ଦନ ଧନୁ ଯେଟି । ଅଚଳାଚଳ ବଳ ସେଟି ॥
ଲଗାଅ ଗୁଣମଣି ପୁଣ । ଯେବଣ ନାମ ନାରାୟଣ ॥
ସେ ଧନୁ ଗୋଟି କରେ ଧରି । କୃଷ୍ଣ କଷେଣୀ ଥିବୁ ଧରି ॥
ଅନନ୍ତ ଅକ୍ଷୟ ତୂଣୀର । ବାମ ଡାହାଣେ ତାହା ଭରି ॥
ମୁକୁନ୍ଦ ମନ ଭେଦୀ ଶର । ବସାଇ ଧନୁଗୁଣ ଭର ॥
ଆଣ୍ଡକରିଣ ତାହା ସନ୍ଧି । ଯେତେ ପାରିଲେ ତେତେ ବାନ୍ଧ ॥


ନୃସିଂହ ନାମେ ଯେ ନାରାଚ । କୋଟିଏ ଅଗ୍ନି ପ୍ରାୟ ତେଜ ॥
ଶ୍ରୀହରି ନାମେ ଯେଉଁ ଶର । ବିଷମ ମୁନ ଅଟେ ତାର ॥
ଗୋବିନ୍ଦ ନାମେ ଯେଉଁ କାଣ୍ଡ । ତେଜେ ଗଞ୍ଜାଇ ମାର୍ତ୍ତଣ୍ଡ ॥
ସେ ଶର ମନ ଥିଲେ କର । କି କରି ପାରେ ନାଶକର ॥
ମନ୍ତ୍ରରେ ବାନ୍ଧି ଯଥ ଲଭେ । ପୁରୁଷୋତ୍ତମ ପାପଘ୍ନବେ ॥
ଯେ ପୀତାମ୍ବର ପୀତ ମାଳ । ଅଙ୍ଗେ ଉହାଡ଼ି ଥାଅ ଚୋର ॥
ଓଙ୍କାନାଶନ ଝାଲଗୋଟି । ଯତ୍ନେ ବେଢ଼ାଇ ଥାଅ ପିଠି ॥
କୃପା ସମୁଦ୍ର କଟାରିକି । କଟି ସ୍ଥଳରେ ଥାଅ ରଖି ॥
ତ୍ରୈଲୋକ୍ୟ ନାଥ ତରୁଆରି । ଜାଗ୍ରତେ କରେ ଥାଅ ଧରି ॥
ଶ୍ରୀ ବାସୁଦେବ ଯେ ବରଛି । ଦକ୍ଷିଣ କରେ ଥାଅ ରଖି ॥
ସେ ମହା କ୍ଷଣଶୀଳ ଚେଲ । ଗୋଟିଏ ଯମ ଦାଢ଼ ଭୁଲ ॥
ରଖିଣଥିବୁ ଯେବେ କଚ୍ଛ । କି କରିପାରେ ଯମ ଖାଣ୍ଡି ॥
ଏମନ୍ତ ହୋଇ ଯୁଦ୍ଧ କଲେ । ଯମ ପଳାଇ ଯିବ ଭଲେ ॥
ନୋହିଲେ ଏମନ୍ତ ତୁ କର । ଘ୍ରବେ ବଳିଆ ରୂପ ଧର ॥
ଶ୍ରୀ ବନମାଳୀ ନାମେ ନଳ । ଭୁଜେ ପାରିବୁ ଯେବେ ତୋଳ ॥
ଯେ ଦାରୁବ୍ରହ୍ମ ବାରୁଦଇଁ । ଗୋବିନ୍ଦ ଗୁଳାକୁ ପକାଇ ॥
ଗଜଉଦ୍ଧାର ଗଜକାଠି । ନଳରେ ଧରିଥାଅ ଯୋଖି ॥
ଶଙ୍ଖ ଆଡ଼କୁ ସଲଖିବୁ । ଗୁଣ୍ଡରେ ପକାଇ ରଖିବୁ ॥
ଶ୍ରୀ ମଧୁସୂଦନ ମାଣ୍ଟିକ । ମନ ନୟନ ଥିବୁ ରଖି ॥
ଯେ ରଘୁନାଥ ରଞ୍ଜକରେ । ଭରିବୁ ସେ ନଳ ରନ୍ଧ୍ରରେ ॥
ଅନନ୍ତ ଅନଳ ଲଗାଇ । ଆଜହୁଁ ରଖିଥିବୁ ଭୁଞ୍ଜି ॥
ଶ୍ରୀରାମ ମୁରାରି ଲାଚ୍ଚିବୁ । ନିର୍ଭୟ ହୋଇ ଏକାଥିବୁ ॥
ଶ୍ରୀ ଜଗନ୍ନାଥ ନାମ ଗୋଟି । ଛୁଟିଲେ ମେରୁ ଯିବ ଫୁଟି ॥
ଶବଦ ଶୁଣି ଜନ୍ତୁସାଇଁ । ପଡ଼ିବ ମୂର୍ଚ୍ଛାଗତ ହୋଇ ॥
ଚେତନା ପାଇଣ ଉଠିଲେ । ପଛକୁ ନ ଗ୍ଭହିଁବ ଭଲେ ॥
ପୁରକୁ ତାର ପଳାଇବ । ଥିଲେ କି ଜୀବନ ପାଇବ ॥

କହିଁଲେ ଷଣ୍ଢୀ ବିଦ୍ୟାସାର । ତୋ ମନ ଯାହା ଇଚ୍ଛାକର ॥
ଆବର କହୁଅଛୁ ତୋତେ । ସଂସାର ବ୍ୟାଧି ଅଛି ଯେତେ ॥
ତହିଁକ ଉପାୟ ଯେ ଅଛି । ତାହା ତୋ ଆଗରେ କହୁଛି ॥
ସକଳ ମଉଷଧି ମୂଳ । ଯେ ପ୍ରଭୁନାମ ଆଦିମୂଳ ॥
ପତିତ ପାବନ ପିପ୍ପଳ । ଯେତେ ବା ଖାଇବାକୁ ଭଲ ॥
ତେତେ ମାଣକ ବାଛି ଧର । ଶ୍ରୀକୃଷ୍ଣ ନାମେ ଶୁଣ୍ଠି କର ॥
ଗୋବିନ୍ଦ ନାମରେ ମରିଚ । ବଜ୍ର ବିଡ଼ଙ୍ଗ ଖଣ୍ଡ ପାଞ୍ଚ ॥
ଯେ ଦୟାନିଧି ଦେବଦାରୁ । ଖଣ୍ଡିଏ କରି ତହିଁରୁ ॥
ଶ୍ରୀହରି ଅଳାଇଚ କଚ୍ଛି । ଘେନିବ ଗୋଟି କେତେ ବାଛି ॥
ନୃସିଂହ ନାମୋନାଗେଶ୍ୱର । ତୋଳା ପ୍ରମାଣେ ତାହା କର ॥
ଶ୍ରୀ ରଘୁନାଥ ନାମ ସାର । ରସରେ ସେ ରସସିନ୍ଦୂର ॥
ଯେ ପୀତାମ୍ବର ପିତା କଚ୍ଛି । ଘେନ ଏ ନବ ଦ୍ରବ୍ୟ ବାଛି ॥
ଶ୍ରୀ ବାସୁଦେବ କ୍ଷମାଶୀଳ । ରଖ ସମସ୍ତ ଏକ ଠୁଳ ॥
ଶ୍ରୀପତି ଶିଳାପୁଆ ଧରି । ଗୋବିନ୍ଦ ନାମେ ଗୁଣ୍ଡାକରି ॥
ଅନନ୍ତ ଅଦାରସ ସଙ୍ଗେ । ଗୋବିନ୍ଦ ଚେତିଣ ଶ୍ରୀଅଙ୍ଗେ ॥
ମଧୁସୂଦନ ମହୁ କଚ୍ଛି । ପରୀକ୍ଷା କରିବ ତହିଁକି ॥
ଶ୍ରୀରାମ ସୁମରି ପିଇବ । ଅଜର ଅମର ହୋଇବ ॥
କହିଲି ଯେବଣ ଔଷଧି । ଏଣେ ଖଣ୍ଡିଛି ଭବବ୍ୟାଧି ॥
ଏଥେ ମିଶାଇ ଚିତ୍ତ ଯାର । କି କରି ପାରେ ବ୍ୟାଧି ଜ୍ୱର ॥
ଶୁଣ ସୁମନ ହେଲୁ ଦେଇ । ଏଥେ ନିର୍ମଳ ଚିତ୍ତ ହୋଇ ॥
ଯେବଣ ପ୍ରାଣୀ ଥିବ ଶିଖି । ହୃଦ ପଦ୍ମରେ ଥିବ ରଖି ॥
ସେ ଯେଣେ ଇଚ୍ଛା ତେଣେ ଯାଉ । କାହୁଁହିଁ ଭୟ ନାହିଁ ଆଉ ॥
ଘୋର ସଂଗ୍ରାମେ ରାଜଦ୍ୱାରେ । ବନ ଗହନ ବିପିନରେ ॥
ଜଳ ପବନ ହୁତାଶନ । କି ଅବା ବିଦେଶେ ଗମନ ॥
ପଶୁଙ୍କ ଖଳଦନ୍ତ ଘାତ । ଭୁଜଙ୍ଗ ବିଷର ସହିତ ॥
ଖଣ୍ଡେ ଯେ ଚଉର୍ଯ୍ୟ ସହିତେ । ଗ୍ରହପୀଡ଼ାହିଁ ପ୍ରେତ ଯେତେ ॥

ଲାଗିବ ନାହିଁ ଏହୁ ଭୟ । ନିଶ୍ଚେ ଏଥିରେ ଥିଲେ ଲୟ ॥
ପ୍ରଭୁଙ୍କ ନାମ ଯେବେ ସତ । ସ୍ୱରୂପ ଯେବେ ସାଧୁପଥ ॥
ମହିମା ଯେବେ ସତ୍ୟ ପୁଣ । ଏବେ ଏ କଥା ପରମାଣ ॥
ଏ ଦାର୍ଢ୍ୟଭକ୍ତି ରସାମୃତ । ପ୍ରାକୃତ ବନ୍ଧେ କଲୁଗୀତ ॥
ସଦା ସମ୍ପୂର୍ଣ୍ଣ ଜୟକର । ରାମଚରିତ ଧନୁର୍ଦ୍ଧାରୀ ॥
ଜାନକୀ ବଲ୍ଲଭ ଚରଣେ । ମୋ ଚିତ୍ତ ରହୁ ଅନୁକ୍ଷଣେ ॥
ସୁଜନେ କ୍ଷମାକର ଦୋଷ । ମନରେ ନ ଘେନିବ ରୋଷ ॥
କେବଳ ନ କର ନିରାଶ । ମୁଁ ତୁମ ଦାସଙ୍କର ଦାସ ॥
ଏ ମୋର ହୀନ ମୂଢ଼ମତି । ନ ଜାଣେ ପାଠ ଶାସ୍ତ୍ର ଗତି ॥
ନ ବସେ ସାଧୁଙ୍କ ସଙ୍ଗତେ । ପାପକୁ ଭୟ ନାହିଁ ଚିତ୍ତେ ॥
ଦାମ୍ଭିକ ନାସ୍ତିକ କପଟୀ । ନିରତେ ବିଷୟ ଲମ୍ପଟୀ ॥
ଆସନ ଶୟନ ସ୍ୱପନେ । କେବଳ ଧ୍ୟାନ ଚିନ୍ତା ମନେ ॥
ନାରୀ ସଙ୍ଗମ ମହାସୁଖ । ଦେବା ଦୟାରେ ମୁଁ ବିମୁଖ ॥
ପରହିଂସ୍ରକ ବାଧା କ୍ରୋଧୀ । ସାଧୁ ସେବାରେ ନାହିଁ ବୁଦ୍ଧି ॥
ଯେ ମନ ମୋହର ଆୟତ୍ତେ । ରହିଲା ନାହିଁ କଦାଚିତେ ॥
ଏଣୁ ମୁଁ ସାଧୁଙ୍କ ଚରଣ । ଶରଣ ମାଗେ ଅନୁକ୍ଷଣ ॥
ସୁଜନେ ଏହି ଭାବେ ଭାବ । ଏ ଭବ ସଂସାରୁ ତରିବ ॥
ଏବଡ଼ ଅପୂର୍ବ ଚରିତ । ଶୁଣି ଶରଧା ଯାର ଚିତ୍ତ ॥
ତାର କଳୁଷ ଥିବ ଯେତେ । ରହିବ ନାହିଁ କଦାଚିତେ ॥
ଜୀବନ୍ତେ ଇନ୍ଦ୍ରଲୋକେ ବାସ । ମଲେ ବୈକୁଣ୍ଠପୁରେ ବାସ ॥
ଅପୁତ୍ରୀ ପୁତ୍ରକୁ ଲଭିବ । ଅନ୍ଧହିଁ ଲୋଚନ ପାଇବ ॥
ଏ କଥା ଅଟଇ ପ୍ରମାଣ । ସୁଜନେ ମନ ଦେଇ ଶୁଣ ॥
କହଇ ରାମଦାସ ଦ୍ୱିଜ । ବିଶ୍ୱାସ ଅଟେ ମୂଳବୀଜ ॥
ବିଶ୍ୱାସ ବିନା ଯେତେ କର୍ମ । ପର ଅପର ଗୃହାଶ୍ରମ ॥
ଏ ଦାର୍ଢ୍ୟଭକ୍ତି କଥାମାନ । ପଚାଶ ଅଧ୍ୟାରେ ସମ୍ପୂର୍ଣ୍ଣ ॥
ଶ୍ରୀ ବୀରକେଶ୍ୱରଦେବଙ୍କ । ସମ୍ପୂର୍ଣ୍ଣ ବିୟାଳିଶ ଅଙ୍କ ॥

ଯେ ଭୂଲ ପଞ୍ଚମୀ ଦିବସେ । ଶୁଦ୍ଧ ଶୁକଳ ପକ୍ଷରେ ସେ ॥
ଚିତ୍ରା ନକ୍ଷତ୍ର ରବିବାରେ । ତଇତୁଲା ନାମ କରଣରେ ॥
ଶୁଭ ନାମରେ ଯେଉଁ ଯୋଗ । ପଞ୍ଚାଶ ଦଣ୍ଡ ଥିଲା ଭୋଗ ॥
ଏମନ୍ତେ ଶୁଭ ଅନୁକୂଳେ । ପ୍ରାଣୀଙ୍କ ଶ୍ରବଣେ ମଙ୍ଗଳେ ॥
ସମ୍ପୂର୍ଣ୍ଣ ହେଲା ଏ ଚରିତ । କହଇ ଲଛମନ ସୁତ ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତିରସାମୃତେ ମନ ଚୈତନ୍ୟ ସମ୍ବାଦେ ମେଲଛ ହାରାମ ଶବ୍ଦ ମୋକ୍ଷଣେ ନାମ ପଞ୍ଚବିଂଶୋଽଧ୍ୟାୟଃ ।



ମୁଦ୍ରାକର—ଶ୍ରୀ ଆନନ୍ଦଚନ୍ଦ୍ର ସାହୁ, ବିମଳା ପ୍ରେସ, କଟକ-୨

# ରସାମୃତ

## ଦ୍ୱିତୀୟ ଭାଗ

—*—

### ଷଡ଼ତ୍ରିଂଶ ଅଧ୍ୟାୟ

### କୁଳଶିଖର ରଜା ସମ୍ବାଦ

ଚୈତନ୍ୟ ଉବାଚ

ନମୋ ଶାରଦା ଗଣନାଥ । ତୁମ୍ଭ ଚରଣେ ମୋର ମାଥ ॥
କହେ ଚୈତନ୍ୟ ଅତିତୋଷେ । ସୁମନ ନୃପତିର ପାଶେ ॥
ହେ ରଜା ହୁଅ ସାବଧାନ । କହିବି ଅପୂର୍ବ ବିଧାନ ॥
ପବିତ୍ର ଓଡ଼ିଶା ଖଣ୍ଡରେ । ଏକ ନୃପତି ରାଜ୍ୟ କରେ ॥
ସମସ୍ତ ରଜାଙ୍କ ଅଗ୍ରଣୀ । ନୃପତିପଣେ ତାଙ୍କୁ ଗଣି ॥
ନାମ ତା ଶ୍ରୀକୁଳଶିଖର । ବଡ଼ ପ୍ରତାପୀ ଦଣ୍ଡଧର ॥
ତେଜସ୍ୱୀ ପଣେ ଦିବାକର । ହୃଦୟ ଗମ୍ଭୀର ସାଗର ॥
ଧଇର୍ଯ୍ୟ ପଣେ ମହାମେରୁ । ଦାତାପଣରେ କଳ୍ପତରୁ ॥
ପଣ୍ଡିତ ପଣେ ବୃହସ୍ପତି । ସହିଷ୍ଣୁ ପଣେ ବସୁମତୀ ॥
ସୁନ୍ଦରପଣେ କାମଦେବ । କ୍ଷମିୟ ପଣେ ସଦାଶିବ ॥
ଶୁଦ୍ଧ ବିବେକ ଶୁଚିମନ୍ତ । ପାପକୁ ମହାଭୟ ଚିତ୍ତ ॥
ରାଜ ସମ୍ପଦ ଅପ୍ରମିତ । କୁବେର ସମ ଧନବନ୍ତ ॥
ଦୁଃଖୀ ଦରିଦ୍ର ଦୁଃଖ ହର । ପ୍ରଜା ପାଳଇ ପୁତ୍ରପର ॥

ଦେବ ବ୍ରାହ୍ମଣେ ଅତି ପ୍ରିୟ । ଶ୍ରୀଗୁରୁ ପାଦେ ଭକ୍ତିମୟ ॥
ଯେ ରାଜା ଧର୍ମ ପରାୟଣ । ସେବଇ ଶ୍ରୀଗୁରୁ ଚରଣ ॥
ସାଧୁଙ୍କ ସେବା କରୁଥାଇ । ହରି ଚରଣେ ମନଦେଇ ॥
ଶ୍ରୀକୃଷ୍ଣ କଥା ବିନୁ ଆନ । ନ ଜାଣେ କେଭେ ତାର ମନ ॥
ଶ୍ରୀହରି ଜନ୍ମରସ ପୁଣ । ନିରତେ ପଠନ ଶ୍ରବଣ ॥
ସର୍ବଦା କାଳେ ଶୁଚିମନ୍ତ । ସତ୍ୟ ବଚନ ଦୃଢ଼ମତ ॥
ଏମନ୍ତେ ରାଜା ଏକଦିନ । ବିଜୟେ ରତ୍ନ ସିଂହାସନ ॥
ସୈନ୍ୟ ଅଛନ୍ତି ପଛୁଆରି । ଗଜ ତୁରଙ୍ଗ ଆଦିକରି ॥
ସଭା ମନ୍ତ୍ରୀଙ୍କ ନୃପଗଣେ । କରି ଅଛନ୍ତି ବେହରଣେ ॥
ସାଧୁ ବୈଷ୍ଣବ ଆଦିକରି । ବିପ୍ର ସନ୍ନ୍ୟାସୀ ବ୍ରହ୍ମଚାରୀ ॥
ଦେଶୀ ବିଦେଶୀ ଏ ସଂସାରେ । ସମସ୍ତ ଗୋଷ୍ଠି ଏକଠାରେ ॥
ଶ୍ରୀହରି ରସ କଥା ମାନ । କହୁ ଅଛନ୍ତି ସାଧୁଜନ ॥
ରାଜା ଶ୍ରବଣେ ତାହା କରି । ଅଛନ୍ତି ଦେହ ବୁଦ୍ଧି ହାରି ॥
ଏମନ୍ତ ସମୟରେ କଥା । ଶୁଣ ସୁମନ ମହାରଥା ॥
ଶ୍ରୀଗୁରୁଦେବ ତାହାଙ୍କର । ବିଜୟ କଲେ ସେହିଠାର ॥
ଦେଖି ସେ ରାଜା ଅତିତୋଷେ । ମିଳିଲେ ଯାଇ ଗୁରୁପାଶେ ॥
ସାଷ୍ଟାଙ୍ଗେ କରି ଦଣ୍ଡବତ । ଉଠି କପାଳେ ଯୋଡ଼ି ହସ୍ତ ॥
ଅତି ବିନୟ ଭାବ ହୋଇ । ଗୁରୁଙ୍କୁ ଦିବ୍ୟାସନ ଦେଇ ॥
ଦେଖି ସେ ନୃପତିର ଭାବ । ଆସନେ ବସି ଗୁରୁଦେବ ॥
ରାଜାଙ୍କୁ ବସ ହୋ ବୋଇଲେ । ଶୁଣି ନୃପତି ବିଜେକଲେ ॥
ଶ୍ରୀ ଗୁରୁ ଆଜ୍ଞା ପାଇ ବସି । ପୁଣି ଶ୍ରୀହରି ଭାବେ ରସି ॥
ଏମନ୍ତ ବେଳେ ମାଛି ଗୋଟି । ଉଡ଼ି ସେ ଅଇଲା ଚହଟି ॥
ବସିଲା ରାଜାର କପାଳେ । ରୁଧିର ପିଏ କୁତୁହଳେ ॥
ରାଜା ଅସୁଖ ଭାବ ହୋଇ । ଶ୍ରୀହସ୍ତେ ଦେଲେକ ଉଡ଼ାଇ ॥
ଲଲାଟେ ଶ୍ରୀହସ୍ତ ବାଜିଲା । ମାଛି ତକ୍ଷଣେ ଉଡ଼ିଗଲା ॥
କପାଳୁ ଦଣ୍ଡବତ ଧୂଳି । ଝଡ଼ି ପଡ଼ିଲା ମହୀସ୍ଥଳି ॥

ତା ଦେଖି ଗୁରୁଦେବ ହସି । ମଥା ପୋଡ଼ଣ ମୌନେ ବସି ॥
ତାହା ଜାଣିଲେ ନୃପମଣି । ସେତ ବିବେକ ଚୂଡ଼ାମଣି ॥
ତକ୍ଷଣେ ଉଠି ଉଭାହୋଇ । ଜଣାନ୍ତି ଗଦ ଗଦ ହୋଇ ॥
ମୁଖ ମଳିନ କି ନିମନ୍ତେ । ଏକଥା ଆଜ୍ଞା ହେଉ ମୋତେ ॥
ତା ଶୁଣି ଗୁରୁଦେବ ଭଣି । ଶୁଣ ହେ ନୃପତି ଅଗ୍ରଣୀ ॥
ଯେ ଜନ ଶ୍ରୀଗୁରୁ ସ୍ମୁରେ । ସାଷ୍ଟାଙ୍ଗେ ଦଣ୍ଡବତ କରେ ॥
ତା ଅଙ୍ଗେ ଲଗେ ଯେତେ ଧୂଳି । ତେତେ ଜନ୍ମର ପାପ ଦଳି ॥
ସେ ଧୂଳି ଦେଖି ଯେଉଁ ନର । ହସ୍ତରେ ଝାଡ଼ି କରେ ଦୂର ॥
ତାର ପାତକ ହୁଏ କେତେ । ବିଘ୍ନର କର ହୃଦଗତେ ॥
ତୋର ସ୍ୱହସ୍ତ ବାଜିବାରୁ । ଧୂଳି ଝଡ଼ିଲା କପାଳରୁ ॥
ତେଣୁ ପୋଡ଼ିଲୁ ଆମ୍ଭେ ମଥା । ତୁ କି ନ ଜାଣୁ ମହାରଥା ॥
ଶୁଣି ନୃପତି କମ୍ପମାନ । ବଦନୁ ନସ୍ଫୁରେ ବଚନ ॥
ଶୋକେ ପୂରିତ କଳେବର । କମ୍ପଇ ରାଜାର ଅଧର ॥
ସଜଳ କରି ନେତ୍ର ଦୁଇ । ରହିଲେ ସ୍ତମ୍ଭୀଭୂତ ହୋଇ ॥
କେତେହେଁବେଳେ ଚହିଁଦେଲେ । ଗୁରୁଙ୍କୁ ପାଶେ ନ ଦେଖିଲେ ॥
ଉଭରି ରାଜା ସଭା ମୁଖେ । ପୁଚ୍ଛିଲେ ଅତି ମନଦୁଃଖେ ॥
ହେ ମହା ସଭାଜନେ ଶୁଣ । ମୋ ପାପହୁଏ ଯା ପ୍ରମାଣ ॥
ଶ୍ରୀଗୁରୁ ଦ୍ରୋହ ଦୋଷ ମୋର । କେମନ୍ତେ ହେବ ଏବେ ଦୂର ॥
ଏଥକୁ ଦେଖି ଶାସ୍ତ୍ରପଥ । କିବା ଲେଖିଛି ପ୍ରାୟଶ୍ଚିତ୍ତ ॥
ନୋହିଲେ ମରିବ ଅବଶ୍ୟ । ଏ ରାଜପଦେ ନାହିଁ ଆଶ ॥
ତାହା ଶୁଣିଣ ବିପ୍ରଜନ । ଖୋଜି ସକଳ ଶାସ୍ତ୍ରମାନ ॥
ଶ୍ରୀଗୁରୁଦେବ ପଦ୍ଧତିରେ । ଦେଖିଲେ ଲେଖିଛି ତହିଁରେ ॥
ଅତିଶୟରେ କାଷ୍ଟା କଥା । କରି ଯେ ନୁହଇ ସର୍ବଥା ॥
ଏମନ୍ତ ଦେଖି ବୃଦ୍ଧଜନେ । ନ କହି ରହିଲେ ମଉନେ ॥
ତା ଶୁଣି ବୋଲେ ନୃପବର । ନ କହ କମ୍ପା ଗୋପ୍ୟକର ॥
ଏ ମୋର ପାପକ୍ଷୟ ଅର୍ଥେ । ସେବା ଲେଖିଛି ଶାସ୍ତ୍ରପଥେ ॥

ତାହା କରିବ ସତ୍ୟ ମୋର । ଏଥିକୁ ସାକ୍ଷ୍ୟ ଦିବାକର ॥
ଏମନ୍ତ ଶୁଣି ବିପ୍ର ଭଲେ । ପ୍ରବନ୍ଧ ଫିଟାଇ ପଢ଼ିଲେ ॥
ହେ ରାଜା ଶୁଣ ସାବଧାନେ । ଗୁରୁ ଚରଣେ ଯେଉଁମାନେ ॥
ସାଷ୍ଟାଙ୍ଗେ ଦଣ୍ଡବତ କରି । ସମ୍ମୁଖରେ ରହନ୍ତି ଉଭାରି ॥
ତା ଅଙ୍ଗେ ଥାଇ ରେଣୁ ଯେତେ । ତେତେ ଜନମ ପରିଯନ୍ତେ ॥
ସଞ୍ଚରି ଥାଇ ଯେ କଳୁଷ । ତତକ୍ଷଣେ ହୋଏ ସର୍ବନାଶ ॥
ବଡିମାପଣେ ଯେଉଁମାନେ । ସେ ରେଣୁ ଝାଡ଼ନ୍ତି ଅଜ୍ଞାନେ ॥
ତାଙ୍କ ସୁକୃତ ଆଉ ନାହିଁ । କେବଳ କଥାଏ ଅଛଇ ॥
ଏମନ୍ତ କରି ଯେବେ ପାରି । ସେ ଗୁରୁଦ୍ରୋହ କଷ୍ଟୁ ତରି ॥
ତମ୍ବା ପଟାଏ ଗଢ଼ାଇବ । ଦ୍ୱାଦଶହାତ ଦୀର୍ଘ ହେବ ॥
ପ୍ରସ୍ଥ ଯେ ଛନହାତ ଜାଣ । ଚଉକେ ବହଳ ପ୍ରମାଣ ॥
ଯୋଡାଇ ତମ୍ବା ଗୃହଖମ୍ବ । ସେ ପଟା କରିଥିବ ଦମ୍ଭ ॥
ଅଙ୍ଗାର ଅଗ୍ନି ତଥି ତଳେ । ଦେଇଣ ମହାଯନ୍ତ୍ର ଜାଳେ ॥
ସେ ପଟା ତାତି ଅଗ୍ନିପ୍ରାୟେ । ଦିଶିବ ଅତି ତୋରାମୟେ ॥
ତହିଁରେ ଶତ ଅଷ୍ଟବାର । ପ୍ରଣାମ କରିବ ସେ ନର ॥
ତେବେତ ଗୁରୁଦ୍ରୋହ ଦୋଷ । ତା ଦେହୁ ହୋଇବ ବିନାଶ ॥
ନୋହିଲେ ଆନ ନାହିଁପାର । ଏହା ଲେଖିଛି ବେଦବର ॥
ଏମନ୍ତ ଶୁଣି ସେ ନରେନ୍ଦ୍ର । ମୁଖ ବିକାଶେ ପୂର୍ଣ୍ଣଚନ୍ଦ୍ର ॥
ଲୋମ ଉଦ୍‌ଗମ ଭାବ ବହି । ଆନନ୍ଦ କେ ପାରିବ କହି ॥
ହସି କହଇ ନୃପମଣି । ଏବେ ମୋ ହୋଇଲା କାରଣ ॥
ଏମନ୍ତ କହି ତାମ୍ବରକୁ । ହକାରି ତୁରିତେ ପାଶକୁ ॥
ତମ୍ବା ଲେଖାଇ ଦେଲେ ଯେତେ । ପଟା ନିର୍ମାଅ ବିଧିମତେ ॥
ତାମ୍ବରମାନେ ଆଜ୍ଞା ପାଇ । ପଟାନିର୍ମାଣ କଲେ ଯାଇଁ ॥
ରାଜା ସମ୍ମୁଖରେ ଦେଲେ ନେଇ । ଦେଖି ଆନନ୍ଦ ନରସାଇଁ ॥
ସୁଆସୀ ବଳକୁ ହକାରି । ଖମ୍ବ ଯୋଡାଇ ଦର୍ଶ କରି ॥
ସେ ପଟା ଥାପି ସେହି ଖମ୍ବେ । ନିଶ୍ଚଳ କରି ମହାଦମ୍ଭେ ॥

ତଳେ ଅଙ୍ଗାର ଅଗ୍ନି ନେଇ । ଜାଳିଲେ ମହାଯନ୍ତ୍ର ତାଇ ॥
ପ୍ରବଳ ହୋଇ ଅଗ୍ନି ଗୋଠା । ଲଗି ପାଚିଲ ତମ୍ବାପଟା ॥
ସେ ମହାଅଗ୍ନି ତେଜପାଇ । ପାଶେ ନ ପାରେ କେହି ରହି ॥
ଏମନ୍ତ ବେଳେ ସେ ରାଜନ । ତୀର୍ଥଜଳରେ କରି ସ୍ନାନ ॥
କଣ୍ଠ ହୃଦରେ ବେନି ଭୁଜେ । ଲଲାଟେ ତିଳକ ବିରାଜେ ॥
ମସ୍ତକେ ତୁଳସୀ ମଞ୍ଜରୀ । ଗଳାରେ ହେନ୍ଦ୍ର ମାଳାଭରି ॥
ପିନ୍ଧିଣ ଅମଳାନ ବାସ । କାନ୍ଥେଣି ଯେହ୍ନେ ବୀରବେଶ ॥
ବିଭୂତି ବିଲେପନ କାୟେ । ଦିଶନ୍ତି ବ୍ରହ୍ମବେତ୍ତା ପ୍ରାୟେ ॥
ଶ୍ରୀମୁଖେ ନିର୍ମାଲ୍ୟ କୈବଲ୍ୟ । କରି ବିଜୟେ ମହୀପାଳ ॥
ଗୃହଦ୍ୱାରେ ନର ନାରୀ । ବେଢ଼ିଣ ଶତେପୁର କରି ॥
ଅଛନ୍ତି ପାତ୍ର ଅମାତ୍ୟ । ବନ୍ଧୁ ବାନ୍ଧବ ଇଷ୍ଟମିତ୍ର ॥
ଯୋଗୀ ସନ୍ନ୍ୟାସୀ ବ୍ରହ୍ମଚାରୀ । ବୈଷ୍ଣବ ଦୁର୍ଭିକ୍ଷ ଭିକାରୀ ॥
ବ୍ରହ୍ମ କ୍ଷତ୍ର ଷୂ ଶୂଦ୍ରଜାତି । ଅପରେ କେତେ ଲୋକଛନ୍ତି ॥
ସ୍ତ୍ରୀ ପୁରୁଷ ଆଦିକରି । ଜନ ଗହଳେ ସୃଷ୍ଟି ପୂରି ॥
ସଂସାରେ ପଡ଼ୁଅଛି ହୁରି । ଯେ ବାଳବୃଦ୍ଧ ଆଦିକରି ॥
ବାଦ୍ୟ ନିଶାଣ ମୁଖଗୋଳ । ମେଦିନୀ ହୁଏ ଟଳ ମଳ ॥
ଏମନ୍ତ ଦେଖି ସର୍ବଜନ । ବୋଲନ୍ତି ହେ ମହାରାଜନ ॥
ଏ କଥା କେବେହେଁ ନ କର । ବୃଥା ନ ନାଶ କଳେବର ॥
ଆମ୍ଭଙ୍କୁ ନ କର ଅନାଥ । ବୋଲି ମସ୍ତକେ ଦେଲେ ହସ୍ତ ॥
ତା ଶୁଣି ନୃପ ଚୂଡ଼ାମଣି । ବୋଲନ୍ତି ଶୁଣ ନରଶ୍ରେଣୀ ॥
କମ୍ପାଇଁ ହୋଇବ ଅନାଥ । ସବୁରି ପ୍ରଭୁ ଜଗନ୍ନାଥ ॥
ମୋ ଜୀବ ଯିବାକୁ ସଂଶୟେ । ନ କର କାହାରି ହୃଦୟେ ॥
ଜନ୍ମ ଲଭିଲେ ନିଶ୍ଚେ ମରି । ମରଣ ଗୁରେ କମ୍ପା ଡରି ॥
କମ୍ପା ମୁଁ ଗୁରୁଦ୍ରୋହ ଦୋଷେ । ଗଞ୍ଜି ହୋଇବି ଯମପାଶେ ॥
ସ୍ଥାବର ଆଦି ଦେହ ବହି । ନିଷ୍ଫଳ ହୋଇ କେହି ନାହିଁ ॥
ଏ କଥା ନୁହଇ ଉଚିତ । ନୋହିବ ମୋର ଆନମତ ॥

ଯାଉ ବା ଥାଉ ଏ ଶରୀର । ଏହା ଜାଣନ୍ତି ଚକ୍ରଧର ॥
ତୁମ୍ଭେ ସମସ୍ତେ ବୋଲହରି । ବାଳକ ବୃଦ୍ଧ ଆଦିକରି ॥
ଏମନ୍ତେ କହି ଦଣ୍ଡଧାରୀ । ଚିନ୍ତିଲେ ନୀଳାଦ୍ରି ବିହାରୀ ॥
ଜୟ ହେ ଶଙ୍ଖ ଚକ୍ରପାଣି । କମଳା ଦେବୀ ପ୍ରାଣମଣି ॥
ବ୍ରହ୍ମା ଇନ୍ଦ୍ରାଦି ଏ ଜଗତ । ଯାର ଆଜ୍ଞାରେ ଯାତାୟାତ ॥
ଶଶାଙ୍କ ରବି ଆଖଣ୍ଡଳ । ଯେ ଆଦି ସର୍ବ ଦିଗପାଳ ॥
ମେରୁ ବସୁଧା ସିନ୍ଧୁ ବାରି । ଏ ନିତ୍ୟେ ଯାର ଆଜ୍ଞାକାରୀ ॥
ସୁର ମହେଶ ପୁରନ୍ଦର । ଯକ୍ଷ ରକ୍ଷସ ଯେ କିନ୍ନର ॥
ସିଦ୍ଧ ଯୋଗୀନ୍ଦ୍ର ମୁନିଗଣ । ଚିନ୍ତନ୍ତି ଯେ ହରି ଚରଣ ॥
ମୁଁ ଅବା ସାମାନ୍ୟ ମାନବ । କାହୁଁ ଜାଣିବି ତାଙ୍କ ଭାବ ॥
ହେ ପ୍ରଭୁ ତୁମ୍ଭେ ଆଦିମୂଳ । ସମସ୍ତେ ତୋର ପଦ ଡାଳ ॥
ଏଣୁ ତୋ ଅଭୟ ଚରଣ । ଆଜ ମୁଁ ପଶିଲି ଶରଣ ॥
ତୁ ନାଥ ବାଞ୍ଛା କଳ୍ପତରୁ । ମହାମହିମା ମହାମେରୁ ॥
ଜନ ଆରତ ଖଣ୍ଡିବାରେ । ତୋ ସମ ନାହିଁ ବ୍ରହ୍ମାଣ୍ଡରେ ॥
ଚିନ୍ତାର୍ଥି ଚିନ୍ତା ତୃଣବନ । ତୁ ଯେ ପ୍ରବଳ ହୁତାଶନ ॥
ବିପତ୍ତି ସାଗର ବିନାଶି । ତୁ ଯେ ଅଗସ୍ତି ମହାଋଷି ॥
ବିଷୟୀ ବିଷକୁ ଯେ ଗଦ । ତୋର ଅଭୟ ପଦ୍ମପାଦ ॥
ଭୃତ୍ୟ କୁମୁଦ ବନପାଳ । ତୁମ୍ଭେ ଯେ ଚନ୍ଦ୍ରମା ମଣ୍ଡଳ ॥
ଚିନ୍ତାର୍ଥିଜନ ଚିନ୍ତାମଣି । ଅଶେଷ ବ୍ରହ୍ମାଣ୍ଡ କାରେଣୀ ॥
ଏ ମୋ ଆରତ ନିବାରଣେ । ତୁମ୍ଭହୁଁ ନାହିଁ ଅନ୍ୟ ଜଣେ ॥
ଏ ମୋର ଅନଳ ଜ୍ୱାଳାରୁ । ଉଦ୍ଧରି ଧର ମହାମେରୁ ॥
ରଖ ନ ରଖ ତୁମ୍ଭ ଇଚ୍ଛା । ମୁଁ ଏବେ ଘେନିଲି ଏ ଦୀକ୍ଷା ॥
ଯାଉ ବା ଥାଉ ଏ ଶରୀର । ନ ଲାଗୁ ଗୁରୁଦ୍ରୋହ ମୋର ॥
ଏମନ୍ତ ବୋଲି ମହାବଳୀ । ମୁଖେ ରଟିଲେ ନାମାବଳୀ ॥
ଶ୍ରୀରାମ ଶ୍ରୀକୃଷ୍ଣ ଶ୍ରୀହରି । ମୁକୁନ୍ଦ ମାଧବ ମୁରାରି ॥
ଅଚ୍ୟୁତ ଅନନ୍ତ ଗୋବିନ୍ଦ । ଶ୍ୟାମସୁନ୍ଦର ସଦାନନ୍ଦ ॥

ବ୍ରଜସୁନ୍ଦର ବଂଶୀ ପାଣି । ରାଧାବଲ୍ଲଭ ପ୍ରାଣମଣି ॥
ଦୟାସାଗର ଦାଶରଥି । ଶ୍ରୀଧର ଶ୍ରୀକର ଶ୍ରୀପତି ॥
ଲକ୍ଷ୍ମୀନାୟକ ଚକ୍ରପାଣି । ସୀତାବଲ୍ଲଭ ରଘୁମଣି ॥
ହେ ବନମାଳୀ ହେ କଂସାରି । ଶ୍ୟାମସୁନ୍ଦର ଦଇତ୍ୟାରି ॥
ଶ୍ରୀବତ୍ସ ଲାଞ୍ଛନ କେଶବ । ଦୀନବାନ୍ଧବ ବାସୁଦେବ ॥
ଭବମୋଚନ ଭଗବାନ । ଜଗଜ୍ଜୀବନ ଜନାର୍ଦ୍ଦନ ॥
ଏମନ୍ତେ ନାମାବଳୀ ଗଣି । ମୁଖେ ଉଚ୍ଚାରେ ନରମଣି ॥
ହରି କଥନେ କର୍ଣ୍ଣ ଡେରି । ନୟନେ ହରିରୂପ ଧରି ॥
ହରି ସ୍ମରଣ କରି ହୃଦେ । ମନ ନବେଶି ହରିପାଦେ ॥
ଅନେକ କରି ପ୍ରଣମିତ । ରଜା ହରଷ କରି ଚିତ୍ତ ॥
ନମିଣ ଚନ୍ଦ୍ର ଦିବାକର । ଉଠିଲେ ପଟାର ଉପର ॥
ଅନଳ ତେଜ ମହାବଳୀ । କଞ୍ଚା ଦାରୁହିଁ ଯିବ ଜଳି ॥
ତହିଁ ନୃପତି ଦଣ୍ଡବତ । କରି ଉଠିଲେ ସେ ତ୍ୱରିତ ॥
ପ୍ରବଳ ଅଗ୍ନି ଶିଖା ତହିଁ । ଜଳି ଉଠଇ ରଜାଦେହୀ ॥
କର ଚରଣ ରଜା ମୁଣ୍ଡ । ଛିଡ଼ି ହୋଇଲା ଖଣ୍ଡ ଖଣ୍ଡ ॥
ତହିଁ ରଜାର ନାହିଁ ଭୟ । ଚିତ୍ତେ ଚିନ୍ତଇ ଦେବରାୟ ॥
ପୁଣି କପୋଳେ କର ଦେଇ । ସାଷ୍ଟାଙ୍ଗେ ପାଦେ ପଡ଼ି ଶୋଇ ॥
ତାହା ଜାଣିଲେ ଆଦିମୂଳ । ଯେ ପ୍ରଭୁ ଭକତବତ୍ସଳ ॥
କରୁଣା କଲେ ଭାବଗ୍ରାହୀ । ଅନଳ ଜଳପ୍ରାୟ ହୋଇ ॥
ରଜା ଶ୍ରୀହଙ୍ଗ କଅଁଳିଲା । ପୋଡ଼ିଲା ଶୀତଳ ହୋଇଲା ॥
ଏମନ୍ତ ଦେଖି ସର୍ବଜନ । ଆକୁଳେ କରନ୍ତି ରୋଦନ ॥
ମସ୍ତକେ କଚାଡ଼ନ୍ତି କର । ବୋଇଲେ ଆହେ ନୃପବର ॥
ଆଉ କେ ଏ ରଜ୍ୟ ପାଳିବ । ଆମ୍ଭଙ୍କୁ ଛାଡ଼ିଲା ଦଇବ ॥
ଏମନ୍ତେ ବଚରନ୍ତି ଜନେ । ସେକ୍ଷଣି ଉଠିଲେ ରଜନେ ॥
ତେଜ ବିରଜମାନ କାୟେ । ଦିଶନ୍ତି ଦ୍ୱାଦଶ ସୂର୍ଯ୍ୟ ପ୍ରାୟେ ॥
ପୁଣି ମସ୍ତକେ ଦେଇ ହସ୍ତ । ଲେଉଟି କଲେ ଦଣ୍ଡବତ ॥

ପ୍ରବଳ ନଦୀଜଳେ ମିଳି । ହଂସ ଯେସନେ କରେ କେଳି ॥
ସେହି ପ୍ରକାରେ ପୁଣି ପୁଣି । କେଶରୀ ବଂଶ ନୃପମଣି ॥
ପୁଣି କରନ୍ତ ଦଣ୍ଡବତ । ତା ଦେଖି ଲୋକେ ଆଚମ୍ବିତ ॥
ଶିବ ପ୍ରତିମା ପ୍ରାପ୍ତ ହୋଇ । ସମସ୍ତେ ଅଛନ୍ତି ଅନାଇ ॥
ଛତିଶବାର ଏହିପରି । ସେ ରାଜା ଦଣ୍ଡବତ କରି ॥
ମେଦିନୀ ହେଲା ଟଳମଳ । କମ୍ପିଲେ ଦଶଦିଗପାଳ ॥
ତାହା ଜାଣିଲେ ନରହରି । ବେଗେ ଡେଙ୍ଗିଲେ ନୀଳଗିରି ॥
ଅତି ଅପୂର୍ବ ଶୋଭାକର । ବିଧାତା ନିର୍ମାଣୁ ବାହାର ॥
ଜଗନ୍ମୋହନ ରୂପଧରି । ପଠା ପାରୁଶେ ବଜେକରି ॥
ଶ୍ରୀକର ବଢ଼ାଇଣ ଦେଲେ । ରାଜାଙ୍କୁ ଝିଙ୍କି ପକାଇଲେ ॥
ବୋଇଲେ ରହିଲା ତୋ କୀର୍ତ୍ତି । ସଂସାର ମଧ୍ୟେ ହେ ନୃପତି ॥
ତୋହର ପରି ପୁଣ୍ୟବନ୍ତ । ନାହିଁ ନୋହିବ ଏ ଜଗତ ॥
ସକଳ ପାପୁ ହେଲୁ ପାର । ଲଭ ପରମଗତି ସାର ॥
ତା ଶୁଣି ରାଜା କରଯୋଡ଼ି । ବିପ୍ର ଚରଣ ତଳେ ପଡ଼ି ॥
ବୋଇଲେ ମୋତେ କହ ସତ୍ୟ । କେ ତୁମ୍ଭେ ଅଟ ହେ ପବନ ॥
ଏ ମୋର ଚର୍ମଚକ୍ଷୁ ଯେନ । ତୁମ୍ଭଙ୍କୁ ନ ପାରିଲି ଚିହ୍ନି ॥
ଶୁଣି ବୋଲନ୍ତି ଭଗବାନ । ଉଠି ତୁ ଦେଖ ହେ ନୟନ ॥
ଯାହାକୁ ଚିନ୍ତୁଥିଲୁ ତୁହି । ନିଶ୍ଚୟ ଜାଣ ଆମ୍ଭେ ସେହି ॥
ଶୁଣି ନୃପତି ଉଭାହେଲେ । ନିର୍ମଳ ନେତ୍ରେ ଅନାଇଲେ ॥
ଦେଖିଲେ ଶଙ୍ଖଚକ୍ରଧାରୀ । ଗଦା ପଙ୍କଜ ଭୁଜ ଚାରି ॥
ଜଗନ୍ମୋହନ କୃପାସିନ୍ଧୁ । ଶରଣ ଜନଙ୍କର ବନ୍ଧୁ ॥
ଅଭୟ ବର ତାଙ୍କୁ ଦେଇ । ଅନ୍ତର ହେଲେ ଭାବଗ୍ରାହୀ ॥
ପ୍ରଭୁ ମାୟାରେ ନରଶ୍ରେଣୀ । ଏ ସର୍ବ ନ ପାରିଲେ ଜାଣି ॥
ଶୁଣ ହେ ମନୁ ନୃପମଣି । ସେ ରାଜା ଭାଗ୍ୟବନ୍ତ ପୁଣି ॥
ସାକ୍ଷାତ ପ୍ରଭୁଙ୍କୁ ଦେଖିଲା । ସଂସାରେ କୀରତି ରଖିଲା ॥
ଅତି ଆନନ୍ଦେ ନରେଶ୍ୱର । ବିଜୟ କଲେ ଧୀର ଧୀର ॥

ସମସ୍ତେ ଧନ୍ୟ ଧନ୍ୟ କରି । ଚଳଣି ଗଲେ ଯେଝା ପୁରି ॥
ସେ ରାଜା ଅନ୍ତଃକାଳେ ଯାଇ । କେବଣି ଗତି ଥିବ ପାଇ ॥
ମୋତେ ତା ନୁହଇ ଗୋଚର । ହେ ମନ ତୋ ମନେ ବିଚାର ॥
ଏ କଳିଯୁଗର ଚରିତ । ଶୁଣି ଲାଗିବ ଆଚମ୍ବିତ ॥
ହରି ଭକତ ଜନମାନେ । ଶୁଣି ପ୍ରତ୍ୟୟ ଯିବେ ମନେ ॥
ଅଜ୍ଞାନୀ ଜନେ ଏହି କଥା । ଅବଶ୍ୟ ମଣିବେଟି ମିଥ୍ୟା ॥
ଶୁଣି ସାନନ୍ଦ ମନରାୟ । ସିନ୍ଧୁ ଉଦୟ ଇନ୍ଦୁ ପ୍ରାୟ ॥
ଏ ଦାର୍ଢ୍ୟଭକ୍ତି ରସବାଣୀ । ସଂସାର ସିନ୍ଧୁକୁ ତରଣୀ ॥
ସୁଜନ ଏଣେ କରି ଲୟ । ଦୂର ହୋଇବ ଯମ ଭୟ ॥
କହଇ ବିପ୍ର ରାମଦାସ । ମୁକତି ଅଟଇ ବିଶ୍ୱାସ ॥
ଦାର୍ଢ୍ୟତା ବିନା ଯେତେ କର୍ମ । କଲେ ନୋହିବ ଧର୍ମ୍ମକାମ ॥
ସାଧୁଜନଙ୍କ ପାଦଗତେ । ରାମ ବୋଲଇ ରଖ ମୋତେ ॥
ତୁମ ସଙ୍ଗତି ମୋର କର । ମୁଁ ତୁମ୍ଭ ଚରଣେ କିଙ୍କର ॥
ହେ ଦେବ ଗଦା ପଦ୍ମଧର । ହେ ପଦ୍ମଯୋନିଙ୍କ ପିଅର ॥
ମୋ ମନ ହୋଇ ଷଟପଦ । ତୁମ୍ଭ ପଙ୍କଜ ପାଦେ ପଦ୍ମ ॥
କରିଣି ପିଉ ସୁଧା ଧାର । ହେ ପ୍ରଭୁ ଏତେ ମାଗ କର ॥
କର ନ କର ତୁମ୍ଭ ଚିତ୍ତ । ଆଶା ମୁଁ କରିଛି ବହୁତ ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତିରସାମୃତେ ମନଚୈତନ୍ୟ ସମ୍ବାଦେ
ଶ୍ରୀ କୁଳଶିଖର ରାଜା ଦାର୍ଢ୍ୟଭାବ ବର୍ଣ୍ଣନେ
ନାମ ଷଡ଼ବିଂଶୋଽଧ୍ୟାୟଃ ।

—*—

## ସପ୍ତବିଂଶ ଅଧ୍ୟାୟ
## ଲାଲବେଗ ଓ ସାଲବେଗ ସମ୍ବାଦ

ମନ ଉବାଚ

ପୁଣି ପୁଚ୍ଛଇ ମନ ରାଣି । ଚୈତନ୍ୟ ଦେବଙ୍କ ପାଦେଣି ॥
ହେ ଶୁଦ୍ଧ ଚେତା ତୋର ବାଣୀ । କେବଳ ସୁଧାସମ ଜାଣି ॥

ପିଇ ମୋ ଶ୍ରବଣ ଯୁଗଳ । ସନ୍ତୋଷ ନୋହିଲା କେବଳ ॥
ଏହି ପ୍ରକାରେ କଥା ଆଉ । ଥିଲେ କହିବା ମୋତେ ହେଉ ॥
ଶୁଣି ସୁଚେତା କହେ ହସି । ଶୁଣ ହେ ସର୍ବଘଟବାସୀ ॥
କଟକ ନାମେ ଯେ ସହର । ଲାଲବାଗରେ ତାର ଘର ॥
ଜାତିରେ ଅଟଇ ପଠାଣ । ତାହାର କଥା ଏବେ ଶୁଣ ॥
ମୁଗଲ ଜନ୍ମ କର୍ମ ଯେତେ । ଶୁଣ କହିବା ଶୁଦ୍ଧଚିତ୍ତେ ॥
ତାହାର ଜନ୍ମ କର୍ମ ଯେତେ । ଶୁଣ କହିବା ଶୁଦ୍ଧଚିତ୍ତେ ॥
ସେ ଲାଲବେଗ ଅତି ଦୁଷ୍ଟ । ଖଳ ପ୍ରପଞ୍ଚ ବୁଦ୍ଧି ନଷ୍ଟ ॥
ଶ୍ରୀ ଗଜପତି ଦଣ୍ଡଧାରୀ । ସଙ୍ଗତେ ଶତ୍ରୁପଣ କରି ॥
ଅନେକ ସୈନ୍ୟ ଠୁଳ କଲା । ଓଡ଼ିଶା ଯୁଝିବାକୁ ଗଲା ॥
ଉଚ୍ଛୁଳେ ବାଦ୍ୟନାଦ ଘୋଷ । ଓଡ଼ିଶା ରାଜ୍ୟରେ ପ୍ରବେଶ ॥
ସେ ମହାରାଜ୍ୟ କଲେ ଜୁର । ଧନ ବସନ ଅଳଙ୍କାର ॥
ଘୁଡ଼ିଣ ବ୍ରାହ୍ମଣ ଶାସନ । ପଳାଇଗଲେ ସର୍ବଜନ ॥
ତହିଁ ଏକ ବିଧବା ନାରୀ । ଯାଉ ଯେ ଥିଲା ସ୍ନାନକରି ॥
ଏକାକୀ ଜନ ଜଳଘାଟେ । ସୈନ୍ୟ ତା ଦେଖିଲା ନିକଟେ ॥
ଡରେ ସେ ନ ପାରିଲା ଯାଇ । ରହିଲା ସ୍ତମ୍ଭୀଭୂତ ହୋଇ ॥
ଏକେ ବ୍ରାହ୍ମଣୀ ଦୁଜେ ଯୁବା । କେ କହିପାରେ ତାର ଶୋଭା ॥
ଚମ୍ପକ ପୁଷ୍ପ ପରି କାନ୍ତି । ମୁକୁତା ଶ୍ରେଣୀ ଦନ୍ତପନ୍ତି ॥
ସୁନାସା ସୁନ୍ଦର କପୋଳ । ବଦନ ଚନ୍ଦ୍ରମା ମଣ୍ଡଳ ॥
ନେତ୍ର କୁରଙ୍ଗ ଶୋଭା ଜିଣି । ଅପୂର୍ବ ଭଙ୍ଗିମା ଗୃହାଣୀ ॥
ଅଞ୍ଜନୁ ବଳି କେଶ ଆଭା । ବାହୁଯୁଗଳ ଦିବ୍ୟ ଶୋଭା ॥
ହୃଦୟଭାଗ ଅତି ଉଚ । ଶ୍ରୀଫଳ ଜିଣି ହେମ କୁଚ ॥
କଟି କ୍ଷୀଣତା କହି ନୋହେ । ଶୋଭାରେ ଜନମନ ମୋହେ ॥
ଏମନ୍ତ ନାରୀ ନଦୀ କୂଳେ । ଉଭା ତା ଯୌବନ ବିକଳେ ॥
ଏମନ୍ତ ବେଳେ ଲାଲବେଗ । ଆସି ମିଳିଲା ତାର ଆଗ ॥
ଏକେ ସେ ଦୁଷ୍ଟ ବଳବନ୍ତ । ତା ସଙ୍ଗେ ବଳହିଁ ବହୁତ ॥

ଦେଖିଣ ଅତ୍ୟନ୍ତ ସୁନ୍ଦରୀ । ମଦନ ଶରେ ହେଲା ଘାରି ॥
ବଳେ ଧଇଲା ତାର ଭୁଜ । ମୃଗୀକୁ ଯେହ୍ନେ ମୃଗରାଜ ॥
ବସାଇ ଅଶ୍ୱର ଉପରେ । ସେ ନାରୀ ଦଇବ ସୁମରେ ॥
ଘେନିଣ ଚଳାଇଲା ବେଗେ । ସମସ୍ତ ସୈନ୍ୟଙ୍କର ଆଗେ ॥
କେ ତାକୁ ଚହ୍ନି ନ ପାରିଲେ । ସମସ୍ତ ସୈନ୍ୟ ଲେଉଟିଲେ ॥
ତା ପୁର ଦେଖି ସେ ଯୁବତୀ । ଅତି ସନ୍ତାପ ମଥା ପୋତି ॥
ନୟନୁ ଅଶ୍ରୁ ଧାର ଗଳେ । କାନ୍ଦି ଗଡ଼ଇ ମହୀତଳେ ॥
ତା ନିଜ କୁଟୁମ୍ବ ସୁମରି । ବୋଲଇ ଦେବ ପ୍ରାଣ ହାରି ॥
ତାହା ଦେଖିଣ ସେ ପଠାଣ । ସେ ନାରୀ ଚରଣ ଧରିଣ ॥
ଅନେକ ବିନୟେ କହିଲା । କୋଳେ ବସାଇ ଚୁମ୍ବ ଦେଲା ॥
ଅନେକ ଅଳଙ୍କାରମାନ । ତା ଅଙ୍ଗେ କଲାକ ମଣ୍ଡନ ॥
ଝୀନ ବସନ ପିନ୍ଧାଇଲା । ନାନା କୁସୁମେ ବେଶ କଲା ॥
ସର୍ବାଙ୍ଗ ଗନ୍ଧସାର ବୋଳି । ତା ସଙ୍ଗେ କଲା କାମକେଳି ॥
ନାନା ବିନୋଦେ ମନ ମୋହି । କୁଟୁମ୍ବ ଦେଲା ପାଶୋରାଇ ॥
ଦଇବେ ଅବଳା ଶରୀର । ସଙ୍ଗହିଁ ସିନା ମୂଳ ତାର ॥
ତାଂଠାରୁ ରତିସୁଖ ପାଇ । ରହିଲା ପତ୍ନୀ ପ୍ରାୟ ହୋଇ ॥
ଏମନ୍ତେ କେତେ ଦିନ ଗଲା । ସେ ନାରୀ ପୁତ୍ର ପ୍ରସବିଲା ॥
ପୁତ୍ରକୁ ଦେଖି ଲାଲବେଗ । ତା ନାମ ଦେଲେ ସାଲବେଗ ॥
ମାତା ପିତାର ସ୍ନେହପାଇ । କ୍ଷୀରପାନରେ ସୁସ୍ଥ ହୋଇ ॥
ଦିନକୁ ଦିନ ବର୍ଦ୍ଧମାନ । ହୋଇଲା ସେ ନବ ନନ୍ଦନ ॥
ପାଳିଲେ ବିଧିମତ କରି । ଅନେକ ଅଳଙ୍କାର ଭରି ॥
ଏମନ୍ତେ କେତେକାଳ ଗଲା । ଯୁବା ଅବସ୍ଥା ଆସି ହେଲା ॥
ଶିଖିଲା କ୍ଷତ୍ରି ବୃତ୍ତି ଯେତେ । ଅଶ୍ୱାଦ ଚଢ଼ିବା ସହିତେ ॥
କାଣ୍ଡ ଖଣ୍ଡାରେ ବିଚକ୍ଷଣ । ଆଡ଼ ଉହାଡ଼ରେ ମାରଣ ॥
ଏମନ୍ତ ନାନା ବିଦ୍ୟାମାନ । ଶିଖି ସେ କରଇ ଗୁମାନ ॥
ପଠାଣ ବୀର୍ଯ୍ୟେ ଜାତ ହୋଇ । ସେଚ୍ଛା ସ୍ୱଭାବେ ଦିନ ନେଇ ॥

ଏମନ୍ତେ କେତେଦିନ ଗଲା । ତା ପିତା ଯୁଦ୍ଧେ ବାହାରିଲା ॥
ପିତାଙ୍କୁ ଘେନି ସାଲବେଗ । ସୈନ୍ୟ ସଙ୍ଗତେ ଗମେ ବେଗ ॥
ପ୍ରବେଶ ହେଲା ସେ ସ୍ଥାନରେ । ଆଗ ହୋଇ ସେ ଯୁଦ୍ଧକରେ ॥
ଯୁଦ୍ଧରେ ଶସ୍ତ୍ରାଘାତ ପାଇ । ଢଳି ପଡ଼ିଲା ରଣଭୂଇଁ ॥
ସତତ ଖଣ୍ଡା ଘାତ ହେଲା । ରୁଧିର ଧାର ବହିଗଲା ॥
ପଡ଼ିଲା ମୂର୍ଚ୍ଛାଗତ ହୋଇ । ଦେଖି ସଙ୍ଗରେ ଲୋକେ ଧାଇଁ ॥
ସାଲବେଗଙ୍କୁ ବହି ନେଲେ । ତା ନିଜପୁରେ ପ୍ରବେଶିଲେ ॥
ଦେଖି ତାହାର ଗର୍ଭଧାରୀ । ଗୁଣି ବାହୁନି ଶୋକ କରି ॥
ପିତା ତା ହୋଇ ଅତି କ୍ରୋଧୀ । ଅନେକ କଲା ମନ୍ତ୍ରଔଷଧି ॥
କେବେହେଁ କୁଶଳ ନୋହିଲା । ଏମନ୍ତେ କେତେଦିନ ଗଲା ॥
ଅତି ଆରତେ ସାଲବେଗ । କହିଲା ଜନନୀର ଆଗ ॥
ହେ ମାତ ଶୁଣ ମୋ ବଚନ । ଏଥର ଗଲା ମୋ ଜୀବନ ॥
ମରିବି ଅସ୍ତ୍ରାଘାତ ହୋଇ । ଏ କଷ୍ଟ ନ ପାରିବି ସହି ॥
ଗୁଡ଼ି ମୋହର ପ୍ରତି ଆଶା । ଆଜୁଁ ସରିଲା ମୋ ଭରସା ॥
ତୋର କି ବୁଦ୍ଧି ଥିଲେ କହ । ନୋହିଲେ ପାଶୋରିଣି ରହ ॥
ଶୁଣି ଜନନୀ ଶୋକଭରେ । କହିଲା ପୁତ୍ରର ଆଗରେ ॥
ମୋହର କଥା ଶୁଣ ବାବୁ । ତୋହର ଥିଲେ ମୋର ସବୁ ॥
ତୋ ବିନା ହୋଇବି ଅନାଥ । ସ୍ୱରୂପ କହିଲିରେ ସୁତ ॥
ମୋତେ ତୁ ପଚ୍ଛିଲୁ ଯାହା । ଶୁଣ କହିବି ତୋତେ ତାହା ॥
ପଠାଣ ଅଟେ ତୋର ତାତ । ମୁହିଁ ବ୍ରାହ୍ମଣୀ ତୋର ମାତ ॥
ତୁ କାହୁଁ ମୋ ବୋଲ କରିବୁ । ସ୍ୱରୂପ-ଶୁଣ ଆରେ ବାବୁ ॥
ଏମନ୍ତ ଶୁଣି ସାଲବେଗ । କହିଲା ଜନନୀର ଆଗ ॥
ହେ ମାତ କହିଲୁ ଯା ମୋତେ । ଶୁଣି ସଂଶୟ ମୋର ଚିତ୍ତେ ॥
ସେ ଯେ ପଠାଣ ତୁ ବ୍ରାହ୍ମଣୀ । କିରୂପେ ତୁ ତାର ଘରଣୀ ॥
ଏମନ୍ତ ଶୁଣି ତାର ମାତ । ବୋଇଲେ ଶୁଣିସିରେ ସୁତ ॥
ଗ୍ରାମମାନଙ୍କେ ଯେ ଉତ୍ତମ । ଦାଣ୍ଡ ମୁକୁନ୍ଦପୁର ନାମ ॥

ହେସ୍ତି ଗ୍ରାମରେ ମୋର ଘର । ନ ଥିଲେ ମୋ ଶାଶୁ ଶ୍ୱଶୁର ॥
ତୋ ବାପ ଯୁଦ୍ଧେ ଯାଇଥିଲେ । ସଙ୍ଗେ ବହୁତ ସୈନ୍ୟ ଥିଲେ ॥
ବାହୁଡି ଆସିବାର ବେଳେ । ସେ ଦିନ ଦଇବର ବଳେ ॥
ମୁଁ ଯାଇଥିଲି ସ୍ନାନ କରି । ତହୁଁ ଆଣିଲ ମୋତେ ଧରି ॥
ଏ କଥା ଶୁଣି ସାଲବେଗ । କହିଲ ଜନନୀର ଆଗ ॥
ହେ ମାତ ଶୁଣ ମୋର ବାଣୀ । ତୁ ମୋର ଚିତ୍ତର କାରିଣୀ ॥
ତୋ ଇଚ୍ଛା ଯାହା ତାହା କର । ତୋ କଥା ସିନା ଇଷ୍ଟ ମୋର ॥
ଏଥିକି ବୁଦ୍ଧି କିସ କହ । କେମନ୍ତେ ରହିବ ମୋ ଦେହ ॥
ଏମନ୍ତ ଶୁଣି ତା ବଚନ । ବୋଲଇ ଶୁଣରେ ନନ୍ଦନ ॥
ମୋ କଥା ଶୁଣସିରେ ବାପ । ଏ ଯେ ତୋହର ନିଜ ବାଞ୍ଛ ॥
ତୋତେ ପାସୋରି ସବୁକାଳେ । ତା ନିଜ ସୁତ ଦାରି ମେଳେ ॥
ରହିଲ ଅଚିନ୍ତା ହୋଇଣ । ମୁଁ ସିନା ହେଲି ଅକାରଣ ॥
ମୋ ଯୁବା ବୟସ ସରିଲ । ତେଣୁ ସେ ମୋତେ ପାସୋରିଲ ॥
ତୁ ହାଦେ ଦାସୀପୁତ୍ର ସିନା । ତାକୁ କି ଲାଗେ ତୋ ବେଦନା ॥
ତୁ ଅଟୁ ମୋ ଜୀବନଧନ । ତୋ ବିନା ମୋର ସର୍ବଶୂନ୍ୟ ॥
ତୁହି ମୋ ଅନ୍ଧର ଲଉଡ଼ି । ତୁ ସିନା ମୋ ଧନ କଉଡ଼ି ॥
ତୁହି ମୋ କଣ୍ଠ ରତ୍ନମାଳା । ତୁହି ମୋ ନୟନ ପିତୁଳା ॥
ସ୍ୱରୂପ କହସିରେ ବାବୁ । ସତେ କି ମୋର ବୋଲ କରିବୁ ॥
ସତ୍ୟ ତୁ କର ମୋର ଆଗ । ତା ଶୁଣି ବୋଲେ ସାଲବେଗ ॥
ହେ ମାତ ଲକ୍ଷେବାର ସତ୍ୟ । ତୋ ବୋଲ କରିବି ନିଶ୍ଚିତ ॥
ତୁ ମୋତେ କହିବୁଟି ଯାହା । ମୋ ଶିର ଫୁଲଚେଶ୍ରୀ ତାହା ॥
ଏଥିକୁ ସନ୍ଦେହ ନ କର । ବେଗେ ତୁ କର ସୁବିଚର ॥
ମାତା ବୋଲଇ ପୁତ୍ର ଶୁଣ । ତୋ ମନେ ବିଶ୍ୱାସ କରିଣ ॥
ଶ୍ରୀବୃନ୍ଦାବନ ଚନ୍ଦ୍ର ଭଜ । ସେ ଯେ ଅଶେଷ ଦେବରାଜ ॥
ଅଶେଷ ଔଷଧିର ଘର । ଭଜିଲେ ନିସ୍ତେ ହେବୁ ପାର ॥
ଏମନ୍ତ ଶୁଣିଣ ନନ୍ଦନ । ବୋଇଲ ଆଗୋ ମାତା ଶୁଣ ॥

ତୁ ଯାହା କହିଲୁଟି ମୋତେ । ତାହା ମୁଁ ଜାଣିବି କେମନ୍ତେ ॥
କେବଣ ସ୍ଥାନେ ତାଙ୍କ ଘର । କେ ତାଙ୍କ ଜନନୀ ପିଅର ॥
କେବଣ ଦେଶର ସେ ନୃପ । କେମନ୍ତ ଅଟଇ ସ୍ୱରୂପ ॥
ମୁଁ ତାଙ୍କୁ ଭଜିବି କେମନ୍ତେ । ବୁଝାଇ କହ ମାତ ମୋତେ ॥
ଶୁଣି ଜନନୀ ମନେ ହସି । ବୋଇଲେ ଶୁଣ ବାଳଶିଶି ॥
ନନ୍ଦରାଜ ଯେ ତାଙ୍କ ତାତ । ଯଶୋଦା ଦେବୀ ତାଙ୍କ ମାତ ॥
ଗୋପ ନଗରେ ତାଙ୍କ ଘର । ଅଶେଷ ପରଜା ତାଙ୍କର ॥
ରାଧିକା ନାମେ ତାଙ୍କ ନାରୀ । ସେ ଦୁହେଁ କିଶୋର କିଶୋରୀ ॥
ସେ ଗୋପ ବୃନ୍ଦାବନ ଭୂପ । କହିବି ଶୁଣ ତାଙ୍କ ରୂପ ॥
ନବୀନ ଶ୍ୟାମଘନ ମୂର୍ତ୍ତି । ଦଳିତାଞ୍ଜନ ଜିଣି କାନ୍ତି ॥
ସୁବୃତ୍ତ ଇନ୍ଦ୍ର ନୀଳମଣି । ତାଙ୍କ ରୂପକୁ ନୋହେ ଜିଣି ॥
ମର୍କତ କେଶ ଛବି ତାର । ନାନା କୁସୁମେ ଶୋଭାକର ॥
ଶିରେ ଶିଖଣ୍ଡ ଚୂଳ ଶୋହେ । ଭକତଜନ ମନ ମୋହେ ॥
ମସ୍ତକେ ଅମୂଲ୍ୟ ମୁକୁଟ । ଅଷ୍ଟରତନ ଝଟ ଝଟ ॥
ଲଲାଟେ ଗୋରଚନା ଚିତା । ଯାହା ଭାବନ୍ତ ଊର୍ଦ୍ଧ୍ୱ ରେଖା ॥
ଶ୍ରବଣେ ମକର କୁଣ୍ଡଳ । ନିନ୍ଦଇ ତପନ ମଣ୍ଡଳ ॥
ସୁନେତ୍ର ଶ୍ୱେତପଦ୍ମ ଜିତା । ଦେଖି ଧଇର୍ଯ୍ୟ ହରେ ଧାତା ॥
ଭ୍ରୂଲତା କାମ ଶରାସନ । ଦେଖିଲେ ହରେ ପ୍ରାଣୀମନ ॥
ସୁନାସାପୁଟ କି ସୁନ୍ଦର । କୋଟିଏ କନ୍ଦର୍ପ କି ଛାର ॥
ଦ୍ୱିରଦ ମୋତି ନାସାପୁଟେ । ଗୁଞ୍ଜରିପାଟି ଭାଲପଟେ ॥
କୁନ୍ଦ କୋରକ ଶୋଭା ଜିଣି । ହୀରକ ପ୍ରାୟ ଦନ୍ତଶ୍ରେଣୀ ॥
ରଙ୍ଗ ଅଧରେ ମନ୍ଦ ହାସ । ଅଶେଷ ପୀୟୂଷର ବାସ ॥
ମୁଖାରବିନ୍ଦ ଶୋଭା ଯେତେ । କେ କହି ପାରିବ ଜଗତେ ॥
ଦେଖି ଶ୍ରୀମୁଖ ଶୋଭା ତାର । ଛପି ରହିବ ନିଶାକର ॥
ପଙ୍କଜ ବଦନ ମୁକୁର । ଜିଣି ଦଶଇ ଶୋଭାକର ॥
ଗୁରୁ ଚିବୁକ କମ୍ବୁଗ୍ରୀବ । ଦେଖି ମୋହିତ ସଦାଶିବ ॥

ତହିଁ ଲମ୍ବିତ ବନମାଳ । ସୁରତ୍ନହାର ବକ୍ଷସ୍ଥଳ ॥
ବଳିତ ସୁବାହୁ ଯୁଗଳ । ସୁନ୍ଦର ମଦନ ଗୋପାଳ ॥
ହୃଦରେ ଶ୍ରୀବତ୍ସର ଚିହ୍ନ । ସେ ଟି ପତିତ ଉଦ୍ଧାରଣ ॥
ଭୁଜେ ବିରାଜେ ଖାରବାନା । ସେହି ଆକାହି ବଜ୍ରସେହ୍ନା ॥
ଶ୍ରୀକର ଯୁଗଳେ କଙ୍କଣ । ନାନା ରତନେ ସୁଘଟନ ॥
ରତ୍ନ ମୁଦ୍ରିକା କରାଙ୍ଗୁଳି । ସେ ଅଘ ତିମିର ବିଜୁଳି ॥
କରଜ କାନ୍ତି ପୂର୍ଣ୍ଣଶଶୀ । ସାଧୁ କୁମୁଦବନ ତୋଷି ॥
ଚିନ୍ତି ନ ପାରେ ବେଦବ୍ରହ୍ମା । କେ କହୁ ମୁଖେ ତା ମହିମା ॥
କମଳ ବଜ୍ରାଙ୍କୁଶ ମାନ । ବିରାଜେ ଅଷ୍ଟାଦଶ ଚିହ୍ନ ॥
କମଳା ଦେବୀଙ୍କ ବିଳାସ । ଯହିଁ ଚରଣ ଚତୁର୍ଦ୍ଦଶ ॥
ଅଶେଷ ବ୍ରହ୍ମାଣ୍ଡ ମଣ୍ଡଳ । ଯେବଣ ପାଦପଦ୍ମେ ଲୁଳ ॥
ସିଦ୍ଧ ଯୋଗୀନ୍ଦ୍ର ମୁନିଗଣେ । ନିତ୍ୟେ ଚିନ୍ତନ୍ତି ଯେ ଚରଣେ ॥
ସେ ପାଦେ ଆଶ୍ରେ ଥିବ ଯାର । ସଂସାରେ ଭୟ ନାହିଁ ତାର ॥
ତ୍ରିଭଙ୍ଗ ରୂପ ବଂଶୀଧର । ଭଙ୍ଗିମା ଗୃହାଣୀ ସୁନ୍ଦର ॥
ଏମନ୍ତ ସ୍ୱରୂପ ଅଟଇ । ଯହିଁ ଚିନ୍ତିବ ତହିଁ ଥାଇ ॥
ତୁ ବାବୁ ଏହି ରୂପ ଚିନ୍ତ । ମନରୁ ଛାଡ଼ି ଭୟଭ୍ରାନ୍ତ ॥
ଅନେକ ଦେବେ ଶେଷେ ଶିବେ । ଯା ରୂପ ଚିନ୍ତି ନ ପାରିବେ ॥
ମୋ ଛାର କେତେକ ମାତର । କହିବି ରୂପ ଗୁଣ ତାର ॥
ମୋହର ପିତା ମୁଖୁ ଯାହା । ଶୁଣିଛି କହିଲି ମୁଁ ତାହା ॥
ଏମନ୍ତ ଶୁଣି ତାର ସୁତ । ବୋଇଲା ଶୁଣସି ଗୋ ମାତ ॥
ଏମନ୍ତ ସ୍ୱରୂପକୁ ଭାବି । କହ ମୁଁ କେମନ୍ତେ ବଞ୍ଚିବି ॥
ମାତା ବୋଲଇ ରେ ତନୁଜ । ବିଶ୍ୱାସ ସିନା ମୂଳ ବୀଜ ॥
ଦୃଢ଼େ ତୁ ଯେବେ ତା ଭଜିବୁ । ଦ୍ୱାଦଶ ଦିନେ ଭଲ ହେବୁ ॥
ପୁତ୍ର ବୋଇଲା ହେଉ ହେଉ । ଏ କଥା ତୋର ମନେଥାଉ ॥
ଏବେ ମୁଁ ଭଜୁଅଛି ହରି । କଣ୍ଠ ବଳିଲେ ଦୁହେଁ ମରି ॥
ଏମନ୍ତ କହି ସେ ନନ୍ଦନ । କୃଷ୍ଣ ଭଜନେ ଦେଲା ମନ ॥

କୃଷ୍ଣ ସ୍ୱରୂପ ଚିନ୍ତ ହୃଦେ । ମନ ନିବେଶି ପଦ୍ମପାଦେ ॥
କର ଯୁଗଳ ଶିରେ ଦେଇ । ନୟନେ କୃଷ୍ଣରୂପ ଥୋଇ ॥
କୃଷ୍ଣ କଥାରେ କର୍ଣ୍ଣଡେରି । ବଦନେ କୃଷ୍ଣନାମ ଧରି ॥
ସକଳ ଇନ୍ଦ୍ରିୟ ନିବାରି । କୃଷ୍ଣ ଭଜନ ହୃଦେ କରି ॥
ଛାଡ଼ିଲା ଦେହ ବୁଦ୍ଧି ତାର । ମଦ ମତ୍ସର ଯେ ବିକାର ॥
ଆନନ୍ଦ ସାଗରେ ବୁଡ଼ିଲା । କୃଷ୍ଣ ସ୍ୱରୂପକୁ ଚିନ୍ତିଲା ॥
ଯହିଁ ଯେମନ୍ତ ଅଳଙ୍କାର । ଖଞ୍ଜିଲା ମନେ ମନେ ତାର ॥
ଶ୍ରୀକୃଷ୍ଣ ସେବାମାନ ଯେତେ । କରି ଲାଗିଲା ତା'ର ହସ୍ତେ ॥
ଶ୍ରୀକୃଷ୍ଣ ବୃନ୍ଦାବନ ଲୀଳା । ଭାବ ଭାବରେ ହେଲା ଭୋଳା ॥
ଶ୍ରୀକୃଷ୍ଣ ବ୍ରଜଦେବଙ୍କର । ଯେ ସ୍ଥାନେ ଯେମନ୍ତେ ବିହାର ॥
ଏ ସର୍ବ ମନେକରି ଲୟେ । ବେନି ନୟନୁ ଅଶ୍ରୁ ବହେ ॥
ରୋମ ପୁଲକ ହେଲା କାୟ । କଦମ୍ବ କୁସୁମ ପରାୟ ॥
ଶ୍ରୀକୃଷ୍ଣ ପାଦେ ଦେହ ମତି । ମନେ ଅନେକ କଲା ସ୍ତୁତି ॥
ଜୟ ତୁ ବୃନ୍ଦାବନ ଚନ୍ଦ୍ର । ଜୟ ମୁକୁନ୍ଦ ଆନନ୍ଦକନ୍ଦ ॥
ଜୟ ଯାମଳାର୍ଜ୍ଜୁନ ଭଞ୍ଜା । ତୃଣ ଶକଟା ଗର୍ବଗଞ୍ଜା ॥
ଜୟ ତୁ ଧେନୁ ବିନାଶନ । ଗୋକୁଳ ଶିଶୁ ବରଧନ ॥
ଜୟ ତୁ ବକା ଅଘହରି । ଅଘା ପ୍ରଳମ୍ବା ପ୍ରାଣହରି ॥
ବତ୍ସା ପାଳନ ଦୈତ୍ୟକୁଳ । ଦହନେ ତୁ ପ୍ରଭୁ ଅନଳ ॥
ଦୁଷ୍ଟ ନିବାରି ସନ୍ଥ ପାଳୁ । ତୁ ନାଥ ପରମ ଦୟାଳୁ ॥
କାଳିନ୍ଦୀ କଲ୍ଲୋଳ ବିହାରି । କାଳୀ ମଉଳ ଚଇକାରି ॥
କଦମ୍ବ ତରୁମୂଳବାସୀ । ରଙ୍ଗେ ମୁରଲୀ ତାନ ଘୋଷି ॥
ଶିରେ ମଣ୍ଡିତ ଗୁଞ୍ଜମାଳ । ମଉଳ ଖଞ୍ଜା ଜାମୁଡାଳୀ ॥
ଶ୍ରବଣେ ରଙ୍ଗଫୁଲ କାପ । ଶୋଭଇ ଯେହ୍ନେ ଇନ୍ଦ୍ରଚାପ ॥
ଅଙ୍ଗେ ଶୋଭିତ ଗୋରୁଧୂଳି । ନାଟୁଆ କୁଳର ମଉଳି ॥
ଆବରି ନାରୀ ଚିତ୍ତଚୋର । ବ୍ରଜ କାମିନୀ ବସ୍ତ୍ରହର ॥
କୁଟିଳ ଜନଙ୍କୁ କପଟୀ । ଭାବୁକ ଭାବରେ ଲମ୍ପଟୀ ॥

ଏ ରୂପେ ନାନା ସ୍ତୁତି ଭଣି । ମାତାଙ୍କୁ ବୋଲେ ପୁତ୍ରମଣି ॥
ତୁ ଯାହା ବୋଇଲୁ ଗୋ ମାତ । ଭଲ ତ ନୋହିଲା ମୋ ଗାତ୍ର ॥
କଣ୍ଠ ତ ଆସି ପୂର୍ଣ୍ଣ ହେଲା । ଅଧିକେ ବେଦନା ବଢ଼ିଲା ॥
ନିଶ୍ଚୟ ହେବ ମୋ ମରଣ । ରହଇ ନାହିଁ ମୋର ପ୍ରାଣ ॥
ମାତା ବୋଲଇ ଆରେ ସୁତ । ସେ ହରି ମହିମା ଏମନ୍ତ ॥
ଅନେକ କଷ୍ଟ ଭୁଲକର । ଦୟା କରନ୍ତି ନରହରି ॥
ଏମନ୍ତ କହି ତାର ମାତା । ମନେ ଚିନ୍ତଇ ଜଗତ୍ପିତା ॥
ତୋ ମନେ ସଂଶୟ ନ କର । ବିଶ୍ୱାସେ ଭଜ ବଂଶୀଧର ॥
ଏମନ୍ତ ବୋଲି ଚିନ୍ତାଭରେ । ଦୁହେଁ ଶୋଇଲେ ଏକାଘରେ ॥
ଚିତ୍ତ ନିବେଶି ପଦ୍ମପାଦେ । ବୋଲଇ ମନର ବିଷାଦେ ॥
ହେ ଆର୍ତ୍ତତ୍ରାଣ ଦୀନବନ୍ଧୁ । ଭକ୍ତବତ୍ସଳ କୃପାସିନ୍ଧୁ ॥
ମୋ ଆର୍ତ୍ତି ଖଣ୍ଡ ଦେବରାଜ । ବିଳମ୍ବେ ନାହିଁ ଆଉ କାର୍ଯ୍ୟ ॥
ନଷ୍ଟେ ମରିବୁ ମାଏ ପୋଏ । ହତ୍ୟା ହୋଇବୁ ତୁମ୍ଭ ପାଏ ॥
ଏମନ୍ତ ଦ୍ୱାଦଶ ଦିବସ । ଆସି ହୋଇଲା ଯହୁଁ ଶେଷ ॥
ମରିବା କଥା କଲେ ମୂଳ । ତାହା ଜାଣିଲେ ଆଦ୍ୟମୂଳ ॥
ତେଜିଲେ ବେଗେ ବୃନ୍ଦାବନ । ନିଦ୍ରାରେ ମୋହି ତାଙ୍କ ମନ ॥
ବାଳମୁକୁନ୍ଦ ରୂପ ହୋଇ । ବିଜୟ କଲେ ଶ୍ରୀବତ୍ସାଙ୍କୀ ॥
ହୋଇଣ ଅତ୍ୟନ୍ତ ଉଦ୍‌ବେଗ । ଯହିଁ ଶୋଇଛନ୍ତି ସାଲବେଗ ॥
ତାହାର ଶୀର୍ଷସ୍ଥାନେ ବସି । କହିଲେ ମନ୍ଦେ ମନ୍ଦେ ହସି ॥
ବେଗେ ତୁ ଉଠରେ କୁମର । ଛାଡ଼ି ସକଳ ଚିନ୍ତା ତୋର ॥
ଧର ଏ ବିଭୂତି ମୁଠାଏ । ଲଗାଇଁ ଦିଅ ତୋର ଘାଏ ॥
ସମସ୍ତ ହୋଇବ କୁଶଳ । ଆଜୁ ମୋ ନାମ କର ମୂଳ ॥
ତା ଶୁଣି ଅତି ତୋଷ ହୋଇ । ବିଭୂତି ତାଙ୍କ ହସ୍ତୁ ନେଇ ॥
ସର୍ବାଙ୍ଗଯାକ ଦେଲା ବୋଳି । ଅର୍ଦ୍ଧେକ ଧେନଲା ମଉଳି ॥
ପ୍ରଭୁଙ୍କୁ କଲା ଦରଶନ । ହରି ହୋଇଲେ ଅନ୍ତର୍ଦ୍ଧାନ ॥
ଦେହରେ ଦେହ ବୁଦ୍ଧି ନାହିଁ । ପୁଣି ସେ ପଡ଼ିଲାକ ଶୋଇ ॥

ରଜନୀ ପ୍ରଭାତରୁ ଉଠି । ନିଜ ଦେହକୁ ଦେଲ ଦୃଷ୍ଟି ॥
ଦେହେ ତା ଘାଆ ନାହିଁ କିଛି, । କେବଳ ଚିହ୍ନମାନ ଅଛି ॥
ଦେଖି ସେ ପରମ ଆନନ୍ଦ । ଚିତ୍ତେ ଚିନ୍ତଇ ବ୍ରଜାନନ୍ଦ ॥
ମାତାଙ୍କୁ ବୋଇଲ ଲୋ ଶୁଣ । ତୋ କଥା ହୋଇଲା ପ୍ରମାଣ ॥
ଶୁଣି ଜନନୀ ବେଗେ ଉଠି । ପୁତ୍ର ଦେହକୁ ଦେଲ ଦୃଷ୍ଟି ॥
ଦେଖିଲ ଶୁଭ କଥା ସବୁ । ବୋଲଇ ଦେଖିଲୁରେ ବାବୁ ॥
ସେ ହରି ମହିମା ସାଗର । ଅବାଞ୍ଛ ଭଞ୍ଜନ ଠାକୁର ॥
ପୁତ୍ର ବୋଇଲା ସତ୍ୟ ଏହି । ପବିତ୍ର କଲୁ ମୋର ଦେହୀ ॥
ମୁହିଁ ସନ୍ନ୍ୟାସୀ ହୋଇବଇଁ । ସଂସାର ସୁଖ ତେଜିବଇଁ ॥
ଏମନ୍ତ କହି ବସ୍ତ୍ର ଚିରି । ଡୋର କୌପୀନ ଆଶ୍ରେକରି ॥
ମାତାଙ୍କୁ ଦଣ୍ଡବତ କଲ । ଶୁଣ ଗୋ ଜନନୀ ବୋଇଲ ॥
ଏମନ୍ତ ପ୍ରଭୁ ଥାଉଁ ଥାଉଁ । ଯେ ଅନ୍ୟ ଆଶ୍ରେ କରେ ଆଉ ॥
ଧିକ ବୋଲିବା ତା ଜୀବନ । ଏ ଦେହେ କିସ ପ୍ରୟୋଜନ ॥
କେବଳ ଭଜୁଥାଅ ହରି । ତୋ ମନେ ସନ୍ଦେହ ନ କରି ॥
ଏମନ୍ତ କହି ଅନୁକୂଳ । କରି ଚଳିଲ ନୀଳାଚଳ ॥
ପ୍ରବେଶ ହେଲ କ୍ଷେତ୍ରବରେ । ସାଧୁ ବୈଷ୍ଣବଙ୍କ ସଙ୍ଗରେ ॥
କେତେହେଁ ଦିନ ତହିଁ ରହି । ପ୍ରତିମାମାନଙ୍କୁ ଦେଖଇ ॥
ଶ୍ରୀ ଜଗନ୍ନାଥଙ୍କ ଦର୍ଶନ । କରଣ ଚଳିଲ ଦକ୍ଷିଣ ॥
କାହିଁ କେମନ୍ତେ କଲ ଅବା । ତାହା ଜାଣନ୍ତି ସୁରଦେବା ॥
ଶୁଣ ହେ ମନ ନୃପନାଥ । ଏ ସାଲବେଗର ଚରିତ ॥
ଜୀବନ୍ତେ ଶ୍ରୀ ନନ୍ଦକହ୍ନାଇ । ଦେଖିଲ ଚର୍ମନେତ୍ରେ ଚାହିଁ ॥
ତା ଗତି ମୁକ୍ତି ଯେବା ହେଉ । ତାହା ଜାଣିବେ ମହାବାହୁ ॥
ଏ ଦାର୍ଢ୍ୟଭକ୍ତି ରସାମୃତ । ସୁଜନେ ଏଥେଁ ଦିଅ ଚିତ୍ତ ॥
ପଢ଼ି ଶୁଣନ୍ତେ ମୋକ୍ଷ ଗତି । ଯମ ଦଣ୍ଡକୁ ନାହିଁ ଭୀତି ॥
ସକଳ କର୍ମ ସିଦ୍ଧ ହେବ । କେବଳ ବିଶ୍ୱାସ ଯା ଥିବ ॥
କହଇ ବିପ୍ର ରାମଚନ୍ଦ୍ର । ମୋ ପ୍ରଭୁ ବୃନ୍ଦାବନ ଚନ୍ଦ୍ର ॥

ସାଧୁଜନଙ୍କ ପାଦଧୂଳ । ମଣ୍ଡନ ହେଉ ମୋ ମଉଳ ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତି ରସାମୃତେ ମନଚୈତନ୍ୟ ସମ୍ବାଦେ
ସାଲବେଗ ଦାର୍ଢ୍ୟଭାବ ବର୍ଣ୍ଣନେ ନାମ
ସପ୍ତବିଂଶୋଽଧ୍ୟାୟଃ ।

—*—

## ଅଷ୍ଟାବିଂଶ ଅଧ୍ୟାୟ
## ଦାସିଆ ବାଉରୀ ସମ୍ବାଦ

ଚୈତନ୍ୟ ଉବାଚ

ଶୁଣ ସୁମନ ମହାରଥା । କହଇ ବିଷ୍ଣୁ ଭକ୍ତ କଥା ॥
କ୍ଷେତ୍ରକୁ ଗୁଡ଼ି ବେନକୋଶ । ବାଲି ଗ୍ରାମରେ ତାର ବାସ ॥
ଜାତିରେ ଅଟଇ ଖନ୍ଦାଳ । ନ ଜାଣେ ପାପ ପୁଣ୍ୟ ଫଳ ॥
ନାମ ତା ଦାସିଆ ବାଉରୀ । ଶବର ଜାତି ଭୁଲେ ସରି ॥
ନାହିଁ ତା ପୁତ୍ର ପୁତ୍ରୀ ଧନ । ଅତି ଦରିଦ୍ର ତା ଜୀବନ ॥
ପତ୍ନୀ ସହିତ ବେନପ୍ରାଣୀ । ଦିନ ବଞ୍ଚନ୍ତି ଲୁଗା ବୁଣି ॥
ସେ ଗ୍ରାମେ ବିପ୍ରଙ୍କର ଘରେ । ବ୍ରତ ଉତ୍ସବମାନଙ୍କରେ ॥
ନାମ ଗାୟନ ଯେବେ ହୋଇ । ତେବେ ଶୁଣଇ ସୁଖପାଇ ॥
ନ ଜାଣେ ଭାବ ଅର୍ଥ କିଛି । ଶୁଣିବା କଥା ତାର ଅଛି ॥
ଏମନ୍ତେ ଗଲା କେତେ ଦିନ । ତା ଦେହେ ଉପୁଜିଲା ଜ୍ଞାନ ॥
ହୋଇଲା ଗୁରୁମନ୍ତ୍ର ଧାରୀ । ମାଳା ତିଳକ ନିତ୍ୟେ କରି ॥
ବସେ ସୁଜନଜନ ପାଶେ । ଅତ୍ୟନ୍ତ ମନର ହରଷେ ॥
ନିତ୍ୟ ଶୁଣଇ ହରିଗାଥା । ବୁଝଇ ପାପ ପୁଣ୍ୟ କଥା ॥
ଯେତେବେଳରେ ଯାହା ମିଳେ । ତାହା ଭୁଞ୍ଜଇ ସୁଖ ହେଲେ ॥
ଯେବେ ସେ ଦୁଃଖ ସୁଖ ପାଇ । ସମସ୍ତ ସମାନ ମଣଇ ॥
ଚିନ୍ତା ନ ଥାଇ ମନେ ତାର । ବୋଲଇ ଧନ୍ୟ ଏ ମୋହର ॥
ବିଧାତା ମୋତେ ଏହା କଲା । ନୀଚ ଜାତିରେ ଜନ୍ମ ଦେଲା ॥
କାହୁଁ ପାଇବି ହରିଭକ୍ତି । ଜୀବନ ନୋହିବ ମୋ ମୁକ୍ତି ॥

ଏମନ୍ତ ବିଚାରେ ସେ ଚାଉ । ହୋଇଲା ଶ୍ରୀଗୁଣ୍ଡିଚା ଯାତ ॥
ସକଳ ଦେଶୁ ଲୋକମାନେ । ଆସନ୍ତି ପ୍ରଭୁ ଦରଶନେ ॥
ସ୍ତ୍ରୀ ଯେ ପୁରୁଷ ଯୁବା ନାରୀ । ବୃଦ୍ଧ ବାଳକ ଆଦିକରି ॥
ପଥରେ କରନ୍ତେ ଗମନ । ବିପ୍ରର କଲା ତାର ମନ ॥
ବାରେ ମୁଁ ଯାତ୍ରାଦେଖି ଯିବି । ପ୍ରଭୁଙ୍କୁ ଦର୍ଶନ କରିବି ॥
କେମନ୍ତ ରୂପ ଭଗବାନ । ଦେଖିବି ଏ ଚର୍ମ ନୟନ ॥
ଏମନ୍ତ ବିପ୍ରର ତା ଚିତ୍ତେ । ଗମିଲା ଲୋକଙ୍କ ସଙ୍ଗତେ ॥
ପ୍ରବେଶ ହେଲା କ୍ଷେତ୍ରବରେ । ଶ୍ରୀ ନନ୍ଦିଘୋଷ ପାରୁଶରେ ॥
ରଥେ ଦେଖିଲା ଜଗନ୍ନାଥ । ମଥାରେ ଦେଲା ବେନି ହସ୍ତ ॥
କଳା ଶ୍ରୀମୁଖକୁ ଅନାଇ । ବେନି ନୟନୁ ଧାର ବହି ॥
ରଙ୍ଗ ଅଧର କଳା ଡୋଳା । ଦେଖି ଭାବରେ ହେଲା ଭୋଳା ॥
ଗୁହାରିଲା ପ୍ରଭୁ ଚତୁର୍ଭୁଜ । ବୋଲଇ ନମୋ ଦେବରାଜ ॥
ମୁଁ ମହାପାପୀ ଏ ଜଗତେ । ଉଦ୍ଧର ମୋତେ ଜଗନ୍ନାଥେ ॥
ନ କର ମୋ ବିଷୟେ ହେଳା । ମୋ ହୃଦେ ଜ୍ଞାନଦୀପ ଜାଳ ॥
ତୁମ୍ଭେ ଯେ ପତିତ ପାବନ । ମୋତେ ଉଦ୍ଧର ଭଗବାନ ॥
ଏମନ୍ତ ବୋଲି ହେଲା ଭୋଳା । ସାଷ୍ଟାଙ୍ଗେ ଦଣ୍ଡବତ କଲା ॥
ଉଠି ମଥାରେ କର ଦେଇ । କହିଲା ବହୁତ ବିନୟୀ ॥
ବୋଇଲା ତୁମ୍ଭେ ମାତ୍ର ସତ୍ୟ । ମିଥ୍ୟା ଏ କେବଳ ଜଗତ ॥
ଏବେ ତୁ ସତ୍ୟ ଆଉଁ ମୂଳ । ଏ କଥା ଭାବଇ କେବଳ ॥
ଏମନ୍ତ କହି ରୂପ ଗୁଣି । ଗୃହମୁଖୁ ହୋଇଲା ମେଲାଣି ॥
ଯାଇ ତା ମନ୍ଦିରେ ପ୍ରବେଶ । ପତ୍ନୀ ବୋଲଇ ଭୁଞ୍ଜି ବସ ॥
ଶୁଣି ଚରଣ ଧୋଇ ବସି । ପତ୍ନୀ ତା ଭୋଜନ ପରଶି ॥
ଉଆ ଗୁଡ଼ଳ ପେଜ ଜାଉ । ରନ୍ଧିବା ମାନଙ୍କେ ଓଳାଉ ॥
ନୂଆ ହାଣ୍ଡିରେ ରନ୍ଧିକରି । ରଖି ଯେ ଥିଲା ତାର ନାରୀ ॥
ହାଣ୍ଡିକି ସମାନ ହୋଇଛି । ଉଣା ଅଧିକ ନାହିଁ କଛି ॥
ଉପରେ ପଡ଼ିଅଛି ଶର । ଶାଗ ମେଞ୍ଚାଏ ତା ଉପର ॥

ରଖନ୍ତେ ପଡ଼ିଲା ଲହସି । ଅଳପ ଶେଷ ମାନ ଦଶି ॥
ରଖିଲା ସ୍ୱାମୀ ଆଗେ ନେଇ । ସ୍ୱାମୀ ତା ଦେଲକ ଅନାଇ ॥
ସୁରଙ୍ଗ ଦଶେ ହାଣ୍ଡିଧାର । ମଧ୍ୟେ ଧବଳ ପେଜ ସାର ॥
ତା ମଧ୍ୟେ ଶାଗ ଦଶେ କଳା । ବୋଲେ ଏ ଶ୍ୱେତପଦ୍ମ ଡୋଳା ॥
ଏହା ମୁଁ ଖାଇବ କେମନ୍ତେ । ବୋଲି ଭାବନା କରି ଚିତ୍ତେ ॥
ଦେହ ହୋଇଲା କମ୍ପମାନ । ବଦନୁ ନ ସ୍ଫୁରେ ବଚନ ॥
ନେତ୍ରଯୁଗଳୁ ଲୁହ ଗଳା । ଟାଙ୍କୋଶା ଗଲା ରୋମାବଳୀ ॥
ଉଠିଲା ବାଇ ପ୍ରାୟ ହୋଇ । କାହାକୁ ଅବା କସ କହି ॥
କରେ ବଜାଇ କରତାଳି । ରଙ୍ଗେ ନାଚଇ ଢଳ ଢଳି ॥
ତାଦେଖି ପତ୍ନୀ ଡକା ପାରି । ସେ ଗ୍ରାମଲୋକଙ୍କୁ ହକାରି ॥
ଧାଇଁ ଆଇଲେ ଜଣ କେତେ । କହିଲା ତାହାଙ୍କ ଅଗ୍ରତେ ॥
ସ୍ୱାମୀ ମୋ କ୍ଷେତେ ଯାଇଥିଲେ । ବାଦେ ସେ କସ କରିଦେଲେ ॥
ଦେଖ ସାକ୍ଷାତେ ହେଲା ବାଇ । କ ବୁଦ୍ଧି କରିବଇଁ ମୁହିଁ ॥
ତାହା ଶୁଣିଣ ଜନ ଧୀରେ । କହନ୍ତି ଦାସିଆ ଆଗରେ ॥
କହ ହୋ ତୁ କମ୍ପା ଏମନ୍ତ । ଡେଉଁଛୁ ନ ଖାଇଣ ଭାତ ॥
ତା ଶୁଣି ଦାସିଆ କହଇ । ଶୁଣ ହେ ସମସ୍ତ ଗୋସାଇଁ ॥
ହାଣ୍ଡି ସୁରଙ୍ଗ ପେଜ ଧଳା । ତା ମଧ୍ୟେ ଶାଗ ଦଶେ କଳା ॥
ସାକ୍ଷାତେ ପଦ୍ମଡୋଳା ଏହି । ଗୋଳ କରୂପେ ଖାଇବଇଁ ॥
ଏମନ୍ତ କହି ଭାବଭୋଳେ । ନୃତ୍ୟ କରଇ ଅବହେଳେ ॥
ଏହା ଶୁଣିଣ ସର୍ବଜନ । ବୋଇଲେ ଧନ୍ୟ ତୋ ଜୀବନ ॥
ଏ ଭାବ ଯାଇଲୁ ତୁ କାହିଁ । କୃପା କ କଲେ ଭାବଗ୍ରାହୀ ॥
ଆମ୍ଭେ ସମସ୍ତେ ହେଲୁ ତୋଷ । ତୋ ନାମ ବାଳଗ୍ରାମ ଦାସ ॥
ପତ୍ନୀକି ବୋଇଲେ ଲୋ ଶୁଣ । ସେ ହାଣ୍ଡି ଅଲଗା କରିଣ ॥
ଆଉ ହାଣ୍ଡିରେ ପେଜ ଭରି । ଶାଗକୁ ଦିଅ ଭିନ୍ନ କରି ॥
ସେ ଶୁଣି ସେହିପରି କଲା । ସ୍ୱାମୀ ଆଗରେ ନେଇ ଦେଲା ॥
ତା ଦେଖି ବାଳଗ୍ରାମ ଦାସ । ଖାଇ ସେ ହୋଇଲା ହରଷ ॥ ॥

ମୁଖ ପଖାଳି ଭାବ ଭୋଳେ । ଚିତ୍ତ ନିବେଶି ପଦ୍ମଡୋଳେ ॥
ସେ ଶବ୍ଦବିନା ଅନ୍ୟ ତାର । ପଶଇ ନାହିଁ କର୍ଣ୍ଣଦ୍ୱାର ॥
କେବଳ ଶ୍ୱେତପଦ୍ମଡୋଳା । ଭାବି ଭାବରେ ହେଲା ଭୋଳା ॥
ରାତ୍ରି ଦିବସ ସେ ନ ଜାଣି । ବିଷୟ ବିଷ ପ୍ରାୟ ମଣି ॥
ଅନ୍ନ ଭୋଜନ ଆଶା ନାହିଁ । ଯାଉ ବା ଥାଉ ନିଜ ଦେହି ॥
ସତ୍ୟ ବଚନ କଲା ସାର । ଯେ ମିଥ୍ୟା କହେ ଶତ୍ରୁ ତାର ॥
ଦୟା ବିନୟ ଶାନ୍ତ ଭାବ । ଚିନ୍ତଇ ମନେ ପଦ୍ମନାଭ ॥
ସକଳ ଇନ୍ଦ୍ରିୟ ନିବାରି । ଚିନ୍ତଇ ଶଙ୍ଖ ଚକ୍ରଧାରୀ ।
ସେ ଯେଉଁ ଶ୍ରୀମୁଖ ଲାବଣ୍ୟ । ନୟନ ବୁଜି କରେ ଧ୍ୟାନ ॥
ସେ ଯେଉଁ ନନ୍ଦଘୋଷ ରଥେ । ମନକୁ ଥୋଇଲା ନିରତେ ॥
ସେ ଯେଉଁ ଘଣ୍ଟ ବାଦ୍ୟ ସ୍ୱନ । ତହିଁକି ଡେରିଥାଇ କର୍ଣ୍ଣ ॥
ଅଭୟ ପାଦ ପଦ୍ମଗତେ । ମଉଳି ନିବେଶି ଲୁରିତେ ॥
ବନ୍ଦନେ ଏକା ଦାରୁ ହରି । ରହଇ ଦିବସ ଶର୍ବରୀ ॥
ବିଷୟ କର୍ମମାନ କରେ । ଚିତ୍ତ ନିବେଶି ହରିଠାରେ ॥
ଏମନ୍ତେ ଗଲା ଦିନା କେତେ । ତା ଭାବ ଜାଣି ଜଗନ୍ନାଥେ ॥
ଯେ ପ୍ରଭୁ ଭକତ ବତ୍ସଳ । ଭକତ ଭାବ ଯାର ମୂଳ ॥
ନାହିଁ ତା ଜାତି କ୍ରିୟା କର୍ମ । ନାହିଁ ତପସ୍ୟା ଦାନ ଧର୍ମ ॥
ନାନା ବ୍ରତାଦି ତୀର୍ଥ ଯେତେ । କିଛି ନ ରୁଚେ ତାର ଚିତ୍ତେ ॥
କିସ ହୋଇବ ଦାନ ପୁଣ୍ୟ । ଯେତେ ବା କଲେ ଦେବାର୍ଚ୍ଚନ ॥
ଏଣେ ପାଇବ ତାଙ୍କୁ · କାହିଁ । ଯହିଁ ଲୋଡ଼ିଲେ ତହିଁ ଥାଇ ॥
ଭାବରୁ ବନ୍ଧୁ ଭାବଗ୍ରାହୀ । ସକଳ ଜୀବେ ଦୟାବହି ॥
ମନରୁ ଛାଡ଼ି ସର୍ବ ଭୟ । ନିରତେ ଆନନ୍ଦ ହୃଦୟ ॥
କରିବ ହରିନାମ ମୂଳ । ମୂଳଟି ବିଶ୍ୱାସ କେବଳ ॥
ଦୃଢ଼େ ଚିନ୍ତଇ ତାଙ୍କୁ ଯେହି । ସେ ହରି ଥାଏ ତାର ତହିଁ ॥
ଏ କଥା ଅଛଇ ପ୍ରମାଣ । ଶୁଣ ହେ ମନ ନୃପରାଣ ॥
ସେ ଭକ୍ତ ସେହି ଭାବ ବନେ । କିଛି ନ ଜାଣେ ରାତ୍ରିଦିନେ ॥

ଏକଦିନେ ସେ ଶୟନରେ । ମନ ନବେଶି ଶ୍ରୀପଯ୍ରରେ ॥
ହୋଇଣ ଅତି ଶ୍ରଦ୍ଧାବନ୍ତ । ବିଚାରେ କଲା ତାର ଚିତ୍ତ ॥
କୃପା କି କରିବେ ଶ୍ରୀହରି । ଦେଖିବି ଶଙ୍ଖ ଚକ୍ରଧାରୀ ॥
ତା ମନ ଜାଣି ଭଗବାନ । ତେଜିଲେ ରତ୍ନ ସିଂହାସନ ॥
ବିଜୟ କଲେ ପୀତବାସ । ମିଳିଲେ ଭକତର ପାଶ ॥
ଦେଖିଲା ନୟନ ପୂରାଇ । ବୋଇଲା ନମୋ ଭବଗ୍ରାହୀ ॥
ରଥେ ମୁଁ ଦେଖିଥିଲି ଯାହା । ସାକ୍ଷାତେ ଦେଖିଲଇଁ ତାହା ॥
ବ୍ରହ୍ମା ଇନ୍ଦ୍ରାଦି ସୁରାସୁର । ଯକ୍ଷ ଗନ୍ଧର୍ବ ଯେ କିନ୍ନର ॥
ସିଦ୍ଧ ଯୋଗୀନ୍ଦ୍ର ମୁନିଗଣ । ଚିନ୍ତନ୍ତି ଯେ ହରି ଚରଣ ॥
ମନେ କରନ୍ତି ନିତ୍ୟଭାବ । ତାଙ୍କୁ ତୋ ଦର୍ଶନ ଦୁର୍ଲ୍ଲଭ ॥
ମୁଁ ଯେ ଅଜ୍ଞାନୀ ହୀନଜାତି । ନାହିଁ ମୋ ଭକ୍ତି କିମ୍ବା ଗତି ॥
ବିଜୟ କଲ ମୋର ପୁର । ହେ ପ୍ରଭୁ ବ୍ରହ୍ମାଣ୍ଡ ଠାକୁର ॥
ତା ଶୁଣି ପ୍ରଭୁ ପୀତବାସ । ବୋଲନ୍ତି ଶୁଣ ଆରେ ଦାସ ॥
ସ୍ୱର୍ଗାଦି ଅପବର୍ଗ ଯେତେ । କେବେ ନ ରସେ ମୋର ଚିତ୍ତେ ॥
ଭକତିଭରେ ଯେ ଭଜଇ । ମୋ ମନ ତା ଠାରେ ମଜଇ ॥
ତେଣୁ ତୋ ଭାବ ମୂଳ ମୋର । ହେ ଭକ୍ତ ମାଗି ନେନ ବର ॥
ଶୁଣି ବାଳିଆ ଦାସ ତୋଷେ । ଜଣାଏ ପ୍ରଭୁଙ୍କର ପାଶେ ॥
ପଦ୍ମ ଚରଣ ତୁମ୍ଭ ଭାବ । କୋଟିଏ ବାର ଲୁଚିଯିବ ॥
ବରେ ମୋ ପ୍ରୟୋଜନ ନାହିଁ । ଏତେକ ଦେବ ଭବଗ୍ରାହୀ ॥
ତୋ ଭକ୍ତମାନଙ୍କ ଚରଣେ । ମୋ ମନ ଥାଉ ଅନୁକ୍ଷଣେ ॥
ଯେବେ ମୁଁ ମନରେ ଭାବିବି । ତୁମ୍ଭ ଦର୍ଶନ ପାଉଥିବି ॥
ଏ ବର ମୋତେ ଆଜ୍ଞା ହେଉ । ଅଧିକ ଲୋଡ଼ାନାହିଁ ଆଉ ॥
ତା ଶୁଣି ପ୍ରଭୁ ଭଗବାନ । ବୋଇଲେ ଧନ୍ୟ ତୋ ଜୀବନ ॥
ତୁ ଯେବେ ଯିବୁ ଦେଉଳରେ । ମୁଁ ଥିବି ନୀଳଚକ୍ର ପରେ ॥
ତହିଁ ଚିନ୍ତିବୁ ଯେଉଁ ରୂପ । ମୁଁ ହେବି ତେମନ୍ତ ସ୍ୱରୂପ ॥
ତୁ ଯେଉଁ ଦ୍ରବ୍ୟ ଯାଚି ଦେବୁ । ଆମ୍ଭେ ତା ଅବଶ୍ୟ ଭୁଞ୍ଜିବୁ ॥

ଏ ବର ତୋତେ ଅସ୍ତୁ ହେଉ । ବୋଲି ବଳୟୁ ମହାବାହୁ ॥
ତକ୍ଷଣେ ହେଲେ ଅନ୍ତର୍ଦ୍ଧାନ । ଶୁଣ ହେ ସୁମନ ରାଜନ ॥
ଭକତ ଭାବରେ ସେ ବଶ । ଅଭାବ ନ ପାଇବ ଲେଶ ॥
ଶୁଣ ହେ ମନୁ ନୃପନାଥେ । ଏଥୁ ଉତ୍ତରୁ କଥା ଯେତେ ॥
ଏମନ୍ତ ବର ଭକ୍ତ ପାଇ । ଆନନ୍ଦ କେ ପାରିବ କହି ॥
ରଜନୀ ପ୍ରହରରୁ ଉଠି । ଶ୍ରୀ ଜଗନ୍ନାଥ ନାମ ରଟି ॥
ବସ୍ତ୍ର ଖଣ୍ଡିଏ ଥିଲା ବୁଣି । ବାଣ କଉଡ଼ି ଗଲା ଆଣି ॥
ସେ ବସ୍ତ୍ର ସ୍କନ୍ଧରେ ଦେଇ । ଦ୍ୱାରେ ଅଛଇ ଉଭା ହୋଇ ॥
ଦେଖିଲା ନାରିକେଳ ଗଛ । ବହୁତ ହୋଇ ନାହିଁ ଉଚ୍ଚ ॥
ଏକଇ ଫଳ ଫଳ ଅଛି । ତା ଦେଖି ବ୍ରାହ୍ମଣଙ୍କୁ ପୁଚ୍ଛି ॥
ଏ ଫଳ ଗୋଟି ମୋତେ ଦିଅ । ବାଣ କଉଡ଼ି କାଟି ନିଅ ॥
ତା ଶୁଣି ବ୍ରାହ୍ମଣ କହଇ । ପ୍ରଥମେ ଫଳଗୋଟି ଏହି ॥
ଏ ଫଳଗୋଟି ଯଦି ନେବୁ । କହ କଉଡ଼ି କେତେ ଦେବୁ ॥
ଦାସେ ବୋଲନ୍ତି ତୁମ୍ଭ ମନ । ଯେତେକ ଅଛି ତେତେ ଘେନ ॥
ବ୍ରାହ୍ମଣ ବୋଲଇ ତୁ ଶୁଣ । ଏ ବସ୍ତ୍ର ଖଣ୍ଡ ଯେତେ ଜାଣ ॥
ତେତେକ ଯେବେ ଛାଡ଼ିଦେବୁ । ତେବେ ଏ ଫଳ ଗୋଟି ନେବୁ ॥
ଦାସେ ବୋଲଇ ହେଉ ନିଅ । ଏ ଫଳ ଗୋଟି ମୋତେ ଦିଅ ॥
ଏମନ୍ତ ବୋଲି ଗଲା ଧାଇଁ । ସ୍ନାନ ଶଉଚ ଆଦି ହୋଇ ॥
ଲେଉଟି ଅଇଲା ତୁରିତେ । ମିଳିଲା ବ୍ରାହ୍ମଣ ଅଗ୍ରତେ ॥
ବ୍ରାହ୍ମଣ ତୋଳାଇ ସେ ଫଳ । ଛଡ଼ାଇ ରଖିଛି ବକଳ ॥
ସେ ଫଳ ଘେନିଗଲେ ଦାସେ । ଅତ୍ୟନ୍ତ ମନର ହରଷେ ॥
ଯାଉଁ ଯାଉଁ ସେ ପଥେ ପୁଣ । ଦେଖିଲା ଏକଇ ବ୍ରାହ୍ମଣ ॥
ପଇଡ଼ ଶ୍ରୀଫଳ ପଣସ । ଆମ୍ବ କଦଳୀ ଇକ୍ଷୁରସ ॥
ଛେନା ଗୋଟିକା ଦୁଧ ଦହି । ଘୃତ ନବାତ ଦ୍ରବ୍ୟ ଖାଇ ॥
ଏମାନେ ଘେନାଇ ସଙ୍ଗତେ । ପ୍ରଭୁଙ୍କ ମଣୋହି ନିମନ୍ତେ ॥
ସେହି ବ୍ରାହ୍ମଣ ଯାଉଥିଲେ । ତାହାଙ୍କ ପାଶରେ ମିଳିଲେ ॥

ଦାସେ ବୋଇଲେ ବିପ୍ରବର । କଥାଏ ଶୁଣିବ କି ମୋର ॥
ଏ ତୁମ୍ଭ ଦ୍ରବ୍ୟମାନ ଯେତେ । ନେଇଣ ପ୍ରଭୁଙ୍କ ଅଗ୍ରତେ ॥
ମଣୋହି କରାଇ ସାରିବ । ମୋ କଥା ମନେ ପକାଇବ ॥
ଏ ମୋ ଶ୍ରୀଫଳ ଗୋଟି ଧରି । ଗରୁଡ଼ ପଛେ ରହିକରି ॥
ବୋଲିବ ବାଲିଗ୍ରାମ ଦାସ । ଦେଇଛି ନିଅ ପୀତବାସ ॥
ସେ ଯେବେ ଶ୍ରୀହସ୍ତ ବଢ଼ାଇ । ତୁମ୍ଭର ହସ୍ତରୁ ଛଡ଼ାଇ ॥
ଘେନିବେ ଯେବେ ତାଙ୍କୁ ଦେବ । ନୋହିଲେ ଆଣି ମୋତେ ଦେବ ॥
ଏମନ୍ତ ବୋଲି ଫଳ ଦେଲା । ଅନେକ ବିନୟେ କହିଲା ॥
ତା ଶୁଣି ବିପ୍ର ହସି ଦେଲେ । ସେ ଫଳ ଘେନି ଚାଲିଗଲେ ॥
କ୍ଷେତ୍ରରେ ହୋଇଲେ ପ୍ରବେଶ । ଏଣେ ଘରକୁ ଗଲେ ଦାସ ॥
ଏଥିଉତ୍ତାରେ ସେ ବ୍ରାହ୍ମଣ । ପ୍ରଭୁ ସେବକଙ୍କୁ ବାଇଣି ॥
ସକଳ ଦ୍ରବ୍ୟମାନ ଦେଲେ । ପ୍ରଭୁ ମଣୋହି କରାଇଲେ ॥
ଅତି ଆନନ୍ଦେ ମୋଦଭରି । ମହାପ୍ରସାଦ ସେବାକରି ॥
ଉଠିଣ କରନ୍ତେ ଗମନ । ପଡ଼ିଲା ଦାସ କଥା ମନ ॥
ବୋଇଲେ ବାଳଗାଁ ବାଉରୀ । ଶ୍ରୀଫଳଗୋଟି ଦେଇକରି ॥
ଯାହା ସେ କହିଛି ମୋହରେ । ତା ଦେଖି ବୁଝିବାଟି ଥରେ ॥
ଏମନ୍ତ ମନେ ବିଚାରିଲେ । ଶ୍ରୀଫଳ ଗୋଟି ଅଣାଇଲେ ॥
ଗରୁଡ଼ ପଛେ ରହିକରି । ବୋଇଲେ ନମୋ ଦାରୁହରି ॥
ବାଲିଗାଁ ଦାସ ଅଛି ଦେଇ । ଘେନିବ ଶ୍ରୀହସ୍ତ ବଢ଼ାଇ ॥
ନୋହିଲେ ଲେଉଟାଇ ନେବି । ନୟନ ବୁଜି ଏହା ଭାବି ॥
ତାହା ଜାଣିଲେ ଭାବଗ୍ରାହୀ । ଶ୍ରୀହସ୍ତ ଦେଲେକ ବଢ଼ାଇ ॥
ବିପ୍ର ହସ୍ତରୁ ଘେନିଗଲେ । ସୁଖରେ ମଣୋହି ତା କଲେ ॥
କମଳା ନ ପାଇଲେ ଲେଶ । ଦେଖ ସେ ଭକତ ବିଶ୍ୱାସ ॥
ତା ଦେଖି ବିପ୍ର ହିବେ ଭୋଳ । ନୟନୁ ବହେ ଅଶ୍ରୁଜଳ ॥
ବୋଇଲେ ଧନ୍ୟ ତୋ ଜୀବନ । ଧନ୍ୟ ତୋ ପିତାମାତା ଧନ୍ୟ ॥
ଧନ୍ୟ ହୋ ବାଲିଗ୍ରାମ ଦାସ । ତୋତେ ପ୍ରସନ୍ନ ପୀତବାସ ॥

ଏମନ୍ତ ବୋଲି ସ୍ତୁତି କରି । ଦେଉଳେ ପଡ଼ିଗଲା ଦ୍ବାର ॥
ଶୁଣ ହେ ମନ ମହାରଥୀ । ଏଥି ଉତ୍ତରେ ଯେତେ କଥା ॥
ବାଳଗା ଦାସ ଏକ ଦିନେ । ବିଗ୍ଭର କଲା ତାର ମନେ ॥
ବୋଲେ ମୁଁ କ୍ଷେତ୍ରବରେ ଯିବି । ପ୍ରଭୁଙ୍କୁ ଦର୍ଶନ କରିବି ॥
କିସ ମୁଁ ଘେନିଯିବି ହସ୍ତେ । ସେ ପ୍ରଭୁ ମଣୋହି ନିମନ୍ତେ ॥
ଏମନ୍ତେ ବିଗ୍ଭରନ୍ତେ ବସି । ପାଚିଲା ଆମ୍ବ ଢିକା ଆସି ॥
ତା ଦେଖି ହୋଇଲେ ହରଷ । ବାଛି କଣିଲେ ପୁଞ୍ଜାଦଶ ॥
ଉତ୍ତମ ସୁରଙ୍ଗ ହୋଇଛି । ଅନ୍ୟ କଳଙ୍କ ନାହିଁ କିଛି ॥
ରସାଳ ତାଳର ସମାନ । ଦେଖି ହରଷ ହେଲା ମନ ॥
ଉତ୍ତମ ଶୁଚିମନ୍ତ ହୋଇ । ଭାର କରଣେ କାନ୍ଧେ ବହି ॥
ପ୍ରବେଶ କ୍ଷେତ୍ରବରେ ହେଲେ । ଦେଖି ସେବକେ ଗୋଳ କଲେ ॥
କେ ବୋଲେ ମୁହିଁ ଘେନିଯିବି । ପ୍ରଭୁଙ୍କ ଆଗେ ନେଇ ଦେବି ॥
କେ ବୋଲେ ମୋର ସିନା ସବୁ । ଦେଖେଁ କେମନ୍ତେ ତୁହି ନେବୁ ॥
କେ ବୋଲେ ଏଣେ ଘେନଆସ । ଏ ଆମ୍ବ ନେବି ମୁଁ ଅବଶ୍ୟ ॥
ଏମନ୍ତ ବୋଲି ଝିଙ୍କା ଝିଙ୍କି । ହୋଇ ଗୋଡ଼ାନ୍ତି ଆମ୍ବ ଦେଖି ॥
ତା ଦେଖି ବାଳଗ୍ରାମ ଦାସ । ଅଳପ ହେଲା ହସ ହସ ॥
ବୋଇଲା ଶୁଣ ହେ ଗୋସାଇଁ । ମୁଁ ତ କାହାକୁ ଦେବିନାହିଁ ॥
ଶୁଣି ସେବକ କଲେ ରୋଷ । ବୋଇଲେ ଶୁଣ ଆରେ ଦାସ ॥
ଯେବେ ତୁ ଆମ୍ଭଙ୍କୁ ନ ଦେବୁ । କହ ତୁ ଏହା କି କରିବୁ ॥
ଏ ପ୍ରଭୁ ଅଦୃଶିଆ ଧନ । ଏହା ଛୁଇଁଲେ କେ ଭାଜନ ॥
ତୁ ନେଇ କି କରି ପାରିବୁ । ଆମ୍ଭଙ୍କୁ ସିନା ପାଶ ଦେବୁ ॥
ତା ଶୁଣି ବାଳଗ୍ରାମ ଦାସ । ପଛକୁ ଘୁଞ୍ଚି ଭଡ଼ା ଦଶ ॥
କାନ୍ଧରୁ ଭାର ତଳେ ଥୋଇ । ନୀଳଚକ୍ରକୁ ଦେଲା ଚାହିଁ ॥
ବ୍ରଜସ୍ତ ବ୍ରହ୍ମାଣ୍ଡ ଗୋସାଇଁ । ବୋଲେ ମୁଁ ପରମୁଣ୍ଡ ଯାଇ ॥
ମୋ ଗୁରୁ ପାଇ ଏତେ ସତ୍ୟ । ବୋଲି ମସ୍ତକେ ଦେଲା ହସ୍ତ ॥
ଅନେକ ପ୍ରଣିପାତ କଲା । ପାଚିଲା ଆମ୍ବକୁ ଧଇଲା ॥

ବୋଇଲା ଶୁଣ ଭଗବାନ । ଏ ଯେବେ ତୁମ୍ଭ ନିଜ ଧନ ॥
ତୁମ୍ଭ ଇଚ୍ଛାରେ ଭୋଗକର । ଗୋଳ କମ୍ପାଇ ଏହାଙ୍କର ॥
ଏମନ୍ତ ଯାଚୁ କରେ ଧରି । ସେ ଆମ୍ବ ଶୂନ୍ୟେ ଗଲା ଚଳି ॥
ପଡ଼ିଲା ପ୍ରଭୁଙ୍କର ହସ୍ତେ । ଭୋଜନ କଲେ ଜଗନ୍ନାଥେ ॥
ଯୋଡ଼କ ଯୋଡ଼ ଏହିପରି । ହସ୍ତ ବଢ଼ାଇ ନେଲେ ହରି ॥
ସବୁ ଭୁଞ୍ଜିଲେ ଚକ୍ରପାଣି । ଯେ ପ୍ରଭୁ ଭକ୍ତ ଚିନ୍ତାମଣି ॥
ହେ ମନ ଶୁଣ ମନଦେଇ । ନିଜ ସ୍ୱଭାବ ତାଙ୍କ ଏହି ॥
ଯେ ଯେତେ ନୀଚ ଜାତି ହୋଉ । ସେ ଏକା ଭକ୍ତିଭାବେ ଥାଉ ॥
ତାହାର ପତ୍ର ଫଳ ପୁଷ୍ପ । ପାଇଲେ ଶ୍ରୀହରି ସନ୍ତୋଷ ॥
ଯେ ନର ଉଚ୍ଚଜାତି ହୋଉ । ଶ୍ରୀହରି ଭକତି ନ ଥାଉ ॥
ସେ ଯେତେ ସ୍ୱାଦୁ ଦ୍ରବ୍ୟ ଦେଲେ । ପ୍ରଭୁ ନ ଛୁଅନ୍ତି ତା ଭଲେ ॥
ଏଣୁ ସେ ଭକ୍ତ ଦ୍ରବ୍ୟ ସାର । ଅନ୍ତର ହେଲେ ନରହରି ॥
ଯେତେକ ଜନ ଥିଲେ ତହିଁ । ଦେଖୁ ଯେ ଥିଲେ ଉଭା ହୋଇ ॥
ବୋଇଲେ ଆମ୍ବ କେଣେ ଗଲା । କେ ଏଥେ ମାୟାକରି ନେଲା ॥
ଦାସେ ବୋଇଲେ ଦେଖସାଇଁ । ଭୁଞ୍ଜିଲେ ବ୍ରହ୍ମାଣ୍ଡ ଗୋସାଇଁ ॥
ଶୁଣି ସେବକ ଧାଇଁଗଲେ । ଦେଉଳେ ପ୍ରବେଶ ହୋଇଲେ ॥
ଦେଖିଲେ ରତ୍ନ ସିଂହାସନ । ପଡ଼ିଛି ଝାଙ୍କ୍ୱା ଚୋପାମାନ ॥
ତା ଦେଖି ହେଲେ ଆଚମ୍ବିତ । ବୋଇଲେ ଧନ୍ୟରେ ଭକତ ॥
ପ୍ରଭୁଙ୍କୁ କିଣିଲୁ ଭାବରେ । ତୋ ପରି କେ ଅଛି ସଂସାରେ ॥
ନାହିଁ ନୋହିବ ତୋହପରି । ଆମ୍ଭେ ତୋ କେଉଁଗୁଣେ ସରି ॥
ଏମନ୍ତ କହି ଚଳିଗଲେ । ପ୍ରଭୁଙ୍କ ଧଣ୍ଡାମାନ ନେଲେ ।
ବାଲିଗାଁ ଦାସ ଗଳେ ଦେଇ । ବୋଇଲେ ଭକ୍ତ ଶ୍ରେଷ୍ଠ ତୁହି ॥
ତୋ ଯଶ ରହିଲା ଜଗତେ । ପରମ ପଦ ମିଳୁ ତୋତେ ॥
ଏମନ୍ତ କହି ସେ କଲ୍ୟାଣ । କଲେ ସକଳ ବିପ୍ରଗଣ ॥
ତା ଶୁଣି ଦାସ ଭାବଭୋଳେ । ପଡ଼ି ବିପ୍ରଙ୍କ ପାଦତଳେ ॥
ତାହାଙ୍କ ଚରଣରୁ ଧୂଳି । ମଣ୍ଡନ କଲାକ ମଉଳି ॥

ଅନେକ ଦଣ୍ଡବତ କରି । ବୋଲଇ ମୋ ସ୍ଥିର ବାଉରି ॥
ମୋଠାରେ ଏଡ଼େ କୃପା କଲ । ତେଣୁ ମୋହର ଭାଗ୍ୟ ଭଲ ॥
ଏମନ୍ତ ବୋଲି ହୃଦଗତେ । ହରିଙ୍କି ଚିନ୍ତିଲା ତୁରିତେ ॥
ବୋଲଇ ନମୋ ଚକ୍ରପାଣି । ନମୋ ସର୍ବଙ୍କ ଚୂଡ଼ାମଣି ॥
ଏହା ମୁଁ ବିଶ୍ୱରଇ ଚିତ୍ତେ । ମତ୍ସ୍ୟାଦି ଅବତାର ଯେତେ ॥
ବାରେ କରାଅ ଦରଶନ । ପବିତ୍ର କର ମୋ ଜୀବନ ॥
ଏମନ୍ତେ ବିଶ୍ୱରନ୍ତେ ଚିତ୍ତେ । ତାହା ଜାଣିଲେ ଜଗନ୍ନାଥେ ॥
ନୀଳ ଚକ୍ରରେ ବଜ୍ରେକରି । ଯେବଣ ବଧିରୂପ ଧରି ॥
ମତ୍ସ୍ୟକଳକ ରୂପ ଯାଏ । ଦର୍ଶନ ଦେଲେ ଦେବରାୟେ ॥
ଦାସେ ଦେଖିଲେ ଚର୍ମଡୋଳେ । ତକ୍ଷଣେ ପଡ଼ି ମହୀତଳେ ॥
ଅନେକ ଦଣ୍ଡବତ କଲା । ଉଠି କାଖରେ କରଦେଲା ॥
ବୋଇଲା ନିସ୍ତରିଲି ମୁହିଁ । ତୋ କୃପା ଆହାଲାଦ ପାଇ ॥
ଏମନ୍ତ ବୋଲି ଗଲା ଚଳି । ନିଜ ମନ୍ଦିରେ ଯାଇଁ ମିଳି ॥
ସେ ହରି ଭାବେ ମନ ଦେଇ । ସୁଖେ ବଞ୍ଚିଲା କାଳ ସେହି ॥
ପରମ ପଦକୁ ଲଭିଲା । ଭକତ ପଣେ ଗଣା ହେଲା ॥
ଶୁଣ ହେ ମନ ନୃପମଣି । ଏ ଦାର୍ଢ୍ୟଭକ୍ତି ରସବାଣୀ ॥
ପଢ଼ି ଶୁଣନ୍ତି ଯେଉଁ ଜନ । ଲଭନ୍ତି ଚଉବର୍ଗ ମାନ ॥
କହଇ ରାମଦାସ ଦ୍ୱିଜ । ମୋ ପ୍ରଭୁ ଶଙ୍ଖ ଚକ୍ରଭୁଜ ॥
ସଜନେ ଏଣେ କର ଲୟ । ଆଉ ନଥିବ ଯମ ଭୟ ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତି ରସାମୃତେ ମନଚୈତନ୍ୟ ସମ୍ବାଦେ
ବାଳଗାଁ ଦାସ ବାଉରି ଦାର୍ଢ୍ୟତା ଭାବ ବର୍ଣ୍ଣନେ
ନାମ ଅଷ୍ଟାବିଂଶୋଽଧ୍ୟାୟଃ ।

—*—

# ଊନତ୍ରିଂଶ ଅଧ୍ୟାୟ
# ତୁଳସୀଦାସ ସମ୍ବାଦ

ମନ ଉବାଚ

କହେ ସୁମନ ସହରଷେ । ଶୁଣ ଚୈତନ୍ୟ ଅତି ତୋଷେ ॥
ଶୁଣି ଶ୍ରୀହରି ଭକ୍ତ କଥା । ଶ୍ରବଣେ ଖଣ୍ଡେ ଭବବ୍ୟଥା ॥
ଆତୁର ଶୁଣିବାକୁ ମନ । ପୁଣି ବୋଲଇ ଚଇତନ ॥
ଶୁଣ ହୋ ମନ ପୁଣ୍ୟମୟେ । କହିବ ବିଚିତ୍ର କଥାଏ ॥
ଦକ୍ଷିଣଦେଶ ସିନ୍ଧୁତୀରେ । ବିଜୟା ନାମ ପାଟଣାରେ ॥
ଅଟଇ ତାର ନିଜ ବାସ । ଜାତିରେ ଅଟେ ରଜପୁତ ॥
ତୁଳସୀ ଦାସ ନାମ ତାର । ଅତି ସୁନ୍ଦର ସୁକୁମାର ॥
ତା ଭାର୍ଯ୍ୟା ନାମ ସତ୍ୟବତୀ । ସୁଗୁଣ ସୁଶୀଳା ଯୁବତୀ ॥
ସ୍ୱାମୀର ଆଜ୍ଞା ଅଲଙ୍ଘିତ । ଏକ ଦୁହିତା ବେନି ସୁତ ॥
ଅଶ୍ୱ ଚଢ଼ାରେ ସେହୁ ଦକ୍ଷ । କ୍ଷତ୍ରିୟ ପଣେ ଅଟେ ମୁଖ୍ୟ ॥
ଅତି ରାଜସ ରଜୋଗୁଣୀ । ଧାର୍ମିକ ପଣେ ତାକୁ ଗଣି ॥
ଦାତା ପଣରେ ଜାଣ ସେହି । ମାଗିଲେ ପ୍ରାଣ ପାରେ ଦେଇ ॥
ଶାନ୍ତ ସୁଶୀଳ ସତ୍ୟବାଦୀ । ଦୟାଳୁ ସୁଗୁଣ ସୁବୁଦ୍ଧି ॥
ବିପ୍ର ବୈଷ୍ଣବେ ଅତି ଦୟା । ଶ୍ରୀକୃଷ୍ଣ ସେବାରେ ନିର୍ମାୟା ॥
ଶ୍ରୀରାମ କଥା ବିନା ଆନ । ରସଇ ନାହିଁ ତାର ମନ ॥
ଜାଣଇ ଏକା ରାମବ୍ରହ୍ମ । ରାମ ସକଳ ଧର୍ମ କର୍ମ ॥
ରାମ ଯେ ଜୀବନ ଠାକୁର । ରାମ ସେ ଜାଣଇ ଈଶ୍ୱର ॥
ରାମ ଯେ ଗତି ମୁକ୍ତି ଦାତା । ତା ବିନା ନାହିଁ ନା କରତା ॥
ଏମନ୍ତ ବୋଲି ଦିବାନିଶି । ଶୁଣଇ ରାମକଥା ବସି ॥
ଏମନ୍ତ ଗଲା କେତେଦିନ । ଶୁଣ ହେ ସୁମନ ରାଜନ ॥
ପ୍ରତ୍ୟହ ସେ ଗ୍ରାମେ ସମସ୍ତ । ପଢ଼ନ୍ତି ରାମାୟଣ ଗ୍ରନ୍ଥ ॥
ସେ ଭବ ମଧ୍ୟେ ନିତି ବସି । ଶୁଣୁ ଯେ ଥାଇ ସେ ତୁଳସୀ ॥
ଆଦ୍ୟରୁ ପ୍ରାନ୍ତ ପର୍ଯ୍ୟନ୍ତେ । ଗାୟନ କରିବାର ନିତ୍ୟେ ॥

ଶ୍ରୀରାମ ଜନ୍ମ କର୍ମବାଣୀ । ଆନନ୍ଦ ହେଉଥାଏ ଶୁଣି ॥
କାର୍ମୁକ ଭଗ୍ନ ଆଦି କରି । ପରଶୁରାମ ଗର୍ବ ହରି ॥
ତାଡ଼କା ବଧ ଶିଳା ନାରୀ । ଏ କଥାମାନ ଶୁଣିକରି ॥
ଅଙ୍ଗ ପୁଲକ ଉଠୁଥାଇ । ଖବେ ନ ପାରେ କଥା କହି ॥
ରାଜ୍ୟରେ ଅଭିଷେକ ହେବା । ସମୟେ ବନବାସ ଯିବା ॥
ଦୁଃଖ ବା ସୁଖ ପାଇବାର । ଶୁଣି କମ୍ପଇ ତା ଶରୀର ॥
ପୁଣି ସେ ପଞ୍ଚବଟୀ କଥା । ଶୁଣି ତା ମନେ ବଡ଼ ବ୍ୟଥା ॥
ଶ୍ରୀରାମ ମାୟାମୃଗ ମାରି । ବିଜୟ କଲେ ଧନୁ ଧରି ॥
ଲକ୍ଷ୍ମଣ କଟୁଭାଷେ ଗଲେ । ଏକା ହୋଇଣ ସୀତା ଥିଲେ ॥
ଏମନ୍ତ ସମୟେ ରାବଣ । ଆସି ମିଳିଲା ତତକ୍ଷଣ ॥
କପଟେ ହୋଇଣ ସନ୍ନ୍ୟାସୀ । ପର୍ଣ୍ଣ କୁଟୀରେ ଯାଇଁ ପଶି ॥
ଜାନକୀ ଦେବୀ ଭୁଜ ଧରି । ବଳେ ସେ ଆଣିଲା ଉଠାରି ॥
ରଥରେ ବସାଇଲା ନେଇ । ଶୂନ୍ୟେ ଗମିଲା ବେଗ ହୋଇ ॥
ମିଳିଲା ଲଙ୍କାପୁରେ ଯାଇ । ସୀତା ଦେବୀଙ୍କି ତହିଁ ଥୋଇ ॥
ଏହା ଶ୍ରବଣେ ସେହି ଶୁଣି । କୁଳିଶଘାତ ପ୍ରାୟ ମଣି ॥
କମ୍ପିଲା ଦଶନ ଅଧର । ସ୍ୱେଦ ପୂରିତ କଳେବର ॥
ହଜିଲା ଦେହୁଁ ବୁଦ୍ଧି ଜ୍ଞାନ । ତା ମନ ହେଲା ଅତି ଛନ୍ନ ॥
ଦ୍ୱିଯୁଗାନ୍ତର କଥା ଶୁଣି । ବର୍ତ୍ତମାନର ପ୍ରାୟ ମଣି ॥
କ୍ରୋଧେ ବଚନ ଗଦଗଦ । ଉଠିଲା କରି ଘୋର ନାଦ ॥
ନୟନ ତାମ୍ର ରକ୍ତ ପ୍ରାୟେ । ବୋଲଇ ଯିବ କେଉଁଠାଏ ॥
ଆଜ ମାରିବି ନାରୀଚୋର । ସବଂଶ ସହିତେ ତାହାର ॥
ନିଜ ଜନନୀ ମୋର ଆଣି । ଭେଟାଇ ଦେବି ଚକ୍ରପାଣି ॥
ଏମନ୍ତ ବୋଲି ଧନୁ ଧରି । କ୍ରୋଧେ ଅନେକ ଶର ଭରି ॥
ତାଲ କଟାରି ଯମଦାଢ଼ । କରେ ବରଛି ଅତି ଗାଢ଼, ॥
ଧରି ବସିଲା ଅଶ୍ୱପରେ । ଧାଇଁଣ ଦକ୍ଷିଣ ଦିଗରେ ॥
ତାହା ଜାଣିଲେ ଖଗସ୍ୱାମୀ । ଧାଇଁଲେ ଅସମ୍ଭାଳ ହୋଇ ॥

ପବନୁ ବେଗ ହୋଇ ଚଳି । ସାଗର କୂଳେ ଯାଇଁ ମିଳି ॥
ଶ୍ରୀରାମ ସୁମର ମନରେ । ପଶିଲା ସମୁଦ୍ର ଭିତରେ ॥
ଆଜ୍ଞା ସେ ଦେଲେ ରଘୁମଣି । ଥୋକ ତୁ ଘୁଞ୍ଚି ସିନ୍ଧୁପାଣି ॥
ଆଜ୍ଞା ପ୍ରମାଣେ ମହାବୀର । ଘୁଞ୍ଚି ସେ ଥିଲା ସୁଣ୍ଡ ବୀର ॥
ତା ପଛେ ବଜେ ରଘୁବୀର । ହୋଇ ଅପୂର୍ବ ଦ୍ୱିଜବର ॥
ଡାକଲେ ଦାସେ ଏହି ବେଳେ । କିମ୍ପା ପଶୁଛ ସିନ୍ଧୁ ଜଳେ ॥
ସେ କଥା ଫେଡ଼ି କହ ମୋତେ । ଏ ଦେହ ନ ନାଶ ସ୍ୱଅର୍ଥେ ॥
ତା ଶୁଣି ଦାସ କ୍ରୋଧଭର । ବୋଇଲେ ଶୁଣ ଦ୍ୱିଜବର ॥
ଯେ ସୀତା ଜଗତ ଜନନୀ । ତାଙ୍କୁ ରାବଣ ଗଲା ଘେନି ॥
ତା ବଂଶ ନିର୍ବଂଶ କରିବି । ଜାନକୀ ମାନ ଉଦ୍ଧାରିବି ॥
ରାବଣ ମାରେ ବା ମରିବି । ଦୁଇରୁ ଏକ ମୁଁ କରିବି ॥
ତା ଶୁଣି ପ୍ରଭୁ ଦାଶରଥି । ବୋଇଲେ ସ୍ତୁତି ତୁ ଏ ମତି ॥
ଏ ସିନ୍ଧୁ କେମନ୍ତ ତରିବୁ । ସ୍ୱଅର୍ଥେ ଜୀବନ ହାରିବୁ ॥
ନ କର ଏମନ୍ତ ସାହସ । ବେଗେ ତୁ ବାହୁଡ଼ିଣ ଆସ ॥
ତା ଶୁଣି ବୋଲେ ବୀରମଣି । ଏ କେତେ ମାତ୍ର ସିନ୍ଧୁ ପାଣି ॥
ଲଙ୍ଘିବି କୂପ ଜଳ ପ୍ରାୟେ । ମାରିବି ଦୁଷ୍ଟ ଲଙ୍କାରାୟେ ॥
ଆଉ ନ କହ ତୁମ୍ଭେ କିଛି । ଏ ଦେହ ପାସୋରି ଦେଇଛି ॥
ଏହା ଯଦ୍ୟପି ନ କରିବି । ଅବଶ୍ୟ ଜୀବନ ହାରିବି ॥
ହେ ବିପ୍ର ନ କଟାଳ ମୋତେ । ବୋଲିଣ ଧାଇଁଲା ତୁରିତେ ॥
ତାହାର ମନ ପ୍ରଭୁ ଜାଣି । ବୋଇଲେ ଧନ୍ୟ ବୀରମଣି ॥
ତୁ ଏବେ ଆସ ଲେଉଟିଣ । ଶ୍ରୀରାମ ମାଇଲେ ରାବଣ ॥
ସୀତାଙ୍କୁ ଘେନି ବଜେ କଲେ । ତୁ ଏବେ ଯୁଝିବୁ କା ତୁଲେ ॥
ତାହା ଶୁଣିଣ ବୀରମଣି । ବୋଲେ ବ୍ରାହ୍ମଣ ଚୂଡ଼ାମଣି ॥
ତୁମ୍ଭେ କହିବ ଯାହା ମୋତେ । କେଭେ ମୁଁ ନ ଯାଏ ପରତେ ॥
ଅଚଳ ଯେବେ ହେବ ଚଳ । ଶୀତଳ ହୋଇବ ଅନଳ ॥
ନିଶାରେ ରବି ଉଦେ ହେବ । ସ୍ଥାବର ବଚନ କହିବ ॥

ଯାଷାଣେ ପଦ୍ମ ଯେ ବିକଶି । ଅନଳ ବରଷିବ ଶଶୀ ॥
ଏମନ୍ତ ହେଲେ ଅବା ହେବ । ତୁଳସୀ ଅଶ୍ୱ ନ ଫେରିବ ॥
କେବଳ କଥା ଏକ ଅଛି । ହେ ବିପ୍ର ସ୍ୱରୂପ କହୁଛି ॥
ଶ୍ରୀରାମ ସଙ୍ଗେ ସୀତା ଦେବୀ । ଯେବେ ମୁଁ ନୟନେ ଦେଖିବି ॥
ଶ୍ରୀକରେ ଥିବ ଧନୁର୍ବାଣ । ସଙ୍ଗତେ ସାନୁଜ ଲକ୍ଷ୍ମଣ ॥
ଏହା ମୁଁ ନୟନେ ଦେଖିଲେ । ତେବେ ମୁଁ ଲେଉଟିବି ଭଲେ ॥
ଏମନ୍ତ ଶୁଣି ଆଦିମୂଳ । ଭକତଭାବେ ହେଲେ ଭୋଳ ॥
ତକ୍ଷଣେ ଜନକ କୁମାରୀ । ସଙ୍ଗତେ ଘେନି ବିଜେକରି ॥
ଯାରୁଣେ ସାନୁଜ ଲକ୍ଷ୍ମଣ । ଶ୍ରୀକରେ ଶୋହେ ଧନୁର୍ବାଣ ॥
କୋଟିଏ କନ୍ଦର୍ପର ପ୍ରଭା । ଜିଣି ଶ୍ରୀରାମଚନ୍ଦ୍ର ଉଭା ॥
ନବୀନ ଘନଶ୍ୟାମ ଜିଣି । ସୁକାନ୍ତ ଇନ୍ଦ୍ର ନୀଳମଣି ॥
ଲଲାଟେ କିରୀଟ ମୁକୁଟ । ରତ୍ନମାନଙ୍କେ ଝଟ ଝଟ ॥
ଶ୍ରବଣେ ମକର କୁଣ୍ଡଳ । ଜ୍ୟୋତି ବିରାଜେ ଗଣ୍ଡସ୍ଥଳ ॥
ଶ୍ରୀଭୁଜେ ରାଜେ ଶାରଚେନତ । ଶରଣ ରକ୍ଷଣ ନିମିତ୍ତ ॥
କରେ କଙ୍କଣ ଶୋଭାବନ । ଅତୁଲ ଅମୂଲ୍ୟ ରତନ ॥
କି ତୋରା ଦଶେ କରାଙ୍ଗୁଳି । ରତ୍ନମୁଦ୍ରିକାମାନ ଝଳି ॥
ଧନ୍ୟ ସେ ଶ୍ରୀମୁଖର ଶୋଭା । କୋଟିଏ ଚନ୍ଦ୍ର ଜିଣି ପ୍ରଭା ॥
କି ଶୋଭା ନେତ୍ର ଅରବିନ୍ଦ । ଜଗତ କରଇ ଆନନ୍ଦ ॥
ସୁନାସା ସୁରଙ୍ଗ ଅଧର । ସୁକମ୍ବୁ କଣ୍ଠେ ରତ୍ନହାର ॥
ଅତି ବିସ୍ତାର ବକ୍ଷସ୍ଥଳ । ତହିଁ ଲମ୍ବିତ ବନମାଳ ॥
ଶ୍ରୀବତ୍ସ ଦ୍ୱିଜ ପଦ ଚିହ୍ନ । ଇନ୍ଦିରାଂ ଦେବୀଙ୍କ ସଦନ ॥
ସିଂହକଟିରେ ପୀତବାସ । ନୀଳଘନେ କି ବିଦ୍ୟୁହାସ ॥
ହେମମେଖଳୀ ତଥିପରେ । ସିଦ୍ଧ ଯୋଗୀନ୍ଦ୍ର ମନ ହରେ ॥
ଶ୍ରୀରଙ୍ଗ ପାଦର ମାଧୁରୀ । କେ କହିପାରେ ଅନ୍ତ କରି ॥
ଈଶ୍ୱର ପଞ୍ଚମ ଆନନେ । କହି ନ ପାରିବେ ବଚନେ ॥
ବ୍ରହ୍ମାଦି ସୁରେନ୍ଦ୍ର କୋଟି । ଯେବଣ ପାଦପଦ୍ମେ ଲୋଟି ॥

ଏମନ୍ତ ରୂପେ ପ୍ରଭୁ ବଜେ । ଶର କାର୍ମୁକ ବେନି ଭୁଜେ ॥
ବିକ୍ରମ ସିଂହ ରୂପ ଠାଣି । ଦେଖଣେ ଆନନ୍ଦ ଧରଣୀ ॥
ଏ ଅନୁରୂପେ ବେନିପାଶେ । ଭ୍ରତ ଶତ୍ରୁଘ୍ନ ଶୋଭା ଦିଶେ ॥
ସେ ପ୍ରଭୁ ଚରଣାରବିନ୍ଦେ । ପାମର ରାମଦାସ ବନ୍ଦେ ॥
ଏମନ୍ତ ବେଶେ ନାରାୟଣ । ଡାକିଲେ ଦ୍ୱିହସ୍ତ ଠାରିଣ ॥
ତୁଳସୀ ଦାସ ବେଗେ ଆସ । ଦେଖ ତୋ ମନୋବାଞ୍ଛା ବେଶ ॥
ତୁଳସୀ ଦାସ ଦେଖିକରି । ଅଶ୍ୱ ଫେରାଇ ବନ୍ଦିକରି ॥
ପ୍ରଭୁଙ୍କୁ ଅନାଇଣ ଦେଲ । ଅଶ୍ୱ ଉପରୁ ଉତ୍ତୁରିଲ ॥
ଅଶେଷ ବ୍ରହ୍ମାଣ୍ଡର ଶୋଭା । ଆନ କି ପଟାନ୍ତର ଦେବା ॥
ଦେଖି ତା ନେତ୍ରାନନ୍ଦ ଭେଲେ । ଶୋଇଲା ଯାଇ ପାଦତଳେ ॥
ଉଠି କପାଳେ କର ଦେଇ । ବୋଲେ ମୁଁ ପରମୁଣ୍ଡା ଯାଇ ॥
ଆଜ କି ଭାଗ୍ୟବଳ ମୋର । ଦେଖିଲି ବ୍ରହ୍ମାଣ୍ଡ ଠାକୁର ॥
କି କୃପା କଲ ପ୍ରଭୁ ମୋତେ । ପୂର୍ବେ ମୋ ତପ ଥିଲା କେତେ ॥
କି ପୁଣ୍ୟତୀର୍ଥେ କରି ସ୍ନାନ । ଦେଇ ମୁଁ ଥିଲି କେତେ ଦାନ ॥
ଦ୍ୱିଜବରେ କି ଦାନ ଦେଲି । କି ଗଙ୍ଗାସାଗରେ ଝାସିଲି ॥
କି ପୁଣ୍ୟକ୍ଷେତ୍ରେ ବାସକରି । ହୋଇଣ ଥିଲି ବ୍ରତାଚାରୀ ॥
କରି ମୁଁ ଥିଲି ଯଜ୍ଞ କେତେ । କି ଶିବ ପୂଜା ବିଧିମତେ ॥
ବ୍ରହ୍ମା ଇନ୍ଦ୍ରାଦି ସଦାଶିବ । ଏହାଙ୍କ ଧ୍ୟାନକୁ ଦୁର୍ଲ୍ଲଭ ॥
କହ ମୁଁ କେତେ ପୁଣ୍ୟବଳେ । ପ୍ରଭୁ ଦେଖିଲି ଚର୍ମଡୋଳେ ॥
ଶୁଣି ବୋଲନ୍ତି ରଘୁପତି । ଶୁଣ ତୁଳସୀ ସିଦ୍ଧମତି ॥
ତୁ ଯେତେ କହିଗଲୁ ଧର୍ମ । ଏଣେ କାମନା ମନ ଭ୍ରମ ॥
ପ୍ରାଣୀଏ କର୍ମକଲେ ଯେତେ । ସେ ମୋତେ ପାଇବେ କେମନ୍ତେ ॥
ଯେ ଭଜେ ନିଷ୍କାମରେ ମୋତେ । ମୁଁ ଥାଇ ତାହାର ସଙ୍ଗତେ ॥
ତୁ ଦେହ ବୁଦ୍ଧି ଛାଡ଼ି ଏବେ । ପଶିଲୁ ମହାର୍ଣ୍ଣବ ଗର୍ଭେ ॥
ଯେସନେ ବୀର ହନୁମାନ । ତା ମନ ତୋ ମନ ସମାନ ॥
ତେଣୁ ମୁଁ ହୋଇଲି ପ୍ରସନ୍ନ । ହେ ଭକ୍ତ ବର ମାଗି ନେନ ॥

ଶୁଣି ତୁଳସୀ ଗଦଗଦେ । ନମିଲା ଶ୍ରୀରାମର ପାଦେ ॥
କାକୁସ୍ଥେ କହେ ଧୀର ବାଣୀ । ହେ ସୂର୍ଯ୍ୟବଂଶ ଚୂଡ଼ାମଣି ॥
ଯେବେ ତୁ ବରଦେବୁ ମୋତେ । ବାଞ୍ଛିଲେ ଦେଖୁଥିବ ତୋତେ ॥
ଏହି ସ୍ୱରୂପେ ଜନମୂର୍ତ୍ତି । ଦର୍ଶନ କରୁଥିବ ନିତି ॥
ଯହିଁ ବାଞ୍ଛିବି ତହିଁ ହେବ । ଏ ବର ଦେବ ହେ ରାଘବ ॥
ଅସ୍ତୁ ବୋଇଲେ ଭବଗ୍ରାହୀ । ଆନନ୍ଦେ ଭକ୍ତେ ବର ଦେଇ ॥
ତକ୍ଷଣେ ହେଲେ ଅନ୍ତର୍ଦ୍ଧାନ । ଶୁଣ ହେ ସୁମନ ସଜନ ॥
ଏଡ଼େ କୃପାଳୁ ରଘୁବାଳ । ଭକତଭାବ ତାଙ୍କ ମୂଳ ॥
ଏମନ୍ତ ପ୍ରଭୁ ସେବା ତେଜି । ଯେ ନର ଅନ୍ୟ ଦେବେ ଭଜି ॥
ପୀୟୂଷ ତେଜି ସୁରାପାନ । ସେ ନର କରଇ ସମାନ ॥
ଏଥି ଉତ୍ତାରୁ ଶୁଣ ମନ । ତୁଳସୀ ଦାସର ବିଧାନ ॥
ସଂସାର ଲୋଭ ଦୂର କରି । ପିନ୍ଧିଲା ବସ୍ତ୍ର ବେଗେ ଶରି ॥
ଡୋର କୌପୀନ ଆଶ୍ରେ କଲା । ତୀର୍ଥ ସାଗରେ ଚଳିଗଲା ॥
ଅନ୍ନ ଭୋଜନେ ନାହିଁ ସ୍ନେହ । ଆନନ୍ଦେ ଫୁଲୁଥାଇ ଦେହ ॥
କାହିଁ ବା ଫଳ ମୂଳ ସାର । କାହିଁ ବା ସୁପକ୍ୱ ଆହାର ॥
ସନ୍ତୋଷେ କରଇ ଭୋଜନ । ତୀର୍ଥ ଗମନେ ଦେଇ ମନ ॥
ଅନେକ ତୀର୍ଥମାନ ଫେରି । ସକଳ ତୀର୍ଥେ ସ୍ନାନକରି ॥
ଏମନ୍ତ କେତେଦିନ ଗଲା । ଶ୍ରୀବୃନ୍ଦାବନରେ ମିଳିଲା ॥
ବୁଲି ଦେଖିଲା ସର୍ବସ୍ଥାନ । କାଳିନ୍ଦୀ ଗିରି ଗୋବର୍ଦ୍ଧନ ॥
ଦ୍ୱାଦଶ ବନ ଆଦି ଯେତେ । ସର୍ବ ଦେଖିଲା ବିଧିମତେ ॥
ପ୍ରବେଶ ହେଲା ଏକ ମଠ । ଯେ ମଠ ବୃନ୍ଦାବନେ ଶ୍ରେଷ୍ଠ ॥
ଗୋପାଳ ଦାସ ଅଧିକାରୀ । ଯେ ମଠେ ପ୍ରଭୁପଣ କରି ॥
ତହିଁ ଦିଅନ୍ତି ସଦାବର୍ତ୍ତ । ଦିବ୍ୟ ଭୋଜନ ରୁଖାଭାତ ॥
ଯେ କୃଷ୍ଣ ବୋଲେ ତାକୁ ନେଇ । ଉତ୍ତମ ଭୋଜନ ଦିଅଇ ॥
ଯେ ରାମ ବୋଲେ ରୁଖାଭାତ । ଦିଅ ବୋଲନ୍ତି ସେ ମହନ୍ତ ॥
ଏମନ୍ତବେଳେ ସେ ତୁଳସୀ । ଭାବେ ମିଳିଲେ ତହିଁ ଆସି ॥

ଅଙ୍ଗ ବିରାଜେ ଜ୍ୟୋତିର୍ମୟେ । ନିରତେ ରାମନାମ ଧ୍ୟାୟେ ॥
ତୁଳସୀ ଦାସ ବାହୁ ଭୁଜେ । ସପତ ମଞ୍ଜରୀ ବିରାଜେ ॥
କଣ୍ଠେ ତୁଳସୀ କାଷ୍ଠମାଳ । ସର୍ବାଙ୍ଗେ ବିଭୂତି ଉଜ୍ଜ୍ୱଳ ॥
ଜପୁ ଶ୍ରୀରାମ ଧନୁର୍ଦ୍ଧାରୀ । ଆଣ୍ଟେ ଡାକିଲେ ଡାକ ଘୂର ॥
ତାହା ଶୁଣିଣ ସେ ମହନ୍ତ । ବୋଇଲେ ଦିଅ ରୁଖାଭାତ ॥
ଶୁଣି ତୁଳସୀ ଦାସ କହି । କମ୍ପା ରୁଖିଲ ଖାଇବଇଁ ॥
କେବା ଖାଇବେ ଘୃତଅନ୍ନ । ଏକଥା କହସି ବହନ ॥
ଶୁଣି କହିଲେ ଅଧିକାରୀ । ଯେ ରାଧାକୃଷ୍ଣ ନାମ ଧରି ॥
ମଠରେ ପାଏ ଦିବ୍ୟସ୍ଥାନ । ସେ ଭୁଞ୍ଜେ ଦିବ୍ୟ ଶାଳିଅନ୍ନ ॥
ଯେ ସୀତାରାମ ନାମଧରେ । ସେ ପଡ଼େ ବଗଡ଼ା ଅନ୍ନରେ ॥
ଶୁଣି ତୁଳସୀ ଦାସ ହସି । ବୋଲେ ମୁଁ ରାମନାମ ଘୋଷି ॥
ଖାଇବି ଅମୃତ ଭୋଜନ । ରାମ ମହିମା ଏବେ ଘେନ ॥
ଶୁଣି ବୋଇଲେ ଅଧିକାରୀ । ଯାଅ ତୁ ଅଯୋଧ୍ୟା ନଗରୀ ॥
ସେଠାରେ ଯାଇ କର ତମ । ନୋହିଲେ ଦେଖାଅ ଶ୍ରୀରାମ ॥
ଶୁଣି ତୁଳସୀ ଦାସ ଧୀରେ । ପଶିଲେ ମଠର ଭିତରେ ॥
ତହିଁ ବିଜୟ ନନ୍ଦବର୍ତ୍ତି । ପହଡ଼ ସମସ୍ତ ହୋଇଛନ୍ତି ॥
ଆଣ୍ଟେ କବାଟ ଛନ୍ତ କଲ । ତହିଁ ତୁଳସୀ ଦାସ ମିଳ ॥
ବୋଇଲେ ନମୋ ରଘୁମଣି । ଅଶେଷ ବ୍ରହ୍ମାଣ୍ଡ କାରେଣି ॥
ତୁ ନାଥ ଜଗତ ଈଶ୍ୱର । ସଂସାର ତୋର ଖେଳଘର ॥
ତୁ ଯେ ଜଗତଜନ ଗୁରୁ । ଭକତ ବାଞ୍ଛା କଳ୍ପତରୁ ॥
କାମିଜନଙ୍କୁ କାମଧେନୁ । ମହା ମହିମା ରତ୍ନସାନୁ ॥
ଅଶେଷ ଜନ ଚିନ୍ତାମଣି । କେତେ ମହିମା ପରମାଣି ।
ତୋର ଆଜ୍ଞାରେ ଆଖଣ୍ଡଳ । ରବି ଶଶାଙ୍କ ଦିଗପାଳ ॥
ଶେଷ ବିରଞ୍ଚି ସଦାଶିବ । ତେତିଶକୋଟି ଦେବ ସର୍ବ ॥
ସଂସାର ପାକୃତଛନ୍ତ ନର୍ତ୍ତ୍ୟ । ତୋର ଆଜ୍ଞାରେ ଯେଝାମତେ ॥
ଯେଣୁ ତୁ ଜଗତ ଈଶ୍ୱର । ସମସ୍ତେ ତୋର ପରିଘୂରି ॥

ତେଣୁ ଶରଣ ଗଲି ତୋତେ । ତୁ ନାଥ କୃପାକର ମୋତେ ॥
ତୁ ନାଥ ଦଶରଥ ସୁତ । କୌଶଲ୍ୟା ଗର୍ଭରୁ ସମ୍ଭୂତ ॥
ତୁ ସେ ଦେବକୀ ଦେବୀ ସୁତ । ନନ୍ଦବ୍ରଜନ ତୋର ତାତ ॥
ତୁ ଧନୁର୍ଦ୍ଧର ବଳବନ୍ତ । ତୁ ବଂଶୀଧର ଜଗଜ୍ଜିତ ॥
ତୁ ଯେ ଜାନକୀଦେବୀ କାନ୍ତ । ତୋହର ନାହିଁ ଆଦ୍ୟଅନ୍ତ ॥
ତୁହି ଶ୍ରୀରାଧା ପ୍ରାଣଧନ । ଭକତବନ୍ଧୁ ଭଗବାନ ॥
ତୁହି ଜଗତଜନ ହିତେ । ଅନେକ ରୂପ ଏ ଜଗତେ ॥
ଧରି ଭକତ ପ୍ରତିପାଳୁ । ଏଣୁ ତୁ ପରମ ଦୟାଳୁ ॥
ଏ କଥା ଯେବେ ସତ୍ୟ ତୋର । ଦେଖାଅ ରାମ ଅବତାର ॥
ଘନଶ୍ୟାମଳ ରାମମୂର୍ତ୍ତି । ଶ୍ରୀକରେ କୋଦଣ୍ଡ ଭରଛି ॥
ବାମେ ଜାନକୀଦେବୀ ଶୋଭି । ଦକ୍ଷିଣେ ଶ୍ରୀଲକ୍ଷ୍ମଣ ଲଭି ॥
ଏମନ୍ତ ରୂପ ଆଦ୍ୟମୂଳ । ଧରି ରଖ ତୋ ଭୃତ୍ୟ ଛଳ ॥
ନୋହିଲେ ସରଳ ତୁଳସୀ । ତାହା ଜାଣିଲେ ବ୍ରହ୍ମରାଶି ॥
ସେକ୍ଷଣି କୃଷ୍ଣରୂପ ଯାଇ । ଶ୍ରୀରାମରୂପେ ଭବତ୍ରାହି ॥
ଜାଣିଲେ ସେ ତୁଳସୀ ଦାସ । ହୋଇଲେ ଅତ୍ୟନ୍ତ ହରଷ ॥
ବୋଇଲେ ଆସ ସର୍ବଜନ । ଦର୍ଶନ କର ରଘୁନାଥ ॥
ଏମନ୍ତ ଶୁଣି ଅଧିକାରୀ । ଡକାଇ ଆଣିଲେ ପୂଜାରୀ ॥
କବାଟ ଫିଟାଇ ଦେଖିଲେ । ସମସ୍ତେ ଆଚମ୍ଭିତ ହେଲେ ॥
ଅମୂଲ୍ୟ ରତ୍ନ ସିଂହାସନ । ବିଜୟେ ଶ୍ରୀ ମଧୁସୂଦନ ॥
ଶ୍ରୀକରେ ଧନୁର୍ବାଣ ଧରି । ଭକତ ଛଳେ ବିଜେକରି ॥
ମୁକୁଟ ନାନା ରତ୍ନେ ଶୋଭି । ମଉଳ ପଡ଼ିଅଛି ଲଭି ॥
କର୍ଣ୍ଣରେ କୁଣ୍ଡଳ ବିରାଜେ । ସେ ରବି ଛବି ଗର୍ବ ଗଞ୍ଜେ ॥
କଣ୍ଠେ ମୁକୁତା ହାର ଶୋହେ । ଯେ ରୂପେ ଜଗଜ୍ଜନ ମୋହେ ॥
ହୃଦରେ ପଦକ ବିରାଜେ । ବୀର ବାହୁଟି ବେନିଭୁଜେ ॥
କରେ କଙ୍କଣ ଶୋଭିବନ । ହରଇ ପ୍ରାଣୀଙ୍କର ମନ ॥
ଅଙ୍ଗୁଳି ମୁଦ୍ରିକା ବିରାଜେ । ହେମ କିଙ୍କିଣୀ କଟୀ ମାଝେ ॥

ରତ୍ନ ପାଦୁକା ବେନିପାଏ । ତହିଁ ଯୋଗୀନ୍ଦ୍ର କରେଁ ଲୟେ ॥
ନବୀନ ନୀଳମେଘ ପ୍ରାୟେ । ଛବି ବିରାଜେ ଜ୍ୟୋତିର୍ମୟେ ॥
ଏମନ୍ତ ବେଶ ଦଇତ୍ୟାରି । ପାରୁଶେ ଧରଣି କୁମାରୀ ॥
ସୁବର୍ଣ୍ଣ ଚମ୍ପକରୁ ଗୋରୀ । କରେ ତାମ୍ବୁଳ ଛତ୍ର ଧରି ॥
ଦକ୍ଷିଣେ ଲକ୍ଷ୍ମଣ ବିରାଜେ । ତା ଦକ୍ଷହସ୍ତେ ଛଡ଼ୀ ସାଜେ ॥
କୋଟିବ୍ରହ୍ମାଣ୍ଡରେ ଉପମା । ତାହାଙ୍କ ପରି ସେ ସୁଷମା ॥
ଏମନ୍ତ ପ୍ରଭୁ ରୂପ ଦେଖି । ପିଛଡ଼ା ନ ପଡ଼ିଲ ଆଖି ॥
ସେ ପ୍ରଭୁ ପଦ୍ମ ପାଦତଳେ । ସର୍ବେ ନମିଲେ ଏକାବେଳେ ॥
ଭାବରେ ହୋଇ ଗଦ ଗଦ । ପୂଜି ତୁଳସୀ ଦାସ ପାଦ ॥
ଦିବ୍ୟ ଭୋଜନ ତାଙ୍କୁ ଦେଲେ । ବ୍ୟଞ୍ଜନ ଷଡ଼ରସ ତୁଲେ ॥
ଗନ୍ଧ ଚନ୍ଦନ ମାଳା ଯେତେ । ଦେଇ ପୂଜିଲେ ବିଧିମତେ ॥
ବୋଇଲେ ଧନ୍ୟ ତୋ ଜୀବନ । ବଶ ତୁ କଲୁ ଭଗବାନ: ॥
ଆମ୍ଭେ ଯେ କେତେ ପୁଣ୍ୟକଲୁ । ତୁମ୍ଭର ଦର୍ଶନ ଲଭିଲୁଁ ॥
ଆଜି ସୁଫଳ ଆମ୍ଭଂ ଜନ । ପାଇଲୁ ଶ୍ରୀରାମ ଦର୍ଶନ ॥
ତୁମ୍ଭରେ ଏତେ କର୍ମ ହେଲା । ଦେଖିବା ଶୁଣିବା ନ ଥିଲା ॥
ଏବେ ଏମନ୍ତେ ତୁମ୍ଭେ କର । ଭକତି ଦେନଣ ଆମ୍ଭର ॥
ଶ୍ରୀରାମ ହୋନ୍ତୁ ଅନ୍ତର୍ଦ୍ଧାନ । ବିଜେ କରନ୍ତୁ ନନ୍ଦନାନ ॥
ମୁରଲୀଧର ରାଧାକାନ୍ତ । ଆମ୍ଭେ ତା ଦେଖିବୁଁ ସମସ୍ତ ॥
ଏମନ୍ତ ବୋଲି ଗଲେ ଚଳି । ପୁଣି କବାଟ ଦେଲେ କଳି ॥
ତୁଳସୀ ଦାସ ଭକ୍ତିଭରେ । ମସ୍ତକେ କର ନିବେଶିଲେ ॥
ଅନେକରୂପେ କଲେ ସ୍ତୁତି । ତାହା ଜାଣିଲେ ଶିରୀପତି ॥
ତକ୍ଷଣେ ଅଙ୍ଗ ପାଲଟାଇ । ଶ୍ରୀରାମ କୃଷ୍ଣରୂପ ହୋଇ ॥
ରାଧା ସ୍ୱରୂପ ବଇଦେହୀ । ଲକ୍ଷ୍ମଣ ସଖାରୂପ ହୋଇ ॥
ଯେ ଯାହା ଅନୁରୂପେ ଉଭା । ତହୁଁ କୋଟିଏ ଗୁଣେ ଶୋଭା ॥
ତ୍ରିଭଙ୍ଗୀ ରୂପେ ବେଣୁପାଣି । ତାହା ତୁଳସୀ ଦାସ ଜାଣି ॥
କବାଟ ଫିଟାଇଣ ଦେଲେ । ସମସ୍ତେ ଦେଖ ହୋ ବୋଇଲେ ॥

ତାଙ୍କ ବଚନେ ସବେଁ ଗଲେ । ଶ୍ରୀରାମ ରୂପ ନ ଦେଖିଲେ ॥
ବିଜୟୁ ବ୍ରଜେନ୍ଦ୍ର କୁମର । ଦେଖି ସମସ୍ତେ ଚମତ୍କାର ॥
ବୋଇଲେ ନମୋ ଭଗବାନ । ତୋ ତହୁଁ ଭକ୍ତ ନୁହେଁ ଆନ ॥
ଯେ ହରି ଭକ୍ତେ ଭିନ୍ନକରେ । ସେ ମହାପାପୀ ଏ ସଂସାରେ ॥
ଆମ୍ଭେ ଯା ଦେଖିଲୁ ସମସ୍ତ । ତୁ ଭକ୍ତିଛଳେ ଦେହବନ୍ତ ॥
ଏମନ୍ତ ବୋଲି ଯେଝାମତେ । ଭଜିଲେ ଭକ୍ତ ପାଦଗତେ ॥
ଲଭିଲେ ଅବା କେଉଁଗତି । ତାହା ଜାଣନ୍ତି ବେଦପତି ॥
ତୁଳସୀ ଦାସଙ୍କ ମହିମା । ଶୁଣ ହେ ମନ ମହାତମା ॥
ଏ କଳି ଯୁଗର ଚରିତ । କହି ଶୁଣିବା ଆଚମ୍ବିତ ॥
ଏ ଦାର୍ଢ୍ୟଭକ୍ତି ରସସାର । ଶୁଣି ଶରଧା ହୁଏ ଯାର ॥
ତାହାର ପାପ ଥାଇ ଯେତେ । ରହଇ ନାହିଁ କଦାଚିତେ ॥
କହଇ ବଳରାମ ଦ୍ୱିଜ । ବିଶ୍ୱାସ ଅଟେ ମୂଳ ବୀଜ ॥
ବୀଜ ନ ଥିଲେ ବୃକ୍ଷ କାହିଁ । ଫଳ ଲୋଡ଼ିଲେ ହେବ କାହିଁ ॥
ସୁଜନଜନ ଏଣେ ରସ । ମୁଁ ତୁମ୍ଭ ଦାସଙ୍କର ଦାସ ॥
ଶ୍ରୀରାମ କୃଷ୍ଣ ପଦ୍ମପାଦ । ହରଇ ବିଷୟୀ ବିଷାଦ ॥
ତହିଁ ଶରଣ ରାମ ଦାସ । ନ ନାଶ ମୋର ମନଆଶ ॥

॥ ଇତି ଶ୍ରୀ ଦାର୍ଢ୍ୟତାଭକ୍ତି ରସାମୃତେ ମନଚୈତନ୍ୟ ସମ୍ବାଦେ
ତୁଳସୀ ଦାସ ଦାର୍ଢ୍ୟଭାବ ବର୍ଣ୍ଣନେ
ନାମ ଊନବିଂଶୋଽଧ୍ୟାୟଃ ।

—*—

## ତ୍ରିଂଶ ଅଧ୍ୟାୟ
## ॥ ସିପ୍ରୀ ସମ୍ବାଦ
### ॥ ଚୈତନ୍ୟ ଉବାଚ

ପୁଣି ଚୈତନ୍ୟ ଅନୁରାଗେ । କହଇ ମନୁ ରାଜା ଆଗେ ॥
ହେ ମନୁ ସାବଧାନେ ଶୁଣ । ନିଶ୍ଚଳ କରି ତୋର ମନ ॥
ଏ ବଡ଼ ଅପୂର୍ବ କଥାଏ । ଶୁଣି ଖଣ୍ଡିବ ଭବଭୟେ ॥

ଏ ଜମ୍ବୁଦ୍ୱୀପେ ତାର ଘର । ଯେ ଦିଲ୍ଲୀ ସହର ନଗର ॥
ଜାତରେ ଅଟଇ ସିପୁଟି । ନାମ ତାହାର ପରମେଷ୍ଠି ॥
କୁଜ କଳଙ୍କ ପୃଷ୍ଠଦେଶେ । ଅଶୋଭ ମାତ୍ର ଏତେ ଦିଶେ ॥
ଅନ୍ୟ କଳଙ୍କ ନାହିଁ କିଛି । ସମସ୍ତ ଗୁଣ ପୂରିଅଛି ॥
ଭକ୍ତ ଅଂଶରେ ଜାତ ହୋଇ । ତା ଗୁଣ କହି ନ ସରଇ ॥
ପତ୍ନୀର ନାମ ତା ବିମଳା । ସୁନ୍ଦରୀ ସୁଗୁଣା ସୁଶୀଳା ॥
ସ୍ୱାମୀର ସେବା ତାର ବ୍ରତ । ବେନି ଦୁହିତା ତିନିପୁତ୍ର ॥
ଧନହିଁ ପୂରିଅଛି ଘରେ । ସିପୁଟି ଗୃହ ଏକା କରେ ॥
କେବଳ ଆତ୍ମଜ୍ଞାନମୟେ । ଜୀବକୁ ମଣେ ବିଷ୍ଣୁ ପ୍ରାୟେ ॥
ଜିତଇନ୍ଦ୍ରିୟ ସତ୍ୟବାଦୀ । ନିର୍ଲୋଭ ଅହିଂସା ଅକ୍ରୋଧୀ ॥
ଦମ୍ଭ କୁଟିଳ ମିଥ୍ୟାବାଦୀ । ବିଷୟେ ନାହିଁ ତାର ବୁଦ୍ଧି ॥
ଗୃହେ ଗୃହସ୍ଥପଣେ ଅଛି । ମନକୁ ଆୟତ୍ତେ ରଖିଛି ॥
ସଦା ଆନନ୍ଦ ମତ୍ତ ତାର । ମିଥ୍ୟା ମଣଇ ଏ ସଂସାର ॥
ଗୃହ କର୍ମରୁ ସେ ଉଦାର । ଜାଣଇ ମୁଠିଏ ଦେବାର ॥
ନାମ ଭଜନେ ଦୃଢ଼ମତି । ସାଧୁ ବୈଷ୍ଣବ ବିପ୍ରେ ଭକ୍ତି ॥
ଦୁଃଖୀ ଦରିଦ୍ରେ ଦୟା ଅତି । ସୁଜନମାନଙ୍କରେ ପ୍ରୀତି ॥
କୃଷ୍ଣ ମହିମା ଗାୟନରେ । ବସଇ ଯାଇଁ ଯେବେ ଥରେ ॥
ତା ଭକ୍ତି କହିଲେ ନ ସରି । ନେତ୍ରେ ଲୋତକ ଯାଏ ପୂରି ॥
କଣ୍ଠହିଁ ହୋଏ ଗଦଗଦ । ଅଙ୍ଗ ପୁଲକ ବହେ ସ୍ୱେଦ ॥
ଟାଙ୍କୋର ଦିଶେ ରୋମାବଳୀ । ବଚନ କହଇ ବିହ୍ୱଳି ॥
ଏମନ୍ତ ଭାବ ହୃଦେ ଥାଇ । ଜାଣଇ ପାପପୁଣ୍ୟ ଦୁଇ ॥
ସଚରାଚର ଯେତେ ଜୀବ । ସବୁରି ପ୍ରଭୁ ବାସୁଦେବ ॥
ପ୍ରାଣୀଏ କର୍ମରଜ୍ଜୁ ଧରି । ସାରଥି ସୂତ୍ରପ୍ରାୟ କରି ॥
ଏମନ୍ତ ବୋଲି ପ୍ରତିଦିନେ । ପ୍ରଭୁଙ୍କୁ ଚିନ୍ତୁଥାଇ ମନେ ॥
ଘୁଡ଼ିବା ଓଟାରିବା ଯେହି । କେ ପାରେ ଅନ୍ୟମାର୍ଗେ ଯାଇ ॥
ଏଣୁଟି ନିଜ କର୍ମପଥ । ମେଣ୍ଟିଣେ କେ ଅଛି ସମର୍ଥ ॥

ସେ କର୍ମରଙ୍କୁ ଆନ କରି । କେବଳ ପାରନ୍ତି ଶ୍ରୀହରି ॥
ତା ନିଜ କର୍ମ କରିଥାଇ । ଆତ୍ମାକୁ ଆତ୍ମାରେ ଚିହ୍ନାଇ ॥
ତା ସମେ ଉପକାରି ପଣେ । ଦିଲ୍ଲୀ ସହରେ ନାହିଁ ଜଣେ ॥
ତା ବସ୍ତ୍ର ସିଆଁ ଜନେ ଦେଖି । ସେ ଦିଲ୍ଲୀଶ୍ୱର ମହାସୁଖୀ ॥
ତାକୁ ଅନେକ ଦୟା କଲେ । ବସ୍ତ୍ର ପଠାଇ ତାହାଠାରେ ॥
ମାଣ୍ଡ୍ରିମୁଚୁଳି ଅପସର । ଯେ ଅବା ପଠାନ୍ତି ତାହାର ॥
ଟୋପି ତକିଆ ଶୀତହାଣ । କାଞ୍ଚୁଲି ଅଙ୍ଗରଖା ମାନ ॥
କରି ଯୋଗାଉଥାଏ ନେଇ । ମନ ସନ୍ତୋଷେ ଧନଦେଇ ॥
ଏମନ୍ତେ କେତେଦିନ ଅନ୍ତେ । ସେ ଦିଲ୍ଲୀଶ୍ୱର ଲଗି ଅର୍ଥେ ॥
ଅମୂଲ୍ୟ ବସ୍ତ୍ର ଖଣ୍ଡି ଆଣି । ବୋଇଲେ ନଅହେ ବନ୍ଦାଣି ॥
ଏ ଦିବ୍ୟ ହେମ ଜରିଥାନ । ଅମୂଲ୍ୟ ସେ ବସ୍ତ୍ର ଶୋଭନ ॥
ରତ୍ନ ଖଞ୍ଜିତ ପୁଞ୍ଜି ପୁଞ୍ଜି । ଦିବ୍ୟ ହୀରକ ଅଛି ରଞ୍ଜି ॥
ଏ ବସ୍ତ୍ର ଘେନ ଯାଅ ଚଳି । ସିଅଁ ହେ ଦୁଇଟି ମୁଚୁଳି ॥
ପକାଇଥିବ ଫୁଲ ମାନ । ସିଆଁରେ ନ ଦିଶିବ ଚିହ୍ନ ॥
ଏମନ୍ତ କରି ଘେନଆସ । ତୋ ମନ କରିବା ସନ୍ତୋଷ ॥
ଏମନ୍ତ କରି ସେ ସିପୁଟି । ସେ ବସ୍ତ୍ର ଘେନଗଲା ଉଠି ॥
ପ୍ରବେଶ ହେଲା ନିଜପୁର । ସ୍ନାନ ଭୋଜନ ସାରି ତାର ॥
ସିଇଁଣ ବସିଲା ମୁଚୁଳି । କଥା ଗୋଟିଏ ମନେ ଭାଳି ॥
ଏ ଯେ ଅପୂର୍ବ ବସ୍ତ୍ରଗୋଟି । ସୁବାସ ପଡୁଛି ଚହଟି ॥
ଦେଖିଲେ ମନ ନେସହରେ । ଖୋଜିଲେ ନ ଥିବ ସଂସାରେ ॥
ଶ୍ରୀ ଜଗନ୍ନାଥଙ୍କୁ ଏ ଯୋଗ୍ୟ । ମନୁଷ୍ୟେ ହୋଇବ କି ଭୋଗ୍ୟ ॥
ଏମନ୍ତେ ବିଚାରନ୍ତେ ମନ । ଦଇବ ଯୋଗେ ସେହିଦିନ ॥
ହୋଇଛି ଶ୍ରୀଗୁଣ୍ଡିଚା ଯାତ । ପହଣ୍ଡି ବିଜେ ଜଗନ୍ନାଥ ॥
ଏଣୁ ସମୟେ ସେ ମୁଚୁଳି । ସିଇଁଲା ବସାଇ ପିତୁଳି ॥
ଅପୂର୍ବ କରି ନିର୍ମାକଲା । ଦେଖି ତା ଧଇର୍ଯ୍ୟ ହରିଲା ॥
ଆନନ୍ଦଭାବେ ହେଲା ଭୋଳ । ବୁଡିଲା ନୟନ ଯୁଗଳ ॥

ତା ଦେଖୁଁ ବୁଦ୍ଧି ଟଳେଣେଗଲା । କର୍ଣ୍ଣରୁ ଶବଦ ହଜିଲା ॥
ପୁଣି ଇନ୍ଦ୍ରିୟ ଚେଷ୍ଟାମାନ । ପ୍ରକୃତି ସଙ୍ଗେ ହେଲା ଲୀନ ॥
ଅଜ୍ଞାନ ଅନ୍ଧକାର ଗଲା । ସୁଜ୍ଞାନ ଚନ୍ଦ୍ର ଉଦେ ହେଲା ॥
ପହଣ୍ଡି ବିଜୟ ଉତ୍ସବ । ମନରେ ହୋଇଲା ଉଦ୍ଭବ ॥
ନିଷ୍କାମଭାବେ ଭକତରେ । ଜ୍ଞାନ ନେତ୍ରରେ ଦେଖେ ଖରେ ॥
ନୀଳାଦ୍ରିନାଥ ଦେବ ହରି । ଛନ୍ତି ପହଣ୍ଡି ବିଜେକରି ।
ସେ ଗତି ମୃକତି ପସରା । ମନ ନୟନ କରେ ଭରା ॥
କୈବଲ୍ୟ ଜ୍ୱର ହେଉଅଛି । ନାହିଁ ସେ ଉଚ୍ଚ ନୀଚ ଜାତି ॥
ଆନନ୍ଦ ହେଉଅଛି ସୃଷ୍ଟି । ସକଳ ଲୋକେ ଏକଗୋଷ୍ଠୀ ॥
ଚଉଦପୁରୁ ଲୋକେ ଆସି । ଶରଣ ମାଗୁଛନ୍ତି ବସି ॥
କରି ବିଜୟେ ଆଦ୍ୟମୂଳ । ଧନ୍ୟ ସେ ଶ୍ୱେତପଦ୍ମତୋଳ ॥
ପାଠ ମୁଚୁଳିର ଉପର । ବିଜୟେ ଶଙ୍ଖ ଚକ୍ରଧର ॥
ବେଢ଼ିଣ ପାରିଷଦ ବୃନ୍ଦ । କେ କହୁ ତାହାଙ୍କ ଆନନ୍ଦ ॥
ଶ୍ରୀଭୁଜ ଧରି ଦୋହଲାଇ । ଚଳନ୍ତି ଝୁଲାଇ ଝୁଲାଇ ॥
ଏକ ମୁଚୁଳି କରି ଦୂରେ । ଆରେକ ମୁଚୁଳି ଉପରେ ॥
ବିଜେ କରନ୍ତେ ଭବଗ୍ରାହୀ । ଅତି କଠୋର ଘାତ ପାଇ ॥
ପାଠ ମୁଚୁଳି ଗଲା ଫାଟି । ତାହା ଦେଖିଲା ସେ ସିପୁଟି ॥
ପାରୁଶେ ଥିଲା ପ୍ରାୟ ହୋଇ । ମୁଚୁଳି ଦେଲା ସେ ବଢ଼ାଇ ॥
ତହିଁ ବିଜୟେ ଜଗନ୍ନାଥ । ସିପୁଟି ଯୋଡ଼ିଅଛି ହସ୍ତ ॥
ଦେଖ ହୋ ସୁଭାଗ୍ୟ ତାହାର । ଶୁଣି ଆନନ୍ଦ ମନ୍ ମୋର ॥
ବୋଲଇ ଶୁଣ ଚଇତନ୍ୟ । ଧନ୍ୟ ସେ ଭକତ ଜୀବନ ॥
ଏଥି ଉତ୍ତରେ ହେଲା କିସ । କହି ମୋ ମନ କର ତୋଷ ॥
ଶୁଣି ଚୈତନ୍ୟ ଅତି ଧୀରେ । କହଇ ମନର ଆଗରେ ॥
ଏଥି ଉତ୍ତରେ ଯେଉଁ କଥା । ଶୁଣ ହୋ ମନ ମହାରଥୀ ॥
ମୁଚୁଳି ବଢ଼ାଇଣ ଦେଲା । ସିପୁଟି ପ୍ରଭୁ ପାଶେ ଥିଲା ॥
ସାଷ୍ଟାଙ୍ଗେ ଦଣ୍ଡବତ କଲା । ଉଠି କପାଳେ କରଦେଲା ॥

ପଛକୁ କରନ୍ତେ ଗମନ | ତକ୍ଷଣେ ଗଲା ସେହୁ ଜ୍ଞାନ ||
ତା ନିଜମନ ବୁଦ୍ଧି ହୋଇ | ମନ୍ଦିରେ ବସିଣ ଅଛଇ ||
ଏକ ମୁଚୁଳା ଅଛି ଧରି | ଆରତି ନେଲେ ଦେବହରି ||
ତା ମନେ କରଇ ବିଚାରି | ଏତ ଅପୂର୍ବ ଚମତ୍କାର ||
କି କୃପା କଲେ ଦେବରାଜ | କି ଭାଗ୍ୟ ହେଲା ମୋର ଆଜ ||
ଏମନ୍ତେ ଭାବୁଅଛି ବସି | ଭୟ ଆନନ୍ଦ ମିଶା ମିଶି ||
ଦଣ୍ଡିବ ପରା ଦିଲ୍ଲୀଶ୍ୱର | ମୋ ପ୍ରଭୁ ବଳେ ବଳୟାର ||
ଏମନ୍ତ ବିଚାରୁ ତା ମନେ | ବାଦ୍‌ସାର ଛଡ଼ିଦାରମାନେ ||
ଦ୍ୱାରେ ଡାକିଲେ ରେ ସିପୁଟି | ବହନ ହୋଇ ଆସ ଉଠି ||
ଦିଲ୍ଲୀଶ୍ୱରଙ୍କ ଆଜ୍ଞା ଶୁଣ | ମୁଚୁଳା ଦୁଇଗୋଟି ଆଣ ||
ତା ଶୁଣି ଅତି ବେଗେ ଉଠି | ଧରିଣ ସେ ମୁଚୁଳା ଗୋଟି ||
ବାଦ୍‌ସାର ଆଗେ ନେଇଦେଲା | ଅନେକ ସଲାମ ସେ କଲା ||
ବାଦ୍‌ସା ବୋଇଲେ ଅନାଇ | ଆଉ ମୁଚୁଳା ଗୋଟି କାହିଁ ||
ସିଇଁ କି ନାହୁଁ ସତ କହ | ତୋତେ ଦେଖି ମୋ କମ୍ପେ ଦେହ
ସିପୁଟି ଶୁଣି ପାଦେ ପଡ଼ି | ଉଠି ମସ୍ତକେ କରଯୋଡ଼ି ||
ବୋଲଇ କହୁଛି ମୁଁ ସତ | ଗୋଟିଏ ନେଲେ ଜଗନ୍ନାଥ ||
ଗୋଟିଏ ଦେଲି ତୋ ଛାମୁରେ | ତୋ ଇଚ୍ଛା ଯାହା ତାହା କର ||
ଶୁଣି ବାଦସା ଅଳ୍ପ ହସି | କ୍ରୋଧ ହରଷ ମିଶାମିଶି ||
ବୋଇଲେ କି କହୁରେ ବାଇ | କହ ତୋ ଜଗନ୍ନାଥ କାହିଁ ||
କେବଣ ଦେଶେ ତାର ଘର | କହ ସେ କେତେ ବଳୀୟାର ||
କି କରିପାରେ ତାର ହସ୍ତେ | ମୁଚୁଳା ନେଲା ସେ କେମନ୍ତେ ||
କ୍ଷେତ୍ରକୁ ଏ ଦିଲ୍ଲୀ ସହର | ଦୁଇଶ ଯୋଜନ ଅନ୍ତର ||
ଏହା କହୁଛୁ ମୋର ପାଶ | କି ତୋ ଜୀବନେ ନାହିଁ ଆଶ ||
ଆଜର ମଧ୍ୟେ ଯେ କେମନ୍ତେ | ନେଲେ ସେ ଦେଲୁ କେଉଁମତେ ||
ଏମନ୍ତ ଶୁଣି ସେ ସିପୁଟି | ଭଜେ ଗୋବିନ୍ଦ ନାମଗୋଟି ||
ମୋର ମରଣେ ଡର ନାହିଁ | ବୋଇଲା ଶୁଣ ଚିତ୍ତ ଦେଇ ||

ତୁମ୍ଭେ ଯା' ପଚାରିଲ ମୋତେ । କହଇ ଶୁଣ ଶୁଦ୍ଧ ଚିତ୍ତେ ॥
ସେ ଯେଉଁ ଦାରୁବ୍ରହ୍ମ ହରି । ଜଗତ ଯାକ ଛନ୍ତି ପୂରି ॥
ଦଇବେ ଜଗତ ଈଶ୍ୱର । ନୀଳାଦ୍ରି ନବରେ ତା ଘର ॥
ଜଗତ ପାଳିବା ନିମନ୍ତେ । କମ୍ବୁ ରଥାଙ୍ଗ ଧରି ହସ୍ତେ ॥
ଯେ ଯାହା ବିଚାରିଲେ ଜାଣେ । ଯହିଁ ଡାକିବ ତହିଁ ଶୁଣେ ॥
ଅନେକ ଯୋଜନର ପ୍ରାଣୀ । ଯେ ଯେତେ ଦ୍ରବ୍ୟ ଦେଲେ ଆଣି ॥
ଭୋଗ କରନ୍ତି ଚକ୍ରପାଣି । କେବଳ ଭକ୍ତ ମନ ଜାଣି ॥
ଅଭକ୍ତ ଲୋକଙ୍କୁ ସେ ଦୂର । ଏ କଥା ମିଥ୍ୟା ନ ବିଚାର ॥
ଶୁଣି ବାଦସା କ୍ରୋଧଭର । ବୋଲଇ ଶୁଣରେ ପାମର ॥
ଆମ୍ଭର ସିନା ଭବନାହିଁ । ଭବରେ ପୂରିଅଛୁ ତୁହି ॥
ଏବେ ତୁ ମରଣ ମୁଖରୁ । ସୁମର ତୋତେ ରକ୍ଷାକରୁ ॥
ଏମନ୍ତେ ବାଦସା କ୍ରୋଧଚିତ୍ତେ । ବୋଲଇ ଶୁଣ ଆରେ ଦୂତେ ॥
ଏ ଦୁଷ୍ଟ କୁବୁଜକୁ ନିଅ । ବନ୍ଦୀ ମନ୍ଦିରେ ନେଇ ଥୁଅ ॥
ଆଣେ ରଜ୍ଜୁଏ କରେ ଧରି । ବାନ୍ଧିବ ପଛବାହା କରି ॥
ଚରଣେ ଲଗାଅ ସାଙ୍କୋଳି । ଆଣେ କବାଟ ଦିଅ କିଳି ॥
ଅନ୍ନ ନ ପାଇ ଯାଉ ମରି । ପାରିଲେ ରଖୁ ଆସି ହରି ॥
ତା ଶୁଣି ଦୂତେ ଘେନିଗଲେ । ବନ୍ଦୀମନ୍ଦିରେ ବନ୍ଦୀ କଲେ ॥
ସେ ଭକ୍ତ ସୁମରଇ ହରି । ବାନ୍ଧିଲେ ପଛବାହା କରି ॥
ବନ୍ଦୀମନ୍ଦିରେ ବନ୍ଦୀ କଲେ । କବାଟ ଆଣେ କିଳିଦେଲେ ॥
ଶୁଣ ସୁମନ ଶୁଦ୍ଧଚିତ୍ତେ । ଏଥି ଉତ୍ତରୁ କଥା ଯେତେ ॥
ସେ ଭକ୍ତ ବନ୍ଦୀଘରେ ଥାଇ । ଡାକଇ ରଖ ଭବଗ୍ରାହୀ ॥
ରଖ ହେ କମଳା ରମଣ । ରଖ ହେ ଜଗତ ତାରଣ ॥
ଦ୍ରୌପଦୀ ଗଜ ଗର୍ଭାଏଣୀ । ରକ୍ଷା କରିତା ଚକ୍ରପାଣି ॥
ହେ ଚକ୍ଷୁ ଶ୍ରବଣ ନାୟକ । ନବୀନ ଜଳଦ ଦାୟକ ॥
ହେ ବଙ୍କ ଧନୁର୍ବାଣ ଧାରୀ । ହେ ସପ୍ତସିନ୍ଧୁ ବନ୍ଧକାରୀ ॥
ହେ କୃପାସିନ୍ଧୁ ମହାମେରୁ । ହେ ଭକ୍ତବାଞ୍ଛା କଳ୍ପତରୁ ॥

ହେ ନାଥ ଦୀନଜନ ବନ୍ଧୁ । ହେ ଆର୍ତ୍ତତ୍ରାଣ କୃପାସିନ୍ଧୁ ॥
ହେ ଶିଳା ଅବଳା ତାରକ । ହେ ନୀଳାଚଳ ଶ୍ରୀନାୟକ ॥
ହେ ଜନରଞ୍ଜନ ନୟନ । ହେ ଘୋର ବିପଦ ନାଶନ ॥
ହେ ପ୍ରହ୍ଲାଦ ଉଦ୍ଧାରଣ । ହିରଣ୍ୟ ହୃଦ ବିଦାରଣ ॥
ହେ ଗିରିଗୋବର୍ଦ୍ଧନ ଧାରୀ । ହେ ଇନ୍ଦ୍ର ଗର୍ବ ଖର୍ବକାରୀ ॥
ଶିବ ବିରଞ୍ଚି ଯାର ପାଦେ । ଧ୍ୟାନେ ଧ୍ୟାବନ୍ତି ଅପ୍ରମାଦେ ॥
ତୋର ମହିମା ଅକୂପାର । ମୋ ସ୍ତୁତି କେତେକ ମାତର ॥
କାହୁଁ ଜାଣିବ ତୋର ଭାବ । ଯୋଗୀନ୍ଦ୍ର ଜନେ ଯେ ଦୁର୍ଲ୍ଲଭ ॥
ଜଗତ ତୋର ଖେଳଘର । ମୁଁ ନକ ତହିଁରୁ ବାହାର ॥
ଏଣୁ ଭରସା କରେ ତୋତେ । ପଠାଣ ଦଣ୍ଡୁ ରଖ ମୋତେ ॥
ତୋହର ଇଚ୍ଛା ଯାହା କର । ଆୟତ୍ତ ନାହିଁଟି ମୋହର ॥
ଏମନ୍ତ ବୋଲି ଚକ୍ଷୁ ବୁଜି । ଧ୍ୟାନେ ଶ୍ରୀହରି ନାମ ଭଜି ॥
ଚିନ୍ତନ୍ତେ ଶଙ୍ଖଚକ୍ର ବାହୁ । ନିଦ୍ରା ଘୋଟିଲା ଗୃହୁ ଗୃହୁଁ ॥
ତାହା ଜାଣିଲେ ଦେବସ୍ୱାମୀ । ଯେ ପ୍ରଭୁ ସର୍ବ ଅନ୍ତର୍ଯାମୀ ॥
ଅଧମ ଉଦ୍ଧାରଣ ବାନା । ନ ସହେ ଭକତ ବେଦନା ॥
ତକ୍ଷଣେ ବିଜେ କରି ଗଲେ । ଦିଲ୍ଲୀସହରେ ଯାଇ ହେଲେ ॥
ବେଗରେ ପ୍ରଭୁ ବ୍ରହ୍ମରାଶି । ଭୃତ୍ୟର ବନ୍ଦୀଘରେ ପଶି ॥
ଅଶେଷ ବ୍ରହ୍ମାଣ୍ଡର ଶୋଭା । ଭୃତ୍ୟ ପାରୁଶେ ହେଲେ ଉଭା ॥
ଯହିଁ ପଡ଼ିଲା କୃପାଦୃଷ୍ଟି । ପାଦୁଁ ଶଙ୍ଖୋଳି ଗଲା ଫିଟି ॥
ବନ୍ଧନ ଗଣ୍ଠି ଫିଟିଗଲା । ତକ୍ଷଣେ ଉଶ୍ୱାସ ହୋଇଲା ॥
ଅନାଇ ଦେଲା ନେତ୍ରପଥେ । ବିଜୟ ପ୍ରଭୁ ଜଗନ୍ନାଥେ ॥
ଅଭୟ ବରଦାତା ଗୁରୁ । ଭୃତ୍ୟ କଳ୍ପନା କଳ୍ପତରୁ ॥
ହସି କହନ୍ତି ଆଦିମୂଳ । କହ ତୁ କମ୍ପାଇ ବିକଳ ॥
ମୋ ପରି ଯାହା ଥାଉଁ ଥାଉଁ । ତୋର କାହାକୁ ଭୟ ଆଉ ॥
ଏ ଚକ୍ର ଥିଲେ ମୋର କର । ମୋର ସେବକ ବଳୀୟାର ॥
ଏମନ୍ତ ବୋଲି ଆଜ୍ଞା କଲେ । ଅଭୟ ପାଦ ଶିରେ ଦେଲେ ॥

ତକ୍ଷଣେ କୁଜ କେଣେ ଗଲା । କନ୍ଦର୍ପ ସଦୃଶ ଦିଶିଲା ॥
ଦେଖ ହୋ ସୁଭାଗ୍ୟ ତାହାର । ଯାହା ନ ପାଏ ବେଦବର ॥
ସେ ପାଦପଦ୍ମ ଶିରେ ବହି । ପବିତ୍ର ହେଲା ତାର ଦେହି ॥
ଭାବରେ ଗଦ ଗଦ ହୋଇ । କହୁଛି ସେ ନ ପାରଇ କହି ॥
ପ୍ରଭୁ ବିଜୟ କରିଗଲେ । ବାଦସା ମନ୍ଦିରେ ମିଳିଲେ ॥
ଯେ ଦିଲ୍ଲୀଶ୍ୱର ନିଦ୍ରାଗତେ । ପଲଙ୍କେ ଶୋଇଛି ଅଚେତେ ॥
ତହିଁ ବିଜୟ ଭଗବାନ । ବୋଲଇ ଶୁଣରେ ଅଜ୍ଞାନ ॥
ଏ ଅଧିକାର ଏ ଜଗତେ । ମୁଁ ସିନା ଦେଇଅଛି ତୋତେ ॥
ଏହା ନ ଜାଣି ତୋର ମନେ । ମୋ ଭକ୍ତେ ଦଣ୍ଡିଲୁ କେସନେ ॥
ଛାର ମୂଚୁଲାଟିଏ ମୋତେ । ମୋ ଭକ୍ତ ଦେଲା ଭକ୍ତିରତେ ॥
ମୋର ପଦାର୍ଥ ମୋତେ ଦେଲା । ତୋ ବାପ ଗଣ୍ଠିକ ସରିଲା ॥
ଏବେ ତୁ ପ୍ରଭାତରୁ ଉଠି । ବନ୍ଦୀରୁ ଅଣାଅ ସିପୁଟି ॥
ଅନେକ ଦେବୁ ଉପହାର । ଚରଣେ ପୂଜିବୁ ତାହାର ॥
ଏମନ୍ତ ନ କଲେ ଅବଶ୍ୟ । ଛାଡ଼ ତୋ ଜୀବନର ଆଶ ॥
ତୋ ବଂଶ ଆଦି ତୋତେ ଧରି । କାଟିବି ଟିକି ଟିକି କରି ॥
ପିଟିଲେ ଦିଲ୍ଲୀଶ୍ୱରେ ଘଟେଗ । ଲୋଳା ବସିଲା ତାର ଅଙ୍ଗେ ॥
ଏମନ୍ତ କହି ଦଇତ୍ୟାରି । କରେ ଗଉଣ୍ଣି ବେତ ଧରି ॥
ହସ୍ତିନାଗର ନଟବର । ସେଠାରୁ ହୋଇଲେ ଅନ୍ତର ॥
ସେ ଯେ ବିଷମ ଘାତ ପାଇ । ଚେତଣ ଉଠିଲା ବୋବାଇ ॥
ନୟନ ଫେଡ଼ି ଦେଲା ଚାହିଁ । ପାଶେ ଦେଖିଲା କେହି ନାହିଁ ॥
ବିସ୍ମୃରେ ଏ କି ବିପରୀତ । ସ୍ୱପନ କଥା ହେଲା ସତ୍ୟ ॥
କେ ମୋତେ ଏଥେ ଗଲା ପିଟି । ଲୋଳା ତ ଦିଶୁଅଛି ଫୁଟି ॥
ଏ କଥା କାହାବଳେ ହେବ । ନିଶ୍ଚେଁ ସେ ଅଟଇ ଦଇବ ॥
ମୋତେ ଚେତାଇ ଦେଇଗଲା । ଭକ୍ତ ନିମନ୍ତେ ଏହା କଲା ॥
ଏଥିରେ କଲେ ଆଉ ହେଳା । ନିଶ୍ଚେଁ ବୁଡ଼ିବି ମୋର ଭେଳା ॥
ଏମନ୍ତେ ଭାବି ପ୍ରଭାତରେ । ଆପଣେ ଚଳିଲା ସତ୍ୱରେ ॥

ବନ୍ଦୀ ମନ୍ଦିରେ ହେଲା ଯାଇ । ଦେଖିଲା କବାଟ ଫିଟାଇ ॥
ପାଦେ ଶାଙ୍ଖୋଳି ନାହିଁ ତାର । ବନ୍ଧନ ହୋଇଛି ବାହାର ॥
ଭୁଜ କଳଙ୍କ ତାର ନାହିଁ । ତା ଶୋଭା କେ ପାରିବ କହି ॥
ଭଜେ ଶ୍ରୀରାମ ନାମଗୋଟି । ଆନନ୍ଦେ ବସିଛି ସିପୁଟି ॥
ତା ଦେଖି ଦିଲ୍ଲୀଶ୍ୱର ଭୟେ । ଭକ୍ତକୁ କୋଳରେ ବସାଏ ॥
ଗନ୍ଧ ଚନ୍ଦନ ମାଳାଧରି । ଅନେକ ଅଳଙ୍କାର ଭରି ॥
ପଟମୀ ଶାଢ଼ୀ ଶିରେ ଦେଲେ । ଅନେକ ବିନୟେ କହିଲେ ॥
ସମସ୍ତେ ଦେଖିଲେକ ତହିଁ । ଚରଣେ ବେନିକର ଦେଇ ॥
ବୋଇଲେ ଧନ୍ୟ ତୋ ଜୀବନ । ପବିତ୍ର କଲୁ ଏ ଭୁବନ ॥
ସତ୍ୟ କହିଲୁ ଆଜଠାରୁ । ତୁ ଆମ୍ଭ କୁଳ ଇଷ୍ଟ ଗୁରୁ ॥
ଏମନ୍ତ କହି ପାଟହାତୀ । ମଣ୍ଡିଲେ ନାନା ରତ୍ନପନ୍ତି ॥
ଘଣ୍ଟା ଘାଗୁଡ଼ି ନାଦକରି । ପିଠିରେ ଅମୂଲ୍ୟ ଅମାରି ॥
ତହିଁ ଭକ୍ତକୁ ବସାଇଲେ । ଦିଲ୍ଲୀ ସହରେ ବୁଲାଇଲେ ॥
ଜୟ ଘୋଷଣା ନାଦଦେଇ । ଛାଡ଼ିଲେ ତାର ପୁରେ ନେଇ ॥
ବାଦ୍‌ସା ଗଲେ ତାଙ୍କପୁର । ସର୍ବେ ଚଳିଲେ ଯେଝାଘର ॥
ଶୁଣ ହେ ମନ ମହାରଥୀ । ସେ ଭକ୍ତ ବନ୍ଧୁଙ୍କର କଥା ॥
ରେଣୁକୁ କରେ ମେରୁସମ । ଦେଖ ସେ ପୁରୁଷ ଉତ୍ତମ ॥
ସଂସାରେ ଦେବଦେବୀ ଯେତେ । କେ ଏହା କରିବ ଜଗତେ ॥
ଏମନ୍ତ ପ୍ରଭୁ ସେବା ଛାଡ଼ି । ଯେ ଅନ୍ୟ ମାର୍ଗେ ଯାନ୍ତି ବଢ଼ି ॥
ବ୍ୟର୍ଥ ତା ଦେହ ବହିବାର । ଶୁଣ କହିବା ଦୃଷ୍ଟାନ୍ତର ॥
ଯେହ୍ନେ ସୁଗନ୍ଧ ଦ୍ରବ୍ୟଲେଛି । ଦୁର୍ଗନ୍ଧେ ଯାଇ ବସେ ମାଛି ॥
ସେ ନର ଏମନ୍ତ ଅଟଇ । ଉଭୟ ଲୋକେ ସୁଖ ନାହିଁ ॥
ଏଥିଉତ୍ତରେ ସେ ଭକତ । ନିରତେ ଭଜେ ଜଗନ୍ନାଥ ॥
ତା ଜୀବଦଶା କଟାଇଲା । ପରମ ପଦହିଁ ପାଇଲା ॥
ଶୁଣ ହୋ ମନ ନୃପବର । ହିତରେ ହୁଏ ଏତେଦୂର ॥
ଏ ଯେ ଦାର୍ଢ୍ୟତାଭକ୍ତି ରସ । ବିଷୟୀ ବିଷକୁ ପୀୟୂଷ ॥

ଶ୍ରବଣ ପଠନ ଏ ଦୁଇ । ଯେ କରେ ଶ୍ରଦ୍ଧାଭାବ ବନ୍ଧି ॥
କଳୁଷ ପଙ୍କରୁ ନିସ୍ତରେ । ସେ ନରେ ଭବସିନ୍ଧୁ ତରେ ॥
ଶୁଣି ଆନନ୍ଦ ମନ ଯେତେ । କେ କହି ପାରେ ଏ ଜଗତେ ॥
ଚୈତନ୍ୟ ପାଦେ ପୂଜା କରି । ବୋଲଇ ଗଲି ମୁଁ ନିସ୍ତରି ॥
କହଇ ରାମଦାସ ଦ୍ୱିଜ । ମୋ ପ୍ରଭୁ ଶଙ୍ଖ ଚକ୍ର ଭୁଜ ॥
ସେ ଶ୍ୱେତପଦ୍ମ ନେତ୍ର ପାଦେ । ମୋ ମନ ରହୁ ଅପ୍ରମାଦେ ॥
ସୁଜନେ ଏଣେ କର ଲୟ । ଆଉ ନଥିବ ଯମ ଭୟ ॥
ମୁଁ ତୁମ୍ଭ ଚରଣେ କିଙ୍କର । ମୋ ଅପରାଧ କ୍ଷମାକର ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତି ରସାମୃତେ ମନଚୈତନ୍ୟ ସମ୍ବାଦେ ପରମଭକ୍ତ ସିଧୂଠି ଦୃଢ଼ଭକ୍ତି ଭାବ ବର୍ଣ୍ଣନେ ନାମ ତ୍ରିଂଶୋଽଧ୍ୟାୟଃ ।

—*—

## ଏକତ୍ରିଂଶ ଅଧ୍ୟାୟ
## ନାରାୟଣ ଦାସ ସମ୍ବାଦ

ନମସ୍ତେ ଦେବ ଗଣପତି । ଅନନ୍ତ ଜ୍ଞାନ ସିଦ୍ଧ ଯତି ॥
ପାର୍ବତୀ ଦେବୀ ପୁତ୍ରମଣି । ସକଳ ଦେବଙ୍କ ଅଗ୍ରଣୀ ॥
ନମୋ ଶାରଦା ଯାଜ୍ଞସେନୀ । ଜଗତ ଜନଙ୍କ ଜନନୀ ॥
ଯେ ଚନ୍ଦ୍ରେ ତୋର ପାଦଦ୍ୱନ୍ଦେ । ଶରଣ ରଖୁ ଅପ୍ରମାଦେ ॥
ତୋ ଆଜ୍ଞା ବିନା କେବା ନର । କହିବ ମହିମା ତୋହର ॥
ନମସ୍ତେ ଦେବ ଜଗନ୍ନାଥ । ନମସ୍ତେ ଶଙ୍ଖଚକ୍ର ହସ୍ତ ॥
କମଳା ଦେବୀ ପ୍ରାଣପତି । ଦାସ ବତ୍ସଳ ଦାଶରଥି ॥
ଶରଣ ପଞ୍ଜର ମୁରାରି । ଘୋର ଦୁରିତ ନାଶକାରୀ ॥
ଏଣୁ ଶରଣ ରାମଦାସ । ପୂରାଅ ମୋର ମନ ଆଶ ॥
ମନ ବୋଲଇ ଚଇତନ । ଶୁଣିଲି ଅପୂର୍ବ ବଚନ ॥
ତିରିଶ ଅଧ୍ୟା ପର୍ଯ୍ୟନ୍ତେ । ଦାର୍ଢ୍ୟତାଭକ୍ତି କଥା ଯେତେ ॥
ଏତିକ ମାତ୍ର ସୁଧାରସ । ଶ୍ରବଣେ ମନ ନୋହେ ତୋଷ ॥

ଆହୁରି ଶୁଣିବାକୁ ଇଚ୍ଛା । କରଇ ତେଣୁ ମୁହିଁ ପୁଚ୍ଛା ॥
ଅନ୍ୟ ଭକତ ମାନଙ୍କର । କଥା କି ଅଛଇ ଆବର ॥
କିମ୍ବା ଏତେକେ ହେଲା ଶେଷ । କହିବା ଏଥିର ସନ୍ଦେଶ ॥
ଶୁଣ ଚୈତନ୍ୟ କହେ ହସି । ଶୁଣ ହେ ମନ ଘଟବାସୀ ॥
ଏ ଯେ ସଂସାର ମଧ୍ୟଗତେ । ହରି ଭକତ ଛନ୍ତି ଯେତେ ॥
ମହିମା ଅପାରୁଁ ଅପାର । କେ ତାହା ହୋଇବ ଗୋଚର ॥
କେବଳ ଠିକ ଠିକ କରି । କହିଲି ସିନା କଥା ସ୍ଫୁରି ॥
ତା ଶୁଣି ମନ ନୃପବର । ବୋଲେ ଶୁଣ ଚୈତନ୍ୟ ବୀର ॥
ମୋରେ କରୁଣା ହୃଦ୍ ହୁଅ । ଆଉ ଭକ୍ତଙ୍କ କଥା କହ ॥
ଯେସନେ ତୃଷିତ ଚକୋର । ନିରତେ ଲୋଡ଼େ ସୁଧାକର ॥
ଚାତକ ଯେହ୍ନେ ଘନରସ । ଲୋଡ଼ଇ ରଜନୀ ଦିବସ ॥
ମୋହର ମନ ସେହିମତେ । ଆଶା ତୋ ବଚନ ଅମୃତେ ॥
ଆଉ ସାଧୁଙ୍କ କଥା ଯେତେ । ପ୍ରକାଶ କରି କହ ମୋତେ ॥
ତାହା ଶୁଣିଲେ ଚଇତନ । ବୋଲଇ ଶୁଣ ହେ ସୁମନ ॥
କହିବି ଅପୂର୍ବ ଚରିତ । କେବଳ ସ୍ଥିରକରି ଚିତ୍ତ ॥
ଗଙ୍ଗାଙ୍କ ଯହିଁରେ ନିବାସ । ସେ ପୁଣ୍ୟଭୂମି ବଙ୍ଗଦେଶ ॥
ଯେ କୀର୍ତ୍ତିଚନ୍ଦ୍ର ନୃପବର । ସେହି ରାଜ୍ୟରେ ତାର ଘର ॥
ଜାତିରେ ଅଟଇ କରଣ । ନାମ ତାହାର ନାରାୟଣ ॥
ପତ୍ନୀର ନାମ ତା ମାଳତୀ । ଅଚଳାଚଳ ତା ସମ୍ପତ୍ତି ॥
ଅତି ବିବେକୀ ଶୁଚିବନ୍ତ । ଅତି ଧାର୍ମିକ ଶୁଦ୍ଧଚିତ୍ତ ॥
ସାଧୁ ବୈଷ୍ଣବଙ୍କ ଚରଣେ । ସେବା କରଇ ଅନୁକ୍ଷଣେ ॥
କେବଳ ରଜନୀ ବାସର । ହରି ଭଜନ ମୂଳ ତାର ॥
ଦୁଃଖୀ ବା ଦରିଦ୍ର ଅତିଥି । ଦ୍ୱାରେ ତା ହେଲେ ଉପସ୍ଥିତ ॥
ତାହାଙ୍କୁ ଅନ୍ନବସ୍ତ୍ର ଦାନେ । ତୋଷଇ ଅତି ତୋଷ ମନେ ॥
ନାହିଁ ତା ନିଷ୍ଠୁର ବଚନ । ନ ହରେ ପରନାରୀ ଧନ ॥
ନିରତେ ଚିନ୍ତେ ହରିଭାବ । ଶ୍ରୀଗୁରୁ ପାଦେ ପୂର୍ଣ୍ଣଲୋଭ ॥

ତହୁଁ ଅଧିକ ତା ଯୁବତୀ । କେବଳ ସ୍ୱାମୀପାଦେ ମତି ॥
ନ ଜାଣେ ତୀର୍ଥ ବ୍ରତ କିବା । କେବଳ ସ୍ୱାମୀ ପାଦସେବା ॥
ସ୍ୱାମୀର ଆଜ୍ଞା ନ ଲଙ୍ଘଇ । ଶୁଣ ହେ ମନ ନୃପସାଇଁ ॥
ଏମନ୍ତେ ଥାନ୍ତି ବେନି ପ୍ରାଣୀ । ମିଥ୍ୟା ବଚନ ସେ ନ ଜାଣି ॥
ଅଦୃଷ୍ଟ ବଳରୁ ତାହାର । ନାହିଁ ତା ଦୁହିତା କୁମର ॥
ତେଣୁ ସେ ଚିନ୍ତାକରି ମନ । ବିଶ୍ୱରୁ ଥାଇ ଉଦ୍ଭିଦନ ॥
ଧନ ସମ୍ପଦ ଗୃହ ବାସ । ଏଥି ମୋ ପ୍ରୟୋଜନ କିସ ॥
କେବଳ ଅମୋକ୍ଷକୁ ଯିବି । ଶ୍ରୀରାମ ଚରଣ ସେବିବି ॥
ସେହି ରୂପଙ୍କୁ କରି ଧ୍ୟାନ । ତହିଁ ମୁଁ ବଞ୍ଚାଇବି ଦିନ ॥
ସେ ପୁଣ୍ୟକ୍ଷେତ୍ରେ ବାସକରି । ସୁଖେ ରହିବି ଦେହ ଧରି ॥
ଯାଉ ବା ଥାଉ ଏ ଶରୀର । ଅନ୍ୟ ଶରଣ ନାହିଁ ମୋର ॥
ଏମନ୍ତ ଭାବି ଗୃହେ ତାର । ଯେ ଥିଲା ଦେହ ଅଳଙ୍କାର ॥
ସମସ୍ତ ଠୁଳ କଲା ବେଗେ । କହିଲା ନିଜ ପତ୍ନୀ ଆଗେ ॥
ଚାଲ ଅଯୋଧ୍ୟାପୁର ଯିବା । ଶ୍ରୀରାମ ଚରଣେ ସେବିବା ॥
ଶୁଣି ଆନନ୍ଦ ନାରୀବର । ବୋଇଲା ଯେ ଇଚ୍ଛା ତୁମ୍ଭର ॥
ତୁମ୍ଭେ ଯେଣିକି ଯିବ ଯିବି । ତୁମ୍ଭ ଚରଣ ସେବୁଥିବି ॥
ମୁଁ ଯେ ତୁମ୍ଭର ବଶବର୍ତ୍ତୀ । ଶୁଣି ଆନନ୍ଦ ହେଲା ମତି ॥
ଆଣି ବଳଦ ଗୋଠା ଚାରି । ପଲାଣ ଘେନି ସଜ କରି ॥
ସକଳ ଦ୍ରବ୍ୟ ସେ ଅଖାରେ । ଭରି ଲଦିଲେ ବଳଦରେ ॥
ଶ୍ରୀରାମରୂପ ଧ୍ୟାନ କରି । ଚଳିଣ ଗଲେ ନରନାରୀ ॥
କେତେହେଁ ଦିନେ ଗଲେ ବାଟେ । ମିଳିଲେ ଯାଇଁ ଶଙ୍ଖକୂଟେ ॥
ତହିଁ ରହିଲେ କେତେଦିନ । ବୁଲି ଦେଖିଲେ ସର୍ବସ୍ଥାନ ॥
ସନ୍ଥ ମହନ୍ତ ସାଧୁଜନ । ଦେଖି ଆନନ୍ଦ କଲେ ମନ ॥
ସେବି ତାହାଙ୍କ ପାଦଗତେ । ଧନହିଁ ଦାନ କଲେ କେତେ ॥
ତହୁଁ ଚଳିଲେ ଶ୍ରଦ୍ଧାଗତେ । ଅଯୋଧ୍ୟା ଯିବାର ନିମନ୍ତେ ॥
କେତେହେଁ ଦି[illegible] ଯାଉଁ ଯାଉଁ । ସଙ୍ଗତେ ସଙ୍ଗୀ ନାହିଁ କେହୁ ॥

ଯଶନ୍ତେ ଅଗମ୍ୟ ବନସ୍ତେ । ଦେଖିଣ ଭୟ କଲେ ଶତେ ॥
ବାଟେ ରହିଲେ ବସାକରି । ଶୁଣ ହେ ମନ ଦଣ୍ଡଧାରୀ ॥
ପ୍ରଭାତୁଁ ଉଠି ଚଳିଗଲେ । ଶବର ପଲ୍ଲୀଏ ଦେଖିଲେ ॥
ତହିଁରେ ଆତଜାତ ଜନେ । ଦେଖି ଆନନ୍ଦ ହେଲେ ମନେ ॥
ତାହାଙ୍କୁ ପଥ ପଚାରିଲେ । ବେଗରେ ତହୁଁ ଚଳିଗଲେ ॥
ଏଥି ଉତ୍ତାରେ ସେ ଗ୍ରାମରେ । ଦେଖି ଦୁର୍ଜ୍ଜନ ଖଣ୍ଡ ନରେ ॥
ବିଚାର କଲେ ଜଣ ଦଶ । ବାଟ ଜଗିବା ସବେଁ ଆସ ॥
ଅନେକ ଧନ ଦ୍ରବ୍ୟମାନ । ବଳଦେ କରିଣ ଲଦନ ॥
ଯାଉ ଅଛନ୍ତି ଜଣ ଦୁଇ । ସଙ୍ଗେ ତାଙ୍କର କେହି ନାହିଁ ॥
ତାଙ୍କ ସଙ୍ଗରେ ସଙ୍ଗୀ ହେବା । ଅଗମ୍ୟ ବାଟେ ଘେନି ଯିବା ॥
ଏକାନ୍ତ ସ୍ଥାନେ ତାଙ୍କୁ ମାରି । ଧନ ଆଣିବା ତହୁଁ ହରି ॥
ଏମନ୍ତ ବିଚାର ଯେ କଲେ । ସେ ଜଣ ଦଶ ଚଳିଗଲେ ॥
ଅତ୍ୟନ୍ତ ଆନନ୍ଦିତ ହୋଇ । ମିଳିଲେ ତାଙ୍କ ପାଶେ ଯାଇ ॥
ବୋଇଲେ ଶୁଣ ହେ ବିଦେଶୀ । କେଣେ ଯିବାକୁ ଅଛ ଆସି ॥
ତା ଶୁଣି ନାରାୟଣ ଦାସ । ବୋଇଲେ ଶୁଣ ହେ ବିଶ୍ୱାସ ॥
ଶ୍ରୀରାମଚନ୍ଦ୍ର ରଘୁବଂଶୀ । ଯେଣୁ ଅଯୋଧ୍ୟା ପୁରବାସୀ ॥
ସକଳ ସଂସାର କାରଣୀ । ସକଳ ଜୀବ ଚିନ୍ତାମଣି ॥
ମହାମହିମା ମହାମେରୁ । ଭକତ ବାଞ୍ଛା କଳ୍ପତରୁ ॥
ତାଙ୍କ ଦର୍ଶନ ଇଚ୍ଛାକରି ଯାଉଛୁ ଅଯୋଧ୍ୟା ନଗରୀ ॥
ତାହା ଶୁଣିଲେ ଖଣ୍ଡମାନେ । ବୋଇଲେ ଶୁଣ ସାବଧାନେ ॥
ଏ ଘୋର ଅଗମ୍ୟ ବନସ୍ତେ । ଏକାକୀ ଯିବ ହେ କେମନ୍ତେ ॥
ଆମ୍ଭେ ଯାଉଛୁ ସେହି ସ୍ଥାନ । ପ୍ରଭୁଙ୍କୁ କରିବୁ ଦର୍ଶନ ॥
ଉତ୍ତମ ସଙ୍ଗ ହେଲା ଭେଟ । ଫିଟିଲା ମନର ସଙ୍କଟ ॥
ଚାଲ ସମସ୍ତେ ମିଶି ଯିବା । ପ୍ରଭୁଙ୍କୁ ଦର୍ଶନ କରିବା ॥
ଆମ୍ଭେ ତୁମ୍ଭଙ୍କୁ ରଖିଆଳ । ଭୟ ନ କର ତୁମ୍ଭେ ଚଳ ॥
ତାହା ଶୁଣିଣ ବେନିଜନ । ବିଚାର କଲେ ମନେ ମନ ॥

ଆମ୍ଭେ ଏହାଙ୍କୁ ଚହ୍ନୁ ନାହିଁ । ସଙ୍ଗ ହେବାର ନ ଯୋଗାଇ ॥
ବୋଇଲେ ପ୍ରଭୁ ରଘୁନାଥ । ଅନାଥ ଲୋକଙ୍କର ନାଥ ॥
ଯେ କାଣ୍ଡ କୋଦଣ୍ଡ ଧାରଣ । ସେ ଆମ୍ଭ ସଙ୍ଗ ବୋଲି ଜାଣ ॥
ସେ ଯେଣେ ନେବ ତେଣେ ଯିବୁ । ଆମ୍ଭ ଆୟତ୍ତ ନାହିଁ ବାବୁ ॥
ଏମନ୍ତ ଶୁଣିଣ ଦୁର୍ଜ୍ଜନେ । ବୋଇଲେ ଶୁଣ ମହାଜନେ ॥
କପଟ କଲ ତୁମ୍ଭ ଚିତ୍ତେ । ସବୁରି ପ୍ରଭୁ ଜଗନ୍ନାଥେ ॥
ସକଳ ଜୀବ ପ୍ରାଣମଣି । ସେ ହାନି ଲାଭର କାରେଣୀ ॥
ତୁମ୍ଭ ଆମ୍ଭଙ୍କୁ ସେହୁ ସାକ୍ଷୀ । ଚାଲ ହୋ ସଂଶୟ ଉପେକ୍ଷି ॥
ଆମ୍ଭେ କହୁଛୁଁ ତୁମ୍ଭ ଭଲ । ସମସ୍ତେ ମିଶି ଯିବା ଚାଲ ॥
ଶୁଣି ସେ ପତି ପତ୍ନୀ ଦୁଇ । ହୋଇଣ ବହୁତ ବିନୟୀ ॥
ବୋଇଲେ ପ୍ରଭୁ ଧନୁର୍ଦ୍ଧାରୀ । ସକଳ ଘଟେ ଛନ୍ତି ପୂରି ॥
ତାହାଙ୍କୁ ଯେବେ ସାକ୍ଷୀ କଲ । ହୋଇଲା ସବୁ କଥା ଭଲ ॥
ଏବେ ମିଶିଣ ଯିବା ସତ୍ୟ । ଆମ୍ଭର ତୁମ୍ଭେ ତାତ ମାତ ॥
ସଂସାର ମଧ୍ୟେ ଏତେ ଲେଖି । ସବୁ କଥାକୁ ଧର୍ମ ସାକ୍ଷୀ ॥
ଏମନ୍ତ ବୋଲି ସେ କହିଲେ । ମିଶି ସମସ୍ତେ ଚାଲିଗଲେ ॥
କେବଳ ମୁକୁନ୍ଦ ମୁରାରି । ହୃଦୟ ମଧ୍ୟେ ଚିନ୍ତାକରି ॥
ମାନ ବାନ୍ଧବା ପ୍ରାୟ ହୋଇ । ପଶିଲେ ଘୋରବନେ ଯାଇଁ ॥
କେତେହେଁ ଦିନେ ଚାଲିଯାନ୍ତେ । ଦୁଷ୍ଟେ ବିଚାରୁଛନ୍ତି ଚିତ୍ତେ ॥
ଆଜି କି ବିଚାର ଏଥର । ପଡ଼ିଲେ ଆମ୍ଭ ଆୟତ୍ତର ॥
ଏ ମହାଜନ ପ୍ରାଣ ନାଶି । ଘେନିଣ ଯିବ ଶୁଭ୍ରକେଶୀ ॥
ଧନ ଦ୍ରବ୍ୟାଦି ଥିବ ଯେତେ । ଖାଇ ବଞ୍ଚିବା ଦିନାକେତେ ॥
ବେଗେ ଖଡ଼୍ଗ ଧରି କରି । ଛେଦନ କର ଏହା ଶିର ॥
କେ ବୋଲେ ଜିହ୍ୱା ଉପାଡ଼ିବା । କେ ବୋଲେ ନୟନ ତାଡ଼ିବା ॥
କେ ବୋଲେ ନୁହଇ ଏମନ୍ତ । ବନ୍ଧନ କର ପାଦ ହସ୍ତ ॥
ଏକାନ୍ତ ସ୍ଥାନେ ପକାଇବା । ଉପରେ ପଥର ଲଦିବା ॥
ପଡ଼ିଣ ଥିବ ଦିନ ଚାରି । ଆପଣା ସୁଖେ ଯିବ ମରି ॥

ଧନ ବସନ ଅଛି ଯେତେ । ଏ ନାରୀ ଘେନିବା ସଙ୍ଗତେ ॥
ବହନ ହୋଇ ଯିବା ଭଲ । ସର୍ବେ ବୋଇଲେ ଏହୁ ଭଲ ॥
ଏମନ୍ତ ବୋଲି ବେଗ ହୋଇ । ଧଇଲେ ସାଧବକୁ ଯାଇଁ ॥
ନବଡ଼େ ବାନ୍ଧି ପକାଇଲେ । ଅଗମ୍ୟ ବନେ ଘେନିଗଲେ ॥
ପକାଇ ତାକୁ ଘଘ କରି । ମାଡ଼ି ବସିଲେ ଜଣ ଭରି ॥
ଆବର ଲୋକେ ଆଣି ଶିଳ । ଲଦିଲେ ତା ହୃଦ କମଳ ॥
ବୋଇଲେ ଏଥି ସୁଖେ ଥାଅ । ନୋହିଲେ ତୀର୍ଥକରି ଯାଅ ॥
ଏମନ୍ତ ବୋଲି ଚଳିଯାନ୍ତେ । ସେ ନାରାୟଣ ହୃଦ ଗତେ ॥
ବୋଲେ ଜଗତ ଚିନ୍ତାମଣି । ନମୋ କୋଦଣ୍ଡ କାଣ୍ଡପାଣି ॥
ନମସ୍ତେ ନୀଳଘନ ମୂର୍ତ୍ତି । ନମୋ ଜାନକୀ ଦେବୀ ପତି ॥
ନମସ୍ତେ ତ୍ରୈଲୋକ୍ୟ ଈଶ୍ୱର । ସଂସାର ତୋର ଖେଳଘର ॥
ଚର ଅଚର ଆଦିକର । ସକଳ ଘଟେ ଅଛୁ ପୂରି ॥
ତୋର ଉଦରେ ଏ ସଂସାର । ତୁ ଅଛୁ ଅନ୍ତର ବାହାର ॥
ତୋର ବାହାରେ ଅନ୍ୟ ଜଣେ । ଅଛି କେ ମୋ ଜୀବ ରକ୍ଷଣେ ॥
ତୁ ନାଥ ଯାହା ତାହା କର । ଅନ୍ୟ ଶରଣ ନାହିଁ ମୋର ॥
ଏମନ୍ତେ ଚିନ୍ତନ୍ତେ ମନେ ମନ । ବଦନୁ ନ ସ୍ଫୁରେ ବଚନ ॥
ତାହା ଜାଣି ସେ ଦୁଷ୍ଟ ଚରେ । ଏ ମଲା ବିଚାର ଭିତରେ ॥
ଲେଉଟି ଗଲେ ପ୍ରିୟା ପାଶ । ବୋଇଲେ ଏବେ ଯିବା ଆସ ॥
ଭୁଲି ମରନ୍ତୁ କେଣେ ଯାଇଁ । ଅରକ୍ଷଜନ ପ୍ରାପ୍ତ ହୋଇ ॥
ଏବେ ପାଇଲୁଁ ଧନପତି । ତାହା ଶୁଣିଣ ସେ ଯୁବତୀ ॥
ରହିଲା ସ୍ତମ୍ଭୀଭୂତ ହୋଇ । ଯେସନେ କାଷ୍ଠର କୁଣ୍ଢାଇ ॥
ଭୟେ ତା ଜୀବନ ଉଡ଼ିଲା । ଶ୍ରୀରାମ ନାମ ସୁମରିଲା ॥
ବୋଇଲା ଆହେ ମହାବାହୁ । ଶରଣ ପଞ୍ଜର ବୋଲାଉ
ପୁରାଣ ପଠେ ଅଛି ଶୁଣି । ଆତଙ୍କ କାଳେ ରଘୁମଣି ॥
ରଖିବେ ବୋଲି ଧନୁଶର । ଧରିଣ ଅଛ ବେନିକର ॥
ଏମନ୍ତ ବୋଲି ବନଭାଗେ । ଗୃହୁଁ ସେ ଅଛି ଗୃହଦ୍ୱାରେ ॥

ତା ମନ ଜାଣି ଦଇତ୍ୟାରି । ତେଜିଲେ ଅଯୋଧ୍ୟା ନଗରୀ ॥
ଚଢ଼ିଣଶ୍ୱେତ ଅଶ୍ୱପରେ । ମିଳିଲେ ସେହି ବନସ୍ତରେ ॥
ଝଟକି ବିଜୁଳିର ପ୍ରାୟେ । ଆଗେ ଦିଶିଲେ ଦେବରାୟେ ॥
ସୁବର୍ଣ୍ଣ ମୁକୁଟ ମଣ୍ଡିଳି । ଦ୍ୱିତୀ ସୂର୍ଯ୍ୟର ପ୍ରାୟେ ଝଳି ॥
ଶ୍ରବଣେ ମକର କୁଣ୍ଡଳ । ଲୁଳଇ ବେନି ଗଣ୍ଡସ୍ଥଳ ॥
କଣ୍ଠେ କୌସ୍ତୁଭ ମଣିହାର । ସ୍ୱରୂପେ ଜନ ମନୋହର ॥
ହୃଦରେ ପଦକ ବିରାଜେ । ରତ୍ନକଙ୍କଣ ବେନିଭୁଜେ ॥
ଚମ୍ପକ କଢ଼ିର ଅଙ୍ଗୁଳି । କି ଶୋଭା ମୁଦ୍ରିକା ଆବଳୀ ॥
ପୀତବସନ କଟୀମାଝେ । ସୁରତ୍ନ ମେଖଳା ବିରାଜେ ॥
ନୀଳ ଜୀମୂତ କଳେବର । ରାଜୀବ ଲୋଚନ ସୁନ୍ଦର ॥
ରଙ୍ଗ ଅଧରେ ମନ୍ଦହାସ । ଗଳି କି ପଡ଼ୁଛି ପୀୟୂଷ ॥
ନାଟୁଆ ଶିରୋମଣି ପ୍ରାୟେ । ପିନ୍ଧା କାଛେଣି କହିନୋହେ ॥
କଟୀରେ ଯମଦାଢ଼ ବାନ୍ଧି । ଶର ତୂଣୀକୁ କନ୍ଧେ ଛନ୍ଦି ॥
ଢାଲହିଁ ପଡ଼ିଛି ପିଠିରେ । ଚଢ଼ିଣ ଶ୍ୱେତ ଅଶ୍ୱପରେ ॥
ଏମନ୍ତ ଯନ୍ତ୍ରୀରୂପ ହୋଇ । ଧାଇଁ ଅଛନ୍ତି ଯବଗ୍ରାହୀ ॥
ତାହାଙ୍କୁ ଦେଖି ସେ ଦୁର୍ଜ୍ଜନେ । ପଳାଇଗଲେ ଘୋରବନେ ॥
କେ ଅବା ଭୟେ ଗଡ଼ପଡ଼ । କା ଆଣ୍ଠୁ ଗଣ୍ଠି ଗଲା ଛିଡ଼ି ॥
କାହା କପାଳ ଗଲା ଫାଟି । ଭାଜିଲା କାହା ଦନ୍ତ ପାଟି ॥
ବାଜିଣ କଣ୍ଟା ଡାଳ ଖୁଣ୍ଟି । କାହାର ନେତ୍ର ଗଲା ଫୁଟି ॥
ଛିଣ୍ଡିଲା କା ନାସା ଶ୍ରବଣ । ପଳାଇଗଲେ ଘେନି ପ୍ରାଣ ॥
ଏମନ୍ତ ବେଳେ ରଘୁବୀର । ହିଜନ୍ତୁ ସେ ନାରୀ ପାଶର ॥
ହସି ବୋଲନ୍ତି ରଘୁବୀର । କେବଣ ଦେଶେ ତୁମ୍ଭ ଘର ॥
କାହୁଁ ଅଇଲ ଯିବ କାହିଁ । ଏକାକୀ ସଙ୍ଗେ କେହି ନାହିଁ ॥
ଏ ଯେଉଁମାନେ ପଳାଇଲେ । ସେ କିସ ତୁମ୍ଭଙ୍କୁ କହିଲେ ॥
ତା ଶୁଣି ବୋଲଇ ତରୁଣୀ । ଶୁଣ ଯନ୍ତ୍ରୀପ୍ରୂ ଚୂଡ଼ାମଣି ॥
ସେ କୀର୍ତ୍ତିଚନ୍ଦ୍ର ନୃପବର । ତାଙ୍କ ରାଜ୍ୟରେ ଆମ୍ଭ ଘର ॥

ଜାତିରେ ବଣିଆ କରୁଣ । ଆମ୍ଭ ଅଦୃଷ୍ଟ କଥା ଶୁଣ ॥
ପୁତ୍ର ଦୁହିତା ନାହିଁ ମୋର । ତେଣୁ ମୁଁ ସଂସାରୁ ବାହାର ॥
ତା ଜାଣି ମୋର ନିଜ ପତି । ବୋଇଲେ ଶୁଣରେ ଯୁବତୀ ॥
ପୁତ୍ର ଦୁହିତା ନାହିଁ ଯାର । ସଂସାରେ କି ସୁଖ ତାହାର ॥
ଇହଲୋକରେ ନାହିଁ ଯଶ । ମଲେ ନରକେ ପରବେଶ ॥
ଏଥକୁ ବୁଦ୍ଧିଏ କରିବା । ଚାଲ ଅଯୋଧ୍ୟା ପୁରେ ଯିବା ॥
ସେ କ୍ଷେତ୍ରବରେ କରି ବାସ । ତହିଁ ରହିବା କେତେ ମାସ ॥
ଶ୍ରୀରାମ ପାଦେ କରି ସେବା । ଏ ଭବସଂସାରୁ ତରିବା ॥
ଏମନ୍ତ ବୋଇଲେ ସେ ଯେଣୁ । ଅଇଲୁ ତୀର୍ଥକରି ତେଣୁ ॥
ଏ ବନେ ହୋଇଲୁ ପ୍ରବେଶ । ଆସି ମିଳିଲେ ଜଣ ଦଶ ॥
ତାହାଙ୍କୁ ଦେଖି ଭୟ କଲୁ । ଏ ବନେ ନ ଯିବୁ ବୋଇଲୁ ॥
ଆମ୍ଭଙ୍କୁ ନାନାରୂପେ କହି । ସତ୍ୟବଚନେ ମନ ମୋହି ॥
ବୋଇଲେ ଆମ୍ଭେ ତୁମ୍ଭେ ଦୁଇ । ସବୁରି ସାକ୍ଷୀ ଜୀବଗ୍ରାହୀ ॥
କେବଳ ଶ୍ରୀରଘୁ ନନ୍ଦନ । ଅଶେଷ ଜୀବର ଜୀବନ ॥
କପଟ ଆମ୍ଭ ହୃଦେ ଥିଲେ । ଜାଣି ଦଣ୍ଡିବେ ସେହୁ ଭଲେ ॥
ଏମନ୍ତ ସତ୍ୟବାଣୀ ଶୁଣି । ଆନନ୍ଦ ହେଲୁ ବେନି ପ୍ରାଣୀ ॥
ଯହିଁକି ସାକ୍ଷୀ ଦେବରାୟ । ତହିଁ କାହାକୁ ଆଉ ଭୟ ॥
ଏମନ୍ତ ବୋଲି ସଙ୍ଗ ହେଲୁ । ଆସି ଏ ବନରେ ପଶିଲୁଁ ॥
ଅତି ଅଗମ୍ୟ ବନ ଦେଖି । ଏଥି ଉଗାଳି ମୋତେ ରଖି ॥
ମୋର ସ୍ୱାମୀଙ୍କି ବାନ୍ଧିନେଲେ । କେ ଜାଣେ କାହିଁ କସ କଲେ ॥
ତେଣୁ ଆସିଣ ମୋତେ ଧରି । ନିଠେନାଥଙ୍କ ପ୍ରାୟ କରି ॥
ବୋଇଲେ ଆସ ଆମ୍ଭ ପୁଷି । ଭାରିଯା ହୋଇବ ସବୁରି ॥
ଏବେ ସେ ତୁମ୍ଭଙ୍କୁ ଦେଖନ୍ତେ । ପଳାଇଗଲେ ଯେଝାମତେ ॥
ଆମ୍ଭର ବିପତ୍ତି ଦେଖିଣ । କୃପା କଲେ କି ନାରାୟଣ ॥
ତୁମ୍ଭେ ବିଜୟ କଲ ଏଥି । ଭାଗ୍ୟ ଦିଶିଲା ମୋର ଅତି ॥
କେ ତୁମ୍ଭେ ମୁଁ ତାହା ନ ଜାଣି । ପେଣ୍ଡିଣ କୁହ ବୀରମଣି ॥

ହୋଇଲ ଧର୍ମପିତା ମୋର । ବିପଦ ସମୁଦ୍ରୁ ଉଦ୍ଧର ॥
ବହନ ଅଗ୍ନି ଜାଳିଦିଅ । ତହିଁ ମୋ ଶରୀର ପକାଅ ॥
ସ୍ୱାମୀ ବିହୀନେ ମୋ ଜୀବନ । ଥିବାର କିସ ପ୍ରୟୋଜନ ॥
ଏହା ଶୁଣିଣ ଧନୁର୍ଦ୍ଧାରୀ । ବୋଇଲେ ଶୁଣରେ ସୁନ୍ଦରୀ ॥
ଚିନ୍ତା ନକର କିଛି ତୁହି । ତୋର ସ୍ୱାମୀକି ଦେବି ମୁହିଁ ॥
ଏମନ୍ତ କହି ତାକୁ ଧରି । ବିଜୟ କଲେ ଧନୁର୍ଦ୍ଧାରୀ ॥
ମିଳିଲେ ସ୍ୱାମୀ ପାଶେ ତାର । କାଢ଼ିଲେ ଲଦିଲ ପଥର ॥
ବନ୍ଧା ଫିଟାଇ କୋଳେ ଧରି । ଆଉଁସି ଦେଲେ କରେ ହରି ॥
ତକ୍ଷଣେ ପାଇ ନିଜ ପ୍ରାଣ । ଉଠି ଦେଖିଲା ଧନୁର୍ବାଣ ॥
ମସ୍ତକେ ବେନି କରଯୋଡ଼ି । ପ୍ରଭୁ ଚରଣ ତଳେ ପଡ଼ି ॥
ବୋଲଇ ଶୁଣ ବୀରମଣି । କେ ତୁମ୍ଭେ ନ ପାରିଲି ଚିହ୍ନି ॥
ମୁଁ ସ୍ଥିର ପଣ୍ଡିତ ପାମର । ମୂଢ଼ ମୂରୁଖ ଦୁରାଚାର ॥
ମୁଁ କାହିଁ ଚିହ୍ନିବି ତୁମ୍ଭଙ୍କୁ । ବିପତ୍ତି କାଳରେ ଆମ୍ଭଙ୍କୁ ॥
ଆସି ମୋ ଜୀବଦାନ ଦେଲ । ତୁମ୍ଭେ ମୋ ପ୍ରଭୁ ରଘୁମଲ୍ଲ ॥
ତୁମ୍ଭେ ମୋହର ପ୍ରାଣେଶ୍ୱର । ତୁମ୍ଭେ ମୋ ଜୀବନ ଠାକୁର ॥
ତୁମ୍ଭେ ମୋ ବାଞ୍ଛା କଳ୍ପତରୁ । ତୁମ୍ଭେ ସକଳ ଜୀବ ଗୁରୁ ॥
ତୁମ୍ଭେ ମୋ ମୁକୁନ୍ଦ ମୁରାରି । ତୁମ୍ଭେ ମୋ ଆନନ୍ଦକନ୍ଦ ହରି ।
ଏମନ୍ତ ମଣେ ମୋର ଚିତ୍ତେ । ମାୟା ନ କରି କହ ମୋତେ ॥
ଏହା ଶୁଣିଣ ବ୍ରହ୍ମରାଶି । ରଙ୍ଗ ଅଧରେ ମନ୍ଦେ ହସି ॥
ବୋଇଲେ ଶୁଣରେ ଭକତ । ଆମ୍ଭେ ତ ଦଶରଥ ସୁତ ॥
ତୋର ବିପଦ ଜାଣି ମନେ । ମିଳିଲୁ ତୋର ସନ୍ନିଧାନେ ॥
ଏହା କହନ୍ତେ ଭଗବାନ । ବୋଲେ ହେ ପ୍ରଭୁ ନାରାୟଣ ॥
ତୋ ନିଜ ସ୍ୱରୂପ ଦେଖାଇ । ମୋତେ ଉଦ୍ଧର ଭବତାରୀ ॥
ଏମନ୍ତ ଶୁଣି ଦେବହରି । ତକ୍ଷଣେ ନିଜ ରୂପ ଧରି ॥
କୋଟିଏ କନ୍ଦର୍ପର ତେଜ । କାଣ୍ଡ କୋଦଣ୍ଡ ବେନିଭୁଜ ॥
କଣ୍ଠେ କୌସ୍ତୁଭମଣି ଶୋହେ । ଯେ ରୂପେ ଜଗଜ୍ଜନ ମୋହେ ॥

ଏମନ୍ତ ଭାଗ୍ୟବନ୍ତ ସେହି । ତା କଥା କହି ନ ସରଇ ॥
କେବଳ ରମେଶ୍ୱର ପାଦେ । ସେବଇ ଥାଇ ଅପ୍ରମାଦେ ॥
ରାଜ୍ୟରେ ଯେତେ ହାନିଲାଭ । ଯେ ଦୁଃଖ ସୁଖ ଶୁଭାଶୁଭ ॥
ହରି ଗୁହାରି ଆଦି ଯେତେ । ଜଣାଇ ପ୍ରଭୁଙ୍କ ଅଗ୍ରତେ ॥
ତାଙ୍କର ଆଜ୍ଞା ଶିରେ ଧରି । ରାଜ୍ୟ ପାଳଇ ଦଣ୍ଡଧାରୀ ॥
ଏମନ୍ତେ ଗଲା କେତେଦିନ । ଶୁଣ ହେ ସୁମନ ରାଜନ ॥
ବୈଷ୍ଣବ ଆଦି ସନ୍ତ ଦୁଇ । ଅଇଲେ ସମାଗତ ହୋଇ ॥
ଅନେକ ତୀର୍ଥମାନ ଦେଖି । ସଫଳ କରି ଚର୍ମଆଖି ॥
ଆସି ପ୍ରବେଶ ରମେଶ୍ୱର । ସେ ମହା ନୃପତି ପାଶର ॥
ଦେଖି ନୃପତି ଅତି ତୋଷେ । ମିଳିଲେ ସାଧୁବୃନ୍ଦ ପାଶେ ॥
ସାଷ୍ଟାଙ୍ଗେ ଦଣ୍ଡବତ କରି । ଉଠି କପାଳେ କର ମାରି ॥
ଅନେକ ସମାଦର କଲେ । ଭୂରିଭୋଜନ ତାଙ୍କୁ ଦେଲେ ॥
ଦେଖି ରାଜାର ଭାବ ହୃଦ । ଆନନ୍ଦ ହେଲେ ସାଧୁବୃନ୍ଦ ॥
ଅନେକ କଲ୍ୟାଣ ବାଞ୍ଛିଲେ । ରାଜା ମେଲାଣି ହୋଇଗଲେ ॥
ତହିଁ ଚଳିଲେ ସାଧୁମାନେ । ଶ୍ରୀରମେଶ୍ୱରଙ୍କ ଦର୍ଶନେ ॥
କରି ଅନେକ ନାମ ଧ୍ୱନି । ଶବଦେ କମ୍ପାଇ ମେଦିନୀ ॥
ଦେଉଳେ ପ୍ରବେଶ ହୋଇଲେ । ଦେଖି ସେବକେ ଗୋଳକଲେ ॥
ଦୁଇଦଳରେ ହେଲା ଗୋଳ । ଦେଖି ସେବକେ ହେଲେ ଠୁଳ ॥
ଅନେକ ବେତମାନ ଧରି । ପିଟିଲେ ଉପ୍ରୋଧ ନ କରି ॥
ତହିଁ ଦୁର୍ବଳ ଏକ ଜଣ । ସାଧୁଙ୍କ ମଧ୍ୟେ ମୋକ୍ଷବାନ ॥
ନର୍ଘାତେ ବାଜି ବେତ ବାଡ଼ି । ପଡ଼ି ଜୀବନ ଗଲା ଛାଡ଼ି ॥
ତା ଦେଖି ସର୍ବେ ତୋଳାଧରି । ଦେଉଳେ ପଡ଼ିଗଲା ହୁରି ॥
ତହୁଁ ବାହାର କରି ନେଲେ । ସ୍ତମ୍ଭ ଦୁଆରେ ଶୁଆଇଲେ ॥
ବୈଷ୍ଣବମାନେ ବେଢ଼ି ବସି । ସମସ୍ତେ ରାମ ନାମ ଘୋଷି ॥
ବୋଲନ୍ତି ଆହେ ମହାମେରୁ । ଭକତ ବାଞ୍ଛା କଳ୍ପତରୁ ॥
ଶରଣ ରକ୍ଷଣ ତୋ ବାନା । ଅନାଥ ଜନ ବନ୍ଧୁସେହ୍ନା ॥

ତେଣୁ ତୋ ଦର୍ଶନେ ଅଇଲୁ । ଜଣକ ପ୍ରାଣ ହରାଇଲୁ ॥
ତୁ ଯେବେ ଏହା ନ ବୁଝିବୁ । ଏଥେ ସମସ୍ତେ ପ୍ରାଣ ଦେବୁ ॥
ଏମନ୍ତ କହି ସ୍ତୁତି କଲେ । ସମସ୍ତେ ନମସ୍ତେ ବସିଲେ ॥
ଜାଣିଲେ ତାହା ଦେବହରି । ସମସ୍ତ ଘଟେଛନ୍ତି ପୂରି ॥
ନ ସହେ ସେବକ ବେଦନା । ତେଣୁ ଯେ ଜଗଜ୍ଜିତ ବାନା ॥
ତକ୍ଷଣେ ପଡ଼ିଲ୍ କବାଟ । ମାଛି ପିବାକୁ ନାହିଁ ବାଟ ॥
ନୋହିଲ୍ ସେବା ପୂଜାମାନ । ସେବକେ ହାରି ନିଜ ଜ୍ଞାନ ॥
ସଭୟମନେ ପଳାଇଲେ । ସେ ଧର୍ମ ରାଜାଙ୍କୁ କହିଲେ ॥
ବୋଇଲେ ଶୁଣ ନୃପବର । ବୁଡ଼ିଲ୍ କ୍ଷେତ୍ର ଧର୍ମ ତୋର ॥
ବୈଷ୍ଣବେ ଅଇଲେ ବହୁତ । ଗୋଳ ଯେ କଲେ ଅପ୍ରମିତ ॥
ତାଙ୍କ ଆମ୍ଭର ଯେତେ ଗୋଳ । କିସ କହିବୁ ମହୀପାଳ ॥
ଅଦ୍ଭୁତେ ଦେଉଳେ କବାଟ । ପଡ଼ିଲ୍ ହୋଇଣ ନିରାଟ ॥
ଏହା ବୁଝିବା ହେଉ ଆସି । ଶୁଣି ନୃପତି ମନେ ହସି ॥
ବହନ ହୋଇ ଚଳିଗଲେ । ଦେଉଳେ ପ୍ରବେଶ ହୋଇଲେ ॥
ଦେଖିଲେ ସକଳ ବିଧାନ । ବିଚାର କଲେ ପଞ୍ଚମନ ॥
ସେ ଧର୍ମରାଜ ନୃପବର । ବୋଲେ ଅଭାଗ୍ୟ ହେଲା ମୋର ॥
କୁଶ ଆସନ ଛନ୍ଦି କରି । ଶୟନ କଲେ ଦଣ୍ଡଧାରୀ ॥
ବୋଇଲେ ଆହେ ବିଶେଶ୍ୱର । କି ଅପରାଧ ହେଲ୍ ମୋର ॥
ଏ କଥା ଆଜ୍ଞା ହେଉ ମୋତେ । ନୋହିଲେ ମରିବି ନିୟତେ ॥
ଏମନ୍ତ ବୋଲି ନିଦ୍ରା ଯାଇ । ତାହା ଜାଣିଲେ ଭାବଗ୍ରାହୀ ॥
ସ୍ୱପନ ମାର୍ଗେ ଆଜ୍ଞାଦେଲେ । ଶୁଣ ହେ ନୃପତି ବୋଇଲେ ॥
ତୋ ରାଜ୍ୟ ହାନିଲାଭ ଯାହା । ତୁହି ତ ନ ବୁଝିଲୁ ତାହା ॥
ଏ ଯେ ବୈଷ୍ଣବ ଜନମାନେ । ଅଇଲେ ମୋର ଦରଶନେ ॥
ମୋର ସମ୍ମୁଖରେ ତୋର ଦୂତେ । ମାଡ଼ ମାଇଲେ ଅପ୍ରମିତେ ॥
ମୋ ଭକ୍ତ ମଲ୍ ପ୍ରାଣହାରି । ଏଥିକୁ ଶୁଣ ଦଣ୍ଡଧାରୀ ॥
ମୋର ସମ୍ମୁଖରେ ତୀକ୍ଷ୍ଣ ଶଳ । ବେଗେ ପୋତାଅ ମହୀପାଳ ॥

ତୋର ପୁତ୍ରକୁ ବେଗେ ଧରି । ଅନେକ ଅଳଙ୍କାର ଭରି ॥
ବେଶ ଭୂଷଣ କରାଇବୁ । ଆଣି ଏ ଶୂଳେ ବସାଇବୁ ॥
ତେବେ, ସେ ତୋହର କୁଶଳ । ନୋହିଲେ ରାଜ୍ୟଗୁଡ଼ି ଚଳ ॥
ଏହା ନକଲେ ଯିବୁ ନାଶ । ଛାଡ଼ ତୋ ଜୀବନର ଆଶ ॥
ଏମନ୍ତ ଆଜ୍ଞା ତାଙ୍କୁ ଦେଲେ । ତକ୍ଷଣେ ଅନ୍ତର୍ଦ୍ଧାନ ହେଲେ ॥
ଏମନ୍ତ ଆଜ୍ଞା ରାଜା ଶୁଣି । ବଜ୍ର ପଡ଼ିଲା ପ୍ରାୟ ମଣି ॥
ତହୁଁ ତୁରିତେ ଚଳିଗଲେ । ପତ୍ନୀର ଆଗରେ କହିଲେ ॥
ତା ଶୁଣି ପ୍ରିୟବଷ୍ଟ ତାର । ମସ୍ତକେ କରୁଡ଼ିଲା କର ॥
ଉଚ୍ଚେ ବୋବାଳି ଛାଡ଼େ ରାଣୀ । ମୂର୍ଚ୍ଛିତେ ପଡ଼ିଲା ଧରଣୀ ॥
ବୋଇଲା ଏକପୁତ୍ର ଦେଇ । ମୋ ପ୍ରାଣ ଥିବ କାହିଁପାଇଁ ॥
ଏ ରାଜ୍ୟ ଭୋଗେ କାର୍ଯ୍ୟ ନାହିଁ । ପୁତ୍ରକୁ କେବେ ନ ଦେବଇଁ ॥
ରାଜ୍ୟହିଁ ପୁତ୍ର ଲୋଭକରି । ରହିଲା ଚିତ୍ରପଟ ପରି ॥
ଏମନ୍ତ ସମୟରେ ପୁଣି । ଅଇଲା ରାଜାର ଭଉଣୀ ॥
ରାଜା ରାଣୀଙ୍କ ଚିନ୍ତା ଦେଖି । ଧଇର୍ଯ୍ୟ ନ ପାରିଲା ରଖି ॥
ବୋଇଲା ଏ କି ବିପରୀତ । କମ୍ପାଇ ହୋଇଛ ଚିନ୍ତିତ ॥
କିସ ଅପୂର୍ବ ଏଥି ତୋତେ । ତାହା ତୁ କହ କିନା ମୋତେ ॥
ଭଗ୍ନୀର ମୁଖୁ ଶୁଣି ଏହା । ସବୁ କହିଲା ନୃପନାହା ॥
ବୋଇଲା ଶୁଣ ନାମ୍ନି ଏବେ । ଯାହା ତୁ ପଚାରିଲୁ ଭାବେ ॥
ମୋର ଅଦୃଷ୍ଟ ବାମ ହେଲା । ମୋତେ ଗୋ ଦଇବ ଛାଡ଼ିଲା ॥
ଅନେକ ସାଧୁଜନ ମାନେ । ଅଇଲେ ପ୍ରଭୁ ଦରଶନେ ॥
ଦେଉଳେ ଧସାଇ ପଶିଲେ । ଦେଖି ସେବକେ ଗୋଳକଲେ ॥
ପିଟିଲେ ବେତବାଡ଼ି ଧରି । ତହିଁ ସାଧୁଏ ଗଲେ ମରି ॥
ମଡ଼ା ପକାଇ ଦ୍ୱାର ପାଶେ । ବେଢ଼ି ବସିଲେ ଚଉପାଶେ ॥
ଦେଉଳେ କବାଟ ପଡ଼ିଲା । ପ୍ରଭୁଙ୍କ ପୂଜାହିଁ ନୋହିଲା ॥
ତାହା ମୁଁ ଦେଖି ଭୟମନେ । ଶୟନ କଲି କୁଶାସନେ ॥
କାଷ୍ଠାରେ ଜଣାଇଲି କେତେ । ସେ ପ୍ରଭୁ ଦୟା କଲେ ମୋତେ ॥

ବୋଇଲେ ତୋ ପୁତ୍ରକୁ ଆଣି । ଶୂଳେ ବସାଅ ନୃପମଣି ॥
ନୋହିଲେ ମରିବୁ ଅବଶ୍ୟ । ଗୁଡ଼ ତୋ ଜୀବନର ଆଶ ॥
ଏଥକୁ କି ବୁଦ୍ଧି କରିବି । ପୁତ୍ରକୁ କିରୂପେ ମାରିବି ॥
ଏକ ପୁତ୍ରକୁ ମୋର ମାରି । କିରୂପେ ଥିବି ଦେହ ଧରି ॥
ତା ଶୁଣି ବୋଲେ ସେ ସୁନ୍ଦରୀ । ଶୁଣ ହେ ଧର୍ମ ଦଣ୍ଡଧାରୀ ॥
ଯେବଣ ପ୍ରଭୁଙ୍କ ଆଜ୍ଞାରୁ । ଏତେ ସମ୍ପଦ ଭୋଗ କରୁ ॥
ସେ ଆଜ୍ଞା କେମନ୍ତେ ଲଙ୍ଘିବୁ । ଲଙ୍ଘି କି ଜୀବନ ପାଇବୁ ॥
ତୋହର ଥିଲେ ନୃପମଣି । ସମସ୍ତ ମିଳଇ ଯେ ପୁଣି ॥
ଏଥିକି ବିଚାର ନକର । ନିଅ ମୋ ଏକଇ କୁମର ॥
ଏହି ସମୟେ ପୁତ୍ର ଆସି । ମାତା ଆଗରେ କହେ ହସି ॥
ତା ଶୁଣି ନିଜ ମାତା ତାର । ପୁତ୍ରକୁ ବୋଇଲା ଉତ୍ତର ॥
ସକଳ ବୁଝାଇ କହିଲା । ଶୁଣି କୁମର ତୋଷ ହେଲା ॥
ବୋଇଲା ଏତେ ଭାଗ୍ୟ ମୋର । ସତେ କରିବେ ରଘୁବୀର ॥
ଏ ମର୍ତ୍ତ୍ୟପୁରେ ଦେହ ଧରି । ଜନ୍ମିଣ କେ ଅଛି ନ ମରି ॥
କେ ଆଗେ ଅବା ପଛେ ହୋଇ । ନିଶ୍ଚଳ ହୋଇ କେହି ନାହିଁ ॥
ମଲେହେଁ ଯମଦୂତେ ଆସି । ଗଳେ ଲଗାଇ କାଳ ଫାଶି ॥
ଯମ ପାଶକୁ ଘେନିଯିବେ । ବିବିଧ ମାଡ଼ହିଁ ମାରିବେ ॥
ନରକେ ପକାଇବେ ନେଇ । ତହୁଁ ଉଦ୍ଧାର ହେବି ମୁହିଁ ॥
ହେ ମାତା ମୋତେ ବେଗେ ନିଅ । ପ୍ରଭୁ ସମ୍ମୁଖରେ ଶୂଳ ଦିଅ ॥
ଶୁଣି ଆନନ୍ଦ ହେଲେ ମାତ । ତାହା ଜାଣିଲେ ଜଗନ୍ନାଥ ॥
ବୋଇଲା ଧନ୍ୟ ତୋର ମନ । ତୋ ଗର୍ଭଧାରୀ ଧନ୍ୟ ଧନ୍ୟ ॥
ଉଦ୍ଧରି ଧଇଲୁ ତୁ ମୋତେ । ମୋ ବଂଶ ରଖିବା ନିମନ୍ତେ ॥
ପର ନିମନ୍ତେ ନିଜ ପ୍ରାଣ । ଦେଇ ତୋଷିବୁ ନାରାୟଣ ॥
ତାହା ଦେଖିବେ ଦୀନବନ୍ଧୁ । ତୁ ପୁତ୍ର ମୋର କୁଳଇନ୍ଦୁ ॥
ଏମନ୍ତ କହି ଦଣ୍ଡଧାରୀ । ଉଠିଲା ଅତି ବେଗ କରି ॥
ଭଣଜା ଅଙ୍ଗରେ ମଣ୍ଡନ । କଲା ଅନେକ ରତ୍ନମାନ ॥

କର୍ଣ୍ଣ ଯୁଗଳେ କର୍ଣ୍ଣାଞ୍ଚଳ । କଣ୍ଠେ ଲମ୍ବାଇ ରତ୍ନମାଳ ॥
ବାହେ ବାହୁଟି ସୁକଙ୍କଣ । ଚହିଁ ଝଟକେ ମଣିଗଣ ॥
ହୃଦେ ପଦକ କଟୀ ମାଝେ । ସୁରତ୍ନ ମେଖଳା ବିରାଜେ ॥
ହେମ ତୋଡ଼ର ବେନପାଦେ । ଚମକ ପଡ଼ୁଅଛି ନାଦେ ॥
ନାନା କୁସୁମେ ବାନ୍ଧିଗଭା । କେଶ ଦିଶଇ ଅତି ଶୋଭା ॥
ଭାଲେ ସିନ୍ଦୂର ଚିତା ଶୋହେ । କି ଅବା ଅରୁଣ ଉଦୟେ ॥
ତାମ୍ବୁଳ ବୋଳ ତା ଅଧରେ । ବିମ୍ବ ବିଦ୍ରୁମ ନିନ୍ଦାକରେ ॥
ଏକେ ଗଉର ଦିଶେ କାୟ । କି ଅବା ଦ୍ୱିତି ସୂର୍ଯ୍ୟପ୍ରାୟ ॥
ରଙ୍ଗ ଅଧରେ ମନ୍ଦହାସ । ବିଜୟ କଲ୍ ବାଳଶିଷ ॥
ଚାଲଇ ମତ୍ତଗଜ ଠାଣି । ସୁନ୍ଦର ଦିଶଇ ଧରଣୀ ॥
ମସ୍ତକେ ଯୋଡ଼ି ବେନିକର । ବୋଇଲ୍ ନମୋ ରାମେଶ୍ୱର ॥
ନମସ୍ତେ ରାମକୃଷ୍ଣ ହରି । ମୁକୁନ୍ଦ ମାଧବ ମୁରାରି ॥
ଅନନ୍ତ ଅଚ୍ୟୁତ ଗୋବିନ୍ଦ । ଜଗତବ୍ୟାପୀ ସଦାନନ୍ଦ ॥
ତୋ ମନ ଅବା ଯାହାକର । ଅନ୍ୟ ଶରଣ ନାହିଁ ମୋର ॥
ଏମନ୍ତ କହି ଗଲା ଚଳି । ଯେସନେ ଝଟକେ ବିଜୁଳି ॥
ମିଳିଲ୍ ପ୍ରଭୁଙ୍କ ଛାମୁରେ । ପଛେ ଗୋଡ଼ାଇଛନ୍ତି ନରେ ॥
ସ୍ତିରୀ ପୁରୁଷ ଆଦି କରି । ସଙ୍ଗେ ଅଛଇ ଦଣ୍ଡଧାରୀ ॥
ଘେନାଇ ଶୂଳକାଠ ଗୋଟି । ସମସ୍ତେ ରାମନାମ ରଟି ॥
ମିଳିଲେ ଦେଉଳ ପାଶରେ । ଶୂଳ ପୋତାଇ ଶ୍ରୀ ଛାମୁରେ ॥
ରାଜା ଅନେକ କଲ୍ ସ୍ତୁତି । ବୋଇଲ୍ ଶୁଣ ଦାଶରଥି ॥
ନମୋ ଜାନକୀ ଦେବୀ ପତି । ନମୋ ଅଗତି ଲୋକ ଗତି ॥
ତୋହର ଆଜ୍ଞା ପ୍ରମାଣରେ । ନ ଆଣି ଏକଇ କ୍ରମରେ ॥
ପୁତ୍ର ପାଲଟେ ମୋ ଭଣଜା । ଶୂଳେ ବସାଇ ଦେବ ପୂଜା ॥
ଏମନ୍ତ ବୋଲନ୍ତୁ ଦଣ୍ଡଧାରୀ । ଆନନ୍ଦେ ଉତ୍ସବ ସେ କରି ॥
ଅନେକ ବାଦ୍ୟ ନାଦ ତୁଳେ । ଶଙ୍ଖ ମହୁରୀ ବଜାଇଲେ ॥
ତାଳ କଂସାଳ ଆଦି ଯେତେ । ମୃଦଙ୍ଗ ମର୍ଦ୍ଦଳ ସହିତେ ॥

ଆବର କର ହରି ଧ୍ୱନି । ଶବଦେ କମ୍ପଇ ମେଦିନୀ ||
ସମସ୍ତେ ଜୟ ଜୟ କରି । ରାଜା ଭଣଜା ହସ୍ତ ଧରି ||
ଶୂଳ ପାଶରେ ଯାଇ ମିଳି । ନାଗରେ ରୁଣ୍ଡନ୍ତି ବୋବାଳି ||
ତା ଦେଖି ବୋଲଇ କୁମର । ତୁମ୍ଭେ ରୋଦନ କିମ୍ପା କର ||
ସମସ୍ତେ ଶନ୍ତ ନାରାୟଣ । ଏ ସର୍ବ ତାହାଙ୍କ ଭିଆଣ ||
ମୋ ଜୀବ ଉଦ୍ଧାର ନିମନ୍ତେ । କରୁଣା କଲେ ପ୍ରଭୁ ମୋତେ ||
ଏମନ୍ତ କହି ସେ ସାନନ୍ଦ । ମୁଖ ପ୍ରକାଶେ ପୂର୍ଣ୍ଣଚନ୍ଦ୍ର ||
ତୁମ୍ଭେ ଶ୍ରୀରାମ ନାମ ଧରି । ଶୂଳେ ଉଠିଲା ବେଗ କରି ||
ସତୀ କନ୍ୟାର ପ୍ରାୟେ ହୋଇ । ବସିଲା ଶୂଳ ଅଗ୍ରେ ଯାଇ ||
ଗୁହ୍ୟ ଦେଶରେ ଗଲା ଚଳି । କଣ୍ଠ ତଟରେ ଯାଇଁ ମିଳି ||
ତା ଦେଖି ନୃପତି ବିକଳ । ନୟନୁ ବହେ ଅଶ୍ରୁଜଳ ||
ସମସ୍ତେ ହା ହା ନାଦ କରି । ଚଳିଣ ଗଲେ ନିଜପୁରୀ ||
ଶୁଣ ସୁମନ ଏକଚିତ୍ତେ । ଶୟନ କଲେ ଯେଝାମତେ ||
ଏମନ୍ତ ବେଳେ ଦେବ ସ୍ୱାମୀ । ଯେ ପ୍ରଭୁ ସର୍ବ ଅନ୍ତର୍ଯାମୀ ||
ପ୍ରାଣୀଙ୍କ ହୃଦେ ବାସ ଯାର । ସକଳ ବିଷୟ ଗୋଚର ||
କୂଟ କପଟ ହୃଦ ଯେବା । ସୁହୃଦ ଭାବରେ ଭଜିବା ||
ସକଳ ଯାହାର ଗୋଚର । ଦୀନ ନିକଟ ନାହିଁ ଦୂର ||
ଶରଣ ପଞ୍ଜର ଯା ବାନା । ଭବ ଭୟକୁ ବଜ୍ର ସେନା ||
ଭକତ ମନ ପ୍ରଭୁ ଜାଣି । ବିଜୟ କଲେ ଚକ୍ରପାଣି ||
ଅତ୍ୟନ୍ତ ତୋଷ ବହି ମନେ । ମିଳିଲେ ଭୃତ୍ୟ ସନ୍ନିଧାନେ ||
ଶ୍ରୀହସ୍ତ ବଢ଼ାଇଣ ଦେଲେ । ଭକ୍ତକୁ ଶୂଳରୁ କାଢ଼ିଲେ ||
ତଳେ ବସାଇ ଦାମୋଦର । ମସ୍ତକେ ଦେଲେ ପଦ୍ମକର ||
ବୋଇଲେ ଉଠରେ ନନ୍ଦନ । ତୁ ଯେ ଭକତ ମୋକ୍ଷପାନ ||
କିଛିହିଁ ଭୟ ନାହିଁ ତୋର । ଏ ରାଜ୍ୟେ ହୁଅ ନୃପବର ||
ଏମନ୍ତ ଆଜ୍ଞା ଯହୁଁ ହେଲା । କୁମର ଉଠିଣ ବସିଲା ||
ଦେଖିଲା ପ୍ରଭୁ ଧନୁର୍ଦ୍ଧାରୀ । ନମୋ ଶବଦେ ସ୍ତୁତି କରି ||

ବୋଲଇ ନମୋ ନାରାୟଣ । ଅଶେଷ ପ୍ରାଣୀଙ୍କ ଶରଣ ।
ସିଦ୍ଧ ଯୋଗୀନ୍ଦ୍ର ମୁନିଗଣେ । ଚିନ୍ତନ୍ତି ଯେ ହରି ଚରଣେ ।
ବ୍ରହ୍ମାଦି ଦେବଙ୍କୁ ଦୁର୍ଲ୍ଲଭ । ମୁଁ ଛାର କେତେକ ମାନବ ।
ବିଜୟ କଲ ମୋର ପାଇଁ । ପ୍ରଭୁ ପଣକୁ ଲୁଚାଇ ।
ଏହା ଶୁଣିଲେ ବିଶ୍ୱେଶ୍ୱର । ପାଟ ବାନ୍ଧିଲେ ମୁଣ୍ଡେ ତାର ॥
ବୋଇଲେ ଆଉଁ ଏ ରାଜ୍ୟରେ । ନୃପତି ପଣ ଦେଲୁ ତୋରେ ॥
ଯାଅ ତୁ ଭୟ କିଛି ନାହିଁ । ସୁଖେ କରହ ରାଜ୍ୟ ତୁହି ॥
ତା ଶୁଣି ଆନନ୍ଦ ନନ୍ଦନ । ପ୍ରଭୁ ହୋଇଲେ ଅନ୍ତର୍ଦ୍ଧାନ ॥
ଗତ୍ରୁ ଦିଶିଲ ଅତି ଶୋଭା । କୋଟିଏ କନ୍ଦର୍ପର ପ୍ରଭା ॥
ପ୍ରଭୁ ଯେ ଜୀବଦାନ ଦେଲେ । ସାଧୁମାନଙ୍କ ପାଶେ ଗଲେ ॥
ସେକ୍ଷଣି ପ୍ରଭୁ ଭଗବାନ । ବିଜୟ କଲେ ନିଜସ୍ଥାନ ॥
ଦେଉଳୁଁ ଫିଟିଲ କବାଟ । ଦେଖ ସେ ପ୍ରଭୁଙ୍କର ହଠ ॥
ମୃଗ ଦେହକୁ ଦେଲେ ଦୃଷ୍ଟି । ବୈଷ୍ଣବ ଚେତାପାଇ ଉଠି ॥
ଜୀବନ ପାଇ ସେ ଅତିଥ । ଭଜନ କଲେ ରାମନାଥ ॥
ତାହା ଦେଖିଣ ସାଧୁବୃନ୍ଦ । କେ କହୁଁ ମନର ଆନନ୍ଦ ॥
ସମସ୍ତେ ଜୟ ଜୟ କରି । ନାମ ଧ୍ୱନିରେ ପୃଥ୍ୱୀ ପୂରି ॥
ବୋଲନ୍ତି ଆହେ ମହାବାହୁ । ଭକତ ବାନ୍ଧବ ବୋଲାଉ ॥
ମହିମା ରଖିଲେ ଜଗତେ । ବୋଲି ଚଳିଲେ ଯେଝାମତେ ॥
ଶୁଣ ଦୁର୍ଜୟ ମନନାଥ । ପ୍ରଭୁଙ୍କ ମହିମା ଏମନ୍ତ ॥
ଏଣେ ଯେ ଗଲେ ନୃପବର । ପ୍ରବେଶ ଆପଣା ମନ୍ଦିର ॥
ତାର କୁଟୁମ୍ବ ଥିଲେ ଯେତେ । ବେଦନ କଲେ ଯେଝାମତେ ॥
ବୋଇଲେ ଶୁଣ ଧର୍ମରାଜା । ସଙ୍ଗତେ ନେଲ ଯେ ଭଣଜା ॥
ଏକା ତ ହୋଇଣ ଅଇଲ । ଗଉରଚନ୍ଦ୍ରକୁ କି କଲ ॥
ଶୁଣି ନୃପତି ଶୋକଭରେ । ବଦନୁ ବଚନ ନସ୍ଫୁରେ ॥
ସମସ୍ତେ ସନ୍ତାପିତ ହେଲେ । ଅନ୍ନ ଭୋଜନ ସେ ନ କଲେ ॥
ଶୟନ କଲେ ଉପବାସେ । ପ୍ରଭୁ ବିଜୟ ରାଜା ପାଶେ ॥

ସ୍ୱପନ ମାର୍ଗେ ଆଜ୍ଞାଦେଲେ । ଶୁଣ ହୋ ଗଉଡ ବୋଇଲେ ॥
ଗଉରଚନ୍ଦ୍ରକୁ ତୁ ଆଣି । ରାଜ୍ୟରେ କର ନୃପମଣି ॥
ତୋହର ବଂଶେ ରାଜାହେଲେ । ଜୀବନେ ନ ରହିବେ ଭଲେ ॥
ଆମ୍ଭେ କହୁଁଣି ତାକୁ ରାଜା । ହେବ ନୃପତି ତୋ ଭଣଜା ॥
ଏମନ୍ତ କହି ଭଗବାନ । ତକ୍ଷଣେ ହେଲେ ଅନ୍ତର୍ଦ୍ଧାନ ॥
ଉଠି ନୃପତି ଦେଲେ ଚାହିଁ । ଦେଖିଲେ ପାଶେ କେହି ନାହିଁ ॥
ବୋଇଲେ ଏ କି ବିପରୀତ । ବୁଝିବା ଏଥିର ଚରିତ ॥
ଶୂଳେ ବସାଇ ଦେଲେ ନେଇ । ଆଜ ଗଉରଚନ୍ଦ୍ର କାହିଁ ॥
ମଲ କି ହୋଇବ ରାଜନ । ପ୍ରଭୁ କି ଦେଲେ ଜୀବଦାନ ॥
ଯେବେ ମୁଁ ନୟନେ ଦେଖିବି । ମୁଁ ତାର ଭୃତ୍ୟ ହୋଇଥିବି ॥
ଏମନ୍ତେ କହି ରାଜା ଗଲେ । ଶୂଳପାଶରେ ଯାଇ ହେଲେ ॥
ଦେଖିଲେ ଭଣଜାର ତେଜ । ଦିଶେ ଦ୍ୱିତୀୟ ଗ୍ରହରାଜ ॥
ମସ୍ତକେ ବାନ୍ଧି ପାଟଶାଢ଼ୀ । ବସିଛି ପଦ୍ମାସନ ମାଡ଼ି ॥
ତୁଣ୍ଡେ ବୋଲୁଛି ନାମାବଳୀ । ଶ୍ରୀରାମ କୃଷ୍ଣ ବନମାଳୀ ॥
ମୁକୁନ୍ଦ ମାଧବ ମୁରାରି । ଶ୍ରୀରାମକୃଷ୍ଣ ଦଇତ୍ୟାରି ॥
କେଶବ କଂସାରି ଅଚ୍ୟୁତ । ଦୀନବାନ୍ଧବ ଗୋପୀନାଥ ॥
ଶ୍ରୀମଧୁସୂଦନ ଶ୍ରୀପତି । ଭକ୍ତବତ୍ସଳ ଦାଶରଥି ॥
ଏମନ୍ତେ ନାମାବଳୀ ଯେତେ । ଗାନ କରଇ ଦୃଢ଼ଚିତ୍ତେ ॥
ତାହା ଦେଖିଣ ନୃପବର । ବୁଡ଼ିଲା ଆନନ୍ଦ ସାଗର ॥
ବୋଲଇ ଧନ୍ୟ ତୋ ଜୀବନ । ତୋତେ ଯା ଦେଖିଲି ମୁଁ ଧନ୍ୟ ॥
ଧନ୍ୟ ତୋ ଜନ୍ମର ସାଫଲ୍ୟ । ଦେଖିଲୁ ପ୍ରଭୁ ଆଦିମୂଳ ॥
ଧନ୍ୟ ସେ ପ୍ରଭୁଙ୍କ ମହିମା । ରଖିଲେ ଭକତ ଗାରିମା ॥
ଆନର ବଳେ ଏ ଜଗତେ । ନାହିଁ ନୋହିବ କଦାଚିତେ ॥
ଏ ମୃତ ଦେହରେ ଜୀବନ । ଦେବାକୁ କେ ହେବ ଭାଜନ ॥
ଏମନ୍ତ ବୋଲି ଦଣ୍ଡଧାରୀ । ଗଉରଚନ୍ଦ୍ର କର ଧରି ॥
ତୁରିତ ହୋଇ ତାକୁ ନେଲା । ନୃପ ଆସନେ ବସାଇଲା ॥

କନକ ଦଣ୍ଡଛତ୍ର କରେ । ଟେକାଇ ଅଛି ଆନନ୍ଦରେ ॥
ଆସିଣ ପାତ୍ର ଅମାତ୍ୟେ । ନୃପତି କଲେ ବଧିମତେ ॥
ଡକାଇ ସର୍ବ ପ୍ରଜାକୁଳ । ସମର୍ପି ଦେଲେ ମହୀପାଳ ॥
ବୋଇଲେ ଶୁଣ ସର୍ବଜନ । ଆଜୁ ଏ ଭୂମିର ରାଜନ ॥
ମୁଁ ହେଲି ଏହା ଆଜ୍ଞାବର୍ତ୍ତୀ । ଜାଣ ସଂଶୟ ନାହିଁ ଏଥି ॥
ଏମନ୍ତ ବୋଲି ମହାରାଜା । ବୋଇଲେ ବଜାଅରେ ବାଜା ॥
ତାଳ ମର୍ଦ୍ଦଳ ସ୍ୱର ଭୁଲେ । ଗଣିକାଗଣ ନୃତ୍ୟକଲେ ॥
ବାଜଇ ଶଙ୍ଖ ତୁରୀ ଭେରୀ । ସମସ୍ତେ ଜୟ ଜୟ କରି ॥
ପ୍ରବେଶ ହେଲେ ନିଜପୁର । ଶୁଣ ହେ ମନ ନୃପବର ॥
ଯେ ଯେଉଁ ଗତି ଥିବ ପାଇ । ତାହା ଜାଣନ୍ତି ଭାବଗ୍ରାହୀ ॥
କହିବା ଶକ୍ୟ ନାହିଁ ମୋର । ପାରିଲେ ସାଧୁଙ୍କୁ ପଚାର ॥
ଏ କଳିଯୁଗ କଥା ଏତେ । ଶୁଣି କେ କରିବ ପରତେ ॥
କେବଳ ସାଧୁଜନେ ଯେହି । ବୋଲିବେ ସତ୍ୟକଥା ଏହି ॥
ଭକତ ଭଗବତ ବହି । ଏକଇ ଆତ୍ମା ଭିନ୍ନ ନୋହି ॥
ଏ ଯେ ଅପୂର୍ବ କଥାରସ । କହଇ ବିପ୍ର ରାମଦାସ ॥
ସେ ରାମେଶ୍ୱରଙ୍କ ଚରଣେ । ମୋ ମନ ରହୁ ଅନୁକ୍ଷଣେ ॥
ଭଜଇ ବିପ୍ର ରାମଗୀତେ । ଅଶେଷ ପ୍ରାଣୀଙ୍କର ହିତେ ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତି ରସାମୃତେ ମନ ଚୈତନ୍ୟ ସମ୍ବାଦେ ଗୌରଚନ୍ଦ୍ର ଦାର୍ଢ୍ୟଭାବ ବର୍ଣ୍ଣନେ ନାମ ଦ୍ୱାତ୍ରିଂଶୋଽଧ୍ୟାୟଃ ।

—*—

## ତ୍ରୟୋତ୍ରିଂଶ ଅଧ୍ୟାୟ
## ଗୋବିନ୍ଦ ଦାସ ସମ୍ବାଦ

ନମସ୍ତେ ଜଗତ କରତା । ସକଳ ଜୀବ ଗତିଦାତା ॥
ପୁଣି ଚୈତନ୍ୟ ଶ୍ରଦ୍ଧାଭାବେ । କହଇ ମନ ରାଜା ଆଗେ ॥
ହେ ମନ ସ୍ଥିର କର ଚିତ୍ତ । ଏ ବଡ଼ ଅପୂର୍ବ ଚରିତ ॥

ଉତ୍ତର ଖଣ୍ଡେ ତାର ଘର । ନାମ ଗୋବିନ୍ଦ ଦାସ ତାର ॥
ଜାତିରେ ଅଟଇ ବ୍ରାହ୍ମଣ । ତାର କୁଟୁମ୍ବ ପାଞ୍ଚଜଣ ॥
ଏକ ଦୁହିତା ବେନି ସୁତ । ପତ୍ନୀକି ଘେନି ସେ ନିଶ୍ଚିନ୍ତ ॥
ଥିଲା ଯେ ଗୃହବାସ କରି । ଆପଣା ସ୍ୱକର୍ମ ଆଚରି ॥
ଏମନ୍ତେ କେତେଦିନ ଗଲା । ତା ଦେହେ ଦିବ୍ୟଜ୍ଞାନ ହେଲା ॥
ବୋଇଲା ଧିକ ଏ ଜୀବନ । ବିଅର୍ଥେ ବଞ୍ଚିଲି ମୁଁ ଦିନ ॥
ବିନା ରଜ୍ଜୁରେ ବନ୍ଧାହୋଇ । ଅଛି ମୁଁ ମୁହାଁସ ଲଗାଇ ॥
ସବୁ ଏ ଅଟେ ଖେଳଘର । କେହି ତ ନୁହଇ କାହାର ॥
ଦେହେଁ ସମର୍ଥ ଗୁଣମାନ । ଥାଏ କେବଳ ଯେତେ ଦିନ ॥
ଧନ ସମ୍ପଦ ଥିବାଯାଏ । ଗୃହେ ପ୍ରଭୁତ୍ୱପଣେ ଥାଏ ॥
ବୃଦ୍ଧ ଅବସ୍ଥା ପରବେଶ । ହେଲେ ସରଇ ସବୁ ଆଶ ॥
ଆଦର ସରଇ ସବୁରି । ଘେନନ୍ତି ଶତ୍ରୁସମ କରି ॥
କିଛି ସେ କରିଲେ ଅବଶ୍ୟ । ସବୁରି ମନେ ହୋଏ ରୋଷ ॥
ସମସ୍ତେ ହୁଅନ୍ତି ଖତାଇ । ହସନ୍ତି ନାକେ କର ଦେଇ ॥
ଆପଣା ହସ୍ତେ ଧନ ଯେତେ । ଅର୍ଜି ସେ ଥାଇ ନାନା ମତେ ॥
ତହୁଁ ସରଇ ଅଧିକାର । ଛୁଇଁବା ଶକ୍ତି ନାହିଁ କାର ॥
କିଛି ସେ ବ୍ୟୟ କଲେ ବିତ୍ତ । ଦେଖି ତା ସାରନ୍ତି ମହତ ॥
ପୁତ୍ର ପତ୍ନୀକି ବାଡ଼ି ଧରି । କ୍ରୋଧରେ ଦଉଡ଼ନ୍ତି ମାରି ॥
କିଛି ସେ କରି ନ ପାରଇ । ଶୁଖିଲା କାଠ ପରି ରହି ॥
ଏମନ୍ତ ଅଟେ ଗୃହବାସ । ଏଥେ ମୁଁ ପଡ଼ିଗଲି ନାଶ ॥
ଯେ ହରି ଜଗତ କରତା । ସକଳ ଜୀବ ପଡ଼ିଦାତା ॥
ଯେ ଯାହା ଇଚ୍ଛେ ତାହା ଦେଇ । ସେ କାମଧେନୁ ଭବଗ୍ରାହୀ ॥
ଜନ୍ମ ମରଣ ସ୍ଥିତି ତିନି । କରଇ କର୍ମରଜ୍ଜୁ ଘେନି ॥
ଏ ପାପୀ ଜୀବର ଧାରଣେ । ତା ବିନେ ନାହିଁ ଅନ୍ୟଜଣେ ॥
ଏବେ ମୁଁ ଏମନ୍ତ କରିବି । ସେ ପ୍ରଭୁ ଚରଣେ ସେବିବି ॥
ବୋଲି ଛାଡ଼ିଲା ଗୃହବାସ । ଧନାଦି କୁଟୁମ୍ବର ଆଶ ॥

ଘୁଡ଼ଇ ବଞ୍ଚକ ବତ୍ସର | ଉଚ୍ଛିଷ୍ଟ ପଦ ପ୍ରାପ୍ତ କରି ||
ମନ୍ଦରୁ ହୋଇଲେ ବାହାର | କରିଣ ଗଲେ ଦେଶାନ୍ତର ||
ଅନେକ ତୀର୍ଥମାନ ଫେରି | କେବଳ ନାମ ଆଶ୍ରେକରି ||
ବୁଲଇ ଯହିଁ ଇଚ୍ଛା ତାର | ତେଜିଣ ନାମ ଅହଙ୍କାର ||
ସକଳ ଜୀବେ ସମସର | ଦେଖଇ ସୁଜ୍ଞାନ ବତ୍ସର ||
ନାହିଁ ତାହାର ବଡ଼ସାନ | ସକଳ ଦେଖଇ ସମାନ ||
ସଦା ଆନନ୍ଦେ ମତ୍ତ ତାର | ବୁଲଇ ଅଖିଳ ସଂସାର ||
ଯହିଁ ବା ଯାହା ମିଳେ ଖାଇ | ମନେ ତା ଶୋଚନା ନ ଥାଇ ||
କାହିଁବା ଦିବ୍ୟଶାଳୀ ଅନ୍ନ | ନାନାଦି ପ୍ରକାରେ ବ୍ୟଞ୍ଜନ ||
କାହିଁ ବା ଦଧି ଦୁଗ୍ଧ ସର | କାହିଁ ବା ସୁପକ୍ୱ ଆହାର ||
କାହିଁ ବା ଫଳ ମୂଳ ଗ୍ରାସ | କାହିଁ ବା କରେ ଉପବାସ ||
ନଦୀ ପୋଖରୀ ଜଳ କାହିଁ | ପିଇଣ ସନ୍ତୋଷ ଲଭଇ ||
ଏମନ୍ତେ ଗଲା କେତେଦିନ | ଶୁଣ ହେ ସୁମନ ସଜନ ||
ଖରା ବରଷା ଶୀତକାଳ | ରହଇ ବୃକ୍ଷଙ୍କର ମୂଳ ||
ଦୁଃଖକୁ ଶୋଚନା ନ କରି | ସର୍ବଦା ବୋଲୁଥାଇ ହରି ||
ତାହାର ମନ କର୍ତ୍ତବ୍ୟରେ | କିଛିହିଁ କାମନା ନ କରେ ||
ଜୀବନ ଯାଉ ଅବା ଥାଉ | ଏଥି ଶୋଚନା ନାହିଁ ଆଉ ||
ତେଣୁ ସେ କ୍ଷୀଣହେଲା କାୟେ | ଅତି ଦରିଦ୍ର ଜନ ପ୍ରାୟେ ||
ଯହିଁ ସେ ଗଲେ ଲୋକମାନେ | ଶରଧା ନ ପାବନ୍ତି ମନେ ||
ବୋଲନ୍ତି ଅଇଲା ଏ ବାଇ | କିସ ଏ ନେବଟି ଗୋସାଇଁ ||
ଏମନ୍ତ ବୋଲି ଘଉଡ଼ାନ୍ତି | ପାଶେ ବସାଇ ନ ଦିଅନ୍ତି ||
ସର୍ବେ ବୋଲନ୍ତି ମାର ମାର | କ୍ଷୋଭ ନ ଥାଇ ମନେ ତାର ||
ବୋଲେ ମୋ ପୂର୍ବକର୍ମ ଯେତେ | ସେ ସିନା କରିଅଛି ଏତେ ||
ଭଲ ବା ମନ୍ଦ ହାନି ଲାଭ | ଯେ ପୂର୍ବ ଅରଜନ ଥିବ ||
କେ ତାହା ଅନ୍ୟଥା କରିବ | ସେ ତାହା ଅବଶ୍ୟ ଭୁଞ୍ଜିବ ||
ଏମନ୍ତ ଭାବି ତାର ମନେ | ବିଚାରୁଥାଇ ପ୍ରତିଦିନେ ||

ଏବେ ମୁଁ ପ୍ରଭୁଙ୍କ କୃପାରେ । ବୁଲି ଦେଖିବି ତୀର୍ଥବରେ ॥
ଦେଖିବି ଶ୍ରୀପୁରୁଷୋତ୍ତମ । ଯେ କ୍ଷେତ୍ରମାନଙ୍କ ଉତ୍ତମ ॥
ଗଙ୍ଗା ଗୟାଦି ପୁଣ୍ୟ କାଶୀ । ଯେ ମହାକ୍ଷେତ୍ର ବାରଣସୀ ॥
ଅଯୋଧ୍ୟାପୁର ବୃନ୍ଦାବନ । କାଳିନ୍ଦୀ ଗିରିଗୋବର୍ଦ୍ଧନ ॥
ଗୋପ ମଥୁରା ନରନାରି । ବଦ୍ରିକା ବଦ୍ରିନାଥ ଗିରି ॥
ଯେ ହରିଦ୍ୱାର ପୁଣ୍ୟସ୍ଥଳ । ଯହିଁରେ ହରିହର ମେଳ ॥
ହେଙ୍ଗୁଳା ଆଦି ତୀର୍ଥ ଯେତେ । ଦ୍ୱାରିକା ଶ୍ରୀଅଙ୍ଗ ସହିତେ ॥
ଶ୍ରୀରାମେଶ୍ୱର ସେତୁବନ୍ଧ । ଯହିଁ ବିଜୟେ ଆଦିକନ୍ଦ ॥
ଏବେ ବିଚାରୁ ଅଛି ମନ । ଦେଖିବି ପ୍ରଭୁ ଲକ୍ଷ୍ମଣ ॥
ଏଥି ଉତ୍ତାରେ ଯାହା ହେଉ । ଏ ସବୁ ଯାଉ ଅବା ଥାଉ ॥
ତହିଁକି କଷ୍ଟ ନାହିଁ ଦୁଃଖ । କେବେ ମୁଁ ଦେଖିବି ଶ୍ରୀମୁଖ ॥
ସେ ମହାପ୍ରଭୁଙ୍କ ପ୍ରତାପ । ଯାହା ମୁଁ ଶୁଣିବି ସ୍ୱରୂପ ॥
ଯାଇ ଦେଖିବି ଚର୍ମଡୋଳେ । ଖଣ୍ଡିବ ଜନ୍ମ ବଧ ହେଲେ ॥
ଏମନ୍ତେ ଭାବି ଚଳଯାନ୍ତେ । କେତେହେଁ ଦିନ ରହି ପଥେ ॥
ଏକାକୀ ସଙ୍ଗେ କେହି ନାହିଁ । ମିଳିଲେ ସେ ଦେଶରେ ଯାଇଁ ॥
ଆଗରେ ଦେଖିଲେ ବନସ୍ତ । ଅତି ଦୁର୍ଗମ ସେହି ପଥ ॥
ଏକେ ବରଷା ଚତୁର୍ମାସ । ସେ ବନେ ହୋଇଲେ ପ୍ରବେଶ ॥
ଅତି ଦୁର୍ବଳ ବୃଦ୍ଧଦେହୀ । ଚାଲିବା ଶକ୍ୟ ତାର ନାହିଁ ॥
ଧୀରେ ଗମଇ ପଡ଼ି ଉଠି । ଦଇବେ କଲା ଘୋର ବୃଷ୍ଟି ॥
ସେ ଯେ ବରଷା ଘାତପାଇ । ଶୀତେ କମ୍ପଇ ତାର ଦେହୀ ॥
କମ୍ପିଲା ଦଶନ ଅଧର । ତୁଣ୍ଡରୁ ନଇଲା ଉତ୍ତର ॥
ତହିଁକି ଶୋଚନା ନ କରି । ଗମନ ଧୀରେ ଧୀରେ କରି ॥
ଏମନ୍ତେ କେତେ ଦୂର ଗଲା । ଆଉ ସେ ଚାଲି ନ ପାରିଲା ॥
ପଡ଼ିଲା ବୃକ୍ଷମୂଳେ ଶୋଇ । ଶ୍ରୀପଦ୍ମପାଦେ ଚିତ୍ତ ଦେଇ
ବୋଇଲା ଆହେ ମହାମେରୁ । ଅଶେଷ ଜୀବ ଜ୍ଞାନଗୁରୁ
ଅଶେଷ ଜୀବ ତାତ ମାତ । ଅଶେଷ ପ୍ରାଣୀ ପ୍ରାଣହିତ

ଅଶେଷ ବ୍ରହ୍ମାଣ୍ଡ ଠାକୁର । ତୋ ଇଚ୍ଛା ଯାହା ତାହାକର ॥
ହେ ପ୍ରଭୁ ଶ୍ରୀରାମ ଅନୁଜ । କୋଟିଏ ସୂର୍ଯ୍ୟ ଜିଣି ତେଜ ॥
କୋଟି କନ୍ଦର୍ପ ରୂପ ଯାର । ସଂସାରେ ନାହିଁ ପଟାନ୍ତର ॥
ଶର କାର୍ମୁକ ବେନଭୁଜେ । ସବତା କର ଗର୍ବଗଞ୍ଜେ ॥
ଆତଙ୍କୀ ଆତଙ୍କ ଖଣ୍ଡନ । ଯେ ଆର୍ତ୍ତି ଆର୍ତ୍ତି ବନାଶନ ॥
ସଂସାରେ ତୁମ୍ଭ ଅବତାର । ଅନନ୍ତ ମହିମା ଯାହାର ॥
ଯେଣୁ ତୁ ଅନନ୍ତ ମୂରତି । ଅନନ୍ତ ରୂପେ ତୋର ସ୍ଥିତି ॥
ସକଳ ହୃଦକଥା ଜାଣୁ । ତୁହି ସେ ଅନ୍ତର୍ଯାମୀ ତେଣୁ ॥
ଯେ ତୁମ୍ଭ ଅଭୟ ଚରଣ । ଆଜ ମୁ ପଶିଲି ଶରଣ ॥
ତୁମ୍ଭର ଶ୍ରୀମୁଖ ଦର୍ଶନ । କରିବା ଯାଏ ଏ ଜୀବନ ॥
ରଖି ଦର୍ଶନ ଦିଅ ବାରେ । ଯେ ଇଚ୍ଛାହେଉ ନିରନ୍ତରେ ॥
କେବଳ ଅନଳ ତପତ । ପାଇଲେ ହେବ ମନ ଶାନ୍ତ ॥
ଏମନ୍ତେ ବିଚାରନ୍ତେ ମନ । ଜାଣିଲେ ପ୍ରଭୁ ଲକ୍ଷ୍ମନ ॥
ହୃଦେ ଲଗିଲା ଭୃତ୍ୟ ଚିନ୍ତା । ବେଗେ ଧାଇଁଲେ ଜଗଜ୍ଜିତା ॥
ସବେ ଶବର ରୂପ ଧରି । ଅଗ୍ନି ଉହ୍ଲାଇ ସଜକରି ॥
ଧରି ଚଳିଲେ ଅତିବେଗେ । ମିଳିଲେ ଭକତର ଆଗେ ॥
ପାଶେ ଅନଳ ଥୋଇ ଧୀରେ । କହନ୍ତି ବଚନ ଗମ୍ଭୀରେ ॥
ଭୟ ନକର କିଛି ଆଉ । ଅନଳ ତାପେ ଶୀତ ଯାଉ ॥
ଶୁଣି ଗୋବିନ୍ଦ ଦାସ ଧୀରେ । ବଚନ କହିତ ନ ପାରେ ॥
ଅତି ବିନୟ ଭାବ ହୋଇ । ବୋଲେ ଉଠିବା ଶକ୍ୟ ନାହିଁ ॥
କେଉଁ ଆସିଛ ବାବୁ ଏଥେ । ଉଠାଇଦିଅ କିନା ମୋତେ ॥
ତୁମ୍ଭେ ମୋ ଧର୍ମର ପିଅର । ଗଲା ଜୀବନ ରକ୍ଷାକର ॥
କେବଳ ପ୍ରଭୁ ଲଛମନ । ଅଶେଷ ଜୀବର ଜୀବନ ॥
ତାହାଙ୍କ ଦରଶନ ଯାଏ । ଏ ପାପୀଜୀବ ଥାଉ ଦେହେ ॥
ଅଧିକେ ପ୍ରୟୋଜନ ନାହିଁ । ଶୁଣି ଆନନ୍ଦ ଭବଗ୍ରାହୀ ॥
ତକ୍ଷଣେ ଭୃତ୍ୟ ଭୁଜଧରି । ବସାଇ ଦେଲେ ଯତ୍ନକରି ॥

ପାଶରେ ଅନଳ ଥୋଇଲେ । ଆପଣେ ଅଲଗେ ରହିଲେ ॥
ଅଙ୍ଗରେ ଲାଗନ୍ତେ ଶ୍ରୀଭୁଜ । ବଢ଼ିଲା ତାର ଓଳ ତେଜ ॥
ଅନଳ ପାଶରେ ବସିଲା । ଶରୀର ତାପ ବନାଶିଲା ॥
ବରତ୍ର କଲା ମନେ ତାର । ନଷ୍ଟମ୍ଭ ପ୍ରଭୁ ଅଙ୍ଗୀକାର ॥
ନୋହିଲେ ଏ ଶବର ଏଥେ । ଆସିକ ଜୀବଦ୍ୟନ୍ତା ମୋତେ ॥
ଏ କଥା ଅଟଇ କେମନ୍ତ । ଧନ୍ୟ ତୋ ମହିମା ଏମନ୍ତ ॥
ଏହା ମୁଁ ନ ପାରିଲ ଜାଣି । ଧନ୍ୟ ଧାନୁକା ଚୂଡ଼ାମଣି ॥
ବୋଲ ଆନନ୍ଦେ ଦେଲା ହସି । ଶବର ମୁଖ ଗ୍ନହିଁ ଘସି ॥
ଶୁଣ ହେ ଧର୍ମ ତାତ ମୋର । କେତେ ଦୂରରେ ତୁମ୍ଭଘର ॥
ତୁମ୍ଭର ନାମ ଗୋଟି କସ । କହ ହୋ ଏଥିର ସନ୍ଦେଶ ॥
ଏଥକୁ କେହୁ ଦେଲା ପେଷି । କାହାର ବୋଲେ ତୁମ୍ଭେ ଆସି ॥
ମୋହର ପ୍ରାଣ ଯିବା ବେଳେ । ଏ ଘୋର ବରଷାର କାଳେ ॥
ଅନଳ ଘେନଣ ଅଇଲ । ମୋତେ ତ ଜୀବଦାନ ଦେଲ ॥
କୋଟିଏ ଜନ୍ମରେ ତୁମ୍ଭର । ଶୁଝି ନ ଯିବ ଉପକାର ॥
ଏବେ ମୋଠାରେ କୃପାକର । ଚଳଣ ଯାଅ ନଜ ପୁର ॥
ତା ଶୁଣି ସେ ମାୟା ଶବର । ତକ୍ଷଣେ ହୋଇଲେ ଅନ୍ତର ॥
ସେ ଯେ ଗୋବିନ୍ଦ ଦାସ ଥାଇ । ମନରେ ଭାବନା କରଇ ॥
ଏତେ ବେଳରେ ଅନ୍ନ କିଛି । ଯେବେ ଦିଅନ୍ତେ ରଘୁବଂଶୀ ॥
ଭୁଞ୍ଜିଲେ ଜୀବନ ରହନ୍ତା । ଆଉ ନ ଥିଲା କିଛି ଚିନ୍ତା ॥
ପୁଣି ବର୍ତ୍ତ୍ମରେ ଘୋରବନ । ନାହିଁତ ଘର ଗ୍ରାମମାନ ॥
ବିପ୍ର ମନ୍ଦିର ଏଥି ନାହିଁ । ଅନ୍ନ ମିଳିବ ଅବା କାହିଁ ॥
ବୋଲଇ ମନକୁ ତିଆରି । ଭଜଇ ରାମକୃଷ୍ଣ ହରି ॥
ତାହା ଜାଣିଲେ ଦୀନବନ୍ଧୁ । ଯେ ପ୍ରଭୁ ନିଜେ କୃପାସିନ୍ଧୁ ॥
ଗଗନୁ ଚାତକକୁ ନିତ । ବରଷା ଜଳ ଯେହୁ ଦ୍ୟନ୍ତି ॥
ଗର୍ଭର ବାଳକକୁ ଅନ୍ନ । ଯେ ଦେଇ ରଖନ୍ତି ଜୀବନ ॥
କାଷ୍ଠ କୀଟର ପଡ଼ିଦାତା । ତାଙ୍କୁ ଅପୂର୍ବ କେଉଁ କଥା ॥

ତକ୍ଷଣେ ବିପ୍ର ରୂପଧରି । ଦିବ୍ୟ ଖେଚଡ଼ୀ ହସ୍ତେ ଭରି ॥
ନବ ଭାଣ୍ଡରେ କରିପୂର୍ଣ୍ଣ । ନାନାଦି ପ୍ରକାର ବ୍ୟଞ୍ଜନ ॥
ଦିବ୍ୟ ଆମ୍ବିଳ ଦଧି ଛେନା । ତହିଁଟି ପଡ଼ୁଛି ବାସନା ॥
ଅତି ଗରମ ଅଛି ହୋଇ । ଧରି ଧାଇଁଲେ ଭବଗ୍ରାହୀ ॥
ମିଳିଲେ ଭକତର ପାଶେ । ବୋଇଲେ କି କରୁଛ ଦାସେ ॥
ଚିନ୍ତା କମ୍ପାଇ କରି ମନ । ଉଠି ଭୋଜନ କର ଅନ୍ନ ॥
ତା ଶୁଣି ଶ୍ରୀହରିର ଦାସ । ଉଠିଲେ ହୋଇ ହସ ହସ ॥
ଦେଖିଲେ ବ୍ରାହ୍ମଣ ଗୋସାଇଁ । ଅନ୍ନ ପାଶରେ ଦେଲେ ଥୋଇ ॥
ତକ୍ଷଣେ ଅନ୍ନ ଗ୍ରାସ କରି । ସାରିଣ ବିପ୍ରକୁ ପଚାରି ॥
କେ ତୁମ୍ଭେ କାହୁଁ ବିଜେ କଲ । ମୋ ମନ କେମନ୍ତେ ଜାଣିଲ ॥
ବିପ୍ରର ପ୍ରାୟେ ମୋର ଚିତ୍ତ । ପ୍ରତିତ ନୋହେ କଦାଚିତ ॥
ନିଶ୍ଚୟ ପ୍ରଭୁ ଲଛମନ । ଏମନ୍ତ ବିଚାରେ ମୋ ମନ ॥
ଯା ମାୟା ଦେବେ ଅଗୋଚର । ମୋ ଛାର କେତେକ ମାତର ॥
ବ୍ରହ୍ମାଦି ଦେବଙ୍କୁ ଦୁର୍ଲ୍ଲଭ । ମୁଁ କି ଜାଣିବି ତାଙ୍କ ଭାବ ॥
ମାୟା ନ କରି କହ ସତ । ନୋହିଲେ ହେବି ପ୍ରାଣେ ହତ ॥
ତାହା ଶୁଣିଣ ଦୟାନିଧି । ବୋଇଲେ ତୋର ସାଧୁ ବୁଦ୍ଧି ॥
ଧନ୍ୟ ତୋହର ଅନୁଭବ । ଦୁର୍ଲଭ ଅଟେ ତୋର ଭାବ ॥
ଭକତ ମଧ୍ୟେ ଅଟୁ ସାର । ତରିବୁ ଏ ଭବ ସଂସାର ॥
ଏବେ ତୁ ସଂଶୟ ନ ଘେନ । ଆମ୍ଭେଟି ପ୍ରଭୁ ଲଛମନ ॥
ଶୁଣି ଗୋବିନ୍ଦ ଦାସ ଭୋଳେ । ନମିଲ ପ୍ରଭୁ ପାଦତଳେ ॥
ଉଠି କପାଳେ କର ଦେଇ । ବୋଲଇ ନମୋ ଭବଗ୍ରାହୀ ॥
ନମଇଁ ପ୍ରଭୁ ଭଗବାନ । ଅନାଦି ପରମ କାରଣ ॥
ଦେଖାଅ ନିଜରୂପ ତୋର । ମନୁ ସଂଶୟ ଯାଉ ମୋର ॥
ଏମନ୍ତ ଶୁଣି ଦଇତ୍ୟାରି । ତକ୍ଷଣେ ନିଜରୂପ ଧରି ॥
ତନୁ କନକ ପ୍ରାୟେ ବର୍ଣ୍ଣ । ଗଉର ରଙ୍ଗ ଶୋଭାବନ ॥
ମୁଖ ସମ୍ପୂର୍ଣ୍ଣ ଚନ୍ଦ୍ର ଜିଣି । କି ମହାମନ୍ତ୍ର ସେ ଗୁହାଁଣୀ ॥

ଚକ୍ଷୁ ଶ୍ରବଣ ନାସା ଶୋଭା । କସ ଉପମା ତହିଁ ଦେବା ॥
ରଙ୍ଗ ଅଧରେ ମନ୍ଦହାସ । ସୁନ୍ଦର ଶୋହେ ପୀତବାସ ॥
କମ୍ବୁ ଆକୃତି ଗ୍ରୀବାମୂଳ । ଅତ ବସ୍ତାର ହୃଦସ୍ଥଳ ॥
କଟୀ କ୍ଷୀଣତା କହି ନୋହେ । କ ଶୋଭା ପଦ୍ମପାଦ ଦୁହେଁ ॥
ବଟୋଳ ଶ୍ରୀଭୁଜେ କୋଦଣ୍ଡ । ତେଜେ ଗଞ୍ଜଇ ମାରତଣ୍ଡ ॥
ଶିରେ ସପତ ଫଣି ସାଜେ । ଦ୍ୱିଷ୍ଟି ଈଶ୍ୱର ପ୍ରାୟେ ବଜେ ॥
ତା ଦେଖି ଭକତ ଶେଖର । ବେନି ନୟନୁ ବହେ ନୀର ॥
କଣ୍ଠ ଗଦ୍‌ଗଦ ସ୍ୱରଭଙ୍ଗ । ରୋମ ପୁଲକ ସ୍ୱେଦ ଅଙ୍ଗ ॥
ବଚନ କହି ନ ପାରଇ । ବୋଇଲା ନମୋ ଭାବଗ୍ରାହୀ ॥
ତୋ ପରି ପ୍ରଭୁ ଥାଉ ଆନେ । ଭଜନ୍ତି ଅନ୍ୟ ଜନମାନେ ॥
ଧିକ ତ ତାହାଙ୍କ ଜୀବନ । ତାଙ୍କ ଦେହେ କି ପ୍ରୟୋଜନ ॥
ମୋତେ ଏମନ୍ତ ସାହାବୋଲି । ମୁଁ ମୂଢ଼ ଜାଣି ତ ନ ଥିଲି ॥
ଏମନ୍ତ ବୋଲି ଯାବେ ହେଲ । ଯେସନେ ଚନ୍ଦ୍ରମଣି ଶିଳ ॥
ଚନ୍ଦ୍ରକୁ ଦେଖି ଦ୍ରବଯାଇ । ତେସନେ ହେଲା ତାରଦେହୀ ॥
ସେହିରୂପକୁ ଧ୍ୟାନ କରି । ଅନ୍ତେ ଚଳିଲା ବିଷ୍ଣୁପୁରୀ ॥
ଏ ଦାର୍ଢ୍ୟଭକ୍ତି ରସାମୃତ । କେବଳ ଶ୍ରବଣେ ଅମୃତ ।
ପଦ ପଦକେ ସୁଖ ଉଦେ । ଭବ ବଷୟା ବଷ ଛେଦେ ॥
କହଇ ବପ୍ର ରାମଦାସ । ସେ ହରି ମହିମା ଅଶେଷ ॥
ସାଧୁଙ୍କ ମହିମାଟି ଯେତେ । ତାହା କେ କହିବ ସାକ୍ଷାତେ ॥
ଶୁଣ ସୁମନ ଏ ଚରିତ । ଅଭିନ୍ନ ଭକ୍ତ ଭାଗ୍ୟବନ୍ତ ॥
ଯେ ସାଧୁଜନଙ୍କ ବଇରୀ । ନର୍କେ ବୁଡ଼ନ୍ତି ତାକୁ ହରି ॥
କିସ କହିବ ମୁହିଁ ଛାର । ସାଧୁଙ୍କୁ ସମସ୍ତ ଗୋଚର ॥
ଯେହୁ ଜାଣଇ ହରିଭାବ । ତାକୁ ଏ ବଚନ ଦୁର୍ଲ୍ଲଭ ॥
ଛନ୍ଦ କପଟୀ ଜନ ଯେହି । ତାଙ୍କ ଶ୍ରବଣେ ଶୂଳ ଏହି ॥
ଶୁଣ ସୁମନ ହରି ରସ । ଏ ଭବ ସମୁଦ୍ରେ ନ ଭାସ ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତି ରସାମୃତେ ମନଚୈତନ୍ୟ ସମ୍ବାଦେ
ଭକ୍ତ ଗୋବିନ୍ଦ ଦାସ ଦୃଢ଼ଭକ୍ତି ବର୍ଣ୍ଣନେ ନାମ
ତ୍ରୟୋତ୍ରିଂଶୋଽଧ୍ୟାୟଃ ।

—*—

## ଚତୁଃତ୍ରିଂଶ ଅଧ୍ୟାୟ
## ଯଶଚନ୍ଦ୍ର, ରାଜା ଓ ଦୀନବନ୍ଧୁ ଓଝା ସମ୍ବାଦ

ନମସ୍ତେ ମାଳାଦ୍ରି କେଶରୀ । କମଳା ଯାର ପରିଚାରୀ ॥
ଶରଣ ପାଦପଦ୍ମେ ତୋର । ବାଞ୍ଛା ସମ୍ପୂର୍ଣ୍ଣ କର ମୋର ॥
ପୁଣି ଚୈତନ୍ୟଦେବ କହେ । ଶୁଣ ହୋ ମନ ପୁଣ୍ୟମୟେ ॥
କେବଳ ଶୁଣ ଶ୍ରଦ୍ଧାଭାବେ । ମୁଁ ଯାହା କହୁଅଛୁ ଏବେ ॥
ପଶ୍ଚିମ ଗୋଦାବରୀ ତଟେ । କଣଯୁ ଗିରିର ନିକଟେ ॥
ସକଳ ଦେଶରୁ ଯେ ଶ୍ରେଷ୍ଠ । ଜାଙ୍ଗଳ ନାମେ ଏକ ଦେଶ ॥
ଶତେକ ଯୋଜନ ବିସ୍ତାର । ଅମୂଲ୍ୟ ଭୂମି ମଧ୍ୟେ ସାର ॥
ତହିଁ ନୃପତି ଯଶଚନ୍ଦ୍ର । ଅତି ଧାର୍ମିକ ସେ ନରେନ୍ଦ୍ର ॥
ଦାନ ପଣରେ ସେ ଅଗ୍ରଣୀ । ଶୂର ପଣରେ ତାକୁ ଗଣି ॥
ରାଜା ପଣରେ ସେହୁ ମୋକ୍ଷ । ପ୍ରଜା ପାଳନେ ସେ ସୁଦକ୍ଷ ॥
ଇନ୍ଦ୍ରର ସମାନ ସମ୍ପତ୍ତି । ଅନେକ ତାର ପ୍ରିୟବନ୍ତୀ ॥
ପଦ୍ମବନର ପ୍ରାୟେ ବଂଶ । ପୁତ୍ର ଦୁହିତାହିଁ ବିଶେଷ ॥
ଗଜ ତୁରଙ୍ଗ ଗଣା ନାହିଁ । ପଦାତି କେ ପାରିବ କହି ॥
ଦେବ ପୂଜନେ ଶୁଦ୍ଧ ବୁଦ୍ଧି । ନାମ ଭଜନେ ସେ ପ୍ରସିଦ୍ଧି ॥
ପୁରାଣ ଶୁଣୁଥାଇ ନିତି । ବିପ୍ର ପୋଷଣେ ଶୁଦ୍ଧମତି ॥
ଏମନ୍ତେ କେତେଦିନ ଗଲା । ରାଜା ତା ଚିତ୍ତେ ବିଚାରିଲା ॥
ବିପ୍ର ଶାସନ ବସାଇବା । ତାହାଙ୍କ ଚରଣ ସେବିବା ॥
ଏମନ୍ତ ବୋଲି ଦଣ୍ଡଧାରୀ । ପାଠି ଜ୍ୟୋତିଷକୁ ବିଚାରି ॥
ଖୋଜଇ ଅନୁକୂଳ ଦିନ । ବିଜୟେ କଲେକ ରାଜନ ॥
ଦେଖି ଉତ୍ତମ ଶୁଦ୍ଧ ସ୍ଥାନ । ତହିଁରେ ବସାଇ ଶାସନ ॥

ଗଣିଲେ ଅଷ୍ଟୋତ୍ତର ଶତେ । ପୁର ନିର୍ମାଇ ବିଧିମତେ ॥
ପୂର୍ବ ପଶ୍ଚିମ ମୁଖ କରି । ପ୍ରତି ମନ୍ଦିର ସମସରି ॥
ଗଣାରେ ତିନଶତ ପୁର । କନ୍ଥ ମୁହଁଇ ଶୋଭା ତାର ॥
ଗ୍ରାମ ବାହାର ବେଢ଼ପାଖେ । ରଖାଇ ସମସ୍ତ ପାଠକେ ॥
ଲୌହକାରକ ଯେ ସୁନାରୀ । ବଢ଼ାଇ ଗୁଡ଼ିଆ ଶଙ୍ଖାରି ॥
ରଜକ ରାଉତ ଭଣ୍ଡାରୀ । ଗ୍ରାମଜଗାଳି ଆଦି କରି ॥
ଅନେକ ଧନ ବିଧ୍ୱଂସିଲେ । ଅନୁରୂପରେ ବସ୍ତି କଲେ ॥
ଗ୍ରାମ ବାହାରେ ଶିବଆଳ । ଆବର ଚଣ୍ଡିକା ଦେଉଳ ॥
ଗ୍ରାମ ମଧ୍ୟରେ ବିଷ୍ଣୁସ୍ଥାନ । କେ କହୁ ମଣ୍ଡପ ଶୋଭନ ॥
କରାଇ ସେ ମହାରାଜନ । ବରଣ କଲେକ ବ୍ରାହ୍ମଣ ॥
ଦୂତ ପେଷିଲା ଦଣ୍ଡଧାରୀ । ବହୁ ଦେଶରୁ ବିପ୍ର ବରି ॥
ଅଇଲେ ଶତେ ଆଠଘର । ଏକୁ ଆରେକ ଶୋଭାକର ॥
ସର୍ବେ ଅଠମନ୍ତ୍ର ବେଦଗର୍ଭ । କେହୁ ବା ପଣ୍ଡିତ ସମ୍ଭବ ॥
ଏକୁ ଆରେକ ତେଜୋମୟେ । ଦଶମନ୍ତ୍ର ବ୍ରହ୍ମବେତ୍ତା ପ୍ରାୟେ ॥
ବୋଇଲେ ଶୁଣ ମହାଜନେ । ମୁଁ ଯାହା କହୁଛି ବଚନେ ॥
ସର୍ବେ ଏ ସ୍ଥାନେ ବାସ କରି । ଆରାଧି ବିଷ୍ଣୁଙ୍କ ପୟର ॥
ଶଉଚବନ୍ତ ଶୁଦ୍ଧମନେ । ହୋମ କରିବ ପ୍ରତିଦିନେ ॥
କେବଳ ବିଷ୍ଣୁ ପ୍ରୀତି ଅର୍ଥେ । ଅନ୍ୟ କଳ୍ପନା ନାହିଁ ଚିତ୍ତେ ॥
ଏତେକ ମାଗୁଣି ମୋହର । ଏହା କରିବ ବିପ୍ରବର ॥
ଯେ ଭୁଞ୍ଜ ଅନ୍ନବସ୍ତ୍ରମାନ । ତାହା ଖଞ୍ଜିବେ ଭଗବାନ ॥
ତାହା ଶୁଣିଣ ବିପ୍ର କେତେ । ସମ୍ମତି ଦେଲେ ଯେଝାମତେ ॥
ରହିଲେ ସେହି ପୁରେ ଯାଇ । ଅତି ଆନନ୍ଦ ମନହୋଇ ॥
ତା ଦେଖି ସେ ମହାରାଜନ । ଖଞ୍ଜିଲେ ସମ୍ପୂର୍ଣ୍ଣ ଭୋଜନ ॥
ଯେଝା କୁଟୁମ୍ବ ଅନୁରୂପେ । ଧନ ତଣ୍ଡୁଳ ଦେଲେ ଆପେ ॥
ଶିବ ଚଣ୍ଡିକା ପୂଜାମାନ । ବିଷ୍ଣୁଙ୍କ ଚରଣ ବିଧାନ ॥
ଖଞ୍ଜିଲେ ବିଧିମତି କରି । ତୁଳସୀ ଆରୋପଣ କରି ॥

ଡକାଇ ପାଠକମାନଙ୍କୁ । ଅନେକ ଧନ ଦେଲେ ତାଙ୍କୁ ॥
ବୋଇଲେ ବିପ୍ରଙ୍କ ଚରଣେ । ସେବା କରିବ ଅନୁକ୍ଷଣେ ॥
ଜଳର ନିମନ୍ତେ ପୋଖରୀ । ଖୋଳାଇ ଦେଲେ ଯତ୍ନକରି ॥
ସର୍ବ ପ୍ରତିଷ୍ଠା ବିଧି କଲେ । ବିପ୍ରଙ୍କ ହସ୍ତେ ଦାନଦେଲେ ॥
ଘୃତ ଚନ୍ଦନ ଆଦି ଯେତେ । ଖଞ୍ଜିଲେ ହୋମର ନିମନ୍ତେ ॥
ଯୋଗାଇ ବିପ୍ରଙ୍କ ଛାମୁରେ । ଚଳିଣ ଗଲେ ନୃପବରେ ॥
ଶୁଣ ସୁମନ ଶୁଦ୍ଧଚିତେ । ଏଥି ଉତ୍ତାରୁ କଥା ଯେତେ ॥
ବ୍ରାହ୍ମଣେ ବିଷ୍ଣୁ ପ୍ରୀତି ଅର୍ଥେ । ହୋମ ଯେ କଲେ ନିତ୍ୟେନିତ୍ୟେ
ପ୍ରଭାତୁଁ ଉଠି ସ୍ନାନକରି । ଦ୍ୱାଦଶ ତିଳକହିଁ କରି ॥
ପଦ୍ମପୁଷ୍ପର ଯେ ମୁଦ୍ରାକ୍ଷ । ସ୍ଫଟିକ ମାଳା କାହା ବକ୍ଷ ॥
ତୁଳସୀ ମାଳା କାହା ଗଳେ । ବିଭୂତି ଚନ୍ଦନ କପାଳେ ॥
ହସ୍ତରେ କୁଶ ଗଡ଼ୁପାଣୀ । ପିନ୍ଧି ସୁକ୍ଷ୍ମୀନ ବସ୍ତ୍ର ଧୋତି ॥
ଶିବଙ୍କୁ ଦରଶନ କରି । ବିଷ୍ଣୁ ପ୍ରତିମା ପୂଜା ସାରି ॥
ବସନ୍ତି ଯେଝା ଘରେ ଯାଇ । ହୋମ କରନ୍ତି ବେଦଧ୍ୟାୟୀ ॥
ଆସନ ପାଦାସନ ବିଧି । ଅଙ୍ଗ ଆସନ ଭୂତ ଶୁଦ୍ଧି ॥
ଯେ ଷଡ଼ଚକ୍ର ସ୍ଥାନମାନ । ଛୁଇଁଣ ନାସିକା ଶ୍ରବଣ ॥
ଶୁଦ୍ଧ କରନ୍ତି ନିଜ ଗାତ୍ର । ବେଗେ ଲଗାନ୍ତି ଅଗ୍ନି ହୋତ୍ର ॥
ସକଳେ ବିଷ୍ଣୁ ପ୍ରୀତିଅର୍ଥେ । ହୋମ କରନ୍ତି ବିଧିମତେ ॥
ଏହି ପ୍ରକାରେ ପ୍ରତିଦିନ । କରନ୍ତି ସର୍ବ ବିପ୍ରଗଣ ॥
ଅଷ୍ଟାହ୍ନକରେ ରଜା ଥରେ । ବିଜୟ କରନ୍ତି ସେ ପୁରେ ॥
ବିଷ୍ଣୁଙ୍କୁ ଦଣ୍ଡବତ କରି । ତାହାଙ୍କ ଆଶୀର୍ବାଦ ଧରି ॥
ଦାରିଦ୍ର୍ୟ ତଣ୍ଡୁଳ ତୁଳସୀ । ଧରି ଆନନ୍ଦେ ମୁଣ୍ଡେ ଘୋଷି ॥
ବିଷ୍ଣୁ ଶଙ୍କର ଦରଶନ । ଦେନ ପ୍ରସାଦ ପଦ୍ମମାନ ॥
ସମସ୍ତ ଜାଗ୍ରତ କରାଇ । ଚଳିଣ ଯାନ୍ତି ନରସାଇଁ ॥
ପୁଣି ହୁଅନ୍ତେ ଆଠଦିନ । ଆସି କରନ୍ତି ଦରଶନ ॥
ଏମନ୍ତେ କେତେଦିନ ଗଲା । ତା ଯଶ ଜଗତେ ପୂରିଲା ॥

ପୁଣ୍ୟେହିଁ ବଢ଼ିଲା ବହୁତ | ବିପ୍ରେ ହୋଇଲେ ତେଜୋବନ୍ତ ||
ଏମନ୍ତ କେତେ ସମ୍ବତ୍ସର | ଉପରୁ ଶୁଣ ନୃପବର ||
ଯେ ଯଶଚନ୍ଦ୍ର ମହାରାଜା | କରାଇ ବହୁତ ତରଜା ||
ସଙ୍ଗେ ଅନେକ ସଙ୍ଗୀ ଧରି | ଗଜ ତୁରଙ୍ଗ ଆଦି କରି ||
ପ୍ରବେଶ ବିଷ୍ଣୁଙ୍କ ଭୁବନେ | ଗ୍ରାମେ ପୂରିଲେ ଲୋକମାନେ ||
ଯେ ଦାଣ୍ଡ ବାଡ଼ି ଆଦି କରି | ରହି ଅଛନ୍ତି ଜନ ପୂରି ||
ଏମନ୍ତବେଳେ ବିପ୍ରଗଣ | ଅକ୍ଷତ ତଣ୍ଡୁଳ ଧରିଣ ||
ଯାଇଁ ଭେଟିଲେ ଦଣ୍ଡଧାରୀ | ଅନେକ ଆଶୀର୍ବାଦ କରି ||
ଭେଟୁ ଯେ ଅଛନ୍ତି ବ୍ରାହ୍ମଣ | ଏମନ୍ତ ବେଳେ କଥା ଶୁଣ ||
ଘନେ ଯେ ଦ୍ୱିଜବର ଘର | ଏକଇ କୁଳବଧୂ ତାର ||
ଦଇବେ ଅତ୍ୟନ୍ତ ସୁନ୍ଦରୀ | ଯୁବା ବୟସ ମନୋହାରୀ ||
ମୂତ୍ର ପୀଡ଼ିଲା ଆଣ୍ଟେ ତାକୁ | ବିସ୍ମର କଲା ତା ମନକୁ ||
ଦାଣ୍ଡ ବାଡ଼ିରେ ଲୋକମାନେ | ପୂରିଣ ଛନ୍ତି ସର୍ବ ସ୍ଥାନେ ||
ଯେଣିକି ଗଲେ ଲୋକ ଚାହିଁ | କି ବୁଦ୍ଧି କରିବ ଯେ ମୁହିଁ ||
ଏମନ୍ତେ ବିସ୍ମରି ମନରେ | ମୁତିଲା ସେ ହୋମ କୁଣ୍ଡରେ ||
ପାଉଁଶ ଘୋଡ଼ାଇଣ ଦେଲା | ନିଶ୍ଚିନ୍ତ ହୋଇଣ ରହିଲା ||
ଏମନ୍ତ ବେଳେ ନୃପବର | ସୈନ୍ୟ ସଙ୍ଗତେ ଘେନି ତାର ||
ମେଲାଣି ହୋଇ ଚଳିଗଲେ | ବ୍ରାହ୍ମଣେ ଯେଝାଘରେ ଗଲେ ||
ଆସିଣ ଶ୍ୱଶୁର ତାହାର | ହୋମାଗ୍ନି ପରେ ଢାଳେ କ୍ଷୀର ||
ତହିଁ ଦେଖିଲା ଜ୍ୟୋତିର୍ମୟେ | ବିଚିତ୍ର ସୁବର୍ଣ୍ଣ ଚକଏ ||
ଏ କି ବିଚିତ୍ର ବୋଲି ମନେ | ପୁଛିଲା ଗୃହେ ସର୍ବଜନେ ||
ସମସ୍ତେ ନ ଜାଣୁ ବୋଇଲେ | ବୋହୂ ଯେ ଗମ୍ଭୀରିରେ ଥିଲେ ||
ହସି ବୋଇଲା ଶୁଣ ତାତ | କଣ୍ଟେ ମାଡ଼ିଲା ମୋତେ ମୂତ ||
କେଣେ ତ ବାଟ ନ ପାଇଲି | ହୋମାଗ୍ନି କୁଣ୍ଡରେ ମୂତିଲି ||
ତେଣୁ ହୋଇଲା ଗରା ସୁନା | ମନେ ବିସ୍ମର କର କିନା ||
ତାହା ଶୁଣିଣ ଦ୍ୱିଜବର | ଆନନ୍ଦ ହୋଇଲା ଅପାର ||

ବୋଇଲା ଏ ଯେବେ ସ୍ୱରୂପ । କସ କରିବ ଏବେ ନୃପ ॥
ଦାରିଦ୍ର୍ୟ ଛୁଡ଼ିଲା ଏଥର । ଭୁଞ୍ଜିବା କାଳ ପ୍ରଭାତର ॥
ଏମନ୍ତ ମନେ ମୋଦ ଭରି । ଅନ୍ନ ଭୋଜନ ସର୍ବେ ସାରି ॥
ନିଶ୍ଚିନ୍ତ ହୋଇଣ ରହିଲେ । ରଜନୀ ଯାଇଁ ଦିନ ହେଲେ ॥
ପୁଣି ସେ କଲେ ଅଗ୍ନିହୋତ୍ର । ବୋହୂକୁ ବୋଲେ କର ମୂତ୍ର ॥
ଶ୍ୱଶୁର ଅଲଗେ ରହିଲା । ବୋହୂଟା ହସି ହସି ଗଲା ॥
ବସିଲା ଅଗ୍ନି ପାରୁଶରେ । ମୂତ୍ର ସେ କଲା ହୋମପରେ ॥
ସେ ଅଗ୍ନି ଲିଭାଇ ଲେଉଟି । ଦେଖିଲା ସୁନା ଚକ ଗୋଟି ॥
କେ କହୁ ବିପ୍ରର ଆନନ୍ଦ । ମୁଖ ବିକାଶେ ପୂର୍ଣ୍ଣଚନ୍ଦ୍ର ॥
ପ୍ରତିଦିନରେ ଏହିମତ । କରିଣ ସୁବର୍ଣ୍ଣ ରଖନ୍ତ ॥
ଦେଖ ସୁମନ ସେ ବ୍ରାହ୍ମଣ । ଏଡ଼େ ଦୁର୍ବୁଦ୍ଧି ମୂଢ଼ ଜାଣ ॥
ବିଚାର ନ କଲା ତା ମନ । କେବଳ ମୂଳକଲା ଧନ ॥
ଯେ ବିଷ୍ଣୁ ପ୍ରୀତିଅର୍ଥେ ଧନ । ଦେଇବେ ଅଗ୍ନି ବିଷ୍ଣୁ ସମ ॥
ମହା ବାକ୍ୟରେ ଏ ପ୍ରମାଣ । ସକଳ ଜୀବେ ପରିହାଣ ॥
ଏହା ମୁଁ କେମନ୍ତେ କରିବି । ନରକେ ସିନା ସଞ୍ଚରିବି ॥
ଏମନ୍ତେ ମନେତ ବିଚାରି । କେବଳ ଧନ ମୂଳ କରି ॥
ପ୍ରତିଦିନରେ ଏହିମତ । କଲା ସେ ଚଣ୍ଡାଳ ଦୁର୍ମତି ॥
ତାହା ଜାଣିଲେ ସେ ଗ୍ରାମରେ । ସୁବର୍ଣ୍ଣ କଲେ ପ୍ରତିଘରେ ॥
ସେ ପୁଣ୍ୟ ହୋମ ନାଶକଲେ । ସମସ୍ତେ ବିଷ୍ଣୁ ଦ୍ରୋହୀ ହେଲେ ॥
କେହି ନ ବୋଲନ୍ତେ ଏମନ୍ତ । କରିବା ନୁହଇ ଉଚିତ ॥
ସର୍ବେ ଅଜ୍ଞାନ ବୁଦ୍ଧି କଲେ । ଅମୃତ ଭାଣ୍ଡେ ସୁରା ଦେଲେ ॥
ଶୁଣ ହେ ମନ ପୁଣ୍ୟମନ୍ତେ । ଏଥି ଉତ୍ତାରୁ ଯେ କଥାଏ ॥
ସେ ଗ୍ରାମେ ଏକଇ ବ୍ରାହ୍ମଣ । ଅତି ଦରିଦ୍ର ସେହୁ ପୁଣ ॥
ତାର କୁଟୁମ୍ବ ଜଣ ସାତ । ବେନି ଦୁହିତା ତିନି ସୁତ ॥
ପତ୍ନୀ ତା ଅଟଇ ମୁର୍ଖରୀ । ସ୍ୱାମୀର ବଚନ ନ କରି ॥
ନାମ ତା ଦୀନବନ୍ଧୁ ଓଝା । ଜାଣଇ ପାପ ପୁଣ୍ୟ କଥା ॥

ହରି ଭଜନ ମୂଳ ତାର । ନ ଛାଡ଼େ ଆଚର ବେଭାର ॥
ସକଳ ଜୀବ ଦୟାବନ୍ତ । ବଚନ କହଇ ଅମୃତ ॥
ନିଷ୍କର୍ମୀ ନିର୍ଲ୍ଲୋଭୀ ନିର୍ଭୟେ । କେବଳ ସଦାନନ୍ଦ ମୟେ ॥
ନିତି ତା ଯୋଗ ସେବାମାନ । ଯେ ତାହା ଖଞ୍ଜନ୍ତି ରାଜନ ॥
ତହିଁ ଚଉଠେ ଦିଏ ଦାନ । ବାକି ଯା କରଇ ଭୋଜନ ॥
ଦୁଃଖୀ ଦରିଦ୍ର ଯେବା ଆସି । ତାହାଙ୍କୁ ଭୋଜନ ପ୍ରକାଶି ॥
ସେ ଅନ୍ନ ଦେଇ ତାଙ୍କ ପାଶେ । ଆପଣେ ରହେ ଉପବାସେ ॥
ତହିଁ ଶୋଚନା ନାହିଁ ତାର । ପ୍ରଭୁଙ୍କୁ କରି ନିର୍ଭର ॥
କେବଳ ଶ୍ରୀହରି ଭଜନ । ପ୍ରଭୁରେ ଦେଇଥାଏ ମନ ॥
ଏମନ୍ତେ କେତେଦିନଠାରେ । ବସିଛି ହୋମ କରିବାରେ ॥
ଆସନ ନିଷ୍ଠା ସେନ୍ଧି କରି । ଶ୍ରୁବେ ଯେ ଘୃତଅଛି ଭରି ॥
କୁଣ୍ଡରେ ବେଦମନ୍ତ୍ର ଧ୍ୟାୟୀ । ଅଗ୍ନି କୁଣ୍ଡରେ ସେ ଢାଳଇ ॥
ଏମନ୍ତ ବେଳେ ପତ୍ନୀ ଆସି । କହଇ ମୃଦୁ ମୃଦୁ ହସି ॥
ବୋଇଲ୍ ଶୁଣ ପ୍ରାଣେଶ୍ୱର । ଦାରିଦ୍ର ଛାଡ଼ିବ ଆମ୍ଭର ॥
ଆଜ ମୁଁ ପ୍ରଭାତ ସମୟେ । ଗଲି ପଣ୍ଡାଙ୍କ ଘରଯାଏ ॥
ଯେଣେ ଚାହିଁଲେ ଘରବାଡ଼ି । ସୁବର୍ଣ୍ଣ ଦିଶେ କୁଢ଼ କୁଢ଼ ॥
ତା ଦେଖି ହେଲି ଆଚମ୍ବିତ । ପୁଚ୍ଛିଲି ପଣ୍ଡାଙ୍କ ଅଗ୍ରତ ॥
ସେ ମୋତେ ନ କହିଲେ କିଛି । ପଣ୍ଡାଙ୍କ ପତ୍ନୀକି ମୁ ପୁଚ୍ଛି ॥
ସେ ମୋତେ କହିଲେଟି ଯାହା । ଶୁଣ ମୁଁ କହୁଅଛି ତାହା ॥
ହୋମ ଯେ ସରିଲ୍ ଉତ୍ତାରେ । ମାଇପେ ମୁତନ୍ତି ତହିଁରେ ॥
ତହୁଁ ସୁବର୍ଣ୍ଣ ହୋଏ ଜାତ । ମିଥ୍ୟା ନୁହଇ ଏହୁ ସତ୍ୟ ॥
ପ୍ରତି ଘରରେ ଏହା କରି । ସୁବର୍ଣ୍ଣମାନ ଅଛି ପୂରି ॥
ଆମ୍ଭେ ଯେ ତେମନ୍ତ କରିବା । ଦାରିଦ୍ର ଦୁଃଖୁଁ ତରିଯିବା ॥
ଏମନ୍ତ ଶୁଣି ସେ ବ୍ରାହ୍ମଣ । ଛୁଇଁଲ୍ ପୃଥିବୀ ଶ୍ରବଣ ॥
ରୋମ ଉଦ୍‌ଗମ ଅଙ୍ଗେ ତାର । କମ୍ପିଲ୍ ଚିବୁକ ଅଧର ॥
ଖର ନିଃଶ୍ୱାସ ଊର୍ଦ୍ଧ୍ୱ ଛାଡ଼ି । ମସ୍ତକେ ବେନିକର ଯୋଡ଼ି ॥

ବୋଇଲୁ କ କହିଲୁ ମୋତେ । ଏ ପାପୁ ତରିବ କେମନ୍ତେ ॥
ଯେବଣ ହୋମ ଆରୋପଣ । ହୋଇଲୁ ସେଠି ନାରାୟଣ ॥
ସାକ୍ଷାତେ ପ୍ରଭୁ ବିଜେ ଏଥେ । ଏହା ତୁ ବୋଇଲୁ କେମନ୍ତେ ॥
ଶୁଣି ତା ପତ୍ନୀ କ୍ରୋଧ ଭରେ । କହିଲୁ ସ୍ୱାମୀର ଆଗରେ ॥
ଜାଣିଲି ତୋର ବିପ୍ରପଣ । ତାଙ୍କଠାରୁ କ ବଡ଼ଜଣ ॥
ଏ ଗ୍ରାମେ ଭଞ୍ଜ ମିଶ୍ର ଘର । ଛହାଣ୍ଡ଼ୀ ଷଡ଼ଙ୍ଗୀ ଆବର ॥
ଯେ ପଣ୍ଡା ପାଣିଗ୍ରାହୀ ଦାଶ । ଏକକୁ ଆରେକ ବିଶେଷ ॥
ଏମାନେ କଲେ ଯେଝାମତେ । ତୁ ନାହିଁ କରୁ କମ୍ପା ମୋତେ ॥
କରିବା ପଛେ ପାଅନ୍ଦିନ । ଘରେ ଯା ମିଳିବ ସୁବର୍ଣ୍ଣ ॥
ଖାଇ ବଞ୍ଚିବା ସମ୍ବତ୍ସରେ । ଶୁଣି ବ୍ରାହ୍ମଣ କ୍ରୋଧ ଭରେ ॥
ବୋଲେ ନବୋଲ ଆଉ ମୋତେ । ଜୀବନ ହାରିବ ସାକ୍ଷାତେ ॥
ତା ଶୁଣି ବ୍ରାହ୍ମଣୀ ବୋଇଲୁ । କାହିଁକି ଏଡ଼େ କାଷ୍ଟା ହେଲୁ ॥
ଏ କଥା କହ କିନା ମୋତେ । ତେବେ ମୁଁ ଯିବଇଁ ପରତେ ॥
ତା ଶୁଣି ବୋଲଇ ବ୍ରାହ୍ମଣ । ଅଜ୍ଞାନୀ ପାମରୀ ଲୋ ଶୁଣ ॥
ସେ ସର୍ବେ ବଡ଼ ଜଣ ଜାଣ । ମୁଁ ନୁହେଁ ତେମନ୍ତ ବ୍ରାହ୍ମଣ ॥
ମୋହର ଥିଲେ ଗ୍ରାମ ଥିବ । ମୁଁ ଗଲେ ପାତାଳେ ପଡ଼ିବ ॥
ଆଉ ନ ବୋଲ ମୋତେ କିଛି । ତା ଶୁଣି ବୋଲଇ ମୃଗାକ୍ଷୀ ॥
ଏ କଥା ଯେବେ ସତ୍ୟ ତୋର । ଦେଖାଅ ମୋହର ଆଗର ॥
ନୋହିଲେ କର ତୁ ସୁବର୍ଣ୍ଣ । ଖାଇ ବଞ୍ଚିବା କିଛିଦିନ ॥
ଶୁଣି ବ୍ରାହ୍ମଣ କ୍ରୋଧ ହୋଇ । ବହ୍ନ ଅନଳ ଲିଭାଇ ॥
ଅନ୍ନ ଭୋଜନ ସେ ନକରି । ଶୋଇଲୁ କୁଶାସନ ପାରି ॥
ବ୍ରାହ୍ମଣୀ ପୁତ୍ର ପୌତ୍ର ଧରି । ଶୋଇଲୁ ରୁଷିଣ ଗମ୍ଭୀରୀ ॥
ନ ଭକ୍ଷି ଅନ୍ନ ପାଣି କେହି । ଯେଝାରେ କ୍ରୋଧମନ ହୋଇ ॥
ଏମନ୍ତ ଗଲା କେତେଦିନ । ତାହା ଜାଣିଲେ ଭଗବାନ ॥
ସେ ବିପ୍ର ପାରୁଶରେ ଆସି । ରଙ୍ଗ ଅଧରେ ମନ୍ଦହସି ॥
ବୋଇଲେ ଶୁଣ ବିପ୍ରବର । ତୋ ମନେ ସଂଶୟ ନକର ॥

ତୁ ଯାହା ବୋଇଲୁ ବଚନ । ସେ କଥା କେଭେ ନୋହେ ଆନ ॥
ତୋହର ହସ୍ତ ପଦ ସ୍ପୃଷ୍ଟ । ତହିଁ ଆମ୍ଭର ବଡ଼ ଆଶ ॥
ଏବେ ଯେ ତିନଦିନ ହେଲା । ଅନ୍ନ ଭୋଜନ ମୋ ନୋହିଲା ॥
ଆମ୍ଭେ ରହିଲୁ ଉପବାସେ । ତୋର ଆହୁତ ଦେବା ଆଶେ ॥
ତୁ ଯେତେବେଳେ ଶୁଦ୍ଧଚିତ୍ତେ । ମନ୍ତ୍ର ଉଚ୍ଚାରି ଜିହ୍ୱାଗ୍ରତେ ॥
ଅନଳ କୁଣ୍ଡେ ଘୃତ ଦେଉ । ଆମ୍ଭେ ତା ଅତିସୁଖେ ପାଉ ॥
ଏକଥା ସତ୍ୟକରି ଘେନ । ଉଠି ତୁ କର ହୋ ଭୋଜନ ॥
ଏମନ୍ତ କହି ଭବଗ୍ରାହୀ । ତକ୍ଷଣେ ଅନ୍ତର୍ଦ୍ଧାନ ହୋଇ ॥
ଚେତନା ପାଇ ବେଗେ ଉଠି । ଚଉଦିଗକୁ ଦେଲା ଦୃଷ୍ଟି ॥
ପାଶେ ଦେଖିଲା ନାହିଁ କେହି । ମନେ ବିଚାର କଲା ସେହି ॥
ବୋଇଲା ନିଶ୍ଚେ ସେ ଶ୍ରୀହରି । ମୋତେ କରୁଣା ଗଲେ କରି ॥
ବୋଲି ଉଠିଲା ଦ୍ୱିଜବର । ମୋ ଜୀବ ହୋଇଲା ଉଦ୍ଧାର ॥
ଡାକିଲା ପତ୍ନୀ ନାମ ଧରି । ବୋଇଲା ଉଠ ବେଗ କରି ॥
ବାଳକେ ହୋଇଲେ ଅନାଥ । ହତ୍ୟା କି ପାଇବୁ ଗୋ ତୁ ତ ॥
ତା ଶୁଣି ବୋଲଇ ସୁନ୍ଦରୀ । ଏବେ କି ପାରୁ ସୁନା କରି ॥
ନୋହିଲେ ଏ ଗ୍ରାମ କେବଳ । ପଡ଼ିବ କେବେ ରସାତଳ ॥
ଦେଖିବ ନୟନ ମୋହର । ତେବେଟି ପତ୍ନୀ ମୁଁ ତୁମ୍ଭର ॥
ନୋହିଲେ ଛାଡ଼ ମୋର ଆଶ । ତୁ ସୁଖେ କର ଗୃହବାସ ॥
ତା ଶୁଣି ବୋଲଇ ବ୍ରାହ୍ମଣ । ଏ ମୋର ପିଣ୍ଡ ପଞ୍ଚପ୍ରାଣ ॥
ଥିଲେ ସୁବର୍ଣ୍ଣ କରିବାର । ନୁହଇ ସତ୍ୟ ସତ୍ୟ ମୋର ॥
ଶୁଣି ବ୍ରାହ୍ମଣୀ ବୋଲେ ପୋଡ଼ୁ । ଦେଖା ଧରଣୀ ଛାଡ଼ିପଡ଼ୁ ॥
ବ୍ରାହ୍ମଣ ବୋଇଲା ଲେ ହେଉ । କେତେ କଟାଳ କରୁଥାଉ ॥
ଶୁଣି ଉଠିଲା ସେ ବ୍ରାହ୍ମଣୀ । ରନ୍ଧନ କଲା ତତକ୍ଷଣି ॥
ବାଳକ ବାଳକାଙ୍କୁ ଦେଲା । ନିଜ ପତିକି ପରଶିଲା ॥
ବ୍ରାହ୍ମଣ ଶୁଚିମନ୍ତ ହୋଇ । ଆସନେ ବସିଲେକ ଯାଇଁ ॥
ପ୍ରଭୁଙ୍କୁ କଲା ନିବେଦନ । ଆନନ୍ଦେ କଲେକ ଭୋଜନ ॥

ଭିତରେ ହସ୍ତ ମୁଖ ଧୋଇ । ଉଠିଲା ବେଗ ବେଗ ହୋଇ ॥
ହସ୍ତରେ ସ୍ରୁବ ଗୋଟି ଧରି । ବୋଇଲା ଶୁଣ ହଟନାରୀ ॥
ଏଥେଁ ପାଇବୁ କେଉଁ ଯଶ । ଏତେକ ବୋଲି ଯିବେ ନାଶ ॥
ନକର ନକର ଏମନ୍ତ । ଶୁଣି ବୋଲଇ ନାରୀ ସତ ॥
ତୁ ଯାହା ଭଣ୍ଡୁ ଅଛୁ ମୋତେ । ଏ କଥା ହୋଇ କି ଯୁକତେ ॥
ଶୁଣି ବ୍ରାହ୍ମଣ ଖର ଶ୍ୱାସ । ତେଜି ପତ୍ନୀକି ବୋଲେ ଆସ ॥
ପୁତ୍ର ଦୁହିତା ସଙ୍ଗ କରି । ଚାଲ ଗୋ ତୁ ପ୍ରାଣ ଈଶ୍ୱରୀ ॥
ଗୃହ ଜଞ୍ଜାଳ ଯେତେ ମୋର । ଛାଡ଼ି ଯିବା ଗୋ ଦେଶାନ୍ତର ॥
ଏମନ୍ତ ଶୁଣି ସେ କାମିନୀ । ପୁତ୍ର ଦୁହିତା ସଙ୍ଗେ ଘେନି ॥
ଚଳଣି ଗଲେ ସେ ତୁରିତେ । ମିଳିଲେ ଗ୍ରାମ ସନ୍ଧିଗତେ ॥
ସେ ହରିଭକ୍ତ ହରି ଧ୍ୟାଇ । ଗ୍ରାମ ବାହାରେ ପାଦ ଦେଇ ॥
ଆରେକ ଚରଣ କାଢ଼ିଲା । ମୋ ଦୋଷ ନାହିଁଟି ବୋଇଲା ॥
ତା ଶୁଣି ବୋଇଲା ଜଞ୍ଜାଳୀ । ମୋ ମୁଖେ ପରି ଦେଲୁ କାଳି ॥
ମୁଁ ଏହା ନ କରିଲେ ବାରେ । ଲେଉଟି ଯିବ କି ତୋ ଘରେ ॥
ଶୁଣି ତା ନିରାଶ ବଚନ । ବିପ୍ର ଚିନ୍ତିଲା ଭଗବାନ ॥
ଆର ଚରଣ ଟେକି ଦ୍ୟନ୍ତେ । ଶବଦ ଶୁଭିଲା ନିର୍ଘାତେ ॥
ସେ ଗ୍ରାମଖଣ୍ଡ ସନ୍ଧି ଘେନ । ଖସିଣ ପଡ଼ିଲା ମେଦିନୀ ॥
ତା ଦେଖି ବିପ୍ର ଆହା ରଟି । ପକାଇ ଦେଲା ସ୍ରୁବ ଗୋଟି ॥
ସେ ସ୍ରୁବ ପଡ଼ନ୍ତେ ମେଦିନୀ । ରହିଲା ସେହିଠାରେ ପୁଣି ॥
ଅର୍ଦ୍ଧ ପାତାଳ ସ୍ଥାନେ ରହି । ବେଦନ କଲେ ସର୍ବେ ତହିଁ ॥
ସ୍ତ୍ରୀ ପୁରୁଷଙ୍କ ବୋବାଳି । ଶୁଣି ଜଗତେ ହେଲା ହୁରି ॥
ପଡ଼ିଣ ମନେ ରାଜ୍ୟଲୋକେ । ତା ଦେଖି ଧାଇଁଲେ ଅନେକେ ॥
ତା ଶୁଣି ଯଶଚନ୍ଦ୍ର ରାୟ । ତକ୍ଷଣେ କଲେକ ବିଜୟ ॥
ପୁଚ୍ଛିଲେ ତାଙ୍କୁ ଉପଦେଶ । ମିଳିଲେ ତାହାଙ୍କର ପାଶ ॥
ବିପ୍ର କହିଲେ ବିଧିମତ । ଶୁଣି ନୃପତି ଆଚମ୍ବିତ ॥
ରହିଲେ ସ୍ତମ୍ଭୀଭୂତ ହୋଇ । ବଦନୁ ବାକ୍ୟ ନ ସ୍ଫୁରଇ ॥

ପୁଣି ବୋଇଲେ ବିପ୍ର ଶୁଣ । ତୋତେ ଯା ଦେଖିଲି ନୟନ ॥
ପୂର୍ବେ ମୋ କେତେ ପୁଣ୍ୟ ଥିଲା । ତେଣୁ ଏ ସୁଯୋଗ ଘଟିଲା ॥
ଅନେକ ଅଳଙ୍କାର ଭରି । ପାଠ ବାନ୍ଧିଲେ ଦଣ୍ଡଧାରୀ ॥
ଖିବନ୍ତେ ଅନ୍ନ ବସ୍ତ୍ର ଦେଇ । ଚରଣେ ହୋଇଲେ ବିନୟୀ ॥
ବୋଇଲେ ସତ୍ୟ ଆଜଠାରୁ । ତୁମ୍ଭେ ମୋ ପିତା ମହାଗୁରୁ ॥
ମୁଁ ତୁମ୍ଭ ଚରଣରେ ଦାସ । ବୋଲି ଖଞ୍ଜିଲେ ଅନ୍ନ ବାସ ॥
ତହୁଁ ଚଳିଲେ ନରରାୟେ । ଭୂମି ପାତାଳେ ଥିବାଯାଏ ॥
ଅନେକ ସନ୍ମାନ କରି । ବିପ୍ରଙ୍କ କୁଟୁମ୍ବ ଉଦ୍ଧାରି ॥
ସବୁଙ୍କୁ ଖିବଦାନ ଦେଇ । ବିଜୟ କଲେ ନରସାଇଁ ॥
ଆଜହୁଁ ସେ ଭୂମି ପାତାଳେ । ରହି ଅଛଇ ମହୀତଳେ ॥
ଶୁଣ ସୁମନ ନୃପନାଥ । ଦୃଢ଼ତା ମହିମା ଏମନ୍ତ ॥
ସେ ବିପ୍ର ଅନ୍ତିମ କାଳରେ । ଲୀନ ହୋଇଲା ହରିଠାରେ ॥
କହଇ ବିପ୍ର ରାମଦାସ । ମୂଳଟି ଅଟଇ ବିଶ୍ୱାସ ॥
ସେ ହରି ପଦ୍ମପାଦ ତଳେ । ମୋ ଚିତ୍ତ ରହୁ ପ୍ରେମଭୋଳେ ॥
ସୁଜନେ ଏ ଆଶିଷ କରି । ମୁଁ ତୁମ୍ଭ ଚରଣେ କିଙ୍କର ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତି ରସାମୃତେ ମନଚୈତନ୍ୟ ସମ୍ବାଦେ
ଦୀନବନ୍ଧୁ ଓଡ଼ା ଦାର୍ଢ୍ୟଭାବ ବର୍ଣ୍ଣନେ
ନାମ ଚତୁସ୍ତ୍ରିଂଶୋଽଧ୍ୟାୟଃ ।

—*—

## ପଞ୍ଚତ୍ରିଂଶ ଅଧ୍ୟାୟ

## ଗୀତାପଣ୍ଡା ସମ୍ବାଦ

ପୁଣି କହଇ ଚଇତନ । ଶୁଣ ହେ ସୁମନ ରାଜନ ॥
ଏ ବଡ଼ ଅପୂର୍ବ କଥାଏ । ପଦ ପଦକେ ସୁଧାମୟେ ॥
ଯେ କ୍ଷେତ୍ରମାନଙ୍କ ଉତ୍ତମ । ନାମ ଯା ଶ୍ରୀପୁରୁଷୋତ୍ତମ ॥
ଅଶେଷ ବ୍ରହ୍ମାଣ୍ଡର ସାର । ତହିଁ ପ୍ରବେଶ ହେଲେ ନର ॥

ସେ ନର ଲଭେ ଶୁଭାଶୁଭ । ଆଉ ନ ଦେଖେ ପୁଣି ଭବ ॥
ଏମନ୍ତ କ୍ଷେତ୍ରେ ତାର ଘର । ଜାତିରେ ଅଟେ ଦ୍ୱିଜବର ॥
ତାର କୁଟୁମ୍ବ ପାଞ୍ଚଜଣ । ଅତି ଦରିଦ୍ର ସେ ବ୍ରାହ୍ମଣ ॥
ବେନି ଦୁହିତା ଏକ ସୁତ । ଆବର ସେ ଦୁହେଁ ଯୁକତ ॥
ଏମନ୍ତ ପାଞ୍ଚଜଣ ଥାନ୍ତି । ଯାଚଞ୍ଚା କରି ସେ ବଞ୍ଚନ୍ତି ॥
କେବଳ ପ୍ରମାଣ ତାହାର । ନିତ୍ୟେ ସେ ଗୀତା ପଢ଼ିବାର ॥
ଅଠର ଅଧ୍ୟା ନିତ୍ୟେ ନିତ୍ୟେ । ଆଦ୍ୟରୁ ପ୍ରାନ୍ତ ପର୍ଯ୍ୟନ୍ତେ ॥
ପଢ଼ିବା ପ୍ରମାଣ ତାହାର । ନ ଜାଣେ ସେ ଆନ ବେଭାର ॥
ତହିଁ ଉତ୍ତରେ ଭିକ୍ଷା ଆଶେ । ଚଳଇ ସେ ଦେଶେ ବିଦେଶେ ॥
ଭାଗ୍ୟେ ମିଳଇ ତାର ଯେତେ । ଆଣିଣ ଦିଏ ପତ୍ନୀ ହସ୍ତେ ॥
ନାରୀ ତା କରଇ ରନ୍ଧନ । ଗୋବିନ୍ଦେ କରି ନିବେଦନ ॥
ଭୋଜନ କରନ୍ତି ସମସ୍ତେ । ଏହି ଆନନ୍ଦେ ଥାନ୍ତି ନିତ୍ୟେ ॥
ଯେଣୁ ସେ ଗୀତା ପଢ଼ା ପଣ୍ଡା । ତେଣୁ ଡାକନ୍ତି ଗୀତାପଣ୍ଡା ॥
ଏହି ନାମହିଁ ମୂଳ ତାର । ସଂସାରେ ହୋଇଲା ପ୍ରଚାର ॥
ଶ୍ରୀଭାଗବତ ଗୀତା ବିନେ । ଅନ୍ୟ ନ ଜାଣେ ତାର ମନେ ॥
ଯେଣୁ ସେ ଜାଣେ ଗୀତା ଅର୍ଥ । ମିଥ୍ୟା ଜାଣଇ ସେ ଜଗତ ॥
ଏ ଯେଉଁ ପୁତ୍ର ଦାରା ଧନ । ସେ ସର୍ବ ମାୟାର ବିଧାନ ॥
କେହି ଯେ ନୁହଇ କାହାର । କେବଳ ଭ୍ରମ ମାତ୍ର ସାର ॥
ଏମନ୍ତ ଭାବି ସେ କେବଳ । ହରି ଭଜନ କଲା ମୂଳ ॥
ଏମନ୍ତେ କେତେଦିନ ଗଲା । ଦୁର୍ଭିକ୍ଷ କାଳ ଆସି ହେଲା ॥
ଦ୍ୱିଜବର ଗ୍ରାମ ବୁଲିଗଲେ । ଭିକ୍ଷା ଯେ ନ ମିଳିଲା ଭଲେ ॥
ତହିଁକି ଚିନ୍ତା ନାହିଁ କିଛି । ବୋଲେ ମୋ ଭାଗ୍ୟେ ଯାହାଅଛି ॥
ଅଦୃଷ୍ଟ କଥା ମୂଳ କରି । କେବଳ ଭଜୁଥାଇ ହରି ॥
ଏମନ୍ତେ ଏକ ଦିନକର । ସ୍ନାନ କରଇ ଦ୍ୱିଜବର ॥
ମାଳା ତିଳକ ଭେଦ କରି । ବସି ପଢ଼ଇ ଗୀତା ଧରି ॥
କେବଳ ଦୃଢ଼କରି ମନ । ଗୀତା ସେ କରୁଅଛି ଗାନ ॥

ଗୋଟିଏ ଶ୍ଳୋକ ପଢ଼ିସାର । ତା ଅର୍ଥ ଭାବ ମନେ ଧର ॥
ଅଙ୍ଗ ପୁଲକ ଉଠଥାଇ । ନେତ୍ରୁ ଲୋତକ ଯାଏ ବହି ॥
କଣ୍ଠ ଗଦ୍‌ଗଦ ସ୍ୱରଭଙ୍ଗେ । ବୁଲାଇ ନୟନ ତରଙ୍ଗେ ॥
କମ୍ପାଇ ଅଧର ଦଶନ । ବୋଲଇ ଆହେ ଭଗବାନ ॥
ମୁଁ ମହା ପତିତ କେବଳ । ଶରଣ ତୋ ପାଦ କମଳ ॥
ତୋ କୃପା ନୋହିଲେ ଅବଶ୍ୟ । ଏ ପାପୀ ଜୀବ ଗଲା ନାଶ ॥
ଏମନ୍ତ ମନେ ଧ୍ୟାନ କର । ଚିନ୍ତଇ ମାଳାଦ୍ୱ କେଶରୀ ॥
ଏମନ୍ତ ବେଳେ କଥା ଶୁଣ । ତା ପୁତ୍ର ପୁତ୍ରୀ ବେନିଜଣ ॥
ଅନ୍ନ ନ ପାଇଣ ଆକୁଳେ । କାନ୍ଦନ୍ତି କ୍ଷୁଧାର ବାକଳେ ॥
ଧରିଣ ଜନନୀ ଚରଣ । ବୋଲନ୍ତି ଭୋକେ ଯାଏ ପ୍ରାଣ ॥
ଯଦ୍ୟପି ନ ଦେବୁ ଆହାର । ଜୀବନ ଗଲାଟି ଆମ୍ଭର ॥
ତା ଶୁଣି ଜନନୀ ବିକଳ । ବେନି ନୟନୁ ବହେ ଜଳ ॥
ପଣ୍ଡାଙ୍କ ସ୍ମୁମୁରେ ଯାଇଣ । ବୋଲଇ ତୁମ୍ଭେ ଏବେ ଶୁଣ ॥
ତୁମ୍ଭେ ତ ଗୀତା କଲ ମୂଳ । କେ କେହୁ ପିଲାଙ୍କ ବିକଳ ॥
ଏବେ ବହନ ଚଳଯାଅ । କାହିଁବା କଣ୍ଟୁହିଁ ଭିଆଅ ॥
ବାଳକେ ପାଇଲେ ଭୋଜନ । ତେବେଟି ରହିବ ଜୀବନ ॥
ନୋହିଲେ ମରିବେ ସମସ୍ତେ । ମୁହିଁ ମରିବ ତା ସଙ୍ଗତେ ॥
ଏକଥା ଅଟଇ ପ୍ରମାଣ । ପଣ୍ଡାଏ ବୋଇଲେ ଲୋ ଶୁଣ ॥
ସବୁର କର୍ତ୍ତା ଭଗବାନ । ଅବଶ୍ୟ ଦେବେଟି ଭୋଜନ ॥
ଆରତ ହୋଇଣ ନ ମର । ଶୁଣି କୋପିଲା ନାରୀବର ॥
ହୋଇଲା ଶୁଣସି ହୋ ପଣ୍ଡା । ନ ପକା ନାଆଁରେ ଯେ ଲୁଣ୍ଡା ॥
ତୁ ହଳ ମରୁଥିବୁ ବସି । ତୋ ଘରେ ଧନ ଯିବ ପଶି ॥
ତା ଶୁଣି ପଣ୍ଡାଏ ବୋଲନ୍ତି । ଆତୁର ନୁହ ଗୋ ଯୁବତୀ ॥
ମୁଁ ଯାହା କହୁଅଛୁ ତୋତେ । ହେତୁ କରିଣ ଘେନ ଚିତ୍ତେ ॥
ସବୁର ଜୀବର ଜୀବନ । ଅଟନ୍ତି ପ୍ରଭୁ ଭଗବାନ ॥
ଦେଖ ଏ ଗୀତା ମଧ୍ୟେ ସାର । ଶ୍ରୀମୁଖ ଆଜ୍ଞା ପ୍ରଭୁଙ୍କର ॥

ସମସ୍ତ କର୍ମ ପରହର । ଯେ ମୋର ପାଦେ ଆଶ୍ରେକର ॥
ତାହାର ନିର୍ବାହର ଭାର । କହିରେ ରହିଛି ମୋହର ॥
ନିଷ୍ଠେ୍ୟ ଲଗଇ ତାକୁ ଯେତେ । ସେ ଚିନ୍ତା କାହିଁଅଛି ତୋତେ ॥
ଏ କଥା ଅଟଇ ପ୍ରମାଣ । ବୋଲି ଅଛନ୍ତି ନାରାୟଣ ॥
ମିଛ ଯଦ୍ୟପି ଏହା କହ । ତେବେ ମୋଠାରେ କ୍ରୋଧବହ ॥
ତା ଶୁଣି ବୋଲଇ ସୁମନା । ଏ କେଉଁ ଯୁଗ କଥା ସିନା ॥
ଏ କଳି ଯୁଗରେ କେମନ୍ତେ । ଭାବ ବହିଣ ଜଗନ୍ନାଥେ ॥
ତୋ ଘରେ ଆସିଦେବେ ତୋତେ । ବସି ଭୁଞ୍ଜିବୁ ଦୁଇହାତେ ॥
ଛାଡ଼ ଏ ସାହାସ ଲକ୍ଷଣ । ମରିବୁ ହୋଇ ଅକାରଣ ॥
ପୁଣି ପଣ୍ଡାଏ କ୍ରୋଧଭରେ । କହିଲେ ପତ୍ନୀର ଆଗରେ ॥
ନିଶ୍ଚେ ଜାଣିଲି ତୁହି ଦୁଷ୍ଟ । ପ୍ରଭୁଙ୍କ ଆଜ୍ଞା ମଣୁ ଭ୍ରଷ୍ଟ ॥
ଏ ଶ୍ଳୋକ ମିଛ ବୋଲି କରି । ଦେଇ ତୁ ପାରିବୁ କି ଚିରି ॥
ତା ଶୁଣି ବୋଇଲା ଯୁବତି । ତାଳ ପତ୍ରର ସିନା ପୋଥି ॥
ଏ କାହୁଁ ସ୍ୱରୂପ ହୋଇବ । ମନେ କରିଛୁ ଦୃଢ଼ ଭାବ ॥
ଆଜ୍ଞା କାହିଁକି ଆଣ ତୋର । ଚିରିଣ ଦେବ ଶଏ ଥର ॥
ଶୁଣି ପଣ୍ଡାଏ କୋପମନ । ଦେଖାଇ ଦେଲେ ଶ୍ଳୋକସ୍ଥାନ ॥
ତାହା ଦେଖିଣ ସେହି ନାରୀ । ଲେଖନ ଧରି ଦେଲା ଚିରି ॥
କ୍ରୋଧରେ ଦେଲା ତିନିଗାର । ଦେଖି କମ୍ପିଲେ ଦ୍ୱିଜବର ॥
ବୋଇଲେ କି କଲୁ କି କଲୁ । ପ୍ରଭୁରେ ଅପରାଧୀ ହେଲୁ ॥
ଏହା ଦେଖିଲା ମୋ ନୟନ । ନ ଯାଇ ରହିଛି ଜୀବନ ॥
ଏମନ୍ତ ବୋଲି ହରିଭକ୍ତ । ଆରତେ କାନ୍ଦିଲା ବହୁତ ॥
ତହୁଁ ବହନ ଉଠିଗଲା । କବାଟ କିଳିଣ ଶୋଇଲା ॥
ପ୍ରଭୁଙ୍କ ପାଦେ ଦେଇ ମନ । ଦେହୁଁ ହଜିଲା ନିଜ ଜ୍ଞାନ ॥
ତା ଦେଖି ନିଜ ପତ୍ନୀ ତାର । ବାଳକମାନଙ୍କୁ ସଙ୍ଗର ॥
ଘେନିଣ ଶୋଇଲା ଗମ୍ଭୀର । ସେହି ରହିଲା ଚୁପିକରି ॥
କାମିନୀ ମନେ ଗୁରୁ ଚିନ୍ତା । ବାଳକମାନଙ୍କ ବ୍ୟବସ୍ଥା ॥

ପଣ୍ଡାଙ୍କ ମନ ଭକ୍ତି ଭାବ । ସବୁ ଜାଣିଲେ ପଦ୍ମନାଭ ॥
ଯେ ପ୍ରଭୁ ସର୍ବ ଅନ୍ତର୍ଯାମୀ । ଦୀନବାନ୍ଧବ ଦେବ ସ୍ୱାମୀ ॥
ନ ସହେ ସେବକ ବେଦନା । ଏହି ନିମନ୍ତେ ଚହ୍ନେ ବାନା ॥
ଉଡ଼ୁଛି ଫର ହର ହୋଇ । ଭକ୍ତକୁ ରଖିବାର ପାଇଁ ॥
ତେଣୁଟି ପ୍ରଭୁ ଆଦ୍ୟମୂଳ । ନ ସହି ସେବକ ବକଳ ॥
ସଜ ହୋଇଲେ ବେଗ କରି । ଭାବେ ଗୋପାଳ ରୂପ ଧରି ॥
ନବୀନ ନୀଳଘନ ମୂର୍ତ୍ତି । ସୁଇନ୍ଦ୍ର ନୀଳମଣି କାନ୍ତି ॥
ବଦନ ପୂର୍ଣ୍ଣ ଶଶଧର । ପଙ୍କଜ ନୟନ ରୁଚିର ॥
ଅତି ସୁରଙ୍ଗ ବିମ୍ବାଧର । ସୁବର୍ଣ୍ଣ ନାସା ମନୋହର ॥
ମୁଖେ ପ୍ରକାଶ ମନ୍ଦହାସ । ତଥି ପୂରିତ ସୁଧାରସ ॥
କସ୍ତୁରୀ ତିଳକ ଲଲାଟେ । ସୁଗୁଞ୍ଜମାଳ କଣ୍ଠତଟେ ॥
ହେମ କଙ୍କଣ ବେନିଭୁଜେ । ରବ କରଣ ଦର୍ପ ଗଞ୍ଜେ ॥
ମୁଦ୍ରିକା ଶୋହଇ ଅଙ୍ଗୁଳି । ଝଟକେ ନାନାରତ୍ନେ ଝଳ ॥
ପୀତବସନ କଟୀମାଝେ । ଘନେ କ ସୌଦାମିନୀ ରାଜେ ॥
ତଥିରେ ସୁବର୍ଣ୍ଣ ମେଖଳ । ହେମ ଘର୍ଘର ନାଦ ବଳ ॥
ଚରଣେ ନୂପୁର ବରାଜେ । ଚଳନ୍ତେ ରୁଣ ଝୁଣ ବାଜେ ॥
ଶ୍ରୀହସ୍ତେ ଲଉଡ଼ି ଶୋଭନ । ଯେସନେ ପାଳକ ଗୋଧନ ॥
ମସ୍ତକ ପରେ ଶିଖୀଚୂଳ । ତଥି ବେଷ୍ଟିତ ଜାମୁଡାଳ ॥
ଶ୍ରବଣ ଯୁଗଳେ କୁଣ୍ଡଳ । ନୃତ୍ୟ କରଇ ଗଣ୍ଡସ୍ଥଳ ॥
ନାସାପୁଟରେ ମୋତି ଶୋଭା । ଅଧରାମୃତ ପାନେ ଲୋଭା ॥
ହୋଇଅଛନ୍ତି ତେଜୋବନ୍ତ । କହି ନୁହଇ ଆଲୋକତ ॥
ଏମନ୍ତ ବେଶେ ଦାମୋଦର । କାନ୍ଧରେ ବହିଛନ୍ତି ଭାର ॥
ନାନାଦି ଦ୍ରବ୍ୟ ତହିଁ ଭରି । କେ ପାରେ ତାହା ଅନ୍ତକରି ॥
ସରୁ ଚାଉଳ ମୁଗ ଜାଇ । ଘୃତ ନବାତ ଦୁଧ ଦହି ॥
ହଳଦୀ ସୋରିଷ ଯେ ଅଦା । କୁଠା ତିନ୍ତୁଳି ଗୋଦା ଗୋଦା ॥
ହେଙ୍ଗୁ ମରିଚ ଫୁଲବଡ଼ି । ସଙ୍ଗତେ ଅଛଇ କଉଡ଼ି ॥

ଇତ୍ୟାଦି ଦ୍ରବ୍ୟ ଘରେ ଭରି । କେ ତାହା ପାରେ ଅନ୍ତ କରି ॥
କେ କହି ପାରିବ ସେ କଥା । ନାମ ଯାହାର ଜଗତ୍ପିତା ॥
ଯାର କଳ୍ପନା ମାତ୍ରେ ଜାଣ । ଅଶେଷ ବ୍ରହ୍ମାଣ୍ଡ ଭିଆଣ ॥
ତାର ଅପୂର୍ବ ଅବା କିସ । ଶୁଣ ସୁଜନେ ଏହୁ ରସ ॥
ଭକତ ହିତେ ଭାବଗ୍ରାହୀ । ଧାଇଁ ଅଛନ୍ତ ଘର ବହି ॥
କେବଳ ଅତି ତୋଷ ମନେ । ମିଳଲେ ପଣ୍ଡାଙ୍କ ଭବନେ ॥
ତା ପୁରଦ୍ୱାରେ ଯାଇ ବଜେ । ଡାକନ୍ତ ପ୍ରଭୁ ଦେବରାଜେ ॥
ମେଘ ଗମ୍ଭୀର ଧୀରବାଣୀ । ବ୍ରାହ୍ମଣ ଆକୁଳକୁ ଜାଣି ॥
ଡାକନ୍ତ ଅତ୍ୟନ୍ତ ସୁସ୍ୱରେ । କେ ଅଛୁ ପଣ୍ଡାଙ୍କର ଘରେ ॥
ବହନ ଆସ ମୋର ପାଶ । ନିଅ ତୁ କୁଟୁମ୍ବର ଗ୍ରାସ ॥
ତା ଶୁଣି ପଣ୍ଡା ଭାର୍ଯ୍ୟା ଭୋକେ । ନିଦ୍ରା ନ ମାଡ଼େ ଅତିଶୋକେ ॥
ବସି ବ୍ୟାକୁଳ ହେଉଥିଲି । ଏ ଡାକ ଶୁଣିଣ ଧାଇଁଲି ॥
କବାଟ ଫିଟାଇଣ ଦେଖି । ଚହିଁ ରହିଲା ଚର୍ମ ଆଖି ॥
ବୋଲେ ଅଇଲ କାହୁଁ ବାବୁ । କନ୍ଧେ ବହିଛ କିସ ସବୁ ॥
କି କି ପଦାର୍ଥ ଏଥେ ଭରି । ଘର ଯୋଗାଡ଼ ଯତ୍ନ କରି ॥
ରଖିଛ କହ କିନା ମୋତେ । ଶୁଣି ବୋଲନ୍ତି ଜଗନ୍ନାଥେ ॥
ପଣ୍ଡାଙ୍କ ମିତ୍ର ମୋତେ ଗଇ । ବୋଇଲେ ନେଇଯାଅ ତୁହି ॥
ଆଜି କା ହସ୍ତେ ଯେବେ ଦେବା । ଊଣା ଅଧିକ ହେବ ଅବା ॥
ତେଣୁଟି ତୁମ୍ଭେ ନେଇ ଦେବ । ନିର୍ମଳ ସିନା ମୂଳ ଭାବ ॥
ଆମ୍ଭେ ଯେ ତାହାଙ୍କ ବିଶ୍ୱାସ । ଦଣ୍ଡେ ନ ଛାଡ଼ୁ ତାଙ୍କ ପାଶ ॥
ତାହାଙ୍କ ଆଜ୍ଞା ମାନି ଥାଉ । ଯେଣେ ପେଷିଲେ ତେଣେ ଯାଉ ॥
ତେଣୁଟି ଅଇଲୁ ଗୋସାଇଁ । ଏ ଦ୍ରବ୍ୟ ଦେଇ ଯିବା ପାଇଁ ॥
ଯତ୍ନ କରିଣ ରଖ ଏହା । ଆମ୍ଭଙ୍କୁ କରିଥିବ ଦୟା ॥
କହିବ ପଣ୍ଡାଙ୍କ ଅଗ୍ରତେ । ମନେ ପକାଉଥିବେ ମୋତେ ॥
ଏମନ୍ତ ଶୁଣି ନାରୀବର । ତୁଣ୍ଡରୁ ନଇଲା ଉତ୍ତର ॥
ମନୁଷ୍ୟ ପ୍ରାୟୁ କରି ବୁଦ୍ଧି । ଚିହ୍ନିଲା ନାହିଁ ଦୟାନିଧି ॥

ଯା ମାୟା ଦେବେ ଅଗୋଚର । କାହୁଁ ଜାଣିବ ସୁଷ୍ଟଗୁର ॥
ବୋଇଲ୍ ଆହେ ବାପ ଭାଇ । ବନ୍ଧନ ଭାର ଦିଅ ଥୋଇ ॥
ଦିଶୁଛ ଅତି ସୁକୁମାର । କାନ୍ଧ ବଥାଉ ଥିବ ତୋର ॥
ତା ଶୁଣି ପ୍ରଭୁ ଦାମୋଦର । କାନ୍ଧରୁ ରଖିଲେକ ଭାର ॥
ସମସ୍ତ ଦ୍ରବ୍ୟ ଭାରୁ କାଢ଼ି । ତଳେ ଥୋଇଲେ ଧାଡ଼ି ଧାଡ଼ି ॥
ହସି ବୋଲନ୍ତି ଚକ୍ରପାଣି । ଦେଖ ଯା ପଣ୍ଡାର ଘରଣୀ ॥
ତାହା ଶୁଣିଣ ବିପ୍ରନାରୀ । ବହିଲ୍‌ ବେଗ ବେଗ କରି ॥
ଘରେ ଥୁଅନ୍ତେ ସେହୁ ଧନ । ସମ୍ପୂର୍ଣ୍ଣେ ପୂରିଲା ଭବନ ॥
ବିସ୍ମୟ କଲା ମନେ ତାର । ଏ ତ ବଡ଼ଇ ଚମତ୍କାର ॥
ଏହି ଭାରକ ସାମଗ୍ରୀ । ରହିଲା ଘର ଯାକ ପୂରି ॥
ଆଉ ରଖିବା କାହିଁ ସ୍ଥାନ । ଧନ୍ୟ ସେ ଭାରୁଆ ଜୀବନ ॥
ଏମନ୍ତ ବୋଲି ବେଗେଯାଇ । ଭାରୁଆ ଆଗେ ଉଭାହୋଇ ॥
ବୋଇଲ୍ ଶୁଣ ବାବୁ ମୋର । କି ଜାତି ଗୋତ୍ର ଅଟେ ତୋର ॥
ଏକା ଭାରକେ ଦ୍ରବ୍ୟ ଏତେ । ବହିଣ ଆଣିଲୁ କେମନ୍ତେ ॥
ତା ଶୁଣି ବୋଲନ୍ତି ଶ୍ରୀହରି । ଶୁଣ ଗୋ ବିପ୍ର ନର୍ନାରୀ ॥
ଆମ୍ଭେ ଗୋପାଳ ପୁଅ ସିନା । ବ୍ରଜ ରାଜାଙ୍କ ସାନ ପୋନା ॥
ଘରେ ମୁଁ ନ ରହଇ କ୍ଷଣେ । ନିତ୍ୟ ବୁଲଇ ଏଣେତେଣେ ॥
ବିଶ୍ୱାସ ଭାବ ଦେଖେ ଯାର । ଭାର ମୁଁ ବହଇ ତାହାର ॥
କାକୁ ନ ଛୁଡେ ମୋର ମନ । ନିରତେ ଥାଏ ସନ୍ନିଧନ ॥
ସେ ମୋରେ ପତ୍ରପୁଷ୍ପ ଦେଲେ । ତାହା ମୁଁ ମଣେ ମେରୁ ତୁଲେ ॥
ଅଧିକ କି କହିବି ତୋତେ । ନିର୍ମଳଭାବ ଲୋଡ଼ା ମୋତେ ॥
ଏବେ ଏ ଭାର ଧନ ଯାହା । ଜାଗ୍ରତ କରି ରଖ ତାହା
ଆମ୍ଭଙ୍କୁ ଦିଅସି ମେଲାଣି । ତା ଶୁଣି ବୋଲଇ ତରୁଣୀ ॥
ଏଡ଼େ ଗରୁଆ ଭାର ଧରି । ଯେବେ ଅଇଲ୍ ମୋର ପୁରୀ ॥
କେମନ୍ତେ ଯିବ ଉପବାସେ । ଏ କଥା ମନକୁ ନ ଆସେ ॥
ଦଣ୍ଡେ ବିଳମ୍ବ ମାତ୍ର କର । ରନ୍ଧନ ହେଉଛି ଆମ୍ଭର ॥

ଅନ୍ନ ଭୋଜନ କରି ଯିବ । ତେବେ ସେ ମହତ୍ତ୍ୱ ରହିବ ॥
ନୋହିଲେ ପଣ୍ଡାଏ ଉଠନ୍ତେ । ଭଲ ସେ ନ ବୋଲିବେ ମୋତେ
ତା ଶୁଣି ପ୍ରଭୁ ଚକ୍ରପାଣି । ବୋଲନ୍ତି ଶୁଣ ପଣ୍ଡିଆଣୀ ॥
ବହୁ ଜଞ୍ଜାଳ ମୋର ଅଛି । ରହି ଆସୁଓ ନୋହେ କଛି ॥
ମୋହର ଯେତେକ ବଥସ୍ପେ । କହିଲେ ଜାଣିବେ ପଣ୍ଡାଏ ॥
ତାହାଙ୍କ ଅନ୍ନକୁ ମୋ ମନ । ଅବଶ୍ୟ କରନ୍ତି ଭୋଜନ ॥
ଜିହ୍ୱାରେ ଘାତହେଲା ମୋର । ରୁଧିର ବହେ ତିନଧାର ॥
ଜଳୁଚ ଅଛି ବଡ଼ ହୋଇ । ଏଣୁ ମୁଁ ଭୁଞ୍ଜି ନ ପାରଇ ॥
କହିବ ପଣ୍ଡାଙ୍କର ଆଗେ । ବୋଲି ଚଳିଲେ ଅତି ବେଗେ ॥
ଏଣେ ଯେ ପଣ୍ଡାଙ୍କର ନାରୀ । ବହନ ରନ୍ଧାବଢ଼ା ସାରି ॥
ଅତି ଆନନ୍ଦ ମନ ହୋଇ । ସ୍ୱାମୀକି ଉଠାଇଲା ଯାଇ ॥
ବୋଇଲା ତୁମ୍ଭ କଥା ସତ୍ୟ । ବହନ ଉଠ ପ୍ରାଣନାଥ ॥
ତା ଶୁଣି ପଣ୍ଡାଏ ଉଠିଲେ । ନିଜ ଘରକୁ ଦୃଷ୍ଟି ଦେଲେ ॥
ଦେଖିଲେ ପୂରିଅଛି ଧନ । ବୋଲେ ଏ କେମନ୍ତ ବିଧାନ ॥
ଶୁଣି ତା ପତ୍ନୀ ବିଧିମତେ । କହିଲା ସ୍ୱାମୀର ଅଗ୍ରତେ ॥
କେ ତୁମ୍ଭ ମିତ୍ର ଦେଲେ ପେଷି । ବୋଲେ ଗଉଡ଼ ଜଣେ ଆସି ॥
ଏ ସବୁ ଦେଇଗଲେ ମୋତେ । ମୁଁ ଯେ କହିଲି ନାନାମତେ ॥
ଅନ୍ନ ଭୋଜନ କରି ଯିବ । ତା ଶୁଣି ବୋଇଲେ ମୋ ଜିଭ ॥
ଘାତ ହୋଇଛି ତିନଖଣ୍ଡ । କହିବା ଶକ୍ତି ନାହିଁ ତୁଣ୍ଡ ॥
ପୁଣି ଯେ ବହୁଛି ରୁଧିର । ଭୁଞ୍ଜିବା ଶକ୍ତି ନାହିଁ ମୋର ॥
କହିବ ପଣ୍ଡାଙ୍କ ଅଗ୍ରତେ । ଦୟା ଯେ କରିଥିବେ ମୋତେ ॥
ବୋଲି ବହନ ଗଲେ ଚଳି । ଯେସନ ଝଟକ ବିଜୁଳି ॥
ଦେଖି ମୁଁ ହେଲି ଆଚମ୍ବିତ । ବୁଝ ଏ କେବଣ ଚରିତ ॥
ଏମନ୍ତ ଶୁଣି ପଣ୍ଡା ହୃଦେ । ବୁଡ଼ିଲେ ଆନନ୍ଦ ସମୁଦ୍ରେ ॥
ଜାଣିଲେ ନିଶ୍ଚେ ଚଉବାହା । ଆନନ୍ଦ ବେଳ ନୋହେ ଏହା ॥
ବୋଇଲେ ଧନ୍ୟ ତୋ ଜୀବନ । ଦେଖିଲୁ ପ୍ରଭୁ ଭଗବାନ ॥

ଶୁକ ସନକ ମୁନିବର । ଏହାଙ୍କ ଧ୍ୟାନକୁ ସେ ଦୂର ॥
ତୁ ତାହା ଦେଖିଲୁ ସାକ୍ଷାତେ । ସୌଭାଗୀ ବୋଲିବି ମୁଁ ତୋତେ ॥
ଯାହା ଦେଖିଲ ତୋତେ ବାରେ । ମୋ ଭାଗ୍ୟ କହିଲେ ନ ସରେ ॥
ଏବେ ତୁ ହେତୁକରି ଶୁଣ । ସେହି ଅନାଦି ନାରାୟଣ ॥
ଯାହା ସେ କହିଗଲେ ତୋତେ । କହିବ ପଣ୍ଡାଙ୍କ ଅଗ୍ରତେ ॥
ଘାତ ହୋଇଛି ଜହ୍ନା ମୋର । ସେହି ଅର୍ଜିଲି କର୍ମ ତୋର ।
ଏ ଭଗବତ ଗୀତା ସିନା । ସାକ୍ଷାତେ ଗୋବିନ୍ଦ ରଚନା ॥
ତହିଁ କାଟିଲୁ ଛିନ୍ନଗାର । ଦୁଃଖ ପାଇଲେ ପ୍ରଭୁ ମୋର ॥
ଏବେ ସଭିରେ ଚାଲ ଯିବା । ଶ୍ରୀମୁଖ ଦର୍ଶନ କରିବା ॥
ଛାମୁରେ ଜଣାଇବା ଯାଇଁ । ଏଥର କ୍ଷମ ଭାଗଗ୍ରାହୀ ॥
ନୋହିଲେ ନାହିଁ ପରିତ୍ରାଣ । ବୋଲି ଧାଇଁଲେ ବେନିଜନ ॥
ଛାମୁରେ ପ୍ରବେଶ ହୋଇଲେ । ବେନି ନୟନେ ଅନାଇଲେ ॥
ଶ୍ରୀରଙ୍ଗା ଅଧରୁ ରୁଧିର । ବହୁ ଅଛଇ ତିନିଧାର ॥
ତା ଦେଖି ପଣ୍ଡା ଥରହରେ । ନମିଲେ ପ୍ରଭୁଙ୍କ ପୟରେ ॥
ସାଷ୍ଟାଙ୍ଗେ ଦଣ୍ଡବତ ହୋଇ । ଉଠି କପାଳେ କରଦେଇ ॥
ବୋଇଲେ ନର ମାଝ ଛାର । ମହିମା କ ବର୍ଣ୍ଣିବି ତୋର ॥
ଏ ଚତୁର୍ଦ୍ଦଶେ ପ୍ରଭୁପଣେ । ତୋ ସମ ନାହିଁ ଅନ୍ୟ ଜଣେ ॥
ଏମନ୍ତ ପ୍ରଭୁ ସେବାଛାଡ଼ି । ଯେ ଅନ୍ୟମାର୍ଗ ଯାଏ ହୁଡ଼ି ॥
ଧିକହୁଁ ଧିକ ସେହୁ ନର । ସେ କାହିଁ ଭବୁ ହେବେ ପାର ॥
ଏମନ୍ତ ବୋଲି ସ୍ତୁତି କରି । ନମୋ ବ୍ରହ୍ମାଣ୍ଡ ଅଧିକାରୀ ॥
ଏ ମହାପାପୀ ସ୍ତିରୀ ଛାର । ଦ୍ରୋହ ଯେ କଲି ଶ୍ରୀପୟର ॥
କ୍ଷମା ନ କଲେ ଭଗବାନ । ନାହିଁ ଏ ତ୍ରିଭୁବନେ ସ୍ଥାନ ॥
ଭୃତ୍ୟ ଯେ ସଦା ଅପରାଧୀ । ତୁମ୍ଭେ ଯେ କରୁଣା ବାରିଧି ॥
କେବଳ ଏହି ଆଜ୍ଞା ହେଉ । ତୋ ନାମ ଧରି ଦିନଯାଉ ॥
ଏମନ୍ତ କହିଣ ମେଲାଣି । ହେଲେ ଛାମୁରୁ ବେନି ପ୍ରାଣୀ ॥
ବହନ ହୋଇ ଚଳିଗଲେ । ମନ୍ଦିରେ ପ୍ରବେଶ ହୋଇଲେ ॥

ପୁତ୍ର ପୁତ୍ରୀଙ୍କ ସଙ୍ଗେ ଧରି । ଅନ୍ନ ଭୋଜନ ସର୍ବେ କରି ॥
ନିଶ୍ଚିନ୍ତ ହୋଇ ଦିନ ନେଲେ । ଅନେକ ବିଧି ଭୋଗକଲେ ॥
ଦେବୀ ଦୟାରେ ଦୃଢ଼ଚିତ୍ତ । ଭଜନ କରି ଜଗନ୍ନାଥ ॥
ବଞ୍ଚିଲେ କାଳ ଦେବିଜନ । ଶୁଣ ହେ ସୁମନ ରାଜନ ॥
ଦେହ ଅନ୍ତରେ କଲେ କାସ । ତାହା ଜାଣନ୍ତି ଜଗଦୀଶ ॥
କହଇ ବିପ୍ର ରାମଦାସ । ମୋ ପ୍ରଭୁ ଜାନକୀ ବିଳାସ ॥
ଏ ଦାର୍ଢ୍ୟଭକ୍ତି ରସାମୃତ । ପ୍ରାଣୀଙ୍କ ଶ୍ରବଣେ ଅମୃତ ॥
ସୁଜନେ ଏହି ପଥେ ଗମ । ଫିଟିବ ଜନ୍ମ ମୃତ୍ୟୁ ଭ୍ରମ ॥
କହଇ ବିପ୍ର ରାମଦାସ । ମୁକତି ଅଛଇ ବିଶ୍ୱାସ ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତି ରସାମୃତେ ମନ ଚୈତନ୍ୟ ସମ୍ବାଦେ
ଗୀତାପଣ୍ଡା ଚରିତ ବର୍ଣ୍ଣନେ ନାମ ପଞ୍ଚତ୍ରିଂଶୋଽଧ୍ୟାୟଃ ।

—*—

## ଷଟ୍‌ତ୍ରିଂଶ ଅଧ୍ୟାୟ
## ହରିଚନ୍ଦନ ରାଜା ସମ୍ବାଦ

ମନ ଉବାଚ

କହଇ ମନ ଚଇତନ୍ୟ । ଏ ତୋର ଦୁର୍ଲ୍ଲଭ ବଚନ ॥
ଶୁଣିଲି ଗୀତାପଣ୍ଡା ଭାବ । ଦୁର୍ଲ୍ଲଭ ପରେ ଏ ଦୁର୍ଲ୍ଲଭ ॥
ଏହି ପ୍ରକାରେ କଥା ଯେତେ । କହି ପବିତ୍ର କର ମୋତେ ॥
ଶୁଣ ଚୈତନ୍ୟ ଅତି ତୋଷେ । କହଇ ମନ ରାଜା ପାଶେ ॥
କେବଳ ଶୁଣ ଶ୍ରଦ୍ଧାଭାବେ । ମୁଁ ଯାହା କହୁଅଛି ଏବେ ॥
 କ୍ଷେତ୍ରକୁ ଛଡ଼ା ଦଶକ୍ରୋଶ । ଯେ ବାଣପୁର ନାମ ଦେଶ ॥
ତହିଁ ନୃପତି ମଖବାନ । ନାମ ତା ଶ୍ରୀହରିଚନ୍ଦନ ॥
ସେ ରାଜ୍ୟ ରାଜପଣ କରି । ପ୍ରଜା ପାଳଇ ପୁତ୍ରପରି ॥
ଶୁଚି ପବିତ୍ର ଦୟାବନ୍ତ । ନ ହରେ ପରନାରୀ ଚିତ୍ତ ॥
ଦାମି ପଣରେ ସେହୁ ଜଣେ । ବଞ୍ଚଇ ଭଜନ ସ୍ମରଣେ ॥
ପାପ ବୋଲିବା କଥା ଯାହା । ଶ୍ରବଣେ ନ ଶୁଣଇ ତାହା ॥

ଦେଖିଲେ ବୈଷ୍ଣବ ଗୋସାଇଁ । ଆନନ୍ଦ କହି ନ ସରଇ ॥
ଚରଣ ଧୋଇ ମୋଦ ଭରି । ପୂଜଇ ବସ୍ତ୍ରୁ ସମକରି ॥
ନିରତେ ଥାଇ ପରହିତେ । ପର ପୀଡ଼ନ ନାହିଁ ଚିତ୍ତେ ॥
ଦୁଃଖୀ ଦରିଦ୍ର ପୋଷିବାରେ । କେବଳ ତାହାଠାରୁ ସରେ ॥
ଭଜନ ରାମକୃଷ୍ଣ ବଚନେ । ଅନ୍ୟେ ନ ଜାଣେ ତାର ମନେ ॥
ଅଛୁବଜାତି ହୋଇଥିଲେ । ସେ ଯେବେ ରାମକୃଷ୍ଣ ବୋଲେ ॥
ତାହାକୁ ନ କରେ ନିରାଶ । ବୋଲଇ ପାଶେ ମୋର ବସ ॥
ଗୋଟିଏ ନାମ ଯେବେ ଶୁଣେ । କୋଟିଏ ତୀର୍ଥଫଳ ମଣେ ॥
ତା ବେହରଣ ମଣ୍ଡପରେ । ସ୍ଥିର ପାଶର ଘର ବାଡ଼େ ॥
କରଇ ଅତ୍ୟନ୍ତ ବିଚର୍ଚ୍ଚ । କେବଳ ରାମକୃଷ୍ଣ ଚର୍ଚ୍ଚ ॥
ଯେ ବୃନ୍ଦାବନ ଲୀଳାମାନ । ଗୋପୀ ଗୋବନ୍ଦ କ୍ରୀଡ଼ାସ୍ଥାନ ॥
ତୃଣା ପୂତନା ଚଣ୍ଡୀ କେଶୀ । ଶକଟା ଯାମଳା ବନାଶି ॥
ବକା ଅଘାଦ୍ଧ ନାଶ ଯେତେ । ଚର୍ଚ୍ଚ କରଇ ବଧିମତେ ॥
ନିତ୍ୟେ କରଇ ଦରଶନ । ଆନନ୍ଦ ହେଉଥାଇ ମନ ॥
ଯେ ଶୁଆ ଶାରୀ ରାଜବଣୀ । ପୋଷିଣ ଥାଇ ନୃପମଣି ॥
ତାହାଙ୍କ ମୁଖୁଁ ନାମାବଳୀ । ଶୁଣି ପୁଲକେ ରୋମାବଳୀ ॥
କେବଳ ସାଧୁଜନ ପାଶେ । ବଞ୍ଚଇ ରଜନୀ ଦିବସେ ॥
ହରି ଚରିତ ସୁଧାବାଣୀ । ଆନନ୍ଦ ହେଉଥାଇ ଶୁଣି ॥
ପ୍ରତିଦିନରେ ପେଷି ଦୂତ । ବୁଝଇ ରାଜ୍ୟ ହକିକତ ॥
ନାଗରା ଓଟ ପୃଷ୍ଠେ ଦେଇ । ରାଜ୍ୟରେ ଘୋଷଣା ଦିଅଇ ॥
ବୋଲନ୍ତି ଶୁଣ ପ୍ରଜାକୁଳ । ରାଜାର ଆଜ୍ଞା ଏ କେବଳ ॥
ଅତିଥି ଯେଉଁ ଗ୍ରାମେ ଆସି । ଅନ୍ନ ନ ପାଇ ଯିବେ ରୁଷି ॥
ସେ ଗ୍ରାମ ମାନଙ୍କ ମହତ । ସାରିବ କହୁଅଛୁ ସତ୍ୟ ॥
ତାର ସର୍ବସ୍ୱ କୋଠ ହେବ । ରାଜ୍ୟୁ ବାହାର ହୋଇଯିବ ॥
ଯେ ଯେବେ ଇଚ୍ଛା ଧର୍ମ କରୁ । ଲେଖି ସେ ନେବ ସରକାରୁ ॥
ଏଥି ସଂଶୟ ନାହିଁ କିଛି । ରାଜାର ଆଜ୍ଞା ହୋଇଅଛି ॥

ଏମନ୍ତ ତାଗିଦ କରାଇ । କହନ୍ତି ରାଜା ଆଗେ ଯାଇ ॥
ଶୁଣି ସୁମନ ସାବଧାନେ । ଏମନ୍ତେ ବରଷକେ ଦିନେ ॥
ତା ନିଜ ରାଜ୍ୟ ବୁଲିଯାଇ । ଦେଖଇ ଗ୍ରାମ ଗ୍ରାମ ହୋଇ ॥
ଦୁଃଖୀ ଦରିଦ୍ର ଦ୍ୱାରେ ଭଲେ । ତୁଳସୀ ବୃକ୍ଷ ନ ଦିଶିଲେ ॥
ସେହି ଠାବରେ ରାଜା ରହି । ତୁଳସୀ ଚଉରା ତୋଳାଇ ॥
ଶ୍ରୀବୃନ୍ଦାବତୀ ଆରୋପଣ । କରି ବୋଲନ୍ତି ତାଙ୍କୁ ଶୁଣ ॥
ନିତ୍ୟପ୍ରତି ତୁ ଦୀପାବଳୀ । ଦେବୁ ଏ ବୃକ୍ଷ ଆଗେ ଜାଳି ॥
କଷ୍ଟୁ ତୁ ଭୋଗ ଦେଇଥିବୁ । ଲେଖିଣ ସରକାରୁ ନେବୁ ॥
ଏମନ୍ତ କହିଯାନ୍ତି ଚଳି । କାହିଁବା ପାଞ୍ଚସାତ ମିଳି ॥
କରରେ କଙ୍କତିକା ଧରି । କେଶ ଶାମଳୀ କାଠ ମାରି ॥
ତାହା ଦେଖିଲେ ଦଣ୍ଡଧାରୀ । ମାଗନ୍ତି ପଣାନ୍ତ ପ୍ରସାରି ॥
ବୋଲନ୍ତି ଏ କାଠ ନ ମାର । ଆନ ଉପାୟ ଥିଲେ କର ॥
ଝୁଡ଼ି ପଡ଼ନ୍ତି ତାଙ୍କ ମୁଖେ । ନୋହିଲେ ପଡ଼ିବ ନରକେ ॥
ସେ ଗ୍ରାମଜନଙ୍କୁ ଡକାଇ । କହନ୍ତି ଶାସ୍ତ୍ରକୁ ଦେଖାଇ ॥
ପନ୍ଦର ଦିନେ ହରି ବାସ । କରୁ ଯେ ଥିବଟି ଅବଶ୍ୟ ॥
ନିତ୍ୟେ ନିର୍ମାଲ୍ୟ ସେବାକରି । ମସ୍ତକେ ତୁଳସୀ ମଞ୍ଜରୀ ॥
ତିଳକ କରି ଭାଲପଟେ । ତୁଳସୀମାଳେ କଣ୍ଠ ତଟେ ॥
ତୁଣ୍ଡରେ ଶ୍ରୀହରି ଭଜନ । ଶକ୍ତ୍ୟାନୁକ୍ରମେ ଦେବ ଦାନ ॥
ସକଳ ଜୀବେ ଦୟାଭାବ । ଅତିଥି ଚରଣେ ପୂଜିବ ॥
କାହିଁଣ ଗଲା ତୁମ୍ଭ ଭଲ । କରି ବା ନ କରି ମୋ ବୋଲ ॥
ପ୍ରତି ଗ୍ରାମରେ ଏହି ମତି । ତିଆରି ଚଳନ୍ତି ନୃପତି ॥
ଏମନ୍ତେ କେତେଦିନ ଠାରେ । ସେ ରାଜ୍ୟେ ଏକ ପ୍ରଜାଘରେ ॥
ସୁନା କାକରା ଗୋଟି ଧରି । ଧାନ ଗଉଣି ପରେ ଭରି ॥
ପୂଜା କରନ୍ତି ଗୁରୁବାର । ତାହା ଦେଖିଣ ଏକ ନର ॥
ପର ହିଂସକ ଜନ ସେହି । ତା ଦେଖି ନ ପାରିଲା ସହି ॥
ବହନ ହୋଇ ଚଳିଗଲା । ନୃପତି ଛାମୁରେ କହିଲା ॥

ବୋଇଲା ସୁବର୍ଣ୍ଣ କାକେଶ । ତାହାର ଘରେ ଅଛି ପୂର ॥
ମିଥ୍ୟା ଏ ନୁହଇ ଅବଶ୍ୟ । ରାଜଭଣ୍ଡାରେ ଘେନ ଆସ ॥
ତାହା ଶୁଣିଣ ରାଜା ଆସି । ତାଙ୍କୁ ରଖାଇ ଦୂତ ପେଷି ॥
ବୋଇଲେ ଯାଅ ବେଗକରି । ହେମ କାକେର୍ୟାକୁ ଧରି ॥
ଆମ୍ଭ ଛାମୁକୁ ଘେନ ଆସ । ବୁଝିବା ଏଥିର ସନ୍ଦେଶ ॥
ଆଜ୍ଞା ପ୍ରମାଣେ ଦୂତେ ଗଲେ । ସେ ପ୍ରଜା ଆଗରେ କହିଲେ ॥
ଶୁଣି ସେ ମହାଭୟ ପାଇ । ବଚନ ନ ପାରଇ କହି ॥
ନୃପତି ଛାମୁରେ ମିଳିଲା । ହେମ କାକେରି ଥୋଇ ଦେଲା ॥
ନୃପତି ବୋଇଲେ ରେ ଶୁଣ । ଆଜ କେତେହେଁ ଅଛି ଋଣ ॥
ତା ଶୁଣି ସେ ପ୍ରଜା ଆକୁଳେ । ପଡ଼ି ନୃପତି ପାଦତଳେ ॥
ବିନୟ ହୋଇ ସେ କହିଲା । ସର୍ବେ ମୋ ଏତିକ ହୋଇଲା ॥
ବହୁତ କାଳୁ ଅଛି ଏହି । ଧାନ ଗଉଣୀ ପରେ ଥୋଇ ॥
ପୂଜା କରଇ ଗୁରୁବାରେ । ଦେଖି କେ କହିଲା ଛାମୁରେ ॥
ଏଥୁ ଅଧିକ ଥିଲେ ଜାଣ । ଯେ ଇଛା କରିବ ପ୍ରମାଣ ॥
ଶୁଣି ନୃପତି ହସ ହସ । ତାଙ୍କୁ ବୋଇଲେ ଦଣ୍ଡେ ବସ ॥
ଏମନ୍ତ କହି ଦୂତ ପେଷି । ଡକାଇ ଆଣି ଏକ ଦାସୀ ॥
ସବୁ କହିଲେ ବିଧିମତେ । ସୁନାକାକେରି ତାର ହସ୍ତେ ॥
ଦେଇ ପେଷିଲେ ନୃପବର । ଏହା ତୁ ନେଇଣ ସତ୍ୱର ॥
ମହାଦେଈଙ୍କ ହସ୍ତେ ଦେବୁ । ସମସ୍ତ ବୁଝାଇ କହିବୁ ॥
ତା ଶୁଣି ଦାସୀ ବେଗେ ଚଳି । ଅନ୍ତଃପୁରରେ ଯାଇ ମିଳି ॥
କମଳା ମହାଦେଈ ପାଶ । ଯାଇ ସେ ହୋଇଲା ପ୍ରବେଶ ॥
ବୋଇଲା ଶୁଣସି ଗୋ ମାଏ । ଏ ବଡ଼ ଅପୂର୍ବ କଥାଏ ॥
ଦେଇଅଛନ୍ତି ନୃପମଣି । ଶୁଣି ଅଇଲା ମହାରାଣୀ ॥
ସ୍ୱହସ୍ତେ ଧରି ପଚାରିଲେ । ଏ ଦ୍ରବ୍ୟ କାହୁଁ ଭିଆଇଲେ ॥
ଦାସୀ କହିଲା ଶ୍ରୀଛାମୁରେ । ଏ ରାଜ୍ୟେ ଏକ ପ୍ରଜାଘରେ ॥
ଧାନ ଗଉଣୀ ପରେ ଥୋଇ । ସେ ପୁଣି ପୂଜା କରୁଥାଇ ॥

ତା ଦେଖି କେଉଁ ଦୁଷ୍ଟନର । କହିଲା ନୃପତି ଛାମୁର ॥
ତାହା ଶୁଣିଣ ଦୂତ ପେଷି । ତା ଘରୁ ଟଣ୍ଡି ଘେନ ଆସି ॥
ପେଷିଣ ଦେଲେ ତୁମ୍ଭ ତହିଁ । ଶୁଣି କୋପିଲେ ମହାଦେଇ ॥
ଫିଙ୍ଗିଣ ଦେଲେ ଖଣ୍ଡଦୂରେ । ବୋଇଲେ କି କଲୁ ତୁ ମୋରେ
ଏ ପାପ ଛୁଡ଼ିବ କେମନ୍ତେ । ବିପ୍ରକୁ ଡାକ ଲେ ତ୍ୱରିତେ ॥
ଦାସୀ ବିପ୍ରଙ୍କୁ ଡକାଇଲେ । ଅନେକ ପାଦପୂଜା କଲେ ॥
ଆପଣା ଅଙ୍ଗ ଅଳଙ୍କାର । କାଢ଼ିଣ ରଖିଲେ ଆଗର ॥
ସେ ସୁନା କାକର ସମାନ । ତୁଳି ବିପ୍ରଙ୍କୁ ଦେଲେ ଦାନ ॥
ବୋଇଲେ ଦାସୀକି ହକାରି । ଏହା ତୁ ଯାଅ ଘେନକରି ॥
ବୋଲିବୁ ନିଅ ତୁମ୍ଭ ସୁନା । ଏଥିକୁ ଯୋଗ୍ୟ ତୁମ୍ଭେ ସିନା ॥
ସେ ତ ଅବଳା ଏକେ ଖିରୁ । କାହିଁ ସହିବେ ଏଡ଼େ ଗରୁ ॥
ଏମନ୍ତ ଶୁଣି ଦାସୀ ନେଲା । ଛାମୁରେ ସୁବର୍ଣ୍ଣ ଥୋଇଲା ॥
ବୋଇଲା ନମୋ ଦଣ୍ଡଧର । ନିଅ ଏ କାକର ତୁମ୍ଭର ॥
ଏଥି ନିମନ୍ତେ ଦଣ୍ଡ ଯେତେ । ପାଇଲୁ ରାଣୀଙ୍କର ହସ୍ତେ ॥
ଅଧିକେ ଶ୍ରୀଅଙ୍ଗ ଭୂଷଣ । ପ୍ରାଶ୍ଚିତ୍ତେ ନେଲେ ବିପ୍ରଗଣ ॥
ଏମନ୍ତେ କହିଗଲା ଦାସୀ । ଶୁଣି ନୃପତି ମନେ ହସି ॥
ସେ ପ୍ରଜା ହସ୍ତେ ଆଣିଦେଲେ । ତୋ ଧନ ନିଅ ତୁ ବୋଇଲେ ॥
ଲୁଚାଇ ପୂଜୁଥିଲୁ ଘରେ । ଏବେ ତୁ ପୂଜ ହୋ ଦାଣ୍ଡରେ ॥
ଏମନ୍ତ ଆଜ୍ଞା ତାକୁ ଦେଇ । ସେ ଯେଉଁ ଖଟୁଆକୁ ରାଇ ॥
ତା ସଙ୍ଗ କୁଟୁମ୍ବର ତୁଲେ । ରାଜ୍ୟୁ ବାହାର କରିଦେଲେ ॥
ଶୁଣ ହୋ ମନ ମହାରଥି । ଏମନ୍ତ ଦୟାଳୁ ନୃପତି ॥
କେବଳ ପୂର୍ବକର୍ମ ତାର । ନାହିଁ ତା ତୁହିତା କୁମର ॥
ତହିଁକି ନାହିଁ ଷୋଭଗତି । ତେଣୁ ସେ ଜାଣେ ବସ୍ତୁଭକ୍ତି ॥
ସେ ପତି ପତ୍ନୀ ବେନି ଜଣ । ଗୋବିନ୍ଦ ଭାବରେ ନିପୁଣ ॥
ସକଳ ଜୀବେ ଦୟା ବହି । ମାଛିକି ମାର ନ ବୋଲଇ ॥
ସୁଖେ ଏମନ୍ତ ରାଜ୍ୟ କରେ । ତା ଯଶ ପୂରିଲା ସଂସାରେ ॥

ଲୋକେ ବୋଲନ୍ତି ଧନ୍ୟ ଧନ୍ୟ । ଧନ୍ୟ ସେ ଶ୍ରୀହରି ଚନ୍ଦନ ॥
ମୁନିମାନଙ୍କ ଆୟୁ ପାଉ । ଏ ରାଜା ଚିରଜୀବୀ ହେଉ ॥
ଏମନ୍ତ ପ୍ରଶଂସା କରନ୍ତି । କାଳ ବଞ୍ଚିଲା ସେ ନୃପତି ॥
ପୁଣି କେତେକ କାଳ ଗଲା । ସେ ରାଜା ପତ୍ନୀଭ୍ରଷ୍ଟ ହେଲା ॥
ଦଶାହ ଶୁଦ୍ଧକର୍ମ ସାରି । ବିରକ୍ତ କଲେ ଦଣ୍ଡଧାରୀ ॥
ରାଜ୍ୟରେ ପ୍ରୟୋଜନ କିସ । ଦୁର୍ଲ୍ଲଭ ହେବାର ସନ୍ନ୍ୟାସ ॥
ଏମନ୍ତ ବୋଲି ଦୂତ ପେଷି । ଡକାଇ ଆଣି ପାଟଯୋଷି ॥
ଯେ ପାତ୍ର ମନ୍ତ୍ରୀ ଅମନାତ୍ୟେ । ରାଜ୍ୟର ବଡ଼ଲୋକ ଯେତେ ॥
ପ୍ରଜା ପାଟକ ଆଦିକରି । ଡକାଇ ଆଣି ଦଣ୍ଡଧାରୀ ॥
ଆପଣା ପୁତ୍ରରିକୁ ଆଣି । ରାଜ୍ୟ ସମର୍ପି ଦେଲେ ପୁଣି ॥
ଖୋଜାଇ ଶୁଭ ଅନୁକୂଳ । ପାଟ ବନ୍ଧାଇ ମହୀପାଳ ॥
ବୋଇଲେ ଶୁଣ ସର୍ବଜନ । ଆଜ୍ଠୁଁ ଏ ଭୂମିର ରାଜନ ॥
ପୁତ୍ରକୁ ବୋଇଲେରେ ଶୁଣ । ଆଜ୍ଠୁଁ ଏ ରାଜ୍ୟେ ରାଜା ଜାଣ ॥
ପ୍ରଜା କୁଳକୁ ପୁତ୍ରପରି । ପାଳିବୁ ଅତି ଯତ୍ନ କରି ॥
ଦେବା ଦ୍ୱାରେ ଥିବୁ ରତ । ନରତେ ହେବୁ ବିଷ୍ଣୁଭକ୍ତ ॥
ସେବିବୁ ଗୁରୁଙ୍କ ଚରଣେ । ଅପ୍ରାଧି ନୋହିବୁ ବିପ୍ରଗଣେ ॥
ଦୁଃଖୀ ଦରିଦ୍ରେ ଦେବୁ ଦାନ । ନ କହିବୁ ନିରାଶ ବଚନ ॥
ଶିବ ଭବାନୀ ଖଞ୍ଜା ଯେତେ । ଖଣ୍ଡିବୁ ନାହିଁ କଦାଚିତେ ॥
ପୂର୍ବେ ଯେ ଭୋଗ କଲି ଯେତେ । ପାଳିବୁ ସେହି ବିଧିମତେ ॥
ଏ ରୂପେ ଶୁଭେ ପାଳ ଦେଶ । ଆମ୍ଭେ କରିବୁ ବନବାସ ॥
ଏମନ୍ତ କହି ଦଣ୍ଡଧାରୀ । ଡୋରେ କୌପୁନୀ ଆଶ୍ରେକରି ॥
ରାଜ୍ୟ ସମ୍ପଦ ତେଜି ଖରେ । ରହିଲେ ପର୍ବତ ଉପରେ ॥
ସକଳ ଚିନ୍ତା ଛାଡ଼ି ମନେ । କେବଳ ଶ୍ରୀକୃଷ୍ଣ ଭଜନେ ॥
ଏଣେ ପୁତ୍ରର ରାଜା ହୋଇ । କେତେ ବା ଦିନ ଗଲାବହି ॥
ଦିନକୁ ଦିନ ସେ ଅଜ୍ଞାନ । ମନ୍ଦ କର୍ମରେ ଦେଲା ମନ ॥
ଦ୍ୟୁତ ଶକଟା ପଶା ରଙ୍ଗେ । ମାତିଲା ବେଶ୍ୟାଗଣ ସଙ୍ଗେ ॥

ମେଷ କୁକୁଟ ଯୁଦ୍ଧମାନ । ମାଦକ ଦ୍ରବ୍ୟ କଲା ପାନ ।
ଅନ୍ୟାୟ କଲା ସେ ବହୁତ । ହୋଇଲା ପରନାରୀ ରତ ।
ପ୍ରଜା କୁଳକୁ ଦେଲା ଦୁଃଖ । ଭକାରି ନ ପାଇଲେ ଭକ ।।
ସାଧୁଙ୍କ ସଙ୍ଗ କଲା ଦୂର । ବିପ୍ରଙ୍କୁ ଦେଖି ବୋଲେ ମାର ।।
ହରି ଭକତି ମାର୍ଗ କଥା । ନ ଶୁଣେ ଶ୍ରବଣେ ସର୍ବଥା ।।
ଅନ୍ୟାୟ ଉପଦ୍ରବ ଯେତେ । ଯହୁଁ ସେ କଲା ଅପ୍ରମିତେ ।।
ସହି ନ ପାରି ପ୍ରଜାକୁଳ । ସମସ୍ତେ ହେଲେ ଏକଠୁଳ ।।
ବୋଇଲେ କି କରିବା ଏବେ । ଚାଲ କହିବା ରାଜା ଆଗେ ।।
ଏମନ୍ତ କହି ଚଳିଗଲେ । ସୋଲର ପର୍ବତେ ମିଳିଲେ ।।
ଭେଟିଲେ ରାଜା ଆଗେ ଯାଇ । ସମସ୍ତେ ପାଦେ ପଡ଼ି ଶୋଇ ।।
ଉଠି କପାଳେ ଦେଲେ କର । ବୋଲନ୍ତି ନମୋ ଦଣ୍ଡଧର ।।
ତୋ ଯଶଚନ୍ଦ୍ର ଆହ୍ଲାଦେ । ସର୍ବେ ବଞ୍ଚିଲୁ ଅପ୍ରମାଦେ ।।
ଏ ତୁମ୍ଭ ପୁତୁରା ପ୍ରତାପ । ଦିଶଇ ଅନଳ ସ୍ୱରୂପ ।।
ଅନ୍ୟାୟ ଉପଦ୍ରବ୍ୟ ଯେତେ । ତାହା କହିବୁ ଅବା କେତେ ।।
ନ ସହି ପାରି ସର୍ବଜନ । ଆଇଲୁ ତୁମ୍ଭ ସନ୍ନିଧାନ ।।
ଏ ତୁମ୍ଭ ଚରଣୁ ନ କରି । ବୋଲଇ ବୃଦ୍ଧ ଦଣ୍ଡଧାରୀ ।।
ବନସ୍ତେ ରହିଅଛୁ ଯାଇ । ତପସ୍ୱୀ ଜନ ପ୍ରାୟ ହୋଇ ।।
ତାହାକୁ ନ ଦଅରେ କଷ୍ଟି । ଥାଉ ସେ ଫଳ ମୂଳ ଭକ୍ଷି ।।
ଖାଇଲେ ଖାଉ ମଲେ ମରୁ । ଆମ୍ଭ ଅରିଷ୍ଟମାନ ସରୁ ।।
ଏମନ୍ତ ବୋଲଇ ତୁମ୍ଭଙ୍କୁ । ଶୁଣି ବିଦାରି ହୁଏ ବୁକୁ ।
ଆଉ ଯେ ପ୍ରଜାକୁଳ ଯେତେ । ରଖିବ ନାହିଁ କଦାଚିତେ ।।
ଏଥୁଁ ଟି ଆମ୍ଭର ମରଣ । ହେ ରାଜା ହେଲା ବୋଲି ଜାଣ ।।
ତା ଶୁଣି ଶ୍ରୀହରିଚନ୍ଦନ । ଅଙ୍ଗ ହୋଇଲା କମ୍ପମାନ ।।
ପୁଲକ ହେଲା ରୋମାବଳୀ । ନେତ୍ରୁ ଲୋତକଧାରା ଗଳି ।।
ହୃଦରୁ ଉଡ଼ିଲା ସାହସ । ବହିଲା ପ୍ରଖର ନିଃଶ୍ୱାସ ।।
ବଦନୁ ନ ବଚନ ସ୍ଫୁରି । ବୋଇଲା କି କଲେ ଶ୍ରୀହରି ।।

ଏମନ୍ତ ବୋଲି ପେଷେ ଦୂତ । କହିବ ପୁତ୍ରର ଅଗ୍ରତ ॥
ବୋଲିବ ପିତାଙ୍କ ସନ୍ଦେଶ । ବହନ ହୋଇ ଥରେ ଆସ ॥
ତା ଶୁଣି ଦୂତେ ଚଳିଗଲେ । ମନ ନୃପତି ପାଶେ ହେଲେ ॥
ବୋଇଲେ ପିତା ଆଜ୍ଞା ଆସ । ବହନ ଯିବା ରାଜା ପାଶ ॥
ଶୁଣି କୁମର କ୍ରୋଧଭରେ । ବୋଇଲେ ଦୂତଙ୍କ ଆଗରେ ॥
ଆହୁରି ଆଜ୍ଞା ବୋଲିବାର । ପୁଚ୍ଛିବା ଅଛିକି ତୁମ୍ଭର ॥
ରହିଲି ସନ୍ନ୍ୟାସୀ ହୋଇଣ । ପ୍ରଜା ଗୁହାରି କେତେ ଶୁଣ ॥
ଏଇବେ ବୃଦ୍ଧକାଳ ହେଲି । ବୋଲେ ତୁମ୍ଭର କସ ଗଲି ॥
କାହିଁରେ କିଛିହିଁ ନ କହ । ଅଦୃଷ୍ଟ ମାନି ସୁଖେ ରହ ॥
ତା ଶୁଣି ଦୂତେ ଗଲେ ଚଳି । ବୃଦ୍ଧ ରାଜାର ପାଶେ ମିଳି ॥
ବୁଝାଇ କହିଲେ ସମସ୍ତ । ଶୁଣି ରାଜନ ସ୍ତମ୍ଭୀଭୂତ ॥
ବୋଇଲେ ଆହେ ଧର୍ମ ଦେବ । ତୋତେ ଗୋଚର ସିନାସବ ॥
ଏଥକୁ ସାକ୍ଷୀ ତୁ କେବଳ । ସାକ୍ଷୀ ଯେ ଦଶଦିଗପାଳ ॥
ବାସୁକି ଆଦି ନାଗ ଯେତେ । ଏଥକୁ ସାକ୍ଷୀ ଏ ସମସ୍ତେ ॥
ଆଜହୁଁ ମୋର ବଂଶ ଆଉ । ଏ ରାଜ୍ୟେ ରାଜା କେହି ନୋହୁ ॥
ଯେ ଅବା ନୃପତି ହୋଇବ । ତାର ମୂର୍ଦ୍ଧନା ଫାଟିଯିବ ॥
ଏମନ୍ତ କହି କ୍ରୋଧଭରେ । ଶ୍ରୀହସ୍ତ ପିଟିଲେ ପଥରେ ॥
ବୋଇଲେ ଯେବେ ଧର୍ମ ସତ୍ୟ । ଫାଟିଣ ଯାଉ ଏ ପର୍ବତ ॥
ରାଜାର ମୁଖୁଁ ଏହା ଶୁଣି । ଫାଟିଲା ପର୍ବତ ଧରଣୀ ॥
ତାହା ଦେଖିଣ ମହୀପାଳ । ଧ୍ୟାନେ ଚିନ୍ତିଲେ ଆଦିମୂଳ ॥
ବୋଇଲେ ନମୋ ଚକ୍ରପାଣି । ଶରଣଜନ ଚିନ୍ତାମଣି ॥
ଭୃତ୍ୟବତ୍ସଳ ଦୀନବନ୍ଧୁ । ମହାମହିମା କୃପାସିନ୍ଧୁ ॥
ବ୍ରଜବଲ୍ଲଭ ବଂଶୀହସ୍ତ । ସକଳଜୀବ ପ୍ରାଣନାଥ ॥
ଦେଖାଅ ତୋ ଚନ୍ଦ୍ରବଦନ । ମୁଁ ନଷ୍ଟେ ହାରିବି ଜୀବନ ॥
ଏମନ୍ତ କହି ନରସାଇଁ । ଦଶ ଦିଗକୁ ଦେଲେ ଚାହିଁ ॥
ଯେତଣେ ଚାହିଁଲ ତେଣେ ହରି । ଦିଶନ୍ତି ଶଙ୍ଖ ଚକ୍ରଧାରୀ ॥

ଅତି ଆନନ୍ଦ ମନ ହୋଇ । ବୋଲଇ ନମସ୍ତେ ମୁହିଁ ॥
ଏମନ୍ତ କହି ବେଗେ ଉଠି । ପ୍ରମାଣ କଲା କୋଟି କୋଟି ॥
ସମସ୍ତେ ଦେଖୁ ଦେଖୁଁ ତହିଁ । ପଡ଼ିଲେ ସେ ଚରଣେ ଡେଇଁ ॥
ପିଣ୍ଡ ସହିତେ ପ୍ରାଣ ଗଲା । ଗୋବିନ୍ଦ ପାଦେ ଲୀନ ହେଲା ॥
ଶୁଣ ସୁମନ ଚୂଡ଼ାମଣି । ଏ ଦାର୍ଢ୍ୟଭକ୍ତି ରସବାଣୀ ॥
କହଇ ବିପ୍ର ରାମଦାସ । ସନ୍ଥ ଚରଣେ ମୋର ଆଶ ॥
ମୁଁ ବଡ଼ ନଷ୍ଟ ହୀନ ବୁଦ୍ଧି । ନିରତେ ପ୍ରଭୁ ଅପରାଧି ॥
ଶ୍ରୀରାମ ପାଦପଦ୍ମ ତଳେ । ଭେଟାଇଦିଅ ମୋତେ ବଳେ ॥
ଏତିକ ମାଗୁଣି ମୋହର । ପଣ୍ଡିତ ଜନଙ୍କୁ ଉଦ୍ଧର ॥
ମୁଁ ଯେ କହୁଛି ବାର ବାର । ହେ ସାଧୁ କର ବା ନ କର ॥
ଅତି ବିନୟଭାବ କରି । ମାଗୁଛି ତୁମ୍ଭ ପାଦ ଧରି ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତି ରସାମୃତେ ମନଚୈତନ୍ୟ ସମ୍ବାଦେ ॥
ହରିଚନ୍ଦନ ଗୁଣ ବର୍ଣ୍ଣନେ ନାମ ଷଟ୍‌ତ୍ରିଂଶୋଽଧ୍ୟାୟଃ ।

---*---

## ସପ୍ତତ୍ରିଂଶ ଅଧ୍ୟାୟ

## ମଙ୍ଗଳ ଗଉଡ଼ ସମ୍ବାଦ

ନମସ୍ତେ ପ୍ରଭୁ ରଘୁବୀର । ବାଞ୍ଛା ସମ୍ପୂର୍ଣ୍ଣ କର ମୋର ॥
ଚୈତନ୍ୟ ରାଜା ଅତି ତୋଷେ । କହେ ସୁମନ ରାଜା ପାଶେ ॥
ଶୁଣ ସୁମନ ଶୁଦ୍ଧ ଚିତ୍ତେ । ଏବେ ଯା କହୁଅଛି ତୋତେ ॥
ଅତି ଅପୂର୍ବ ଏହି ରସ । ଶୁଣି କଳୁଷ ହୋଏ ଧ୍ୱଂସ ॥
ଉତ୍ତର ଖଣ୍ଡେ ଏକ ଗ୍ରାମ । କମଳାବତୀ ପୁର ନାମ ॥
ପାଞ୍ଚକୋଶର ସେ ନଗର । ସେହି ଗ୍ରାମରେ ତାର ଘର ॥
ଜାତିରେ ଅଟଇ ଗଉଡ଼ । ଅତି ଦାମ୍ଭିକ ମୂର୍ଖ ମୂଢ଼ ॥
ନ ଜାଣେ ପାଠ ଶାସ୍ତ୍ର ରୀତି । ନାହିଁ ତା ବିପ୍ର ଦେବ ଭକ୍ତି ॥
ନୋହେ ଆଚାରୀ ଶୁଚୀମନ୍ତ । ନ ଜାଣେ ବେଦର କେମନ୍ତ ॥

ଦୟା ବିନୟ ଭାବ ଯେତୁ । ସର୍ବଥା ନ ଜାଣଇ ସେତୁ ॥
ହରି ଭଜନ ବୋଲିବାର । ଦିନେ ନ ଆସେ ତୁଣ୍ଡେ ତାର ॥
ଧର୍ମ ପୁରାଣ ବୋଲି ଯାହା । ଶ୍ରବଣେ ନ ଶୁଣଇ ତାହା ॥
ନାମ ମଙ୍ଗଳ ମହାଗୂଢ଼ । ଏ କଥା କେବଳ ତା ଦୃଢ଼ ॥
ଯାହା କର୍ଣ୍ଣରେ ତାର ଚିତ୍ତ । ସେ କଥା କରିବା ପର୍ଯ୍ୟନ୍ତ ॥
ମନରୁ ନ ଛୁଡ଼େ କେବଳ । ସେ କଥା କରିଥାଇ ମୂଳ ॥
ଏମନ୍ତେ ସେ ଗୋପାଳ ଥାଇଁ । କେବଳ ଗୋଧନ ଚରାଇ ॥
ନ ଜାଣେ ଅନ୍ୟ କଥାମାନ । ଗୋରୁ ଚରାଇ ନିଏ ଦିନ ॥
ପଶୁଙ୍କ ସଙ୍ଗେ ଦିନ ବଞ୍ଚି । ନ ଜାଣେ ଗୃହ କର୍ମ କିଛି ॥
ପୁଅ ଦୁହିତା ପତ୍ନୀ ତାର । ନେଇଣ ଦିଅନ୍ତି ଆହାର ॥
ଗୋଷ୍ଠରେ ଭୁଞ୍ଜି ବଞ୍ଚେ ଦିନ । କେବେହେଁ ନ ଆସେ ଭବନ ॥
ଏମନ୍ତେ କେତେଦିନ ଗଲା । ଅର୍ଦ୍ଧବୟସ ଆସି ହେଲା ॥
ନ ନେଲୁ ଗୁରୁ ଉପଦେଶ । ଲୋକେ କରନ୍ତି ଉପହାସ ॥
ବୋଲନ୍ତି ଶୁଣ ଆରେ ଭାଇ । ଜ୍ଞାନ ଗୋଚର ତୋର ନାହିଁ ॥
କାଳ ହୋଇଲା ଆସି ଶେଷ । ନ ନେଲୁ କର୍ଣ୍ଣେ ଉପଦେଶ ॥
ଶ୍ରୀଗୁରୁ ମନ୍ତ୍ର ବିନା ଜାଣ । ତୋ ପିଣ୍ଡ ହେଲା ଅକାରଣ ॥
ନରକେ ପଡ଼ିବୁ ତୁ ଯାଇ । ତରିବା ପଥ ଆଉ ନାହିଁ ॥
ଏବେ ତୁ ଆମ୍ଭ ବୋଲମାନ । ଶ୍ରୀଗୁରୁ ମନ୍ତ୍ର କର୍ଣ୍ଣେ ନେନ ॥
ନୋହିଲେ ମରିବୁ ଅବଶ୍ୟ । ମଲେ ନରକେ ହେବ ବାସ ॥
ଶୁଣି ଗଉଡ଼ ହସ ହସ । କହଇ ସେ ଲୋକଙ୍କ ପାଶ ॥
ଭଲ କହିଲ ତୁମ୍ଭେମାନେ । ମନ୍ତ୍ର ନେନଲେ ମୁହିଁ କର୍ଣ୍ଣେ ॥
ତୁମ୍ଭର ପରାୟେ ନରତେ । ପଡ଼ିବ ପାଦତଳେ କେତେ ॥
ନ କଲେ ଦଣ୍ଡବତମାନ । ଗୁରୁ କରିବେ ଦୁଃଖ ମନ ॥
ତୁମ୍ଭେ ଯେ ଗାଳିଦିଅ ମୋତେ । ଏହା ମୁଁ କରିବ କେମନ୍ତେ ॥
ମନ୍ତ୍ର କର୍ଣ୍ଣରେ ଯେବେ ନେବ । କେବଳ କଥାଏ କହିବ ॥
ଏଥେ ଯେ ଆତଜାତ ଜନ । କରିଥିବ ମୁଁ ଅନୁମାନ ॥

ଯେ ଅବା ଅପୂର୍ବ ବୈଷ୍ଣବ । ଯେବେ ପଥରେ ଦେଖାଯିବ ॥
ମନ୍ତ୍ର ଘେନିବ ତାଙ୍କଠାରୁ । ଏକଥା ଉଚିତ ମୋହର ॥
ଦଧି ବା ଦୁଗ୍ଧ ପିଇ ଖାଇ । ମୋ କର୍ଣ୍ଣେ ମନ୍ତ୍ର ଯିବେ କହି ॥
ଆଜି ଦେଖିବ ନାହିଁ ଥରେ । ପଡ଼ିବ ନାହିଁ ଏ ଦଣ୍ଡରେ ॥
ଏ କଥା ନ ଯୋଗାଏ ମୋତେ । ବୋଲିଣ ଚଳିଲେ ତୁରିତେ ॥
ଯାଇ ରହିଲା ଗୋଗୋଷ୍ଠରେ । ସେ ଗୋରୁ ଚହ୍ଲଙ୍କ ସଙ୍ଗରେ ॥
ବସିରୁ ଥାଇ ତାର ତଟେ । ଉତ୍ତମ ଲୋକମାନେ ଯେତେ ॥
କହନ୍ତେ ନାନାଦି ପ୍ରକାରେ । ଶ୍ରୀଗୁରୁ ମନ୍ତ୍ର ଘେନିବାରେ ॥
ଯେବେ ମୁଁ ଘେନଇ ଅତିଥି । ମନ୍ତ୍ର ଦେଖିବା କଥା ସତ୍ୟ ॥
ଏମନ୍ତ ବୋଲି ପ୍ରତିଦିନ । କରୁଥାଏ ସେ ଅନୁମାନ ॥
ରାଜପଥକୁ ନିତି ଆସି । ସମସ୍ତ ଜାଣି ଥାଏ ବସି ॥
ଯିବା ଆସିବା ଜନ ଯେତେ । ତାଙ୍କୁ ପଚାରୁଥାଏ ନିତ୍ୟେ ॥
ବୈଷ୍ଣବମାନେ ଆସିବାରେ । ଦେଖିଲେ କହିବ ପଥରେ ॥
ଉଚ୍ଚ ପାବଚ୍ଛ ବୃକ୍ଷେ ଉଠି । ଚତୁର୍ଦ୍ଦିଗକୁ ଦିଏ ଦୃଷ୍ଟି ॥
କରିଥାଏ ସେ ଅନୁମାନ । ଏମନ୍ତେ ଗଲା କେତେଦିନ ॥
ଦଇବ ଯୋଗେ ଏକଦିନ । କରୁ ସେ ଅଛି ଗୋଦୋହନ ॥
ଏମନ୍ତ ବେଳରେ ଅତିଥି । ଆସି ହୋଇଲେ ଉପଗତ ॥
ଚହିଁ ବଇଜମାନ ହୋଇ । ଏକାକୀ ସଙ୍ଗେ କେହି ନାହିଁ ॥
ଉତାରି କୌପୁନୀ କଟୀମାଝେ । ଶ୍ରୀଅଙ୍ଗେ ବିଭୂତି ବିରାଜେ ॥
ମସ୍ତକେ ଶୋହେ ଜଟାଭାର । ତୁମ୍ବା ଲଉଁଏ ଅଛି କର ॥
ଶ୍ରୀହରି ମନ୍ଦିର ତିଳକ । ଭାଲ ପଟରେ ଜକ ଜକ ॥
ଚନ୍ଦ୍ର ବଦନ ଶୋଭାବନ । ତାହାଙ୍କୁ ଦେଖିଣ ନୟନ ॥
ଗୋଧନ ଦୁହାଁ ଦୂର କରି । ଉଠିଲା କ୍ଷୀରଭାଣ୍ଡ ଧରି ॥
ଧାଇଁଲା ବେଗ ବେଗ ହୋଇ । ଡାକିଲା ରହ ହେ ଗୋସାଇଁ ॥
ଶୁଣି ସେ ରହିଲେ ଅତିଥି । ଗଉଡ଼ ହେଲା ଉପଗତ ॥
କ୍ଷୀର କଳସୀ ତଳେ ଥୋଇ । ସାଷ୍ଟାଙ୍ଗେ ପାଦେ ପଡ଼ିଶୋଇ ॥

ଉଠି ମସ୍ତକେ କର ଦେଲ । ଶୁଣହେ ଗୋସାଇଁ ବୋଇଲ ॥
ଏ କ୍ଷୀର ଭୋଜନ କରିବ । ମୋ କର୍ଣ୍ଣେ ମନ୍ତ୍ର ଦେଇଯିବ ॥
ମୁଁ ଯେ ହୋଇବି ତୁମ୍ଭ ଶିଷ୍ୟ । ଏ କଥା କର ତୁ ଅବଶ୍ୟ ॥
ତା ଶୁଣି ବୋଲଇ ଅତିଥେ । ଶୁଣ ଗୋପାଳ ଶୁଦ୍ଧଚିତ୍ତେ ॥
ଚାଲ ତୋ ଭବନକୁ ଯିବା । ଉତ୍ତମ ସ୍ଥାନେକ ଦେଖିବା ॥
ମନ୍ଦିର ଲିପା ପୋଛୁ କରି । ବସିବା ଗୋବିନ୍ଦ ସୁମରି ॥
ବିଷ୍ଣୁଙ୍କୁ ଭଜନ କରିବା । ତେଣୁ ତୋ କର୍ଣ୍ଣେ ମନ୍ତ୍ରଦେବା ॥
ନୋହିଲେ ହୋଇବ କେମନ୍ତେ । ଜଗତେ କି ବୋଲିବେ ମୋତେ ॥
ତା ଶୁଣି ବୋଲଇ ଗୋପାଳ । ମୁଁ ଯେ ନ ଜାଣେ ଏ ଜଞ୍ଜାଳ ॥
କେବଳ ଏହି ସ୍ଥାନେ ଥିବ । ମନ୍ତ୍ର ଦେଇଣ ମୋତେ ଯିବ ॥
ନୋହିଲେ ଭଲ ନାହିଁ ତୋର । ମୁହିଁ ମରିବି ତୋ ଆଗର ॥
ମାରିବ ମରିବ ଦ୍ୱିକଥା । କେବେହେଁ ନୋହିବ ଅନ୍ୟଥା ॥
ଶୁଣି ଅତିଥି ଭୟ କଲେ । ଆପଣା ମନେ ବିଚାରିଲେ ॥
ବୋଇଲେ ଏ ବଡ଼ ମୂରୁଖ । ନିଶ୍ଚୟ ଦେବ ମୋତେ ଦୁଃଖ ॥
ଏହାକୁ ମନ୍ତ୍ର ମୁଁ ନ ଦେଲେ । ଏତ ନ ଛାଡ଼େ ମୋତେ ଭଲେ ॥
କରେ ଘେନିଣ ଠେଙ୍ଗା ଗୋଟି । ମୋତେ ତ ପକାଇବ ପିଟି ॥
ଏମନ୍ତ ଭାବେ ଅତି ଧୀରେ । କହିଲେ ଗଉଡ଼ ଆଗରେ ॥
ବୋଇଲେ ଶୁଣରେ କୁମର । ଏ ନିର୍ଦ୍ଧାର ବାକ୍ୟ ମୋର ॥
ଆମ୍ଭେ ଯଦ୍ୟପି ଗୁରୁ ହେବୁ । ଆମ୍ଭର ଆଜ୍ଞା ମାନିଥିବୁ ॥
ତୋତେ ଯା ଦେବୁ ଉପଦେଶ । ତୁହି ତା କରିବୁ ଅବଶ୍ୟ ॥
ଏ କଥା କହ ସତ୍ୟ ମୋତେ । ଶୁଣି ଗଉଡ଼ ଶ୍ରଦ୍ଧାଚିତ୍ତେ ॥
ବୋଇଲା ଯେ ଆଜ୍ଞା ତୋହର । ସେହି ସେ ପାଷାଣର ଗାର ॥
ତା ଶୁଣି ବୈଷ୍ଣବ ଆନନ୍ଦ । ଚିନ୍ତଇ ଗୋବିନ୍ଦ ଗୋବିନ୍ଦ ॥
ଆନନ୍ଦେ ବସିଲେ ସୁମରି । ଯେ ଅଙ୍ଗନ୍ୟାସ ଆଦିକରି ॥
ବୋଇଲେ ବସରେ ଗୋପାଳ । ଚିନ୍ତିଣ ପ୍ରଭୁ ଆଦିମୂଳ ॥
ଶୁଣି ଗୋପାଳ ଦଣ୍ଡବତ । କରିଣ ବସିଲା ଅଗ୍ରତ ॥

ଅଡଥି ବସ୍ତ୍ର ବସ୍ତ୍ରୁ କରି । ତା ଅଙ୍ଗେ ସିଞ୍ଚିଲେକ ବାରି ॥
ମସ୍ତକେ ଶ୍ରୀହରି ମନ୍ଦିର । ତିଳକ ଦେଲେ ଶୋଭାକର ॥
ବାହୁଯୁଗଳ ହୃଦଗତେ । ତିଳକ ଦେଲେ ବିଧିମତେ ॥
ମୁଖେ ନିର୍ମାଲ୍ୟ ଦେଲେ ତାର । ବସାଇ ତୃଣର ଉପର ॥
କର୍ଣ୍ଣେ କହିଲେ ମହାମନ୍ତ୍ର । ବୋଇଲେ ହେଲୁ ତୁ ପବିତ୍ର ॥
ଯାହା ଭୁଞ୍ଜିବୁ ଇଚ୍ଛା ତୋର । ଦେବୁ ତୁ ଶ୍ରୀକୃଷ୍ଣ ଛାମୁରେ ॥
ଆଗ ଗୋବିନ୍ଦେ ଭୋଗ ଦେବୁ । ପଛେ ତୁ ଶେଷହିଁ ଭୁଞ୍ଜିବୁ ॥
ଶୁଣି ଗଉଡ଼ ବୋଲେ ଥାଇ । କହ ସେ କୃଷ୍ଣ ଅଛି କାହିଁ ॥
କେମନ୍ତ ସ୍ୱରୂପ ତାହାର । କହିଣ ଥାଅ ମୋ ଆଗର ॥
ଶୁଣି କହନ୍ତି ଗୁରୁ ତାକୁ । ତୁ ମନ ଦିଅ ଏ କଥାକୁ ॥
ସକଳ ଘଟେ ବାସ ତାର । ପୂରିଛି ସଂସାର ଯାକର ॥
ଯହିଁ ଖୋଜିଲେ ତହିଁ ଅଛି । ଅପୂର୍ବ ରୂପ ସେ ଶ୍ରୀବତ୍ସି ॥
ନୀଳ ଜୀମୂତ କଳେବର । ରାଜୀବଲୋଚନ ସୁନ୍ଦର ॥
ପୂର୍ଣ୍ଣଚନ୍ଦ୍ରମା ପ୍ରାୟ ମୁଖ । ଦେଖିଲେ ଛାଡ଼ିଯିବ ଦୁଃଖ ॥
ବିମ୍ବ ବନ୍ଧୁମ ରଙ୍ଗାଧର । ପୀତବସନ ବେଣୁଧର ॥
ହେମ କିଙ୍କିଣୀ କଟୀ ମାଝେ । ଚରଣେ ନୂପୁର ବିରାଜେ ॥
ଏମନ୍ତ ରୂପ କରି ଧ୍ୟାନ । ନିତ୍ୟେ ତୁ ଦେଉଥିବୁ ଅନ୍ନ ॥
ଏମନ୍ତ ବୋଲିଣ କହିଲେ । ସେ କ୍ଷୀର ଧେନୁ ଚଳିଗଲେ ॥
ଗଉଡ଼ ଦଣ୍ଡବତ କରି । ରହିଲା ଗୋଧନ ଆବୋରି ॥
ଶୁଣ ହେ ସୁମନ ସୁଚିତ୍ତେ । ଏଥି ଉତ୍ତାରୁ କଥା ଯେତେ ॥
ସେ କଥା କହୁଅଛି ଏବେ । କେବଳ ଶୁଣ ଶ୍ରଦ୍ଧାଭାବେ ॥
ପତ୍ନୀ ତା ସ୍ୱାମୀର ନିମନ୍ତେ । ଅନ୍ନ ବ୍ୟଞ୍ଜନ ଧରି ହସ୍ତେ ॥
ଆଣି ତା ପତି ହସ୍ତେ ଦେଲା । ନିଜପୁରକୁ ଚଳିଗଲା ॥
ଗୋପାଳ ଅନ୍ନ ଧରି କରେ । ପଶିଲା ବନସ୍ତ ଭିତରେ ॥
ଉତ୍ତମ ସ୍ଥାନ ଗୋଟି ଜାଣି । ନିର୍ମଳ କଲା ସିଞ୍ଚି ପାଣି ॥
ଗୋମୟେ ପରିଷ୍କାର କଲା । ସେ ଅନ୍ନ ସେ ସ୍ଥାନେ ରଖିଲା ॥

ତୁଳସୀ ଦଳ ତହିଁ ଭରି । ମନରେ କୃଷ୍ଣଙ୍କୁ ସୁମରି ॥
ବୋଇଲା ଆସ ଗୋପୀନାଥ । ବସି ଭୁଞ୍ଜିବ ପର ଭାତ ॥
ଶ୍ରୀଗୁରୁ କହିଗଲେ ମୋତେ । ତୁମ୍ଭଙ୍କୁ ଦେବାର ନିମନ୍ତେ ॥
ତୁମ୍ଭର ଯେଉଁ ଭାତ ଶେଷ । ତାହା ମୁଁ ଭୁଞ୍ଜିବି ଅବଶ୍ୟ ॥
ନୋହିଲେ ନ ଭଷଇ ଜଳ । ସ୍ୱରୂପ କହିଲି କେବଳ ॥
ଏମନ୍ତ ବୋଲି ନାନାମତେ । ବୁଲି ସେ ଡାକିଲା ବନସ୍ତେ ॥
ଯହୁ ସେ କୃଷ୍ଣଙ୍କୁ ନ ଦେଖି । ଅନ୍ନ ବ୍ୟଞ୍ଜନ ଦେଲା ରଖି ॥
ଭୁଞ୍ଜିଲା ନାହିଁ କଦାଚିତେ । ସେ କ୍ଷୀର ନୀରହିଁ ସହିତେ ॥
ରହିଲା ଉପବାସୀ ହୋଇ । ଗୋବିନ୍ଦଠାରେ ଭାର ଦେଇ ॥
ପ୍ରତିଦିନହିଁ ଏହିମତେ । ଅନ୍ନବ୍ୟଞ୍ଜନ ଆଣିଦ୍ୟନ୍ତେ ॥
ଥୋଇ ସେ ବନସ୍ତ ଭିତର । ଡାକଇ ଅନେକ ପ୍ରକାର ॥
କାହିଁଅଛ ହେ ପୀତବାସ । ମଣୋହି କରିବାକୁ ଆସ ॥
ଏମନ୍ତେ ଡାକନ୍ତେ କେବଳ । ପ୍ରବେଶ ହେଲା ସନ୍ଧ୍ୟାବେଳ ॥
ଲେଉଟି ନ ଦେଖି ନିରାଶେ । ଅନ୍ନ ପକାଇ ଦେଲା ରୋଷେ ॥
ଆପଣେ ଉପବାସେ ରହି । ଜଳ ସ୍ପରଶ ନ କରଇ ॥
ଏମନ୍ତେ ଅଷ୍ଟାଦଶ ଦିନ । ଗଲା ସେ ନ କଲା ଭୋଜନ ॥
ପେଟ ଲାଗିଲା ପୃଷ୍ଠଦେଶେ । ରହିଲା ଅସ୍ଥି ଚର୍ମ ଶେଷେ ॥
ଆଉ ଉଠିବା ଶକ୍ତି ନାହିଁ । ବଚନ ନ ପାରଇ କହି ॥
ଚାହିଁଲେ ନିର୍ମଳ ନ ଦିଶି । ଦେହେ ଜନ୍ମିଲା ଭ୍ରମ ଆସି ॥
ଏମନ୍ତ ହେଲା ସେ କେବଳ । କଲା ସେ ଏହି କଥା ମୂଳ ॥,
ବୋଇଲା ପ୍ରାଣ ପଛେ ଯାଉ । ଲଙ୍ଘିବି ଗୁରୁ ଆଜ୍ଞା କାହୁଁ ॥
ଏ ଦେହ ବହିଲେ ନିଯୁତ । ମରଣ କଥା ସିନା ସତ୍ୟ ॥
ଯଦ୍ୟପି ଗୁରୁ ଆଜ୍ଞା ସତ । ମୋ ପ୍ରାଣ ଯେବେ ହେବ ହତ ॥
ବସିବି ବଇକୁଣ୍ଠେ ଯାଇ । ଏଥେ ମୋ ଶୋଚନା ନ ଥାଇ ॥
ଏମନ୍ତ ବୋଲି ସେ ଗଉଡ଼ । ହୃଦପଦ୍ମରେ କଲା ଦୃଢ଼ ॥
ସପତବଂଶ ଦିନ ହେଲା । ତା ପତ୍ନୀ ଅନ୍ନ ନେଇ ଦେଲା ॥

ତା ଘେନ ଚଳିଲା ଗୋପାଳ । ଚିନ୍ତିଣ ପ୍ରଭୁ ଆଦ୍ୟମୂଳ ॥
ଥୋଇଣ ବସିଲା ଆସନେ । ଧ୍ୟାନ କରିଣ ତାର ମନେ ॥
ଶ୍ରୀଗୁରୁ ତାଙ୍କୁ ଶିକ୍ଷା ଦେଇ । ଯେଉଁ ସ୍ୱରୂପେ ଥିଲେ କହି ॥
ସେହି ସ୍ୱରୂପ କରି ଧ୍ୟାନ । ବୁଜିଲା ତା ବେନି ନୟନ ॥
ବୋଇଲ ଶ୍ରୀଗୁରୁ ବଚନ । ସତ୍ୟ ଯଦ୍ୟପି ଦେବା ଜ୍ଞାନ ॥
ସତ୍ୟ ଯଦ୍ୟପି ଥିବେ ହରି । ସକଳ ଘଟେ ବାସ କରି ॥
ସତ୍ୟ ଯଦ୍ୟପି ଏ ଜଗତେ । ବିଷ୍ଣୁ ବିଜୟି ପଞ୍ଚଭୂତେ ॥
ସେ ଅନ୍ତର୍ଯ୍ୟାମୀ ଯେବେ ସତ୍ୟ । ଯେବେ ସେ ଜଗତର ନାଥ ॥
ଗୁରୁ ମୋ କହିଗଲେ ଯାହା । ସତ୍ୟ ବଚନ ଯେବେ ତାହା ॥
ତେବେ ବହନ ଆସ ହରି । ଏଥି ଭୋଜନ ଯାଅ କରି ॥
ନୋହିଲେ ମରିବି ଅବଶ୍ୟ । ଲାଗୁ ତୋତେ ଏ ହତ୍ୟାଦୋଷ ॥
ଏମନ୍ତ ବିଚାରି ସେ ମନେ । ରହିଲା ଚାହିଁ ଏକଧ୍ୟାନେ ॥
ବ୍ରହ୍ମାଦି ଦେବଙ୍କୁ ଦୁର୍ଲ୍ଲଭ । ମୁନିମାନଙ୍କ ଯେ ଅଲଭ୍ୟ ॥
ତାହା ପାଇଲା ସେ ଗରୁଡ଼ । ଫିଟିଲା ଭବବନ୍ଧ ଗାଢ଼ ॥
ଅଙ୍ଗେ ତା ପ୍ରକାଶିଲା ବଳ । ପଡ଼ିଲା ପାଦପଦ୍ମ ତଳ ॥
ଉଠିଲା ଶିରେ କରଦେଇ । ବୋଇଲା ନିସ୍ତରିଲି ମୁହିଁ ॥
ଏମନ୍ତ ପ୍ରଭୁ ସେବା ତେଜି । ଅନ୍ୟ ଦେବଙ୍କୁ ଯେହୁ ଭଜି ॥
ଧିକ ସେ ପ୍ରାଣୀଙ୍କ ଜୀବନ । ପଶୁ ହସିଲେ ଭାବଗ୍ରାହୀ ॥
ମୁଁ ଯାହା ଦେଖିଲି ସାକ୍ଷାତେ । ତୋ ପରି ପ୍ରଭୁ ଏ ଜଗତେ ॥
ଲୋଡ଼ିଲି ଜଣେ ମାତ୍ର ନାହିଁ । ଶୁଣି ହସିଲେ ଭାବଗ୍ରାହୀ ॥
ବୋଇଲେ ଶୁଣରେ ଗରୁଡ଼ । ଏବେ ତୁ ଯାଅ ନିଜପୁର ॥
ଜୀବନ୍ତେ ସୁଖେ ଧନ ନିଅ । ମଲେ ବୈକୁଣ୍ଠେ ଠାବପାଅ ॥
ଏମନ୍ତ କହି ଭଗବାନ । ତକ୍ଷଣେ ହେଲେ ଅନ୍ତର୍ଦ୍ଧାନ ॥
ଗୋପାଳ ନିଜପୁର ଗଲା । ପ୍ରାଣାନ୍ତେ ବିଷ୍ଣୁଙ୍କୁ ଲଭିଲା ॥
ଯେ ପ୍ରାଣୀ ପଢ଼ନ୍ତି ଶୁଣନ୍ତି । ଯମ ଦଣ୍ଡକୁ ନାହିଁ ଭ୍ରାନ୍ତି ॥
ଭଣଇ ବିପ୍ର ରାମଦାସ । ମୂଳଟି ଅଟଇ ବିଶ୍ୱାସ ॥

ଶ୍ରୀକୃଷ୍ଣ ପାଦପଦ୍ମ ଧୂଳି । ମଣ୍ଡନ ହେଉ ମୋ ମଉଳି ॥
ହେ ପ୍ରଭୁ ଏତେମାତ୍ର କର । ଶରଣ ଜନ୍ମେ ଜନ୍ମେ ତୋର ॥
କର ନ କର ତୁମ୍ଭ ଇଚ୍ଛା । କେବଳ ଏହି ମୋର ବାଞ୍ଛା ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତିରସାମୃତେ ମନଚୈତନ୍ୟ ସମ୍ବାଦେ
ମଙ୍ଗଳ ଗଉଡ଼ ଦାର୍ଢ୍ୟଭାବ ବର୍ଣ୍ଣନେ
ନାମ ସପ୍ତତ୍ରିଂଶୋଽଧ୍ୟାୟଃ ।

—*—

## ଅଷ୍ଟତ୍ରିଂଶ ଅଧ୍ୟାୟ
## ବାଳକ ରାମଦାସ ସମ୍ବାଦ

ନମୋ କୋଦଣ୍ଡ ମହାବାହୁ । ବାଞ୍ଛା ସମ୍ପୂର୍ଣ୍ଣ ମୋର ହେଉ ॥
କହେ ଚୈତନ୍ୟ ମହାତ୍ମତା । ଶୁଣ ସୁମନ ଏହୁ କଥା ॥
ବଡ଼ ଦୁର୍ଲ୍ଲଭ ଏ ଚରିତ । କେବଳ ଶ୍ରବଣେ ଅମୃତ ॥
ଶୁଦ୍ଧ ପଶ୍ଚିମ ଯେ ଲାହୋର । ଦେଶରେ ଅଛେ ତାର ଘର ॥
ଜାତିରେ ଅଟେ ଦ୍ୱିଜବର । ନାମ ବାଳକ ଦାସ ତାର ॥
ମାତା ପିଅର ପାଞ୍ଚଭାଇ । ତହିଁର ମଧ୍ୟେ ଗୋଟି ସେହି ॥
ବିଷୟ କର୍ମ ଆଦି ଯେତେ । କରଇ ନାହିଁ କଦାଚିତେ ॥
ନ କରେ ମାତା ପିତା ବୋଲ । ଭ୍ରାତାଙ୍କ କଥା ମଣେ ଶଲ ॥
ଫୁଲ ଚନ୍ଦନ ମାଳ ଯେତେ । ମଣ୍ଡନ ହେଉଥାଇ ନିତ୍ୟେ ॥
ପିନ୍ଧି ଉତ୍ତମ ଝୀନବାସ । ବୁଲୁ ଯେ ଥାଇ ଦେଶ ଦେଶ ॥
ଭୁଞ୍ଜିବା ମୂଳ ଅଟେ ତାର । ଭୋଜନ ବେଳେ ଆଗୁଁ ସାର ॥
ଉଦାସୀ ଜନପ୍ରାୟେ ହୋଇ । କିଛିହିଁ କର୍ମ ନ କରଇ ॥
ଏମନ୍ତେ କେତେଦିନ ଠାରେ । ତା ପିତା ଅତି କ୍ରୋଧଭରେ ॥
ବୋଇଲା ଶୁଣରେ ପାମର । ବୋଲଟି ନ କଲୁ କାହାର ॥
ଗୃହ ଜଞ୍ଜାଳ ଯେ ହୋଇଛି । ତୋତେ ତ ନ ଲାଗିଛି କିଛି ॥
କୃଷି ବାଣିଜ୍ୟ ଆଦି ଯେତେ । ନ କଲୁ ତାହା କଦାଚିତ୍ତ ॥
କେମନ୍ତେ ସରିବ ତୋ ଦିନ । ଦୁଃଖ ପାଇବୁରେ ଅଜ୍ଞାନ ॥

ମାତା ବୋଇଲା ଏହିମତେ । ଘରୁ ଘଉଡ଼ି ଦେଲେ ଭ୍ରାତେ ॥
ବୋଇଲେ ନ ଥା ଆମ୍ଭ ଘରେ । ଥିଲେ ମାରିବୁ ନିରନ୍ତରେ ॥
ସବୁରି ମୁଖରୁ ବଚନ । ଶୁଣି ବାଳକ ରାମ ଦାସ ॥
ମନେ ବିଚାର କଲା ତାର । ଧିକ ଏ ଜୀବନ ମୋହର ॥
ମାତା ପିତାଙ୍କର ବଚନ । ଏ ଦେହେଁ ପ୍ରୟୋଜନ କିସ ॥
ଏଥେ ମୁଁ କି କରିବି ଆଉ । ଏ ଜୀବ ଥାଉ ଅବା ଯାଉ ॥
ଅରଣ୍ୟେ ପଶିବି ମୁଁ ଯାଇ । କେବଳ ରାମ ନାମ ଧ୍ୟାୟୀ ॥
ଦଇବେ ବାଳକ ବୟସ । ଛାଡ଼ି ସଂସାର ମୋହ ଆଶ ॥
ବନେ ଉତ୍ତମ ସ୍ଥାନ ଖୋଜି । ତହିଁ ବସିଲା ଚକ୍ଷୁ ବୁଜି ॥
ଏ ମନ ବୁଦ୍ଧି ଅହଂକାର । ମଦମାତ୍ସର୍ଯ୍ୟ ଯେ ବିକାର ॥
କାମ କଳ୍ପନା ଆଦି ଯେତେ । ତାହାର ସମତା ସହିତେ ॥
ସବୁ ପକାଇ ଦେଲା ଦୂରେ । ଝାଳୁଆ ଧୂଳିଆ ପ୍ରକାରେ ॥
କେବଳ ଦୃଢ଼ମନେ ବସି । ମୁଖେ ଶ୍ରୀହରି ନାମ ଘୋଷି ॥
ବୋଇଲା ଆହେ ନାରାୟଣ । ଜଗତ ତୁମ୍ଭର ଭିଆଣ ॥
ଚର ଅଚର ଆଦି କରି । ସକଳ ଘଟେ ଅଛ ପୂରି ॥
ଶ୍ରୀହସ୍ତେ ଶଙ୍ଖ ଚକ୍ର ଧରି । ଜନନୀ ଜଠରେ ବିହରି ॥
ଅଗାଧଜନ୍ତୁ ମୂର୍ତ୍ତିମନ୍ତ । କରି ଭିଆଇ ଏ ଜଗତ ॥
ପ୍ରାଣୀଙ୍କ କର୍ମରଜ୍ଜୁ ଧରି । ସଂସାର ଆତଯାତ କରି ॥
ପ୍ରାଣୀଙ୍କି ପଡ଼ିଲେ ବିପତ୍ତି । ତୋ ବିନା ନାହିଁ ଅନ୍ୟଗତି ॥
ଏ ଯେତେ ସକଳ ପ୍ରମାଣ । ମୋତେ ଉଦ୍ଧର ନାରାୟଣ ॥
କହିଲି ଦାସ ମୁଁ ତୁମ୍ଭର । ତୋ ଇଚ୍ଛା ଯାହା ତାହା କର ॥
ରଖ ନ ରଖ ମହାବାହୁ । ମୋର ଭରସା ନାହିଁ ଆଉ ॥
ଏମନ୍ତ ବୋଲି ମନେ ତାର । ଶ୍ରୀଗୁରୁ ମନ୍ତ୍ର ଦେବା ସାର ॥
ସେ ନାରାୟଣ ନାମ ଗୋଟି । ହୃଦପଦ୍ମରେ କଲା ଗଣ୍ଠି ॥
ଚଞ୍ଚଳ ଇନ୍ଦ୍ରିୟ ନିବାରି । ବସି ଏକାନ୍ତେ ଜପ କରି ॥
ଅନ୍ନ ଭୋଜନ ବୋଲି ଯାହା । ମନରୁ ଦୂର କଲା ତାହା ॥

ସେ ଫଳମୂଳ ପତ୍ରମାନ । ଜଳହିଁ ନ କଲା ସେ ପାନ ॥
କେବଳ ହରି ନାମାମୃତ । ଭୋଜନେ ସ୍ଥିରକଲା ଚିତ୍ତ ॥
କେବଳ ପ୍ରଭୁଙ୍କୁ ଦେଖିବ । ନୋହିଲେ ପ୍ରାଣ ଉପେକ୍ଷିବ ॥
ଏମନ୍ତ ଦୃଢ଼ କରି ମନେ । ବସି ଜପିଲା ଘୋରବନେ ॥
ବହିଣ ଗଲା ଦିନ ସାତ । ଶୁଣ ହୋ ମନ ନୃପନାଥ ॥
ଦଇବ ମାୟାରେ କେବଳ । ଆସି ମିଳିଲେ ବ୍ୟାଘ୍ରପଲ ॥
ଘୋର ଗର୍ଜନ ନାଦ କରି । ଭକ୍ଷିବା ପ୍ରାୟେ ତାକୁ ଧରି ॥
ପାଶେ ପ୍ରବେଶ ହେଲେ ଯାଇ । ନୟନେ ତାହାକୁ ଦେଖଇ ॥
ଦେଖି ମନରେ ନାହିଁ ଖିନ୍ତ । ବୋଲେ ଯା କରିବେ ଶ୍ରୀପତି ॥
ସେ କଥା ହେବ ତ ଅବଶ୍ୟ । ମୋହର ବଳେ ହେବ କସ ॥
ରଖିଲେ ରଖ ନେଲେ ନେଉ । ଏଥକୁ ଭୟ ନାହିଁ ଆଉ ॥
ଏମନ୍ତ ଭାବ ଚକ୍ଷୁ ବୁଜି । ରହିଲା ହରିଧ୍ୟାନେ ମଜ୍ଜି ॥
ଶୁଣ ହୋ ମନ ନୃପବଣ । ତାହା ଜାଣିଲେ ନାରାୟଣ ॥
ତକ୍ଷଣେ ଶବର ରୂପରେ । କାଣ୍ଡ କୋଦଣ୍ଡ ଧରି କରେ ॥
ଧାଇଁଲେ ଅତି ବେଗ ହୋଇ । ମିଳିଲା ଭୃତ୍ୟପାଟେ ଯାଇ ॥
ଦେଖିଣ ବ୍ୟାଘ୍ର ପଳାଇଲେ । ଭକତ ଅନାଇଣ ଦେଲେ ॥
ଶବର ବୋଲେ ହେ ବ୍ରାହ୍ମଣ । ବନେ ବସିଛ କ କାରଣ ॥
କ ତୋର ମନେ ଭୟ ନାହିଁ । ବ୍ୟାଘ୍ର ଭଲ୍ଲୁକ ସ୍ଥାନ ଏହି ॥
ଭକ୍ଷଣ କଲେ ନାଶ ଯିବୁ । ବହନ ଉଠିଯାଅ ବାବୁ ॥
ତା ଶୁଣି ବୋଲଇ ବ୍ରାହ୍ମଣ । ଶବର ଧର୍ମପିତା ଶୁଣ ॥
ପିତା ଜନନୀ ଭ୍ରାତା ମୋର । ମାରି ନବରୁ କଲେ ଦୂର ॥
ନାହିଁ ମୋହର ଗୃହ ବାସ । ଛୁଡ଼ିଲା ସଂସାରର ଆଶ ॥
କେବଳ ପ୍ରଭୁ ନାରାୟଣ । ଅଶେଷ ଜୀବର କାରଣ ॥
ତାଙ୍କ ଦର୍ଶନ ଇଚ୍ଛା ମୋର । ତେଣୁ ପଶିଲି ବନ ଘୋର ॥
ଶୁଣି ଶବର ଅଳ୍ପ ହସି । ବୋଇଲେ ଶୁଣ ବାଳଋଷି ॥
ତୁ ଯାହା ବୋଇଲୁ ବଚନ । କେମନ୍ତେ ପ୍ରତେ ଯିବ ମନ ॥

ଯାହାକୁ ଭାବୁଛନ୍ତି ଭବ । ବ୍ରହ୍ମାଦି ଦେବଙ୍କୁ ଦୁର୍ଲ୍ଲଭ ॥
ମୁନିଏ ଯୋଗମାର୍ଗେ ଶ୍ରାନ୍ତ । ଯା ବର୍ଣ୍ଣି ଚିହ୍ନି ନ ପାରନ୍ତି ॥
ସେ କାହିଁ ଦେଖା ଦେବେ ତୋତେ । ଏହା ବିଚାରୁ କିନା ଚିତ୍ତେ ॥
ଉଚିତ ନୋହେ ଏ ତୋହର । ଯାଅ ତୁ ଆପଣା ମନ୍ଦିର ॥
ତା ଶୁଣି ବୋଲଇ ବ୍ରାହ୍ମଣ । ହେ ଧର୍ମପିତା ମୋର ଶୁଣ ॥
ସେ ମହାମୁନିଙ୍କ ବାକ୍ୟରେ । ଲେଖି ଅଛନ୍ତି ପୁରାଣରେ ॥
ସବୁରି ଜୀବର ଜୀବନ । ଅଟନ୍ତି ପ୍ରଭୁ ଭଗବାନ ॥
ସବୁରି ତାତ ମାତ ସେହି । ତା ବିନା ଅନ୍ୟ କେହି ନାହିଁ ॥
ଜଗତଯାକ ଖେଳଘର । ସବୁ ଏ ଆୟତ୍ତ ତାହାର ॥
ଯାହାକୁ ଯେଉଁ ମାର୍ଗେ ପେଖି । ତାହାକୁ ସେହି ପଥ ଦିଶି ॥
ଏ କଥା ଅଟଇ ପ୍ରମାଣ । ବୋଲି କହନ୍ତି ମୁନିଗଣ ॥
ତେଣୁ ଭରସା ମୋର ମନ । ଅବଶ୍ୟ ପାଇବି ଦର୍ଶନ ॥
ଦୁଇରୁ ଏକ ମୁଁ କରିବି । ନୋହିଲେ ଜୀବନ ହାରିବି ॥
ଏ ଦୃଢ଼ ବାଞ୍ଛା ଅଛି ମୋର । ବିଜୟ କର ହୋ ଶବର ॥
ତୁମ୍ଭର ମୁଁ ଧର୍ମ ବାଳକ । ମୋଠାରେ ଦୟାମାତ୍ର ରଖ ॥
ଏମନ୍ତ ବୋଲି ନାରାୟଣ । ନାମ ରଟିଲା ପୁଣ ପୁଣ ॥
ତାହା ଜାଣିଲେ ବାସୁଦେବ । ବୋଇଲେ ଧନ୍ୟ ଏହା ଜୀବ ॥
ମୁଁ ଯେବେ କରିବି ନିରାଶ । ଏ ବିପ୍ର ମରିବ ଅବଶ୍ୟ ॥
ଏମନ୍ତ ଭାବି ଦୟାମଣି । ନିଷ୍କାମ ଭାବ ତାର ଜାଣି ॥
ବୋଇଲେ ଶୁଣ ରେ କୁମର । ଆମ୍ଭେଟି ଜଗତ ଈଶ୍ୱର ॥
ଆସିଣ ଦୟା କଲୁ ତୋତେ । ବର ତୁ ମାଗି ନେନ ଏତେ ॥
ତା ଶୁଣି ବୋଲଇ କୁମର । ଦେଖାଅ ନିଜ ରୂପ ତୋର ॥
ଦେଖିଲେ ଚର୍ମନେତ୍ର ପଥେ । ତେବେ ମୁଁ ଯିବଇଁ ପରତେ ॥
ତା ଶୁଣି ପ୍ରଭୁ ଭଗବାନ । ବୋଇଲେ ବୁଜ ତୁ ନୟନ ॥
ତାହାଙ୍କ କଥାରେ ତୁରିତେ । ନୟନ ବୁଜି ଅନ୍ତର୍ଗତେ ॥
ଶ୍ରୀହରି ରୂପ ଧ୍ୟାନ କରି । ତାହା ଜାଣିଲେ ନରହରି ॥

ନିଜ ସ୍ୱରୂପେ ହେଲେ ଉଭା । କୋଟିଏ କନ୍ଦର୍ପ କ ଶୋଭା ॥
ନୀଳ ଜୀମୂତ ଅଙ୍ଗଘନ । ଅମଳ କମଳ ନୟନ ॥
କୋଟିଏ ଚନ୍ଦ୍ର ଜିଣି ମୁଖ । ଦର୍ଶନେ ଖଣ୍ଡେ ଭବଦୁଃଖ ॥
ସୁନ୍ଦର ସୁରଙ୍ଗ ଅଧର । କଣ୍ଠେ କୌସ୍ତୁଭ ମଣିହାର ॥
ହୃଦେ ଶ୍ରୀବତ୍ସ ପାଦ ଚିହ୍ନ । ଫୁଟି ଦିଶଇ ଶୋଭାବନ ॥
ଶଙ୍ଖ କମଳ ଗଦା ସାରି । ରଥାଙ୍ଗ ଆଦି ଚାରି କର ॥
ପୀତବସନ କଟୀମାଝେ । ଚରଣେ ନୂପୁର ବାଜେ ॥
ଏମନ୍ତ ରୂପ ଭଗବାନ । ଦେଖି ଆନନ୍ଦ ଭୃତ୍ୟମନ ॥
ସାଷ୍ଟାଙ୍ଗେ ପାଦପଦ୍ମେ ପଡ଼ି । ଉଠି କହିଲେ କରଯୋଡ଼ି ॥
ବୋଇଲେ ନମୋ ନାରାୟଣ । ଅଶେଷ ବ୍ରହ୍ମାଣ୍ଡ କାରଣ ॥
କାମୀ କାମନା କାମଧେନୁ । ମହା ମହିମା ରତ୍ନଭାନୁ ॥
ସକଳ ଜୀବ ଜ୍ଞାନଗୁରୁ । ଭକତ ବାଞ୍ଛା କଳ୍ପତରୁ ॥
ମୁଁ ଛାର ପତିତ ଅଜ୍ଞାନ । ପାଇଲି ତୁମ୍ଭ ଦରଶନ ॥
ଅଶେଷ ଜନ୍ମ ପାପ ମୋର । ଛାଡ଼ି ସକଳ ହେଲା ଦୂର ॥
ଛାଡ଼ିଲା କାମବନ୍ଧ ପାଶ । ପୁଣି ବୋଲନ୍ତି ପୀତବାସ ॥
ଭୃତ୍ୟବତ୍ସଳ ଯାର ବାନା । ନ ସହେ ସେବକ ବେଦନା ॥
ତୋ ମନୁ ସଂଶୟ ବିନାଶି । ତେଣୁଟି ବେଗେ କଲୁ ଆସି ॥
ଏବେ ତୁ ମାଗି ନେନ ବର । ଯେ ମନୋବାଞ୍ଛା ଅଛି ତୋର ॥
ତା ଶୁଣି ବୋଲଇ ନନ୍ଦନ । ନମସ୍ତେ ଜଗତ ଜୀବନ ॥
ଯେବେ ତୁ ବର ଦେବୁ ମୋତେ । ଜନ୍ମ ନୋହିବ କଦାଚିତେ ॥
ଛୁଇଁଲେ ପଥର ସୁବର୍ଣ୍ଣ । ହୋଇବ ଦେବ ଭଗବାନ ॥
ଆବର ତୋତେ ଧ୍ୟାନ କର । ଇଚ୍ଛା ମରଣେ ଯିବ ମର ॥
ଜୀବନ୍ତେ ସୁଖ ଦିନ ଯିବ । ମଲେ ବୈକୁଣ୍ଠେ ଠାବ ହେବ ॥
ଅସ୍ତୁ ବୋଇଲେ ଭଗବାନ । ତକ୍ଷଣେ ହେଲେ ଅନ୍ତର୍ଦ୍ଧାନ ॥
ଏ ବର ପାଇ ବିପ୍ରବର । ଆନନ୍ଦ କେ କହୁ ତାହାର ॥
ଗୁପତେ ଆଣିଲା ପଥର । ଛୁଇଁଲା ଆପଣା ହସ୍ତରୁ ॥

ତକ୍ଷଣେ ହୋଇଲା ସୁବର୍ଣ୍ଣ । ଦେଖି ହରଷ କଲା ମନ ॥
ଲୋକଙ୍କୁ ବୋଇଲା ହକାରି । ଏ ସୁନା ନିଅ ବେଗ କରି ॥
ଏକ ଯେ ଆଣ ହୋ ତସ୍କର । ମଠ ବାନ୍ଧିବା ଏହିଠାର ॥
ଥୋକେ ମଣୋହି ସଜ୍ଜା ଘେନ । କରିବା ରନ୍ଧନ ଭୋଜନ ॥
ଆଜ୍ଞା ପ୍ରମାଣେ ତାହା କଲେ । ଭୁଞ୍ଜି ସମସ୍ତେ ସୁସ୍ଥ ହେଲେ ॥
ଏଥି ଉତ୍ତାରୁ ଦିବ୍ୟସ୍ଥାନ । ଦେଖି ମନ୍ଦିର ନିର୍ମାଣିଣ ॥
ଶତେକ ବଖରା ଚଉଁରି । ତୋଳାଇ ଅତି ଯତ୍ନ କରି ॥
ବୈଷ୍ଣବ ରଖାଇ ବହୁତ । ଆପଣେ ହୋଇଲେ ମହନ୍ତ ॥
ଖଞ୍ଜିଲେ ସଦା ବର୍ତ୍ତମାନ । ଦୁଃଖୀ ଦରିଦ୍ରେ ଦେଲେ ଧନ ॥
ସେ ଦେଶେ ଥିଲା ଯେତେ ମଠ । ସବୁହୁଁ ହେଲା ଅତି ଶ୍ରେଷ୍ଠ ॥
ଜୟ ପତାକା ଉଡ଼ାଇଲେ । ଜଗତେ ଧନ୍ୟ ବୋଲାଇଲେ ॥
ବଢ଼ିଲା ଧନ ଅପ୍ରମିତ । ବୃଦ୍ଧି ହିଗରେ ଯେ ସମସ୍ତ ॥
କି ଅବା କୁବେର ସମ୍ପତ୍ତି । ଅଚଳାଚଳ ତା ବିଭୂତି ॥
ଗଜ ତୁରଙ୍ଗ ଉଷ୍ଟ୍ର ଆଦି । ଅନେକ ରଖିଲେ ସମ୍ପାଦି ॥
ଝମକ ବାଜେ ମଠଦ୍ୱାରେ । ଚମକ ପଡ଼ଇ ନଗରେ ॥
ସମସ୍ତେ ହେଲେ ବଶବର୍ତ୍ତୀ । କହୁ ନ ସରେ ତାଙ୍କ କୀର୍ତ୍ତି ॥
ଅନେକ ବିଧି ଭୋଗ ହେଲା । ଏମନ୍ତେ କେତେଦିନ ଗଲା ॥
ବିସ୍ମର କଲେ ତାଙ୍କ ମନ । ଏଥିରେ କିସ ପ୍ରୟୋଜନ ॥
ସକଳ ଭୋଗ ହେଲା ଶେଷ । କରିବା କ୍ଷେତ୍ରବରେ ବାସ ॥
ଯେ ପ୍ରଭୁ କମଳା ରମଣ । ସେ ମୋର ଜୀବର କାରଣ ॥
ବିଜୟି ନୀଳ ପରବତେ । ଅଶେଷ ପ୍ରାଣୀଙ୍କର ହିତେ ॥
ତାହାଙ୍କୁ ଦର୍ଶନ କରିବି । ମୋର ଏ ଜୀବ ଉଦ୍ଧାରିବି ॥
ଏ କଥା ଅଟେ ମୋର ମୂଳ । ବୋଲି ସେ କଲେ ଅନୁକୂଳ ॥
ଅନେକ ବୈଷ୍ଣବ ସଙ୍ଗତେ । ଘେନଣ ଚଳିଲେ ତୁରିତେ ॥
ବଜାଇ ମଙ୍ଗଳ ମହୁରି । ଝାଙ୍କଝାହାଳୀ ଶଙ୍ଖ ଭେରି ॥
ଆବର ଝମକ ନିଶାଣ । ଦମାଲୁ ନାଦ ଘୋର ଝାଣ ॥

ତା ପଛେ ସାଜ ବାଜାବୃନ୍ଦ । ଗମିଲେ ହୋଇଣ ଆନନ୍ଦ ॥
ଯେବଣ ପଥେ ଯାନ୍ତି ଚଳି । ପୃଥିବୀ ପଡ଼ନ୍ତି ଉଛୁଳି ॥
ଏମନ୍ତେ କେତେବାଟ ଗଲେ । ଦିଲ୍ଲୀ ସହର ପାଶେ ହେଲେ ॥
ବାଦ୍ୟ ଶବଦ ଘୋର ତାନେ । କମ୍ପିଲ୍ ଦିଲ୍ଲୀ କୋପମନେ ॥
ତାହା ଶୁଣିଣ ଦିଲ୍ଲୀଶ୍ୱର । ପୁଛିଲେ ଦୂତଙ୍କ ଆଗର ॥
କି ବାଦ୍ୟ ବାଜଇ କାହାର । ଚମକ ପଡ଼ଇ ଶରୀର ॥
ଲୋକେ କହିଲେ ସନମତେ । ସେ ଦିଲ୍ଲୀଶ୍ୱରଙ୍କ ଅଗ୍ରତେ ॥
ଏକ ଫକୀର ଆସିଛନ୍ତି । ବଳ ତା କହି ନୋହେ କଛି ॥
ତାହାର ବାଦ୍ୟ ଶବଦର । କମ୍ପି ଉଠଇ ଏ ନଗର ॥
ତା ଶୁଣି ବୋଲେ ଦିଲ୍ଲୀଶ୍ୱର । ବହନ ଯାଇ ମନା କର ॥
ଆଜ୍ଞା ପ୍ରମାଣେ ଦୂତ ଗଲେ । ବୈଷ୍ଣବ ଆଗରେ କହିଲେ ॥
ଏଠାରେ ନ ବଜାଅ ବାଜା । ଦିଲ୍ଲୀ ଈଶ୍ୱର ମହାତେଜା ॥
ଶୁଣି ବାଳକ ରାମଦାସ । ଅଳପ ହେଲେ ହସ ହସ ॥
ବୋଇଲେ ଏ ଦିଲ୍ଲୀ ନୌବତ । ନ ବାଜୁ ଯେବେ ଆଜ୍ଞା ସତ୍ୟ ॥
ଏମନ୍ତ କହନ୍ତେ ବଚନ । ବାଜିଲ୍ ନାହିଁ ବାଦ୍ୟମାନ ॥
ଦେଖ ସେ ଆଜ୍ଞା ମତ ହେଲ୍ । ଦିଲ୍ଲୀ ନୌବତ ନ ବାଜିଲ୍ ॥
ତା ଦେଖି ବାଦ୍ୟକାରମାନେ । ଜଣାଇ ବାଦ୍‌ସା ସନ୍ନିଧାନେ ॥
କମ୍ପା ନୌବତ ନ ବାଜିଲ୍ । ଏ ବଡ଼ ସଂଶୟ ଲଗିଲ୍ ॥
ଯେପତେ ପିଟିଲେ ବାଦ୍ୟମାନ । କେବେହେଁ ନ ବାଜିଲ୍ ଜାଣ ॥
ଏ କଥା ବୁଝି ଆଜ୍ଞା ହେଉ । ଆମ୍ଭର ଦୋଷ ନାହିଁ ଆଉ ॥
ତା ଶୁଣି ବାଦ୍‌ସା ଅଚମ୍ଭିତ । ବୋଲଇ ଏତ ବିପରୀତ ॥
ଦୂତେ କହିଲେ ବାଦ୍‌ସା ଆଗେ । ଫକୀର ଆଜ୍ଞା ଦେଲ୍ ରାଗେ ॥
ଦିଲ୍ଲୀରେ ନ ବାଜୁ ନୌବତ । ତା କଥା ହେଲ୍ ଏବେ ସତ୍ୟ ॥
ଏମନ୍ତ ଶୁଣି ଦିଲ୍ଲୀଶ୍ୱର । ଆଜ୍ଞା ସେ ଦେଲ କ୍ରୋଧଭର ॥
ବୋଇଲ୍ ଯାଅ ସୈନ୍ୟ ମୋର । ବଇଷ୍ଣବକୁ ବନ୍ଦୀ କର ॥
ଦେଖିବା ତାର କରାମତ । ତା ଶୁଣି ଚଳିଗଲେ ଦୂତ ॥

ଅନେକ ସୈନ୍ୟ ଚଳଚଳେ । ଆସି ବୈଷ୍ଣବେ ବନ୍ଦୀ କଲେ ॥
ଘୋଡ଼ାଙ୍କ ଉପରେ ବସାଇ । ବେଢ଼ିଲେ ଫତେପୁର ହୋଇ ॥
କରନ୍ତି ଅତ୍ୟନ୍ତ ଆକଟ । ମାଛି ସିବାକୁ ନାହିଁ ବାଟ ॥
ଏମନ୍ତେ ତିନଦିନ ଗଲା । ଅନ୍ନ ଯେ ଭୋଜନ ନୋହିଲା ॥
ପୁଣି କହନ୍ତି ସେ ଫକୀର । ହେ ଦୂତେ ଆମ୍ଭ ବୋଲ କର ॥
କହରେ ବାଦ୍‌ସା ଆଗେ ଯାଇ । କେବଣ ଦୋଷ କଲି ମୁହିଁ ॥
କିମ୍ପା ସେ ମୋତେ ବନ୍ଦୀ କଲା । ତାକୁ କି ଦଇବ ଛୁଡ଼ଲା ॥
ଏ ଦିଲ୍ଲୀ ସହର ସହିତେ । ଅଛଇ ତାର ଗ୍ରାମ ଯେତେ ॥
ସମସ୍ତ ଜଳରେ ଭସାଇ । ସମୁଦ୍ରେ ପକାଇବ ନେଇ ॥
ନୋହିଲେ ବେଗେ ଛୁଡ଼ିଦେଉ । ଅଧିକ କି କହିବ ଆଉ ॥
ତା ଶୁଣି ବେଗେ ଦୂତ ଗଲେ । ସମସ୍ତ ବୁଝାଇ କହିଲେ ॥
ବାଦ୍‌ସା ବୋଇଲା ହେଉ ହେଉ । ଦେଖିବା ସମୁଦ୍ରେ ପକାଉ ॥
ନୋହିଲେ ବନ୍ଦୀ ହୋଇଥିବ । ତାକୁ କେ ଏଥୁ ଉଦ୍ଧାରିବ ॥
ତା ଶୁଣି ଦୂତେ ବେଗେ ଗଲେ । ବୈଷ୍ଣବ ଆଗରେ କହିଲେ ॥
ବୋଇଲେ ଶୁଣ ଯତିବର । କୋପେ ବୋଇଲେ ଦିଲ୍ଲୀଶ୍ୱର ॥
ଦେଖାଇ ଦେଲେ କରାମତ । ବନ୍ଦୀରୁ ହୋଇବ ମୁକତ ॥
ନୋହିଲେ ଥାଅ ବନ୍ଦୀଘରେ । ଶୁଣି ବୈଷ୍ଣବ କ୍ରୋଧଭରେ ॥
ଲେଙ୍ଗୁଟି ଫିଟାଇଣ ଦେଲେ । ସବୁ ସାକ୍ଷାତେ ମୁତ କଲେ ॥
ବୋଇଲେ ବ୍ରହ୍ମା କୃପାରୁ । ଏ ଦିଲ୍ଲୀଶ୍ୱର ସବୁ ସରୁ ॥
କେବଳ ଜଳମୟ ହେଉ । ଏ ପୁରଗୋଟି ଭାସିଯାଉ ॥
ଏମନ୍ତ ବୋଲନ୍ତେ କେବଳ । ପୁରେ ପୂରିଲା ମୂତଜଳ ॥
ବେନି ପ୍ରହର ମଧ୍ୟେ ପାଣି । ଦିଲ୍ଲୀ ହୋଇଲା ଆଣ୍ଠୁଆଣି ॥
ଦେଖି ଆକୁଳ ପୁରଜନ । କହିଲେ ବାଦ୍‌ସା ସନ୍ନିଧାନ ॥
ବୋଇଲେ ଏ କି ଚମତ୍କାର । ଗ୍ରୀଷ୍ମ କାଳେ ଏତେ ନୀର ॥
ଫକୀରେ ଶତ୍ରୁତା ହେଲେତ । ହେଲେ ମରିବା କଥା ସତ୍ୟ ॥
ତା ଶୁଣି ଦିଲ୍ଲୀ ନରପତି । ହୃଦପଦ୍ମରେ କଲା ଖ୍ୟାତ ॥

ବୋଇଲେ ଚାଲ ସର୍ବେ ଯିବା । ଅତିଥେ ଶରଣ ପଶିବା ॥
ବିନୟ କରି ତାଙ୍କ ପାଦେ । କ୍ଷମା କରାଇ ଅପରାଧେ ॥
ଅନେକ ଧନ ତାଙ୍କୁ ଦେବା । ପ୍ରବୋଧି ତାହାଙ୍କୁ କହିବା ॥
କରି ଅନେକ ରୂପେ ସେବା । ତେବେ ସେ ସଙ୍କଟୁ ତରିବା ॥
ଏମନ୍ତ ବୋଲି ଦିଲ୍ଲୀଶ୍ୱର । ଅନେକ ପ୍ରଜା ସଙ୍ଗତର ॥
ଧନ ବସନ ଆଦି କରି । ମଣୋହି ସଞ୍ଜାମାନ ଧରି ॥
ବୈଷ୍ଣବ ପାଖେ ଯାଇଁ ମିଳି । ସମସ୍ତ ସୈନ୍ୟ ହୋଇ ମେଳି ॥
ତାହାଙ୍କୁ ଦଣ୍ଡବତ କଲେ । ଉଠ କପାଳେ କର ଦେଲେ ॥
ବୋଇଲେ ଦୋଷ କ୍ଷମାକର । ମହିମା ବୁଝିଲି ତୁମ୍ଭର ॥
ମୋ ଅପରାଧମାନ ଯେତେ । ମନେ ନ ଧରି କଦାଚିତେ ॥
ମୁଁ ତୁମ୍ଭ ଧର୍ମର କୁମର । ଏକଥା ଘେନମା ମୋହର ॥
ଆଜ ଦିନରୁଟି ଅବଶ୍ୟ । ଦିଲ୍ଲୀ ବାଳକ ରାମଦାସ ॥
ନାମ ବହିବ ଏ ଜଗତେ । ମୋହର ମାଗୁଣିଟି ଏତେ ॥
ଏମନ୍ତ ବୋଲି ଧନ ଯେତେ । ଥୋଇଲେ ଅତିଥି-ଅଗ୍ରତେ ॥
ଅନେକ ବିନୟୀ କହିଲେ । ଯେ ଯାହା ପୁରେ ଚଳିଗଲେ ॥
ଦେଖିଲେ ଜଳ କିଛି ନାହିଁ । ଧନ୍ୟ ରାମଦାସ ବୋଲାଇ ॥
ଶୁଣ ହେ ମନୁ ନୃପନାଥ । ସାଧୁଙ୍କ ମହିମା ଏମନ୍ତ ॥
ଶୁଣ ହେ ମନ ମହାବଳୀ । ହରି ଭକତ ଏକେ ଭଳି ॥
ଭକତ ଭଗବାନ ଦୁଇ । ଏକ ଆତ୍ମା ଯେ ଭିନ୍ନ ନୋହି ॥
ଏକଥା ଅଟଇ ପ୍ରମାଣ । ସୁଜନଜନେ ଏହା ଶୁଣ ॥
ଏ ଦାର୍ଢ୍ୟଭକ୍ତି ରସ ବାଣୀ । କେବଳ ଭକ୍ତି ତରଙ୍ଗିଣୀ ॥
ତରିବା ନୌକା ଏ କେବଳ । ପ୍ରାଣୀ ବିଶ୍ୱାସ ଏକା ମୂଳ ॥
ଭଣଇ ବିପ୍ର ରାମଦାସ । ମୋ ପ୍ରଭୁ କମଳା ବିଳାସ ॥
ସାଧୁଜନଙ୍କ ପଦାଗ୍ରତେ । ମନ ମୋ ରହୁ ଅବିରତେ ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତି ରସାମୃତେ ମନ ଚୈତନ୍ୟ ସମ୍ବାଦେ
ବାଳକ ରାମଦାସ ମହିମା ବର୍ଣ୍ଣନେ ନାମ ଅଷ୍ଟବିଂଶୋଽଧ୍ୟାୟଃ ।

# ଊନଚତ୍ୱାରିଂଶ ଅଧ୍ୟାୟ
## ବାଳକ ରାମଦାସ ସମ୍ବାଦ

ମନ ଉବାଚ

ମନ ବୋଲଇ ଚଇତନ । କହିଲ ଅପୂର୍ବ ବିଧାନ ॥
ସେ ଯେ ବାଳକ ରାମଦାସ । ଦିଲ୍ଲୀରେ କଲା ଏତେ ଯଶ ॥
କହ ଯେ ପୁଣ କାହିଁ ଗଲେ । କି ଅବା ଦିଲ୍ଲୀରେ ରହିଲେ ॥
ଏ କଥା ଫେଡ଼ି ମୋତେ କହ । ମନରୁ ଫିଟାଅ ସନ୍ଦେହ ॥
ଶୁଣି ଚୈତନ୍ୟ କହେ ହସି । ଶୁଣ ହୋ ମନ ଘଟବାସୀ ॥
ସେ ଯେ ବାଳକ ରାମଦାସ । କଥା କହିଲେ ନୋହେ ଶେଷ ॥
କେବଳ ଅଳପ ଅଳପ କରି । ଶୁଣ କହିବା କଥା ଗୁରି ॥
ଦିଲ୍ଲୀରେ ପ୍ରତିଜ୍ଞା ଦେଖାଇ । ତହୁଁ ଚଳିଲେ ବେଗ ହୋଇ ॥
ସକଳ ସୈନ୍ୟ ସମସ୍ତୁଲେ । ଅନେକ ତୀର୍ଥ ବୁଲିଗଲେ ॥
ଗୋପ ମଥୁରା ବୃନ୍ଦାବନ । କାଳନ୍ଦୀ ଗିରି ଗୋବର୍ଦ୍ଧନ ॥
ଅଯୋଧ୍ୟା ଚିତ୍ରକୂଟ କାଶୀ । କାଞ୍ଚିକାବେରୀ ବାରାଣସୀ ॥
ଦ୍ୱାରକା ଧାମ ରଙ୍ଗନାଥ । ଶ୍ରୀରାମେଶ୍ୱର ପୁଣ୍ୟତୀର୍ଥ ॥
ଶ୍ରୀଲଛମନ କ୍ଷେତ୍ରବର । ଦ୍ୱିତୀ ବୈକୁଣ୍ଠ ପୁଣ୍ୟ ତାର ॥
ସେ ପଞ୍ଚବଟୀ ଗୋଦାବରୀ । ପ୍ରାଣ ନୃସିଂହ ନରହରି ॥
ବଦ୍ରିନାଥ ସୀମାଚଳ । ଶ୍ରୀ ଆଦି କର୍ମ ପୁଣ୍ୟ ସ୍ଥଳ ॥
ବୁଲି ଦେଖିଲେ ତୀର୍ଥମାନ । କରିଣ ପୁଣ୍ୟତୀର୍ଥେ ସ୍ନାନ ॥
ଭ୍ରମନ୍ତି ହରିଧ୍ୱନି କରି । ଯିବା ପଥରେ ପଡେ ହୁରି ॥
କେ କହୁ ତାହାଙ୍କ ଆନନ୍ଦ । ସବୁ ମକୁଟ ବନ୍ଧା ବୃନ୍ଦ ॥
ରବି କିରଣ ସମସରି । ଝଲକେ ଶସ୍ତ୍ରମାନ ଧରି ॥
ଗଜ ତୁରଙ୍ଗ ଧାଡ଼ି ଧାଡ଼ି । ଗମନ୍ତି ରାଜପଥ ମାଡ଼ି ॥
କେବଳ ଧ୍ୟାନ ହୃଦଗତେ । କ୍ଷେତ୍ରକୁ ଯିବାର ନିମନ୍ତେ ॥
ଶ୍ରୀନୀଳାଚଳ ଭଗବାନ । କେବଳ କରିବା ଦର୍ଶନ ॥
ଏମନ୍ତ କରିଣ ବିଚାର । ପ୍ରବେଶ ହେଲେ କ୍ଷେତ୍ରବର ॥

ତହିଁ ସନ୍ନ୍ୟାସୀ ଜଣେ ଥାନ୍ତି । ତା ନାମ ମଦନ ଭାରତୀ ॥
ତା ସଙ୍ଗେ ଅନେକ ସନ୍ନ୍ୟାସୀ । ସମସ୍ତେ ଶାକ୍ତ ଉପବାସୀ ॥
ମେଘ ମନ୍ତ୍ରୀ ଆଦିକରି । ଚଣ୍ଡୀ ପୂଜନ୍ତି ନୈବେଦ୍ୟ ମାରି ॥
କରନ୍ତି ମାଂସ ସୁରାପାନ । ସବୁଙ୍କୁ ଦେଇ ମହାଜ୍ଞାନ ॥
ସେ ଦେଶେ ଯେତେଲୋକ ଛନ୍ତି । ଏହି କର୍ମରେ ମାତିଥାନ୍ତି ॥
ହରିଭକତି ବୋଲି ଯାହା । ସେ ପୁରେ ନ ଜାଣନ୍ତି ତାହା ॥
ଏମନ୍ତେ ସେ ଦେଶେ ପ୍ରବେଶ । ହେଲେ ବାଳକ ରାମଦାସ ॥
ବୁଝିଲେ ସକଳ ଚରିତ । ବୋଇଲେ ଏ କି ବିପରୀତ ॥
ଶ୍ରୀରାମ ଭକ୍ତି ପଥ ଛାଡ଼ି । କିମ୍ପା ଅମାର୍ଗେ ଅଛ ବୁଡ଼ି ॥
ଜୀବ ସାକ୍ଷାତେ ନାରାୟଣ । ଏହା ନ ଜାଣି ମୂଢ଼ମନ ॥
କର ଏ ଜୀବହତ୍ୟାମାନ । ଏ ପାପ ଛାଡ଼ିବ କେସନ ॥
କାହାର ବୋଲେ ଏହା କଲ । ବଅର୍ଥେ ଗଞ୍ଜି ହୋଇ ମଲ ॥
ଜୀବନ୍ତେ ନାହିଁ ସୁଖ ଲେଶ । ମଲେ ନରକେ ପରବେଶ ॥
ପାରିଲେ ଏବେ ବୁଦ୍ଧି କର । ଯେବେ ହୋଇବ ଭବୁ ପାର ॥
ଶ୍ରୀ ହରି ଭକ୍ତି ଭାବେ ରହ । ସକଳ ଜୀବେ ଦୟା ବହ ॥
ସେବ ଯେ ସାଧୁଙ୍କ ଚରଣ । ଦରିଦ୍ରଜନେ ଦିଅ ଦାନ ॥
ଲଲାଟେ ଶ୍ରୀଉର୍ଦ୍ଧ୍ୱ ପୁଣ୍ଡ୍ରର । କଣ୍ଠେ ତୁଳସୀମାଳ ଭର ॥
ନୈବେଦ୍ୟ ନିର୍ମାଲ୍ୟ ସେବା କର । ମୁଖେ ଶ୍ରୀରାମ ନାମ ଧର ॥
ତେବେ ତରିବ ଭବୁଁ ଜାଣ । ନୋହିଲେ ହେବ ଅକାରଣ ॥
ଏମନ୍ତ ଦୀକ୍ଷା ତାଙ୍କୁ ଦେଲେ । ସଜ୍ଞାନ ପଥ ଦେଖାଇଲେ ॥
ତାହା ଶୁଣିଣ ଲୋକେ ଯାଇଁ । ମଦନ ସନ୍ନ୍ୟାସୀକି କହି ॥
କାହୁଁ ବୈଷ୍ଣବ ଜଣେ ଆସି । ସମସ୍ତ ଲୋକଙ୍କୁ ଝିଙ୍ଗାସି ॥
ସନ୍ନ୍ୟାସୀ ଦୀକ୍ଷା ଛଡ଼ାଇଲେ । ବୈଷ୍ଣବ ଦୀକ୍ଷାମାନ ଦେଲେ ॥
ତୁମ୍ଭର ମହତ ସରିଲା । ଶୁଣି ସନ୍ନ୍ୟାସୀ କ୍ରୋଧ କଲା ॥
ବୋଇଲେ ବୁଝିବା ତଦନ୍ତ । କେ ଅବା କେତେ ବଳବନ୍ତ ॥
ଏମନ୍ତ ବୋଲି ଚଳଗଲେ । ଅନେକ ସନ୍ନ୍ୟାସୀଙ୍କ ତୁଲେ ॥

ଲୁକାଇ ସିଂଘା ବେଣୁ ଘଣ୍ଟ । ଦୁଇକୁଳର ହେଲ ଭେଟ ॥
ବୈଷ୍ଣବ ବଳେ ବଳୀୟାର । ଶସ୍ତ୍ର ଶାସ୍ତ୍ରରେ ଯେ ଚତୁର ॥
ସଂଗ୍ରାମେ ଜିଣି ନ ପାରିବା । ସମସ୍ତେ ଜୀବନ ହାରିବା ॥
ବୋଲି ମନରେ କଲେ ଭୟ । ଏଥକୁ କରିବା ଉପାୟ ॥
ବରଗି ଦେବା ଦୂତ ଯାଇ । ବୈଷ୍ଣବ ଆଗେ ଯାଇଁ କହୁ ॥
ମନୁଷ୍ୟ ଜଣେ ନେବା ଧରି । ହାଣିବା ବେନି ଖଣ୍ଡ କରି ॥
ତାକୁ ଯେ ଜୀବଦାନ ଦେବ । ତାହାର କଥା ମୂଳ ହେବ ॥
ଏହି ବିଚ୍ଛର ସର୍ବେ କଲେ । ବୈଷ୍ଣବ ସ୍ଥାମୁରେ ମିଳିଲେ ॥
ତୁମ୍ଭେ ପ୍ରଦେଶୀମାନେ ଆସି । ଆମ୍ଭର ରାଜ୍ୟେ କମ୍ପା ପଶି ॥
ସନ୍ନ୍ୟାସୀ ଧର୍ମ କର ନାଶ । ଦିଅ କେବଣ ଉପଦେଶ ॥
ଏ ତୁମ୍ଭ କେଉଁ ବଡ଼ପଣ । କହ କି ବିଦ୍ୟା ତୁମ୍ଭେ ଜାଣ ॥
ପରୀକ୍ଷା କରିବା ଏଠାରେ । ସମସ୍ତେ ଦେଖନ୍ତୁ ନେତ୍ରରେ ॥
ମୃତ ମଣିଷକୁ ଆଣିବ । ତାହାକୁ ଯେବେ ବଞ୍ଚାଇବ ॥
ତେବେ ତୋ ଆଜ୍ଞାକୁ ଜାଣିବା । ତୋତେ କରିବୁ ସର୍ବେ ସେବା ॥
ଏମନ୍ତ ଶୁଣି ଦାସେ ହସି । ବୋଇଲେ ଶୁଣରେ ସନ୍ନ୍ୟାସୀ ॥
କହିବା ଶୁଣରେ ଦୁର୍ମତି । ଏ କୁମ୍ଭକାର କାଠ ଗଢ଼ି ॥
ଝିଣ୍ଟିକା ଆଦି କାଠ ମାରି । ଆଣି ତା ମନ୍ଦିରରେ ଭରି ॥
ଅନାଦି ମନ୍ତ୍ରେ ଜୀବ ଦେଇ । ଆପଣା ସ୍ୱରୂପ କରଇ ॥
ସେ କାହିଁ ହେଲ ବଡ଼ଜଣ । କେହୁ ସେବିଲ ତା ଚରଣ ॥
ଏହୁ କପଟ ବିଦ୍ୟା କରି । ପ୍ରାଣୀମାନଙ୍କ ଚିତ୍ତ ହରି ॥
ଦିଅ ଅଜ୍ଞାନ ଦୀକ୍ଷାମାନ । ଯିବ ଅବଶ୍ୟ ନର୍କ ସ୍ଥାନ ॥
ଏ କଥାମାନ ଦୂର କରି । ଭଜ କେବଳ ରଘୁବର ॥
ନୋହିଲେ ସର୍ବେ ଯିବେ ନାଶ । ମହାନରକେ ହେବ ବାସ ॥
ଯେବେ ଆମ୍ଭର କରାମତ । ଦେଖିବା ପାଇଁ ଅଛି ଚିତ୍ତ ॥
ଖୋଜଣ ମୃତ ଶବ ଆଣ । ତାକୁ ଜୀଆଇ ଦେବା ପୁଣ ॥
ତେବେ ଜାଣିବ କରାମତ । ସଂଶୟ ହେବ ଦୂରଗତ ॥

ତା ଶୁଣି ବୋଇଲେ ସନ୍ନ୍ୟାସ । ବୁଲଣ ଗଲେ ଦେଶ ଦେଶ ॥
ଦେଖିଲେ ମୃତ ଶବ ଗୋଟି । ଦୁର୍ଗନ୍ଧ ପଡ଼ୁଛି ଚହଟି ॥
କୀଟହିଁ ହୋଇଛି ଅପାର । ପାଶେ ପଶିବା ଶକ୍ତି କା'ର ॥
ଏମନ୍ତ ଶବ ଘେନ ଆସି । ପକାଇ ବୋଇଲେ ସନ୍ନ୍ୟାସୀ ॥
ଏହାକୁ ଯେବେ ଦେବ ପ୍ରାଣ । ଜାଣିବା ତୁମ୍ଭ ସାଧୁପଣ ॥
ନୋହିଲେ ଛାଡ଼ଯାଅ ଦେଶ । ଥିଲେ ଯେ ମାନବୁ ଅବଶ୍ୟ ॥
ତା ଶୁଣି ଶ୍ରୀରାମର ଦାସ । ବୋଇଲେ ଶୁଣ ହେ ସନ୍ନ୍ୟାସ ॥
ଧର୍ମ କହିଲେ ଛଳକରି । ବସିଛ ବିବାଦ ଆବୋରି ॥
ତୁମ୍ଭର ନ ଜାଣିବା ପଣ । ସବୁର ପ୍ରଭୁ ନାରାୟଣ ॥
ସର୍ବ ଜୀବନ ଅଧିକାରୀ । ସକଳ ଘଟେ ଛନ୍ତି ପୂରି ॥
ଜଗତ ହାନି ଲାଭ ଯେତେ । ସେ ସିନା ବୁଝୁଥାନ୍ତି ନିତ୍ୟେ ॥
ମୋହର ବୋଲେ କିସ ହେବ । ସେ ସିନା ଦେଲେ ଏ ଜୀଇବ ॥
ଏମନ୍ତ ବୋଲି ଶବ ଧରି । ବସିଲେ ପ୍ରଭୁ ଧ୍ୟାନ କରି ॥
ବୋଇଲେ ନମୋ ଭଗବାନ । ତୁମ୍ଭେ ଯେ ଆଦି ଅବସାନ ॥
ଅଶେଷ ବ୍ରହ୍ମାଣ୍ଡ ଠାକୁର । ସଂସାର ତୋ'ର ଖେଳଘର ॥
ତେଣୁ ଶରଣ ରାମଦାସ । ତୋପଦେ ମୋହର ବିଶ୍ୱାସ ॥
ଏ ମୃତ ଶବର ଜୀବନ । ଦେଇଣ ରଖ ଭଗବାନ ॥
ଏମନ୍ତ ବୋଲି ଶବ ଘେନି । ଉଚ୍ଚରିଣ ତାର କର୍ଣ୍ଣ ବେନି ॥
ଶ୍ରୀରାମ ତାରକ କହିଲେ । ଉଠ ହୋ ମୃତ ଜୀବ ଭଲେ ॥
ଏମନ୍ତ ବୋଲନ୍ତେ ତକ୍ଷଣ । ପାଇଲା ଶବ ନିଜ ପ୍ରାଣ ॥
ସମସ୍ତେ ଦେଖୁଁ ଦେଖୁଁ ତହିଁ । ଉଠିଲା ସେ ଶବ ବୋବାଇ ॥
ତା ଦେଖି ଲୋକେ ଆଚମ୍ଭିତ । ରହିଲେ ହୋଇ ସ୍ତମ୍ଭୀଭୂତ ॥
ବୋଇଲେ ଏକି ଚମତ୍କାର । ଧନ୍ୟ ମହିମା ଏହାଙ୍କର ॥
ଏମନ୍ତ ବୋଲି ପାଦେ ପଡ଼ି । ସର୍ବେ ରହିଲେ କରଯୋଡ଼ି ॥
ସେ ରାଜା ପ୍ରଜା ଆଦି ଯେତେ । ଚରଣେ ସେବିଲେ ସମସ୍ତେ ॥
ବୋଇଲେ ପଶିଲୁ ଶରଣ । ଆଜୁଁ ଏ ଆଜ୍ଞା ପରମାଣ ॥

ତୋ ଇଚ୍ଛା ଯାହା ତାହା କର । ସମସ୍ତେ ଶିଷ୍ୟ ହେଲୁ ତୋର ॥
ତା ଶୁଣି ଶ୍ରୀରାମଙ୍କ ଦାସ । ମନରେ ହେଲେ ହସ ହସ ॥
ନୃପତି ଆଦି ଯେତେ ଥିଲେ । ତାଙ୍କ ଶ୍ରବଣେ ମନ୍ତ୍ର ଦେଲେ ॥
ତାହାଙ୍କୁ ଜ୍ଞାନବାଟ କହି । ବୈଷ୍ଣବ ଧର୍ମକୁ ଦେଖାଇ ॥
ଜଗତେ ହୋଇଲେ ପ୍ରକାଶ । ସନ୍ନ୍ୟାସୀ ଛାଡିଗଲେ ଦେଶ ॥
ଶୁଣ ହେ ମନ ନୃପବର । ବାଳକ ରାମଦାସଙ୍କର ॥
ମହିମା ଅଟଇ ଏମନ୍ତ । କେ କରୁ ତାହାଙ୍କର ଅନ୍ତ ॥
ତହିଁ ମଠେକ ତୋଳାଇଲେ । ଥୋକେ ବୈଷ୍ଣବ ରଖାଇଲେ ॥
ଧର୍ମଶାଳାହିଁ ତହିଁ କରି । ସେ ଦେଶ ରଜାକୁ ହକାରି ॥
ବୋଇଲେ ଏହି ଧର୍ମେ ଥିବୁ । ସାଧୁଙ୍କ ଚରଣ ସେବିବୁ ॥
ଦୁଃଖୀ ଦରିଦ୍ରେ ଦେବୁ ଦାନ । ରାମ ଭଜନେ ନେବୁ ଦିନ ॥
ଶ୍ରୀରାମାନନ୍ଦ ସମ୍ପ୍ରଦାରେ । ମନ୍ତ୍ର ଘେନିବୁ କର୍ଣ୍ଣଦ୍ୱାରେ ॥
ରଖିବୁ ତୋର ବଂଶାବଳି । ଏ ଆମ୍ଭ ଆଜ୍ଞା ପ୍ରତିପାଳି ॥
ଏମନ୍ତ କହି ତାଙ୍କୁ ଭଲେ । ଆନନ୍ଦେ ତହୁଁ ଚଳିଗଲେ ॥
ଅନେକ ଉତ୍ସବ ଆନନ୍ଦ । ବିଜୟ କଲେ ସାଧୁବୃନ୍ଦେ ॥
ଠମକ ଆନନ୍ଦ କାହାଳି । ଶବଦେ କମ୍ପେ ମହୀଆଳି ॥
ଗଜ ତୁରଙ୍ଗ ବଳ ସଙ୍ଗେ । ଘେନି ଚଳିଲେ ନାନାରଙ୍ଗେ ॥
ସର୍ବେ ଅଟନ୍ତି ଖାରମୟ । ମନେ ତାହାଙ୍କ ନାହିଁ ଭୟ ॥
କେବଳ ନାମ ଧ୍ୱନି କରି । ପଥେ ଗମନ୍ତେ ପଡ଼େ ହୁରି ॥
ଏମନ୍ତ କେତେ ଦିନଠାରେ । ଯାଇଁ ମିଳିଲେ କ୍ଷେତ୍ରବରେ ॥
ତାହାଙ୍କ ପ୍ରତାପ ଶ୍ରବଣେ । ପାଲଟି ଧାଇଁଲେ ବ୍ରାହ୍ମଣେ ॥
ଅନେକ ଧନ ବସ୍ତ୍ର ପାଇ । ଆନନ୍ଦେ ସଙ୍ଗେ ଘେନିଯାଇ ॥
ପ୍ରବେଶ ହେଲେ ସିଂହଦ୍ୱାରେ । ପତିତ ପାବନ ଛାମୁରେ ॥
ସାଷ୍ଟାଙ୍ଗେ ପାଦେ ପଡ଼ି ଶୋଇ । ଉଠି କପାଳେ କର ଦେଇ ॥
ବୋଇଲେ ନୟନେ ଆଜ । ଦେଖିଲି ଶଙ୍ଖ ଚକ୍ର ଭୁଜ ॥
ଏମନ୍ତ କହି ତହୁଁ ଗଲେ । ସମସ୍ତ ବୈଷ୍ଣବଙ୍କ ତୁଲେ ॥

ଦେଖିଲେ କାଶୀବିଶ୍ୱନାଥ । ବାଟେ ମଙ୍ଗଳା ଗୋପୀନାଥ ॥
ଗଣେଶ ଅନନ୍ତ ଶୟନ । ମୁକ୍ତି ମଣ୍ଡପେ ମୁକ୍ତିସ୍ଥାନ ॥
ରୋହିଣୀ କୁଣ୍ଡ କ୍ଷେତ୍ରପାଳ । ବିମଳା ଦେବୀଙ୍କର ଆଳ ॥
ଭଣ୍ଡ ଗଣେଶ ସରସ୍ୱତୀ । ଶ୍ରୀ ମହାଲକ୍ଷ୍ମୀଙ୍କର ସ୍ଥିତି ॥
ବରଅଁଦେବ ରାମ ହରି । ନ ବାର ପ୍ରଦକ୍ଷିଣ କରି ॥
ଦର୍ଶନ ବିଧିମତେ କଲେ । ଗରୁଡ଼ ପଛେ ଯାଇଁ ହେଲେ ॥
ଯହିଁ ପ୍ରବେଶ ହେଲେ ଜୀବ । ଆଉ ନ ଦେଖେ ପୁଣ ଭବ ॥
ଶ୍ରୀ ଜଗମୋହନକୁ ଦେଖି । ସଫଳ କଲେ ଚର୍ମ ଆଖି ॥
ତହୁଁ ଚଳିଲେ ଧୀରେ ଧୀରେ । ଚନ୍ଦନ ଅର୍ଗଳର ଠାରେ ॥
ଦେଖିଲେ ରତ୍ନ ସିଂହାସନ । ଯହିଁ ବିଜୟ ଭଗବାନ ॥
ଶ୍ରୀବଳଦେବ ଦେବୀ ଭୁଲେ । ଦର୍ଶନେ ପବିତ୍ର ହୋଇଲେ ॥
ସେ ଯେ ବାଳକ ରାମଦାସ । ଧ୍ୟାନେ ଚିନ୍ତିଲେ ପୀତବାସ ॥
ବୋଇଲେ ଆହେ ମହାବାହୁ । ଶରଣ ପଞ୍ଜର ବୋଲଉ ॥
ମହା ମହିମା ମହାମେରୁ । ଅଶେଷ ଜୀବନଙ୍କ ଗୁରୁ ॥
ନମସ୍ତେ ଶଙ୍ଖଚକ୍ର ଭୁଜ । ନମୋ ଦେବାଧି ଦେବରାଜ ॥
ନମୋ କମଳା ଦେବୀ ବର । ଶରଣ ପଦ୍ମପାଦେ ତୋର ॥
ଦେଖି ତୋହର ପଦ୍ମମୁଖ । ଗୁଚିଲା କୋଟି ଜନ୍ମ ଦୁଃଖ ॥
ଏ ଜୀବ ଅଭିମାନ ଯେତେ । ସବୁ ଲଗିଲା ପ୍ରଭୁ ତୋତେ ॥
ଏମନ୍ତ ବୋଲି ଭାବ ଭୋଳେ । ପ୍ରଣାମ କରି ପାଦତଳେ ॥
ସହସ୍ରବାର ଦଣ୍ଡବତ । କରିଣ ଉଠିଲେ ତୁରିତ ॥
ଗୁମୁରୁ ମେଲଣି ହୋଇଲେ । ବହୁ ଆନନ୍ଦେ ଚଳିଗଲେ ॥
ଗୁଣ୍ଡିଚା ନଅର ନିକଟେ । ଯେ ଇନ୍ଦ୍ରଦ୍ୟୁମ୍ନର ତଟେ ॥
ଅନେକ ଧନ ଲଗାଇଲେ । ବିଚିତ୍ର ମଠ ତୋଳାଇଲେ ॥
ବତିଶ ବଖରା ଚଉଁରି । ବେଢ଼ା ମଣ୍ଡପ ଆଦି କରି ॥
ଅମୂଲ୍ୟ ପୁରି ନିର୍ମାଣିଲେ । ନିଶ୍ଚିନ୍ତ ହୋଇଣ ରହିଲେ ॥
ଶ୍ରୀ ପୁରୁଷୋତ୍ତମ ଉତ୍ତମ । ଧନରେ ଧନପତି ସମ ॥

ଯେ ଯାହା ପ୍ରକାଶନ୍ତି ଆସି । ଦେଇ ତାହାଙ୍କ ମନ ତୋଷି ॥
ଦୁଃଖୀ ଦରିଦ୍ର ଯେ ଭିକାରି । ଯୋଗୀ ଜଙ୍ଗମ ବ୍ରହ୍ମଚାରି ॥
ଯେବା ଅତିଥି ଉପଗତ । ସବୁଙ୍କୁ ଦ୍ୟନ୍ତି ସଦାବର୍ତ୍ତ ॥
ପ୍ରଭୁ ମଣୋହି ନିତ କରି । ମହାପ୍ରସାଦ ସେବାକରି ॥
ନିତ୍ୟେ ପ୍ରଭୁଙ୍କ ଦରଶନ । କରି ବଞ୍ଚନ୍ତି ଦିବ ଦିନ ॥
ନ କରି କଛିହିଁ ଜଞ୍ଜାଳ । ଏମନ୍ତେ ଗଲା କେତେକାଳ ॥
ଲୋକେ ବୋଇଲେ ଧନ୍ୟ ଧନ୍ୟ । ବୈଷ୍ଣବ ପଣେ ମୋକ୍ଷପାନ ॥
ଜୀବରେ ଏଡ଼େ ଦୟା ହୋଇ । କେହି ତ ଦେଖିବାରେ ନାହିଁ ॥
ଏମନ୍ତ ବୋଲିଣ ସମସ୍ତେ । ପ୍ରଶଂସା କରନ୍ତି ଜଗତେ ॥
କେତେହେଁ କାଳ ବହିଗଲା । ଆସିଣ ମୃତ୍ୟୁକାଳ ହେଲା ॥
ବିଗ୍ରହ କଲେ ମନେ ମନ । ଆଉତ ନାହିଁ ପ୍ରୟୋଜନ ॥
ଦେହ ବହିବା କର୍ମ ଯେତେ । ଆସିଣ ମିଳିଲେ ସମସ୍ତେ ॥
ଏମନ୍ତ ପ୍ରଭୁ ବିଗ୍ରହଣ । ଚିନ୍ତିଲେ ପ୍ରଭୁ ନାରାୟଣ ॥
ଶ୍ରୀରାମ ରୂପ ଧ୍ୟାନକରି । ଶ୍ରୀରାମ ତାରକ ସୁମରି ॥
ଆତ୍ମାରାମଙ୍କୁ ଆଗେ ଥୋଇ । ଆତ୍ମାରେ ଆତ୍ମାକୁ ମିଶାଇ ॥
ଭଜ ଶ୍ରୀରାମ ନାମ ବାଣୀ । ପ୍ରାଣ ଛାଡ଼ିଲେ ତତକ୍ଷଣି ॥
ଜ୍ୟୋତିରେ ଜ୍ୟୋତି ମିଶିଗଲା । ସେ ପିଣ୍ଡ ଅଲଗେ ରହିଲା ॥
ତା ଦେଖି ଭୃତ୍ୟଜନେ ମିଳି । ଅନେକ ଛାଡ଼ିଲେ ବୋବାଳି ॥
ଗୁଣ ବାହ୍ମନ ଯେତ୍ଥାମତେ । ସନ୍ତାପ କଲେ ସେ ସମସ୍ତେ ॥
ଗୁରୁଦେବଙ୍କୁ ଘେନି ଗଲେ । ସୁଗନ୍ଧ ଜଳେ ସ୍ନାନ କଲେ ॥
ଦିବ୍ୟ ସମାଧି ସ୍ଥାନ କରି । ତହିଁ ସୁବାସ ଦ୍ରବ୍ୟ ଭରି ॥
କର୍ପୂର ଶେଯ ଶୋଇଲେ । ତହିଁ ନେଇକେ ଶୁଆଇଲେ ॥
ମୁଦ ପକାଇ ଘୋଡ଼ାଇଲେ । ସମାଧିକର୍ମ ବଢ଼ାଇଲେ ॥
ତହୁଁ ଚଳିଲେ ତତକ୍ଷଣ । ଏଥି ଉତ୍ତାରେ ମନ ଶୁଣ ॥
ସେ ରାଜ୍ୟ ନୃପତିର ଆଗେ । ଖଟୁଆମାନେ ଯାଇ ବେଗେ ॥
କହିଲେ ଶୁଣ ମହାରାୟେ । ଅପୂର୍ବ ବୈଷ୍ଣବ ଗୋଟିଏ ॥

ନାମ ବାଳକ ରାମଦାସ । କ୍ଷେତ୍ରରେ କରିଥିଲା ବାସ ॥
ଅନେକ କାଳ ସେ ବଞ୍ଚିଲା । ଏବେ ସେ ନିଜ ଧାମ ଚଳିଲା ॥
ଅନେକ ଧନ ଅଛି ତାର । ଯେମନ୍ତେ କୁବେର ଭଣ୍ଡାର ॥
ଶୁଣିମା ହେଉ ମହାରାଣ । ନିଜ ଭଣ୍ଡାରେ ତାହା ଆଣ ॥
ତା ଶୁଣି ନୃପ ଶିରୋମଣି । ପେଶିଲେ ଦୂତ ସେହିକ୍ଷଣି ॥
ଅନେକ ଛଡ଼ିଦାର ଗଲେ । ମଠ ବାସନ୍ଦ କରାଇଲେ ॥
ଅନେକ ତର୍ଜନ ଗର୍ଜନ । କରଣ ଲେଖା କଲେ ଧନ ॥
ମଣୋହି କରାଇ ନ ଦେଲେ । ଅନ୍ନହିଁ ସବୁ ବାସନ୍ଦିଲେ ॥
ତା ଦେଖି ଚେଲାମାନେ ଯେତେ । ରୋଦନ କରଣ ସମସ୍ତେ ॥
ସମାଧି ପାଶେ ଚଳିଗଲେ । ବେଢ଼ି ଅନେକ ଡାକାଇଲେ ॥
ବୋଇଲେ ସ୍ୱାମୀ ଗଲେ କାହିଁ । ଆମ୍ଭଙ୍କୁ ପଥରେ ବସାଇ ॥
ଏ ରାଜ୍ୟ ରାଜା ଦୂତ ପେଶି । ଆମ୍ଭଙ୍କୁ ଅନେକ ଝିଙ୍ଗାସି ॥
ତୁମ୍ଭର ଧନ ଥିଲା ଯେତେ । ନେଉଛି କଯୋଗ ନିମନ୍ତେ ॥
ପ୍ରଭୁ ମଣୋହି କାପ ହେବ । ଏ ମଠ କେମନ୍ତେ ଚଳିବ ॥
କି ହେବ ସଦାବର୍ତ୍ତମାନଃ । ପଡ଼ିଲା ଏମନ୍ତ କଷଣ ॥
କେମନ୍ତେ ଯିବ ଆମ୍ଭ ଦିନ । ସମସ୍ତେ ହାରିବୁ ଜୀବନ ॥
ଏମନ୍ତ ବୋଲି ସେ ରୋଦନ୍ତେ । ଥାଇଁ ସମାଧି ମଧ୍ୟ ଗତେ ॥
ବୋଇଲେ ଫିଟାଅରେ ମୋତେ । ବୁଝିବା କଥାମାନ କେତେ ॥
ଆଜ୍ଞା ପ୍ରମାଣେ ଲୋକ ଗଲେ । ସମାଧି ମୁଦ ଫିଟାଇଲେ ॥
ଉଠି ବାଳକ ରାମଦାସ । ଲେଉଟି ମଠରେ ପ୍ରବେଶ ॥
ଚିନ୍ତିଣ ପ୍ରଭୁ ଚକ୍ରପାଣି । ବସିଲେ ମତ୍ତସିଂହ ଜିଣି ॥
ସେବକମାନଙ୍କୁ ପୁଛିଲେ । ସମସ୍ତ ବୃତ୍ତାନ୍ତ ବୁଝିଲେ ॥
ଅଳପ ହୋଇ ହସ ହସ । ବୋଲେ ବାଳକ ରାମଦାସ ॥
ଶୁଣ ହେ ରାଜ ଦୂତମାନେ । କହ ନୃପତି ସନ୍ନିଧାନେ ॥
ଏତେକ ରାଜ୍ୟ ନ ଅଣ୍ଟିଲା । ବୈଷ୍ଣବ ଧନ ଆଶ୍ରେକଲା ॥
ଆମ୍ଭର ମଲେ ସିନା ନେବ । ନୋହିଲେ କି କରି ପାରିବ ॥

ଆମ୍ଭେ ରଖିବୁ କହୁଛନ୍ତି । ଆଗନ୍ତୁ ମରୁ ସେ ରାଜନ ॥
ତାହାଁ ଉପରେ ଆମ୍ଭେ ଯିବା । ଏ କାର୍ତ୍ତି ଜଗତେ ରଖିବା ।
ତା ଶୁଣି ରାଜ ଦୂତମାନେ । ପଳାଇଗଲେ ଭୟ ମନେ ॥
ରାଜାଙ୍କୁ କହିଲେ ସମସ୍ତ । ଶୁଣି ନୃପତି ଆଚମ୍ବିତ ॥
ବୋଇଲେ କି କରିବା କହ । ଶୁଣି କମ୍ପଇ ଆମ୍ଭ ଦେହ ॥
ବେଗେଣ ଯାଅ ଜଣ ଦଶ । ତାହାକୁ ଧରି ଘେନିଆସ ॥
ଶିର ତା ଛେଦନ କରିବା । ଅଗ୍ନି ଲଗାଇ ପୋଡ଼ିଦେବା ॥
ତା ଶୁଣି ପାତ୍ର ମନ୍ତ୍ରୀମାନେ । କହିଲେ ରାଜା ସନ୍ନିଧାନେ ॥
ଏ କଥା ନୁହଇ ଉଚିତ । ସେ ବଇଷ୍ଣବ ପ୍ରଜ୍ଞାବନ୍ତ ॥
କର୍ଣ୍ଣେ ଶୁଣିଲୁ ନାହିଁ ଯାହା । ସାକ୍ଷାତେ ଦେଖିଲୁଟି ତାହା ॥
ତନନ୍ଦନର ମୃତ ଶବ । ପୁଣି ଆସିଲା ପାଇ ଜୀବ ॥
ଜୀଇ ମରିବା ଇଚ୍ଛା ତାର । ସେ ନୋହେ ମନୁଷ୍ୟ ଶରୀର ॥
ସେ ଯେବେ ହେବେ ଅସନ୍ତୋଷ । ତୋ ରାଜବଂଶ ଯିବ ନାଶ ॥
ଗୋଟିଏ ନ ରହିବେ ଆଉ । ଏହା ବିଗ୍ରହେ ଆଜ୍ଞା ହେଉ ॥
ଶୁଣି ନୃପତି ତୋଷ ହେଲା । ଆସିଣ କିଛି ନ ଆକର୍ଷିଲା ॥
ଏମନ୍ତେ ଗଲା ଦଶଦିନ । ପ୍ରାଣ ହାରିଲା ସେ ରାଜନ ॥
ଶୁଣି ବାଳକ ରାମଦାସ । ଚିନ୍ତିଲେ କମଳା ବିଳାସ ॥
ଭଜିଲେ ଶ୍ରୀରାମ ଶ୍ରୀରାମ । ପୁଣି ଗମିଲେ ନିଜଧାମ ॥
ଶୁଣ ହୋ ମନ ଜ୍ଞାନମୟେ ॥ ସାଧୁଙ୍କ ବଳେ ଏହା ହୁଏ ॥
ଏ କଳିଯୁଗେ ଏ ଚରିତ । କହି ଶୁଣିବା ଆଚମ୍ବିତ ॥
ଏ ଦାର୍ଢ୍ୟଭକ୍ତି ରସବାଣୀ । ବିଶ୍ବାସ କରି ଯେବେ ଶୁଣି ॥
କରିବା ନିର୍ମଳ କରି ମନ । ବଦନେ ଯେ କରଇ ପାନ ॥
ତାର ବିପଦ ଥିବ ଯେତେ । ରହିବ ନାହିଁ କଦାଚିତେ ॥
ବିଶ୍ବାସ ବିନା କର୍ମ ଯେତେ । ଫଳ ନ ଫଳେ କଦାଚିତେ ॥
ଚାଲୁଣି ମଧ୍ୟେ ଯେସନ୍ତେ ପାଣି । ଯେତେହେଁ ଭରୁଥିଲେ ଆଣି ॥
କେବେହେଁ ନରହେଟି ଶେଷ । ଏମନ୍ତେ ସେ ହୋଏ ନିରାଶ ॥

କହଇ ରାମଦାସ ଦ୍ୱିଜ । ମୋ ପ୍ରଭୁ ଶଙ୍ଖ ଚକ୍ର ଭୁଜ ॥
ସାଧୁମାନଙ୍କ ଉଦାଗ୍ରତେ । ମୋ ଚିତ୍ତ ରହୁ ଅନୁବ୍ରତେ ॥
କର ନ କର ଇଚ୍ଛା ତୋର । ଅନ୍ୟ ଶରଣ ନାହିଁ ମୋର ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତିରସାମୃତେ ଦଲ୍ଲୀବାଳକ ରାମ ଦାସ
ଦାର୍ଢ୍ୟତାର୍ଣ୍ଣବ ବର୍ଣ୍ଣନେ ନାମ ଊନଚତ୍ୱାରିଂଶୋଽଧ୍ୟାୟଃ ।

—*—

# ଚତ୍ୱାରିଂଶ ଅଧ୍ୟାୟ

## କୃପାସିନ୍ଧୁ ଦାସ ସମ୍ବାଦ

ମନ ଉବାଚ

ନମସ୍ତେ ପ୍ରଭୁ ବ୍ରଜରାଜ । ସୁଫଳ କର ମୋର କାର୍ଯ୍ୟ ॥
କହେ ଚୈତନ୍ୟ ମୁନିବର । ସୁମନ ନୃପତି ଆଗର ॥
ଶୁଣିବା ହେଉ ଶୁଦ୍ଧଭାବେ । ମୁଁ ଯାହା କହୁଅଛି ଏବେ ॥
ଏ ବଡ଼ ଦୁର୍ଲ୍ଲଭ ଚରିତ । କେବଳ ଶ୍ରବଣେ ଅମୃତ ॥
ଶୁଦ୍ଧ ପଶ୍ଚିମ ଦେଶ ଯେହୁ । ସ୍ୱଗକୁ ଯିବା ମାର୍ଗ ସେହୁ ॥
ସେ ଦେଶ ଏକଇ ସହର । ନାମ ତା ଲୀଳାବର୍ଣ୍ଣ ପୁର ॥
ସେହୁ ଗ୍ରାମରେ ତାର ବାସ । ନାମ ତା କୃପାସିନ୍ଧୁ ଦାସ ॥
ଜାତିରେ ଅଟଇ ବ୍ରାହ୍ମଣ । ନିରତେ ବିଷ୍ଣୁ ପରାୟଣ ॥
ଧନ ସମ୍ପଦ ଅପ୍ରମିତ । ବେନି ଦୁହିତା ତିନି ସୁତ ॥
ତାର ଭାରିଯା ରୂପବନ୍ତୀ । ନାମ ତାହାର ଶ୍ରଦ୍ଧାବନ୍ତୀ ॥
ସ୍ୱାମୀ ସେବାରେ ଦୃଢ଼ମତି । କେବଳ ଜାଣେ ବିଷ୍ଣୁଭକ୍ତି ॥
ନ ଜାଣେ ଅନ୍ୟ ଦେବମାନ । ଜାଣଇ ସ୍ୱାମୀ ଭଗବାନ୍ ॥
ସ୍ୱାମୀ ଆଜ୍ଞାରେ ଥାଇ ନିତି । ଶ୍ରଦ୍ଧା ନ ଭଙ୍ଗେ ଶ୍ରଦ୍ଧାବନ୍ତୀ ॥
ଏମନ୍ତେ ପତ୍ନୀ ସଙ୍ଗେ ଘେନି । ବଞ୍ଚଇ ଦିବସ ରଜନୀ ॥
ପୁରାଣ ଶୁଣୁଥାଇ ନିତି । ସାଧୁଙ୍କ ଚରଣେ ଭକତି ॥

ସକଳ ଜୀବେ ଦୟାବାନ । କହେ ସେ ମଧୁର ବଚନ ॥
ପାଷାଣ୍ଡ ଜନଙ୍କ ସଙ୍ଗତେ । ବସଇ ନାହିଁ କଦାଚିତେ ॥
ମିଥ୍ୟା ବୋଇଲେ ମୃତ୍ୟୁ ତାର । ଜାଣଇ ସତ୍ୟ ଏକ ସାର ॥
ଦେବ ବ୍ରାହ୍ମଣେ ମହାଭୟ । ହରତେ ସଦାନନ୍ଦ ମୟ ॥
ବୈଷ୍ଣବ ବ୍ରାହ୍ମଣ ଭିକାରୀ । ଯୋଗୀ ଜଙ୍ଗମ ବ୍ରହ୍ମଚାରୀ ॥
ଦୁଃଖୀ ଦରିଦ୍ର ଯେଉଁ ନରେ । ସେ ଆସି ପ୍ରବେଶିଲେ ଦ୍ୱାରେ ॥
ଯାଅ ବୋଲିବା ପଦ ନାହିଁ । ଯେ ଯାହା ମାଗିଲେ ଦିଅଇ ॥
ବସ୍ତ୍ର ଭୋଜନ ଆଦି ଯେତେ । ରଜତ କାଞ୍ଚନ ସହିତେ ॥
ଦେଇ ତୋଷଇ ତାର ମନ । ଲୋକେ ବୋଲନ୍ତି ଧନ୍ୟ ଧନ୍ୟ ॥
ଏମନ୍ତେ କେତେଦିନ ଗଲା । ତା ଯଶ ଜଗତେ ପୂରିଲା ॥
ଶୁଣ ହୋ ମନ ଶୁଦ୍ଧ ଚିତ୍ତେ । ଏଥି ଉତ୍ତରେ କଥା ଯେତେ ॥
ଦଇବ ଘଟସ୍ୱନ ମାନ । କେ ତାହା କରିପାରେ ଆନ ॥
ପୁତ୍ର ଦୁହିତା ତାର ମଲେ । ଗୋଟିଏ କେହି ନ ରହିଲେ ॥
ଏକା ରହିଲେ ତାତ ମାତ । ତାର ସମ୍ପଦ ହେଲା ଚ୍ୟୁତ ॥
ଖାତକେ ନେଲେ ଧନ ବାଡ଼ି । ଅନଳେ ଗଲା କଛୁ ପୋଡ଼ି ॥
ଖଣ୍ଡି ଚଉର୍ଯ୍ୟ ଆଦି ଯେତେ । ଏମାନେ ନେଲେ ଧନ କେତେ ॥
ଏମନ୍ତେ ସର୍ବସ୍ୱ ଗଲା । ମହା ଦରିଦ୍ର ଦୁଃଖୀ ହେଲା ॥
ଏଥକୁ ଶୋଚନା ନକରି । ବୋଲେ ଯା କରିବେ ଶ୍ରୀହରି ॥
ସଂସାର ଯାର ଖେଳଘର । ଏ ସର୍ବ ଆଶ୍ରୟ ଯାହାର ॥
କୀଟରୁ ବ୍ରହ୍ମଆଦି କରି । ଯେତେ ଅଛନ୍ତି ଦେହଧରି ॥
ଏମନ୍ତ ବୋଲଣ ସୁଚିତ୍ତେ । ହରି ଭଜନ କରି ନିତ୍ୟେ ॥
ବଞ୍ଚଇ ରଜନୀ ଦିବସ । ମନେ ତା କ୍ଷୋଭ ନାହିଁ ଲେଶ ॥
କେବଳ ଚିନ୍ତା ତାର ଏତେ । ଦ୍ୱାରକୁ ଆସିବେ ଅତିଥେ ॥
ଆସିଲେ ଲେଉଟି ସେ ଯିବେ । ଏଥକୁ କି କରିବା ଏବେ ॥
ଏହି ଚିନ୍ତାହିଁ ମନେ ତାର । କେ କହେ କାହାର ଆଗର ॥
ଏମନ୍ତେ କେତେ ଦିନଠାରେ । ତା ପତ୍ନୀ ସ୍ୱାମୀର ଆଗରେ ॥

ଅତି ମଧୁର ଧୀରବାଣୀ । ବିନୟେ କହିଲା ସେ ପୁଣି ॥
ବୋଇଲା ଶୁଣ ମୋ ବଚନ । ଆଉ ତ ନାହିଁ କିଛି ଧନ ॥
ଘରେ ପିତ୍ତଳ ସଜ ଯେତେ । ଯେ ତମ୍ବା କଂସାହିଁ ସହିତେ ॥
ବଡ଼ ସାନହିଁ ଯେତେ ଥିଲା । ସମସ୍ତ ବିକାରେ ଯେ ଗଲା ॥
ତୋରଣି ପିଇବା କାହିଁରେ । ଖଣ୍ଡିଏ ପାହନାହିଁ ଘରେ ॥
ଯେ ପୁରାତନ ବସ୍ତ୍ର ଥିଲା । ତାହାତ ସବୁ ବିକାଗଲା ॥
ସବୁ ହୋଇଲା ଆସି ଶେଷ । ଏବେ ରହିଲୁ ଉପବାସ ॥
କଷ୍ଟ ପଡ଼ିବା କର୍ମ ଯେତେ । ତାହାତ ନୋହେ ତୁମ୍ଭ ଚିତ୍ତେ ॥
ମୂଲ ତ ଲଗି ନ ପାରିବ । ଭିକ୍ଷା ତ ମାଗି ନ ଜାଣିବ ॥
ଏଥକୁ କି ବୁଦ୍ଧି କରିବା । ନିଶ୍ଚୟେ ଜୀବନ ହାରିବା ॥
ତା ଶୁଣି ବୋଇଲେ ଦ୍ୱିଜ ପତି । ମୋ ବାଣୀ ଶୁଣରେ ଯୁବତି ॥
ଆମ୍ଭ ଅଦୃଷ୍ଟେ ଅଛି ଯାହା । ଅବଶ୍ୟ ଭୁଞ୍ଜିବାନା ତାହା ॥
ଏଥକୁ କିଛିହିଁ ନ ଭଲ । ଯାହା କରିବେ ଆଦିମୂଳ ॥
ତା ଶୁଣି ପତ୍ନୀ ବୋଲେ ଶୁଣ । ତୁମ୍ଭେ ଯା କହିଲ ପ୍ରମାଣ ॥
ସଂସାରେ ଦେହଧାରୀ ଯେତେ । ଅନ୍ନରେ ବଞ୍ଚନ୍ତି ସମସ୍ତେ ॥
ଅନ୍ନ ନ ପାଇ କେତେଦିନ । ରହିବ ଏ ପାପ ଜୀବନ ॥
ଆଜ କି କରିବା ବିଚାର । ଏ କଥା ଗୋଟି ମୂଳକର ॥
ତାଶୁଣି ବୋଲେ ସ୍ୱାମୀ ଥାଇ । ଶୁଣ ମୋହର ପ୍ରାଣସହି ॥
ଏ କଥା ମାହକ ତୁ କର । ଯାଅ ତୁ ମିତ୍ରଙ୍କର ଘର ॥
ମାଣ୍ଡିଆ ଚୂନା ଦଶମାଣ । ଉଧାର କରି ମାଗିଆଣ ॥
କରିବା ଦଶଗୋଟି ରୁଟି । ତହୁଁ ମୁଁ ଧରି ପାଞ୍ଚଗୋଟି ॥
ଯିବି ମାଳାଦ୍ରି ପୁରଯାଏ । ସେ ଗ୍ରାମେ ଖାତକ ଗୋଟିଏ ॥
ହୋଇ ଅଛଇ ଭାଗ୍ୟବନ୍ତ । ତା ଠାରେ ଅଛି ଆମ୍ଭ ବିତ୍ତ ॥
ସେ କିଛି ଦେଲେ ତାହା ଆଣି । ଖାଇ ବଞ୍ଚିବା ବେନି ପ୍ରାଣୀ ॥
ଯାଇ ଆସିବା ପାଞ୍ଚଦିନ । ଲାଗିବ ଯୁବତି ରତନ ॥
ଏଥକୁ ଚିନ୍ତା ନ କରିବୁ । ଆନନ୍ଦ ହୋଇ ଘରେ ଥିବୁ ॥

ଶୁଣି ଯୁବତୀ ଶିରୋମଣି । ମନେ ଚିନ୍ତଇ ଚକ୍ରପାଣି ॥
ସ୍ୱାମୀର ଆଜ୍ଞା ଘେନି ଶିରେ । ଚଳିଲା ମଇତ୍ରଙ୍କ ଘରେ ॥
ସେ ମିତ୍ର ପତ୍ନୀର ଅଗ୍ରତେ । କହିଲା ଦୁଃଖ ସୁଖ ଯେତେ ॥
ବୋଇଲା ସଙ୍ଗାତ ଗୋ ଶୁଣ । ମାଣ୍ଡିଆ ଚୂନା ଦଶମାଣ ॥
ଦେଇଥାଅ ଗୋ ତୁ ଉଧାର । ଅନେକ ହେବ ଉପକାର ॥
ମିତ୍ର ତୁମ୍ଭର ତାହାଧରି । ଯିବାକୁ ଛନ୍ତି ମନେକରି ॥
ନୀଳାଦ୍ରିପୁର ପରିଯନ୍ତେ । ତହିଁ ଖାତକ ଜଣ କେତେ ॥
ଅଛନ୍ତି କୁଟିଳ ହୋଇଣ । ସାଧି ଆଣିବେ କଷ୍ଟ ଋଣ ॥
ଯାହା ସେ ଦେବେ ଭଗବାନ । ଖାଇ ବଞ୍ଚିବୁ କଷ୍ଟଦିନ ॥
ତା ଶୁଣି ମିତ୍ରପତ୍ନୀ ଯାଇ । ସ୍ୱାମୀ ଆଗରେ ତାହା କହି ॥
ମାଣ୍ଡିଆ ଚୂନା ମାଣ ଦଶ । ଆଣି ସେ ଦେଲା ତାର ପାଶ ॥
ତାହା ଧରିଣ ବେଗେ ଚଳି । ନିଜ ମନ୍ଦିରେ ଯାଇ ମିଳି ॥
ସ୍ୱାମୀର ଆଗେ ନେଇ ଦେଲା । ଏହା କି କରିବ ବୋଇଲା ॥
ସ୍ୱାମୀ ବୋଲଇ କର ରୋଟି । ଗଣନ୍ତେ ହେବ ଦଶଗୋଟି ॥
ତହୁଁ ମୁଁ ପାଞ୍ଚଗୋଟି ଘେନି । ପ୍ରଭାତୁ ଯିବିରେ କାମିନୀ ॥
ତୁମ୍ଭର ପାଞ୍ଚଗୋଟି ଥିବ । ମୋଇ ଆସିବା ଯାଏ ହେବ ॥
ଦୁହେଁ ଜୀବନ ରକ୍ଷା କରି । ପଛେ ଯା କରିବେ ଶ୍ରୀହରି ॥
ସେ କଥା ହେବ ତ ଅବଶ୍ୟ । ଏବେ ତୁ ରୋଟି କର ଦଶ, ॥
ତା ଶୁଣି ବୋଲେ ପ୍ରିୟୁବତୀ । ତୁମ୍ଭେ ମୋହର ପ୍ରାଣପତି ॥
ବୃଦ୍ଧ ହୁଇର ପ୍ରାୟ ହୋଇ । କେବେ ଅନ୍ତର ହୁଅ ନାହିଁ ॥
ଏବେ ଛାଡ଼ିଣ ମୋତେ ଯିବ । ଏହା ସେ ଲେଖିଲା ଦଇବ ॥
ତୁମ୍ଭ ଅଇଲା ପରିଯନ୍ତେ ! । ମୋ ଦିନ ସରିବ କେମନ୍ତେ ॥
ଏମନ୍ତ କହି ଥନ ଥନ । କରିଣ ତା ବେନି ନୟନ ॥
ଉଠିଲା କରିଣ କାରୁଣ୍ୟ । ସ୍ୱାମୀ ବୋଲଇ ସଖୀ ଶୁଣ ॥
କମ୍ପା ତୁ ହେଉଛୁ ବିକଳ । ସବୁର ପ୍ରଭୁ ଆଦିମୂଳ ।
ସମସ୍ତ ଜୀବର କାରଣି । ଅଶେଷ ଜନ ଚିନ୍ତାମଣି, ॥

ସେ ଜଳ ଭକ୍ତଭାବେ କରି । ଦେଖି ପିଇଲେ ନରନାରୀ ॥
ଅତି ଆନନ୍ଦମନ ହୋଇ । ବୃଦ୍ଧଙ୍କୁ ଆସନେ ବସାଇ ॥
ଆଣି ସେ ଦେଲେ ବେନି ଗୋଟି । ଭୁଞ୍ଜିଣ ଗୋବିନ୍ଦ ନ ଉଠି ॥
ତାହା ଦେଖିଣ ନରନାରୀ । ଦୁହେଁ ହୋଇଲେ ଠାରାଠାରି ॥
ଭିତରେ ଗଲା ଧର୍ମଓଷ୍ଟ୍ରୀ । ପୁଣି ଆଣିଲା ବେନି ଗୋଟି ॥
ଶ୍ରୀହରି ପତ୍ରେ ନେଇ ଦେଲେ । ତାହା ସେ ଗୋବିନ୍ଦ ଭୁଞ୍ଜିଲେ ॥
ତା ଦେଖି ପତି ପତ୍ନୀ ହୃଷ୍ଟ । ଜାଣିଲେ ପୂରନାହିଁ ପେଟ ॥
ପୁଣି ଦେଲେକ ବେନି ଗୋଟି । ପ୍ରଭୁ ତା ଭୁଞ୍ଜିସାରି ଉଠି ॥
ରହିଲା ଗୁରିଗୋଟି ଶେଷ । ତାହା ଜାଣନ୍ତି ପୀତବାସ ॥
ବିଚାର କଲେ ପ୍ରଭୁ ମନେ । ଆଜ ରହିବା ଏହି ସ୍ଥାନେ ॥
ବାକୀ ଯେତେକ ଗୋଟି ଅଛୁ । ତାହା ମୁଁ ଯିବି ପଛେ ଭକ୍ଷି ॥
ସବୁ ଭୁଞ୍ଜିଲେ ବର୍ତ୍ତମାନେ । କି ଘେନି ଯିବଇଁ ପ୍ରସ୍ଥାନେ ॥
ଏଣୁ ଏତିକ ଏବେ ହେଉ । ଏହା ବିଚାରି ମହାବାହୁ ॥
ଶ୍ରୀହସ୍ତେ ମୁଖ ପଖାଳଣ । ହସି ବୋଇଲେ ନାରାୟଣ ॥
ଦୁର୍ଲ୍ଲଭ ଭୋଜନ ପାଇଲୁ । ଭୁଞ୍ଜି ଉଦର ସୁସ୍ଥ କଲୁ ॥
ଆଜକ ତୋ ପୁରେ ରହିବୁ । ପ୍ରଭାତୁ ଉଠି ଆମ୍ଭେ ଯିବୁଁ ॥
ତା ଦେଖି ପତି ପତ୍ନୀ ଦୁଇ । ଆନନ୍ଦ କେ ପାରିବ କହି ॥
ସମ୍ମତ କରିଣ ରଖିଲେ । ଏକାନ୍ତେ ବସି ବିଚାରିଲେ ॥
ଅତିଥି ଅତ୍ୟନ୍ତ ଦୁର୍ବଳ । ଚାଲି ଯିବାକୁ ନାହିଁ ବଳ ॥
ଦୁଇ ଗୁରିଦିନ ରହନ୍ତେ । ଈଶ୍ୱର କରି ନାହିଁ ମୋତେ ॥
ଏବେ ତୁ ଶୁଣ ଗୋ ଧର୍ମୋଷ୍ଟ୍ରୀ । ବାକି ଯେ ଅଛି ଗୁରିଗୋଟି ॥
ଏ ଓଳି ଅତିଥିଙ୍କି ଦେବା । ଆମ୍ଭେ ପଞ୍ଚକେ ଭୋକେ ଥିବା ॥
ତାହା ଶୁଣିଣ ଶ୍ରଦ୍ଧାବନ୍ତି । ବୋଇଲେ ଶୁଣ ପ୍ରାଣପତି ॥
ଏ ବଡ଼ ଭାଗ୍ୟ କଥା ହେଉ । ଅତିଥି ଅସନ୍ତୋଷ ନୋହୁ ॥
ମାଂସକ ପାହିଲେ ରଜନୀ । ଅତିଥି ଯିବେ ହୋଇ ଭିନ୍ନ ॥
ଏମନ୍ତ କହୁଁ ଦିନ ଶେଷ । ରଜନୀ ହୋଇଲା ପ୍ରବେଶ ॥

ଅତିଥି ବିଜେ କରାଇଲେ । ସେ ଗୃହଗୋଟି ଦେଖି ଦେଲେ ॥
ସବୁ ଭୁଞ୍ଜିଲେ ନାରାୟଣ । ବଢ଼ିବା ପାଇଁ ଏ କଷଣ ॥
ଦିଅନ୍ତି ଅବଶ୍ୟ ଶ୍ରୀହରି । ସୁଜନେ ଥାଅ ହେତୁ କରି ॥
ଭୁଞ୍ଜି ଉଠିଲେ ଭାବଗ୍ରାହୀ । ଶ୍ରୀମୁଖପଦ୍ମ ହସ୍ତେ ଧୋଇ ॥,
ଶୟନ କଲେ ତୃଣାସନେ । ଭାବ ଭକତଉତ୍ସବ ମନେ ॥
ଧନ୍ୟ ସେ ଦୁହିଁଙ୍କ ଜୀବନ । ଭକତ ମଧ୍ୟେ ମୋକ୍ଷପାନ ॥
ଆପଣେ ରହି ଉପବାସେ । କେ ଦେବ ଅତିଥିଙ୍କ ପାଶେ ॥
ଏମନ୍ତ ଭାବ ଭଗବାନ । ଭାବ ସମୁଦ୍ରେ ହେଲେ ମଗ୍ନ ॥
ତେଣେ ସେ ଦମ୍ପତୀ ଦୁଇ । ଶୟନ କଲେ ଗୃହେ ଯାଇ ॥
ପ୍ରଭୁ ମହିମା ମନେ ଗୁଣି । ନମୋ ନମସ୍ତେ ଚକ୍ରପାଣି ॥
ତୁ ଦୀନବାନ୍ଧବ ବୋଲାଉ । ଆର୍ତ୍ତଙ୍କ ଆର୍ତ୍ତ ନ ସହୁ ॥
ମୋ ଆର୍ତ୍ତି ଖଣ୍ଡ ଦେବରାଜ । ମହିମା ଦେଖାଅ ତୋ ଆଜ ॥
ଅତିଥି ନିମନ୍ତେ ଭୋଜନ । କାହୁଁ ଖଞ୍ଜିବ ଭଗବାନ ॥
ଆମ୍ଭେ ପଞ୍ଚକେ ଉପବାସେ । ରହିବୁଁ ରଜନୀ ଦିବସେ ॥
ଏମନ୍ତ ଭାବୁ ବେନି ପ୍ରାଣୀ । ତାହା ଜାଣିଲେ ଚକ୍ରପାଣି ॥
ତା ଦୁଃଖ ନ ପାରିଲେ ସହି । ବେଗେ ଉଠିଲେ ଭାବଗ୍ରାହୀ ॥
ଆଜ୍ଞା ଯେ ଦେଲେ ଭଗବାନ । ତୋ ଘରେ ପୂରିଥାଉ ଧନ ॥
ବସ୍ତ୍ରାଦି ଅଳଙ୍କାର ଯେତେ । ଭୋଜନ ଦ୍ରବ୍ୟାଦି ସହିତେ ॥
ଜୀବନ୍ତେ ପୂରିଥାଉ ତୋର । ବଞ୍ଚିଣ ସୁଖେ ଭୋଗକର ॥
ମଲେ ବୈକୁଣ୍ଠେ ଠାବ ପାଅ । ଭକତ ମଧ୍ୟେ ଗଣ୍ୟ ହୁଅ ॥
ଏମନ୍ତ ଆଜ୍ଞା ତାକୁ ଦେଲେ । ତକ୍ଷଣେ ଅନ୍ତର୍ଦ୍ଧାନ ହେଲେ ॥
ଏମନ୍ତେ ପାହିଲା ରଜନୀ । ଉଦୟ ହେଲେ ଦିନମଣି ॥
ପତ୍ନୀ ତା ବେଗ ହୋଇ ଉଠି । ନିଜ ଘରକୁ ଦେଲା ଦୃଷ୍ଟି ॥
ଦେଖିଲା ଧନ ରତ୍ନମାନ । ପୂରି ଯେ ଅଛଇ ଭୁବନ ॥
ବସ୍ତ୍ର ଭୂଷଣ ଅଳଙ୍କାର । ଅଛଇ ଅନେକ ପ୍ରକାର ॥
ଭୋଜନ ଦ୍ରବ୍ୟଆଦି ଯେତେ । ମାଣ୍ଡିଆ ମସୁର ସହିତେ ॥

ସବୁର ଦୁଃଖ ସୁଖ ଯେତେ । ସେ ସିନା ବୁଝିଥାନ୍ତି ନତ୍ୟେ ॥
ସକଳେ ଘଟେ ଛନ୍ତି ପୂରି । ସବୁରି କର୍ମରଜ୍ଜୁ ଧରି ॥
ସଂସାର କରେ ଆତଜାତ । ସବୁ ଏ ତାହାଙ୍କ ଆୟତ୍ତ ॥
ସେ ପ୍ରଭୁ ଅଛନ୍ତି ଆମ୍ଭର । ମନରେ ସଂଶୟ ନକର ॥
ବେଗେ କର ତୁ ଯାଇ ବେଠି । ଶୁଣି ସୁନ୍ଦରୀ ଗଲା ଉଠି ॥
ତକ୍ଷଣେ ଶୁଚିମନ୍ତ ହୋଇ । ଶ୍ରୀୟା ଦେବୀଙ୍କି ମନେ ଧ୍ୟାୟୀ ॥
ଚୂଲରେ ଅଗ୍ନି ଯୋଗକରି । ମାଣ୍ଡିଆ ଚୂନା ଗୋଳକରି ॥
ତହିଁ ଲବଣ କିଛି ଭରି । ବେଠି ସେ ଦଶଗୋଟି କରି ॥
ଅନଳ ତପ୍ତେ ସିଝାଇଲା । ଯତନ କରିଣ ଥୋଇଲା ॥
ଏମନ୍ତ ବେଳେ ଦେବହରି । ଭାବେ ବୈଷ୍ଣବ ରୂପ ଧରି ॥
ମସ୍ତକେ ଶୋହେ ଜଟାଭାର । ବିଭୂତି ଭୂଷଣ ଶରୀର ॥
ଭାଲେ ତିଳକ ଶୋଭାକର । କଣ୍ଠେ ତୁଳସୀମାଳ ହାର ॥
ଶ୍ରବଣେ କୁଣ୍ଡଳ ବରଜେ । ଡୋର କୌପୁନ କଟୀମାଝେ ॥
ଯେନ ଶ୍ରୀକରେ ତମ୍ବା ଯଷ୍ଟି । କି ଅବା ବିଜୟ ଧୂର୍ଜ୍ଜଟୀ ॥
ଅତି ଦୁର୍ବଳ ବୃଦ୍ଧ ତନୁ । କ୍ଷୀଣ ଦିଶୁଛି ବପୁ ବନୁ ॥
ପେଟ ଲାଗୁଛି ପୃଷ୍ଠ ଦେଶେ । ପଞ୍ଜରା ଗୋଟି ଗୋଟି ଦିଶେ ॥
ବସିଲେ ନ ପାରନ୍ତି ଉଠ । ଚାଲନ୍ତେ ପଡୁଛନ୍ତି ଝୁଣ୍ଟି ॥
କହିବା ହୋଇଲେ ବଚନ । ଛୁଡ଼ିଯାଏ କି ଦେହୁ ଜ୍ଞାନ ॥
ଅତି ଦୁର୍ବଳ ତାଙ୍କ କାୟେ । କେବଳ ଦିଶେ ଜ୍ୟୋତିର୍ମୟେ ॥
ଏମନ୍ତ ରୂପେ ବ୍ରହ୍ମର୍ଷି । ବିଜୟ କଲେ ଦ୍ୱାରେ ଆସି ॥
ଡାକିଲେ ଦାସଙ୍କର ଘରେ । କେ ଅଛ ଆସ କିନା ଥରେ ॥
ଦ୍ୱାରେ ଅତିଥି ଉପଗତ । ଏ କଥା ବୁଝ ହେ ତୁରିତ ॥
ତା ଶୁଣି କୃପାସିନ୍ଧୁ ଦାସ । ମନରେ ହୋଇଣ ହରଷ ॥
ବେଗେ ମିଳିଲେ ଦ୍ୱାରେ ଆସି । ଦର୍ଶନ କଲେ ବ୍ରହ୍ମର୍ଷି ॥
ମସ୍ତକେ ବେନିକର ଦେଇ । ବୋଲେ ବିନୟ ଭାବ ହୋଇ ॥
କି ଆଜ୍ଞା ହେଉଅଛି ମୋତେ । କହିବା ହେଉ ଶୁଦ୍ଧଚିତ୍ତେ ॥

ତା ଶୁଣି ପ୍ରଭୁ ଚକ୍ରପାଣି । ବୋଇଲେ ଶୁଣ ମୋର ବାଣୀ ॥
ଏ ତୋର ଯଶ କୀର୍ତ୍ତି ଯେତେ । ଆମ୍ଭେ ଶୁଣିଲୁ ନାନାମତେ ॥
ତେଣୁ ଅଇଲୁ ତୋର ପାଶେ । ତିନଦିନର ଉପବାସେ ॥
କହିବା ଶକ୍ତି ମୋର ନାହିଁ । ଭୋଜନ ପାରିବୁ କି ଦେଇ ॥
ବୋଲନ୍ତେ କାର୍ଯ୍ୟ ନାହିଁ ଆଉ । ନାହିଁ ବୋଇଲେ ଚଳିଯାଉ ॥
ତା ଶୁଣି କୃପାସିନ୍ଧୁ ଦାସ । କହିଲେ ଅତିଥିଙ୍କ ପାଶ ॥
ତୁମ୍ଭଙ୍କୁ ଦେବାକୁ ଭୋଜନ । ମୁଁ ଘରର ନୁହଇ ରାଜନ ॥
ଯାହା ସେ ଦେଇଥିବେ ହରି । ତାହା ଭୋଜନ ନିବ କରି ॥
ଦଣ୍ଡେକ ମାତ୍ର ଏଥି ବସ । ବୋଲି ସେ ମନ୍ଦିରେ ପ୍ରବେଶ ॥
କହିଲା ପତ୍ନୀ ସନ୍ନିଧାନ । ଅତିଥି ମାଗନ୍ତି ଭୋଜନ ॥
ଅତି ଦୁର୍ବଳ ବୃଦ୍ଧଦେହୀ । ଚାଲିବା ଶକ୍ତି ତାଙ୍କ ନାହିଁ ॥
ଏଥକୁ କହ କି ବିଚାର । କି ବୁଦ୍ଧି କରିବା ଏଥର ॥
ପତ୍ନୀ ବୋଇଲା ଏ କି କଥା । ମନେ ନ କର କିଛି ଚିନ୍ତା ॥
ତୁମ୍ଭ ଭାଗକୁ ତୁମ୍ଭେ ନିଅ । ମୋ ଭାଗ ଅତିଥିଙ୍କି ଦିଅ ॥
ବଳିଲେ କରିବି ଭୋଜନ । ନୋହିଲେ ହେବ ଜଳପାନ ॥
ତୁମ୍ଭ ଅଇଲା ପରସନ୍ତେ । ପ୍ରାଣତ ଥିବ ପିଣ୍ଡଗତେ ॥
ଏଥକୁ ଅଛି କି ବିଚାର । ଆଗେ ଅତିଥି ସେବା କର ॥
ତା ଶୁଣି ସ୍ୱାମୀ ବୋଲେ ସ୍ତ୍ରୀହିଁ । ଧନ୍ୟ ତୋ ଜୀବନ ଅଟଇ ॥
ମୋ ଜୀବ ଉଦ୍ଧାର ନିମନ୍ତେ । ବିହି ଖଞ୍ଜିଛି ତୋତେ ମୋତେ ॥
ଏମନ୍ତ ବୋଲଣି ହରଷେ । ମିଳିଲା ଅତିଥିଙ୍କ ପାଶେ ॥
ବୋଲଇ ସ୍ୱାମୀ ବିଜେକର । ଶୁଣି ଉଠିଲେ ଚକ୍ରଧର ॥
ସଙ୍ଗତେ ଘେନି ଚଳିଗଲେ । ମନ୍ଦିରେ ବିଜେ କରାଇଲେ ॥
ଆନନ୍ଦେ ପାଦପଦ୍ମ ଧୋଇ । ପିଇଲେ ପତି ପତ୍ନୀ ଦୁଇ ॥
ଆପଣା ମସ୍ତକେ ସିଞ୍ଚିଲେ । ଗୃହରେ ପଣନ୍ତେ ବାଞ୍ଛିଲେ ॥
ଦେଖ ହୋ ଭାଗ୍ୟ ତାହାଙ୍କର । ଯାହା ନ ପାନ୍ତି ବ୍ରହ୍ମା ହର ॥
ସୁର ମୁନିଙ୍କୁ ଯେ ଦୁର୍ଲ୍ଲଭ । ଯାହା ବହନ୍ତି ସଦାଶିବ ॥

ନନ୍ଦ ମହାନ୍ତ ତାହା ଦେଖି । ବକଲେ ଥନ ଥନ ଆଖି ॥
କରି କହଇ କ୍ରୋଧଭରେ । ପ୍ରତାପରୁଦ୍ରଙ୍କ ଛାମୁରେ ॥
ବୋଇଲେ ଶୁଣ ନୃପରାଣ । ଜୀବ ଅଟଇ ନାରାୟଣ ॥
ତାହାଙ୍କୁ ଦଣ୍ଡମାନ ଦେଲେ । ଲାଗଇ ନିଜ ଅଙ୍ଗେ ଭଲେ ॥
ତୁମ୍ଭେ ସୁବୁଦ୍ଧି ନରବର । ଏ କଥା କିମ୍ପା ନ ବିଚାର ॥
ଏଠାରେ ସିନା ବଡ଼ ସାନ । ସେଠାରେ ସମସ୍ତେ ସମାନ ॥
ଏଠାରେ ସାମନ୍ତ ସେବକ । ସେଠାରେ ଜାଣ ସର୍ବ ଏକ ॥
ଏଠାରେ ଉଚ୍ଚ ନୀଚ ଅଛୁ । ସେଠାରେ ଏହା ନାହିଁ କଛୁ ॥
ପ୍ରବେଶ ହେଲେ ସେହି ସ୍ଥାନ । ଏ କଥା ସତ୍ୟ କରି ଘେନ ॥
ସମସ୍ତ ସମାନ ଅଟଇ । ଏଠାରେ ଭିନ୍ନ ଭିନ୍ନ ହୋଇ ॥
ଜୀବ ଏ ଆତ୍ମା ଆଦିକର୍ତ୍ତା । ହେ ରାଜା ନ କରୁଛ ଆସ୍ଥା ॥
ଯେ ପ୍ରାଣୀ ଜୀବଦ୍ରୋହ କରି । ସେ ନଷ୍ଟେ ବିଷ୍ଣୁଙ୍କ ବଇରି ॥
ହେ ରାଜା ତୁମ୍ଭେ କି ନ ଜାଣ । ମୋର କହିବା ଅକାରଣ ॥
ତାହା ଶୁଣିଣ ନୃପବର । ବୋଇଲେ ଶୁଣରେ ପାମର ॥
ତୁ ଯେଉଁ କଥାମାନ କହୁ । ନୃପତି ହୋଇ କେବା ସହୁ ॥
ଆଜ ଜାଣିବା ତୋର ମନ । ତୁ ଅବା ଜାଣୁ କେତେ ଜ୍ଞାନ ॥
ଦେଖାଇ ଦେବୁ ଆଜ ତୁହି । ସେ ଆତ୍ମାରାମ ଛନ୍ତି କାହିଁ ॥
ନୋହିଲେ ମରିବୁ ଅବଶ୍ୟ । ଛାଡ଼ ତୋ ଜୀବନର ଆଶ ॥
ଏମନ୍ତ କହି କ୍ରୋଧଭରେ । ରଖାଇ ଦେଲେ ବନ୍ଦୀଘରେ ॥
ବୋଇଲେ ଶୁଣ ଆରେ ଦୂତେ । ଏହାକୁ ରଖରେ ଜାଗ୍ରତେ ॥
ଅନ୍ନ ଭୋଜନହିଁ ନ ଦେବ । ଯେମନ୍ତେ ଶୁଖି ଏ ମରିବ ॥
ନୋହିଲେ ଆତ୍ମାରାମ ମୋତେ । ଦେଖାଇ ଦେଉ ସେ ସାକ୍ଷାତେ ॥
ତେବେ ଜୀବନ ଥିବ ଭଲେ । ବୋଲି ନୃପତି ଚଳିଗଲେ ॥
ଏଣେ ଯେ ଦୂତ ବେଗକରି । ସେ ନନ୍ଦ ମହାନ୍ତଙ୍କ ଧରି ॥
ବନ୍ଦୀ ମନ୍ଦିରେ ବନ୍ଦୀ କଲେ । ନିଗଡ଼େ ବାନ୍ଧି ସେ ରଖିଲେ ॥
ବନ୍ଦୀରେ ଥାଇ ହରିଭକ୍ତ । ଭୟ କମ୍ପିତେ ନାହିଁ ଚିତ୍ତ ॥

ଚିନ୍ତୁଣ ପ୍ରଭୁ ବ୍ରହ୍ମବାଣୀ । ଯୋଗ ଆସନ କରି ବସି ॥
ସକଳ ଇନ୍ଦ୍ରିୟ ନିବାରି । ରହିଲେ ସ୍ତମ୍ଭୀଭୂତ କରି ॥
ନାଭିକମଳୁ ବାୟୁ ତୋଳି । ମୃଣାଳ ସୂକ୍ଷ୍ମ ମଧ୍ୟେ ଗଳି ॥
ମନକୁ ଜ୍ଞାନମାର୍ଗେ ଥୋଇ । ସୁବୁଦ୍ଧି ସଙ୍ଗତେ ରୁହାଇ ॥
ସମସ୍ତ ଟେକଲେ ଉଜାଣି । ନିକଟ ଠଣା ଗଲେ ଜାଣି ॥
ଅଗମ୍ୟମାର୍ଗେ ପଶିଗଲେ । ଅମନ ମଧ୍ୟରେ ମିଳିଲେ ॥
ଦେଖିଲେ ଅମଳ କମଳ । ଫୁଟି ରହିଛି ବେନି ଦଳ ॥
ତହିଁ ବିଜୟ ଆତ୍ମାରାମ । ଯୋଗମାୟା ସଙ୍ଗରେ ପ୍ରେମ ॥
ତାଙ୍କ ଶ୍ରୀମୁଖର ଯାଇ ଭେଟି । ସଂସାର ବନ୍ଧ ଗଲା ଫିଟି ॥
ଦେଖିଲା ବାହାର ଭିତରେ । ଅଶେଷ ବ୍ରହ୍ମାଣ୍ଡ ଯାକରେ ॥
ଏକରୁ ଦୁଇ ନାହିଁ ଆନ । ସର୍ବତ୍ର ଜୀବେ ଭଗବାନ ॥
ଯାହାଙ୍କ ଦର୍ଶନେ ସେକ୍ଷଣି । ବ୍ରହ୍ମାଣ୍ଡ ତୁଚ୍ଛପ୍ରାୟ ମଣି ॥
ସକଳ ଭୟ କଲା ଦୂର । କେ କହୁ ଆନନ୍ଦ ତାହାର ॥
ବୋଇଲା ତୋତେ ଦେଖି ମୁହିଁ । ଭୟ ପଳାଇଗଲା କାହିଁ ॥
ସମସ୍ତେ ଏକଇ ଜୀବନ । ପିଣ୍ଡମାନଙ୍କେ ଭିନ୍ନ ଭିନ୍ନ ॥
ମୋର ଅଜ୍ଞାନ ସିନା ମୋତେ । ଭୟ ଦେଖାଉଥିଲା ଶତେ ॥
ଏବେ ଫିଟିଲା କର୍ମଫାଶ । କିସ କରିବ ସେ ନରେଶ ॥
ଏମନ୍ତ କହି ବେଗେ ଉଠି । ଭଜନ୍ତି ରାମନାମ ଗୋଟି ॥
ଶ୍ରୀନୀଳକନ୍ଦର ସୁନ୍ଦର । ନିନ୍ଦିତ ତନୁ ଜଳଧର ॥
କିରୀଟ କୁଣ୍ଡଳ ପ୍ରକାଶ । ତଥି ଶୋଭିତ ପୀତବାସ ॥
ଶଙ୍ଖ କମଳ ଗଦା ଚକ୍ର । ସର୍ବଦା ଚତୁର୍ଭୁଜେ ଧରି ॥
ମଞ୍ଜୁଳ ଅଷ୍ଟାଦଶ ଚିହ୍ନ । ସୁନ୍ଦର ଯୁଗଳ ଚରଣ ॥
ଭକତଜନ ବନ୍ଧୁ ସେନା । ଭାବରେ ବଶ ନନ୍ଦକହ୍ନା ॥
ନନ୍ଦ ମହାନ୍ତ ତାଙ୍କୁ ଚିନ୍ତି । ହୃଦରେ ଜାତ ହେଲା ଭକ୍ତି ॥
ବନ୍ଦୀରୁ ବାହାର ହୋଇଲା । ଦାଣ୍ଡକୁ ଅନାଇଣ ଦେଲା ॥
ଦେଖିଣ ଚଣ୍ଡାଳର ନାରୀ । ଅନ୍ନ ମାଗିଣ କରେ ଧରି ॥

ଯେ ଦ୍ରବ୍ୟ ମୃଗାଦ୍ଧ ହରଡ଼ । ଧାନ ଗୃଜଳ କୁଡ଼ କୁଡ଼ ॥
ଇତ୍ୟାଦି ଦ୍ରବ୍ୟ ଅଛି ଯେତେ । କହି ନୁହଇ ଏତେ ତେତେ ॥
ଦେଖିତା ହେଲେ ଆଚମ୍ବିତ । ସ୍ୱାମୀଙ୍କି ଉଠାଇ ତୁରିତ ॥
ବୋଇଲେ ଆସ ବେଗ ହୋଇ । ସେ ମହାଯୋଗୀ ଗଲେ କାହିଁ ॥
ସମ୍ପଦେ ପୂରିଅଛି ଘର । ଏତେ ବଡ଼ଇ ଚମତ୍କାର ॥
ତା ଦେଖି ଦୁହେଁ ବେଗେ ଆସି । ଦେଖିଲେ ନାହାନ୍ତି ସନ୍ନ୍ୟାସୀ ॥
ମନ୍ଦିରେ ଦେଖିଣ ସମ୍ପଦ । ବିସ୍ମୟ କଲେ ମନମଧ ॥
ନିଶ୍ଚେ ସେ ପ୍ରଭୁ ଚକ୍ରବାହା । ଆନର ବଳେ ନୁହେ ଏହା ॥
ପତ୍ନୀକି ପତି ବୋଲେ ଶୁଣ । ସେ ମାୟାଧର ନାରାୟଣ ॥
ଆମ୍ଭଙ୍କୁ ମାୟାରେ ପକାଇ । ଅନ୍ତର ହେଲେ ଭାବଗ୍ରାହୀ ॥
ମନୁଷ୍ୟ ପ୍ରାୟେ ତାଙ୍କୁ ମଣି । ସେବା ଯେ କଲୁ ବେନି ପ୍ରାଣୀ ॥
ଯା ମାୟା ଦେବେ ଅଗୋଚର । ଆମ୍ଭେ ବା କେତେକ ମାତର ॥
କାହୁଁ ଜାଣିବା ତାଙ୍କ ଭାବ । ବ୍ରହ୍ମାଦି ଦେବଙ୍କୁ ଦୁର୍ଲଭ ।
ମହା ମହିମା ମହାମେରୁ । ତାହାର ଇଚ୍ଛା ଯାହା କରୁ ॥
ଏମନ୍ତ ବୋଲି ବେନିପ୍ରାଣୀ । ସେ ଧନେ ହେଲେ ସେ କାରେଣୀ
ଅନେକ କାଳ ପୁଣ୍ୟ କଲେ । କୀର୍ତ୍ତି ଉତ୍ସବ କରାଇଲେ ॥
ଲୋକେ ବୋଇଲେ ଧନ୍ୟ ଧନ୍ୟ । ଜୀବନ୍ତେ ସୁଖେ ନେଲେ ଦିନ ॥
ପୁତ୍ର ଦୁହିତା ଜାତ କରି । ତା ଭାଗ୍ୟ କହିଲେ ନ ସରି ॥
ଏମନ୍ତ କେତେକାଳ ଯାନ୍ତେ । ବିଷ୍ଣୁଙ୍କୁ ପାଇଲେ ଦେହାନ୍ତେ ॥
ଶୁଣ ହୋ ମନ ନିପଟଣି । ଦାର୍ଢ୍ୟତାଭକ୍ତିର ଲକ୍ଷଣ ॥
କହଇ ବିପ୍ର ରାମ ଗୀତେ । ଅଶେଷ ପ୍ରାଣୀଙ୍କର ହିତେ ॥
ସୁଜନେ କର ଏଣେ ଲୟ । ଆଉ ନ ଥାଉ ଯମ ଭୟ ॥
ମୁଁ ଛାର କହିବଇଁ କସ । ତୁମ୍ଭେ ତ ଶ୍ରୀହରିର ଦାସ ॥
ସେ ହରି ପାଦପଦ୍ମ ତଳେ । ମୋତେ ଭେଟାଇ ଦିଅ ବେଳେ ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତି ରସାମୃତ ମନଚୈତନ୍ୟ ସମ୍ବାଦେ କୃପାସିନ୍ଧୁ ଦାସ ପତିପତ୍ନୀ ଦାର୍ଢ୍ୟତା ଭାବବର୍ଣ୍ଣନେ ନାମ ତ୍ରୟୋତ୍ରିଂଶୋଽଧ୍ୟାୟଃ ।

# ଏକଚତ୍ୱାରିଂଶ ଅଧ୍ୟାୟ
## ନନ୍ଦ ମହାନ୍ତ ସମ୍ବାଦ

ନମସ୍ତେ ନୀଳାଦ୍ରି କେଶରୀ । ତବ ମହିମାକୁ କେ ସରି ॥
ତୁମ୍ଭ ମହିମା ଅକୂପାର । କର ଏ ଭବକୂପୁ ପାର ॥
ହେ ନୀଳଘନ ଅଘଘନ । ଏହି ବିନତି ପ୍ରଭୁ ଘେନ ॥
ହସି ଚୈତନ୍ୟ ଦେବ କହେ । ଶୁଣ ହେ ମନ ନୃପ ରାୟେ ॥
ମୁଁ ଯାହା କହୁଅଛି ଏବେ । କେବଳ ଶୁଣ ଶ୍ରଦ୍ଧାଭାବେ ॥
ଅଶେଷ ବ୍ରହ୍ମାଣ୍ଡର ଶ୍ରେଷ୍ଠ । ଏ ମଞ୍ଚ ଭୁବନ ବୈକୁଣ୍ଠ ॥
ନାମ ଯା ଶ୍ରୀପୁରୁଷୋତ୍ତମ । ଯେ ପୁରେ ନ ପଶଇ ଯମ ॥
ପତିତ ଚଣ୍ଡାଳହିଁ ଥିଲେ । ଦଣ୍ଡି ସେ ନ ପାରଇ ଭଲେ ॥
ଏମନ୍ତ କ୍ଷେତ୍ରେ ବାସ ଜାଣ । ଜାତିରେ ଅଟଇ କରଣ ॥
ଷୋଳ ପଞ୍ଜିଆରେ ଉତ୍ତମ । ନନ୍ଦ ପଟ୍ଟନାୟକ ନାମ ॥
ପ୍ରତାପରୁଦ୍ର ସମୟରେ । ପାଞ୍ଜିଆ ବୃତ୍ତି ସେହୁ କରେ ॥
ଜାଣଇ ଜୀବ ନାରାୟଣ । ସଂସାର ଯାହାର ଉଆଣ ॥
କୀଟରୁ ବ୍ରହ୍ମାଏ ଯେତେ । ହରି ସବୁର ହୃଦଗତେ ॥
ପିଣ୍ଡ ମାନଙ୍କ ଭିନ୍ନ ଭିନ୍ନ । ସର୍ବ୍ବେ ଏକଇ ସମାନ ॥
ଯେ ପ୍ରାଣୀ ଜୀବେ ଦ୍ରୋହକରି । ସେ ନଷ୍ଟେ ଶ୍ରୀହରି ବଇରୀ ॥
ଏମନ୍ତ ଜାଣି ତା ମନରେ । ସକଳ ଜୀବେ ଦୟା କରେ ॥
ଦଇବ ଯୋଗେ ରାଜ ପଥ । ଲୌକିକେ କରୁଥାଇ ମାସ ॥
ପୁଅ ଦୁହିତା ବନ୍ଧୁ ଭାଇ । ଅନେକ ପୂରଣ ଅଛଇ ॥
ପତ୍ନୀ ତାହାର ଗୁଣବନ୍ତୀ । ମିଳଇ ଅନେକ ସମ୍ପତ୍ତି ॥
କାହିଁ ତା ନ ପଶଇ ମନ । ଏକା ତା ଗୋବିନ୍ଦ ଭଜନ ॥
ହୃଦେ ବସ୍ତୁରୁ ଥାଇ ଚାର । କେମନ୍ତେ ହେବ ଭବୁଁ ପାର ॥
ଏମନ୍ତେ କେତେ ଦିନ ଅନ୍ତେ । ଶୁଣ ସୁମନ ଶୁଦ୍ଧଚିତ୍ତେ ॥
ଦିନେ ପ୍ରତାପୀ ଦଣ୍ଡଧାରୀ । ପରଜାମାନଙ୍କୁ ହକାରି ॥
ଦୋଷ ନ ପାଇ ଦଣ୍ଡ ଦେଲେ । ପ୍ରଜାଏ ଡକା ପକାଇଲେ ॥

ଶୁଣି ସନ୍ତୋଷ ନନ୍ଦ ଦାସ । ମନରେ ହୋଇଣ ହରଷ ॥
ଦୂତଙ୍କ ସଙ୍ଗେ ଚଳିଗଲେ । ନୃପତି ଗୁମୁରେ ମିଳିଲେ ॥
ଦେଖି ନୃପତି ଦୁଃଖ ତାର । ବ୍ୟାକୁଳ ହୋଇଲେ ଅପାର ॥
ବୋଇଲେ ଆରେ ଆରେ ନନ୍ଦ । ତୋତେ ମାଇଲା କେଉଁ ମନ୍ଦ ॥
ବନ୍ଧନ ଫେଡ଼ି ମୋତେ କହ । ଦେଖି ମୋ ସହୁ ନାହିଁ ଦେହ ॥
ଶୁଣି ସେ ନନ୍ଦ ବ୍ରହ୍ମ ଏତେ । ବୋଇଲା କି ପଚାର ମୋତେ ॥
ମୋତେ ଯେ ଭୁଷି ତ ମାଇଲୁ । ଏବେ ଏମନ୍ତ କଥା ବୋଲୁ ॥
ଶୁଣି ହସିଲେ ନରସାଇଁ । ବୋଇଲେ ଗୁଣ୍ଡି ନାହିଁ ବାଇ ॥
ତା ଶୁଣି ଶ୍ରୀହରି ଭକତ । ବୋଇଲେ ଶୁଣ ନରନାଥ ॥
ମୋତେ ଲଗିଛି ଯେଉଁ ବାଇ । ତହିଁକି ଅଉଷଧି ନାହିଁ ॥
କେମନ୍ତେ ହେବ ସେହୁ ଭଲ । ଏହା ତ ବଗୁର ନ କଲ ॥
ଶୁଣି ବୋଲନ୍ତି ନୃପବହୁ । କରେ ନନ୍ଦଆ କସ କହୁ ॥
ଦଇବ ଗୁଡ଼ିଲା କି ତୋତେ । ପୁଣି ତ ଚଳାଉଛୁ ମୋତେ ॥
କି ଜ୍ଞାନ ଥିଲା ତୋର ଚିତ୍ତେ । ଏବେ ତା କହୁନା ମୋତେ ॥
ତା ଶୁଣି ବୋଲେ ନନ୍ଦବାଇ । ଦେଖିବା ହେଉ ନରସାଇଁ ॥
ଯାଚିଲା କଦଳୀ ପଣସ । ଛେନା ନଡ଼ିଆ ଘେନି ଆସ ॥
ଏଠା ଲୋକଙ୍କୁ ଖୁଆଇବା । ପ୍ରଭୁ ମହିମା ଦେଖାଇବା ॥
ତା ଶୁଣି ନୃପ ଆଜ୍ଞା ଦେଲେ । ଆଣରେ ଦେଖିବା ବୋଇଲେ ॥
ଆଜ୍ଞା ପ୍ରମାଣେ ଲୋକ ଗଲେ । ସେହି ପ୍ରକାରେ ଆଣିଦେଲେ ॥
ଗୁମୁରେ କଲେ ସବୁ ନେଇ । ଦେଖି ବୋଇଲା ନନ୍ଦ ବାଇ ॥
ମଣିମା ଏବେ ଆଜ୍ଞା ହେଉ । କେ ଛେନା କେ କଦଳୀ ଖାଉ ॥
ତାର ଉଦରେ ଦ୍ରବ୍ୟ ଯେତେ । ଆସି ହେବ ମୋ ଗର୍ଭଗତେ ॥
ପ୍ରତ୍ୟକ୍ଷେ ଅଭିନ୍ନ ଆତ୍ମାର । ଦେଖିବା ହେଉ ନୃପେଶ୍ୱର ॥
ସେ ଅଙ୍ଗେ ଦୁଃଖ ସୁଖ ଯେହି । ଏ ଅଙ୍ଗେ ଲାଗିଣ ଅଛଇ ॥
ଯାହାକୁ ତୋର ଦୂତ ନେଲେ । ସଂହାର ଉସ୍ତମୂଳେ କଲେ ॥
ତାକୁ ପିଟିଲେ ଯେତେ ବାଡ଼ି । ଏ ଦେହୁଁ ତେତେ ଗୁଲ ଗୁଡ଼ି ॥

ଏ କଥା ଅଟଇ ପ୍ରମାଣ । ସକଳ ଦେହେଁ ନାରାୟଣ ॥
ସମ୍ପୂର୍ଣ୍ଣ ଘଟେ ଘଟେ ପୂରି । ଅଛନ୍ତି ଶଙ୍ଖ ଚକ୍ରଧାରୀ ॥
ହେ ରାଜା ସ୍ୱରୂପ କହୁଛୁ । ଏଥେ ସଂଶୟ ନାହିଁ କଛୁ ॥
ଏମନ୍ତ ଶୁଣି ମହାରଥୀ । ବୋଇଲେ ବୁଝିବା ଏ କଥା ॥
ଏ ଗୃହ ଦ୍ରବ୍ୟ ଗୃହଜଣ । ଭୁଞ୍ଜିଲେ ବୁଝିବା ପ୍ରମାଣ ॥
ତାହା ଶୁଣିଣ ଲୋକେ ଧରି । ଭୁଞ୍ଜିଲେ ଭିନ୍ନ ଭିନ୍ନ କରି ॥
ତା ଦେଖି ସେ ନନ୍ଦ ମହାନ୍ତ । ସମସ୍ତ କରିଦେଲା ବାନ୍ତ ॥
ସେ କ୍ଷଣେ ଭିନ୍ନ ଭିନ୍ନ କରି । ବୋଲେ ଦେଖ ହୋ ଦଣ୍ଡଧାରୀ ॥
ତାହା ଦେଖିଣ ନୃପବର । ବୋଲନ୍ତି ଏ କି ଚମତ୍କାର ॥
ଆହୁରି ବୁଝିବା କଥାଏ । ଫିଟିବ ମନର ସଂଶୟେ ॥
ବୋଲି ଶ୍ରୀହସ୍ତେ ବେତଗୋଟି । ଧରି ଜଣକୁ ଦେଲେ ପିଟି ॥
ତାହାର କଛୁହିଁ ନୋହିଲା । ସେ ନନ୍ଦ ଚମକି ପଡ଼ିଲା ॥
ଅଙ୍ଗରୁ ଚର୍ମ ଛୁଟିଗଲା । ଫାଟିଣ ରୁଧିର ବହିଲା ॥
ତାହା ଦେଖିଣ ନରପତି । ମନରେ ଜାଲେ ଅତି ଭୀତି ॥
ମନରେ କରି ଦଣ୍ଡବତ । ବିନୟେ କହିଲେ ବହୁତ ॥
ଅନେକ ଅଳଙ୍କାର ଧରି । ବସ୍ତ୍ର ସହିତେ ପୂଜା କରି ॥
ବୋଲେ ମୋ ଅପରାଧ ଯେତେ । ଚିତ୍ତେ ନ ଧରି କଦାଚିତ୍ତେ ॥
ତାହା ଶୁଣିଣ ନନ୍ଦବାଇ । ଅଳପ ହସିଣ କହଇ ॥
ବୋଇଲେ ଶୁଣ ନୃପରାଣ । କି ହେବ ଏ ବସ୍ତ୍ର ଭୂଷଣ ॥
ଏଥି ମୋ କିସ ପ୍ରୟୋଜନ । ତୋ କୃପା ଥାଉ ହେ ରାଜନ ॥
ତୁମ୍ଭେ ଏଣିକି ଚେତା ହୁଅ । ଶର ନୁହେଟି ନର ଦେହ ॥
ଗୁଲୁଣି ମଧ୍ୟେ ଯେହ୍ନେ ପାଣି । ରଖିଲେ ନ ରହେ ତା ଜାଣି ॥
ସେହି ପ୍ରକାରେ ଏହି ଜୀବ । କେବଳ ଗୃହୁଁ ଗୃହୁଁ ଯିବ ॥
ଏଥକୁ ଯିବେ ଦୟା କରି । ଜାଗ୍ରତ ହୁଅ ଦଣ୍ଡଧାରୀ ॥
ଏମନ୍ତ ଜ୍ଞାନ ତାକୁ ଦେଇ । ସେ ବସ୍ତ୍ର ଭୂଷଣ ନ ନେଇ ॥
ହେ ରାଜା ଗଲିଟି ବୋଇଲେ । ତହୁଁ ତକ୍ଷଣେ ଚଳିଗଲେ ॥

ଭୂରିତ ହୋଇ ଚଳିଗଲା । ତା ଅନ୍ନ ଛଡ଼ାଇ ଘେନଲା ॥
ଦେଖି ଅଛନ୍ତି ଲୋକବୃନ୍ଦେ । ସେ ଅନ୍ନ ଭୁଞ୍ଜିଲା ଆନନ୍ଦେ ॥
ଲୋକେ ବୋଇଲେ ତହିଁ ଥାଇ । ନନ୍ଦ ମହାନ୍ତ ହେଲା ବାଇ ॥
ଦେଖାଇ ଥିଲା ବଡ଼ପଣ । ଦଇବ ଦେଲା ଏ ଲକ୍ଷଣ ॥
ନୃପତି ଦଣ୍ଡକୁ ଡରିଲା । କୁଟୁମ୍ବ ଏତେଦୂର କଲା ॥
ଛାଡ଼ିଲା କିସ୍ଥା କର୍ମ ଦୁଇ । ନଷ୍ଟ ହୋଇଲା ଏହୁ ବାଇ ॥
ତା ଦେଖି ଦୂତମାନେ ଗଲେ । ନୃପତି ଛାମୁରେ କହିଲେ ॥
ସେ ନନ୍ଦ ମହାନ୍ତର କଥା । ଶୁଣିମା ହେଲ ମହାରଥା ॥
ତୁମ୍ଭ ଦଣ୍ଡକୁ ଭୟ କରି । ବାତୁଳ ହେଲା ଜ୍ଞାନହାରି ॥
ଛାଡ଼ିଲା ଜାତି କୁଳମାନ । ଚଣ୍ଡାଳ ହସ୍ତୁଁ ନେଲା ଅନ୍ନ ॥
ଛାମୁରେ ଜଣାଇଲୁ ସତ୍ୟ । ଶୁଣି ନୃପତି ଆଚମ୍ବିତ ॥
ବୋଇଲେ କେଡ଼େ କର୍ମ କଲା । ତା ପରି ଲୋକ ନାଶକଲା ॥
ଏ କଥା ଦଇବ ଲେଖନ । କାହାର ବଳେ କରେ ଆନ ॥
ଏମନ୍ତ ବୋଲି ତୁନି ହେଲେ । ସମସ୍ତେ ହା ହାକାର କଲେ ॥
ଶୁଣ ହେ ମନ ନୃପ ନାହା । ଏଥି ଉତ୍ତରେ କଥା ଯାହା ॥
ସେ ନନ୍ଦ ମହାନ୍ତ ଚରିତ । ଚଣ୍ଡାଳ ହସ୍ତୁ ଖାଇ ଭାତ ॥
ତହୁଁ ଚଳିଲା ବେଗ ହୋଇ । ଆନନ୍ଦେ ପ୍ରଭୁ ଗୁଣ ଗାଇ ॥
ବନସ୍ତେ ଯାଇଁ କଲା ବାସ । ଜଳ ପବନ କରି ଗ୍ରାସ ॥
କାହିଁ ବା ଫଳ ମୂଳ ଖାଇ । ପଶୁଙ୍କ ସଙ୍ଗେ ସଙ୍ଗ ହୋଇ ॥
ସମସ୍ତ ଦେଖିଲା ସମାନ । ନାହିଁ ତାଙ୍କର ବଡ଼ ସାନ ॥
ଯେଣେ ଗୃହିଁଲେ ତେଣେ ହରି । ଦିଶନ୍ତି ଶଙ୍ଖ ଚକ୍ରଧାରୀ ॥
ଏମନ୍ତ ଜାଣି ତାର ଚିତ୍ତେ । ଭ୍ରମଣ କରଇ ଜଗତେ ॥
କେତେହେଁ ଦିନର ଉତ୍ତରେ । ପ୍ରବେଶ ହେଲା ରଥି ପୁରେ ॥
ସେ ଗ୍ରାମ ବାହାରେ ସ୍ଥାବର । ଫହାଶଉସ୍ତ ନାମ ତାର ॥
ସେ ରାଜ୍ୟ ଯେତେ ଦଣ୍ଡମାନ । ଯାହାକୁ ଦିଅନ୍ତି ରାଜନ ॥
କେବଳ ସେହି ବୃକ୍ଷ ମୂଳେ । ରଖନ୍ତି ନେଇ ରଖୁଆଳେ ॥

ତେଙ୍ଗ ଗୁରୁକ ଗୁଣ୍ଠ ପିଟି । ବ୍ରାହ୍ମଣ ନାକ କାନ କାଟି ॥
ରଖାନ୍ତି ସେହି ବୃକ୍ଷଠାରେ । ପ୍ରମାଣ ଅଛଇ ତହିଁରେ ॥
ସେ ବୃକ୍ଷ ମୂଳେ କଲା ବାସ । ଶେଯାଇ ଗୋମୟ ଘାଉଁଶ ॥
କେବଳ ନାମ ଭଜନରେ । ଶୟନ କଲା ସେହିଠାରେ ॥
ଏମନ୍ତ ଗଲା କେତେଦିନ । ଦିନେକ ସେ ରାଜ୍ୟ ରାଜନ ॥
ଏକ ପରଜା ଦୋଷ ଜାଣି । ଦୂତ ପେଷିଣ ତାକୁ ଆଣି ॥
ବୋଲଇ ଏହାକୁରେ ନେବ । ପଚଶ କୋରଡ଼ା ପିଟିବ ॥
ଆଜ୍ଞା ପ୍ରମାଣେ ଦୂତେ ନେଲେ । ସଂହାର ଓସ୍ତମୂଳେ କଲେ ॥
ଆଣ୍ଟେ ଧରିଣ ତାକୁ ଲୋକ । ଦଣ୍ଡହିଁ ଦେଲେ ଯେ ଅନେକ ॥
ଗୁଞ୍ଜ ସେ ଦେଲେକ ଭୁରତେ । ଚଳଣ ଚଲେ ଯେଝାମତେ ॥
ନନ୍ଦ ମହାନ୍ତି ପାଶେ ଥାଇ । ଦେଖୁ ଯେ ଥିଲା ସବୁ ରହି ॥
ଯେତେକ ବାଡ଼ ତାକୁ ପିଟି । ନନ୍ଦମହାନ୍ତି ଦେହ ଫାଟି ॥
ରୁଧିରମାନ ବୋହିଗଲା । ତା ଅଙ୍ଗ ରଙ୍ଗୁଆ ଦିଶିଲା ॥
ତାହା ଦେଖିଣ ଲୋକମାନେ । ବିଚାର କଲେ ମନେ ମନେ ॥
ଏକ ବଚସ କଥା ଗୋଟି । ଏହାକୁ କେବା ଗଲା ପିଟି ॥
ସର୍ବାଙ୍ଗ ଖଣ୍ଡ ଖଣ୍ଡ ହୋଇ । ରୁଧିର ଯାଉଅଛି ବହି ॥
ଏମନ୍ତ ଦେଖି ଧାଇଁଗଲେ । ସେ ଦେଶ ରାଜାଙ୍କୁ କହିଲେ ॥
ବୋଇଲେ ଶୁଣ ନୃପବଣ । ଗୁମୁରେ କରୁଛୁଁ ଜଣାଣ ॥
ସେ ନନ୍ଦ ମହାନ୍ତିକି ଧରି । ମାଇଲେ ଓପ୍ରୋଧ ନ କରି ॥
ଚର୍ମ ତା ଯାଇଛି ନକଳ । ରୁଧିର ଯାଉଅଛି ଗଳ ॥
ଦେଖି ଅଇଲୁ ଆମ୍ଭେ ତହୁଁ । ଏହା ବୁଝିଣ ଆଜ୍ଞା ହେଉ ॥
ଶୁଣି ନୃପତି କ୍ରୋଧଭରେ । ବୋଲନ୍ତି ଯାଅ ହୁଡ଼ି ହାରେ ॥
ନନ୍ଦକୁ ଡାକ ଘେନି ଆସ । ବୁଝିବା ଏଥିର ସନ୍ଦେଶ ॥
ଯେ ତାକୁ ମାରିଥିବ ଅବା । ରାଜ୍ୟୁ ବାହାର କରିଦେବା ॥
ଶୁଣି ଚଳିଲେ ଦୂତମାନେ । ନନ୍ଦ ମହାନ୍ତି ସନ୍ନିଧାନେ ॥
ପାଶରେ ହୋଇଲେ ପ୍ରବେଶ । ବୋଇଲେ ରାଜା ଆଜ୍ଞା ଆସ ॥

ଏମନ୍ତ ଶୁଣି ସେ ଚଣ୍ଡାଳ । ଦେଲା ସେ ଶାଳଗ୍ରାମ ଶିଳ ॥
ମର୍କତ ମଣିର ସଦୃଶ । ତା ଦେଖି ମୋଚି ମନ ତୋଷ ॥
ହୋଇଛି ଅତ୍ୟନ୍ତ ବର୍ତ୍ତୁଳ । ଲାବଣ୍ୟ ମନୋହର ଶିଳ ॥
ଦେଖି ମୁଁ ରଖିବ ବୋଇଲା । ତାକୁ ଚମ୍ପୁଲଯୋଡ଼େ ଦେଲା ॥
ସେହି ଦିନରୁ ନିତ ନିତ । ପାଦେ ମାଡ଼ିଣ ଘଷେ କାତି ॥
ତେଣେ କଟାଇ ଚର୍ମ ଖଣ୍ଡେ । ଘଷଇ ଶାଳଗ୍ରାମ ମୁଣ୍ଡେ ॥
ମନରେ ହୋଇଣ ସାନନ୍ଦ । ପଢ଼ଇ ଶ୍ରୀଗୀତଗୋବିନ୍ଦ ॥
ପଦକ ଗାଉଥାଇ ନିତ । କରି ତାହାର ନିଜବୃତ୍ତି ॥
ନ ଜାଣେ ଅନ୍ୟ କଥାମାନ । ସେହି ପଦକ ଚିଣ୍ଡିଧନ ॥
କରି ଗାୟନ କରୁଥାଇ । ମନେ କଳ୍ପନା ତାର ନାହିଁ ॥
ଏମନ୍ତେ ଗଲା କେତେ ଦିନ । ଏଥି ଉତ୍ତାରେ ଶୁଣ ମନ ॥
ଦିନକ ଏକଇ ବ୍ରାହ୍ମଣ । ସକଳ ଗୁଣେ ବିଚକ୍ଷଣ ॥
ସକଳ ଶାସ୍ତ୍ରରେ ପଣ୍ଡିତ । ଶୁଚି ପବିତ୍ର ଦୃଢ଼ବ୍ରତ ॥
ଜାଣଇ ପାପପୁଣ୍ୟ ସେବା । ନିରତେ କରେ ବିଷ୍ଣୁ ସେବା ॥
ଏମନ୍ତ ବିପ୍ର ସେହି ପଥେ । ଗମଇ ସ୍ନାନର ନିମନ୍ତେ ॥
ଦେଖିଲା ଶାଳଗ୍ରାମ ଶିଳା । କାଳିନ୍ଦୀ ଜଳ ପରି କଳା ॥
ସକଳ ଶାସ୍ତ୍ରରେ ପଣ୍ଡିତ । ସେ ଦେଖି ହେଲା ଆଚମ୍ବିତ ॥
ସେ ଶାଳଗ୍ରାମ ଶିଳା ଦେଖି । ପିଛଡ଼ା ନ ପଡ଼ଇ ଆଖି ॥
ଚରଣେ ମୋଚି ଧାଡ଼ି ଧରି । କାତି ଘଷଇ ଜଳ ଭରି ॥
ଦେଖି ହୃଦୟ ଗଲା ଫାଟି । ନେତ୍ରୁ ଲୋତକ ହେଲା ବୃଷ୍ଟି ॥
ବୋଲଇ ଶୁଣ ହେ ବେହେରା । କଥାଏ କହିବ ମୁଁ ପରା ॥
ଘେନ ତୁ ମୋହର ବଚନ । ଅନେକ ହେବ ତୋର ପୁଣ୍ୟ ॥
ଏ ଶିଳା ଗୋଟି ଦେବୁ ମୋତେ । ତୋ ଯଶ ରହିବ ଜଗତେ ॥
ତା ଶୁଣି ବୋଇଲା ସେ ମୋଚି । ଧନ ଦେଇଣ ମୁଁ କିଣିଛି ॥
ଦେଖ ମୋ କାର୍ଯ୍ୟକୁ ଆସଇ । ନିତ ମୁଁ ଶସ୍ତ୍ର ଯେ ଘଷଇ ॥
ତୋତେ ଯଦ୍ୟପି ଏହା ଦେବି । ମୁଁ ପୁଣ କେମନ୍ତେ କରିବି ॥

ତା ଶୁଣି ବିପ୍ର ବୋଲେ ହସି । ନିଅ ତୁ ଠଙ୍କା ପାଞ୍ଚଗୋଟି ॥
ଏ ଶିଳା ଗୋଟି ମୋତେ ଦେଇ । ଆନ ପଥରେ ଘଷ ତୁହି ॥
ତା ଶୁଣି ମୋଚି ତୋଷ ହେଲା । ଧନ ନେଇଣ ଶିଳା ଦେଲା ॥
ବ୍ରାହ୍ମଣ ପାଇଣ ଉଚିତ । ସେ ଶିଳା କରି ଶିର ସ୍ଥିତ ॥
ଆନନ୍ଦେ ଘେନି ଚଳିଗଲା । ଆପଣା ମନ୍ଦିରେ ମିଳିଲା ॥
ସ୍ନାନ ଶୁଚିବନ୍ତ ହୋଇ । ପ୍ରମୋଦ କେ ଛାଡ଼ିବ କହି ॥
କରାଇ ପଞ୍ଚାମୃତେ ସ୍ନାନ । ବିଜେ କରାଇ ସିଂହାସନ ॥
ଗନ୍ଧ ଚନ୍ଦନ ମାଲ୍ୟ ଯେତେ । ତୁଳସୀ ଜଳହିଁ ସହିତେ ॥
ପୂଜି ଷୋଡ଼ଶ ଉପଚାରେ । ପ୍ରଣାମ କଲାକ ସମ୍ମୁଖରେ ॥
ଅନେକ ପୂଜା ଦ୍ରବ୍ୟମାନ । ଘେନିଣ କରି ନିବେଦନ ॥
ଧୂପ ଦୀପାଦି ଦ୍ରବ୍ୟ ଯେତେ । ଦେଇ ପୂଜିଲା ଶ୍ରଦ୍ଧାଚିତ୍ତେ ॥
ଏହି ପ୍ରକାରେ ପ୍ରତିଦିନ । କରି ସନ୍ତୋଷ ତାଙ୍କ ମନ ॥
ବିଚାରି କଲା ତା ହୃଦରେ । ଦାରିଦ୍ର୍ୟ ଗୁଡ଼ିଲା ମୋହର ॥
ଏ ମହାପ୍ରଭୁଙ୍କ ପ୍ରସାଦେ । ଧନ ଭୁଞ୍ଜିବି ଅପ୍ରମାଦେ ॥
ଏମନ୍ତେ ବିଚାରନ୍ତେ ମନ । ତାହା ଜାଣିଲେ ଶାଳଗ୍ରାମ ॥
ଶୁଣ ସୁମନ ଦେଇ ଚିତ୍ତ । ସେ ହରି ମହିମା ଏମନ୍ତ ॥
ଭକ୍ତର ବନ୍ଧୁ ସେ ଗୋସାଇଁ । ଅଭାବ ଜନେ ଭେଟ ନାହିଁ ॥
କାମ କଳ୍ପନା ଯେତେ ଥିବ । ସେ କାହିଁ ତାହାଙ୍କୁ ପାଇବ ॥
ସେହି ଦିନରେ ରାତ୍ରିକାଳେ । ସେ ବିପ୍ର ଶୟନରେ ବେଳେ ॥
ସ୍ୱପନେ ଆଜ୍ଞା ତାଙ୍କୁ ଦେଲେ । ଶୁଣ ହେ ବ୍ରାହ୍ମଣ ତୁ ଭଲେ ॥
ପ୍ରଭାତୁ ଉଠି ମୋତେ ନେବୁ । ମୋଚିକ ଲେଉଟାଇ ଦେବୁ ॥
ସେ ମୋଚି ରାମଦାସ ଭାବ । ମୋତେ ସେ ଦୁର୍ଲ୍ଲଭୁଁ ଦୁର୍ଲ୍ଲଭ ॥
ଗୀତ ଗୋବିନ୍ଦ ରସ ଯେତେ । ଶୁଣାଉଥିଲା ନିତି ମୋତେ ॥
ତହିଁ ମୋ ଯେତେ ସୁଖଭାର । ତାହା ଜାଣଇ ମନ ମୋର ॥
ଏ ପୂଜା ମୋର କିସ ହେବ । ମୂଳ ମୋ ଭକତର ଭାବ ॥
ଏବେ ବହନ ନେଇ ଦେବୁ । ନ ଦେଲେ ନଷ୍ଟେ ନାଶ ଯିବୁ ॥

ଯାଉ ପ୍ରବେଶ ଖଣ୍ଡଗିରି । ଉଦ୍ଧବଲେ ସିଦ୍ଧ ତନୁ ଧରି ॥
ତା ଭକ୍ତି ମୁକ୍ତି କଥାମାନ । ଜାଣନ୍ତି ପ୍ରଭୁ ଭଗବାନ ॥
ଶୁଣ ହେ ମନ ମହାରଥୀ । ଏ ଦାର୍ଢ୍ୟଭକ୍ତି ରସ କଥା ॥
କହଇ ବସ୍ତ ରାମ ଗୀତେ । ଅଶେଷ ପ୍ରାଣୀଙ୍କର ହିତେ ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତି ରସାମୃତେ ମନଚୈତନ୍ୟ ସମ୍ବାଦେ
ନନ୍ଦ ମହାନ୍ତ ଦାର୍ଢ୍ୟତାଭାବ ବର୍ଣ୍ଣନେ ନାମ
ଏକ ଚତ୍ୱାରିଂଶୋଽଧ୍ୟାୟ ।

—*—

## ଦ୍ୱିଚତ୍ୱାରିଂଶ ଅଧ୍ୟାୟ

## ମୋଚିରାମ ସମ୍ବାଦ

ଶ୍ରୀରାମ ପଦ୍ମପାଦ ଚିନ୍ତି । କହେ ଚୈତନ୍ୟ ମହାମତି ॥
ଶୁଣ ସୁମନ ଶ୍ରଦ୍ଧାଭାବେ । ମୁଁ ଯାହା କହୁଅଛି ଏବେ ॥
ହରି ଭକତି କଥା ରସ । କେବଳ କର୍ଣ୍ଣକୁ ପୀୟୁଷ ॥
ଯେ ପୁଣ୍ୟ ଗୋଦାବରୀ ପାଶେ । ଅଳକା ପଲ୍ଲୀ ନାମ ଦେଶେ ॥
ସେ ଦେଶେ ଏକଇ ନଗର । ନାମ କନକାବତୀ ପୁର ॥
ସେହୁ ନଗରରେ ତାର ସ୍ଥିତି । ଜାତିରେ ଅଟେ ମୋଚି ଜାତି ॥
ରାମ ବେହେରା ନାମ ତାର । ଚର୍ମ ପାଦୁକା ଯା ବେପାର ॥
ଭାରିଯା ନାମ ତାର ମୂଳୀ । ପତିର ଆଜ୍ଞା ଥାଇ ପାଳି ॥
ତାହାର ଏକଇ କୁମର । ପିତା ବଚନ ମୂଳ ତାର ॥
ଏମନ୍ତେ ତିନ ପ୍ରାଣୀ ଥାନ୍ତି । ଚର୍ମ ଚପୁଲି ସିଇଁ ନିତି ॥
ତିନହେଁ ତାହା ବିକାଆଣି । ସୁଖେ ବଞ୍ଚନ୍ତି ତିନ ପ୍ରାଣୀ ॥
ମତ ହୋଇଲେ କସ ହେବ । କେବଳ ଥାଏ ହରିଭାବ ॥
ଯୌବନେ ତାର ଦୟାମନ । ଶକ୍ତ୍ୟାନୁରୂପେ ଦିଏ ଦାନ ॥
ଶ୍ରୀ ଗୀତ ଗୋବିନ୍ଦରୁ ପଦେ । ସମ୍ପୂର୍ଣ୍ଣ ନୋହେ ତହୁଁ ଅଧେ ॥
ଶିଖିଣ ଘୋଷୁଥାଇ ନିତି । କରୁଣ ଥାଇ ନିଜ ବୃତ୍ତି ॥
ସଧୀରେ ସଧୀରେ ସମୀର । ବହଇ ଯମୁନାର ତୀର ॥

ଶ୍ରୀ ବୃନ୍ଦାବନ ବାଳକୁନ୍ଦ । ଯହିଁ ଜନ୍ମିତ ପ୍ରେମାନନ୍ଦ ॥
ବସନ୍ତ ବନେ ବନମାଳୀ । ଚନ୍ଦ୍ର ଶ୍ରୀ ରାଧାକୃଷ୍ଣ କେଳି ॥
ଏତେକ ଘୋଷୁଥାଇ ମାସ । ପ୍ରମାଣ କରି ଅହୋରାସ ॥
ଭୋଜନ ଶୟନର ବେଳେ । ତା ନିଜ ବଷୟର କାଳେ ॥
ଆଣେ ତା ଗଣ୍ଠି କରି ହୃଦ । ଘୋଷୁଣେ ଥାଇ ଏହୁ ପଦ ॥
ଏମନ୍ତେ କେତେଦିନ ଠାରେ । ସେ ରାଜ୍ୟେ ଭାଗବତ ଘରେ ॥
ଚୋରେ ଯେ ପଶି ଚୋରିକରି । ଅନେକ ଧନରତ୍ନ ହରି ॥
ଦେଖିଲେ ଦେବତା ଖଟୁଲି । ବୋହି ଆଣିଲେ କସ ବୋଲି ॥
ସବୁହିଁ ଶାଳଗ୍ରାମ ଶିଳା । ନବୀନ ଘନ ଜିଣି କଳା ॥
ବ୍ରହ୍ମ ମୁନିଙ୍କି ଯେ ଦୁର୍ଲ୍ଲଭ । ଦର୍ଶନେ ଭକ୍ତି ମୁକ୍ତି ହେବ ॥
ତାହାକୁ ବୋଲେ ସେ ପଥର । ତେଣୁ ସେ ନ କରି ଆଦର ॥
କସ ଏ କରିବା ବୋଇଲେ । ବାହାରେ ପକାଇଣ ଦେଲେ ॥
ତହିଁରେ ଏକ ଜଣ ଥିଲା । ମୂର୍ତ୍ତି ଏ ବାଛିଣ ଘେନିଲା ॥
ଅତି ପୃଥକ ମନୋହର । ଲବଣ୍ୟ ଶିଳା ଦାମୋଦର ॥
ଅଞ୍ଜନ କଳାରୁ ଚକ୍‌କଣ । ଝଳଲେ ଅମୂଲ୍ୟ ଦର୍ପଣ ॥
ତମାଳ ଦଳ ନବଘନ । କାଳନ୍ଦୀ ଜଳର ସମାନ ॥
ଧିକ କରଇ ଭୃଙ୍ଗ ଶ୍ରେଣୀ । ଜ୍ୟୋତି ନିନ୍ଦଇ ନୀଳମଣି ॥
କସ୍ତୁରୀ କଳା ଧିକ୍‌କାରଇ । ସମାନ ଏ ସଂସାରେ ନାହିଁ ॥
ଶରଧା କରି ତାହା ଧରି । ବୋଲେ କରିବା ଘୋରଘୋରି ॥
ନୋହିଲେ କ ମାଗିଲେ ଦେବ । ଭଲ ମୁଁ ଏହା ଧରିଥିବ ॥
ଏମନ୍ତେ ବୋଲି ଘେନିଗଲା । ତା ନିଜ ମନ୍ଦିରେ ରଖିଲା ॥
କେତେହେଁ ଦିନ ଘରେ ଥୋଇ । ମୋଚିର ଘରେ ଦେଲା ନେଇ ॥
ବୋଇଲା ଏ ପଥର ରଖି, । ତୋର ସଜକୁ ଘଷି ଦେଖି ॥
କେମନ୍ତେ ଦାଢ଼ ଏଥି ହେବ । ବୁଝି ଚପୁଲି ଯୋଡ଼େ ଦେବ ॥
ତା ଶୁଣି ସେ ରାମ ବେହେରା । ଆନନ୍ଦମନେ ହୋଇ ତୋରା ॥
ବୋଇଲେ ଦେଖି ସେ ପଥର । ଘଷି ଜାଣିବି କାନ୍ତି ମୋର ॥

ସ୍ୱପ୍ନେ ଏମନ୍ତ ଆଜ୍ଞା ଦେଇ । ଅନ୍ତର ହେଲେ ଭବଗ୍ରାହୀ ।।
ତାହା ଜାଣି ସେ ଦ୍ୱିଜବର । କମ୍ପ ଉଠିଲା କଳେବର ।।
ପ୍ରଭାତୁଁ ଉଠି ବେଗେ ଗଲା । ସ୍ନାନ ଶଉଚ ଆଦି କଲା ।।
ଉତ୍ତମ ପାଟବସ୍ତ୍ରେ ଧରି । ଚଳି ସେ ଗଲା ବେଗ କରି ।।
ମୋଚି ପାରୁଶେ ହେଲା ଯାଇଁ । ଶ୍ରୀ ଶାଳଗ୍ରାମ ଆଗେ ଥୋଇ ।।
ବୋଇଲା ନିଅ ତୋର ଧନ । ଜାଣିଲି ଧନ୍ୟ ତୋ ଜୀବନ ।।
ଏ ସେ ଅନାଦି ନରହରି । ସକଳ ଘଟେ ଛନ୍ତି ପୂରି ।।
ଏହି ସେ ଜୀବନ କରତା । ଏହି ସେ ଗତି ମୁକ୍ତିଦାତା ।।
ଏହାଙ୍କ ପାଦ ଆଶ୍ରା କଲେ । ଜୀବ ନିସ୍ତାର ହେବ ଭଲେ ।।
ଏହାଙ୍କୁ ନ ମଣ ପଥର । କେବଳ ବିଷ୍ଣୁ ଭକ୍ତି କର ।।
ତୋ ଜୀବ ହୋଇଲା ପବିତ୍ର । ସ୍ୱପନ ହେଲା ମୋତେ ସତ୍ୟ ।।
ବହନ ମୋତେ ଘେନିଯିବୁ । ମୋ ଭକ୍ତ ପାଶେ ନେଇ ଦେବୁ ।।
ଯେ ଗୀତଗୋବିନ୍ଦରୁ ପାଦେ । ଶୁଣାଉଥିଲା ମହାନନ୍ଦେ ।।
ଏମନ୍ତ ଆଜ୍ଞା ଦେଲା ଯେଣୁ । ପ୍ରଭୁଙ୍କୁ ଆଣିଦେଲି ତେଣୁ ।।
ଛାଡ଼ ପଥର ବୁଦ୍ଧି ତୋର । ଏବେ ତୁ ସୁଖେ ପୂଜାକର ।।
ଏ ଭବ ସାଗରୁ ତରିଲୁ । ଭକତ ସଙ୍ଗେ ଗଣା ହେଲୁ ।।
ଏହା ଶୁଣିଲା ଯହୁଁ କର୍ତ୍ତି । ତକ୍ଷଣେ ହେଲା ଦିବ୍ୟଜ୍ଞାନ ।।
ଉଠି କପାଳେ କର ଦେଲା । ବ୍ରାହ୍ମଣ ଚରଣେ ନମିଲା ।।
ସେ ଶାଳଗ୍ରାମ ପୂଜି କରି । ତକ୍ଷଣେ ଗଲା ନିଜ ପୁରୀ ।।
ଦିବ୍ୟ ଆସନେ ବସାଇଲା । ଅନେକ ଦଣ୍ଡବତ କଲା ।।
ତୁଳସୀ ଦଳ ଚନ୍ଦନରେ । ପୂଜିଲା ଅତି ଆନନ୍ଦରେ ।।
ଶ୍ରୀ ଗୀତଗୋବିନ୍ଦ ସେ ଗାନ । କଲା ପ୍ରଭୁଙ୍କ ସନ୍ନିଧାନ ।।
ବୋଇଲା ଆହେ ଭଗବାନ । ମୁଁ ଅତି ପତିତ ଦୁର୍ଜ୍ଜନ ।।
ଅଜ୍ଞାନ ହୀନ ଜାତି ଅଟେ । ନିଶି ଦିବସ ଚର୍ମ କାଟେ ।।
ଅନେକ ହୀନ କର୍ମ କରି । ଅଛିବ ଜାତି ସମ ସରି ।।
ଧିକ ହେଉ ଏ ମୋ ଜୀବନ । ନାହିଁ ମୋହର ବୁଦ୍ଧିଜ୍ଞାନ ।।

ନରକେ ଦୁର୍ଗନ୍ଧ ଆବୋରି । ବଞ୍ଚିଇ ସୁରାପାନ କରି ॥
ନୋହେ ମୁଁ କେବେ ଶୁଚିବନ୍ତ । ନ ଜାଣେ ଆଚାର କେମନ୍ତ ॥
ଏମନ୍ତ ପ୍ରାଣୀକି କେମନ୍ତେ । କୃପା ଯେ କଲ କହ ମୋତେ ॥
ଏଣୁ ଜାଣିଲି ନିଷ୍ଠା କରି । ପରମ ଦୟାଳୁ ଶ୍ରୀହରି ॥
ଅଧମ ଉଦ୍ଧାରଣ ବାନା । ଅରକ୍ଷଜନ ବଜ୍ରସେହ୍ନା ॥
ଏମନ୍ତ ବୋଲିଣ ତୁରିତେ । ଛାଡ଼ିଲା ନିଜକର୍ମ ଯେତେ ॥
ଡୋର କୌପୀନ ଆଶ୍ରେ କଲା । ବୈଷ୍ଣବ ବେଶ ଆବୋରିଲା ॥
କରେ କଙ୍କଣ ଭୁଜମୂଳେ । ତୁଳସୀ କାଷ୍ଠ ମାଳ ଗଳେ ॥
ଆନନ୍ଦ ହୋଇ ଗଲେ ଭରି । ହୃଦୟ ସ୍ଥଳଯାକ ପୂରି ॥
ଚରଣେ ବାନ୍ଧିଲା ଘାଗୁଡ଼ି । ଝୁଲନ୍ତେ କରେ ଘୋର ରଡ଼ି ॥
କରେ ଧରିଣ କରତାଳ । ବଜାଏ ନିତ୍ୟେ ହୋଇ ଭୋଳ ॥
ଶ୍ରୀ ଗୀତଗୋବିନ୍ଦରୁ ପଦେ । ଗାନ କରଇ ଘୋର ନାଦେ ॥
ଶ୍ରୀକୃଷ୍ଣ ମନେ ମନେ ଧ୍ୟାୟୀ । ଭାବରେ ଗଦ ଗଦ ହୋଇ ॥
ଅଙ୍ଗ ପୁଲକ ରୋମାବଳୀ । ନେତ୍ରୁ ଲୋତକ ଧାର ଗଳି ॥
ଛାଡ଼ିଣ ଦେହ ବୁଦ୍ଧି ତାର । ବୋଇଲେ ନମୋ ବେଣୁଧର ॥
ଯା ମାୟା ଦେବଙ୍କୁ ଦୁର୍ଲଭ । ଯହିଁ ମୋହିତ ସଦାଶିବ ॥
ମୁନିମାନଙ୍କୁ ଅଗୋଚର । କାହୁଁ ଜାଣିବ ମୁହିଁ ଛାର ॥
ଯେବେ ତୁ ଦେବ ଚିନ୍ତାମଣି । ସକଳ ଜୀବର ଜାଣେଣୀ ॥
ଦେଖିବି ନିଜ ରୂପ ତୋର । ତେବେ ମୋ ମନ ହେବ ସ୍ଥିର ॥
ନୋହିଲେ ମରିବି ଅବଶ୍ୟ । ସତ୍ୟ କହିଲି ପୀତବାସ ॥
ରଖ ନ ରଖ ତୁମ୍ଭ ଇଚ୍ଛା । ମୁଁ ଏବେ ଘେନିଲି ଏ ଦୀକ୍ଷା ॥
ଏମନ୍ତ ବୋଲି କାଷ୍ଠା କରି । କେବଳ ଭଜୁଥାଇ ହରି ॥
ଅନ୍ନଭୋଜନେ ନାହିଁ ଆଶ । କେବେ ଦେଖିବି ପୀତବାସ ॥
ଏମନ୍ତେ ଦିବସ ଶବଂଶ । ପ୍ରଭୁ ସମ୍ମୁରେ ନୃତ୍ୟ କରି ॥
ବଞ୍ଚିଲା କରି ହରି ଧ୍ୟାନ । ତାହା ଜାଣିଲେ ଭଗବାନ ॥
ଯେ ପ୍ରଭୁ ଭକତ ବତ୍ସଳ । ଭକତ ଭାବ ତାର ମୂଳ ॥

ନ ଘେନେ କିମ୍ବା ଅଭିମାନ । ନ କରେ ଯଜ୍ଞ ତପ ଦାନ ॥
ତୀର୍ଥ ବ୍ରତରେ ନୋହେ ବଶ । କେବଳ ମୂଳଟି ବିଶ୍ୱାସ ॥
ନିଷ୍କାମ ଶୁଦ୍ଧ ବୁଦ୍ଧି ଯାର । ସେ ଅଟେ ବାନ୍ଧବ ତାହାର ॥
ନିଷ୍ଠା ଅନିଷ୍ଠା ତାର ନାହିଁ । ଜାତି ଅଜାତି ଭିନ୍ନ ନାହିଁ ॥
କେବଳ ଶୁଦ୍ଧ ପ୍ରେମଭାବ । ଜାଣି ତାହାର ପଦ୍ମନାଭ ॥
ଭାବେ ବ୍ରାହ୍ମଣ ରୂପ ହୋଇ । ବିଜୟ କଲେ ଭାବଗ୍ରାହୀ ॥
ସେ ମୋଚ ରାମ ଦାସ ପାଶ । ଯାଇଣ ହୋଇଲେ ପ୍ରବେଶ ॥
ଦେଖିଲେ କରୁଅଛି ନୃତ୍ୟ । ମୁଣ୍ଡ ହଲାଇ ଯୋଡ଼ି ହସ୍ତ ॥
ତ୍ରିଭଙ୍ଗୀ କରି ଦେଇ ପାଦ । ଶ୍ରୀ ଗୀତଗୋବିନ୍ଦର ପଦ ॥
ଭାବରେ ଗାନ କରୁଛଇ । ନାଚଇ ଟେହ୍ଲାଇ ଟେହ୍ଲାଇ ॥
ଦଣ୍ଡ ଦଣ୍ଡିକେ ଭାବଭୋଳେ । ଶ୍ରୀ ଶାଳଗ୍ରାମ ପାଶେ ମିଳେ ॥
ଯେସନେ ମହାମତ୍ତ ବାଇ । ଜସ ବୋଇଲେ ଜସ ହୋଇ ॥
ତାହା ଦେଖିଣ ବ୍ରହ୍ମଋଷି । ଅଳପ ମନ୍ଦ ମନ୍ଦ ହସି ॥
ବୋଇଲେ ଶୁଣ ଆରେ ଦାସ । ସ୍ୱରୂପ କହ ଆମ୍ଭ ପାଶ ॥
କମ୍ପାଇଁ ଏତେ ନୃତ୍ୟ କରୁ । ରାତ୍ର ଦିବସ ଗାଇ ମରୁ ॥
ଜସ ହୋଇବ ଏହା କଲେ । ତା ମୋତେ କହ କାହା ଭଲେ ॥
ତା ଶୁଣି ମୋଚ ରାମ ଦାସ । ପ୍ରଣାମ କରି ବିପ୍ର ପାଶ ॥
ବୋଇଲା ଶୁଣ ହେ ଗୋସାଇଁ । ସ୍ୱରୂପ କହୁଅଛି ମୁହିଁ ॥
ଦିନେକ ଏକଇ ବ୍ରାହ୍ମଣ । ଏ ମାଳମଣିକି ଦେଖିଣ ॥
ମୋ ତହୁଁ ମାଗି ଘେନିଗଲା । କେ ଜାଣେ ଜସ ସେବା କଲା ॥
ସେ ପୁଣି ବୃନ୍ଦାବନ ଅନ୍ତେ । ଫେରାଇ ଆଣିଦେଲା ମୋତେ ॥
ବୋଇଲା ଏଥି ନାରାୟଣ । ସେବ ତୁ ଏହାଙ୍କ ଚରଣ ॥
ସାକ୍ଷାତେ ନୟନେ ଦେଖିବୁ । ସୁଖେ ମୁକତି ଗତି ହେବୁ ॥
ତେଣୁ ଭାବୁଛି ମୁହିଁ ନିତ୍ୟେ । ସ୍ୱରୂପ ଦେଖିବି କେମନ୍ତେ ॥
ତୁମ୍ଭେ କି ଆଜ୍ଞା ଦେଉଅଛ । ତା ଶୁଣି ବୋଲନ୍ତି ଶ୍ରୀବତ୍ସ ॥
ଶୁଣରେ ମୋଚ ରାମ ଦାସ । ସେ ହରି ମହିମା ଅଶେଷ ॥

ଯୋଗୀନ୍ଦ୍ର ଯୋଗମାର୍ଗେ ଧାନେ । ସେ ଦେଖି ନ ପାରନ୍ତି ଦିନେ ॥
ତୁ ପୁଣି ଦେଖିବୁ କେମନ୍ତେ । ଏହା ବିଚାରୁ ଅଛୁ ଚିତ୍ତେ ॥
ଏ କଥା ନୁହଇ ଉଚିତ । ତା ଶୁଣି ବୋଲେ ହରି ଭକ୍ତ ॥
ଶୁଣ ହେ ବ୍ରାହ୍ମଣ ଗୋସାଇଁ । କଥାଏ କହିବଇଁ ମୁହିଁ ॥
ସ୍ୱାମୀର ସ୍ନେହ ଯେବେ ହେବ । ତା ପତ୍ନୀ ଅସୁନ୍ଦରୀ ଥିବ ॥
କାଣୀ କୁବୁଜା ଖେଣ୍ଠୀ କେମ୍ପୀ । ହୋଇଣ ଥିବ ସେ ଯଦ୍ୟପି ॥
କଛୁହିଁ ଗୁଣ ତା ନ ଥିବ । ସ୍ୱାମୀର ଦୟା ଏକା ହେବ ॥
ବେଳେ ସେ କାଳେ ନେଇଧରି । ସୌଭାଗୀ ବୋଲାଏ ସେ ନାରୀ ॥
ଯେତେଡ଼େ ସେ ହେଉ ରୂପବନ୍ତୀ । ଶ୍ରଦ୍ଧା ନ କରେ ଯେବେ ପତି ॥
କି ହେବ ଯେତେ ଗୁଣ ଥିଲେ । ଏହା ବିଚାରି କରି ଭଲେ ॥
ସେ ଗୁଣଗ୍ରାହୀ ଭଗବାନ । ଅବଶ୍ୟ ଦେବେ ଦରଶନ ॥
ନୋହିଲେ ମୋର ପ୍ରାଣ ଯିବ । ହତ୍ୟା ତାହାର ପରେ ହେବ ॥
ଏମନ୍ତ ଶୁଣି ଚକ୍ରପାଣି । ଭକତ ପ୍ରେମ ମନେ ଗୁଣି ॥
ବୋଇଲେ ଧନ୍ୟ ତୋ ଜୀବନ । ବେଗେ ତୁ ବୁଜରେ ନୟନ ॥
ଆମ୍ଭେଟି ବରଦାତା ତୋର । ଦେଖିବୁ ସ୍ୱରୂପ ଆମ୍ଭର ॥
ତା ଶୁଣି ମୋଚି ରାମ ଦାସ । ଆନନ୍ଦେ ସାଗରେ ପ୍ରବେଶ ॥
ସେକ୍ଷଣି ବୁଜିଲା ନୟନ । ଦେଖିଲା ମଦନ ମୋହନ ॥
ଅନ୍ତରେ ଦରଶନ କଲା । ନୟନ ଫେଡ଼ି ଚାହିଁଦେଲା ॥
ସାକ୍ଷାତେ କଲା ଦରଶନ । ପ୍ରଭୁ ହୋଇଲେ ଅନ୍ତର୍ଦ୍ଧାନ ॥
କହୁ କେ ତାହାର ଆନନ୍ଦ । ଭଜଇ ଗୋପାଳ ଗୋବିନ୍ଦ ॥
ଜୀବନ୍ତେ ସୁଖେ ଦିନ ନେଲା । ଅନ୍ତେ ସେ ବିଷ୍ଣୁଲୋକେ ଗଲା ॥
ଶୁଣ ହେ ମନ ନୃପନାଥ । ଏ ଦାର୍ଢ୍ୟଭକ୍ତି ରସାମୃତ ॥
ଏଥେଁ ନିର୍ମଳ ଚିତ୍ତ ଯାର । ସେ ନିଶ୍ଚେ ହେବ ଭବୁଁ ପାର ॥
କହଇ ବିପ୍ର ରାମ ଦାସ । ସେ ହରି ମହିମା ଅଶେଷ ॥
ସକଳ ଜୀବର ଠାକୁର । ଭକତ ଭାବ ମୂଳ ତାର ॥
ଏଣୁ ଭକତ ରାମ ଦାସ । କଲା ସାଧୁଙ୍କ ପାଶେ ଆଶ ॥

କୃପା କରିବେ ସେହୁ ମୋରେ । ଭେଟାଇ ଦେବେ ଶ୍ରୀ ପଦ୍ମରେ ॥
ଇତି ଶ୍ରୀ ଦାର୍ଢ଼୍ୟତାଭକ୍ତି ରସାମୃତେ ମନ ଚୈତନ୍ୟ ସମ୍ବାଦେ
ମୋତି ରାମ ଦାସ ଦାର୍ଢ଼୍ୟଭାବ ବର୍ଣ୍ଣନେ ନାମ
ଦ୍ୱିଚତ୍ୱାରିଂଶୋଽଧ୍ୟାୟଃ ।

—✳—

## ତ୍ରିଚତ୍ୱାରିଂଶ ଅଧ୍ୟାୟ
## ବଣ୍ଟାନନ୍ଦ ଦାସ ସମ୍ବାଦ

ନମସ୍ତେ ଚଉଦ ଭୁବନ । ନମସ୍ତେ ଶ୍ରୀପଦ୍ମଲୋଚନ ॥
ବୌଦ୍ଧ କଳଙ୍କୀ ଦଶବଧ । ବାଞ୍ଛା କରିବେ ମୋର ସିଦ୍ଧ ॥
ଏ ଯେ ପ୍ରବନ୍ଧ ସମ୍ପୂର୍ଣ୍ଣରେ । କଥାଏ ଆଜ୍ଞା ହେଉ ମୋରେ ॥
ତୋ ବିନା ଆଜ୍ଞାରେ କେ ନର । କହିବା ଶକ୍ତି ହେବ କାର ॥
ଏଣୁ ଶରଣ ରାମ ଦାସ । ପୂରଅ ମୋର ମନ ଆଶ ॥
ମନ ବୋଲଇ ଚଇତନ୍ୟ । ଦୁର୍ଲ୍ଲଭ ଏ ତୋର ବଚନ ॥
ଦୁର୍ଲ୍ଲଭ ସାଧୁଙ୍କ ଚରିତ । ଦୁର୍ଲ୍ଲଭ ହରି କଥାମୃତ ॥
ଶୁଣି ଶରଧା ହେବ ଯାର । ଯମ କି କରିବ ତାହାର ॥
ଏଣୁ ସାଧୁଙ୍କ କଥା ଯେତେ । କେବଳ କହୁଥାଅ ମୋତେ ॥
ପୁଣି କହଇ ଚଇତନ୍ୟ । ଶୁଣ ଅରୂପାନନ୍ଦ ମନ ॥
ସାଧୁଙ୍କ ମହିମା ଅଶେଷ । ତାହା ମୁଁ କହିବଇଁ କିସ ॥
କେବଳ ତୁମ୍ଭ ଶ୍ରଦ୍ଧାଭାବେ । ଯାହା କହୁଛି ଶୁଣ ଏବେ ॥
ଯେ ଗୋପପୁର ବୃନ୍ଦାବନ । ଜଗତ ମଧ୍ୟେ ମୋକ୍ଷସ୍ଥାନ ॥
ସକଳ ଦେବଙ୍କର ସାର । କେବଳ ଗତି ମୁକ୍ତି ଦ୍ୱାର ॥
ତହିଁ ପ୍ରବେଶ ହେଲେ ଜୀବ । ଆଉ ନ ଦେଖେ ପୁଣି ଭବ ॥
ସେ ଗ୍ରାମେ ଏକଇ ବ୍ରାହ୍ମଣୀ । ବିଧବା ଅଟେ ସେ ତରୁଣୀ ॥
କେତୁକା ନାମ ଅଟେ ତାର । ନାହିଁ ତା ଦୁହିତା କୁମର ॥
କେବଳ ଏକାକିଣୀ ଥାଇ । କଷ୍ଟ ପାଇଣ ସେ ଜୀଅଇଁ ॥
ବୈଷ୍ଣବ ମଠମାନଙ୍କରେ । କୁଟେ ତଣ୍ଡୁଳ ନିରନ୍ତରେ ॥

ପ୍ରଭୁଙ୍କ ଆହ୍ଲାଦ ପାଇ । ଅତ୍ୟନ୍ତ ତେଜୋବନ୍ତ ହୋଇ ॥
ଆଣ୍ଟେ ସେ କଳଙ୍କ ବେଦନ । ତା କଣ୍ଠ କୋକିଳ ସମାନ ॥
ତହିଁ ମିଶିଛି ନାମାବଳି । ରାମ ଗୋବିନ୍ଦ ବନମାଳୀ ॥
ସେ ଧ୍ୱନି ଶୁଣି ମଠଜନେ । ସର୍ବେ ବିଗ୍ଭର କଲେ ମନେ ॥
ଏତ ବଡ଼ଇ ଆଶ୍ଚର୍ଯ୍ୟିତ । ଫଡ଼ି କାନ୍ଦଇ କା ବାଳୁତ ॥
ଏମନ୍ତ ବୋଲି ଧାଇଁଗଲେ । ମହନ୍ତ ପ୍ରେମାନନ୍ଦ ଭୁଲେ ॥
ବାଳତନୟ ପାଶେ ମିଳି । ଦେଖିଲେ ଗଡ଼ୁଛି ବୋବାଳି ॥
ଏକେ ସୁନ୍ଦର ବାଳଶିଷି । ଝଟକ ବିଦ୍ୟୁ ପ୍ରାୟ ଦିଶି ॥
ଚନ୍ଦ୍ରମା ପରାୟେ ବଦନ । ରୂପ କି ମଦନମୋହନ ॥
ନାସା ଶ୍ରବଣ ନେତ୍ରଧାର । କହି ନୁହଇ ତା ସୁନ୍ଦର ॥
କଣ୍ଠ କପୋଳ କର ପାଦ । ଦେଖି କେ ନୋହିବ ପ୍ରମୋଦ ॥
କର ଚରଣକୁ ହଲଇ । କାନ୍ଦୁଛି ତେହ୍ଲାଇ ତେହ୍ଲାଇ ॥
ବେଦନ ସଙ୍ଗେ ନାମ ତାର । ଶୁଣି ହୋଇଲେ ଚମତ୍କାର ॥
ବୋଇଲେ ଧନ୍ୟ ଯା ଜୀବନ । ଜନ୍ମରୁ ଭଜେ ଭଗବାନ ॥
ଅନ୍ୟାୟ ସୁତ ପଛେ ହେଉ । କିବା ଅଜାତ ହୋଇଥାଉ ॥
ଏଥେଁ ବିଗ୍ଭର ନାହିଁ ବାବା । ଧର ମଠକୁ ଘେନିଯିବା ॥
ଏମନ୍ତ ବୋଲି ସେ ନନ୍ଦନ । ଘୋଡ଼ାଇ ଚଳିଲେ ବହନ ॥
ମଠରେ ପ୍ରବେଶ ହୋଇଲେ । ଏକ ସ୍ତ୍ରୀଙ୍କି ଡକାଇଲେ ॥
ଖଞ୍ଜିଲେ ଖଞ୍ଜା ବରତନ । ବୋଇଲେ ପାଳ ଏ ନନ୍ଦନ ॥
ପୁଣି ଯେ ନାରୀ ଶୁଦ୍ଧଚିତ୍ତେ । ପୁତ୍ର ପାଳିଲା ବିଧିମତେ ॥
ତଇଳ କୁଙ୍କୁମ ଲଗାଇ । ଅନଳ ତପତ ଦେଖାଇ ॥
ଅନେକ ଗାବ କ୍ଷୀରପାନେ । ପୁତ୍ର ବଢ଼ଇ ଦିନେ ଦିନେ ॥
ଚନ୍ଦ୍ରର କଳା ବୃଦ୍ଧି ପ୍ରାଏ । ବଢ଼ିଲା ସେ ବାଳ ତନୟେ ॥
ଦେଖିଣ ପୁତ୍ରର ଆନନ୍ଦ । ନାମ ତା ଦେଲେ ବ୍ରହ୍ମାନନ୍ଦ ॥
ଏମନ୍ତେ କେତେଦିନ ଗଲା । ଯହୁଁ ବରଷ ପାଞ୍ଚ ହେଲା ॥
କହିଲା ଅମୂଲ୍ୟ ବଚନ । କେବଳ ଭକ୍ତି ତତ୍ତ୍ୱଜ୍ଞାନ ॥

ଦଶ ବରଷେ ବୟସ ଯେତେ । ସବୁ ରଖିଲା କଣ୍ଠାଗ୍ରତେ ॥
କେବଳ ହରିକଥା ଶୁଣେ । ଅନ୍ୟ ନ ପଶେ ତାର ମନେ ॥
ଜଗତ ଦେଖେ ବିଷ୍ଣୁମୟ । ତେଣୁ ନଥାଇ କିଛି ଭୟ ॥
ଏମନ୍ତ ଗଲା କେତେଦିନ । ଶୁଣ ହେ ସୁମନ ସଜ୍ଜନ ॥
ଦିନେକ ସେ ମଠ ମହନ୍ତ । ପ୍ରେମୀମାନଙ୍କ ତପୋବନ୍ତ ॥
ଅଦ୍ଭୁତେ ଶୂଳରୋଗ ମାରି । ପଡ଼ିଲେ ନିଜ ପ୍ରାଣ ହାରି ॥
ତାହା ଦେଖି ସେ ମଠ ଲୋକେ । ଧାଇଁପଡ଼ିଲେ ସେ ଉତ୍ସୁକେ ॥
ସମସ୍ତେ ବୋବାଳି ଛାଡ଼ିଲେ । ଶୁଣି ସକଳେ ତୁଣ୍ଡି ହେଲେ ॥
ମହନ୍ତ ପଡ଼ିବା ଦେଖିଲେ । ହା ହା ଶବଦେ ଡାକଦେଲେ ॥
ବେଢ଼ିଲେ ଶତେପୁର କରି । ଜାଣିଲେ ନଷ୍ଟେ ଗଲା ମରି ॥
ଏମନ୍ତବେଳେ ବଙ୍କାନନ୍ଦ । ବୋଇଲେ ସର୍ବେ କିମ୍ପାଁ କାନ୍ଦ ॥
ଅତିଥି ବୋଇଲେ ରେ ଶୁଣ । ମହନ୍ତ ହାରିଲେ ପରାଣ ॥
ନିଜ ଧାମକୁ ଗଲେ ସେହି । ଆମ୍ଭଙ୍କୁ ପଥରେ ବସାଇ ॥
ତା ଶୁଣି ବଙ୍କାନନ୍ଦ ଗଲେ । ମୃତ ଶବର ପାଶେ ହେଲେ ॥
ଚିତ୍ତେ ଚିନ୍ତିଲେ ଆଦିକନ୍ଦ । ଗୋପାଳ ଗୋବିନ୍ଦ ମୁକୁନ୍ଦ ॥
ବୋଇଲେ ସମସ୍ତେ ଅଜ୍ଞାନ । ଏ କିମ୍ପା ହାରିବେ ଜୀବନ ॥
ନିଦ୍ରାରେ ଅଚେତନ ହୋଇ । ସ୍ୱାମୀ ଆମ୍ଭର ଛନ୍ତି ଶୋଇ ॥
ଏମନ୍ତ କହି ଭୁଜ ଧରି । ତୋଳିଲେ ଗୋବିନ୍ଦ ସୁମରି ॥
ବୋଇଲା ସ୍ୱାମୀ ଉଠ ଏବେ । କେତେ ଶୋଇଛ ନିଦ୍ରାଭାବେ ॥
ବିଳମ୍ବ ହେଲା ଆଜ ବେଳ । ମଣୋହି ହେବ କେତେବେଳ ॥
ଏମନ୍ତ ବୋଲନ୍ତେ ନନ୍ଦନ । ତକ୍ଷଣେ ପାଇଲେ ଜୀବନ ।
ନିଦୁ ଉଠିଲା ପ୍ରାୟ ହୋଇ । ଚକ୍ଷୁ ମଳଣ ଦେଲେ ଶୁହିଁ ॥
ଉଠିଣ ବସିଲେ ତ୍ୱରିତେ । ତା ଦେଖିଥିଲେ ଯେ ସମସ୍ତେ ॥
ବୋଇଲେ ଏ କି ଆଚମ୍ବିତ । ଶୁଣିଲୁ ନାହିଁ କର୍ଣ୍ଣପଥ ॥
ମରିବା ପ୍ରାଣୀ ପ୍ରାଣ ପାଇ । ଚକ୍ଷୁ ମଳଣ ଦେଲେ ଶୁହିଁ ॥
ଏବେ ତ ଦେଖିଲୁ ସାକ୍ଷାତ । ଧନ୍ୟ ଏ କାହାର ବାଳୁତ ॥

ଏହା ବଚନେ ଏହା ହେଲା । ମଲାରୁ ଲେଉଟି ଅଇଲା ॥
ଏମନ୍ତ କହି ଯେଝାମତେ । ଲେଉଟି ଗଲେ ଯେ ସମସ୍ତେ ॥
ଶୁଣ ହେ ମନ ନୃପରାଣ । ମହାନ୍ତ ପାଇ ନିଜ ପ୍ରାଣ ॥
ଉଠି ବସିଲେ ଯେତେବେଳେ । ଜନ ସମୂହ ଦେଖି ଡୋଳେ ॥
ବୋଇଲେ ଏ କି ଅପରୂପ । ତା ଜାଣି ବୋଇଲେ ସମସ୍ତ ॥
ଏ ଅଲୌକିକ ନୋହେ କହି । ବୋଇଲେ ଶୁଣିମା ଗୋସାଇଁ ॥
ତୁମ୍ଭେ ଯେ ନିଜ ପ୍ରାଣ ହାରି । ବିଜୟ କଲ ନିଜପୁରୀ ॥
ପିଣ୍ଡ ଯେ ପଡ଼ିଥିଲା ତଳେ । ତା ଦେଖି ଗୁଡ଼ଲୁଁ ବୋବାଳ ॥
ଆମ୍ଭର ଦେଖିଣ ବେଦନ । ଧାଇଁ ଅଇଲେ ଏ ନନ୍ଦନ ॥
ବୋଇଲେ କାନ୍ଦ କାହିଁପାଇଁ । ଶୋଇ ଅଛନ୍ତି ସେ ଗୋସାଇଁ ॥
ଏମନ୍ତ କହି ଭୁଜ ଧରି । ଉଠାଇ ଦେଲେ ବେଗ କରି ॥
ତକ୍ଷଣେ ପାଇ ନିଜ ପ୍ରାଣ । ଉଠି ବସିଲେ ଯେ ଆପଣ ॥
ଏମନ୍ତ ଶୁଣି ପ୍ରେମାନନ୍ଦ । କେ କହେ ମନର ଆନନ୍ଦ ॥
ବୋଇଲେ ଧନ୍ୟରେ ନନ୍ଦନ । ତୁ ମୋତେ ଦେଲୁ ଜୀବଦାନ ॥
ତୋ ଋଣ ସୁଝି ମୁଁ ନ ପାରି । ଆଜୁଁ ତୁ ମଠେ ଅଧିକାରୀ ॥
ମୁହିଁ ହୋଇଲି ତୋ ଅଧୀନ । ଏ କଥା ସତ୍ୟ କରି ଘେନ ॥
ତୋ ଇଚ୍ଛା ଏବେ ଯାହା କର । ଏ ସବୁ ତୋର ପରିଗ୍ରହ ॥
ଏମନ୍ତ ବୋଲି କୋଳେ ଧରି । ହୃଦେ ଲଗାଇ ମୋଦଭରି ॥
ପାଶେ ବସାଇ ଶୁଚିମନ୍ତେ । ତିଳକ ଦେଲେ ବିଧିମତେ ॥
ପିଣ୍ଡ ପ୍ରତିଷ୍ଠା ବିଧି କଲେ । ଶ୍ରବଣେ ମହାମନ୍ତ୍ର ଦେଲେ ॥
ସେବକ ହୋଇ ବଙ୍କାନନ୍ଦ । ମନରେ ହୋଇଲେ ଆନନ୍ଦ ॥
ସାଷ୍ଟାଙ୍ଗେ କରି ଦଣ୍ଡବତ । ଉଠି ଯୋଡ଼ିଣ ବେନିହସ୍ତ ॥
ବୋଇଲେ ପ୍ରଭୁ ନମୋନମଃ । ନମସ୍ତେ ଗୁରୁ ପରଂବ୍ରହ୍ମ ॥
ପବିତ୍ର କରି ମୋ ଶରୀର । ତୁମ୍ଭେ ମୋ ଜୀବନ ଠାକୁର ॥
ଦଇବେ ଅଟେ ମୁଁ ଅନାଥ । ନ ଜାଣେ କେବା ତାତ ମାତ ॥
ଅନାଥ ବାଳକକୁ ଆଣି । ପୋଷିଲ ଦେଇ ଅନ୍ନ ପାଣି ॥

ଏଣୁ ମୋ ଧର୍ମର ପିଅର । ସାକ୍ଷାତେ ଶ୍ରୀଗୁରୁ ଈଶ୍ୱର ॥
ଏଣୁ ମାଗୁଣି ଏତେ ମୋର । ଏ ମାୟା ଜଞ୍ଜାଳେ ନ ଭର ॥
ଧନ ରତନ ଆଦି ଯେତେ । ମୃତ୍ତିକା ପ୍ରାୟେ ଦିଶେ ମୋତ ॥
ମୋ ମୁଣ୍ଡେ ନ ଲଦ ପର୍ବତ । ସମ୍ପଦେ ନ ରସେ ମୋ ଚିତ୍ତ ॥
ତାହା ଶୁଣିଣ ଗୁରୁଦେବ । ବୋଇଲେ ଧନ୍ୟ ତୋର ଭାବ ॥
ତୁ ଯେ ଏ ମଠରେ କାରେଣୀ । ପ୍ରଭୁ ଭେଟାଇଛନ୍ତି ପୁଣି ॥
ତୋ ଇଚ୍ଛା ଯାହା ତାହା କର । ଏ ସର୍ବ ସମ୍ପଦ ତୋହର ॥
ଏମନ୍ତ ବୋଲି ଶ୍ରଦ୍ଧାଚିତ୍ତେ । ପାଟ ବାନ୍ଧିଲେ ତାର ମାଥେ ॥
ମଠେ ମହନ୍ତ ତାକୁ କଲେ । ସମସ୍ତେ ବଶବର୍ତ୍ତୀ ହେଲେ ॥
ଏଥି ଉତ୍ତରେ ଯେତେ କଥା । ଶୁଣ ହେ ମନ ମହାରଥା ॥
ସେ ମଠେ ପାଇ ଅଧିକାର । ଚିତ୍ତ ସନ୍ତୋଷ ନୋହେ ତାର ॥
କେବଳ ଶ୍ରୀଗୁରୁ ଆଜ୍ଞାରେ । ମହନ୍ତ ହେଲେ ସେ ମଠରେ ॥
କାହିଁ ନ ମିଶେ ତାର କାୟେ । କାଷ୍ଠେ ଅନଳ ଥିଲା ପ୍ରାୟେ ॥
ବୃଥାମଣଇ ସର୍ବକଥା । କେବଳ ସତ୍ୟ ହରିକଥା ॥
ଜପଇ ହରି ରୂପ ଧ୍ୟାନ । ହରି ଭଜନେ ଦେଇ ମନ ॥
ହରି ପ୍ରସଙ୍ଗେ କର୍ଣ୍ଣ ଡେରି । ନିରତେ ଚିନ୍ତୁ ଥାଇ ହରି ॥
ହରି ସେ ସବୁରି କରତା । ଏଣୁ ନ ଜାଣେ ଅନ୍ୟ କଥା ॥
କରନ୍ତି ଯାକୁ ହରି ଦୟା । ତାକୁ ଲାଗଇ କମ୍ପା ମାୟା ॥
ବଚନ ବୋଲଇ ସେ ଯାହା । କେବେ ଅନ୍ୟଥା ନୋହେ ତାହା
ଏମନ୍ତ ଯେତେ ଦିନ ଗଲା । ଶୁଣ ସୁମନ ଯାହା ହେଲା ॥
ମଠରେ ଥିଲା ଯେତେ ଧନ । ହୀରା ନୀଳାଦି ମୋତିମାନ ॥
ସୁବର୍ଣ୍ଣ ରଜତ ସହିତେ । ସମସ୍ତ ଠୁଳକଲା ଯେତେ ॥
ସିନ୍ଦୁକ ଗୋଟିକରେ ଭରି । ମୁଦ ପକାଇ ଯତ୍ନ କରି ॥
ବହନ କରି ଘେନିଗଲା । ଯମୁନା ଜଳେ ପିଙ୍ଗିଦେଲା ॥
ବୋଇଲା ଏହି ସିନା ମାୟା । ମଠେ କମ୍ପାଇ ଥିବ ଏହା ॥
ଏମନ୍ତ ବୋଲି ଫେରି ଆସି । ମଠେ ଆନନ୍ଦ ହୋଇ ବସି ॥

ତାହା ଦେଖିଣ ସର୍ବେ ରୋଷେ । କହିଲେ ପ୍ରେମାନନ୍ଦ ପାଶେ ॥
ବୋଇଲେ ଏ କି ବିପରୀତ । ମଠରେ ଥିଲା ଯେତେ ବିତ୍ତ ॥
ଏ ନୂଆ ମହନ୍ତ ତୁମ୍ଭର । ସମସ୍ତ କଲା ନାରଖାର ॥
ସିନ୍ଦୁକେ ଭରି ଘେନିଗଲା । ଯମୁନା ଜଳେ ପକାଇଲା ॥
ଆଜୁଁ ସରିଲା ଧନ ଯେତେ । ଏ ମଠ ଚଳିବ କେମନ୍ତେ ॥
ତା ଶୁଣି ପ୍ରେମାନନ୍ଦ ଦାସ । ମନରେ ହୋଇଣ ବିରସ ॥
ବିଜ୍ଞାନନ୍ଦକୁ ଡକାଇଲେ । କି କର୍ମ କଲୁରେ ବୋଇଲେ ॥
ସଂସାରେ ଧନୀ ଯେଉଁ ପ୍ରାଣୀ । ସେ ଯେ ସବୁରି ଶିରୋମଣି ॥
ମର୍ତ୍ତ ଲୋକରେ ଥିଲେ ଧନ । ଉଚେ ହୁଅନ୍ତି ତା ଅଧୀନ ॥
ଏଣୁ ସଂସାରେ ଧନ ସାର । ତାହାକୁ କରି ନାରଖାର ॥
ଏହା ତୁ କଲୁ ଆରେ ମନ୍ଦ । ତା ଶୁଣି ବୋଲେ ବିଜ୍ଞାନନ୍ଦ ॥
ଶୁଣିବା ହେଉ ଗୁରୁଦେବ । ମୁଁ ଯାହା କହୁଛି ପ୍ରସ୍ତାବ ॥
ଧନଟି ସବୁରି ବଇରୀ । ପ୍ରାଣୀ ଆୟୁଷ ନିତ୍ୟ ହରି ॥
ଯେ ଲୋଭ ମୋହ କାମ କ୍ରୋଧ । ବିରୋଧ କନ୍ଦଳ ବିଷାଦ ॥
ସବୁ କରିବା କର୍ତ୍ତା! ସେହି । ଭକତି ପଥକୁ ଛଡ଼ାଇ ॥
ଧନ ଏ ନର୍କ ଯିବା ବାଟ । ଏଣୁ ଏ ଧନ ବଡ଼ କଷ୍ଟ ॥
ତାକୁ ନ କର ସ୍ୱାମୀ ଚିନ୍ତା । କେବଳ ଚିନ୍ତ ହରିକଥା ॥
ତା ଶୁଣି ଗୁରୁ କୋପଭର । ବୋଇଲେ ଶୁଣରେ ପାମର ॥
ତୁହି ସେ ଜାଣୁ ସର୍ବଜ୍ଞାନ । ଆମ୍ଭେ ତ ସମସ୍ତେ ଅଜ୍ଞାନ ॥
ଏବେ ମୋ ଧନ ଆଣିଦେବୁ । ନୋହିଲେ ଏ ମଠେ ନ ଥିବୁ ॥
ତାହା ଶୁଣିଣ ବିଜ୍ଞାନନ୍ଦ । କେ କହୁ ମନର ଆନନ୍ଦ. ॥
ଧନରେ ହୋଇଅଛ ମୋହି । ନ ଜାଣ ଭକ୍ତିକଥା କେହି ॥
ମଠୁଁ ବାହାରି ହୋଇଗଲେ । ବୋଇଲେ ଆସ ମୋହଭୁଲେ ॥
ଧନ ମୁଁ ନାଶ କଲି ଯାହା । ନିଶ୍ଚେ ଗୋବିନ୍ଦ ଦେବ ତାହା ॥
ଏମନ୍ତ ବୋଲି ଗଲେ ଚଳି । ଯମୁନା କୂଳେ ଯାଇ ମିଳି ॥
ସଙ୍ଗେ ବୈଷ୍ଣବ ଛନ୍ତି ଲାଗି । ବୋଲନ୍ତି ଧନ ଦିଅ ବେଗି ॥

ଦେଖଣାହାରୀ ଲୋକ ଯେତେ । ଗୋଡ଼ାଇଛନ୍ତି ଅପ୍ରମିତେ ॥
ଏମନ୍ତ ବେଳେ ବଞ୍ଚାନନ୍ଦ । ବୋଇଲେ ନମୋ ଆଦ୍ୟକନ୍ଦ ॥
ନମସ୍ତେ ପ୍ରଭୁ ଚକ୍ରପାଣି । ଶରଣାର୍ଥୀଜନ ଚିନ୍ତାମଣି ॥
ନମୋ ମୁରଲୀ ଧାରୀ ଗୁରୁ । ଭକତ ବାଞ୍ଛା କଳ୍ପତରୁ ॥
ରାଧା ନାଗରୀ ପ୍ରାଣେଶ୍ୱର । ଦେଖାଅ ମହିମା ତୁମ୍ଭର ॥
ମୁଁ ବଡ଼ ପତିତ ନରେଖ । ତୁମ୍ଭ ମହିମା ତୁମ୍ଭେ ରଖ ॥
ତାହାଙ୍କ ଧନ ଆଜ୍ଞା ହେଉ । ମହିମା ଜଗତରେ ଥାଉ ॥
ଏମନ୍ତ ବୋଲି ପ୍ରଣମିତ । ତାହା ଜାଣିଲେ ପଦ୍ମନେତ୍ର ॥
ଯା ମାୟା ଦେବଙ୍କୁ ଦୁର୍ଲ୍ଲଭ । ସୁକୃତଜନଙ୍କୁ ସୁଲଭ ॥
କି ମାୟା କଲେ ବ୍ରହ୍ମରାଶି । ରତ୍ନ ସିନ୍ଦୁକମାନ ଆସି ॥
ସହସ୍ର ସସ୍ର ସଂଖ୍ୟା ହୋଇ । ଲଗିଲା ନଦୀକୂଳେ ଯାଇଁ ॥
ବୋଇଲେ ବଞ୍ଚାନନ୍ଦ ସ୍ୱାମୀ । ନିଅ ତୁମ୍ଭର ଧନ ଚିହ୍ନି ॥
ତା ଦେଖି ବୈଷ୍ଣବ ଯେ ଗଲେ । ସେ ନିଜ ସିନ୍ଦୁକ ଧରିଲେ ॥
ଆଉ ଅଧିକ ଲୋଭ କରି । ସିନ୍ଦୁକମାନ ଯାନ୍ତେ ଧରି ॥
ସମସ୍ତ ହୋଇଲା ଅଦୃଶ୍ୟ । ଶୁଣ ହୋ ମନ ବିଶ୍ୱାସ ॥
ବୈଷ୍ଣବ ନେଲେ ନିଜ ବିତ୍ତ । ତା ଦେଖି ଲୋକେ ଆଚମ୍ଭିତ ॥
ବୋଇଲେ ଧନ୍ୟ ବଞ୍ଚାନନ୍ଦ । ଏହାଙ୍କ ଆୟତ୍ତ ଗୋବିନ୍ଦ ॥
ତୁମ୍ଭେ ଯେ ଭକତ ଶେଖର । ବୋଲି ନମିଲେ ତା ପୟର ॥
ଅନେକ ପ୍ରଣମିତ କରି । ଚଳିଣ ଗଲେ ଯେଝା ପୁରୀ ॥
ସେ ବଞ୍ଚାନନ୍ଦ ତହୁଁ ଗଲେ । ଅଗମ୍ୟ ବନସ୍ତେ ପଶିଲେ ॥
ଶ୍ରୀ ବୃନ୍ଦାବନ ଚନ୍ଦ୍ର ଧାୟୀ । ରହିଲେ ଅଜ୍ରାମର ହୋଇ ॥
କୀଟରୁ ବ୍ରହ୍ମଲୋକ ଯାଏ । ସର୍ବ ଦେଖିଲେ ହରିମୟେ ॥
କରଣେ ଶ୍ରୀହରି ଭଜନ । ସେହି ଧ୍ୟାନରେ ସାରି ଦିନ ॥
କେତେ ଦିନରେ ସେ ଦେହାନ୍ତେ । ପଶିଲେ ହରି ପାଦଗତେ ॥
ଶୁଣ ଅଜୟ ମନଦିଣ । ସେ ହରିଭକତ ଲକ୍ଷଣ ॥
ଏଥେ ନିର୍ମଳ ଚିତ୍ତ ଯାର । ସେ ନିଶ୍ଚେ ଭବୁ ହେବ ପାର ॥

କହଇ ବିପ୍ର ରାମ ଦାସ । ମୋ ପ୍ରଭୁ କମଳାବିଳାସ ॥
ସାଧୁଜନଙ୍କ ଶ୍ରୀଚରଣେ । ମୋ ଚିତ୍ତ ରହୁ ଅନୁକ୍ଷଣେ ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତି ରସାମୃତେ ମନ ଚୈତନ୍ୟ ସମ୍ବାଦେ
ବିଜ୍ଞାନନ୍ଦ ଦାସ ଦାର୍ଢ୍ୟଭାବ ବର୍ଣ୍ଣନେ
ନାମ ତ୍ରୟସ୍ତ୍ରିଂଶୋଽଧ୍ୟାୟଃ ।

—*—

## ଚତୁସ୍ତ୍ରିଂଶ ଅଧ୍ୟାୟ
## ରଘୁଦାସ ସମ୍ବାଦ

ନମୋ ଗୋବିନ୍ଦ କୃଷ୍ଣ ହରି । ନମୋ ଗୋବିନ୍ଦ ଦଇତାରି ॥
ନମୋ କୋଦଣ୍ଡ କାଣ୍ଡପାଣି । ଅଶେଷ ଜନ ଚିନ୍ତାମଣି ॥
ଯେ ତୁମ୍ଭ ଭକତଙ୍କ ଯଶ । ତୁମ୍ଭେ ତା କରିବ ପ୍ରକାଶ ॥
ଶୁଣି ଚୈତନ୍ୟ ଅନୁରାଗେ । କହଇ ମନ ରାଜା ଆଗେ ॥
ଶ୍ରବଣ କର ଶ୍ରଦ୍ଧାଭାବେ । ମୁଁ ଯାହା କହୁଅଛି ଏବେ ॥
ଏ ବଡ଼ ଦୁର୍ଲ୍ଲଭ ଚରିତ । ଭକତ ମଧ୍ୟେ ସାରସ୍ୱତ ॥
ପଶ୍ଚିମ ଦେଶେ ତାର ଘର । ଜାତିରେ ଅଟେ ଦ୍ୱିଜବର ॥
ନାମ ତାହାର ରଘୁଦାସ । ସମ୍ପୂର୍ଣ୍ଣ ବୟସ ପଞ୍ଚାଶ ॥
ପ୍ରଭୁ କୃପାରୁ ଦିବ୍ୟଜ୍ଞାନ । ଉଦୟ ହେଲା ତାର ମନ ॥
ବିଚାର କଲା ତାର ଚିତ୍ତେ । ବନ୍ଧୁ କୁଟୁମ୍ବ ଆଦି ଯେତେ ॥
କେହି ତ ନୁହଇଁ କାହାର । ଏ ସର୍ବ ମାୟାର ସଂସାର ॥
ଧନ ସମ୍ପଦ ଆଦି ଯେତେ । ମିଥ୍ୟା କେବଳ ଏ ସମସ୍ତେ ॥
ନ ଜାଣି ପ୍ରାଣୀ ଏଥେ ପଡ଼ି । ନିଜ ନିସ୍ତାର ପଥ ଛାଡ଼ି ॥
ନ ଭଜ ପ୍ରଭୁ ଜଗନ୍ନାଥ । କେବଳ ହୋନ୍ତି ମୋହେ ରତ ॥
ଏବେ ମୁଁ ଏମନ୍ତ କରିବି । ଅବଶ୍ୟ କ୍ଷେତ୍ରବରେ ଯିବି ॥
ଭେଟିଣ ପ୍ରଭୁ ଭଗବାନ । ସେ କ୍ଷେତ୍ରେ ହାରିବି ଜୀବନ ॥
ସେ ପ୍ରଭୁ ପଛେ ଯାହା କରୁ । ସେ ମୋର ବାଞ୍ଛା କଳ୍ପତରୁ ॥
ଏମନ୍ତ ଭାବି ସର୍ବ କର୍ମ । ଛାଡ଼ିଲା ତାର ମନ ଭ୍ରମ ॥

ଯେ ତାର ଜନନୀ ପିଅର । ଭାଇବାନ୍ଧବ ସହୋଦର ॥
ଏ ସବୁ ଦେଲେ ତ୍ୟାଗକରି । ଉଚ୍ଛିଷ୍ଟ ପାତ୍ରପ୍ରାୟେ କରି ॥
ଚଳନ୍ତି ଦେବାଧି ଦେବରାଜ । ବେଗେ କ୍ଷେତ୍ରକୁ ହେଲେ ସଜ ॥
ଶ୍ରୀରାମାନନ୍ଦ ସମ୍ପ୍ରଦାରେ । ମନ୍ତ୍ର ମୁଣ୍ଡାଇଲେ ସତ୍ୱରେ ॥
ଡୋର କୌପୁନୀ ଆଗ୍ରେକରି । ବୈଷ୍ଣବ ଧର୍ମକୁ ଆଚରି ॥
ସମସ୍ତ କର୍ମ କରି ଦୂର । ତତକ୍ଷଣେ ହୋଇଲେ ବାହାର ॥
କେବଳ ନିଷ୍କାମିକା ହୋଇ । ଶରୀର ମାତ୍ରକେ ଅଛଇ ॥
ଚଳିଲେ ଅତି ସ୍ୱଚ୍ଛନ୍ଦେ । ଶରୀ ନଦେଖି ପଦ୍ମପାଦେ ॥
ଶ୍ରୀଜଗନ୍ନାଥ ଧ୍ୟାନ ବିନେ । ଅନ୍ୟ ନ ପଶେ ତାର ମନେ ॥
ଏମନ୍ତେ ଗଲେ ପଥ ବାହି । ଯହିଁ ବା ଯେମନ୍ତ ମିଳଇ ॥
କାହିଁ ଉତ୍ତମ ଦ୍ରବ୍ୟ ଖାଇ । କାହିଁ ଫଳମୂଳ ଭକ୍ଷଇ ॥
କାହିଁ ବଞ୍ଚଇ ଜଳଗ୍ରାସେ । କାହିଁ ବା ରହେ ଉପବାସେ ॥
ତହିଁକି ଶୋଚନା ନ କରି । କେବେ ଦେଖିବି ଦାରୁହରି ॥
କରିବି ତାହାଙ୍କୁ ଦର୍ଶନ । ଏମନ୍ତ ବିଚାରେ ତା ମନ ॥
ଚଳଇ ଅତି ସ୍ନେହଭରେ । ଯାଇ ମିଳିଲେ କ୍ଷେତ୍ରବରେ ॥
ଧ୍ୱଜଆ ପହଣ୍ଡେ ଦର୍ଶନ । କଲେ ସେ ପ୍ରଭୁ ଭଗବାନ ॥
ଦେଖିଣ ସେ କଳା ଶ୍ରୀମୁଖ । ଛୁଟିଲା ମନୁ ସବୁ ଦୁଃଖ ॥
ସାଷ୍ଟାଙ୍ଗେ କରି ଦଣ୍ଡବତ । ଉଠି କପାଳେ ଦେଇ ହାତ ॥
ବୋଇଲେ ନମୋ ନାରାୟଣ । ଅଶେଷ ଜୀବର କାରଣ ॥
ଅଶେଷ ବ୍ରହ୍ମାଣ୍ଡର ନାଥ । ନମୋ କମଳ ଶଙ୍ଖହସ୍ତ ॥
ନମସ୍ତେ କମଳାରମଣ । ଆଜ ମୁଁ ପଶିଲି ଶରଣ ॥
ତୁ ନାଥ ଯାହା ତାହା କର । ଅନ୍ୟ ଚରଣ ନାହିଁ ମୋର ॥
ଏମନ୍ତ ବୋଲି ସ୍ତୁତି କଲେ । ତହୁଁ ମେଲାଣି ହୋଇ ଗଲେ ॥
ସେ କ୍ଷେତ୍ର ମଧ୍ୟେ ଅତି ଶ୍ରେଷ୍ଠ । ସେ ବଡ଼ ସନ୍ତଙ୍କର ମଠ ॥
ତହିଁ ପ୍ରବେଶ ଯାଇଁ ହେଲେ । ମହନ୍ତ ଛାମୁରେ ଭେଟିଲେ ॥
ତାହାଙ୍କୁ ଦୁଃଖ ସୁଖ କହି । ତହିଁ ରହିଲେ ମାସ ଦୁଇ ।

ପ୍ରଭାତୁ ଉଠି ସ୍ନାନ ସାରି । ତିଳକ ନାମକୁ ସୁମରି ॥
ନିତ୍ୟେ ଚଳଇ ଦରଶନେ । ପଶଇ ଶ୍ରୀ ଜଗମୋହନେ ॥
ଅନେକ ଦଣ୍ଡବତ କରି । ସ୍ତମ୍ଭରେ ରହଇ ଉଭାରି ॥
ବୋଇଲେ ଆହେ ମହାବାହୁ । ଶରଣପଞ୍ଜର ବୋଲାଉ ॥
ଏ ଜୀବ ହାନିଲାଭ ଯେତେ । ସବୁ ଲାଗଇ ପ୍ରଭୁ ତୋତେ ॥
ତୋ ଅବଶେଷେ କବଳରେ । କାଳ ବଞ୍ଚିବ ଷେସବରେ ॥
ତୋ ରୂପ କରିବ ଦର୍ଶନ । ତୋ ନାମ କରିବ ଗାୟନ ॥
ତୋ ଭକ୍ତ ସଙ୍ଗେ ସଙ୍ଗ ହୋଇ । ସଦା ତୋହର ରୂପଧାୟୀ ॥
ତୋ ନାମ ଭଜି ଦିନ ଯିବ । ହେନାଥ ଏହି ଆଜ୍ଞା ହେବ ॥
ଆନେ ମୋ ପ୍ରୟୋଜନ ନାହିଁ । ତୁ ଅନ୍ତର୍ଯାମୀ ଭାବଗ୍ରାହୀ ॥
ଏମନ୍ତ ବୋଲି ନିତି ନିତି । ପ୍ରଭୁଙ୍କୁ କରୁଥାଇ ସ୍ତୁତି ॥
ତହୁଁ ଚଳଇ ସେତେବେଳେ । ଦିନ ବଞ୍ଚଇ ସାଧୁ ମେଳେ ॥
କେବଳ ହରିକଥା ରସେ । ଭୁଞ୍ଜିବାବେଳେ ମଠେ ଆସେ ॥
ତାଙ୍କୁ ଦେଖିଣ ମଠଜନେ । ବୋଲନ୍ତି ଇଙ୍ଗିତ ବଚନେ ॥
ଏ ତୁମ୍ଭ କେମନ୍ତ ବିଚାର । ପଙ୍ଗତ ବେଳେ ଆଗୁଁ ସାର ॥
ବିଷୟାବେଳକୁ ନ ଥିବ । ଏହିଟି ପାଠୁଆଙ୍କ ଭାବ ॥
ସମସ୍ତେ ଜାଣିଲୁ ତୁମ୍ଭର । ବେଗେ ମଠରୁ ବିଜେକର ॥
ଏମନ୍ତ ଶୁଣି ରଘୁଦାସ । ମନେ ଚିନ୍ତଇ ପୀତବାସ ॥
ତୁରିତେ ତହୁଁ ଗଲା ଚଳି । ସେ ଶ୍ୱେତଗଙ୍ଗା ପାଶେ ମିଳି ॥
ଶ୍ରୀଜଗନ୍ନାଥଙ୍କୁ ସୁମରି । ବସିଲା ଦୃଢ଼ାସନ କରି ॥
ଇନ୍ଦ୍ରିୟଗଣ ହୃଦେ ଧରି । ମନ ଚୈତନ୍ୟ ସ୍ଥିରକରି ॥
ଏକାଙ୍ଗ କରିଣ ସୁମନ । ଗମିଲା ବିକୁଣ୍ଠ ଭୁବନ ॥
ଏମନ୍ତ କାମନା ପକାଇ । ରହିଲା ନିଷ୍କାମନା ହୋଇ ॥
କେବଳ ପ୍ରଭୁ ଦୀନବନ୍ଧୁ । ମହା ମହିମା କୃପାସିନ୍ଧୁ ॥
ଗୋବିନ୍ଦ ରୂପ ହୃଦଗତେ । ବିଜେ କରାଇ ଶୁଦ୍ଧଚିତ୍ତେ ॥
ସ୍ଥଡ଼ିଣ ଦେହ ବୁଦ୍ଧି ଜ୍ଞାନ । ନୟନ ବୁଜି କରେ ଧାନ ॥

କେବଳ ରାମ ନାମ ଗୋଟି । ଭଜନ କରେ ନିଜ ଗଣ୍ଠି ॥
ଛାଡ଼ିଲେ କ୍ଷୁଧା ତୃଷା ଆଶ । ପିଇଣ ନାମାମୃତ ରସ ॥
ଯାଉ ବା ଥାଉ ଏ ଶରୀର । ପ୍ରାଣ ଯିବାକୁ ନାହିଁ ଡର ॥
ଏମନ୍ତ ବୋଲି ଦୃଢ଼ କରି । ବସିଲେ ଗୋବିନ୍ଦ ସୁମରି ॥
ଏକେତ ନିଦାଘର କାଳ । ରବି କିରଣେ ବଢ଼େ ଝାଳ ॥
ଅନଳ ପ୍ରାୟେ ରେଣୁରାଜି । ତପତେ ହେଉଥାଏ ଭାଜି ॥
ତହିଁ ବସିଣ ଦୃଢ଼ାସନେ । କିଛିହିଁ ଭୟ ନାହିଁ ମନେ ॥
ଏମନ୍ତେ ଗଲା କେତେଦିନ । ପଥେ ଯେ ଆତଯାତ ଜନ ॥
ଦେଖି ସେ ଘାଇଲେ ବିକଳ । ବୋଲନ୍ତି ଧନ୍ୟ ତପଶୀଳ ॥
ଏମନ୍ତ କହି ତାଙ୍କ ପାଶେ । ଛଣ ପୋତିଲେ ଛାଇ ଆଶେ ॥
ତାହା ଜାଣିଲେ ସନ୍ଥଦାସ । ବିଜୟ କଲେ ତାଙ୍କ ପାଶ ॥
ଦେଖିଲେ ଦେହେ ନାହିଁ ଜ୍ଞାନ । ଲାଗିଛି ହରିଧ୍ୟାନେ ମନ ॥
କେତେହେଁ ରୂପେ ଡାକଦେଲେ । ସେ ରଘୁ ଦାସ ନ ଶୁଣିଲେ ॥
ଜାଣିଲେ ନିଷ୍ଟେ ଏ ଅତିଥ । ତପେ ହରିବ ହରିଚିତ୍ତ ॥
ଏମନ୍ତ ବୋଲି ଚଳିଗଲେ । ନିଜ ମନ୍ଦିରେ ଯାଇ ହେଲେ ॥
ମହାପ୍ରସାଦ ଦ୍ରବ୍ୟ ଅନ୍ନ । ନାନାଦି ପ୍ରକାରେ ବ୍ୟଞ୍ଜନ ॥
ପେଶିବେ ସୁଆରଙ୍କ ହସ୍ତେ । ସେ ଘେନି ଚଳିଲେ ତ୍ୱରିତେ ॥
ରଘୁ ଦାସଙ୍କ ପାଶେ ଦେଲେ । ଯେ ଯାହା ମଠେ ଚଳିଗଲେ ॥
କେତେହେଁ ବେଳ ଗଲା ତହିଁ । ଚେତନା ପାଇ ଦେଲେ ଚାହିଁ ॥
ଦେଖିଲେ ଶ୍ରୀ ମହାପ୍ରସାଦ । ଅନେକ ହୋଇଲେ ପ୍ରମୋଦ ॥
କେବଳ ମାତ୍ର ସେବା କଲେ । ପୁଣି ସେ ଧ୍ୟାନରେ ଲାଗିଲେ ॥
ମାନିକ ପ୍ରଭୁ ଜଗନ୍ନାଥ । ସ୍ୱରୂପେ ରଖି ଦୃଷ୍ଟିପଥ ॥
ସେହି ରୂପରେ କରି ଧ୍ୟାନ । ନ ଜାଣେ ଅନ୍ୟ କଥାମାନ ॥
ନିଦ୍ରା ଅଳସ କ୍ଷୁଧା ତୃଷା । ଛାଡ଼ିଲେ ସର୍ବକର୍ମ ଆଶା ॥
ଏମନ୍ତେ ଚଉଦ ଦିବସ । ତପେ ସିଝିଲା ଦେହ ମାଂସ ॥
କେବଳ ଭକ୍ତି ଆଶ୍ରେ କରି । ରହିଲେ ରାମ ନାମ ଧରି ॥

ତାହା ଜାଣିଲେ ଆଦ୍ୟମୂଳ । ଯେ ପ୍ରଭୁ ପରମ ମଙ୍ଗଳ ॥
ନ ସହେ ସେବକ ବେଦନା । ଏହି ନିମନ୍ତେ ଚଢେ ବାନା ॥
ହଡ଼ୁ ଅଛଇ ଫରହର । ନାହିଁ ଯେ ଭକତଙ୍କୁ ଡର ॥
ଏମନ୍ତ ପ୍ରଭୁ ଦେବରାଜ । ତୋଳଣ ଶଙ୍ଖ ଚକ୍ର ଭୁଜ ॥
ଶରଣ ଯାଚୁଛନ୍ତି ବଳେ । ଯେବା ପଶିବ ଏତେବେଳେ ॥
ମହା ପତିତ ପଛେ ହେଉ । ତାହାର ଭୟ ନାହିଁ ଆଉ ॥
ଏ କଥା ଅଟଇ ପ୍ରମାଣ । ଶୁଣ ହେ ମନ ନୃପରାଣ ॥
ରଘୁ ଦାସଙ୍କ ଭାବ ଜାଣି । ସହି ନ ପାରି ଚକ୍ରପାଣି ॥
ବିଜୟ କଲେ ଭଗବାନ । ସେ ରାଜ୍ୟ ରାଜା ସନ୍ନିଧାନ ॥
ଘୋର ନିଦ୍ରାରେ ଅଛି ଶୋଇ । ସ୍ୱପନ ମାର୍ଗେ ଆଜ୍ଞା ଦେଇ ॥
ବୋଇଲେ ଶୁଣରେ ରାଉତ । ପଶ୍ଚିମ ଦେଶ ମୋ ଭକତ ॥
ଆସିଣ ଶ୍ୱେତ ଗଙ୍ଗାଠାରେ । ମୋର ଦକ୍ଷିଣ ପାରୁଶରେ ॥
ଘୋର ତପସ୍ୟା କରେ ବସି । ମୋ ନାମ ଜପି ଅହର୍ନିଶି ॥
ଅନ୍ନ ଭୋଜନ ନାହିଁ ତାର । ମୋ ପାଦେ ଦେଇ ଭାରବର ॥
ହେଲାଣି ଚଉଦ ଦିବସ । ତେଣୁ ଅଇଲି ତୋର ପାଶ ॥
ସେ ମୋର କୁଟୁମ୍ବରୁ ଜଣେ । ଏହାହିଁ ବୁଝ ହେ ଆପଣେ ॥
ଦେଖି ତା ତପସ୍ୟା କଠୋର । ଅନ୍ନ ଭୋଜନ ନାହିଁ ମୋର ॥
ସେ ମୋ ବାଳୁତ ପୁତ୍ର ପ୍ରାୟେ । ତାର ବ୍ୟାକୁଳ ସହି ନୋହେ ॥
ଏଣୁ ମୁଁ କହିଗଲି ତୋତେ । ହେ ରାଜା ଭଲେ ରଖ ଚିତ୍ତେ ॥
ରଜନୀ ପ୍ରଭାତରୁ ଯିବୁ । ମୋ ଭକ୍ତ ପାଶରେ ମିଳିବୁ ॥
ଅନେକ ଗଉରବ କରି । ଘେନାଇ ଯିବୁ ଦଣ୍ଡଧାରୀ ॥
ଏ ମୋର ଦକ୍ଷିଣ ପାରୁଶ । ବିସ୍ତାର କରିଣ ନିବାସ ॥
ତୋଳାଇ ଦେବୁ ହେ ରାଜନ । ଖଞ୍ଜିବୁ ଖଞ୍ଜା ବରତନ ॥
ଯାବତ୍ ଚନ୍ଦ୍ର ସୂର୍ଯ୍ୟ ଥିବ । ସେ ମୋର କୋଠାରେ ରହିବ ॥
ଅନେକ ବୈଷ୍ଣବ ରହିବେ । ମୋ ଭକ୍ତ ସେବା କରୁଥିବେ ॥
ନିଶ୍ଚିନ୍ତେ ଅନ୍ନ ବସ୍ତ୍ର ପାଇ । ମୋର ସେବାରେ ଥିବେ ରହି ॥

ଏ କଥା ନ କଲେ ଅବଶ୍ୟ । ଛୁଡ଼ ତୋ ଜୀବନର ଆଶ ॥
ଏମନ୍ତ ଆଜ୍ଞା ତାକୁ ଦେଇ । ଅନ୍ତର ହୋଇଲେ ଗୋସାଇଁ ॥
ରାଜା ଚେତନା ପାଇ ଉଠି । ଚତୁର୍ଦ୍ଦିଗକୁ ଦେଲେ ଦୃଷ୍ଟି ॥
ଦେଖିଲେ ପାଶେ କେହି ନାହିଁ । ଜାଣିଲେ ନଷ୍ଟେ ଭବଗ୍ରାହୀ ॥
ଆଜ୍ଞା ଯେ ଦେଇଗଲେ ମୋତେ । ଯେ ମୋର ଭକତଙ୍କ ହିତେ ॥
ଏ କଥା ନ କଲେ ଅବଶ୍ୟ । ମୋ ରାଜପଦେ ନାହିଁ ଆଶ ॥
ଏମନ୍ତ ବୋଲି ନରରାୟେ । ତତ୍‌କ୍ଷଣେ କଲେକ ବିଜୟେ ॥
କ୍ଷେତ୍ରରେ ହୋଇଲେ ପ୍ରବେଶ । ମିଳିଲେ ରଘୁ ଦାସ ପାଶ ॥
କୋମଳବାକ୍ୟ ସ୍ତୁତି କରି । ବୋଇଲେ ଉଠ ହେ ଗୋସାଇଁ ॥
ତୁମ୍ଭ ତପସ୍ୟା ହେଲା ସିଦ୍ଧ । କରୁଣା କଲେ ଚକାୟୁଧ ॥
ଧନ୍ୟ ଅଟଇ ତୋ ଜୀବନ । ବଶ ତୁ କଲୁ ଭଗବାନ ॥
ଆମ୍ଭର ଭାଗ୍ୟ ଥିଲା କେତେ । ନୟନେ ଦେଖିଲୁ ଯା ତୋତେ ॥
ଏମନ୍ତ ବୋଲି ଭୁଜ ଧରି । ଉଠାଇ ଦେଲେ ଦଣ୍ଡଧାରୀ ॥
ପ୍ରଭୁ ଗୁମୁକୁ ଘେନିଗଲେ । ମସ୍ତକେ ପଟମା ବାନ୍ଧିଲେ ॥
ସହସ୍ରେ ବୈଷ୍ଣବଙ୍କୁ ନିତ୍ୟେ । ଲାଗିବ ଅନ୍ନ ବସ୍ତ୍ର ଯେତେ ॥
ଆପଣେ ଶ୍ରୀହସ୍ତେ ରାଜନ । ଲେଖିଣ ଦେଲେ ଗ୍ରାମଦାନ ॥
ଯାବତ ଉଦେ ରବି ଶଶୀ । ତାବତ କର ଭୋଗ ବସି ॥
ଏମନ୍ତ ଆଜ୍ଞା ତାଙ୍କୁ ଦେଲେ । ଦକ୍ଷିଣ ପାରୁଶକୁ ଗଲେ ॥
ବନ୍ତଣ ବଖାରି ତହିଁରି । ମଠ ତୋଳାଇ ଯତ୍ନକରି ॥
କିସ ଉପମା ତାକୁ ଦେବା । ଦିଶଇ ସ୍ୱର୍ଗ ପ୍ରାୟେ ଶୋଭା ॥
ତହିଁ ରଖାଇ ରଘୁଦାସ । ବୋଇଲେ ଭଜ ପୀତବାସ ॥
ଅର୍ଦ୍ଧ କୋଶକ ଆୟତନ । ଅଟଇ ସେ ତୁମ୍ଭ ଭୂମିଦାନ ॥
ତୋ ମନ ଯାହା ତାହାକର । ଏଥେ ମୋ ନାହିଁ ଅଧିକାର ॥
ଏମନ୍ତ ଆଜ୍ଞା ତାକୁ ଦେଲେ । ରାଜା ବିଜୟ କରି ଗଲେ ॥
ଶୁଣ ସୁମନ ଶୁଦ୍ଧଚିତ୍ତେ । ଏଥି ଉତ୍ତାରେ କଥା ଯେତେ ॥
ସେ ଦାରୁବ୍ରହ୍ମ ଅଙ୍ଗୀକାରେ । ଯଶ ତା ପୂରିଲା ସଂସାରେ ॥

କାହୁଁ ଆଇଲା କେତେ ଧନ । କେ ତାହା କରିବ ଲେଖନ ॥
ଅନେକ ବୈଷ୍ଣବ ପ୍ରବେଶି । କାହୁଁ ମିଳିଲେ ମଠେ ଆସି ॥
ସେ ରଘୁଦାସଙ୍କ ସଙ୍ଗତ । ହୋଇ ରହିଲେ ଆଜ୍ଞାବର୍ତ୍ତୀ ॥
ରଘୁଦାସଙ୍କୁ କାଷ୍ଠାବ୍ରତ । କରିଅଛନ୍ତି ଦୃଢ଼ଚିତ୍ତ ॥
ଶ୍ରୀ ମହାପ୍ରସାଦ କେବଳ । ଖାଇ ବଞ୍ଚିବା ଆମ୍ଭେ କାଳ ॥
ପ୍ରଭୁ ମଣୋହି ବିନା ଯେତେ । ଛୁଇଁବା ନାହିଁ କଦାଚିତେ ॥
ଏ କଥା ଯେହୁ ସେ ପାଳିବ । ସେହି ଏ ମଠରେ ରହିବ ॥
ଶୁଣି ସମସ୍ତେ ସତ୍ୟ କଲେ । ନିଶ୍ଚିନ୍ତ ହୋଇଣ ରହିଲେ ॥
ସେହି ଦିନରୁ ମଠେ ଶେଷ । କେବେହେଁ ନୋହିଲା ଅବଶ୍ୟ ॥
ଚନ୍ଦନ ଫୁଲମାଳ ଯେତେ । ବସ୍ତ୍ର ଭୂଷଣାଦି ସହିତେ ॥
ମୁଖ ପ୍ରକ୍ଷାଳେ ଜଳ ଘଟି । ଦନ୍ତଧାବନେ କାନ୍ତକାଠି ॥
ମଣୋହି ନ କଲେ କେବଳ । ଛୁଇଁବା ନାହିଁ କେହି ଜଳ ॥
ଆମ୍ବ ପଣସ ନାରିକେଳ । ଠେଙ୍ଗି କମଳା କନ୍ଦମୂଳ ॥
ଦଧି ଘୃତାଦି କ୍ଷୀର ଯେତେ । ଖଣ୍ଡ ଶାକଆଦି ସହିତେ ॥
ମଣୋହି ବିନା କିଛି ଦ୍ରବ୍ୟ । ଛୁଇଲେ ନାହିଁ ସାଧୁ ସର୍ବ ॥
ପ୍ରଭୁଙ୍କ ମଣୋହି ନିମନ୍ତେ । ଯେ ପାରୁ ଭେଟି କରୁ ଯେତେ ॥
ତେତେ ଦେବାର ପରମାଣ । ଏ କଥା ସତ୍ୟ ବୋଲି ଜାଣ ॥
ଯେବେ ଅତିଥି ଅଭ୍ୟାଗତ । ଆସିଣ ହୋନ୍ତି ଉପଗତ ॥
ଦିଅନ୍ତି ସଦାବର୍ତ୍ତ ମାନ । ଶ୍ରୀମହାପ୍ରସାଦ ଭୋଜନ ॥
ମଣୋହି ନୋହିଥିବ ଦ୍ରବ୍ୟ । ମୁଠିଏ ତଣ୍ଡୁଳ କେ ଦେବ ॥
ଦୁଃଖୀ ଦରିଦ୍ର ଯେ ଭିକାରି । ନ ପାଇ ପଛେ ଯାନ୍ତୁ ଫେରି ॥
ମଣୋହି ବିନା ଦ୍ରବ୍ୟ ଯେତେ । ଦିଅନ୍ତି ନାହିଁ କଦାଚିତେ ॥
ଆତୁର କଲେ ଏ ବିଧାନ । ମଠେ ଅସୁସ୍ଥ ଯେଉଁ ଜନ ॥
ସେ କାଳେ ତାକୁ ବୈଦ୍ୟଗଣ । କହନ୍ତି ଯେଉଁ ଦ୍ରବ୍ୟମାନ ॥
ସେସ ଦ୍ରବ୍ୟ ଆଣି ଭୁରିତେ । ଦିଅନ୍ତି ସୁଆରଙ୍କ ହସ୍ତେ ॥
ସେ ରୋଷଶାଳାରେ ସିଝାଇ । ପ୍ରଭୁଙ୍କ ସମ୍ମୁଖରେ ଥୋଇ ॥

ତାହା ଘେନାଇ ଆଣି ଗୃଣ୍ଡେ । ତେବେ ହିଅନ୍ତ ମନ୍ତ୍ର ଭୁଣ୍ଡେ ॥
ନୋହିଲେ ଯିବ ପଛେ ଧରି । କେ ଦେବ ଲଗି ବନା ବାରି ॥
ଏମନ୍ତ କାଷ୍ଟାରେ ଅବଶ୍ୟ । ମଠ ଚଳାନ୍ତ ରଘୁଦାସ ॥
ଏହି ବଗ୍ରର ତାଙ୍କ ଶଉେ । ମଠରେ ଅଚ୍ଛି ଧନ ଯେତେ ॥
ଏ ଧନ ଜଗନ୍ନାଥଙ୍କର । ମୁହିଁ ଜଗୁଆଳ ମାତର ॥
ଏଥେ ମୋ ନାହିଁ ଅଧିକାର । ସବୁ ଆପୃଉ ଗୋବନ୍ଦର ॥
ଏମନ୍ତ ବୋଲି ନତ ନତ । ପ୍ରଭୁ ଚରଣେ ଦେଇ ମତ ॥
କେବଳ କରିଥାନ୍ତ ଧ୍ୟାନ । ନ ଜାଣି ଅନ୍ୟ କଥାମାନ ॥
ଶୁଣ ହୋ ମନ ମହାରଥା । ସେ ରଘୁ-ଦାସଙ୍କର କଥା ॥
ନିଷ୍କାମ ଭକ୍ତ ତାହାଙ୍କର । ଦିନକୁ ଦିନ ବଳୀୟାର ॥
ବଢ଼ିଲା ଚନ୍ଦ୍ର କଳା ପ୍ରାୟେ । ତାହା ଜାଣିଲେ ଦେବରାୟେ ॥
ଏମନ୍ତ ଜାଣି ଦେବ ସ୍ୱାମୀ । ଯେ ପ୍ରଭୁ ସର୍ବ ଅନ୍ତର୍ଯାମୀ ॥
ଭକତଭାବେ ଭୋଳ ହୋଇ । ସ୍ୱପନ ମାର୍ଗେ ଆଜ୍ଞା ଦେଇ ॥
ବୋଇଲେ ଶୁଣ ରଘୁଦାସ । ତୋ ଦେବା ଅନ୍ନେ ମୋର ଆଶ
ମୋର ଯଶୋଦା ମାତା ମୋତେ । ଯେହ୍ନେ ଭୁଞ୍ଜାଉଥାଇ ନିତ୍ୟେ ॥
ସେ ଅନ୍ନେ ଯେତେ ସୁଖ ମୋର । ତାହା ଜାଣଇ ମନ ମୋର ॥
ତହୁଁ ଅଧିକ ତୋର ଅନ୍ନ । ଆନନ୍ଦେ କରେ ମୁଁ ଭୋଜନ ॥
ଏଣୁଟି କହିଗଲି ତୋତେ । ଛାଡ଼ି ତୁ ନ ଭୁଞ୍ଜିବୁ ମୋତେ ॥
ଏ ଆଜ୍ଞା ନେଇ ଯିବାବେଳେ । ସେ ରଘୁଦାସ ଗୃହିଁଦେଲେ ॥
ଦେଖିଲେ ପ୍ରଭୁ ଭଗବାନ । ତକ୍ଷଣେ ହେଲେ ଅନ୍ତର୍ଦ୍ଧାନ ॥
ହେ ମନ ହେତୁମନ୍ତ କର । କି ଆଜ୍ଞା ବୋଲିବା ତାହାର ॥
ଯାହାକୁ ଭାବୁଛନ୍ତି ଶିବ । ବ୍ରହ୍ମାଦି ଦେବଙ୍କୁ ଦୁର୍ଲଭ ॥
ଚର୍ମ ନୟନେ ତାଙ୍କୁ ଦେଖା । ଏ ଭାଗ୍ୟ କେ ପାରିବ ଲେଖି ॥
ଦିନକୁ ଦିନ କୀର୍ତ୍ତି ତାର । ବଢ଼ିଲା ଅପାରୁଁ ଅପାର ॥
ଗୃହମହଲ ତୋଳାଇଲେ । ଚାରି ଭାଇଙ୍କ ନାମ ଦେଲେ ॥
ରାମ ଲକ୍ଷ୍ମଣ ଯେ ଶତ୍ରୁଘ୍ନ । ଭରତ ମହଲ ଭିନ୍ନ ଭିନ୍ନ ॥

ସହସ୍ରେ ବୈଷ୍ଣବ ରଖିଲେ । ଦ୍ୱିଜ ନୃପତି ଭୋଗ କଲେ ॥
କେବଳ ପ୍ରଭୁ ନିଷ୍ଠା ଚିତ୍ତେ । ଦୃଢ଼ ଭଗତେ ଅପ୍ରମିତେ ॥
କରଣି ବଞ୍ଚାଇଲେ ଦିନ । ଭଜଣ ଶ୍ରୀରଘୁନନ୍ଦନ ॥
ଦେହାନ୍ତେ ଶ୍ରୀହରି ନିବାସେ । ବସିଲେ ଯାଇ ରଘୁଦାସେ ॥
ଶୁଣ ହେ ମନ ମହାରଥୀ । ଏ ଦାର୍ଢ୍ୟଭକ୍ତି ରସକଥା ॥
ସେ ହରି ଭକତେ ଦୟାଳ । ଭକତ ଭାବ ତାଙ୍କ ମୂଳ ॥
ଯେ ଭଜେ ଦୃଢ଼କରି ମନ । ସେ ନର ଲଭେ ଭଗବାନ ॥
କହଇ ବିପ୍ର ରାମଦାସ । ହେ ପ୍ରଭୁ କମଳା ବିଳାସ ॥
ସେ ଭକ୍ତ ଭଗବାନ ପାଦେ । ମନ ମୋ ରହୁ ଅପ୍ରମାଦେ ॥
ସାଧୁଙ୍କ ଚରଣକୁ ମୋର । କୋଟିଏ ବାର ନମସ୍କାର ॥
ସଂସାର ମଧ୍ୟରେ ଲବଣୀ । ଅତି କୋମଳ ବୋଲି ଜାଣି ॥
ହେଲେ ଅନଳ ତାପ ପାଇ । ତେବେ ସେ ସିନା ତରଳଇ ॥
ସାଧୁଙ୍କ ପରତାପ ଦେଖି । ଧଇର୍ଯ୍ୟ ନ ପାରିଲେ ରଖି ॥
ତକ୍ଷଣେ ହୋଇ ଦ୍ରବୀଭୂତ । ଏଣୁଟି ଧନ୍ୟ ତାଙ୍କ ଚିତ୍ତ ॥
ଏ ଯେନ ତାଙ୍କ ପାଦେ ଆଶ । କଲା ଏ ବିପ୍ର ରାମଦାସ ॥
ଏ ଘୋର ଦୁର୍ଗତିରୁ ମୋତେ । ଉଦ୍ଧାରି ନେବେ ସେ ସାକ୍ଷାତେ ॥
ଶ୍ରୀ ଜଗନ୍ନାଥ ପାଦତଳେ । ଭେଟାଇ ଦେବେ ଏକାବେଳେ ॥
ଏମନ୍ତେ ବୋଲୁଅଛି ମତି । ତାହା ଜାଣନ୍ତୁ ଜଗଜ୍ୟୋତି ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତି ରସାମୃତେ ମନ ଚୈତନ୍ୟ ସମ୍ବାଦେ
ରଘୁଦାସ ଦାର୍ଢ୍ୟତାଭକ୍ତି ବର୍ଣ୍ଣନେ ନାମ
ଚତୁଶ୍ଚତ୍ୱାରିଂଶୋଽଧ୍ୟାୟଃ ।

—*—

# ପଞ୍ଚଚତ୍ୱାରିଂଶ ଅଧ୍ୟାୟ
## ପିପା ଦାସ ସମ୍ବାଦ

ନମସ୍ତେ ପ୍ରଭୁ ନାରାୟଣ । ଅଶେଷ ଜୀବର କାରଣ ॥
ସକଳ ଜୀବଗଣ ଗୁରୁ । ଭକତ ବାଞ୍ଛା କଳ୍ପତରୁ ॥
ତେଣୁ ଶରଣ ରାମଦାସ । ପୂରଅ ମୋର ମନ ଆଶ ॥
କହେ ଚୈତନ୍ୟ ଧୀରବାଣୀ । ଶୁଣ ଇନ୍ଦ୍ରଦ୍ୟୁ ଚୂଡ଼ାମଣି ॥
ଏ ବଡ଼ ଦୁର୍ଲ୍ଲଭ ଚରିତ । ଭକତ ମଧ୍ୟେ ସାରସ୍ୱତ ॥
ଦ୍ରାବିଡ଼ ଦେଶେ ତାର ଘର । ଜାତିରେ ଅଟେ ଦ୍ୱିଜବର ॥
ଶ୍ରୀ ରଙ୍ଗପୁରେ ତାର ବାସ । ନାମ ତାହାର ପିପା ଦାସ ॥
ପତ୍ନୀର ନାମ ତାର ସୀତା । ଅତି ସୁନ୍ଦରୀ ପତିବ୍ରତା ॥
ଜାଣଇ ପାପପୁଣ୍ୟ ଯେତେ । ଜୀବର ଦୟା ହୃଦଗତେ ॥
ସ୍ୱାମୀ ସେବାରେ ଥାଇ ନିତି । ସଦା ଆନନ୍ଦ ତାର ମତି ॥
ପୁତ୍ର ଦୁହିତା ତାର ନାହିଁ । କେବଳ ପତି ପତ୍ନୀ ଦୁଇ ॥
ଏକଇ ପ୍ରାଣ ବେନି ଜନ । ପିଣ୍ଡ ମାତ୍ରକ ଭିନ୍ନାଭିନ୍ନ ॥
ଏମନ୍ତେ ବେନି ପ୍ରାଣୀ ଥାନ୍ତି । ହରି ଭଜନ କରି ନିତି ॥
ସାଧୁଙ୍କ ସେବା ତାଙ୍କ ମୂଳ । ଦେବା ଦୟାରେ ସେ କୁଶଳ ॥
ବିପ୍ର ବୈଷ୍ଣବ ସାଧୁଜନ । ସେବାରେ ଥାନ୍ତି ପ୍ରତିଦିନ ॥
ଅନ୍ନ ଭୋଜନ ତାଙ୍କୁ ଦେଇ । ବଚନ କହନ୍ତି ବିନୟୀ ॥
ଯେବେ ଦେଖନ୍ତି ଦୁଃଖୀଜନ । ଅତି ବ୍ୟାକୁଳ ତାଙ୍କ ମନ ॥
ବାନ୍ଧବ ପ୍ରାୟେ ତାଙ୍କୁ ଆଣି । ତୋଷନ୍ତି ଦେଇ ଅନ୍ନ ପାଣି ॥
ସକଳ ଜୀବେ ଦୟା କରି । ନ ହରେ ପର ଦ୍ରବ୍ୟ ନାରୀ ॥
ସାଧୁ ନିନ୍ଦନେ ଅତି ଭୟ । ଯେଣୁ ସେ ସୁଜ୍ଞାନ ଉଦୟ ॥
ନ ଜାଣେ ଅନ୍ୟ କଥାମାନ । ମଣଇ ନାମ ଗଣିଧନ ॥
ଏମନ୍ତେ ବଞ୍ଚଇ ଆନନ୍ଦେ । ଭଜି ଗୋବିନ୍ଦ ପଦ୍ମପାଦେ ॥
ଭବରେ ଭୁଲୁଥାଇ ଦେହ । ଧରଣୀ ପ୍ରାୟେ ସର୍ବସହ ॥
କୁସଙ୍ଗ ନ କରେ ସର୍ବଥା । ନ ଚିନ୍ତେ ପର ନାଶ କଥା ॥

କେବଳ ସେବା କଥା ମୂଳ । ଏମନ୍ତେ ଗଲା କେତେକାଳ ॥
ଘରେ ତା ଯେତେ ଧନ ଥିଲା । ଦାନେ ସକଳ ନଷ୍ଟଗଲା ॥
ତଥିଲେ ଶୋଚନା ନାହିଁ ମନ । ସଦା ଆନନ୍ଦେ ପରିପୂର୍ଣ୍ଣ ॥
ସଦା ସାଧୁଙ୍କ ସଙ୍ଗମରେ । ନାମ ଗାୟନମାନ କରେ ॥
ବଞ୍ଚଇ ଦିବସ ଶର୍ବରୀ । ଦଣ୍ଡ ନିମିଷ ପ୍ରାୟ କରି ॥
ଏମନ୍ତେ ଗଲା କେତେଦିନ । ଦିନେ ବିସ୍ମରି କଲା ମନ ॥
ଧନ ତ ହେଲା ସବୁ ଶେଷ । ଛାଡ଼ିଣ ଗୃହ ବାସ ଆଶ ॥
ଆଜ କମ୍ପାଇଁ ଏଥେ ଥିବା । ନୋହିବ ସାଧୁଙ୍କର ସେବା ॥
କେମନ୍ତେ ପୋଷିବା ଜୀବନ । ହୋଇଲି ସିନା ହୀନମାନ ॥
ଭିକ୍ଷା ମାଗିଲେ ସ୍ୱଦେଶରେ । ଲଜ୍ଜା ଉପୁଜିବ ମନରେ ॥
ଏଣୁ ବିଦେଶ କରିବାର । ଦୁର୍ଲ୍ଲଭ ଅଟଇ ଆମ୍ଭର ॥
ବୁଲି ଅନେକ ତୀର୍ଥମାନ । କରିବା ପୁଣ୍ୟଜଳେ ସ୍ନାନ ॥
ଅନେକ ତୀର୍ଥମାନ ଦେଖି । ସୁଫଳ ହେବ ଚର୍ମ ଆଖି ॥
ଦର୍ଶନେ କୃଷ୍ଣ ରୂପମାନ । ପବିତ୍ର କରିବା ଲୋଚନ ॥
କରିଣ ସାଧୁଙ୍କର ସେବା । କାହିଁ ବା କରୁପେ ବଞ୍ଚିବା ॥
ଏ କଥା ଉଚିତ ଆମ୍ଭର । ଶୁଣି ହସିଲେ ନାରୀବର ॥
ହେଉ ବୋଲିଣ ଶୁଦ୍ଧ ମନେ । ସମ୍ମତ କଲେ ବେନି ଜନେ ॥
ଦରିଦ୍ର ବସ୍ତ୍ରକୁ ସାଇଲେ । ନିଜ ମନ୍ଦିରେ ଦାନ କଲେ ॥
ମନ୍ଦିରୁ ହୋଇଲେ ବାହାର । ଚଳିଣ ଗଲେ ଦେଶାନ୍ତର ॥
ଲଜ୍ଜା ଦୁରେକରି ଦୁଇ ଗୁଡ଼ । ଭିକ୍ଷକ ପଥେ ଗଲେ ମାଡ଼ି ॥
କାହିଁବା ସୁପକ୍ୱ ଆହାର । କାହିଁବା କଲେ ନିରାହାର ॥
କାହିଁବା ଫଳ ମୂଳ ଖାଇ । କାହିଁ ବା ଉପବାସେ ରହି ॥
ଏଥକୁ ଶୋଚନା ନ କରି । ଚଳିଣ ଗଲେ ତୀର୍ଥ ଫେରି ॥
ଅନେକ ସାଧୁବୃନ୍ଦ ଭେଟିଲେ । ଅନେକ ତୀର୍ଥ ବ୍ରତ କଲେ ॥
ଏଥି ଉତ୍ତାରେ କଥା ଯେତିକି । ଶୁଣ ସୁଜନ ଶ୍ରଦ୍ଧାଚିତ୍ତେ ॥
ଦିଇବେ ଏକ ଗ୍ରାମଗତେ । ବୁଲିଣ ଗଲେ ଭିକ୍ଷାଅର୍ଥେ ॥

ସେ ଗ୍ରାମେ ଏକଇ ବ୍ରାହ୍ମଣ । ଅତ୍ୟନ୍ତ ଦରିଦ୍ର ହୋଇଣ ।।
ଅଛନ୍ତି ପତି ପତ୍ନୀ ଦୁଇ । ପୁତ୍ର ଦୁହିତା ତାଙ୍କ ନାହିଁ ।।
ସେ ଭିକ୍ଷା ମାଗିଣ ଖାଅନ୍ତି । ଅତିଥି ଦେଖିଲେ ପୂଜନ୍ତି ।।
ଦୁଃଖୀ ଦରିଦ୍ର ଯେତେ ଦେଖି । ଭୋଜନେ ତାଙ୍କୁ କରି ସୁଖୀ ।।
ଥାଏ ଯା ଦେଇ ତାଙ୍କ ପାଶେ । ଆପେ ରହନ୍ତି ଉପବାସେ ।।
ଏମନ୍ତ ତାଙ୍କ କଥା ଶୁଣି । ତହିଁ ମିଳିଲେ ବେନି ପ୍ରାଣୀ ।।
ଦଇବ ଯୋଗେ ସେହି ଦିନ । ଘର ହୋଇଛି ତାଙ୍କ ଶୂନ୍ୟ ।।
ଆପେ ଅଛନ୍ତି ଉପବାସେ । ଏମନ୍ତ ବେଳେ ପିପା ଦାସେ ।।
ପତ୍ନୀକି ସଙ୍ଗତେ ଚଳାଇ । ଭୋଜନ ପ୍ରକାଶିଲେ ଯାଇ ।।
ତା ଶୁଣି ବ୍ରାହ୍ମଣ ବ୍ରାହ୍ମଣୀ । ବୋଇଲେ ବସ ବେନି ପ୍ରାଣୀ ।।
କି ଭାଗ୍ୟ ଥିଲା ଆଜ ଦିନ । ପାଇଲୁଁ ତୁମ୍ଭ ଦରଶନ ।।
ଯାହା ଗୋବିନ୍ଦ ଦେବେ ଅବା । ଧେନି କରିବୁ ତୁମ୍ଭ ସେବା ।।
ଏମନ୍ତ କହି ଗଲେ ଚଳି । ପତ୍ନୀକି ବସାଇଣ ଭଲି ।।
ବୋଇଲେ କି ବୁଦ୍ଧି କରିବା । କି ରୂପେ ଅତିଥିଙ୍କ ସେବା ।।
ଘରେ ତ ନାହିଁ କିଛି ଅନ୍ନ । ଶୁଣ ଗୋ ଯୁବତି ରତନ ।।
ତାହା ଶୁଣିଣ ନାରୀବର । ବୋଇଲା ଚିନ୍ତା କିମ୍ପା କର ।।
ଏ ମୋ ପିନ୍ଧିବା ବସ୍ତ୍ର ଧରି । ଚିରି ହୋ ବେନିଖଣ୍ଡ କରି ।।
ବନ୍ଧନ କରି ବିକଆଣ । ଯାହା ସେ ଦେବେ ନାରାୟଣ ।।
ତହିଁ କରିବା ସାଧୁ ସେବା । ଆମ୍ଭେ ପଛକେ ଭୋକେ ଥିବା ।।
ତାହା ଶୁଣିଣ ନିଜ ପତି । ବୋଲଇ ଶୁଣ ଗୋ ଯୁବତି ।।
ମଳିନ ବସ୍ତ୍ର ଦେଖି ଚିରା । କେହି କିଣିବେ ନାହିଁ ପରା ।।
ଏମନ୍ତ କହି ସେ ତରୁଣୀ । ଲେଙ୍କଡ଼ା କନା ଖଣ୍ଡେ ଆଣି ।।
ପାଲଟି ବସ୍ତ୍ର ଖଣ୍ଡେ ଦେଲା । ଡୋର କୌପୀନ ଆଶ୍ରେ କଲା ।।
ବୋଇଲା ନିଅ ପ୍ରାଣନାଥ । ଯାହା ସେ ଦେବେ ଜଗନ୍ନାଥ ।।
ଅଳପ ବହୁତ ହୋଇଲେ । ବିଚାର ନ କରିବ ଭଲେ ।।
ବନ୍ଧନ ବିକି କରି ଆଣ । ସେବିବା ଅତିଥି ଚରଣ ।।

ବଳମ୍ବେ କାର୍ଯ୍ୟ ନାହିଁ ଆଉ | ବିହନ ହୋଇ ଆଜ୍ଞା ହେଉ ||
ତାହା ଶୁଣିଣ ନିଜ ପତି | ବୋଇଲେ ଧନ୍ୟରେ ଯୁବତୀ ||
ତୋ ଗୁଣ ସୁଝିବି କେମନ୍ତେ | ଜୀବନ ଥିବା ପରିଯନ୍ତେ ||
ଏମନ୍ତ ବୋଲି ବସ୍ତ୍ର ଧରି | ଚଳି ସେ ଗଲେ ବେଗକରି ||
ସେ ଗ୍ରାମଯାକ ବୁଲାଇଲା | କେହି ତା ମୂଲ୍ୟ ନ ନେଲା ||
ଦେଖିଣ ପୁରାତନ ବାସ | ସମସ୍ତ ଜନ କଲେ ହାସ୍ୟ ||
ନିରାଶ ହୋଇ ତହୁଁ ଫେରି | ଆସନ୍ତେ ବସ୍ତ୍ର ଗୋଟି ଧରି ||
ଏମନ୍ତ ବେଳେ ଏକଜଣ | ମୂଲ୍ୟ ସେ କଲା ଆଠପଣ ||
ସମ୍ମତ କରି ତାକୁ ଦେଲେ | କଉଡ଼ି ଘେନି ଚଳିଗଲେ ||
ସରୁ ଚାଉଳ ମୁଗଜାଇ | ଘୃତ ନବାତ ଦୁଧ ଦହି ||
ଘେନିଣ ନିଜପୁରେ ଗଲେ | ନିଜ ପତ୍ନୀର ହସ୍ତେ ଦେଲେ ||
ଦେଖି ଆନନ୍ଦ ନିଜ ନାରୀ | ରନ୍ଧନ କଲେ ବେଗ କରି ||
ଅତିଥି ଶୁଭମନ୍ତେ ଆସି | ବିପ୍ର ମନ୍ଦିରେ ଛନ୍ତି ବସି ||
ତାହାଙ୍କୁ ସମାଦର କଲେ | ନେଇ ଆସନେ ବସାଇଲେ ||
ରମ୍ଭା ପତ୍ରରେ ଦିବ୍ୟ ଅନ୍ନ | ଦଧି ଘୃତାଦି ଯେ ବ୍ୟଞ୍ଜନ ||
ବିପ୍ର ଆନନ୍ଦ ମନ ହୋଇ | ଦୁହିଙ୍କୁ ପତ୍ରେ ଦେଲେ ନେଇ ||
ବୋଇଲେ ଭୁଞ୍ଜ ବେଗକରି | ଯାହା ସେ ଦେଇଛନ୍ତି ହରି ||
ତା ଶୁଣି ବୋଇଲେ ଅତିଥ | ଏକଥା ନୁହଇ ଉଚିତ ||
ଗୃହରେ ଅଛୁଁ ଯେତେ ଜନ | ସମସ୍ତେ କରିବା ଭୋଜନ ||
ଏ ସିନା ଧର୍ମର ବିଧାନ | ନୋହିଲେ ରଖ ତୁମ୍ଭ ଅନ୍ନ ||
ତା ଶୁଣି ବିପ୍ର ଗଲେ ବେଗେ | କହିଲେ ନିଜ ପତ୍ନୀ ଆଗେ ||
ବୋଇଲେ ଶୁଣରେ ସଙ୍ଗାତ | ଯେ ଆଜ୍ଞା ଦେଲେ ସେ ଅତିଥ ||
ଗୃହରେ ଅଛୁ ଯେତେ ଜନ | ସମସ୍ତେ କରିବା ଭୋଜନ ||
ନୋହିଲେ ତୁମ୍ଭ ଅନ୍ନ ରହୁ | ମେଲାଣି ଦିଅ ଆମ୍ଭେ ଯାଉ ||
ଏଥିକୁ କରି ତୁ ବିଚାର | ତା ଶୁଣି ବୋଲେ ନାରୀବର |
ସେ ଯାହା ଆଜ୍ଞା ଦେଲେ ସତ୍ୟ | ମୋର ଅବସ୍ଥା ଦେଖୁଛତ |

ଆନନ୍ଦ ହୋଇ ତୁମ୍ଭେ ବସ । କର ଅତିଥି ସଙ୍ଗେ ଗ୍ରାସ ॥
ମୁଁ ପାପୀ ଏକାକମା ଥିବ । ସଙ୍ଗ ନୋହିଲେ ନ ଭୁଞ୍ଜିବ ॥
ଏ ନୁହେଁ ଧର୍ମଶାସ୍ତ୍ର ମତ । ପୁରୁଷ ସଙ୍ଗେ ଭୁଞ୍ଜିବାତ ॥
ତୁମ୍ଭେ ଯାଇଣ ଭୁଞ୍ଜି ବସ । ଅତିଥି ନୁହଇ ନିରାଶ ॥
ତା ଶୁଣି ନଜପତ୍ନି ଗଲେ । ଆଜ୍ଞ ପଦେକ ପକାଇଲେ ॥
ଅନ୍ନ ବ୍ୟଞ୍ଜନ ତହିଁ ବାଢ଼ି । ବିପ୍ର କହଇ କରଯୋଡ଼ି ॥
ଏବେ ହୋ କରିବା ଭୋଜନ । ଏ ମୋର ଅପ୍ରାଧ ନ ଘେନ ॥
ତା ଶୁଣି କହନ୍ତି ଅତିଥ । ଏ ନୁହେଁ ବିଧାନ ଉଚିତ ॥
ଡାକ ତୋ ପତ୍ନୀ ଅଛି କାହିଁ । ଭୋଜନ କରୁ ସଙ୍ଗ ହୋଇ ॥
ନୋହିଲେ ଉଠିଗଲୁ ଆମ୍ଭେ । ଅନ୍ନ ଭୋଜନ କର ତୁମ୍ଭେ ॥
ତା ଶୁଣି ବୋଲନ୍ତି ବ୍ରାହ୍ମଣ । ହେ ପ୍ରଭୁ ମୋ କହିବା ଶୁଣ ॥
ବେଷ ସେ ନର୍ଦ୍ଧ କରିଦେଲେ । କି ଅବା ବିରସ୍ଥାରେ ଗଲେ ॥
ଅଇଲେ କରିବେ ଭୋଜନ । ଏଥକୁ କର.କର୍ମା ମାନ ॥
ବିପ୍ର ବଚନେ ଏହା ଶୁଣି । ବୋଲେ ସେ ଥିଲେ ଏହିକ୍ଷଣି ॥
କେଣେ ନ ଯାଇଛନ୍ତି ଘର । କର୍ମା କପଟ ଏତେ କର ॥
ବିପ୍ର କହିଲେ ଯେତେ ମତେ । କେବେହେଁ ନ ଗଲେ ପରତେ ॥
ବେଗେ ଆପଣେ ଉଠିଗଲେ । ଗୋଷଶାଳକୁ ଗୃହିଁ ଦେଲେ ॥
ତା ଦେଖି ବ୍ରାହ୍ମଣର ନାରୀ । ଲଜ୍ଜାରେ ମୃତ ଶବ ପରି ॥
ରହିଲ କୁକ୍‌କୁଟ କୁଣ୍ଡଳୀ । ମସ୍ତକେ ଦେଇ କରାଞ୍ଜଳି ॥
ଅଳପ ମନ୍ଦ ମନ୍ଦ ହସି । ଚଳକୁ କରି ମୁଖ ଶଶୀ ॥
ତା ଦେଖି ପିପା ଦାସ ପ୍ରିୟା । ସତୀ ସାଧବୀ ଦିଶି ଶ୍ରୀୟା ॥
ଧାଇଁ ଧରିଲେ ଭୁଜ ଦୁଇ । କୋଳେ ବସାଇ ଚୁମ୍ବଦେଇ ॥
ବୋଇଲେ କହ ମୋତେ ସତ୍ୟ । କପଟ ନ ରଖି ମୋ ଚିତ୍ତ ॥
ଆମ୍ଭ ଅଇଲୁ ବେଳେ ଥିଲ । କହ ତୋ ବସ୍ତ୍ର କେଣେ ଗଲ ॥
ଏମନ୍ତ ଶୁଣି ସେ ବ୍ରାହ୍ମଣୀ । କହେ ମଧୁର ଧୀର ବାଣୀ ॥
ଶ୍ରୀହରି କୃପାରୁ ଗୋ ମାତ । ଗୃହେ ମୋ ଅତିଥି ଆଗତ ॥

ଘରେ ନଥିଲା କିଛି ଧନ । ସ୍ୱାମୀ ମୋ ହୋଇଲେ ଅଜ୍ଞାନ ॥
ତେଣୁ ମୋ ବସ୍ତ୍ର ତେଣେ ଗଲା । ଅଶେଷ ଭାଗ୍ୟରେ ଲଗିଲା ॥
ଏମନ୍ତ ଶୁଣି ପିପା ନାଗ୍ର । ବେନି ନୟନୁ ବହେ ବାରି ॥
କଣ୍ଠସ୍ୱଁ ଗଦଗଦ ହୋଇ । ବଦନୁ ବାକ୍ୟ ନ ସ୍ଫୁରଇ ॥
ବୋଇଲେ ଧନ୍ୟ ତୋ ଜୀବନ । ତୋତେ ଦେଖିଲି ମୁହିଁ ଧନ୍ୟ ॥
ଧନ୍ୟ ତୁ ପତି ଅଛୁ ପାଇ । ତୋ ଭାଗ୍ୟ କହି ନ ସରଇ ॥
ଏମନ୍ତ କହି ବେଗକରି । ପିନ୍ଧିବା ବସ୍ତ୍ର ଖଣ୍ଡେ ଚିରି ॥
ବିପ୍ର ନାରୀକ ପିନ୍ଧାଇଲେ । ହସ୍ତ ଧରିଣ ଘେନିଗଲେ ॥
ଆବର ପତ୍ରେକ ପକାଇ । ଅନ୍ନ ବାଢ଼ିଲେ ବେଗେ ନେଇ ॥
ବେଢ଼ି ବସିଲେ ଗୃହଜଣ । ଚିନ୍ତିଲେ ହରି ନାରାୟଣ ॥
ଆନନ୍ଦେ କରିଲେ ଭୋଜନ । ସ୍ୱର୍ଗେ ଯେସନେ ସୁଧାପାନ ॥
କରନ୍ତି ଦେବ ଅପସରି । ଏଥିକି ସେ ନୁହନ୍ତି ସରି ॥
ଭୋଜନ ସାରି ମୁଖ ଧୋଇ । ବସିଲେ କଷାଫଳ ଖାଇ ॥
ଏଥିଉତ୍ତାରୁ ବିପ୍ରବାଳୀ । ଗୃହ କର୍ମକୁ ଗଲେ ଚଳି ॥
ବିପ୍ରହିଁ ଅତିଥି ରଖାଇ । କହିଲେ ପତ୍ନୀ ଆଗେ ଯାଇ ॥
ମୁଁ ଯାଉଅଛି ଭିକ୍ଷାଅର୍ଥେ । ଯାହା ସେ ଦେବେ ଜଗନ୍ନାଥେ ॥
ଆଣିଲେ ଅତିଥି ସେବିବା । ଆମ୍ଭେ ଉଚ୍ଛକେ ଭୋକେ ଥିବା ॥
ଶୁଣି ଆନନ୍ଦ ହେଲା ବାଳୀ । ସେକ୍ଷଣି ବିପ୍ର ଗଲା ଚଳି ॥
ଏଣେ ସେ ପିପା ଦାସ ନାଗ୍ର । ନିଜ ପତିଙ୍କ ପାଦଧରି ॥
ବୋଇଲେ ଶୁଣିମା ଗୋସାଇଁ । ଏହାଙ୍କ ଭାବ ନୋହେ କହି ॥
ଆମ୍ଭଙ୍କୁ ଦେଖିବାରୁ ତୋଳେ । ବୁଡ଼ିଲେ ଘୋର ଚିନ୍ତାର୍ଣ୍ଣବେ ॥
ଘରେ ନ ଥିଲା କିଛି ଧନ । ବକଲେ ପିନ୍ଧିବା ବସନ ॥
ତହୁଁ ଯା ମିଳିଲା ଅବଶ୍ୟ । ଆଣି ଆମ୍ଭଙ୍କୁ ଦେଲେ ଗ୍ରାସ ॥
ପତ୍ନୀ ରନ୍ଧନଶାଳେ ଥିଲେ । ଉଲଗ୍ନ ହୋଇ ବସିଥିଲେ ॥
ମୁଁ ତାହା ଦେଖିଲି ନୟନେ । ଧୈର୍ଯ୍ୟ ନ ରହିଲା ମନେ ॥
ମୋ ପିନ୍ଧା ବାସୁଁ ଅର୍ଦ୍ଧେ ଚିରି । ପିନ୍ଧାଇ ଦେଲି ବଳେ ଧରି ॥

ଆସିଣ କଲେକ ଭୋଜନ । କେ ହେବ ଏହାଙ୍କ ସମାନ ॥
ତାହା ଶୁଣିଣ ପିପା ଦାସ । ହୃଦରୁ ଉଡ଼ିଲା ସାହସ ॥
ବୋଇଲେ ଧନ୍ୟ ଏହୁ ବେନ । ଧନ୍ୟ ଯା ଜନକ ଜନନୀ ॥
ଏଥିକୁ ଯେବେ ଜଗନ୍ନାଥେ । କୃପା କରନ୍ତେ କିଛି ମୋତେ ॥
କିଛି ମିଳନ୍ତା ଯେବେ ଧନ । ଦେଇ ତୋଷନ୍ତି ତାଙ୍କ ମନ ॥
ଏମନ୍ତ କହି ଭାବ ଭୋଳେ । ନେତ୍ରୁ ଲୋତକ ଧାର ଗଳେ ॥
ବୋଇଲେ ଶୁଣସି ଗୋ ନାରୀ । କଥାଏ ପାରିବୁ କି କରି ॥
ଗଣିକା ସ୍ୱରୂପ ତୁ ଧର । ମୁଁ ଖୋଜି ଆଣିବି ନାଗର ॥
ତା ସଙ୍ଗେ କର କ୍ରୀଡ଼ାରସ । ସେ ଅବା ମିଳିବ ଅବଶ୍ୟ ॥
ସେ ଧନ କରିବା ପ୍ରଦାନ । ତା ଶୁଣି ଯୁବତୀ ରତନ ॥
ବୋଇଲେ ମୋତେ କିସ କହ । ତୁମ୍ଭର ବିନା ଏହୁ ଦେହ ॥
ପତ୍ନୀର ହାନ ଲଭ ଯାହା । ସ୍ୱାମୀର ବିନା ସବୁ ତାହା ॥
ଯହିଁ ବିକଲେ ତହିଁ ଅଛି । ମୋର ଆପତ୍ତି ନୋହେ କିଛି ॥
ତାହା ଶୁଣିଣ ପିପା ଦାସ । ମନେ ଚିନ୍ତିଲେ ପୀତବାସ ॥
ବୋଇଲେ ନମୋ ଚକ୍ରପାଣି । କମଳା ଯାର ପାଟରାଣୀ ॥
ଯାହାର ପାଦପଦ୍ମ ବାରି । ଶିବ ମସ୍ତକେ ଛନ୍ତି ଧରି ॥
ବ୍ରହ୍ମା ଯାହାର ଆଜ୍ଞା ଶିରେ । ଧରି ଜଗତ ଜାତକରେ ॥
ଇନ୍ଦ୍ର ଗୋବିନ୍ଦ ମୁନିଗଣ । ନିତ୍ୟେ ଚିନ୍ତନ୍ତି ଯା ଚରଣ ॥
ଶାରଦା ଯାର ଆଜ୍ଞାକାରୀ । ଧ୍ୟାନ କରନ୍ତି ବ୍ରହ୍ମଚାରୀ ॥
ଅଶେଷ ବ୍ରହ୍ମାଣ୍ଡ ଠାକୁର । ସମସ୍ତ ଯାର ଖେଳଘର ॥
ପ୍ରାଣୀ ସାରଣୀ ସତ୍ତା ପରି । ଖେଳାଇ କର୍ମରଜ୍ଜୁ ଧରି ॥
ତେଣୁ ତୋହର ପଦ୍ମପାଦେ । ଶରଣ ଗଲି ଅପ୍ରମାଦେ ॥
ଏ ମୋର ବାଞ୍ଛା ପୂର୍ଣ୍ଣକର । ଭେଟାଅ ଉତ୍ତମ ନାଗର ॥
ସୁନ୍ଦର ରୂପ ଯେ ହୋଇବ । ବାଞ୍ଛା ସମ୍ପୂର୍ଣ୍ଣ ଧନ ଦେବ ॥
କାମିନୀ ବର ହେବ ରୁଚି । ହେ ପ୍ରଭୁ ଏ ବର ମାଗୁଛି ॥
ଏ ଲଜ୍ଜା ମହତ ତୋହର । ହେ ପ୍ରଭୁ ଯାହା ତାହା କର ॥

ଆୟୁଷ ନାହିଁ ଆଉ କିଛି । ପତ୍ନୀ ବିଜୟ ମନେ ଅଛି ॥
ଏମନ୍ତ ବୋଲି ଚଳିଯାଇ । ଲଜ୍ଜା ମହତ୍ତ ଦୂରେ ଥୋଇ ॥
ବୈଷ୍ଣବ ରୂପ ଦୂର କରି । ନୋହେ ନପୁଂସ ନୋହେ ସ୍ତିରୀ ॥
ଏମନ୍ତ ରୂପେ ଗ୍ରାମ ଫେରି । କନ୍ଧ ବିକନ୍ଧ ଆଦି କରି ॥
ଏଡ଼େକ ହୋଇଛି ସମୟକାଳ । ମନରେ ଅତ୍ୟନ୍ତ ଚଞ୍ଚଳ ॥
ଯୁବା ପୁରୁଷ ଦେଖେ ଯହିଁ । ତହିଁ ପ୍ରବେଶ ହୋଏ ଯାଇଁ ॥
ଦେଖି ତା ନ ରସଇ ମନ । ତହୁଁ ଚଳଇ ଅନ୍ୟସ୍ଥାନ ॥
ଅତି ଚଞ୍ଚଳ ହୋଇ ମତି । ମନେ ଚିନ୍ତଇ ଜଗଜ୍ୟୋତି ॥
ନ ଦେଖି ଉତ୍ତମ ପୁରୁଷ । ବୋଲଇ ମରିବି ଅବଶ୍ୟ ॥
ତାହା ଜାଣିଲେ ଆଦିମୂଳ । ଯେ ପ୍ରଭୁ ଭକତ ବତ୍ସଳ ॥
ତକ୍ଷଣେ ଦିବ୍ୟରୂପ ହୋଇ । ବିଜୟ କଲେ ଭାବଗ୍ରାହୀ ॥
ମନ ମୋହନ ଯୁବା ବେଶ । କୋଟିଏ କନ୍ଦର୍ପ ସଦୃଶ ॥
ସୁକ୍ଷ୍ମୀନ ପାଗ ଶୋହେ ଶିରେ । ସୁନ୍ଦର ଫେର ତହିଁପରେ ॥
ସୁବର୍ଣ୍ଣ ଦୁବ ତହିଁ ଖୋସି । ଶୋଭିଲେ ଝଲମଲ ଦିଶି ॥
ସୁରତ୍ନ ମଣି କର୍ଣ୍ଣାଞ୍ଚଳ । ଜ୍ୟୋତି ବିରାଜେ ଗଣ୍ଡସ୍ଥଳ ॥
କଣ୍ଠେ ଶୋଭିତ ରତ୍ନମାଳ । ରତ୍ନ ପଦକ ହୃଦସ୍ଥଳ ॥
ମଣି କଙ୍କଣ ବେନିଭୁଜେ । ହେମ ମେଖଳା କଟୀ ମଝେ ॥
ସ୍ଥୂଳ ଚରଣ ଯେ ନୂପୁର । କଣ୍ଠେ ଶୋଭିତ ରତ୍ନହାର ॥
ସେ ପାଦ ମହିମା ଅପାର । ଦରିଦ୍ର ଜନ ଦୁଃଖ ହର ॥
ତହିଁ ବିଶ୍ୱାସ ଥିବ ଯାର । ସଂସାରେ ଭୟ ନାହିଁ ତାର ॥
ଜଗମୋହନ ରୂପ ହୋଇ । ବିଜୟ କଲେ ଭାବଗ୍ରାହୀ ॥
ଭେଟ ପଡ଼ିଲେ ପିପା ଦାସ । ଛିଡ଼ିଲେ ଜନ୍ମ ବନ୍ଧ ପାଶ ॥
ଦାସେ ପୁଚ୍ଛିଲେ ଧୀରବାଣୀ । କାହୁଁ ଆଇଲେ ବୀରମଣି ॥
ଏକାକୀ ସଙ୍ଗେ କେହି ନାହିଁ । ନଗରେ ବୁଲୁଛ କିମ୍ପାଇ ॥
ଦିଶୁଛ ରାଜପୁତ୍ର ପ୍ରାୟେ । ବିଜେ କରିବ କେଉଁଠାଏ ॥
ତା ଶୁଣି ବୋଇଲେ ଅଚ୍ୟୁତ । ଭଲ ଚିହ୍ନିଲୁ ମୋତେ ତୁ ତ ॥

ମୁଁ ବ୍ରଜ ରାଜାଙ୍କ କୁମର । ଅନେକ ସଙ୍ଗ ଅଛୁ ମୋର ॥
ନିରନ୍ତେ ବନ ମଧ୍ୟେ ଥାଇ । ଗୋପରେ ଗୋପାଳ ବୋଲାଇ ॥
ଚଞ୍ଚଳ ହୃଦ ଦେଖେ ଯାର । ମୋ ମନ ନ ରହେ ସେଠାର ॥
ଯେ ପ୍ରାଣୀ ପର ଉପକାରେ । ଅବିଦ୍ୟା ସୁବିଦ୍ୟା ବା କରେ ॥
ନିରନ୍ତେ ହରି ନାମ ଘୋଷେ । ମୋ ମନ ତାହାଠାରେ ରହେ ॥
ନିଷ୍କାମୀ ମୋହଠାରୁ ସାର । ମୁଁ ବଡ଼ କାମୀ ଏ ସଂସାର ॥
ଏଣୁ କନ୍ଦର୍ପ ପୀଡ଼ା ମୋତେ । ରହି ନ ଦେଲ୍ ବନଗତେ ॥
ତେଣୁ ସମସ୍ତ କାମ ଲେଙ୍କି । କାମିନୀ ଅଙ୍ଗ ସଙ୍ଗ ଇଚ୍ଛି ॥
ଅଇଲି ଅତି ଚୋର ହୋଇ । ସତ୍ୟ କହିଲି ତୋତେ ମୁହିଁ ॥
ଯେବେ ମିଳିବ ଏକ ନାରୀ । କେବଳ ପର ଉପକାରୀ ॥
ସ୍ୱାମୀର ଭକ୍ତା ହୋଇଥିବ । ତାହାର ସଙ୍ଗ ସେ ଦୁର୍ଲ୍ଲଭ ॥
ଯାହା ମାଗିବ ତାହା ଦେବ । ରସିକ ରହି ଚଳିଯିବ ॥
ତାହା ଶୁଣିଣ ପିପା ଦାସ । କେବଳ ମନରେ ହରଷ ॥
ବୋଇଲେ ଆସ ମୋର ସଙ୍ଗ । ତା ସଙ୍ଗେ ବିଜୟେ ଶ୍ରୀରଙ୍ଗ ॥
ହରିଙ୍କି ଘେନ ସଙ୍ଗେ ଚଳି । ପତ୍ନୀ ପାରୁଶେ ଯାଇ ମିଳି ॥
ବୋଇଲେ ଆଣିଲି ନାଗର । ମନ ସନ୍ତୋଷେ ଭୋଗକର ॥
ସମ୍ପୂର୍ଣ୍ଣ କରି ଧନ ରଖ । ଯେମନ୍ତେ ଛୁଟେ ଭବ ଦୁଃଖ ॥
ଏହା ଶୁଣିଣ ନାରୀବର । ମନୁଷ୍ୟ ପ୍ରାୟେ ପ୍ରତେ ତାର ॥
ଅତି ଆଦର କରି ନେଲା । ମନ୍ଦିରେ ବିପ୍ର ବସାଇଲା ॥
ଅନ୍ତର ହେଲେ ପିପା ଦାସ । ଶୁଣ ସୁମନ ଏବେ ରସ ॥
ବିପ୍ର ଯେ ଭିକ୍ଷା ମାଗିଗଲା । କେତେ ବା ଗ୍ରାମ ସେ ବୁଲିଲା ॥
କିଛି ନ ପାଇ ଫେରି ଆସି । ପତ୍ନୀ ସଙ୍ଗତେ ଅଛୁ ବସି ॥
ଦୁହେଁ ଏମନ୍ତ ଚନ୍ଦ୍ରାଭରେ । ଶୁଣ ସୁଜନ ଏ ଉତ୍ତରେ ॥
ସେ ପିପା ଦାସ ପ୍ରିୟା ଚଉ । ଆନନ୍ଦ କେ କହୁ ତା ଯେତେ ॥
କନା କନ୍ଥଡ଼ା ଯେତେ ଥିଲା । ଯତନେ ଶେଯ ଶୋଯାଇଲା ॥
ଶୀତଳ ଜଳେ ପାଦଧୋଇ । ମସ୍ତକେ ସିଞ୍ଚି ମୁଖେ ପିଇ ॥

ବୋଇଲା ଏଥେଁ ବଜେ କର । ମୁଁ ହୀନ ଯୁବତୀ ସୁନ୍ଦର ॥
ମୁଁ ଛାର ତୁମ୍ଭ ସେବା ଭଳି । ନୁହଇ ହୀନ ଦୁଃଖୀ ବାଳୀ ॥
ମାହକ ଭୋଗ କର ବେଳେ । ଗୋବିନ୍ଦ ମୋତେ ଭେଟାଇଲେ ॥
ମନ ସନ୍ତୋଷେ ଧନ ଦେବ । ଏ ବିପ୍ର ଦୁଃଖ ଛଡ଼ାଇବ ॥
ଅଧିକ ଲୋଡ଼ା ନାହିଁ ମୋର । ମୋ ସେବା ତୁମ୍ଭ ଶ୍ରୀପୟର ॥
ଏମନ୍ତ ବୋଲି ପିପା ନାରୀ । ହରିଙ୍କି ନେଲା କୋଳକରି ॥
ଲେଙ୍କଡ଼ା ଶେଯେ ପହୁଡ଼ାଇ । ଲଜ୍ଜାକୁ ଦେଲା ଘଉଡ଼ାଇ ॥
ଚରଣ ଚାପୁଅଛି ବସି । ମନେ ବିଚାରେ ଶୁଭ୍ରକେଶୀ ॥
ଏ ଯେଉଁ ପୁରୁଷ ରତନ । ମୁଁ ନୁହେ ଏହାଙ୍କ ଭାଜନ ॥
ଗୁଞ୍ଜି ମାଣିକ୍ୟ ଏକ କଲେ । ଯେସନେ ଶୋଭା ନୋହେ ଭଲେ ॥
ଏମନ୍ତ ବିଚାରନ୍ତେ ମନ । ତାହା ଜାଣିଲେ ଭଗବାନ ॥
ସେ ଅନ୍ତର୍ଯାମୀ ଆଦିମୂଳ । ଭକତ ଭାବେ ହେଲେ ଭୋଳ ॥
ଅଳପ ମନ୍ଦ ମନ୍ଦ ହସି । ନାରୀକ କୋଳେ ଧେନ ବସି ॥
ଚିବୁକ ଧଇଲେ ଶ୍ରୀହରି । ତା ଭାଗ୍ୟ କହିଲେ ନ ସରି ॥
ପିପା ଦାସ ଏ ସମୟରେ । ଲୁଚି ଅନାଇ ଦେଲା ଥରେ ॥
ଦେଖିଲା ପ୍ରଭୁ ଭଗବାନ୍ । ବିରାଜେ ଶଙ୍ଖ ଚକ୍ର ଚିହ୍ନ ॥
କୋଟି କନ୍ଦର୍ପ ମୁଖକାନ୍ତି । ପରମ ଶୁଚି ଦିବ୍ୟ ଜ୍ୟୋତି ॥
ପତ୍ନୀକି ବୋଇଲା ଲୋ ଉଠ । ଶ୍ରୀପଦ୍ମ ପାଦ ତଳେ ଲୋଟ ॥
ସେ ଯେ ଅନାଦି ନାରାୟଣ । ମନୁଷ୍ୟ ପ୍ରାୟେ ତୁ ନ ମଣ ॥
ଏମନ୍ତ ଶୁଣି ସତୀ ଧୀରେ । ଚାହିଁଲା ପଦ୍ମ ନୟନରେ ॥
ଦେଖିଲା ପ୍ରଭୁ ଜଗଜ୍ୟୋତି । ଚରଣେ ପଡ଼ିଲା ଯୁବତୀ ॥
ପିପାଙ୍କି ହା ହା କୃଷ୍ଣ ବୋଲି । ପାଦେ ପଡ଼ିଲା ଗଡ଼ଡାଳି ॥
ଦୁହେଁ ଉଠିଣ ଚାହିଁ ଦେଲେ । ସେ ହରି ଅନ୍ତର୍ଦ୍ଧାନ ହେଲେ ॥
ପୁରେ ପୂରିଛି ନାନା ଧନ । ଶୁଣ ହେ ସୁମନ ସଜ୍ଜନ ॥
ଏମନ୍ତ ପାହିଲା ରଜନୀ । ଡାକଇ ବ୍ରାହ୍ମଣ ବ୍ରାହ୍ମଣୀ ॥
ବୋଇଲେ ରଖ ଧନ ତୋର । ନିଶ୍ଚିନ୍ତେ ବସି ଭୋଗକର ॥

ତା ଦେଖି ବିପ୍ର ନାଗବର । ବୋଇଲେ ଏ କି ଚମତ୍କାର ॥
କାହୁଁ ଆଣିଲ ଏତେ ଧନ । ତୁମ୍ଭେ କି ଦ୍ୱିଜ ଭଗବାନ ॥
ଏମନ୍ତ କହି ପାଦତଳେ । ଦୁହେଁ ଶୋଇଲେ ଭାବଭୋଳେ ॥
ଦାସେ ଉଠାଇ କୋଳକଲେ । ସମସ୍ତ ଫିଟାଇ କହିଲେ ॥
ତହୁଁ ଚଳିଲେ ବେନି ପ୍ରାଣୀ । ଶ୍ରୀହରି ଭାବ ମନେ ଗୁଣି ॥
କାହିଁ ବା କେତେ କର୍ମ କଲେ । ଅନ୍ତେ ସେ ବସ୍ତୁ ଲୋକେ ଗଲେ ॥
ସେ ଦ୍ୱିଜ ପତି ପତ୍ନୀ ଦୁଇ । ଭାଗ୍ୟ କହିଲେ ନ ସରଇ ॥
ଜୀବନ୍ତେ ସୁଖେ ଦିନ ନେଲେ । ଅନ୍ତେ ବୈକୁଣ୍ଠପୁରେ ଗଲେ ॥
ଶୁଣ ସୁଜନ ଏକ ଚିତ୍ତେ । ଏ ଦୃଢ଼ ଭକତି କେମନ୍ତେ ॥
ଯେ ହରି ହରିଭକ୍ତ ଦୁଇ । ଏକଇ ପ୍ରାଣ ପିଣ୍ଡ ଦୁଇ ॥
କେବେହେ ନୋହେ ଭିନ୍ନାଭିନ୍ନ । ଏ କଥା ସତ୍ୟ କରି ଘେନ ॥
କହଇ ବିପ୍ର ରାମଦାସ । ମୂଳଟି ଅଟଇ ବିଶ୍ୱାସ ॥
ସେ ହରିଭକ୍ତଙ୍କର ପାଦେ । ମୋ ଚିତ୍ତ ରହୁ ଅପ୍ରମାଦେ ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତି ରସାମୃତେ ମନଚୈତନ୍ୟ ସମ୍ବାଦେ
ପିପା ଦାସ ଦାର୍ଢ୍ୟଭାବ ବର୍ଣ୍ଣନେ ନାମ
ପଞ୍ଚ ଚତ୍ୱାରିଂଶୋଽଧ୍ୟାୟଃ ।

—*—

## ଷଟ୍‌ଚତ୍ୱାରିଂଶ ଅଧ୍ୟାୟ
## ବସ୍ତୁ ପ୍ରିୟା ସମ୍ବାଦଃ

ନମସ୍ତେ ପ୍ରଭୁ ହଳହସ୍ତ । ନମସ୍ତେ ପ୍ରଭୁ ଜଗନ୍ନାଥ ॥
ସୁଦରଶନ ଆଦିକରି । ଚତୁର୍ଦ୍ଧାରୂପ ଅଛ ଧରି ॥
ବିଜୟ ଶ୍ରୀନୀଳକନ୍ଦରେ । ବିରାଜ ବିଜେ ଶ୍ରୀଗୁମ୍ଫରେ ॥
ଜଗତ ପାଳିବାର ଅର୍ଥେ । କମ୍ବୁ ରଥାଙ୍ଗ ଶୋହେ ହସ୍ତେ ॥
ପତିତ ଉଦ୍ଧାର ନିମିତ୍ତ । ଶ୍ରୀନୀଳଚକ୍ରେ ଉଡ଼େ ନେତ ॥
ତେଣୁ ଶରଣ ରାମ ଦାସ । ନ ନାଶ ମୋର ପ୍ରତିଆଶ ॥
ପୁଣି ଚୈତନ୍ୟ କହେ ଧୀରେ । ସୁମନ ନୃପତି ଆଗରେ ॥

ଏ.ବଡ଼ ଅପୂର୍ବ ଚରିତ । ଶୁଣ ନିର୍ମଳ କରି ଚିତ୍ତ ॥
ଶ୍ରୀବୃନ୍ଦାବନ ପଶ୍ଚିମରେ । ଦିଲ୍ଲୀ ସହର ପାରୁଶରେ ॥
ଜୟନଗର ତାଙ୍କ ଘର । ସେ ରାଜବଂଶେ ଅବତାର ॥
ଶୁଭଇ ଜୟସିଂହ ନାମ । କେ କହୁ ତାଙ୍କ ଗୁଣ ଗ୍ରାମ ॥
ଧନେ ସେ କୁବେର ସମାନ । ଦାନ ପଣରେ ଦ୍ୱିଶକର୍ଣ୍ଣ ॥
ବୀରଙ୍କ ମଧ୍ୟେ ସେ ଅଗ୍ରଣୀ । ଧୀରପଣରେ ସେ ଧରଣୀ ॥
ଅଶେଷ ବିଦ୍ୟାରେ ସେ ରଥୀ । ପଣ୍ଡିତପଣେ ବୃହସ୍ପତି ॥
ଲକ୍ଷେକ ଅଶ୍ୱ ନିରନ୍ତରେ । ବନ୍ଧା ଅଛଇ ତାର ଦ୍ୱାରେ ॥
ପଦାତିବଳ ଅପ୍ରମିତେ । କହି ନୁହଇ ଏତେ ତେତେ ॥
ଦୁଃଖୀ ଦରିଦ୍ର ଜନଙ୍କର । କେବଳ ଅଟଇ ପିଅର ॥
ତୋଷଇ ଅନ୍ନ ବସ୍ତ୍ର ଦାନେ । କୋମଳ ମଧୁର ବଚନେ ॥
ହରି ଭଜନେ ଅତି ତୋଷ । ହରଇ ରଜନୀ ଦିବସ ॥
ସତ୍ୟ ବଚନେ ଦୃଢ଼ ଅତି । ପତ୍ନୀର ନାମ ଚନ୍ଦ୍ରାବତୀ ॥
ଚତୁରୀ ବିବେକୀ ସୁନ୍ଦରୀ । ଯେସନେ ସ୍ୱର୍ଗ ଅପସରୀ ॥
ସ୍ୱାମୀ ସେବାରେ ଅତି ଦକ୍ଷ । ଅନ୍ୟ ନୋହିବେ କେହି ଲକ୍ଷ୍ୟ ॥
ତାହାର ଏକଇ ତନୟେ । ରୂପେ କନ୍ଦର୍ପ ଶୋଭା ପ୍ରାୟେ ॥
ଏକ ଦୁହିତା ଶୋଭାବନୀ । ହେମାଙ୍ଗୀ ଚନ୍ଦ୍ରମାବଦନୀ ॥
ମାତା ପିତାର ଅତି ସ୍ନେହା । ନାମ ତାହାର ବିଷ୍ଣୁପ୍ରିୟା ॥
କୋମଳଅଙ୍ଗୀ ସୁକୁମାରୀ । କହିଲେ ଶୋଭା ତା ନ ସରି ॥
କଳା କୁଞ୍ଚିତ ଘନକେଶୀ । ଖଞ୍ଜନା ଗଞ୍ଜ ମୃଗଦୃଶୀ ॥
ଶ୍ରବଣ ଯୁଗ ସ୍ମରପାଶ । ନାସା ତା ତିଳ ସୁମନସ ॥
ଅଧର ସୁରଙ୍ଗ ସୁଷମ । ନବ ପଲ୍ଲବ ନୋହେ ସମ ॥
ମୁକୁତା ଦାନ୍ତ ହୀରପନ୍ତି । ଡାଳିମ୍ବ ବୀଜ ପ୍ରାୟ ଜ୍ୟୋତି ॥
ଭ୍ରୂଲତା କନ୍ଦର୍ପ କୋଦଣ୍ଡ । ଖଣ୍ଡ ଚନ୍ଦ୍ରମା ବେନି ଗଣ୍ଡ ॥
ମୁଖ ସୁନ୍ଦର ନୋହେ କହି । ମୁନି ଦେଖିଲେ ହେବେ ମୋହି ॥
ସୁକଣ୍ଠ, ସୁବାହୁ ଯୁଗଳ । ଅତି ବିସ୍ତାର ବକ୍ଷସ୍ଥଳ ॥

ସୁନ୍ଦର ଯଣେ ଜଗଜ୍ଜିତା । ଶ୍ରବଣେ ଶୁଣେ ହରିକଥା ॥
ଶ୍ରୀହରି ଜନ୍ମ ରସଗୁଣ । ନିରତେ ପଠନ ଶ୍ରବଣ ॥
ସାଧୁ ବୈଷ୍ଣବ ସେବା ଅର୍ଥେ । ଧନ ସେ ପେଶଇ ଗୁପତେ ॥
ନିରତେ ସଦାବର୍ତ୍ତମାନ । ଦିଆଇ ଥାଏ ସ୍ଥାନ ସ୍ଥାନ ॥
ନିରତେ ହୋଇ ଶୁଚିମନ୍ତ । ବ୍ରତ କରଣେ ଦୃଢ଼ ଚିତ୍ତ ॥
ଶ୍ରୀଜଗନ୍ନାଥଙ୍କ ଚରିତ । ବାର ମାସରେ ତେରଯାତ ॥
ଯେତେବେଳରେ ଯେଉଁ ଶୋଭା । ବେଶ ବସନ ଆଦି ସେବା ॥
ଶ୍ରୀ ମହାପ୍ରସାଦ ମହିମା । ଯେ ପାଞ୍ଚକୋଶ ପରିକ୍ରମା ॥
ଶ୍ରୀ ଜଗମୋହନ ଚରିତ । ଯେବେ ଶୁଣଇ ଶ୍ରୁତିପଥ ॥
ମନେ ଆନନ୍ଦ ହୁଏ ଯେତେ । ତାହା କେ କହିବ ଯୁକତେ ॥
ହୃଦୟ ହୁଏ ଦ୍ରବୀଭୂତ । ଧ୍ୟାନେ ଚିନ୍ତଇ ଜଗନ୍ନାଥ ॥
ବଗ୍ରର କରୁଥାଏ ମନ । କେବେ ଦେଖିବ ଭଗବାନ ॥
ଦର୍ଶନେ ପୂର୍ବ ପାପ ତୁଟି । ଜୀବ ବନ୍ଧନ ଯିବ ଫିଟି ॥
ପୁଣି ବୋଲଇ ସ୍ତ୍ରିରି ଗୁର । ସୁଭାଗ୍ୟ ହେବନାହିଁ ମୋର ॥
ସ୍ୱପନେ ହେଲେ ଏକଦିନେ । ଦେଖିବି ମୋ ଚର୍ମ ନୟନେ ॥
ଏ କୃପା କରିବେକି ହରି । ବୋଲି ନୟନୁ ବହେ ବାରି ॥
ଏମନ୍ତ ବେଳେ ଶୁଣ ମନ । ପ୍ରଭୁଙ୍କ ଘଟସୃଜ ମାନ ॥
ସେବକମାନେ ଛନ୍ତି ଯେତେ । ପ୍ରଭୁଙ୍କ ପାରିଷଦ ମତେ ॥
ସବୁ ସେବକ ମଧ୍ୟେ ସାର । ଭିଳନ୍ତି ମହାପାତ୍ର ଘର ॥
ତାଙ୍କ ଉପରି ବଂଶେ ଜାତ । ତା ନାମ ବନ୍ଧୁ ମହାପାତ୍ର ॥
ମନରେ ଧନ ଇଚ୍ଛା କଲା । ପ୍ରଭୁ ସମ୍ମୁଖରେ ଜଣାଇଲା ॥
ମେଲାଣି ମାଗି ତହୁଁ ଚଳି । ଧନଟି ଅଟେ ଏତେ ଭଲି ॥
ଶ୍ରୀହରି ସେବାରୁ ଅନ୍ତର । ହୋଇ ଚଳିଲେ ଦେଶାନ୍ତର ॥
ପଥରେ ରହି କେତେମାସ । ଜୟ ନଗରେ ପରବେଶ ॥
ତହିଁ ରହିଲେ ବାସକରି । ଉତ୍ତମ ଲୋକେ ଅନୁସରି ॥
ମହାପ୍ରସାଦ ମାନ ଦେଲେ । ଅନେକ ଧନ ସମ୍ପାଦିଲେ ॥

ତହୁଁ ଶୁଣିଲେ ଧନ୍ୟ ଧନ୍ୟ । ହୋଇଲେ ସର୍ବଲୋକେ ମାନ୍ୟ ॥
ଜୟ ସିଂହର ଯେ ଦୁହିତା । ପୂର୍ବେ କହିଛୁଁ ତାର କଥା ॥
ସେ ବିଷ୍ଣୁପ୍ରିୟାର ଚରିତ । ସଂସାରେ ଅତି ଆଲୋକିତ ॥
ନିରତେ କୃଷ୍ଣକଥା ମାନ । କରଇ ଶ୍ରବଣ ପଠନ ॥
ଦୁଃଖୀ ଦରିଦ୍ର ଜନଠାରେ । ଦୟା ତାହାଙ୍କଠାରୁ ସରେ ॥
ଯେ ଯାହା ମାଗେ ତାହା ଦେଇ । କହଇ ବଚନ ବିନୟୀ ॥
ଅତି ବିଶ୍ୱାସ କରି ବୁଦ୍ଧି । ସାଧୁଙ୍କ ସେବା ନିରବଧି ॥
କରିଣ ବଞ୍ଚୁଥାଇ ଦିନ । ଧନ୍ୟ ସେ ଯୁବତୀ ରତନ ॥
ଏମନ୍ତ ପ୍ରଶଂସା ବହୁତ । ଶୁଣି ସେ ମହାପାତ୍ର ଚିତ୍ତ ॥
ବିଚାର କଲେ ଅତି ତୋଷେ । କହିବୁଁ ପ୍ରକାଶିବା ଆଶେ ॥
ପତ୍ର ଖଣ୍ଡିଏ ଯତ୍ନକରି । ଲେଖିଲେ ପ୍ରଭୁ ନାମ ଧରି ॥
ଶ୍ରୀଜଗନ୍ନାଥଙ୍କ ନିମନ୍ତେ । ଯେ ଶ୍ରଦ୍ଧା ହେଉ ତୁମ୍ଭ ଚିତ୍ତେ ॥
ଦେଲେ ତା ଆମ୍ଭେ ଘେନିଯିବୁ । ପ୍ରଭୁ ସମ୍ମୁଖରେ ନେଇ ଦେବୁ ॥
ଆମ୍ଭେ ଯେ ପାରିଷଦ ଲୋକ । ଏମନ୍ତ ଲେଖିଦେଲେ ଲେଖ ॥
ସେ ଲେଖା ପାଇ ସେ ସୁନ୍ଦରୀ । ହୃଦେ ଲଗାଇ ହାତେ ଧରି ॥
ଶିଠାଉ ମୁଖେ ଚୁମ୍ବ ଦେଲା । ମୁଦ ଫିଟାଇ ପାଠକଲା ॥
ଆପଣେ ପଢ଼ି ପଢ଼ି ବାଳୀ । ନେତ୍ରୁ ଲୋତକ ଧାର ଗଳି ॥
ଶ୍ରୀହସ୍ତ ହେଲା ଥର ଥର । କମ୍ପିଲା ସୁରଙ୍ଗ ଅଧର ॥
କଣ୍ଠ ହୋଇଲା ଗଦ ଗଦ । ଅଙ୍ଗେ ଜନମ ହେଲା ସ୍ୱେଦ ॥
ପୁଲକ ହେଲା ରୋମାବଳୀ । ବଚନ କହଇ ସେ ବାଳୀ ॥
ଦେହରୁ ବୁଦ୍ଧିଜ୍ଞାନ ଛାଡ଼ି । ଭବ ସମୁଦ୍ରେ ଗଲା ବୁଡ଼ି ॥
ନୟନ ବୁଜି କଲା ଧ୍ୟାନ । ଦେଖିଲା ପ୍ରଭୁ ଭଗବାନ ॥
ଯେଣେ ଚାହିଁଲେ ତେଣେ ହରି । ଦିଶିଲେ ଶଙ୍ଖ ଚକ୍ରଧାରୀ ॥
ଫିଟିଲା ଜନ୍ମ ବନ୍ଧ ତାର । ମନରେ କଲା କି ବିଚାର ॥
କି ବୁଦ୍ଧି ଏବେ କରିବଇଁ । ବିଷମ ଦୁଃଖେ ପଡ଼ିଲଇଁ ॥
କି ଦ୍ରବ୍ୟ ଦେବି ତାଙ୍କ ପାଶ । ତାଙ୍କୁ ଅପର୍ବ ଅବା କିସ ॥

ପରମ ଲକ୍ଷ୍ମୀ ଯା ଘରଣୀ । ପାଶେ ବସନ୍ତ ଅନୁକ୍ଷଣୀ ॥
ଯା ପରିବାରୀ ଅଷ୍ଟନିଧି । ଯାହାର ଆଜ୍ଞାକାରୀ ବିଧି ॥
ସମସ୍ତ ରତ୍ନର ଆକର । ଯାହାର ନାମ ରତ୍ନାକର ॥
ତାଙ୍କୁ କି ରତ୍ନ ଦେବ ଅବା । ଏ କଥା ନ ଦିଶିବ ଶୋଭି ॥
ଯା ତନ୍ତୁଁ ସଂସାରେ ସଞ୍ଚାର । ହେତୁ ବୋଲାଏ ବିଶ୍ୱମ୍ଭର ॥
ତାହାଙ୍କୁ ଦେବ ଅବା କିସ । ଏଣୁ ହୋଇବ ବଡ଼ ହାସ୍ୟ ॥
କୌସ୍ତୁଭମଣି ଯାର ହାର । ଇତର ମଣି କେଉଁ ଛାର ॥
ଅମୂଲ୍ୟ ଅଗୁରୁ ଚନ୍ଦନ । ଯାହାର ପୂଜାକୁ ଇନ୍ଧନ ॥
ଯାର ବାହନ ଖଗରାଜ । ଆନ ଯାନରେ କିସ କାର୍ଯ୍ୟ ॥
ଯାର ଶୟନ ନାଗରାଜେ । ସହସ୍ର ଫଣା ମଣି ଶୋଭେ ॥
ଫଣାକେ ଜ୍ୟୋତି ଯେ ବିରାଜେ । କି କାର୍ଯ୍ୟ ତାର ଆନ ଶେଯେ ॥
ପାରିଜାତକ ଫୁଲମାଳା । ନିରତେ ଶୋଭେ ଯାର ଗଳା ॥
ଗଣା ହୋଇଲେ ଯୁଗ ଶତ । ମଳିନ ନୋହେ କଦାଚିତ ॥
ବ୍ରହ୍ମାଣ୍ଡ ମୋହେ ଯାର ବାସ । ଅନ୍ୟ ଫୁଲେ ତା କାର୍ଯ୍ୟ କିସ ॥
ଯାର ନିବାସ ନୀଳାଚଳ । ଅମୂଲ୍ୟ ପରମ ମଙ୍ଗଳ ॥
ଜଗତ ଟଳିବାର ନଷ୍ଟ । ହେଲେ ନ ଟଳେ ଯାର ପୀଠ ॥
ଦର୍ଶନେ ପ୍ରାଣୀ ପାପ ହରେ । ଅନ୍ୟ କି ପୀଠ ଦେବି ତାରେ ॥
ଯାହାର ଶସ୍ତ୍ର ସୁଦର୍ଶନ । କୋଟି ସୂର୍ଯ୍ୟର ତେଜ ସମ ॥
ଅଶେଷ ଯୁଗ ଗଲେ ବହି । ଅଦ୍ୟାପି ପୁରାତନ ନୋହି ॥
ଆର୍ତ୍ତିର ଆର୍ତ୍ତି ଖଣ୍ଡିବାରେ । ସଂସାରେ ତାହାଠାରୁ ସରେ ॥
ଦର୍ଶନ ମାତ୍ରେ କୋଟି ସୁଖ । ଅନ୍ୟ ଶସ୍ତ୍ର କି ତାଙ୍କୁ ଲକ୍ଷ୍ୟ ॥
ଗଙ୍ଗା ଯା ଚରଣ ଉଦକ । ଯହିଁ ଶରଣ ତିନିଲୋକ ॥
ତାଙ୍କୁ ଅପୂର୍ବ ଅବା କିସ । ନାହିଁ ନୋହିବେ ଚତୁର୍ଦ୍ଦଶ ॥
ହେ ପ୍ରଭୁ ଶଙ୍ଖଚକ୍ର ବାହୁ । ହୃଦେ ବିପ୍ରର ଆଜ୍ଞା ହେଉ ॥
ଆଜ କି ଦ୍ରବ୍ୟ ଦେବି ତୋତେ । କିଛି ତ ଦିଶୁନାହିଁ ମୋତେ ॥
କେବଳ କଥାଏ ତୁମ୍ଭର । ହେଜ ପାଇଛି ଦାମୋଦର ॥

ଆବର କୁଳ କନ୍ୟାଗଣ । ନାଗରୀ ଚତୁରୀ ସିହାଣ ॥
ତୁମ୍ଭର ମନ ନେଲେ ହରି । ରଖିଲେ ଅତି ଗୋପ୍ୟକରି ॥
ଯେତେ ମାଗିଲେ ମହାବାହୁ । ନେଉଛି ନ ନେଲେ ସେ ଆଜ ॥
କ୍ଷୀର ନୀରର ପ୍ରାୟେ ହେଲା । ମନରେ ମତି ମିଶିଗଲା ॥
ଖୋଜି ନ ପାଇ ବହୁ ଚିହ୍ନ । କେବଳ ହେଲା ମହାଶୂନ୍ୟ ॥
ଆଜ ସକଳ ଦ୍ରବ୍ୟ ଅଛି । ତୋତେ ଅପୂର୍ବ ନାହିଁ କଛି ॥
ମନ ମାତ୍ରକ ଲବ ଲେଶେ । ନାହିଁ ତୁମ୍ଭର ହୃଦଦେଶେ ॥
ଏହା ମୁଁ ଭଲେ ଅଛି ଜାଣି । ସକଳ ଶାସ୍ତ୍ରମାନ ଶୁଣି ॥
ଏଣୁ ମୁଁ କଲି ମନ ଦତ୍ତ । ଆଜୁଁ ମୁଁ ହେଲି ତୁମ୍ଭ ଭୃତ୍ୟ ॥
ପିଣ୍ଡ ମାତ୍ରକ ଏଥି ଥାଉ । ମନ ମୋ ରଖି ଆଜ୍ଞା ହେଉ ॥
କିସ କହିବ ଏ ଉତ୍ତରୁ । ତୁମ୍ଭେ ମୋ ବାଞ୍ଛା କଳ୍ପତରୁ ॥
ସକଳ ଜାଣ ଦେବସ୍ୱାମୀ । ଏଣୁ ବୋଲଇ ଅନ୍ତର୍ଯାମୀ ॥
ଏମନ୍ତ ବୋଲି ସେ ଭକତ । ପତ୍ରେ ପେଶିଲେ ମନମତ ॥
ଶୋକେଣ ପତ୍ର ଲେଖି ବାଳୀ । ମନେ ଚିନ୍ତିଲେ ବନମାଳୀ ॥
ଏତେକ ମୃଗମଦ କାଳି । ଝଲକୁ ଅଛି ବର୍ଣ୍ଣାବଳୀ ॥
ପ୍ରେମ ଆନନ୍ଦ ତହିଁ ଭରି । ମୁଦ ମୁଦିଲେ ଯତ୍ନକରି ॥
ବୋଇଲା ଶୁଣ ଅରେ ମନ, । ତୁ ତ ଦୁର୍ଲ୍ଲଭ ମହାଶୂନ୍ୟ ॥
ନିଶ୍ଚଳ ନୋହୁ କଦାଚତେ । ତେଣୁ ମାଗୁଛି ମୁହିଁ ଏତେ ॥
ଗୋବିନ୍ଦ ଚରଣେ ରହିବୁ । ନିଶ୍ଚଳ ହୋଇ ଏକା ଥିବୁ ॥
ତୋତେ ଗୋଟିଏ ନମସ୍କାର । ପୁଣି ମୋ ମହତ ନ ସାର ॥
ଏହି ସୁହୃଦ୍ୟା ମୋରେ ହେଉ । ଲେଉଟି ନ ଆସିବୁ ଆଉ ॥
ଏମନ୍ତ ବୋଲି ପତ୍ର ଧରି । ଆନନ୍ଦେ ସଖୀଙ୍କି ହକାରି ॥
ପତ୍ର ତାହାର ହସ୍ତେ ଦେଲେ । ତୁରିତେ ଯାଅ ତୁ ବୋଇଲେ ॥
ଶ୍ରୀହରି ସେବକର ହସ୍ତେ । ଏ ମୁଦ ଦେବୁ ତୁ ତୁରିତେ ॥
ବୋଲିବୁ ଏ ମୁଦ ନେଇଣ । ଯେ ପ୍ରଭୁ ବ୍ରହ୍ମାଣ୍ଡ କାରଣ ॥
ନୀଳାଦ୍ରି ନାଥ ପୀତବାସ । ତୁମ୍ଭରେ ଦେବେଟି ଅବଶ୍ୟ ॥

ଏମନ୍ତ କହି ତାଙ୍କ ପାଶ । ସୁନାଆ ଦେଲା ଗୋଟି ଦଶ ॥
ଲେଉଟି ଆସିଲା ତୁରିତେ । ସେ ବସ୍ତ୍ର ପ୍ରିୟାର ଅଗ୍ରତେ ॥
କହିଲା ସକଳ ଚରିତ । ଶୁଣ ହେ ମନ ନୃପନାଥ ॥
ଏଥି ଉତ୍ତରେ କଥା ଯେତେ । ଶୁଣ କହିବି ବିଧିମତେ ॥
ଅଳପ ଦେଖିବାରୁ ଧନ । ସେ ମହାପାତ୍ରଙ୍କର ମନ ॥
ସନ୍ତୋଷ ନ ପାଇଲା ଚିତ୍ତେ । ଆଉ ସମ୍ବାଦ ଥିଲେ ଯେତେ ॥
ସକଳ ଧନ ଠୁଳ କରି । ସେ ପଞ୍ଚ ମୁଦ ହସ୍ତେ ଧରି ॥
ଚଳି ସେ ଗଲେକ ତୁରିତେ । ବିଚାର କରୁଥାନ୍ତି ଚିତ୍ତେ ॥
ସେ ଜମ୍ବୁ ସିଂହର ନନ୍ଦିନୀ । ସର୍ବେ କହନ୍ତି ବଡ଼ ଦାନୀ ॥
ମୋତେ ସେ ନ କଲା ସନ୍ତୋଷ । ସୁନାଆଁ ଦେଲା ଗୋଟି ଦଶ ॥
କାମନା ପଞ୍ଚ ମୁଦ ଫେଇ । ଭାବିଲେ କି ଦେଇଛି ସେହି ॥
ଏମନ୍ତ ବୋଲି ମୁଦ ଫେଇ । ଦେଖିଲେ କିଛି ଧନ ନାହିଁ ॥
ଶ୍ଳୋକ ଗୋଟିକ ପାଠ କଲେ । ଧରି ଦୂରକୁ ଫିଙ୍ଗିଦେଲେ ॥
ତା ଭାବ ନ ଚିହ୍ନିଲେ ମନେ । କେବଳ ଲୋଭ କରି ମନେ ॥
ତହୁଁ ଚଳିଲେ ନିଜଦେଶେ । କେତେକ ଦିନ କେତେମାସେ ॥
କ୍ଷେତ୍ରରେ ହୋଇଲେ ପ୍ରବେଶ । ଦର୍ଶନ କଲେ ଜଗଦୀଶ ॥
ଛାମୁରେ ଦୁଃଖ ସୁଖ ଭାଳି । ନିଜ ଭବନେ ଗଲେ ଚଳି ॥
ଶୁଣ ସୁମନ ସେହି ଭାବ । ସେ ଅନ୍ତର୍ଯାମୀ ପଦ୍ମନାଭ ॥
ବସ୍ତ୍ର ପ୍ରିୟାର ମନଦୃଢ଼ । ଭାବେ ବୁଡ଼ାଉ ଥିଲେ ଚିତ୍ତ ॥
ଯେତେବେଳେ ସେ ପଞ୍ଚ ମୁଦରେ । ଫିଙ୍ଗିଣ ଦେଲେ କ୍ଷିପ୍ରବରେ ॥
ତାହା ଜାଣିଲେ ଜଗନ୍ନାଥେ । ଶ୍ରୀହସ୍ତ ବଢ଼ାଇ ତୁରିତେ ॥
ଭକତ ବନ୍ଧୁ ଭାବଗ୍ରାହୀ । ମହିମା କେ ପାରିବ କହି ॥
ଅଶେଷ ବ୍ରହ୍ମାଣ୍ଡ ଯାହାର । ଆନନ୍ଦ ଲୀଳା ଖେଳଘର ॥
ଏ ସର୍ବ ତୁଚ୍ଛ ପ୍ରାୟ ମଣି । ତା ଭାବ ଭାବ ଚକ୍ରପାଣି ॥
ଯେସନେ ଅତି ହୀନଜନ । ପାଇଲେ ଅମୂଲ୍ୟ ରତନ ॥
ଯେତେ ଆନନ୍ଦ ମନ ତାର । ତହୁଁ ଅଧିକ ଦାମୋଦର ॥

ଜନ୍ମରୁଁ ଅନ୍ଧ ହୋଇଥାଇ । ସେ ଯେସନ୍ତେ ଦିବ୍ୟଚକ୍ଷୁ ପାଇ ॥
କି ଅବା ଶତଜନ୍ମ ଯାଏ । ଯେବା ଅପୁତ୍ର ହୋଇଥାଏ ॥
ପାଇଲେ ଉତ୍ତମ ନନ୍ଦନ । ଯେମନ୍ତେ ହୋଏ ତାର ମନ ॥
ତହୁଁ ଆନନ୍ଦ ଗଲ ବଳି । ତେସନେ ହେଲେ ବନମାଳୀ ॥
ଭକତଜନେ ଏଡ଼େ ଦୟା । ଏକଇ ଆତ୍ମା ଭିନ୍ନ.କାୟା ॥
ସେ ବିପ୍ର ପ୍ରିୟା ମନମତ । ପତ୍ର ଘେନିଣ ଜଗନ୍ନାଥ ॥
ଶ୍ରୀହସ୍ତେ ପାଟସୂତ୍ର ଧରି । ପୁଞ୍ଛିଲେ ଅତି ଯତ୍ନ କରି ॥
ପ୍ରେମରେ ଗଦ ଗଦ ହୋଇ । କଣ୍ଠେ ଭିଡ଼ିଲେ ଶ୍ରୀବତ୍ସାଙ୍କ ॥
କୌସ୍ତୁଭମଣିର ସଙ୍ଗରେ । ରଖିଲେ ହୃଦୟ ମଧ୍ୟରେ ॥
ଦେଖ ସୌଭାଗୀ ସେ ଯୁବତି । ହରିଲ ଗୋବିନ୍ଦର ମତି ॥
ଭୃତ୍ୟ ସାମନ୍ତ ଏହିପରି । ନାହିଁ ନା ଚତୁର୍ଦ୍ଦଶ ପୁରୀ ॥
ସେହି ରାତରେ ବିଶ୍ୱମ୍ଭର । ବିଜୟ ମହାପାତ୍ର ଘର ॥
ସ୍ୱପନ ମାର୍ଗେ ଆଜ୍ଞାଦେଲେ । ରେ ବିପ୍ର ଶୁଣ ତୁ ବୋଇଲେ ॥
ତୁ ଗଲୁ ସେ ଜୟ ନଗର । ଧନ ଅର୍ଜନେ ଆଶା ତୋର ॥
ତୋତେ ଯା ମିଳିଲା ତୁ ନେଲୁ । ମୋ ଧନ ମୋତେ ତ ନ ଦେଲୁ ॥
ସେ ବିପ୍ର ପ୍ରିୟା ଦେବା ଧନ । ସେ ମୋର ଅମୂଲ୍ୟ ରତନ ॥
ଇତର ପ୍ରାୟେ ତାହା ଧରି । ଫିଙ୍ଗି ସେ ଦେଲୁ ଦୂର କରି ॥
ସେ ନୋହେ କାଗଜ ପତ୍ରର । କେବଳ ଗଣ୍ଠିଧନ ତାର ॥
ତୁ ସିନା ଦେଲୁଟି ପକାଇ । ମୁଁ ତାହା ଗୁଡ଼ିବ କମାଇ ॥
ଘେନାଇଁ ଅଇଲୁ ସେ ଲେଖ । ଗଳାରେ ବାନ୍ଧିଅଛୁ ଦେଖ ॥
ଏବେ ତୁ ଏମନ୍ତ କରିବୁ । ସୁନାପଦକ ଭିଆଇବୁ ॥
ସେ ଲେଖା ତହିଁ ମଧ୍ୟେ ଦେଇ । ସୁବର୍ଣ୍ଣ ଶିକୁଳି ଲଗାଇ ॥
ମୋ କଣ୍ଠେ ଲମ୍ବାଇବୁ ଯେବେ । ତେବେ ତୁ ଥିବୁ ସର୍ବଶୁଭେ ॥
ନୋହିଲେ ଭଲ ନାହିଁ ତୋର । କହି ଚଳିଲେ ଦାମୋଦର ॥
ବିପ୍ର ଏମନ୍ତ ସ୍ୱପ୍ନ ପାଇ । ଉଠି ପ୍ରଭାତୁଁ ବେଗ ହୋଇ ॥
ସ୍ନାନ ଶଉଚ ଆଦି ହେଲେ । ପ୍ରଭୁଙ୍କ ଦର୍ଶନକୁ ଗଲେ ॥

ଗୁହାଁଲେ ଧୀରକରି ଦୃଷ୍ଟି । ହୃଦେ ପଡ଼ିଛି ଲେଖା ଗୋଟି ॥
ଦେଖି ହୋଇଲେ ଚମତ୍କାର । ବୋଇଲେ ନମୋ ଚକ୍ରଧର ॥
ଭୃତ୍ୟକୁ ଏତେ ସାହା ବୋଲି । ମୁଁ ମୂଢ଼ ଜାଣି ତ ନ ଥିଲି ॥
ଏ ଅପରାଧ କ୍ଷମାକର । ତୁମ୍ଭେ ଯେ କରୁଣା ସାଗର ॥
ସ୍ୱପ୍ନରେ ଆଜ୍ଞା ଦେଲେ ଯାହା । ଅବଶ୍ୟ କରିବି ମୁଁ ତାହା ॥
ଏମନ୍ତ ବୋଲି ଲେଖା ନେଲେ । ସୁନା ପଦକ ଗଢ଼ାଇଲେ ॥
ସୁବର୍ଣ୍ଣ ଶିକୁଳି ଲଗାଇ । ଶ୍ରୀକଣ୍ଠେ ଲଗାଇଲେ ନେଇ ॥
ହୃଦପଦ୍ମରେ ପ୍ରଭୁ ରଖି । ଭକତଭାବେ ହେଲେ ସୁଖୀ ॥
ଶୁଣ ସୁମନ ହେତୁକରି । ପ୍ରଭୁ ମହିମା ଏତେ ସରି ॥
ଭକତ ମହିମା ଏମନ୍ତ । କେ କହି ପାରିବ ତା ଅନ୍ତ ॥
ଏଣୁ ଭକତ ଭଗବତ । ଅଭିନ୍ନ ଏକ ଆତ୍ମାସତ ॥
ଯେ ତାଙ୍କୁ ଭିନ୍ନ ଭିନ୍ନ କରେ । ସେ ବଡ଼ ପାପୀ ଏ ସଂସାରେ ॥
କହିଲେ ଭଲେ ଥାଅ ଜାଣି । ହେ ମନ ସତ୍ୟ ଏହୁ ବାଣୀ ॥
ଏମନ୍ତ ପ୍ରଭୁ ସେବା ତେଜି । ଲୋଭେ ଯେ ଆନ ଦେବ ଭଜି ॥
ସ୍ୱକାମେ ନାନା ଇଚ୍ଛା କରେ । ସେ କାହିଁ ତରିବ ସଂସାରେ ॥
ଭଣଇ ବିପ୍ର ରାମଦାସ । ମୋ ପ୍ରଭୁ କମଳା ବିଳାସ ॥
ସାଧୁଜନଙ୍କ ଶ୍ରୀପଦ୍ମରେ । ମୋ ମନ ରହୁ ନିରନ୍ତରେ ॥
ଦେଖନ୍ତି ବୋଲନ୍ତି ଜଗତ । ବଡ଼ କୋମଳ ନବନୀତ ॥
ତା ଅଙ୍ଗେ ଅଗ୍ନି ତାପ ପାଇ । ତେବେ ସେ ତରଳି ବହଇ ॥
ସାଧୁ ଯେ ପରଦୁଃଖେ ଦୁଃଖୀ । ହୃଦୟ ନ ପାରନ୍ତି ରଖି ॥
ଆପଣେ ହୁଅନ୍ତି ଅନ୍ତର । ହୃଦକୁ ଏମନ୍ତ କୋମଳ ॥
ଏଣୁ ସେ ସାଧୁଜନଙ୍କର । ହୃଦୟକୁ ମୋ ନମସ୍କାର ॥
ସୁଜନେ ଏହି ରସେ ରସ । ଏ ଭବ ସମୁଦ୍ରେ ନ ଭାସ ॥
ଏ ଦାର୍ଢ୍ୟଭକ୍ତି ରସାମୃତ । ଭକତ ଜନଙ୍କୁ ଏ ହିତ ॥
ଶୁଣନ୍ତେ ସର୍ବ ପାପ ହରେ । କୀର୍ତ୍ତନ କରିଲେ ନ ସରେ ॥
କହଇ ରାମ ଦାସ ଦ୍ୱିଜ । ଶ୍ରୀ ସୀତାରାମ ପଦାମ୍ବୁଜ ॥

ବିଶ୍ୱାସ ଅଟେ ମୂଳ ବୀଜ । ଘେନ ରାମକୁ ଯେବେ ଭଜ ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତି ରସାମୃତେ ମନଚୈତନ୍ୟ ସମ୍ବାଦେ
ବିଷ୍ଣୁପ୍ରିୟା ଭକ୍ତଗୌରବମନନଦରେ ନାମ ଷଟଚତ୍ୱାରିଂଶୋଽଧ୍ୟାୟଃ ।

—*—

## ସପ୍ତ ଚତ୍ୱାରିଂଶ ଅଧ୍ୟାୟ
## ମିରାବାଈ ସମ୍ବାଦ

ନମସ୍ତେ ଶ୍ରୀ ନନ୍ଦନନ୍ଦନ । ରାଧା ବଲ୍ଲଭ ପ୍ରାଣଧନ ॥
ପୁଣି ଚୈତନ୍ୟ ବୀରମଣି । କହଇ ସୁଧାସମ ବାଣୀ ॥
ଶୁଣ ହୋ ମନ ମହାରଥୀ । ଏ ବଡ଼ ଅଲୌକିକ କଥା ॥
ଏ କଳିଯୁଗର ଚରିତ । କହିବା ଶୁଣ ଆଚମ୍ବିତ ॥
ସେ ଜୟ ନଗର ନୃପତି । କହି ନୁହଇ ତାର କୀର୍ତ୍ତି ॥
ସୁବାହୁ ଜୟସିଂହ ତହିଁ । ମଞ୍ଚରେ ଦିଶଇ ଇନ୍ଦ୍ର ସେହି ॥
ତାର ଭଗିନୀ ପୁଣ୍ୟକଥା । କହି ବସିଲେ ହେବ ପୋଥା ॥
ହେ ମନ ହୋଇ ଶୁଦ୍ଧମନା । ତା ଭଗ୍ନୀକଥା ଶୁଣ କନା ॥
ତାହାର ନାମ ମିରାବାଈ । ତା କଥା କଥନୀୟ ନୋହି ॥
ଅବଳାକୁଳ ଶିରୋମଣି । ସୁନ୍ଦରୀପଣେ ତାକୁ ଗଣି ॥
ଧନ୍ୟ ସେ ଯୁବତୀ ରତନ । କାମିନୀକୁଳ ମୋକ୍ଷବାନ ॥
ସାହିତ୍ୟ ସଙ୍ଗୀତ ସଙ୍ଗିନୀ । ଶ୍ରୀକୃଷ୍ଣରସେ ରସିକନୀ ॥
ସକଳ ଶାସ୍ତ୍ରେ ସେ ପଣ୍ଡିତା । ଜାଣଇ ପାପ ପୁଣ୍ୟ କଥା ॥
ଦାନୀ ପଣରେ ସେହୁ ଜଣେ । ସେବଇ ସାଧୁଙ୍କ ଚରଣେ ॥
ବୟସ ଦ୍ୱାଦଶ କଶୋରୀ । ସକଳ ଜନ ମନୋହାରୀ ॥
ଏମନ୍ତେ ସେ ବାଳିକା କଥା । ଶୁଣ ହେ ମନ ମହାରଥା ॥
ଦିନେକ ଏକ ଚିତ୍ରକାର । ଚିତ୍ରପଟେକ ଧରି କର ॥
ଗୋବିନ୍ଦ ରୂପ ବର୍ଣ୍ଣି ଚିତ୍ର । କରିଣ ଅତ୍ୟନ୍ତ ଲାବଣ୍ୟ ॥
ସେ ଚିତ୍ର ନ ଥିବ ସଂସାରେ । ଦେଖିଲେ ମନ ନେଇ ହରେ ॥

କୋଟି କନ୍ଦର୍ପ ଶୋଭା ଊଣେ | ଲକ୍ଷ୍ୟ ନୋହିବ ପାଦତଳେ ||
ନୀଳଜୀମୂତ କଳେବର | ରାଜୀବ ଲୋଚନ ସୁନ୍ଦର ||
ବଙ୍କିମା ଚାହାଁଣି ସୁନ୍ଦର | ଭଙ୍ଗିମା ରଙ୍ଗିମା ଅଧର ||
ତ୍ରିଭଙ୍ଗ ଛନ୍ଦେ ଉଭା ହୋଇ | ବ୍ରାହ୍ମଣ ଶୋଭାରେ ଲୁଚଇ ||
ମୁରଲୀ ଧରିବା ଚାତୁରୀ | ଯୁବା ପୁରୁଷ ଧୈର୍ଯ୍ୟ ହରି ||
କିସ ଉପମା ଦେବା ତହିଁ | ଦର୍ଶନେ ଶିବ ହେବେ ମୋହି ||
ଏମନ୍ତ ଚିତ୍ରପଟ ଗୋଟି | ମିଶ୍ରବାଣ୍ଡକ କର ଭେଟି ||
ଦେଖି ଯୁବତୀ ହେଲା ମୋହି | ରହିଲା ଉନ୍ମତ୍ତ ହୋଇ ||
ମନ ନୟନ ହେଲା ବନ୍ଧ | ହୃଦୟେ ପଞ୍ଚଶର ବିନ୍ଧ ||
ବଦନୁ ନଇଲା ଉତ୍ତର | କମ୍ପିଲା ସୁରଙ୍ଗ ଅଧର ||
କାମ ନବମ ଦଶା ଆସି | କାମିନୀ ହୃଦରେ ପ୍ରକାଶି ||
ଶ୍ରୀକରେ ଚିତ୍ରପଟ ଧରି | ଦାସୀକୁ ପାଶକୁ ହକାରି ||
ଦକ୍ଷିଣା ଦିଅ ବୋଲି ତାରି | କନ୍ୟା ଚଳିଲା ଅନ୍ତଃପୁର ||
ଏକାନ୍ତ ସ୍ଥାନେ ଯାଇଁ ବସି | ଆଗେ ରଖିଣ ରୂପରାଶି ||
ମନରେ କଲକ ବିଚାର | ଏ ଯେ ସ୍ୱରୂପ ମନୋହର ||
ମୋତେ ମିଳିବ ଏହିପରି | ଏହାକୁ କରିବେ ଶ୍ରୀହରି ||
ଏମନ୍ତ ବୋଲି ଚିତ୍ରମୁଖେ | ଚୁମ୍ବନ ଦେଲା ଲକ୍ଷେ ଲକ୍ଷେ ||
ହୃଦେ ଲଗାଇ ପ୍ରେମଭରେ | ବୁଡ଼ିଲା ଆନନ୍ଦ ସାଗରେ ||
ଅନ୍ନ ଭୋଜନ ହେଲା ବିଷ | ଶୂନ୍ୟ ହୋଇଲା ଦଶଦିଶ ||
ଯେଣେ ଚାହିଁଲେ ତେଣେ ହରି | ଦିଶନ୍ତି ଚଉଦିଗେ ପୂରି ||
କାମିନୀ ସେହି ଭାବ ଚିନ୍ତି | ନ ଜାଣେ ପ୍ରେମେ ଦିବାରାତ୍ର ||
ତାହା ଜାଣିଲେ ଦେବ ସ୍ୱାମୀ | ଯେ ପ୍ରଭୁ ସର୍ବ ଅନ୍ତର୍ଯ୍ୟାମୀ ||
ମନମୋହନ ବେଣୁଧର | ଯେ ପ୍ରଭୁ ହଟିଆ ନାଗର ||
ମାୟା ଗୋପାଳ ରୂପ ହୋଇ | ଭକତ ହେବେ ଭାବଗ୍ରାହୀ ||
ବିଜୟ କଲେ ତା ଭୁବନ | ସେ ନାରୀ ଦେଖିଲା ନୟନ ||
ଅତି ବାଳକ ରୂପ ଗୋଟି | ଶୋଭାରେ ମୋହେ ନବସୃଷ୍ଟି ||

ନବୀନ ନୀଳଘନ କାନ୍ତି । କୋଟିଏ ଚନ୍ଦ୍ର ଜିଣି ଜ୍ୟୋତି ॥
ରଙ୍ଗ ଅଧରେ ମନ୍ଦେ ହସି । ଅଶେଷ ପୀୟୁଷ ପ୍ରକାଶି ॥
ଚରଣେ ବାଜେଣୀ ନୂପୁର । କଟି ମେଖଳା ମନୋହର ॥
କରେ ମୁରଲୀଗୋଟି ଶୋଭା । ତ୍ରିଭଙ୍ଗୀ ଛନ୍ଦେ ହେଲେ ଉଭା ॥
ତାହା ଦେଖିଣ ସେ ସୁନ୍ଦରୀ । ହସ୍ତ ବଢ଼ାଇ ଗଲା ଧରି ॥
ଯେ ହରି ସର୍ବ ଶୂନ୍ୟମୟେ । ତାଙ୍କୁ କେ ଧରିବ ଉପାୟେ ॥
ନିଷ୍କାମ ପ୍ରେମ ଯାର ଥିବ । ସେ ସିନା ତାହାଙ୍କୁ ପାଇବ ॥
ଧାଇଁ ଧରନ୍ତେ ଶୁଭ୍ରକେଶୀ । ଶୂନ୍ୟରେ ଶୂନ୍ୟ ପ୍ରାୟେ ମିଶି ॥
ତାହା, ଦେଖିଣ ସେ ତରୁଣୀ । ନିଜ ସ୍ୱାମୀର ପ୍ରାୟେ ମଣି ॥
ନିଷ୍କାମ ଧର୍ମେ ମନ ପଶି । ଆପଣ ବସିଲାକ ରୁଷି ॥
ଦେହ ସଂସାର ପାଶୋରିଲା । ମରଣ ପଥ ଆବୋରିଲା ॥
ଏ ଦେହ ଥାଉ ଅବା ଯାଉ । କି ପ୍ରୟୋଜନ ଅଛି ଆଉ ॥
ଏମନ୍ତ ବୋଲି ସେ ତରୁଣୀ । କରରେ ଚିରିଇ ଧରଣୀ ॥
ନୟନ ଜଳେ କଲା ସ୍ନାନ । ବୋଇଲା ଯାଉ ତା ଜୀବନ ॥
ଏ ଦେହ ସର୍ବସ୍ୱ ତାହାର । ମୋର ତ ନାହିଁ ଅଧିକାର ॥
ଏମନ୍ତ ବୋଲି ଦେହ ଗୋଟି । କମ୍ପି ଉଠିଲା ଦନ୍ତପାଟି ॥
ତା ହୃଦ ଜାଣିଲେ ଗୋବିନ୍ଦ । କାମିନୀ ଭାବେ ହେଲେ ଅନ୍ଧ ॥
ତକ୍ଷଣି କୋଳେ ଧରି ବସି । ତା ଅଙ୍ଗେ ଦେଲେକ ଆଉଁସି ॥
ବୋଇଲେ ତୁ ମୋର ଜୀବନ । କମ୍ପାଇଁ କରୁଅଛୁ ମାନ ॥
ଏବେ ମୁଁ ଆୟତ୍ତ ତୋହର । ତୋ ମନ ଯାହା ତାହା କର ॥
ଏମନ୍ତ ବୋଲି ଭଗବାନ । ତା ଗଣ୍ଡେ ଦେଲେ ଚୁମ୍ବଦାନ ॥
ଚିବୁକ ଧରିଣ ଶ୍ରୀକର । ବୋଇଲେ ମାଗି ଘେନ ବର ॥
ଆମ୍ଭେତି ବୃନ୍ଦାବନେଶ୍ୱର । ଭକତ ଜନଙ୍କ ସୋଦର ॥
ତୋ ପ୍ରେମଭାବେ ହେଲୁ ବଶ । ଯେ ଇଚ୍ଛା ମାଗ ତୁ ଅବଶ୍ୟ ॥
ତା ଶୁଣି ଯୁବତୀ ରତନ । ତକ୍ଷଣେ ଛାଡ଼ି ମନୁ ମାନ ॥
ମସ୍ତକେ କରାଞ୍ଜଳି ଦେଇ । ଅନେକ ହୋଇଲା ବିନୟୀ ॥

ତୁ ଯେବେ ବରଦାତା ଅଛୁ । ଭକତି ଭାବେ ଯେବେ ଖଛୁ ॥
ଏ ବାକ୍ୟ ଯେବେ ସତ୍ୟ ତୋର । ତୁହି ହୋଇବୁ ମୋର ବର ॥
ତା ଶୁଣି ବୋଇଲେ ଗୋବିନ୍ଦ । ମୁଁ ଯେ ଅନାଦି ଆଦିକନ୍ଦ ॥
ସଂସାର ମୋର ଖେଳଘର । ମୁଁ ନୋହେ କେଉଁଠାରେ ସ୍ଥିର ॥
ମୋତେ ତୁ ପତି କରି ପାଇ । କି ସୁଖ ପାଇବୁରେ ସଖି ॥
ଏମନ୍ତ କହି ମନେ ହସି । ତାହା ଜାଣିଲା ଶୁଭ୍ରକେଶୀ ॥
ଶ୍ରୀ ପାଦପଦ୍ମେ ଦେଇ ହସ୍ତ । ବୋଇଲା ଶୁଣ ପ୍ରାଣନାଥ ॥
ଆଜୁଁ ମୁଁ କଣାଦାସୀ ତୋର । ତୋ ଇଚ୍ଛା ଯାହା ତାହା କର ॥
ନଷ୍ଟେ ନିର୍ଦ୍ଦୟ ହେଲେ ମୋତେ । ଜୀବନ ହାରିବି ସାକ୍ଷାତେ ॥
ଦୟା ତୋହର ହେଲେ ହେଉ । ଏଥେ ସଂଶୟ ନାହିଁ ଆଉ ॥
ସିଂହ ଘରଣୀ ଆନ ଛୁର । ଭୋଗ କରିବ ଏ ବିଚାର ॥
ଏମନ୍ତେ କରି ଆଲିଙ୍ଗନ । ମୁଖରେ ଦେଲାକ ଚୁମ୍ବନ ॥
ଦେଖି କାମିନୀ ଭାଗ୍ୟବଳ । ହରି ତା ଭାବେ ହେଲେ ଭୋଳ ॥
ଅନେକ କରି କ୍ରୀଡ଼ାରସ । ଅନ୍ତର ହେଲେ ପୀତବାସ ॥
ମନ ତାହାର ପାଶେ ଥୋଇ । ମିଳିଲେ ବୃନ୍ଦାବନେ ଯାଇ ॥
ଦେଖ ସୁମନ ଭାଗ୍ୟ ତାର । ନାହିଁ ନ ଥିବ ଏ ସଂସାର ॥
ଗୋବିନ୍ଦ ଅଙ୍ଗ ସଙ୍ଗ ଭାବ । କୋଟିଏ ଜନ୍ମେ କେ ପାଇବ ॥
ସେ ସଙ୍ଗ ପାଇ ମିରାବାଈ । ଆନନ୍ଦ କେ ପାରିବ କହି ॥
ଶୁଣ ସୁମନ ଏବେ ରସ । ଏମନ୍ତେ ନିଶି ହେଲା ଶେଷ ॥
ଗୋବିନ୍ଦ ଭାବ ମନେ ଗୁଣି । ଧ୍ରଭରୁଁ ଉଠିଲା ତରୁଣୀ ॥
ନମ୍ର ସୁରତି ଶ୍ରମଭରେ । ବିଜୟ କଲା ପ୍ରାଙ୍ଗଣରେ ॥
ଏମନ୍ତ ବେଳେ ମହାଦେଈ । ଆସି ପ୍ରବେଶ ହେଲା ତହିଁ ॥
ଶ୍ରୀଅଙ୍ଗୁ କଲା ଅନୁମାନ । ଦେଖିଲା ରତି ଚିହ୍ନମାନ ॥
ମନରେ କଲାକ ବିଚାର । ମହତ ସରିଲା ଆମ୍ଭର ॥
କେଉଁ ପୁରୁଷ ସଙ୍ଗ ପାଇ । ବସିଛି ଅସକତ ହୋଇ ॥
କେଶ ବସନ ଅସମ୍ଭାଳ । ପାଟଳ ଦିଶେ ଗଣ୍ଡସ୍ଥଳ ॥

ସିନ୍ଦୂର ଟିକା କପାଳର । ଏ ତ ଦିଶୁଛି ନାରଖାର ॥
ଅଞ୍ଜନ ରେଖା ନୟନର । କମ୍ପାଇଁ ଲାଗିଛି ଅଧର ॥
ଚିବୁକେ ପୁଣି ଦନ୍ତଘାତ । ସର୍ବାଙ୍ଗେ ଜର ଜର କ୍ଷତ ॥
ସ୍ତନଯୁଗଳେ ପତ୍ରାବଳୀ । ନାହି ଯେ ମୃଗମଦ କାଳି ॥
କେଉଁ ପୁରୁଷ ଏହା କଲା । ଜଳନ୍ତା ଅନଳେ ଝାସିଲା ॥
କି କର୍ମ କଲୁ ଏହୁ ବାଳୀ । ବଂଶରେ ଲଗାଇଲୁ କାଳି ॥
ଏମନ୍ତ କହି ଚଳିଗଲା । ସ୍ୱାମୀ ଛାମୁରେ ଜଣାଇଲା ॥
ଭଗ୍ନୀ ତୋ ହୋଇଲା ଦୂଷିତ । ଏ କଥା ବୁଝ ନରନାଥ ॥
ଦେଖି ଆଇଲି କର୍ମ ଯେତେ । ଭଲ ତ ଦିଶୁ ନାହିଁ ମୋତେ ॥
ଏହା ଶୁଣି ସେ ନରନାଥ । ଶିରେ କି ପଡ଼ିଲା ପର୍ବତ ॥
ତନୁ କମ୍ପିଲା ଥରହର । କମ୍ପିଲା ସୁରଙ୍ଗ ଅଧର ॥
ଊର୍ଦ୍ଧ୍ୱ ନିଶ୍ୱାସ କରି ଜାତ । ପତ୍ନୀକି ବୋଲେ ନୁହେଁ ସତ୍ୟ ॥
ତା ଶୁଣି କହଇ ସୁନ୍ଦରୀ । ମୁଁ ତ ନୁହଇ ଅନ୍ୟାଚାରୀ ॥
କହିବି ମିଛ ସତ କରି । ଏହା ନ ବୁଝ ଦଣ୍ଡଧାରୀ ॥
ସାକ୍ଷାତେ ରତିରସ ଚିହ୍ନ । ଦେଖି ମୁଁ ଆଇଲି ନୟନ ॥
ତା ଶୁଣି ବୋଲେ ନୃପବର । ଗରଳ ଦେଇ ତାକୁ ମାର ॥
ନ ହେଉ କୁଳକୁ କଳଙ୍କ । ଲଜ୍ଜା ସମୁଦ୍ର ମୋତେ ରଖ ॥
ଏମନ୍ତ ବୋଲି ବେଗକରି । ବିଶ୍ୱାସୀ ଦାସୀକୁ ହକାରି ॥
କାଳ ଗରଳ ଅଣାଇଲେ । ବ୍ରାହ୍ମଣୀ ହସ୍ତେ ନେଇ ଦେଲେ ॥
ବୋଇଲେ ନୃପତି ଆଦେଶ । ମିଶ୍ରବାଣିକି ଏହି ବିଷ ॥
ଭୋଜନ ସଙ୍ଗତରେ ଦେବ । ଅତ୍ୟନ୍ତ ଗୁପତ ରଖିବ ॥
ଏକଥା ହୋଇଲେ ପ୍ରକାଶ । ସମସ୍ତେ ପ୍ରାଣେ ହେବେ ନାଶ ॥
ଏମନ୍ତ କହି ଗଲେ ଚଳି । ବ୍ରାହ୍ମଣୀ ମନେ ମନେ ଭାଳି ॥
ସ୍ତିରୀ ହତ୍ୟା ଯେ ବଡ଼ ଦୋଷ । କେମନ୍ତେ ଦେବି ତାକୁ ବିଷ ॥
ନ ଦେଲେ ନୃପତି ମାରିବ । ଏହା ସେ କହିଲେ ଦଇବ ॥
ଏଣୁ ନ ଦେଲେ ତାକୁ ବିଷ । ତେଣେ ହୋଇବ ପ୍ରାଣେ ନାଶ ॥

ଏମନ୍ତ ପାଞ୍ଚ ବିଷ ଚୂରି । ରାଜା ରାଣୀକି ଉଭା କରି ॥
ଭୋଜନ ଦ୍ରବ୍ୟ ମାନଙ୍କରେ । ଭରିଲା ନାନାଦି ପ୍ରକାରେ ॥
ଗୋଦନ୍ତା ଦାରୁମଷି ଚୂରି । ମହୁରା ବତ୍ସନାଭ ଭରି ॥
କଞ୍ଚା ହେଙ୍ଗୁଳ ହରିତାଳ । ସେ ବିଷ ଦ୍ରବ୍ୟରେ ପ୍ରବଳ ॥
ସମସ୍ତ ବାଟି ଏକକରି । ଗୋଟି ମିଠାଇ ସଙ୍ଗେ ଭରି ॥
ଯତନ କରି ତା ଥୋଇଲେ । ମିଗ୍ବାଣ୍ଣିକି ଡକାଇଲେ ॥
ବେଗେ ମଣୋହି ବସି କର । ବେଳ ଯେ ହେଉଛି ଉଚ୍ଛୁର ॥
ଶୁଣି ଆନନ୍ଦ ମିଗ୍ବାଣ୍ଣି । ସ୍ନାହାନ ଶୁଚିମନ୍ତ ହୋଇ ॥
ଭୋଜନ ମନ୍ଦିରକୁ ଗଲା । ଏକାନ୍ତ ସ୍ଥାନରେ ବସିଲା ॥
ଭୋଜନ ପରଷନ୍ତେ ଆଣି । ଦେଖି ଚଳିଲେ ରାଜାରାଣୀ ॥
ସୁନ୍ଦରୀ ବସି ଦୁଢ଼ାସନେ । ସ୍ୱାମୀ ସ୍ୱରୂପ ଚିନ୍ତି ମନେ ॥
ସେ ଦ୍ରବ୍ୟ କଲା ନିବେଦନ । ଆନନ୍ଦେ କଲାକ ଭୋଜନ ॥
ଗୋବିନ୍ଦ କୃପାରୁ ସମସ୍ତ । ଦ୍ରବ୍ୟ ଯେ ହୋଇଲା ଅମୃତ ॥
କିଛିହିଁ ନୋହିଲା ତାହାର । ଶୁଣ ହେ ମନ ନୃପବର ॥
ଏଥିଉତ୍ତାରୁ ଦିନ ଶେଷ । ରଜନୀ ହୋଇଲା ପ୍ରବେଶ ॥
ବ୍ରାହ୍ମଣୀ ଚଳିଗଲା ଘରେ । କହିଲା ନୃପତି ଛାମୁରେ ॥
କେତେକ ବିଷ ଦେଇ ଖାଇ । କିଛି ନୋହିଲା ମିଗ୍ବାଣ୍ଣି ॥
ତା ଶୁଣି ରାଜା ଆଚମ୍ବିତ । କ୍ରୋଧହିଁ ବଢ଼ିଲା ବହୁତ ॥
ଦାସୀକି ହକାରିଲେ ପାଶ । କହିଲେ ଗୁପତ ବିଶ୍ୱାସ ॥
ଚୁନ୍ତି ହୋଇଣ ଦଶଜଣ । ସଙ୍ଗତେ ପଥର ଘେନିଣ ॥
ଗୁପତ ହୋଇ ରାତ୍ରେ ଯିବ । ସେ ମିଗ୍ବାଣ୍ଣି ଶୋଇଥିବ ॥
ତା ପରେ ଛେଚିବ ପଥର । ଯେମନ୍ତେ ଯିବ ପ୍ରାଣ ତାର ॥
ଏମନ୍ତ ନ କଲେ ଅବଶ୍ୟ । ପ୍ରାଣେ ସକଳେ ଯିବ ନାଶ ॥
ରାଜା ଏମନ୍ତ ଆଜ୍ଞା ଦେଇ । ବୋଇଲେ ଯାଅ ବେଗହୋଇ ॥
ତା ଶୁଣି ଦାସୀଗଣ ଗଲେ । ଅଚଳ ଶିଳା ବହିନେଲେ ॥
ଯହିଁ ନିଦ୍ରି ତା ମିଗ୍ବାଣ୍ଣି । ତହିଁ ପ୍ରବେଶ ହେଲେ ଯାଇଁ ॥

ଗୋବିନ୍ଦ ପଦ୍ମପାଦେ ଚିତ୍ତ । ଦେଇ ସେ ନିଦ୍ରାରେ ମୋହିତ ॥
ଏମନ୍ତ ବେଳେ ସେ ପଥରେ । ନିର୍ଘାତ ଛେଚିଲେ ପଥରେ ॥
ସେ ନାରୀଅଙ୍ଗେ ଡେଡ଼େ ଶିଳ । ପଡ଼ିଲା ପରି ଫୁଲମାଳ ॥
ତୁଳାରୁ ଉଶ୍ୱାସ ହୋଇଲା । ଉପରେ ପାଷାଣ ପଡ଼ିଲା ॥
ପଳାଇଗଲେ ଦାସୀମାନେ । କହିଲେ ରାଜା ସନ୍ନିଧାନେ ॥
ଅଚଳ ଶିଳା ଘେନିଗଲୁଁ । ମସ୍ତକ ଉପରେ ଛେଚିଲୁ ॥
ପ୍ରାଣେ ହାରିଲା ସେ ସୁନ୍ଦରୀ । ଅଇଲୁଁ ସ୍ତ୍ରୀହତ୍ୟା କରି ॥
ତା ଶୁଣି ନୃପଙ୍କ ଆନନ୍ଦ । ଏମନ୍ତ ବେଳେ ସେ ଗୋବିନ୍ଦ ॥
ବିଜୟେ ମିରାବାଈ ପାଶ । ସେ ଅନ୍ତର୍ଯାମୀ ପୀତବାସ ॥
ଶ୍ରୀହସ୍ତ ବଢ଼ାଇଣ ଦେଲେ । ପଥର କାଢ଼ି ପକାଇଲେ ॥
ଶ୍ରୀଭୁଜ ଆହ୍ଲାଦ ପାଇ । ଉଠି ବସିଲା ମିରାବାଈ ॥
ପାଶେ ଦେଖିଲା ପ୍ରାଣନାଥ । ସାଷ୍ଟାଙ୍ଗେ କଲା ଦଣ୍ଡବତ ॥
ଉଠି ଯୋଡ଼ହସ୍ତେ ବେନିକର । ପାଶରେ ଦେଖିଲା ପଥର ॥
ବୋଇଲା ଏ କି ଚମତ୍କାର । ସ୍ୱରୂପ କହ ପ୍ରାଣେଶ୍ୱର ॥
ମୁଁ ଯେବେ ଅପରାଧୀ ତୋର । ମୋ ମୁଣ୍ଡେ ଛେଚ ଏ ପଥର ॥
ଶୁଣି ଗୋବିନ୍ଦ ମନେ ହସି । ପ୍ରିୟାକୁ କୋଳେ ଧରି ବସି ॥
ସକଳ ବୁଝାଇ କହିଲେ । ସେଠାରେ ନିଶି ଶେଷକଲେ ॥
ଉଠିଣ ଯିବାବେଳେ ହରି । ସେ ନାରୀ ପଦ୍ମପାଦ ଧରି ॥
କହିଲା ବିନୟ କରିଣ । ବୋଇଲା ପ୍ରାଣଧନ ଶୁଣ ॥
ମୋ ସଙ୍ଗେ କଲ ଗୁପ୍ତେ ରତି । ଲୋକେ ହୋଇଲା ଅପକୀର୍ତ୍ତି ॥
ତୁମ୍ଭେ ଯେ କଲ ଏତେ ସରି । କେମନ୍ତେ ଥିବି ଦେହ ଧରି ॥
ତୋ ପରି ପ୍ରଭୁ ପତି ପାଇ । କାହିଁରେ ନୋହିଲତ ମୁହିଁ ॥
ଅବଶ୍ୟ ହାରିବି ଜୀବନ । ମୋତେ ପାଶୋର ଜନାର୍ଦ୍ଦନ ॥
ଏମନ୍ତ ଶୁଣି ଦେବହରି । ପ୍ରିୟାକୁ କୋଳାଗ୍ରତ କରି ॥
ଶ୍ରୀମୁଖେ ଦେଲେକ ଚୁମ୍ବନ । ବୋଇଲେ ଶୁଣ ପ୍ରାଣଧନ ॥
ମୋ ପରି ସାହା ଥାଉଁ ଥାଉଁ । ତୋର କାହାକୁ ଭୟ ଆଉ ॥

କିଛି ତୁ ନ ବିଗୁର ଚିତ୍ତେ । କାହିଁ ତୁ ବୁଝିବୁ ସାକ୍ଷାତେ ॥
ଏମନ୍ତ କହି ଭଗବାନ । ତତ୍‌କ୍ଷଣେ ହେଲେ ଅନ୍ତର୍ଦ୍ଧାନ ॥
ସୁବାହିଁ ଜୟସିଂହ ପାଶେ । ସ୍ୱପ୍ନେ ମିଳିଲେ ନିଦ୍ରାବଶେ ॥
ବୋଇଲେ ଶୁଣରେ ନରେନ୍ଦ୍ର । ଅଟେଁଟି ବୃନ୍ଦାବନ ଚନ୍ଦ୍ର ॥
ସେ ମୋର ମିରାବାଈ ପ୍ରିୟା । ତାର ମୋହର ଏକକାୟା ॥
ତୁ ପୁଣି ଗର୍ବ କରି ମନେ । ତାହାକୁ ଦଣ୍ଡିଛୁ ସ୍ୱଦନେ ॥
ଆମ୍ଭେ ଯାହାକୁ ସାହା ଥିବୁ । ତୁ ତାକୁ କି କରି ପାରିବୁ ॥
ଆପଣେ ସିନା ଯିବୁ ନାଶ । ସ୍ୱରୂପ କହିଲୁ ତୋ ପାଶ ॥
ଯେବେ ଜୀବନେ ଆଶା ତୋର । ତା ପାଦପଦ୍ମେ ସେବା କର ॥
ତାକୁ ଘେନିଆ ଆମ୍ଭ ପାଶ । କହି ଚଳିଲେ ପୀତବାସ ॥
ରାଜା ଏମନ୍ତ ଆଜ୍ଞା ପାଇ । ଚମକି ଚକିତେ ଖାଇ ॥
ପ୍ରଭାତ୍ମ ଉଠିଣ ତ୍ୱରିତେ । ପତ୍ନୀକି ଘେନିଣ ସଙ୍ଗତେ ॥
ସେ ମିରାବାଈ ପାଶେ ଗଲେ । ଭଗ୍ନୀକି ଅନାଇଣ ଦେଲେ ॥
ଦେଖିଲେ ନବଘନ ମୂର୍ତ୍ତି । ପୁରି ତା ମଣ୍ଡୁଅଛି ଜ୍ୟୋତି ॥
ମନମୋହନ ବେଣୁଧର । କୋଟି କନ୍ଦର୍ପ ଗୁଣ ଯାର ॥
ବିଜୟ ପ୍ରଭୁ ଭାବଗ୍ରାହୀ । କୋଳେ ବସିଛି ମିରାବାଈ ॥
ନୃପତି ଦେଖିଲେ ନୟନ । ହରି ହୋଇଲେ ଅନ୍ତର୍ଦ୍ଧାନ ॥
ତା ଦେଖି ରାଜରାଣୀ ଭୋଳେ । ପଡ଼ିଲେ ଭଗ୍ନୀ ପାଦତଳେ ॥
ଉଠି କାକୁସ୍ତୁତିର ହୋଇ । ଅନେକ ହୋଇଲେ ବିନୟୀ ॥
ବୋଇଲେ ଦୋଷ କ୍ଷମା କର । ଆମ୍ଭେ ତୋ ଚରଣେ କିଙ୍କର ॥
ତୁ ଏଡ଼େ ପୁଣ୍ୟସ୍ତ୍ରିରୀ ବୋଲି । ମୁ ମୂଢ଼ ଜାଣିଥ ନ ଥିଲି ॥
ଯେ ଅପରାଧ କଲି ତୋତେ । ସେ ସବୁ କ୍ଷମା କର ମୋତେ ॥
ତା ଶୁଣି ବୋଲେ ମିରାବାଈ । ସ୍ୱାମୀକି ଆଣ ମୋର ଯାଇ ॥
ତା ପାଦପଦ୍ମେ ସେବା କର । ଯଶ ଲଭିବ ଏ ସଂସାର ॥
ତାହା ଶୁଣିଣ ନୃପରାଣ । ବିଜୟ କଲେ ତତକ୍ଷଣ ॥
ଅନେକ ସଜ କରି ସୈନ୍ୟ । ଯହିଁ ବିଜୟ ଭଗବାନ ॥

ଦନ୍ତେ ତୃଣମାନ ଧରି । ଗଳେ ପଟକା ଆଦ୍ଧ ଭରି ॥
ମସ୍ତକେ କର ଅଛି ଯୋଡ଼ି । ଗୋବିନ୍ଦ ପାଦପଦ୍ମେ ପଡ଼ି ॥
ଅନେକ ସ୍ତୁତି ବାକ୍ୟ କହି । ଉଠି ସମ୍ମୁଖେ ଉଭା ହୋଇ ॥
ମଣ୍ଡିଣ ଦିବ୍ୟ ସୁଖାସନ । ବିଜେ କରାଇ ଭଗବାନ ॥
ଅନେକ ଉତ୍ସବାଦ କରି । ଚଳଣି ଗଲେ ଦଣ୍ଡଧାରୀ ॥
ଆପଣା ଅନ୍ତଃପୁର ଠାର । ତୋଳାଇ ଉତ୍ତମ ମନ୍ଦିର ॥
ଅମୂଲ୍ୟ ଦେଉଳ ଶୋଭନ । ଅଷ୍ଟ ରତନେ ସିଂହାସନ ॥
କେ କହୁ ସେ ପୁର ଶୁଭୁଷି । ଦିଶି ସ୍ୱର୍ଗର ପ୍ରାୟ କରି ॥
ଅନେକ ସାଧୁବୃନ୍ଦ ରାଇ । ପ୍ରତିଷ୍ଠା ବିଧାନ କରାଇ ॥
ହୋଇଲେ ପରମ ଆନନ୍ଦ । ବିଜେ କରାଇଲେ ଗୋବିନ୍ଦ ॥
ଅନେକ ଆକଠ କରାଇ । ତହିଁ ଖଟାଇ ମୀରାବାଈ ॥
ଦେହ ଅନ୍ତରେ ସେହୁ ବାମା । ଏବେ ସେ ହୋଇଛି ପ୍ରତିମା ॥
ପ୍ରଭୁ ସଙ୍ଗତେ ପୂଜା ପାଇ । ତା ଭାଗ୍ୟ କେ ପାରିବ କହି ॥
ଧନ୍ୟ ତା ବଂଶଲୋକ ଯେତେ । ହେବ କା ଭାଗ୍ୟ ଏ ଜଗତେ ॥
ଶୁଣ ହେ ମନ ନୃପନାଥ । ଏ କଳି ଯୁଗର ଚରିତ ॥
ଦେଖ ସେ ପ୍ରଭୁଙ୍କ ମହିମା । ଦେଖ ସେ ଭକତ ଗାରିମା ॥
ଏଣୁ ଭକତ ଭଗବାନ । କେବେ ନୁହନ୍ତି ଭିନ୍ନାଭିନ୍ନ ॥
ଭଣଇ ବିପ୍ର ରାମଦାସ । ମୋ ପ୍ରଭୁ କମଳା ବିଳାସ ॥
ସାଧୁଜନଙ୍କ ଶ୍ରୀଚରଣେ । ମୋ ଚିତ୍ତ ରହୁ ଅନୁକ୍ଷଣେ ॥
ଏତେକ ଆଜ୍ଞା ହେଉ ମୋରେ । ମୁଁ ମହାପାପୀ ଏ ସଂସାରେ ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତି ରସାମୃତେ ମନଚୈତନ୍ୟ ସମ୍ବାଦେ
ମୀରାବାଈ ଦାର୍ଢ୍ୟଭାବ ବର୍ଣ୍ଣନେ ନାମ
ସପ୍ତଚତ୍ୱାରିଂଶୋଽଧ୍ୟାୟଃ ।

—*—

# ଅଷ୍ଟଚତ୍ୱାରିଂଶ ଅଧ୍ୟାୟ
## ଜ୍ଞାନାନନ୍ଦ ଦାସ ସମ୍ବାଦ

ନମଇଁ ପ୍ରଭୁ ଆନନ୍ଦକନ୍ଦ । ନମୋ ନମସ୍ତେ ସାଧୁବୃନ୍ଦ ॥
ଏ ତୁମ୍ଭ ମହିମା ଅଶେଷ । ଏଣୁ ଶରଣ ରାମଦାସ ॥
ଏ ଦାର୍ଢ୍ୟତାଭକତି ଯେହୁ । ସମ୍ପୂର୍ଣ୍ଣ କର ଆଜ୍ଞା ହେଉ ॥
କୋଟିଏ ଜଣଠରୁ ଅନ୍ତର । ମୋ ସ୍ଥୁର କେତେକ ମାତର ॥
ଯା ତୁମ୍ଭେ କହିବ ପ୍ରମାଣେ । ଲେଖିବା କଥା ମୁହିଁ ଜାଣେ ॥
ଶୁଣି ଚୈତନ୍ୟ ମହାବୀର । କହଇ ବଚନ ଗମ୍ଭୀର ॥
ଶୁଣ ସୁମନ ମହାଜ୍ଞାତା । ଏ ଦାର୍ଢ୍ୟଭକ୍ତି ରସକଥା ॥
ଦକ୍ଷିଣ ଦେଶ ମଧ୍ୟେ ସାର । ଯେ ଗୋଦାବରୀ ନଦୀତୀର ॥
ଗ୍ରାମମାନଙ୍କ ମୋକ୍ଷସ୍ଥାନ । ନାମ ଯେ ସୁବାହୁ ଶାସନ ॥
ଘର ତାହାର ସେ ଗ୍ରାମରେ । ସାର ଶ୍ରୀ ବୈଷ୍ଣବ ଜାତିରେ ॥
ନାମ ତା ସୁଜ୍ଞାନୀ ଆଚାର୍ଯ୍ୟ । ଅତି ସୁନ୍ଦର ମହାତେଜ ॥
ଜାଣଇ ସର୍ବ ଶାସ୍ତ୍ରମାନ । କହଇ ମଧୁର ବଚନ ॥
ସକଳ ଜୀବେ ଦୟା ତାର । ଜାଣଇ ଅନିତ୍ୟ ସଂସାର ॥
ଯେତେକ ପୁତ୍ର ଦାରା ଧନ । ଏ ସର୍ବ ମାୟାର ବନ୍ଧନ ॥
କେହି କାହାର ନୋହେ ସଙ୍ଗ । ଯେସନ ଜଳଧି ତରଙ୍ଗ ॥
କେବଳ ଯେତେଦିନ ଯାଏ । ଦେହେ ସମର୍ପଣ ଥାଏ ॥
ଅରଜ ପାରୁଥାଏ ବଡ଼ । ସବୁରି ଉପରେ ସାମନ୍ତ ॥
ଯେବେ ହୁଅଇ ବଳ ହାନି । ତେବେ ସେ ନ ପାରଇ ଚହ୍ନି ॥
ଧନକୁଁ ଅରଜ ନ ପାରି । ସମସ୍ତେ ହୁଅନ୍ତି ବଇରୀ ॥
କେବଳ ମିଥ୍ୟା ଲାଳସାରେ । ଜୀବନ ବନ୍ଦୀ ଏ ସଂସାରେ ॥
ଏମନ୍ତ ବୋଲି ତାର ଚିତ୍ତେ । ଶ୍ରୀରାମ ଭଜୁଥାଇ ନିତ୍ୟେ ॥
ଜୀବଆତ୍ମାର ମୋକ୍ଷଦ୍ୱାର । ଜାଣଇ ନାମ ଏକାକ୍ଷର ॥
ଆଉ ଯେତେକ ଧର୍ମ କର୍ମ । ଜୀବ ଆତ୍ମାର ସିନା ବ୍ରହ୍ମ ॥
ଯନ୍ତ୍ରଣା ପଥ ନୋହେ ଦୂର । କର୍ମ ଭୁଞ୍ଜିବା ମୂଳ ତାର ॥

କେବଳ ରାମନାମ ଗୋଟି । କର୍ମ ବନ୍ଧନ ପାରେ କାଟି ॥
ସାଧୁ ସଙ୍ଗେ ଯେ କରେ ଭାବ । ସେ ଯେ ନ ଦେଖେ ପୁଣ ଭବ ॥
ଅନ୍ୟାନ୍ୟ ଯେତେ କର୍ମମାନ । କେବଳ କର୍ମର ବନ୍ଧନ ॥
ଏମନ୍ତ ଜାଣି ତାର ମନେ । ନାମ ଭଜଇ ପ୍ରତିଦିନେ ॥
ଗୃହେ ଗୃହୀତ ହୋଇଥାଇ । ଗୃହେ ତା ମନ ନ ପଶଇ ॥
ପତ୍ନୀ ତା ଅତ୍ୟନ୍ତ ସୁନ୍ଦରୀ । ରମ୍ଭା ମେନକା ନୋହେ ସରି ॥
ନାମ ତାହାର ଚମ୍ପାବତୀ । ସ୍ୱାମୀ ସେବାରେ ଥାଇ ମତି ॥
ବେନି କୁମର ଏକ ସୁତା । ଆବର ଛନ୍ତି ପିତାମାତା ॥
ବନ୍ଧୁ ବାନ୍ଧବ ସହୋଦର । ଧନହିଁ ଅଛଇ ଅପାର ॥
ଏଥକୁ ନ କରଇ ଆଶ । ଗୁଡ଼ିଲା ଯେସନ୍ତେ ଛଡ଼ା ପୁଷ୍ପ ॥
ଉଚ୍ଛିଷ୍ଟ ପତ୍ର ପ୍ରାପ୍ତ କରି । ସର୍ବ ବିଷୟ ପରିହରି ॥
ନିର୍ମୋହ ନିଷ୍କାମ ଯେ ଧର୍ମ । ବାଞ୍ଛିତ କଲା ଯଥା କର୍ମ ॥
ଗୋଧଡ଼ି ଧର୍ମ ଆଶ୍ରେ କରି । ଜ୍ଞାନ ଗୋଧଡ଼ି ଝୁଲି ଧରି ॥
ଅଶେଷ ତୀର୍ଥମାନ ଫେରି । ଅନେକ ସାଧୁ ସଙ୍ଗ କରି ॥
ଅନେକ ପ୍ରଭୁ ରୂପମାନ । ବୁଲି ସେ କଲା ଦରଶନ ॥
କେବଳ ଆଗ୍ରହରେ ଥାଇ । ଯହିଁ ଯା ମିଳେ ତାହା ଖାଇ ॥
କାହିଁ କରଇ ଉପବାସ । କାହିଁ ବା ଫଳ ମୂଳ ଗ୍ରାସ ॥
ଏଥକୁ ଶୋଚନା ନ କରି । କେବଳ ଭଜୁଥାଇ ହରି ॥
ଏମନ୍ତ ଗଲା କେତେଦିନ । ବୁଲି ସକଳ ତୀର୍ଥମାନ ॥
ଅତି ଆନନ୍ଦ ହୋଇ ମନେ । ପ୍ରବେଶ ହେଲା ବୃନ୍ଦାବନେ ॥
ଯହିଁ ବା ପୁଣ୍ୟ ସ୍ଥାନ ଯେତେ । ବୁଲି ଦେଖିଲା ବିଧିମତେ ॥
ଯମୁନା ନଦୀ ବଂଶୀବଟ । କଦମ୍ବ କାଳନ୍ଦୀର ତଟ ॥
ଶ୍ରୀ ରାଧାକୁଣ୍ଡ ଶ୍ୟାମକୁଣ୍ଡ । ବୁଡ଼ାଇ ସ୍ଥାନେ ସ୍ଥାନେ ମୁଣ୍ଡ ॥
କେଳି କଦମ୍ବ କୁଞ୍ଜଲତା । ଯହିଁ ସେବନ୍ତି ଊର୍ଦ୍ଧ୍ୱରେତା ॥
ରାସସ୍ଥଳୀ ଯେ ଆଦି କରି । ଲୋକେ ଯାଚନ୍ତି ମଧୁକରୀ ॥
ଦ୍ୱାଦଶ ବୃନ୍ଦାବନ ସୀମା । ସମସ୍ତ କରି ପରିକ୍ରମା ॥

ବୈଷ୍ଣବ ମଠ ଆଦି ଯେତେ । ବୁଲି ଦେଖିଲି ବିଧିମତେ ॥
ଲେଉଟି ଯାଇ ବଂଶୀଧର । ଯେ ପ୍ରଭୁ ତ୍ରୈଲୋକ୍ୟ ଈଶ୍ୱର ॥
ମଦନ ମୋହନ ମୁରାରି । ଶ୍ୟାମସୁନ୍ଦର ଦଇତ୍ୟାରି ॥
ଜଗଜ୍ଜୀବନ ଦାଶରଥି । ରାଧା ନାଗରୀ ପ୍ରାଣପତି ॥
ମହାମହିମା ମହାମେରୁ । ଭକତ ବାଞ୍ଛା କଳ୍ପତରୁ ॥
ତାହାଙ୍କୁ ଦରଶନ କଲେ । ଭିକ୍ଷାର ଅର୍ଥେ ଚଳିଗଲେ ॥
ମାଗିଲେ ଭିକ୍ଷାପାତ୍ର ଧରି । ଲୋକେ ଯାଚନ୍ତି ମଧୁକରୀ ॥
ଭକ୍ଷଣ କରୁ କରୁ କୁଣ୍ଡେ । କୁଣ୍ଡୁ କାଢ଼ିଣ ଦ୍ୟନ୍ତି ଖଣ୍ଡେ ॥
ତା ଦେଖି ସେ ଜ୍ଞାନଗୋଧଡ଼ି । ମନେ ପାଇଲେ ଲଜ୍ଜା ବଡ଼ି ॥
ବୋଇଲେ ଆରେ ନଷ୍ଟମାନେ । ଉଚ୍ଛିଷ୍ଟ ଯାଚୁଛ କେସନେ ॥
ଆମ୍ଭେ ଆଶ୍ରମୀ ଶୁଦ୍ଧଜନ । ନ ଛୁଇଁ ପରହସ୍ତୁଁ ଅନ୍ନ ॥
ଉଚ୍ଛିଷ୍ଟ ଭକ୍ଷିବୁଁ କେମନ୍ତେ । ଏହା ତ ଯାଚୁ ଅଛ ମୋତେ ॥
ନଷ୍ଟେ ଜାଣିଲି ଏ ଭୁବନ । ମଧ୍ୟରେ ଅଛ ଯେତେ ଜନ ॥
ସର୍ବେ ଅଜ୍ଞାନୀ ଦୁରାଚାର । ସୁଦୟା ନାହିଁ ନା ତୁମ୍ଭର ॥
ତା ଶୁଣି ବ୍ରଜବାସୀମାନେ । ରୁଷିଁଲେ କର୍କଶ ନୟନେ ॥
ବୋଇଲେ ଶୁଣ ହେ ଗୋଧଡ଼ି । ଆମ୍ଭଙ୍କୁଁ ଆଶ୍ରମୀ ତୁ ବଡ଼ି ॥
ଏ ବ୍ରଜ ଭୂମିର ମାହାତ୍ମ୍ୟ । ତୁ କି ଜାଣିମା ହେବୁ କ୍ଷମ ॥
ଯେ ତୋର ଜନ୍ମଦାତା ଗୁରୁ । ଆମ୍ଭର ଜନ୍ମ ଯାହାଠାରୁ ॥
ସେ ପୁଣି ଦେହଧାରୀ ହେବ । ଏ ବ୍ରଜ ଭୂମିକୁ ଆସିବ ॥
କପାଳେ କରପତ୍ର ଯୋଡ଼ି । ନଷ୍ଟେ ଚରଣ ତଳେ ପଡ଼ି ॥
ମାଗିଲେ ଭିକ୍ଷାପାତ୍ର ଧରି । କାହିଁ ପାଇଲେ ମଧୁକରୀ ॥
ତୁ ପୁଣ ଆସି ଏ ଭୁବନ । କହୁଛୁ ଆଶ୍ରମ ବିଧାନ ॥
ଜାଣିଲୁ ତୁ ଆଶ୍ରମ ପୁଅ । ଏ ବ୍ରଜ ଭୂମି ଛାଡ଼ିଯାଅ ॥
ଏଥି ତୁ ଥିଲେ ହେବୁ ନାଶ । କ୍ଷୁଧାରେ ମରିବୁ ଅବଶ୍ୟ ॥
ତା ଶୁଣି ସେ ଜ୍ଞାନଗୋଧଡ଼ି । ଶିରେ କି ଆସି ବଜ୍ରପଡ଼ି ॥
ମନେ ପାଇଲା ବଡ଼ ତାପ । ହୃଦରେ ଉଠଇ ସନ୍ତାପ ॥

ବୋଇଲେ ମରିବି ଅବଶ୍ୟ । ଏ ଭିକ୍ଷାପାନେ କାର୍ଯ୍ୟ କିସ ॥
ଏମନ୍ତ ବୋଲି ଗଲେ ଉଠି । ପ୍ରଭୁ ଛାମୁରେ ଯାଇ ଭେଟି ॥
ସାଷ୍ଟାଙ୍ଗେ ଦଣ୍ଡବତ ହୋଇ । ଉଠି କପାଳେ କର ଦେଇ ॥
ବୋଇଲେ ନମୋ ବଂଶୀପାଣି । ଅଶେଷ ବ୍ରହ୍ମାଣ୍ଡ କାରଣୀ ॥
ଅଶେଷ ଜୀବନ କରତା । ପ୍ରାଣୀଙ୍କ ଗତି ମୁକ୍ତି ଦାତା ॥
ସକଳ ଭୂତେ ବାସ ତୋର । ଜଗତ ତୋହର ଉଦର ॥
ସର୍ବ ବ୍ୟାପକ ଭଗବାନ । କେ ଜାଣେ ତୋର ବର୍ଣ୍ଣଚିହ୍ନ ॥
କେବଳ ଏ ତୋର ସଂସାର । ପାଳିବା ଅର୍ଥେ ବିଶ୍ୱମ୍ଭର ॥
ଅନେକ ଅବତାର ହୋଇ । ଜଗତ ରଖୁ ଭାବଗ୍ରାହୀ ॥
ମତ୍ସ୍ୟ କଚ୍ଛପ ଆଦି କରି । ବରାହ ଯେ ନରକେଶରୀ ॥
ବାମନ ପର୍ଶୁରାମ ରୂପ । ଶ୍ରୀହରି ଶ୍ରୀକୃଷ୍ଣ ସ୍ୱରୂପ ॥
ବୌଦ୍ଧ କଳକି ରୂପ ଧରି । ଜଗତେ ନାନା କ୍ରୀଡ଼ା କରି ॥
ଦୁଷ୍ଟ ନିବାରି ଶିଷ୍ଟପାଳୁ । ତୁ ନାଥ ପରମ ଦୟାଳୁ ॥
ତୋର ମହିମା ଗୁଣ ଯେତେ । କେ ଜାଣି ପାରିବ ଜଗତେ ॥
ବ୍ରହ୍ମା ଶଙ୍କର ପୁରନ୍ଦର । ନାଗେନ୍ଦ୍ର ଚନ୍ଦ୍ର ଦିବାକର ॥
ଶେଷ ସାରଦା ଆଦିକରି । ଅନେକ ଯୁଗ ପଥ ହେରି ॥
ତୋ ମାୟା ନ ଜାଣି କଷ୍ଟତେ । ଭ୍ରମୁ ଅଛନ୍ତି ଏ ଜଗତେ ॥
ମୁଁ ପୁଣ କେତେହେଁ ମାତର । ଜାଣିବି ମହିମା ତୁମ୍ଭର ॥
ନ ଜାଣି ଜଗତେ ଭ୍ରମୁଛି । ଏଣୁ ଅଜ୍ଞାନ ମୁହିଁ ପୁଛି ॥
ତୁମ୍ଭେ ସଂସାର ଅଛକରି । ବ୍ରହ୍ମ କ୍ଷତ୍ରିୟ ଆଦି ଚାରି ॥
ଅପରେ ଯେତେ ଜାତି ଛନ୍ତି । ଯେ ଯାହା କୁଳାଚାରେ ଥାନ୍ତି ॥
ମୁହିଁ କି ଏଥିରୁ ବାହାର । ଏକଥା ବୁଝ ବେଣୁଧର ॥
ଆଚାରି କୁଳେ ଜନ୍ମ ଦେଲୁ । ଏବେ ଉଚ୍ଛିଷ୍ଟ ଭକ୍ଷ ବୋଲୁ ॥
ଏ କଥା ଅଟଇ କେମନ୍ତ । ସଂଶୟ ଛେଦ ଗୋପୀନାଥ ॥
ନୋହିଲେ ମରିବି ଅବଶ୍ୟ । ଲାଗୁ ଏ ଜୀବହତ୍ୟା ଦୋଷ ॥
ଏମନ୍ତ କାଷ୍ଟା କରି ମନେ । ଶୋଇଲା ବିଭୂତି ଆସନେ ॥

ଚନ୍ଦ୍ରଣ ଗୋବିନ୍ଦ ପଯ୍ୟନ୍ତ । ଅନ୍ନ ଭୋଜନ କଲା ଦୂର ॥
କେଶିକ ପାଦ ନ ଚଳିଲା । ମରଣ ପଥ ଆବୋରିଲା ॥
ତାହା ଜାଣିଲେ ଦେବ ସ୍ୱାମୀ । ଯେ ପ୍ରଭୁ ସର୍ବ ଅନ୍ତର୍ଯ୍ୟାମୀ ॥
ଭକତ ଆତଙ୍କ କଷ୍ଟତେ । ସହି ନ ପାରି କଦାଚିତେ ॥
ରଜନୀ ଅଛି ଅର୍ଦ୍ଧ ହୋଇ । ସେହି ସମୟେ ଭାବଗ୍ରାହୀ ॥
ଶ୍ରୀ ବଇଷ୍ଣବ ରୂପ ଧରି । କେ କହୁ ଶୋଭଇ ମାଧୁରୀ ॥
ଊର୍ଦ୍ଧ୍ୱ ପୁଣ୍ଡ୍ରକ ଭାଲପଟେ । ଶୁଭ୍ର ଦିଶଇ ଝଟ ଝଟେ ॥
ମଧ୍ୟେ ହରିଦ୍ରା ଶିଖା ଶୋଭା । ଦିଶଇ ଯେହ୍ନେ ସୋମପ୍ରଭା ॥
ଶ୍ରୀଭୁଜେ ଶଙ୍ଖ ଚକ୍ର ଚିହ୍ନ । ଫୁଟି ଦିଶଇ ଭିନ୍ନ ଭିନ୍ନ ॥
ଗଳେ ପୁଷ୍ପର ଜ୍ୟୋତି ମାଳ । ହୃଦଉଦ୍ଧର ମଧ୍ୟେ ଲୁଳ ॥
କଟୀରେ ଶୋହେ ପୀତାମ୍ବର । ବେଢ଼ାଇ ଦେଇ ଦାମୋଦର ॥
ପାଦରେ ସୁବର୍ଣ୍ଣ କଠାଉ । ଚାଲନ୍ତେ ଦିଶେ ଦାଉ ଦାଉ ॥
ମଉଳ ପଛେ ଚଟି କେଶ । ପବନେ ଉଡ଼େ କେଶ କେଶ ॥
ମହା ତପସ୍ୱୀ ଜନ ପ୍ରାୟେ । ଅଙ୍ଗ ଦିଶଇ ଜ୍ୟୋତିର୍ମୟେ ॥
ଏମନ୍ତ ବେଶେ ବନମାଳୀ । ଶ୍ରୀହସ୍ତେ ସୁବର୍ଣ୍ଣର ଥାଳ ॥
ତହିଁ ଗରମ ରୋଟି ଭରି । ଘୃତ ନବାତ ଅଛି ପୂରି ॥
ମୁଗ ଡାଲି ସଙ୍ଗେ ଦଧି । ଧରି ପ୍ରବେଶ ଦୟାନିଧି ॥
ସେ ଜ୍ଞାନାନନ୍ଦ ଦାସେ ଶୋଇ । ଅଛନ୍ତି କଷ୍ଟ ଚିନ୍ତା ନାହିଁ ॥
ଏମନ୍ତ ବେଳେ ଦେବ ହରି । ଡାକିଲେ ଡାକ ଗୋଟାଚ୍ଛରି ॥
ଉଠ ଯେ ଜ୍ଞାନାନନ୍ଦ ଦାସେ । କମ୍ପା ଶୋଇଛ ଉପବାସେ ॥
ଆମ୍ଭେ ତୋହର କୁଳ ଇଷ୍ଟ । ଡାକୁଛୁ ବେଗ ହୋଇ ଉଠ ॥
ତା ଶୁଣି ଜ୍ଞାନାନନ୍ଦ ଦାସେ । ଉଠି ଚାହିଁଲେ ଚଉପାଶେ ॥
ଦେଖିଲେ ବଇଷ୍ଣବ ମୂର୍ତ୍ତି । ଉଠି ପ୍ରଣାମ କଲା ଧାଇଁ ॥
କାକୁସ୍ଥ ହୋଇ ପଚାରନ୍ତି । କମ୍ପା ବିଜୟ ଅର୍ଦ୍ଧରାତି ॥
ଶୁଣି ବୋଇଲେ ପୀତବାସ । ଏ ବୃନ୍ଦାବନେ ଆମ୍ଭ ବାସ ॥
ଶୁଣିଲୁ ଜ୍ଞାନାନନ୍ଦ ଦାସେ । ଚାରି ଦିନର ଉପବାସେ ॥

ଶୟନ କରଣ ଅଛନ୍ତ । ଏଣୁ ବ୍ୟାକୁଳ ଆମ୍ଭ ମତ ॥
ଅଇଲୁଁ ଭକ୍ଷ ଜଳ ଧରି । ବସିଣ ଭୁଞ୍ଜ ବେଗ କରି ॥
ତୋ ମନେ ସଂଶୟ ନ କର । ଆମ୍ଭେ ଯେ କୁଳଗୁରୁ ତୋର ॥
ଏମନ୍ତ ବୋଲି ବେଢ଼ିଥାଳୀ । ଥୋଇ ଜାଳିଲେ ଦୀପାବଳି ॥
ତା ଦେଖି ଜ୍ଞାନାନନ୍ଦ ଦାସ । ମନରେ ହୋଇଣ ହରଷ ॥
ଚିହ୍ନିଲେ ଶ୍ରୀକୃଷ୍ଣଙ୍କ ଚିହ୍ନ । ଆନନ୍ଦେ କଲେକ ଭୋଜନ ॥
ଉଠିଣ ମୁଖ ହସ୍ତ ଧୋଇ । ବୋଇଲେ ଶୁଣିମା ଗୋସାଇଁ ॥
ଏ ପୁରେ ଉଚ୍ଛିଷ୍ଟ ଭୋଜନ । କରନ୍ତ ସର୍ବ ଲୋକମାନ ॥
ଏ କଥା ଅଟଇ କେମନ୍ତ । ଏଣେ ସନ୍ଦେହ ମୋର ଚିତ୍ତ ॥
ତାହା ଶୁଣିଣ ଆଦିକନ୍ଦ । ବୋଇଲେ ଶୁଣ ଜ୍ଞାନାନନ୍ଦ ॥
ଏ କ୍ଷେତ୍ର ମହାତମ ଯାହା । ଜାଣନ୍ତ ପାର୍ବତୀଙ୍କ ନାହା. ॥
ଧାତାକୁ ନୁହଇ ଗୋଚର । ଅନ୍ୟ କହିବା ଶକ୍ତି କାର ॥
କାଲି ମୈଛବ ବେଳେ ଆସ । ଫିଟିବ ଏଥିର ସନ୍ଦେଶ ॥
ଏମନ୍ତ ବୋଲି ବନମାଳୀ । ସୁବର୍ଣ୍ଣ ଥାଳୀ ଧରି ଚଳି ॥
ତହୁଁ ହୋଇଲେ ଅନ୍ତର୍ଦ୍ଧାନ । ଶୁଣ ହେ ସୁମନ ରାଜନ ॥
ସେ ଯେ ଗୋଧଡ଼ି ମହାଜ୍ଞାନୀ । ପ୍ରଭୁଙ୍କୁ ନ ପାରିଲା ଚିହ୍ନି ॥
ଯା ମାୟା ଦେବେ ଅଗୋଚର । କାହୁଁ ଜାଣିବ ନର ଛାର ॥
ମନୁଷ୍ୟ ପ୍ରାୟ ତାଙ୍କୁ ମଣି । ଶୟନ କଲେକ ରଜନୀ ॥
ଭଜଣ ରାମ କୃଷ୍ଣ ହରି । ପ୍ରଭାତୁଁ ସ୍ନାନ ବେଗେ ସାରି ॥
ମାଳା ତିଳକ ଆଦି ଯେତେ । ମଣ୍ଡି ହେଲେ ସେ ବିଧିମତେ ॥
ଶିରେ ଡୋରିଆ ଶୋଭା ଜାଣ । ଅଙ୍ଗେ ଗୋଧଡ଼ି ଆଭରଣ ॥
ହସ୍ତରେ ଦଣ୍ଡ କମଣ୍ଡଳ । ପ୍ରବେଶ ଗୋବିନ୍ଦଙ୍କ ଆଳ ॥
ତହିଁ ହେଉଛି ମଉଛବ । କେ ତାହା ବଚନେ କହିବ ॥
ଅନେକ ସାଧୁ ବୃନ୍ଦ ଦାସ । ବିପ୍ର ବୈଷ୍ଣବ ଯେ ସନ୍ନ୍ୟାସ ॥
ଯୋଗୀ ଜଙ୍ଗମ ବ୍ରହ୍ମଚାରୀ । ଯେ ଦୁଃଖୀ ଦରିଦ୍ର ଭିକାରୀ ॥
ଅପରେ ଯେତେ ଜାତିମାନ । ସମସ୍ତେ କରନ୍ତ ଭୋଜନ ॥

ପ୍ରସାଦ ପରଶନ୍ତି ଆଣି । ଭୁଞ୍ଜନ୍ତି ପୁରୁଷ ତରୁଣୀ ॥
ଶ୍ରୀହସ୍ତେ ବେଣୁ ଗୋଟି ଧରି । ମଧ୍ୟେ ବିଜୟ ନରହରି ॥
ହୋଇ ଗୋପାଳ ବାଳମୂର୍ତ୍ତି । ସବୁ ଚରିତ୍ର କରୁଛନ୍ତି ॥
କେ କହୁ ସେଠାର ଆନନ୍ଦ । ତହିଁ ପ୍ରବେଶି ଜ୍ଞାନାନନ୍ଦ ॥
ସଭିଙ୍କୁ ଅନାଇଣ ଦେଲେ । ଗୋବିନ୍ଦ ମାୟା ଭିଆଇଲେ ॥
ସର୍ବେ ଦିଶନ୍ତି ଚତୁର୍ଭୁଜ । ଶ୍ରୀକରେ ଶଙ୍ଖଚକ୍ର ତେଜ ॥
ନର ସ୍ୱରୂପ କେହି ନୋହେ । ସର୍ବେ ଦିଶନ୍ତି ବିଷ୍ଣୁ ପ୍ରାୟେ ॥
ଭୋଜନ କରୁଛନ୍ତି ବସି । ଏକୁ ଆରେକ ମିଶାମିଶି ॥
କେ କାହା କରୁ ବେଟି ଧରି । ଦେଉ ଅଛଇ ମୁଖେ ଭରି ॥
କାହାକୁ କେହୁ ହସ୍ତ ପାତି । କେ କାହା ମୁଖରୁ ଛଡ଼ାନ୍ତି ॥
କେ କାହା ମୁଖେ ହସ୍ତ ଧରି । କହନ୍ତି ଦିଅ ମଧୁକରୀ ॥
କେ ବୋଲେ ମୋରେ ଦୟାବହ । ଅଧରମୃତ କିଛି ଦିଅ ॥
କେ ବୋଲେ ନୁହସି ଦାରୁଣ । ମୋହର ଭାଗ୍ୟ କାହିଁ ଗୁଣ ॥
ଏମନ୍ତ ଭାବ ଲାଗିଅଛି । ତାହା ଦେଖନ୍ତି ଶିଶୁବତ୍ସ ॥
ଶ୍ରୀହସ୍ତ ପ୍ରସାଦ ବହନ । ବୁଲି ମାଗନ୍ତି ସ୍ଥାନ ସ୍ଥାନ ॥
ତାହା ଦେଖିଣ ସଭାଜନ । କହନ୍ତି ନବୃଶ ବଚନ ॥
ଭୁଣ୍ଡରୁ କାଢ଼ିଣ କଣ୍ଟିତେ । ଦିଅନ୍ତି ଗୋବିନ୍ଦଙ୍କ ହସ୍ତେ ॥
ତାହା ପାଇଣ ଭାବଗ୍ରାହୀ । ଆନନ୍ଦ କେ ପାରିବ କହି ॥
ଦେଖିଣ ସେ ଜ୍ଞାନ ଗୋଧଡ଼ି । କର ଯୁଗଳ ଶିରେ ଯୋଡ଼ି ॥
ବିଚାର କଲା ମନେ ତାର । ବୋଇଲା ଏକି ଚମତ୍କାର ॥
ସର୍ବେ ଦିଶନ୍ତି ଚତୁର୍ଭୁଜ । କେବଳ ବିଷ୍ଣୁମୟ ତେଜ ॥
ମଧ୍ୟେ ବିଜୟ ବେଣୁଧର । ଦିଶନ୍ତି ମନୁଷ୍ୟ ଆକାର ॥
ଏ ନିଶ୍ଚେ ପ୍ରଭୁ ଗୋପୀନାଥ । ଆମର ନୋହେ ଏ ଚରିତ ॥
ମୋ ଗର୍ବ ଭଞ୍ଜନ ନିମନ୍ତେ । ଏ ଲୀଳା ଦେଖାଇଲେ ମୋତେ ॥
ମୁଁ ମୂଢ଼ ମନ୍ଦକୃତ୍ୟ କଲି । ପ୍ରଭୁ ମହିମା ନ ଜାଣିଲି ॥
ଗର୍ବ ଯେ କଲି ମୋର ମନେ । କେ ମୋତେ ରଖୁ ତ୍ରିଭୁବନେ ॥

ଏମନ୍ତ କହି ସ୍ତୁତି ଭଣି । ବୋଇଲେ ନମୋ ଚକ୍ରପାଣି ॥
ସକଳ ଜୀବ ପଡ଼ିଦାତା । ଏଣୁ ତୁ ସର୍ବଜନ ପିତା ॥
ଏଥୁ ମୁଁ ନୁହଇ ଅନ୍ତର । ମୋ ଅପରାଧ କ୍ଷମାକର ॥
ଏମନ୍ତ ବୋଲି ପାଦେ ପଡ଼ି । ଉଠି କପାଳେ କରଯୋଡ଼ି ॥
ବୋଇଲେ ଦିଅ ମଧୁକେରୀ । ସବୁ ଜାଣିଲେ ଦେବ ହରି ॥
ଏ ବୃନ୍ଦାବନ ମଧ୍ୟଗତେ । ଅଛନ୍ତି ଦେହଧାରୀ ଯେତେ ॥
ମନୁଷ୍ୟ ଆଦି ପଶୁଗଣେ । କୀଟ ପତଙ୍ଗ ତରୁଗଣେ ॥
ଏ ସର୍ବ ତୋହର ଶରୀର । ତୁ ଅଛୁ ଅନ୍ତର ବାହାର ॥
ଏଥେ ସନ୍ଦେହ କିଛି ନାହିଁ । ଏବେ ଜାଣିଲି ଭାବଗ୍ରାହୀ ॥
ଏମନ୍ତ ବୋଲି ଭାବଭରେ । ବେନି ନୟନୁ ନୀର ଝରେ ॥
ପ୍ରେମ ପୁଲକ ହେଲା କାୟେ । କଦମ୍ବ କୋରକ ପରାୟେ ॥
କଣ୍ଠ ହୋଇଲା ଗଦ ଗଦ । କାହୁଁ ସ୍ଫୁରିଲା କେତେ ପଦ ॥
ଆନନ୍ଦେ କୃତ କୃତ୍ୟ କରି । ମାଗିଲେ ଦିଅ ମଧୁକେରୀ ॥
ଅନାଇ ଦେଲେ ଆନନ୍ଦକନ୍ଦ । ଭାବେ ବୁଡ଼ିଲେ ଜ୍ଞାନାନନ୍ଦ ॥
ବୋଇଲେ ନିସ୍ତରିଲି ମୁହିଁ । ଶୁଣ ହେ ମନ ନୃପସାଇଁ ॥
ସେ ଦିନୁ ସେ ଜ୍ଞାନ ଗୋଧଡ଼ି । ନ ଗଲେ ବୃନ୍ଦାବନ ଛାଡ଼ି ॥
ମନ ବଚନ କର୍ତ୍ତବ୍ୟରେ । ପୂଜଣ ଗୋବିନ୍ଦ ପୟରେ ॥
ତହିଁ ରହିଲେ କୁଟୀ କରି । ଭଜନ ଗୋଟି ମୂଳ କରି ॥
ଦେହାନ୍ତେ ପାଇଲେକ ଗତି । ତାହା ଜାଣିଲେ ରାଧାପତି ॥
ମୁଁ ତାହା ନ ପାରଇ ଜାଣି । ଶୁଣ ଇନ୍ଦ୍ରିୟ ଚୂଡ଼ାମଣି ॥
ଏ ଦାର୍ଢ୍ୟଭକ୍ତି ରସାମୃତ । କେବଳ ଶ୍ରବଣେ ଅମୃତ ॥
ଶରଣ ବିପ୍ର ରାମଦାସ । ହେ ପ୍ରଭୁ କମଳା ବିଳାସ ॥
ଯେ ବୃନ୍ଦାବନ ଭକ୍ତବୃନ୍ଦ । ତାଙ୍କ ଚରଣ ଅରବିନ୍ଦ ॥
ମଧୁ ରସକୁ କରି ଆଶ । ମୋ ମନଭୃଙ୍ଗ କରୁ ଗ୍ରାସ ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତି ରସାମୃତେ ମନଚୈତନ୍ୟ ସମ୍ବାଦେ ଜ୍ଞାନାନନ୍ଦ ଦାସ ଦାର୍ଢ୍ୟଭାବ ବର୍ଣ୍ଣନେ ନାମ ଅଷ୍ଟଚତ୍ୱାରିଂଶୋଽଧ୍ୟାୟଃ ।

# ଊନପଞ୍ଚାଶତ ଅଧ୍ୟାୟ
## ଆନନ୍ଦା-ଶବର ସମ୍ବାଦ

ନମସ୍ତେ ପ୍ରଭୁ ରଘୁନାଥ । କାଣ୍ଡ କୋଦଣ୍ଡ ବେନହସ୍ତ ॥
କୌଶଲ୍ୟା ଦେବୀଙ୍କ ନନ୍ଦନ । ଅଶେଷ ମୁନିଙ୍କ ବନ୍ଦନ ॥
ତେଣୁ ଶରଣ ବିପ୍ର ରାମ । ପୂରିଅ ମୋର ମନସ୍କାମ ॥
ପୁଣି ଚୈତନ୍ୟ ମହାଜ୍ଞାତା । କହଇ ବିଷ୍ଣୁ ଭକ୍ତ କଥା ॥
ଶୁଣ ସୁମନ ଶୁଦ୍ଧଭାବେ । ମୁଁ ଯାହା କହୁଅଛି ଏବେ ॥
ଶ୍ରୀହରି ଭକ୍ତମାନଙ୍କର । ମହିମା ଅପାରୁ ଅପାର ॥
ଯେ ନର ଶ୍ରଦ୍ଧାଭାବେ ଶୁଣି । ସେ ତରେ ଭବ ତରଙ୍ଗିଣୀ ॥
ଦେଖ ସେ ଜାତିରେ ଶବର । ତଳ ମାଳରେ ତାର ଘର ॥
ନାମ ଆନନ୍ଦେ କଉତୁକୀ । ନିରତେ ପତଙ୍ଗ ପାତକୀ ॥
ପୁତ୍ର ଦୁହିତା ତାର ନାହିଁ । ଏକା ସେ ପତି ପତ୍ନୀ ଦୁଇ ॥
କେବଳ ପକ୍ଷୀ ବେଣ୍ଟେ କରେ । ସେ ଅଠାକାଣ୍ଡିଆ ନଳରେ ॥
ଜାଲ ପକାଇ ଫାଶ ପାତି । ପକ୍ଷୀଙ୍କି ମାରୁଥାଇ ନିତି ॥
ସେ ପକ୍ଷୀ ମାଂସ ବିକ ଆଣି । ପ୍ରାଣ ପୋଷନ୍ତି ବେନପ୍ରାଣୀ ॥
ଏମନ୍ତେ ବେନଜଣ ଥାନ୍ତି । ପାତକ ବୋଲି ନାହିଁ ଖ୍ୟାତି ॥
ଯେ ନିତ୍ୟେ ଜୀବହତ୍ୟା କରେ । ଅନ୍ୟ ପାପକୁ ସେ କି ଡରେ ॥
ନ ଜାଣେ ଅନ୍ୟ କଥାମାନ । ଯେ ତୀର୍ଥବ୍ରତ ଦାନ ପୁଣ୍ୟ ॥
ଶ୍ରୀରାମ କୃଷ୍ଣ କଥାମାନ । ଦିନେ ଶୁଣିଲି ନାହିଁ କର୍ଣ୍ଣ ॥
ସାଧୁଙ୍କ ସଙ୍ଗ କରିବାର । ତିଳେହେଁ ମନ ନାହିଁ ତାର ॥
କେବଳ ଜୀବହତ୍ୟା କରେ । ବଞ୍ଚଇ କାଳ କ୍ଷେପଣରେ ॥
ଉତ୍ତର ଦେଶରେ ଭକତ । ବିଚାର କଲେ ତାଙ୍କ ଚିତ୍ତ ॥
ବାରେ ମୁଁ କ୍ଷେତ୍ରବରେ ଯିବ । ପ୍ରଭୁଙ୍କୁ ଦର୍ଶନ କରିବ ॥
ଏମନ୍ତ ବିଚାରିଣ ଚିତ୍ତେ । ଗମିଲେ କ୍ଷେତ୍ରର ନିମନ୍ତେ ॥
ଗ୍ରାମ ଗ୍ରାମକେ ରହି ରହି । ମିଳିଲେ ସେ ଗ୍ରାମରେ ଯାଇ ॥
ଆସି ପ୍ରବେଶ ହେଲେ ତହିଁ । ଶବର ଦ୍ୱାରେ ଉଭା ହୋଇ ॥

ବିସ୍ମର କଲେ ହୃଦୟରେ । ସେବକ ବାନ୍ଧିବା ଏଠାରେ ॥
ଏମନ୍ତ ଭାବ ତହିଁ ବସି । ଆନନ୍ଦେ ରାମନାମ ଘୋଷି ॥
ତାହା ଶୁଣିଣ ସେ ଶବର । ମନ୍ଦିରୁ ହୋଇଲା ବାହାର ॥
ପାଶେ ପ୍ରବେଶ ହେଲା ଆସି । ପୁଚ୍ଛଇ ମନ୍ଦ ମନ୍ଦ ହସି ॥
କହେ ବୈଷ୍ଣବ କେଉଁଠାରେ । କମ୍ପା ଅଇଲ ଏହୁ ପୁରେ ॥
କାହୁଁ ଅଇଲେ ଯିବ କାହିଁ । ସ୍ୱରୂପ କହ ହେ ଗୋସାଇଁ ॥
ତା ଶୁଣି ବୋଇଲେ ଅତିଥ । ଶୁଣ ଶବର କହୁଁ ସତ ॥
ଆମ୍ଭେ ଯେ ସଦା ତୀର୍ଥବାସୀ । ଯୋଗେ ମିଳିଲୁ ଏଥେଁ ଆସି ॥
ଦକ୍ଷିଣ ଦେଶକୁ ଗମନ । କରିବୁ ବିଚାରୁଛୁ ମନ ॥
ଶ୍ରୀରାମ ଧାମ ଯାଏ ଯିବୁ । ପ୍ରଭୁଙ୍କୁ ଦର୍ଶନ କରିବୁଁ ॥
ତହିଁ ଉତ୍ତରେ ରଘୁବର । ଯେଉଣେ ନେବେ ଇଚ୍ଛା ତାଙ୍କର ॥
ମୋହର ନୁହଇ ଆୟତ୍ତ । ଶବର କହିଲୁଁ ଟି ସତ୍ୟ ॥
ତୋହର ନାମ ଗୋଟି କିସ । କେବଣ ଗୁରୁର ତୁ ଶିଷ୍ୟ ॥
ଜାବକା ଅଟେ କିସ ତୋର । କହ ତୋ ସ୍ୱରୂପ ଆଗର ॥
ତା ଶୁଣି ଶବର କହଇ । ଶୁଣ ହେ ବୈଷ୍ଣବ ଗୋସାଇଁ ॥
ନାମ ମୋ ପଚ୍ଛିଲ ଯାହା । କହୁଅଛି ମୁଁ ଶୁଣ ତାହା ॥
ଆନନ୍ଦ ନାମ ଗୋଟି ମୋର । ଦେଇ ଯେ ଅଛନ୍ତି ପିଅର ॥
ଜାତି ମୋ ଅଟଇ ଶବର । କେଜାଣେ ଗୁରୁ ବୋଲି ମୋର ॥
କିସ ହୁଅଇ ଗୁରୁ କଲେ । ଏହା ମୁଁ ନ ଜାଣଇ ଭଲେ ॥
ଏବେ ଗୋସାଇଁ ତା କହିବ । ଶୁଣିବି ଗୁରୁ ଶିଷ୍ୟ ଭାବ ॥
ଶୁଣି ଅତିଥ କହେ ଧୀର । ଶୁଣରେ ଆନନ୍ଦା ଶବର ॥
ଯେବେ ତୁ କରନାହୁଁ ଗୁରୁ । କିରୂପେ ତରିବୁ ସଂସାରୁ ॥
ଶ୍ରୀରାମ କୃଷ୍ଣ ମନ୍ତ୍ର ବାଣୀ । ଯେବେ ଶ୍ରବଣେ ନାହୁଁ ଶୁଣି ॥
ନିଶ୍ଚେ ନରକେ ଗତି ତୋର । ମୂଳ ହୋଇଲା ମନେକର ॥
ତୋ ସଙ୍ଗେ ପ୍ରସଙ୍ଗ ହେବାର । ଉଚିତ ନୁହଇ ଆମ୍ଭର ॥
ଏମନ୍ତ କହି ପୋତି ମଥା । ରହିଲେ ନ କହିଣ କଥା ॥

ତା ଶୁଣି ବୋଲଇ ଶବର । ଶୁଣ ଗୋସାଇଁ ମୋ ଉତ୍ତର ॥
ମୁଁ ଯେବେ ଏଡ଼େ ପାପୀଜନ । ପବିତ୍ର କର ମୋ ଜୀବନ ॥
ଶ୍ରୀରାମ ନାମ ମନ୍ତ୍ର ସାର । ଶ୍ରବଣେ ଦିଅ କନା ମୋର ॥
ପାଇ ଶ୍ରୀଗୁରୁ ଉପଦେଶ । ପାତକ ମୋର ହେଉ ନାଶ ॥
ତୁମ୍ଭେତ ପର ଉପକାରେ । ନିରତେ ଭ୍ରମ ଏ ସଂସାରେ ॥
ମୁଁ ତୁମ୍ଭ ଚରଣେ ଶରଣ । କର ମୋ ଜୀବ ପରିତ୍ରାଣ ॥
ଏମନ୍ତ ବୋଲି ପାଦେ ପଡ଼ି । ଉଠି ମସ୍ତକେ କର ଯୋଡ଼ି ॥
ବିନୟେ କହିଲା ବହୁତ । ଶୁଣି ସନ୍ତୋଷ ସେ ଅତିଥ ॥
ଶୁଣ ହେ ମନ ମହୀପାଳ । ସାଧୁଙ୍କ ସେବା ଏତେ ଫଳ ॥
ଉଦେ ହୋଇଲେ ଦିନକର । ଯେସନେ ନାଶେ ତମଘୋର ॥
ଶରଦ ହୋଇଲେ ପ୍ରବେଶ । ଜଳୁଁ କଲୁଷ ଯେହ୍ନେ ନାଶ ॥
ଲାଗିଲେ ପରଶ ପଥର । ସୁବର୍ଣ୍ଣ ହୁଏ ଲୁହା ଛୁର ॥
ବସନ୍ତ କାଳ ଆଗମନେ । କାଷ୍ଠ ଚନ୍ଦନ ହୁଏ ଯେହ୍ନେ ॥
ଯେସନେ ଦେଖ ନଦୀଜଳ । ଗଙ୍ଗା ସଙ୍ଗତେ ହେଲେ ମେଳ ॥
ତେସନେ ଗଙ୍ଗା ହୁଏ ସେହି । ଭେଦ କରନ୍ତା କେହି ନାହିଁ ॥
ଏଣୁ ସୁସଙ୍ଗ ଫଳ ଯେତେ । କେ କହି ପାରିବ ସାକ୍ଷାତେ ॥
ତହୁଁ ଶବର ଗଲା ଚଳି । ନିଜ ମନ୍ଦିରେ ଯାଇ ମିଳି ॥
କହିଲା ନିଜ ପତ୍ନୀ ପାଶ । ଘେନିବି ମନ୍ତ୍ର ଉପଦେଶ ॥
ବୈଷ୍ଣବ ଜଣେ ଛନ୍ତି ବସି । ଉତ୍ତମ ସାଧୁ ତୀର୍ଥବାସୀ ॥
ତାହାଙ୍କଠାରୁ ମନ୍ତ୍ର ସାର । ଘେନିବି ମନ ହେଲା ମୋର ॥
ଏମନ୍ତ କହି ନିଜପୁର । ଗୋମୟେ କରିଣ ସଂସ୍କାର ॥
ନାନା ବର୍ଣ୍ଣରେ ଦେଇ ଝୋଟି । ପକାଇ ମୃଗଛାଲ ଗୋଟି ॥
ସୁସ୍ୱାଦୁ ଫଳମୂଳ ମାନ । ଯତନେ ଥୋଇଲା ସେ ସ୍ଥାନ ॥
ଅତିଥି ବନ୍ଦେ କରାଇଲା । ନେଇ ଆସନେ ବସାଇଲା ॥
କହିଲା ବିନୟେ ବଚନ । ପବିତ୍ର କର ମୋ ଜୀବନ ॥
ତା ଶୁଣି କହନ୍ତି ଅତିଥ । ଶୁଣ ଶବର କହୁଁ ସତ୍ୟ ॥

ଆମ୍ଭେ ଯଦ୍ୟପି ନାମ ତୋତେ । ଦେବୁଁ ସ୍ୱରୂପ କହ ମୋତେ ॥
ଆମ୍ଭର ଆଜ୍ଞା ପାଳୁଥିବୁ । କେବେ ଅନ୍ୟଥା ନ କରିବୁ ॥
ଏକଥା ସତ୍ୟ କରୁ ଯେବେ । ତୋ କର୍ଣ୍ଣେ ମନ୍ତ୍ର ଦେବୁ ତେବେ ॥
ତା ଶୁଣି ବୋଲଇ ଶବର । ଶୁଣ ଗୋସାଇଁ ସତ୍ୟ ମୋର ॥
ଯେ ଆମ୍ଭ କୁଳାଗ୍ରର କଥା । ଆମ୍ଭେ ତା ନ ଛାଡ଼ୁ ସର୍ବଥା ॥
ଏଥି ଉତ୍ତରେ କଥା ଯେହୁ । ବହନ କରି ଆଜ୍ଞା ହେଉ ॥
ପାଳିବି ସତ୍ୟ ସତ୍ୟ ମୋର । କହୁଛି ତୁମ୍ଭର ଛାମୁର ॥
ତା ଶୁଣି ଅତିଥି ବୋଇଲେ । ମୁଁ ଯାହା କହୁଅଛି ଭଲେ ॥
ଯେବେ ତୁ ଦେଖିବୁ ଅତିଥ । ଆଗେ କରିବୁ ଦଣ୍ଡବତ ॥
କ୍ଷମତା ଥିଲେ କିଛି ଦେବୁ । ନ ଦେଲେ ବିନୟେ କହିବୁ ॥
ଯେ ନାମ କରିବ ଗାୟନ । ଶୁଣିବୁ ଶ୍ରଦ୍ଧାକରି ମନ ॥
ଯେବା ଭୋଜନ ତହିଁ କରି । ଭୁଞ୍ଜିବୁ କୃଷ୍ଣ ନାମ ଧରି ॥
ଏ କଥାଟିକ ସତ୍ୟକର । ସତ୍ୟ ବୋଇଲା ସେ ଶବର ॥
ତା ଶୁଣି ସେ ଶବର ଆଣି । ସିଞ୍ଚିଲେ ମୁଣ୍ଡେ କୁଶପାଣି ॥
ବସାଇ ଆପଣା ନିକଟେ । ତିଳକ ଦେଲେ ଭାଲପଟେ ॥
ରାମ ତାରକ ମନ୍ତ୍ର ସାର । କହିଲେ କର୍ଣ୍ଣରେ ତାହାର ॥
ବୋଇଲେ ଶୁଣରେ ଶବର । ଯାହା କହିଲୁ କର୍ଣ୍ଣେ ତୋର ॥
କେବଳ ଇଷ୍ଟକରି ତୋର । କେବେହେଁ ମନୁ ନ ପାସୋର ॥
ଏ ଯେଉଁ ମହାମନ୍ତ୍ର ଗୋଟି । ଭବବନ୍ଧନ ପାରେ କାଟି ॥
ଏଥିରେ ହେବ ଯା ବିଶ୍ୱାସ । ତାକୁ ପାତକ ଛାଡ଼ି କିସ ॥
ଏ ଯେଉଁ ଭବସିନ୍ଧୁ ବାରି । ନାମ ନାବରେ ହେବ ପାରି ॥
ନାମ ଅନଳ କଞ୍ଚିତରେ । ପାତକ ତୁଳା ପର୍ବତରେ ॥
ଛୁଇଁବା ମାତ୍ରେ ଭସ୍ମ ହେବ । କେବଳ ବିଶ୍ୱାସ ଯା ଥିବ ॥
ଏମନ୍ତ ଗୁରୁଆଜ୍ଞା କହି । ଉଠିଲେ ବୈଷ୍ଣବ ଗୋସାଇଁ ॥
ସେ ଫଳମୂଳ ସେବାକଲେ । ଉଠି ପ୍ରଭାତୁଁ ଚଳିଗଲେ ॥
ଶବର ଖଣ୍ଡେଦୂର ଗଲା । ପ୍ରଣାମ କରିଣ କହିଲା ॥

କଥାଏ ମାତ୍ର ପୁଚ୍ଛିବଇଁ । କହ ମୋ ସନ୍ଦେହ ପିଟାଇ ॥
ଏ ରାମ ନାମଗୋଟି ଯାର । କେମନ୍ତ ସ୍ୱରୂପ ତାଙ୍କର ॥
ଏତେକ ମାତ୍ର କହିଯିବ । ଶୁଣି କହନ୍ତି ଗୁରୁଦେବ ॥
ଯାହା ତୁ ପଚ୍ଚାରିଲୁ ମୋତେ । କହିବା ଶୁଣ ଶୁଦ୍ଧଚିତ୍ତେ ॥
ନବୀନ ନୀଳଘନ କାନ୍ତି । ପ୍ରାପ୍ତସେ ଶ୍ରୀରାମଙ୍କ ଜ୍ୟୋତି ॥
କେ କହୁ ଶ୍ରୀରାମଙ୍କ ଶୋଭା । କୋଟିଏ ଚନ୍ଦ୍ରଜିଣି ପ୍ରଭା ॥
ରତ୍ନ କିରୀଟି ଶିରେ ଶୋହେ । ଯୋଗୀନ୍ଦ୍ର ଜନ ମନ ମୋହେ ॥
ରୁଚିର ଶ୍ରବଣେ ଯୁଗଳେ । ରତ୍ନ କୁଣ୍ଡଳ ବେନି ଲୁଳେ ॥
ଅମଳ କମଳ ନୟନ । ଚାହିଁଲେ ହରେ ପ୍ରାଣୀ ମନ ॥
ନାସିକା ଅତିହିଁ ରୁଚିର । ଧନ୍ୟ ସେ ସୁରଙ୍ଗ ଅଧର ॥
କଣ୍ଠେ କୌସ୍ତୁଭମଣି ସାଜେ । କାଣ୍ଡ କୋଦଣ୍ଡ ବେନିଭୁଜେ ॥
ହେମ କିଙ୍କିଣୀ କଟୀମାଝେ । ଚରଣେ ନୂପୁର ବିରାଜେ ॥
ରତ୍ନ କଠାଉ ଶ୍ରୀପୟରେ । ଯହିଁ ଶରଣ ସୁର ନରେ ॥
ଏମନ୍ତ ସ୍ୱରୂପ ସେ ରାମ । ଲକ୍ଷ୍ୟ ନୁହଇ କୋଟି କାମ ॥
ତୁ ଏହି ରୂପ ଧ୍ୟାନ କରି । ଭଜିବୁ ରାମନାମ ଧରି ॥
ଏମନ୍ତ କହି ଗୁରୁ ଗଲେ । ଶବର ଲେଉଟି ଅଇଲେ ॥
ଏ କଥା କରି ଗଣ୍ଠିଧନ । ପ୍ରବେଶ ତା ନିଜ ଭବନ ॥
ସ୍ନାନ ଶଉଚ ଆଦି ହୋଇ । ଭୋଜନ କରିବାକୁ ଯାଇ ॥
ବସି ସେ ରୂପ ଧ୍ୟାନ କରି । ଭୁଞ୍ଜିଲା ରାମନାମ ଧରି ॥
ଏହି ପ୍ରକାରେ ପ୍ରତିଦିନ । କରି ସେ ବଞ୍ଚୁଥାଇ ଦିନ ॥
ନ କରି ରାମରୂପ ଧ୍ୟାନ । ରାମ ନ ବୋଲି ଏକଦିନ ॥
ତୁଣ୍ଡେ ତା ନ ଦିଅଇ ବାରି । ଏହା ସେ ଅଛି ମୂଳକରି ॥
ଆମିଷ ଆଦି ଦ୍ରବ୍ୟମାନ । ଯାହା ସେ କରଇ ଭୋଜନ ॥
ଶ୍ରୀରାମ ନ ବୋଲି କେବଳ । ନ ଭୁଞ୍ଜେ କେଉଁଟି ସେ ଶବର ॥
ଏମନ୍ତ ଗଲା କେତେଦିନ । ଶୁଣ ହୋ ସୁମନ ରାଜନ ॥
ଅନେକ ମୃଗଗୋଟି ମାରି । ତାହାର ମାଂସ ଆଣିକରି ॥

ଯତନେ କଲାକ ରନ୍ଧନ । ନାନାଦି ପ୍ରକାର ବ୍ୟଞ୍ଜନ ॥
ଭଜା ଶାକରନ୍ଧି ମଧୁର । ଆମ୍ବିଳ ପାଚୁଡ଼ି ବେଶ୍ୱର ॥
ଏମନ୍ତ ନାନାବିଧ କରି । ସ୍ନାନାଦି କର୍ମମାନ ସାରି ॥
ଭୁଞ୍ଜିବା ନିମନ୍ତେ ଶବର । ବସିଲେ ଆସନେ ତାହାର ॥
ପତ୍ନୀ ତା ପରଶିଲା ଆଣି । ବୋଇଲା ଶୁଣ ପ୍ରାଣମଣି ॥
ଯେବେ ଏତେକ ଖାଇଦେବ । ବଳିଷ୍ଠ ବୋଲି ଜଣାଯିବ ॥
ଶୁଣି ଶବର ତୋଷ ହୋଇ । ପ୍ରିୟାକୁ ଆଗରେ ବସାଇ ॥
ଅନେକ ପରିହାସ କଲା । ଗୁରୁଙ୍କ ଆଜ୍ଞା ପାସୋରିଲା ॥
ମାଂସ ଖଣ୍ଡିକ ହସ୍ତେ ଧରି । ନାମ ନ ବୋଲି ତୁଣ୍ଡେ ଭରି ॥
ଗିଳିଲାବେଳେ ମନେ ତାର । ପଡ଼ିଲା ଗୁରୁ କହିବାର ॥
ବୋଇଲା ଧିକ ମୋ ଜୀବନ । ଛାଡ଼ିଲି ଗୁରୁଦେବା ଜ୍ଞାନ ॥
ଏ ଦେହେଁ ପ୍ରୟୋଜନ କିସ । ଛାଡ଼ିଲି ଜୀବନର ଆଶ ॥
ଏମନ୍ତ ବୋଲି ଦୁଃଖାନ୍ତରେ । ଟଣ୍ଟି ଧରିଲା ବାମକରେ ॥
ଟର୍ଭକୁ ଯିବ ବୋଲି କରି । ଭିଡ଼ି ଧରିଲା ଆଣ୍ଠି କରି ॥
ଭାର୍ଯ୍ୟାକୁ ବୋଇଲା ଲୋ ଶୁଣ । ଦାଡ଼ୁଆ କାଣ୍ଡ ପଟେ ଆଣ ॥
ଖଣ୍ଡା ବା କଟୁରି କୁରାଢ଼ୀ । ଯେ ତୋର ହସ୍ତେ ଯିବ ପଡ଼ି ॥
ବହନ ଘେନି କରି ଆସ । ବିଳମ୍ବେ ନାହିଁ ଆଉ ଯଶ ॥
ମୁଁ ମୂଢ଼ ମନ୍ଦକୃତ୍ୟ କଲି । ଶ୍ରୀରାମ ନ ବୋଲି ଭୁଞ୍ଜିଲି ॥
ଆଣ୍ଠେ ମୁଁ ଧରିଅଛି ଟଣ୍ଟି । କଣ୍ଠ ତଳରୁ ଦେବ କାଟି ॥
ସେ ମାଂସ କାଢ଼ି ପକାଇବ । ମୁଖ ଧୋଇଣ ଶୁଚି ହେବ ॥
ଚିନ୍ତି ଶ୍ରୀଗୁରୁଦେବା ଜ୍ଞାନ । ପୁଣି ମୁଁ କରିବ ଭୋଜନ ॥
ଶୁଣି ଯୁବତୀ ବୋଲେ ଥାଇ । ତୋତେ କିଏ ସେ କଲା ବାଇ ॥
ଟଣ୍ଟି କାଟିଲେ ତୁ ମରିବୁ । ଏଖଣି ଜୀବନ ହାରିବୁ ॥
ଏ ବୁଦ୍ଧି କେହୁ ଦେଲା ତୋତେ । ଅନାଥ କରିବୁ କି ମୋତେ ॥
ଛାଡ଼ ତୁ ଏମନ୍ତ ସାହସ । ତୁଣ୍ଡୁ ପକାଇ ଦିଅ ମାଂସ ॥
ତା ଶୁଣି ବୋଲଇ ଶବର । ସେ ପୁଣି ନୁହଇ ବାହାର ॥

ମୀନର କଣ୍ଟା ପ୍ରାପ୍ତ ହୋଇ । ସେ ଗଳେ ଲଗିଣ ଅଛଇ ॥
ତଣ୍ଟିରୁ କାଢିଦେଲେ ହସ୍ତ । ଗର୍ଭକୁ ଯିବଟି ତ୍ୱରିତ ॥
ଶୁଣି ଯୁବତୀ ଡକା ପାଡ଼ି । ବୋଲଇ ହସ୍ତେ ଦିଅ କାଢ଼ି ॥
ଗର୍ଭକୁ ପଛେ ଯାଉ ମାଂସ । ନୋହିଲେ ମରିବୁ ଅବଶ୍ୟ ॥
ତୋ ପିଣ୍ଡୁ ଛାଡ଼ିଗଲେ ପ୍ରାଣ । ମୁଁ ବଷ ଖାଇବ ପ୍ରମାଣ ॥
ଲଗିବ ସ୍ତ୍ରୀହତ୍ୟା ତୋତେ । ବୋଲି ଧଇଲା ବଷ ହସ୍ତେ ॥
ତା ଦେଖି ବୋଲଇ ଶବର । ତୁ ପଛେ ନଷ୍ଟେ ମଲେ ମର ॥
ଯାବତ ସୃଷ୍ଟି ପ୍ରଳେ ହେଲେ । ସତ୍ୟ ମୁ ନ ଲଙ୍ଘିବ ଭଲେ ॥
ନଶାରେ ଉଦେ ଦିନକର । ଶୀତଳ ହେବ ବୈଶ୍ୱାନର ॥
ବୃକ୍ଷ ପର୍ବତ ଗତାଗତ । ସାଗର ଲଙ୍ଘ ବ ଜଗତ ॥
କଳଙ୍କ ତେଜ ନଶାକର । ମୁନିଏ ହେବେ ଅନ୍ୟାଚାର ॥
ସତୀଏ ନଜ ପତି ଛାଡ଼ି । ଅନ୍ୟ ପୁରୁଷ ସଙ୍ଗେ ଛଡ଼ି ॥
ଏ ଉତପାତମାନ ହେଲେ । ସତ୍ୟ ମୁଁ ନ ଲଙ୍ଘିବ ଭଲେ ॥
କରିବ ଗୁରୁଙ୍କ ବଚନ । ଯାଉ ବା ଥାଉ ଏ ଜୀବନ ॥
ଏଥେ ବଚାର ନାହିଁ ମୋର । ତାହା ଜାଣନ୍ତି ରଘୁବୀର ॥
ଏମନ୍ତ ବୋଲି ଉଠଗଲା । ପ୍ରଚଣ୍ଡ କାତ୍ତ୍ରେକ ଆଣିଲା ॥
କ୍ଷୁରଧାରହୁଁ ଅତି ଗାଢ଼ । କାଟନ୍ତେ ଛାଡ଼ିଯିବ ହାଡ଼ ॥
କଣ୍ଠରେ ବସାଇଲା ନେଇ । ତାହା ଜାଣିଲେ ଭବଗ୍ରାହୀ ॥
ଯେ ପ୍ରଭୁ ଭକତ ବତ୍ସଳ । ଭକତଭବ ଯାର ମୂଳ ॥
ନାହିଁ ତା ଉଚ ନୀଚ ଜାତି । ନ ଥାଇ ଧର୍ମାଧର୍ମ କାନ୍ତି ॥
ନିଷ୍କାମଶକ୍ତ ଏକା ଥିବ   ହୃଦ୍ୟରେ ଯାର ଦୃଢ଼ ହେବ ॥
ସେ ତାର ମିତ୍ର ସମ ପର । ତାହାକୁ ଜିଣିଥାନ୍ତି ହରି ॥
ଏ କଥା ଅଟଇ ପ୍ରମାଣ । ସକଳ ଶାସ୍ତ୍ରେ ଏ ବଖାଣ ॥
ମାୟାରେ ବିପ୍ରରୂପ ହୋଇ । ବିଜୟ କଲେ ଭବଗ୍ରାହୀ ॥
ଛଟକ ବଦ୍ୟୁପ୍ରାୟ ଦିଶି । ଆକାଶୁ ପଡ଼ିଲେ କି ଖସି ॥
ଶବର ଆଗେ ହେଲେ ଉଭା । କେ କହୁ ତାହାଙ୍କର ଶୋଭା ।

ଅଳପ ମୃଦୁ ମୃଦୁ ହସି । କହନ୍ତି ପ୍ରଭୁ ବ୍ରହ୍ମରାଶି ॥
ଶୁଣରେ ଆନନ୍ଦା ଶବର । କମ୍ପା କାନ୍ଦୁଛି ପତ୍ନୀ ତୋର ॥
ତୁ ହସ୍ତେ କାଣ୍ଡପଟେ ଧର । କମ୍ପା ତଣ୍ଟିରେ ଅଛୁ ଭରି ॥
ରୁଧିର ଗଳେ କି ନମନ୍ତେ । ଫେଡ଼ିଣ କହ ତୁହି ମୋତେ ॥
ତା ଶୁଣି ଶବରର ନାରୀ । କାନ୍ଦଇ ବିପ୍ର ପାଦ ଧରି ॥
କାହୁଁ ବିଜୟ କଲ କନା । ଜୀବନ ରଖ ବାରେ ସିନା ॥
ପତି ମୋ କାଟୁଅଛି ତଣ୍ଟି । ଛଡ଼ାଇ ନିଅ କାଣ୍ଡଗୋଟି ॥
ତା ଶୁଣି କହଇ ଶବର । କାଣ୍ଡ କେ ଛଡ଼ାଇବ ମୋର ॥
ମୋ ସତ୍ୟବ୍ରତ କଲେ ନାଶ । ଅଧର୍ମ ପାଇବ ଅବଶ୍ୟ ॥
ଗୁରୁ ମୋ ଦେବା ତତ୍ତ୍ୱଜ୍ଞାନ । ଶ୍ରୀରାମ ସୁମର ଭୋଜନ ॥
କରିବୁ ବୋଲି ଆଜ୍ଞାଦେଲେ । ତାହା ମୁଁ ପାଶୋରିଲି ଖେଳେ ॥
ଦେଖ ମୋହର ମନ୍ଦକର୍ମ । ବିଧାତା ମୋତେ କଲା ଭ୍ରମ ॥
ଏଣୁ ମୁଁ ମରିବ ଅବଶ୍ୟ । ଏ ଦେହେ ପ୍ରୟୋଜନ କିସ ॥
ତା ଶୁଣି ବୋଲନ୍ତି ଶ୍ରୀହରି । ମଲେ ଅଜବୁ କେଉଁ ଶିରୀ ॥
ଛାଡ଼ ଆଜକ ଯାଉ କନା । କାଲି ଭଜନ କରୁ ସିନା ॥
ତା ଶୁଣି ବୋଲଇ ଶବର । ଭଲ କହିଲୁ ବିପ୍ରବର ॥
ଶ୍ରୀଗୁରୁ ଆଜ୍ଞା ଲଙ୍ଘି ମୁହିଁ । କେତେ କାଳହିଁ ବଞ୍ଚିବଇଁ ॥
ଅବଶ୍ୟ ଥରେ ତ ମରିବ । କମ୍ପା ନରକେ ସଞ୍ଚରିବ ॥
ଏଣୁ ନ ବୋଲ ମୋତେ କିଛି । ନିଶ୍ଚୟ ପ୍ରାଣ ଦେଉଅଛି ॥
ଏମନ୍ତ ବୋଲି କାଣ୍ଡଧରି । ତଣ୍ଟି କାଟନ୍ତେ ଆଣ୍ଟ କରି ॥
ତା ଦେଖି ପ୍ରଭୁ ରଘୁନାଥ । ବେଗେ ଧଇଲେ ତାର ହସ୍ତ ॥
ବୋଇଲେ ତୁ ରେ ଭକ୍ତମଣି । ଆମ୍ଭେ କୋଦଣ୍ଡ ଚକ୍ରପାଣି ॥
ଆମ୍ଭେଟି ଜଗତ ଈଶ୍ୱର । ତୁ ମନେ ସନ୍ଦେହ ନ କର ॥
ତା ଦେଖି ବୋଲଇ ଶବର । ଦେଖାଅ ନିଜ ରୂପ ତୋର ॥
ଗୁରୁ କହିଲେ ଯେଉଁ ରୂପ । ଦେଖିଲେ ସେ ରାମ ସ୍ୱରୂପ ॥
ତେବେ ମୁଁ ପରତେ କରିବି । ନୋହିଲେ ଜୀବନ ହାରିବି ॥

ଶୁଣି ବୋଲନ୍ତି ଦେବରାଜ | ତୋହର ବେନି ଚକ୍ଷୁ ବୁଜ ||
ଶୁଣି ଶବରୀ ତୋଷମନ | ତକ୍ଷଣେ ବୁଜିଲା ନୟନ ||
ଭକତବତ୍ସଳ ଦେବ ହରି | ତକ୍ଷଣେ ନିଜରୂପ ଧରି ||
ଭକତ ଆଗେ ହେଲେ ଉଭା | କୋଟି କନ୍ଦର୍ପ ରୂପ ଶୋଭା ||
କୋଟିଏ ଇନ୍ଦ୍ର ନୀଳମଣି | କାନ୍ତିକି ଯିବେ ନିଉଛୁଣି ||
ସେ ଦୁର୍ବାଦଳ ନବଘନ | ଜିଣି ସୁନ୍ଦର ସୁବଦନ ||
ଚନ୍ଦ୍ର ବଦନ ବିମ୍ବାଧର | ରାଜୀବ ଲୋଚନ ସୁନ୍ଦର ||
ଅତି ବିସ୍ତାର ବକ୍ଷସ୍ଥଳ | ବଳଣି ସୁବାହୁ ଯୁଗଳ ||
କାନ୍ତ କୋଦଣ୍ଡ ବେନି ଭୁଜେ | ଅଶେଷ ଦୁଷ୍ଟ ଦର୍ପ ଗଞ୍ଜେ ||
କଣ୍ଠେ କୌସ୍ତୁଭମଣି ଲୁଳେ | ଶ୍ରୀବତ୍ସ ଚିହ୍ନ ହୃଦସ୍ଥଳେ ||
ହେମକଙ୍କଣ ବେନିକର | କଟୀରେ ଶୋହେ ପୀତାମ୍ବର ||
ହେମ ମେଖଳା ତଥି ସାଜେ | କୋଟିଏ ରବିତେଜ ଗଞ୍ଜେ ||
ଚରଣେ ସୁରଙ୍ଗ କଠାଉ | ତେଜେ ବିରାଜେ ଦାଉ ଦାଉ ||
ସେ ପାଦପଦ୍ମେ ଶୋଭାବନ | ଦିଶଇ ଅଷ୍ଟାଦଶ ଚିହ୍ନ ||
ଅରୁଣ କୋକନଦ ଛବି | ଭକତ ସୁଖ ଯାହା ଭାବି ||
ଏମନ୍ତ ସ୍ୱରୂପ ଦର୍ଶନ | କରି ଶବରୀ ତୋଷମନ ||
ସର୍ବ ସଂଶୟ ଗଲା ଫିଟି | ଶବରୀ ତାଙ୍କ ପାଦେ ଲୋଟି ||
ଶ୍ରୀରାମ ବୋଲନ୍ତି ଶବରୀ | ଉଠି ତୁ ମାଗି ନେନ ବର ||
ତା ଶୁଣି ଶବରୀ ଆନନ୍ଦ- | ବୋଲଇ ନମୋ ଆଦିକନ୍ଦ ||
କି ବର ମାଗିବି ଗୋସାଇଁ | ପ୍ରଭୁ ପଣକୁ ଲୁଚିଯାଇ ||
ସବୁ ମିଳିଲା ପ୍ରଭୁ ମୋତେ | କେବଳ କୃପା ରଖ ଚିତ୍ତେ ||
ତା ଶୁଣି ପ୍ରଭୁ ରଘୁନାଥ | ବୋଇଲେ ଶୁଣସିରେ ଭକ୍ତ ||
ଜୀବନେ ସର୍ବ ସୁଖେ ଥାଅ | ମଲେ ବୈକୁଣ୍ଠେ ଠାବ ପାଅ ||
ଏମନ୍ତ ଆଜ୍ଞା ତାକୁ ଦେଇ | ଅନ୍ତରେ ହେଲେ ଭବଗ୍ରାହୀ ||
ଶୁଣ ସୁମନ ଏ ଚରିତ | ପ୍ରଭୁଙ୍କ ମହିମା ଏମନ୍ତ ||
ନିଷ୍କାମ ଭକ୍ତି ଦୃଢ଼ ଯାର | ତା ଭାବେ ବଶ ଦାମୋଦର ||

କହଇ ବିପ୍ର ରାମ ଦାସ । ମୋ ପ୍ରଭୁ କମଳା ବିଳାସ ॥
ସେ ପାଦପଦ୍ମ ହୃଦେ ଭାବି । କୋଟିଏ ବାର ଲୁଟିଯିବି ॥
ସୁଜନେ ଏହି ରସେ ରସ । ଏ ଭବ ସମୁଦ୍ରେ ନ ଭାସ ॥
କସ କହିବ ମୁହିଁ ଛାର । ସେ ସାଧୁଜନଙ୍କୁ ଗୋଚର ॥
ହରି ଭକତଜନ କଥା । ତାହାକୁ ସତ୍ୟ ଏହୁ କଥା ॥
ଏଣୁ ଅଧମ ରାମ ଦାସ । ସାଧୁ ଚରଣେ କଲା ଆଶ ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତିରସାମୃତେ ମନଚୈତନ୍ୟ ସମ୍ବାଦେ
ଆନନ୍ଦା ବେର ଦାର୍ଢ୍ୟତାଭାବ ବର୍ଣ୍ଣନେ ନାମ
ଊନପଞ୍ଚାଶୋଽଧ୍ୟାୟଃ ।

—*—

## ପଞ୍ଚାଶ ଅଧ୍ୟାୟ
## ଅଜାମିଳ ପଣ୍ଡା ସମ୍ବାଦ

ନମସ୍ତେ ପ୍ରଭୁ ରାମଚନ୍ଦ୍ର । ଶ୍ରୀ ସୂର୍ଯ୍ୟ ବଂଶର ନରେନ୍ଦ୍ର
ରଘୁବଂଶର ଚୂଡ଼ାମଣି । ଧରଣୀସୁତା ପ୍ରାଣମଣି ॥
କୌଶଲ୍ୟା ଗର୍ଭୁ ଅବତାର । ମହିମା ଦେବେ ଅଗୋଚର ॥
ଏଣୁ ଶରଣ ରାମ ଦାସ । ତୋର ମହିମା କୁ ପ୍ରକାଶ ।
ଏଥି ଉତ୍ତରେ ମନରଜା । ଚୈତନ୍ୟ ପାଦେ ପରି ପୂଜା ॥
ବୋଇଲା ଶୁଣ ଶୁଦ୍ଧଚେତା । କହିଲ ଭକ୍ତବୃନ୍ଦ କଥା ॥
କୋଟିଏ ଜନ୍ମର କଲ୍ମଷ । ଶ୍ରବଣମାତ୍ରେ ଗଲା ନାଶ ॥
ଭକତଠାରେ ସେ ଶ୍ରୀବତ୍ସ । ହୁଅନ୍ତି ଏଡ଼େ ସାନ୍ଦ୍ର ହର୍ଷ ॥
ତା ଶୁଣି ମୋ ମନ ଆନନ୍ଦ । ହୋଇ ଛିଡ଼ିଲେ ଭବବନ୍ଧ ॥
ଏମନ୍ତ ଦୃଢ଼ଭକ୍ତି କରି । ଭକତ ବୃନ୍ଦ ଗଲେ ତରି ॥
ଯେ ଦୃଢ଼ ନ କରିପାରିବ । କହ ସେ କରୂପେ ତରିବ ॥
କେମନ୍ତେ ଭବୁଁ ହେବ ପାର । ନ ଯିବ ଜନମ ଜଠର ॥
ତାହା ଜାଣିଥିଲେ କହ । ଫିଟୁ ମୋ ମନର ସନ୍ଦେହ ॥
ଏମନ୍ତ ଶୁଣି ଚଇତନ । କହଇ ମଧୁର ବଚନ ॥

ଶୁଣ ସୁମନେ ତତ୍ତ୍ୱଗାଥା । ତୁ ଯେ ପୁଚ୍ଛିଲୁ ଯେଉଁ କଥା ॥
ଏ ବିଷ୍ଣୁ ମାୟାରେ ଜଗତେ । ପ୍ରାଣୀ ଅଛନ୍ତି ଯହିଁ ଯେତେ ॥
ବିଷୟ ଅର୍ଥେ ଚିତ୍ତ ଜଡ଼ି । ଲଗାଇ କଳ୍ପନା ଦଉଡ଼ି ॥
କରନ୍ତି ଯେତେ ଯେତେ କର୍ମ । ଏ ସବୁ ମନର ଭରମ ॥
ଧନ କାମିନୀ ପୁତ୍ର ଆଶେ । ବଞ୍ଚନ୍ତି ରଜନୀ ଦିବସେ ॥
ଅତି ଆନନ୍ଦ ମନେ ଭାଳି । ଏମନ୍ତ ଜୀବର ଶାଙ୍କୋଳି ॥
ଆପଣା ସୁଖେ ଯତ୍ନ କରି । କରି ଚରଣ ବାନ୍ଧ ଧରି ॥
ନିଜ ନିସ୍ତାର ପଥ ଛାଡ଼ି । ମରନ୍ତି ଭବଜଳେ ବୁଡ଼ି ॥
ପ୍ରପଞ୍ଚଯାକ ଏହିମତେ । ଭ୍ରମୁ ଅଛନ୍ତି ଏ ଜଗତେ ॥
କେମନ୍ତେ ହେବ ପରିତ୍ରାଣ । ନାହିଁ ଏ ଜୀବନ କାରଣ ॥
କେବଳ କଥା ଏକ ଅଛି । ଯେ ସାଧୁ ସଙ୍ଗେ ଦିନ ବଞ୍ଚି ॥
ତାହାଙ୍କ ମୁଖୁଁ ଶୁଣି ଜ୍ଞାନ । ଯେ ନାମ କରିବ ଭଜନ ॥
ଛୁଡ଼ିବ ଭବବନ୍ଧ ତାର । ନ ଦେଖେ ଜନନୀ ଜଠର ॥
ଆଉ ନ ପିଏ ମାତୃ ସ୍ତନ । ହେ ମନ ହେତୁ କରି ଘେନ ॥
ଏ ଜୀବ ହେବାକୁ ଉଦ୍ଧାର । କେବଳ ନାମମାତ୍ର ସାର ॥
ତା ଶୁଣି ମନ ନୃପବର । ବୋଲେ କହିଲ ଚମତ୍କାର ॥
ନରଙ୍କେ ହୋଇଣ ଅଜ୍ଞାନ । ବିଷୟ ଜଡ଼େ ହୋଇ ଛନ୍ନ ॥
ନିଶି ଦିବସେ ଧନ ବାଞ୍ଛି । ନ କରି ପୁଣ୍ୟକର୍ମ କିଛି ॥
କାମିନୀ ସଙ୍ଗେ ହୋଇ ରତ । ନ ଥିବ ଦୟା ଧର୍ମେ ଚିତ୍ତ ॥
କେବଳ ନାମମାତ୍ର ଧରି । ସଂସାରୁ ଯିବୁ କିପରି ॥
ତା ଶୁଣି କହେ ଚଇତନ । ହେ ମିତ୍ର ଶୁଣ ମୋ ବଚନ ॥
ନାମର ମହିମା ଅପାର । ନାମଟି ସଂସାରରେ ସାର ॥
ନାମ ମହିମା ଏତେ ଯେତେ । ବୋଲ କେ କହିବ ଜଗତେ ॥
ମୋ ଶକ୍ତି କେତେକ ଗରିମା । କହିବ ନାମର ମହିମା ॥
ଅଷ୍ଟାଦଶ ପୁରାଣ ମଧ୍ୟରେ । ଯାହା ଶୁଣିଣ ଶ୍ରବଣରେ ॥
ତାହା କହୁଛି ଏବେ ଶୁଣ । ଥିଲା ସେ ଏକଇ ବ୍ରାହ୍ମଣ ॥

ହେ ମନ ହେଉକର ବୁଝ । ନାମ ତା ଅଜାମିଳ ଦ୍ୱିଜ ॥
ଯହୁଁ ହୋଇଲା ଯୁବାକାଳ । ଛାଡ଼ିଲା ଗୃହ ସଙ୍ଗ ମେଳ ॥
ବ୍ରାହ୍ମଣ କର୍ମ ଧର୍ମ ଛାଡ଼ି । ଅଧର୍ମମାର୍ଗେ ଯାଇ ପଡ଼ି ॥
ଶବରୀ ନାରୀ ଗୋଟି ଧରି । ବନେ ରହିଲା ଗୃହ କରି ॥
ଅତି ଆନନ୍ଦ ହୋଇ ଚିତ୍ତେ । ରହିଲା ସେ ନାରୀ ସଙ୍ଗତେ ॥
ଯାହା ବୋଲଇ ସେହି ନାରୀ । ସେ ଆଜ୍ଞା ଶିରୋଗତ କରି ॥
ସେ ଯାହା ମାଗେ ଯେତେବେଳେ । ଆଣି ଖଟାଏ ପାଦତଳେ ॥
ଗୋମାଂସ କୁକୁଟ ଘୁଷୁରି । ଭକ୍ଷଇ ସୁରା ସଙ୍ଗେ ଭରି ॥
ବାଟେ ଜଗିଣ ଖଣ୍ଡା ପିଟି । ଆଣଇ ପରଧନ ଲୁଟି ॥
ଯୋଗୀ ଜଙ୍ଗମ ବ୍ରହ୍ମଚାରୀ । ଏହାଙ୍କୁ ଦେଖିଲେ ସଂହାରି ॥
ରାତ୍ରେ ପଶଇ ପରଘରେ । ଚୋରି କରଇ ନିରନ୍ତରେ ॥
ପଥେ ପକାଏ ବୃକ୍ଷକାଟି । କୂପ ଦେଖିଲେ ଭରେ ମାଟି ॥
ଦେଖିଲେ ଧର୍ମଶାଳାମାନ । ଅନେକ କରଇ ଦହନ ॥
ଶିବ ଲିଙ୍ଗକୁ ଦିଏ ଭାଙ୍ଗି । ବିଷ୍ଣୁ ପ୍ରତିମା ଦେଖି ଗଞ୍ଜି ॥
ଏକାନ୍ତେ ଦେଖି ପରନାରୀ । ବଳେ ରମଇ ତାକୁ ଧରି ।
ନା ଜାଣେ ଏ ଜାତି ସେ ଜାତି । ପାତକ ବୋଲି ନାହିଁ ଭୀତି ।
ଇତ୍ୟାଦି ଆଉ ପାପ ଯେତେ । କର୍ମା ଉଠିବ ତାକୁ ଚିତ୍ତେ ।
ଏମନ୍ତେ ସେ ବ୍ରହ୍ମଚଣ୍ଡାଳ । ପାପ ଆଚରେ ଗଲା କାଳ ।
ଜାଣଇ ଏକା ପରନାଶ । ସାଧୁଙ୍କ ଗୋଷ୍ଠୀ ତାକୁ ବିଷ ॥
ଦିନେ ସେ ରାମକୃଷ୍ଣ ହରି । ବୋଲି ବଦନେ ତା ନ ଧରି ॥
ଏମନ୍ତେ ଗଲା କେତେ କାଳ । ଶୁଣ ହେ ମନ ମହୀପାଳ ॥
ଚଣ୍ଡାଳୀ ସଙ୍ଗେ ହୋଇ ରତ । ତା ଗର୍ଭୁ ପାଞ୍ଚ ପୁତ୍ର ଜାତ ॥
ତାହାଙ୍କ ନାମ ଦେଲା ଶୁଣ । ରାମ ଗୋବିନ୍ଦ ନାରାୟଣ ॥
କୃଷ୍ଣ କେଶବ ପାଞ୍ଚ ଭାଇ । ବୋଲି ସେ ନାମମାନ ଦେଇ ॥
ତାହାଙ୍କୁ ଦେଖି ଆନନ୍ଦରେ । ବଞ୍ଚଇ ରଜନୀ ବାସରେ ॥
ଏମନ୍ତେ କେତେ ଦିନ ଗଲା । ଆସିଣ ମୃତ୍ୟୁକାଳ ହେଲା ॥

ତା ମୃତ୍ୟୁ ଦେଖିଣ ସାକ୍ଷାତେ । ଆସି ଭେଟିଲେ ଯମଦୂତେ ॥
ସମସ୍ତେ ଶସ୍ତ୍ର ଛନ୍ତି ଧରି । ଯେ କାଳଫାଶ ଆଦି କରି ॥
ବେଢ଼ିଣ କରନ୍ତି ଗର୍ଜ୍ଜନ । ଦେଖାଇ ମହାଭୟ ମାନ ॥
ଫାଶ ଲଗାନ୍ତେ ତାର ଗଳେ । ଡାକଇ ପ୍ରାଣର ବିକଳେ ॥
ହେ ଜ୍ୟେଷ୍ଠପୁତ୍ର ନାରାୟଣ । ବେଗେ ତୁ ଆସରେ ଧାଇଁଣ ॥
ଏ ଦୁଷ୍ଟମାନେ କାହୁଁ ଆସି । ମୋ ଗଳେ ଲଗାଇଣ ଫାଶି ॥
ବାନ୍ଧିଣ ନେଉଛନ୍ତି ଧରି । ବେଗେ ଆସରେ ରାମ ହରି ॥
ତା ଶୁଣି ଯମଦୂତ ହାସି । ମିଳିଲେ ବିଷ୍ଣୁ ଦୂତେ ଆସି ॥
ସଙ୍ଗତେ ଦେବରଥ ଘେନି । ବଜାଇ ଜୟ ଶଙ୍ଖ ଧ୍ୱନି ॥
ଜୟ ଶବଦ ତୁଣ୍ଡେ କରି । ସେ ଅଜାମିଳ ଭୁଜ ଧରି ॥
ଆନନ୍ଦେ ହରିବୋଲ ଦେଇ । ରଥରେ ବସାଇଲେ ନେଇ ॥
ଯମଦୂତଙ୍କୁ ବିଷ୍ଣୁ ଦୂତେ । ଭର୍ତ୍ସନା କଲେ ନାନାମତେ ॥
ବୋଇଲେ ଶୁଣ ଆରେ ଦୂତେ । ସମୂଳେ ମରିବ ସମସ୍ତେ ॥
ବିଷ୍ଣୁ ଭକତ ଗଳେ ଫାଶ । ଲଗାଅ ଏଡ଼େକ ସାହସ ॥
ଏମନ୍ତ ବୋଲି ତାଙ୍କୁ ଧରି । ବିବିଧ ମତେ ମାଡ଼ ମାରି ॥
ବୋଇଲେ ପଳାଅରେ ବେଗେ । କହ ତୁମ୍ଭର ରାଜା ଆଗେ ॥
ସେଠାରୁ ଯମଦୂତେ ଡରି । ପଳାଇ ଗଲେ ବେଗ କରି ॥
ଏଣେ ସେ ବିଷ୍ଣୁ ଦୂତମାନେ । ବସାଇ ତାହାଙ୍କୁ ବିମାନେ ॥
ମୁଖରେ ଜୟ ଜୟ କରି । ଘେନିଣ ଗଲେ ବିଷ୍ଣୁ ପୁରୀ ॥
ବିଷ୍ଣୁ ଲୋକରେ ଗଣାହୋଇ । ବସିଲା ବିଷ୍ଣୁପୁରେ ଯାଇ ॥
ଏମନ୍ତ ପାପୀକି ଏ ଗତି । ଦେଲେ ସେ ପ୍ରଭୁ ଦାଶରଥି ॥
ଶୁଣ ସୁମନ ଏକଚିତ୍ତେ । ନାମର ମହିମା ଏମନ୍ତେ ॥
ନାମଟି ସର୍ବ ସୁଖମୟ । ନାମରୁ ଜଗତ ଉଦୟ ॥
ନାମ ସକଳ ଘଟେ ବସେ । ଥାଇ ସେ କାହିଁରେ ନ ମିଶେ ॥
ନାମର ରୂପରେଖ ମାନ । ବେଦ ନ କରେ ଅନୁମାନ ॥
ସିଦ୍ଧ ଯୋଗୀନ୍ଦ୍ର ମୁନି ଯେତେ । ନାମକୁ ଭଜନ୍ତି ଜଗତେ ॥

ନାମର ମହିମା ଅଶେଷ । ଶେଷ ନ ଜାଣନ୍ତି ତା ଲେଶ ॥
ବିବୁଧଆଦି ଆଖଣ୍ଡଳେ । ଆବର ଦଶ ଦିଗପାଳେ ॥
ରବି ଶଶାଙ୍କ ଆଦି ଯେତେ । ନାମର ମହିମା କହିତେ ॥
କାହୁଁ ଜାଣିବେ ସେହିମାନେ । ଅଦ୍ୟାପି ଘୂରୁଛନ୍ତି ମନେ ॥
ଦେଖ ଏ ଜଗତର ପିତା । ପୁଣି ସେ ସୃଷ୍ଟିର କରତା ॥
ନାମ ତାଙ୍କର ଅଟେ ବ୍ରହ୍ମା । ନ ଜାଣେ ସେ ନାମ ମହିମା ॥
ଅଦ୍ୟାପି ଭ୍ରମନ୍ତି ସଂସାରେ । ଜନ୍ମ ମରଣ ଲଭିବାରେ ॥
ନାମରୁ ଅର୍ଦ୍ଧେକ ଭୁଷଣ୍ଡି । ଭଜ ଅମର କଲି ପିଣ୍ଡି ॥
କେବଳ ନାମରେ ବିଶ୍ୱାସ । କରନ୍ତି ଏକା ଦିଗବାସ ॥
ସେ ନାମାମୃତ ରସ ପିଇ । ରହିଲେ ମୃତ୍ୟୁଞ୍ଜୟ ହୋଇ ॥
ଜଗତେ ତ ବୋଲନ୍ତି ଈଶ୍ୱର । ଏଣୁ ଜାଣନ୍ତି କିଛି ହର ॥
ଆଉ ଇତର ଜନ ଯେତେ । ସେ କାହିଁ ଜାଣିବେ କହିତେ ॥
ସେ ରାମ ନାମାକ୍ଷର ଦୁଇ । ମହିମା ଅନ୍ତ ଯାର ନାହିଁ ॥
ଆକାଶେ ବୋଲିଏ ଅନନ୍ତ । ତାକୁ ବା କେ କରିଛି ଅନ୍ତ ॥
ଗଣା ହୋଇବ ସ୍ୱର୍ଗତାରା । ଆବର ବରଷାର ଧାରା ॥
ପୃଥ୍ୱୀରେ ରେଣୁ ଅଛି ଯେତେ । ସମୁଦ୍ର ଲହରୀ ସହିତେ ॥
ଏ ସବୁ ଅବା ଗଣା ହେବ । ନାମ ମହିମା କେ କହିବ ॥
ଏଣୁ ଏ ନାମ ଭଜନରେ । ଯେ ଜନ ଥିବ ଏ ସଂସାରେ ॥
ସେ ପ୍ରାଣୀ ତରିବେ ଅବଶ୍ୟ । ତାଙ୍କୁ ପାତକ ଛୁର କସ ॥
ନ ଯାଉ ତାର ଦାନ ପୁଣ୍ୟ । ନ କରୁ ତୀର୍ଥଜଳେ ସ୍ନାନ ॥
କରି ନ ଯାଉ ଯକୋଟି । ବିଷୟୀ ରସେ ଥାଉ ମତି ॥
ନ କରୁ ହୋମ ଯଜ୍ଞମାନ । ନରକେ ହେବ ନି ସ୍ଥାନ ॥
ଯହିଁ ବୋଲଇ ତହିଁ ଥାଉ । ଯେଣିକି ଇଚ୍ଛା ତେଣେ ଯାଉ ॥
କେବଳ ନାମରେ ବିଶ୍ୱାସ । ଥିଲେ ସେ ତରିବ ଅବଶ୍ୟ ॥
ଏଥି ସଂଶୟ ନାହିଁ ଜାଣ । ସକଳ ଶାସ୍ତ୍ର ମୁଖେ ଶୁଣ ॥
ନାମଟି ଏଡ଼େ ତେଜୋମୟ । ତୁଳା ପର୍ବତେ ଅଗ୍ନି ଖାୟ ॥

କ୍ଷଣକେ କରେ ଭସ୍ମରାଶି । ଯେସନେ ପାପକୁଳ ଧ୍ୱଂସି ॥
ଉଦୟ ହେଲେ ଦିବାକର । ଯେହ୍ନେ ନାଶଇ ତମ ଘୋର ॥
ଯେସନେ ଶରଦର କାଳ । ଜଳୁ ବନାଶେ ସବୁ ମଳ ॥
ତେସନେ ନାମ ଉଚ୍ଚାରଣେ । ପାପ ପଳାନ୍ତି ଏଣେ ତେଣେ ॥
ନିର୍ମଳ ହୁଏ ତାର ଅଙ୍ଗ । ସେତୁ ଏ ବିଷ୍ଣୁଲୋକ ସଙ୍ଗ ॥
ଏଣୁ ଏ ରାମନାମ ବାଣୀ । ସେ ସବୁ ପରେ ଶିଖାମଣି ॥
କୋଟିଏ ଯଜ୍ଞ ଯେବେ କରି । ନାମ ଗୋଟିକୁ ନୁହେଁ ସରି ॥
ମେରୁ ପ୍ରମାଣ ରତ୍ନମାନ । ବ୍ରାହ୍ମଣ ହସ୍ତେ ଦେବ ଦାନ ॥
ବସାଇ ଅନେକ ଶାସନ । ଭୂମି ମଣ୍ଡଳ ଦେବ ଦାନ ॥
ଗୋଗୋଷ୍ଠ ଲକ୍ଷ ଲକ୍ଷ କରି । ସୁବର୍ଣ୍ଣ ଅଳଙ୍କାର ଭରି ॥
ଆବର ସବସ୍ତ୍ରା ସହିତେ । ଦାନକୁଁ ଦେବ ଅପ୍ରମିତେ ॥
ଗଜ ତୁରଙ୍ଗ ଆଦି ଯେତେ । ବିପୁଳ ମନ୍ଦିର ସହିତେ ॥
ଦରିଦ୍ରେ ଦେବ ମିଷ୍ଟ ଅନ୍ନ । କୋଟି ସଂଖ୍ୟାରେ ଦେବ ଦାନ ॥
ଗ୍ରୀଷମ କାଳେ ଜଳଛତ୍ର । ଚର୍ମ ପାଦୁକା ଅପ୍ରମିତ ॥
ଅନେକ ବ୍ୟାଧିବନ୍ତ ନର । ତାହାଙ୍କ କରି ଉପକାର ॥
ଅଣାଇ ବୈଦ୍ୟ ମହୌଷଧି । ଭଲ କରାଉଥିବ ବ୍ୟାଧି ॥
ଏ ସବୁ ପୁଣ୍ୟ ତୁଳ କରି । ନାମ ଭଜନେ ନୋହେ ସରି ॥
ତରାଜୁ ଧରି ତୁଳ କରି । ପଡ଼ିବ ରାମ ନାମାବଳୀ ॥
ଏମନ୍ତ ଶ୍ରୀରାମ ମହିମା । କେ ମୁଖେ କହିବ ଗାରିମା ॥
ଧନ୍ୟ ସେ ରାମନାମ ଗୋଟି । ଭବ ବନ୍ଧନ ପାଟରେ କାଟି ॥
ପ୍ରାଣୀଙ୍କ ଲଲାଟ ଲିଖନ । ଦଣ୍ଡେକେ କରିପାରେ ଆନ ॥
ଯାହା ନୋହିବ ଏ ଜଗତେ । ସେ କରି ପାରିବ ସାକ୍ଷାତେ ॥
ଦେଖ ଏ ନିବଡ଼ ପାଷାଣ । ଲାଗିବା ମାତ୍ରେ ଶ୍ରୀଚରଣ ॥
ତକ୍ଷଣେ ହୋଇଲା ସୁନ୍ଦରୀ । ଆନେ କେ ପାରେ ଏହା କରି ॥
ଦେଖ ସେ ଆଜ୍ଞା ଅଲୌକିକ । ନାହିଁ ନୋହିବ ଏ ଜଗତ ॥
ଶବଦ କୋଟିଏ ସଂଖ୍ୟାରେ । ନେଇ ଏକାନ୍ତେ ରତ୍ନାକରେ ॥

ଭସଲ ସୋଲଭେଳା ଯଥା । ଆଜକୁ ରହିଛି ସେ କଥା ॥
ଦେଖ ବିଧାତାଠାରୁ ବର । ପାଇ ଅମର ଦଶଶିର ॥
ବଧିଲେ ତାହାର ଜୀବନ । ଧାତା ଲେଖନ କରି ଆନ ॥
କାଳେ ସେ ଲଭିଲା ମରଣ । ଅମର କଲେ ବିଭୀଷଣ ॥
ମାର୍କଣ୍ଡେ ବ୍ରହ୍ମ ପଦ ଦେଲେ । ବେଶ୍ୟା ନାୟିକ ସ୍ୱର୍ଗେ ନେଲେ ॥
ମନୁଷ୍ୟେ ଦେଲେ ଧାତା ପଦ । ସ୍ୱର୍ଗରେ ଇନ୍ଦ୍ର ପ୍ରହଲ୍ଲାଦ ॥
ସାଧବୀ ନାରୀକ ଦୋଗୃଷ । କଲେ ସେ ଜଳନ୍ଧର ନାଶ ॥
ସପତ ସମୁଦ୍ରର ଜଳ । ନାରିଚ ଅଗ୍ରେ କଲେ ଠୂଳ ॥
ଏମନ୍ତ ଯେହୁ କରିପାରେ । କିସ ଉପମା ଦେବ ତାରେ ॥
ସବୁରି ଆତ୍ମା ଆତ୍ମାରାମ । ଆଉ କେ ଅଛି ତାକୁ ସମ ॥
ଏଣୁ ସେ ନାମେ ଆଶ୍ରା ଯାର । ସଂସାରେ ଭୟ ନାହିଁ ତାର ॥
ନଷ୍ଟେ ସେ ହେଲା ପରିତ୍ରାଣ । ହେ ମନ ସତ୍ୟ ବୋଲି ଜାଣ ॥
ଏଣୁ ସେ ନାମ ରତ୍ନ ଗୋଟି । ମନ ବସନେ ବାନ୍ଧ ଗଣ୍ଠି ॥
ହୃଦସମ୍ପଦ ମଧ୍ୟେ ଭରି । ଦୃଢ଼ ତାଙ୍କୁଣୀ ତହିଁ କରି ॥
ଜାଗ୍ରତେ ଜାଗ ସର୍ବକାଳେ । ପାସୋରି ନ ଯାଅ ତୁ ତାଳେ ॥
ହେଜ ଜୀବକୁ କରି ଦକା । ନିତିହିଁ ଦେଖୁଥିବ ଏକା ॥
ସୁଚେତା ରଖ ଜଗୁଆଳ । କିସ କରିବ ମୃତ୍ୟୁକାଳ ॥
ଏହି ସେ ସର୍ବ ଧର୍ମସାର । ହେ ମନ ସନ୍ଦେହ ନ କର ॥
ସକଳ ବେଦଶାସ୍ତ୍ରେ ଶୁଣ । ଈଶ୍ୱର ବାକ୍ୟ ଏ ପ୍ରମାଣ ॥
ନାରଦ ଆଦି ମୁନି ଯେତେ । ଯେ ବ୍ରହ୍ମଜ୍ଞାନୀଙ୍କ ସହିତେ ॥
ତାଙ୍କ ବଚନ ଏହୁ ସତ୍ୟ । ଶୁଣ ହେ ମନ ମହାତତ୍ତ୍ୱ ॥
କେବଳ ତୋର କୃପା ଥାଉ । କଛିହିଁ ଭୟ ନାହିଁ ଆଉ ॥
ହେ ମନ ଶୁଣ ଶୁଦ୍ଧଚିତ୍ତେ । ନାମର ମହିମା ଏମନ୍ତେ ॥
ସେ ରାମ ନାମଗୋଟି ମୋର । ନିରତେ ରହୁ କଣ୍ଠ ହାର ॥
ସୁଜନେ ଏହି ରସେ ରସ । ନିରତେ ରାମ ନାମ ଘୋଷ ॥
ଏ ଭବ ବ୍ୟାଧିକି ଔଷଧି । ଜାଣ କେବଳ ଦୟାନିଧି ॥

ମୁକୁନ୍ଦ ମାଧବ ମୁରାରି । କୃଷ୍ଣ କେଶବ ଦଇତ୍ୟାରି ॥
ପରମାନନ୍ଦ ବସୁଦେବ । ହରି ଗୋବିନ୍ଦ ପଦ୍ମନାଭ ॥
ଶ୍ରୀ ନାରାୟଣ ଚକ୍ରପାଣି । ବାସବତ୍ସଳ ଯାନମଣି ॥
ଶ୍ରୀ ଜଗନ୍ନାଥ କୃପାସିନ୍ଧୁ । ଦାସବତ୍ସଳ ଦୀନବନ୍ଧୁ ॥
ବ୍ରଜମୋହନ ହୃଷୀକେଶ । ପୁରୁଷୋତ୍ତମ ପୀତବାସ ॥
ଅନନ୍ତ ଅଚ୍ୟୁତ ଶ୍ରୀଧର । ପଦ୍ମ ନୟନ ଗଦାଧର ॥
ନବୀନ ଦୁର୍ବାଦଳ ମୂର୍ତ୍ତି । ଶ୍ୟାମସୁନ୍ଦର ଦାଶରଥି ॥
ନନ୍ଦ ନନ୍ଦନ ବଂଶୀଧର । ରାଧା ବଲ୍ଲଭ ପ୍ରାଣେଶ୍ୱର ॥
ଏ ଆଦି ନାମାବଳୀ ଯେତେ । ସୁଜନେ ଚିନ୍ତ ହୃଦଗତେ ॥
ସବୁରି ପ୍ରଭୁ ସେ ଶ୍ରୀହରି । ସକଳ ଘଟେ ଛନ୍ତି ପୂରି ॥
ସକଳ ଜୀବର କରତା । ସବୁରି ଗତି ମୁକ୍ତିଦାତା ॥
ସେ ଶୁଭାଶୁଭ କର୍ମମାନ । କରତା ପ୍ରଭୁ ଭଗବାନ ॥
ତା ବିନୁ ଆନ ନାହିଁ ଜଣେ । ଶରଣ ପଶ ସେ ଚରଣେ ॥
ଭାବର ବନ୍ଧୁ ସେ ଗୋସାଇଁ । ଅଭାବ ଜନେ ଭେଟ ନାହିଁ ॥
କହଇ ବିପ୍ର ରାମ ଦାସ । କେବଳ ମୂଳଟି ବିଶ୍ୱାସ ॥
ବିଶ୍ୱାସ ବିନା ଯେତେ କର୍ମ । ଜାଣ କେବଳ ବୃଥା ଶ୍ରମ ॥
ଜୀବ କହିବି ମୂର୍ଖ ସ୍ଥିର । ସାଧୁଙ୍କୁ ସମସ୍ତ ଗୋଚର ॥
ମୂର୍ଖ ଜନଙ୍କୁ ଏକା ଭୀତି । ନ ଛୁଟେ ଜନ୍ତୁଙ୍କ ପ୍ରକୃତି ॥
ଛାଡ଼ି ଦୁର୍ଲ୍ଲଭ ସ୍ଥାନମାନ । ଯହିଁ ଦେଖନ୍ତି ବିଷ୍ଠା ଚିହ୍ନ ॥
ତହିଁ ଜପନ୍ତି ମୁନିବର । ଯେଣୁ ମୂର୍ଖଙ୍କୁ ଏକା ଡର ॥
ଦେଖ ମକ୍ଷିକା ମନ୍ଦହୀନ । ତେଜିଲେ କର୍ପୂର ଚନ୍ଦନ ॥
ଦୁର୍ଗନ୍ଧ ଦେଖିଲେ ତା ପାଶେ । ଅତି ଆନନ୍ଦେ ତହିଁ ବସେ ॥
ଏମନ୍ତ ମୂର୍ଖଙ୍କର ଭାବ । କେ ତାହା ଅନ୍ୟଥା କରିବ ॥
ସାଧୁଙ୍କ ହୃଦକୁ ମୋହର । କୋଟିଏ ବାର ନମସ୍କାର ॥
ଆଚରନ୍ତି ପର ଉପକାର । ଏଣୁ ମୋ ଦୋଷ କ୍ଷମାକର ॥
କହଇ ବିପ୍ର ରାମ ଦାସ । ଏ ଦାର୍ଢ୍ୟଭକ୍ତି କଥା ରସ ॥

ଭବାବ୍ଧି ତରିବାର କାଳେ । ମୋତେ ଉଦ୍ଧର ନନ୍ଦ କୂଳେ ॥
ମୁଁ ମୂଢ଼ ପତିତ ପାମର । ଦୁଷ୍ଟ ଦୁର୍ମତି ଦୁରାଚାର ॥
ଦାମ୍ଭିକ ନାସ୍ତିକ କପଟୀ । ନିରତେ ଅସ୍ପୃଶ୍ୟ ଲମ୍ପଟୀ ॥
ନ ଜାଣେ ପାଠ ଶାସ୍ତ୍ର ଶାନ୍ତି । ହରି ଭଜନେ ନାହିଁ ମତି ॥
ନିଶି ଦିବସ ଶୟନରେ । ନିରତେ ଧନ ଇଚ୍ଛା କରେ ॥
କାମିନୀ ସଙ୍ଗେ ଚିତ୍ତ ଜଡ଼ । ତିଳେହେଁ ନ ପାରଇ ଛାଡ଼ ॥
ସାଧୁଙ୍କ ସଙ୍ଗେ ନାହିଁ ମେଳ । ଏମନ୍ତେ ବଞ୍ଚାଇବା କାଳ ॥
ଆସି ଘୋଟିଲ ଏବେ କାଳ । ଏଥୁ ଉଦ୍ଧର ରଘୁବାଳ ॥
ତୁମ୍ଭେ ଯେ ପତିତପାବନ । ମୁ ଯେ ଅଟଇ ପାପୀଜନ ॥
ଏଣୁ ଭରସା ମୋର ଅଛି । ସଂସାରେ ଭୟ ନାହିଁ କିଛି ॥
ଶ୍ରୀଧର ମୃଦୁ ପଦ୍ମପାଦ । ତହୁଁ ମୋ ମନ ଷଟପଦ ॥
ନିରତେ କରୁ ମଧୁପାନ । ଏ ଆଜ୍ଞା କର ଜନାର୍ଦ୍ଦନ ॥
ମୋ ଅପରାଧ କ୍ଷମାକର । ଚରଣେ ଶରଣ ତୁମ୍ଭର ॥
ଭଣଇ ବିପ୍ର ରାମ ଦାସ । ମୋହର ପ୍ରଭୁ ପୀତବାସ ॥
ସେ ପୀତବାସଙ୍କର ଗୁଣ । ଜାଣନ୍ତି ଏକା ସାଧୁଗଣ ॥
ସେ ସାଧୁଗଣ ପାଦଧୂଳି । ମଣ୍ଡନ ହେଉ ମୋ ମଞ୍ଜୁଳ ॥
ଏ ଦାର୍ଢ୍ୟଭକ୍ତି ରସାମୃତ । କେବଳ ଶ୍ରବଣେ ଅମୃତ ॥
ଶ୍ରୀଦିବ୍ୟସିଂହ ଦେବଙ୍କର । ସମ୍ପୂର୍ଣ୍ଣ ତେଇଶି ଅଙ୍କର ॥
ଆଷାଢ଼ଶୁକ୍ଳ ହରିବାସେ । ଶ୍ରୀ ମୁକ୍ତେଶ୍ୱରଙ୍କର ପାଶେ ॥
ସଦା ସମ୍ପୂର୍ଣ୍ଣ ଜୟୁ କହ । ରାମ ଚନ୍ଦ୍ରଇ ରାମହର ॥
ମହୁର ରାଜ୍ୟେ ମୋର ଗ୍ରାମ । ସେ ଗ୍ରାମେ ମୋହର ଆଶ୍ରମ ॥
ଶ୍ରୀଗୁରୁ ଗଦାଧର ଦାସ । ସେ ପାଦପଦ୍ମେ ମୋର ଆଶ ॥
ପିତା ମୋ ଲକ୍ଷ୍ମନ ଦାସ । ମୁହିଁ ଅଟଇ ତାଙ୍କ ଶିଷ୍ୟ ॥
ନାହିଁ ମୋହର ବାଡ଼ି ବୃତ୍ତି । ଭରସା ଲକ୍ଷ୍ମୀଦେବୀ ପତି ॥
ଆବର ସାଧୁଙ୍କ ଚରଣ । ସେ ମୋର ପରମ କାରଣ ॥
ଏ ଦୁଇ କୃପାରୁଟି ସତ୍ୟ । ହେଲା ଏ ଦାର୍ଢ୍ୟ ରସାମୃତ ॥

ପ୍ରଥମ ପ୍ରବନ୍ଧ ପଚଶ । ଅଧାରେ ହୋଇଥିଲା ଶ୍ରେଷ୍ଠ ॥
ତହୁଁ ବତିଶ ସମ୍ପୂର । ଉତ୍ତରୁ ସାଧୁମାନଙ୍କର ॥
କୃପାରୁ ପୁଣି ପଞ୍ଚବଂଶ । ଅଧ୍ୟାୟ ଦାର୍ଢ୍ୟଭକ୍ତି ରସ ॥
ଦୁଇ ପ୍ରବନ୍ଧ ମିଶିଲାରେ । ସମ୍ପୂର୍ଣ୍ଣ ପଞ୍ଚାଶ ଅଧାରେ ॥
ପଦ ପଦକେ ସୁଧାରସ । ସୁଜନେ ନିରନ୍ତର ଘୋଷ ॥
ଏଥେଁ ନିର୍ମଳ ଚିତ୍ତ ଯାର । ନିଶ୍ଚେ ସେ ଭବୁ ହେବ ପାର ॥
କହଇ ବିପ୍ର ରାମ ଦାସ । ମୋତେ ଉଦ୍ଧର ପୀତବାସ ॥
ଉଦ୍ଧର କିବା ନ ଉଦ୍ଧର । ଭରସା ଅଛଇ ତୋହର ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତି ରସାମୃତେ ମନଚୈତନ୍ୟ ସମ୍ବାଦେ
ଅଜାମିଳ ପଣ୍ଡା ସ୍ୱର୍ଗଗମନେ ନାମ ପଞ୍ଚାଶୋଽଧ୍ୟାୟଃ ।

—*—

## ଏକପଞ୍ଚାଶତ ଅଧ୍ୟାୟ

## ଗରବ ଦାସ ସମ୍ବାଦ

ନମଇ ପ୍ରଭୁ ଗଣପତି । ଫେଡ଼ ହେ ମୋହର ଦୁର୍ଗତି ॥
ମୁଁ ତୁମ୍ଭ ଚରଣେ ଶରଣ । ମୋ ବିଘ୍ନ କର ବିମୋଚନ ॥
ଶ୍ରୀଗୁରୁ ପାଦେ ନମସ୍କାର । ଦୟା କରିବ ଚକ୍ରଧର ॥
ଶ୍ରୀନୀଳଗିରି ଜଗନ୍ନାଥ । ତୋ ପାଦେ ଲାଗୁ ମୋର ମାଥ ॥
ହେ ସାଧୁଜନେ କୃପାକର । ତୁମ ଦୟାରୁ ହେବି ପାର ॥
କୃପାକର ହେ ନରହରି । ଘଟେ ଘଟକେ ଅଛ ପୂରି ॥
କହ ହେ ମନ ଚଇତନ୍ୟ । କହ ହେ ଭକ୍ତ କଥାମାନ ॥
ଭକ୍ତମାନଙ୍କ କଥା ସାର । କହି ପବିତ୍ର ମୋତେ କର ॥
କର୍ଣ୍ଣ ମୋ ଶୁଣଇ ତୃପତ । କହିବ ଭକ୍ତଙ୍କ ଚରିତ ॥
ଚୈତନ କହନ୍ତେ ଶୁଣ ମନ । ଉତ୍ତରଖଣ୍ଡେ ପୁଣ୍ୟସ୍ଥାନ ॥
ଜୟ ନଗର ବୋଲି ନାମ । ସେ ଦେଶେ ଅଟେ ତାର ଧାମ ॥
ରଘୁବର ପାଣ୍ଡେ ତା ନାମ । ପଣ୍ଡିତପଣରେ ଉତ୍ତମ ॥

ସେ ବଡ଼ ଧନାଢ଼୍ୟ ଅଟଇ । ବନ୍ଧୁ କୁଟୁମ୍ବ ତାର ଥାଇ ॥
ପୁତ୍ରେକ ନାମ ତା ଗରିବ । ଶାନ୍ତ ସୁଶୀଳ ତାର ଭାବ ॥
ଦୟା ତା ଥାଇ ଜୀବଠାର । କ୍ରୋଧହିଁ ନ ଥାଇ ହୃଦର ॥
ହରି ବସଇ ସର୍ବ ଦେହେ । ସଦା ସେ ଦିନ କାଟି ଯାଏ ॥
ନାମରେ ଅନୁକ୍ଷଣେ ରତ । ମନେ ଚିନ୍ତଇ ରଘୁନାଥ ॥
ବିଷୟରସେ ରତ ଥାଇ । ହୃଦରେ ନାମକୁ ଚିନ୍ତଇ ॥
ଦିନେ ବୈରାଗ୍ୟ ହେଲା ଜାତ । ଘରୁ ବାହାର ସେ ତୁରିତ ॥
ବୈଷ୍ଣବ ଭେକ ଆଚରିଲେ । କଣ୍ଠିକଣ୍ଠେ ମାଳା ଭରିଲେ ॥
ତିଳକ କରି ଲଲାଟରେ । ଶଙ୍ଖ ଚକ୍ରାଦ୍ଧ ହୃଦୟରେ ॥
ରାମ ଭଜନ ଅନୁକ୍ଷଣେ । ପ୍ରବେଶ ହୋଇଲେ କାନନେ ॥
ଏକ ବୃକ୍ଷର ତଳେ ରହି । ଶ୍ରୀରାମ ଭଜଣ ନାଚଇ ॥
ବୋଲନ୍ତି ନମୋ ରଘୁବୀର । ମହିମା ଅପାରୁ ଅପାର ॥
ମୁଁ ତ ଅଟଇ କର୍ମହୀନ । କି ରୂପେ କରିବି ପୂଜନ ॥
ମାନସ ପୂଜାର ବିଧାନେ । ବେଶ କରଇ ମନେ ମନେ ॥
ନୀଳଜୀମୂତ ରୂପ ସାର । କନ୍ଦର୍ପ ଜିଣି ସେ ସୁନ୍ଦର ॥
କରେ କୋଦଣ୍ଡକାଣ୍ଡ ଶୋହେ । ଶିରେ ମୁକୁଟ ଶୋଭାପାଏ ॥
ପୟରେ ରତନ କଠାଉ । ହୀରା ପଦକ ଦାଉ ଦାଉ ॥
ବସାଇ ତାଙ୍କୁ ବୀରବେଶେ । ଜାନକୀ ରଖାଇ ପାର୍ଶ୍ୱେ ॥
ଲକ୍ଷ୍ମଣ ବୀର ଛତ୍ର ଧରି । ବାଙ୍କରେ ଠେକଣ ଉଭାରି ॥
ଚାମର ଢାଳନ୍ତି ଭରତ । ଶତ୍ରୁଘ୍ନ ଆଲଟରେ ରତ ॥
ପାଦେ ସେବଇ ହନୁମନ୍ତ । ଚତୁର୍ଦ୍ଧା ମୂର୍ତ୍ତି ସୀତାକାନ୍ତ ॥
ପୀତବସନ ଆଭରଣ । ଶ୍ରୀକରେ ରତନ କଙ୍କଣ ॥
ଅଙ୍ଗୁଳିମାନଙ୍କେ ମୁଦ୍ରିକା । ନବରତ୍ନରେ ସେ ଝଲକା ॥
ହୃଦରେ ରତନ ଭୂଷଣ । ଏମନ୍ତ ରୂପ କରି ଧ୍ୟାନ ॥
ନୃତ୍ୟ କରନ୍ତି ସମ୍ମୁଖରେ । ଆନନ୍ଦ ହୋଇଣ ମନରେ ॥
ହେ ପ୍ରଭୁ ମୋତେ କୃପାକର । ଏ ଭବସାଗରୁ ଉଦ୍ଧର ॥

ଦୟାସାଗର ରଘୁବୀର । ହୃଦେ ଦର୍ଶନ ହେଲେ ତାରି ॥
କୋଟି କନ୍ଦର୍ପରୂପ ଦେଖି । ପିଛୁଡ଼ି ନ ପାରଇ ଆଖି ॥
କୋଟିଏ ସୂର୍ଯ୍ୟଙ୍କ ଉଦୟେ । ଦେଖି ନୟନୁ ଲୁହ ବହେ ॥
ନୟନ ଲୁହ ହୃଦୟକ । ଭୂମିରେ ପଡ଼ଇ ଅନେକ ॥
ଆନନ୍ଦ ସାଗରେ ବୁଡ଼ିଲା । ଦେହରୁ ପ୍ରାଣ କି ଛାଡ଼ିଲା ॥
ଥୟ ନୁହଁଇ ତାର ଚିତ୍ତ । ପିଣ୍ଡ ହୋଇଲା ମୃତବତ୍ ॥
ଏମନ୍ତ ଦେଖି ରଘୁନାଥ । କୋଳରେ ଧରିଲେ ତୁରିତ ॥
ପଦ୍ମକରରେ ଝାଡ଼ିଦେଲେ । ହେ ଭକ୍ତ ବର ମାଗ ବୋଲେ ॥
ତୁ ଅଟୁ ଭକତଶେଖର । ମନ ଇଚ୍ଛାରେ ମାଗ ବର ॥
ଗରିବ କହେ କାରୁଣ୍ୟରେ । ହେ ପ୍ରଭୁ କୃପାକର ମୋରେ ॥
ଚିନ୍ତା ମୁଁ କଲେ ମୋ ହୃଦରେ । ଦର୍ଶନ ଦେଉଥିବ ବାରେ ॥
ଭୂତ ଭବିଷ୍ୟ ବର୍ତ୍ତମାନ । ଚିନ୍ତିଲେ ଜାଣିବି ମୁଁ ଶୁଣ ॥
ଇଚ୍ଛାରେ ମୃତ୍ୟୁ ହେବ ମୋର । ନାମ ଖ୍ୟାତ ହେବ ଅପାର ॥
ଯହିଁକି ମୁଁ ମନ କରିବି । ତକ୍ଷଣେ ସେଠାରେ ମିଳିବି ॥
ଏ ବର ଦିଅ ରଘୁବୀର । ତୋ ପାଦପଦ୍ମେ ଚିତ୍ତ ସ୍ଥିର ॥
ଶ୍ରୀମୁଖେ ଅସ୍ତୁ ଅସ୍ତୁ ବାଣୀ । ଆନନ୍ଦ ହୋଇ ପ୍ରଭୁ ଭଣି ॥
ଏମନ୍ତ ଶୁଣି ସେ ଭକତ । ସାଷ୍ଟାଙ୍ଗେ କଲା ଦଣ୍ଡବତ ॥
ପ୍ରଣାମ କଲା ବାରମ୍ବାର । ଅଦୃଶ୍ୟ ହେଲେ ରଘୁବୀର ॥
ତହୁଁ ଭକତ ତତକାଳେ । ଶ୍ରୀ ବୃନ୍ଦାବନ ଚଳିଗଲେ ॥
କୃଷ୍ଣଚନ୍ଦ୍ରଙ୍କୁ ଦେଖି ରଙ୍ଗେ । ଦ୍ୱାରକା ଗଲେ ସାଧୁ ସଙ୍ଗେ ॥
ଛୁପାଧାଶ୍ରି ହୋଇ ଆବର । ମହିମା ଦେଖାଇ ସେଠାରୁ ॥
ଅନେକ ସାଧୁବୃନ୍ଦ ସଙ୍ଗେ । ପ୍ରୟାଗ କାଶୀ ଗଲେ ରଙ୍ଗେ ॥
ସାଗର ସଙ୍ଗମରେ ହୋଇ । କୀର୍ତ୍ତି ରଖାଇ ତହୁଁ ଯାଇ ॥
ରାମନାଥ ଦର୍ଶନ କଲେ । ନୀଳାଦ୍ରି ପ୍ରବେଶ ହୋଇଲେ ॥
କ୍ଷେତ୍ରରେ ପରିକ୍ରମା କଲେ । ନୀଳାଦ୍ରି ନାଥଙ୍କୁ ଦେଖିଲେ ॥
ନୃତ୍ୟ ଦେଖିଣ ଜଗଦୀଶ । ବେଶ ଦେଖିଣ ହେଲେ ତୋଷ ॥

ଆନନ୍ଦେ ବଡ଼ା ହୋଇଗଲେ । କାଠଯୋଡ଼ି କୂଳେ ମିଳିଲେ ॥
ସ୍ୱଭାବେ ଶ୍ରାବଣର ମାସ । ନଦୀ ପୂରିଛି ବେନି ପାଶ ॥
ପକାଇ ମୃଗଚ୍ଛାଲ ଜଳେ । ବସିଣ ନଦୀ ପାର ହେଲେ ॥
କଟକେ ପ୍ରବେଶ ହୋଇଲେ । ସାଧୁ ବୃନ୍ଦଙ୍କୁ ସଙ୍ଗ କଲେ ॥
ମହାନଦୀର କୂଳେ ରହି । ବାରବାଟୀ ନିକଟ ସହି ॥
ସେ ବାରବାଟୀ ପଶ୍ଚିମରେ । ଦେଉଳ ତିଆରି ସେ କଲେ ॥
ଚତୁର୍ଦ୍ଧା ମୂର୍ତ୍ତି ସ୍ଥାପି ତହିଁ । ଦେଉଳ ପ୍ରତିଷ୍ଠା କରାଇ ॥
ଶ୍ରୀ ମନ୍ଦିରର ଖାର୍ତ୍ତି ମାନ । ତହିଁ ଖଞ୍ଜିଲେ ପ୍ରତିଦିନ ॥
ଅବକାଶ ଯେ ଧୂପ ଆଦି । ଛପନ ଭୋଗ ଯେ ପ୍ରସିଦ୍ଧି ॥
କ୍ଷଣ କ୍ଷଣକେ ବେଶ କଲେ । ପ୍ରସାଦେ ସଦାବର୍ତ୍ତ ଦେଲେ ॥
ଛତିଶ ନିଯୋଗ ମାନଙ୍କୁ । ଆଜ୍ଞା କରିଦେଲେ ତାଙ୍କୁ ॥
ବାର ମାସରେ ତେରଯାତ । ନିୟମେ କରନ୍ତି ସମସ୍ତ ॥
ନୌବତ ବଜାଇ ଗହଳେ । ବାଦ୍ୟ ବଜାଇ କୁରୁହଳେ ॥
ଦେଉଳ ଶିଖେ ଉଡ଼େ ନେତ । ଭକ୍ତଙ୍କୁ ଦେଖିବା ନିମିତ୍ତ ॥
କଂସାର କବାଟ ବନାଇ । ଖଞ୍ଜିଲେ ଗୃହଦ୍ୱାରେ ନେଇ ॥
ଘଣ୍ଟି ଯେ କରତାଳମାନ । ଶିଙ୍ଗା ବଜାଇ ଘନ ଘନ ॥
ସାୟଂ କାଳରେ ଶଙ୍ଖବାଦ୍ୟ । କେ କହୁ ସାଧୁଙ୍କ ଆନନ୍ଦ ॥
ଧର୍ମଶାଳାରେ ରହିଥାନ୍ତି । ହରି ଶବ୍ଦରେ ଧ୍ୱନି ଦ୍ୟନ୍ତି ॥
ଅନେକ ସାଧୁ ବୃନ୍ଦ ମିଳି । ଗହଳେ ହୁଅନ୍ତି ଦଳାଦଳି ॥
ଗରିବ ଦାସ ନିତି ନିତି । ସାଧୁଙ୍କ ଚରଣ କରନ୍ତି ॥
ପ୍ରେମ ଆନନ୍ଦେ ହୋଇ ଭୋଳା । ଏମନ୍ତେ କେତେଦିନ ଗଲା ॥
ଶୁଣ ହେ ସୁମନ ରାଜନ । ଅପୂର୍ବ ଅଟେ ଏ ଆଖ୍ୟାନ ॥
ବାରବାଟୀ ବୋଲିଟି ଯେହୁ । ବସ୍ତା କଟକ ଅଟେ ସେହୁ ॥
ତହିଁରେ ଅଧିକ ଯବନ । ବଡ଼ ପ୍ରତାପୀ ଦୁଷ୍ଟଜନ ॥
ତାହାର ସୈନ୍ୟର ପ୍ରତାପେ । ଡରେ ଖଟନ୍ତି ପ୍ରଜାଲୋକେ ॥
ଭୟେ ଅନେକ ଲୋକ ଆସି । ଖଟିଣ ଥାନ୍ତି ଦିବାନିଶି ॥

ବଡ଼ ପ୍ରତାପୀ ସେ ଯବନ । ପ୍ରଜାଙ୍କୁ ଯେହ୍ନେ ଦ୍ୱିତୀୟମ ।।
ଅନ୍ୟାୟ ଦେଖିଲେ ଦଣ୍ଡଇ । ପୁଣ ନ୍ୟାୟ ଜନ ପାଳଇ ।।
ଏକ ଉଗର ତହିଁ ପୁଣ । ନବାବେ ଦେଲାକ ସନ୍ଧାନ ।।
ଏଠାରେ ବଇଷ୍ଣବ ଜଣେ । ନାଗରୀ ଦିଏ ଉଚସ୍ଥାନେ ।।
ବହୁତ ନାଗାଙ୍କୁ ରଖିଣ । ଯୁଝିବ ତୁମ୍ଭର ସଙ୍ଗେଣ ।।
ବଡ ଦେଉଳ କରି ଆର । ପାଚେରି କରି ଉଚ ସାର ।।
କଂସା କବାଟ ଦ୍ୱାରେ କରି । ଧ୍ୱଜା ଉଡ଼ାଏ ସେ ନ ଡରି ।।
ଉଗର ବଚନ ଶୁଣିଣ । ଯବନ କ୍ରୋଧ କଲା ମନ ।।
ଆପଣା ଭକ୍ଷଦ୍ରବ୍ୟ ଆଣି । ପେଟରି ମଧ୍ୟେ ଭରି ପୁଣି ।।
ଯତନ କରି ସ୍ଥାନମାନ । ତହିଁରେ ମୁଦ ଦେଇ ପୁଣ ।।
ଉଗରକରେ ପେଶି ଦେଲା । ବୈଷ୍ଣବ ଭୁଞ୍ଜିବ ବୋଇଲା ।।
ଆମ୍ଭର ସମାନ ସେ ଯେବେ । ଖାଉ ଆମ୍ଭର ଦ୍ରବ୍ୟ ତେବେ ।।
ଉଗର ଶୁଣି ଘେନି ଗଲା । ମହନ୍ତ ଦ୍ୱାରେ ଯାଇ ହେଲା ।।
ଆଗମ ଜାଣି ସେ ମହନ୍ତ । ଦ୍ୱାରେ ହୋଇଲା ଉପଗତ ।।
ଯାଦେ କଠାଉ ବେତଧରି । ସେ ଦ୍ରବ୍ୟ ପରିକ୍ରମା କରି ।।
ବେତ ଲଗାଇ ତିନିବାର । ବୋଇଲେ ଶୁଣରେ ଉଗର ।।
ନବାବ ଯାହା ସେ ଦେଇଛି । ଭକ୍ଷଣ କରିବା କରୁଛି ।।
ଏବେ ତୁ ବାହୁଡ଼ାଇ ନିଅ । ଆମ୍ଭେ ଭକ୍ଷିଲୁ ବୋଲି କହ ।।
ଆମ୍ଭର ଅବଶେଷ ପାଉ । ଆମ୍ଭଠାରେ ଅପ୍ରାଧୀ ନୋହୁ ।।
ଉଗର ତହୁଁ ବେଗେ ଗଲା । ନବାବେ ସମସ୍ତ କହିଲା ।।
ପୁଣି ଯବନ କ୍ରୋଧଭରେ । ଫିଟାଇ ଦେଖିଲା ତହିଁରେ ।।
ସେ ଦ୍ରବ୍ୟମାନ ନାହିଁ କିଛି । ମିଷ୍ଟାନ୍ନ ପୁରି ଗଞ୍ଜା ଅଛି ।।
ମନ ମଧ୍ୟରେ ଭୟ କଲା । ଆମ୍ଭେ ଦେଖିଯିବୁଁ ବୋଇଲା ।।
ସେ ଯେ ଗରିବ ଦାସେ ତହିଁ । ମନେ ଚିନ୍ତଇ ଭାବଗ୍ରାହୀ ।।
ବୋଲେ ଏ ଦେହ ନ ରଖିବା । ସତ୍ତ୍ୱରେ ସମାଧି ଘେନିବା ।।
ଦ୍ୱାର ସମ୍ମୁଖେ ଗାତ ଖୋଳେ । ସମାଧି ଘେନିବା ନିତୋଳେ ।।

ବହୁତ ସାଧୁଜନ ମିଳି । ହରି ଶବଦେ କରତାଳି ॥
ଦେଇଣ ବନ୍ଦା ହୋଇଗଲେ । ସମସ୍ତେ ହାହାକାର କଲେ ॥
ନବାବ ମନେ ମନେ ଡରି । ଦେଖିବା ଅର୍ଥେ ବିଜେ କରି ॥
ଦେଖିଲି ସମାଧି ନୟନେ । କ୍ରୋଧେ ସେ କମ୍ପଇ ସଘନେ ॥
ବୋଇଲେ କମ୍ପା ଏହା କଲି । ତା ଦ୍ରବ୍ୟ ଲୁଟି କରଇଲି ॥
ଦେଉଳ ମଧ୍ୟେ କାଷ୍ଠ ଭରି । ପୋଡ଼ାଇ ଖଣ୍ଡ ଖଣ୍ଡ କରି ॥
ମନ୍ଦିର ତହୁଁ ଭାଙ୍ଗି ଦେଲି । ମସଜିଦ ସେ ସ୍ଥାନେ କଲି ॥
ପୁଣି ଦୂତକୁ ଆଜ୍ଞାଦେଲି । ଗରିବ ଗଡ଼ ଲୁଟି କଲି ॥
ଆଉ ଅସାଧ ନାହିଁ ଗଡ଼ । ସାଧ ହୋଇଲେ ସାନ ବଡ଼ ॥
ଦେଖି ଗରିବ ଦାସ ରୋଷେ । ସମାଧି ତେଜି ଅବଶେଷେ ॥
ନିଶାରେ ବାଦସା ମନ୍ଦିରେ । ପ୍ରବେଶ ହେଲେ ଧୀରେ ଧୀରେ ॥
ବାଦସା ନିଦେ ଥିଲି ଶୋଇ । ବସିଲେ ଛାତିପରେ ଯାଇଁ ॥
ବୋଇଲେ ଆରେ ଦୁରାଚାର । ଜୀବନ ଘେନିବ ତୋହର ॥
ମୋର ସୁଯଶ କଲୁ ନାଶ । ଦେଉଳ କରାଇଲୁ ଧ୍ୱଂସ ॥
ଏବେ ତହିଁର ପ୍ରତିଫଳ । ସମ୍ଭାଳ ପାଷାଣ୍ଡ ସମ୍ଭାଳ ॥
କ୍ଷଣକେ ବିନାଶନ୍ତି ତୋତେ । ଦୟା ଉପୁଜେ ମୋର ଚିତ୍ତେ ॥
ଯେବେ ଜୀବନ ଅଛି ଆଶା । ଘେନ ତୁ ମୋର ଏହି ଭାଷା ॥
ଏଠାରେ ଦେଉଳ ମୋହର । କରିବ ଏ ନିଶ୍ଚୟ ଗିର ॥
ଦିଅ ତୁ ମୋତେ କିଛି ସ୍ଥାନ । ବୋଲି ହୋଇଲେ ଅନ୍ତର୍ଦ୍ଧାନ ॥
ବାଦସା ହୋଇ ଅତି ତ୍ରସ୍ତ । ଶେଯରୁ ଉଠିଲି ତ୍ୱରିତ ॥
ତମ୍ବାରେ ସନନ୍ଦ ଲେଖାଇ । ସାଧୁ ଶିଷ୍ୟଙ୍କୁ ଦେଲି ନେଇ ॥
ସେ ଲେଖା ପାଇ ଶିଷ୍ୟଗଣ । ମଠ ନିର୍ମାଣିଲେ ଆପଣ ॥
ଧ୍ୱଜା ବାନ୍ଧିଲେ ଉଚସାର । ସଦାବର୍ତ୍ତ ଖଞ୍ଜି ଆବର ॥
ରଘୁନାଥଙ୍କ ସେବା ପୁଷ୍ଟ । ସ୍ୱାମୀରେ ଖଞ୍ଜିଲେ ବିଶେଷ ॥
କିଛି ଦିନରେ ତହିଁ ପୁଣି । ଏକ ସ୍ତ୍ରିଆଏ ଚକ୍ଷୁ ହୀନ ॥
ନିଶ୍ୱାସେ ଅଧିଆ ପଡ଼ିଲି । ସେଠାରେ ଚକ୍ଷୁ ସେ ପାଇଲି ॥

ତହୁଁ ସେ ହୋଇଲା ବିଖ୍ୟାତ । ଏଥି ନଗରଲୋକେ ଦେଖି ତତ୍ତ୍ୱ ॥
ଅପୂର୍ବୀ ଲୁଷ୍ଟି ଲୋକମାନେ । ସେବା କରନ୍ତି ପ୍ରତିଦିନେ ॥
ତାଙ୍କର ଗତି ମୁକ୍ତି ଆଉ । ଦେହଧାରୀ ଜାଣିବ କାହୁଁ ॥
ବ୍ରାହ୍ମଣ ଶୂଦ୍ରଜନ ଆର । ବିଶ୍ୱାସ ମୂଳ ସ୍ୱାମୀପର ॥
ଶୁଣିମା ହେଉ ସାଧୁଜନ । ତତ୍ତ୍ୱରେ କର ହେ ଭଜନ ॥
ଗଜ ଯେ ତତ୍ତ୍ୱରେ ଭଜିଲା । ଗ୍ରାହ ମୁଖରୁ ଉଦ୍ଧରିଲା ॥
ହରିଙ୍କି ଦେଖିଲା ନୟନ । ଖଣ୍ଡିଲା ପୂର୍ବ ପାପମାନ ॥
ଭଣଇ ବିପ୍ର ରାମ ଦାସ । ମୋ ପ୍ରଭୁ କମଳାବିଳାସ ॥
ସାଧୁଜନଙ୍କ ପାଦଧୂଳି । ମଣ୍ଡନ ହେଉ ମୋ ମଉଳି ॥
ଭଗମାର୍ଗେ ମୋ ଜନ୍ମ ନୋହୁ । ଏ କୃପା କର ମହାବାହୁ ॥
ଏ ଦାର୍ଢ୍ୟଗୀତା ଭକ୍ତିରସ । ପଦ ପଦକେ ସୁଧାରସ ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତି ରସାମୃତେ ମନଚୈତନ୍ୟ ସମ୍ବାଦେ
ଗରିବ ଦାସ ସ୍ୱାମୀ ଦାର୍ଢ୍ୟତାଭକ୍ତି ଚରିତ୍ର ବର୍ଣ୍ଣନେ
ନାମ ଏକପଞ୍ଚାଶୋଽଧ୍ୟାୟଃ ।

—*—

## ଦ୍ୱିପଞ୍ଚାଶ ଅଧ୍ୟାୟ
## ଚନ୍ଦ୍ରଧ୍ୱଜ ସମ୍ବାଦ
ମନ ଉବାଚ

କହଇ ସେ ମନ ରାଜନ । ଚୈତନ୍ୟ କହ ଭକ୍ତ ଗୁଣ ॥
ମୋ କର୍ଣ୍ଣ ହୋଇବ ପବିତ୍ର । ଦୁର୍ବୁଦ୍ଧି ଛୁଡ଼ିବ ତୁରିତ ॥
ଭକତ କଥାମୃତ ପାନ । କରି ପବିତ୍ର ହେଉ କର୍ଣ୍ଣ ॥
ଚୈତନ୍ୟ କହେ ମନ ଶୁଣ । ଚନ୍ଦ୍ରଧ୍ୱଜ ନାମେ ରାଜନ ॥
ଓଡ଼ିଶା ଶାରଙ୍ଗଗଡ଼ର । ଷୋଳ ଯୋଜନ ରାଜ୍ୟ ତାର ॥
ବଂଶୀ ନାମ କୁନ୍ଦନ ଦେଶ । ବିଦ୍ୟାଧର ପୁତ୍ର ଅଟଇ ॥
ରାଜା ଯେ ବିବେକ ସୁଶୀଳ । ଦଦ୍ୱାଭାବରେ ଅତି ହେଳ ॥
ଦେବା ପଦରେ ସେହୁ ଜଣେ । ହରି ଭଜଇ ଅନୁକ୍ଷଣେ ॥

ହରି ଯେ ପିଣ୍ଡର କରତା । ହରି ଅଟନ୍ତି ମୋକ୍ଷଦାତା ॥
ଏହା ନ ଜାଣି ଦୁଷ୍ଟ ଜନ । ମନ୍ଦ ଭାବରେ ହୋନ୍ତି ଲୀନ ॥
ରାଜା ଯେ ପରଜାଙ୍କ ଶତ । ଭକ୍ତ ଭାବରେ ଅଛି ପୂତ ॥
ଜାଣିଲେ ବ୍ରହ୍ମାଣ୍ଡ ଗୋସାଇଁ । କରୁଣା କଲେ ତାଙ୍କଠାଇଁ ॥
ସେ ରାଜପୁତ୍ର ବଦ୍ୟାଧର । ପାରିଧି କରେ ବନସ୍ତର ॥
ଦିନେ ଅନେକ ମୃଗ ମାରି । ଗୃହକୁ ଆଇଲା ସେ ଫେରି ॥
ତା ପିତା ଚନ୍ଦ୍ରଧ୍ୱଜ ଦେଖି । ପୁତ୍ରକୁ କହେ ହୋଇ ଦୁଃଖୀ ॥
ଦୁର୍ବୁଦ୍ଧି କଲୁରେ କୁମର । ଦ୍ରୋହୀ ହୋଇଲୁ ହରିଠାର ॥
ଜୀବରେ ତୋର ଦୟା । ବୃଥା ହେଉଛୁ ପାପେ ଗ୍ରାହି ॥
ଶୁଣ ନନ୍ଦନ ମୋ ବଚନ । ନ ଚିହ୍ନୁ ନର ନାରାୟଣ ॥
ମୁକ୍ତାକୁ ଛାଡ଼ିଲୁରେ ପୁଣ । ଗରଗଡ଼ କଲୁ ଭୂଷଣ ॥
ତୁଳସୀଗଛ ତୁ ଛାଡ଼ିଲୁ । ଗଞ୍ଜାଇ ଗଛକୁ ପାଳିଲୁ ॥
ଚମ୍ପା ଫୁଲମାଳ ଛାଡ଼ିଲୁ । ଶିମୁଳ ଫୁଲ ମଣ୍ଡିହେଲୁ ॥
ଗଙ୍ଗାଜଳକୁ ତୁହି ଛାଡ଼ୁ । କୂପଜଳରେ କମ୍ପା ବୁଡ଼ୁ ॥
ହରିଠାରେ ଦ୍ରୋହ କରିଣ । ତା ପାଦେ ନ ପଶୁ ଶରଣ ॥
ଗ୍ରାମ ଦେବତା ପୂଜା କରି । ବ୍ୟର୍ଥରେ ଦିନମାନ ହାରି ॥
ମୋ କୁଳେ କଳଙ୍କ ଯେ ଦେଉ । ଏହା ତୁ ନ କରିବୁ ଆଉ ॥
ଶ୍ରୀକୃଷ୍ଣଠାରେ ଭକ୍ତି କଲେ । ଯଶ ରହିବ ମହୀତଳେ ॥
ତୋ ଜନ୍ମ ହୋଇବ ସଫଳ । ବଞ୍ଚିବୁ ତୁ ଯେ ଚିରକାଳ ॥
ଜୀବଠାରେ ତୁ ଦୟା କର । କୃପା କରିବେ ଚକ୍ରଧର ॥
ହରି ଭକତି କର ତୁହି । ସୁଭଗା ନାରୀ ପ୍ରାପ୍ତ ହୋଇ ॥
କାନ୍ତ ଚରଣେ ମନ ଥୋଇ । ଦିବସ ରଜନୀ ବଞ୍ଚଇ ॥
ହରି ଭଜନ କରି ବା । ସଂସାର ଚେଷ୍ଟା ଛାଡ଼ି ସବୁ ॥
ମିଥ୍ୟା ଅଟଇ ଏ ଶରୀର । ହରି ନାମଟି ଏକା ସାର ॥
ଏମନ୍ତ ବୋଧିଣ ରାଜନ । ଗଲେ ରାଣୀ ସଙ୍ଗେ ଘେନିଣ ॥
ଯାଇଣ ପ୍ରବେଶ ନବର । ହରି ଜାଣିଲେ ମନ ତାର ॥

ମାୟାରେ ବିଶ୍ୱରୂପ ଧରି | ଏକଇ ଶିଷ୍ୟ ସଙ୍ଗେ ଧରି ||
ରଙ୍ଗେ ଭ୍ରମନ୍ତି ନରହରି | ଶୁଣିଲେ ଏକ ଗୃହକାରୀ ||
ସମ୍ଭୋଗକାଳେ ନାରୀପ୍ରତି | କୌତୁକେ କହଇ ଭାରତୀ ||
ଶ୍ରଦ୍ଧାରେ ତୋ ମୁଖ ଦେଖିଲି | କୃଷ୍ଣ ଦର୍ଶନ କିବା କଲି ||
ରମଣେ ସନ୍ତୋଷ ମୋ ମନ | ଦେଖିଲେ ଚକ୍ଷୁ କୃଷ୍ଣବର୍ଣ୍ଣ ||
ଯାରେ ସୁମରି ଯୋଗୀଗଣ | ମୁକତି ହେଲେ ଦେହାନ୍ତେଣ ||
ତୁମ୍ଭର ଗତି ସେହିରୂପେ | ସ୍ୱାମୀ କହେ ନାରୀ ସମୀପେ ||
ରଙ୍ଗେ ବୁଲିଣ ମହାବାହୁ | ଏ ହଙ୍କ କଥା ଶୁଣି ତହୁଁ ||
ବୋଇଲେ ନଗ୍ର ଲୋକେ ଧନ୍ୟ | ଜାଣିବି ରାଜାର କି ପୁଣ୍ୟ ||
ବୃଦ୍ଧ ବ୍ରାହ୍ମଣ ରୂପ ହୋଇ | ଗମନ କଲେ ଭବଗ୍ରାହୀ ||
ସଭରେ ଅଛି ରାଜା ବସି | ପ୍ରବେଶ ହେଲେ ବ୍ରହ୍ମଋଷି ||
ରାଜାଙ୍କୁ କଲେ ସେ କଲ୍ୟାଣ | କୃଷ୍ଣ ଭକ୍ତିରେ ଯାଉ ଦିନ ||
ଚମକି ରାଜନ ଉଠିଲା | ବିନୟେ ଦଣ୍ଡବତ କଲା ||
ସଧୀରେ ବୋଇଲା ବଚନ | ନମସ୍କାର ନୋହୁ କଲ୍ୟାଣ ||
ଆଜ ସୁଭାଗ୍ୟ ବଡ଼ ମୋର | ପଦ୍ମରେ ପଡ଼ିଲା ମୋ ପୁର ||
ଏତେକ କହି ଶୁଦ୍ଧମାରେ | ପାଦ ଧୋଇଲା ଭକ୍ତି ଭରେ ||
ସେ ପାଦ ଉଦକକୁ ନେଇ | ଅଙ୍ଗେ ବୋଳିଲା ତୋଷହୋଇ ||
ପୁଣି କେତେକ ପାନ କଲା | ଦିବ୍ୟ ଆସନେ ବସାଇଲା ||
ବହୁତ କଲା ପୂଜାମାନ୍ୟ | ସନ୍ତୋଷ ହେଲେ ନାରାୟଣ ||
କ୍ଷଣେ ବିଶ୍ରାମ କଲେ ତହିଁ | ବିଦାୟ ହୋଇଲା ଗୋସାଇଁ ||
ସେ ରାଜା ରାଜ୍ୟରେ ମିଳିଲେ | ବେଦ ଗାୟନ ଆରମ୍ଭିଲେ ||
ରାଜା ତା ଶ୍ରବଣେ ଶୁଣିଣ | ବୋଇଲେ ଶୁଣ ହେ ବ୍ରାହ୍ମଣ ||
କାହୁଁ ଅଇଲ ଶିଷ୍ୟ ସଙ୍ଗେ | ମୋ ଯଜ୍ଞ ଫଳ ହେଲା ଏବେ ||
ତୁମ୍ଭର ଶୁଣିଲି ମୁଁ ବେଦ | ମୋ ମନ ହୋଇଲା ପ୍ରମୋଦ ||
ମାୟା ନ କରି କହ ସତ୍ୟ | କେବଣ କାରଣେ ଆଗତ ||
ଯାହା ମାଗିବ ତା ଦେବଇଁ | ବେଗେଣ କହିବା ଗୋସାଇଁ ||

ସତ୍ୟ ସତ୍ୟ ମୋର ବଚନ । ଏହୁ ସମ୍ପଦେ କ କାରଣ ॥
ରାଜ୍ୟଭଣ୍ଡାର ପୁର ନାଶ । ଶିର କମଳ ଆଦିକର ॥
ତା ଶୁଣି କହିଲେ ବ୍ରାହ୍ମଣ । ଶୁଣ ହେ! ନୃପତି ତୁ ପୁଣ ॥
ଧର୍ମ ନଗରେ ମୋର ଘର । ଏକଇ ପୁତ୍ର ଥିଲ ମୋର ॥
ତୋ ରାଜ୍ୟେ ଅଛି ବସ୍ତି କରି । ଏକ ଦୁହିତା ଅଛି ତାର ॥
ତାହାର ବିଭା ଅର୍ଥେ ଜାଣ । ମୋର ପୁତ୍ରକୁ ଆଣନ୍ତେଣ ॥
ଆସନ୍ତେ ଅଗମ୍ୟ ବନସ୍ତେ । ବ୍ୟାଘ୍ରେକ ମିଳିଲା ତୁରିତେ ॥
ସେ ଦୁଷ୍ଟ ବଳେ ଝାମ୍ପିଆସି । ମୋ ପୁତ୍ରେ ନେଲା ସେ ଆକର୍ଷି ॥
ତହୁଁ ମୋ ପୁତ୍ର କଲା ରଡ଼ି । ବୋଇଲା ମୋତେ ନେଲ ଛାଡ଼ି ॥
ଏହୁ କଷ୍ଟରୁ ରକ୍ଷା କର । ଦେଖି ରହିଲି ମୁଁ ଏଠାର ॥
ତା ଦେଖି ବୁଡ଼ିଲା ମୋ ଜ୍ଞାନ । କ୍ଷଣେ ମୁଁ ହୋଇଲି ମଉନ ॥
ଡାକ ବୋବାଳି ପୁଣି କଲି । ନୃସିଂହ ରକ୍ଷା କର ବୋଲି ॥
ବ୍ୟାଘ୍ରର ମୂର୍ତ୍ତି ଭୟଙ୍କର । ଦେଖି ନୋହିଲା ଭୟ ମୋର ॥
ତୁଣ୍ଡେ ମୁଁ ନାରାୟଣ ବୋଲି । ଜୀବନ ଆଶାକୁ ଛାଡ଼ିଲି ॥
ମିଳିଲି ସେ ବ୍ୟାଘ୍ର ପାଖରେ । ମୁଣ୍ଡ କଚାଡ଼ିଲି ଭୂମିରେ ॥
ତା ପାଦତଳେ ମୁଁ ପଡ଼ିଲି । ମୋତେ ପୁତ୍ର ଦିଅ ତୁ ବୋଲି ॥
ମନୁଷ୍ୟ ବଚନ ପ୍ରକାର । ମୋତେ ସେ କହିଲା ଉତ୍ତର ॥
ଶୁଣ ବ୍ରାହ୍ମଣ ମୋ ବଚନ । ତୋ ପୁତ୍ର ଅଟେ ମୋ ଭୋଜନ ॥
ରୋଗ ଯେ ବ୍ୟାଘ୍ର ସର୍ପାଘାତ । ଯମର ଅଟନ୍ତି ଏ ଦୂତ ॥
ଯାହାର ମୃତ୍ୟୁ ଯେଉଁଠାରେ । ବିଧାତା ଘଟାଏ ସଂସାରେ ॥
ଘୋଟଇ ଯେତେବେଳେ କାଳ । ଦାନ ପୁଣ୍ୟ କଲେ ନିଷ୍ଫଳ ॥
ଅବଶ୍ୟ ସେ ପ୍ରାଣୀ ମରଇ । ଧର୍ମ ଶାସ୍ତ୍ରରେ ଅଛି କହି ॥
ଶୁଣି ମୁଁ ଅନେକ କାନ୍ଦିଲି । ବହୁତ ବିନୟେ କହିଲି ॥
ଶୁଣ ତୁ ବ୍ୟାଘ୍ର ମୋ ଉତ୍ତର । କପଟ ନ ରଖି ମୋହର ॥
କେମନ୍ତେ ପୁତ୍ର ମୋ ବଞ୍ଚଇ । ତାହା ତୁ କହ ହୋ ବୁଝାଇ ॥
ଯାହା ମୋତେ ସେବି ବୋଇ । କହିବା ନୁହଇ ସେ ଭଲ

ଅତି କଠିନ କଥା ସେହି । ରାଜନ କେମନ୍ତେ କହିବଇଁ ॥
ବୋଲେ ନୃପତି ତତପର । ହେ ବିପ୍ର ବିଳମ୍ବ ନ କର ॥
ଅବଶ୍ୟ ସେ କଥା କରିବି । ତୋ ଲାଗି ଅଗ୍ନିରେ ଝାସିବି ॥
ବ୍ରାହ୍ମଣ ବୋଲଇ ରାଜନ । ସେ ଦୁଷ୍ଟ ଯା ବୋଇଲା ଶୁଣ ॥
ପୁତ୍ର ପାଳଟେ ସେହୁ ପୁଣ । ଦକ୍ଷିଣା ମାଗୁଅଛି ଜାଣ ॥
ପୁତ୍ର ନାରୀ କରତେ ଚିରି । ସର୍ବାଙ୍ଗ ବେନି ଫାଳ କରି ॥
ମନରେ ବିକଳ ନ ଥିବ । ଏମନ୍ତେ ଦକ୍ଷିଣାଙ୍କ ଦେବ ॥
ଏମନ୍ତ ମାଂସ ଆଣିଦେବୁ । ତେବେ ତୋ ପୁତ୍ରକୁ ତୁ ନେବୁ ॥
ବ୍ରାହ୍ମଣ ବୋଇଲେ ବଚନ । ପୂର୍ବର କଥା ଶୁଣ ପୁଣ ॥
କର୍ଣ୍ଣ ବୋଲଣ ଦାତା ଥିଲା । ପୁତ୍ରମାରି ଭୋଜନ ଦେଲା ॥
ବଳି ରାଜାର ଦାତାପଣ । ତିପାଦ ଭୂମି ଦେଲା ଦାନ ॥
ପୁରୁ ବୋଲଣ ମହାରାଜେ । ମାଂସ କାଟି ଦାନ ଦିଏ ॥
କପୋତ ପକ୍ଷୀକି ରଖିଲା । ପୁରାଣେ ତା କଥା ରହିଲା ॥
ଦାତା ମାନଙ୍କର ପ୍ରସ୍ତାବ । ନିଜ ଶରୀରେ ନାହିଁ ଭାବ ॥
ପର ପାଇଁ ସେ ଦ୍ୟନ୍ତି ପ୍ରାଣ । ଶୁଣିମା ହେଉ ହେ ରାଜନ ॥
ପୂର୍ବରେ ଥିଲେ ରାମଚନ୍ଦ୍ର । ଅଯୋଧ୍ୟା ଦେଶର ନରେନ୍ଦ୍ର ।
ବିପ୍ର ମଲାପୁତ୍ର ଆଣିଲେ । ସତ୍ୟବନ୍ତ ଧର୍ମ ରଖିଲେ ॥
ଶ୍ରୀରାମ ପ୍ରାୟେ ତୋତେ ଜାଣି । ତୁ ମୋ ପୁତ୍ରକୁ ଦିଅ ଆଣି ॥
ରାଜନ ଶୁଣି ଏ ବଚନ । ବୋଇଲେ ଶୁଣ ହେ ବ୍ରାହ୍ମଣ ॥
ଚିନ୍ତା ତୋ ମନରୁ ଉପେକ୍ଷ । ତୋ ପୁତ୍ର ଆଣିଦେବି ଦେଖ ॥
ମୋହର ଅର୍ଦ୍ଧଅଙ୍ଗ ଦେଲେ । ତୋ ପୁତ୍ର ବ୍ୟାଘ୍ର ଦେବ ଭଲେ ॥
ଏହା କହିଣ ସେ ରାଜନ । ପୁତ୍ର ପ୍ରଜାଙ୍କୁ ଡକାଇଣ ॥
ପୁତ୍ରକୁ ଅଭିଷେକ କଲେ । ଛତ୍ର ଧରାଇ ଖଣ୍ଡା ଦେଲେ ॥
ସୁରତେ ବସିଲେ ରାଜନ । ମାଳାତିଳକ ଆଭରଣ ॥
ବ୍ରାହ୍ମଣମାନଙ୍କୁ ଡାକଲେ । ମୋ ସତ୍ୟ ରଖହେ ବୋଇଲେ ॥
ବଢ଼ାଇ ଡାକଲେ ବହୁତ । କହିଲେ ଯାବତ ବୃତ୍ତାନ୍ତ ॥

ବଢ଼ାଇ କରତ ଘେନଣ । ଉଭା ହୋଇଲେ ପାଶେ ପୁଣ ॥
ନାରୀ ପୁତ୍ରଙ୍କୁ ଡକାଇଲେ । କଲ୍ୟାଣ କରିବ ବୋଇଲେ ॥
ମୋହର ଅଙ୍ଗ କରତିବ । ଦକ୍ଷିଣଅଙ୍ଗ ବିପ୍ରେ ଦେବ ॥
ମୋ ମନମଧ୍ୟେ ଦୁଃଖ ନାହିଁ । ଯେମନ୍ତେ ବିପ୍ର ପୁତ୍ର ପାଇ ॥
ମୋ ସତ୍ୟ ଯେମନ୍ତେ ରହିବ । ତେମନ୍ତ ତୁମ୍ଭେ ବିଚାରିବ ॥
ସେହୁ ବ୍ରାହ୍ମଣ ପାଦଧୋଇ । ଆସନେ ବସାଇଲେ ନେଇ ॥
ଦୁଇ ଖମ୍ବ ଆଣ୍ଟେ ବନ୍ଧାଇ । ମାଲଙ୍କୁ ଡାକ ସର୍ବ କହି ॥
ବୋଇଲେ ତୁମ୍ଭେ ବଳବନ୍ତ । ଆଣ୍ଟେ ଧରିବ ମୋର ଗାତ୍ର ॥
ପୁତ୍ର ନାରୀ ଯେ ମୋତେ ଚିରି । ଦକ୍ଷିଣ ଅଙ୍ଗ ତୋଳ ଧରି ॥
ସେହି ବ୍ରାହ୍ମଣେ ଦେବେ ଦାନ । ତେବେ ମୋ ସୁଫଳ ଜୀବନ ॥
ରାଣୀ ବୋଇଲେ ହେ ରାଜନ । ତୁମ୍ଭର ଦେହ ନୋହୁ ଖୁଣ ॥
ମୋତେ ସେ ଦିଅ ତୁମ୍ଭ ଦାନ । ତୁମ୍ଭର ଥାଉ ଏ ଜୀବନ ॥
ବ୍ରାହ୍ମଣ ମୋ ଶରୀର ନେଉ । ବ୍ୟାଘ୍ରଙ୍କୁ ଶୀଘ୍ର ଯାଇଁ ଦେଉ ॥
ଯେ ନାରୀ ମରେ ସ୍ୱାମୀ ଆଗେ । ପାପ ବିନାଶି ବସେ ସ୍ୱର୍ଗେ ॥
ଏହା ଶୁଣିଣ ସେ ବ୍ରାହ୍ମଣ । ବୋଲଇ ଆଗୋ ତୁମ୍ଭେ ଶୁଣ ॥
ଏ ମାଂସ ବ୍ୟାଘ୍ର ନ ଭକ୍ଷିବ । ମୋ ପୁତ୍ର କେବେହେଁ ନଦେବ ॥
ଏ ରାଜା ସତ୍ୟଭଙ୍ଗ ହେବ । ହସିବେ ପ୍ରଜାଲୋକ ସର୍ବ ॥
ତା ଶୁଣି ପୁତ୍ର କହେ ତହୁଁ । ଦିଅହେ ମୋତେ ବ୍ୟାଘ୍ର ଖାଉ ॥
ପିତା ପୁତ୍ରରେ ନାହିଁ ଭେଦ । ଜାତ ହୋଇଛୁ ତାଙ୍କ ସ୍ୱେଦ ॥
ଶ୍ରୀରାମ ଥିଲେ ଯେ ପୂର୍ବେଣ । ପିତା ସତ୍ୟରେ ଗଲେ ବନ ॥
ପର୍ଶୁ ଜନ୍ମିଲେ ଋଷିଘର । ପିତାର ସତ୍ୟ କଲେ ସାର ॥
ଶୁଣିମା ହେଉ ହେ ବ୍ରାହ୍ମଣ । ପିତା ନିମନ୍ତେ ଯାଉ ପ୍ରାଣ ॥
ସଂସାରେ ରହୁ କୀର୍ତ୍ତି ମୋର । ପାଦେ ପଡ଼ୁଛି ମୁଁ ତୁମ୍ଭର ॥
ଏହା ଶୁଣିଣ ସେ ବ୍ରାହ୍ମଣ । ବୋଲଇ ରାଜପୁତ୍ର ଶୁଣ ॥
ମାତା ସୁତ ଯେ କରତେଣ । କରତ ରାଜା ଅଙ୍ଗ ପୁଣ ॥
ଦକ୍ଷିଣ ଅଙ୍ଗ ଯେବେ ଦେବ । ତେବେ ସେ ବ୍ୟାଘ୍ର ତା ଭକ୍ଷିବ ॥

ତେବେ ପୁତ୍ରକୁ ଦେବ ସେହି । ତୋ ହସ୍ତେ କରତକୁ ଦେହି ॥
ଏମନ୍ତ ରାଜପୁତ୍ର ଶୁଣି । ଆପଣା ମନ ମଧ୍ୟେ ଗୁଣି ॥
ବୋଲେ ଏ ନିଶ୍ଚେ ନାରାୟଣ । ନୋହିଲେ ଦ୍ୟନ୍ତେ କି କଷଣ ॥
ଚନ୍ଦ୍ରଧ୍ୱଜ ଆନନ୍ଦ ହୋଇ । କରତ ପୁତ୍ର ହସ୍ତେ ଦେଇ ॥
ପରମ ଆନନ୍ଦରେ ବୁଡ଼ି । ନାରୀଙ୍କ ବୋଲେ ତଡ଼ବଡ଼ି ॥
ବିଳମ୍ବ ନକର ଗୋ ପୁଣ । ହୋଇବ ସତ୍ୟଭଗ୍ନ ଜାଣ ॥
ଏତେକେ ସେ ରାଜା କହିଲା । ଗୁରୁ ନାମ ଉଚ୍ଚେ ରଟିଲା ॥
ରାମ ଗୋବିନ୍ଦ କୃଷ୍ଣ ହରି । ଅଚ୍ୟୁତ ଅନନ୍ତ ମୁରାରି ॥
ଶ୍ରୀମଧୁସୂଦନ ମୁକୁନ୍ଦ । ଆରତ ଖଣ୍ଡ ହେ ଗୋବିନ୍ଦ ॥
ଏହା ଶୁଣିଣ ଦେବଲୋକେ । ଆକାଶେ ଦେଖନ୍ତି ଉତ୍ସୁକେ ॥
ପ୍ରଜାଲୋକେ ଯେ ଯାହା କଲେ । ବ୍ରାହ୍ମଣେ ହରି ଉଚ୍ଚାରିଲେ ॥
ମାତା ପୁତ୍ରଙ୍କର ଆନନ୍ଦ । ଭଜନ୍ତି ଶ୍ରୀରାମ ଗୋବିନ୍ଦ ॥
ରାଣୀ ବୋଇଲେ ବିନୟରେ । ଶୁଣ ମୋ ବାଣୀ ବପ୍ରବରେ ॥
ଭେଦ କରିଅଛ କାନ୍ତେଣି । ନୃସିଂହ ପରି ବିଦାରିଣି ॥
ନୃସିଂହ ପରି ମୁଁ ଦାରୁଣ । ମୁଁ ଜାଣେ ତୁମ୍ଭେ ନାରାୟଣ ॥
ତା ଶୁଣି ନୃପତି ବୋଲଇ । ରାଣୀ ତୋ ଗୁଣ ଶୁଝି ନୋହି ॥
ଯେସନେ ରମଣର କାଳେ । ନଖ ଦନ୍ତଘାତେ ବିହ୍ୱଳେ ॥
ସେ କାଳେ ଦୁଃଖ ନ ଲାଗଇ । ତେସନେ ନିର୍ଭୟ ହେଲେ ତହିଁ ॥
ଶୁଣିମା ହେଉ ମହାଦେଈ । ବେଗେ କରତ ମୋର ଦେହି ॥
ଚକ୍ରଧର କରିବେ ପାରି । ହରିଣୀ ବପୁଡ଼ି ଉଦ୍ଧାରି ॥
ଦ୍ରୌପଦୀ ଲଜ୍ଜା ନିବାରିଲେ । ଗଜକୁ ଆତଙ୍କୁ ରଖିଲେ ॥
କୁମ୍ଭୀର ନାଶନ ଯେ ହରି । ସେ ହରି ମୋତେ ଯେ ଉଦ୍ଧାରି ॥
ଏହା କହନ୍ତେ ସେ ମନର । ତାହା ଜାଣିଲେ ଚକ୍ରଧର ॥
ଏସନ ସମୟରେ ତହିଁ । ବେଗେ କରତ ଦେଲା ଦେହି ॥
ବାମ ଚକ୍ଷୁରୁ ଲୁହ ଝରି । ତା ଦେଖି ଅନ୍ତର୍ଭୂତ ହରି ॥
ରାଜା ଯେ ସତ୍ୟ ନ ରଖିଲା । ଶରୀର ଯାର ଭ୍ରମ ହେଲା ॥

ନିସତ ହୋଇଲୁ ରାଜନ । ଦାନକୁ ଯୋଗ୍ୟ ନୋହେ ପୁଣ ॥
ଆଗମ ନିଗମ ଅଛଇ । କଳ୍ପନା ଦାନଯୋଗ୍ୟ ନୋହି ॥
ଏ ଦାନ ମୁହିଁ ନ ଘେନିବି । ଅପୁତ୍ରୀ ଦୋଷକୁ ଲଭିବି ॥
ଏତେ କହିଣ ଉଭା ହେଲେ । ମନ୍ଦେ ମନ୍ଦେ ଗମନ କଲେ ॥
ତହୁଁ ସେ ରାଣୀର ଉଦ୍‌ବେଗ । କନ୍ଦେ ଘେନିଣ ଦକ୍ଷ ଅଙ୍ଗ ॥
ଆଗରେ ଓଗାଳିଲେ ଯାଇ । ରୁଷି ତୁ ନ ଯାଅ ଗୋସାଇଁ ॥
ରାଜା ସତ୍ୟ କୀର୍ତ୍ତି ନାଶିଣ । କମ୍ପା କରୁଛ ବିଡ଼ମ୍ବଣ ॥
ବ୍ରାହ୍ମଣ ବୋଲଇ ସେ ଭାବ । କଳ୍ପନା ଦାନ ନ ଘେନିବି ॥
ଆଗୋ ରାଣୀ ଶୁଣ ବଚନ । ରାଜା ଯେ କଲେକ ବେଦନ ॥
ରାଣୀ ବୋଲେ ଶୁଣିମା ହେଉ । ତାହା ଚରିତ୍ର ଏବେ ଏହୁ ॥
ବାମ ଅଙ୍ଗ ମନେ ଭାବିଲା । ଦକ୍ଷିଣ ଅଙ୍ଗ ପୁଣ୍ୟ କଲା ॥
ବିପ୍ରର ଉପକାରୀ ଯେଣୁ । ପୁତ୍ର ପାଇବ ସେହୁ ତେଣୁ ॥
ବାମ ଅଙ୍ଗ ଗ୍ଲାର ମୁଁ ହେଲି । କାହିଁରେ ଯୋଗ୍ୟ ତ ନୋହିଲି ॥
ଏମନ୍ତ ପ୍ରକାରେ ବାମଅଙ୍ଗ । କାନ୍ଦିଲା ତା ଦେଖି ବିଭଙ୍ଗ ॥
ଏହା ଶୁଣି ହୃଷ୍ଟ ଶ୍ରୀହରି । ଧନ୍ୟ ଗୋ ରାଣୀ ତୁ ଚତୁରୀ ॥
ଏକସେ ବେନଅଙ୍ଗ କରି । ଫୁଙ୍କିଲେ ସୁମନ୍ତ୍ର ଉଚ୍ଚାରି ॥
ଜୀବ ପାଇଣ ସେ ରାଜନ । ପ୍ରମାଣ କରେ ପୁଣ ପୁଣ ॥
ନିଜରୂପ ଧରି ଶ୍ରୀହରି । ଚାରି ଭୁଜରେ କୋଳକରି ॥
ପୁତ୍ରକୁ ଯେସନେ ପିତା କୋଳ । ଆନନ୍ଦେ ହୋଇଲେ ବିହ୍ୱଳ ॥
ରାଜନ ଲୋଟଇ ଚରଣ । ବୋଲେ ମୋତେ କର କାରଣ ॥
ମୁହିଁ ଯେ ସଂସାରେ ପତିତ । ମୋତେ ଉଦ୍ଧର ଲକ୍ଷ୍ମୀକାନ୍ତ ॥
ତୁମ୍ଭେ ନିର୍ଦ୍ଧନଙ୍କର ଧନ । ପତିତ ଜନ ଉଦ୍ଧାରଣ ॥
କୋଟି ବ୍ରହ୍ମାଣ୍ଡକୁ ଉଦ୍ଧର । ଘଟେ ଘଟେ କର ବିହାର ॥
ସଂସାର ଖେଳଘର ପରି । ଏ ଘୋର ସଂସାରୁ ଉଦ୍ଧରି ॥
ତୁମ୍ଭେ ଯେ ଅଟ ଜ୍ଞାନଦାତା । ତୁମ୍ଭେ ଯେ ଦୁଃଖ ସୁଖଦାତା ॥
ମାତା ପିତା ଯେ ତୁମ୍ଭେ ଅଟ । ତେଣୁ ମୋ ମନମଧ୍ୟେ ଖଟ ॥

ଆଦି ଯେ ଅନ୍ତ ତୁମ୍ଭେ ଜାଣ । ତେଣୁ ସେ ଗରୁଡ଼ ବାହନ ॥
ଯେଣୁ ସେ ଅନନ୍ତ ମୂରତି । ନରକନାଶନ ଶ୍ରୀପତି ॥
ମୋର କୋଟିଏ ନମସ୍କାର । ଏ ଘୋର ସଂସାରୁ ଉଦ୍ଧର ॥
ଏଣୁ ଶରଣ ଶ୍ରୀପଦ୍ମରେ । ଜନମ ନୋହିବ ସଂସାରେ ॥
ହସି ନାରାୟଣ ପ୍ରସନ୍ନ । ସଧୀରେ କହନ୍ତି ବଚନ ॥
ଧନ୍ୟ ରାଜନ ସତ୍ୟବାଦି । ମୁକତି ତୋହର ପ୍ରସିଦ୍ଧି ॥
ପରୀକ୍ଷା କଲି ବହୁତରେ । ସତ୍ୟଭଗ୍ନ ନୋହିଲା ତୋରେ ॥
ସ୍ୱଦେହେ ଦୁଃଖ ତୋର ନୋହୁ । ଅନ୍ତେ ବୈକୁଣ୍ଠ ପ୍ରାପ୍ତ ହେଉ ॥
ଏତେ କହିଣ ଅନ୍ତର୍ଦ୍ଧାନ । ହେଲେ ସେ ପ୍ରଭୁ ଭଗବାନ ॥
ଅନ୍ତେଣ ବୈକୁଣ୍ଠ ପ୍ରାପତି । ଶୁଣ ସୁଜନେ ହୃଷ୍ଟମତି ॥
ଏ ଦାର୍ଢ୍ୟ ଗୀତ ଯେ ଶୁଣନ୍ତି । ଅନ୍ତେ ଲଭନ୍ତି ମୋକ୍ଷଗତି ॥
ଗ୍ରହ ପୀଡ଼ାହିଁ ନ ବାଧଇ ନିର୍ଦ୍ଧନ ଲୋକ ଧନ ପାଇ ॥
ଅପୁତ୍ରି ଜନ ପାଏ ପୁତ୍ର । କାଷ୍ଟେ କାମଦେବ ପ୍ରାପତ ॥
ଚିତ୍ତରେ ଯେ ଜନ ଶ୍ରବଣ । ଯେ ଅବା କରନ୍ତି ଗାୟନ ॥
ବିଶ୍ୱାସ ମୂଳ ସାଧୁସେବା । ଧର୍ମର ମୂଳ ଦୟାଥିବା ॥
ସେ ପ୍ରଭୁ କଦମ୍ବ ମୂଳଆ । ସେ ପ୍ରଭୁ ମୟୂର ଚୂଳଆ ॥
ଗୁଞ୍ଜାମାଳରେ ଯେ ମଣ୍ଡିତ । ଅଧରେ ମୁରଲୀ ଶୋଭିତ ॥
ଭଣେ ବିପ୍ର ସେ ରାମ ପାଦେ । ମନ ମୋ ରହୁ ଅପ୍ରମାଦେ ॥
କୃପା କର ହେ ସାଧୁ ସନ୍ଥ । ଅନୁବ୍ରତେ ରହୁ ମୋ ଚିତ୍ତ ॥
ଅସାର ଅଟେ ଏ ସଂସାର । ଏଥେ ହରି ଭଜନ ସାର ॥
ମାଳଚଳରେ ଯେହ୍ନେ ସ୍ଥିତ । ତାପାରେ ମୋ ମନ ଅର୍ପିତ ॥
ପଦ ପଦକେ ସୁଧାରସ । ସୁଜନେ ନିରନ୍ତର ଘୋଷ ॥
ଏଥେ ନିର୍ମଳ ଚିତ୍ତ ଯାର । ନଷ୍ଟେ ସେ ଭବୁଁ ହୁଏ ପାର ॥

ଇତିଶ୍ରୀ ଦାର୍ଢ୍ୟତାଭକ୍ତି ରସାମୃତେ ମନ ଚୈତନ୍ୟ ସମ୍ବାଦେ
ଚନ୍ଦ୍ରଧ୍ୱଜ ଦାର୍ଢ୍ୟଭାବ ବର୍ଣ୍ଣନେ ନାମ
ଦ୍ୱିପଞ୍ଚାଶୋଽଧ୍ୟାୟଃ ।

# ଦ୍ୱିପଞ୍ଚାଶତ୍ ଅଧ୍ୟାୟ

## ବଡ଼ବିପ୍ର ଓ ଛୋଟବିପ୍ର ସମ୍ବାଦ

### ଚୈତନ୍ୟ ଉବାଚ

ପୁଣି କହଇ ଚଇତନ । ଶୁଣ ହୋ ସୁମନ ରାଜନ ॥
ମିଥ୍ୟା ଅଟଇ ଧନ ଜନ । ସତ୍ୟ କେବଳ ଅଟେ ନାମ ॥
ଦୁର୍ଲ୍ଲଭ ଅଟେ ନରଦେହ । ଭକ୍ତିରେ ତୁଟେ ମାୟା ମୋହ ॥
ସଂସାରେ ହରିନାମ ସାର । ଭଜିଲେ ଦୁସ୍ତରୁ ନିସ୍ତାର ॥
ତେଣୁ ବିଶ୍ୱାସ ଅଟେ ମୂଳ । ଯହିଁ ପ୍ରାପତ ଆଦିମୂଳ ॥
ପରମାନନ୍ଦ ପୀତବାସ । ଭକ୍ତ ହୃଦୟେ କରେ ବାସ ॥
ସେ ପ୍ରଭୁ ସୁରଙ୍ଗ ପୟରେ । ଭକତ ବାନ୍ଧେ ଭକ୍ତିଡୋରେ ॥
ଭକ୍ତବତ୍ସଳ ନରହରି । ଭକତହିତେ ଦେହ ଧରି ॥
ଅଶେଷ ତୁମ୍ଭର ମହିମା । କେ କହିପାରେ ଗୁଣସୀମା ॥
ବିଦ୍ୟାନଗରେ ନାମ ଗ୍ରାମେ । ଥିଲେ ଯେ ଦୁଇ ଦ୍ୱିଜୋତ୍ତମେ ॥
ଶ୍ରେଷ୍ଠ ଯେ ବଡ଼ ବିପ୍ର ବୋଲି । କହନ୍ତି ଜନେ ସବେ ଭୁଲି ॥
ବେନିଏ ଅତି ଶାନ୍ତ ଧୀର । କୃଷ୍ଣଭକତ ସଦାଚାର ॥
ଏକଇ ଆତ୍ମା ବେନିଜନ । କ୍ଷଣେ ନୁହନ୍ତି ଭିନ୍ନା ଭିନ୍ନ ॥
ଶ୍ରେଷ୍ଠ ବିପ୍ରର ନାହିଁ କେହି । ଆବର ଦରିଦ୍ର ଅଟଇ ॥
ଲଗାଇ ଶରୀର ଜୀବିତ । ସାଧଇ ପରସେବା ବ୍ରତ ॥
ବଡ଼ ବିପ୍ର ଯେ ସୁକୁଳୀନ । ବହୁ କୁଟୁମ୍ବ ଧନବାନ ॥
ଅନେକ ଦାନ ପୁଣ୍ୟ କରେ । ଦୁଃଖୀର ଦୁଃଖ ସଦା ହରେ ॥
ଦୁହେଁ ବିଚାର ଦିନେ କଲେ । ତୀର୍ଥ ଭ୍ରମଣେ ବାହାରିଲେ ॥
ହୋଇଣ ଆନନ୍ଦିତ ମନ । ଭ୍ରମିଲେ ନାନା ତୀର୍ଥମାନ ॥
ଗ୍ଲଇଁର ପ୍ରାୟ ଅନୁସରି । ଶ୍ରେଷ୍ଠ ବିପ୍ର ଯେ ସେବା କରି ॥
ତାହାର ଭକ୍ତି ସେବା ପାଇ । ବଡ଼ ବିପ୍ର ଯେ ହେଲା ମୋହି ॥
ଏମନ୍ତେ ଭ୍ରମି ବେନି ଜନେ । ପ୍ରବେଶ ହେଲେ ବୃନ୍ଦାବନେ ॥

ଯହିଁ ଶ୍ରୀକୃଷ୍ଣ ବନମାଳୀ । କରିଣ ଥିଲେ ନାନା କେଳି ॥
ସେ କ୍ଷେତ୍ରେ ରଜ ଦେହେ ବୋଳି । ଆନନ୍ଦେ ହେଲେ କୋଳାକୋଳି ॥
କରି ଶ୍ରୀ ଗୋପାଳ ଦର୍ଶନ । ପବିତ୍ର କଲେ ନେତ୍ର ମନ ॥
ଭକ୍ତିରେ ହୋଇ ଗଦ ଗଦ । ସେବିଲେ ପ୍ରଭୁ ପଦ୍ମପାଦ ॥
ଭକ୍ଷିଣ ପ୍ରସାଦ ଆଦର । ପବିତ୍ର କଲେ କଳେବର ॥
ଏମନ୍ତେ ତହିଁ କତିଦିନ । ରହିଲେ ବିପ୍ର ବେନି ଜନ ॥
ବଡ଼ବିପ୍ର ସେ ତୋଷମନେ । ଶ୍ରେଷ୍ଠ ବିପ୍ରଙ୍କୁ ଏକଦିନେ ॥
କହଇ ଆହେ ବିପ୍ରବର । ତୁମ୍ଭେ ଅଶେଷ ଗୁଣାଧାର ॥
ଜାଗ୍ରତ ରହି ରାତ୍ରଦିନ । ସେବୁଛ ଦେଇ ପ୍ରାଣମନ ॥
ରଖିଛ ଋଣୀ କରି ମୋତେ । ଏ ଋଣୁ ତରିବି କେମନ୍ତେ ॥
ଏ ଋଣ ଯେବେ ନ ଶୁଝିବ । କୃତଘ୍ନ ସିନା ହୋଇଯିବ ॥
ଏଥିକି ମୋର ଏହିମନ । କରିବି କନ୍ୟାରତ୍ନ ଦାନ ॥
ରୂପବନ୍ତୀ ସେ ଗୁଣବନ୍ତୀ । ସାକ୍ଷାତେ ଲକ୍ଷ୍ମୀ ସରସ୍ୱତୀ ॥
ସେ ସେବୁ ତୁମ୍ଭର ଚରଣ । ତେବେ ଶୁଝିବ ମୋର ଋଣ ॥
ଏ କଥା ଶ୍ରେଷ୍ଠବିପ୍ର ଶୁଣି । ରହିଲା ହୋଇ ଦଣ୍ଡେ ତୁନି ॥
ଧୀରେ କହିଲା ଏ ବଚନ । ତୁମ୍ଭେ କୁଳୀନ ଧନବାନ ॥
ଦରିଦ୍ର ବିପ୍ର ମୁଁ ଅଟଇ । ମୋର ତ ପୁଣି କେହି ନାହିଁ ॥
ମୋତେ କି କନ୍ୟା ବିଭା ଦେବ । କାହିଁକି କହ ଅସମ୍ଭବ ॥
କହଇ ବଡ଼ବିପ୍ର ପୁଣି । କୁଳେ ମୋ ନାହିଁ ପ୍ରୟୋଜନ ॥
ଧନ ସହିତେ କନ୍ୟା ଦେବି । ଧର୍ମହିଁ ରକ୍ଷା ମୁଁ କରିବି ॥
ତହୁଁ ସେ ଶ୍ରେଷ୍ଠବିପ୍ର ବୋଲେ । ପରତେ ଯିବ ସତ୍ୟକଲେ ॥
ଏହି ଗୋପାଳ ସାକ୍ଷାତରେ । ଶୁଣିଣ ବଡ଼ବିପ୍ର ଧୀରେ ॥
ବୋଲେ ମୋ ସତ୍ୟ ତିନିବାର । ସାକ୍ଷୀ ଏ ଗୋପାଳ ଠାକୁର ॥
ଏମନ୍ତେ ସତ୍ୟ ଦୁହେଁ କଲେ । ଶୁଭେ ଘରକୁ ଫେରିଗଲେ ॥
ଗତ ହୋଇଲା ଦିନଗୁର । କନିଷ୍ଠ ବିପ୍ର ଯେ ପଗୁର ॥
କନ୍ୟା ଦେବାକୁ କଲ ପଣ । କମ୍ପା ତା ମନକୁ ନ ଆଣ ॥

ବଡ଼ବିପ୍ର ଯେ ହସି ମନ୍ଦ | ବୋଲଇ ନାହିଁ ମୋର ଛନ୍ଦ ॥
ପୁଣ ଭାରିଯା ବନ୍ଧୁଜନ | ତାଙ୍କ କହିବ ମୋର ପଣ ॥
ବାଦ କରିବେ ସେ ଜାଣଇ | ତହିଁକି ଡର ମୋର ନାହିଁ ॥
ଯାଅ ନିଷ୍ଠାନ୍ତରେ ଘରେ ଥାଅ | ବିବାହ ଦେବ ନିଷ୍ଠେ ଝିଅ ॥
ଦିବସ ଶେଷେ ରବି ଅସ୍ତ | ସନ୍ଧ୍ୟା ହୋଇଲା ଉପଗତ ॥
ଶୁଭିଲା ଦେଉଳେ କାହାଳୀ | ଶଙ୍ଖ ମର୍ଦ୍ଦଳ କରତାଳି ॥
ଘଣ୍ଟ ଭକତ ଗୀତନାଦ | ପବିତ୍ର ହେଲା କର୍ଣ୍ଣ ହୃଦ ॥
ଏ ଅନ୍ତେ ଏକେ ଏକେ ଆସି | ବଡ଼ବିପ୍ରର ପାଶେ ବସି ॥
ପୁତ୍ର ଭାରିଯା ସକୁଟୁମ୍ବ | ଶୁଣନ୍ତି ଭ୍ରମଣ ପ୍ରସ୍ତାବ ॥
କହଇ ବିପ୍ର ମନ ତୋଷେ | ଏହି ପ୍ରସଙ୍ଗ ଅବଶେଷେ ॥
ଶ୍ରେଷ୍ଠ ବିପ୍ରର ସାଧୁପଣ | ସେବ ତୋଷିବା ଆଦିଗୁଣ ॥
କହିଲା ଧନ୍ୟ ଧନ୍ୟ ବାଣୀ | ସକଳେ ଶୁଣି ମୁଖେ ଭଣି ॥
ଏକାଳେ ବିପ୍ର ଭଲ ବୁଝି | କହିଲା ଜଣାଇ ମରଜି ॥
ସତ୍ୟେ ମୁଁ ହୋଇଛି ବନ୍ଧନ | କରିବ ତାକୁ କନ୍ୟାଦାନ ॥
ଶୁଣିବାମାତ୍ରେ ଏହିକଥା | ସତେ କି କାଳସର୍ପ ମଥା ॥
ପାଦେ କେ ଅବା ଦେଲେ ଦଳି | ତେମନ୍ତ ଆରମ୍ଭିଲେ କଳି ॥
ସେଇଟା କୁଳଗୋତ୍ର ହୀନ | ଆବର ଅତି ଅକିଞ୍ଚନ ॥
ଆମ୍ଭେ କୁଳୀନ ବଂଶଧର | ଅପାତ୍ରେ ବନ୍ଧୁତ୍ୱ ବେଭାର ॥
କେ ବୋଲେ ନୀଚଜାତି ଅଂଶେ | କେହି ନାହାନ୍ତି ତାର ବଂଶେ ॥
ଲୋକରେ ନିନ୍ଦା ପ୍ରକାଶିବ | ଆପଣା କୁଳ ଧ୍ୱଂସ ଯିବ ॥
ବିପ୍ର ବୋଇଲେ ତେବେ ମୁହିଁ | ସତ୍ୟ କେମନ୍ତେ ଲଙ୍ଘିବଇଁ ॥
ନରକେ ହେବ ମୋର ବାସ | ନିସ୍ତାର ପଥ ଆଉ କିସ ॥
ଭାରିଯା କହେ କାହିଁ ତାକୁ | ଭସାଇ ଦେବ ମୋ ଝିଅକୁ ॥
ପୁତ୍ର ପ୍ରକାଶି ଗୁରୁ ଶ୍ରେଷ୍ଠ  ବୋଲଇ ଖାଇବି ମୁଁ ବିଷ ॥
ମରିବ ଗଲେ ଛୁଆମାନର | ତାହାକୁ ଦିଅ ନାହିଁ ବର ॥
ବିପ୍ର ଦେଖି ଏ ଉତପାତ | ହୋଇଲା ତାର ବୁଦ୍ଧିହତ ॥

ଏକାଳେ ଜ୍ୟେଷ୍ଠବିପ୍ର ଆସି । ଘର ମଧ୍ୟକୁ ଗଲା ପଶି ।।
ବଡ଼ବିପ୍ରକୁ ପଚାରିଲା । ବିବାହ ଦିନ କେବେ ହେଲା ।।
ତାହାକୁ ଦେଖି ବିପ୍ରସୁତ । ହିଙ୍ଗାସି କହିଲା ବହୁତ ।।
ବୋଇଲା ଦେଖ ଦୁଷ୍ଟପଣ । ପିତାଙ୍କୁ ଭଙ୍ଗ ଖୁଆଇଣ ।।
ଧନ ବସନ ହରିନେଲ । ପଚାଶେ ମାଣ ବସିଥିଲ ।।
ଭୟରେ ସତ୍ୟକଲେ ପିତା । ଦେବାକୁ ଆପଣା ଦୁହିତା ।।
ଏ ସତ୍ୟ ନକ ପରମାଣ । ଆତଙ୍କ କାଳ ବାକ୍ୟ ଜାଣ ।।
ସାହସ ବଡ଼ ଏଇଠାର । ହେବ ଏ ମୋର ଭଗ୍ନୀବର ।।
ଧାଇଁ ଆସିଛୁ କଥା ଶୁଣି । ଏହାର ମୁଣ୍ଡ ଦେବ ହାଣି ।।
ଏ ବୋଲ ଶୁଣି ପାଞ୍ଚ ସାତ । ହୋଇଲେ ଆସି ଉପଗତ ।।
ସର୍ବେ ବୋଇଲେ ରହ ରହ । ବୁଝିବା ଫେଡ଼ିଣ ସନ୍ଦେହ ।।
ପୁଚ୍ଛିଲେ ଜ୍ୟେଷ୍ଠବିପ୍ର ସତ୍ୟ । କହ ଗୋ ସାକ୍ଷୀ ଏଥିକତ ।।
କହଇ ଜ୍ୟେଷ୍ଠବିପ୍ର ଧୀରେ । ସାକ୍ଷୀ ମୋ ଅଛି ବ୍ରଜପୁରେ ।।
ଶ୍ରୀବୃନ୍ଦାବନ ପୀଠନାଥ । ଗୋପାଳ ଜାଣଇ ସମସ୍ତ ।।
ନିୟମ କରି କହ ସର୍ବେ । ଅନ୍ୟାୟ ନ କରିବେ ଯେବେ ।।
ତେବେ ପଞ୍ଚର ମତ ଘେନ । ଯିବ ସେ ଦେବତାଙ୍କୁ ଆଣି ।।
ସକଳେ ଶୁଣି ପାଞ୍ଚ ମନେ । ପ୍ରତିମା ଆସିବ କେସନେ ।।
ଯେବେ ତା କହେ ମୁଣ୍ଡେ ବହି । ଆଣିବ ଗୋପାଳକୁ ଏହି ।।
ସେ କି ମନୁଷ୍ୟ ପରି ଭାବ । କଥା କହିବ ଅସମ୍ଭବ ।।
ଏମନ୍ତେ ମନେ ବିଚାରିଲେ । ଆଣ ବୋଲିଣ ଆଜ୍ଞା ଦେଲେ ।।
ଭଲଲୋକଙ୍କ ଆଜ୍ଞା ପାଳି । ଜ୍ୟେଷ୍ଠ ବିପ୍ର ସେ ଗଲା ଚଳି ।।
ପ୍ରବେଶ ହେଲା ବୃନ୍ଦାବନେ । ଗୋପାଳ ଦେବ ସନ୍ନିଧାନେ ।।
ପ୍ରତିମା ଜ୍ଞାନ ତାର ନାହିଁ । ଜାଣେ ସାକ୍ଷାତେ ଭାବଗ୍ରାହୀ ।।
ସାକ୍ଷୀ ହୋଇଛୁ ବେନିଙ୍କର । ଅବଶ୍ୟ ଯିବ ଆମ୍ଭ ଘର ।।
ଏତେ ଆଗ୍ରହ ବିଭା ଲାଗି । ନୁହଇ ଅଧରମ ଭାଗୀ ।
ହୋଇବ ବଡ଼ବିପ୍ର ମୋର । ଏଥିକି ବଡ଼ ଭୟ ତାର ।

ସାଧୁର ହୃଦୟୁ ଏ ଭଳି । ଅନ୍ୟ ଦୁଃଖେ ସେ ଯାଏ ଡଳି ॥
ଏତେ ଉତ୍କଣ୍ଠା ସେ କାରଣେ । ସାଧୁର ମନ ସାଧୁ ଜାଣେ ॥
ବଡ଼ ବିପ୍ର ଯେ ଘରେ ଥିଲି । ଗୋପାଳେ ସ୍ତୁତି ଆରମ୍ଭିଲି ॥
ହେ ପ୍ରଭୁ ମୁଁ ତୁମ୍ଭ କିଙ୍କର । ସଙ୍କଟୁ ମୋତେ ରକ୍ଷାକର ॥
ବଞ୍ଚନ୍ତୁ ମୋର ପରିବାର । ସତ୍ୟୁ ଲଭଇ ମୁଁ ଉଦ୍ଧାର ॥
ଦୟା ସାଗର ନରହରି । ସକଳ ତୁମ୍ଭେ ପାପ କରି ॥
ତେଣେ ଗୋପାଳ ପାଦେ ପଡ଼ି । ଶ୍ରେଷ୍ଠବିପ୍ର ଯେ କରଯୋଡ଼ି ॥
ବୋଇଲି ବିନୟ ବଚନ । ହେ ପ୍ରଭୁ ବିପଦ ଭଞ୍ଜନ ॥
ସର୍ବସ୍ବ ଅନ୍ତର୍ଯ୍ୟାମୀ ତୁହି । କିସ କହିବ ଅବା ମୁହିଁ ॥
ତୁ ସାକ୍ଷୀ ଥାଇ ଦେବଦେବ । ବ୍ରାହ୍ମଣ ସତ୍ୟ ଭ୍ରଷ୍ଟ ହେବ ॥
କାହାକୁ ହେବ ଅପଯଶ । ଝଟତି ଯିବା ପ୍ରଭୁ ଆସ ॥
ଶୁଣିଣ ବ୍ରାହ୍ମଣ କଥାଳ । ପ୍ରସନ୍ନେ ମଦନ ଗୋପାଳ ॥
ସୁରଙ୍ଗ ଅଧରେ ପ୍ରକାଶ । କରିଣ ମନ୍ଦ ମନ୍ଦ ହାସ ॥
ବୋଇଲେ ବଚନ ଗମ୍ଭୀରେ । କି କଥା କହ ବିପ୍ର ମୋରେ ॥
ଶିଳା ପ୍ରତିମା ହୋଇ ମୁହିଁ । କେମନ୍ତେ ପଥ ଚାଲିବଇଁ ॥
ବିପ୍ର ବୋଇଲା ମାୟାଧର । ମୋଠାରେ କପଟ ନ କର ॥
ପ୍ରତିମା ହୋଇ କି ପ୍ରକାରେ । ବଚନ ଭାଷେ ସୁଗମ୍ଭୀରେ ॥
ହସି ଭାଷିଲେ ଶ୍ରୀଗୋପାଳ । ସାକ୍ଷୀ ଦେବାକୁ ଯିବା ଚାଲ ॥
ଆହାରେ ହାଣ୍ଡିଏକ ଅନ୍ନ । ଭୋଗ କରିବୁ ପ୍ରତିଦିନ ॥
ଆମ୍ଭେ ତୋ ପଛେ ପଛେ ଯିବୁ । ତୁ ଫେରି ପଛେ ନ ଚାହିଁବୁ ॥
ପଛେ ଚାହିଁବୁ ଯଦି ତୁହି । ଆମ୍ଭେ ରହିବୁ ନିଶ୍ଚେ ତହିଁ ।
ନୂପୁର ଶବଦ ଆମ୍ଭର । ଶ୍ରବଣେ ଜାଣିବୁ ଯିବାର ॥
ବିପ୍ର ଏମନ୍ତ ବାଣୀ ଶୁଣି । ଉଠିଲି ହେଉ ପ୍ରଭୁ ଭଣି ॥
ଚାଲିଲି ବେଗ ବେଗ ଆଗେ । ଗୋପାଳ ଚାଲେ ପଛଭାଗେ ॥
ଏମନ୍ତେ ପଥ ଗଲେ ବାହି । ଗ୍ରାମ ନିକଟେ ହେଲେ ଯାଇ ॥
ନୂପୁର ରନ୍ଧ୍ରେ ଗଳି ଗଳି । ଭରତି ହୋଇ ପଥ ଧୂଳି ॥

ଶବଦ ନ କଲା ନୂପୁର । ବିପ୍ର ସନ୍ଦେହ ଗୁରୁତର ॥
ପ୍ରଭୁ କି ଠକି ଗଲେ ମୋତେ । ଲେଉଟି ଚାହିଁଲା ପଶ୍ଚାତେ ॥
ହସିଣ ଗୋପାଳ ସେ ତହିଁ । ନିଶ୍ଚଳ ହୋଇଗଲେ ରହି ॥
ଗ୍ରାମକୁ ଛୋଟ ବିପ୍ର ଗଲା । ସକଳ ସନ୍ଦେହ କହିଲା ॥
ହୋଇଲେ ଲୋକ ଆଚମ୍ବିତ । ଧାଇଁଲେ ଦର୍ଶନେ ତ୍ୱରିତ ॥
ତାହାଙ୍କ ଭିତରେ ମହନ୍ତ । ଯେ ଯେତେ ଥିଲେ ଉପସ୍ଥିତ ॥
ତାଙ୍କ ଆଗରେ ସାକ୍ଷୀ ମତେ । କହିଲେ ଗୋପାଳ ସାକ୍ଷାତେ ॥
ଶୁଣ ସକଳ ସାଧୁ ନର । ସତ୍ୟ କରିଛି ପ୍ରକୃତରେ ॥
ବଡ଼ବିପ୍ର ଯେ ଶୁଦ୍ଧମନେ । ଛୋଟ ବିପ୍ରକୁ କନ୍ୟାଦାନେ ॥
ଏଥିରେ ସନ୍ଦେହ ନ କର । ବିପ୍ର ବିହିତେ କନ୍ୟାବର ॥
ଯେମନ୍ତେ ଅନ୍ତରୀକ୍ଷ ବାଣୀ । ତେମନ୍ତେ ଶୁଭିଲା କାହାଣୀ ॥
ସକଳେ ଶୁଣିଲେ ଚକିତେ । ବୋଇଲେ ଧନ୍ୟ ଏ ଭକତେ ॥
ବଡ଼ବିପ୍ରର କି ଆନନ୍ଦ । ମୁଖ କି ପୂର୍ଣ୍ଣିମାର ଚନ୍ଦ୍ର ॥
ବିବାହ ସଂସ୍କାର ଭିଆଇ । ଛୋଟ ବିପ୍ରକୁ କନ୍ୟା ଦେଇ ॥
ମହାଉତ୍ସବେ ହେଲା ମେଳ । ପୂଜିଲା ଠାକୁର ଗୋପାଳ ॥
ବିଦ୍ୟାନଗର କାଞ୍ଚିପୁର । ରାଜା ପାଇ ଏ ସମାଚାର ॥
ତୋଳାଇ ଦେଲା ଯେ ଦେଉଳ । ତହିଁରେ ରହିଲେ ଗୋପାଳ ।
ସାକ୍ଷୀଗୋପାଳ ନାମ ବହି । ପବିତ୍ର କଲେ କାଞ୍ଚି-ଭୂଇଁ ।
ଏମନ୍ତେ ଉତ୍କଳ ରାଜନ । ପୁରୁଷୋତ୍ତମ-ଦେବ-ଜାଣ ।
ତା ସଙ୍ଗେ କାଞ୍ଚି ରାଜାଙ୍କର । ବିବାଦ ହେଲା ଘୋରତର ।
ଅତି ସୁନ୍ଦରୀ ଗୁଣବତୀ । ରାଜାର କନ୍ୟା ପଦ୍ମାବତୀ ।
ପୁରୀ ରାଜାଙ୍କୁ ବିଭା ହେଇ । ପୂର୍ବୁ ଯେ କଥା ଥିଲା ହୋଇ ।
ରଥ ସମୟେ କାଞ୍ଚିରାୟେ । ଶ୍ରୀକ୍ଷେତ୍ରେ କଲେକ ବିଜୟେ ।
ଦେଖିଲେ ପୁରୀ ନରମଣି । କରେ ଚଣ୍ଡାଳ ଆଚରଣି ।
ସୁନା ସହଁରି ଧରି କରେ । ଝାଡ଼ଇ ରଥ ଭକ୍ତିଭରେ ।
ଏମନ୍ତ ଦେଖି କାଞ୍ଚିରାଜା । ତାହାଙ୍କ ଆପଣା ତନୁଜା ।

ବିଭା ଦେବାକୁ ନାହିଁ କଲା । ଚଣ୍ଡାଳ ବୋଲି ଗାଳିଦେଲା ॥
ଏଥିରେ ଓଡ଼ିଶା ରାଜନ । କୋପରେ ଅନଳ ସମାନ ॥
ପ୍ରତିଜ୍ଞା କଲେ ଗୁରୁତର । ବଳେ ଆଣିବେ କନ୍ୟା ତାର ॥
ଚଣ୍ଡାଳେ କରିବେ ପ୍ରଦାନ । ତେବେ ଯିବ ଏ ଅପମାନ ॥
ରାଜାର ଆଜ୍ଞା ଶିରେ ଘେନି । ଧାଇଁଲେ ଓଡ଼ିଶା ସଇନି ॥
ଲାଗିଲା ମହାରଣ ଘୋର । କାଞ୍ଚି ହୋଇଲା ଝଳମଳ ॥
ଜିଣିଲେ ଓଡ଼ିଶାର ପତି । ବଳେ ଘେନିଲେ ପଦ୍ମାବତୀ ॥
ଆଉରି ଇଷ୍ଟ ଗଣନାଥେ । ଗୋପାଳେ ଆଣିଲେକ ସାଥେ ॥
ଭଣ୍ଡ ଗଣେଶ ନାମ ଦେଇ । ଶ୍ରୀମୂର୍ତ୍ତି ପଛେ ତାକୁ ଥୋଇ ॥
ଗୋପାଳ ପାଇଁ ଏକ ଘର । ନିର୍ମାଣ କଲେ ଚମତ୍କାର ॥
ଯେ ସତ୍ୟବାଦୀ ନାମ ଗ୍ରାମେ । ଶ୍ରୀକ୍ଷେତ୍ର ମଧ୍ୟର ସୁକ୍ଷମେ ॥
ହେଲା ସେ ମଦନ ଗୋପାଳ । ଦେବଙ୍କ ଅଧିଷ୍ଠାନ ସ୍ଥଳ ॥
ସାକ୍ଷୀଗୋପାଳ ଗୋପୀନାଥ । ନାମଟି ଜଗତେ ବିଖ୍ୟାତ ॥
ପରମ ସୁନ୍ଦର ସ୍ୱରୂପ । ତ୍ରୈଲୋକ୍ୟନାଥ ଦିଶେ ରୂପ ॥
ଭକତ ନୟନ ଚକୋର । ନିର୍ମଳ ପୂର୍ଣ୍ଣ ସୁଧାକର ॥
ଆଶ୍ରାୟୀ ଜାତକ ନୀରଦ । ଆରତ ଭଞ୍ଜନ ଗୋବିନ୍ଦ ॥
ସ୍ୱୟଂ ମହିମା ମହାମେରୁ । ଭକତ ବାଞ୍ଛା କଳ୍ପତରୁ ॥
ଦର୍ଶନମାତ୍ରକେ ମୁକତି । ଯାଚି ଦିଅନ୍ତି ବିଶ୍ୱପତି ॥
ଧନ୍ୟ ହେ ବେନି ବିପ୍ରବର । ତାରିଲ ତାରିଲ ସଂସାର ॥
ବାନ୍ଧିଣ ଦୃଢ଼ଭକ୍ତି ଡୋରେ । ଟାଣି ଆଣିଲ ବିଶ୍ୱମ୍ଭରେ ॥
ଭକ୍ତ ବତ୍ସଳ ପ୍ରଭୁବାନା । ଉଡ଼ାଇ ଦେଲେ ଭବେ ସିନା ॥
କହଇ ରାମଦାସ ସ୍ଥିର । ତୁମ୍ଭ ପାଦେ ମୋ ନମସ୍କାର ॥
ତୁମ୍ଭେ ହୋଇ ମୋ ଶିକ୍ଷାଗୁରୁ । ତାର ଏ ଭବ ଜଳଧିରୁ ॥

ଶ୍ରୀ କ୍ଷେତ୍ରବାସୀ ରାଣୀ

ଆଉରି ଚଇତନ କହେ । ଶୁଣିମା ହେଉ ମୁନିରାୟେ ।
ଶ୍ରୀକ୍ଷେତ୍ରେ ରାଜା ରାଣୀ ଦିନେ । ଗଲେ ଗୋପାଳ ଦରଶନେ ।

ଦେଖି ଶ୍ରୀଗୋପାଳ ମୂରତି । ଲାବଣ୍ୟସିନ୍ଧୁ ତନୁ ଜ୍ୟୋତି ॥
ହୃଦରେ ଆନନ୍ଦ ତରଙ୍ଗ । ପୁଲକେ ପୂରିଲା ସର୍ବାଙ୍ଗ ॥
ସର୍ବାଙ୍ଗେ ମହାପ୍ରଭୁଙ୍କର । ଅଛଇ ନାନା ଅଳଙ୍କାର ॥
ନାସାରେ ନାହିଁ ଏକ୍ୱ ମୋତି । ଥିଲେ ସେ ଚୁମ୍ବି ଓଷ୍ଠ ଜ୍ୟୋତି ॥
ଝିଲେକ ପାବନ ହୃଦର । ପରସ୍ପେ ଦଶନ୍ତା ସୁନ୍ଦର ॥
ଥିଲା ଯେ ନାକେ ଆପଣାର । ବୃହତ ଜଙ୍ଘ ମୋତିବର ॥
ତାକୁ ଦେବାକୁ କଲା ଚିନ୍ତା । ନାସାରେ ଛିଦ୍ର ଯେତେ ଥାନ୍ତା ॥
ପିନ୍ଧାଇ ଦିଅନ୍ତି ଏକ୍ଷଣି । ଏମନ୍ତ ଭାଳିଲେକ ରାଣୀ ॥
ନିଶିରେ ଦେଖିଲା ସ୍ୱପନ । ସାକ୍ଷାତ ପରସ୍ପେ ବିଧାନ ॥
କହିଲେ ପ୍ରଭୁ ରଙ୍ଗାଧର । ଶିଶୁକାଳରେ ମାତା ମୋର ॥
ମୁଁ ଅପଣ୍ଟାଣି ବୋଲି ଜାଣ । ବିନ୍ଧାଇ ମୋର ନାକ କାନ ॥
ପିନ୍ଧାଇଥିଲେ ମୋତି ନାକେ । ହଜିଲା ଯମୁନାର ପଙ୍କେ ॥
ଏବେତ ବଡ଼ ବାଞ୍ଛା ମୋର । ପିନ୍ଧିବି ତୁମ୍ଭ ମୋତି ବର ॥
ଦେବାକୁ ଏମନ୍ତ ମୁକୁତା । ମନେ ନ ପାଅ ଯେବେ ବ୍ୟଥା ॥
ସକାଳୁ ଉଠି କି ସ୍ୱପନେ । ଦେଖିଲି ରାଣୀ ଭାବି ମନେ ॥
କେମନ୍ତେ ମନ କଥା ମୋର । ଜାଣିଲେ ଗୋପାଳ ଠାକୁର ॥
ମୁକ୍ତା ପିନ୍ଧାଇବାକୁ ଅଳି । କରି ମନରେ ଗଲା ଚଳି ॥
ପ୍ରବେଶ ଗୋପାଳ ସମ୍ମୁଖରେ । କହିଲା କାନ୍ଦି କାନ୍ଦି ସ୍ୱରେ ॥
ବିନ୍ଧାଇତାର ନାକ ମାତା । ପିନ୍ଧାଇଥିଲେ ସେ ମୁକୁତା ॥
ସେ ବନ୍ଧ ଆଜଯାଏ ଅଛି । ମୋତିତ ହଜିଣ ଯାଇଛି ॥
ଏତେ ରୁକ୍ମିଣୀ ତୋର ମାଏ । ନ ଦେଲେ ଆଉ ମୋତିଟିଏ ॥
ଆହା ମୋହର ଦୁଃଖୀଧନ । ମୋ ମୋତି ପିନ୍ଧିବାକୁ ମନ ॥
ଭକ୍ତକ ଅମୂଲ୍ୟ ମୁକୁତା । ଦେଲେ ହେବ ମୋ ମନବ୍ୟଥା ॥
ମୁକୁତା ଅବା କିବା ଧନ । ଦେଇ ପାରଇ ମୋ ଜୀବନ ॥
ସର୍ବ ସମ୍ପଦ କରି ଠୁଳ । ସମର୍ପି ଦେବିରେ ଗୋପାଳ ॥
ପତିତ ପାବନ ତୋ ବାନା । ମୋଠାରେ ଦୟାକଲୁ ସିନା ॥

ପିନ୍ଧାଇ ଦେବ ଟେକ ମୁଖ । ଯାଉ ମୋ ନାଗୀ ଜନ୍ମ ଦୁଃଖ ॥
ବୋଲଣି ଧରିଲା ମସ୍ତକ । ବଙ୍କାଇ ଦେଇ ପ୍ରଭୁ ବେକ ॥
ଊର୍ଦ୍ଧ୍ୱକୁ ରହୁ ମୁଖ ଗୋଟି । ଲୁଚାଇ ଦେଲେ ଶୋଭସୃଷ୍ଟି ॥
ଗୃହ୍ନିଁ ସେ ବଦନର ଗତି । ପିନ୍ଧାଇ ଦେଲେ ବ୍ରଣୀ ମୋତି ॥
ଦେଖି ପ୍ରଭୁର ପଦ୍ମମୁଖ । ହରିଲା ସର୍ବପାପ ଦୁଃଖ ॥
ମା ପାଶେ ଯେସନେ ବାଳକ । ତଥା ସନ୍ମୁଖ ପ୍ରଭୁ ବେକ ॥
ହସି ଆନନ୍ଦେ ହେଲେ ଉଭା । ଆହା ଦିଶିଲା କେଡ଼େ ଶୋଭା ॥
କୃତାର୍ଥ ହୋଇଗଲେ ବ୍ରଣୀ । ଚକ୍ଷୁରୁ ବହିଗଲା ପାଣି ॥
ଉତ୍ସବ କଲା ସେ ଭୁବନେ । ପ୍ରସାଦେ ତୋଷି ସର୍ବଜନେ ॥
ଅଦ୍ୟାପି ରହିଛି ସେ ମୋତି । ଠାକୁରେ ଉତ୍ସବେ ପିନ୍ଧନ୍ତି ॥
ଲୀଳାମୟ ସେ ଗୋପୀନାଥ । କରନ୍ତି ଲୀଳା ଅପ୍ରମିତ ॥
ଜାଣି ବ୍ରଣୀର ଶୁଦ୍ଧମନ । କଲେ ତା ବାଞ୍ଛା ପରିପୂର୍ଣ୍ଣ ॥
ବାତ୍ସଲ୍ୟ ପ୍ରେମେ ହୋଇ ଭୋଳ । ମାଗି ପିନ୍ଧିଲେ ମୁକ୍ତାଫଳ ॥
ଯା ପାଦେ ଲକ୍ଷ୍ମୀ ଠାକୁରାଣୀ । ସେବେ ତାଙ୍କୁ କି ଊଣା ପୁଣି ॥
ପ୍ରେମ ଅଧୀନ ଦଇତାରି । ପ୍ରେମରୁ ନପାରେ ଉବୁରି ॥
ଧନ୍ୟ ତୁ ବ୍ରଣୀ ଜଗନ୍ନାଥ । ତୋ ପାଦ ଧୂଳି ମୋର ମାଥ ॥
ପବିତ୍ର ହେଉ ରାମଦାସ । କରୁଣା କର ପୀତବାସ ॥
ସଂସାର ମାୟାରେ ମୁଁ ଜଡ଼ି । ପବିତ୍ର ମୁକ୍ତିପଥ ଛାଡ଼ି ॥
ଅନ୍ଧାରେ ହେଉଛି ଅଣ୍ଡାଳ । ପଥ ଦେଖାଅ ବନମାଳୀ ॥
ରଖାଅ ତୁମ୍ଭ ପାଦେ ମନ । ନିସ୍ତାର ଅକିଞ୍ଚନ ଜନ ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତି ରସାମୃତେ ମନଚୈତନ୍ୟ ସମ୍ବାଦେ
ଗ୍ରେଟବେପ୍ର ବଡ଼ବେପ୍ର କ୍ଷେତ୍ରବାସୀ ବ୍ରଣୀ ଦାର୍ଢ୍ୟତାଭକ୍ତି
ବର୍ଣ୍ଣନେ ନାମ ଷିପଞ୍ଚାଶୋଽଧ୍ୟାୟଃ ।

—*—

# ଚତୁଃପଞ୍ଚାଶତ୍ ଅଧ୍ୟାୟ
## ବିଲ୍ୱମଙ୍ଗଳ ସମ୍ବାଦ
### ଚୈତନ୍ୟ ଉବାଚ

କହଇ ଚଇତନ ବାଣୀ । ଶୁଣ ସୁମନ ଦଣ୍ଡପାଣି ॥
ହରିର ଅନୁଗ୍ରହ ହେଲେ । ନିସ୍ତରେ ମହାପାପୀ ଭଲେ ॥
ଯେ ଯେତେ ପାପୀ ଥାଏ ଜାଣ । ସେ ହୁଏ ତେତେ ପୁଣ୍ୟବାନ ॥
ରୋଗୀର ବ୍ୟାଧି ହେଲେ ହତ । ଯେମନ୍ତ ହୁଏ ବଳବନ୍ତ ॥
ଅପଥ ପାଶକୁ ନ ଯାଏ । ଚିର ଜୀବନ ସୁଖେ ରହେ ॥
କହିବା ଏକ ସାଧୁକଥା । ଅତି ପବିତ୍ର ଗୁଣ ଗାଥା ॥
ଦକ୍ଷିଣେ ଏକ ବିପ୍ର ରହେ । ବିଲ୍ୱମଙ୍ଗଳ ନାମ ବହେ ॥
ଅଟନ୍ତି ଧର୍ମ ବିବର୍ଜିତ । ଅତି ଲମ୍ପଟ ବେଶ୍ୟା ରତ ॥
ନଦୀ ଏ ଘର ପାଶେ ତାର । ତା ଆରପାରେ ବେଶ୍ୟାଘର ॥
ନାମ ତାହାର ଚିନ୍ତାମଣି । ସୁନ୍ଦରୀ ସୃଷ୍ଟି ମଥାମଣି ॥
ଲମ୍ପଟ ମନ ବନ୍ଦୀବାସ । ଷୋଳ କି ସତର ବୟସ ॥
ସେହିଟି ବିଲ୍ୱମଙ୍ଗଳର । ଅମୂଲ୍ୟ କଣ୍ଠ ସୁନାହାର ॥
ତା ଘରେ ରଜନୀ ଦିବସ । ପଡି ଭୋଗଇ ରତିରସ ॥
ଦିନେ ତା ପିତୃଶ୍ରାଦ୍ଧଦିନ । ପଡିଲା ସକାଳୁ ବହନ ॥
ବେଶ୍ୟା ବୋଇଲା ଯାଅ ଘର । ପିତାଙ୍କ ଶ୍ରାଦ୍ଧ କାର୍ଯ୍ୟ କର ॥
ଝଡ଼ି ଯେ ବରଷା ପବନ । ଘରେ ରହିବ ଆଜଦିନ ॥
ଏମନ୍ତ କହି ବିଦା କଲା । ବ୍ରାହ୍ମଣ ଘରକୁ ଆଇଲା ॥
ସାରିଲା ଶ୍ରାଦ୍ଧକର୍ମ ବିଧି । ବନ୍ଧୁ କୁଟୁମ୍ବ ଚରବୃନ୍ଦ ॥
ଆସି ହୋଇଲା ସନ୍ଧ୍ୟାକାଳ । ହେଲା ଅନ୍ଧାର ବେଳୁବେଳ ॥
ଯେମନ୍ତ ବଢ଼ିଲା ଅନ୍ଧାର । ତେମନ୍ତ ମଦନ ବିକାର ॥
ବିପ୍ର ହୃଦୟେ ଗଲା ଘୋଟି । କେ କହୁ ତାର ଛଟପଟି ॥
ଘନେ ବିଜୁଳି ଲୀଳାପର । ମନରେ ବେଶ୍ୟା ଖେଳାକର ॥
ଯେମନ୍ତେ ନାଚେ ବାଏ ଗାଏ । ହସି ନୟନ କୋଣେ ଚାହେଁ ॥

ପିନ୍ଧାଇ ଦେବ ଟେକ ମୁଖ । ଯାଉ ମୋ ନାଶି ଜନ୍ମ ଦୁଃଖ ॥
ବୋଲଣ ଧରିଲ ମସ୍ତକ । ବନ୍ଧାଇ ଦେଇ ପ୍ରଭୁ ବେକ ॥
ଊର୍ଦ୍ଧ୍ୱକୁ ରହୁ ମୁଖ ଗୋଟି । ଲୁଟାଇ ଦେଲେ ଶୋଭାସୃଷ୍ଟି ॥
ଗୁନ୍ଥି ସେ ବଦନର ଗତି । ପିନ୍ଧାଇ ଦେଲେ ରାଣୀ ମୋତି ॥
ଦେଖି ପ୍ରଭୁର ପଦ୍ମମୁଖ । ହରିଲା ସର୍ବପାପ ଦୁଃଖ ॥
ମା ପାଶେ ଯେସନେ ବାଳକ । ତଥା ସନଖ ପ୍ରଭୁ ନେକ ॥
ହସି ଆନନ୍ଦେ ହେଲେ ଉଭା । ଆହା ଦିଶିଲ କେଡେ ଶୋଭା ॥
କୃତାର୍ଥ ହୋଇଗଲେ ରାଣୀ । ଚକ୍ଷୁରୁ ବହିଗଲ ପାଣି ॥
ଉତ୍ସବ କଲ ସେ ଭୁବନେ । ପ୍ରସାଦେ ତୋଷି ସର୍ବଜନେ ॥
ଅଦ୍ୟାପି ରହିଛି ସେ ମୋତି । ଠାକୁରେ ଉତ୍ସବେ ପିନ୍ଧନ୍ତି ॥
ଲୀଳାମୟ ସେ ଗୋପୀନାଥ । କରନ୍ତି ଲୀଳା ଅପ୍ରମିତ ॥
ଜାଣି ରାଣୀର ଶୁଦ୍ଧମନ । କଲେ ତା ବାଞ୍ଛା ପରିପୂର୍ଣ୍ଣ ॥
ବାତ୍ସଲ୍ୟ ପ୍ରେମେ ହୋଇ ଭୋଳ । ମାଗି ପିନ୍ଧିଲେ ମୁକ୍ତାଫଳ ॥
ଯା ପାଦେ ଲକ୍ଷ୍ମୀ ଠାକୁରାଣୀ । ସେବେ ତାଙ୍କୁ କି ଊଣା ପୁଣି ॥
ପ୍ରେମ ଅଧୀନ ଦଇତାରି । ପ୍ରେମରୁ ନପାରେ ଉବୁରି ॥
ଧନ୍ୟ ତୁ ରାଣୀ ଜଗନ୍ମାତ । ତୋ ପାଦ ଧୂଳି ମୋର ମାଥ ॥
ପବଶ ହେଉ ରାମଦାସ । କରୁଣା କର ପୀତବାସ ॥
ସଂସାର ମାୟାରେ ମୁଁ ଜଡ଼ି । ପବନ ମୁକ୍ତିପଥ ଛାଡ଼ି ॥
ଅନ୍ଧାରେ ହେଉଛି ଅଣ୍ଡାଳି । ପଥ ଦେଖାଅ ବନମାଳୀ ॥
ରଖାଅ ତୁମ୍ଭ ପାଦେ ମନ । ନିସ୍ତାର ଅକିଞ୍ଚନ ଜନ ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତି ରସାମୃତେ ମନଚୈତନ୍ୟ ସମ୍ବାଦେ
ଗ୍ରୈଷ୍ଠବିପ୍ର ବଡ଼ବିପ୍ର କ୍ଷେତ୍ରବାସୀ ରାଣୀ ଦାର୍ଢ୍ୟତାଭକ୍ତି
ବର୍ଣ୍ଣନେ ନାମ ନିପଞ୍ଚାଂଶୋଽଧ୍ୟାୟଃ ।

—*—

# ଚତୁଃପଞ୍ଚାଶତ୍ ଅଧ୍ୟାୟ

## ବିଲ୍ୱମଙ୍ଗଳ ସମ୍ବାଦ

### ଚୈତନ୍ୟ ଉବାଚ

କହଇ ଚଇତନ ବାଣୀ । ଶୁଣ ସୁମନ ଦଣ୍ଡପାଣି ॥
ହରିର ଅନୁଗ୍ରହ ହେଲେ । ନିସ୍ତରେ ମହାପାପୀ ଭଲେ ॥
ଯେତେ ଯେତେ ପାପୀ ଥାଏ ଜାଣ । ସେ ହୁଏ ତେତେ ପୁଣ୍ୟବାନ ॥
ରୋଗୀର ବ୍ୟାଧି ହେଲେ ହତ । ଯେମନ୍ତ ହୁଏ ବଳବନ୍ତ ॥
ଅପଥ ପାଶକୁ ନ ଯାଏ । ଚିର ଜୀବନ ସୁଖେ ରହେ ॥
କହିବା ଏକ ସାଧୁକଥା । ଅତି ପବିତ୍ର ଗୁଣ ଗାଥା ॥
ଦକ୍ଷିଣେ ଏକ ବିପ୍ର ରହେ । ବିଲ୍ୱମଙ୍ଗଳ ନାମ ବହେ ॥
ଅଟଇ ଧର୍ମ ବିବର୍ଜିତ । ଅତି ଲମ୍ପଟ ବେଶ୍ୟା ରତ ॥
ନଦୀ ଏ ଘର ପାଶେ ତାର । ତା ଆରପାରେ ବେଶ୍ୟାଘର ॥
ନାମ ତାହାର ଚିନ୍ତାମଣି । ସୁନ୍ଦରୀ ସୃଷ୍ଟି ମଥାମଣି ॥
ଲମ୍ପଟ ମନ ବନ୍ଦୀବାସ । ଷୋଳ କି ସତର ବୟସ ॥
ସେହିଟି ବିଲ୍ୱମଙ୍ଗଳର । ଅମୂଲ୍ୟ କଣ୍ଠ ସୁନାହାର ॥
ତା ଘରେ ରଜନୀ ଦିବସ । ପଡ଼ି ଭୋଗଇ ରତିରସ ॥
ଦିନେ ତା ପିତୃଶ୍ରାଦ୍ଧଦିନ । ପଡ଼ିଲା ସକାଳୁ ବହନ ॥
ବେଶ୍ୟା ବୋଇଲା ଯାଅ ଘର । ପିତାଙ୍କ ଶ୍ରାଦ୍ଧ କାର୍ଯ୍ୟ କର ॥
ବଢ଼ି ଯେ ବରଷା ପବନ । ଘରେ ରହିବ ଆଜଦିନ ॥
ଏମନ୍ତ କହି ବିଦା କଲା । ବ୍ରାହ୍ମଣ ଘରକୁ ଅଇଲା ॥
ସାରିଲା ଶ୍ରାଦ୍ଧକର୍ମ ବିଧି । ବନ୍ଧୁ କୁଟୁମ୍ବ ଚରବୃନ୍ଦ ॥
ଆସି ହୋଇଲା ସନ୍ଧ୍ୟାକାଳ । ହେଲା ଅନ୍ଧାର ବେଳୁବେଳ ॥
ଯେମନ୍ତ ବଢ଼ିଲା ଅନ୍ଧାର । ତେମନ୍ତ ମଦନ ବିକାର ॥
ବିପ୍ର ହୃଦୟେ ଗଲା ଫୋଟି । କେ କହୁ ତାର ଛଟପଟି ॥
ଘନେ ବିଜୁଳି ଲୀଳାପରି । ମନରେ ବେଶ୍ୟା ଖେଳାକର ॥
ଯେମନ୍ତେ ନାଚେ ବାଏ ଗାଏ । ହସି ନୟନ କୋଣେ ଚାହେଁ ॥

ସେଇ ରସଇ ମିଶଇ । ମନ ପରାଣ ସନ୍ତୋଷଇ ॥
ଦଶିଲା ତାହାଙ୍କୁ କେବଳ । ତନ୍ମୟଭାବେ ବିପ୍ର ଭୋଳ ॥
ରଜନୀ ଅର୍ଦ୍ଧଅଛି ହୋଇ । ଅନ୍ଧାରେ ପଥ ନ ଦିଶଇ ॥
ଝଞ୍ଜା ପବନ ପରବଳ । ଝମକ ବରଷଇ ଜଳ ॥
ବାତୁଳ ପ୍ରାୟେ ବିପ୍ର ହୋଇ । ବାହାର ହେଲା ବେଶ୍ୟା ଠାଇଁ ॥
ନଦୀର ସ୍ରୋତ ପ୍ରଖରର । ହୋଇଛି ବଡ଼ି ଭୟଙ୍କର ॥
ବିପ୍ରର ବାହ୍ୟଜ୍ଞାନ ନାହିଁ । ନଈକି ପଡ଼ିଲା ସେ ଡେଇଁ ॥
ବୁଡ଼ିଣ ଭାସିବା ବେଳର । ହାତେ ବାଜିଲା ମୃତଦାର ॥
ସେ ସଡ଼ି ଫୁଲି ସୋହ୍ଲ ପରି । ଭାସି ଯାଉଛି ଗନ୍ଧ ଭରି ॥
ଧଇଲା ତାହାକୁ କୁଣ୍ଢାଇ । ନଦୀକି ଗଲା ପାର ହୋଇ ॥
ନଦୀର ଆରପାରେ ଉଠି । ଧାଇଁଲା କାଦୁଅ ଚକଟି ॥
ଖୁଲିଲା ଦୁଆର ଉଦ୍ଦେଶ୍ୟେ । ବେଶ୍ୟାର ଘର ଗୃହପାଶେ ॥
ପାଚେରୀ କାନ୍ଥଟାକୁ ଦେଖେ । ମୂଷାର ଗର୍ତ୍ତ ଏକ ରହେ ॥
ତହିଁରେ ମୁଖକୁ ପୂରାଇ । ସର୍ପେ ଉହଲା ଥିଲା ରହି ॥
ତାହାର ପୁଚ୍ଛ ଆଶ୍ରୟରେ । ଉଠନ୍ତି କି ପାଚେରୀ ଉପରେ ॥
ଯେମନ୍ତ ବସିଲାକ ଚଢ଼ି । ତେମନ୍ତେ ପଡ଼ିଲା ସେ ଗଡ଼ି ॥
ସ୍ଥୁଳ ବିପ୍ର କଳେବର । ଶବଦ ହେଲା ଭୟଙ୍କର ॥
ଉଠିଲା ବେଶ୍ୟା ଭୟ ପାଇ । ଦେଖିଆ ଆଲୁଅ ଲଗାଇ ॥
ବିପ୍ର ପଡ଼ିଛି ଅସ୍ତ ବ୍ୟସ୍ତେ । ନାହିଁ ତ ଜ୍ଞାନ ସେ କାଥିତେ ॥
ତାହାକୁ ଧରାଧରି କରି । ଘରକୁ ନେଲେ ଜଣ ଚାରି ॥
ଦୁର୍ଗନ୍ଧେ ଫାଟିଯାଏ ନାକ । କାଦୁଅ ପୂର୍ଣ୍ଣ ଦେହସାକ ॥
ଧୋଇ ପୋଛିଲେ ଯତ୍ନ କରି । ଆଉଁସି ଚେତନା ସଞ୍ଚାରି ॥
ଭର୍ତ୍ସନା କରି ଚିନ୍ତାମଣି । କହଇ ମର୍ମଭେଦୀ ବାଣୀ ॥
ଧିକ ତୁମ୍ଭର ବ୍ୟବହାର । ଧିକ ସେ ବୁଦ୍ଧିକି ତୁମ୍ଭର ॥
ଯାହାର କରମ ଯେମନ୍ତ । ସେ ଫଳ ଲଭଇ ତେମନ୍ତ ॥
ଏଡ଼ିକ ମଦନ ବିକାର । ଦୁର୍ଗମେ ନଦୀ ହେଲ ପାର ॥

ମଳ କି ମୂଷ ସଙ୍ଗେ ଜଡ଼ି | ଧାଇଁ ଆସିଲ ଉଟେପଡ଼ି ||
ଦୁର୍ଗନ୍ଧେ ଭୂତ ହେବ ବଣା | ତୁମ୍ଭଙ୍କୁ ନ ଗଲ୍ ତା ଜଣା ||
ନ ହେଜ କାଳସର୍ପ ଧରି | ଡେଇଁଲ ଅଲଙ୍ଘ୍ୟ ପାଚେରି ||
ଗୁନ୍ତୁ ପଡ଼ିଲ ତଳେ ଗଡ଼ି | ଜୀବନ ଯାଇଥାନ୍ତା ଛୁଡ଼ି ||
ମୁଁ ବେଶ୍ୟା ହୀନ ପାପକାଠ | ମହତ୍ତ୍ୱ ବିକି ପୋଷେ ପେଟ ||
ମୋତେ ଛୁଇଁଲେ ପାପ ହୁଏ | ଛୁଇଁ ନ ମାଡ଼ନ୍ତି ସାଧୁଏ ||
ମୋଠାରେ ଏଡ଼େ ଅନୁରାଗୀ | ହୋଇ ହେଉଛ ପାପେ ଭାଗୀ ||
ଏ ସେହ୍ନ ଶତ ଅଂଶୁ ଅଂଶେ | ଯେବେ କରନ୍ତ ପୀତବାସେ ||
ଚତୁର୍ବର୍ଗ ଯା ଚରଣରେ | ଲୁଟଇ ଧୂଳି ପରକାରେ ||
ପବିତ୍ର ହୁଅନ୍ତା ଜୀବନ | ଛେଦଣ ସଂସାର ବନ୍ଧନ ||
ଲଭନ୍ତ ଇହ ପରକାଳେ | ପରମ ଗତିକି ନିଶ୍ଚଳେ ||
ଚିନ୍ତାମଣିର ଚିନ୍ତାମଣି | ବାକ୍ୟକୁ ବିପ୍ର ଗୁଣି ଗୁଣି ||
ନିଜ କୁକର୍ମ ଅନ୍ତଶୟ | ଘୃଣାର ହୋଇଲା ଉଦୟ ||
ଦଗଧ ହେଲ ଅନୁତାପେ | ମନେ ପକାଇ କୃତ ପାପେ ||
ନରକକ୍ଲେଶରୁ ସେ ଯନ୍ତ୍ରଣା | ବଳଇ ନାହିଁ ସେ ତୁଳନା ||
ଯେମନ୍ତେ ଘୋର ଦାବାନଳେ | କି ଅବା ମହାସିନ୍ଧୁ ଜଳେ ||
ପୋଡ଼ି କି ବୁଡ଼ି ମଲାବେଳେ | ଆଶ୍ରୟ ଲୋଡ଼ନ୍ତି ବିକଳେ ||
ତେମନ୍ତ ହୋଇ ଛଟପଟ | ବୋଇଲା ରଖ ବଇକୁଣ୍ଠ ||
ପତିତପାବନ ଶ୍ରୀହରି | ପତିତେ ରଖ ଦୟାକରି ||
ତାରିଛ ଯେବେ ପାପୀଜନେ | ସବୁଙ୍କୁ ବଳି ମୁହିଁ ଜଣେ ||
ଏମନ୍ତ ଶ୍ରୀହରି ଚିନ୍ତନେ | ବୈରାଗ୍ୟ ଉପୁଜିଲା ମନେ ||
ରଜନୀ ହୋଇଲା ପ୍ରଭାତ | ଛୁଟିଲେ ନବୀନ ଭକତ ||
ଗୃହ ଭାରିଜା ପୁତ୍ର ମାତା | ପାଶୋରି ସମସ୍ତଙ୍କ କଥା ||
ଦୃଢ଼ବୈରାଗ୍ୟ ହୃଦେ ଧରି | ଚଳିଲ ଶ୍ରୀହରି ସୁମରି ||
ଚାଲଇ ଅତି ବେଗେ ବେଗେ | ଦେଖିଲ ସାଧୁ ଏକ ଆଗେ ||
ଭକ୍ତିରେ ତାଙ୍କୁ ଗୁରୁ କଲ | ଶ୍ରୀକୃଷ୍ଣ ମନ୍ତ୍ର ଦୀକ୍ଷା ନେଲ ||

ଲଗାଇ ମନ ଦେହ ପ୍ରାଣ । ସେବିଲା ଗୁରୁଙ୍କ ଚରଣ ॥
ଲଭିଲା ହରି ପ୍ରେମାମୃତ । ପାନେ ହୋଇଲା ଉନମତ୍ତ ॥
ଯେସନ୍ତେ ମଦ୍ୟପି ମଦ୍ୟ ପିଇ । ହସଇ କାନ୍ଦଇ ନାଚଇ ॥
କୃଷ୍ଣ ଦର୍ଶନେ ଉତ୍କଣ୍ଠିତେ । ଚଳିଲା ବୃନ୍ଦାବନ ପଥେ ॥
ବାଗ ବନ୍ଦଗ ନାହିଁ ଜ୍ଞାନ । କେବଳ କୃଷ୍ଣପାଦେ ଧ୍ୟାନ ॥
ପ୍ରବେଶ ଏକ ଗ୍ରାମାନ୍ତରେ । ବସିଲା ସରୋବର ତୀରେ ॥
ଏମନ୍ତେ ପ୍ରେମେ ମତ୍ତ ହୋଇ । ରହିଲା ଦିନ ଗୁରି ତହିଁ ॥
ତାହାଙ୍କୁ ଦେଖି ସାଧୁଭକ୍ତ । ପ୍ରେମରେ ହେଲେ ବଶୀଭୂତ ॥
ସ୍ନାନ ସେ ସରୋବର ମାରେ । ଅନେକ ନରନାରୀ କରେ ॥
ଏକ ଯେ ବଣିକର ନାରୀ । ଯୁବତୀ ପରମା ସୁନ୍ଦରୀ ॥
ସ୍ନାନ ସେ ସାରି ଯାଏ ଘରେ । ଦୃଷ୍ଟି ପଡ଼ିଲା ତା ଉପରେ ॥
ଏକେତ ସୁନ୍ଦରୀ ବିଶେଷ । ଦୁଜେ ପିନ୍ଧିଛି ଓଦାବାସ ॥
ଜଡ଼ି ଯାଇଛି ଶାଢ଼ୀ ଗୋଟି । ଦିଶଇ ଦେହ ଶୋଭା ଫୁଟି ॥
ବିଲ୍ୱମଙ୍ଗଳ ଶୁଦ୍ଧଚିତ୍ତ । କାହିଁକେ ହେଲା ବିଚଳିତ ॥
ଜାଣି ମନର ଏ ପ୍ରକାର । ଜନ୍ମିଲା ବୋଲି ଯେ ବିକାର ॥
ବିକାର ପ୍ରତିକାର ପାଇଁ । ସେ ବଧୂ ପଛେ ପଛେ ଯାଇ ॥
ବଧୂ ପ୍ରବେଶ ଅନ୍ତଃପୁରେ । ସାଧୁ ବସିଲା ଅଗଣାରେ ॥
ଏକାଳେ ସେହି ନାରୀ ପତି । ଶୁଦ୍ଧଚରିତ ଶାନ୍ତମତି ॥
ସାଧୁର ପାଶେ ଉପସ୍ଥିତ । ହୋଇ ହୋଇଲା ଆଚମ୍ବିତ ॥
ବହୁତ ସ୍ତବ ସ୍ତୁତି କଲା । କି ଆଜ୍ଞା ହେଉଛି ବୋଇଲା ॥
ସାଧୁ ବୋଇଲା ମୋର କଥା । ରଖିଲେ କର ଏ ବ୍ୟବସ୍ଥା ।
ତୋର ସୁନ୍ଦରୀ ଯୁବତୀକ । ଝଟତି ଆଣ ମୋ କଟକ ॥
ବଣିକ ତତକ୍ଷଣ ବିଚକ୍ଷଣ । ଅତ୍ୟନ୍ତ ବୈଷ୍ଣବ ଭକ୍ତ ॥
ବୈଷ୍ଣବର ପ୍ରୀତି ପାଇଁ । ସକଳ କରି ସେ ପାରଇ ॥
ଅନ୍ତଃପୁରକୁ ଚଳିଗଲା । ସ୍ତ୍ରୀଙ୍କି ବିଭୂଷଣ କଲା ॥
ନିଜ ନାରୀକି ଆଣି ତୋଷେ । ସମର୍ପି ଦେଲା ସାଧୁ ପାଶେ ॥

ପାଦରୁ ଶିରଯାଏ ତାର । ଦେଖିଲେ ସାଧୁ ବାର ବାର ॥
ଚକ୍ଷୁକୁ ସମ୍ବୋଧନ କରି । ଆପଣା ମନକୁ ବୁଝାଇ ॥
ରେ ମୂଢ଼ଚକ୍ଷୁ କସ ଚାହିଁ । ତୁ ପୁଣି ହେଲୁ କାମମୋହି ॥
ରକତ ମାଂସ କ୍ଳେଦ ମଳ । ମୂତ୍ର ଦୁର୍ଗନ୍ଧମୟ ସ୍ଥଳ ॥
ଅଟଇ ସିନା ଦେହ ଗୋଟି । ଢାଙ୍କି ରହିଛି ଚର୍ମପଟି ॥
ଯେମନ୍ତ ଫଳ ମହାକାଳ । ଉପରେ କେବଳ ସୁଢଳ ॥
ଆରେ ନିର୍ଲଜ ଚୋର ଏଡ଼େ । ଏଥି ପାଇଁକି ଲୋଭ ବଡ଼େ ॥
କରଣେ ଅସ୍ପୃଶ୍ୟ ସ୍ପରଶ । କୁତ୍ସିତ ଅଭକ୍ଷ ଗରସ ॥
ଧିକ ଧିକରେ ତୋତେ ଦୁଷ୍ଟ । ଅସତ୍ୟ ଇନ୍ଦ୍ରିୟ ପାପିଷ୍ଟ ॥
ଯା ଫଳ ଦୁଃଖ ପରିଣାମେ । ପକାଇ ଇଚ୍ଛି ସେହି କାମେ ॥
ଏତେ ଚିନ୍ତାସୀ ଅନ୍ତେ ପୁଣି । ବୋଇଲା ଶୁଣରେ ରମଣୀ ॥
ଦିଓଟି ଅତି ତୀକ୍ଷ୍ଣ ମୁନ । ଛୁଞ୍ଚି ମୋ ନିକଟକୁ ଆଣ ॥
ଆଣିଲେ ବେଗେ ନାରୀଗଣ । ଦେଖିଣ ସାଧୁ ହେଲା ତୋଷ ॥
ବୋଇଲା ଏ ପାପ ନୟନେ । ଫୋଡ଼ି ଦିଅ ଏ ଛୁଞ୍ଚିମୁନେ ॥
ଶୁଣି ସୁନ୍ଦରୀ ସ୍ତମ୍ଭୀଭୂତ । କଠାଳ ବୋଇଲା ସାଧୁତ ॥
ଆଜ୍ଞା ଲଙ୍ଘନେ ଭୟ କରି । ନୟନେ ଦେଲା ଛୁଞ୍ଚିମାରି ॥
ରକତ ଝରି ଝରି ବହେ । ଆନନ୍ଦେ ସାଧୁ ନାଚ କହେ ॥
ବୁଧି ବିଧାନେ ଏହି ମୂଳ । ମିଳେ କରମ ମୋତେ ଫଳ ॥
ବଣିକ ଆସି ଏହା ଦେଖି । ହୋଇଲା ଅତିଶୟ ଦୁଃଖୀ ॥
ସାଧୁର ଆଜ୍ଞା ଅନୁସାରେ । ନେଲା ସେ ସରୋବର ତୀରେ ॥
ଧୀରେ ଧୀରେ ଦେଇ ହସ୍ତଧରି । ଦେଖିଣ ଜନେ ଖେଦକରି ॥
କୃଷ୍ଣ ଦର୍ଶନ ବାଧା ଏଡ଼ି । ଯେ ଦୃଢ଼ବ୍ରତ ଚକ୍ଷୁ ଫୋଡ଼ି ॥
ସେ ଅନ୍ଧ ସାଧୁ ବୃନ୍ଦାବନେ । ଗମିଲା କୃଷ୍ଣ ଦରଶନେ ॥
ଯାର ପ୍ରବଳ ପ୍ରେମଦୃଷ୍ଟି । ତାର କି ଚର୍ମ ଚକ୍ଷୁ ଫୁଟି ॥
ଶ୍ରୀରାଧା କୃଷ୍ଣ ଲୀଳା ରୂପ । ଚିତ୍ତେ ଚିନ୍ତଣ ସାଧୁ ଭୂପ ॥
କ୍ଷଣେ ହସଇ କ୍ଷଣେ କାନ୍ଦେ । ଗାଇ ନାଚଇ ନାନା ଛନ୍ଦେ ॥

କ୍ଷଣକେ ପୁଣି ତଳେ ପଡ଼େ । ହା ରାଧାକୃଷ୍ଣ ବୋଲି ଗଡ଼େ ॥
ମାଦକୀ ପ୍ରାୟେ ପଥେ ଚଳେ । ମଧୁରେ ଗାଏ ଅଶ୍ରୁଗଳେ ।
ଶୁଣି ସେ ନାମାମୃତ ଗାନ । ଉଲ୍ଲସି ଉଠଇ ଭୁବନ ॥
ଏମନ୍ତେ ଯାଇଁ ବୃନ୍ଦାବନେ । ବ୍ରହ୍ମକୁଣ୍ଡର ସନ୍ନିଧାନେ ॥
ବସି ଶ୍ରୀକୃଷ୍ଣ ପ୍ରାପ୍ତି ଆଶେ । ଅଟଳ ଭକତି ବିଶ୍ୱାସେ ॥
କରଇ ଧ୍ୟାନ ସଂକୀର୍ତ୍ତନ । ଆବର ହରନ୍ତେ ବେଦନ ॥
ଭକ୍ତ ବତ୍ସଳ ଭବଗ୍ରାହୀ । ଭକତ ଆକୁଳ ନ ସହି ॥
ସମ୍ମୁଖେ ହୋଇ ଉପସ୍ଥିତ । ବୋଇଲେ ମଧୁରେ ଏମନ୍ତ ॥
ଖରାରେ ବସି କାହିଁପାଇଁ । କ୍ଷୁଧାରେ ବପ୍ର ହୁଅ ଦହି ॥
ଆସ ଏ ଛାଇତଳେ ବସ । ଅନ୍ନ ବ୍ୟଞ୍ଜନ କର ଗ୍ରାସ ॥
ବିଲ୍ୱମଙ୍ଗଳ କହେ ମୁହିଁ । ଅନ୍ଧ କିଛିହିଁ ନ ଦେଖଇ ॥
କେ ତୁମ୍ଭେ ସତ କର ଭାଷ । ତେବେ ମୁଁ ଯିବ ତୁମ୍ଭ ପାଶ ॥
ଗୋପଶିଶୁ ମୁଁ କୃଷ୍ଣ କହେ । ସେ ବୋଲେ ଅନ୍ନ ଦେଲା କିଏ ॥
ପ୍ରତି ଉତ୍ତରେ ଗୋପୀନାଥ । ଦେଇଛି ଅନ୍ନ ବ୍ୟଞ୍ଜନ ତ ॥
ଅଙ୍ଗ ସୁବାସ ମନୋହର । ବଚନ କୋମଳ ମଧୁର ॥
ସାଧୁ ଜାଣିଲା ଅନୁଭବେ । ନିଶ୍ଚେ ଏ କୃଷ୍ଣ ବାସୁଦେବେ ॥
ଆନନ୍ଦେ ଉତ୍କଣ୍ଠିତ ହୋଇ । ଖୋଜଇ ଧରିବ କୁଣ୍ଢାଇ ॥
ବୋଲେ ଖାଇବ ଅନ୍ନ ଦିଅ । ଛୁଇକ ହାତ ଧରିନିଅ ॥
ଧର ବୋଲିଣ ବାମହସ୍ତ । ତର୍ଜମା ବଢ଼ାଇ ଅଚ୍ୟୁତ ॥
ହସିବା ଆହା କି ସୁନ୍ଦର । ତୁଳାକୁ ତୁଚ୍ଛ ସୁଧାକର ॥
ପୁଣି ବଢ଼ାଇ କୃଷ୍ଣ ହସ୍ତ । ଜାପଟି ଧଇଲା ସାଧୁତ ॥
ଯେମନ୍ତେ ବୁଡ଼ିମଲା ଲୋକେ । କୁଣ୍ଢାଇ ଧରନ୍ତି ଆରେକ ॥
ମହା କ୍ଷୁଧାର୍ତ୍ତୀ ସୁଧାପଣେ । ଲଭି କି ଛାଡ଼େ କଦାଚତେ ॥
କୃଷ୍ଣ ବୋଇଲେ ଏକ ଭାଇ । ଛାଡ଼ ଘରକୁ ଯିବ ମୁହିଁ ॥
ସେ ବୋଲେ କେବେ ନ ଛାଡ଼ିବ । ହୃଦୟ ମଧ୍ୟରେ ରଖିବ ॥
ବହୁ କଷ୍ଟରେ ଲଭି ଧନ । ଛାଡ଼େ କି ଦରିଦ୍ର ପ୍ରଧାନ ॥

ପର କ ଦୁଃଖର ଯାତନା । ବୁଝେ ଯେମନ୍ତ ତୁମ୍ଭେ ସିନା ॥
ଯହିଁରେ ପର ଦୁଃଖ ଯିବ । ନିଜର ହାନି ତୋ ନୋହିବ ॥
ଏମନ୍ତ ଦର୍ଶନ ମାତର । ଦେବାକୁ ଏତେ ଛନ୍ଦ ଧର ॥
ନ ଶୁଣ ସାଧୁ ମାନ୍ତବାଣୀ । କୃଷ୍ଣ କରନ୍ତ ଟଣାଟଣି ॥
ଶ୍ୱେର ଯେମନ୍ତେ ଧର୍ମ ଗୀର । ନ ଶୁଣେ କାଞ୍ଚିତ ମାତର ॥
ସାଧୁ ଭକତ କୋପେ ଥର । ଆଣ୍ଠରେ ଧରିଲା ଆତୁର ॥
କୃଷ୍ଣ ବୋଇଲେ ଛୁଡ଼ ଛୁଡ଼ । ଭାଙ୍ଗିଗଲା ମୋ ହାତ ଗୋଡ଼ ॥
ଶୁଣିଣ ସାଧୁ ଚମକିଲା । ମୁଠା ହୁଗୁଳା କରିଦେଲା ॥
ହାତରୁ ଉଚ୍ଛୁଡ଼ି ପଳାଇ । ହସିଲେ କପଟୀ କହ୍ନାଇ ॥
ଭକୁଆ ହୋଇ ସାଧୁ ଚାପି । ହସ୍ତରୁ ସିନା ଗଲା ଖସି ॥
ସେ ପୁଣି ବଳେ ନୁହେଁ ଛଳେ । ପୌରୁଷ ନାହିଁ ଏଥେ ତଳେ ॥
ଦେଖିବା ଦେଖି ହୃଦ ମୋର । ପଳାଅ ଭଲା ମାୟାଧର ॥
ଯା’ ଠାରେ ଯେତେ କରେ ଦୟା । ତା ଠାରେ ତେତେ କୃଷ୍ଣମାୟା ॥
ଯେ ଯେତେ ଧରିବାକୁ ଯାଏ । ସେ ସେତେ ଦୂରକୁ ପଳାଏ ॥
ଚାଲ ନ ଜାଣିଲା ପିଲାକୁ । ମାତା ଦେଖାଇ ଅଙ୍ଗୁଳିକୁ ॥
ଘୁଞ୍ଚି ବୋଲଇ ଧର ଧର । ଚାଲେ ବାଳକ ଥରଥର ॥
ତହିଁରେ ବଢ଼େ ତା ଶକତ । ଏ ମାୟା ଜାଣ ସେହିମତ ॥
କୃଷ୍ଣ ହୋଇଣ ସ୍ନେହବଶ । ବୋଇଲେ ସଙ୍ଗେ ସଙ୍ଗେ ଆସ ॥
ଚାଲନ୍ତ କୃଷ୍ଣ ଦୂରେ ଦୂରେ । ଅନ୍ଧ ଧାମଇ ଧରିବାରେ ॥
ଚୁମ୍ବକ ଆକର୍ଷଣ ବଳେ । ଯେମନ୍ତ ଲୌହ ଖଣ୍ଡ ଚଳେ ॥
କରାଇ ତରୁତଳେ ସ୍ଥିତ । ଦେଲେ ବ୍ୟଞ୍ଜନ ଦୁଧ ଭାତ ॥
କୃଷ୍ଣ ବୋଇଲେ ଗୋପସୁତେ । ଦେଖିନାହିଁକ କେବେ କେହେ ॥
ଦେଖି ହୋଇବ କିବା ଫଳ । ତହିଁକି କରୁଛ କଟାଳ ॥
ଅନ୍ଧ ବୋଇଲା ଗୁରୁତର । ସମ୍ବନ୍ଧ ତାଙ୍କ ନାହିଁ ମୋର ।
ହସି ନିକଟେ ଯାଇଁ ଧାଇଁ । ପଛକୁ କୃଷ୍ଣ ଘୁଞ୍ଚି ଯାଇଁ ॥
ଭକତ ସଙ୍ଗେ କଉତୁକ । କରନ୍ତ ପ୍ରଭୁ ପଦ୍ମମୁଖ ।

ଅନ୍ଧ ହୃଦୟୁ ଯାଏ ଫାଟି । ହାତରୁ ନଧି ହରାଇଟି ॥
କହଇ କାନ୍ଦ କାନ୍ଦ ହୋଇ । ଦୁଷ୍ଟ ନଷ୍ଟ ର ଅଟୁ ଭୁଇଁ ॥
ଦର୍ଶନ ଦେଲେ ଜବା ସର । ଯିବଟି କ୍ଷତି କ ତୋହର ॥
କାହିଁକି ମୋତେ ଏବେ କଷ୍ଟ । ଦେଇ କରୁଛ ଛଟପଟ ॥
ହେ ମହାବାହୁ କୃଷ୍ଣ ହରି । ତୋ ପାଦପଦ୍ମ ଆଶ୍ରା କରି ॥
ଆଇଲ ଅଶେଷ କଷଣ । ଦୟା ନ କଲୁ ଭଗବାନ ॥
ପତିତପାବନ ତୋ ନାମ । ପତିତ ତାରଣ ତୋ କାମ ॥
ଗଜ ଡାକିଲା ଅତି ଦୂରେ । ତାକୁ ତାରିଲୁ ଧାଇଁକାରେ ॥
ପାଶରେ ଥାଇ ଏତେ ସରି । ହେଉଛୁ ନ ଶୁଣ ଗୁହାରି ॥
ଦ୍ୟାଧଜାଲରେ ଗର୍ଭାଏଣୀ । ଡାକିଲା ତାରିଲୁ ସେକ୍ଷଣି ॥
ମୁଁ ମାୟା ମୋହ ଜାଲେ ପଡ଼ି । ନ ଶୁଣ ଡାକ ମଲେ ଗଡ଼ି ॥
ଦଉଛ ଅନ୍ଧକୁ ନୟନ । ମୁଁ ଅନ୍ଧ ହେଲି ହୀନମାନ ॥
ପୁତ୍ରକୁ ନାରାୟଣ ଡାକୁ । ତାରିଲୁ ଅଜାମିଳଟାକୁ ॥
ମନ ଚଇତନ ଦେଇ । ଡାକ ମରେ ନ ଶୁଣୁ ତୁହି ॥
ପ୍ରହ୍ଲାଦ ଧ୍ରୁବ ଆଦି କରି । ତରିଲେ ତୋର ନାମ ଧରି ॥
ଯେବେ କହ ମୋହପ୍ରତି । ଏତେ ତୋ ପକ୍ଷପାତ ରୀତି ॥
ସହିବ ଏ ଅପମାନ । ମରିବି କରି ଅନଶନ ॥
ହେଲେ ଏ ପାପ ଦେହ ନାଶ । ଘୋଷିତ ତୋର ଅପଯଶ ॥
ମନ୍ତ୍ର ଶୁଣି ମୃଦୁହସି । କୃଷ୍ଣ କୌତୁକେ ପୁଣି ଭଷି ॥
ଚ କଳା ମୋ ଦେହ ମୁଖ । ଦେଖି ତୋ ହେବ କବା ସୁଖ ॥
ନ ଐଶ୍ୱର୍ଯ୍ୟ ଆଦି ବର । ଅଥବା ସ୍ୱର୍ଗ ଅଧିକାର ॥
ପ୍ରେମଙ୍ଗଳ କହେ ଏତେ । ଭୁଲଇ ଲୋଡ଼ୁ ପ୍ରଭୁ କେତେ ॥
। ପାଦ ଧୂଳିଟି ସମ୍ପଦ । କ ଅବା ଇନ୍ଦ୍ର ବ୍ରହ୍ମାପଦ ॥
। ମୁକ୍ତି ତୋ ସେବା ଦାସୀ । ତୁ ପ୍ରଭୁ ବଇକୁଣ୍ଠ ବାସୀ ॥
ଲୁଛି ଏତେ ମାଗ ବର । ପବନ ଚକ୍ଷୁଦାନ କର ॥
ଆଗେ ବରଜ ଶ୍ରୀହରି । ନଭଙ୍ଗି ରୂପେ ବଂଶୀ ଧରି ॥

ଦେଖଇ ପୁରଇ ନୟନ । ଆବର ହୃଦରେ ଚେତନ ॥
ଏମନ୍ତ ଶୁଣି ଭବଗ୍ରାହୀ । ଅମୃତ ପାଦପଦ୍ମ ନେଇ ॥
ଭକ୍ତ ନୟନେ ବୁଲାଇଲେ । ଲଭି ସେ ଦିବ୍ୟ ଚକ୍ଷୁଭଲେ ॥
ଯେମନ୍ତେ ଆଗେ ଦେଲ ଗୃହ୍ନିଁ । ଦେଖିଲ ଗୋପାଳ କହ୍ନାଇ ॥
ଆହା କି ଶୋଭା ରୂପରାଶି । ନନ୍ଦେ ଅସଂଖ୍ୟ ପୂର୍ଣ୍ଣ ଶଶୀ ॥
ସୌନ୍ଦର୍ଯ୍ୟ ସାର ମହାମେରୁ । କୃପା ଜଳଧି କଳ୍ପତରୁ ॥
ଜ୍ଞାନ ହାରିଲ ଦେଖି ଭୋଳେ । ଅଷ୍ଟସାତ୍ତ୍ୱିକ ଦେହେ ଖେଳେ ॥
ସ୍ତମ୍ଭ ପରାୟୁ ଊଣା ହେଲା । ଦେହରୁ ଝାଳ ବୋହିଗଲା ॥
ରୋମାଞ୍ଚ ହେଲା ପରିପୂର୍ଣ୍ଣ । ସର୍ବାଙ୍ଗ ଦଶିଲ ବିବର୍ଣ୍ଣ ॥
କମ୍ପିଲା ହୋଇ ଥରଥର । ନେତ୍ରୁ ଗଳିଲ ଅଶ୍ରୁ ଧାର ॥
ସ୍ତୁତି ଆରମ୍ଭି ରୁଦ୍ଧଗଳେ । ମୂର୍ଚ୍ଛିତେ ପଡ଼ିଗଲ ତଳେ ॥
ଦେଖି ଏ ଦଶା ଭକତର । ସାଉଁଟି ଧରିଲେ ଶ୍ରୀଧର ॥
ପ୍ରଭୁଙ୍କ ଅଙ୍ଗ ସଙ୍ଗ ପାଇ । ଚେତନା ଲଭି ଦେଲ ଗୃହ୍ନିଁ ॥
କୁଣ୍ଢାଇ ଧରି ଭକ୍ତିଭରେ । ରୋଦନ କଲ ଉଚ୍ଚସ୍ୱରେ ॥
ସାନ୍ତ୍ୱନା କରି ଶିଖିକାନ୍ତ । ଭୁଞ୍ଜାଇ ଦେଲେ ଦୁଧଭାତ ॥
ଭକ୍ତିରେ ବାନ୍ଧିଣ ଗୋବିନ୍ଦେ । ଦିନ ବଞ୍ଚିଲ ମହାନନ୍ଦେ ॥
ଲଭି ଶ୍ରୀହରି କୃପା ପୁଣି । ଏକାଳେ ବେଶ୍ୟା ଚିନ୍ତାମଣି ॥
ପରମ ବୈରାଗ୍ୟ ଉଦୟେ । ତେଜିଲ ସକଳ ବିଷୟେ ॥
ସେଠାରେ ହେଲା ଉପସ୍ଥିତ । ବିଲ୍ୱମଙ୍ଗଳ ଆଚମ୍ବିତ ॥
ପଥଦରଶୀ ଗୁରୁମଣି । ପ୍ରଣାମ କଲା ଯୋଡ଼ି ପାଣି ॥
ଶ୍ରୀହରି ଦତ୍ତ ଅନ୍ନଦାନା । ମିଷ୍ଟାନ୍ନ ପକ୍ୱାନ୍ନ ଯେ ନାନା ॥
ବଢ଼ାଇ ଦେଲା ଖାଇବାକୁ । ଚିନ୍ତାମଣି ଯେ କହେ ତାଙ୍କୁ ॥
ଭୋଜନ ଅର୍ଥେ ଆସି ନାହିଁ । କି ଅବା ଅଛି ଧନ ପାଇଁ ॥
ଲଭିଣ କୃପା ଶ୍ରୀହରିର । ଭବ ସାଗରୁ ହେବି ପାରି ॥
ଶରଣ ଏଥିକି ତୁମ୍ଭର । ଲଭିଲି ଦେଖାଅ ଶ୍ରୀଧର ॥
ଏତିକି ପ୍ରେମବଶେ ଭଣି । ଢଳି ପଡ଼ିଲା ଚିନ୍ତାମଣି ॥

ବିଲ୍ୱମଙ୍ଗଳ ପ୍ରେମ ତାର । ଦେଖିଣ ଆନନ୍ଦ ଅପାର ॥
ଆଶ୍ୱାସି ତାକୁ କହେ ବାଣୀ । ଦୟା କରିବେ ଚକ୍ରପାଣି ॥
ଅବଶ୍ୟ ଦେବେ ଦରଶନ । ଚଞ୍ଚଳ ନ କର ତୁ ମନ ॥
ଏତେକ କହି ହରି ପାଶେ । ଭୁରିତେ ଗଲା ପ୍ରେମବଶେ ॥
ଧରିଣ ଶ୍ରୀହରି ଚରଣ । କଣ୍ଠାକ କଲା ନିବେଦନ ॥
ହସିଣ ପୁରୁଷ ଉତ୍ତମ । ପୂର୍ଣ୍ଣ କଲେ ତା ମନସ୍କାମ ॥
ଧନ୍ୟ ତୁମ୍ଭର ଅନୁରାଗ । ଧନ୍ୟ ନିର୍ମଳ ଭକ୍ତି ଯୋଗ ॥
ଧନ୍ୟ ଜଗତେ ଦୁଇ ପ୍ରାଣୀ । ବିଲ୍ୱମଙ୍ଗଳ ଚିନ୍ତାମଣି ॥
ଦୁହେଁତ ମହାପାପୀ ଥିଲେ । ଦୁହେଁହିଁ ମହାସାଧୁ ହେଲେ ॥
ତରି ତରାଇ ପରସ୍ପରେ । ଯଶ ରଖିଲେ ମହୀପରେ ॥
ଯୁଗଳ ପାଦେ ନମସ୍କାର । ରାମଦାସକୁ କୃପାକର ॥
ହେ ପ୍ରଭୁ ତୁ ଯାକୁ ସଦୟ । ଜ୍ଞାନ ତାହାର ହୃଦରୁ ଉଦୟ ॥
ଛୁଡ଼ାଇ ମୋହମାୟା ଫାଶ । କର ଶ୍ରୀପଦେ ସେବା ଦାସ ॥

ଇତି ଶ୍ରୀ ଦାର୍ଢ୍ୟତାଭକ୍ତି ରସାମୃତେ ମନଚୈତନ୍ୟ ସମ୍ବାଦେ
ବିଲ୍ୱମଙ୍ଗଳ ଚିନ୍ତାମଣି ଦାର୍ଢ୍ୟଭାବ ବର୍ଣ୍ଣନେ ନାମ
ଚତୁଃପଞ୍ଚାଶତ୍ତମୋଽଧ୍ୟାୟଃ ।

---

## ପଞ୍ଚପଞ୍ଚାଶତ ଅଧ୍ୟାୟ
## ଜୟଦେବ ସମ୍ବାଦ

ଚୈତନ୍ୟ ଉବାଚ

କହଇ ଚେତନ୍ୟ ଆବର । ଶୁଣ ଇନ୍ଦ୍ରଦ୍ୟୁମ୍ନ ଗଣେଶ୍ୱର ॥
ଅଟଇ ପରମ ପବିତ୍ର । ଶ୍ରୀକୃଷ୍ଣ ଭକତ ଚରିତ୍ର ॥
ଶ୍ରବଣେ ନାନା ପାପ ଧ୍ୱଂସେ । ବିଷ୍ଣୁ ଭକତି ପରକାଶେ ॥
ଜନମ କେନ୍ଦୁ ବିଲ୍ୱଗ୍ରାମେ । ବ୍ରାହ୍ମଣ ଜୟଦେବ ନାମେ ॥
ମହା ପଣ୍ଡିତ ବିଷ୍ଣୁଭକ୍ତ । ଜଗତଇନ୍ଦ୍ରଦ୍ୟୁମ୍ନ ସୁବିଦିତ ॥
ବିରକ୍ତ ନିଃସଙ୍ଗ ଉଦାସୀ । ଶ୍ରୀକ୍ଷେତ୍ରେ ପରବେଶ ଆସି ॥

ଏକ ବୃକ୍ଷର ତଳେ ଥାଇ । ଶ୍ରୀଜଗନ୍ନାଥଙ୍କୁ ସେବଇ ॥
ପୂର୍ବେ ଯେ ଏକଇ ବ୍ରାହ୍ମଣ । ଥିଲା ସେ ଅପତ୍ୟ ବିହୀନ ॥
ଶ୍ରୀଜଗନ୍ନାଥ ସେବା କଲା । ମନେ ଏମନ୍ତ ମନାସିଲା ॥
ପୁତ୍ର ବା କନ୍ୟା ହେଲେ ମୋର । ଦାସ ବା ଦାସୀର ପ୍ରକାର ॥
ସେବିବ ପ୍ରଭୁର ଚରଣ । ଏମନ୍ତେ ଗଲା କତିଦିନ ॥
ଭାଗ୍ୟରେ କନ୍ୟାଏ ଜନ୍ମିଲା । ତା ଯୁବାକାଳ ପହୁଁ ଯେଲା ॥
ପ୍ରଭୁଙ୍କୁ କଲା ସମର୍ପଣ । ଆଜ୍ଞା ଦେଲେ ସେ ନାରାୟଣ ॥
ଦାସୀ ଏ ମୋର ଅଙ୍ଗୀକାର । ମାତ୍ର ଏମନ୍ତ ବିପ୍ର କର ॥
ମୋ ଦାସ ଏକ ଯେ ଉଦାସୀ । ବୃକ୍ଷର ତଳେ ଅଛି ବସି ॥
ଜୟଦେବଟି ନାମ ତାର । ତାକୁ ଏ କନ୍ୟା ଦାନକର ॥
ଏ ଆଜ୍ଞାମତେ ବିପ୍ର ତୋଷେ । ଗଲା ଯେ ଜୟଦେବ ପାଶେ ॥
ପ୍ରଭୁର ଆଜ୍ଞା ଜଣାଇଲା । ଶୁଣି ସେ ସାଧୁ ଚମକିଲା ॥
ବୋଇଲା ଏମନ୍ତ ଆଜ୍ଞାକୁ । ବଳ ମୋ ନାହିଁ ପାଳିବାକୁ ॥
ବିପ୍ର କହଇ ପ୍ରଭୁ ଆଜ୍ଞା । କାହିଁକି କରୁଛ ଅବଜ୍ଞା ॥
ସାଧୁ ବୋଲଇ ଅକାରଣ । କଠୋର କରୁଛ ବ୍ରାହ୍ମଣ ॥
ତା କ୍ଷେତ୍ର ଛାଡ଼ି ପଛେ ଯିବି । ତା ଆଜ୍ଞା ପାଳି ନ ପାରିବି ।
ତହୁଁ ବ୍ରାହ୍ମଣ ଶଢ଼ କରି । କନ୍ୟାକୁ କହଇ ଛଆରି ॥
ଏହି ତୋ ସ୍ୱାମୀଟି ନିଶ୍ଚୟ । ଏହାକୁ ଆଦରଣ ରହି ॥
ଏମନ୍ତ କହି ବିପ୍ର ଗଲା । କନ୍ୟା ଯେ ବସିଣ ରହିଲା ॥
ସାଧୁ ବୋଇଲା ଯାଅ ତୁହି । ମୋ ତହିଁ କିଛି କାର୍ଯ୍ୟ ନାହିଁ ॥
ସେ କନ୍ୟା ନାମ ପଦ୍ମାବତୀ । ପଦ୍ମମା ଗୁଣବତୀ ସତୀ ॥
କାନ୍ଦି କହିଲା ଜଗନ୍ନାଥ । ଆଜ୍ଞାରେ ସମର୍ପିଲେ ତାତ ॥
ତୁମ୍ଭେତ ବଲ୍ଲଭ ମୋହର । ଏ ଦେହ ପ୍ରାଣ ଅଧିକାରୀ ॥
ପକାଇ ଦେଲେ ପଦେ ଠେଲି । ପଶିବି ଶିର ଦେଇ ପେଲି ॥
ଲଗାଇ ଦେଇ ମନପ୍ରାଣ । ସେବିବି ତୁମ୍ଭର ଚରଣ ॥
ଶୁଣିଣ ସାଧୁ ବିଚାରଇ । ପ୍ରଭୁର ଆଜ୍ଞା ନ ଟଳଇ ॥

ସଙ୍ଗିମା ରୂପେ ଏ ରୂପସୀ । ହେଲା ଗଳାକୁ ମୋହଫାଶୀ ॥
ଯେ ଇଚ୍ଛା ଜଗନ୍ନାଥଙ୍କର । ତହିଁକ ଆଜ୍ଞା କି ବିସ୍ତର ॥
ଗୋଟିଏ କୁଟୀର ନିର୍ମାଣି । ତହିଁ ରହିଲେ ଭାର୍ଯ୍ୟା ଘେନି ॥
ଶ୍ରୀରାଧା ମାଧବ ଠାକୁରେ । ଆଣି ସ୍ଥାପିଲେ ସେହିଠାରେ ॥
ଶ୍ରୀପଦ ସେବିବା କାରଣ । ପଦ୍ମାକୁ କଲେ ସମର୍ପଣ ॥
ପଦ୍ମା ଯେ ପତିବ୍ରତା ସାଧ୍ୱୀ । ଯେମନ୍ତ ଦେବ ତେହ୍ନେ ଦେବୀ ॥
ଶ୍ରୀରାଧା ମାଧବ ଦର୍ଶନେ । ଉତ୍କଣ୍ଠା ଜନ୍ମିଲା ରଚନେ ॥
ରଚିଲେ ଅପୂର୍ବ ପ୍ରବନ୍ଧ । ନାମ ଯା ଶ୍ରୀଗୀତଗୋବିନ୍ଦ ॥
ଶୁଣନ୍ତି ଆଜିଯାଏ ନିତ୍ୟ । ସକାଳେ ଯାହା ଜଗନ୍ନାଥ ॥
ଯବେ ସେ ଗ୍ରନ୍ଥର ରଚନା । ସମୟେ ଏମନ୍ତ ଘଟଣା ॥
ଖଣ୍ଡିତା ରସ ବର୍ଣ୍ଣନରେ । ଶ୍ରୀକୃଷ୍ଣ ରାଧିକା ପଦ୍ୟରେ ॥
ପଡ଼ିଣ ଥିଲେ କାମଭୋଳେ । ଏ କଥା ଜାଣନ୍ତି ସକଳେ ॥
ମାତ୍ର ଭକତ ଜୟଦେବ । ମନେ ଜନ୍ମିଲା ଶଙ୍କାଭାବ ॥
ହେଲେହେଁ ରାଧା ଜଗନ୍ମାତା । ଜଗତ ପ୍ରଭୁ ଜଗନ୍ନାଥ ॥
ଅଧୀର ଲମ୍ପଟ ପରାୟେ । ପଡ଼ିଲେ ରମଣୀର ପାୟେ ॥
କେମନ୍ତେ ଲେଖିବି ଏ କଥା । ହୃଦକୁ ଲାଗଇ ମୋ ବ୍ୟଥା ॥
ପୋଥି ଲେଖନ ଥୋଇ ଭଳି । ସ୍ନାନକୁ ଗଲେ କବି ଚଳି ॥
ଏକାଳେ ପ୍ରଭୁ ବିଶ୍ୱରୂପ । ଧରିଣ ଜୟଦେବ ରୂପ ॥
ମନ୍ଦିରେ ପ୍ରବେଶ ହୋଇଲେ । ଦେଖିଣ ତାଙ୍କୁ ପଦ୍ମା ବୋଲେ ॥
ସ୍ନାନକୁ ଯାଇ କିମ୍ପା ପୁଣି । ଫେରିଲେ ପ୍ରଭୁ ହସି ଭଣି ॥
ପଡ଼ିଲା ଗୀତ ପଦେ ମନେ । ଫେରିଲି ଲେଖିବା କାରଣେ ॥
ଧରିଣ ଲେଖନ ସେ ପୋଥି । ଲେଖିଲେ ତରତରେ ଅତି ॥
ସେ ସ୍ମର ଗରଳ ଖଣ୍ଡନ । ଯେ ମମ ଶିରସି ମଣ୍ଡନ ॥
ସେ ପଦ ପଲ୍ଲବ ଉଦାର । ଦେହି ଏମନ୍ତ ପଦସାର ॥
ଲେଖି ଗମିଲେ ଦେବଦେବ । ପ୍ରବେଶ ଆସି ଜୟଦେବ ॥
ଠକତେ ପଦ୍ମାବତୀ ଭାଷି । ସ୍ନାନକୁ ଯାଇ ଫେରିଆସି ॥
ଲେଖି ଏକ୍ଷଣି ପୁଣି ଗଲ । ଏତେ ଚଞ୍ଚଳ ଲେଉଟିଲ ॥

ଏଥେ ସନ୍ଦେହ ଗୁରୁତର | ନ ଜାଣେ ସ୍ୱାମୀ କେବା ମୋର ||
ସୁବୁଦ୍ଧି ଜୟଦେବ ଶୁଣି | ପ୍ରଭୁର ମାୟା ବୋଲି ଜାଣି ||
ଫିଟାଇ ଦେଖିଲେ ସେ ପୋଥି | ଝଟକ ନବ ଲେଖା ଜ୍ୟୋତି ||
ହୃଦୟେ ଥୋଇ ସେହି ଗ୍ରନ୍ଥ | ନାଚିଲେ ହୋଇ ଉନମତ୍ତ ||
ବୋଲି ନ ପାରେ ଦେବଦେ | ଦେହି ପଦ ସେ କଣ୍ଠରୋଧେ ||
ପୁଲକେ କମ୍ପେ ଘନ ଘନ | ଲୋତକେ ପୂରିତ ନୟନ ||
ତନ୍ମୟଭାବେ ହୋଇ ହେଳ | ପଦ୍ମାର ଚରଣ କମଳ ||
ଧରି ବୋଇଲେ ତୁମ୍ଭ ଧନ୍ୟ | ସୁଫଳ ତୋହର ଜୀବନ ||
ଦର୍ଶନ ନ ମିଳିଲା ମୋତେ | ପ୍ରଭୁତ ଦେଖାଦେଲେ ତୋତେ ||
ଏମନ୍ତ ଗ୍ରନ୍ଥ ସମାପନ | କଲେ ବ୍ୟାପିଲା ସେ ଭୁବନ ||
ଶ୍ରବଣେ କ୍ଷେତ୍ରରାଜବାସୀ | ହୃଦୟେ ହେଲ ପରକାଶି ||
ଗୀତ ଗୋବିନ୍ଦ ନାମେ ପୁଣି | ଗ୍ରନ୍ଥେକ ରଚି ନୃପମଣି ||
ସଭା ପଣ୍ଡିତଗଣେ ଦେଲା | ବିଚାର କର ହେ ବୋଇଲା ||
ପଣ୍ଡିତେ ଦେଖି କହେ ହସି | ରାଜାର ଗ୍ରନ୍ଥକୁ ପ୍ରଶଂସି ||
ଜୟଦେବର ବଚନେ | ମିଷ୍ଟତା ନାହିଁ ବହୁ ସ୍ଥାନେ ||
ତଥାପି ତାହା ପ୍ରଭୁଙ୍କର | ଅଟଇ ବଡ଼ ପ୍ରିୟତର ||
ରାଜନ ଶୁଣି ଗ୍ରନ୍ଥ ଦୁଇ | ପ୍ରଭୁ ସମ୍ମୁଖରେ ଦେଲା ନେଇ ||
ସାଧୁର ଗ୍ରନ୍ଥ ତତକାଳେ | ଧଇଲେ ପ୍ରଭୁ ହୃଦସ୍ଥଳେ ||
ରାଜାର ଗ୍ରନ୍ଥ ପଦ କ୍ଷେପି | ଦେଖି ନୃପତି ହେଲା ତାପି ||
ଚଳିଲା ଅଭିମାନ ଭୋଳେ | ଜୀବନ ହାରି ସିନ୍ଧୁଜଳେ ||
ଜାଣିଲେ ପ୍ରଭୁ ଦୁଃଖ ସେନା | ଭକତ ହୃଦୟ ବେଦନା ||
ଶୁଭିଲା ଆକାଶ ବଚନ | ତୋ ଗ୍ରନ୍ଥ କଲି ମୁଁ ଗ୍ରହଣ ||
ଦ୍ୱାଦଶ ସର୍ଗ ପରିମାଣ | ଜୟଦେବର ଗ୍ରନ୍ଥ ଜାଣ ||
ବାରସର୍ଗର ଆଦ୍ୟେ ତାର | ରହିବ ବାର ଶ୍ଳୋକ ତୋର ||
ରାଜା ହୋଇଣ ଏଥେ ତୋଷ | ଗମିଲା ଆପଣା ଉଆସ ||
ଦିନେ କପଟେ ଜୟଦେବ | ରୂପ ଧରିଣ ବାସୁଦେବ ||
ପଦ୍ମାର ହସ୍ତ ପାକ ଅନ୍ନ | ଖାଇ ସନ୍ତୋଷ କଲେ ମନ ||

*

ସେ ସାଧୁ ସାଧ୍ୱୀ ସଙ୍ଗତରେ । ନାନା କୌତୁକ ପ୍ରଭୁକରେ ॥
ପ୍ରଭୁର ସେବା ପାଇଁ ଧନ । ସାଧୁର ଏକା ପ୍ରୟୋଜନ ॥
ସାଧୁ ଯେ ଧନ ଘେନ ଯବେ । ବିଦେଶୁଁ ଆସେ ତୋଷମନେ ॥
ପଥରେ ଭେଟି ଦସ୍ୟୁଦଳ । ଛଡ଼ାଇ ଘେନିଲେ ସକଳ ॥
ବସୁଁ ଜୀବନେ ମାରିବାକୁ । ବିନୟେ ସାଧୁ କହେ ତାଙ୍କୁ ॥
ସବୁତ ଧନ ମୋର ନେଲ । ଜୀବନେ ମାର କିବା ଫଳ ॥
ଦସ୍ୟୁ ବୋଲନ୍ତି ଗ୍ରାମେ ଯାଇ । ଆମ୍ଭଙ୍କୁ ଦେବୁ ତୁ ଧରାଇ ॥
କେ ବୋଲେ ଜୀବନେ ନ ମାର । ୟା ହସ୍ତ ପାଦ କାଟିକର ॥
କୂପରେ ଦେବା ଯେ ପକାଇ । ସେକ୍ଷଣେ ଦୁଷ୍ଟେ କଲେ ତାହିଁ ॥
ପକାଇ ଗଲେ ସାଧୁ ବନେ । କ୍ଷୋଭ ନୋହିଲା ଏ କଷଣେ ॥
ପଡ଼ି ସେ ବନମଧ୍ୟ କୂପେ । ମୁଖରେ କୃଷ୍ଣ କୃଷ୍ଣ ଜପେ ॥
ମୃଗୟା ଅର୍ଥେ ଏକନୃପ । ଯାଇ ଦେଖିଲା ସେହି କୂପ ॥
କୂପେ ବିରାଜେ ସାଧୁବର । ସୂର୍ଯ୍ୟ ସମାନ ତେଜସ୍କର ॥
ମୁଖେ ରଟଇ ଅବିରାମ । କେବଳ କୃଷ୍ଣ କୃଷ୍ଣ ନାମ ॥
ସାଧୁଙ୍କୁ କୂପରୁ ଉଠାଇ । ଦେଖିଲା ହସ୍ତ ପାଦ ନାହିଁ ॥
ପୁଣି ବୋଇଲା ସାଧୁ ଧୀରେ । ଏ ଦଶା କୃଷ୍ଣର ଇଚ୍ଛାରେ ॥
ପ୍ରଣମି ରାଜା ତୋଷମନେ । ବସାଇ ନେଇ ସୁଖାସନେ ॥
ଉତ୍ତମ ସ୍ଥାନେ ନିଜ ପୁରେ । ସାଧୁଙ୍କୁ ରଖିଲା ଆଦରେ ॥
ବୋଇଲା କିବା ବାଞ୍ଛାତବ । କହ ହେ ପରମ ବୈଷ୍ଣବ ॥
କାହାନ୍ତି ବୈଷ୍ଣବ ପ୍ରଧାନ । ବୈଷ୍ଣବ ସେବାରେ ମୋ ମନ ॥
ଏମନ୍ତ ସାଧୂର ବଚନେ । ରାଜା ଲାଗିଲା ଆୟୋଜନେ ॥
ଚର୍ବ୍ୟଚୋଷ୍ୟେ ଯେ ଲେହ୍ୟ ପେୟୁ । ଭୋଜନ ହେଲା ଅହରହ ॥
ଆସିଲେ ବୈଷ୍ଣବ ଅଶେଷ । ଭୋଜନେ ହେଲେ ଅତିତୋଷ ॥
ବୈଷ୍ଣବ ଦର୍ଶନ ଲାଳସେ । ସେହି ଦସ୍ୟୁଏ ଛଦ୍ମ ବେଶେ ॥
ଆସିଲେ ବଇଷ୍ଣବ ପରି । ରାଜାକୁ ପ୍ରବଞ୍ଚନା କରି ॥
ଚିହ୍ନିଣ ସାଧୁ ତାଙ୍କୁ ଚାହିଁ । ଏମନ୍ତ ରୂପେ ଦେଲା କହି ॥
ଏହି ସେ ବଇଷ୍ଣବ ଦଳେ । ଚିହ୍ନିବ ଯାଙ୍କୁ ଅନୁଭଲେ ॥

ଏମନ୍ତ ସାଧୁ ପରସ୍ତାବେ । ରାଜା ସେବଇ ଭକ୍ତଭାବେ ॥
ଦେଖି ସାଧୁର ଆଚରଣ । ଭୟେ କମ୍ପିଲେ ଦସ୍ୟୁ ଗଣ ॥
ଯା ହସ୍ତ ପଦ କାଟି ଦେଇ । କୂପରେ ଥିଲେକ ପକାଇ ॥
ସେ ରାଜା ଗୃହେ ଅଧିକାରୀ । ଏଡ଼େ ଆଦର କମ୍ପା କରି ॥
ରହିଛି କରି କି କପଟ । କରିବେ ଦିନେ ମୁଣ୍ଡକାଟ ॥
ଉଦୟ ହେଲା ସ୍ନେହ ସେବା । ଖାଇବା ପିଇବା ଶୋଇବା ॥
ଯିବୁ କହିଲେ ରାଜା ବୋଲେ । ଯିବ ବାବାଜୀ ଆଜ୍ଞା ହେଲେ ॥
କମ୍ପଇ ଶୁଣି କଳେବର । ବାବାଜୀ ନାମ ଚୋରଙ୍କର ॥
ନ ଯାଏ ସାଧୁ ପାଶେ ଡରେ । ପଳାଇ ଯିବା ବାଞ୍ଛା କରେ ॥
ରାଜା କହିଲେ ସାଧୁ ପାଶେ । ବୈଷ୍ଣବ ଯିବେ ନିଜବାସେ ॥
ବାବାଜୀ ବୋଇଲେ ରାଜାଙ୍କୁ । ବହୁତ ଧନ ଦିଅ ତାଙ୍କୁ ॥
ସଙ୍ଗରେ ଦିଅ ଲୋକ ଗାଡ଼ି । ତାଙ୍କୁ ଆସନ୍ତୁ ଗୃହେ ଛାଡ଼ି ॥
ବାବାଜୀ ଆଜ୍ଞା ଶିରେ ଧରି । ବିଦାୟ ତାଙ୍କୁ ରାଜା କରି ॥
ଏମନ୍ତେ ଗଲେ ଦସ୍ୟୁମାନେ । ପଥେ କହିଲେ ଭୃତ୍ୟଗଣେ ॥
ଏଠାରୁ ଫେରି ତୁମ୍ଭେ ଯାଅ । ଆମ୍ଭଙ୍କୁ ଅଳ୍ପ ଧନ ଦିଅ ॥
ରାଜାଜ୍ଞା ଛାଡ଼ି ଯିବୁଁ ଘରେ । ପଥୁଁ ଫେରିବୁଁ କି ପ୍ରକାରେ ॥
ଦସ୍ୟୁ ବୋଇଲେ ଏଥୁଁ ଯାଅ । ଘରେ ଛାଡ଼ିଲୁଁ ବୋଲି କହ ।
ଭୃତ୍ୟ ବୋଇଲେ ହେଉ ଯିବୁ । କହ କଥାଏ ପଚାରିବୁ ॥
ଆସନ୍ତି ବୈଷ୍ଣବ ଅପାର । ନ ପାନ୍ତି ଏତେକ ଆଦର ॥
କି ହେତୁ ଏ ମାନ୍ୟ ତୁମ୍ଭର । ଛିଲି ବୋଲଇ ଜଣେ ଚୋର ॥
ତୁମ୍ଭ ରାଜାର ପାଶେ ଯେହି । ଥିଲା ବାବାଜୀ ଅଛି ରହି ॥
ସେ କାଳେ ରାଜାର ଚାକର । ଥିଲି ମୁଁ ଥିଲି ଜମାଦାର ॥
ଏକ ଦୋଷରେ ରାଜ ତାଙ୍କୁ । କହିଲେ ପ୍ରାଣେ ମାରିବାକୁ ॥
ମୁଁ ଛେଦି ପଦ ହସ୍ତ ତାର । ଦୟାରେ କରିଦେଲି ଦୂର ॥
ସେଠାରୁ ଅଇଲା ପଳାଇ । ତୁମ୍ଭ ରାଜାକୁ ମିଛ କହି ॥
ହୋଇଲା ରାଜାର ମହନ୍ତ । ମତେ ଦେଖି ସେ ହେଲା ଭୀତ
ନ ପକାଇବ ସେ ପ୍ରସ୍ତାବ । ତହିଁକି ଏତେ ଭକ୍ତଭାବ ॥

ଆବର ପ୍ରାଣ ପାଇଥିଲ | ସେ ଉପକାର ଧନ ଦେଲ ||
ଏମନ୍ତ ବଚନ ଶ୍ରବଣେ | ପ୍ରଭେ ନଟଲେ ଭୃତ୍ୟଗଣେ ||
ଫାଟିଲା ଧରଣୀ ଏକାଳେ | ଦସ୍ୟୁ ଯେ ପଡ଼ି ତହିଁ ମଲେ ||
ଚକିତ ହେଲେ ଭୃତ୍ୟସ୍ତହିଁ | ଭାବିଲେ ସାଧୁ ଦ୍ରୋହୀ ଏହି ||
ଏ ଗୁରୁପାପେ ଥିଲେ ଜଡ଼ି | ଦଇବ ଦଣ୍ଡ ଚଲି ପଡ଼ି ||
ଘେନିଣ ଧନ ସେ ସମ୍ଭାର | ଚଞ୍ଚଳେ ଚଳେ ପରିଗ୍ରର ||
ରାଜାର ସମ୍ମୁଖରେ ଜଣାଣ | କଲେ ସକଳ ବିବରଣ ||
ଆଶ୍ଚର୍ଯ୍ୟ ରାଜା ଶୁଣି ହୋଇ | ପୁଚ୍ଛିଲା ବାବାଜୀଙ୍କ ପାଇଁ ||
ଯା କହିଥିଲେ ଦସ୍ୟୁଦଳ | ବାବାଜୀ କହିଲେ ସକଳ ||
ଆବର ପୁଚ୍ଛିଲେ ରାଜନ | ଶଠଠାରେ ଏ ସଉଜନ୍ୟ ||
କହ କାହିଁକି ପ୍ରକାଶିଲ | ପୁଣି ବହୁତ ଧନ ଦେଲ ||
ବାବାଜୀ ବୋଇଲେ ରାଜନ | ନ କର ପରାପର ଜ୍ଞାନ ||
ସନ୍ତୋଷ କଲେ ଲୋକ ମନ | ତହିଁ ସନ୍ତୋଷ ଭଗବାନ ||
ଅଜ୍ଞ ଯେ ଦୁଷ୍ଟ ଅପକାରୀ | ତାକୁ ବିନୟ ଭକ୍ତି କରି ||
ସେବା କଲେ ତା ଉପକାର | ଲଜ୍ଜା ପାଏ ସେ ଗୁରୁତର ||
ବଦଳି ଯାଏ ତା ସ୍ୱଭାବ | ଛାଡ଼େ ସେ ତାର ହିଂସାଭାବ ||
ଏଥିଁ ଯା ଚିତ୍ତ ଦ୍ରବ୍ୟ ନୁହେ | ତାକୁ ବିଧାତା ଦଣ୍ଡ ଦିଏ ||
ଏମନ୍ତେ କହୁ ଗଦଗଦେ | କଅଁଳ ଗଲେ ହସ୍ତ ପାଦେ ||
ସକଳେ ଆଚମ୍ବିତ ଅତି | ଅସାଧୁ ସାଧୁର ଏ ଗତି ||
ସାଧୁ ଘରଣୀ ପଦ୍ମାବତୀ | ଶୁଣିଣ ରାଜନ ଝଟତି ||
ଆଣିଲା ତାଙ୍କୁ ନିଜପୁରେ | ରଖିଲା ରାଣୀ ସଙ୍ଗତରେ ||
ଏକାଳେ ଆସିଲା ଖଂବର | ମରିଛି ଭାଇ ସେ ରାଣୀର ||
ଝାଉଜ ଝାଇ ଚିତାନଳେ | ଜୀବନ ହାରିଛି ବିକଳେ ||
ଶୁଣିଣ ରାଣୀ ମୁଣ୍ଡକୋଡ଼ି | କାନ୍ଦଇ ଧରଣୀରେ ପଡ଼ି ||
ବୁଝାଇ କହେ ପଦ୍ମାବତୀ | ଏହିତ ଜୀବନର ରୀତି ||
ଲାଗିଛି ଜନମ ମରଣ | ଲୀଳା କରଇ ଭଗବାନ ||
କି ହେବ ଯେତେ ଶୋକ କରି | ଶୋକେ କେହି କି ଆସେ ଫେରି ||

ଉଠିଲେ ରାଣୀ ଶୋକ ତେଜି । ଭାଉଜ ଗୁଣ ହେଲା ଭଙ୍ଗ ॥
ପତିଭକତା ସତୀ ବୋଲି । ତୁ ସ୍ୱାମୀ ସଙ୍ଗେ ଗଲୁ ଚାଲି ॥
କହଇ ପଦ୍ମାବତୀ ଶୁଣି । ସ୍ୱାମୀ ଭାର୍ଯ୍ୟା ଏକ ପ୍ରାଣୀ ॥
ଦେହ ଦୁଇଟା ସିନା ବହେ । ଏକ ପରାଣ ବେନି ଦେହେଁ ॥
ପୁରୁଷ ଗଣ୍ଡି ମୁଣ୍ଡ ସରି । ନାରୀ ତା ପାଦ ଆଦି ପରି ॥
ନାରୀ ବିୟୋଗେ ଅଧା ପ୍ରାଣେ । ପୁରୁଷ ରହଇ ଜୀବନେ ॥
ପୁରୁଷ ବିୟୋଗରେ ନାରୀ । କ୍ଷଣେ କି ରହେ ପ୍ରାଣ ଧରି ॥
ପତିର ପ୍ରାଣ ଯିବା ସଙ୍ଗେ । ଭାର୍ଯ୍ୟା ପ୍ରାଣ କି ରହେ ଅଙ୍ଗେ ॥
ପତିଅନ୍ତେ ଯେ ଜୀବେ ରହି । ଚିତାନଳରେ ପ୍ରାଣ ଦେଇ ॥
ତହିଁ ନାହିଁ ତା ସତୀପଣ । ସେ ଲୋକ ଦେଖା ଆଚରଣ ॥
ଏକଥା ଶୁଣି ରାଣୀମାନେ । ଛଡିବା ଇଚ୍ଛାକଲେ ମନେ ॥
ରାଜା ବାବାଜୀ ବେନି ଯାଇ । ଉପବନରେ ଥିଲେ ରହି ॥
ଘରକୁ ଆସନ୍ତେ ରାଜନ । ରାଣୀ କଲେକ ନିବେଦନ ॥
ପଦ୍ମାର ପତିଭକ୍ତି କଥା । ବୁଝିବା ପାଇଁ ଏ ବ୍ୟବସ୍ଥା ॥
ମିଛରେ ଆଜି ଗୋସାଇଁର । ପଠାଇ ମୃତ୍ୟୁ ସମାଚାର ॥
ଦେଖିବା ପଦ୍ମାର କି ହୁଏ । ଅନୁଚିତ ଏ ରାଜା କହେ ॥
ନ ମାନି ରାଣୀ ମରଣର । ପଠାଏ ମିଥ୍ୟା ସମାଚାର ॥
ଶୁଣିବା ମାତ୍ରେ ପଦ୍ମାବତୀ । ନିର୍ଜୀବ ହୋଇ ଭଜେ କ୍ଷିତି ॥
ହୋଇଲେ ରାଜାରାଣୀ ଛନ୍ନ । ଝିଙ୍ଗାସେ ବହୁତ ରାଜନ ॥
ଯାଇଁ ଗୋସାଇଁ ପାଦେ ପଡ଼ି । ଉଠି କହିଲେ କରଯୋଡ଼ି ॥
ଜଣାଇ ସର୍ବ ସମାଚାର । ବୋଇଲେ ଏ ପାପୁଁ ଉଦ୍ଧର ॥
ଶୁଣି ଗୋସାଇଁ ହସିକହେ । ଚିନ୍ତା ନକର ନରରାୟେ ॥
ଅଛେ ଯେ ମୃତ୍ୟୁ ସଞ୍ଜୀବନୀ । ସେ କୃଷ୍ଣନାମ ମନ୍ତ୍ର ଶୁଣି ॥
ହୋଇବ ପରାଣ ସଞ୍ଚାର । ଏଥି ସନ୍ଦେହ ତୁ ନକର ॥
ଏମନ୍ତ କହିଣ ଗୋସାଇଁ । ପ୍ରବେଶ ପଦ୍ମାପାଶେ ଯାଇଁ ॥
ଶୁଣାଉଁ ନାମ ମନ୍ତ୍ରଗୋଟି । ପଦ୍ମା ଯେ ଚମକିଣ ଉଠି ॥
ପତିକି ଚାହେଁ ବୋଲେ ଦେବ । ପ୍ରାଣ ଥାଉଁ କି ପିଣ୍ଡ ଯିବ ॥

ଯାବତ ରହିଥାଏ ଦେହି । ତାବତ ନ ଛୁଟଇ ଛାଇ ॥
ଦେଖି ସମସ୍ତ ଚମତ୍କାର । ଭାବେ ଧନ୍ୟ ଏ ନାରୀବର ॥
ସାମାନ୍ୟ ରମଣୀ ଯେମନ୍ତ । ସାମାନ୍ୟ ପୁରୁଷେ ଆସକ୍ତ ॥
ତେମନ୍ତେ ନୁହେ ପଦ୍ମାବତୀ । କୃଷ୍ଣରୂପେ ସେ ଭଜେ ପତି ॥
ଏମନ୍ତ କହୁଦିନଠାରେ । ଜଣାଇ ରାଜାର ଗୋଚରେ ॥
ପଦ୍ମାବତୀ ସେ ଜୟଦେବ । ଶ୍ରୀକ୍ଷେତ୍ରେ ଯାଇଁ କଲେ ଠାବ ॥
ତାଙ୍କାଙ୍କ ଗୀତ ଗୋବିନ୍ଦର । ମହିମା ଜଗତେ ପ୍ରଚୁର ॥
ଶ୍ରୀଗୀତଗୋବିନ୍ଦ ଶ୍ରବଣ । କରିଣ ଦେବ ନାରାୟଣ ॥
ହେଲେ ବିଶେଷ ପୁଲକିତ । ଦ୍ରବିଲା ନରନାରୀ ଚିତ୍ତ ॥
ପାଷାଣ୍ଡ ବିଷୟୀ ପାମର । ଶୁଣି ଦ୍ରବିଲେ ଚରାଚର ॥
ଏକ ଯେ ମାଳୀର ଦୁହିତା । ଗାଇ ସେ ହୋଇ ପୁଲକିତା ॥
ତୋଳଇ କ୍ଷେତ୍ରୁଁ ବାଇଗଣ । ସେ ଗୀତ ଶୁଣି ନାରାୟଣ ॥
ସେ କନ୍ୟା ପଛେ ପଛେ ଚଳେ । ଶୀଳା କଣ୍ଟକ ପଦେ ଗଳେ ॥
ଆବର କଣ୍ଟା ଲଗିକରି । ବସ୍ତ୍ର ଓଢ଼ଣୀ ଯାଏ ଚିରି ॥
କଣ୍ଟା ସହିତ ବାଇଗଣ । ପଡ଼ି ବସନେ ପଣ ପଣ ॥
ହୋଇଛି ଛିନ୍ନ ଛିନ୍ନ ବେଶ । ପ୍ରଭୁ ମନ୍ଦିରେ ପରବେଶ ॥
ଦେଖି ଚକିତ ପଣ୍ଡାଗଣ । ରାଜାରେ କଲେକ ଜଣାଣ ॥
ଆସିଣ ରାଜା ସ୍ତୁତିକରି । ଯାଇଁଣଥିଲେ କାହିଁ ହରି ॥
ତେଜି ଏ ବଇକୁଣ୍ଠ ପୁର । କି ଲାଗି ବନରେ ବିହାର ॥
ଆହା ଲଭିଲ କି ବେଦନା । ଦେଲା କେ ଏତେ କଦର୍ଥନା ॥
ଏ ଭୃତ୍ୟ ଥାଉଁ ଥାଉଁ ରହି । ଅଜ୍ଞାନ ହେଲେ କାହିଁ ପାଇଁ ॥
ଆଜ୍ଞା ପାଇଲେ ଚନ୍ଦ୍ରରବି । ଆଣି ଚରଣତଳେ ଦେବି ॥
ବ୍ରହ୍ମାଦି ଦେବେ ସେବେଦେବେ । ଧରି ଆଣିବି ଦେବଦେବେ ॥
ଶ୍ରୀପାଦ ପଦ୍ମ ମରସାଦେ । କାହାକୁ ନ ଡରେ ମୁଁ ବାଦେ ॥
ତବ ଆଜ୍ଞାରେ ଧରିସ୍ଥଳୀ । ମେରୁ ସହିତେ କରି ଧଳି ॥
ଉଡ଼ାଇ ଦେବି ଫୁଙ୍କ କରି । ସିନ୍ଧୁକୁ ସୁନା କୁମ୍ଭେ ଭରି ॥
ସୁରଙ୍ଗ କୋମଳ ଚରଣ । ଧୋଇବି ଦେଇ ମନ ପ୍ରାଣ ॥

ଆହା ମରଇ କାହିଁପାଇଁ । ଗୁଳି ପାଦରେ ଥିଲି ଯାଇ ॥
ନୃପତି ଭସି ଅଶ୍ରୁଜଳେ । କହିଲି ଏମନ୍ତ ବଚନେ ॥
ଆଦେଶ ଦେଲେ ଜଗନ୍ନାଥେ । ମାଳିନୀ ବାଇଗଣ କ୍ଷେତେ ॥
ଶ୍ରୀ ଗୀତଗୋବିନ୍ଦ ପଢ଼ଇ । ଗଲି ମୁଁ ଶୁଣିବାକୁ ତହିଁ ॥
ଯାଇଁ ଲଭିଲି ଏ ଦଶାକୁ । ଯାଇଁଣ ଘେନ ଆସ ତାକୁ ॥
ଏମନ୍ତ ଆଜ୍ଞା ରଜା ପାଇ । ଶିବିକା ଦେଲେ ପଠାଇ ॥
ଆଣିଲେ ମାଳିନୀ କନ୍ୟାକୁ । କହିଲେ ତାକୁ ପଢ଼ିବାକୁ ॥
ପଢ଼େ ସେ ଗୀତଗୋବିନ୍ଦ । ଶୁଣିଣ ପ୍ରଭୁ ମହାନନ୍ଦ ॥
ରହିଲି ଖଞ୍ଜା ଭୂମି ଖାଇ । ପଢ଼ିଲି ନିତି ନିତି ଯାଇ ॥
ଅଦ୍ୟାପି ତାର ବଂଶଧରେ । ଗୀତଗୋବିନ୍ଦ ପାଠକରେ ॥
ସେଦିନ ନଗରେ ଘୋଷଣା । ଦେଇ ରାଜନ କଲି ଜଣା ॥
କୁତ୍ସିତ ସ୍ଥାନେ ବା ଗମନ । ପଢ଼ିବେ ନାହିଁ କେହି ଜନ ॥
ଏମନ୍ତେ ଏକ ଯେ ଯବନ । ଏ କଥା କରିଣ ଶ୍ରବଣ ॥
ଗଲି ସେ ଘୋଡ଼ା ପରେ ଚଢ଼ି । ଗୀତଗୋବିନ୍ଦ ପଢ଼େ ରଢ଼ି ॥
ଶୁଣିବା ଆଶେ ପ୍ରଭୁ ରଙ୍ଗେ । ତା ଘୋଡ଼ା ପଛେ ପଛେ ଯାଏ ॥
ଯବନ କରେ ଦୃଷ୍ଟିପାତ । କାହିଁ ହିନ୍ଦୁର ଜଗନ୍ନାଥ ॥
ନ ଦେଖି ହୃଦେ ବିଚାରିଲି । ଯବନ ବୋଲି ନ ଆସିଲି ॥
ଏମନ୍ତ କାଳେ ଭାବଗ୍ରାହୀ । ସମ୍ମୁଖେ ଠିଆ ହେଲେ ଯାଇ ॥
ଶ୍ୟାମଳ ସୁନ୍ଦର ମୂରତି । ଆହା କି ଅପରୂପ ଜ୍ୟୋତି ॥
ଚାହିଁବା ମାତ୍ରେ ନେତ୍ରଡୋଳେ । ଅଶ୍ରୁ ପଡ଼ିଲା ଗଣ୍ଡ ତଳେ ॥
ହରିର ନାହିଁ ପରାପର । ଯବନ ଚଣ୍ଡାଳ ବିଚାର ॥
ଯେ ତାକୁ ଭଜେ ସେହି ପାଏ । ଭକ୍ତବତ୍ସଳ ଦେବରାୟେ ॥
ଜୟଦେବଙ୍କୁ ଏକଦିନେ । ଆଦେଶ ଦେଲେ ନାରାୟଣେ ॥
ଘେନିଣ ତୋର ଠାକୁରଙ୍କୁ । ଯାଅ ତୁ ବୃନ୍ଦାବନଠାକୁ ॥
ଶୁଣି ସେ ମନେ ଚିନ୍ତା କରି । ଠାକୁରେ ଅତି ସ୍ଥୂଳ ଭାରି ॥
କେମନ୍ତେ ଅବା ଦେବି ମୁହିଁ । ରାଧାମାଧବ ଜାଣି କହି ॥
ମୁହିଁ ବହିବି ସୂକ୍ଷ୍ମ ଦେହ । ଝୁଲିରେ ପୂରାଇ ତୋ ନିଅ ॥

ଏମନ୍ତ ଶୁଣି କବିବର । ଝଲରେ ପୁଚ୍ଛି ଠାକୁର ॥
ଯାଇଁ ଦେଖିଲା ବୃନ୍ଦାବନ । ପୁଲକ ଜାତ ଘନ ଘନ ॥
କେଶୀଘାଟର ସନ୍ନିଧାନେ । ରହିଲ ପ୍ରେମାନନ୍ଦ ମନେ ॥
ରାଧାମାଧବ ରୂପ ଚାହିଁ । ସେ ଧନ ହୃଦାନନ୍ଦ ହୋଇ ॥
ତୋଳାଇ ଦେଲେକ ମନ୍ଦିର । ତହିଁରେ ରହିଲେ ଠାକୁର ॥
ହୁଅନ୍ତେ କବି ଅପ୍ରକଟ । ଠାକୁରେ ଜୟପୁର ଗଡ ॥
ଘେନାଇ ଗଲେ ନିଜରାଜ୍ୟ । ଅଦ୍ୟାପି ସେଠାରେ ବିଜେ ॥
ରାଧାମାଧବ ମନୋହର । ସ୍ୱରୂପ ତ୍ରୈଲୋକ୍ୟ ଠାକୁର ॥
ଶ୍ରୀମୁଖ ଚନ୍ଦ୍ରରୁ ଅଧିକ । ଶ୍ରୀଅଙ୍ଗେ ବିଜୁଳି ଝଟକ ॥
ଶ୍ରୀଜୟଦେବ କବିବର । ଭକତ କୀର୍ତ୍ତି ପୁଣ୍ୟଧାର ।
ଯା ଅନୁରୋଧେ ଗଙ୍ଗା ଆସି । ସ୍ୱଗ୍ରାମ ମଧ୍ୟରେ ବିଳସି ॥
କେନ୍ଦୁବିଲ୍ୱର ଯେ ଅଠର । କୋଶ ଦୂରରେ ଥିଲା ଧାର ।
ତହିଁରେ ନିତ୍ୟ ସ୍ନାନ କରି । ଆସନ୍ତି ଜୟଦେବ ଫେରି ॥
ଅନେକ କାର୍ଯ୍ୟାନ୍ଧ ବଶରେ । ଯାଇ ନ ପାରି ଖେଦ କରେ ॥
ସାଧୁର ମନ ଗଙ୍ଗା ଜାଣି । ଆସିଲେ ତରଙ୍ଗାଇ ପାଣି ॥
ସାଧୁର ପାଶେ ପରବେଶି । ବୋଇଲେ ସ୍ନାନ କର ଆସି ॥
ତୁମ୍ଭ ପରଶ ଲଭିବାକୁ । ଆଇଲି ଧାଇଁ ମୁଁ ଏଠାକୁ ॥
ଯେ ଗଙ୍ଗା ତ୍ରିଲୋକ ପାବନ । ଶିରରେ ବହେ ତ୍ରିଲୋଚନ ॥
ସେହି ଗଙ୍ଗାର ହରି ଦାସ । ଶ୍ରୀଅଙ୍ଗ ଛୁଇଁବାକୁ ଆଶ ॥
ଧନ୍ୟରେ କବି କୁଳେଶ୍ୱର । ଧନ୍ୟ ହେ ଭକତ ଶେଖର ॥
ତୁମ୍ଭ ଚରଣେ କରେ ଆଶ । ଏ ହୀନ ବିପ୍ର ରାମ ଦାସ ।

ଇତି ଶ୍ରୀ ଦାର୍ଢ୍ୟତାଭକ୍ତି ରସାମୃତେ ମନଚୈତନ୍ୟ ସମ୍ବାଦେ
ଶ୍ରୀ ଜୟଦେବ-ଗୋସ୍ୱାମୀ ଦାର୍ଢ୍ୟଭାବ ବର୍ଣ୍ଣନେ
ନାମ ପଞ୍ଚଶତ ଅଧ୍ୟାୟଃ ।

ମୁଦ୍ରାକର—ଶ୍ରୀ ବିଦ୍ୟାଧର ସାହୁ, ବିଶ୍ୱବିଦ୍ୟା ପ୍ରେସ,
ଅଲିଶା ବଜାର, କଟକ-୨